ଘାସଫୁଲ

ପଞ୍ଚଦଶ ବର୍ଷ ପାର୍ବଣ ସଂଖ୍ୟା-୨୦୨୪
15th Year Parban Issue -2024

ପ୍ରତିଷ୍ଠାତା ସମ୍ପାଦକ: **ବିଷ୍ଣୁ ସେଠୀ**

ସଂପାଦିକା : **ଉର୍ମିଳାରାଣୀ ପାଣିଗ୍ରାହୀ**
ଅତିଥି ସଂପାଦକ : **ସୂର୍ଯ୍ୟବଂଶୀ ସୂରଜ**

ସୃଜନୀ ସମ୍ପାଦକ : **ଅଭୟ ଦ୍ୱିବେଦୀ**

ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି**
କଳା-ସଂପାଦକ : **ଚୂଡ଼ାମଣି ଦାସ**

ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର**




ବନଦୁର୍ଗା ମହାଦୁର୍ଗା ଗିରିଦୁର୍ଗା ତତଃପର
ଜୟଦୁର୍ଗା ଶୂଳିଦୁର୍ଗା ଦୁର୍ଗା ମହିଷାମର୍ଦ୍ଦିନୀ ।
ଶକ୍ତିଦୁର୍ଗା ଘୋରଦୁର୍ଗା ଚଣ୍ଡଦୁର୍ଗା ତତଃକ୍ରମାତ୍
ଇତିସମ୍ବୋହିନୀତନ୍ତେ ଦୁର୍ଗାଭେଦା ନବୋଦିତାଃ ।

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୯୪୩୭୧୯୩୫୦, ୯୯୩୭୬୧୧୨୮
E-mail: ghasaphula02@gmail.com

ମୂଲ୍ୟ
୧୦୦ଟଙ୍କା ମାତ୍ର

ସୃଜନୀର ସ୍ୱର ଓ ସ୍ୱାକ୍ଷର






ଘାସଫୁଲ

ନିର୍ମମ ନିର୍ଜନ

ଶୂନଶାନ ଜନପଥ ଧାରେଧାରେ
କାନ୍ଦୁଥାଏ ଘାସଫୁଲ
ଯେତେଯେତେ ବଢୁଥାଏ ରାତି
ଘାସଫୁଲ ମନ ଓ ଦେହରେ
ବଢୁଥାଏ ତାତି
ଚାହୁଁଥାଏ ତା' ଉପରେ
ଅଚେତ୍ ହୋଇ ଶୋଇଥିବା
ଗଣଦୁଷ୍କର୍ମ ଦୈତ୍ୟର ଉତ୍ପୀଡ଼ନରେ
ଶିକାର ତରୁଣୀ ଆଡ଼କୁ
ପବନରେ ଝରୁଥାଏ ରକ୍ତ
ଜନନେନ୍ଦ୍ରିୟରେ ଜଂଦା ପିମ୍ପୁଡ଼ିଙ୍କ ମେଳି
କିଏ ସେ ଢ଼ାଙ୍କିବ
ଉନ୍ମୁକ୍ତ ଛାତିର ଫୁଙ୍ଗୁଳା କୋଣାର୍କ ॥

ଜାତି ତ ଜାତି ଅଛବ ଜାତି
ସବା ତଳ ପାହାଚର ମଣିଷ
ଆଖିପାଏ ନାହିଁ ବି
ଦେଖିବାକୁ ବାଲକୋନିର ସୂର୍ଯ୍ୟ
ଯେତେବେଳେ ଇଚ୍ଛା

ଦଳିମକଚି ଦିଅ ଫୁଟିଥିବା ଫୁଲକୁ
ଘାସଫୁଲ ପରି ରାସ୍ତାକଡ଼ରେ
ଡାକବଂଗଳା କିମ୍ବା ଶସ୍ତା ହୋଟେଲ ମଧ୍ୟରେ ॥
ଦେଖିଛୁ ଶଃ ଘାସଫୁଲର ଦମ୍ କେତେ !
କେଉଁ ଥାନାକୁ ଯିବୁ ?
ମାଜିଷ୍ଟ୍ରେଟ ହାକିମ ଆଗେ
କି ପ୍ରକାର ବୟାନ ଦେବୁ ତୁ
ଘାସଫୁଲ ?
ଭୁଲିକି ଗଲୁ ଅତ୍ୟାଚାରିତ
ବଂଶର ସନ୍ତକ ତୋ ନିଃଶ୍ୱାସରେ ବି ମିଶିଛି
ତୋ ଆଇଁଷିଆ ରକ୍ତରେ ବହୁଛି
ନେହୁରା ହେଲେ ଥାନାବାବୁ ବି
ଅଟକାଇ ଦେବେ ରାତିଟିଏ
ଭରିଦେବେ ଜୀବାଣୁଯୁକ୍ତ ପୃଥିବୀଟିଏ
ତୋ ସମଗ୍ର ସତ୍ତାରେ
ସେତେବେଳେ ତୁ
ମାଗୁଥିବୁ ଟୋପାଏ ଜଳ
ନଚେତ୍ କିଛି ଅମ୍ଳଜାନ
ନଜର ନ ଥିବ
ତୋ ପିଂଧା ବସନର
ସଂପୂର୍ଣ୍ଣ ଠିକଣା
ସାମାଜିକ ନ୍ୟାୟର କାଣ୍ଡାରୀମାନେ
ଥାନା ଘେରଉ କରିଦେଲେ
ବଦଳି ଯାଏକି
ଘାସଫୁଲର ଯୁଗପତ୍ ଯନ୍ତ୍ରଣା ॥



❐



ଉର୍ମିଳାରାଣୀ ପାଣିଗ୍ରାହୀ

ଘାସଫୁଲର ପସରା...

ଦୀର୍ଘ ବର୍ଷ ଧରି କବି ବିଷ୍ଣୁ ସେଠୀଙ୍କ ସମ୍ପାଦିତ ତ୍ରୟମାସିକ "ଘାସଫୁଲ" ଏକ ରୁଚିଶୀଳ ଓ ସର୍ବଜନାଦୃତ ପତ୍ରିକା । ପ୍ରତିଷ୍ଠା ସମୟରୁ ହିଁ ଏହା ରୁଦ୍ଧିମନ୍ତ ହେବା ସହିତ ପାଠକୀୟ ଆଦୃତି ଲାଭ କରିଅଛି । ଇତିହାସ ସମ୍ବନ୍ଧୀୟ ଗବେଷଣାତ୍ମକ ବିଷୟବସ୍ତୁ ଠାରୁ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଭାଷା ସାହିତ୍ୟର ପ୍ରତିଟି ବିଭାଗକୁ ନିଖୁଣ ଓ ନିପୁଣ ଭାବରେ ଅବତାରଣା କରିବାରେ ପତ୍ରିକାର ବୈଶିଷ୍ଟ୍ୟ ରହିଛି । ରଥ, ପାର୍ବଣ, ମକର ଏବଂ ବିଷୁବ ବିଶେଷାଙ୍କ ପତ୍ରିକାର ଆଙ୍ଗିକ ଓ ଆତ୍ମିକ ବିଭବକୁ ସର୍ବଦା ବିମୋହିତ କରିଆସିଛି ।

ଓଡ଼ିଆ ସଂସ୍କୃତିର ବାର ମାସରେ ତେର ପର୍ବ-ପର୍ବାଣୀର ପ୍ରଭାବ ମାନବ ସମାଜ ଉପରେ କିପରି ପ୍ରତିଫଳିତ ହୁଏ ତାହା କବି ଲେଖକମାନଙ୍କ ପୃଷ୍ଠାରେ ରୂପ ପାଇଥାଏ । ଲେଖନୀ ଚାଳନାରେ ନୂତନ ପ୍ରତିଭାମାନଙ୍କୁ ସୁଯୋଗ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହିତ ବୁଦ୍ଧିଜୀବୀ, ଜ୍ଞାନୀ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ କରିବା ପତ୍ରିକାର ଆଭିମୁଖ୍ୟ ।

ଚଳିତ ସଂଖ୍ୟାରେ ଅନୁଗୋଳରେ ପ୍ରତିଷ୍ଠିତ ସେବା ଓ ତ୍ୟାଗର ସନ୍ତକ 'ବାଜି ରାଉତ ଛାତ୍ରାବାସ' ସଂପର୍କରେ ଏକ ସ୍ୱତନ୍ତ୍ର ଫିଚର ସ୍ଥାନ ପାଇଛି । ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହିଭଳି ଅନେକ ସ୍ମାରକୀ ଅନୁଷ୍ଠାନ ଏବେ ମଧ୍ୟ ଲୋକ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଲେଖକ/ଲେଖିକା ବନ୍ଧୁମାନଙ୍କୁ ସେ ସଂପର୍କରେ ଫିଚର ପଠାଇବା ପାଇଁ ଅନୁରୋଧ କରୁଛି ।

ପାଠକ/ପାଠିକା ବନ୍ଧୁମାନେ ହେଉଛନ୍ତି ପତ୍ରିକାର ମୂଳପୁଞ୍ଜି । ସେହିମାନଙ୍କ ଶ୍ରଦ୍ଧା ଓ ଆଗ୍ରହରେ ପତ୍ରିକା ପସରା ମେଲାଇଥାଏ । ସେହି ବନ୍ଧୁମାନଙ୍କୁ ସମ୍ମାନ ଜଣାଇ ଆଗାମୀ ମକର ସଂଖ୍ୟା -୨୦୨୫ରୁ ପତ୍ରିକାରେ ଏକ ନୂତନ ସ୍ତମ୍ଭ ' ପାଠକୀୟ ପୃଷ୍ଠା' ନିୟମିତ ପ୍ରକାଶ ପାଇବ । ସେଥିନିମନ୍ତେ ଆପଣମାନଙ୍କ ଠାରୁ ପତ୍ରିକା ସଂପର୍କରେ ମତାମତ ଆହ୍ୱାନ କରାଯାଉଛି । ଏହି ସ୍ତମ୍ଭ ନିମନ୍ତେ ଆପଣମାନେ ହ୍ୱାଟସ୍‌ଆପରେ ନିଜସ୍ୱ ମତାମତ ପଠାଇପାରିବେ । ହ୍ୱାଟସ୍‌ଆପ୍ ନମ୍ବର - ୭୦୦୮୫୯୮୮୩୨ । ଏହି ନମ୍ବରରେ ଅନ୍ୟ କୌଣସି ଲେଖା ଗ୍ରହଣ କରାଯିବ ନାହିଁ । ଅନ୍ୟ ସମସ୍ତ ଲେଖା ghasaphula02@gmail.com ଇମେଲରେ ପଠାଇବାକୁ ଅନୁରୋଧ ।

ସାଂପ୍ରତିକ ସମୟରେ ବିଶ୍ୱରେ ଯୁଦ୍ଧ ଯେଉଁ ତାଣ୍ଡବ ରଚନା କରିଚାଲିଛି, ତାହାର ପ୍ରଭାବରୁ ଆମେ କେହି ମୁକ୍ତ ରହିପାରିବା ନାହିଁ । ଆଗାମୀ ସଂଖ୍ୟାରେ ବୁଦ୍ଧିଜୀବୀମାନଙ୍କ ଠାରୁ ସେ ସଂପର୍କରେ ଅବା ପ୍ରାକୃତିକ ବିପର୍ଯ୍ୟୟର କାରଣ ଓ ଜଳବାୟୁ ପରିବର୍ତ୍ତନର ଭୟାବହତା ସଂପର୍କରେ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣପୂର୍ବକ ସ୍ୱତନ୍ତ୍ର ଫିଚର ଆମନ୍ତ୍ରଣ କରୁଛି ।

ଆମ ଦେଶର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ଏପରି ପ୍ରଦୂଷିତ ହେଲାଣି ଯେ, ଜନଜୀବନ ଅସ୍ତବ୍ୟସ୍ତ । ଅନେକ ସମୟରେ ଏହି କାରଣ ଯୋଗୁଁ ସେଠାକାର ବିଦ୍ୟାଳୟ ସବୁ ବନ୍ଦ ରହିବାକୁ ବାଧ୍ୟ ହେଉଛି । କଳକାରଖାନାର ଦୂଷିତ ବର୍ଜ୍ୟବସ୍ତୁ, ନଦୀନାଳକୁ ଛାଡ଼ିବା ଦ୍ୱାରା ମନୁଷ୍ୟଠୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ, ଯେଉଁମାନେ ଏହି ନଦୀଜଳ ଉପରେ ନିର୍ଭରଶୀଳ, ସେମାନେ ରୋଗଗ୍ରସ୍ତ ହେଇ ପଡୁଛନ୍ତି । ଜଙ୍ଗଲ ଜୀବ ଆଜି ଜନବସତି ମୁହାଁ । ଖାଦ୍ୟାଭାବ ସହିତ ଜଙ୍ଗଲକ୍ଷୟ ଏହାର ମୁଖ୍ୟ କାରଣ । ଏପରି ବିଲକ୍ଷଣମାନ ମନୁଷ୍ୟକୃତ । ମାଟି ମା' ପାଇଁ ବୃକ୍ଷ ସୃଷ୍ଟି କରିବା, ଚାରା ରୋପଣ କରି ତାହା ଯେପରି ବଡ଼ ଗଛରେ ପରିଣତ ହେବ, ସେଥିପ୍ରତି ଧ୍ୟାନ ଦେବା ଆଜିର ମାନବ ଜାତି ପାଇଁ ବଡ ଆହ୍ୱାନ । ନଚେତ୍ ମହେଞ୍ଜୋଦାରୋ, ହରପ୍ପା ସଭ୍ୟତା ନଷ୍ଟ ହେଲାପରି ସେହି ଦଶା ଆମକୁ ଯେ, ଭୋଗିବାକୁ ନପଡ଼ିବ କିଏ କହିପାରିବ ? ଏବେକାର ଭାରତ ସରକାର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଥିବାରୁ "ଘାସଫୁଲ" ପରିବାର ତରଫରୁ ସାଧୁବାଦ ଜ୍ଞାପନ କରୁଅଛୁ ।

ଜୟ ଜଗନ୍ନାଥ



ଅଭୟ ଦ୍ୱିବେଦୀ

୧୮୫୭ ସଂଗ୍ରାମ ଓ ନ'ଅଙ୍କ ଦୁର୍ଭିକ୍ଷ

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ଇଂରେଜମାନେ 'ସିପାହୀ ବିଦ୍ରୋହୀ' ନାମରେ ଅଭିହିତ କରିଥିଲେ । ସ୍ୱାଧୀନତା ପ୍ରାପ୍ତିର ବହୁ ବର୍ଷ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଏହି ସଂଗ୍ରାମ ସେହି ନାମରେ ଉଲ୍ଲେଖ ଥିଲା । ବିନାୟକ ଦାମୋଦର ସାୱାରକର ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ନାମରେ ଅଭିହିତ କରି ୧୯୦୯ ମସିହାରେ Indian War of Independence ନାମରେ ଅତି ଉପାଦେୟ ପୁସ୍ତକ ରଚନା କରିଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ଭାରତ ସରକାର ରାଜନୈତିକ ଦୃଷ୍ଟିକୋଣରୁ ଏହି ପୁସ୍ତକକୁ ଅଣଦେଖା କରି ବହୁ ବର୍ଷ ପର୍ଯ୍ୟନ୍ତ 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' କୁ ସିପାହୀ ବିଦ୍ରୋହ ନାମରେ ପାଠ୍ୟପୁସ୍ତକରେ ପ୍ରଚଳନ କରିଥିଲେ ।

ଏହି ସଂଗ୍ରାମ କେବଳ ସିପାହୀଙ୍କ ମଧ୍ୟରେ ସୀମିତ ନ ଥିଲା, ଯଦିଓ ସେହିମାନଙ୍କ ବନ୍ଧୁକ ମୁନରୁ ସଂଗ୍ରାମର ପ୍ରଥମ ସ୍ଫୁଲିଙ୍ଗ ଉଦଗୀରଣ ହୋଇଥିଲା । ସୈନିକ, କୃଷକ, ବ୍ୟବସାୟୀ, ସାମନ୍ତ ରାଜା ଏବଂ ସାଧାରଣ ଜନତାଙ୍କର ବ୍ରିଟିଶ ପ୍ରତି ଶତାବ୍ଦୀ ବ୍ୟାପୀ ଅସନ୍ତୋଷର ପ୍ରତିଫଳନ ଥିଲା ଏହି ସଂଗ୍ରାମ ଏବଂ ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ଫକୀରମାନେ ହିଁ ବହୁ ବର୍ଷ ପୂର୍ବରୁ ସଂଗ୍ରାମର ବୀଜ ବପନ କରିଥିଲେ । ବନ୍ଧୁକ କାଟ୍ରିଜରେ ଘୁଷୁରୀ ଓ ଗୋରୁ ମାଂସ , ଏ ସଂଗ୍ରାମକୁ ତ୍ୱରାନ୍ୱିତ କରିବା ନିମନ୍ତେ କେବଳ ଏକ ଇସାରା ଥିଲା । ସଂଗ୍ରାମର ଆଦ୍ୟ ସୋପାନରୁ ଅନ୍ତିମ ଅଧ୍ୟାୟ ପର୍ଯ୍ୟନ୍ତ ହିନ୍ଦୁ ଏବଂ ମୁସଲମାନ , ପ୍ରତିଟି କ୍ଷେତ୍ରରେ, ଦୃଷ୍ଟାନ୍ତମୂଳକ ସମନ୍ୱୟ ରକ୍ଷା କରିଥିଲେ । ସେଥି ନିମନ୍ତେ ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ପରସ୍ପର ପ୍ରତି ବିଦ୍ୱେଷ ଭାବ ଜାଗରୁକ ନିମନ୍ତେ ଯୋଜନା ଆରମ୍ଭ କରିଦେଲେ । ୧୯୦୭ ମସିହାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଅର୍ଦ୍ଧ ଶତାବ୍ଦୀ ସ୍ମାରକୀରେ ଯେଉଁ ରକ୍ତାକ୍ତ ସଂଗ୍ରାମର ସୂତ୍ରପାତ ହେଲା, ତାହା ପୂର୍ବରୁ ୧୯୦୬ ମସିହାରେ ବ୍ରିଟିଶ

ପ୍ରୋତ୍ସାହନରେ ମୁସଲିମ ଲିଗ ପ୍ରତିଷ୍ଠା ହେବା ଫଳରେ ହିନ୍ଦୁ-ମୁସଲିମ ବିଭେଦ ସରକାରୀ ନଥିରେ ରେକର୍ଡ ହୋଇଗଲା ।

ସ୍ୱାଧୀନତା ଆନ୍ଦୋଳନର ବହ୍ନି ନିର୍ବାପିତ ହେବା ପୂର୍ବରୁ ୧୮୫୮ ମସିହାରେ ଦେଶ ଇଷ୍ଟ ଇଣ୍ଡିଆ କଂପାନୀ ହାତରୁ ବ୍ରିଟିଶ ସରକାରଙ୍କ ଶାସନ ଅଧୀନକୁ ଆସିଗଲା । ସ୍ୱାଧୀନତା ସଂଗ୍ରାମର ପାଦଚିହ୍ନ ଭାରତର ପ୍ରତିଟି ଅଞ୍ଚଳରେ ସୁସ୍ପଷ୍ଟ ଥିଲା । ତେଣୁ ସାରା ଦେଶରେ ଦମନଲୀଳା ଆରମ୍ଭ ହେଲା । ରକ୍ଷଣଶୀଳ ଆକଳନ ଅନୁଯାୟୀ ୧୮୬୦ ରୁ ୧୮୭୦ ମସିହା ମଧ୍ୟରେ ୧୦ ନିୟୁତ ବ୍ୟକ୍ତି ଗଣହତ୍ୟାର ଶୀକାର ହୋଇଥିଲେ । ଯେଉଁ ଅଞ୍ଚଳରେ ସଂଗ୍ରାମର ସ୍ଫଲିଙ୍ଗ ଉଦ୍‌ଗୀରଣ ହୋଇଥିଲା, ସେ ଜନବସତିକୁ ଧ୍ୱଂସ କରି ତାହାକୁ 'ଗୈର ଚିରାଗି' ଅର୍ଥାତ୍ ଅଣରାଜସ୍ୱ ଜମି ଭାବେ ରେକର୍ଡ କରାଗଲା । ଉତ୍ତର ପ୍ରଦେଶର ମହୁଆ ଡାବର ସେହିଭଳି ଏକ ଅଞ୍ଚଳ ।

ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଇଷ୍ଟ ଇଣ୍ଡିଆ କଂପାନୀ, ବଙ୍ଗଳା ହସ୍ତତନ୍ତରେ ପ୍ରସିଦ୍ଧି ଲାଭ କରିଥିବା ଶତାଧିକ ମିସ୍ତ୍ରୀଙ୍କର ହାତ କାଟି ଦେଇଥିଲେ । ଉଦ୍ଦେଶ୍ୟ - ଦେଶରେ ବ୍ରିଟିଶ ବସ୍ତ୍ରର ଚାହିଦା ବୃଦ୍ଧି ପାଇବ । ଏଥି ମଧ୍ୟରୁ ୨୦ଟି ପରିବାର ଅଓ୍ୱଧ ରାଜ୍ୟ(ବର୍ତ୍ତମାନର ଉତ୍ତର ପ୍ରଦେଶ)କୁ ପଳାୟନ କରିଥିଲେ । ଅଓ୍ୱଧର ନବାବ ସେମାନଙ୍କୁ ମହୁଆ ଡାବର ଅଞ୍ଚଳରେ ଥଇଥାନ କରାଇଲେ । କ୍ରମଶଃ ସେମାନଙ୍କ ବଂଶଧର କୌଳିକ ବୃତ୍ତିରେ ପାରଦର୍ଶିତା ଅର୍ଜନ କରିବାରୁ ସେ ଅଞ୍ଚଳ ହସ୍ତତନ୍ତ ନିମନ୍ତେ ଖ୍ୟାତି ଅର୍ଜନ କଲା । ୧୮୫୭ ମସିହା ଏପ୍ରିଲ ମାସରେ (ସଂଗ୍ରାମ ଆରମ୍ଭ ହେବାର ମାସକ ପୂର୍ବରୁ) ଜାଫର ଅଲ୍ଲୀ ନାମକ ଜଣେ ଯୁବକ ନିକଟସ୍ଥ ମନୋରମା ନଦୀରେ ଗୋଟିଏ ଡଙ୍ଗାରେ ବ୍ରିଟିଶ ସୈନ୍ୟଙ୍କୁ ଦେଖି ସ୍ଥାନୀୟ ଲୋକଙ୍କୁ ରୁଣ୍ଡ କରାଇଲେ । ସେହି ଡଙ୍ଗାରେ ଛଅ ଜଣ ବ୍ରିଟିଶ ଅଫିସର ଥିଲେ - ଲେଫ୍‌ଟନାଣ୍ଟ ଟି.ଇ.ଲିଣ୍ଡସେ, ଲେଫ୍‌ଟନାଣ୍ଟ ଡବଲ୍ୟୁ.ଏଚ୍.ଥମାସ, ଲେଫ୍‌ଟନାଣ୍ଟ ଜିଏଲ କଲ୍‌ଟି, ସର୍ଜେଣ୍ଟ୍ ଏଡଓ୍ୟାର୍ଡସ୍ ଏବଂ ସହକାରୀ ଏ.ଏଫ୍.ଇଂଲିଶ୍ । ଜାଫର ଅଲ୍ଲୀଙ୍କ ଜେଜେବାପା ବଙ୍ଗଳାରେ ବ୍ରିଟିଶ ନିର୍ମମତାର ଶୀକାର ହୋଇଥିଲେ । ତାହାର ପ୍ରତିଶୋଧ ସ୍ୱରୂପ ସ୍ଥାନୀୟ ଲୋକେ ଏକତ୍ର ହୋଇ ସମସ୍ତ ବ୍ରିଟିଶ୍ କର୍ମଚାରୀଙ୍କୁ ହତ୍ୟା କଲେ । ଏହାର ପ୍ରତିଶୋଧ ସ୍ୱରୂପ, ଜୁନ୍ ୨୦ ତାରିଖରେ ବ୍ରିଟିଶ୍ ସେନା ୫୦୦୦ ଜନସଂଖ୍ୟା ବିଶିଷ୍ଟ ସେହି ସହରକୁ ଚାରିଆଡୁ କମାଣରୁ ଗୋଳି ବର୍ଷଣ କରି ପ୍ରତିଟି ଘରକୁ ନିଆଁରେ ଧ୍ୱଂସ କରିଦେଲେ । ରାଜସ୍ୱ ଖାତାରେ ମହୁଆ ଡାବର ସହର ନିଶ୍ଚିହ୍ନ ହୋଇଗଲା ।

ବ୍ରିଟିଶ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କୁ ନିର୍ମମ ହତ୍ୟା କରିବା ସହିତ ଜନସାଧାରଣଙ୍କୁ ଶଙ୍କାଗ୍ରସ୍ତ ଓ ଭୟଭୀତ ରଖିବା ନିମନ୍ତେ ଯୋଜନା କରିଥିଲେ । ଫଳରେ ଭବିଷ୍ୟତରେ କେହି ବ୍ରିଟିଶ ଶାସନକୁ ବିରୋଧ କରିବେ ନାହିଁ । ଏଥି ନିମନ୍ତେ ସର୍ବ ସମ୍ମୁଖରେ ଭିନ୍ନ ଭିନ୍ନ ପଦ୍ଧତିରେ ଲୋମହର୍ଷଣକାରୀ ନୃଶଂସ ଗଣହତ୍ୟାର ବ୍ୟବସ୍ଥା

କରିଥିଲେ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଇଂଲଣ୍ଡ ସମେତ ସମଗ୍ର ୟୁରୋପରେ ସର୍ବ ସମ୍ମୁଖରେ ଫାଶୀ ଏବଂ ହତ୍ୟା ପରଂପରା ବିଲୋପ ଘଟିଥିଲେ ସୁଦ୍ଧା ଭାରତରେ ଏହାର ପ୍ରଚଳନ ଥିଲା । ବ୍ରିଟିଶମାନେ ଏହି ଦଣ୍ଡ ବିଧାନକୁ ବିଶେଷ ଭାବେ ଉପଭୋଗ କରୁଥିଲେ । ତେଣୁ ଏହାର ନାଁ ଥିଲା 'ଶାସ୍ତିର ପର୍ବ'(Festival of Punishment) । ଏହି ସଂପର୍କରେ 'ଟାଇମସ୍' ପତ୍ରିକାର ସ୍ୱତନ୍ତ୍ର ପ୍ରତିନିଧି ଉଇଲିୟମ ହାୱାର୍ଡ ରସେଲ ଭାରତ ଭ୍ରମଣରେ ଆସି ଲେଖିଥିଲେ - 'ଭାରତରେ ଯେଉଁ ଶାସନ ବ୍ୟବସ୍ଥାର ପ୍ରଚଳନ ଅଛି,ୟୁରୋପରେ ତାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ । 'ଆଇନର ଶାସନ' ନାମରେ ଏଠାରେ ଯାହା ସବୁ ଘଟୁଛି, ଇଂଲଣ୍ଡରେ ଏହାର ସାମାନ୍ୟତମ ପୁନରାବୃତ୍ତି ହେଲେ ପ୍ରବଳ ବିଦ୍ରୋହ ସଂଗଠିତ ହେବ ।'

କୌଣସି ସହର କିମ୍ବା ଗ୍ରାମ ଉପରେ ଆକ୍ରମଣ ସମୟରେ କେଉଁମାନେ ସଂଗ୍ରାମୀ ସେମାନଙ୍କୁ ଚିହ୍ନଟ କରିବା ବ୍ରିଟିଶ ସେନା ପକ୍ଷେ ସମ୍ଭବ ନ ଥିଲା । ତେଣୁ ସଂପୂର୍ଣ୍ଣ ଅଞ୍ଚଳକୁ ଧ୍ୱଂସ କରି ଦିଆଯାଉଥିଲା । ତୋପ ସାମନାରେ ଠିଆ କରି ଉଡେଇ ଦିଆଯାଉଥିଲା । ଫଳରେ ସେମାନଙ୍କ ଶରୀର ଖୋଜି ପାଇବା ସମ୍ଭବ ନ ଥିଲା । ଆହ୍ଲାବାଦ ଆଖପାଖ ପ୍ରତିଟି ବୃକ୍ଷରେ ଶହୀଦଙ୍କ ଶରୀର ଫାଶୀରେ ଝୁଲୁଥିବାର ଦେଖିବାକୁ ମିଳିଥିଲା । ମୁସଲମାନଙ୍କୁ ଘୁଷୁରୀ ଚମଡାରେ ଢାଙ୍କି ଏବଂ ହିନ୍ଦୁମାନଙ୍କୁ ବଳପୂର୍ବକ ଗୋରୁ ମାଂସ ପାଟିରେ ଭରି ଫାଶୀ ଖୁଣ୍ଟରେ ଟାଙ୍ଗି ଦିଆଯାଉଥିଲା । ଯେମିତି ମୃତ୍ୟୁ ସମୟରେ ସେମାନଙ୍କ ଅନ୍ତରାତ୍ମା ବିଳପି ଉଠିବ ।

ଜେମସ୍ ଜର୍ଜ ସ୍ମିଥ୍ ନୀଲ୍,ସଂକ୍ଷେପରେ କର୍ଣ୍ଣେଲ୍ ନୀଲ୍ ଏହି ଦମନ ପ୍ରକ୍ରିୟାରେ ନୃଶଂସତାର ପ୍ରତିଶବ୍ଦରେ ଏବଂ ଉଇଲିୟମ ଷ୍ଟିଫେନ୍ ହଡସନ ଅମାନୁଷିକତାର ପ୍ରତୀକରେ ପରିଣତ ହୋଇଯାଇଛନ୍ତି । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା - ଭାରତୀୟମାନେ ଯେତେ ଭୀତତ୍ରସ୍ତ ରହିବେ, ଦେଶକୁ ସେତେ ଦୀର୍ଘ କାଳ ଶାସନ କରିବା ସହଜ ହେବ । ଧର୍ମ ଓ ବର୍ଣ୍ଣ ଆଧାରରେ ଦମନଲୀଳା ଆହୁରି ତୀବ୍ର ହେଲା । କର୍ଣ୍ଣେଲ ନୀଲ୍ କେବଳ ଆହ୍ଲାବାଦରେ ଯେତିକି ଭାରତୀୟଙ୍କୁ ହତ୍ୟା କରିଥିଲେ, ସଂଗ୍ରାମରେ ସମୁଦାୟ ସେତେ ବ୍ରିଟିଶ ନାଗରିକ ମୃତ୍ୟୁବରଣ କରି ନ ଥିଲେ । ଏହିଭଳି ଶତାଧିକ ବର୍ବର ନୀଲ ଦେଶର କୋଣ ଅନୁକୋଣରେ ଗଣହତ୍ୟା ତାଣ୍ଡବ ଚଳାଇଥିଲେ । ଜଣେ ବ୍ରିଟିଶ ବ୍ୟକ୍ତିର ପ୍ରତିଶୋଧ ନିମନ୍ତେ ଗୋଟିଏ ଜନବସତି ଯଥେଷ୍ଟ ନ ଥିଲା । ନିଜର ଅନ୍ତରାତ୍ମା ନିକଟରେ ପରାହତ ହୋଇ କର୍ଣ୍ଣେଲ୍ ନୀଲ୍ ଜୁନ୍ ୧୭ ତାରିଖରେ ଉଲ୍ଲେଖ କରିଥିଲେ -"God ! grant I may have acted with justice! I know I have acted with severity but, under all the circumstances, I trust for forgiveness. I have done all for the good of my country, to re-establish its prestige and power, and to put down this most barbarous, inhuman insurrection." । ନିଜ

ବର୍ବରତାକୁ ଦେଶପ୍ରେମର ଆଳରେ ଢ଼ାଙ୍କିବା ପାଇଁ ପ୍ରୟାସ କରିଥିଲେ ।

ବ୍ରିଟିଶ ଦମନଲୀଳାର ପରିଣାମ ଥିଲା ଅତ୍ୟନ୍ତ ଭୟାବହ - ସାରା ଦେଶରୁ ସଂଗ୍ରାମୀଙ୍କ ସଂଖ୍ୟା ହ୍ରାସ ପାଇଗଲା । ସ୍ୱାଧୀନତା ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା । ୧୮୬୦ ମସିହାରୁ ସାରା ଦେଶକୁ ଯେଉଁ ନିର୍ମମ ଦୁର୍ଭିକ୍ଷର କରାଳ ଗ୍ରାସ କଲା, ଆଜି ମଧ୍ୟ ତାହା ପ୍ରାଣରେ ଶିହରଣ ସୃଷ୍ଟି କରେ । ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ଭୋକ ଓପାସରେ ଟଳି ପଡୁଥିବାବେଳେ, ଗୋଟିଏ ଶାସନକଳ କେତେ ଉଦାସୀନ ହୋଇପାରେ, ବ୍ରିଟିଶ ସରକାର ତାହାର ହୀନ ଦୃଷ୍ଟାନ୍ତ । ୧୮୬୦-୬୧ ଦୁର୍ଭିକ୍ଷରେ ଆଗ୍ରା, ଦିଲ୍ଲୀ, ପଞ୍ଜାବ ଏବଂ ପୂର୍ବ ରାଜପୁତନା ଅଞ୍ଚଳରେ ୨୦ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ । ୧୮୬୬-୬୭ ନଅଙ୍କ ଦୁର୍ଭିକ୍ଷ ଓଡିଶାର କଳଙ୍କିତ ଅଧ୍ୟାୟ ଭାବେ ବିବେଚିତ । ଏଥିରେ ୧୦ ଲକ୍ଷ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ୧୮୭୬-୭୮ ଦକ୍ଷିଣ ଭାରତ ଦୁର୍ଭିକ୍ଷରେ ୧୦ ନିୟୁତ ବ୍ୟକ୍ତି ବଳି ପଡିଥିଲେ । ମୁଖ୍ୟତଃ ଏହା ଥିଲା ବ୍ରିଟିଶ ସରକାରର ଇଚ୍ଛାକୃତ ନିର୍ଯାତନା । ଗୋଟିଏ ଜାତିକୁ ସାମାଜିକ, ଧାର୍ମିକ, ଆର୍ଥିକ ଏବଂ ରାଜନୈତିକ, ପ୍ରତିଟି କ୍ଷେତ୍ରରେ ନ୍ୟୁନ ପ୍ରତିପାଦିତ କରି ତାହାର ଅନ୍ତରାତ୍ମାଙ୍କୁ ଧ୍ୱଂସ କରି ଦେବା ପାଇଁ ଏହା ଥିଲା ଭୟଙ୍କର ଷଡ଼ଯନ୍ତ୍ର । ବ୍ରିଟିଶ ଶାସନକାଳରେ ୧୭୬୦ ରୁ ୧୯୪୩ ମସିହା ମଧ୍ୟରେ ୮କୋଟି ୫୦ ଲକ୍ଷ ବ୍ୟକ୍ତି କେବଳ ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ । ଓଡିଶାର ନ'ଅଙ୍କ ଦୁର୍ଭିକ୍ଷ ସେହି ବ୍ରିଟିଶ ଦମନଲୀଳାର କଳଙ୍କିତ ଅଧ୍ୟାୟ ।

ସାରା ଦେଶ ବ୍ରିଟିଶ ଦମନଲୀଳାରେ ଥରହର ହେଉଥିବାବେଳେ ୧୮୬୬ ମସିହାରେ ବ୍ରିଟିଶ ରାଣୀ ଆଲେକ୍‌ଜାଣ୍ଡ୍ରିନା ଭିକ୍ଟୋରିଆ (ସଂକ୍ଷେପରେ ଭିକ୍ଟୋରିଆ) ପାର୍ଲାମେଣ୍ଟର ଆଇନ ବଳରେ ଭାରତର ସାମ୍ରାଜ୍ଞୀ ଉପାଧିରେ ଭୂଷିତ ହେଲେ । ଭାରତ ବର୍ଷ ବ୍ରିଟିଶ ସାମ୍ରାଜ୍ୟର ପ୍ରମୁଖ ଅଂଶ ଭାବେ ସ୍ୱୀକୃତି ପାଇଲା । ଏହି ଘୋଷଣାନାମା ସମ୍ମାନାର୍ଥେ ଭାରତର ଭାଇସରୟ ଲର୍ଡ ଲିଟନ୍ ୧୮୭୭ ଜାନୁୟାରୀ ୧ ତାରିଖରେ ଦିଲ୍ଲୀରେ ଚାକଚକ୍ୟଭରା ରାଜକୀୟ ଭବ୍ୟ ସମାରୋହର ଆୟୋଜନ କରିଥିଲେ - ଦିଲ୍ଲୀ ଦରବାର । ୧୮୭୬ ଡିସେମ୍ବର ୨୩ ତାରିଖରୁ ୧୮୭୭ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମାରୋହରେ ୭୫ ଜଣ ସାମନ୍ତ ରାଜା, ୧୨୦୦ ଅଧିକାରୀ, ୧୪,୦୦୦ ସେନା ସମେତ ୬୮,୦୦୦ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରଥମ ସ୍ୱାଧୀନତା ସଂଗ୍ରାମର ଦୁଇ ଦଶନ୍ଧି ପରେ ଏହା ଥିଲା ବ୍ରଟିଶ ସାମ୍ରାଜ୍ୟର ଅଭୂତପୂର୍ବ ଶକ୍ତି ପ୍ରଦର୍ଶନ । ଏହି ସମାରୋହରେ ସେ ସମୟରେ ୨୦ ଲକ୍ଷ ପାଉଣ୍ଡ ଖର୍ଚ୍ଚ ହୋଇଥିବାର ଆକଳନ କରାଯାଏ । ସେହି ଅର୍ଥରେ କେତେ କୋଟି ଭାରତୀୟ ଦୁର୍ଭିକ୍ଷରୁ ରକ୍ଷା ପାଇଥାନ୍ତେ, ଆଜି ତାହା ଆକଳନ କରିବା ସହଜ ନୁହେଁ ।

❐

ସୂଚୀପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା
ପ୍ରତିଷ୍ଠାତାଙ୍କ ପୃଷ୍ଠା		ବିଷ୍ଣୁ ସେଠୀ	୦୩
ସମ୍ପାଦିକାଙ୍କ ପୃଷ୍ଠା		ଉର୍ମିଳାରାଣୀ ପାଣିଗ୍ରାହୀ	୦୫
ସୃଜନୀ ସମ୍ପାଦକଙ୍କ ପୃଷ୍ଠା		ଅଭୟ ଦ୍ୱିବେଦୀ	୦୭
ଅତିଥି ସମ୍ପାଦକଙ୍କ ପୃଷ୍ଠା		ସୂର୍ଯ୍ୟବଂଶୀ ସୂରଜ	୫୫୩

ପାର୍ବଣ ସ୍ୱତନ୍ତ୍ର

୦୧.	ବିଶ୍ୱମାତୃକା ଦେବୀ ଦୁର୍ଗା..	ରବୀନ୍ଦ୍ର କୁମାର ବେହୁରିଆ	୧୫
୦୨.	ଭାରତୀୟ ସାଂସ୍କୃତିକ ...	ଡକ୍ଟର ରାମଚନ୍ଦ୍ର ଦାଶ	୨୩
୦୩.	ଶକ୍ତି ଉପାସନାର ଦିଗ ଓ ଦିଗନ୍ତ	ବିଭୂତି ଭୂଷଣ ସେନାପତି	୨୭

ପ୍ରଥମ ଉପନ୍ୟାସ

୦୪.	ପରିଣୀତା	ଡ. ଶୁଭ୍ର ପ୍ରକାଶ ଦାସ	୩୩

ଫିଚର

୦୫.	ଏକ ଅଚର୍ଚ୍ଚିତ ଐତିହାସିକ ବିତର୍କ	ମନୋଜ ଦାସ	୮୮
୦୬.	ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ...	ଡ. ବ୍ରଜମୋହନ ମିଶ୍ର	୯୯
୦୭.	ମହାସିନ୍ଧୁ - ନୀଳ....	ବିଜୟ ନାୟକ	୧୧୨
୦୮.	ମୋ ଦୃଷ୍ଟିରେ ମଧୁସୂଦନ	ପ୍ରଦୀପ୍ତ କୁମାର ସାମଲ	୧୨୧
୦୯.	ସେବା ଓ ତ୍ୟାଗର ସନ୍ତକ...	ଡ. ଚୈତନ୍ୟ ସାହୁ	୧୨୬
୧୦.	ଶତାବ୍ଦୀର ଅର୍ଘ୍ୟ...	ଅଭୟ ଦ୍ୱିବେଦୀ	୧୩୮
୧୧.	ଆକାଶ, ତାରାଙ୍କ ପ୍ରତି ମମତା	ବାରିଷ୍ଟର ଗୋବିନ୍ଦ ଦାସ	୧୫୩
୧୨.	ପିଲାଦିନର ସ୍ମୃତିରେ	ଡ. ଭାଗ୍ୟଲିପି ମଲ୍ଲ	୧୫୬
୧୩.	କବିତାର ଜୟଯାତ୍ରା	ଡ. ଭରତ ବେହେରା	୧୭୦
୧୪.	ମୋ କବିତା	ଡ. ପ୍ରଭାତ ନଳିନୀ ମହାପାତ୍ର	୧୭୪
୧୫.	ମନ୍ତେଇ: ସ୍ନେହସିକ୍ତ...	ଶ୍ରୀଗୋବିନ୍ଦ	୧୭୯

ପ୍ରବନ୍ଧ

୧୬.	ରୂପର ଭାଷା: ଭାଷାର ରୂପ	ଡ. ଦାଶରଥି ଦାସ	୧୮୪
୧୭.	କ୍ଷମତାରେ ପ୍ରାକ୍ତନ	ଅଧ୍ୟାପକ ବିଶ୍ୱରଂଜନ	୧୮୮

୧୮. କାଶତଣ୍ଡୀ ଫୁଲର...	ଡ. ଦେବେନ୍ଦ୍ର ନାଥ ରାଉତ	୧୯୧
୧୯. ହୃଦୟ ମୋ ଓଡ଼ିଶା	ଡ. ମିହିର କୁମାର ସାହୁ	୧୯୩
୨୦. ଉତ୍କଳ ସମ୍ମିଳନୀ ସହ...	ଡ. ସର୍ବେଶ୍ୱର ସେଣ	୧୯୮
୨୧. 'ଶେଷ ଅଙ୍କ'ରେ ...	ଅକ୍ଷୟ କୁମାର ଜେନା	୨୦୭
୨୨. ସାହିତ୍ୟରେ ଯୁଗ...	ଭଗବାନ ଚନ୍ଦ୍ର ନାୟକ	୨୧୧
୨୩. ନୀରବତାରୁ ...	ଶଶଧର ମହନୀ	୨୧୫

ପୁସ୍ତକ ସମୀକ୍ଷା

୨୪. କବି ବିଷ୍ଣୁସେଠୀଙ୍କ...	କିଶୋର ପାଣିଗ୍ରାହୀ	୨୧୯

ଗଳ୍ପ

୨୫. ସତ - ମିଛ...	ଡ. ଅରବିନ୍ଦ ରାୟ	୨୨୬
୨୬. ମୋକ୍ଷ ମୃତ୍ୟୁ	ରାଧାବିନୋଦ ନାୟକ	୨୩୬
୨୭. ସଂସ୍କାର	ଡ. କବିତା ବାରିକ	୨୪୧
୨୮. ଜନତା କର୍ଫ୍ୟୁ	ଡ. ପଦ୍ମକାନ୍ତ ଧଳ	୨୪୬
୨୯. କ୍ରୀତଦାସ	ମନୋଜ କୁମାର ମହାପାତ୍ର	୨୫୬
୩୦. ଜୁଲି	ନନ୍ଦ ମହାନ୍ତି	୨୬୩
୩୧. ନିଶା ନିବାରଣ	ଡ. ରାଧାରାଣୀ ମହାପାତ୍ର	୨୭୧
୩୨. ପାୱାର	ହରେକୃଷ୍ଣ ବାରିକ	୨୭୩
୩୩. ସ୍ୱପ୍ନ ଦେଖୁଥିବା ...	ତନ୍ମୟଜ୍ୟୋତି ନାୟକ	୨୭୮
୩୪. ସମର୍ଦ୍ଧନା	ଇଂ ଶ୍ରୀମତୀ ଅବନ୍ତୀ ମଲ୍ଲିକ	୨୮୪
୩୫. ଖଟ ଦେବତା	ପ୍ରକାଶ ମହାପାତ୍ର	୨୮୮
୩୬. ଅଜାତ ଶିଶୁର ଚୁମ୍ବନ	ସୃଜନ ପ୍ରକାଶ ଦାସ	୨୯୩
୩୭. ନବନୀତାର କଥା	ଗୀତାରାଣୀ ଆଇଚ	୩୦୩

ଦ୍ୱିତୀୟ ଉପନ୍ୟାସ

୩୮. ଗୋବରା ନଈର ଗୀତ	ଡ. ରଞ୍ଜନ ପ୍ରଧାନ	୩୧୧

କବିତା

୩୯. ପ୍ରିୟ ବାନ୍ଧବୀ	ବନଜ ଦେବୀ	୪୮୧
୪୦.ଘାସଫୁଲର ଛାତିରେ	ଡ. ଅପର୍ଣ୍ଣା ମହାନ୍ତି	୪୮୨

୪୧. ବଞ୍ଚିବା ଶିଖିଛି	ଡ. ରବିନାରାୟଣ ସେନାପତି	୪୮୪
୪୨. କିଏ ବା ଅଛି ତା'ର	ରଂଜନ କୁମାର ଦାସ	୪୮୫
୪୩. ଅମଣିଆ ବଳଦ	ମଧୁସୂଦନ ଦାଶ	୪୮୬
୪୪. ପ୍ରେମିକା	କୃଷ୍ଣ କୁମାର ମହାନ୍ତି	୪୮୭
୪୫. ହସ୍ପିଟାଲ	ବସନ୍ତ ମୁଦୁଲି	୪୮୮
୪୬. ଘାସଗୀତ	ସୁଚିତ୍ରା ପାଣିଗ୍ରାହୀ	୪୮୯
୪୭. ବର୍ଷା : ଏକ...	ଧନଞ୍ଜୟ ସ୍ୱାଇଁ	୪୯୧
୪୮. ସୀମାନ୍ତ : ଅନିଶ୍ଚିତ...	ସୌଭାଗ୍ୟବନ୍ତ ମହାରଣା	୪୯୨
୪୯. ମୁଁ କିଏ	ପୂର୍ଣ୍ଣଚନ୍ଦ୍ର ବହଳୀ	୪୯୪
୫୦. ଅନେକ ଆକାଶ	ଆଶୁତୋଷ କରଣ	୪୯୫
୫୧. ମୋବାଇଲକୁ ...	ବିପ୍ଳବ ପତି	୪୯୬
୫୨. ମଉଳା ଅପରାହ୍ନ	ପୁଷ୍ପଲତା ଜେନା	୪୯୮
୫୩. ସ୍ୱର୍ଗ	ସଂଜିତ୍ କୁମାର ବଳ	୫୦୦
୫୪. ମାତାର ବେଦନା	ଚିନ୍ତାମଣି ମିଶ୍ର	୫୦୨
୫୫. ରଜ ପରବ	ନିମାଇଁ ମିଶ୍ର	୫୦୩
୫୬. ଶରତ ସୁଷମା	ତନ୍ମୟ ମିଶ୍ର	୫୦୪
୫୭. ସାଆନ୍ତେ ! ହୋ ...	ଡ. ମମତା ସାହୁ	୫୦୫
୫୮. ଡାକଟିଏ...	ବିଜୟ ରାୟ	୫୦୭
୫୯. ତିମିରତୀର୍ଥ ...	ଅଶୋକ କୁମାର ନାୟକ	୫୦୮
୬୦. ଘାସଫୁଲର କବି	ସଦାଶିବ ଶ୍ରୀଚନ୍ଦନ	୫୦୯
୬୧. ବାଲ୍‌କୋନିରେ...	ସମରେନ୍ଦ୍ରନାଥ ମହାପାତ୍ର	୫୧୦
୬୨. ଅପୁଷ୍ଟିର ଅଭିଷେକ	ଡ. ଦୁର୍ଯ୍ୟୋଧନ ଦାସ	୫୧୧
୬୩. ପାଗ ଭଲ ...	ରତିକାନ୍ତ ବେହେରା	୫୧୩
୬୪. ଜୀବନ	ସବିତାରାଣୀ ବେହେରା	୫୧୪
୬୫. କି ବା ଦୋଷ	ଶ୍ରୀମତୀ ବସନ୍ତ ମିଶ୍ର	୫୧୫
୬୬. ଏହି ବରଷାରେ	ବେଣୁଧର ସେଠ୍	୫୧୬
୬୭. ଏଇ ମାଟିରୁ	ତେଜସ୍ୱିନୀ ପଣ୍ଡା	୫୧୮
୬୮. ହେ ! ବିଷ୍ଣୁ ଭାଇ	ସୁବ୍ରତ ମିଶ୍ର	୫୧୯
୬୯. ନିରୁଦ୍ଦିଷ୍ଟ ...	ରାଜେଶ କୁମାର ସେଠୀ	୫୨୦
୭୦. ମୋ ଗାଁ	ପ୍ରିୟଦର୍ଶିନୀ ନାୟକ	୫୨୧
୭୧. ନିର୍ମ୍ମଳୀଲଟା	ବିଭୂତି ଭୂଷଣ ଗ୍ରହାଚର୍ଯ୍ୟ	୫୨୨

୭୨. ଆମେ ଏବେ...	ଡ. ଅନିଲ ନନ୍ଦ	୫୨୪
୭୩. ମା' ଆସୁଛନ୍ତି	ମନୋରମା ରାୟ	୫୨୫
୭୪. ନିଃସ୍ୱ ହୋଇ	ପୁଷ୍ପାଞ୍ଜଳି ପଣ୍ଡା	୫୨୬
୭୫. ପବନ - ଦୋଳି	ବିଜୟ ମହାପାତ୍ର	୫୨୭
୭୬. ଅନ୍ତିମ ବିଦାୟ	ସୁରଞ୍ଜନ ପାତ୍ର	୫୨୮
୭୭. ଅଦିନ ବଉଦ	ଚିନ୍ତାମଣି ମହାଳିକ	୫୨୯
୭୮. ତୁମେ ଗଲା ପରେ ...	ରତ୍ନାକର ରାଉତ	୫୩୦
୭୯. କେତେ ଯେ ...	ଡ. ଅରୁଣ କୁମାର ପଣ୍ଡା	୫୩୧
୮୦. ମା ଚର୍ଚ୍ଚିକା ସ୍ତୁତି	ଡା. ରାମଚନ୍ଦ୍ର ରାଉତ	୫୩୨
୮୧. ଧୂଳିର ଧରିତ୍ରୀ	ପ୍ରଦୀପ୍ତ କୁମାର ମହାନ୍ତି	୫୩୩
୮୨. ଏ ମନର ଯେତକଥା	ଭଗବାନ ସାହୁ	୫୩୪
୮୩. ବିବଶତା	ଆଶିଷ ମହାପାତ୍ର	୫୩୫
୮୪. ତୁ ମାଆ ଭବାନୀ	ଶୁଭ୍ରାଂଶୁ ଶେଖର ମାହୁନ୍ତ	୫୩୬
୮୫. ଯୁଦ୍ଧ	ରଶ୍ମିରଞ୍ଜନ ରାଉତ	୫୩୭
୮୬. ବାପା ଏକ ବରଗଛ	ସନ୍ତୋଷିନୀ ଦାଶ	୫୩୮
୮୭. ପ୍ରାର୍ଥନାର ଧାଡ଼ି	ଶୈବାଳିନୀ ସାହୁ	୫୩୯
୮୮. ପ୍ରୀତିର ପ୍ରୟାସ	ସଞ୍ଜୁକ୍ତା ଶରଣ	୫୪୦
୮୯. ଦେହ ଦେଉଳ	ଶୋଭନା ଜେନା	୫୪୧
୯୦. ଆସିଛୁ ଯେବେ	ଦମୟନ୍ତୀ ରାଉତ	୫୪୨
୯୧. କାଶତନ୍ତୀ ହସିଲାଣି	ପ୍ରତିଭା ସାହୁ	୫୪୩
୯୨. ରୂପସୀ ବର୍ଷା	ଅରୁନ୍ଧତୀ ମଲ୍ଲିକ	୫୪୪
୯୩. ପିଞ୍ଜରା	ସୁଶୀଲ କୁମାର ପାଣିଗ୍ରାହୀ	୫୪୫
୯୪. ନାମଟି ମୋହର...	ଅନନ୍ତ କୁମାର ସେନାପତି	୫୪୬
୯୫. ମମତା ନଈ	ସୁଜିତ୍ କୁମାର ମିଶ୍ର	୫୪୭
୯୬. ଷ୍ଟେସନ କଡ଼...	ଶ୍ୟାମା କିଙ୍କର ମହାନ୍ତି	୫୪୮
୯୭. ଦୀପ ତଳର ଛାଇ	ପୂର୍ଣ୍ଣ ଦାସ	୫୪୯
୯୮. ନରଦେବତା	ପବନ କୁମାର ନାୟକ	୫୫୦
୯୯. ଉପାସନା	ଦୈତାରୀ ଯେନା	୫୫୧
୧୦୦. ଏଣ୍ଡୁଅ	କୁମୁଦ ଚନ୍ଦ୍ର ନାୟକ	୫୫୨

ବିଶ୍ୱମାତୃକା ଦେବୀ ଦୁର୍ଗା ଦେବୀ ଜଗନ୍ମାତା ଜଗଦ୍ଧାତ୍ରୀ



ରବୀନ୍ଦ୍ର କୁମାର ବେହୁରିଆ

“ଦେବୀ ଦୁର୍ଗାମାତାଙ୍କ ବିଭିନ୍ନ ରୂପ ହେଲେ ଆଦ୍ୟାଶକ୍ତି ମହାମାୟା । ବିଶ୍ୱମାତୃକା ଜଗଜ୍ଜନନୀ ଦେବୀ ଦୁର୍ଗା - ଜଗଦ୍ଧାତ୍ରୀ, କାଳୀ, ତାରା, ମହାବିଦ୍ୟା, ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ସରସ୍ୱତୀ, ବଗଳା, ଧୂମାବତୀ, ଅନ୍ନପୂର୍ଣ୍ଣା, ଶାକମ୍ଭରୀ ଇତ୍ୟାଦି ଦେବୀ ରୂପେ ପ୍ରତିଭାତ । ଏମାନେ ଆଦ୍ୟାଶକ୍ତି ।”

‘ଜଗଦ୍ଧାତ୍ରୀ’ ଅର୍ଥ - ସେ ଜଗତକୁ ଧାରଣ କରିଅଛନ୍ତି (‘ତ୍ୱୟୈବ ଧାର୍ଯ୍ୟତେ ସର୍ବଂ’ -ଶ୍ରୀଶ୍ରୀ ଚଣ୍ଡୀ) । ଶ୍ରୀରାମକୃଷ୍ଣଙ୍କ ଭାଷାରେ - “ସେ ନ ଧରିଲେ ଜଗତ ପଡ଼ିଯାଏ - ନଷ୍ଟ ହୋଇଯାଏ ।” ମନକୁ ଯେ ବଶ କରିପାରେ ତା’ର ହୃଦୟରେ ଜଗଦ୍ଧାତ୍ରୀ ଉଦୟ ହୁଅନ୍ତି । ସିଂହବାହିନୀର ସିଂହ ସେଇ ହାତୀକୁ ଜବଦ୍ କରି ଧରି ରହିଛି । ଏଇ ଦେବୀ ସିଂହ ଆରୂଢ଼ା, ନାନା ଅଳଙ୍କାରରେ ଭୂଷିତା । ଚାରି ବାହୁ, ତା’ର କଣ୍ଠରେ ନାଗ ରୂପ ଯଜ୍ଞୋପବୀତ ଧାରଣ କରିଛନ୍ତି । ଦୁଇଟି ହସ୍ତରେ ଶଙ୍ଖ ଏବଂ ଧନୁ । ତାଙ୍କର ଡ଼ାହାଣ ହସ୍ତ ଦୁଇଟିରେ ଚକ୍ର ଏବଂ ପଞ୍ଚବାଣ । ଦେବୀ ଲାଲବସ୍ତ୍ର ପରିହିତା ଏବଂ ପ୍ରାତଃ ସୂର୍ଯ୍ୟଙ୍କ ଭଳି ରକ୍ତାଭ ତାଙ୍କର ଶରୀର ।

'ତନ୍ତ୍ରସାର' ଗ୍ରନ୍ଥରେ ଜଗଦ୍ଧାତ୍ରୀ ମୂର୍ତ୍ତିର ବର୍ଣ୍ଣନା ଅଛି । ଜଗଦ୍ଧାତ୍ରୀ ଧ୍ୟାନ ମନ୍ତ୍ରରେ ଏଇ ରୂପର ବର୍ଣ୍ଣନା ଅଛି :-

"ସିଂହସ୍କନ୍ଧାଦି ରୂଢ଼ାଂ ନାନାଳଙ୍କାର ଭୂଷିତାଂ
ଚତୁର୍ଭୁଜାଂ ମହାଦେବୀଂ ନାଗଯଜ୍ଞୋପବୀତିନମ୍ ॥
ଶଙ୍ଖ - ଶାର୍ଙ୍ଗ୍ଗ ସମାଯୁକ୍ତା ବାମ ପନିଦ୍ୱୟାନ୍ୱିତାଂ
ଚକ୍ରଞ୍ଚ ପଞ୍ଚବାଣାଶ୍ଚ ଧାରୟନ୍ତିଞ୍ଚ ଦକ୍ଷିଣେ ॥
ରକ୍ତବସ୍ତ୍ର ପରିଧାନାଂ ବାଳଦର୍କ ସଦୃଶୀ ତନୁଂ
ନାରଦଦୈମୁନିଗଣୈଃ ସେବିତାଂ ଭବସୁନ୍ଦରୀମ୍ ॥
ରତ୍ନଦ୍ୱୀପେ ମହାଦ୍ୱୀପେ ସିଂହାସନ ସମନ୍ୱିତେ
ପ୍ରଫୁଲ୍ଲ କମଳାଳନାଂ ଧ୍ୟାୟେ ତ୍ୱାଂଭବ ଗୋହିନୀମ୍ ॥"

'ଚଣ୍ଡୀର ତ୍ରୟୋଦଶ ଅଧ୍ୟାୟରେ ଅଛି :-

ରାଜା ସୁରଥ ରାଜ୍ୟଲୋଭ ପାଇଁ ଜଗଦ୍ଧାତ୍ରୀଙ୍କୁ ଚଣ୍ଡୀ ରୂପରେ ଆରାଧନା କରିଥିଲେ :-

"ଇତିତସ୍ୟ ବଚଃ ଶୃତ୍ୱା ସୁରଥ ସନରାଧ୍ରପଃ
ପ୍ରଣିପତା ମହାଭାଗ ତମୃସିଂ ସଂସିତ ବ୍ରତମ୍ ।
ତୌ ତସ୍ମିନ୍ ପୁଲିନେ ଦେବ୍ୟାଂକୃତ୍ୱା ମୂର୍ତ୍ତିଂ ମହୀମୟୀମ୍
ଅହର୍ନାଞ୍ଚ ତ୍ରତୁସ୍ତସ୍ୟାଂ ପୁଷ୍ପାଧୂପାଗ୍ନି ତର୍ପଣୈଃ ॥
ଏବଂ ସମାରାଧୟତୋ ତ୍ରିଭିବବର୍ଷୈର୍ଯତାତ୍ମନୋଃ
ପରିତୁଷ୍ଟା ଜଗଦ୍ଧାତ୍ରୀ ପ୍ରତ୍ୟକ୍ଷଂ ପ୍ରାଉଚ୍ଚଣ୍ଡିକା ॥"

ସିଂହବାହିନୀ ଚତୁର୍ଭୁଜା ଜଗଦ୍ଧାତ୍ରୀ ଶ୍ରୀଶ୍ରୀ ଦୁର୍ଗାଙ୍କର ରୂପଭେଦ ମାତ୍ର । ସେ ଜଗନ୍ମାତା । ଜଗତ ପ୍ରସବିନୀ ଆଦ୍ୟାଶକ୍ତି ମହାମାୟା । ବୈଷ୍ଣବମାନଙ୍କର ଯୋଗମାୟା । ଜଗଦ୍ଧାତ୍ରୀ ତନ୍ତ୍ରୋକ୍ତ ଦେବୀ । ମାୟାତନ୍ତ୍ରରେ (ଦ୍ୱିତୀୟ ଓ ଚତୁର୍ଥ ପଟଳ) ଓ କୃଷ୍ଣାନନ୍ଦର (କୃଷ୍ଣାନନ୍ଦ ଆଗମବାଗୀଶ, ଗଙ୍ଗାଦାସ ପଣ୍ଡିତଙ୍କ ଛାତ୍ର ଚୈତନ୍ୟଙ୍କ ସହପାଠୀ) ପ୍ରସିଦ୍ଧ 'ତନ୍ତ୍ରସାର' ଗ୍ରନ୍ଥରେ ଦୁର୍ଗାପ୍ରସଙ୍ଗରେ ଜଗଦ୍ଧାତ୍ରୀର ସମ୍ପର୍କ ଉଲ୍ଲେଖ ଅଛି । 'ପୌରାଣିକ ଅଭିଧାନ' ଗ୍ରନ୍ଥରେ (ସୁଧୀର ଚନ୍ଦ୍ର ସରକାର ସଂକଳିତ) ଜଗଦ୍ଧାତ୍ରୀ ସମ୍ପର୍କରେ କୁହାଯାଇଛି - ଅଗ୍ନି, ବାୟୁ, ବରୁଣ ଓ ଚନ୍ଦ୍ର' - ଏଇ ଚାରି ଦେବତା ଏକ ବା ସ୍ଥିର କରନ୍ତି ଯେ, ଦେବଗଣଙ୍କ ମଧ୍ୟରେ ସେମାନେ ଶ୍ରେଷ୍ଠ ଏବଂ ସେଇମାନେ ହିଁ ପରମେଶ୍ୱର । ଏଇ ଉଦ୍ଧତ ବାକ୍ୟ ଶ୍ରବଣ କରି ଶ୍ରୀଦୁର୍ଗା କୋଟି ସୂର୍ଯ୍ୟ ତେଜୋମାୟା ଜ୍ୟୋତିର୍ମୟୀ ରୂପେ ଏମାନଙ୍କର ସମ୍ମୁଖରେ ଉପସ୍ଥିତ ହୁଅନ୍ତି । ଅଗ୍ନି ବାୟୁ କାରଣ ନିର୍ଣ୍ଣୟ କରିବା ପାଇଁ ଅସମର୍ଥ ହେବାରୁ ପବନ ଦେବଙ୍କୁ ଏଇ ମୂର୍ତ୍ତି ପାଖକୁ ପ୍ରେରଣ କରନ୍ତି । ଜ୍ୟୋତିର୍ମୟୀ ମୂର୍ତ୍ତି ଏକ ବିଡ଼ାତୃଣ ସ୍ଥାପନ କରି ପବନକୁ ତାହାକୁ ଉତ୍ତୋଳନ କରିବା ପାଇଁ କୁହନ୍ତି । କିନ୍ତୁ ବହୁ

ଚେଷ୍ଟା ସତ୍ତ୍ୱେ ପବନ ତୃଣଟି ଆଣିବାକୁ ଅସମର୍ଥ ହୁଅନ୍ତି । ଏଇରୂପେ ପରାଜିତ ଦେବତାଗଣ ଜ୍ୟୋତିର୍ମୟୀ ଦେବୀଙ୍କୁ ଆରାଧନା କରନ୍ତି । ଏଇ ଦେବୀ ଭଗବତୀ, ଅନ୍ୟରୂପେ 'ଜଗଦ୍ଧାତ୍ରୀ' ନାମରେ ପ୍ରସିଦ୍ଧି ଲାଭ କରନ୍ତି । ଅନ୍ୟ ମତରେ, କରିନ୍ଦ୍ରା ନାମକ ଦୁର୍ଦ୍ଦାନ୍ତ ଅସୁରକୁ ବଧ କରବା ପାଇଁ 'ଜଗଦ୍ଧାତ୍ରୀ' ଦେବୀଙ୍କ ଆବିର୍ଭାବ । 'କାଳିକା ପୁରାଣ'ରେ ଉଲ୍ଲେଖ ଅଛି । ପୃଥିବୀ ଦେବୀ ଜଗଦ୍ଧାତ୍ରୀ ରୂପେ ଜନକ ରାଜାଙ୍କୁ ଦେଖା ଦେଇଥିଲେ । ଦେବୀଙ୍କ ନିଜସ୍ୱ ଘୋଷଣା :- 'ପୃଥିବ୍ୟାହଂ ଜଗଦ୍ଧାତ୍ରୀ ମଦ୍ରୂପଂ ମୁନ୍ମୟାନ୍ତିଦମ୍ ।' 'ମାର୍କଣ୍ଡେୟ ପୁରାଣ'ରେ ଛୋଟ ଛୋଟ ଉପାଖ୍ୟାନ ମଧ୍ୟରେ ପୃଥିବୀ ଦେବୀ ଜଗଦ୍ଧାତ୍ରୀ ରୂପେ ପୌରାଣିକ ମହାଦେବୀ ବା ମହାଶକ୍ତି ଦୁର୍ଗା ଏକ ଓ ଅଭିନ୍ନ ରୂପେ ବ୍ୟାଖ୍ୟା କରାଯାଇଛି । 'ମାର୍କଣ୍ଡେୟ ଚଣ୍ଡୀ'ରେ ବିଶ୍ୱେଶ୍ୱରୀ ଜଗଦ୍ଧାତ୍ରୀ ସ୍ଥିତି - ସଂହାରକାରିଣୀ ଭଗବତୀ, ବିଷ୍ଣୁଙ୍କ ନିଦ୍ରାଶକ୍ତି ରୂପେ ସମଭୁତା । ରାମାୟଣରେ ଅଛି :- ଇନ୍ଦ୍ରଜିତ୍ ଜଗଦ୍ଧାତ୍ରୀ ଦେବୀଙ୍କ ଆରାଧନା କରି ଇନ୍ଦ୍ରଙ୍କୁ ଜୟ କରିଥିଲେ ।

ତେତ୍ରାଯୁଗରେ ଜଗଦ୍ଧାତ୍ରୀ ଦେବୀଙ୍କ ଆବିର୍ଭାବ । ପାଦତଳେ ହଣାମୁଣ୍ଡ । ଚତୁର୍ହସ୍ତ ସମନ୍ୱିତା ତ୍ରିନୟନା । ରକ୍ତବସ୍ତ୍ର ପରିହିତା । ସର୍ବାଳଙ୍କାର ବିଭୂଷିତା । ଦେହର ବର୍ଣ୍ଣ ଅରୁଣ ସୂର୍ଯ୍ୟ ସ୍ୱରୂପା । ଦେବୀଙ୍କର ଯଜ୍ଞୋପବିତ ସର୍ପ । ବାମ ହସ୍ତରେ ଖଡ୍ଗ ଓ ଧନୁକ । ଦକ୍ଷିଣ ହସ୍ତରେ ଚକ୍ର ଓ ପଞ୍ଚବାଣ । ଜଗଦ୍ଧାତ୍ରୀଙ୍କ ସ୍ୱାମୀ ନାରଦ ଭୈରବ । ଭୈରବ ଅର୍ଥ ସ୍ୱାମୀ । ଦଶମହାବିଦ୍ୟାର ଦଶଜଣ ଭୈରବ । ଦକ୍ଷିଣ କାଳିକାର ଭୈରବ ଅର୍ଥାତ୍ ସ୍ୱାମୀ ମହାକାଳ ଭୈରବ । ଜଗଦ୍ଧାତ୍ରୀର ଭୈରବ - ଶିବଙ୍କ ମୂର୍ତ୍ତି ବିଶେଷ ।

ଏଇ ଧ୍ୟାନ ମନ୍ତ୍ରରେ ଅନ୍ୟତ୍ର କୁହାଯାଇଛି :-

"ସିଂହସ୍ଥା ଶଶିଶେଖରା ମରକତ ପ୍ରାଖ୍ୟୈଶ୍ଚତୁର୍ଭିର୍ଯୁଜୈଃ
ଶଙ୍ଖ ଚକ୍ର ଧନୁଃ ଶରାଂଶ୍ଚ ଦଧତୀ ନେତ୍ରୈ ସ୍ତ୍ରିଭିଃ ଶୋଭିତା ।
ଆମୁକ୍ତାଙ୍ଗଦହାର କଙ୍କଣରନତ କାଞ୍ଚୀଙ୍କନ ନୂପୁରା,
ଦୁର୍ଗାଦୁର୍ଗତି ହାରିଣୀ ଭବତୁ ମେରତ୍ନୋଲ୍ଲାସତକୁନ୍ତଳା ॥"

ଏଇ ଜଗଦ୍ଧାତ୍ରୀ ମାତାହିଁ ଦେବୀ ଦୁର୍ଗା, ସେ - କାଳୀ, ସରସ୍ୱତୀ, ବଗଳା, ଅନ୍ନଦା, ଶାକମ୍ଭରୀ, ଚଣ୍ଡୀ, ତାରା ଇତ୍ୟାଦି ନାନା ରୂପରେ ପ୍ରତିଭାତ ହୋଇ ମର୍ତ୍ତ୍ୟରେ ବିରାଜମାନ । ଜଗଦ୍ଧାତ୍ରୀ ଦୁର୍ଗା ହିଁ ଗୋଟିଏ ରୂପ । ଦୁର୍ଗା ମହିଷରୂପୀ ଅସୁରକୁ ବଧ କରିଛନ୍ତି । ପୁଣି ଜଗଦ୍ଧାତ୍ରୀ ବଧ କରିଛନ୍ତି କବୀନ୍ଦ୍ର ମହିଷାସୁରର ଏକ ରୂପ । ଦୁର୍ଗାଙ୍କ ହାତରେ ନିହତ ହେବା ପାଇଁ ମାୟାବୀ ମହିଷାସୁର କ୍ରମାନ୍ୱୟରେ ରୂପ ପରିବର୍ତ୍ତନ କରିଥିଲେ । ପ୍ରଥମେ ସିଏ ମହିଷରୁ ସିଂହ ହୁଅନ୍ତି । ସିଂହକୁ ମା'ବଧ କରନ୍ତି ସେ ଖଡ୍ଗଧାରୀ ପୁରୁଷଭଳି ଯୁଦ୍ଧ କରନ୍ତି । ଦୁର୍ଗା ପ୍ରତିମାରେ ଆମେ ଏଇ ଖଣ୍ଡାଧାରୀ ପୁରୁଷ ମୂର୍ତ୍ତିକୁ ଅସୁରରୂପେ ଦେଖୁଁ । ସେଇ ପୁରୁଷ ମୂର୍ତ୍ତିକୁ ମା' ଯେତେବେଳେ ବଧ କରିଥିଲେ,

ସେତେବେଳେ ସେ 'ମହାରାଜ' ବା 'କବୀନ୍ଦ୍ର' ରୂପେ ମା'ଙ୍କୁ ଆକ୍ରମଣ କରିଥିଲା । ମା' ଯେତେବେଳେ ମହିଷାସୁରର ଏଇ ହସ୍ତୀ ରୂପକୁ ବଧ କଲେ ସେତେବେଳେ ମହିଷାସୁର ପୁଣି ତା'ର ମହିଷରୂପକୁ ଫେରିଗଲା ଏବଂ ତାକୁ ମଧ୍ୟ ମା' ବଧକଲେ ଏବଂ ମା' ମହିଷାସୁର ବଧର ସମସ୍ତ କାର୍ଯ୍ୟ ଶେଷ କଲେ । ଜଗଦ୍ଧାତ୍ରୀ ମୂର୍ତ୍ତିରେ ଦେଖାଯାଏ, ହସ୍ତୀରୂପୀ ଅସୁର ନିହତ । ନିହତ ହସ୍ତୀର ମୁଣ୍ଡ ସିଂହର ଖାଦ୍ୟ ତଳେ ରକ୍ତାକ୍ତ ଅବସ୍ଥାରେ ରହିଛି । ପୁଣି ବିଜୟିନୀ ମା' ସିଂହରୂଢା ହୋଇ ବସିଛନ୍ତି । ଶ୍ରୀରାମକୃଷ୍ଣ ଏହାର ବ୍ୟାଖ୍ୟା ପ୍ରସଙ୍ଗରେ କହିବାକୁ ଯାଇ କରୀ ବା ହାତୀର ଉପମାଟି ଦେଇଛନ୍ତି । ଚଞ୍ଚଳ ପ୍ରମତ୍ତ ମନ ପାଗଳା ହାତୀ ଭଳି । ଏଇ ମନ ହିଁ ତ ଅସୁର । ସେଇ ମନ ଯେତେବେଳେ ଶାନ୍ତ ହୁଏ, ସେତେବେଳେ ମନରେ ଭଗବତୀ ପ୍ରତିଭାତ ହୁଅନ୍ତି ।

ଦୁର୍ଗାପୂଜା ଭଳି ଜଗଦ୍ଧାତ୍ରୀ ପୂଜା ବିଧିରେ ବିଭିନ୍ନ କଳ୍ପ ଅନୁସାରେ ପୂଜାର ଉଲ୍ଲେଖ ଅଛି । ଜଗଦ୍ଧାତ୍ରୀ ପୂଜାର ତିନୋଟି କଳ୍ପ । ପ୍ରଥମ କଳ୍ପରେ ଉଲ୍ଲେଖ ଅଛି :- ନିଗମ କଳ୍ପସାରେ ଓ ଜ୍ଞାନ ସାରସ୍ୱତେ :-

"ସପ୍ତମ୍ୟାଦି ନବମ୍ୟାନ୍ତଂ ପୂଜାକାଳ ମିତିରିତମ୍,
ତ୍ରିଦିନେ ତ୍ରିବିଧ ପୂଜା ଦଶମ୍ୟାଞ୍ଚ ବିସର୍ଜ୍ଜୟେତ ।"

.... (ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ତିନି ତିଥି ପୂଜାର ସମୟ । ଏଇ ତିନି ତିଥିରେ ତିନି ପୂଜା କରାଯାଏ, ଦଶମୀରେ ବିସର୍ଜନ କରାଯାଏ ।)

ଦ୍ୱିତୀୟ କଳ୍ପ ହେଲା କେବଳ ନବମୀରେ ତିନିବାର ପୂଜା । ଏଇ ବିଧାନରେ ଉଲ୍ଲେଖ ଅଛି ମାୟାତନ୍ତ୍ରରେ :-

"ପ୍ରପୂଜୟେଦ୍ ଜଗଦ୍ଧାତ୍ରୀଂ କାର୍ତ୍ତିକେ ଶୁକ୍ଲ ପଞ୍ଚକେ
ଦିନୋଦୟେଚ୍ ମଧ୍ୟାହ୍ନେ ସାୟାହ୍ନେ ନବମେହନି ।"

(କାର୍ତ୍ତିକ ମାସର ଶୁକ୍ଲ ପକ୍ଷର ନବମୀ ତିଥିରେ ତ୍ରିକାଳେ - ପୂର୍ବାହ୍ନରେ, ମଧ୍ୟାହ୍ନରେ, ସାୟାହ୍ନରେ ଜଗଦ୍ଧାତ୍ରୀ ପୂଜା କରାଯାଏ ।

ତୃତୀୟ କଳ୍ପ - ଉକ୍ତ କାର୍ତ୍ତିକୀ ଶୁକ୍ଲ ନବମୀରେ କେବଳ ପୂର୍ବାହ୍ନରେ ଗୋଟିଏ ସମୟରେ ପୂଜା କରାଯାଏ । 'ଶକ୍ତି ସଙ୍ଗମ ତନ୍ତ୍ର'ରେ ଉଲ୍ଲେଖ ଅଛି :-

"କାର୍ତ୍ତିକସ୍ୟ ସିତେ ପକ୍ଷେ ନବମ୍ୟାଂ ଜଗଦୀଶ୍ୱରୀମ୍
ତ୍ରିକାଳ ମେକ କାଳଂ ବା ବର୍ଷେ ବର୍ଷେ ପ୍ରପୂଜୟେତ୍ ॥"

(ପ୍ରତିବର୍ଷର କାର୍ତ୍ତିକ ମାସ ଶୁକ୍ଲ ପକ୍ଷର ନବମୀ ତିଥିରେ ତ୍ରିକାଳରେ (ପୂର୍ବାହ୍ନ, ମଧ୍ୟାହ୍ନ, ସାୟାହ୍ନ) ଅଥବା ଏକ କାଳରେ (ପୂର୍ବାହ୍ନରେ) ଜଗଦ୍ଧାତ୍ରୀ ପୂଜା କରିବାକୁ ହୁଏ ।

କୁମ୍ଭରାଶିରେ ଯେତେବେଳେ ଚନ୍ଦ୍ର ରହେ ସେହି କାର୍ତ୍ତିକ ମାସର ଶୁକ୍ଲପକ୍ଷ

ନବମୀ ତିଥିରେ ସୂର୍ଯ୍ୟ ଅର୍ଦ୍ଧୋଦିତ ହେଲେ ଉଷା କାଳରେ ଦେବୀ ଦୁର୍ଗାଙ୍କ ଧ୍ୟାନ - ଏଥିରେ କୁହାଯାଇଛି - ଦେବୀ ଚତୁର୍ଭିର୍ଭୁଜୈଃ ଚତୁର୍ଭୁଜାଃ - ଜଗଦ୍ଧାତ୍ରୀ ଦେବୀଙ୍କ ସହିତ ତୁଳନୀୟ ।

"ସିଂହସ୍ଥା ଶଶିଶେଖରା ମରକତ ପ୍ରଖ୍ୟା ଚତୁର୍ଭିର୍ଭୁଜୈଃ
ଶଙ୍ଖ ଚକ୍ର ଧନୁଶରାଂଶ୍ଚଦଧତୀଂ ନେତ୍ରୈସ୍ତିଭିଃ ଶୋଭିତାଃ ।
ଆମୁକ୍ତାଙ୍ଗ - ଦହାରକଙ୍କଣଂ କାଞ୍ଚିକ୍କନ୍ନୁପୁରା
ଦୁର୍ଗା ଦୁର୍ଗତିହାରିଣୀ ଭବତୁ ନୋରତ୍ନୋଲ୍ଲାସଂକୁଣ୍ଡଳା ।"

ଦେବୀ ଜଗଦ୍ଧାତ୍ରୀ ହେଉଛନ୍ତି ସିଂହବାହିନୀ ଦୁର୍ଗା - 'ସିଂହସ୍କନ୍ଦ ସମାରୂଢା' - ଯଦିଓ ସେ (ଜଗଦ୍ଧାତ୍ରୀ) ଦଶଭୂଜା ନୁହନ୍ତି, ତଥାପି କୁହାଯାଇଛି ଚତୁର୍ଭୁଜା (ଚତୁର୍ଭୁଜାଂ) ଏବଂ ନାଗଯଜ୍ଞୋପବିତଧାରିଣୀ । ଏଇ ଦେବୀ ଜଗଦ୍ଧାତ୍ରୀ ହିଁ ଯେ ଦୁର୍ଗା ସେଥିରେ କୌଣସି ସନ୍ଦେହ ନାହିଁ ।

ଦେବୀ ଦୁର୍ଗାଙ୍କ ପୂଜାରେ ପଞ୍ଚଦେବତା ଅନ୍ୟତମା କୌଶିକୀ - ଦୁର୍ଗାଙ୍କ ଧ୍ୟାନରେ ଦେବୀଙ୍କୁ 'ସିଂହସ୍କନ୍ଧାଧି ରଢ଼ାଂ' କୁହାଯାଇଛି । ଧ୍ୟାନରେ ଉଲ୍ଲେଖ ଅଛି :-

"କାଳାଭ୍ରାଭାଂ କଟାକ୍ଷେରାରି କୁଳଭୟଦାଂ ମୌଳିବଦ୍ଧେନ୍ଦୁରେଖାମ୍,
ଶଙ୍ଖଚକ୍ର କୃପାଣଂ ତ୍ରିଶିଖମାପି କରୈରୁଦ୍ଦହନ୍ତୀଂ ତ୍ରିନେତ୍ରାମ୍ ॥
ସିଂହସ୍କନ୍ଧାଧିରୁଢ଼ାଂ ତ୍ରିଭୁବନମଖିଳଂ ତେଜସା ପୁରୟନ୍ତୀମ୍
ଧ୍ୟାୟେଦୁର୍ଗାଂ ଜୟାଖ୍ୟାମ୍ ତ୍ରିଦଶପରିବୃତାଂ ସିଦ୍ଧିକାମୈଃ ॥"

ଦେବୀ ଦୁର୍ଗା ମାତା ହିଁ ଯେ ଜଗଦ୍ଧାତ୍ରୀ ଜଗନ୍ମାତା ଦୁର୍ଗା - ସେ ବିଷୟରେ କୌଣସି ସନ୍ଦେହ ନାହିଁ ।

ଶ୍ରୀ ଶ୍ରୀ ଚଣ୍ଡୀରେ ଦେବୀ ମହାମାୟାଙ୍କର ନଅଟି ନାମର ଉଲ୍ଲେଖ ଅଛି । ଏଇ ନାମ ସବୁ ଚତୁର୍ମୁଖ ବ୍ରହ୍ମା ଦେବୀଙ୍କ ଉଦ୍ଦେଶ୍ୟରେ ରଖିଥିଲେ - ବିଭିନ୍ନ ରୂପ ମଧ୍ୟରେ ଦେବୀ ଦୁର୍ଗାଙ୍କୁ ପ୍ରତ୍ୟକ୍ଷ କରାଯାଏ ।

"ପ୍ରଥମଂ ଶୈଳପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ।
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା
ସପ୍ତମଂ କାଳରାତ୍ରିତି ମହାଗୌରୀତି ଚାଷ୍ଟମମ୍ ॥
ନବମଂ ସିଦ୍ଧଦାତ୍ରି ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ
ଉକ୍ତାନୋତନିନାମାନି ବ୍ରହ୍ମନୈବ ମହାତ୍ମନା ॥" (ସପ୍ତଶତୀ ଚଣ୍ଡି)

ପାର୍ବତୀଙ୍କ ଶୈଶବାବସ୍ଥା ଶୈଳପୁତ୍ରୀ ପରେ ବ୍ରହ୍ମଚାରିଣୀ ଓ ତା'ପରେ ଚନ୍ଦ୍ରଘଣ୍ଟା ନାମ ବହନ କରି କୈଶୋରାବସ୍ଥାରେ ମହାଦେବଙ୍କୁ ଲାଭ କରିଥିଲେ । ମହାଦେବଙ୍କୁ

ଲାଭ କରିବା ପୂର୍ବରୁ ଦେବୀ ଉପାସ୍ୟରତା ଥିଲେ । ତାଙ୍କର ସେତେବେଳେ ଧୀର ପ୍ରଶାନ୍ତ ବିଗ୍ରହକୁ ଅନୁଭବ କରି ଆର୍ଯ୍ୟ ଋଷିଗଣ ତାଙ୍କୁ କୁଷ୍ମାଣ୍ଡା ନାମରେ ଅଭିହିତ କଲେ । କାର୍ତ୍ତିକେୟଙ୍କ ଜନ୍ମପରେ ତାଙ୍କୁ ସ୍କନ୍ଦମାତା ବିଭୂଷଣରେ ବିଭୂଷିତ କରାଯାଇଥିଲା । ତା'ପରେ କାତ୍ୟାୟିନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପେ ପରିଚୟ ପ୍ରଦାନ କରି ନବଦୁର୍ଗାରୂପେ ମାନବ ସମାଜର ଅଶେଷ କଲ୍ୟାଣକାରିଣୀ ଭାବେ ଉପାସନା କରିବାକୁ ଲାଗିଲେ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ବିଭିନ୍ନ ରୂପ ମଧ୍ୟରେ ଦେବୀ ଦୁର୍ଗା ମାତା ହିଁ ଜଗନ୍ମାତା ଜଗଦ୍ଧାତ୍ରୀ ସହିତ ତୁଳନୀୟ ମନେହୁଏ ।

ଜଗଦ୍ଧାତ୍ରୀ ମାତା ହିଁ ଯେ ଦୁର୍ଗାମାତା ତା'ର ଉଲ୍ଲେଖ ରହିଛି । ଜଗଦ୍ଧାତ୍ରୀ ସ୍ତୋତ୍ର'ରେ :-

ମହାବିଘ୍ନ ମହୋତସାହେ ମହାମାୟେ ବରପ୍ରଦେ
ପ୍ରପଞ୍ଚ ସାରେ ସାଧ୍ୱୀଶେ ଜଗଦ୍ଧାତ୍ରୀ ନମୋସ୍ତୁତେ । ॥ ୭ ॥

× × ×

ଦ୍ୱି ସପ୍ତକୋଟି ମନ୍ତ୍ରାଣାଂ ଶକ୍ତିରୂପେ ସନାତନି
ସର୍ବଶକ୍ତି ସ୍ୱରୂପେ ଚ୍ ଜଗଦ୍ଧାତ୍ରୀ ନମୋସ୍ତୁତେ । ॥ ୯ ॥

× × ×

ଦୟାରୂପେ ଦୟାଦୃଷ୍ଟେ ଦୟାର୍ଦ୍ରେ ଦୁଃଖ ମୋଚନି
ସର୍ବାପତ୍ତରିକେ ଦୁର୍ଗେ ଜଗଦ୍ଧାତ୍ରୀ ନମୋସ୍ତୁତେ । ॥ ୧୧ ॥

ଜଗନ୍ମାତା, ବିଶ୍ୱମାତୃକା ଦୁର୍ଗାମାତା ହିଁ ଯେ ଦେବୀ ଜଗଦ୍ଧାତ୍ରୀ ସେ ବିଷୟରେ କୌଣସି ସନ୍ଦେହ ନାହିଁ । ସେ ପୁଣି ଏକଧାରରେ ଦେବୀ ଅନ୍ନଦା, ଅନ୍ନପୂର୍ଣ୍ଣା, ଶାକମ୍ଭରୀ, ଚଣ୍ଡୀ, ଚାମୁଣ୍ଡା ଇତ୍ୟାଦି ପୁଣି ଦଶମହାବିଦ୍ୟାର ସମସ୍ତ ରୂପରେ ବି ସେ ବିରାଜମାନା ।

'ବିଶୁଦ୍ଧ ନିତ୍ୟକର୍ମ ପଦ୍ଧତି' - ଶ୍ରୀ ରାମଦେବ ସ୍ମୃତିତୀର୍ଥ ଲିଖିତ ଗ୍ରନ୍ଥରେ ଉଲ୍ଲେଖ ଅଛି - ପୂଜାର ମନ୍ତ୍ର - ଦୁର୍ଗାମାତାଙ୍କ କ୍ଷେତ୍ରରେ କୁହାଯାଇଛି - 'ଦୁର୍ଗାୟୈଃ ନମଃ ।' ପୁଣି ଜଗଦ୍ଧାତ୍ରୀ ମାତାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି - ଜଗଦ୍ଧାତ୍ରୀ ଦୁର୍ଗାୟୈଃ ନମଃ ।

ପୁଣି ଶ୍ରୀଶ୍ରୀ ଦୁର୍ଗାମାତାଙ୍କ ପ୍ରଣାମ ମନ୍ତ୍ର ଏବଂ ଶ୍ରୀ ଶ୍ରୀ ଜଗଦ୍ଧାତ୍ରୀ ମାତାଙ୍କ ପ୍ରଣାମ ମନ୍ତ୍ର - ଏକ ଓ ଅଭିନ୍ନ ।

ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧ୍ୱକେ
ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ॥
ସୃଷ୍ଟି ସ୍ଥିତି ବିନାଶନାଂ ଶକ୍ତିଭୂତେ ସନାତନି
ଗୁଣାଶ୍ରୟେ ଗୁଣମୟେ ନାରାୟଣୀ ନମୋସ୍ତୁତେ ॥
ଓଁ କାଳୀ କାଳୀ ମହାକାଳୀ କାଳୀକେ ପରମେଶ୍ୱରୀ

ସର୍ବାନନ୍ଦ କରେ ଦେବୀ ନାରାୟଣୀ ନମୋସ୍ତୁତେ ॥

ଏଇ ଜଗଦ୍ଧାତ୍ରୀ ମାତା ହିଁ ବିଶ୍ୱମାତୃକା ଆଦ୍ୟାଶକ୍ତି ଦୁର୍ଗା । ଆମେ ଶରତ କାଳରେ ଯେଉଁ ଦୁର୍ଗାପୂଜା କରିଥାଉଁ, ତାହା କାତ୍ୟାୟନୀ କଳ୍ପ ସ୍ୱରୂପରେ ଅଭିନ୍ନ ତନ୍ତ୍ରମତରେ ଦେବୀଙ୍କ ପୂଜା ।

ସୌରମାସ ଓ ରାଶି ଉଲ୍ଲେଖ କରି ପୂଜା ହୁଏ । ଏଇ ନବମୀକୁ 'ଦୁର୍ଗା ନବମୀ' କୁହାଯାଏ । ଜଗଦ୍ଧାତ୍ରୀଙ୍କର ବିଶେଷ ପୂଜାବିଧାନ ୧୫ - ୧୬ଶ ଶତାବ୍ଦୀର ବୃହସ୍ପତି ରାୟମୁକୁଟଙ୍କ 'ସ୍ମୃତି ରତ୍ନହାର' ଓ ଶ୍ରୀନାଥ ଆଚାର୍ଯ୍ୟ ଚୁଡ଼ାମଣିଙ୍କ 'କୃତ୍ୟତତ୍ତ୍ୱାର୍ଣ୍ଣବ'ଗ୍ରନ୍ଥରେ ଉଲ୍ଲେଖ ଅଛି ।

ଜଗଦ୍ଧାତ୍ରୀ ପୂଜା ପଦ୍ଧତି ଓ ଦୁର୍ଗାପୂଜା ପଦ୍ଧତି ସଂପୂର୍ଣ୍ଣ ପୃଥକ । ଜଗଦ୍ଧାତ୍ରୀଙ୍କର ତିନି କଳ୍ପରେ ପୂଜା । ପ୍ରଥମ କଳ୍ପ, ସପ୍ତମୀ- ଅଷ୍ଟମୀ ଓ ନବମୀ । ଦ୍ୱିତୀୟ କଳ୍ପ ନବମୀ ଦିନରେ ତିନିବାର ପୂଜା । ପ୍ରଥମ ପୂଜା ପ୍ରାତଃକାଳ - ସୂର୍ଯ୍ୟୋଦୟ ପରେ । ଦ୍ୱିତୀୟ ପୂଜା - ମଧ୍ୟାହ୍ନ କାଳରେ । ତୃତୀୟ ପୂଜା - ସୂର୍ଯ୍ୟାସ୍ତର ୧୩ ମିଃ ପୂର୍ବେ । ତୃତୀୟ କଳ୍ପରେ ଗୋଟିଏ ଥର ପୂଜା । ପ୍ରାତଃକଳ୍ପରେ - ଏଇ କଳ୍ପରେ ଦୁର୍ଗାପୂଜା ପରି ଜଗଦ୍ଧାତ୍ରୀ ତିନିଦିନ ବ୍ୟାପୀ ପୂଜାର ବିଧାନ ରହିଲେ ବି ସାଧାରଣ ଭାବରେ ପୂଜାସବୁ ଗୋଟିଏ ଦିନରେ ସଂପନ୍ନ ହୁଏ ।

ପୁଣି ବିସ୍ତୃତ ଭାବରେ ବର୍ଣ୍ଣନା ଅଛି ଯେ - ସନ୍ଧ୍ୟା ସମୟରେ ଜଗଦ୍ଧାତ୍ରୀ ପୂଜା । ଚାରିବର୍ଣ୍ଣର ମଣିଷ ସନ୍ଧ୍ୟା, ଗାୟତ୍ରୀ କରିବାର ଅଧିକାରୀ । ପ୍ରାତଃ ସନ୍ଧ୍ୟା ସୂର୍ଯ୍ୟୋଦୟର ୨୪ ମିଃ ପୂର୍ବେ ଆରମ୍ଭ । ମଧ୍ୟାହ୍ନ ସନ୍ଧ୍ୟା ୧୨ଟା ମଧ୍ୟରେ । ସାୟାହ୍ନର ସନ୍ଧ୍ୟା ସୂର୍ଯ୍ୟାସ୍ତର ୨୪ ମିନିଟ୍ ପୂର୍ବେ ପୂଜା । ତ୍ରିକାଳେ ତ୍ରିବିଧ - (କ) ପ୍ରାତଃକାଳେ ସାତ୍ତ୍ୱିକ ପୂଜା, (ଖ) ମଧ୍ୟାହ୍ନେ ବାସନ୍ତୀ ପୂଜା (ଗ) ସାୟାହ୍ନେ ତମସୀ ପୂଜା । ତନ୍ତ୍ରରେ ଜଗଦ୍ଧାତ୍ରୀ କଳ୍ପରେ ଜଗଦ୍ଧାତ୍ରୀ ପୂଜାର ବିଧାନ ଅଛି । ଦେବୀଙ୍କ ସ୍ତବ ଶେଷରେ ଇତି ଜଗଦ୍ଧାତ୍ରୀ କଳ୍ପେ ଶ୍ରୀ ଜଗଦ୍ଧାତ୍ରୀ ସ୍ତୋତ୍ର, ସମାପ୍ତମ୍ । ଦେବୀଙ୍କ ନିକଟରେ ଭକ୍ତ କର୍ତ୍ତୃକ ଛେଳି, ମହିଷ - ମେଷ ଓ ବିବିଧ ପଶୁପକ୍ଷୀ ବଳି ପ୍ରଦାନ କରିଥାନ୍ତି ।

<u>ଜଗଦ୍ଧାତ୍ରୀଙ୍କ ପ୍ରଣାମ ମନ୍ତ୍ର</u> :-

"ଜୟଦେ ଜଗଦାନନ୍ଦେ ଜଗଦେବ ପ୍ରପୂଜିତେ
ଜୟ ସର୍ବଗତେ ଦେବୀ ଜଗଦ୍ଧାତ୍ରୀ ନମୋସ୍ତୁତେ ।"

ବାସ୍ତବରେ ଦେବୀ ଦୁର୍ଗାମାତାଙ୍କ ବିଭିନ୍ନ ରୂପ ହେଲେ ଆଦ୍ୟାଶକ୍ତି ମହାମାୟା । ବିଶ୍ୱମାତୃକା ଜଗଜ୍ଜନନୀ ଦେବୀ ଦୁର୍ଗା - ଜଗଦ୍ଧାତ୍ରୀ, କାଳୀ, ତାରା, ମହାବିଦ୍ୟା, ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ସରସ୍ୱତୀ, ବଗଳା, ଧୂମାବତୀ, ଅନ୍ନପୂର୍ଣ୍ଣା, ଶାକମ୍ଭରୀ ଇତ୍ୟାଦି ଦେବୀ ରୂପେ ପ୍ରତିଭାତ । ଏମାନେ ଆଦ୍ୟାଶକ୍ତି । ବେଦରେ ଉଲ୍ଲେଖ ଅଛି - ରାତ୍ରି ଦେବୀ ରୂପେ, ସୂର୍ଯ୍ୟ ଦେବତା ରୂପେ, ପୃଥିବୀ ଦେବୀ ରୂପେ, ଚଣ୍ଡୀ ଦେବୀ ରୂପେ

ଇତ୍ୟାଦି ।

ଲୌକିକ, ପୌରାଣିକ, ବ୍ରାହ୍ମଣ୍ୟ ..... - ବ୍ରାହ୍ମଣ୍ୟ, ଅନାର୍ଯ୍ୟ - ଆର୍ଯ୍ୟ - ସମସ୍ତ ଦେବ ଦେବୀଙ୍କ ମିଳିତ ରୂପହିଁ ହେଉଛନ୍ତି ଆଦ୍ୟାଶକ୍ତି ଦେବୀ ଦୁର୍ଗା - ଜଗଦ୍ଧାତ୍ରୀ, ଅନ୍ନଦା - ଅନ୍ନପୂର୍ଣ୍ଣା, କମଳା - ସରସ୍ୱତୀ ଇତ୍ୟାଦି ନାନା ଭାବେ ପ୍ରତିଭାତ । ଏଇ ଦେବୀଙ୍କ ମହାକାଳ ଭୈରବ ହେଉଛନ୍ତି ଦେବାଦି ଦେବ ମହାକାଳ ଭୈରବ-ଶିବ-ଦେବାଦିଦେବ ମହାଦେବ । ତାଙ୍କର ଆଦ୍ୟାଶକ୍ତି ହେଉଛନ୍ତି - ସତୀ - ପାର୍ବତୀ ଦେବୀ ଦୁର୍ଗା - କାଳୀ - ତାରା ଇତ୍ୟାଦି । ପୃଥିବୀର ସମସ୍ତ ରକ୍ଷାକାରୀ ରୁଦ୍ର ଭୈରବ ମହାକାଳ ଶିବ । ଇଏ ମଧ୍ୟ ବିନାଶକାରୀ ବା ଧ୍ୱଂସକାରୀ ଅଟନ୍ତି । ବିଶ୍ୱମାତୃକା ଦେବୀ ଦୁର୍ଗାମାତା ସମଗ୍ର ବିଶ୍ୱକୁ ଲାଳନ-ପାଳନ କରନ୍ତି । ସମସ୍ତ ମଣିଷଙ୍କୁ ବିପଦରୁ ରକ୍ଷା କରନ୍ତି । ତେଣୁ ଦୁର୍ଗା - ଦୁର୍ଗତିନାଶିନୀ ବିପଦତାରିଣୀ, ଜଗଦ୍ଧାତ୍ରୀ ରୂପେ ପରିଚିତା । ଭାରତ ବର୍ଷରେ ତଥା ବିଶ୍ୱରେ ମିଶ୍ର ସଂସ୍କୃତି ସର୍ବଧର୍ମ ସମନ୍ୱୟ ସାଧନ ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରସଂଗତଃ ଉଲ୍ଲେଖ କରାଯାଇ ପାରେ ଯେ ନଦିଆର କୃଷ୍ଣନଗରରେ ପ୍ରଥମ ରାଜା କୃଷ୍ଣଚନ୍ଦ୍ର ଜଗଦ୍ଧାତ୍ରୀ ପୂଜା ପ୍ରଚଳନ କରିଥିଲେ । ପଶ୍ଚିମବଙ୍ଗର ଚନ୍ଦନ ନଗରରେ ଜଗଦ୍ଧାତ୍ରୀ ପୂଜା ପ୍ରଚଳନ କରିଥିଲେ ଇନ୍ଦ୍ର ନାରାୟଣ ଚୌଧୁରୀ । ୧୭୦୦ ସାଲରେ ତାଙ୍କ ନିଜ ବାସଭବନରେ ଏବଂ ସମ୍ଭବତ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଚନ୍ଦନ ନଗର ଠାରେ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ଆରମ୍ଭ କରାଯାଇଥିଲା । ସେହି ସମୟରୁ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ଦେଶର ବିଭିନ୍ନ ସ୍ଥାନରେ ପ୍ରଚଳିତ ହେବାର ନଜିର ଅଛି । ଅବଶ୍ୟ ସମସ୍ତ ବିଷୟ ଆନୁମାନିକ । ପରିଶେଷରେ କୁହାଯାଇପାରେ ଯେ, ଦୁର୍ଗାମାତା ହିଁ ଜଗଦ୍ଧାତ୍ରୀ ମାତା ଏକ ଓ ଅଭିନ୍ନ ମନେହୁଏ ।

"ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣମାଦାୟ ପୂର୍ଣେମେବାବଶି ଯ୍ୟତେ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥"

ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ
ଚାନ୍ଦବାଲି, ଭଦ୍ରକ, ପିନ୍-୭୫୬୧୩୩
ମୋ. ୯୬୩୮୪୫୮୩୦୫

ସହାୟକ ଗ୍ରନ୍ଥସୂଚୀ :-

୧. ଚୌଧୁରୀ, ମାନବେନ୍ଦ୍ର ନାଥ । ଭାରତୀୟ ସଂସ୍କୃତିରେ ଦେବୀ ଦୁର୍ଗା : ବିଚିତ୍ର ରୂପେ । କୋଲକାତା, ଜୟଶ୍ରୀ, ୨୦୧୫ । ପୃ.୫୪-୬୦

❐

ଭାରତୀୟ ସାଂସ୍କୃତିକ ପରମ୍ପରାରେ ଶାରଦୀୟ ଦୁର୍ଗାପୂଜା



ଡକ୍ଟର ରାମଚନ୍ଦ୍ର ଦାଶ

“ଦେବୀ ଦୁର୍ଗାମାତାଙ୍କ ବିଭିନ୍ନ ରୂପ ହେଲେ ଆଦ୍ୟାଶକ୍ତି ମହାମାୟା । ବିଶ୍ୱମାତୃକା ଜଗଜ୍ଜନନୀ ଦେବୀ ଦୁର୍ଗା - ଜଗଦ୍ଧାତ୍ରୀ, କାଳୀ, ତାରା, ମହାବିଦ୍ୟା, ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ସରସ୍ୱତୀ, ବଗଳା, ଧୂମାବତୀ, ଅନ୍ନପୂର୍ଣ୍ଣା, ଶାକମ୍ଭରୀ ଇତ୍ୟାଦି ଦେବୀ ରୂପେ ପ୍ରତିଭାତ । ଏମାନେ ଆଦ୍ୟାଶକ୍ତି ।”

ସମଗ୍ର ଆର୍ଯ୍ୟାବର୍ତ୍ତମଣ୍ଡଳରେ ଧର୍ମର ଉନ୍ମେଷ, ସଂସ୍କୃତିର ଦ୍ରୁତ ପ୍ରଚାର ଓ ପ୍ରସାର ତଥା ଆଧ୍ୟାତ୍ମିକ ଶକ୍ତି ପରିପୁଷ୍ଟ ବାୟୁମଣ୍ଡଳରେ ଏ ରହସ୍ୟ ଯେ କିପରି ଲୁକ୍କାୟିତ ଅବସ୍ଥାରୁ ପ୍ରକାଶ୍ୟମାନ ହୋଇଥାଏ; ତାହା ଏ ସଚରାଚର ବିଶ୍ୱ ହୃଦୟଙ୍ଗମ କରିପାରିନାହିଁ । “ମାତୃଶକ୍ତି ଗରିୟସୀ” । ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାର ଶୁଭ ଅରୁଣୋଦୟ ପୂର୍ବରୁ ମାତୃଶକ୍ତିର ବନ୍ଦନା ଓ ଶକ୍ତିର ପରାକାଷ୍ଠା ପ୍ରତ୍ୟେକସ୍ତରରେ ଅଗଣିତ ବାର ପ୍ରମାଣିତ ହୋଇ ସାରିଅଛି ।

ଓଡ଼ିଶା ଏକ ପ୍ରମୁଖ ଶକ୍ତିପୀଠ ବୋଲି ଅନେକ ପୁରାଣାଦିରେ ଉଲ୍ଲେଖ ରହିଛି । ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଏକ ମହା ସାଙ୍କେତିକ ରୂପ । ଶାସ୍ତ୍ରୀୟ ମାନ୍ୟତା

କ୍ରମରେ ପ୍ରଥମ ଓଡ଼ିଆ ତନ୍ତ୍ରପୀଠ ଭାବରେ ।

ଓଡ୍ରାଖ୍ୟଂ ପ୍ରଥମଂ ପୀଂ ଦ୍ୱିତୀୟଂ କାଳଶୈଳକମ୍
ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପଂ୍ ଚତୁର୍ଥକମ୍ ।

ସମଗ୍ର ବିଶ୍ୱ ଭୂଖଣ୍ଡରେ ଭାରତ ଏକ ମାତ୍ର ଦେଶ ଓ ଓଡ଼ିଶା ଏକ ମାତ୍ର ରାଜ୍ୟ, ଯେଉଁ ସ୍ଥାନରେ ଅଗଣିତ ଶକ୍ତି ପୀଠ ସମୟାନୁକ୍ରମରେ ଗଢ଼ି ଉଠିଛି । ସେମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର 'ମା' ବିରଜା', ପୁରୁଷୋତ୍ତମ କ୍ଷେତ୍ରପୁରୀର ମା' ବିମଳା, ବାଙ୍କୀର ମା' ଚର୍ଚ୍ଚିକା, ଭୁବନେଶ୍ୱରର ଗୌରୀପୀଠ, ସମ୍ବଲପୁରର ମା' ସମଲେଶ୍ୱରୀ, କାକଟପୁରର ମା' ମଙ୍ଗଳା, କଟକର ମା' କଟକ ଚଣ୍ଡୀ, ତାଳଚେରର ମା' ହିଙ୍ଗୁଳା, ଭଦ୍ରକର ମା' ଭଦ୍ରକାଳୀ, କପିଳାସର ଗୌରୀ ମଠ, ଏହି ପ୍ରମୁଖ ପୀଠସ୍ଥଳୀମାନଙ୍କରେ ଦେବୀମାନେ ଭକ୍ତି ନୈବେଦ୍ୟ ଗ୍ରହଣ କରିଥାନ୍ତି । ଦ୍ୱିଭୁଜା, ଚର୍ତୁଭୁଜା, ଅଷ୍ଟଭୁଜା, ବାର ଭୁଜା ରୂପରେ ମାତୃଶକ୍ତି ପୂଜିତ ହେବାର ଦୃଷ୍ଟାନ୍ତ ଅଛି । ଏହି ପୂଜାକୁ ଶାସ୍ତ୍ର ସିଦ୍ଧ କରିବା ନିମନ୍ତେ 'ଶାରଦା ତିଳକ' 'ଦୁର୍ଗୋତ୍ସବ ଚନ୍ଦ୍ରିକା' ଶାରଦାର୍ଚ୍ଚନ ପଦ୍ଧତି, 'ଦୁର୍ଗାଯଜନ ଦୀପିକା ପୁସ୍ତକମାନଙ୍କର ସିଦ୍ଧାନ୍ତକୁ ଆମ ଚଳଣି ଓ ସାଂସ୍କୃତିକ ଆଚାର ପଦ୍ଧତିରେ ଗ୍ରହଣ କରାଯାଇଥାଏ । ଦେବୀଙ୍କର 'ଦଶ ମହାବିଦ୍ୟା' ରୂପ କ୍ରମରେ କାଳୀ, ତାରା, ତ୍ରିପୁରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ମାତଙ୍ଗୀ ଓ ବଗଳାମୁଖୀଙ୍କର ମହତ୍ତ୍ୱ କାଳକ୍ରମେ ବୃଦ୍ଧି ପାଇଥିଲା । ତେଣୁ ପୀଠ ଅନୁସାରେ ଶାସ୍ତ୍ରାନୁସିଦ୍ଧାନ୍ତ, ପୂଜା ପଦ୍ଧତିରେ ଭିନ୍ନତା ପରିଦୃଷ୍ଟ ମଧ୍ୟ ହେଲା । ଭିନ୍ନ ପୀଠମାନଙ୍କରେ 'ସପ୍ତମାତୃକା' (ସମ୍ପ୍ରତି ଓଡ଼ିଶାର ଦୁଇଟି ସ୍ଥାନରେ ଏହା ସୁରକ୍ଷିତ । ପ୍ରଥମରେ ଯାଜପୁର ଜିଲ୍ଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତାରେ ତାହା ପୂଜା ପାଉଥିବା ବେଳେ ଜଗନ୍ନାଥଧାମର ପୁରୀରେ "ମାର୍କଣ୍ଡେଶ୍ୱର ପୋଖରୀ ପ୍ରାଚୀର ଗାତ୍ରରେ" "ସପ୍ତମାତୃକା" ମୂର୍ତ୍ତି ଅପୂର୍ବ ସୁନ୍ଦର ଭାବେ କଳା ମୁଗୁନି ଦେହରେ ନିର୍ମିତ ହୋଇପାରିଛନ୍ତି । ମାତୃଶକ୍ତି ହିଁ ପରମ ଆହ୍ଲାଦ ଦାୟିନୀ ଓ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ, ପରିପୂର୍ଣ୍ଣତମା, ଅଯୋନି ସମ୍ଭୁତା, ସଦ୍‌ଗତି ଆନନ୍ଦର ସମ୍ମିଳିତ ସମାହାର ଶାକ୍ତାନନ୍ଦମୟୀ, ହାସ୍ୟୋୟସ୍ୱୟୀ, ଜ୍ଞାନ, ବଳ, ବୀର୍ଯ୍ୟ, ଶୌଯ୍ୟ, ବୃଦ୍ଧି, ବିଦ୍ୟା ପ୍ରଦାୟିନୀ । ଶକ୍ତିଙ୍କ ସହିତ ସ୍ୱୟଂ ସଦାଶିବ ସଦା ସଂଯୁକ୍ତ ସେଥିପାଇଁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଗାଇ ଉଠିଛନ୍ତି ।

ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁ
ନଚେ ଖଲୋ ଦେବଃ ନ ଖଲୁ କୁଶଳ ସ୍ପନ୍ଦିତୁମପି ।

ଶକ୍ତିଙ୍କ ବିନା ଶିବ ଯେପରି ଶବ । ଏ ସୃଷ୍ଟିର ମୂଳାଧାର ପ୍ରକ୍ରିୟାରେ ଶକ୍ତି ଆଦିମାତା ଭବାନୀ ଚିର ବିରାଜିତା । ଭାରତ ପରି ଓଡ଼ିଶା ବା ଉତ୍ତ ଶକ୍ତି ପୀଠମାନଙ୍କ ପରି ଅନେକ ଉପଶକ୍ତି ପୀଠ ଗଢ଼ି ଉଠିଛି । ପୀଠରେ ଦେବୀ ଦୁର୍ଗା, କାଶୀରେ ବିଶାଳାକ୍ଷୀ,

ପ୍ରୟାଗରେ ଲଳିତା, ହସ୍ତାନାରେ ଜୟନ୍ତୀ, ହିମାଚଳରେ ନନ୍ଦୀ, ଏକାମ୍ରରେ କୀର୍ତ୍ତିମତି, ଗୋକର୍ଣ୍ଣରେ ଭଦ୍ରକାଳିକା, ବୈତରଣୀ ତୀର୍ଥରେ ବିରଜା, ଗଙ୍ଗାରେ ମଙ୍ଗଳା, ଯମୁନାରେ ମୃଗାବତୀ, ପୁରୁଷୋତ୍ତମ କ୍ଷେତ୍ରରେ ବିମଳା, କପିଳାସରେ ମା ସରସ୍ୱତୀଙ୍କ ତୀର୍ଥରେ ବେଦାତା,ବଦ୍ରିକା ଧାମରେ ଉର୍ବଶୀ ପ୍ରଭୃତି ଅନେକ ନାମରେ ଖ୍ୟାତି ଲାଭ କରେ । ତ୍ରିଗୁଣାତ୍ମିକା ପ୍ରକୃତିକୁ ଆଧାର କରି ଯଥାକ୍ରମେ "ତନ୍ତ୍ରଯାମଳ ତାମରା" ନାମକ ତାନ୍ତ୍ରିକ ସିଦ୍ଧାନ୍ତ କ୍ରମରେ ଭିନ୍ନ ପୀଠରେ ପୂଜା ଅନୁଷ୍ଠିତ ହୁଏ ।

ସମ୍ପ୍ରତି ଭାରତ ବର୍ଷର ପ୍ରାୟ ଅନେକ ସହରରେ ଦୁର୍ଗାପୂଜା ଅନେକ ଦିନ ଧରି ପାଳିତ ହୋଇ ଆସୁଛି । ଅନେକ ସ୍ଥାନରେ 'ନବରାତ୍ର ପୂଜା' ମଧ୍ୟ ଅନୁଷ୍ଠିତ ହୁଏ । ଦକ୍ଷିଣ ଭାରତରେ ସେ 'ଅମ୍ବା ରୂପରେ ପୂଜିତା' । 'ଜମ୍ମୁ'ରେ ଭବାନୀ, ବେଲୁଚିସ୍ଥାନରେ 'ହିଂସଜ', ନେପାଳ, ଭୁଟାନ୍ ଓ ସିକିମ୍ ଏପରିକି ପୂର୍ବରୁ ତିବତ୍‌ରେ ମଧ୍ୟ ଦେବୀ ପୂଜା ଓ ଅର୍ଚ୍ଚନା କରାଯାଏ । ସୁଦୂର ପ୍ରାଚ୍ୟରେ ଅଥବା ଜାପାନରେ ମଧ୍ୟ ସେ ଚଣ୍ଡୀ ଭାବରେ ପୂଜିତା । ସେହି ନେଷ୍ଟି ଶବ୍ଦର ଚଣ୍ଡି ଶବ୍ଦ ସହିତ ମେଳ ରହିଅଛି । ଭାରତବର୍ଷ ବାହାରେ ଅନେକ ବୈଦେଶିକ ରାଷ୍ଟ୍ରରେ ଦୁର୍ଗାପୂଜା ପାଳିତ ହେବା ଆବହମାନ କାଳରୁ ଜଣାଯାଏ । ପ୍ରଥମତଃ ବୈଦିକ ଗବେଷକ ଓ ପଣ୍ଡିତଙ୍କ ମତରେ ପ୍ରଥମେ ସୂର୍ଯ୍ୟ ପରେ ଅଗ୍ନି ଓ ପରେ ଯଜ୍ଞାଗ୍ନିରୁ ବିଶିଷ୍ଟ ଦେବ ଦେବୀଙ୍କର ଆବିର୍ଭାବ ସମ୍ଭବ ହୋଇଥିଲା । ଋକ୍ ବେଦରେ ଥିବା "ଜ୍ୟୋତିଷ୍ମଣ ଅଦିତି" ଧାରୟେତ୍ କ୍ଷିତିଂ ସର୍ବତୀମାଂ ମନ୍ତ୍ରରେ ଋଷିଗଣ ଯଜ୍ଞ ବେଦୀ ଚତୁର୍ଦ୍ଦିଗ ଧ୍ୟାନମଗ୍ନ ହେଉଥିଲେ ।" ତୈତ୍ତରୀୟ ଆରଣ୍ୟକ"ରେ ଶିବ, ଦୁର୍ଗା, କାର୍ତ୍ତିକେୟ ଓ ଗଣେଶଙ୍କର ଉଲ୍ଲେଖ ରହିଅଛି । କଥିତ ଅଛି ଯେ, ଦୁର୍ଗାପୂଜା ଅଶ୍ୱମେଧ । ସ୍ୱାମୀ, ଶିବ, ଦୁର୍ଗା, କାର୍ତ୍ତିକେୟ ଓ ଗଣେଶଙ୍କର ଉଲ୍ଲେଖ ରହିଅଛି । ସ୍ୱାମୀ ଶଙ୍କରାନନ୍ଦ ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ ବେଦରେ ଯେଉଁ ଯଜ୍ଞର ଉଲ୍ଲେଖ ଅଛି, ତାହା ତୈତ୍ର ମାସର ଚିତ୍ରା ନକ୍ଷତ୍ରରେ ହୋଇଥିଲା । ପ୍ରାକ୍ ଐତିହାସିକ କାଳରୁ ହିଁ ଈଶ୍ୱରୋପାସନାର ସୃଷ୍ଟି ହୋଇଛି । ପ୍ରକୃତିର ଉପାସନା କରୁକରୁ ମାନବ ମୃଣ୍ମୟ ପୂଜାରମ୍ଭ କରିବା ପାଇଁ ଶିକ୍ଷା କରିଅଛି ।

ମହାଭାରତରେ ଦୁର୍ଗାଙ୍କ ନାମ ସ୍ତବ ଓ ସ୍ତୋତ୍ର ସଂସ୍ପର୍ଶରେ ଆସିଥାଉ । ବ୍ୟାସ ରଚିତ ପୁରାଣ ଶ୍ରେଷ୍ଠ ମହାଭାରତର ଦୁର୍ଗା କୃଷ୍ଣବର୍ଣ୍ଣ ଚତୁର୍ଭୁଜା ଓ ଚତୁରାନନା, କିନ୍ତୁ ଶାରଦୀୟ ପୂଜା କାଳରେ ଯେଉଁ ମୃଣ୍ମୟୀ ଦେବୀ ବିଗ୍ରହ ପୂଜିତ ହୁଅନ୍ତି ସେ ବି ରାମାୟଣରୁ ଆନୀତ । ଭାରତର ବିଭିନ୍ନ କୋଣ ଅନୁକୋଣରେ ଦୁର୍ଗାପୂଜା ଭିନ୍ନ ଭିନ୍ନ ଦିବସକୁ ନେଇ ପାଳିତ ହୁଏ । ପୂର୍ବ ଓ ଦକ୍ଷିଣ ଭାରତରେ ଚାରିଦିନ ଧରି ମା' ଦୁର୍ଗାଙ୍କ ପୂଜା ପାଳିତ ହେଉଥିବା ସ୍ଥଳେ ଉତ୍ତର ଓ ପଶ୍ଚିମ ଭାରତରେ ନବଦିନ ଧରି ପାଳିତ ହୋଇଥାଏ ।

ନବଦୁର୍ଗାଙ୍କ ଶେଷ ରୂପ ହେଉଛି "ସିଦ୍ଧିଦାତ୍ରୀ" ଯେଉଁ ରୂପ ହିଁ ସାଧକ ପରମ

ଓ ଚରମ ସିଦ୍ଧି ଓ ସାଧନାର ସମୟ । ପୀଠ ଭେଦରେ ଦେବୀ ଦୁର୍ଗା କାଶୀରେ ବିଶାଳାକ୍ଷୀ, ପ୍ରୟାଗର ଲଳିତା, ହସ୍ତିନାରେ ଜୟନ୍ତୀ, ହିମାଚଳରେ ନନ୍ଦା, ଏକାମ୍ରରେ କୀର୍ତ୍ତିମତୀ, ଗୋକର୍ଣ୍ଣନରେ ଭଦ୍ରକାଳୀକା, ବୈତରଣୀ ତୀର୍ଥରେ ବିରଜା, ଗଙ୍ଗାରେ ମଙ୍ଗଳା, ଯମୁନାରେ ମୃଗାବତୀ, ପୁରୁଷୋତ୍ତମ କ୍ଷେତ୍ରରେ ବିମଳା, କପିଳାସରେ ମା ପାର୍ବତୀ, ସରସ୍ୱତୀ ତୀର୍ଥରେ ବେଦମାତା, ବଦ୍ରିକା ଧାମରେ ଉର୍ବଶୀ ବହୁ ନାମରେ ନାମିତା । ଆସୁରିକ ଶକ୍ତିର ବିନାଶ ତଥା ଧର୍ମ, ଅର୍ଥ, କାମ , ମୋକ୍ଷ କାମନାରେ ଦେବୀ ପୀଠ ମାନଙ୍କରେ ଶ୍ରଦ୍ଧା ଓ ଭକ୍ତି ତଥା ନିଷ୍ଠାର ସହିତ ଏହି ପାର୍ବଣୋତ୍ସବକୁ ପାଳନ କରିଥାଆନ୍ତି । ଦୈତନାଶନ ନିମିତ୍ତ “ଦ” ବିଘ୍ନନାଶକ ନିମନ୍ତେ ଶାକ୍ତପଟିକାଙ୍କ “ଉ” “ରୋଗନାଶ ନିମିତ୍ତ” “ରେଫ” ପାପନାଶ ନିମନ୍ତେ “ଗ” ଏବଂ ଭୟ ଓ ଶତ୍ରୁନାଶ ନିମନ୍ତେ ଏବଂ ଯୁଗେ ଯୁଗେ ଓଡ଼ିଶା ତନ୍ତ୍ରପୀଠ ଭାବରେ ଖ୍ୟାତିଲାଭ କରିଅଛି । ଶ୍ରେଷ୍ଠ ତନ୍ତ୍ରର ମହାଦେବତା ଶ୍ରୀଜଗନ୍ନାଥ, ଯିଏ ଶ୍ରୀ ଚକ୍ର ଯନ୍ତ୍ରାରୂଢ଼ ଏବଂ ଯାହାଙ୍କର ଚତୁର୍ଦ୍ଦିଗରେ ଅଷ୍ଟ ଚଣ୍ଡୀ ରୂପେ “ଆଲାମ୍ ଚଣ୍ଡୀ”, “କୁତାମ୍ ଚଣ୍ଡୀ”, ଦକ୍ଷିଣ କାଳୀ, ଗଡ଼ଚଣ୍ଡୀ, ଶ୍ୟାମାକାଳୀ, ଶ୍ମଶାନ ଚଣ୍ଡୀ, ପ୍ରଭୃତି ଘେରି ରହିଛନ୍ତି । ଦେବୀ ଭାଗବତ ଅନୁସାରେ ବିମଳା ହିଁ ଶ୍ରୀ କ୍ଷେତ୍ରର ମୁଖ୍ୟ ଅଧିଷ୍ଠାତ୍ରୀ ଥାନ୍ତି । ମହାଦେବୀ, ଯାହାଙ୍କର ମନ୍ଦିରକୁ ଷୋଳ ପୂଜା ସମୟରେ ସ୍ତ୍ରୀ ଲୋକମାନେ ଯିବା ନିଷେଧ । ପ୍ରସାଦ ନାମ ମହାପ୍ରସାଦ ଯାହା ଦେବୀଙ୍କୁ ସମର୍ପଣ ପରେ ସର୍ବଜନ ସେବା ହୋଇପାରେ । ପଞ୍ଚଦଶ ଶତାବ୍ଦୀରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର “ଶାରଦାଙ୍କ ପଦ୍ଧତି” ଓ “ତନ୍ତ୍ର ଚିନ୍ତାମଣି” ଷୋଡ଼ଶ ଶତାବ୍ଦୀରେ ପଣ୍ଡିତ କବି ଚନ୍ଦ୍ରରାୟ ଦିବାକର ମିଶ୍ରଙ୍କ “ଶାରଦାର୍ଚ୍ଚନ ପଦ୍ଧତି” “ଓ” ତନ୍ତ୍ର ଚିନ୍ତାମଣି” ସପ୍ତଦଶ ଶତାବ୍ଦୀରେ ପଣ୍ଡିତ ଜଗନ୍ନାଥ ଆଚାର୍ଯ୍ୟଙ୍କ ରଚିତ “ଦୁର୍ଗାଯାପନ ଦୀପିକା” ପଣ୍ଡିତ ରାମଚନ୍ଦ୍ର ଉଦ୍‌ଗାତାଙ୍କ ରଚିତ “ତାରିଣୀ କୁଳସୁଧା ତରଙ୍ଗିଣୀ, ପଣ୍ଡିତ ବନ୍ଦେଂନ ମହାପାତ୍ରଙ୍କ ଦୁର୍ଗୋତ୍ସବ ରହସ୍ୟ ଅଷ୍ଟାଦଶ ଶତାବ୍ଦୀର ପଣ୍ଡିତ ବାସୁଦେବ ରଥଙ୍କ “ଭୁବନେଶ୍ୱରୀ ପ୍ରକାଶ, ପଣ୍ଡିତ କୃଷ୍ଣଚନ୍ଦ୍ରଙ୍କ “ବିଦ୍ୟା ପଦ୍ଧତି” ପଣ୍ଡିତ ରଘୁନାଥ ଦାସଙ୍କ “ବନଦୁର୍ଗା ପୂଜା” ପଣ୍ଡିତ ଲକ୍ଷେଶ୍ୱର ରଥଙ୍କ ଜ୍ଞାନପକ୍ଷ ତନ୍ତ୍ର” ଓ ଶିବାର୍ଚ୍ଚ ନ ପଦ୍ଧତି” ପ୍ରମୁଖ ଶାକ୍ତଗ୍ରନ୍ଥ ସୃଷ୍ଟି ହୋଇ ଲେଖା ଯାଇଅଛି ।

ଏହିପରି ଓଡ଼ିଆ ଭାଷାରେ ଅନେକ ଗ୍ରନ୍ଥାବଳୀ ରଚିତ ହୋଇ ଶାକ୍ତ ଧର୍ମଧାରାକୁ ଉତ୍କଳରେ ଉଜ୍ଜୀବିତ କରିଥିଲା । ଦେବୀ ପାଷାଣ ମୃଣ୍ମୟୀ ହେଲେ ମଧ୍ୟ ସେ ଚିରମଙ୍ଗଳମୟୀ ଓ କଲ୍ୟାଣକାରିଣୀ । ତାଙ୍କ ପଣତ ତଳେ ମୁଖ ଲୁଚାଇ ଏ ଜାତି ଆଜି ଭିକ୍ଷା କରୁ ଏ ସମଗ୍ର ମାନବ ଦାନବତ୍ୱ ପରିହାର ପୂର୍ବକ ମୁକ୍ତକଣ୍ଠରେ ଉଦ୍‌ଘୋଷଣ କରୁ ମା’ଙ୍କର ଏକ ପଂକ୍ତି ।

ସର୍ବମଙ୍ଗଳଂ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ରୟକେ ଗୌରୀ ନାରାୟଣୀ ନମୋସ୍ତୁତେ ।”

ସାରସ୍ୱତ ଭବନ, ଅକରପଡ଼ା,ନଳୀପୁର,ବାଲିଚନ୍ଦ୍ରପୁର, ମାହାଙ୍ଗା, ଜିଲ୍ଲା: କଟକ

❐

ଶକ୍ତି ଉପାସନାର ଦିଗ ଓ ଦିଗନ୍ତ



ବିଭୂତି ଭୂଷଣ ସେନାପତି

“ଯେ ଚଣ୍ଡୀ ସେ ହିଁ କାତ୍ୟାୟିନୀ । ସେ କାଳୀ, ଦୁର୍ଗା, ଚାମୁଣ୍ଡା ପ୍ରଭୃତି ନାମରେ ନାମିତା । ଅନ୍ୟ ପକ୍ଷରେ ସେ ଯେ ମହିଷାସୁରମର୍ଦ୍ଦିନୀ, ଶାକମ୍ଭରୀ, ନୀଳବର୍ଣ୍ଣା, ନୀଲୋତ୍ପଳା ବିଲୋଚନା ନାମରେ ମଧ୍ୟ ଭକ୍ତଙ୍କ ପାଇଁ ଆରାଧ୍ୟା ଦେବୀ । ମା ଦୁର୍ଗାଙ୍କୁ ପ୍ରାର୍ଥନା କରାଯାଏ- ଜୟନ୍ତୀ ମଙ୍ଗଳା କାଳୀ ଭଦ୍ର କାଳୀ କପାଳିନୀ/ଦୁର୍ଗା କ୍ଷମା ଶିବା, ଧାତ୍ରୀ, ସ୍ୱାହାସ୍ୱାଧା ନମୋସ୍ତୁତେ ।”

ସୃଷ୍ଟିର ଆଧାର ଶକ୍ତି । ଶକ୍ତି ବିନା ଆଶୁତୋଷ ଶିବ ଶବ ତୁଲ୍ୟ । ଏହି ଶକ୍ତି ବହୁରୂପା । ତନ୍ମଧ୍ୟରେ ପୃଥିବୀରେ ଶକ୍ତି ସ୍ୱରୂପିଣୀ ଦୁର୍ଗା ଉପାସନା ପରମ୍ପରା ପ୍ରାକ୍ ଆଦିମ ସମାଜଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ସାରା ବିଶ୍ୱରେ ପ୍ରଚଳିତ । ପ୍ରକାରାନ୍ତରେ ପ୍ରାଚୀନ ଜନଗୋଷ୍ଠୀଙ୍କ ବସ୍ତୁକୈନ୍ଦ୍ରିକ ଚିନ୍ତନ ଓ ପର୍ଯ୍ୟବେକ୍ଷଣ ସହ ଏହା ଘନିଷ୍ଠ ଭାବେ ସଂପୃକ୍ତ, ଯାହା ସମୟର କଷଟି ପଥରରେ ପରିମାର୍ଜିତ ହୋଇ ଦେବୀ ଉପାସନା ନାମରେ ନାମିତ । ଗୋଟିଏ ପକ୍ଷରେ ସାମାଜିକ ତଥ୍ୟ ତଥା ଅନ୍ୟପକ୍ଷରେ ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟି ଦେଇ ପାରମ୍ପରିକ ବିଶ୍ୱାସ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଉପନୀତ ହୋଇଛି ।ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଆର୍ଯ୍ୟ ଏକ

ଭାଷା କିନ୍ତୁ ଜନଗୋଷ୍ଠୀ ନୁହେଁ । ଦେବୀପ୍ରସାଦ ଚଟୋପାଧ୍ୟାୟ କହନ୍ତି-ଆର୍ଯ୍ୟ ଗୋଷ୍ଠୀର ଲିଙ୍ଗ ପୂଜା ପରବର୍ତ୍ତୀ ପର୍ଯ୍ୟାୟରେ ମାତୃପୂଜାର ରୂପ ନେଇଛି ।

ଅଷ୍ଟ୍ରିକ ମାନଙ୍କ ଠାରୁ ଆରମ୍ଭ କରି ସିନ୍ଧୁ ସଭ୍ୟତା ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ମହେଂଜୋଦାରର ପ୍ରାପ୍ତ ଧ୍ୱଂସାବଶେଷରୁ ଏହାର ପ୍ରମାଣ ମିଳିଛି । ଦେବୀ ଦୁର୍ଗାଙ୍କୁ ଦଶ ଭୂଜା କୁହାଗଲେ ମଧ୍ୟ ସେ କେଉଁଠି ଦ୍ୱିଭୂଜା,ଚତୁର୍ଭୁଜା ଓ କେଉଁଠି ଅଷ୍ଟଭୂଜା ନାମରେ ନାମିତା । କେହି କେହି ତାହାଙ୍କୁ ଦ୍ୱାଦଶ,ଷୋଡ଼ଶ,ଅଷ୍ଟାଦଶ,ବିଂଶ ତଥା ଦ୍ୱାତ୍ରିଂଶ ଭୂଜା କହନ୍ତି । ଭିଲସାର ସନ୍ନିକଟ ଉଦୟଗିରିର ଗୁହାରେ ଖୋଦିତ ମହିଷାମର୍ଦ୍ଦିନୀ ମୂର୍ତ୍ତିଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଯାହାର ଭୂଜ ସଂଖ୍ୟା ଦ୍ୱାଦଶ ଏବଂ ଏଥିରେ ମହିଷାକୃତି ଅସୁରକୁ ଦେବୀ ବିନାଶ କରୁଥିବାର ଦର୍ଶାଯାଇଛି । ବିନ୍ଧ୍ୟ ପର୍ବତ ଠାରୁ ଆରମ୍ଭ କରି ଭାରତର ପୂର୍ବରେ ସ୍ଥିତ ଜାଭା ଦୀପ ପର୍ଯ୍ୟନ୍ତ ସମସ୍ତ ଅଂଚଳକୁ ବିଷ୍ଣୁକ୍ରାନ୍ତା,ମିଶର ଓ ପାରସ୍ୟ ପ୍ରଭୃତି ଦେଶକୁ ଅଶ୍ୱକ୍ରାନ୍ତା ଏବଂ ନେପାଳ, ତିବ୍ଦତ ଓ ଚୀନକୁ ରଥକ୍ରାନ୍ତାନାମରେ ଅଭିହିତ କରାଯାଇଛି । ଯାହାର ସୂଚନା ମଙ୍ଗଳମନ୍ତରୁ ମିଳିଥାଏ ।

ତାନ୍ତ୍ରିକ ଯୁଗରେ ତନ୍ତ୍ରୋକ୍ତ ଶକ୍ତିବାଦର ଯଥେଷ୍ଟ ପ୍ରଭାବ ରହିଛି ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବ ନାହିଁ । ଭାରତବର୍ଷର ଉତ୍ତରରେ ଥିବା ମଧ୍ୟ ଏସିୟାରେ ୧୯୪୬ ମସିହାରେ ପ୍ରତ୍ନତାତ୍ତ୍ୱିକ ଖନନବେଳେ ଏକ ପ୍ରାଚୀନ ସହରର ଧ୍ୱଂସାବଶେଷ ମିଳିଥିଲା । ସେହି ସହରର ଦ୍ୱିତୀୟ ମନ୍ଦିରରେ ବିଭିନ୍ନ ଚିତ୍ରରାଜି ଅଙ୍କିତ । ଏହି ମୂର୍ତ୍ତିଟି ସାଧାରଣ ନାରୀର ନୁହେଁ ମାତ୍ର ଚତୁର୍ଭୁଜା ଓ ଦେବୀ ମୂର୍ତ୍ତି ଭାବରେ ଗ୍ରହଣ କରାଯାଇପାରେ । ପ୍ରାଚୀନ କାଳରେ ମହିଷାମର୍ଦ୍ଦିନୀ; ଲକ୍ଷ୍ମୀ,ସରସ୍ୱତୀ ଓ ଗଣେଶ ବ୍ୟତୀତ ପୂଜା ପାଉଥିଲେ । ଶକ ଓ କୁଶାଣଯୁଗରେ ଦେବୀମୂର୍ତ୍ତି ସିଂହ ବାହିନୀରୂପେ ପୂଜିତା ବୋଲି କେତେକ ଗବେଷକ ମତ ଦିଅନ୍ତି । ପରବର୍ତ୍ତୀ ସମୟରେ ୟାଥିନାରେ ସିଂହ ରହିଥିବାର ଦେଖାଯାଏ ।

ସୋଭିଏତ୍ ମଧ୍ୟ ଏସିୟାର ଦକ୍ଷିଣରେ ଅକସାସ୍ ଅବସ୍ଥିତ । ତାହାର ଦକ୍ଷିଣକୁ ହିନ୍ଦୁକୁଶ ପର୍ବତମାଳାର ଉତ୍ତର ପଶ୍ଚିମରେ ବାହ୍ଲୀକ ଦେଶ ଭୂଖଣ୍ଡରେ ଆବିଷ୍କୃତ କୁଶାଣ ଯୁଗୀୟ ମନ୍ଦିର ଗାତ୍ରରେ ଅଙ୍କିତ ମହେଶ୍ୱର-ଉମା ଚିତ୍ରରୁ ମଧ୍ୟ ଏହାର ପ୍ରମାଣ ମିଳିଛି । ଆଫଗାନିସ୍ଥାନର ପୂର୍ବାଂଚଳରେ ଅର୍ଦ୍ଧେକ ଅଂଚଳରେ ଧବଳନିର୍ମିତ ୮ମ ଏବଂ ୯ମ ଶତାବ୍ଦୀରେ ଏକ ମହିଷାମର୍ଦ୍ଦିନୀ ମୂର୍ତ୍ତି ଆବିଷ୍କୃତ ହୋଇଛି;ଯାହା ଦେବୀ ପୂଜାର ପ୍ରାଚୀନତାକୁ ପ୍ରମାଣ କରୁଛି । ମଧ୍ୟଏସିଆର ଅଧିବାସୀଙ୍କଠାରେ ସିଂହ ବାହିନୀ ଭାରତୀୟ ଦେବୀ ଅତି ପରିଚିତା । ଚୀନ୍ ଦେଶରେ ଗୋଟିଏ ମାତୃ ମୂର୍ତ୍ତିକୁ ଶାକ୍ତ ଧର୍ମର ଆଦର୍ଶ ବୋଲି ମନେ କରନ୍ତି । ଉକ୍ତ ଦେବୀଙ୍କ ହସ୍ତରେ ପୁସ୍ତକ ଅଛି ଓ ଏହା ସପ୍ତମ ଶତାବ୍ଦୀର ବୋଲି ଗବେଷକ କହନ୍ତି । ତାଙ୍କୁ କୁଆନୟନ ବା କମଳାରୂପିଣୀ କହନ୍ତି । ଜାପାନ ଦେଶରେ ଅନୁରୂପ ମାତୃ ଉପାସନାର ପ୍ରମାଣ ମିଳେ ।ଏହି ମାତୃ ମୂର୍ତ୍ତିକୁ କ୍ୱାମାୟନ କୁହାଯାଏ ।ଏଠାରେ ଥିବା

ଅନ୍ୟତମ ମୂର୍ତ୍ତି କିସିମୋସିନ୍ ଭୁବନେଶ୍ୱରୀ ରୂପିଣୀ । ୟୁରୋପରେ ଭିଲେନଡର୍ଫ ଓ ଲାଭସାଲ ପ୍ରଭୃତି ସ୍ଥାନରେ ଶାକ୍ତ ଧର୍ମ ସଂପର୍କରେ ବହୁ ଉପାଦେୟ ତଥ୍ୟ ଆବିଷ୍କୃତ ହୋଇଛି । ଏ ଗୁଡ଼ିକ ପ୍ରସ୍ତର,ଅସ୍ଥି ଓ ହସ୍ତୀ ଦନ୍ତରେ ନିର୍ମିତ ।

ପ୍ରାକ୍ ଐତିହାସିକ ଧର୍ମାନୁଷ୍ଠାନମାନଙ୍କରେ ଶକ୍ତିମୟୀ ଦେବୀ ରୂପେ ପୂଜିତା । ଅବଶ୍ୟ ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତିରେ ନାରୀ ମୂର୍ତ୍ତି କ୍ରୋଡ଼ରେ ଶିଶୁ ସନ୍ତାନ ଧାରଣ କରିଥିବାର ପ୍ରମାଣ ମିଳେ । ମିଶର ଦେଶର ପ୍ରାଚୀନ ଇତିହାସରୁ ମାତୃତ୍ୱର ପରିକଳ୍ପନା ଆଇସିସ୍ ବା ହୋରସ୍ ମୂର୍ତ୍ତି ମାଧ୍ୟମରେ ପ୍ରକାଶ ଲାଭ କରିଛି । ଏହି ମୂର୍ତ୍ତିମାନଙ୍କର ଭାସ୍କର୍ଯ୍ୟରେ ମିଶରୀୟ ସଭ୍ୟତା ମାତୃତ୍ୱକୁ ସମ୍ମାନ ପ୍ରଦର୍ଶନ କରିବାର ଜଣାଯାଏ । ଏଠାରେ ମଧ୍ୟ ମାତୃମୂର୍ତ୍ତି ସହିତ ବାଳକ ମୂର୍ତ୍ତି ରହିଛି । ସ୍ୱେନ ଦେଶ ଲେରିଭାର ନିକଟବର୍ତ୍ତୀ କୋଗୁଲ ଗୁଂଫାରେ ପ୍ରାଚୀନ କାଳର ଦେବୀ ସୂଚିତ ହୋଇଛି । ଫୋନସୀୟମାନେ ଦେବୀ ଉପାସନା ମାଧ୍ୟମରେ ପ୍ରକୃତିର ବିଶିଷ୍ଟ ଶକ୍ତିକୁ ଦେବତା ରୂପରେ ପୂଜା କରନ୍ତି । ସେହି ଦେବତାଙ୍କ ନାମ ଏଲ୍ । ତାଙ୍କ ସ୍ତ୍ରୀଙ୍କ ନାମ ଅଶେରଥ୍ । ସେମାନଙ୍କର ବିଶ୍ୱାସରେ ମଥ୍ ହେଉଛନ୍ତି ଗ୍ରୀଷ୍ମ ଶୁଷ୍କ ମୃତ୍ତିକାର ଅଧିଷ୍ଠାତ୍ରୀ ଦେବୀ ।

ଆଉ ଏକ ଦେବୀ ଫୋନସୀୟମାନେ ତାଙ୍କ ଧର୍ମ ଇତିହାସରେ ସ୍ଥାନ ଦେଇଛନ୍ତି, ତାଙ୍କ ନାମ ଅନଥ୍ । ଜାପାନ ସଂସ୍କୃତିରେ ପାର୍ବତୀ ଓ ସରସ୍ୱତୀ ମୂର୍ତ୍ତିପ୍ରଧାନ ଅଟନ୍ତି । ପାର୍ବତୀଙ୍କୁ ଜାପାନୀ ଭାଷାରେ ଉମାହି ଓ ସରସ୍ୱତୀଙ୍କୁ ବେନ୍‌ଜାଇଟେନ କହନ୍ତି । ସମଗ୍ର ସିନ୍ଧୁ ଉପତ୍ୟକାଠାରୁ ଆରମ୍ଭ କରି ବେଲୁଚିସ୍ଥାନ,ଏସିଆମାଇନର,ସିରିଆ,ସାଇପ୍ରସ୍ ଏବଂ ମିଶର ପ୍ରଭୃତି ଦେଶମାନଙ୍କରେ ମାତୃ ଉପାସନାର ବହୁ ପ୍ରମାଣ ରହିଛି । ମାଲଟା ଦ୍ୱୀପ ଓ ତୁର୍କୀ ଅନ୍ତର୍ଗତ ଆମକ ପ୍ରାନ୍ତରରେ ପ୍ରସ୍ତର ଖୋଦିତ ମାତୃ ମୂର୍ତ୍ତିମାନଙ୍କରୁ ଶାକ୍ତ ଧର୍ମର ପରିଚୟ ମିଳେ ।

ବେବିଲୋନର ଇଷ୍ଟାର ଯୁଦ୍ଧଦେବୀ ରୂପେ ଖ୍ୟାତା । ବାମ ହସ୍ତ ନିତମ୍ବ ଦେହରେ ଭରା ଦେଇ ଦକ୍ଷିଣ ହସ୍ତରେ ପଦ୍ମ କଳିକା ଧାରଣ କରିଛନ୍ତି । ରାଜ ପୋଶାକ ଆଚ୍ଛାଦିତ ହୋଇଥିବାରୁ ସେ ଅନ୍ୟାନନା ଦୁର୍ଗା । ଲଣ୍ଡନରେ ବ୍ରିଟିସ୍ ମ୍ୟୁଜିଅମରେ ସଂରକ୍ଷିତ ସ୍ୱର୍ଣ୍ଣ ମୋହରରୁ ମିଳିଥାଏ ।ପଶ୍ଚିମ ଏସିଆ ଓ ଭୂମଧ୍ୟ ସାଗରୀୟ ଅଂଚଳରେ ମାତୃ ପୂଜା ସହ ସର୍ପ ଓ ସିଂହ ଘନିଷ୍ଠ ଭାବରେ ସଂପୃକ୍ତ । ଉପସାଗରସ୍ଥ କ୍ରୀଟ୍ ଦ୍ୱୀପର ଧ୍ୱଂସାବଶେଷରୁ ସିଂହ ବାହିନୀ ଓ ସର୍ପ ଦେବୀଙ୍କ ମୂର୍ତ୍ତି ଉକ୍ତ ସତ୍ୟତାର ଅନୁଗାମୀ । ମିଶର ଦେଶର ସର୍ପ ଦେବୀ ନେହେବନାମୁ ଓ ବୁଟୋ ବିଶ୍ୱ ନାରୀତ୍ୱ ରୂପେ ପ୍ରତୀୟମାନା । ଋକ୍ ବେଦରେ ଦଶମ ମଣ୍ଡଳର ବିଷୟବସ୍ତୁ ଦୁର୍ଗା ତତ୍ତ୍ୱର ପରିଚାୟକ । ଦଶମ ମଣ୍ଡଳରେ ଅମୃଣୁ ଋଷିଙ୍କ କନ୍ୟା ଦେବୀ ସୂକ୍ତର ଦ୍ରଷ୍ଟା । ତାଙ୍କର ଆତ୍ମସ୍ୱରୂପ ଦେବୀ ସୂକ୍ତର ଉଚ୍ଚାରଣ । ଦେବୀ ସୂକ୍ତରେ ପରମାତ୍ମା ସଚ୍ଚିଦାନନ୍ଦ ସ୍ୱରୂପା । ପ୍ରାଣ ଶକ୍ତିସ୍ୱରୂପା ଦେବୀ ମହାମାୟା । ସେ

ଜଗତକୁ ମୋହିତ କରି ରଖନ୍ତି । ସମ୍ମୋହିତଂ ଦେବୀ ସମସ୍ତ ମେତତ୍ ତ୍ୱଂ ବୈ ପ୍ରସନ୍ନା ଭୁବି ମୁକ୍ତି ହେତୁ ।"ଯିଏ ମହାମାୟା ସେ ପ୍ରାଣ ଶକ୍ତି ରୂପା ଦେବୀ । ତୈତରୀୟ ଆରଣ୍ୟକରେ ଦଶମଖଂଡ ଦ୍ୱିତୀୟ ଅନୁବାକ୍‌ରେ ଦୁର୍ଗାଂକର ବର୍ଣ୍ଣନା କରାଯାଇଛି ।"ଅଗ୍ନିବର୍ଣ୍ଣା ତପସା ଜ୍ୱଳନ୍ତାଂ ବୈରୋଚନ କର୍ମ ଫଳେଷୁରିଷ୍ଟାମ ।"ଅଗ୍ନିବର୍ଣ୍ଣା ଦେବୀଙ୍କ ଚରଣ କମଳରେ ଶତ ଶତ ପ୍ରଣାମ । ମୁଣ୍ଡକ ଉପନିଷଦରେ ଦେବୀଙ୍କର ସପ୍ତ ଜିହ୍ୱାର କଥା ସ୍ପଷ୍ଟ ଭାବେ ବର୍ଣ୍ଣିତ । କାଳୀ କରାଳୀଚ ମବୋ ହବାଚ ସୁରୋହିତ ଯା ଚ ସୁଧୂମ୍ରବର୍ଣ୍ଣା ।"

ଦେବୀ ଭାଗବତରେ ଅଛି ମହିଷାସୁର ଦ୍ୱାରା ଅତ୍ୟାଚାରିତ ଦେବଗଣଙ୍କ ମୁଖରୁ ତେଜ ନିର୍ଗତ ହୋଇ ତାହା ବିଶାଳ ରୂପ ଧାରଣ କଲା ଏବଂ ସର୍ବଦେବ ଶକ୍ତିର ସମନ୍ୱିତ ରୂପ ମହାଶକ୍ତି ଉଦ୍ଭାସିତ ହୋଇ ମହାମାୟା ରୂପ ଧାରଣ କଲା । ଯେ ଚଣ୍ଡୀ ସେ ହିଁ କାତ୍ୟାୟିନୀ । ସେ କାଳୀ, ଦୁର୍ଗା, ଚାମୁଣ୍ଡା ପ୍ରଭୃତି ନାମରେ ନାମିତା । ଅନ୍ୟ ପକ୍ଷରେ ସେ ଯେ ମହିଷାସୁର ମର୍ଦ୍ଦିନୀ, ଶାକମ୍ଭରୀ, ନୀଳବର୍ଣ୍ଣା,ନୀଳୋତ୍‌ପଳା ବିଲୋଚନା ନାମରେ ମଧ୍ୟ ଭକ୍ତଙ୍କ ପାଇଁ ଆରାଧ୍ୟା ଦେବୀ । ମା ଦୁର୍ଗାଙ୍କୁ ପ୍ରାର୍ଥନା କରାଯାଏ- ଜୟନ୍ତୀ ମଙ୍ଗଳା କାଳୀ ଭଦ୍ର କାଳୀ କପାଳିନୀ/ଦୁର୍ଗା କ୍ଷମା ଶିବା, ଧାତ୍ରୀ, ସ୍ୱାହାସ୍ୱାଧା ନମୋସ୍ତୁତେ । ଷଡ ଚକ୍ର ମାଧ୍ୟମରେ ଦେବୀଙ୍କୁ ଉପସ୍ଥାପନ କରାଯାଏ- "ପୀତ ବର୍ଣ୍ଣ ଜ୍ୟୋତି ମୂଳାଧାର ଚକ୍ର ତଥା ସୁବର୍ଣ୍ଣ ବର୍ଣ୍ଣାଭ ଜ୍ୟୋତି ।" ପ୍ରାଣ ଶକ୍ତି ରୂପରେ ଜୀବାତ୍ମା ମଧ୍ୟରେ ଅବସ୍ଥାନ କରୁଥିବାରୁ ତାଙ୍କୁ କୁହାଯାଏ- "ସର୍ବସ୍ୱରୂପେ ସର୍ବେସର୍ବଶକ୍ତି ସମନ୍ୱିତେ ।"ଦେବୀ ବିଶ୍ୱ ମାୟା । ତ୍ୱମ୍ ବୈଷ୍ଣବୀ ଶକ୍ତି ଅନନ୍ତ ବୀର୍ଯ୍ୟା ବିଶ୍ୱସ୍ୟ ବୀଜଂ ପରମାସି ମାୟା ।"ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ଦେବୀ ବିଷ୍ଣୁଭକ୍ତା,ବିଷ୍ଣୁରୂପା ଓ ବିଷ୍ଣୁଙ୍କର ଶକ୍ତିରୂପିଣୀ । ଶରୀରରୂପକ ଦୁର୍ଗର ଶଙ୍କଟାବସ୍ଥାରୁ ସେ ତ୍ରାଣ କରନ୍ତି ବୋଲି ତାଙ୍କୁ ଦୁର୍ଗା କୁହାଯାଏ । ମେରୁଦଣ୍ଡ ମଧ୍ୟରେ ସୁସୁମ୍ନା ପଥରେ ଯାତାୟତ ରୂପୀ ପ୍ରାଣ କ୍ରିୟା ପ୍ରାଣ ଶକ୍ତିର ଯଥାର୍ଥ ସମ୍ବର୍ଦ୍ଧନା । ପୁରାଣ ବର୍ଣ୍ଣିତ ସୁରଥ ଉପାଖ୍ୟାନ ବିଶ୍ଳେଷଣ କଲେ ଯାହା ଜଣା ଯାଏ ସୁରଥ ଶବ୍ଦଟି ସୁ ରଥ -ଜୀବ ଦେହୀ ରୂପୀ ରାଜ୍ୟର ରାଜା ସୁରଥ । ସୁରଥ ଶବ୍ଦର ଅର୍ଥ ମଧ୍ୟ ସୁନ୍ଦର ରଥ; ଶରୀରକୁ ବୁଝାଏ ।

ଉପନିଷଦରେ ଅଛି- "ଆତ୍ମାନାଂ ରଥିନଂ ବିଦ୍ଧି ଶରୀରଂ ରଥ ମେବଚ ।" ଅନ୍ୟାନ୍ୟ ଶରୀର ଅପେକ୍ଷା ମାନବ ଦେହ ସୁନ୍ଦର । ସୁନ୍ଦର ଦେହ ଧାରୀ ରାଜ୍ୟର ରାଜାଙ୍କୁ ସୁରଥ ନାମରେ ନାମିତ କରାଯାଇଛି । ଆସୁରିକ ଭାବରୂପ ଯବନ ରାଜା ଦ୍ୱାରା ପରାଜିତ ଆସୁରିକ ଶକ୍ତିରେ ଏହାଙ୍କର ସାତ୍ତ୍ୱିକ ସ୍ୱରୂପ ଧନ ରତ୍ନାଦି ଅପହୃତ । ସଂସାରିକ ବନ୍ଧନରେ ଜଡିତ ରହି ମନୋରୂପୀ ଅଶ୍ୱରେ ସଂସାରକୁ ଅବତୀର୍ଣ୍ଣ କରିଛନ୍ତି । ସମାଧୀ ନାମକ ବୈଶ୍ୟ ସହିତ ସାକ୍ଷାତ ହେଲା ପରେ ତାଙ୍କର ସାଧୁବାଣୀରେ ବିମୁଗ୍ଧ ହୋଇ ଗୁ ରୂପ ମେଧସ୍ ଆଶ୍ରମରେ ଉପସ୍ଥିତ ହୋଇଛନ୍ତି । ସେଠାରେ ତାଙ୍କର ଜ୍ଞାନ ଉଦୟ ହୋଇଛି । ଯେ ଯୋଗୀ

ବା ସାଧକ ତାଙ୍କର ଏକ ମାତ୍ର ଆରାଧ୍ୟ ଦେବତା ଦେବୀ ଦୁର୍ଗା । ତାଙ୍କୁ ଦର୍ଶନ କଲେ ମନର ଛଅ ପ୍ରକାର ଶକ୍ତି ଉଦ୍ରେକ ହୁଏ । ଯଥା-ଐଶ୍ୱର୍ଯ୍ୟ,ବୀର୍ଯ୍ୟ,ଯଶ,ସୌଭାଗ୍ୟ,ଜ୍ଞାନ ଓ ବୈରାଗ୍ୟ । ଏହା ସୁସୁମ୍ନା ନାଡ଼ିର ଷଟ୍ ଚକ୍ର ମଧ୍ୟରେ ପ୍ରବାହିତ ହୁଏ ।

ମୂଳାଧାର,ସ୍ୱାଧୀଷ୍ଠାନ,ମଣିପୁର,ଅନାହତ,ବିଶୁଦ୍ଧ ଓ ଆଜ୍ଞାଚକ୍ର ସାଧନା ବଳରେ ସବୁ କିଛି ସାଧିତ ହୋଇ ଥାଏ । ଯଦି ଭଗବାନ ଶଚ୍ଚିଦାନଂଦ ସ୍ୱରୂପା ତାହା ହେଲେ ମଧୁକୈଟଭ ନିଧନ,ମହିଷାସୁରବଦ୍ଧ ଓ ଶୁମ୍ଭ ନିଶୁମ୍ଭ ବଦ୍ଧ ତାଙ୍କର ଅନନ୍ୟ ରୂପା ଚୈତନ୍ୟ ପ୍ରତିଷ୍ଠା,ସତ୍ୟ ପ୍ରତିଷ୍ଠା ଓ ଆନନ୍ଦ ପ୍ରତିଷ୍ଠାର ଗୋଟିଏ ଗୋଟିଏ ମାଧ୍ୟମ । ମହିଷାସୁର ବଧ ପରେ ଦେବତାମାନେ ଦେବୀଙ୍କୁ ସ୍ତୁତିକଲେ କାରଣ ସେ ଜୀବ ଶରୀର ମଧ୍ୟରେ ଦଶ ପ୍ରାଣ । ଯେପରି ପ୍ରାଣ,ଅପାନ,ସମାନ,ଉଦାନ,ବ୍ୟାନ ପଂଚ ପ୍ରାଣ ଓ ନାଗ କୂର୍ମ,କୃକର,ଦେବଦତ୍ତ ଓ ଧନଂଜୟ ମିଶିଲେ ଦଶ ଭୂଜକୁ ବୁଝାଏ । ପୁରାଣରେ ଏହା ପ୍ରତୀକ ଭାବରେ ଦେବୀଙ୍କର ଦଶଭୂଜ ବୋଲି କୁହାଯାଏ ।

ଏହି ଦଶ ଭୂଜକୁ ନେଇ ତାର ଅବତାରଣା ବିଭିନ୍ନ ଭାବରେ କରାଯାଇଛି । ହୃଦଦେଶରେ ପ୍ରାଣ,ଗୁହ୍ୟଦେଶରେ ଅପାନ,ନାଭି ମଣ୍ଡଳରେ ସମାନ,କଣ୍ଠ ଦେଶରେ ଉଦାନ ଏବଂ ସର୍ବ ଶରୀରରେ ବ୍ୟାନର ଭାବ ବିସ୍ତାର କରାଯାଇଛି । ସମସ୍ତ ପ୍ରାଣ ମଧ୍ୟରେ ପଂଚ ପ୍ରାଣ ହିଁ ଶ୍ରେଷ୍ଠ । ସର୍ବ ବାୟୁ ମଧ୍ୟରେ ପ୍ରାଣ ଶ୍ରେଷ୍ଠ । ସାଧକ ମାନେ ଦୁର୍ଗାଙ୍କ ପାଖରେ ଯେଉଁ ମୂର୍ତ୍ତିର ବିଶେଷତ୍ୱ ପରିକଳ୍ପନା କରିଛନ୍ତି ତାହା ମଧ୍ୟରେ ଅଛି କିଛି ଗୁଢ ତତ୍ତ୍ୱ । ପ୍ରାଣ ଶକ୍ତି ରୂପା ଦକ୍ଷିଣରେ ଶ୍ରୀ ରୂପା ଲକ୍ଷ୍ମୀ,ବିଦ୍ୟାରୂପିଣୀ ବାକ୍‌ଦେବୀ ଏବଂ ଦୁଇପୁତ୍ର ଗଣେଶ ଓ କାର୍ତ୍ତିକ । କୁମାର କାର୍ତ୍ତିକ ହେଉଛନ୍ତି ସେନା ନାୟକ । ଗଣେଶ ହେଉଛନ୍ତି ପ୍ରାଣ ଶକ୍ତିର ପ୍ରାଣାୟାମ । ସାଧନା ସମରରେ ମଧୁକୈଟଭ ବଧର କାହାଣୀ ପ୍ରକାରାନ୍ତରେ ବ୍ରହ୍ମଗ୍ରନ୍ଥି ଭେଦର ସାଧନା ତତ୍ୱ ।


ମହିଶାସୁର ବଧ ବିଷ୍ଣୁ ଗ୍ରନ୍ଥିଭେଦ,ଶୁମ୍ଭ ଅର୍ଥ ଅସ୍ମିତା ଓ ନିଶୁମ୍ଭ ଅର୍ଥ ମମତା । ଯଥାର୍ଥ ଭାବରେ ଆତ୍ମଜ୍ଞାନ ଲାଭ କରିବାକୁ ହେଲେ ଜଗତ୍‌ଜନନୀ ଦୁର୍ଗାଙ୍କ ଶରଣାପନ୍ନ ହେବାକୁ ପଡେ । ସୃଷ୍ଟିର ସମସ୍ତ ଜୀବ,ଜଡ ତଥା ଅଣୁ ପରମାଣୁରେ ଦୁର୍ଗା ଶକ୍ତି ରୂପେଣ ସଂସ୍ଥିତା । ସେଥିପାଇଁ କୁହା ଯାଇଛି ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା" । ବିଭିନ୍ନ ନାମ ଓ ରୂପର ସମନ୍ୱୟ ଘଟିଛି । ଦେବୀ ହସ୍ତରେ ଧରନ୍ତି ଶିବଙ୍କ ତ୍ରିଶୂଳ,ବିଷ୍ଣୁଙ୍କ ଚକ୍ର,ଇନ୍ଦ୍ରଙ୍କ ବଜ୍ର,ବାୟୁଙ୍କ ଧନୁ,ଯମଙ୍କ କାଳପାଶ,ବ୍ରହ୍ମାଙ୍କ ଅକ୍ଷମାଳା,ଶେଷ ନାଗଙ୍କ କାଳ ପାଶ, ବ୍ରହ୍ମାଙ୍କ ଅକ୍ଷମାଳା,କାଳୀଙ୍କ ଖଂଜ ଏବଂ କୁବେରଙ୍କ ସୁରାପାତ୍ର । ପ୍ରୟୋଜନ ଅନୁସାରେ ନିଜର ତ୍ରିଶକ୍ତି ବିନିଯୋଗ କରି ମହାକାଳୀ,ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପ୍ରକଟିତା । ସୃଷ୍ଟିର ଉନ୍ମେଷ କାଳରେ ସେ ସରସ୍ୱତୀ ହୋଇ ବ୍ରହ୍ମାଙ୍କ ଓଁ କାର ଧ୍ୱନୀରେ ସପ୍ତସ୍ୱର ର ବର୍ତ୍ତିକା ଓ ଜଗତ୍ ସୃଷ୍ଟିର ନିୟାମିକା । ପାଳନ କାଳରେ ଲକ୍ଷ୍ମୀ ରୂପେ ବିଷ୍ଣୁଙ୍କୁ

ପୌରୁଷତ୍ୱର ଶ୍ରୀ ଶକ୍ତି ପ୍ରଦାନ କାରିଣୀ । ସଂହାର କାଳରେ ଶିବଙ୍କ ପ୍ରଳୟକାରୀ ଶକ୍ତିରେ କାଳୀ ରୂପିଣୀ ମହାମାୟା । ତ୍ରିଶକ୍ତି ଓ ତ୍ରିଗୁଣ ବିନିଯୋଗ କରି ସୃଷ୍ଟି,ସ୍ଥିତି ଓ ପ୍ରଳୟ ଏବଂ ସତ୍ୱ, ରଜ, ତମର ଅଧିକାରିଣୀ ।

ଯେତେବେଳେ ପଂଚଧା ରୂପରେ ସେ ବିରାଜମାନ କରନ୍ତି ସେତେବେଳେ ଦୁଃଖ ହାରିଣୀ ଦୁର୍ଗା,ପ୍ରାଣ ସ୍ୱରୂପା ପ୍ରେମମୟୀ ରାଧା,ମଙ୍ଗଳ ଦାୟିନୀଲକ୍ଷ୍ମୀ,କଳା କୁଶଳୀ ସରସ୍ୱତୀ ଏବଂ ଅଖିଳ ତେଜପୁଂଜ ସମନ୍ୱିତା ସାବିତ୍ରୀ ଅଟନ୍ତି । ସେ ଷଟ୍ ମହାଶକ୍ତି କାମ,କ୍ରୋଧ,ଲୋଭ,ମୋହ,ମାୟା ଓ ତିତିକ୍ଷାକୁ ନିଜ ଶକ୍ତିରେ ମହିମାନ୍ୱିତା କରନ୍ତି ସେଥି ପାଇଁ ସେ ସପ୍ତ ଭଗିନୀ ଇନ୍ଦ୍ରାଣୀ,ବ୍ରହ୍ମାଣୀ, ବୈଷ୍ଣବୀ,କୌମାରୀ,ଚାମୁଣ୍ଡା,ଭୈରବୀ ଏବଂ ମାହେଶ୍ୱରୀ ରୂପରେ ଆବିର୍ଭୁତା । ମହିଷାସୁର ସହିତ ସଂଗ୍ରାମ କାଳରେ ସେ ଅହଂ ଭାବରୁ ବ୍ରାହ୍ମୀ କ୍ରୋଧରୁ ମାହେଶ୍ୱରୀ,ଆସକ୍ତି ଜାଗ୍ରତ କାରିଣୀ କୌମାରୀ,ଈର୍ଷା ରୂପିଣୀ ଇନ୍ଦ୍ରାଣୀ, ଲୋଭରୁ ବୈଷ୍ଣବୀ,ନୀତି ବିବର୍ଜିତା ଚାମୁଣ୍ଡା,ଶତୃଭାବରୁ ବାରାହୀ ଏବଂ ବିଭତ୍ସରୂପିଣୀ ରୂପେ ପ୍ରତିଷ୍ଠିତା ଏବଂ ନବଦୁର୍ଗା ଭାବରେ ଚିର ପୂଜିତା । ତେଣୁ ସେହି ଦୁର୍ଗା ଦୁର୍ଗତନାଶିନୀ ଆଦିମ କାଳରୁ ଆଜି ଯାଏ ସାରା ବିଶ୍ୱରେ ଶକ୍ତିମୟୀ ଦେବୀ ଭାବରେ ଚିର ପୂଜିତା । ମାତୃପୂଜାର ପରିକଳ୍ପନା ସମଗ୍ର ସୃଷ୍ଟି ପାଇଁ ସତେଯେପରି ନୂତନ ରୂପବିକାଶର ବାର୍ତ୍ତାବହ । ସମୟାନୁକ୍ରମେ ସଭ୍ୟତା ଓ ସଂସ୍କୃତିର ଚିରନ୍ତନ ଉତ୍ସ ମା' ଦୁର୍ଗା । ସର୍ବ ଧର୍ମ ସହ ଶାକ୍ତ ଓ ବୈଷ୍ଣବ ଧର୍ମର ମିଳନ ଶକ୍ତିଙ୍କର ରୂପସତ୍ତାକୁ ବୈଚିତ୍ର୍ୟମୟ କରିଛି ସତେଯେପରି ଜଗତ୍‌ଜନନୀ ରୂପରେ ଶାନ୍ତ, ସହାନୁଭୂତଶାଳିନୀ ଏବଂ ସର୍ବ ମଙ୍ଗଳକାରିଣୀ ସେ ମା' ମଙ୍ଗଳା । ସେହି ମହାମାୟାଙ୍କ ଚରଣ କମଳରେ ଆଜି ସାରା ବିଶ୍ୱ କୋଟି କୋଟି ପ୍ରଣାମ ଜଣାଉଛି ।

ସଂପାଦକ ନାରାୟଣ ସ୍ମୃତି ସାହିତ୍ୟ ସଂସଦ
କୋହ୍ନ,ଚିହିଡି,ଭଦ୍ରକ ମୋ.୯୪୩୭୫୭୪୪୬୨

ପରିଣୀତା



ମୂଳ ରଚନା
ଶରତ ଚନ୍ଦ୍ର



ଅନୁବାଦ
ଶୁଭ୍ର ପ୍ରକାଶ ଦାସ

୧ମ ପରିଚ୍ଛେଦ

ଶକ୍ତିଭେଦ ଅସ୍ତ୍ର ଲକ୍ଷ୍ମଣଙ୍କ ବକ୍ଷ ସ୍ପର୍ଶ କଲାବେଳେ ତାଙ୍କ ମୁଖମଣ୍ଡଳ ନିଶ୍ଚୟ ବିଦୀର୍ଣ୍ଣ ହୋଇ ଉଠିଥିଲା । କିନ୍ତୁ ଗୁରୁଚରଣଙ୍କ ଚେହେରା ବୋଧହୁଏ ଅଧିକତର ବିଦୀର୍ଣ୍ଣ ଦିଶିଲା- ଯେତେବେଳେ ପ୍ରତ୍ୟୁଷରେ ଅନ୍ତଃପୁରରୁ ସମ୍ବାଦ ଆସିଲା ଯେ ଗୃହିଣୀ ନିର୍ବିଘ୍ନରେ ପଞ୍ଚମ କନ୍ୟା ସନ୍ତାନ ଜନ୍ମ କରିଛନ୍ତି ।

ଗୁରୁଚରଣ ଷାଠିଏ ଟଙ୍କା ମାସିକ ବେତନ ପାଉଥିବା ବ୍ୟାଙ୍କ କର୍ମଚାରୀ । ସୁତରାଂ ଦେହଟି ଯେମିତି ଭଡ଼ାଗାଡ଼ିର ଘୋଡ଼ା ଭଳି ଶୁଷ୍କ ଓ ଶୀର୍ଣ୍ଣ, ଚେହେରାଟି ମଧ୍ୟ ସେହି ଅର୍ଦ୍ଧଭୁକ୍ତ ଘୋଡ଼ା ଭଳି ନିଷ୍କାମ, ନିର୍ବିକାର ଓ ନିର୍ଲିପ୍ତ । ତଥାପି ଏହି ଭୟଙ୍କର ଶୁଭ ସମ୍ବାଦ ଶୁଣି ହାତର ହୁକା ହାତରେ ହିଁ ରହିଗଲା । ସେ ଜୀର୍ଣ୍ଣ ପୈତୃକ ତକିଆଟିକୁ ଖଟ ବାଡ଼ାରେ ଠେସ ଦେଇ ବସି ରହିଲେ । ଗୋଟିଏ ଦୀର୍ଘନିଶ୍ୱାସ ପକାଇବାକୁ ମଧ୍ୟ ତାଙ୍କର ଶକ୍ତି ନଥିଲା ।

ଶୁଭ ସମ୍ବାଦ ନେଇ ଆସିଥିଲା ତାଙ୍କ ତୃତୀୟା କନ୍ୟା ଦଶବର୍ଷର ଆନ୍ନାକାଳୀ । ସେ କହିଲା - ବାପା, ଚାଲ ନା ଦେଖିବ ।

ଗୁରୁଚରଣ ଝିଅ ମୁହଁକୁ ଚାହିଁ କହିଲେ - ମା' ଗିଲାସେ ପାଣି ଆଣିଲୁ ।

ଝିଅ ପାଣି ଆଣିବାକୁ ଚାଲିଗଲା । ଗୁରୁଚରଣଙ୍କର ସର୍ବାଗ୍ରେ ମନେ ପଡ଼ିଲା ସୂତିକା ଗୃହର ରକମାରି ଖର୍ଚ୍ଚର ହିସାବ । ରେଳ ଷ୍ଟେସନରେ ଗାଡ଼ି ପହଞ୍ଚିଲେ ଦୁଆର ଖୋଲା ଦେଖି ଥାର୍ଡ୍‌କ୍ଲାସର ଯାତ୍ରୀମାନେ ନିଜ ପେଡ଼ି ପୁଟୁଳା ସହ ପାଗଳ ଭଳି ଅନ୍ୟମାନଙ୍କୁ ଦଳିତ ପିଷ୍ଟ କରି ଲାଂଘ ପ୍ରଦାନ କରନ୍ତି, ସେହିଭଳି ତାଙ୍କ ମୁଣ୍ଡ ଭିତରକୁ ଦୁଶ୍ଚିନ୍ତାରାଶି ହୋହଲ୍ଲା କରି ପଶିବାକୁ ଲାଗିଲା । ମନେ ପଡ଼ିଗଲା ଗତବର୍ଷ ତାଙ୍କ ଦ୍ୱିତୀୟା କନ୍ୟାର ଶୁଭ ବିବାହ ପାଇଁ ବୌବଜାରର ଏହି ଦ୍ୱିତଳ ପୈତୃକ ଗୃହ ଟିକକ ବନ୍ଧା ପଡ଼ିଛି ଏବଂ ତା'ର ଛଅମାସର ସୁଧ ବାକି ପଡ଼ିଛି । ମାତ୍ର ମାସକ ପରେ ଦୁର୍ଗାପୂଜା । ତେଣୁ ଝିଅ ଘରକୁ ବେଭାର ପଠାଇବାକୁ ପଡ଼ିବ । ଅଫିସରେ କାଲି ରାତି ଆଠଟା ପର୍ଯ୍ୟନ୍ତ ଡେବିଟ କ୍ରେଡିଟି ହିସାବ ସମାନ ହୋଇପାରିଲାନି । ଆଜି ବାରଟା ସୁଦ୍ଧା ବିଲାତ ପଠାଇବାକୁ ହେବ । କାଲି ବଡ଼ସାହେବ ହୁକୁମନାମା ଜାରି କରିଛନ୍ତି, ଅଫିସକୁ କେହି ମଇଳା ବସ୍ତ୍ର ପିନ୍ଧି ଆସିପାରିବେ ନାହିଁ । ଫାଇନ୍ ହେବ, ଅଥଚ ଗତ ସପ୍ତାହେ ହେଲା ରଜକର ସନ୍ଧାନ ମିଳୁନାହିଁ । ସଂସାରର ଅଧାଅଧି ଲୁଗାପଟା ନେଇ ସେ ଏବେ ନିରୁଦ୍ଦେଶ ।

ଗୁରୁଚରଣ ଆଉ ଠେସ ଦେଇ ବସିପାରିଲେ ନାହିଁ। ହୁକାଟିକୁ ଧରି ବିଛଣାରେ ଗଡ଼ିପଡ଼ିଲେ। ମନେ ମନେ କହିଲେ - ଭଗବାନ, ଏଇ କଲିକତା ସହରରେ ପ୍ରତିଦିନ କେତେ ଲୋକ ଗାଡ଼ିଘୋଡ଼ା ତଳେ ପ୍ରାଣ ହରାଉଛନ୍ତି ସେମାନେ କ'ଣ ତମ ଚରଣ ତଳେ ମୋ ଠାରୁ ବଡ଼ ଅପରାଧୀ ? ଦୟାମୟ ! ତୁମ ଦୟାରୁ ମୋ ଛାତି ଉପରେ ଗୋଟିଏ ଭାରି ମୋଟର ଗାଡ଼ି ଚାଲିଯାଆନ୍ତା କି !

ଆନ୍ଦାକାଳୀ ପାଣି ଆଣି କହିଲା - ବାପା, ଉଠ।

ଏକା ନିଶ୍ୱାସରେ ଗିଲାସତକ ପାଣି ପିଇଦେଇ ଗୁରୁଚରଣ କହିଲେ, ଯା ମା, ଗିଲାସଟା ନେଇ ଯା।

ସେ ଗଲାପରେ ଗୁରୁଚରଣ ପୁଣି ଶୋଇପଡ଼ିଲେ।

ଲଳିତା ଆସି କହିଲା, ମାମୁଁ, ଚା ଆଣିଛି, ଉଠ।

ଗୁରୁଚରଣ ପୁଣି ଉଠି ବସିଲେ। ଲଳିତା ମୁହଁକୁ ଚାହିଁ ତାଙ୍କର କଷ୍ଟ ଯେମିତି ହଠାତ କମିଗଲା। କହିଲେ, କାଲି ରାତି ସାରା ଶୋଇନୁ। ମୋ ପାଖରେ ବସ।

ସଲଜ୍ଜ୍ୟ ହସ ହସି ଲଳିତା କହିଲା, ମୁଁ ରାତିସାରା ଜଗିନାହିଁ।

ଏହି ଜୀର୍ଣ୍ଣ ଶୀର୍ଣ୍ଣ ଗୁରୁଭାରଗ୍ରସ୍ତ ଅକାଳବୃଦ୍ଧ ମାତୁଳର ହୃଦୟ ବେଦନା ଲଳିତା ଛଡ଼ା ଏ ସଂସାରରେ ଆଉ କେହି ଅନୁଭବ କରିପାରିବେ ନାହିଁ।

ଗୁରୁଚରଣ କହିଲେ, ହଉ, ମୋ ପାଖରେ ଟିକେ ବସ।

ଲଳିତା ମୁଣ୍ଡରେ ହାତ ବୁଲାଇ ଦେଇ କହିଲେ, ମୋର ଏଇ ଟିକି ମା'ଟିକୁ ଯଦି କେଉଁ ରାଜା ଘରେ ବାହାଦେଇ ପାରନ୍ତି ତେବେ ଜାଣନ୍ତି ମୁଁ ଜୀବନରେ କିଛି ଗୋଟାଏ କଲି।

ଲଳିତା ମୁଣ୍ଡ ତଳକୁ ପୋତି ଚା ଢାଳିବାକୁ ଲାଗିଲା। ସେ କିନ୍ତୁ କହି ଚାଲିଲେ, ଏଇ ଦୁଃଖି ମାମୁଁ ଘରେ ଦିନରାତି ତୋତେ ଖଟିବାକୁ ପଡୁଚି, ନାଇଁ ?

ଲଳିତା ମୁଣ୍ଡ ହଲାଇ କହିଲା, ଦିନରାତି କାହିଁକି ଖଟିବି ? ସମସ୍ତେ କାମ କରୁଛନ୍ତି। ମୁଁ ବି କରୁଛି।

ହସି ଦେଇ ଗୁରୁଚରଣ ଚା ପିଇ କହିଲେ, ତା'ହେଲେ ମା' ଆଜି କ'ଣ ରୋଷେଇ ହେବ ?

ଲଳିତା ଉତ୍ତର ଦେଲା, ମୁଁ ତ ରାନ୍ଧିବି, ମାମୁଁ।

ଗୁରୁଚରଣ ବିସ୍ମିତ ହୋଇ ପଚାରିଲେ, ତୁ କ'ଣ ରାନ୍ଧିବୁ ? ତୁ ରାନ୍ଧିପାରିବୁ ?

ହଁ, ମାମୁଁ, ମୁଁ ମାଇଁଙ୍କ ପାଖରୁ ସବୁ ଶିଖିଛି।

ଚା' ତାଟିଆ ତଳେ ରଖି ଗୁରୁଚରଣ ପଚାରିଲେ, ସତରେ ?

ହଁ, ମାଇଁ ସବୁ ଶିଖେଇଛନ୍ତି । ମୁଁ ତ କେତେଦିନ ହେଲା ରାନ୍ଧୁଛି ।

ତା'ର ଆନତ ମୁଣ୍ଡ ଉପରେ ହାତରଖି ଗୁରୁଚରଣ ତାକୁ ଆଶୀର୍ବାଦ କଲେ । ତାଙ୍କର ଗୋଟାଏ ଗୁରୁତର ଦୁର୍ଭାବନା ଦୂର ହେଲା ।

ଏଇ ଘରଟି ଠିକ ଗଳି ମୁଣ୍ଡରେ । ଝରକା ବାହାରକୁ ଚାହିଁ ଗୁରୁଚରଣ ହଠାତ ଡାକ ପକାଇଲେ, ଶେଖର ନା କିଏ ? ଶୁଣ ଶୁଣ ।

ଜଣେ ଦୀର୍ଘାୟତନ ବଳିଷ୍ଠ ସୁନ୍ଦର ଯୁବକ ଘରକୁ ପ୍ରବେଶ କଲା । ଗୁରୁଚରଣ କହିଲେ, ବସ, ଆଜି ସକାଳେ ତୁମ ଖୁଡ଼ୀଙ୍କର ଘଟଣାଟା ଶୁଣିଛ ବୋଧହୁଏ ।

ଶେଖର ମୃଦୁ ହସି କହିଲା, ଘଟଣା ଆଉ କ'ଣ ? ଝିଅ ହୋଇଛି, ଏୟା ତ ?

ଗୁରୁଚରଣ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, ତମେ ତ ଏୟା କହିବ । କିନ୍ତୁ ଘଟଣାଟା ପ୍ରକୃତରେ କ'ଣ ସେଟା କେବଳ ମୁଁ ହିଁ ବୁଝୁଛି ।

ଶେଖର କହିଲା, ସେମିତି କୁହନ୍ତୁ ନାହିଁ, କକା । ଖୁଡ଼ୀ ଶୁଣିଲେ ବହୁତ ଦୁଃଖ ପାଇବେ । ତା'ଛଡ଼ା ଭଗବାନ ଯାହାକୁ ପଠାଇଛନ୍ତି ତାକୁ ସ୍ନେହରେ ତୋଳି ନେବା ଉଚିତ୍ ।

ଗୁରୁଚରଣ ସାମାନ୍ୟ ମୌନ ରହି କହିଲେ, ସ୍ନେହ କରିବା ଉଚିତ୍ । ତା' ମୁଁ ବି ଜାଣେ । କିନ୍ତୁ ଭଗବାନ ମଧ୍ୟ ସୁବିଚାର କରନ୍ତି ନାହିଁ । ମୁ ତ ଗରିବ, ମୋ ଘରେ ଏତେ କାହିଁକି ? ଏଇ ଘରଟି ମଧ୍ୟ ତମ ବାପାଙ୍କ ପାଖରେ ବନ୍ଧା ପଡ଼ିଛି । ସେଥିପାଇଁ ମୋର ଦୁଃଖ ନାହିଁ, ଶେଖର । କିନ୍ତୁ ଦେଖ ଏଇ ଲଳିତାକୁ, ବିଚାରୀର ମା' ବାପା ନାହାଁନ୍ତି । ଏଭଳି ସୁନାମୁଣ୍ଡା ଝିଅ କେବଳ ରଜାଘର ପାଇଁ ଠିକ୍ । ତାକୁ କ'ଣ ମୁଁ ଆଉ କାହା ହାତକୁ ଟେକିଦେବି ? ରାଜାଙ୍କ ମୁକୁଟରେ କୋହିନୂର ହୀରାଥାଏ । ଯେତେ କୋହିନୂର ଓଜନ କଲେ ବି ମୋର ଏଇ ମା' ସାଙ୍ଗରେ ସମାନ ହେବ ନାହିଁ । କିନ୍ତୁ କିଏ ବୁଝିବ ସେ କଥା ? ପଇସା ଅଭାବ ଯୋଗୁଁ ମୋତେ ଏଇ ରତ୍ନଟିକୁ କେଉଁଠି ଦେବାକୁ ହେବ । ତୁମେ କୁହ, ସେତେବେଳେ କେଉଁ ବଜ୍ର ମୋ ବକ୍ଷକୁ ଆଘାତ କରିବ । ତା' ବୟସ ଏବେ ତେର ଚାଲିଛି । ମୋ ହାତରେ ତେର ପଇସା ନାହିଁ ତା' ପାଇଁ ବର ଖୋଜିବି ।

ଗୁରୁଚରଣଙ୍କ ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଗଲା । ଶେଖର ମଧ୍ୟ ଚୁପ୍ ହୋଇ ବସି ରହିଲା ।

ଗୁରୁଚରଣ ପୁଣି କହି ଚାଲିଲେ, ଦେଖ ତ ବାପା, ଶେଖର, ତୁମ ସାଙ୍ଗସାଥିମାନଙ୍କ ଭିତରୁ କେହି ଯଦି ଏଇ ଝିଅର କିଛି ବ୍ୟବସ୍ଥା କରିପାରନ୍ତି । ଆଜିକାଲି ଅନେକ ପୁଅ ଟଙ୍କା ପଇସା ନ ଦେଖି କେବଳ ଝିଅକୁ ପସନ୍ଦ ହେଲେ ବିବାହ କରନ୍ତି । ସେହିଭଳି ଗୋଟିଏ ପାତ୍ର ମିଳିଗଲେ ମୁଁ ଜାଣେ ମୋ ଆଶୀର୍ବାଦରେ ତୁମେ ଦିନେ ରାଜା ହେବ । ବାପା, ତୁମକୁ ଆଉ ଅଧିକ କ'ଣ କହିବି ? ଏଇ ସାହିରେ ତୁମମାନଙ୍କ ଆଶ୍ରୟରେ ମୁଁ

ରହିଛି । ତୁମ ବାପା ତ ମୋତେ ସାନଭାଇ ଭଳି ଦେଖନ୍ତି ।

ଶେଖର ମୁଣ୍ଡ ହଲାଇ କହିଲା, ହଁ, ମୁଁ ନିଶ୍ଚୟ ଦେଖିବି ।

ଗୁରୁଚରଣ କହିଲେ, ହଁ, ବାପା, ଭୁଲିବନି । ଲଳିତା ଆଠବର୍ଷ ବୟସରୁ ତମମାନଙ୍କ ପାଖରେ ପାଠପଢ଼ି ମଣିଷ ହୋଇଛି । ତମେ ତ ଦେଖୁଛ ସେ କେମିତି ବୁଦ୍ଧିମତୀ, ଶାନ୍ତ ଶିଷ୍ଟ ଝିଅଟିଏ । ଏତେ ସାନ ଝିଅଟେ ଆଜିଠୁ ଆମ ସମସ୍ତଙ୍କୁ ରାନ୍ଧିବାଢି ଖାଇବାକୁ ଦେବ ।

ଏତେବେଳେ ଲଳିତା ଥରୁଟିଏ ମୁହଁ ଉଠାଇ ପୁଣି ତଳକୁ ଚାହିଁ ବସିରହିଲା । ଓଷ୍ଠପ୍ରାନ୍ତ ଦୁଇଟି ଈଷତ୍ ପ୍ରସାରିତ ହେଲା । ଦୀର୍ଘ ନିଶ୍ୱାସଟିଏ ଛାଡ଼ି ଗୁରୁଚରଣ କହିଚାଲିଲେ, ତା' ବାପା କ'ଣ ଜୀବନରେ କିଛି କମ୍ ରୋଜଗାର କରିଛି ? କିନ୍ତୁ ସବୁକିଛି ଏମିତି ଦାନ କରିଗଲା ଯେ ଝିଅଟି ପାଇଁ କିଛି ଆଉ ନାହିଁ ।

ଶେଖର ଚୁପ୍ ବସିଥାଏ । ଗୁରୁଚରଣ କହିଚାଲିଥାନ୍ତି, ରଖିନାହିଁ ବୋଲି କେମିତି କହିବି ? ସେ ଯେତେ ଲୋକଙ୍କର ଦୁଃଖ ମୋଚନ କରିଛି ସେ ସବୁ କର୍ମଫଳ ଏଇ ଝିଅ ମୁଣ୍ଡରେ । ତା' ନହେଲେ ଏଡ଼ିକି ଟିକି ଝିଅଟି କ'ଣ ମା' ଅନ୍ନପୂର୍ଣ୍ଣା ହୋଇପାରିବ ? ତୁମେ କୁହ ଶେଖର ସତ କି ନୁହଁ ?

ଶେଖର କେବଳ ହସିଲା । କୌଣସି ଉତ୍ତର ଦେଇପାରିଲା ନାହିଁ, ସେ ଉଠିବାର ଉପକ୍ରମ କରିବାରୁ ଗୁରୁଚରଣ ପଚାରିଲେ, ଏତେ ସକାଳୁ ସକାଳୁ କୁଆଡ଼େ ବାହାରିଛ ।

ଶେଖର କହିଲା, ବାରିଷ୍ଟରଙ୍କ ଘରକୁ । ଗୋଟିଏ କେସ୍ ଅଛି । ସେ ଉଠିପଡ଼ିବାରୁ ଗୁରୁଚରଣ ଆଉ ଥରେ ମନେ ପକାଇ ଦେଲେ, କଥାଟା ମନେ ରଖିଥିବ । ସେ ଟିକେ ଶ୍ୟାମଳ ବର୍ଣ୍ଣ ସତ । କିନ୍ତୁ ଆଖି, ମୁହଁ, ସୁନ୍ଦର ହସ, ଏତେ ଦୟାମାୟା ଝିଅଟିର । ସାରା ଦୁନିଆ ଖୋଜିଲେ ବି ପାଇବ ନାହିଁ ।

ଶେଖର ମୁଣ୍ଡ ହଲାଇ ହସି ହସି ବାହାରିଗଲା । ତାର ବୟସ ଚବିଶ-ପଚିଶ । ଏମ.ଏ. ପାସ୍ କରି ଏବେ ଏଟର୍ଣ୍ଣି ହୋଇଛି । ଶେଖରର ବାପା ଗୁଡ଼ ବ୍ୟବସାୟ କରି ଲକ୍ଷପତି ହେବା ପରେ ବେପାର ଛାଡ଼ି ତେଜରାତି କରୁଥିଲେ । ବଡ଼ପୁଅ ଅବିନାଶ ଓକିଲ । ସାନପୁଅ ଏଇ ଶେଖରନାଥ । ତାଙ୍କର ବିରାଟ ତିନି ମହଲା ଘର ଏଇ ସାହିର ମୁଣ୍ଡରେ । ସେ ଘରର ଖୋଲା ଛାତ ସହିତ ଗୁରୁଚରଣଙ୍କର ଛାତ ଯୋଡ଼ିଥିବାରୁ ଉଭୟ ପରିବାରଙ୍କ ମଧ୍ୟରେ ଆତ୍ମୀୟତା ବଢି ଉଠିଛି । ଘରର ଝିଅମାନେ ସେଇ ଛାତ ବାଟେ ଯିବା ଆସିବା କରନ୍ତି ।

୨ୟ ପରିଚ୍ଛେଦ

ଶ୍ୟାମବଜାରରେ ଜଣେ ଧନୀବ୍ୟକ୍ତିଙ୍କ କନ୍ୟା ସହିତ ଶେଖରର ବିବାହ ବିଷୟରେ ବହୁଦିନରୁ କଥାବାର୍ତ୍ତା ଚାଲିଥିଲା । ସେଦିନ ସେମାନେ ଆସି ଆଗାମୀ ମାଘମାସର କୌଣସି ଗୋଟିଏ ଶୁଭଦିନ ସ୍ଥିର କରିବାକୁ ଚାହିଁଲେ । କିନ୍ତୁ ଶେଖରର ମା' ସ୍ୱୀକାର କଲେ ନାହିଁ । ଚାକରାଣୀ ହାତରେ ଖବର ପଠାଇଲେ ଯେ ପୁଅ ନିଜେ ଦେଖି ପସନ୍ଦ କଲେ ହିଁ ସେ ରାଜି ହେବ ।

ନବୀନ ରାୟଙ୍କ ଲୋଲୁପ ଦୃଷ୍ଟି କେବଳ କନ୍ୟା ଘରର ଧନ ସମ୍ପଦ ଉପରେ । ସେ ଗୃହିଣୀଙ୍କର ଏପ୍ରକାର ଗୋଳମାଳିଆ କଥାରେ ଅପ୍ରସନ୍ନ ହୋଇ କହିଲେ, ଯେ ପୁଣି କି କଥା ? ଝିଅଦେଖା ତ ଆଗରୁ ସରିଛି । କଥାବାର୍ତ୍ତା ସରିଯାଉ, ଆଶୀର୍ବାଦ ଦିନ ଭଲଭାବେ ଦେଖିନେବ ।

ତଥାପି ଗୃହିଣୀ ସନ୍ତୁଷ୍ଟ ହେଲେ ନାହିଁ, ପକ୍କା ଜବାବ ଦେବାକୁ ମଧ୍ୟ ଦେଲେ ନାହିଁ । ନବୀନ ବାବୁ ରାଗରେ ଗରଗର ହୋଇ ବହୁ ବିଳମ୍ବରେ ମଧ୍ୟାହ୍ନ ଭୋଜନ କଲେ ଓ ଅନ୍ୟ କୋଠରୀରେ ଦିବାନିଦ୍ରା ସମାପନ କଲେ ।

ଶେଖରନାଥ ଯୁବକ ବେଶ ସୌଖିନ । ସେ ତିନିତାଲାର କୋଠରୀରେ ରହେ, ସୁସଜ୍ଜିତ କୋଠରୀ । ଏଇ ଘଟଣାର ପାଞ୍ଚଛଅ ଦିନ ପରେ ? ଅପରାହ୍ନ ସମୟରେ ସେ ଗୋଟିଏ ବଡ଼ ଅଇନା ସାମନାରେ ଠିଆ ହୋଇ କନ୍ୟା ଦେଖି ଯିବାକୁ ପ୍ରସ୍ତୁତ ହେଉଥିଲା ଲଳିତା ପ୍ରବେଶ କଲା । ପଚାରିଲା, କ'ଣ କନ୍ୟା ଦେଖିବାକୁ ଯାଉଛ ତ ?

ଶେଖର ପଛକୁ ଚାହିଁ କହିଲା, ମୋତେ ଭଲ ଭାବରେ ସଜେଇ ଦିଅ ଯେମିତି କନ୍ୟା ମୋତେ ପସନ୍ଦ କରେ ।

ଲଳିତା ହସି ହସି କହିଲା, ଏବେ ତ ମୋର ସମୟ ନାହିଁ, ଶେଖରଦା, ମୁଁ ଟଙ୍କା ନେବା ପାଇଁ ଆସିଛି । ତକିଆ ତଳୁ ଚାବି ବାହାର କରି ଆଲମାରିରୁ ଗଣିଗଣି କିଛି ଟଙ୍କା ଶାଢୀକାନିରେ ବାନ୍ଧି ମନକୁ ମନ କହି ଉଠିଲା । ଦରକାର ବେଳେ ତ ଟଙ୍କା ମୁଁ ନେଇଯାଉଛି, କିନ୍ତୁ ଶୁଝିବି କେମିତି ?

ଶେଖର ଗୋଟିଏ ବ୍ରୁସ୍‌ରେ ମୁଣ୍ଡ କେଶକୁ ଯତ୍ନର ସହିତ ଉପରକୁ ଟେକି ପଛକୁ ଫେରି କହିଲା, ଶୁଝିବ ନା ଶୁଝୁଛ ?

ଲଳିତା ବୁଝିନପାରି ଚାହିଁ ରହିଲା ।

ଶେଖର ପଚାରିଲା, କ'ଣ ବୁଝିପାରିଲନି ?

ଲଳିତା ମୁଣ୍ଡ ହଲାଇ କହିଲା, ନା ।

ଆଉ ଟିକେ ବଡ଼ ହେଲେ ବୁଝିପାରିବ । କହିସାରି ଶେଖର ଜୋତା ପିନ୍ଧି

ବାହାରି ଗଲା ।

ରାତିରେ ଶେଖର ଗୋଟିଏ କାଉଚ୍ ଉପରେ ଶୋଇଥାଏ । ମା' ଘର ଭିତରକୁ ପଶିବାରୁ ସେ ଉଠି ବସିଲା । ମା' ଗୋଟିଏ ଚୌକି ଉପରେ ବସି ପଚାରିଲେ, ଝିଅ କେମିତିକା ଦେଖିଲୁରେ ?

ମା' ମୁହଁକୁ ଚାହିଁ ଶେଖର କହିଲା, ହଁ, ଠିକ୍ ଅଛି ।

ଶେଖରର ମା'ଙ୍କ ନାଁ ଭୁବନେଶ୍ୱରୀ । ବୟସ ପ୍ରାୟ ପଚାଶ । କିନ୍ତୁ ସୁନ୍ଦର ଗଠନ ପାଇଁ ଦେଖିଲେ ମନେ ହେବ ପଇଁତିରିଶ- ଛତିଶ । ଆଉ ଏହି ସୁନ୍ଦର ଆବରଣ ତଳେ ଯେଉଁ ମାତୃ ହୃଦୟଟି ଥିଲା ତାହା ଅତ୍ୟନ୍ତ ନବୀନ କୋମଳ । ସେ ମଫସଲ ଗାଁର ଝିଅ । ଗାଉଁଲି ଝିଅ ଭାବରେ ବଢ଼ିଥିଲେ ମଧ୍ୟ ସହରୀ ଜୀବନକୁ ସେ ପୁରା ଖାପଖୁଆଇ ନେଇଛନ୍ତି । ସହରର ଚାଞ୍ଚଲ୍ୟ ସଜୀବତା ଓ ଆଚାର ବ୍ୟବହାରରେ ସେ ଯେମିତି ସ୍ୱଚ୍ଛନ୍ଦରେ ଗ୍ରହଣ କରିନେଇଛନ୍ତି, ଜନ୍ମଭୂମିର ନିବିଡ଼ ନିସ୍ତବ୍ଧତା ଓ ମାଧୁର୍ଯ୍ୟକୁ ଭୁଲିନାହାନ୍ତି । ଏଇ ମା' ଜଣକ ଶେଖରର କେତେ ବଡ଼ ଗର୍ବର ବସ୍ତୁ ତାହା ମା' ନିଜେ ମଧ୍ୟ ଜାଣିନାହାନ୍ତି । ଜଗଦୀଶ୍ୱର ଶେଖରକୁ ବହୁ ଉପହାର ଦେଇଛନ୍ତି । ଅନନ୍ୟ ସାଧାରଣ ସ୍ୱାସ୍ଥ୍ୟ, ରୂପ, ଐଶ୍ୱର୍ଯ୍ୟ, ବୁଦ୍ଧି । କିନ୍ତୁ ଏପରି ଜନନୀଙ୍କର ସନ୍ତାନ ହେବାର ଭାଗ୍ୟକୁ ହିଁ ଶେଖର କାୟମନରେ ଭଗବାନଙ୍କର ଦାନ ଭାବରେ ଗ୍ରହଣ କରେ ।

ମା' କହିଲେ, ହଁ କହିଦେଇ ଚୁପ ରହିଲୁ ଯେ ।

ଶେଖର ପୁଣି ହସି ମୁହଁ ତଳକୁ କରି କହିଲା, ଯାହା ପଚାରିଲ ସେଇୟା ତ କହିଲି ।

ମା' ମଧ୍ୟ ହସିଲେ, କହିଲେ, କଉଁଠି କହିଲୁ ? ରଙ୍ଗ କେମିତି, ଗୋରା ? କାହା ଭଳି ହେବ ? ଆମ ଲଳିତା ଭଳି ?

ଶେଖର ମା' ମୁହଁକୁ ଚାହିଁ କହିଲା, ସେ ତ କଳା । ତା'ଠୁ ଗୋରା । ଆଖି ମୁହଁ ଦେଖିବାକୁ କେମିତି ?

ମନ୍ଦ ନୁହଁ ।

ତା'ହେଲେ ବାପାଙ୍କୁ ଜଣାଇ ଦିଏ ?

ଏଥର ଶେଖର ଚୁପ୍ ରହିଲା । ମା' କିଛି ସମୟ ଚୁପ୍ ରହି ହଠାତ୍ ପଚାରିଲେ, ଆରେ, ଝିଅଟି କେତେଦୂର କ'ଣ ପଢିଛି ?

ଶେଖର କହିଲା, ସେକଥା ତ ମୁଁ ପଚାରିନି । ମା' ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ପଚାରିନୁ କ'ଣ ? ଆଜିକାଲି ତୁମମାନଙ୍କର ଯେଉଁଟା ସବୁଠାରୁ ଦରକାରୀ ଜିନିଷ ସେଇଟା ପଚାରିନୁ ?

ଶେଖର ହସି ଦେଇ କହିଲା, ନା, ମା' ମୋର ଜମା ମନେ ନଥିଲା । ପୁଅ

କଥା ଶୁଣି ମା' ବିସ୍ମିତ ହୋଇ ତା' ମୁହଁକୁ ଚାହିଁ ରହି ଶେଷରେ କହିଲେ, ତା'ହେଲେ ତୁ ସେଠି ବାହା ହେବୁନି ଦେଖୁଛି ।

ଶେଖର କ'ଣ କହିବାକୁ ଯାଉଥିଲା କିନ୍ତୁ ଲଳିତା ଘର ଭିତରକୁ ଆସିବା ଦେଖି ଚୁପ୍ ହୋଇଗଲା । ଲଳିତା ଧିରେ ଧିରେ ଆସି ଭୁବନେଶ୍ୱରୀଙ୍କ ପଛରେ ଠିଆ ହେଲା । ସେ ବାମ ହାତରେ ଲଳିତାକୁ ସାମନାକୁ ଆଣି ପଚାରିଲେ, କ'ଣ ହେଲା ମା' ?

ଲଳିତା ଧିର କଣ୍ଠରେ କହିଲା, "ନା ମା', କିଛି ନୁହେଁ । କିନ୍ତୁ ଭୁବନେଶ୍ୱରୀ ତାକୁ ନିଷେଧ କରି କହିଥିଲେ, ମୁଁ ତ ମାଉସୀ ନୁହେଁ, ଲଳିତେ । ମୁଁ ମା' । ସେଦିନରୁ ଲଳିତା ମା' ଡାକେ । ଭୁବନେଶ୍ୱରୀ ତାକୁ ଆହୁରି ପାଖକୁ ଟାଣିଆଣି ପଚାରିଲେ, କିଛି ନୁହେଁ ? ମୋତେ ଏକା ଦେଖିବାକୁ ଆସିଥିଲୁ ?

ଲଳିତା ଚୁପ ରହିଲା ।

ଶେଖର କହିଲା, ଦେଖିବାକୁ ଆସିଛି ।

ରାନ୍ଧିବ କେତେବେଳେ ?

ମା' ପଚାରିଲେ, ରାନ୍ଧିବ କାହିଁକି ?

ଶେଖର ଆଶ୍ଚର୍ଯ୍ୟ ହୋଇ ପଚାରିଲା, ତେବେ ତାଙ୍କ ଘରେ ରାନ୍ଧିବ କିଏ ? ତା' ମାମୁଁ ତ ସେଦିନ କହିଲେ ସେ ହିଁ ରନ୍ଧାବଢା । ସବୁ କାମ କରିବ ।

ମା' ହସିଲେ, କହିଲେ, ତା' ମାମୁଁଙ୍କର କ'ଣ ଅଛି । ଯାହା ପାଟିକୁ ଆସେ କହିଦେଲେ ହେଲା । ତା'ର ବାହାଘର ହୋଇନି, ତା' ହାତରୁ କିଏ ଖାଇବ ? ଆମ ବ୍ରାହ୍ମଣ ପୂଜାରିଣୀକୁ ପଠାଇ ଦେଇଛି । ସେ ରାନ୍ଧୁଛନ୍ତି । ଆମ ରୋଷେଇ ବଡ଼ବୋହୂ କରୁଛି । ମୁଁ ଆଜିକାଲି ଦ୍ୱିପହରରେ ତାଙ୍କରି ଘରେ ଖାଏ ।

ଶେଖର ଜାଣିପାରିଲା । ମା' ଏଇ ଦୁଃଖୀ ପରିବାରର ଗୁରୁଦାୟିତ୍ୱ ନିଜେ ବହନ କରୁଛନ୍ତି । ସେ ଗୋଟିଏ ତୃପ୍ତିର ନିଶ୍ୱାସ ପକାଇଲା ।

ପ୍ରାୟ ମାସେ ପରେ ଦିନେ ସନ୍ଧ୍ୟାବେଳେ ଶେଖର ନିଜ କୋଠରୀରେ କାଉଚ୍ ଉପରେ ଅଧା ଶୋଇଥିବା ଅବସ୍ଥାରେ ଇଂରାଜୀ ଉପନ୍ୟାସଟିଏ ପଢୁଥାଏ । ବେଶ୍ ମନ ଲାଗିଯାଇଥିଲା । ଏତିକି ବେଳେ ଲଳିତା ପଶିଆସି ତକିଆ ତଳୁ ଚାବି ନେଇ ବେଶ୍ ଶୁଣେଇ ଶୁଣେଇ ଆଲମାରି ଖୋଲିବାକୁ ଲାଗିଲା । ବହିରୁ ମୁହଁ ନ ଉଠାଇ ଶେଖର ପଚାରିଲା, କ'ଣ ?

ଲଳିତା କହିଲା, ଟଙ୍କା ନେଉଛି ।

ହୁଁ; କହିଦେଇ ଶେଖର ପୂର୍ବଭଳି ପଢିବାକୁ ଲାଗିଲା । ଲଳିତା କାନିରେ ଟଙ୍କା ବାନ୍ଧି ଠିଆ ହୋଇଥାଏ । ସେ ଆଜି ବେଶ ଭଲ ଲୁଗା ପିନ୍ଧି ସଜେଇ ହୋଇଆସିଛି ।

ତା'ର ଇଚ୍ଛା ଶେଖର ତାକୁ ଚାହିଁ ଦେଖୁ । କହିଲା, ଶେଖରଦା, ଦଶଟଙ୍କା ନେଲି ।

ଶେଖର କେବଳ 'ଆଚ୍ଛା' କହିଲା । କିନ୍ତୁ ବହିରୁ ମୁହଁ ଟେକି ଚାହିଁଲା ନାହିଁ । ଅଗତ୍ୟା ସେ ଏଣୁତେଣୁ କାମ ବାହାନାରେ ଏପଟସେପଟ ହେବାକୁ ଲାଗିଲା । କିନ୍ତୁ କୌଣସି ସୁଫଳ ନହେବାରୁ ସେ ଧିରେ ଧିରେ ବାହାରକୁ ଗଲା । କିନ୍ତୁ ଗଲେ ତ ହେବିନି, ତାକୁ ପୁଣି ଦୁଆର ବନ୍ଧ ପାଖରେ ଠିଆ ହେବାକୁ ପଡ଼ିଲା । ଆଜି ସେମାନେ ଥିଏଟର ଦେଖିବାକୁ ଯିବେ ।

ଶେଖରର ବିନା ହୁକୁମରେ ସେ କେଉଁଆଡ଼େ ଯାଇପାରିବ ନାହିଁ । ଏକଥା ସେ ଭଲ ଭାବରେ ଜାଣେ । କେହି ତାକୁ କେବେ ଏମିତି କଥା କହିନାହାନ୍ତି ବା କାହିଁକିର ତର୍କ ମଧ୍ୟ ଉଠିନାହିଁ । କିନ୍ତୁ ପ୍ରତ୍ୟେକ ପ୍ରାଣୀଙ୍କର ଏକ ପ୍ରକାର ସ୍ୱାଭାବିକ ସହଜ ବୁଦ୍ଧି ଅଛି ସେହି ବୁଦ୍ଧି ହିଁ ତାକୁ ଏହା ଶିଖାଇଥିଲା । ଅନ୍ୟମାନେ ସେମାନଙ୍କ ଇଚ୍ଛା ମୁତାବକ ବୁଲିପାରିବେ, କିନ୍ତୁ ସେ ପାରିବ ନାହିଁ । ସେ ସ୍ୱାଧୀନ ନୁହଁ କିମ୍ବା ମାମୁଁ ମାଇଙ୍କର ଅନୁମତି ତା'ପାଇଁ ଯଥେଷ୍ଟ ନୁହେଁ । ସେ ଦୁଆର ପାଖରେ ଠିଆ ହୋଇ ଧିରେ ଧିରେ କହିଲା, ଆମେ ଥିଏଟର ଦେଖିବାକୁ ଯାଉଛୁ ।

ତା'ର ମୃଦୁକଣ୍ଠ ଶେଖର କାନକୁ ଗଲାନାହିଁ । ସେ ବହି ପଢିବାରେ ନିମଗ୍ନ । ଲଳିତା ସାମାନ୍ୟ ଉଚ୍ଚ ଗଳାରେ କହିଲା, ମୋ ପାଇଁ ସମସ୍ତେ ଅପେକ୍ଷା କରିଛନ୍ତି ।

ଏଥର ଶେଖର ଶୁଣି ପାରିଲା । ସେ ବହି ରଖି ପଚାରିଲା, କ'ଣ ହୋଇଛି ?

ଲଳିତା ସାମାନ୍ୟ ରୁଷ୍ଟ ହୋଇ ଉତ୍ତର ଦେଲା, ଏବେ ମୋ କଥା ଶୁଭିଲା । ଆମେ ଥିଏଟରକୁ ଯାଉଛୁ ।

ଶେଖର ପଚାରିଲା, ଆମେ କିଏ ?

ମୁଁ, ଚାରୁବାଳା, ଆନ୍ନାକାଳୀ, ତା ମାମୁଁ ।

ଯେ ମାମୁଁ ଜଣକ କିଏ ?

ଲଳିତା କହିଲା, ତାଙ୍କ ନାଁ ଗିରୀନ ବାବୁ । ପାଞ୍ଚଛଅ ଦିନ ହେଲା ତାଙ୍କ ଘର ମୁଙ୍ଗେରରୁ ଆସିଛନ୍ତି । ଏଠି ବି.ଏ. ପଢିବେ । ଭଲ ଲୋକ ସିଏ ।

ବାଃ, ନାମ, ଧାମ, ପେଶା ସବୁ ଜଣା । ଭଲ ପରିଚୟ ହୋଇଯାଇଛି । ସେଇଥି ପାଇଁ ଚାରି ପାଞ୍ଚ ଦିନ ଦେଖା ଦର୍ଶନ ନାହିଁ । ଜୋର୍ ତାସ ଖେଳ ଚାଲିଥିଲା ବୋଧହୁଏ ।

ଶେଖରର ଏ ପ୍ରକାର କଥାବାର୍ତ୍ତା ଶୁଣି ଲଳିତା ଭୀତତ୍ରସ୍ତ ହୋଇଉଠିଲା । ସେ ଭାବି ନ ଥିଲା ଏମିତି ଗୋଟେ ପ୍ରଶ୍ନ ଆସିପାରେ । ତେଣୁ ଚୁପ ରହିଲା ।

ଶେଖର ପୁଣି କହିଲା, ଏଇ କେତେଦିନ ବେଶ୍ ତାସ ଖେଳ ଚାଲିଥିଲା, ନା ?

ଲଳିତା ଥତମତ ହୋଇ କହିଲା, ଚାରୁ କହିଲା ବୋଲି ।

ଚାରୁ କହିଲା ? କ'ଣ କହିଲା ? ଶେଖର ଏଥର ଲଳିତାର ବେଶଭୁଷା ନିରୀକ୍ଷଣ କରି କହିଲା, ପୂରା ସଜବାଜ ହୋଇ ବାହାରି ଆସିଛ । ଆଚ୍ଛା... ଯାଅ ।

ଲଳିତା ନ ଯାଇ ସେଇଠି ଠିଆ ହୋଇ ରହିଲା ।

ପଡ଼ିଶା ଘରର ଚାରୁବାଳା ତାର ବଉଳ ସଙ୍ଗୀତ, ଏକା ବୟସର । ସେମାନେ ବ୍ରାହ୍ମ । ଗିରୀନ ଅନ୍ୟ ସମସ୍ତଙ୍କୁ ଶେଖର ଚିହ୍ନିଥିଲା । ପାଞ୍ଚଛଅ ବର୍ଷ ପୂର୍ବେ ଗିରୀନ ଏଠାକୁ ଥରେ ଆସିଥିଲା । ତା'ପରେ ଝାଙ୍କିପୁରରେ ପଢୁଥିଲା । କଲିକତାରେ ତାର କୌଣସି ପ୍ରୟୋଜନ ନଥିଲା ତେଣୁ ଆସିନାହିଁ । ସେଥିପାଇଁ ଶେଖର ତାକୁ ଚିହ୍ନି ନଥିଲା । ଲଳିତାକୁ ସେପର୍ଯ୍ୟନ୍ତ ଠିଆ ହୋଇଥିବାର ଦେଖି କହିଲା, ତୁଚ୍ଛାରେ କାହିଁକି ଠିଆ ହୋଇଛ ? ଯିବା ପାଇଁ ତ କହିଲି । ବହିଟିକୁ ମୁହଁ ସାମନାରେ ରଖି ପଢିବାକୁ ଲାଗିଲା ।

ପ୍ରାୟ ପାଞ୍ଚ ମିନିଟ୍ କାଳ ଚୁପ ରହି ଲଳିତା ପୁଣି ଧିରେ ଧିରେ ପଚାରିଲା, ଯିବି ?

ଯିବାକୁ ତ କହିଲି, ଲଳିତା ।

ଶେଖରର କଥା ଶୁଣି ଲଳିତାର ମନ ଭାଙ୍ଗିଗଲା, କିନ୍ତୁ ସେ ନ ଗଲେ ତ ଚଳିବନି । କଥା ହୋଇଥିଲା, ସେ ଅଧା ଖର୍ଚ୍ଚ ଦେବ ଓ ଚାରୁର ମାମୁଁ ବାକି ଅଧା ଦେବେ ।

ଚାରୁ ଘରେ ସମସ୍ତେ ଅଧୈର୍ଯ୍ୟ ହୋଇ ଅପେକ୍ଷା କରିଥାନ୍ତି ଏବଂ ଯେତେ ବିଳମ୍ବ ହେଉଥାଏ ସେତେ ସେମାନଙ୍କର ଧୈର୍ଯ୍ୟ ଭଙ୍ଗ ହେଉଥାଏ । ଲଳିତା ଆଖିରେ ଏସବୁ ନାଚି ଉଠୁଥାଏ କିନ୍ତୁ ସେ ଉପାୟ ଶୂନ୍ୟ । ଦୁଇ ତିନି ମିନିଟ୍ ପରେ ସେ ପୁଣି ପଚାରିଲା, କେବଳ ଆଜି ଗୋଟିଏ ଦିନ- ଯିବି ?

ଶେଖର ବହିଟିକୁ ବିଛଣାର ଗୋଟିଏ କୋଣରେ ଫୋପାଡ଼ି ଦେଇ ଧମକ ସ୍ୱରରେ କହିଲା, ବିରକ୍ତ କର ନା, ଲଳିତା । ଇଚ୍ଛା ହେଉଛି ତ ଯାଅ । ଭଲମନ୍ଦ ବୁଝିବାର ବୟସ ତୁମର ତ ହେଲାଣି ।

ଲଳିତା ଚମକି ଉଠିଲା । ଶେଖରର ଟାଣ କଥା ଶୁଣିବା ତା' ପାଇଁ ନୂଆ ନୁହେଁ । କିନ୍ତୁ ଗତ ଦୁଇତିନି ବର୍ଷ ଭିତରେ ସେ ଏପରି କଥା ଶୁଣିନାହିଁ । ସେପଟେ ସମସ୍ତେ ଅପେକ୍ଷା କରିଛନ୍ତି । ସେ ମଧ୍ୟ ଲୁଗାପଟା ପିନ୍ଧି ଯିବାପାଇଁ ପ୍ରସ୍ତୁତ । ଟଙ୍କା ଆଣିବା ପାଇଁ ଆସି ତା'ର ଏଇ ବିପତ୍ତି । ବର୍ତ୍ତମାନ ସେ ଫେରିଯାଇ ସେମାନଙ୍କୁ କ'ଣ ବା କହିବ ?

ତା'ର କେଉଁଠି ଯିବା ଆସିବା ବିଷୟରେ ଶେଖର ତରଫରୁ ଅବାଧ ସ୍ୱାଧୀନତା ଥିଲା । ସେଇଥିପାଇଁ ସେ ପୂରା ପ୍ରସ୍ତୁତ ହୋଇ ଏଠିକୁ ଆସିଛି । କିନ୍ତୁ ବର୍ତ୍ତମାନ ତା'ର

ସେହି ସ୍ୱାଧୀନତା ଏପରି ରୁକ୍ଷ ଭାବରେ ଖର୍ବ ହେଲା ତାହା ନୁହେଁ, ଯେଉଁ କାରଣରୁ ହେଲା ସେହି କାରଣଟି କେତେ ଲଜ୍ୟାକର, ଏହା ଭାବି ତା'ର ମନ ପୋଡ଼ିଗଲା । ଆହୁରି ପାଞ୍ଚ ମିନିଟ୍ କାଳ ନିଃଶବ୍ଦରେ ଲୋତକପାତ କରି ଧିରେ ଧିରେ ଫେରି ଆସିଲା । ନିଜ କୋଠରୀକୁ ଯାଇ ଆନ୍ନାକାଳୀ ହାତରେ ଦଶ ଟଙ୍କା ଗୁଞ୍ଜିଦେଇ କହିଲା, ତମେମାନେ ସବୁ ଆଜି ଯାଅ, ମୋ ଦେହ ଜମା ଭଲ ଲାଗୁନି, ବଉଳକୁ କହିବୁ ମୁଁ ଆଜି ଯାଇପାରୁନି ।

କାଳୀ ପଚାରିଲା, କ'ଣ ହେଲା ତମର, ଅପା ?

ମୁଣ୍ଡ ଭୀଷଣ ବିନ୍ଧୁଛି । ବାନ୍ତି ଲାଗୁଛି, ଦେହ ବହୁତ ଖରାପ । ଏତକ କହି ସେ ମୁହଁ ବୁଲାଇ ବିଛଣାରେ ପଡ଼ିରହିଲା । ଚାରୁ ଆସି ଅନେକ ବୁଝାଇଲା । ମାଇଁ ମଧ୍ୟ ବାରମ୍ବାର କହିଲେ, କିନ୍ତୁ କେହି ଲଳିତାକୁ ରାଜି କରାଇ ପାରିଲେ ନାହିଁ । ଆନ୍ନାକାଳୀ ହାତରେ ଦଶଟଙ୍କା ଧରି ଯିବାପାଇଁ ବ୍ୟସ୍ତ ହେଉଥାଏ । ସେ ଚାରୁକୁ ଦୂରକୁ ଡାକି ଫୁସଫୁସ କରି କହିଲା, ଅପା ଦଶଟଙ୍କା ଦେଇଛି । ସେ ନ ଯାଉ, ଆମେ ଚାଲ ଯିବା । ଏଇ ଟଙ୍କା ଦେଖ । ଚାରୁ ବୁଝିଲା, ଆନ୍ନାକାଳୀ ବୟସରେ ସାନ ହେଲେ ବି ବୁଦ୍ଧିରେ କାହାଠୁ କମ୍ ନୁହେଁ । ସେମାନେ ସାଙ୍ଗ ହୋଇ ଚାଲିଗଲେ ।

୩ୟ ପରିଚ୍ଛେଦ

ଚାରୁବାଳାର ମା'ଙ୍କର ତାସ ଖେଳ ବ୍ୟତୀତ ସଂସାରରେ ପ୍ରିୟ ବସ୍ତୁ ଆଉ କିଛି ନାହିଁ । ଖେଳ ପାଇଁ ଝୁଙ୍କ ବହୁତ ଥିଲା । କିନ୍ତୁ ଦକ୍ଷତା କମ୍ । ତେଣୁ ଲଳିତାକୁ ସାଙ୍ଗ ହିସାବରେ ପାଇଗଲେ ତାଙ୍କର ସେହି ତ୍ରୁଟି ସୁଧୁରିଯାଏ । ଲଳିତା ଭଲ ଖେଳିପାରେ । ମନୋରମାଙ୍କର ମାମୁଁ ପୁଅ ଭାଇ ଗିରୀନ୍ଦ୍ର ଆସିବା ଦିନରୁ ଏଇ କେତେ ଦିନ ଦ୍ୱିପହରରେ ତାଙ୍କ ଘରେ ତାସର ବିରାଟ ଆଡ୍ଡା ଜମୁଥିଲା । ଗିରୀନ ପୁଅ ଥିଲା, ଭଲ ଖେଳିପାରେ । ସୁତରାଂ ତା ବିପକ୍ଷରେ ଖେଳିବାକୁ ଗଲେ ମନୋରମାଙ୍କର କେବଳ ଦରକାର ଲଳିତାକୁ ।

ଥିଏଟର ଦେଖିବା ପରଦିନ ଯଥା ସମୟରେ ଲଳିତା ଉପସ୍ଥିତ ନ ହେବାରୁ ମନୋରମା ତାଙ୍କ ଚାକରାଣୀକୁ ପଠାଇଲେ । ଲଳିତା ସେତେବେଳେ ଗୋଟିଏ ମୋଟା ଖାତାରେ ଇଂରାଜୀ ବହିରୁ ବଙ୍ଗଳା ତର୍ଜମା କରୁଥିଲା । ସେ ଖେଳିବାକୁ ଗଲାନାହିଁ ।

ତା'ପରେ ଚାରୁ ଆସିଲା । ତଥାପି କିଛି ସୁଫଳ ହେଲାନାହିଁ । ଶେଷରେ ମନୋରମା ଆସି ଖାତାପତ୍ରକୁ ଅଲଗା ରଖି କହିଲେ, ଚାଲ । ବଡ଼ ହୋଇ ଓକିଲାତି କରିବାର ନାହିଁ । ଆସ, ତାସ ଖେଳିବୁ ।

ଲଳିତା ମହା ବିପଦରେ ପଡ଼ିଲା । କାନ୍ଦ କାନ୍ଦ ହୋଇ ଜଣାଇଲା, ଆଜି ତା' ପକ୍ଷରେ ଯିବା ସମ୍ଭବ ନୁହେଁ । କାଲି ଯିବ । କିନ୍ତୁ ମନୋରମା ଶୁଣିବାକୁ ନାରାଜ ।

ଅବଶେଷରେ ଲଳିତା ଯାଇ ପୂର୍ବଭଳି ଗିରୀନ ବିପକ୍ଷରେ ବସି ତାସ ଖେଳିବାକୁ ଆରମ୍ଭ କଲା । କିନ୍ତୁ ଅନ୍ୟ ଦିନ ଭଳି ସେ ଖେଳରେ ମେନ ଦେଇ ପାରିଲାନାହିଁ । କ'ଣ ଗୋଟାଏ ଯେମିତି ତାକୁ ମାଡ଼ି ପଡୁଥାଏ । ଶୀଘ୍ର ଖେଳ ସାରି ଘରକୁ ଫେରି ଆସିଲା । ଫେରିବା ପୂର୍ବରୁ ଗିରୀନ କହିଲା, କାଲି ଆପଣ ଟଙ୍କା ପଠେଇ ଦେଲେ, କିନ୍ତୁ ଗଲେ ନାହିଁ । ଚାଲନ୍ତୁ, ଆସନ୍ତାକାଲି ପୁଣି ଯିବା ।

ଲଳିତା ମୃଦୁକଣ୍ଠରେ କହିଲା, ନା, ମୋ ଦେହ ଭୀଷଣ ଖରାପ ଲାଗୁଥିଲା । ଗିରୀନ କହିଲା, ଏବେ ତ ଦେହ ଭଲ ଅଛି । ଚାଲନ୍ତୁ, କାଲି ଯିବା ।

ନା, ନା, କାଲି ମୋର ସମୟ ନାହିଁ । ଏହା କହି ଲଳିତା ଦ୍ରୁତପଦରେ ପ୍ରସ୍ଥାନ କଲା । ଆଜି ଯେ କେବଳ ଶେଖର ଭୟରେ ଭଲ ଖେଳିପାରିନାହିଁ ତା ନୁହଁ, ତାକୁ ଆଜି ଭୀଷଣ ଲାଜ ଲାଗୁଥିଲା ।

ଶେଖର ଘର ଭଳି ଏଇ ଘରକୁ ମଧ୍ୟ ସେ ପିଲାବେଳୁ ନିର୍ଦ୍ୱନ୍ଦରେ ଯିବା ଆସିବା କରେ ଏବଂ ଘର ଲୋକ ଭଳି ସମସ୍ତଙ୍କ ସମ୍ମୁଖକୁ ଯାଏ । ତେଣୁ ଚାରୁର ମାମୁଁଙ୍କ ସାମନାକୁ ଯିବା କଥା କହିବାକୁ ତା'ର କୌଣସି ଦ୍ୱିଧା ହୋଇନାହିଁ । କିନ୍ତୁ ଆଜି ଗିରୀନ୍ଦ୍ର ସାମନାରେ ବସି ତାସ ଖେଳିବା ସମୟରେ ତାକୁ କାହିଁକି କେଜାଣି ମନେ ହେଉଥିଲା ଏଇ କେଇଦିନର ପରିଚୟରେ ଗିରୀନ୍ଦ୍ର ତାକୁ ଏକ ବିଶେଷ ପ୍ରୀତିପୂର୍ଣ୍ଣ ଆଖିରେ ଚାହୁଁଛି । ପୁରୁଷଙ୍କର ପ୍ରୀତିପୂର୍ଣ୍ଣ ଚାହାଣୀ ଯେ ଏତେ ଲଜ୍ଜ୍ୟା ପ୍ରଦାୟକ ବସ୍ତୁ ତାହା ସେ ପୂର୍ବରୁ କେବେ ଭାବିନଥିଲା ।

ଘରେ ସାମାନ୍ୟ କ'ଣ କାମ ସାରି ଶେଖର ଘରକୁ ଗଲା ଓ କାମରେ ଲାଗିପଡ଼ିଲା । ପିଲାଦିନରୁ ଏ ଘରର ଅନେକ ଗୁଡ଼ିଏ ଛୋଟମୋଟ କାମ ସେ ହିଁ କରେ । ବହିପତ୍ର ସଜାଇ ରଖିବା, ଟେବୁଲ ପରିଷ୍କାର କରିବା, କଲମ ଦୁଆତ ଇତ୍ୟାଦି ଠିକ୍ ଜାଗାରେ ରଖିବା ସବୁ କାମ ସେ ହିଁ କରେ । ଛଅ ସାତଦିନ ଏସବୁ କାମ ସେ କରିନାହିଁ । ତେଣୁ ସବୁକିଛି ସଜାଡ଼ିବାକୁ ତାକୁ ବେଶ ସମୟ ଲାଗିଗଲା ।

ଯେତେବେଳେ ସମୟ ମିଳେ ସେ ଏ ଘରକୁ ଆସେ ଓ ସେ ନିଜେ ମଧ୍ୟ କାହାକୁ ପର ବୋଲି ଭାବେ ନାହିଁ । ତେଣୁ ଏ ଘରର କେହି ମଧ୍ୟ ତାକୁ ପର ବୋଲି ଭାବନ୍ତି ନାହିଁ । ମାତ୍ର ଆଠବର୍ଷ ବୟସରେ ଲଳିତାର ବାପା ମା' ଉଭୟ ଚାଲିଗଲେ । ସେହି ଦିନରୁ ସେ ଶେଖର ପାଖରୁ ପାଠପଢି ମଣିଷ ହୋଇଛି ।

ସମସ୍ତେ ଜାଣନ୍ତି ସେ ଶେଖରର ବିଶେଷ ସ୍ନେହର ପାତ୍ରୀ କିନ୍ତୁ ସେ ସ୍ନେହ ବର୍ତ୍ତମାନ କେଉଁଠି ଯାଇ ପହଞ୍ଚିଲାଣି ତାହା କେହି ଜାଣିନଥିଲେ । ଲଳିତା ମଧ୍ୟ ଜାଣିନଥିଲା । ପିଲାଟି ଦିନରୁ ସେ ଶେଖର ନିକଟରୁ ଏତେ ଅପର୍ଯ୍ୟାପ୍ତ ପରିମାଣର ସ୍ନେହ ପାଇଆସିଛି ଯେ ସମସ୍ତେ ଏହାକୁ ଖୋଲା ମନରେ ଗ୍ରହଣ କରିଛନ୍ତି । ତେଣୁ ତା'ର

କୌଣସି ବ୍ୟବହାର ମଧ୍ୟ କାହାରି ଦୃଷ୍ଟି ଆକର୍ଷଣ କରେ ନାହିଁ । ସେଇଥିପାଇଁ ଲଳିତା ଯେ କେବେ ବୋହୂ ରୂପରେ ଏଇ ଗୃହରେ ପ୍ରତିଷ୍ଠିତ ହୋଇପାରେ, ସେ ସମ୍ଭାବନା ମଧ୍ୟ କାହାରି ମନରେ ଜାଗ୍ରତ ହୋଇନାହିଁ । ଲଳିତା ଘରେ କେହି ଏହା ଭାବିନାହାନ୍ତି ବା ଭୁବନେଶ୍ୱରୀଙ୍କ ମନରେ ମଧ୍ୟ ଏ ଚିନ୍ତା ପ୍ରବେଶ କରିନାହିଁ ।

ଲଳିତା ଭାବିଥିଲା ଶେଖର ଫେରିବା ପୂର୍ବରୁ ସେ ସବୁ କାମ ସାରି ଫେରିଯିବ । ତେଣୁ ଘଣ୍ଟା ଆଡ଼କୁ ଲକ୍ଷ୍ୟ କରିନାହଁ । ହଠାତ୍ କବାଟ ସେପଟୁ ଜୋତା ଶବ୍ଦ ଶୁଣି ସେ ଗୋଟାଏ କୋଣକୁ ଆଉଜି ଠିଆ ହୋଇରହିଲା ।

ଶେଖର ପଶିଆସି କହିଲା, ଏଇ ତ ! କାଲି କେତେ ରାତିରେ ଫେରିଲ ?

ଲଳିତା କିଛି ନକହି ଚୁପ ରହିଲା ।

ଗୋଟିଏ ଗଦିବାଲା ଆରାମ ଚେୟାରରେ ବସି ପଡ଼ି ସେ ପୁଣି ପଚାରିଲା, କେତେବେଳେ ଫେରିବା ହେଲା ? ଦୁଇଟା ? ନା ତିନିଟା ? ପାଟିରୁ କଥା ବାହାରୁନି ଯେ ?

ଲଳିତା ପୂର୍ବଭଳି ଚୁପ ହୋଇ ରହିଲା ।

ଶେଖର ବିରକ୍ତ ହୋଇ କହିଲା, ତଳକୁ ଯାଅ ମା' ଡାକୁଛନ୍ତି ।

ଭୁବନେଶ୍ୱରୀ ଭଣ୍ଡାର ଘର ସାମ୍ନାରେ ବସି ଜଳଖିଆ ସଜାଇ ରଖୁଥିଲେ । ଲଳିତା ଆସି ପଚାରିଲା, ମା' ମୋତେ ଡାକୁଥିଲ ?

କାଇଁ, ମୁଁ ତ ଡାକିନାହିଁ । ଏତକ କହି ସେ ଲଳିତା ମୁହଁ ଦେଖି ପଚାରିଲେ, ମୁହଁ ଏତେ ଶୁଖିଲା ଦିଶୁଛି କାହିଁକି, ଲଳିତେ ? କିଛି ଖାଇନୁ ବୋଧେ ।

ଲଳିତା ମୁଣ୍ଡ ହଲାଇଲା ।

ଭୁବନେଶ୍ୱରୀ କହିଲେ, ହଉ, ତୋ ଦାଦାଙ୍କୁ ଏଇ ଜଳଖିଆ ଦେଇ ମା' ପାଖକୁ ଆ ।

ଲଳିତା ଉପରକୁ ଯାଇ ଦେଖିଲା ଶେଖର ସେମିତି ଆଖି ବନ୍ଦ କରି ଆରାମ ଚେୟାରରେ ପଡ଼ିରହିଛି । ଅଫିସ ପୋଷାକ ଖୋଲିନାହିଁ । ହାତମୁହଁ ମଧ୍ୟ ଧୋଇନାହିଁ । ପାଖକୁ ଆସି ଲଳିତା ଧିରେ ଧିରେ କହିଲା, ଜଳଖିଆ ଆଣିଛି ।

ଶେଖର ତାକୁ ନ ଚାହିଁ କହିଲା, ରଖିଦେଇ ଯାଅ ।

ଲଳିତା ଥାଳିଟିକୁ ଧରି ସେମିତି ଠିଆ ହୋଇ ରହିଲା ।

ଶେଖର ନ ଚାହିଁ ମଧ୍ୟ ଜାଣିପାରିଲା, ଲଳିତା ଠିଆ ହୋଇ ଅପେକ୍ଷା କରିଛି । ଦୁଇତିନି ମିନିଟ୍ ନିଃଶବ୍ଦରେ କଟିଲା ପରେ ଶେଖର କହିଲା, କେତେ ସମୟ ଠିଆ ହୋଇ ରହିବ ? ମୋର ଡେରି ହେବ । ସେଇଠି ରଖିଦିଅ ।

ଲଳିତା ଠିଆ ହୋଇ ମନେମନେ ରାଗୁଥିଲା । ମୃଦୁକଣ୍ଠରେ କହିଲା, ଡେରି

ହେଉ । ତଳେ ମୋର କିଛି କାମ ନାହିଁ ।

ଶେଖର ତା' ଆଡ଼କୁ ଚାହିଁ ହସି ଉଠିଲା । କହିଲା, ଏବେ ପାଟିରୁ କଥା ବାହାରିଲା । ଆମ ଘରେ କିଛି କାମ ନଥିଲେ ପାଖ ଘରେ ତ କାମ ଥିବ । ସେଠି ନଥିଲେ ତା'ପର ଘରେ ତ କାମ ଥିବ । ତମର ତ ଆଉ ଗୋଟିଏ ବୋଲି ଘର ନୁହେଁ ।

ନୁହେଁ ତ ! ଲଳିତା ରାଗିଯାଇ ଥାଳିଟିକୁ ଟେବୁଲ ଉପରେ ଦୁମ୍‌କିନା ଥୋଇ ଘରୁ ବାହାରି ଗଲା ।

ଶେଖର ପଛରୁ ପାଟିକରି କହିଲା, "ସଂଜ ପରେ ଥରେ ଆସିବି । ଶହେ ଥର ମୁଁ ଉପର ତଳ ହୋଇପାରିବିନି," କହିଦେଇ ଲଳିତା ଚାଲିଗଲା ।

ତଳକୁ ଆସିଲା ପରେ ଭୁବନେଶ୍ୱରୀ କହିଲେ, ଦାଦାକୁ ଜଳଖିଆ ଦେଲୁ, ପାନ ତ ଦେଲୁନାହିଁ ?

ମା, ମୋତେ ଭୋକ ଲାଗୁଛି, ଆଉ ପାରିବିନି କହି ତଳେ ବସିପଡ଼ିଲା ।

ମା' ତାର ରୁଷ୍ଟ ମୁହଁକୁ ଚାହିଁ ହସିଦେଇ କହିଲେ, ହଉ, ତୁ ଖାଇ ନେ । ମୁଁ ଚାକରାଣୀ ହାତରେ ପାନ ପଠେଇ ଦେଉଛି ।

ଲଳିତା ପ୍ରତ୍ୟୁତ୍ତର ନ ଦେଇ ଖାଇବାକୁ ଆରମ୍ଭ କଲା ।

ସେ ଥିଏଟର ଦେଖିବାକୁ ଯାଇନଥିଲା । ତଥାପି ଶେଖର ତା' ଉପରେ ବିରକ୍ତ । ଏଇ ରାଗରେ ସେ ଚାରିପାଞ୍ଚ ଦିନ ଶେଖରକୁ ଦେଖା କଲାନାହିଁ । କିନ୍ତୁ ସେ ଅଫିସ ଚାଲିଗଲେ ଉପରଓଳି ଲଳିତା ଯାଇ ଘରର ସବୁ କାମ କରିଦିଏ । ଶେଖର ନିଜ ଭୁଲ ବୁଝିପାରି ଲଳିତାକୁ ଦୁଇଥର ଡାକିଛି । କିନ୍ତୁ ସେ ଯାଇନାହିଁ ।

୪ର୍ଥ ପରିଚ୍ଛେଦ

ଏଇ ସାହିର ଜଣେ ଅତିବୃଦ୍ଧ ଭିକ୍ଷୁକ ମଝିରେ ମଝିରେ ଭିକ୍ଷା କରିବାକୁ ଆସେ । ତା' ଉପରେ ଲଳିତାର ଭୀଷଣ ଦୟା । ସେ ଆସିଲେ ତାକୁ ଟଙ୍କାଟିଏ ଦିଏ । ଟଙ୍କା ପାଇଁ ସେ ବିଭିନ୍ନ ଅପୂର୍ବ ଓ ଅସମ୍ଭବ ଆଶୀର୍ବାଦ ଉଚ୍ଚାରଣ କରେ । ସେହି ଅତିଶୟ ବାର୍ତ୍ତା ଶୁଣିବାକୁ ଲଳିତାକୁ ମଧ୍ୟ ଭଲ ଲାଗେ । ଭିକ୍ଷୁକ ବୃଦ୍ଧ କହେ ଲଳିତା ପୂର୍ବ ଜନ୍ମରେ ତା'ର ନିଜ ମା' ଥିଲା । ଲଳିତାକୁ ଦେଖିବା ମାତ୍ରେ ସେ କୁଆଡ଼େ ଠିକ୍ ଚିହ୍ନିପାରିଥିଲା । ବୁଢାପୁଅ ଆଜି ସକାଳୁ ଆସି ହାଜର ହୋଇ ଡାକ ଛାଡ଼ିଲା, ମା ଜନନୀ ଗୋ, କୁଆଡ଼େ ଗଲ ?

ଆଜି କିନ୍ତୁ ସନ୍ତାନର ଆହ୍ୱାନରେ ଲଳିତା ବିବ୍ରତ ହୋଇ ପଡ଼ିଲା । ବର୍ତ୍ତମାନ ଶେଖର ତା'କୋଠରୀରେ ଅଛି, ତେଣୁ ଟଙ୍କା ଆଣିବାକୁ କେମିତି ବା ଯିବ ? ମାଇଁଙ୍କ ପାଖକୁ ଗଲା । ମାଇଁ କିଛି ସମୟ ଆଗରୁ ଚାକରାଣୀ ଉପରେ ରଗାରଗି କରି ବିରକ୍ତ

ମୁହଁରେ ଚୁଲି ପାଖରେ କାମ କରୁଛନ୍ତି । ତାଙ୍କୁ କିଛି କହି ନ ପାରି ଲଳିତା ଝରକା ବାଟେ ଦେଖିଲା ଭିକ୍ଷୁକ ଠେଙ୍ଗାଟିକୁ ଦୁଆର ପାଖରେ ଥୋଇ ବେଶ ଆରାମରେ ବସିଛି । କାହାକୁ କେବେ ଲଳିତା ନିରାଶ କରିନାହିଁ, ଆଜି ମଧ୍ୟ କରିବାକୁ ଚାହିଁଲା ନାହିଁ ।

ଭିକ୍ଷୁକ ପୁଣି ଡାକ ଦେବାରୁ ଆନ୍ନାକାଳୀ ଦୌଡ଼ି ଆସି କହିଲା, ଅପା, ତୁମର ସେହି ପୁଅ ଆସିଛି ।

ଲଳିତା ତାକୁ କହିଲା, ଗୋଟେ କାମ କର । ଦୌଡ଼ିଯାଇ ଶେଖରଦାଙ୍କ ପାଖରୁ ଟଙ୍କାଟିଏ ମାଗି ଆଣ ।

କାଳୀ ଦୌଡ଼ି ଦୌଡ଼ି ପଳାଇଗଲା ଓ ମୁହୂର୍ତ୍ତକ ମଧ୍ୟରେ ଲଳିତା ପଚାରିଲା ଦୌଡ଼ି ଆସି ଟଙ୍କାଟିଏ ଦେଇ କହିଲେ, ନିଅ ।

ଲଳିତା ପଚାରିଲା, ଶେଖରଦା କ'ଣ କହିଲେ ?

କିଛି ନା । ମୋତେ କହିଲେ ଜାମା ପକେଟରୁ ଟଙ୍କା ନେବାକୁ , ମୁଁ ନେଇଗଲି ।

ଆଉ କିଛି କହିଲେନି ?

ନା, ଆଉ କିଛି କହିଲେନି । ତା'ପରେ ସେ ଚାଲିଗଲା ।

ଲଳିତା ଭିକ୍ଷୁକକୁ ଟଙ୍କାଟିଏ ଦେଇ ବିଦାକଲା । ଅନ୍ୟ ଦିନ ଭଳି ତାର ଶବ୍ଦ ମାଧୁର୍ଯ୍ୟ ଶୁଣିବାକୁ ଇଚ୍ଛା ହେଲା ନାହିଁ ।

ଏଇ କେତେଦିନ ସେମାନଙ୍କ ତାସ ଆସର ବେଶ ଜମୁଥିଲା । ଆଜି ଉପରିଓଳି ସେ ଗଲାନାହିଁ । ମୁଣ୍ଡ ବିନ୍ଧୁଛି କହି ଶୋଇ ରହିଲା । ସତରେ ତା' ମନଟା ବେଶ ଖରାପ । ଅପରାହ୍ନରେ କାଳୀକୁ ଡାକି ପଚାରିଲା, ତୁ ପାଠ ବୁଝିବା ପାଇଁ ଶେଖରଦାଙ୍କ ପାଖକୁ ଯାଉନୁ କି ?

ହଁ, ଯାଏ ତ ।

ମୋ କଥା ଶେଖରଦା କିଛି ପଚାରନ୍ତି ନାହିଁ ?

ନା, ହଁ, ହଁ, ପହରଦିନ ପଚାରୁଥିଲେ, ତୁମେ ତାସ ଖେଳିବାକୁ ଯାଉଛ କି ନାହିଁ ।

ଲଳିତା ଉଦ୍‌ବିଗ୍ନ ହୋଇ ପଚାରିଲା, କ'ଣ କହିଲୁ ?

କାଳୀ ଉତ୍ତର ଦେଲା, ତୁମେ ଉପରଓଳି ଚାରୁଦିଦିଙ୍କ ଘରକୁ ମୁଁ କହିଲି ତୁମେ ? ବଉଳମା ଓ ଚାରୁଦିଦି, ତାଙ୍କ ମାମୁଁ । ଆଚ୍ଛା, ଅପା ତୁମେ ଖେଳ ନା ଚାରୁଦିଦିର ମାମୁଁ ? ବଉଳମା କହନ୍ତି ତମେ ଭଲ ଖେଳିପାର ।

ଲଳିତା ସେ ପ୍ରଶ୍ନର ଉତ୍ତର ନଦେଇ ଅତ୍ୟନ୍ତ ବିରକ୍ତ ହୋଇ କହିଲା, ତୁ ଏତେ କଥା କହିଲୁ କାହିଁକି ? ତୋର ସବୁଥିରେ ଅଧିକା କଥା । ତୋତେ ଆଉ କେବେ

କିଛି ଦେବିନି । କହି ରାଗରେ ଚାଲିଗଲା ।

କାଳୀ ବିଚାରୀ ଏ ପ୍ରକାର ବ୍ୟବହାର ହେତୁ ବୁଝିନପାରି ବୋକୀଙ୍କ ଭଳି ଚାହିଁ ରହିଲା ।

ମନୋରମାଙ୍କର ତାସ ଖେଳ ଦୁଇଦିନ ହେଲା ବନ୍ଦ, କାରଣ ଲଳିତା ଆସୁନାହିଁ । ଲଳିତାକୁ ଦେଖି ଗିରୀନ୍ଦ୍ର ଯେ ଆକର୍ଷିତ ହୋଇଛି ତାହା ମନୋରମା ସଠିକ୍ ବୁଝିପାରିଥିଲେ । ସେଇ ସନ୍ଦେହ ଆଜି ତାଙ୍କର ସୁଦୃଢ ହେଲା ।

ଗତ ଦୁଇଦିନ ଗିରୀନ କେମିତି ଉତ୍ସୁକ ହୋଇ ପଡ଼ିଥିଲା, ଅନ୍ୟମନସ୍କ ମଧ୍ୟ । ଅପରାହ୍ନରେ ବାହାରକୁ ବୁଲିବାକୁ ଯାଏନାହିଁ । କେବଳ ଘର ଭିତରେ ଏପଟ ସେପଟ ହୁଏ । ଆଜି ଦ୍ୱିପ୍ରହର ଭୋଜନ ପରେ ଅପାକୁ ପଚାରିଲା, ଆଜି ବି ତାସ ଖେଳ ହେବନି ?

ମନୋରମା କହିଲା, କ'ଣ କରିବା ? ଲୋକ ତ ନାହାନ୍ତି । ଚାଲ, ଆମେ ତିନିଜଣ ବରଂ ଖେଳିବା ।

ଗିରୀନ ନିରୁତ୍ସାହିତ ହୋଇ କହିଲା, ତିନିଜଣଙ୍କର କ'ଣ ଖେଳ ହେବ, ଅପା ? ସେ ଘରର ଲଳିତାକୁ ଥରେ ଡାକି ପଠାଅ ।

ସେ ଆସବନି ।

ଗିରୀନ ବିମର୍ଷ ହୋଇ ପଚାରିଲା, କାହିଁକି ? ତାଙ୍କ ଘରେ କ'ଣ ମନା କରିଛନ୍ତି ?

ମନୋରମା ମୁଣ୍ଡ ହଲାଇ କହିଲେ, ନା, ନା, ତାର ମାମୁଁ ମାଇଁ ସେମିତି ଲୋକ ନୁହଁନ୍ତି ।

ଗିରୀନ ଏଥର ଖୁସି ହୋଇ କହିଲା, ତା'ହେଲେ ତୁମେ ନିଜେ ଯାଇ ତାକୁ ଡାକିଆଣ । କଥାଟି କହିଦେଇ ସେ ଅପ୍ରସ୍ତୁତ ହୋଇଗଲା ।

ମନୋରମା ହସି ହସି କହିଲେ, ହଉ ତେବେ ମୁଁ ଯାଉଛି । ସେ ଲଳିତାକୁ ଧରି ଫେରିଆସିଲେ । ତାସ ଖେଳ ବେଶ ଜମି ଉଠିଲା । ଦୁଇ ଦିନ ଖେଳ ହୋଇନଥିଲା । ଲଳିତା ଓ ମନୋରମା ପ୍ରାୟ ଜିତୁଥିଲେ ।

ପ୍ରାୟ ଦୁଇଘଣ୍ଟା ପରେ ହଠାତ୍ କାଳୀ ଆସି ଲଳିତାକୁ କହିଲା, ଅପା, ଶେଖରଦା ଡାକୁଛନ୍ତି- ଜଲଦି ।

ଲଳିତାର ମୁହଁ ଶୁଖିଗଲା । ତାସଖେଳ ରଖିଦେଇ ପଚାରିଲା, ଶେଖରଦା ଅଫିସ ଯାଇନାହାଁନ୍ତି ?

କେଜାଣି, ଚାଲି ଆସିଛନ୍ତି ତ, କାଳୀ ଚାଲିଗଲା ।

ଲଳିତା ସମସ୍ତଙ୍କ ମୁହଁକୁ ଚାହିଁ କହିଲା, ମୁଁ ଯାଉଛି, ବଉଳମା ।

ମନୋରମା ହାତ ଧରି ଅଟକାଇବାକୁ ଚେଷ୍ଟା କଲେ । ନା, ନା, ମୁଁ ଯାଉଛି । ନଗଲେ ସେ ବହୁତ ରାଗିବେ । କହି ସେ ଶୀଘ୍ର ଚାଲିଗଲା ।

ଗିରୀନ ପ୍ରଶ୍ନ କଲା, ଏ ଶେଖରଦା ପୁଣି କିଏ ଅପା ?

ସେଇ ଯେଉଁ ସାମନାରେ ଫାଟକବାଲା ବଡ଼ କୋଠା ।

ଗିରୀନ ବୁଝିଗଲା ନବୀନବାବୁ ଆତ୍ମୀୟ ବୋଧେ ।

ମନୋରମା ଟିକିଏ ହସି ଦେଇ କହିଲେ, ଘରଟିକୁ ଆତ୍ମସାତ୍ କରିବା ଚକ୍କରରେ ଅଛନ୍ତି ।

ଗିରୀନ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲା ।

ମନୋରମା କହି ଚାଲିଲେ, କେମିତି ଗତବର୍ଷ ଟଙ୍କା ଅଭାବରୁ ଗୁରୁଚରଣବାବୁଙ୍କର ମଝିଆଁ ଝିଅର ବାହାଘର ହୋଇପାରୁନଥିଲା ପରେ ଅତ୍ୟଧିକ ଚଢା ସୁଧରେ ନବୀନ ରାୟ ଟଙ୍କା ଧାର ଦେଇ ଏଇ ଘରଟିକୁ ବନ୍ଧକ ଭାବରେ ରଖିନେଲେ । ସେ ଟଙ୍କା କେବେ କି ଶୁଝି ହେବନି । ଆଉ ଶେଷରେ ନବୀନ ରାୟ ଏହି ଘରଟିକୁ ଅତି ସହଜରେ ଅକ୍ତିୟାର କରିନେବେ ।

ତାପରେ ମନୋରମା ମନ୍ତବ୍ୟ ଦେଲେ, ବୁଢାର ଆନ୍ତରିକ ଇଚ୍ଛା ଗୁରୁଚରଣବାବୁଙ୍କର ଭଙ୍ଗା ଘରଟିକୁ ଧୂଳିସାତ୍ କରି ଏଇଠି ସାନପୁଅ ଶେଖର ପାଇଁ ଗୋଟିଏ ବଡ଼ଘର ବନେଇବେ- ଦୁଇ ପୁଅଙ୍କ ପାଇଁ ଦୁଇଟି ଅଲଗା ଘର- ଉଦ୍ଦେଶ୍ୟ ମନ୍ଦ ନୁହେଁ ।

ଲମ୍ବା ଇତିହାସ ଶୁଣି ଗିରୀନ ବେଶ ଚିନ୍ତାଗ୍ରସ୍ତ ହୋଇ ପଚାରିଲା, ଆଚ୍ଛା, ଅପା, ଗୁରୁଚରଣ ବାବୁଙ୍କର ଆହୁରି ତ ଝିଅ ଅଛନ୍ତି । ସେମାନଙ୍କର ବାହାଘର ପୁଣି କେମିତି ହେବ ?

ମନୋରମା ଉତ୍ତର ଦେଲେ ନିଜ ଝିଅ ତ ଅଛନ୍ତି । ତା' ଛଡ଼ା ଲଳିତା ବି ତ ଅଛି । ତାର ବାପା ମାଆ କେହି ନାହାନ୍ତି । ସବୁ ବୋଝ ଏଇ ଗରିବ ମୁଣ୍ଡ ଉପରେ । ବଡ଼ ହୋଇଗଲାଣି, ଏଇ ବର୍ଷ ବାହା ନଦେଲେ ନହୁଏ । ସେମାନଙ୍କ ସମାଜରେ ସାହାଯ୍ୟ କରିବାକୁ କେହି ନାହାନ୍ତି । କେବଳ ଜାତି ନେଇ ଯିବାକୁ ସମସ୍ତେ ଆଗଭର ।

ଗିରୀନ ଚୁପ୍‌ଚାପ ଶୁଣୁଥାଏ । ମନୋରମା କହୁଥାନ୍ତି, ସେଦିନ ଲଳିତା କଥା କହି ତା' ମାଇଁ ମୋ ପାଖରେ କାନ୍ଦି ପକାଇଲେ- କେମିତି ଗୁରୁଚରଣବାବୁଙ୍କ ଦେହ କଣ୍ଟା ହୋଇଗଲାଣି । ଆଚ୍ଛା, ଗିରୀନ, ମୁଙ୍ଗେରରେ ତୋର ଏମିତି କେହି ସାଙ୍ଗସାଥି ନାହାନ୍ତି ଯିଏ ଗୋଟିଏ ବସ୍ତରେ ଝିଅକୁ ବାହା ହେବ । ଲଳିତା ଭଳି ଝିଅ ମିଳିବା କିନ୍ତୁ କଷ୍ଟ ।

ଗିରୀନ ବିଷର୍ଣ୍ଣ ମନରେ କହିଲା, ଅପା, ସାଙ୍ଗସାଥି କେଉଁଠୁ ପାଇବି ? କିନ୍ତୁ ମୁଁ ଟଙ୍କା ଦେଇ ସାହାଯ୍ୟ କରିପାରେ ।

ଗିରୀନର ପିତା ଡାକ୍ତରୀ ବ୍ୟବସାୟରୁ ବହୁ ଅର୍ଥ ଓ ସମ୍ପତ୍ତି ରଖିଯାଇଛନ୍ତି ।

ବର୍ତ୍ତମାନ ସେ ସବୁର ମାଲିକ ।

ମନୋରମା ପଚାରିଲେ, ତୁ ଟଙ୍କା ଧାର ଦେବୁ ?

ଧାର ଆଉ କ'ଣ ଦେବି, ତାଙ୍କର ଇଚ୍ଛା ହେଲେ ସେ ଶୁଝିଦେବେ, ନହେଲେ ନ ଦେବେ ।

ମନୋରମା ବିସ୍ମିତ ହୋଇ କହିଲେ, ଟଙ୍କା ଦେଇ ତୋର କ'ଣ ଲାଭ ? ସେମାନେ ତ ଆମର ଆତ୍ମୀୟ ନୁହଁନ୍ତି । ଆମ ସମାଜର ଲୋକ ମଧ୍ୟ ନୁହଁନ୍ତି । ଏଭଳି କିଏ କାହାକୁ ଟଙ୍କା ଦିଏ ?

ଗିରୀନ ଅପା ମୁହଁକୁ ଚାହିଁ ହସି ହସି କହିଲା, ଆମ ସମାଜରେ କେହି ନୁହଁନ୍ତି । କିନ୍ତୁ ତାଙ୍କର ପ୍ରଚଣ୍ଡ ଅଭାବ, ଆଉ ମୋର ତ ବହୁତ ଅଛି । ତମେ ଥରେ ତାଙ୍କୁ ପଚାରି ଦେଖ । ଯଦି ସେ ରାଜି ହୁଅନ୍ତି ମୁଁ ଦେବାକୁ ପ୍ରସ୍ତୁତ । ଲଳିତା ତାଙ୍କର କେହି ନୁହଁ । ତା' ବାହାଘରର ପୂରା ଖର୍ଚ୍ଚ ମୁଁ ଦେବି ।

ଗିରୀନର କଥା ଶୁଣି ମନୋରମା ବିଶେଷ ସନ୍ତୁଷ୍ଟ ହେଲେ ନାହିଁ । ଏପ୍ରକାର ପ୍ରସ୍ତାବରେ ତାଙ୍କର ବିଶେଷ କ୍ଷତି ହେବ ନାହିଁ । ତଥାପି ଜଣେ ବ୍ୟକ୍ତି ଏତେ ଗୁଡ଼ାଏ ଟଙ୍କା ଆଉ ଜଣକୁ ଦେଇ ଦେଲେ ସ୍ତ୍ରୀଲୋକମାନେ ପ୍ରସନ୍ନ ଚିତ୍ତରେ ଗ୍ରହଣ କରିପାରନ୍ତି ନାହିଁ ।

ଚାରୁ ଏତେବେଳେଯାଏ ଚୁପଚାପ ସବୁ ଶୁଣୁଥିଲା । ସେ ଆନନ୍ଦିତ ହୋଇ କହିଉଠିଲା, ମାମୁଁ, ତମେ ଦେଇ ଦିଅ । ମୁଁ ଅବିକା ଯାଇ ଲଳିତା ମାଇଁକୁ କହି ଆସୁଛି ।

ମନୋରମା ତାକୁ ଧମକ ଦେଇ କହିଲେ, ତୁ ରହ । ତୁ ଛୋଟ ପିଲାଟିଏ । ୟା ଭିତରେ ପଶିବୁନି । ଯାହା କହିବାର ମୁଁ କହିବି ।

ଗିରୀନ କହିଲା, ଠିକ ଅଛି, ତୁମେ ହିଁ କହିଦିଅ । ପହରିଦିନ ରାସ୍ତାରେ ଠିଆ ହୋଇ ଗୁରୁଚରଣ ବାବୁଙ୍କ ସହ କଥା ହେଉଥିଲି । ମନେ ହେଲା, ସେ ବେଶ ସିଧାସରଳ ଲୋକ । ନାଇଁ ?

ମନୋରମା କହିଲା, ଠିକ କଥା । ସମସ୍ତେ ସେଇୟା କହନ୍ତି । ସ୍ୱାମୀ-ସ୍ତ୍ରୀ ଦୁଇଜଣ ବେଶ ସରଳ ପ୍ରକୃତିର । ସେଇଥିପାଇଁ ତ ମୋର ଦୁଃଖ ହୁଏ, ଏମିତି ଲୋକ ଘରଦ୍ୱାର ହରାଇ ନିରାଶ୍ରୟ ହୋଇଯିବେ । ଏଇ ତ ଦେଖିଲୁ, ଶେଖରବାବୁ ଡାକୁଛନ୍ତି ବୋଲି ଲଳିତା କେମିତି ବ୍ୟସ୍ତ ହୋଇ ଦୌଡ଼ି ପଳାଇଲା । ଘରସାରା ଲୋକ ଯେମିତି ସେମାନଙ୍କ ପାଖରେ ବନ୍ଧା ପଡ଼ିଛନ୍ତି । ଗୁରୁଚରଣ ବାବୁଙ୍କ ସାରା ପରିବାର ଯେତେ ଖୋସାମତ କରନ୍ତୁ, ନବୀନ ରାୟର ଫାନ୍ଦରେ ଥରେ ପଡ଼ିଛନ୍ତି ଯେତେବେଳେ ସେଠାରୁ ରକ୍ଷା ମିଳିବ ନାହିଁ ।

ଗିରୀନ ପଚାରିଲା, ତା'ହେଲେ ତମେ କହିବ ତ, ଅପା ? ଆଚ୍ଛା, ପଚାରି

କହିବି । ଟଙ୍କା ଦେଇ ତୁ ଯଦି ଉପକାର କରିପାରିବୁ ଭଲ । ତା'ପରେ ଟିକିଏ ହସି ପଚାରିଲେ, ଆଚ୍ଛା, ତୋର ଏତେ ଆଗ୍ରହ କାହିଁକି ?

ଆଗ୍ରହ ଆଉ କ'ଣ ? ଦୁଃଖ ସମୟରେ ପରସ୍ପରକୁ ସାହାଯ୍ୟ କରାଯାଏ । କହିଦେଇ ଈଷତ୍ ଲଜ୍ଜିତ ହୋଇ ବାହାରକୁ ଗଲା । ପୁଣି କୋଠରୀ ଭିତରକୁ ଫେରିଆସି ଖଟ ଉପରେ ବସିଲା ।

କ'ଣ ହେଲା ? ପୁଣି ବସିଲୁ ଯେ !

ଗିରୀନ ହସି ହସି ଉତ୍ତର ଦେଲା, ଏତେ ଯେଉଁ ଦୁଃଖ ନଦୀର ତୀରେ ଗୀତ ବୋଲିଲ, ହୁଏତ ସବୁ ସତ ନୁହେଁ ।

କାହିଁକି ?

ଗିରୀନ ବୁଝାଇଲା, ସେମାନଙ୍କ ଲଳିତା ଯେମିତି ଟଙ୍କା ଖର୍ଚ୍ଚ କରେ, ସେଥିରୁ ଜମା ଦୁଃଖିନୀ ଜଣାପଡ଼େନି । ସେଦିନ ଆମେ ଥିଏଟର ଦେଖିବାକୁ ଗଲୁ । ସେ ତ ଗଲା ନାହିଁ । କିନ୍ତୁ ଭଉଣୀ ହାତରେ ଦଶଟଙ୍କା ପଠାଇଥିଲା । ଚାରୁକୁ ପଚାର, ସେ କେମିତି ପଇସା ଖର୍ଚ୍ଚ କରେ । ମାସକୁ କୋଡ଼ିଏ ପଚିଶ ଟଙ୍କା ତାର ନିଜର ଖର୍ଚ୍ଚ ହେଉଥିବ ।

ମନୋରମା ବିଶ୍ୱାସ କଲେ ନାହିଁ ।

ଚାରୁ କହିଲା, ହଁ, ମା, ସତ । ସେ ସବୁ ଶେଖରଦାଙ୍କ ଟଙ୍କା । ଏବେ ନୁହଁ, ପିଲାଦିନରୁ ସେ ନିଜେ ଆଲମାରୀ ଖୋଲି ଟଙ୍କା ଆଣେ । କେହି କିଛି କହନ୍ତି ନାହିଁ ।

ମନୋରମା ସନ୍ଦିଗ୍ଧ ଭାବରେ ଝିଅକୁ ପଚାରିଲେ, ଏ କଥା ଶେଖରବାବୁ ଜାଣନ୍ତି ?

ଚାରୁ ମୁଣ୍ଡ ହଲେଇ କହିଲା, ହଁ, ଜାଣନ୍ତି । ତାଙ୍କ ସାମନାରେ ଚାବି ଖୋଲି ଟଙ୍କା ଆଣେ । ଗଲା ମାସ ଆନ୍ନାକାଳୀର କଣ୍ଢେଇ ବାହାଘରେ ସବୁ ଟଙ୍କା ତ ଲଳିତା ଦେଇଥିଲା ।

ମନୋରମା ସାମାନ୍ୟ ଚିନ୍ତା କରି କହିଲେ, କେଜାଣି । କିନ୍ତୁ ଏ କଥା ବି ସତ, ପୁଅ ଦୁଇଟା ବାପ ଭଳି ଜମା ନୁହଁନ୍ତି- ଦିହେଁ ମା' ଗୁଣ ସବୁ ପାଇଛନ୍ତି । ସେମାନଙ୍କର ଦୟାମାୟା ଅଛି । ତା ଛଡ଼ା ଲଳିତା ଝିଅଟି ଗୋଟେ ସୁନାମୁଣ୍ଡା । ଶେଖରକୁ ଭାଇ ଡାକେ । ପିଲାଟି ଦିନରୁ ତା' କଥା ବୁଝେ । ତାକୁ ସମସ୍ତେ ଭଲପାଆନ୍ତି । ଆଚ୍ଛା, ଚାରୁ, ତୁ ତ ତାଙ୍କ ଘରକୁ ଯିବା ଆସିବା କରୁ । ଶେଖରର ବାହାଘର କାଳେ ମାଘ ମାସରେ ହେବ । ବୁଢା ବହୁତ ଟଙ୍କା ପାଇବ ।

ହଁ, ମା, ଏଇ ମାଘ ମାସରେ ହେବ । ସବୁ କଥା ସରିଛି ।

ପଞ୍ଚମ ପରିଚ୍ଛେଦ

ଗୁରୁଚରଣ ଏମିତି ଧାତୁରେ ଗଢା ଯେକୌଣସି ବୟସର ବ୍ୟକ୍ତି ବିନା ସଙ୍କୋଚରେ ତାଙ୍କ ସହିତ ମନଖୋଲି କଥାବାର୍ତ୍ତା ହୋଇପାରିବ । ଏଇ କିଛିଦିନ ମଧ୍ୟରେ ତାଙ୍କର ଗିରୀନ ସହିତ ବେଶ ବନ୍ଧୁତା ହୋଇଯାଇଥିଲା । ଗୁରୁଚରଣଙ୍କ ମନରେ କୌଣସି ପ୍ରକାରର ବୌଦ୍ଧିକ ଦୃଢତା ମଧ୍ୟ ନଥିଲା । ଗପ ଭିତରେ ତର୍କ ମଧ୍ୟ କରୁଥିଲେ । କିନ୍ତୁ ଯୁକ୍ତିରେ ପରାଜିତ ହେଲେ ବି ସେ ତିଳେମାତ୍ର ଅସନ୍ତୋଷ ପ୍ରକାଶ କରୁନଥିଲେ ।

ଗିରୀନକୁ ସନ୍ଧ୍ୟାରେ ଚା'ପିଇବା ପାଇଁ ସେ ନିମନ୍ତ୍ରଣ କରିଥିଲେ । ଅଫିସରୁ ଫେରିବା ପରେ ତାଙ୍କର ଦିବସ ସମାପ୍ତ ହୋଇଯାଏ । ହାତ ମୁହଁ ଧୋଇ ଡାକ ଛାଡ଼ନ୍ତି, ଲଳିତେ, ଚା' ହେଲା ? କାଳୀ, ଯା, ତୋ ଗିରୀନ ମାମୁଁଙ୍କୁ ଡାକି ଦେ । ତାପରେ ଦୁହେଁ ଚା' ପିଇ ତର୍କ ଆରମ୍ଭ କରନ୍ତି ।

ଲଳିତା ଥରେ ଅଧେ ମାମୁଁଙ୍କ ଆଡୁଆଳରେ ରହି ତର୍କ ଶୁଣିଛି । ସେଦିନ ଗିରୀନର ଯୁକ୍ତିତର୍କ ଅଧିକ ଶାଣିତ ହୋଇଉଠେ । କଥାବାର୍ତ୍ତାର ବିଷୟବସ୍ତୁ ପ୍ରାୟ ଆଧୁନିକ ସମାଜ ବିରୁଦ୍ଧରେ । ସମାଜର ହୃଦୟହୀନତା, ଅସଙ୍ଗତ ଉପଦ୍ରବ, ଅତ୍ୟାଚାର ଇତ୍ୟାଦି- ସବୁ ଅବଶ୍ୟ ସତକଥା ।

ଏସବୁ ବିଷୟରେ ସମର୍ଥନ କରିବାର ବିଶେଷ କିଛି ନାହିଁ, ତେଣୁ ଗୁରୁଚଣଙ୍କର ଉତ୍ପୀଡ଼ିତ ଅଶାନ୍ତ ହୃଦୟ ସହିତ ଗିରୀନର ମତାମତ ବେଶ ମେଳଖାଏ । ଶେଷରେ ସେ କହନ୍ତି, ସବୁ ବାପାଙ୍କର ଇଚ୍ଛା ଝିଅମାନଙ୍କୁ ଯଥା ସମୟରେ ଉପଯୁକ୍ତ ପାତ୍ର ସାଙ୍ଗରେ ବାହା ଦେବାକୁ । କିନ୍ତୁ ମୁଁ ଦେବି କେମିତି ? ସମାଜ କହୁଛନ୍ତି- ବାହା ଦେଇଦିଅ, ଝିଅର ବୟସ ହୋଇଗଲାଣି । କିନ୍ତୁ ସମାଜ ତ ମୋ ଝିଅର ବାହାଘର ବନ୍ଦୋବସ୍ତ କରିପାରିବେନି । ଏଇ ମୋ ଅବସ୍ଥା ଦେଖୁନ, ଗିରୀନ । ଯେ ଘରଖଣ୍ଡକ ବି ବନ୍ଧା ପଡ଼ିଛି । ଦି'ଦିନ ପରେ ଛୁଆପିଲାଙ୍କୁ ଧରି ଦାଣ୍ଡରେ ଠିଆ ହେବି । ସମାଜ ସେତେବେଳେ ତ କହିବେ ନାହିଁ- ଆସ, ଆସ, ଆମ ଘରେ ମୁଣ୍ଡ ଗୁଞ୍ଜିବ । ନା କ'ଣ କହୁଛ ?

ଗୁରୁଚରଣ ଚୁପ ଚାପ ବସି ରହେ । ଗୁରୁଚରଣ କହିଚାଲନ୍ତି- ଏକଦମ ସତକଥା । ଏମିତି ସମାଜ ଅପେକ୍ଷା ଜାତି ଯିବା ବରଂ ମଙ୍ଗଳ । ମୁଁ ଖାଏ ନ ଖାଏ, ଶାନ୍ତିରେ ରହିପାରିବି । ଯେଉଁ ସମାଜ ଦୁଃଖୀର ଦୁଃଖ ବୁଝେନାହିଁ, ବିପଦରେ ସାହସ ଦିଏନାହିଁ, କେବଳ ନାଲି ଆଖି ଦେଖାଏ ଆଉ ତଣ୍ଟିକୁ ଚିପି ଧରେ, ସେ ସମାଜ ମୋର ନୁହେଁ ବା ମୋ ଭଳି ଗରିବର ନୁହେଁ । ଏ ସମାଜ କେବଳ ବଡ଼ଲୋକଙ୍କ ପାଇଁ । ଠିକ୍ ଅଛି, ସେଇମାନେ ଭଲରେ ରୁହନ୍ତୁ । କହି ଗୁରୁଚରଣ ଚୁପ ରୁହନ୍ତି ।

ଏଇ କଥାଗୁଡ଼ିକ ଲଳିତା କେବଳ ମନ ଦେଇ ଶୁଣେନାହିଁ, ବରଂ ରାତିରେ ବିଛଣାରେ ଶୋଇଶୋଇ ନିଦ ନଆସିବା ପର୍ଯ୍ୟନ୍ତ ଚିନ୍ତା କରୁଥାଏ । ପ୍ରତ୍ୟେକ ବାକ୍ୟ

ତା' ମନରେ ଗଭୀର ରେଖାପାତ କରେ । ମନେ ମନେ ଭାବେ, ଗିରୀନ ବାବୁଙ୍କର କଥାଗୁଡ଼ିକ ଯଥାର୍ଥରେ ନ୍ୟାୟସଙ୍ଗତ ।

ସେ ମାମୁଁଙ୍କୁ ବହୁତ ଭଲପାଏ, ତେଣୁ ଗିରୀନବାବୁ ମାମୁଁଙ୍କ ସପକ୍ଷରେ ଯାହା ଯାହା କହନ୍ତି ସେସବୁକୁ ଲଳିତା ଅକାଟ୍ୟ ସତ୍ୟ ଭାବରେ ଗ୍ରହଣ କରେ । ତା'ରି ପାଇଁ ମାମୁଁ ଏତେ ଦୁଃଖ କଷ୍ଟ ସହ୍ୟ କରୁଛନ୍ତି, ଏତେ ବ୍ୟତିବ୍ୟସ୍ତ ହେଉଛନ୍ତି । କିନ୍ତୁ କାହିଁକି ? କାହିଁକି ମାମୁଁଙ୍କର ଜାତି ଯିବ ? ଆଜି ଯଦି ବାହା ଦେଇ, କାଲି ବିଧବା ହୋଇ ଘରକୁ ଫେରି ଆସେ, ତେବେ ତ ଜାତି ଯିବନାହିଁ ? ତା'ହେଲେ ପାର୍ଥକ୍ୟ କେଉଁଠି ? ଗିରୀନର ଏଇ ପ୍ରକାର ଯୁକ୍ତିଗୁଡ଼ିକୁ ସେ ତନ୍ନତନ୍ନ କରି ବିଶ୍ଳେଷଣ କରୁକରୁ ଅବଶେଷରେ ଶୋଇପଡ଼େ ।

ତା'ମାମୁଁଙ୍କ ସପକ୍ଷରେ ଯିଏ ବି ଦି'ପଦ କଥା କହନ୍ତି, ତାଙ୍କୁ ଲଳିତା ବିଶେଷ ଶ୍ରଦ୍ଧା କରେ । ତେଣୁ ସେ ଗିରୀନକୁ ଆନ୍ତରିକ ଶ୍ରଦ୍ଧା କରିବାକୁ ଲାଗିଲା । କ୍ରମଶଃ ସେ ମଧ୍ୟ ଗୁରୁଚରଣଙ୍କ ଭଳି ସନ୍ଧ୍ୟା ବେଳର ଚା' ଆସରକୁ ଅପେକ୍ଷା କଲା ।

ଆଗରୁ ଗିରୀନ ଲଳିତାକୁ 'ଆପଣ' ସମ୍ବୋଧନ କରୁଥିଲା । ଗୁରୁଚରଣ ନିଷେଧ କରି କହିଥିଲେ, ତାକୁ 'ଆପଣ' ନୁହେଁ, 'ତୁମେ' ବୋଲି ଡାକ । ସେହି ଦିନରୁ ଗିରୀନ 'ତୁମେ' ସମ୍ବୋଧନ କରେ ।

ଦିନେ ଗିରୀନ ପଚାରିଲା, ତୁମେ ଚା ପିଅନାହିଁ, ଲଳିତା ? ଗୁରୁଚରଣ କହିଥିଲେ, ତା'ର ଶେଖରଦାଙ୍କର ବାରଣ । ଝିଅମାନଙ୍କର ଚା' ପିଇବା ସେ ପସନ୍ଦ କରେ ନାହିଁ ।

କାରଣଟି ଶୁଣି ଗିରୀନ ଖୁସି ହୋଇନଥିଲା । ଏହା ଲଳିତା ସ୍ପଷ୍ଟ ବୁଝିପାରିଲା ।

ଆଜି ଶନିବାର । ତେଣୁ ଅନ୍ୟଦିନ ଅପେକ୍ଷା ଆଜି ସଭାଭଙ୍ଗ ହେବାକୁ ବିଳମ୍ବ ହେଲା । ଚା' ପିଇବା ପର୍ବ ସରିଯାଇଛି । ଗୁରୁଚରଣବାବୁ ଆଲୋଚନାରେ ବିଶେଷ ଯୋଗ ଦେଇ ପାରୁନାହାନ୍ତି । ମଝିରେ ମଝିରେ କେମିତି ଅନ୍ୟମନସ୍କ ହୋଇ ଯାଉଥିଲେ ।

ଗିରୀନ ଏସବୁ ଲକ୍ଷ୍ୟ କରି ପଚାରିଲା, ଆଜି ବୋଧହୁଏ ଆପଣଙ୍କ ଦେହ ଭଲ ଲାଗୁନାହିଁ ।

ମୁହଁରୁ ହୁକା ବାହାର କରି ଗୁରୁଚରଣବାବୁ ଉତ୍ତର ଦେଲେ । କାଇଁ, ନାଇଁ ତ । ଦେହ ତ ବେଶ ଭଲ ଅଛି ।

ଗିରୀନ ସଙ୍କୋଚର ସହ କହିଲା, ତେବେ ଅଫିସରେ କ'ଣ-

ନା, ନା, ସେମିତି କିଛି ହୋଇନାହିଁ । ଗୁରୁଚରଣବାବୁ ବିସ୍ମିତ ହୋଇ ଗିରୀନକୁ ଚାହିଁଲେ । ତାଙ୍କ ଅନ୍ତରର ଉଦ୍‌ବେଗ ଯେ ବାହାରେ ପ୍ରକାଶ ପାଉଛି ତାହା ଏହି ନିତାନ୍ତ ସରଳ ପ୍ରକୃତିର ଲୋକ ଜଣକ ବୁଝିପାରୁନଥିଲେ ।

ଆଗରୁ ଲଳିତା ପୂରା ଚୁପ ରହୁଥିଲା । ଏବେ କେତେବେଳେ କେମିତି ପଦେ ଅଧେ କଥା କହେ । ସେ କହି ଉଠିଲା, ହଁ, ମାମୁଁଙ୍କର ମନ ବୋଧହୁଏ ଭଲ ନାହିଁ ।

ଗୁରୁଚରଣ ହସି ଉଠିଲେ । ଓ ! ଏଇ କଥା । ହଁ, ମା, ଠିକ୍ କହିଛୁ । ସତରେ ମୋ ମନଟା ଭଲ ନାହିଁ ।

ଲଳିତା ଓ ଗିରୀନ ଉଭୟ ତାଙ୍କ ମୁହଁକୁ ଚାହିଁରହିଲେ ।

ଗୁରୁଚରଣ କହିଲେ, ସବୁ ଜାଣି ମଧ୍ୟ ଆଜି ନବୀନବାବୁ ବାଟରେ ଠିଆ ହୋଇ ଦି'ଟା କଡ଼ା କଥା ଶୁଣେଇ ଦେଲେ । ଅବଶ୍ୟ ତାଙ୍କର ବି ଦୋଷ କ'ଣ ? ଛଅମାସ ହୋଇଗଲା । ମୁଁ ଗୋଟେ ନୂଆ ପଇସା ସୁଧ ଦେଇପାରିଲି ନାହିଁ । ଆଉ ମୂଳ କଥା ଛାଡ଼ ।

ଲଳିତା ଘଟଣାଟି ବୁଝିପାରି ଲୁଚାଇବା ପାଇଁ ବ୍ୟଗ୍ର ହୋଇପଡ଼ିଲା । କାଳେ ତା'ର କାଣ୍ଡଜ୍ଞାନ ବିହୀନ ମାମୁଁ ଜଣକ ନିଜ ଘରର ଲଜ୍ୟାକର କାହାଣୀ ପର ଲୋକଙ୍କୁ କହିଦେବେ, ତେଣୁ ସେ ବ୍ୟତିବ୍ୟସ୍ତ ହୋଇ କହିଉଠିଲା, ମାମୁଁ, ତମେ ଜମା ଚିନ୍ତା କରନାହିଁ । ସେସବୁ ପରେ ଠିକ୍ ହୋଇଯିବ ।

ବିଷର୍ଣ୍ଣ ହସ ହସି ଗୁରୁଚରଣ କହିଲେ, ପରେ ଆଉ କ'ଣ ଠିକ୍ ହେବ ? ସେ କଥା ନୁହେଁ, ଗିରୀନ, ମୋର ଏଇ ଛୁଆମା'ଟି ଚାହେଁ ତା' ବୁଢ଼ା ପୁଅ ବେଶୀ ଚିନ୍ତା ନକରୁ । କିନ୍ତୁ ଲଳିତେ, ବାହାର ଲୋକେ ତୋର ଏଇ ଦୁଃଖୀ ମାମୁଁର ଦୁଃଖକୁ ବୁଝୁନାହାନ୍ତି ।

ଗିରୀନ ପଚାରିଲା, ନବୀନବାବୁ ଆଜି କ'ଣ କହିଲେ ? ଲଳିତା ଜାଣିନଥିଲା ଯେ ଗିରୀନ ସବୁ ଘଟଣା ସମ୍ପର୍କରେ ଅବଗତ । ତେଣୁ ସେ ଏ ପ୍ରକାର ପ୍ରଶ୍ନକୁ ଅସଙ୍ଗତ କୌତୁହଳ ମନେକରି ମନେମନେ ବିରକ୍ତ ହେଲା ।

ଗୁରୁଚରଣ ସବୁ କଥା ଖୋଲି କହିଲେ । ନବୀନ ରାୟଙ୍କର ସ୍ତ୍ରୀ ବହୁଦିନରୁ ଅଜୀର୍ଣ୍ଣ ରୋଗରେ ଭୋଗୁଛନ୍ତି । ସମ୍ପ୍ରତି ରୋଗ ଅଧିକ ଜଟିଳ ହେବାରୁ ଚିକିତ୍ସକମାନେ ତାଙ୍କ ପାଇଁ ବାୟୁ ପରିବର୍ତ୍ତନର ବ୍ୟବସ୍ଥା କରିଛନ୍ତି । ଅର୍ଥ ପ୍ରୟୋଜନ । ଅତଏବ ବର୍ତ୍ତମାନ ଗୁରୁଚରଣଙ୍କୁ ସବୁ ସୁଧ ଓ କିଛି ମୂଳ ଟଙ୍କା ଦେବାକୁ ପଡ଼ିବ ।

କିଛି ସମୟ ନୀରବ ରହିବା ପରେ ଗିରୀନ ମୃଦୁକଣ୍ଠରେ କହିଲା, ଆପଣଙ୍କୁ ଗୋଟିଏ କଥା କହିବି ବୋଲି ଭାବି ମଧ୍ୟ କେବେ କହିପାରିନାହିଁ । ଯଦି କିଛି ମନେ ନକରନ୍ତି, ତେବେ କହନ୍ତି ।

ଗୁରୁଚରଣ ହସି ଉଠି କହିଲେ, ମୋତେ କେବେ କେହି କୌଣସି କଥା କହିବାକୁ ସଙ୍କୋଚ ବୋଧ କରିନାହାନ୍ତି । ତମେ କୁହ, କ'ଣ କହିବାକୁ ଚାହୁଁଛ ।

ଗିରୀନ କହିଲା, ଅପା କହୁଥିଲା ନବୀନବାବୁଙ୍କର ସୁଧ ବହୁତ ଚଢ଼ା । ମୁଁ

କହୁଥିଲି, ମୋର ତ ବହୁତ ଟଙ୍କା ଏମିତି ପଡ଼ିରହିଛି । କୌଣସି କାମରେ ଲାଗୁନାହିଁ । ଆପଣଙ୍କର ବି ଟଙ୍କା ଦରକାର । ବରଂ ଏହି ଋଣ ଶୁଝିଦିଅନ୍ତୁ ନା ?

ଗୁରୁଚରଣ ଓ ଲଳିତା ଦୁହେଁ ଆଶ୍ଚର୍ଯ୍ୟ ହୋଇ ଗିରୀନ ଆଡ଼କୁ ଚାହିଁ ରହିଲେ । ଗିରୀନ ଅତ୍ୟନ୍ତ ସଙ୍କୋଚ ସହ କହିବାକୁ ଲାଗିଲା, ମୋର ତ ଟଙ୍କା ବିଶେଷ ଆବଶ୍ୟକ ନାହିଁ, ତେଣୁ ଆପଣଙ୍କ ସୁବିଧା ଅନୁସାରେ ପରେ ଫେରାଇଲେ ମଧ୍ୟ ଚଳିବ । ସେମାନଙ୍କର ବର୍ତ୍ତମାନ ନିହାତି ଦରକାର, ତେଣୁ କହୁଥିଲି ଯେ-

ଗୁରୁଚରଣ ଧିରେ ଧିରେ କହିଲେ, ସବୁ ଟଙ୍କା ତୁମେ ଦେବ ? ଗିରୀନ ମୁହଁ ତଳକୁ କରି କହିଲା, ହଁ, ସେମାନଙ୍କର ମଧ୍ୟ ଉପକାର ହେବ-

ଗୁରୁଚରଣ ପ୍ରତ୍ୟୁତ୍ତରରେ କ'ଣ ଗୋଟାଏ କହି ଆସୁଥିଲେ । ଠିକ୍ ସେହି ସମୟରେ ଆନ୍ନାକାଳୀ ଦୌଡ଼ି ଦୌଡ଼ି କୋଠରୀ ମଧ୍ୟକୁ ପ୍ରବେଶ କଲା । ଅପା, ଅପା, ଜଲଦି- ଶେଖରଦା ଲୁଗା ପିନ୍ଧି ବାହାରିବାକୁ କହିଛନ୍ତି, ଥିଏଟର ଯିବା- କହିଦେଇ ଦୌଡ଼ି ଦୌଡ଼ି ଚାଲିଗଲା । ତା'ର ବ୍ୟଗ୍ରତା ଦେଖି ଗୁରୁଚରଣ ହସି ପକାଇଲେ । କିନ୍ତୁ ଲଳିତା ସେମିତି ସ୍ଥିର ହୋଇରହିଲା ।

ପର ମୁହୂର୍ତ୍ତରେ ଆନ୍ନାକାଳୀ ଫେରି ଆସି ପଚାରିଲା, କ'ଣ ହେଲା ଅପା ? ଆମେ ସମସ୍ତେ ବାହାରେ ଅପେକ୍ଷା କରିଛୁ ।

ତଥାପି ଲଳିତା ଉଠିବାର କୌଣସି ଲକ୍ଷଣ ପ୍ରକାଶ କଲାନାହିଁ । ସେ ଶେଷ ପର୍ଯ୍ୟନ୍ତ ସବୁ କଥା ଶୁଣିଯିବାକୁ ଚାହେଁ । କିନ୍ତୁ କାଳୀ ମୁହଁକୁ ଦେଖି ଗୁରୁଚରଣ ଲଳିତା ମୁଣ୍ଡରେ ହାତ ବୁଲାଇ କହିଲେ, ଆଉ ଡେରି କରେନା, ମା' । ସମସ୍ତେ ତୋତେ ଅପେକ୍ଷା କରିଛନ୍ତି ।

ଅଗତ୍ୟା ଲଳିତାକୁ ଯିବାକୁ ପଡ଼ିଲା । କିନ୍ତୁ ଯିବା ପୂର୍ବରୁ ଗିରୀନ ମୁହଁକୁ ଚାହିଁ ସେ ଗଭୀର କୃତଜ୍ଞ ଦୃଷ୍ଟି ନିକ୍ଷେପ କରି ଧିରେ ଧିରେ ବାହାରି ଗଲା । ଗିରୀନ ଅବଶ୍ୟ ଏହି ଦୃଷ୍ଟି ଦେଖିପାରିଲା ।

ପ୍ରାୟ ଦଶ ମିନିଟ୍ ପରେ ଲୁଗାପଟା ପିନ୍ଧି ପ୍ରସ୍ତୁତ ହୋଇ ଲଳିତା ପାନ ଦେବା ଆଳରେ ପୁଣି ସେହି ଘରକୁ ନିଃଶବ୍ଦରେ ପ୍ରବେଶ କଲା ।

ଗିରୀନ ଚାଲିଯାଇଥାଏ । ଗୁରୁଚରଣ ଏକାକୀ ତକିଆ ଉପରେ ମୁଣ୍ଡ ରଖି ଆଖି ବୁଜି ଶୋଇରହିଥାନ୍ତି । ତାଙ୍କର ଦୁଇ ଚକ୍ଷୁରୁ କ୍ରମାଗତ ଅଶ୍ରୁ ଝରୁଥାଏ । ଲଳିତା ବୁଝିପାରିଲା, ଏ ହେଉଛି ଆନନ୍ଦାଶ୍ରୁ । ସେ ବୁଝିଲା ବୋଲି ତାଙ୍କର ଧ୍ୟାନ ଭାଙ୍ଗିଲା ନାହିଁ । ଲଳିତା ଯେମିତି ଆସିଥିଲା, ସେମିତି ନିଃଶବ୍ଦରେ ବାହାରିଗଲା ।

ସେ ଯେତେବେଳେ ଶେଖର ଘରେ ପହଞ୍ଚିଲା, ତା ଆଖି ଦୁଇଟି ଲୁହରେ ଛଳଛଳ । କାଳୀ ଆଗରୁ ଯାଇ ଗାଡ଼ିରେ ବସିଥାଏ । ତେଣୁ ଶେଖର ଏକାକୀ ଲଳିତା

ପାଇଁ ଅପେକ୍ଷା କରୁଥାଏ । ସେ ଦେଖିଲା ଲଳିତାର ଲୋତକପୂର୍ଣ୍ଣ ଚକ୍ଷୁ ଯୁଗଳ ।

ଗତ ଆଠଦଶ ଦିନ ଲଳିତାକୁ ନ ଦେଖି ସେ ମନେମନେ ବିରକ୍ତ ହୋଇଥିଲା । କିନ୍ତୁ ବର୍ତ୍ତମାନ ସେସବୁ ଭୁଲିଯାଇ ଉଦ୍‌ବିଗ୍ନ ହୋଇ ପଚାରିଲା, ଆରେ, ତୁମେ କ'ଣ କାନ୍ଦୁଛ ?

ଲଳିତା ମୁହଁ ଲୁଚାଇ କେବଳ ମୁଣ୍ଡ ହଲାଇ ମନା କଲା । ଏଇ କିଛିଦିନ ଦର୍ଶନ ନପାଇ ଶେଖରର ମନରେ ଏକ ପରିବର୍ତ୍ତନ ଆସୁଥିଲା । ସେ ପାଖକୁ ଆସି ଲଳିତାର ମୁହଁକୁ ଦୁଇ ହାତରେ ତୋଳି ଶୁଣି ପଚାରିଲା, ସତରେ ତ କାନ୍ଦୁଛ ! ଆରେ, କ'ଣ ହେଲା ତୁମର ?

ଆଉ ସମ୍ଭାଳି ନପାରି ଲଳିତା ସେଇଠି ବସିପଡ଼ି ନିଜ କାନିରେ ମୁହଁ ଘୋଡ଼ାଇ କାନ୍ଦିବାକୁ ଲାଗିଲା ।

ଷଷ୍ଠ ପରିଚ୍ଛେଦ

ନବୀନ ରାୟ ପୂରା ସୁଧ ଅସଲ କଡ଼ାଗଣ୍ଡା ଗଣି ସାରିଲା ପରେ ବନ୍ଧକ କାଗଜ ଖଣ୍ଡିକ ଫେରାଇ ଦେଇ କହିଲେ, ମୁଁ କହିବା କଥା ନୁହେଁ ତଥାପି ଏତେ ଟଙ୍କା ପାଇଲ କେଉଁଠୁ, ଶୁଣେ ।

ଗୁରୁଚରଣ ନମ୍ରଭାବରେ କହିଲେ, ଭାଇ, ସେଇଟା ପଚାରନ୍ତୁ ନାହିଁ, ମୋତେ କହିବାକୁ ବାରଣ କରାଯାଇଛି ।

ଟଙ୍କା ଫେରିପାଇ ନବୀନବାବୁ ବିନ୍ଦୁମାତ୍ର ସନ୍ତୁଷ୍ଟ ହୋଇନାହାନ୍ତି । ସେ ଏହା କେବେ ଆଶା ମଧ୍ୟ କରିନଥିଲେ କିମ୍ବା ଚାହିଁନଥିଲେ । ବରଂ ପୁରୁଣା ଘରଟିକୁ ଭାଙ୍ଗି ସେ କେମିତି ନୂଆ ଅଟ୍ଟାଳିକା ନିର୍ମାଣ କରିବେ ତାହା ଭାବି ରଖିଥିଲେ । ମନ୍ତବ୍ୟ ଦେବା ଛଳରେ ସେ କହିଲେ, ବୁଝିଲ ଭାଇ, ଦୋଷ ତୁମର ନୁହେଁ । ଦୋଷ ମୋର । ଟଙ୍କା ଫେରାଇବା ପାଇଁ କହିବାଟା ହିଁ ମୋ ଦୋଷ । ମିଛରେ କ'ଣ କହନ୍ତି, ଯେ କଳିକାଳ ।

ଗୁରୁଚରଣ ବ୍ୟଥିତ ସ୍ୱରରେ କହିଲେ, ଛି ଛି ଭାଇ, ଯେ ଆପଣ କ'ଣ କହୁଛନ୍ତି ? ଆପଣଙ୍କ ଟଙ୍କାର ଋଣ ମୁଁ ଶୁଝୁଛି, କିନ୍ତୁ ଆପଣଙ୍କ ଦୟାର ଋଣ କେବେ ଶୁଝିପାରିବି ?

ନବୀନବାବୁ ହସିଲେ । ସେ ବୁଦ୍ଧିମାନ ଲୋକ । ଏ ପ୍ରକାର କଥା ବିଶ୍ୱାସ କରୁଥିଲେ ସେ ଗୁଡ଼ ବିକ୍ରୀ କରି ଏତେ ଧନୀ ହୋଇ ପାରିନଥାନ୍ତେ । କହିଲେ, ସେମିତି ଯଦି ଭାବୁଥାଆନ୍ତ, ତେବେ ଏଭଳି ଭାବରେ ଶୋଧ କରିନଥାନ୍ତ । ହଁ, ମୁଁ ତୁମକୁ ଥରୁଟିଏ ପଇସା ମାଗିଥିଲି, ତା ପୁଣି ତମରି ବୋହୂର ଦେହ ଭଲ କରିବା ଉଦ୍ଦେଶ୍ୟରେ । ମୋ ନିଜ ପାଇଁ ନୁହେଁ । କେତେ ସୁଧରେ ଘରଟା ପୁଣି ବନ୍ଧା ପକେଇଲ ?

ଗୁରୁଚରଣ ମୁଣ୍ଡ ହଲାଇ କହିଲେ, ବନ୍ଧା ଦେଇନି ବା ସୁଧ କଥା କିଛି ହୋଇନାହିଁ ।

ନବୀନବାବୁ କଥାଟା ବିଶ୍ୱାସ କଲେ ନାହିଁ । ସତେ ? ବିନା ସୁଧରେ, ବିନା ବନ୍ଧକୀରେ-

ହଁ, ଆଜ୍ଞା । ପିଲାଟି ବହୁତ ଭଲ । ଯେମିତି ଦୟାର ସାଗର ।

ପିଲାଟି ? ପିଲାଟି କିଏ ?

ଗୁରୁଚରଣ ଏ ପ୍ରଶ୍ନର ଉତ୍ତର ନଦେଇ ମୌନ ରହିଲେ । ସେ ଯାହା କହିଦେଲେ, ତାହା କହିବାଟା ଉଚିତ ନଥିଲା ।

ନବୀନବାବୁ ତାଙ୍କ ମନର ଅବସ୍ଥା ବୁଝିପାରି ମୃଦୁ ହସି କହିଲେ, ଯଦି ବାରଣ କରାହୋଇଛି, ତେବେ ଠିକ୍ ଅଛି । କିନ୍ତୁ ସଂସାରର ବହୁତ କିଛି ମୁଁ ଦେଖିଛି, ତେଣୁ ତମକୁ ଆଗରୁ ସାବଧାନ କରିବା ଭଲ, ସେ ବ୍ୟକ୍ତି ଯିଏ ବି ହୁଅନ୍ତୁ ନା କାହିଁକି, ଏତେ ଭଲ କରିବା ଉଦ୍ଦେଶ୍ୟରେ ତମେ ଯେମିତି ମହରଗରୁ ଯାଇ କାନ୍ତାରରେ ନପଡ଼ ।

ଗୁରୁଚରଣ କୌଣସି ପ୍ରତ୍ୟୁତ୍ତର ନଦେଇ ନମସ୍କାର କରି କାଗଜ ଖଣ୍ଡକ ହାତରେ ଧରି ଘରକୁ ଫେରିଲେ ।

ପ୍ରାୟ ପ୍ରତି ବର୍ଷ ଏହି ସମୟରେ ଭୁବନେଶ୍ୱରୀ କିଛିଦିନ ପାଇଁ ପଶ୍ଚିମକୁ ଯାତ୍ରା କରନ୍ତି । ତାଙ୍କର ଅଜୀର୍ଣ୍ଣ ରୋଗ ଥିଲା । ତେଣୁ ସେଠାରେ ସେ ଉପକାର ପାଉଥିଲେ । ରୋଗ ଅବଶ୍ୟ ଅତିଶୟ ଯନ୍ତ୍ରଣାଦାୟକ ବା ଅସାଧ୍ୟ ନଥିଲା । ସେଦିନ ନବୀନବାବୁ ନିଜ ଉଦ୍ଦେଶ୍ୟ ସାଧନ ପାଇଁ ଗୁରୁଚରଣଙ୍କୁ ଅତିରଞ୍ଜିତ କରି କହିଥିଲେ । ଆଜି ସେହି ଯାତ୍ରାର ଆୟୋଜନ ଚାଲିଛି ।

ସକାଳୁ ସକାଳୁ ଶେଖର ନିଜର ଆବଶ୍ୟକୀୟ ସୌଖିନ ଜିନିଷପତ୍ର ସୁଟ୍‌କେସ୍ ଭିତରେ ସଜାଡ଼ି ରଖୁଥିଲା ।

ଆନ୍ନାକାଳୀ ଘର ଭିତରକୁ ଆସି ପଚାରିଲା, ଶେଖରଦା, ତୁମେ କାଲି ଯିବ ନା ?

ଶେଖର ତାକୁ କହିଲା, ତୋ ଅପାକୁ ଡାକିଦେ । ସେ କ'ଣ କ'ଣ ସାଙ୍ଗରେ ନେଇଯିବ, ନିଜେ ସଜାଡ଼ି ରଖୁ । ଲଳିତା ପ୍ରତି ବର୍ଷ ସେମାନଙ୍କ ସାଙ୍ଗରେ ଯାଏ । ତେଣୁ ଶେଖର ଜାଣିଥିଲା ଯେ ସେ ଏଥର ମଧ୍ୟ ଯିବ ।

କାଳୀ ମୁଣ୍ଡ ହଲାଇ କହିଲା, ଅପା ତ ଏଥର ଯିବନି !

କାହିଁକି ଯିବନି ?

କାଳୀ କହିଲା, କେମିତି ଯିବ ? ମାଘ- ଫଗୁଣ ବେଳକୁ ତାର ବାହାଘର ହେବ । ବାପା ତା' ପାଇଁ ବର ଖୋଜୁଛନ୍ତି ।

ଶେଖର ଯାହା ଯାହା ଶୁଣିଥିଲା କାଳୀ ସବୁକଥା ଗପି ଚାଲିଲା, ଗିରୀନବାବୁ କହିଛନ୍ତି ଯେତେ ଟଙ୍କା ଲାଗୁ ପଛକେ ଭଲ ପାତ୍ର ଦରକାର । ବାପା ଆଜି ବି ଅଫିସ ଯିବେନି । ଖାଇସାରିଲା ପରେ କେଉଁଠି ଜଣେ ପାତ୍ର ଦେଖିବାକୁ ଯିବେ । ଗିରୀନବାବୁ ବି ଯିବେ ।

ଶେଖର ସବୁ ଶୁଣିଲା ଓ ଲଳିତା କାହିଁକି ଆଉ ବିଶେଷ ଆସିବାକୁ ଚାହୁଁନାହିଁ ତାର କାରଣ ମଧ୍ୟ ହୃଦୟଙ୍ଗମ କଲା ।

କାଳୀ କହି ଚାଲିଲା, ଶେଖରଦା, ଗିରୀନବାବୁ ଭାରି ଭଲ ଲୋକ । ଗତବର୍ଷ ଆମ ଘର ବଡ଼ବାପାଙ୍କ ପାଖରେ ବନ୍ଧା ପଡ଼ିଥିଲା ତ, ବାପା କହୁଥିଲେ ଆଉ ଦୁଇ ତିନିମାସ ପରେ ଆମେ ସମସ୍ତେ ରାସ୍ତାରେ ବସି ଭିକ ମାଗିବୁ । ତେଣୁ ଗିରୀନବାବୁ ବହୁତ ଟଙ୍କା ଦେଲେ । ବାପା କାଲି ସବୁ ଟଙ୍କା ବଡ଼ବାପାଙ୍କୁ ଫେରାଇ ଦେଇଛନ୍ତି । ଅପା କହୁଥିଲା, ଆଉ ଆମର ଡର ନାହିଁ । ସତ ନା, ଶେଖରଦା ?

ଶେଖର କେବଳ ଦୂରକୁ ଚାହିଁ ରହିଲା, ପ୍ରତ୍ୟୁତ୍ତର ଦେଲା ନାହିଁ । କାଳୀ ପଚାରିଲା, କ'ଣ ଭାବୁଛ, ଶେଖରଦା ?

ଶେଖର ଏଥର କହିଲା, କିଛି ନା, ଆଚ୍ଛା, କାଳୀ, ଗଲୁ ତୋ ଅପାକୁ ଶୀଘ୍ର ଡାକି ଦେ । କହିବୁ ମୁଁ ଡାକୁଛି ।

କାଳୀ ଦୌଡ଼ି ପଳାଇଲା ।

ଶେଖର ଖୋଲା ସୁଟକେସ୍ ଉପରେ ଦୃଷ୍ଟି ନିବଦ୍ଧ କରି ବସି ରହିଲା । ଯାତ୍ରା ପାଇଁ କ'ଣ ପ୍ରୟୋଜନ କ'ଣ ଅପ୍ରୟୋଜନ ସବୁ ଭୁଲିଗଲା ।

ଲଳିତା ଉପରକୁ ଆସି ପ୍ରଥମେ ଝରକା ବାଟେ ଚାହିଁ ଦେଖିଲା, ତା' ଶେଖରଦା ଚଟାଣ ଆଡ଼କୁ ଏକ ଦୃଷ୍ଟିରେ ଅନାଇ ବସିଛି । ଏ ପ୍ରକାର ଭଙ୍ଗୀ ସେ ପୂର୍ବରୁ କେବେ ଦେଖି ନାହିଁ । ତାକୁ ଆଶ୍ଚର୍ଯ୍ୟ ଲାଗିଲା, ଭୟ ମଧ୍ୟ ଲାଗିଲା । ଧିରେ ଧିରେ ଘର ଭିତରକୁ ପଶିବାରୁ ଶେଖର 'ଆସ' କହି ଠିଆ ହୋଇପଡ଼ିଲା ।

ଲଳିତା ମୃଦୁ ସ୍ୱରରେ ପଚାରିଲା, ମୋତେ ଡାକୁଥିଲ ? ହଁ କହି ଶେଖର ମୁହୂର୍ତ୍ତେ ଚୁପ ରହି କହିଲା, କାଲି ସକାଳ ଗାଡ଼ିରେ ମା'ଙ୍କୁ ନେଇଯାଉଛି, ଏଥର ଫେରିବାକୁ ଡେରି ହୋଇପାରେ । ଏଇ ଚାବି ରଖିଥାଅ, ତୁମ ଖର୍ଚ୍ଚ ପାଇଁ ଆଲମୀରାରେ ଟଙ୍କା ରହିଲା ।

ପ୍ରତିଥର ଲଳିତା ସେମାନଙ୍କ ସାଥିରେ ଯାଏ । ଗତବର୍ଷ ମଧ୍ୟ କେତେ ଆନନ୍ଦରେ ସେ ଜିନିଷପତ୍ର ସଜାଡ଼ି ରଖୁଥିଲା । ଏଥର ଶେଖରଦା ଏକା ସେଇ କାମ କରୁଛନ୍ତି, ଖୋଲା ସୁଟକେସ ଆଡ଼କୁ ଚାହିଁ ଲଳିତାର ସେ କଥା ମନେ ପଡ଼ିଗଲା ।

ଶେଖର ତା ଆଡ଼କୁ ଚାହିଁ ଧିରସ୍ୱରରେ କହିଲା, ସାବଧାନରେ ରହିବ । ଯଦି

କିଛି ବିଶେଷ ଆବଶ୍ୟକ ହୁଏ ତେବେ ବଡ଼ଭାଇଙ୍କ ପାଖରୁ ମୋ ଠିକଣା ଆଣି ଚିଠି ଲେଖିବ ।

ତା'ପରେ ଦୁହେଁ ଚୁପ ରହିଲେ । ଏଥର ଲଳିତା ଯେ ଯିବନାହିଁ ଓ ସେ କାହିଁକି ଯିବନାହିଁ ତା'ର କାରଣ ମଧ୍ୟ ଶେଖରଦା ଜାଣିଛନ୍ତି, ଏହା ଭାବି ଲଳିତା ଲାଜରେ ସଙ୍କୁଚିତ ହୋଇ ଉଠିଲା ।

ହଠାତ ଶେଖର କହିଲା, ଆଚ୍ଛା, ଏବେ ଯାଅ । ମୁଁ ଏସବୁ ସଜାଡ଼ି ଦେବି । ମୋତେ ପୁଣି ଅଫିସ ଯିବାକୁ ପଡ଼ିବ ।

ଲଳିତା ଖୋଲା ସୁଟକେସ୍ ପାଖରେ ବସିପଡ଼ି କହିଲା, ତୁମେ ଗାଧୋଇବାକୁ ଯାଅ । ମୁଁ ସଜାଡ଼ି ଦେଉଛି ।

ଠିକ୍ ଅଛି କହି ଶେଖର ଚାବି ନେଟ୍ଟାକୁ ଲଳିତା ପାଖରେ ରଖି ବାହାରକୁ ଗଲାବେଳେ ପଚାରିଲା, ମୋର କ'ଣ କ'ଣ ସବୁ ଦରକାର ତୁମେ ଭୁଲିଯାଇନ ତ ?

ଲଳିତା ମୁଣ୍ଡ ତଳକୁ କରି କାମରେ ଲାଗିଗଲା, କୌଣସି ଉତ୍ତର ଦେଲା ନାହିଁ ।

ଶେଖର ତଳକୁ ଯାଇ ମା'ଙ୍କୁ ପଚାରି ବୁଝିଲା କାଳୀ ଦେଇଥିବା ସବୁ ସମ୍ବାଦ ସତ୍ୟ । ଗୁରୁଚରଣ ଋଣ ପରିଶୋଧ କରିଛନ୍ତି, ଏହା ସତ୍ୟ । ଲଳିତା ପାଇଁ ପାତ୍ର ସନ୍ଧାନ ଜୋରସୋରରେ ଚାଲିଛି, ଏହା ମଧ୍ୟ ସତ୍ୟ । ସେ ଆଉ କିଛି ନପଚାରି ଗାଧୋଇବାକୁ ଚାଲିଗଲା ।

ପ୍ରାୟ ଦୁଇ ଘଣ୍ଟା ପରେ ସ୍ନାନାହାର ସମାପନ କରି ସେ ପୋଷାକ ପିନ୍ଧିବା ପାଇଁ ନିଜ କୋଠରୀକୁ ପଶି ଆଶ୍ଚର୍ଯ୍ୟ ହୋଇଗଲା ।

ଗତ ଦୁଇଘଣ୍ଟା ଲଳିତା କିଛି ନକରି ଖୋଲା ସୁଟକେସ୍ ପାଖରେ ସ୍ଥାଣୁ ହୋଇ ବସିରହିଛି । ଶେଖରର ପାଦଶବ୍ଦ ଶୁଣି ଚମକି ଉଠି ପୁଣି ମୁହଁ ତଳକୁ ପୋତି ବସିରହିଲା । ତା'ର ଦୁଇ ଆଖି ମନ୍ଦାର ଫୁଲ ଭଳି ଲାଲ ।

କିନ୍ତୁ ଶେଖର ଦେଖି ମଧ୍ୟ ଦେଖିଲା ନାହିଁ । ପୋଷାକ ପିନ୍ଧୁପିନ୍ଧୁ ସହଜ ଭାବରେ କହିଲା, ଏବେ ପାରିବନି, ଲଳିତା । ଦ୍ୱିପହର ବେଳକୁ ଆସ । ଏତକ କହି ସେ ପ୍ରସ୍ତୁତ ହୋଇ ବାହାରି ପଡ଼ିଲା । ସେ ଲଳିତାର ଲୁହଭରା ଆଖିର କାରଣ ବେଶ ବୁଝିଥିଲା, କିନ୍ତୁ ବିଭିନ୍ନ ଦିଗରୁ ଚିନ୍ତା କରି ଅଧିକ କିଛି ନକହି ଚାଲିଗଲା ।

ସେଦିନ ଅପରାହ୍ନରେ ମାମୁଁଙ୍କୁ ଚା' ଦେବା ପାଇଁ ଆସି ଲଳିତା ହଠାତ ବ୍ୟସ୍ତ ହୋଇପଡ଼ିଲା । ଚେୟାରରେ ଶେଖର ବସିଛି । ସେ ଗୁରୁଚରଣବାବୁଙ୍କ ନିକଟରୁ ବିଦାୟ ନେବା ପାଇଁ ଆସିଥାଏ ।

ଲଳିତା ମୁଣ୍ଡ ନୁଆଇଁ ଦୁଇଟି ପାତ୍ରରେ ଚା' ଢାଳି ମାମୁଁ ଓ ଗିରୀନବାବୁଙ୍କୁ ଦେଲାରୁ ଗିରୀନ ପଚାରିଲା, ଶେଖରବାବୁଙ୍କୁ ଚା' ଦେଲନାହିଁ ?

ଲଳିତା ଆଗଭଳି ତଳକୁ ଚାହିଁ ଧିରସ୍ୱରରେ ଉତ୍ତର ଦେଲା, ଶେଖରବାବୁ ଚା' ପିଅନ୍ତି ନାହିଁ ।

ଗିରୀନ ଆଉ କିଛି କହିଲା ନାହିଁ, ଲଳିତାର ପୂର୍ବ କଥା ତା'ର ମନେପଡ଼ିଗଲା । ଶେଖର ନିଜେ ପିଏନାହିଁ, ଆଉ କେହି ପିଉ ସେଇଟା ମଧ୍ୟ ତା'ର ଇଚ୍ଛା ନୁହେଁ ।

ଚା' ପାତ୍ର ହାତରେ ଧରି ଗୁରୁଚରଣବାବୁ ପୁଅ ଦେଖା କଥା ଆରମ୍ଭ କଲେ । ପୁଅଟି ବି.ଏ. ପଢୁଛି ଇତ୍ୟାଦି ବିଭିନ୍ନ ସୁଖ୍ୟାତି କଲାପରେ ଶେଷରେ କହିଲେ, ଅଥଚ ଆମ ଗିରୀନର ପାତ୍ର ପସନ୍ଦ ହୋଇନାହିଁ । ଅବଶ୍ୟ ପୁଅଟି ଦେଖିବାକୁ ସେମିତି ସୁଶ୍ରୀ ନୁହେଁ, କିନ୍ତୁ ପୁରୁଷମାନଙ୍କର ସୌନ୍ଦର୍ଯ୍ୟ କେଉଁ କାମରେ ଲାଗେ, ଗୁଣ ଥିଲେ ହିଁ ଯଥେଷ୍ଟ । କୌଣସି ପ୍ରକାରେ ବାହାଘର ସରିଗଲେ ଗୁରୁଚରଣବାବୁଙ୍କର ଶାନ୍ତି ।

ଶେଖର ସହିତ ଗିରୀନର ଆଜି ପ୍ରଥମ ପରିଚୟ । ଶେଖର ତାକୁ ଚାହିଁ ସାମାନ୍ୟ ହସି ପଚାରିଲା, ଗିରୀନବାବୁଙ୍କର କାହିଁକି ପାତ୍ର ପସନ୍ଦ ହେଲା ନାହିଁ ? ପୁଅ ପାଠ ପଢିଛି, ଅବସ୍ଥା ମଧ୍ୟ ଭଲ ନିଶ୍ଚୟ ସୁପାତ୍ର ।

ଶେଖର ଅବଶ୍ୟ ଏଇ ପ୍ରଶ୍ନଟି ପଚାରିଲା, କିନ୍ତୁ କାହିଁକି ଗିରୀନର ପସନ୍ଦ ହୋଇନାହିଁ ସେ ଠିକ୍ ବୁଝିଥିଲା ଏବଂ ଭବିଷ୍ୟତରେ ମଧ୍ୟ ଗିରୀନର ପସନ୍ଦ ହେବନାହିଁ । କିନ୍ତୁ ଗିରୀନ ତତ୍‌କ୍ଷଣାତ୍ ଏହି ପ୍ରଶ୍ନର ଉତ୍ତର ଦେଇପାରିଲା ନାହିଁ । ତା'ର ମୁହଁ ଈଷତ୍ ରକ୍ତାଭ ହୋଇଉଠିଲା । ଏହା ଲକ୍ଷ୍ୟ କରି ଶେଖର ଠିଆ ହୋଇ କହିଲା, ବକା, କାଲି ସକାଳେ ମା'ଙ୍କୁ ନେଇ ପଶ୍ଚିମକୁ ଯାଉଛି । ସଠିକ୍ ବେଳରେ ଖବର ଦେବାକୁ ଭୁଲିବେ ନାହିଁ ।

ଗୁରୁଚରଣ କହିଲେ, ଯେ କି କଥା ! ତୁମେମାନେ ତ ମୋର ସବୁକିଛି । ଲଳିତାର ମା' ଏତେ କାମରେ ନରହିଲେ କୌଣସି କାମ ତ ହେବନାହିଁ । ଲଳିତା, କ'ଣ କହୁଛୁ ? କଥାଟି କହିଦେଇ ହସିହସି ପଛକୁ ଚାହିଁ କହିଉଠିଲେ, ସେ କେତେବେଳେ ଗଲା ?

ଶେଖର କହିଲା, ବାହାଘର କଥା ଉଠିବାରୁ ଚାଲିଯାଇଛି । ଗୁରୁଚରଣ ଗମ୍ଭୀର ହୋଇ କହିଲେ, ହଁ, ହଁ, ସେ ତ ପଳେଇଯିବ । ବଡ଼ ହେଲାଣି, ସବୁ ବୁଝିଲାଣି । କ୍ଷୁଦ୍ର ନିଶ୍ୱାସ ତ୍ୟାଗ କରି କହିଲେ, ମୋ ଛୁଆ ମା'ଟି ଉଭୟ ଲକ୍ଷ୍ମୀ ସରସ୍ୱତୀ । ବହୁ ଭାଗ୍ୟରେ ଥିଲେ ଏମିତି ଝିଅ ମିଳନ୍ତି, ବୁଝିଲ ଶେଖରନାଥ । କଥାଟି କହିଲା ପରେ ତାଙ୍କ ଶୀର୍ଣ୍ଣ ମୁଖମଣ୍ଡଳ ଉପରେ ଏକ ଗଭୀର ସ୍ନେହର ସ୍ନିଗ୍ଧ-ମଧୁର ରେଖାପାତ ହେଲା । ଏହା

ଦେଖି ଗିରୀନ ଓ ଶେଖର ଉଭୟ ଆନ୍ତରିକ ଶ୍ରଦ୍ଧା ସହ ତାଙ୍କୁ ମନେମନେ ନମସ୍କାର ନକରି ରହିପାରିଲେ ନାହିଁ ।

ସପ୍ତମ ପରିଚ୍ଛେଦ

ଚା' ମଜଲିସ୍‌ରୁ ନିଃଶବ୍ଦରେ ପଳାଇ ଆସି ଲଳିତା ଶେଖରର କୋଠରୀରେ ଉଜ୍ଜ୍ୱଳ ଗ୍ୟାସ ତଳେ ସୁଟକେସ୍ ଖୋଲି ତଳେ ବସିପଡ଼ିଲା । ଗରମ ବସ୍ତ୍ରଗୁଡ଼ିକୁ ଭଲଭାବରେ ଭାଙ୍ଗି ସଜାଡ଼ି ରଖିବାକୁ ହେବ । ଏତିକିବେଳେ କୋଠରୀ ଭିତରକୁ ଶେଖର ପଶିଆସିବାରୁ ତାକୁ ଚାହିଁ ଲଳିତା ଭୟରେ ନିର୍ବାକ ହୋଇଗଲା ।

ମକଦ୍ଦମାରେ ହାରିଗଲା ପରେ ଜଣେ ଅଦାଲତ ବାହାରକୁ ଯେମିତି ଶୁଷ୍କ ମୁଖମଣ୍ଡଳ ନେଇ ବାହାରିଆସେ, ସକାଳର ମଣିଷଟିକୁ ଯେମିତି ଓପରିଓଳି ଚିହ୍ନି ହୁଏ ନାହିଁ, ଏଇ ଘଣ୍ଟାକ ମଧ୍ୟରେ ଶେଖରକୁ ସେମିତି ଲଳିତା ଚିହ୍ନିପାରିଲା ନାହିଁ । କିଏ ସତେକି ତା' ମୁହଁ ଉପରେ ସର୍ବସ୍ୱ ହାରିଯିବାର ଚିତ୍ର ଆଙ୍କି ଦେଇଛି ।

ଶୁଷ୍କ କଣ୍ଠରେ ଶେଖର ପଚାରିଲା, କ'ଣ କରୁଛ, ଲଳିତା ? ସେ ପ୍ରଶ୍ନର ଉତ୍ତର ନଦେଇ ଦୁଇ ହାତରେ ଶେଖରର ହାତ ଧରି ଲଳିତା ପଚାରିଲା, ତମର କ'ଣ ହୋଇଛି, ଶେଖରଦା ?

କାଇଁ, କିଛି ହୋଇନି ତ । ଶେଖର କଷ୍ଟରେ ହସି କହିଲା । ଲଳିତାର କରସ୍ପର୍ଶରେ ତା' ମୁହଁରେ କିଛିଟା ସତେଜତା ଫେରିଆସିଲା । ସାମାନ୍ୟ ପ୍ରକୃତିସ୍ଥ ହୋଇ ପାଖ ଚୌକିରେ ବସି ପଚାରିଲା, ତମେ କ'ଣ କରୁଛ ?

ଲଳିତା କହିଲା, ମୋଟା ଓଭରକୋଟ୍‌ଟା ଭୁଲିଯାଇଥିଲି । ସେଇଟା ଦେବା ପାଇଁ ଆସିଛି ।

ଶେଖର ଶୁଣିବାକୁ ଲାଗିଲା । ଲଳିତା ମଧ୍ୟ ପ୍ରକୃତିସ୍ଥ ହୋଇ କହିଚାଲିଲା, ଗତଥର ଗାଡ଼ିରେ ତୁମର ବହୁତ ଅସୁବିଧା ହୋଇଥିଲା । ବଡ଼ କୋଟ୍ ତ ଥିଲା, କିନ୍ତୁ ମୋଟା ନ ଥିଲା । ତେଣୁ ଫେରିବା ପରେ ମୁଁ ଦୋକାନରେ ମାପ ଦେଇ ଏଇ ମୋଟା କୋଟ୍‌ଟା ବନେଇଥିଲି । କହିଲା ପରେ ଭାରୀ କୋଟ୍‌ଟାକୁ ଆଣି ଦେଖାଇଲା ।

ଶେଖର ନୂଆ କୋଟ୍ ଉପରେ ହାତ ବୁଲାଇ କହିଲା, ମୋତେ ତ କେବେ ଏକଥା କହିନ ?

ଲଳିତା ହସିହସି କହିଲା, ତୁମେ 'ବାବୁ' ଲୋକ । ତୁମକୁ କହିଥିଲେ ତୁମେ କ'ଣ ଏତେ ମୋଟା କୋଟ୍ ତିଆରି କରିବାକୁ ଦେଇଥାନ୍ତ ? ତେଣୁ କହିନାହିଁ । କହିସାରି କୋଟ୍‌ଟିକୁ ଯଥା ସ୍ଥାନରେ ରଖି କହିଲା, ଉପରେ ରଖୁଛି । ସୁଟକେସ ଖୋଲିଲେ ଦେଖିପାରିବ- ଶୀତ ଲାଗିଲେ ପିନ୍ଧିବାକୁ ଭୁଲିବନି ।

'ଆଚ୍ଛା' କହି ଶେଖର କିଛି ସମୟ ନିର୍ନିମେଷ ନୟନରେ ଚାହିଁରହି ହଠାତ୍ କହିଉଠିଲା । ନା, ନା, ଏମିତି ହୋଇ ପାରିବନି ।

କ'ଣ ହୋଇପାରିବନି ? ଏଇଟା ପିନ୍ଧିବନି ?

ନା, ନା, ସେ କଥା ନୁହେଁ । ଆଚ୍ଛା, ଲଳିତା, ମା'ଙ୍କର ସବୁ ଜିନିଷପତ୍ର ସଜଡ଼ା ହୋଇଛି ?

ଲଳିତା କହିଲା, ହଁ, ଓପରିଓଳି ମୁଁ ଆସି ସବୁ ଠିକ୍‌ଠାକ୍ କରିଦେଇଛି । ତା'ପରେ ଚାରିଆଡ଼େ ଭଲଭାବରେ ନିରୀକ୍ଷଣ କରି ଚାବି ବନ୍ଦ କରିବାକୁ ଲାଗିଲା ।

ଶେଖର ତାକୁ କେଇ ମୁହୂର୍ତ୍ତ ଚାହିଁରହି ମୃଦୁକଣ୍ଠରେ ପଚାରିଲା, ଲଳିତା, ଆସନ୍ତା ବର୍ଷ ମୋର କ'ଣ ଅବସ୍ଥା ହେବ, ତମେ କହିପାରିବ ?

ଶେଖରକୁ ଚାହିଁ ଲଳିତା କହିଲା, କାହିଁକି ?

କାହିଁକି ? ମୁଁ ଠିକ୍ ବୁଝିପାରୁଛି, କାହିଁକି । କଥାଟା କହି ସାରି ନିଜ ଶୁଖିଲା ମୁହଁରେ ପ୍ରଫୁଲ୍ଲତା ଆଣିବାକୁ ଚେଷ୍ଟା କରି କହିଲା, ପରଘରକୁ ଯିବା ଆଗରୁ କେଉଁଠି କ'ଣ ଅଛି ମୋତେ ଦେଖେଇ ଦେଇ ଯିବ, ନହେଲେ ଦରକାରବେଳେ କିଛି ଖୋଜି ପାଇବିନି ।

ଲଳିତା ରାଗିଯାଇ କହିଲା, ଯାଃ ପଳାଅ-

ହଁ, ଯିବି ତ ନିଶ୍ଚୟ । ଶେଖର ହସିହସି କହିଲା । କିନ୍ତୁ ଉପାୟ ନାହିଁ । ମୋର ଷୋହଳ ଅଣା ସଉକ ତ ଅଛି । ଅଥଚ କଡ଼ାକର ଶକ୍ତି ନାହିଁ । ଏସବୁ କାମ ଚାକର ବାକରମାନଙ୍କ ଦ୍ୱାରା ହୁଏ ନାହିଁ । ଭାବୁଛି, ଏବେଠୁ ତୁମ ମାମୁଁଙ୍କ ଭଳି ହେବି- ଗୋଟିଏ ଲୁଗା, ଗୋଟିଏ ଚଦର ସମ୍ବଳ ନେଇ ଚଲିବାକୁ ପଡ଼ିବ ।

ଲଳିତା ଚାବି ନେନ୍ଥାଟିକୁ ଚଟାଣ ଉପରେ ଫୋପାଡ଼ି ଦେଇ ଘରୁ ଦୌଡ଼ି ବାହାରି ଗଲା ।

ଶେଖର ପଛରୁ ଚିତ୍କାର କରି କହିଲା, କାଲି ସକାଳେ ଥରେ ଆସି ବୁଲିଯିବ ।

ଲଳିତା ଶୁଣି ମଧ୍ୟ ଶୁଣିଲା ନାହିଁ । ଦୃତପଦରେ ସିଡ଼ିରେ ଓହ୍ଲାଇ ନିଜ ଘର ଦିତାଲା ଛାତ ଉପରେ ଦେଖିଲା ଆନ୍ନାକାଳୀ ଜହ୍ନ ଆଲୁଅରେ ବସି ଗୁଡ଼ାଏ ଗେଣ୍ଡୁଫୁଲ ପାଖରେ ଥୋଇ ମାଳ ଗୁନ୍ଥୁଛି । ଲଳିତା ତା ପାଖରେ ବସି ପଚାରିଲା, ଏ ଶୀତରେ କ'ଣ କରୁଛୁ, କାଳୀ ?

କାଇଁ, ମୋତେ ତ କହିନୁ ?

ଆଗରୁ ଠିକ ହୋଇନଥିଲା । ବାପା ଏବେ ପାଞ୍ଜି ଦେଖି କହିଲେ, ଆଜି ରାତିରେ ନହେଲେ ଏ ମାସସାରା ଆଉ ଲଗ୍ନ ନାହିଁ । ଝିଅ ବଡ଼ ହେଲାଣି, ଆଉ ଘରେ

ବସେଇ ରଖିହେବନି । ଯେମିତି ବି ହେଉ, ବାହା ଦେଇ ଦେଉଛି । ଅପା, ଦି'ଟା ଟଙ୍କା ଦିଅ ମ, ଜଳଖିଆ ମଗେଇବି ।

ଲଳିତା ହସିହସି କହିଲା, ହୁଁ, ଟଙ୍କା ବେଳକୁ ଅପା । ଯା, ମା' ତକିଆ ତଳେ ଅଛି, ନେଇଯା । ଆଚ୍ଛା, କାଳୀ, ଗେଣ୍ଡୁଫୁଲରେ କ'ଣ ବାହାଘର ହୁଏ ?

କାଳୀ ଗମ୍ଭୀର ସ୍ୱରରେ କହିଲା, ହଁ, ହୁଏ । ଅନ୍ୟ ଫୁଲ ନ ମିଳିଲେ ହୁଏ । ମୁଁ କେତେ ଝିଅ ପାର କଲିଣି, ଅପା । ମୁଁ ସବୁ ଜାଣେ । କହିଦେଇ ଜଳଖିଆ ଆଣିବାକୁ ତଳକୁ ଗଲା ।

ଲଳିତା ବସି ବସି ମାଳ ଗୁନ୍ଥିବାକୁ ଲାଗିଲା ।

କିଛି ସମୟ ପରେ କାଳୀ ଆସି କହିଲା, ସମସ୍ତଙ୍କୁ ନିମନ୍ତ୍ରଣ ହୋଇଛି । କେବଳ ଶେଖରଦାଙ୍କୁ ଡକାହୋଇନାହିଁ । ଯାଏ, ତାଙ୍କୁ କହିଦିଏ, ନହେଲେ ସେ ମନଦୁଃଖ କରିବେ । କହିଦେଇ ସେ ତାଙ୍କ ଘର ଆଡ଼େ ଚାଲିଗଲା ।

କାଳୀ ପକ୍କା ଗୃହିଣୀ । ସବୁ କାମ ଭାବିଚିନ୍ତି କରେ । ଶେଖରଦାଙ୍କୁ ସମ୍ବାଦ ଦେଇ ଫେରିଆସି କହିଲା, ଶେଖରଦା ଗୋଟିଏ ମାଳ ଚାହିଁଛନ୍ତି । ତମେ ଗଲ, ଅପା ଶୀଘ୍ର ଦେଇଆସ । ମୁଁ ଏପଟେ କାମ ସବୁ ସାରିଦିଏ । ଲଗ୍ନ ଆରମ୍ଭ ହେଲାଣି । ଆଉ ବେଳ ନାହିଁ ।

ଲଳିତା ମୁଣ୍ଡ ହଲାଇ କହିଲା, ନା, ନା, ମୁଁ ଯାଇପାରିବି ନାହିଁ, ତୁ ଯାଇ ଦେଇ ଆ ।

ହଉ, ତେବେ । କହି ମାଳ ନେବା ପାଇଁ କାଳୀ ହାତ ବଢାଇଲା ।

ଲଳିତା ହଠାତ କ'ଣ ଭାବି କହିଲା, ଆଚ୍ଛା, ମୁଁ ଯାଇ ଦେଇ ଆସୁଛି ।

କାଳୀ ଗମ୍ଭୀର ହୋଇ ଉତ୍ତର ଦେଲା, ହୁଁ, ତୁମେ ଯାଅ । ମୁଁ ଏଠି ବହୁତ ବ୍ୟସ୍ତ । ମରିବା ପାଇଁ ସମୟ ନାହିଁ ।

ତା' ମୁହଁର ଭାବଭଙ୍ଗୀ ଦେଖି ଲଳିତା ନହସି ରହିପାରିଲା ନାହିଁ । ପକ୍କା ବୁଢୀ ଖଣ୍ଡେ ହେଇଚି । ତା'ପରେ ଗୋଟିଏ ମାଳ ନେଇ ଚାଲିଗଲା । କବାଟ ପାଖରେ ଛିଡ଼ା ହୋଇ ଦେଖିଲା, ଶେଖରଦା କାଗଜରେ କ'ଣ ଲେଖୁଛନ୍ତି । ସେ ଧିରେ ଧିରେ ଘର ଭିତରକୁ ଆସି ଚେୟାର ପଛରେ ଠିଆ ହେଲା, ଶେଖର ନିମଗ୍ନ ହୋଇ ଲେଖୁଥାଏ, ତେଣୁ କୌଣସି ଟେର ପାଇଲାନାହିଁ । କିଛିକ୍ଷଣ ଅପେକ୍ଷା କରିବା ପରେ ସେ ଶେଖରକୁ ଚମକାଇବା ପାଇଁ ଯୋଜନା କରି ପଛପଟୁ ଶେଖର ବେକରେ ମାଳଟିକୁ ପିନ୍ଧାଇ ଚେୟାର ପଛରେ ବସି ପଡ଼ିଲା ।

ଶେଖର ଚମକି ପଡ଼ି ପାଟିକରି କହି ଉଠିଲା, ଏଇ, କାଳୀ ! ତା'ପରେ

ପଛକୁ ଚାହିଁ ଭୀଷଣ ଗମ୍ଭୀର ହୋଇ ପଚାରିଲା । ଯେ କ'ଣ କଲ, ଲଳିତା ?

ଲଳିତା ଛିଡ଼ା ହୋଇ ଶେଖରର ମୁଖଭଙ୍ଗୀ ଦେଖି ଶଙ୍କିତ ହୋଇ କହିଲା, କାହିଁକି ?

ପୂର୍ବଭଳି ଗମ୍ଭୀର ହୋଇ ଶେଖର ଉତ୍ତର ଦେଲା, ଜାଣିନ, କାହିଁକି ? କାଳୀକୁ ପଚାରି ଆସ, ଆଜି ରାତିରେ ମାଳ ବଦଳ କଲେ କ'ଣ ହୁଏ ?

ବର୍ତ୍ତମାନ ଲଳିତା ବୁଝିପାରିଲା । ଭୀଷଣ ଲଜ୍ଜାରେ ତା' ମୁହଁ ରଞ୍ଜିତ ହୋଇଉଠିଲା । ନା, ନା, କେବେ ନୁହେଁ, କହି ସେ ଦୌଡ଼ି ନିଜ ଘରକୁ ଚାଲିଗଲା ।

ଶେଖରର ଡାକ ଲଳିତା ଶୁଣିଲା ସତ । କିନ୍ତୁ ସେ କେଉଁଠି ଅପେକ୍ଷା ନକରି ସିଧା ନିଜ ଘରେ ପଶି ଖଟ ଉପରେ ଆଖିବୁଜି ପଡ଼ିରହିଲା ।

ଏଇ ପାଞ୍ଚ ଛଅ ବର୍ଷ ଭିତରେ ସେ ଶେଖରର ଘନିଷ୍ଠ ସମ୍ପର୍କ ଲାଭ କରି ବଡ଼ ହୋଇଛି । କିନ୍ତୁ ଏପରି କଥା କୌଣସି ଦିନ ଶୁଣିନଥିଲା । ଶେଖର ସ୍ୱଭାବତଃ ଗମ୍ଭୀର ପ୍ରକୃତିର, ତେଣୁ ସେ କେବେ ଥଟ୍ଟା ପରିହାସ କରେ ନାହିଁ । ଆଉ ଥଟ୍ଟା କଲେ ମଧ୍ୟ ଏତେ ବଡ଼ ଲଜ୍ଜାକର କଥା ଯେ ସେ କହିପାରିବ, ଲଳିତା କେବେ ଭାବିନଥିଲା । ସରମରେ ସଙ୍କୁଚିତ ହୋଇ ସେ ପ୍ରାୟ କୋଡ଼ିଏ ମିନିଟ୍ କାଳ ବିଛଣାରେ ପଡ଼ିରହି ତା'ପରେ ଉଠି ବସିଲା । ବସି ବସି ଭାବୁଥାଏ ସେ ତ ଶେଖରକୁ ବହୁତ ଭୟ କରେ, କ'ଣ ଜରୁରୀ କାମ ସେ ସେତେବେଳେ ଡାକୁଥିଲେ । କିନ୍ତୁ ତାଙ୍କ ସାମନାକୁ ଯିବ କି ନାହିଁ ଚିନ୍ତା କଲାବେଳେ ତାଙ୍କ ଘରର ଚାକରାଣୀ ଆସି କହିଲା, ଓ ଲଳିତାଦିଦି, ସାନବାବୁ ଡାକୁଛନ୍ତି ।

ଲଳିତା ଉପରକୁ ଯାଇ କବାଟ ଫାଙ୍କରେ ଦେଖିଲା ଯେ ଶେଖର ସେତେବେଳେ ଯାଏ ଚିଠି ଲେଖୁଛି । କିଛି ସମୟ ଠିଆ ହୋଇ ସେ ମୃଦୁକଣ୍ଠରେ ପଚାରିଲା, ଡାକୁଥିଲ ?

ଚିଠି ଲେଖୁ ଲେଖୁ ଶେଖର କହିଲା, ପାଖକୁ ଆସ, କହୁଛି ।

ନା, ସେଇଠୁ କୁହ ।

ଶେଖର ହସି ହସି କହିଲା, ହଠାତ କ'ଣ ଗୋଟାଏ କରିଦେଲ, କହିଲ ?

ଲଳିତା ରୁଷ୍ଟ ହୋଇ କହିଲା, ଯାଅ ।

ଶେଖର ପଛକୁ ବୁଲିପଡ଼ି ପଚାରିଲା, ମୋର କ'ଣ ଦୋଷ ? ତମେ ହିଁ ତ ଏଇ କାମଟା କଲ ।

କିଛି କରିନାହିଁ- ତମେ ସେଇଟା ଫେରାଇ ଦିଅ ।

ସେଇଥିପାଇଁ ତ ତୁମକୁ ଡାକିଛି, ଲଳିତା । ପାଖକୁ ଆସ, ଫେରାଇ ଦେବି ।

ତୁମେ ଅଧା କାମ କରିଯାଇଛ, ବାକି ଅଧା ମୁଁ ସମ୍ପୂର୍ଣ୍ଣ କରିଦିଏ ।

କବାଟ ଅନ୍ତରାଳରେ ଛିଡ଼ା ହୋଇ ଲଳିତା କହିଲା, ସତ କହୁଛି, ସେମିତି ଥଟ୍ଟା କଲେ ମୁଁ କେବେବି ତୁମ ସାମନାକୁ ଯିବି ନାହିଁ । ମୋତେ ସେଇଟା ଫେରାଇ ଦିଅ ।

ଶେଖର ଟେବୁଲ ଉପରୁ ମାଳଟି ହାତରେ ଧରି କହିଲା, ଆସତ ନିଜେ ନେଇଯାଅ ।

ନା, ନା, ତୁମେ ସେଇଠୁ ଫୋପାଡ଼ି ଦିଅ ।

ପାଖକୁ ନ ଆସିଲେ ପାଇବ ନାହିଁ ।

ମୁଁ ଯାଉଛି, କହି ଲଳିତା ରାଗି ଚାଲିଆସିଲା ।

ଶେଖର ପଛରୁ ପାଟି କରି କହିଲା, ଆଉ ଅଧା ରହିଗଲା ।

ଅଧା ରହିଯାଉ, କହି ସତରେ ଲଳିତା ରାଗି ବାହାରକୁ ଚାଲିଗଲା ।

ସେ ବାହାରି ଆସିଲା ସତ, କିନ୍ତୁ ତଳକୁ ଗଲାନାହିଁ । ପୂର୍ବପଟ ଛାତର କୋଣରେ ରେଲିଂ ଧରି ମୌନ ଭାବରେ ଠିଆ ହୋଇ ରହିଲା । ଆକାଶରେ ଜହ୍ନ ଉଠିଥାଏ ଓ ଶୀତ ସନ୍ଧ୍ୟାରେ ସବୁକିଛି ଜୋଛନା ଆଲୁଅରେ ଚିକ୍‌ଚିକ୍ କରୁଥାଏ । ଉପରେ ନିର୍ମଳ ଆକାଶ ଚାହିଁ ରହିଲା । ସେତେବେଳକୁ ତା'ର ଆଖି ଦୁଇଟି ଲଜ୍ଜା ଓ ଅଭିମାନରେ ଲୋତକପୂର୍ଣ୍ଣ ହୋଇ ଉଠିଲା । ସେ ଏତେ ସାନ ନୁହେଁ ଯେ ଏସବୁ କଥାର ତାତ୍ପର୍ଯ୍ୟ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରିପାରିବ ନାହିଁ । ତେବେ କାହିଁକି ଏମିତି ଦୁଃଖଦାୟକ ପରିହାସ ? ସେ ଯେ କେତେ ତୁଚ୍ଛ, କେତେ ତଳେ, ତାହା ବୁଝିବା ପାଇଁ ତାର ଯଥେଷ୍ଟ ବୟସ ହୋଇଛି । ସେ ଜାଣେ ଯେ ସେ ଅନାଥ ଓ ନିରୂପାୟ । ତେଣୁ ସମସ୍ତେ ତାକୁ ଏତେ ଅଧିକ ସ୍ନେହ କରନ୍ତି । ଶେଖର ମଧ୍ୟ କରେ ଓ ତା'ର ଜନନୀ ମଧ୍ୟ କରନ୍ତି । ତାର ନିଜର ବୋଲି କେହି ନଥିବାରୁ ତାର ପ୍ରକୃତ ଦାୟିତ୍ୱ କୌଣସି ଜଣକ ଉପରେ ନ୍ୟସ୍ତ ନୁହେଁ । ସେଇଥିପାଇଁ ତ ଗିରୀନ୍ଦ୍ର ସମ୍ପୂର୍ଣ୍ଣ ପର ହୋଇ ମଧ୍ୟ ତାକୁ ଉଦ୍ଧାର କରିବା କଥା କହିପାରିଲେ ।

ଆଖି ବନ୍ଦ କରି ଲଳିତା ଭାବିବାକୁ ଲାଗିଲା, ଏଇ କଲିକତା ସମାଜରେ ତା' ମାମୁଁଙ୍କ ସ୍ଥାନ ଶେଖର ପରିବାରଠାରୁ କେତେ ତଳେ ଓ ସେ ନିଜେ ପୁଣି ତାଙ୍କର ଆଶ୍ରିତ ଗଳଗ୍ରହ । ଶେଖରର ବାହାଘର ପ୍ରସ୍ତାବ ତାଙ୍କ ସମାସ୍କନ୍ଧ ପରିବାର ସହିତ ଚାଲିଛି, ଆଜି ନହେଲେ ଦୁଇଦିନ ପରେ ସେଇଠି ବିବାହ ହେବ । ଏଇ ବିବାହ ଉପଲକ୍ଷେ ନବୀନ ରାୟ କେତେ ଅର୍ଥରାଶି ଆଦାୟ କରିବେ ତାହା ମଧ୍ୟ ଶେଖରଦା ମା'ଙ୍କ ନିକଟରୁ ଶୁଣିଛି ।

ତେବେ କାହିଁକି ଶେଖରଦା ଆଜି ହଠାତ୍ ତାକୁ ଏମିତି ଭାବରେ ଅପମାନ କଲେ ? ଶୂନ୍ୟ ଆକାଶକୁ ଚାହିଁ ଚାହିଁ ଏହିପରି ମଗ୍ନ ହୋଇ ଚିନ୍ତା କଲାବେଳେ ଲଳିତା

ହଠାତ୍ ଚମକି ପଡ଼ି ପଛକୁ ଅନାଇ ଦେଖିଲା ଶେଖର ନିଃଶବ୍ଦରେ ହସୁଛି । ଏହା ପୂର୍ବରୁ ସେ ଯେମିତି ଗେଣ୍ଡୁଫୁଲ ମାଳଟିକୁ ଶେଖର ବେକରେ ପିନ୍ଧାଇ ଦେଇଥିଲା । ଠିକ୍ ସେମିତି ଶେଖର ମାଳଟିକୁ ଲଳିତା ବେକରେ ପିନ୍ଧାଇ ଦେଇଛି । ଲୁହ ଛଳଛଳ ଆଖିରେ ଓ ବାଷ୍ପରୁଦ୍ଧ କଣ୍ଠରେ ଲଳିତା ସାହସ ସଞ୍ଚୟ କରି ବେଶ ଜୋର ଗଳାରେ ପଚାରିଲା, ଏ କ'ଣ କଲ ?

ତୁମେ କାହିଁକି କରିଥିଲ ?

ମୁଁ କିଛି କରିନି । ଏତକ କହି ସେ ମାଳଟିକୁ ବେକରୁ ଛିଣ୍ଡାଇ ଦେବାକୁ ଚେଷ୍ଟା କରି ଶେଖରର ମୁଖମଣ୍ଡଳକୁ ଦେଖି ଶଙ୍କିଗଲା । ଆଉ ମାଳକୁ ନ ଛିଣ୍ଡାଇ କାନ୍ଦି କାନ୍ଦି କହିଲା, ମୋର କେହି ନାହାନ୍ତି ବୋଲି ତମେ ଏମିତି ଅପମାନ କରୁଛ !

ଶେଖର ଏପର୍ଯ୍ୟନ୍ତ ମୃଦୁ ହସୁଥିଲା । କିନ୍ତୁ ଲଳିତା କଥା ଶୁଣି ଆଶ୍ଚର୍ଯ୍ୟ ହେଲା । ସାମାନ୍ୟ ସ୍ଥିର ହୋଇ କହିଲା, ମୁଁ ଅପମାନ କରିଛି ନା ତୁମେ ଅପମାନ କରିଛ ?

ଲଳିତା ଲୁହ ପୋଛି ଧିରେ ଧିରେ ପଚାରିଲା, ମୁଁ କ'ଣ ଅପମାନ କଲି ?

ଶେଖର ଧୈର୍ଯ୍ୟ ସହକାରେ କହିଲା, ଟିକେ ଗଭୀର ଭାବରେ ଦେଖିଲେ ନିଜେ ଜାଣିପାରିବ । ଆଜିକାଲି ତୁମେ ବେଳେବେଳେ ସୀମା ଲଙ୍ଘନ କରୁଥିଲ । ବିଦେଶ ଯିବା ପୂର୍ବରୁ ମୁଁ ତୁମର ସେସବୁ ବନ୍ଦ କରିଦେଲି । ଏତକ କହି ଶେଖର ଚୁପ୍ ରହିଲା ।

ଲଳିତା କୌଣସି ଉତ୍ତର ନ ଦେଇ ମୁଣ୍ଡ ତଳକୁ ପୋତି ଠିଆ ହୋଇ ରହିଲା । ଜ୍ୟୋସ୍ନା ବିଧୌତ ସନ୍ଧ୍ୟାରେ ଦୁହେଁ କେବଳ ମୌନ ମୂର୍ତ୍ତି ଭଳି ଛିଡ଼ା ହୋଇଥାନ୍ତି । କେବଳ ତଳ ତାଲାରୁ କାଳୀ ଝିଅର ବାହାଘର ଉପଲକ୍ଷେ ଘନଘନ ଶଙ୍ଖଧ୍ୱନି ଶୁଭିବାକୁ ଲାଗିଲା ।

କିଛିକ୍ଷଣ ମୌନ ରହିବା ପରେ ଶେଖର କହିଲା, ଆଉ ଶୀତରେ ରୁହନାହିଁ । ତଳକୁ ଯାଅ ।

ଯାଉଛି ବୋଲି କହି ଶେଖରର ପାଦସ୍ପର୍ଶ କରି ପ୍ରମାଣ ପୂର୍ବକ ଧିରକଣ୍ଠରେ ପଚାରିଲା, ଏବେ ମୁଁ କ'ଣ କରିବି କହିଦିଅ ।

ଶେଖର ସାମାନ୍ୟ ଦ୍ୱିଧା କରି ଦୁଇ ହାତରେ ଲଳିତାକୁ ସ୍ନେହରେ ଟାଣି ଆଣି ତା ଓଠରେ ଚୁମ୍ବନ ଦେଲା । ତା'ପରେ କହିଲା, କିଛି କହିବାକୁ ହେବନାହିଁ, ଲଳିତା । ସବୁ ଆପେ ଆପେ ବୁଝିଯିବ ।

ଲଳିତାର ପୂର୍ଣ୍ଣ ଶରୀର ରୋମାଞ୍ଚିତ ହୋଇ ଉଠିଲା ।

ସେ ଦୂରକୁ ଘୁଞ୍ଚିଯାଇ କହିଲା, ମୁଁ ହଠାତ୍ ତୁମ ବେକରେ ମାଳ ପିନ୍ଧାଇ

ଦେଇଛି ବୋଲି ତୁମେ ଏମିତି କଲ ?

ଶେଖର ହସି ହସି କହିଲା, ନା, ନା, ମୁଁ ଅନେକ ଦିନରୁ ଭାବୁଥିଲି, କିନ୍ତୁ ସ୍ଥିର କରିପାରୁନଥିଲି । ଆଜି ଶେଷରେ ସ୍ଥିର କଲି । କାରଣ ଆଜି ହିଁ ମୁଁ ବୁଝିପାରିଲି ତୁମ ବିନା ମୁଁ ବଞ୍ଚିପାରିବି ନାହିଁ ।

ଲଳିତା କହି ଉଠିଲା, କିନ୍ତୁ ତୁମ ବାପା ଶୁଣିଲେ ଭୀଷଣ ରାଗିଯିବେ ଆଉ ମା' ବହୁତ ଦୁଃଖ କରିବେ ।

ବାପା ଶୁଣିଲେ ନିଶ୍ଚୟ ରାଗିବେ, କିନ୍ତୁ ମା' ବହୁତ ଖୁସି ହେବେ । ସେ ଯାହା ହେଉ- ଯାହା ହେବାର ତ ହୋଇଯାଇଛି । ତଳକୁ ଯାଇ ମା'ଙ୍କୁ ପ୍ରଣାମ କର ।

ଅଷ୍ଟମ ପରିଚ୍ଛେଦ

ପ୍ରାୟ ତିନିମାସ ପରେ ଦିନେ ଗୁରୁଚରଣ ବିଷର୍ଣ୍ଣ ବଦନରେ ନବୀନ ରାୟଙ୍କ ଘରେ ପଶି ଆରାମ ଚେୟାର ଉପରେ ବସିବାକୁ ଉପକ୍ରମ କରିବାରୁ ନବୀନବାବୁ ଉଚ୍ଚ କଣ୍ଠରେ ନିଷେଧ କରି କହିଲେ, ନା, ନା, ଏଠି ନୁହେଁ । ସେ ଚୌକି ଉପରେ ବସ । ମୁଁ ପୁଣି ଅବେଳାରେ ଗାଧୋଇ ପାରିବି ନାହିଁ । କ'ଣ ଜାତି ମାରା କରି ଆସିଛ ?

ଗୁରୁଚରଣ ଦୂରରେ ପଡ଼ିଥିବା ଗୋଟିଏ ଚୌକି ଉପରେ ବସି ମୁଣ୍ଡ ତଳକୁ ପୋତି ଚୁପ ରହିଲେ ।

ଚାରିଦିନ ପୂର୍ବେ ସେ ଯଥାରୀତି ଦୀକ୍ଷା ଗ୍ରହଣ କରି ବ୍ରାହ୍ମ ହୋଇଥିଲେ । ସେଇ ସମ୍ବାଦ ବିଭିନ୍ନ ମୁହଁରେ ଅତିରଞ୍ଜିତ ହୋଇ ନୈଷ୍ଠିକ ହିନ୍ଦୁ ନବୀନବାବୁଙ୍କର ଶ୍ରୁତିଗୋଚର ହୋଇଛି । ନବୀନବାବୁଙ୍କ ଚକ୍ଷୁ ଯୁଗଳରୁ ସ୍ଫୁଲିଙ୍ଗ ନିର୍ଗତ ହେବାକୁ ଲାଗିଲା । କିନ୍ତୁ ଗୁରୁଚରଣ ପୂର୍ବଭଳି ନତମସ୍ତକ ହୋଇ ବସିରହିଲେ । କାହାକୁ କିଛି ନ ଜଣାଇ ସେ ଏହି କାର୍ଯ୍ୟଟି କରିଛନ୍ତି । ତେଣୁ ତାଙ୍କ ପରିବାରରେ ମଧ୍ୟ କାନ୍ଦବୋବାଳି ଓ ଘୋର ଅଶାନ୍ତିର ବାତାବରଣ ଚାଲିଥାଏ ।

ନବୀନ ପୁନରାୟ ଗର୍ଜ୍ଜନ କରି ଉଠିଲେ, କ'ଣ କଥାଟା ସତ ?

ଲୁହ ଛଳଛଳ ଆଖି ଓ ଭାରାକ୍ରାନ୍ତ ହୃଦୟ ମଧ୍ୟରୁ ଉତ୍ତର ଆସିଲା, ଆଜ୍ଞା ହଁ ।

କ୍ରୋଧରେ ଜର୍ଜ୍ଜରିତ ହୋଇ ନବୀନ ଚିତ୍କାର କଲେ, କାହିଁକି ଏମିତି କାମ କରୁଥିଲ ? ତୁମ ଦରମା ତ ମୋଟେ ଷାଠିଏ ଟଙ୍କା - ଆଉ କିଛି କହିପାରିଲେ ନାହିଁ ।

ବାଷ୍ପରୁଦ୍ଧ କଣ୍ଠକୁ ପରିଷ୍କାର କରି ଗୁରୁଚରଣ ବିନୀତ ଭାବରେ କହିଲେ, ମୋର ଜ୍ଞାନ ନ ଥିଲା, ଦାଦା । ଦୁଃଖ ଭାରରେ ଆତ୍ମହତ୍ୟା କରିବି ନା ବ୍ରହ୍ମଜ୍ଞାନୀ ହେବି, କିଛି ବୁଝିପାରିଲି ନାହିଁ । ଶେଷରେ ଭାବିଲି, ଆତ୍ମଘାତୀ ନ ହୋଇ ବରଂ ବ୍ରହ୍ମଜ୍ଞାନୀ ହୁଏ । ତାହା ହିଁ କଲି ।

ଗୁରୁଚରଣ ଲୁହ ପୋଛି ଯିବା ପାଇଁ ଉଦ୍ୟତ ହେଲେ ନବୀନବାବୁ ପାଟିକରି କହିଲେ, ନିଜ ବେକରେ ଦଉଡ଼ି ନ ଦେଇ ଜାତି ବେକରେ ଦଉଡ଼ି ଦେଇଛ । ଯାଅ, ଯାଅ ଆମ ସାମନାରେ ଆଉ ମୁହଁ ଦେଖାଇବା ଦରକାର ନାହିଁ । ଏବେ ଯେଉଁମାନେ ସବୁ ମନ୍ତ୍ରୀ ହୋଇଛନ୍ତି ସେଇମାନଙ୍କ ସାଙ୍ଗରେ ରହିବ, ଯାଅ- ଝିଅମାନଙ୍କୁ ତଳ ଜାତିରେ ବାହା ଦେଇଦିଅ । ଏହା କହି ନବୀନବାବୁ ଗୁରୁଚରଣଙ୍କୁ ବିଦାୟ କଲେ ।

ରାଗରେ ନବୀନବାବୁ କ'ଣ କରିବେ କିଛି ସ୍ଥିର କରିପାରୁନଥିଲେ । ଗୁରୁଚରଣ ତାଙ୍କ ହାତମୁଠାରୁ ସମ୍ପୂର୍ଣ୍ଣ ଖସିଯାଉଛି, ଆଉ ଯେ ଭବିଷ୍ୟତରେ ଫେରିବ ସେମିତି କୌଣସି ସମ୍ଭାବନା ମଧ୍ୟ ନାହିଁ । ନିଷ୍ଫଳ ଆକ୍ରୋଶରେ ଛଟପଟ ହୋଇ ଗୁରୁଚରଣକୁ ପାନେ ଶିକ୍ଷା ଦେବା ପାଇଁ ଅନ୍ୟ କୌଣସି ନପାଇ ସେହିଦିନ ମିସ୍ତ୍ରୀ ଡାକିଲେ ଓ ଛାତରେ ଥିବା ବାଟଟିକୁ ବନ୍ଦ କରି ଏକ ବିରାଟ ପାଚେରୀ ତୋଳି ଦେଲେ ।

ଏହି ସମ୍ବାଦ ଦୂର ପ୍ରବାସରେ ବସି ଭୁବନେଶ୍ୱରୀ ପୁଅ ପାଖରୁ ଶୁଣିବା ପରେ କାନ୍ଦି କାନ୍ଦି ପଚାରିଲେ, ଏମିତି ବୁଦ୍ଧି ତାଙ୍କୁ କିଏ ଦେଲା ?

ବୁଦ୍ଧି କିଏ ଦେଇଥିଲା ଶେଖର ନିଶ୍ଚୟ ଅନୁମାନ କରିପାରିଛି । ସେ ନାଁ ଉଲ୍ଲେଖ ନକରି କହିଲା, କିନ୍ତୁ ମା, ଦିନ ପରେ ତ ତମେମାନେ ତାଙ୍କୁ ଏକଘରିଆ କରିଥାନ୍ତ । ଏତେ ଗୁଡ଼ାଏ ଝିଅଙ୍କର ବାହାଘର ସେ କେମିତି ଦେବେ, ମୁଁ ତ କୌଣସି ବାଟ ଦେଖୁନି ।

ଭୁବନେଶ୍ୱରୀ ମୁଣ୍ଡ ହଲାଇ କହିଲେ, କିଛି ଦୁନିଆରେ ଅଟକି ରହେନି, ଶେଖର । ସେଥିପାଇଁ ଯଦି ଜାତି ମାରା କରିବାକୁ ପଡ଼ିବ ତେବେ ବହୁତ ଲୋକ ଜାତି ମାରା କରନ୍ତେ । ଭଗବାନ ଯେଉଁମାନଙ୍କୁ ସଂସାରକୁ ପଠାଇଛନ୍ତି, ତାଙ୍କ କଥା ନିଶ୍ଚୟ ବୁଝିବେ ।

ଶେଖର କୌଣସି ମନ୍ତବ୍ୟ ଦେଲା ନାହିଁ । ଭୁବନେଶ୍ୱରୀ ଲୁହ ପୋଛୁପୋଛୁ କହି ଚାଲିଲେ, ଆମେ ଯଦି ଲଳିତାକୁ ସାଙ୍ଗରେ ଏଠିକୁ ଆଣିଥାନ୍ତେ, ତେବେ ମୁଁ ନିଶ୍ଚିତ କିଛି ଗୋଟାଏ ବ୍ୟବସ୍ଥା କରିଥାନ୍ତି । ମୁଁ ତ ଆଗରୁ ଜାଣିନଥିଲି ଯେ ଗୁରୁଚରଣ ଏଇସବୁ ମତଲବ ଚିନ୍ତା କରି ଲଳିତାକୁ ଆମ ସାଙ୍ଗରେ ପଠାଇ ନାହିଁ । ମୁଁ ଭାବିଥିଲି ସତରେ ତାର କେଉଁଠି ବାହାଘର ପ୍ରସ୍ତାବ ଚାଲିଛି ।

ଶେଖର ମା' ମୁଖକୁ ଚାହିଁ ସାମାନ୍ୟ ଲଜ୍ଜିତ ହୋଇ କହିଲା, ଠିକ୍ ଅଛି, ମା । ଏବେ ଘରକୁ ଫେରି ସେହି ବ୍ୟବସ୍ଥା ବରଂ କର । ଲଳିତା ତ ବ୍ରାହ୍ମ ହୋଇନାହିଁ । ତା'ର ମାମୁଁ ହୋଇଛନ୍ତି । ଆଉ ସେ ବି କୌଣସି ରକ୍ତ ସମ୍ପର୍କ ମାମୁଁ ନୁହଁନ୍ତି । ଲଲିତାର ନିଜର କେହି ନାହାନ୍ତି ବୋଲି ବି ଛାଡ଼ିବେନି ।

ଶେଖର ମନରେ ମଧ୍ୟ ଏହିପରି ଗୋଟିଏ ଆଶଙ୍କା ଥିଲା । ତେଣୁ ସେ ଆଉ କିଛି ନକହି ବାହାରକୁ ଚାଲିଗଲା ।

ଏଇ କଥୋପକଥନ ପରେ ତାକୁ ବିଦେଶରେ ମୁହୂର୍ତ୍ତେ କାଳ ରହିବାକୁ ଇଚ୍ଛା ହେଲା ନାହିଁ । ଦୁଇ ତିନି ଦିନ ଚିନ୍ତିତ ଅପ୍ରସନ୍ନ ମୁହଁରେ ଇତସ୍ତତଃ ବୁଲିଲା ପରେ ସନ୍ଧ୍ୟାବେଳେ ସେ ମା'ଙ୍କୁ କହିଲା, ମା' ଏଠି ଆଉ ଭଲ ଲାଗୁନି । ଚାଲ, ଘରକୁ ଫେରିଯିବା ।

ଭୁବନେଶ୍ୱରୀ ତତ୍‌କ୍ଷଣାତ୍ ସମ୍ମତି ଦେଇ କହିଲେ, ହଁ, ମୋତେ ବି ଭଲ ଲାଗୁନି । ଚାଲ ଫେରିଯିବା ।

ମାତା ପୁତ୍ର କଲିକତା ଘରକୁ ଫେରି ଦେଖିଲେ ଛାତର ସେହି ଯିବାଆସିବା ବାଟକୁ ବନ୍ଦ କରି ପାଚେରୀ ତୋଳା ହୋଇଛି । ଦୁହେଁ ବୁଝିପାରିଲେ ଯେ ଗୁରୁଚରଣଙ୍କ ସହିତ କୌଣସି ପ୍ରକାର ସମ୍ପର୍କ ରଖିବା ବା କଥାବାର୍ତ୍ତା ନ କରିବା ପାଇଁ ନବୀନ ରାୟଙ୍କର ଏପ୍ରକାର ବନ୍ଦୋବସ୍ତ ।

ରାତିରେ ଶେଖର ଖାଇବା ସମୟରେ ଭୁବନେଶ୍ୱରୀ ଜଣାଇଲେ, ଗିରୀନବାବୁଙ୍କ ସହ ଲଳିତାର ବାହାଘର ପାଇଁ ତାଙ୍କ ଘରେ କଥାବାର୍ତ୍ତା ଚାଲିଛି । ମୁଁ ଆଗରୁ ଏଇୟା ଭାବିଥିଲି । ଶେଖର ଖାଉ ଖାଉ କହିଲା, ତୁମକୁ କିଏ କହିଲା ?

ଲଳିତାର ମାଇଁ । ଦ୍ୱିପହରେ ବାପା ଶୋଇ ପଡ଼ିଲା ପରେ ମୁଁ ତାଙ୍କ ଘରକୁ ଯାଇଥିଲି । କାନ୍ଦି କାନ୍ଦି ବିଚାରୀର ଲୁହ ବି ସରିଗଲା । କିଛି ସମୟ ଚୁପ ରହି ଭୁବନେଶ୍ୱରୀ ପୁଣି କହିଲେ, ବୁଝିଲୁ ଶେଖର ! ସବୁ କପାଳ ଲିଖନ । ମୁଁ କାହା ଦୋଷ ଦେବି ? ଯାହାହେଉ, ପିଲାଟି ଭଲ, ସଙ୍ଗତି ମଧ୍ୟ ଅଛି, ଲଳିତା ଭଲରେ ରହିବ ।

ଶେଖର କୌଣସି ପ୍ରତ୍ୟୁତ୍ତର ଦେଲା ନାହିଁ । ତାର ଖାଇବା ଇଚ୍ଛା ନଥିଲା । ମା' ଉଠିଯିବା ପରେ ସେ ମଧ୍ୟ ହାତ ମୁହଁ ଧୋଇ ବିଛଣାରେ ଶୋଇପଡ଼ିଲା ।

ପରଦିନ ସନ୍ଧ୍ୟାରେ ବୁଲିବା ପାଇଁ ସେ ବାହାରକୁ ଯାଇଥିଲା । ସେତେବେଳେ ଗୁରୁଚରଣଙ୍କ ଘରେ ପ୍ରାତ୍ୟହିକ ଚା' ପାନ ଆସର ଚାଲିଥାଏ ଓ ଯଥେଷ୍ଟ ଉତ୍ସାହ ଏବଂ ହସଖୁସି ମଧ୍ୟ ଚାଲିଥାଏ । ସେଠିକାର କୋଳାହଳ କାନରେ ବାଜିବାରୁ ଶେଖର ସ୍ଥିର ହୋଇ କ'ଣ ଭାବିଲା ଓ ଧିରେ ଧିରେ ଗୁରୁଚରଣବାବୁଙ୍କ ଆସର ଘରେ ପହଞ୍ଚିଲା । କଳରବ ହଠାତ୍ ଥମିଗଲା ଓ ଶେଖରକୁ ଦେଖି ସମସ୍ତଙ୍କର ମୁଖର ଭାବଭଙ୍ଗୀ ମଧ୍ୟ ବଦଳିଗଲା ।

ଶେଖର ଯେ ଫେରିଆସିଲାଣି ଏ ସମ୍ବାଦ ଲଳିତା ବ୍ୟତୀତ ଆଉ କେହି ଜାଣି ନ ଥିଲେ । ଆଜି ଗିରୀନ୍ଦ୍ର ସହିତ ଆଉ ଜଣେ ଭଦ୍ରବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ସେ

ବିସ୍ମିତ ହୋଇ ଶେଖରକୁ ଚାହିଁ ରହିଲେ । ଗିରୀନ ଅତ୍ୟନ୍ତ ଗମ୍ଭୀର ମୁହଁରେ କାନ୍ଥ ଆଡ଼କୁ ମୁହଁ ବୁଲାଇ ଚୁପ ବସି ରହିଲା । ସର୍ବାପେକ୍ଷା ଅଧିକ କଳରବ କରୁଥିବା ବ୍ୟକ୍ତି ଗୁରୁଚରଣବାବୁ ହଠାତ୍ ପାଣ୍ଡୁର ବଦନରେ କେବଳ ଅନାଇ ରହିଲେ । ତାଙ୍କ ନିକଟରେ ବସି ଲଳିତା ଚା' ଢାଳୁଥିଲା । ସେ ଥରେ ଶେଖର ଆଡ଼େ ଚାହିଁଦେଇ ତଳକୁ ମୁହଁ ପୋତି ନୀରବରେ ବସିରହିଲା ।

ଶେଖର ଖଟ ପାଖକୁ ଆସି ଗୁରୁଚରଣଙ୍କୁ ପ୍ରଣାମ କରି ପାଖରେ ବସି ପଡ଼ିଲା । କହିଲା, କ'ଣ ହେଲା ? ସମସ୍ତେ ପୂରା ଚୁପ ହୋଇଗଲେ ? ଶେଖର ଅବଶ୍ୟ ହସି ହସି କଥାଟା କହିଲା ।

ଗୁରୁଚରଣବାବୁ ମୃଦୁକଣ୍ଠରେ ବୋଧହୁଏ ଶେଖରକୁ ଆଶୀର୍ବାଦ କଲେ, କିନ୍ତୁ କ'ଣ କହିଲେ ସ୍ପଷ୍ଟ ଶୁଭିଲାନାହିଁ ।

ଶେଖର ତାଙ୍କ ମନର ଭାବ ଠିକ୍ ବୁଝିପାରିଲା । ତେଣୁ ସମୟ ବିତାଇବା ଉଦ୍ଦେଶ୍ୟରେ ନିଜ କଥା କହିଚାଲିଲା । କାଲି ସକାଳେ ଫେରିବା କଥା, ଜନନୀଙ୍କର ରୋଗ ଉପଶମ, ପଶ୍ଚିମ ଦେଶରେ ରହଣି ଇତ୍ୟାଦି । ବିଭିନ୍ନ ଗପ ଅନର୍ଗଳ ଗପିବା ପରେ ଶେଖର ସେହି ଅପରିଚିତ ଯୁବକ ଆଡ଼େ ଚାହିଁଲା ।

ସେତେବେଳକୁ ଗୁରୁଚରଣ ଅନେକାଂଶରେ ନିଜକୁ ସମ୍ଭାଳି ନେଲେଣି । ସେ ପରିଚୟ କରାଇ ଦେଲେ, ଯେ ହେଉଛନ୍ତି ଗିରୀନର ସାଙ୍ଗ । ଗୋଟିଏ ଜାଗାରେ ଘର । ସାଙ୍ଗରେ ପାଠ ପଢିଛନ୍ତି । ସତ୍ ପିଲାଟିଏ । ଶ୍ୟାମବାଜାରରେ ରହିଲେ ବି ମୋ ସହିତ ଦେଖା କରିବା ପାଇଁ ଆସନ୍ତି ।

ଶେଖର ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ମନେ ମନେ ଭାବିଲା, ମୁଁ ବହୁତ ଭଲ ପିଲା । ତା'ପରେ ପଚାରିଲା, କକା ଆଉ ସବୁ ଭଲ ତ ?

ଗୁରୁଚରଣ କୌଣସି ଜବାବ ନଦେଇ ମୁଣ୍ଡ ତଳକୁ ପୋତି ବସି ରହିଲେ । ଶେଖର ବାହାରିବା ପାଇଁ ଉପକ୍ରମ କଲାରୁ ସେ କାନ୍ଦକାନ୍ଦ ସ୍ୱରରେ କହିଲେ, ମଝିରେ ମଝିରେ ଆସୁଥିବ, ବାପା ! ଷୋହଳ ଅଣା ତ୍ୟାଗ କରିବନି, ସବୁ ଘଟଣା ଶୁଣିଛ ତ ?

ହଁ, ଶୁଣିଛି, କହି ଶେଖର ଅନ୍ଦର ମହଲକୁ ଗଲା ।

ତା'ପରେ ହିଁ ଭିତର ଘରୁ ଗୃହିଣୀଙ୍କ କ୍ରନ୍ଦନ ଶୁଭିଲା । ଗୁରୁଚରଣ ନୀରବରେ ତାହା ଶୁଣିଲେ ଏବଂ ଧୋତି କାନିରେ ନିଜ ଆଖିରୁ ଲୁହ ପୋଛିବାକୁ ଲାଗିଲେ । ଗିରୀନ ଅପରାଧୀ ଭଳି ଝରକା ବାହାରକୁ ଚାହିଁ ରହିଲା । ଲଳିତା ପୂର୍ବରୁ ହିଁ ଘର ଭିତରକୁ ଉଠିଯାଇଥିଲା ।

କିଛି ସମୟ ପରେ ଶେଖର ରୋଷେଇ ଘରୁ ବାହାରି ଅଗଣା ପାଖ ବାରଣ୍ଡାକୁ

ଗଲାବେଳେ ଦେଖିଲା ଅନ୍ଧାର କବାଟ କୋଣରେ ଲଳିତା ଛିଡ଼ା ହୋଇଛି । ସେ ଭୂମିଷ୍ଠ ହୋଇ ପ୍ରଣାମ କଲା ଓ ଉଠିପଡ଼ି ଶେଖରର ବୁକୁ ନିକଟରେ ଏକାନ୍ତ ଘନିଷ୍ଠ ହୋଇ ମୁହୂର୍ତ୍ତକ ପାଇଁ ନିଃଶବ୍ଦରେ କ'ଣ ଆଶା କରି ଅପେକ୍ଷା କଲା ଓ ପର ମୁହୂର୍ତ୍ତରେ ପଛକୁ ଘୁଞ୍ଚିଯାଇ ଫୁସ୍‌ଫୁସ୍ ହୋଇ ରହିଲା, ମୋ ଚିଠିର ଉତ୍ତର ଦେଲନି କାହିଁକି ?

କାହିଁ ? ମୁଁ ତ ଚିଠି ପାଇନି । କ'ଣ ଲେଖିଥିଲ ?

ଲଳିତା କହିଲା, ବହୁତ କଥା । ହଉ ଛାଡ଼ । ସବୁ ଶୁଣିଛ ତ ? ଏବେ କୁହ, ତୁମର କ'ଣ ହୁକୁମ ?

ଶେଖର ବିସ୍ମିତ ହୋଇ ପଚାରିଲା, ମୋ ହୁକୁମ ? ମୋର କ'ଣ ହୁକୁମ ?

ଲଳିତା ଶଙ୍କିତ ହୋଇ ଶେଖର ମୁହଁକୁ ଚାହିଁ ପଚାରିଲା, କାହିଁକି ?

ମୁଁ କାହା ଉପରେ ହୁକୁମ ଦେବି, ଲଳିତା ?

ମୋ ଉପରେ, ଆଉ କାହା ଉପରେ ?

ଶେଖର ଗମ୍ଭୀର ଭାବରେ କହିଲା, ତୁମକୁ କାହିଁକି ହୁକୁମ ଦେବି ? ଆଉ ଦେଲେ ବି ତୁମେ ଶୁଣିବ କାହିଁକି ?

ଭୟରେ ସଙ୍କୁଚିତ ହୋଇ କାନ୍ଦକାନ୍ଦ ସ୍ୱରରେ ଲଳିତା କହିଲା, ଯାଅ, ତୁମ ଥଟ୍ଟା ମୋତେ ଭଲ ଲାଗୁନି । ତମ ଗୋଡ଼ ତଳେ ପଡୁଛି । କୁହ, ମୁଁ କ'ଣ କରିବି ? ଡରରେ ମୋତେ ନିଦ ହେଉନି ।

ଡର କାହିଁକି ?

ଡର ଲାଗିବନି ? ତମେ ଏତେ ଦୂରରେ, ମା' ବି ଦୂରରେ, ମାମୁଁ କ'ଣ ସବୁ କରିପକାଇଲେ- ଏବେ ମା' ଯଦି ମୋତେ ଘରକୁ ନ ନେବେ ?

ମୁହୂର୍ତ୍ତେ ଚୁପ ରହି ଶେଖର ଉତ୍ତର ଦେଲା, ଠିକ କଥା । ମା' ନେବାକୁ ଚାହିଁବେନି । ତମ ମାମୁଁ ପରଲୋକ ପାଖରୁ ଟଙ୍କା ନେଇଛନ୍ତି, ଏକଥା ମା' ଜାଣିଛନ୍ତି । ତା ଛଡ଼ା, ବର୍ତ୍ତମାନ ତୁମେ ବ୍ରାହ୍ମ, ଆମେ ହିନ୍ଦୁ ।

ଏଇ ସମୟରେ ରୋଷେଇ ଘରୁ ଆନ୍ନାକାଳୀ, ଡାକ ଛାଡ଼ିଲା, ଅପା, ମା' ଡାକୁଛନ୍ତି ।

ଲଳିତା ଜୋର ଗଳାରେ କହିଲା, ହଁ, ଯାଉଛି । ତା'ପରେ ଧୀରେ କହିଲା, ମାମୁଁ ଯାହା ବି ହୁଅନ୍ତୁ ନା କାହିଁକି, ତମେ ଯାହା, ମୁଁ ବି ସେଇୟା । ମା' ଯଦି ତୁମକୁ ଦୂରେଇ ନ ଦିଅନ୍ତି । ତେବେ ମୋତେ ମଧ୍ୟ ଦୂରେଇ ଦେବେ ନାହିଁ । ଆଉ ଗିରୀନବାବୁଙ୍କ ଠାରୁ ଟଙ୍କା ନେବା କଥା କହୁଛ । ସେ ଟଙ୍କା ମୁଁ ଫେରାଇ ଦେବି । ଋଣ ଟଙ୍କା, ଦି'ଦିନ ଆଗରୁ ହେଉ ବା ପରେ ହେଉ, ଦେବାକୁ ତ ପଡ଼ିବ ।

ଶେଖର ପ୍ରଶ୍ନ କଲା, ଏତେ ଟଙ୍କା ପାଇବ କେଉଁଠୁ ?

ଲଳିତା ଶେଖର ମୁହଁକୁ ମୁହୂର୍ତ୍ତେ କାଳ ସ୍ତବ୍ଧ ହୋଇ ଚାହିଁ ଉତ୍ତର ଦେଲା, ଜାଣିନି, ଝିଅମାନେ ଟଙ୍କା କେଉଁଠୁ ଆଣନ୍ତି ? ମୁଁ ବି ସେଠିକୁ ଯିବି ।

ଏତେ ସମୟ ଶେଖର ସଂଯତ ହୋଇ କଥା କହୁଥିଲେ ମଧ୍ୟ ତା ହୃଦୟ ଭିତରେ ଭିତରେ ପୋଡ଼ି ଯାଉଥାଏ । ସେ ବିଦ୍ରୂପ କରି କହିଲା, କିନ୍ତୁ ତମ ମାମୁଁ ତ ତୁମକୁ ବିକି ସାରିଛନ୍ତି ।

ଲଳିତା ଅଧା ଅନ୍ଧାର ମଧ୍ୟରେ ଶେଖରର ମୁଖମଣ୍ଡଳ ଦେଖିପାରିଲା ନାହିଁ, କିନ୍ତୁ କଣ୍ଠସ୍ୱରର ପରିବର୍ତ୍ତନ ବୁଝିପାରିଲା । ସେ ଦୃଢଭାବରେ ଜବାବ ଦେଲା, ସେ ସବୁ ମିଛ କଥା । ମୋ ମାମୁଁଙ୍କ ଭଳି ମଣିଷ ସଂସାରରେ ନାହାନ୍ତି । ତାଙ୍କୁ ତୁମେ ଥଟ୍ଟା କରନାହିଁ । ତାଙ୍କର କ'ଣ ଦୁଃଖ ତା ତୁମେ ଜାଣିନପାର, କିନ୍ତୁ ଦୁନିଆର ଅନ୍ୟ ସମସ୍ତେ ଜାଣିଛନ୍ତି । ଟିକେ ରହି ସାମାନ୍ୟ ଇତସ୍ତତଃ କରି ଲଳିତା ପୁଣି କହିଲା, ତାଛଡ଼ା ସେ ଟଙ୍କା ନେଇଛନ୍ତି ମୋ ବାହାଘର ପରେ । ସୁତରାଂ ମୋତେ ବିକ୍ରୀ କରିବା ଅଧିକାର ନାହିଁ ଓ ବିକ୍ରୀ କରିନାହାନ୍ତି । ଏଇ ଅଧିକାର କେବଳ ତୁମର ହିଁ ଅଛି । ତୁମେ ଅବଶ୍ୟ ଧାର ଟଙ୍କା ଫେରାଇବା ଭୟରେ ମୋତେ ବିକି ଦେଇପାର । ଏତକ କହି ପ୍ରତ୍ୟୁତ୍ତର ପାଇଁ ଅପେକ୍ଷା ନକରି ଲଳିତା ଦ୍ରୁତପଦରେ ପ୍ରସ୍ଥାନ କଲା ।

ନବମ ପରିଚ୍ଛେଦ

ଲଳିତା ଘରୁ ଫେରି ସେହି ରାତିରେ ଶେଖର ନିଜ ଘରକୁ ନ ଆସି ଇତସ୍ତତଃ ଘୁରିବୁଲିଲା । ଗତକାଲିର ଟିକି ଝିଅ ଲଳିତା ଆଜି ଏତେ କଥା ଶିଖିଲା କେମିତି ? ନିର୍ଲ୍ଲଜ୍ଜଙ୍କ ଭଳି ତା' ମୁହଁ ଉପରେ ଏତେ କଥା ବର୍ଷିଗଲା ?

ଲଳିତାର ବ୍ୟବହାରରେ ସେ ଆଜି ପ୍ରକୃତରେ ବିସ୍ମିତ ଓ କ୍ରୋଧିତ । କିନ୍ତୁ ଏହି କ୍ରୋଧର ଯଥାର୍ଥ କାରଣ କ'ଣ ? ସେ ଯଦି ଶାନ୍ତ ଚିତ୍ତରେ ଭାବି ଦେଖନ୍ତା, ତେବେ ଜାଣିପାରନ୍ତା ଯେ ଏଇ ରାଗ ଲଳିତା ଉପରେ ନୁହେଁ, ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ।

ଲଳିତା ବିନା ଦୂର ପ୍ରବାସରେ ରହି ନିଜ କଳ୍ପନାରେ ସେ ନିଜକୁ ଆବଦ୍ଧ କରି କେବଳ କାଳ୍ପନିକ ସୁଖ ଦୁଃଖ ଓ ଲାଭ କ୍ଷତିର ହିସାବ କରୁଥିଲା । ଘରକୁ ଫେରି ବିଛଣାରେ ଶୋଇ ରହି ସେ ବାରମ୍ବାର ଭାବିବାକୁ ଲାଗିଲା । ତା' ଜୀବନରେ ଲଳିତାର ସ୍ଥାନ କେଉଁଠି, ଲଳିତାର ଅବର୍ତ୍ତମାନରେ ବଞ୍ଚିବା କେତେ କଠିନ, ଭବିଷ୍ୟତ ସହିତ କିପରି ଅବିଚ୍ଛେଦ୍ୟ ବନ୍ଧନରେ ଜଡ଼ିତ ଇତ୍ୟାଦି । ଲଳିତା ପିଲାଦିନରୁ ଏଇ ପରିବାର ସହ ଏକାନ୍ତ ହୋଇଥିଲା ତେଣୁ ତାକୁ ସଂସାର ଭିତରେ ବାପା-ମା, ଭାଇ-ଭଉଣୀଙ୍କ ଠାରୁ ଭିନ୍ନ ଭାବରେ ଶେଖର କେବେ ଦେଖିନାହିଁ, ଦେଖିବା କଥା ମଧ୍ୟ ଚିନ୍ତା କରିନାହିଁ । ଲଳିତାକୁ ହୁଏତ ସେ କେବେ ପାଇବ ନାହିଁ, ତାର ପିତାମାତା ଏ ବିବାହକୁ ସମ୍ମତି

ଦେବେ ନାହିଁ, ହୁଏତ ସେ ଆଉ କାହାର ଆପଣାର ହୋଇଯିବ- ଏହି ପ୍ରକାରର ଦୁଶ୍ଚିନ୍ତା ଶେଖରର ମୁଣ୍ଡରେ ବସା ବାନ୍ଧି ରହିଥିଲା । ତେଣୁ ବିଦେଶ ଯିବା ପୂର୍ବଦିନ ରାତିରେ ବଳପୂର୍ବକ ଲଳିତା ବେକରେ ମାଳ ପିନ୍ଧାଇ ଏଇ ଦୁର୍ଭାବନା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା ।

ପ୍ରବାସରେ ରହଣି କାଳ ମଧ୍ୟରେ ଗୁରୁଚରଣଙ୍କ ଧର୍ମ ପରିବର୍ତ୍ତନ ସମ୍ବାଦ ଶୁଣି ବ୍ୟାକୁଳ ଭାବରେ ଅହର୍ନିଶି ଏହି ବିଷୟରେ ଚିନ୍ତା କରୁଥିଲା, କାଳେ ଲଳିତାକୁ ସାରା ଜୀବନ ପାଇଁ ହରାଇବାକୁ ପଡ଼ିବ । ସୁଖରେ ହେଉ ବା ଦୁଃଖରେ ହେଉ, ଶେଖରର ଏହି ପ୍ରକାରର ଚିନ୍ତା ତା ପାଇଁ ସହଜ ଓ ପରିଚିତ ଥିଲା । କିନ୍ତୁ ଆଜିର କଥାବାର୍ତ୍ତାରେ ଲଳିତାର ଦୃଷ୍ଟିଭଙ୍ଗୀ ଶେଖରର ପୂର୍ବ ପରିଚିତ ଭାବନା ସ୍ରୋତକୁ ସମ୍ପୂର୍ଣ୍ଣ ରୂପେ ଓଲଟାଇ ଦେଲା । ସେତେବେଳେ ଆଶଙ୍କା ଥିଲା କାଳେ ସେ ଛାଡ଼ି ଚାଲିଯିବ । ବର୍ତ୍ତମାନର ଆଶଙ୍କା ଯଦି ସେ ଛାଡ଼ି ନଯାଏ ।

ଶ୍ୟାମବଜାରରେ ଯେଉଁ ବାହାଘର ପ୍ରସ୍ତାବ ଚାଲିଥିଲା ତାହା ଭାଙ୍ଗି ଯାଇଥିଲା । ସେମାନେ ଏତେ ଅର୍ଥ ଦେଇ ଝିଅ ବାହା ଦେବାକୁ ପ୍ରସ୍ତୁତ ନଥିଲେ । ସୁତରାଂ ଏହି ଦାୟିତ୍ୱରୁ ଶେଖର ମୁକ୍ତି ପାଇଥିଲା ସତ, କିନ୍ତୁ ନବୀନ ରାୟ ଦଶ କୋଡ଼ିଏ ହଜାର କଥା ଭୁଲିନଥିଲେ, ବରଂ ସେଥିପାଇଁ ସେ ଅଧିକ ପ୍ରଚେଷ୍ଟା କରୁଥିଲେ ।

ଶେଖର ଭାବୁଥିଲା, ଏବେ ଉପାୟ କ'ଣ । ସେ ରାତିର ସେଇ କାମଟି ଏତେ ଗୁରୁତର ହୋଇପଡ଼ିବ । ଲଳିତା ଯେ ବିନା ସନ୍ଦେହରେ ବିଶ୍ୱାସ କରିବ ତା'ର ପ୍ରକୃତ ବିବାହ ହୋଇସାରିଛି ତ ଧର୍ମତଃ ତାର ବିବାହ ଆଉ କେଉଁଠି ସମ୍ପୂର୍ଣ୍ଣ ଅସମ୍ଭବ । ଏତେ ଜଟିଳ କଥା ଶେଖର ସେଦିନ ଭାବିନଥିଲା । କିନ୍ତୁ ଆଜି ଯେମିତି ସେ ସମସ୍ତ ଘଟଣାକୁ ବିଶ୍ଳେଷଣ କରୁଛି, ସେଦିନ ଏସବୁଚିନ୍ତା କରିବାର ଶକ୍ତି ତା'ର ନଥିଲା କିମ୍ବା ଅବସର ମଧ୍ୟ ନଥିଲା ।

ଆକାଶରେ ଜହ୍ନ, ଚତୁର୍ଦ୍ଦିଗ ଜୋଛନା ଆଲୁଅରେ ପୁଲକିତ । ବେକରେ ଫୁଲମାଳ, ପ୍ରିୟତମାର ବକ୍ଷସ୍ପନ୍ଦନ ନିଜ ବୁକୁରେ ପ୍ରଥମ ଅନୁଭବର ମୋହ ଆଣିଦେଉଥିଲା । ପ୍ରଣୟୀ ଯାହାକୁ ଅଧରସୁଧା କୁହନ୍ତି ତାହା ପାନ କରିବା ପାଇଁ ତୀବ୍ର ନିଶା ସେତେବେଳେ ସ୍ୱାର୍ଥ ଓ ସାଂସାରିକ ଭଲମନ୍ଦର ବିଚାର ମନକୁ ସ୍ପର୍ଶ କରିନାହିଁ । ଅର୍ଥଲୋଲୁପ ପିତାଙ୍କର ରୁଦ୍ରମୂର୍ତ୍ତି ଚକ୍ଷୁ ସମ୍ମୁଖରେ ଦୃଶ୍ୟମନ୍ତ ହୋଇନାହିଁ । ଭାବିଥିଲା, ମା' ତ ଲଳିତାକୁ ବହୁତ ସ୍ନେହ କରନ୍ତି, ତେଣୁ ତାଙ୍କୁ ସମ୍ମତ କରାଇବା କଷ୍ଟକର ହେବ ନାହିଁ । ଭାଇଙ୍କ ସାହାଯ୍ୟରେ ପିତାଙ୍କୁ କୌଣସି ପ୍ରକାରେ ରାଜି କରାଇ ପାରିଲେ କାମ ସମାଧାନ ହୋଇଯିବ । ତା'ଛଡ଼ା ସେତେବେଳେ ଗୁରୁଚରଣ ଏପରି କର୍ମ କରି ଆଶାର ପଥକୁ ରୁଦ୍ଧ କରିନଥିଲେ । କିନ୍ତୁ ବର୍ତ୍ତମାନ ତ ବିଧାତା ସମ୍ପୂର୍ଣ୍ଣ ବିମୁଖ ।

ବସ୍ତୁତଃ ଶେଖରର ଚିନ୍ତା କରିବା ପାଇଁ ବିଶେଷ କିଛି ନଥିଲା । ସେ ବୁଝିପାରିଥିଲା, ପିତାଙ୍କୁ ସମ୍ମତ କରାଇବା ବର୍ତ୍ତମାନ ସମ୍ପୂର୍ଣ୍ଣ ଅସମ୍ଭବ ଓ ଜନନୀଙ୍କୁ ମଧ୍ୟ ସମ୍ମତ କରାଇବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ଏ ବିଷୟ ବର୍ତ୍ତମାନ ଉଚ୍ଚାରଣ କରିବାର ପ୍ରଶ୍ନ ଉଠୁନାହିଁ ।

ଶେଖର ଦୀର୍ଘ ନିଶ୍ୱାସ ତ୍ୟାଗ କରି ଆଉ ଥରେ ଅସ୍ପଟ ଭାବରେ ଆବୃତ୍ତି କଲା, ଏବେ କ'ଣ କରିବି ? ସେ ଲଲିତାକୁ ବେଶ ଭଲ ରୂପେ ଚିହ୍ନେ- ଥରେ ଯାହା ସେ ଧର୍ମ ବୋଲି ଗ୍ରହଣ କରିଛି ତାହା ସେ କୌଣସି ମତେ ତ୍ୟାଗ କରିବ ନାହିଁ । ସେ ଜାଣେ ଯେ ସେ ଶେଖରର ଧର୍ମପତ୍ନୀ । ତେଣୁ ଆଜି ସନ୍ଧ୍ୟାରେ ଅନ୍ଧକାର ଭିତରେ ସଂକୋଚ ନ କରି ଅତି ନିକଟକୁ ଆସି ମୁହଁ ତୋଳି ଏପରି ଛିଡ଼ା ହୋଇପାରିଥିଲା ।

ଗିରୀନ ସହ ତାର ବିବାହ କଥାବାର୍ତ୍ତା ଚାଲିଥିଲା- କିନ୍ତୁ କେହି ତାକୁ କେବେହେଲେ ସମ୍ମତ କରାଇ ପାରିବେ ନାହିଁ । ସେ ମଧ୍ୟ ନୀରବ ରହିବ ନାହିଁ, ସବୁ ଘଟଣା ପ୍ରକାଶ କରିଦେବ । ଶେଖରର ଆଖି ଓ ମୁହଁ ଯେମିତି ଉତ୍ତପ୍ତ ହୋଇଉଠିଲା । ସେ ତ କେବଳ ମାଳ ବଦଳ କରିନାହିଁ । ତାକୁ ନିକଟକୁ ଟାଣି ଆଣି ଚୁମ୍ବନ ମଧ୍ୟ ଦେଇଛି । ଲଲିତା କୌଣସି ବାଧା ଦେଇନାହିଁ- ଦୋଷ ନାହିଁ ବୋଲି ବାଧା ଦେଇନାହିଁ । ତେଣୁ ଏହି ବ୍ୟବହାରର ଜବାବ ସେ କ'ଣ ଦେବ ?

ପିତାମାତାଙ୍କ ଅସମ୍ମତିରେ ଲଲିତା ସହ ବିବାହ ହୋଇପାରିବ ନାହିଁ, ଏହା ନିଶ୍ଚିତ । କିନ୍ତୁ ଗିରୀନ ସହିତ ବିବାହ ନ ହେବାର କାରଣ ପ୍ରକାଶିତ ହେଲେ ସେ ମୁହଁ ଦେଖାଇବ କେମିତି ?

ଦଶମ ପରିଚ୍ଛେଦ

ଅସମ୍ଭବ ବୋଲି ଶେଖର ଲଲିତାର ଆଶା ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରିଥିଲା । ତେଣୁ ପ୍ରଥମ କେତେଦିନ ସେ ଅତ୍ୟନ୍ତ ଭୟରେ କାଟୁଥିଲା, କାଳେ ହଠାତ ସେ ଆସି ଉପସ୍ଥିତ ହୋଇଯିବ, କାଳେ ସବୁ କଥା ପ୍ରଘଟ କରିଦେବ, କାଳେ ସମସ୍ତଙ୍କ ନିକଟରେ ସେ ଉତ୍ତରଦାୟୀ ହେବ । କିନ୍ତୁ କେହି କେବେ ତାକୁ କୌଣସି ପ୍ରଶ୍ନ ପଚାରିଲେ ନାହିଁ । ସେ କଥା ବାହାରେ କେଉଁଠି ପ୍ରକାଶ ପାଇଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଲା ନାହିଁ କିମ୍ବା ସେ ଘର ଏଘର ମଧ୍ୟରେ କୌଣସି ଯାତାୟାତ ମଧ୍ୟ ହେଲା ନାହିଁ । ଶେଖରର କୋଠରୀ ସାମନାରେ ଯେଉଁ ଖୋଲା ଛାତ ଥିଲା, ସେଠି ଛିଡ଼ା ହେଲେ ଲଲିତା ଘରର ଛାତଟି ପୂରାପୂରି ଦେଖିହୁଏ । କାଳେ ଦେଖାହୋଇ ଯିବ ସେହି ଭୟରେ ସେ ଛାତକୁ ମଧ୍ୟ ଯାଏନାହିଁ । କିନ୍ତୁ ପ୍ରାୟ ମାସେ କାଳ ନିର୍ବିଘ୍ନରେ କଟିଗଲା ପରେ ସେ ସ୍ୱସ୍ତିର ନିଶ୍ୱାସ ମାରି ଭାବିଲା, ଯାହା ହେଲେ ବି ଝିଅ ପିଲାଙ୍କର ଲଜ୍ୟା ସରମ ତ ଅଛି । ଏ

ସବୁ କଥା କ'ଣ ବାହାରେ କହନ୍ତି ? ସେ ଶୁଣିଥିଲା ଯେ ଝିଅମାନଙ୍କର ହୃଦୟ ଯନ୍ତ୍ରଣାରେ ଫାଟିଗଲେ ବି ମୁହଁ ଖୋଲି ପଦଟିଏ କୁହନ୍ତି ନାହିଁ । ଏଇ ବାକ୍ୟଟିକୁ ସେ ବିଶ୍ୱାସ କଲା ଏବଂ ସୃଷ୍ଟିକର୍ତ୍ତା ଝିଅମାନଙ୍କୁ ଏହି ଦୁର୍ବଳତା ଅର୍ପଣ କରିଥିବା ଯୋଗୁଁ ସେ ସୃଷ୍ଟିକର୍ତ୍ତାଙ୍କ ବୁଦ୍ଧିକୁ ପ୍ରଶଂସା କଲା । ଅଥଚ ଶାନ୍ତି ମିଳୁନାହିଁ କାହିଁକି ? ଯେଉଁ ମୁହୂର୍ତ୍ତରୁ ସେ ଅନୁଭବ କଲା ଯେ ଆଉ ଭୟ ନାହିଁ, ସେବେଠାରୁ ତା'ର ହୃଦୟ ଏକ ଅବ୍ୟକ୍ତ ବେଦନାରେ ଭରିଉଠୁଛି କାହିଁକି ? ସମୟ ସମୟରେ ହୃଦୟର ଅନ୍ତରତମ ଗ୍ରନ୍ଥିି ଏକ ନିରାଶା, ବେଦନା, ଆଶଙ୍କାରେ କମ୍ପିତ ହେଉଛି କାହିଁକି ? ଲଳିତା କୌଣସି କଥା କହିବ ନାହିଁ, ଅନ୍ୟ ଜଣଙ୍କ ହାତରେ ସମର୍ପିତ ହେବା ପର୍ଯ୍ୟନ୍ତ ମୌନ ରହିବ । ତା'ର ବିବାହ ହୋଇଯାଇଛି, ବିବାହ ପରେ ସେ ଅନ୍ୟ ଘରକୁ ଚାଲିଯାଇଛି ବୋଲି ଭାବିଲେ ହିଁ ଶେଖରର ମନରେ ଏମିତି ନିଆଁ ଜଳିଉଠୁଛି କାହିଁକି ?

ଆଗରୁ ସେ ସନ୍ଧ୍ୟାବେଳେ ବୁଲିବାକୁ ନଯାଇ ଏଇ ଖୋଲା ଛାତ ଉପରେ ବିଚରଣ କରୁଥିଲା । ଆଜି ମଧ୍ୟ ସେ ଗଲା । କିନ୍ତୁ କୌଣସି ଦିନ ସେମାନଙ୍କ ଘରର କାହାକୁ କେବେ ଦେଖିନାହିଁ । କେବଳ ଗୋଟିଏ ଦିନ ଆନ୍ନାକାଳୀ କ'ଣ କରିବା ପାଇଁ ଛାତ ଉପରକୁ ଆସିଥିଲା । କିନ୍ତୁ ତା' ଉପରେ ଦୃଷ୍ଟି ପଡ଼ିଯିବାରୁ କ୍ଷଣିକ ପାଇଁ ତଳକୁ ଚାହିଁ ରହିଲା । ଶେଖର ତାକୁ ଡାକିବ କି ନାହିଁ ସ୍ଥିର କରିବା ପୂର୍ବରୁ ସେ ଅଦୃଶ୍ୟ ହୋଇଗଲା । ଶେଖର ବୁଝିପାରିଲା, ତା' ପିତା ଯେଉଁ ପାଚେରୀ ତୋଳିଛନ୍ତି, ଏହାର ମର୍ମ ଏଇ ଟିକି ଝିଅକୁ ମଧ୍ୟ ଅଜଣା ନୁହେଁ ।

ଆହୁରି ମାସେ କାଳ ବିଗତ ହେଲା ।

ଦିନେ କଥା ପ୍ରସଙ୍ଗରେ ଭୁବନେଶ୍ୱରୀ ପଚାରିଲେ, ଆରେ, ତୁ କେବେ ଲଳିତାକୁ ଦେଖିଛୁ କି ?

ଶେଖର ମୁଣ୍ଡ ହଲାଇ କହିଲା, ନା, କାହିଁକି ?

ମା କହିଲେ, ପ୍ରାୟ ଦୁଇମାସ ପରେ ଛାତରେ ତାକୁ ଦେଖି ପାଖକୁ ଡାକିଲା । ମୋ ଝିଅଟା ଯେମିତି ପୁରା ପଲଟି ଯାଇଛି । ଶୁଖିଲା ମୁହଁ, ଦୁର୍ବଳ, ହଠାତ ତା'ର ବୟସ କେତେ ବଢ଼ିଯାଇଛି । ଏତେ ଗମ୍ଭୀର ଦିଶୁଛି, କିଏ କହିବ ଜମା ଚଉଦ ବର୍ଷର ଝିଅ । ମା'ଙ୍କ ଆଖିରୁ ଲୁହ ଝରିପଡ଼ିଲା । ଲୁହ ପୋଛି ପୁଣି କହିଲେ, ମଇଳା ଲୁଗା ଖଣ୍ଡେ ପିନ୍ଧିଛି । କାନିରେ ସିଲେଇ ହୋଇଛି । ପଚାରିଲି, ତୋର କ'ଣ ଲୁଗା ନାହିଁ, ମା' ? କହିଲା ତ ଅଛି, କିନ୍ତୁ ବିଶ୍ୱାସ ହେଉନାହିଁ । ତା' ମାମୁଁ ଦେଇଥିବା ଲୁଗା ସେ କେବେ ପିନ୍ଧେନାହିଁ । ମୁଁ ତ ସବୁବେଳେ ଦିଏ । କିନ୍ତୁ ଏଇ ଛଅମାସ ହେଲା ମୁଁ ହିଁ ଦେଇନାହିଁ । ସେ ଆଉ କିଛି କହିପାରିଲେନି । ପଣତ କାନିରେ ଆଖିରୁ ଲୁହ ପୋଛିବାକୁ ଲାଗିଲେ । ସେ ସତରେ ଲଳିତାକୁ ଅତ୍ୟନ୍ତ ଭଲପାଉଥିଲେ ।

ଶେଖର କେବଳ ଅନ୍ୟ ଆଡ଼କୁ ଚାହିଁ ନିଃଶବ୍ଦରେ ବସିରହିଲା ।

କିଛିକ୍ଷଣ ନୀରବ ରହିବା ପରେ ମା' ପୁଣି କହିଲେ, ମୋ ବିନା ସେ ଆଉ କାହାକୁ ମୁହଁ ଖୋଲି କିଛି ମାଗିପାରେ ନାହିଁ । ଅସମୟରେ ଭୋକ ଲାଗିଲେ ବି ଘରେ କାହାକୁ କହେନାହିଁ । ମୋତେ ହିଁ କହେ । ମୋ ଚାରିପଟେ ବୁଲୁଥାଏ । ତା' ମୁହଁ ଦେଖି ମୁଁ ସବୁ ଜାଣିପାରେ । ମୋର କେବଳ ସେଇ କଥା ମନେ ପଡୁଛି । ହୁଏତ ଭୋକରେ ଏଣେତେଣେ ବୁଲୁଛି । କେହି ତାକୁ ପଚାରୁ ନାହାନ୍ତି । ମୋତେ ଖାଲି ମା' ବୋଲି ଡାକେନି, ମା' ଭଳି ସତରେ ଭଲପାଏ ।

ମା'ଙ୍କ ମୁହଁ ଆଡ଼େ ଅନାଇବାକୁ ଶେଖରର ସାହସ ହେଲା ନାହିଁ । ଆଗଭଳି ଅନ୍ୟ ଆଡ଼କୁ ଚାହିଁ ରହି ପଚାରିଲା, ଠିକ୍ ଅଛି, ମା, ତା'ର କଣ ଦରକାର ତାକୁ ଡାକି ପଚାରି ଦିଅ ।

ସେ ନେବ ବା କାହିଁକି ? ତୋ ବାପା ତ ଯିବା ଆସିବା ବାଟକୁ ବନ୍ଦ କରିଦେଲେ । ଲଳିତାର ମାମୁଁ ଦୁଃଖର ଜ୍ୱାଳା ସହି ନପାରି ହୁଏତ ଗୋଟାଏ ଭୁଲ କାମ କରିଦେଇଛନ୍ତି । କିନ୍ତୁ ଆମେ ତ ନିଜ ଲୋକ ହିସାବରେ ତାଙ୍କର ପ୍ରାୟଶ୍ଚିତ- ପ୍ରାୟଶ୍ଚିତ୍ତ କରିଥାନ୍ତୁ । ତା'ହେଲେ ଘଟଣାଟା ଲୁଚିଯାଇଥାନ୍ତା । ତା' ନକରି ଏକଦମ୍ ପର କରିଦେଲୁ । ଆଉ ସତ କହିବାକୁ ଗଲେ, ତୋ ବାପାଙ୍କ ଯନ୍ତ୍ରଣା ସହି ନପାରି ସେ ଜାତି ମାରା କରିଦେଲେ । ଖାଲି ସବୁବେଳେ ଟଙ୍କା ପାଇଁ ହରକତ । ମଣିଷ ମନରେ ଥରେ ଘୃଣା ପଶିଗଲେ ସେ ସବୁକିଛି କରିପାରେ । ମୁଁ ବେଳେବେଳେ ଭାବେ, ଲଳିତାର ମାମୁଁ ଠିକ୍ କରିଛନ୍ତି । ଗିରୀନ ପିଲାଟି ସେମାନଙ୍କର ଅତି ଆପଣାର, ଆମଠାରୁ ବି ଅଧିକ ନିଜର । ଲଳିତା ତାକୁ ବାହାହୋଇ ବହୁତ ସୁଖରେ ରହିବ । ଶୁଣୁଛି, ଆର ମାସରେ ବାହାଘର ।

ହଠାତ୍ ଶେଖର ମା'ଙ୍କୁ ଚାହିଁ ପଚାରିଲା, ଆସନ୍ତା ମାସରେ ?

ହଁ, ସେଇୟା ତ ଶୁଣିଛି ।

ଶେଖର ଆଉ କିଛି ପଚାରିଲା ନାହିଁ ।

ମା' କିଛି ସମୟ ପରେ କହିଲେ, ଲଳିତା କହୁଥିଲା ତା' ମାମୁଁଙ୍କ ଦେହଟା ବିଶେଷ ଭଲ ନାହିଁ । ନ ରହିବା କଥା । ଏକେ ତ ତାଙ୍କ ମନର ଯାହା ଅବସ୍ଥା, ତା ଛଡ଼ା ଘରେ ଶାନ୍ତି ନାହିଁ ।

ଶେଖର ଚୁପ୍‌ଚାପ ଶୁଣିଗଲା ଓ ପରେ ବିଛଣାରେ ଶୋଇଶୋଇ ସେଇ କଥାଗୁଡ଼ିକୁ ଚିନ୍ତା କରିବାକୁ ଲାଗିଲା ।

ପ୍ରାୟ ଦଶଦିନ ପରେ ଶେଖର ଅଫିସରୁ ଫେରିବା ସମୟରେ ଗୁରୁଚରଣଙ୍କ ଘର ସମ୍ମୁଖରେ ଅଟକିବାକୁ ବାଧ୍ୟ ହେଲା । ଗଳିର ଏହି ସ୍ଥାନଟି ବେଶ ଅଣଓସାରିଆ । ଦୁଇଟି ଗାଡ଼ି ଯିବା କଷ୍ଟକର । ଗାଡ଼ିରୁ ଓହ୍ଲାଇ ଶେଖର ଜାଣିବାକୁ ପାଇଲା ଯେ ଗୁରୁଚରଣଙ୍କ

ଘରକୁ ଡାକ୍ତର ଆସିଛନ୍ତି ।

କିଛିଦିନ ପୂର୍ବେ ମା'ଙ୍କ ଠାରୁ ଶୁଣିଥିଲା ଯେ ଗୁରୁଚରଣଙ୍କ ଶରୀର ବେଶ ଅସୁସ୍ଥ । ତେଣୁ ଶେଖର ନିଜ ଘରକୁ ନଫେରି ତାଙ୍କ ଘରକୁ ପଶି ଶୋଇବା ଘରେ ଉପସ୍ଥିତ ହେଲା । ଗୁରୁଚରଣ ନିର୍ଜୀବ ଭାବରେ ବିଛଣାରେ ଶୋଇଛନ୍ତି । ପଲଙ୍କର ଗୋଟିଏ ପାର୍ଶ୍ୱରେ ଲଳିତା ଓ ଗିରୀନ ଶୁଷ୍କ ମୁହଁରେ ବସିଛନ୍ତି । ଡାକ୍ତରବାବୁ ଚଉକିରେ ବସି ରୋଗୀ ପରୀକ୍ଷା କରୁଛନ୍ତି ।

ଗୁରୁଚରଣ ଅସ୍ପଷ୍ଟ ସ୍ୱରରେ ଶେଖରକୁ ବସିବା ପାଇଁ କହିଲେ । ଲଳିତା ଜାଣିପାରି ମୁଣ୍ଡର ଓଢଣୀ ସାମାନ୍ୟ ଟାଣିଦେଇ ଅନ୍ୟ ଦିଗକୁ ମୁହଁ ଫେରାଇ ବସିଲା ।

ଡାକ୍ତରବାବୁ ପଡ଼ିଶା ଲୋକ, ଶେଖରକୁ ଚିହ୍ନନ୍ତି । ରୋଗୀ ପରୀକ୍ଷା ସରିବା ପରେ ଔଷଧ ବ୍ୟବସ୍ଥା କରି ଶେଖର ସହିତ ବାହାରକୁ ଆସିଲେ । ଗିରୀନ ତାଙ୍କୁ ଟଙ୍କା ଦେବା ସମୟରେ ସେ ବିଶେଷ ଭାବେର ସତର୍କ କରିଦେଲେ ଯେ ରୋଗ ଏବେ ମଧ୍ୟ ଅଧିକ ଅଗ୍ରସର ହୋଇନାହିଁ । ତେଣୁ ବର୍ତ୍ତମାନ ବାୟୁ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ ।

ଡାକ୍ତରବାବୁ ବିଦାୟ ନେବା ପରେ ଶେଖର ଓ ଗିରୀନ ଉଭୟ ଘର ଭିତରକୁ ଫେରିଆସିଲେ ।

ଲଳିତା ଇଶାରାରେ ଗିରୀନକୁ ଗୋଟିଏ କୋଣକୁ ଡାକି କ'ଣ ସବୁ ଫୁସ୍‌ଫୁସ୍ ହୋଇ କହିବାକୁ ଲାଗିଲା । ଶେଖର କେବଳ ସ୍ତବ୍ଧ ହୋଇ ଚଉକିରେ ବସି ଗୁରୁଚରଣଙ୍କୁ ଚାହିଁଥାଏ । ସେ ଅନ୍ୟଦିଗକୁ ମୁହଁ ମାଡ଼ି ଶୋଇଥାନ୍ତି, ତେଣୁ ଶେଖରର ପୁନରାଗମନ ଜାଣିପାରିଲେ ନାହିଁ ।

କେତେକ୍ଷଣ ବସି ରହିବା ପରେ ଶେଖର ଉଠି ପଡ଼ିଲା । ଲଳିତା ଓ ଗିରୀନ ଗୋପନରେ କଥା ହେଉଥିଲେ । ତାକୁ କେହି ବସିବା ପାଇଁ କହିଲେ ନାହିଁ ବା ସୌଜନ୍ୟ ମୂଳକ ସମ୍ଭାଷଣ ମଧ୍ୟ କଲେ ନାହିଁ ।

ଆଜି ସେ ନିଶ୍ଚିତ ରୂପେ ବୁଝିପାରିଲା ଯେ ଲଳିତା ତାକୁ ଚିରଦିନ ପାଇଁ ଦାୟମୁକ୍ତ କରିଦେଇଛି । ବର୍ତ୍ତମାନ ସେ ନିର୍ଭୟରେ ସ୍ୱସ୍ତିର ନିଶ୍ୱାସ ମାରି ବଞ୍ଚିପାରିବ । ଆଉ କୌଣସି ଶଙ୍କା ନାହିଁ । ଲଳିତା ଶେଖରର ଜୀବନରୁ ଦୂରେଇ ଯିବ । ଘରକୁ ଫେରି ଲୁଗାପଟା ବଦଳାଇବା ସମୟରେ ତା'ର ବାରମ୍ବାର ମନେପଡ଼ିଲା, ଆଜି ସେ ନିଜ ଆଖିରେ ପ୍ରମାଣ ପାଇଲା ଯେ ଗିରୀନ ହିଁ ସେ ପରିବାରର ପରମ ବନ୍ଧୁ, ସମସ୍ତଙ୍କର ଆଶା ଭରସା ଓ ଲଳିତାର ଭବିଷ୍ୟତର ଆଶ୍ରୟ । ସେ କେହି ନୁହେଁ, ଏପରି ବିପଦ କାଳରେ ମଧ୍ୟ ଲଳିତା ତା'ଠାରୁ କୌଣସି ମୌଖିକ ପରାମର୍ଶ ମଧ୍ୟ ଆବଶ୍ୟକ କରେ ନାହିଁ ।

ଶେଖର ପାଟିରୁ ହଠାତ୍ "ଓଃ" ବାହାରିଗଲା ଓ ସେ ଗଦିବାଲା ଆରାମ ଚେୟାରରେ ମୁହଁ ଗୁଞ୍ଜି ବସି ପଡ଼ିଲା । ଲଳିତା ତାକୁ ଦେଖି ମୁଣ୍ଡର ଓଢଣୀ ସାମାନ୍ୟ ଟାଣି

ମୁହଁ ଫେରାଇ ନେଇଥିଲା, ସତେ ଯେମିତି ସେ ସମ୍ପୂର୍ଣ୍ଣ ପର, ପୂରାପୂରି ଅପରିଚିତ । ପୁଣି ତାରି ଆଗରେ ଗିରୀନ ସାଙ୍ଗରେ କେତେ ପରାମର୍ଶ । ଅଥଚ ସେହି ଗିରୀନର ଅଭିଭାବକତ୍ୱରେ ଲଳିତାକୁ ଥିଏଟର ଦେଖିବାକୁ ସେ ସମ୍ମତି ଦେଇନଥିଲା ।

ଶେଖର ପୁଣି ସ୍ମରଣ କଲା, ହୁଏତ ସେମାନଙ୍କ ଗୋପନ ସମ୍ପର୍କ କଥା ସ୍ମରଣ କରି ଲଳିତା ଲଜ୍ଜ୍ୟାରେ ଏପରି ବ୍ୟବହାର କରିଛି । ତେବେ ଏତେ ଘଟଣା ଘଟିଯିବା ପରେ ମଧ୍ୟ ଲଳିତା କେବେବି କୌଶଳରେ ଶେଖର ନିକଟକୁ କୌଣସି ସମ୍ବାଦ ପଠାଇନାହିଁ ।

ହଠାତ୍ କୋଠରୀ ବାହାରୁ ମା'ଙ୍କ କଣ୍ଠ ଶୁଭିଲା, ଆରେ, କୁଆଡ଼େ ଗଲୁ ? ହାତ ମୁହଁ ଧୋଇବୁନି ?

ଶେଖର ବ୍ୟସ୍ତ ହୋଇ ଉଠି ପଡ଼ିଲା । ମା' ଯେପରି ତା' ମୁହଁ ଭଲ ଭାବରେ ଦେଖିନପାରନ୍ତି ସେ ବ୍ୟବସ୍ଥା କରି ତରତର ହୋଇ ତଳକୁ ଓହ୍ଲାଇଗଲା ।

ଏଇ କିଛିଦିନ ବିଭିନ୍ନ ପ୍ରକାରର ଚିନ୍ତା ଓ ଦୁଶ୍ଚିନ୍ତା ଶେଖରର ମନ ଭିତରେ ଆନ୍ଦୋଳିତ ହୋଇଛି, କେବଳ ଗୋଟିଏ ଦିଗ ସେ କେବେ ଭାବି ଦେଖିନାହିଁ । ପ୍ରକୃତରେ ଦୋଷ କେଉଁଠି ? ଆଜି ପର୍ଯ୍ୟନ୍ତ ଲଳିତାକୁ କୌଣସି ଆଶା ଜାଗ୍ରତ କଲାଭଳି ପଦେ କଥା କହିନାହିଁ । କାଳେ ଘଟଣାଟି ବାହାରେ ପ୍ରକାଶ ପାଇବ ବା ଲଳିତା କୌଣସି ଦାବୀ ଉପସ୍ଥାପିତ କରିବ, ଏହି ଭୟରେ ସେ ସମ୍ପୂର୍ଣ୍ଣ ନୀରବ ରହିଛି । ତଥାପି ସବୁ ଅପରାଧର ଦୋଷ ସେ ଲଳିତା ମୁଣ୍ଡରେ ଲଦିଦେଇ ନିଜ ପରିସ୍ଥିତି ବିଚାର କରୁଥିଲା ଏବଂ ନିଜ ତିଆରି ଈର୍ଷ୍ୟା, କ୍ରୋଧ, ଅଭିମାନ ଓ ଅପମାନରେ ଜଳି ପୋଡ଼ି ମରୁଥିଲା । ବୋଧହୁଏ, ଏହା ହିଁ ସବୁ ପୁରୁଷଙ୍କର ବିଚାରଧାରା ଓ ଏହିପରି ପୁରୁଷମାନେ ଦଗ୍ଧ ହୋଇଥାନ୍ତି ।

ପ୍ରାୟ ସାତଦିନ ଶେଖର ହୃଦୟ ଜ୍ୱାଳାରେ ଦଗ୍ଧ ହୋଇଛି । ସନ୍ଧ୍ୟାରେ ନିଜ କୋଠରୀରେ ବାରମ୍ବାର ପୁରୁଣା ସ୍ମୃତି ଚାରଣ କରୁଥିବା ସମୟରେ ହଠାତ୍ ଦୁଆର ଆରପଟୁ ପାଦଶବ୍ଦ ଶୁଣି ପଛକୁ ଚାହିଁ ତାର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଗଲା । କାଳୀର ହାତ ଧରି ଲଳିତା ଘର ଭିତରକୁ ଆସି ତଳେ କାର୍ପେଟରେ ବସିଲା । କାଳୀ କହିଲା, ଆମେ ଦୁଇଜଣ ତୁମକୁ ପ୍ରଣାମ କରିବାକୁ ଆସିଛୁ । କାଲି ଆମେ ସମସ୍ତେ ଚାଲିଯିବୁ ।

ଶେଖର କିଛି କହିପାରିଲା ନାହିଁ, ନିର୍ବାକ ହୋଇ ଚାହିଁରହିଲା ।

କାଳୀ କହିଲା, ଆମେ ତୁମ ପାଖରେ ଅନେକ ଦୋଷ ଅପରାଧ କରିଛୁ । ଆମକୁ କ୍ଷମା କରିଦେବ, ଶେଖରଦା ।

ଶେଖର ବୁଝିପାରିଲା, କାଳୀର କୌଣସି କଥା ନିଜସ୍ୱ ନୁହେଁ, ଲଳିତା ସବୁ ତାକୁ ଶିଖାଇ ଆଣିଛି । ପଚାରିଲା, ତୁମେ ସବୁ କାଲି କେଉଁଠିକୁ ଯିବ ?

ପଶ୍ଚିମକୁ । ବାପାଙ୍କୁ ନେଇ ଆମେ ସମସ୍ତେ ମୁଙ୍ଗେର ଯିବୁ । ସେଠାରେ ଗିରୀନବାବୁଙ୍କ ଘର ଅଛି । ବାପା ଭଲ ହୋଇଗଲା ପରେ ମଧ୍ୟ ଆମେ ଆଉ ଏଠିକୁ ଆସିବୁ ନାହିଁ । ଡାକ୍ତରବାବୁ କହିଛନ୍ତି, ଏ ଦେଶ ବାପାଙ୍କର ସହ୍ୟ ହେବ ନାହିଁ ।

ଶେଖର ପଚାରିଲା, ସେ ଏବେ କେମିତି ଅଛନ୍ତି ?

ଆଗ ଅପେକ୍ଷା ଅଳ୍ପ ଭଲ । କହିସାରି କାଳୀ ପଣତ ଭିତରୁ କେଇଖଣ୍ଡ ଲୁଗା ବାହାର କରି ଦେଖାଇଲା । ବଡ଼ମା ଆମ ପାଇଁ କିଣି ଦେଇଛନ୍ତି ।

ଲଳିତା ଚୁପ ହୋଇ ବସିଥାଏ, ସେ ଉଠିପଡ଼ି ଟେବୁଲ ଉପରେ ଗୋଟିଏ ଚାବି ନେଟ୍ଟା ରଖି କହିଲା, ଆଲମାରିର ଏଇ ଚାବିଟା ମୋ ପାଖରେ ବହୁତ ଦିନରୁ ରହିଯାଇଛି । ମ୍ଳାନ ହସ ହସି କହିଲା, ଟଙ୍କା ପଇସା ଆଉ କିଛି ନାହିଁ, ସବୁ ଖର୍ଚ୍ଚ ହୋଇଯାଇଛି ।

ଶେଖର କିଛି ନ କହି ବସି ରହିଲା ।

କାଳୀ କହିଲା, ଅପା, ଚାଲ ଏବେ ଯିବା ।

ଲଳିତା କିଛି କହିବା ପୂର୍ବରୁ ଶେଖର ହଠାତ୍ ବ୍ୟସ୍ତ ହୋଇ କହିଲା, କାଳୀ, ତଳକୁ ଯାଇ ମୋ ପାଇଁ ଦି'ଟା ପାନ ଆଣିଦେଲୁ ।

ଲଳିତା ତା' ହାତକୁ ଚାପିଧରି କହିଲା, ତୁ ବସ, ମୁଁ ଆଣିଦେଇଛି । ତଳକୁ ଯାଇ ପାନ ଆଣି ସେ କାଳୀକୁ ଦେଲାରୁ କାଳୀ ଶେଖର ହାତକୁ ପାନ ବଢାଇଗଲେ ।

ଶେଖର ହାତରେ ପାନ ଧରି କିଛି କହିନପାରି ବସିରହିଲା ।

ଆମେ ଯାଉଛୁ, ଶେଖରଦା । କହି କାଳୀ ଶେଖରର ପାଦ ଛୁଇଁ ପ୍ରଣାମ କଲା । ଲଳିତା ଯେଉଁଠି ଛିଡ଼ା ହୋଇଥିଲା ସେଇଠି ଭୂମିଷ୍ଠ ପ୍ରଣାମ କଲା । ତା'ପରେ ଦୁହେଁ ବାହାରିଗଲେ ।

ଶେଖର ନିଜର ଆତ୍ମମର୍ଯ୍ୟାଦା ସହ ପାଣ୍ଡୁର ମୁହଁରେ ବାକ୍‌ବୁଦ୍ଧିଶୂନ୍ୟ ହୋଇ ବସି ରହିଲା । ସେ ଆସି ଯାହା କହିବା କଥା କହିଦେଇ ଚିରଦିନ ପାଇଁ ବିଦାୟ ନେଇ ଚାଲିଗଲା । କିନ୍ତୁ ଶେଖର କିଛି ମଧ୍ୟ କହିପାରିଲା ନାହିଁ । ସତେ ଯେମିତି ତା'ର କିଛି କହିବାର ନ ଥିଲା । ଲଳିତା ଜାଣିଶୁଣି କାଳୀକୁ ସାଙ୍ଗରେ ଧରି ଆସିଥିଲା । ଶେଖର ବେଶ ଭଲଭାବରେ ଏହାର ଉଦ୍ଦେଶ୍ୟ ବୁଝିପାରିଲା । ଯେମିତି କୌଣସି କଥା ନଉଠୁ । ତର୍ଜମା କରୁକରୁ ଶେଖରର ଦେହମନ ଥରିବାକୁ ଲାଗିଲା । ଆଉ ସହି ନ ପାରି ବିଛଣାରେ ଶୋଇପଡ଼ିଲା ।

ଏକାଦଶ ପରିଚ୍ଛେଦ

ଗୁରୁଚରଣଙ୍କ ଭଗ୍ନ ଶରୀର ଆଉ ଆରୋଗ୍ୟ ଲାଭ କଲାନାହିଁ । ଗୋଟିଏ ବର୍ଷ

ନ ପୂରୁଣୁ ସେ ଜୀବନର ଦୁଃଖ ବୋଝ ଓହ୍ଲାଇ ପରଲୋକ ଗମନ କଲେ । ଗିରୀନ ତାଙ୍କୁ ଅତ୍ୟନ୍ତ ଭଲପାଉଥିଲା ଓ ଶେଷ ପର୍ଯ୍ୟନ୍ତ ଯଥାସାଧ୍ୟ ସାହାଯ୍ୟ କରିଥିଲା ।

ମୃତ୍ୟୁ ପୂର୍ବରୁ ବାଷ୍ପରୁଦ୍ଧ କଣ୍ଠରେ ଗିରୀନର ହାତ ଧରି କହିଥିଲେ ସେ ଯେମିତି କେବେ ପର ହୋଇନଥାଏ ଏବଂ ଏହି ଗଭୀର ବନ୍ଧୁତ୍ୱ ଯେମିତି ନିକଟ ଆତ୍ମୀୟତାରେ ପରିଣତ ହୁଏ । ସେ ତ ସ୍ୱଚକ୍ଷୁରେ ଏହା ଦେଖି ପାରିଲେ ନାହିଁ, କିନ୍ତୁ ପରଲୋକରେ ଥାଇ ଏହା ଦେଖିପାରିବେ । ଗିରୀନ ସେତେବେଳେ ଆନନ୍ଦରେ ଓ ସର୍ବାନ୍ତକରଣରେ ପ୍ରତିଶ୍ରୁତି ପ୍ରଦାନ କରିଥିଲା ।

ଗୁରୁଚରଣଙ୍କ କଲିକତା ଘରେ ଯେଉଁ ବ୍ୟକ୍ତି ଭଡ଼ାରେ ରହୁଥିଲେ, ତାଙ୍କରି ଠାରୁ ଭୁବନେଶ୍ୱରୀ ଏହି ମୃତ୍ୟୁ ସମ୍ବାଦ ଶୁଣିଲେ ।

ତା'ପରେ ଆଉ ଏକ ଗୁରୁତର ଦୁର୍ଘଟଣା ଘଟିଲା । ନବୀନ ରାୟ ହଠାତ ଇହଲୋକ ତ୍ୟାଗ କଲେ ।

ଶୋକରେ ପାଗଳ ହୋଇ ଭୁବନେଶ୍ୱରୀ ତାଙ୍କ ବଡ଼ ବୋହୂ ହାତରେ ସଂସାରର ଜଞ୍ଜାଳ ଟେକି ଦେଇ କାଶୀରେ ଅବସ୍ଥାନ କଲେ । ଗଲାବେଳେ କହିଗଲେ, ଆସନ୍ତା ବର୍ଷ ଶେଖରର ବାହାଘର ଠିକ ହୋଇଗଲେ ସେ ଆସି ପହଞ୍ଚିବେ ।

ନବୀନବାବୁ ଶେଖରର ଏହି ବିବାହ ବନ୍ଦୋବସ୍ତ କରିଥିଲେ । ବହୁ ପୂର୍ବରୁ ଏହି ବିବାହ ହୋଇଥାନ୍ତା । କେବଳ ତାଙ୍କ ମୃତ୍ୟୁ ଯୋଗୁଁ ଏହା ବର୍ଷେକାଳ ସ୍ଥଗିତ ରହିଥିଲା । କନ୍ୟାପକ୍ଷ ଆଉ ବିଳମ୍ବ କରିବାକୁ ଚାହାନ୍ତି ନାହିଁ । ତେଣୁ ଗତକାଲି ସେମାନେ ଆସି ଆଶୀର୍ବାଦ କରିଗଲେ । ଏଇ ମାସରେ ହିଁ ବିବାହ । ଆଜି ଶେଖର ମା'ଙ୍କୁ କାଶୀରୁ ଆଣିବା ପାଇଁ ଯିବ । ଆଲମାରିରୁ ଜିନିଷପତ୍ର ବାହାର କରି ସୁଟକେସରେ ସଜାଡ଼ି ରଖିବା ସମୟରେ ବହୁଦିନ ପରେ ତା'ର ଲଳିତା କଥା ମନେପଡ଼ିଲା । ସେ ହିଁ ତ ସବୁ କାମ କରୁଥିଲା ।

ସେମାନେ କଲିକତା ଛାଡ଼ିବାର ପ୍ରାୟ ତିନିବର୍ଷ ହୋଇଗଲାଣି । ଇତିମଧ୍ୟରେ ସେମାନଙ୍କର କୌଣସି ସମ୍ବାଦ ସେ ପାଇନାହିଁ । ଜାଣିବା ପାଇଁ ଚେଷ୍ଟା ମଧ୍ୟ କରିନାହିଁ । ବୋଧହୁଏ ତା'ର ଇଚ୍ଛା ନଥିଲା । ଲଳିତା ଉପରେ କ୍ରମଶଃ ତାର ଗୋଟାଏ ଘୃଣାଭାବ ଆସି ଯାଇଥିଲା । କିନ୍ତୁ ଆଜି କେମିତି କେଜାଣି ତା'ର ଇଚ୍ଛା ହେଲା, ସେମାନଙ୍କର ଖବର ମିଳନ୍ତା କି ? କିଏ କେମିତି ଅଛନ୍ତି । ଅବଶ୍ୟ ଭଲରେ ତ ଥିବେ, କାରଣ ଗିରୀନର ଆର୍ଥିକ ଅବସ୍ଥା ବେଶ ଭଲ, ତାହା ସେ ଜାଣିଥିଲା । ତଥାପି ଜାଣିବାକୁ ଇଚ୍ଛା ହେଲା କେବେ ବାହାଘର ହୋଇଛି, ଏବେ କେମିତି ଅଛି ।

ସେମାନଙ୍କ କଲିକତା ଘରର ଭଡ଼ାଟିଆମାନେ ଦୁଇମାସ ହେଲା ଘର ଛାଡ଼ି

ଚାଲିଯାଇଛନ୍ତି । ଶେଖର ଥରେ ଭାବିଲା, ଚାରୁର ବାପାଙ୍କ ଠାରୁ ପଚାରି ବୁଝିବ । ସେମାନେ ନିଶ୍ଚୟ ଜାଣିଥିବେ । କେଇ ମୁହୂର୍ତ୍ତ ସୁଟକେସ ସଜାଡ଼ିବା ବନ୍ଦ କରି ଝରକା ବାହାରର ଆକାଶକୁ ଚାହିଁ ଚାହିଁ ସେ ଏଇସବୁ କଥା ଭାବିବାକୁ ଲାଗିଲା । ଏହି ସମୟରେ ଦୁଆର ପାଖରେ ତାଙ୍କର ପୁରୁଣା ଚାକରାଣୀ ଆସି ଶେଖରକୁ କହିଲା, ସାନବାବୁ, କାଳୀର ମା' ଆପଣଙ୍କୁ ଦେଖା କରିବା ପାଇଁ ଡାକିଛନ୍ତି ।

ଶେଖର ହଠାତ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କେଉଁ କାଳୀର ମା' ?

ଦାସୀ ହାତ ଠାରି ଗୁରୁଚରଣଙ୍କ ଘର ଦେଖାଇ କହିଲା, ଆମ କାଳୀର ମା' ସେମାନେ ପରା କାଲି ରାତିରେ ଫେରିଆସିଛନ୍ତି ।

ଚାଲ, ଯାଉଛି, କହି ସେ ତତ୍‌କ୍ଷଣାତ୍ ତଳକୁ ଗଲା । ବେଳ ଗଡ଼ି ଆସୁଥାଏ । ଶେଖର ତାଙ୍କ ଘରେ ପାଦ ଦେବା କ୍ଷଣି ଛାତିଫଟା କାନ୍ଦବୋବାଳି ଶୁଣିପାରିଲା । ବିଧବା ବେଶଧାରିଣୀ ଗୁରୁଚରଣଙ୍କ ସ୍ତ୍ରୀଙ୍କ ନିକଟରେ ଚଟାଣ ଉପରେ ସେ ବସିପଡ଼ି ଧୋତି କାନିରେ, ନିଜ ଲୁହ ପୋଛିବାକୁ ଲାଗିଲା । କେବଳ ଗୁରୁଚରଣଙ୍କ ପାଇଁ ନୁହେଁ, ନିଜ ପିତାଙ୍କ ଶୋକରେ ମଧ୍ୟ ସେ ଅଭିଭୂତ ହୋଇ ପଡ଼ିଥାଏ ।

ସନ୍ଧ୍ୟା ହେବାରୁ ଲଳିତା ଆଲୁଅ ଜାଳିଦେଇ ଗଲା । ବେକରେ ପଣତ କାନି ଢାଙ୍କି ଦୂରରୁ ଶେଖରକୁ ପ୍ରଣାମ କଲା ଓ ମୁହୂର୍ତ୍ତେ ଅପେକ୍ଷା କରି ଭିତରକୁ ଚାଲିଗଲା । ସତର ବର୍ଷ ବୟସ୍କା ପର ସ୍ତ୍ରୀକୁ ଶେଖର ଭଲ ଭାବରେ ଚାହିଁପାରିଲା ନାହିଁ ବା ଡାକି କଥା ହୋଇପାରିଲା ନାହିଁ । ତଥାପି ଯେତେଦୂର ବୁଝିପାରିଲା, ମନେ ହେଲା ଲଳିତା ଆହୁରି ବଡ଼ ହୋଇଯାଇଛି ଓ ଦୁର୍ବଳ ମଧ୍ୟ ହୋଇଯାଇଛି ।

ବହୁତ କାନ୍ଦିବା ପରେ ଗୁରୁଚରଣଙ୍କ ବିଧବା ସ୍ତ୍ରୀ ଯାହା କହିଲେ ତାହାର ସାରମର୍ମ ହେଲା, ସେ ଏହି ଘରଟିକୁ ବିକ୍ରୟ କରି ମୁଙ୍ଗେରରେ ଜାମାତାଙ୍କ ସହିତ ବସବାସ କରିବେ, ଏହା ତାଙ୍କର ଇଚ୍ଛା । ଏଇ ଘରଟିକୁ କିଣିବା ପାଇଁ ଶେଖରର ପିତାଙ୍କର ବହୁଦିନରୁ ଇଚ୍ଛା ଥିଲା । ବର୍ତ୍ତମାନ ଉପଯୁକ୍ତ ମୂଲ୍ୟରେ ସେମାନେ କିଣିଲେ ଘରଟି ଏକପ୍ରକାର ସେମାନଙ୍କର ମଧ୍ୟ ରହିବ ଏବଂ ଭବିଷ୍ୟତରେ ସେମାନେ କଲିକତା ଆସିଲେ ବିନା ଦ୍ୱିଧାରେ ଏଠାରେ କିଛିଦିନ ରହିପାରିବେ । ଏହି ପ୍ରକାରର ବିଭିନ୍ନ କଥା କହିଗଲେ । ମା'ଙ୍କୁ ପଚାରି ଶେଖର ଯଥାସାଧ୍ୟ ଚେଷ୍ଟା କରିବ ବୋଲି କହିବାରୁ ସେ ପଚାରିଲେ, ଶେଖର, ଦିଦି କ'ଣ ଏବେ ଏଠାକୁ ଆସିବେନି ?

ଶେଖର ଜଣାଇଲା ଯେ ଆଜି ରାତିରେ ସେ ମା'ଙ୍କୁ ଆଣିବାକୁ ଯିବ । ତା'ପରେ ସେ ଗୋଟିଗୋଟି କରି ଅନ୍ୟାନ୍ୟ ସମ୍ବାଦ ମଧ୍ୟ ଜାଣିଲେ, ଶେଖରର ବିବାହ କେବେ ଓ କେଉଁଠି ହେଉଛି । କ'ଣ ଯୌତୁକ, ନବୀନବାବୁ କେମିତି ଚାଲିଗଲେ, ଦିଦି କ'ଣ କଲେ, ଇତ୍ୟାଦି ଇତ୍ୟାଦି ସବୁ ଶୁଣିଲେ ।

ଶେଖର ବାହାରିବା ପାଇଁ ଉଠିଲା ବେଳକୁ ଆକାଶରୁ ଜୋଛନା ଝରୁଛି । ଏହି ସମୟରେ ଗିରୀନ୍ଦ୍ର ଉପର ତାଲାରୁ ଓହ୍ଲାଇ ବୋଧହୁଏ ନିଜ ଅପା ଘରକୁ ବାହାରିଲା । ଗୁରୁଚରଣଙ୍କ ବିଧବା ପତ୍ନୀକୁ ଦେଖି ଶେଖରକୁ ପଚାରିଲେ, ମୋ ଜ୍ୱାଇଁଙ୍କ ସାଙ୍ଗରେ ତୁମର ବୋଧହୁଏ ପରିଚୟ ହୋଇନାହିଁ । ଏତେ ଭଲ ପିଲା ଆଉ ସଂସାରରେ ନାହାନ୍ତି ।

ଶେଖର ଜଣାଇଲା ଯେ ଏହା ସତକଥା ଓ ତା'ର ପରିଚୟ ଅଛି । କହିଦେଇ ଦ୍ରୁତପଦରେ ବାହାରି ଯିବାକୁ ଉଦ୍ୟତ ହେବା ସମୟରେ ବାହାର ଘରର ଦୁଆର ନିକଟରେ ତାକୁ ଅଟକିବାକୁ ପଡ଼ିଲା ।

ଦୁଆର ଆଡୁଆଳରେ ଲଳିତା ଛିଡ଼ା ହୋଇଥିଲା । ସେ ପଚାରିଲା, ଶୁଣ, ମା'ଙ୍କୁ କଣ ଆଜି ଆଣିବାକୁ ଯିବ ?

ଶେଖର ଉତ୍ତର ଦେଲା, ହଁ ।

ସେ କ'ଣ ବହୁତ ଭାଙ୍ଗି ପଡ଼ିଛନ୍ତି ?

ହଁ, ପ୍ରାୟ ପାଗଳ ଭଳି ହୋଇଯାଇଥିଲେ ।

ତୁମ ଦେହ କେମିତି ଅଛି ?

ଭଲ, କହିଦେଇ ଶେଖର ବିଳମ୍ବ ନକରି ଚାଲିଗଲା ।

ରାସ୍ତାକୁ ଆସି ତା'ର ଆପାଦମସ୍ତକ ଲଜ୍ଜା ଓ ଘୃଣାରେ ଶିହରି ଉଠିଲା । ଲଳିତା ପାଖରେ ଠିଆ ହୋଇଥିବାରୁ ତା' ଦେହଟା ଯେମିତି ଅପବିତ୍ର ହୋଇଯାଇଛି, ଏହିପରି ମନେ ହେଲା । ଘରକୁ ଫେରି ସୁଟକେସରେ କୌଣସି ପ୍ରକାରେ ଲୁଗାପଟା ସାଇତି ରଖି ବିଛଣାରେ ଶୋଇ ରହିଲା । ମନେ ହେଲା, ଲଳିତାର ବିଷାକ୍ତ ସ୍ମୃତିଟାକୁ ପୋଡ଼ି ଜାଳିଦେବ । ଏମିତି ଏକ ଶପଥ କରି ନିଜ ହୃଦୟର ନିଆଁରେ ଘିଅ ଢାଳିବାକୁ ଲାଗିଲା । ମନେମନେ ଲଳିତାକୁ ଅଶ୍ରାବ୍ୟ ଭାଷାରେ ଗାଳି ମଧ୍ୟ ଦେଲା । ଗୁରୁଚରଣଙ୍କ ସ୍ତ୍ରୀ ସେତେବେଳେ ଅବଶ୍ୟ କହିଥିଲେ, ଯେ ତ ସୁଖର ବାହାଘର ନୁହେଁ । ତେଣୁ କାହାରି ମନେ ନଥିଲା । ନହେଲେ ଲଳିତା ତୁମ ସମସ୍ତଙ୍କୁ ଖବର ଦେବାପାଇଁ କହିଥିଲା । ଲଳିତାର ଏହି ସ୍ପର୍ଦ୍ଧା ଯେମିତି ଶେଖରର ଦାବାନଳ ଉପରେ ଅଧିକ ଶିଖା ବିସ୍ତାର କରିଚାଲିଲା ।

ଦ୍ୱାଦଶ ପରିଚ୍ଛେଦ

ଶେଖର ମା'ଙ୍କୁ ନେଇ ଯେବେ ଫେରିଲା, ତା'ର ବାହାଘର ଆହୁରି ଦଶବାର ଦିନ ବାକି । ଆସିବାର ଦୁଇତିନି ଦିନ ପରେ ଦିନେ ସକାଳେ ଲଳିତା ଶେଖରର ମା'ଙ୍କ ପାଖରେ ବସି ଗୋଟିଏ ଡାଲାରେ କଣ ସବୁ ରଖୁଥାଏ । ଶେଖର ଜାଣିନାହିଁ ଯେ ଲଳିତା ସେ ଘରେ ଅଛି । ତେଣୁ ସେ ମା' ବୋଲି ଡାକି ଘରେ ପଶି ଲଳିତାକୁ ଦେଖି ହଠାତ୍

ଥତମତ ଖାଇ ଠିଆ ହୋଇଗଲା । ଲଳିତା ମୁହଁ ତଳକୁ କରି ନିଜ କାମ କରିଚାଲିଲା ।

ମା' ପଚାରିଲେ, ଆରେ, କ'ଣ ହେଲା ?

ଶେଖର ଯେଉଁଥି ପାଇଁ ଆସିଥିଲା ତାହା ଭୁଲିଯାଇ 'ଥାଉ, ପରେ କହିବି' କହିଦେଇ ସେ ସ୍ଥାନରୁ ଅନ୍ୟତ୍ର ପଳାଇଗଲା । ସେ ଲଳିତାର ମୁହଁ ଦେଖି ନ ଥିଲା, କିନ୍ତୁ ତା' ହାତ ଦୁଇଟି ଉପରେ ଦୃଷ୍ଟି ପଡ଼ିଥିଲା । ସେ ହାତରେ ଦି'ପଟ କାଚ ଚୁଡ଼ି ଛଡ଼ା ଅନ୍ୟ କୌଣସି ଅଳଙ୍କାର ନଥିଲା । ଶେଖର ମନେମନେ କ୍ରୂର ହସଟିଏ ହସି ଭାବିଲା, ଯେ ଆଉ ଗୋଟାଏ ଢଙ୍ଗ । ସେ ଜାଣିଥିଲା, ଗିରୀନ ବେଶ ବିତ୍ତଶାଳୀ । ତେଣୁ ଗିରୀନର ପତ୍ନୀର ହାତ ଯେ ଏପରି ଅଳଙ୍କାରଶୂନ୍ୟ ତାହାର କାରଣ କିଛି ଭାବିପାରିଲା ନାହିଁ ।

ସେହିଦିନ ସନ୍ଧ୍ୟାରେ ଶେଖର ଦ୍ରୁତପଦରେ ଉପର ମହଲାରୁ ତଳକୁ ଓହ୍ଲାଇ ଆସୁଥାଏ । ଲଳିତା ମଧ୍ୟ ସେହି ସିଡ଼ିରେ ଉପରକୁ ଯାଉଥିଲା । ତେଣୁ ରାସ୍ତା ଦେବା ପାଇଁ ସେ କାନ୍ଥକୁ ଆଉଜି ଠିଆହେଲା । ଶେଖର ପାଖାପାଖି ହେଲାରୁ ଅତ୍ୟନ୍ତ ସଂକୋଚର ସହିତ ମୃଦୁକଣ୍ଠରେ ଲଳିତା କହିଲା, ତୁମକୁ ଗୋଟିଏ କଥା କହିବାର ଅଛି ।

ଶେଖର ମୁହୂର୍ତ୍ତ କାଳ ଠିଆ ହୋଇ ବିସ୍ମିତ ଭାବରେ ପଚାରିଲା, କାହାକୁ ? ମୋତେ ?

ଲଳିତା ପୂର୍ବଭଳି ମୃଦୁକଣ୍ଠରେ କହିଲା, ହଁ, ତୁମକୁ ।

ମୋ ସାଙ୍ଗରେ ପୁଣି କ'ଣ କଥା ? ଏତକ କହି ଶେଖର ପୂର୍ବାପେକ୍ଷା ଦ୍ରୁତପଦରେ ତଳକୁ ଓହ୍ଲାଇ ଗଲା ।

ଲଳିତା ସେଇଠାରେ କେତେକ୍ଷଣ ସ୍ତବ୍ଧ ଭାବରେ ଅପେକ୍ଷା କରି ସେଠାରୁ ଧୀରେ ଧୀରେ ଚାଲିଗଲା ।

ପରଦିନ ସକାଳେ ଶେଖର ବାହାର ଘରେ ବସି ସମ୍ବାଦପତ୍ର ପଢୁଥାଏ । ହଠାତ ଆର୍ଶ୍ଚର୍ଯ୍ୟ ହୋଇ ଦେଖିଲା ଯେ ଗିରୀନ ପ୍ରବେଶ କରୁଛି । ଗିରୀନ ନମସ୍କାର କରି ଗୋଟିଏ ଚୌକି ଉପରେ ବସିଲା । ଶେଖର ପ୍ରତି ନମସ୍କାର କରି ସମ୍ବାଦପତ୍ରଟିକୁ ରଖିଦେଇ ଜିଜ୍ଞାସୁ ନୟନରେ ଗିରୀନକୁ ଚାହିଁଲା । ଦୁହେଁ ଦୁହିଁଙ୍କୁ ଚିହ୍ନି ଥିଲେ, କିନ୍ତୁ କେବେ କଥାବାର୍ତ୍ତା ହୋଇନାହିଁ । ଦୁହେଁ ସେ ଦିଗରେ ଅଗ୍ରସର ହେବାକୁ ଆଗ୍ରହ ପ୍ରକାଶ ମଧ୍ୟ କରିନାହାନ୍ତି ।

ଗିରୀନ ସିଧାସଳଖ ଅଭିପ୍ରାୟ ଜଣାଇଲା । କହିଲା, ବିଶେଷ ପ୍ରୟୋଜନରେ ପଡ଼ି ଆପଣଙ୍କୁ ବିରକ୍ତ କରିବା ପାଇଁ ଆସିଛି । ମୋ ଶାଶୁଙ୍କ ଅଭିପ୍ରାୟ ଆପଣ ଶୁଣିଛନ୍ତି । ସେ ଆପଣମାନଙ୍କୁ ହିଁ ଘରଟି ବିକିବାକୁ ଚାହାନ୍ତି । ଆଜି ମୋତେ ପଠାଇଛନ୍ତି ଆପଣଙ୍କୁ କହିବାକୁ । ଯଦି କୌଣସି ବନ୍ଦୋବସ୍ତ ଶୀଘ୍ର ହୋଇପାରନ୍ତା, ତେବେ ଆମେ ସମସ୍ତେ ଏହି ମାସରେ ମୁଙ୍ଗେର ଫେରିଯିବୁ ।

ଗିରୀନକୁ ଦେଖିବା ମାତ୍ରେ ଶେଖର ମନରେ ଏକ ପ୍ରକାର ବିଦ୍ୱେଷ ଜାତ ହୋଇଥିଲା । ତେଣୁ ତା' କଥାଗୁଡ଼ିକ ବିନ୍ଦୁମାତ୍ର ଭଲ ଲାଗିଲା ନାହିଁ । ସେ ଅପ୍ରସନ୍ନ ମୁହଁରେ କହିଲା, ତା' ତ ଠିକ୍ କଥା । କିନ୍ତୁ ବାପା ଗତ ହେବା ପରେ ବଡ଼ଭାଇ ବର୍ତ୍ତମାନ ମାଲିକ । ତାଙ୍କୁ କହିବା ଆବଶ୍ୟକ ।

ଶେଖର ମଧ୍ୟ ସିଧାସଳଖ ଉତ୍ତର ଦେଲା, ଆପଣ କହିଲେ ମଧ୍ୟ ହେବ । ବର୍ତ୍ତମାନ ତ ଆପଣ ସେମାନଙ୍କର ଅଭିଭାବକ । କାଲି କିନ୍ତୁ ଅପା କହୁଥିଲେ ଆପଣ ମନ ଦେଲେ ଅତି ସହଜରେ ହୋଇଯିବ ।

ଶେଖର ଏତେବେଳଯାଏଁ ଚେୟାରରେ ଆରାମ ଭାବରେ ବସି କଥା ହେଉଥିଲା । ହଠାତ ସିଧା ହୋଇ ବସି ପଚାରିଲା, କିଏ କହୁଥିଲେ ?

ଗିରୀନ କହିଲା, ଅପା... ମାନେ... ଲଳିତା ଅପା କହୁଥିଲେ । ଶେଖର ହତବାକ ହୋଇଗଲା । ତାପରେ ଗିରୀନ କ'ଣ ସବୁ କହିଗଲା ତା'ର ବିନ୍ଦୁବିସର୍ଗ କାନକୁ ଗଲାନାହିଁ । କିଛି ସମୟ ବିହ୍ୱଳ ଭାବରେ ଶେଖର ମୁହଁକୁ ଚାହିଁ ରହି ପଚାରିଲା, କ୍ଷମା କରିବେ, ଗିରୀନବାବୁ, ଲଳିତାର ବିବାହ କ'ଣ ଆପଣଙ୍କ ସହିତ ହୋଇନାହିଁ ?

ଗିରୀନ ଜିଭ କାମୁଡ଼ି କହିଲା, ଆଜ୍ଞା, ନା । ଆପଣ ତ ସମସ୍ତଙ୍କୁ ଜାଣନ୍ତି- କାଳୀ ସହିତ ମୋର-

କିନ୍ତୁ ସେପରି ତ କଥା ହୋଇ ନ ଥିଲା ।

ଗିରୀନ ଲଳିତା ମୁହଁରୁ ସବୁ ଶୁଣିଥିଲା । କହିଲା, ନା ସେପରି କଥା ହୋଇନଥିଲା । ତାହା ମଧ୍ୟ ସତ । ଗୁରୁଚରଣ ମୃତ୍ୟୁ ପୂର୍ବରୁ ମୋତେ ଅନୁରୋଧ କରିଥିଲେ ମୁଁ ଯେମିତି ଅନ୍ୟତ୍ର କେଉଁଠି ବିବାହ ନକରେ । ମୁଁ ମଧ୍ୟ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି । ତାଙ୍କ ମୃତ୍ୟୁ ପରେ ଅପା ମୋତେ ବୁଝାଇ କହିଥିଲେ, ଅବଶ୍ୟ ଅନ୍ୟମାନେ କେହି ଏହା ଜାଣିନାହାନ୍ତି ଯେ ପୂର୍ବରୁ ତାଙ୍କର ବିବାହ ହେଇସାରିଛି ଏବଂ ତାଙ୍କ ସ୍ୱାମୀ ଜୀବିତ ଅଛନ୍ତି । ଏକଥା ଆଉ କେହି କରିନଥାନ୍ତେ, କିନ୍ତୁ ଅପାଙ୍କର କୌଣସି ବାକ୍ୟ ମୁଁ ଆଜିପର୍ଯ୍ୟନ୍ତ ଅବିଶ୍ୱାସ କରିନାହିଁ । ତାଛଡ଼ା, ଜଣେ ନାରୀଙ୍କର ତ ଏକାଧିକ ଥର ବିବାହ ହୋଇପାରେନା- ଆରେ... ଯେ କ'ଣ ?

ଶେଖରର ଆଖି ଦୁଇଟି ଲୁହରେ ଛଳଛଳ ହେଉଥିଲା । ବର୍ତ୍ତମାନ ଧାରଧାର ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ଗିରୀନ ସମ୍ମୁଖରେ ହିଁ ଲୁହ ଧାର ବୋହିଗଲା । ତା'ର ଚେତନ୍ୟ ନଥିଲା ଯେକୌଣସି ପୁରୁଷ ସମ୍ମୁଖରେ ପୁରୁଷର ଏହି ଦୁର୍ବଳତା ପ୍ରକାଶ ପାଇବା କେତେ ଲଜ୍ଜାକର ।

ଗିରୀନ କେବଳ ନିଃଶବ୍ଦରେ ଚାହିଁ ରହିଲା । ତା' ମନରେ ପୂର୍ବରୁ କିଛି ମାତ୍ରାରେ ସନ୍ଦେହ ଥିଲା- ଆଜି ସେ ଲଳିତା ଅପାର ସ୍ୱାମୀଙ୍କୁ ଚିହ୍ନି ପାରିଲା । ଶେଖର

ସାମାନ୍ୟ ପ୍ରକୃତିସ୍ଥ ହୋଇପଚାରିଲା, ଆପଣ ତ ଲଳିତାକୁ ସ୍ନେହ କରନ୍ତି ?

ଗିରୀନର ମୁହଁ ଉପରେ ପ୍ରଚ୍ଛନ୍ନ ବେଦନାର ଗାଢ ଛାୟା ପଡ଼ିଲା, କିନ୍ତୁ ପରମୁହୂର୍ତ୍ତରେ ସେ ମୃଦୁ ହସିଲା । କହିଲା, ଏହି ପ୍ରଶ୍ନର ଉତ୍ତର ଦେବା ଅନାବଶ୍ୟକ । ତା'ଛଡ଼ା, ଯେତେ ଅଧିକ ସ୍ନେହ ହେଉ ନା କାହିଁକି ଜାଣିଶୁଣି କେହି ପରର ସ୍ତ୍ରୀକୁ ବିବାହ କରେନାହିଁ । ସେ ଯାହା ହେଉ, ଗୁରୁଜନମାନଙ୍କ ସମ୍ପର୍କରେ ମୁଁ ସେ ବିଷୟ ଆଲୋଚନା କରିବାକୁ ଚାହେଁ ନାହିଁ । ଚେୟାରରୁ ଉଠିପଡ଼ି ସେ ହସି ହସି କହିଲା, ଆଚ୍ଛା ମୁଁ ଆଜି ଆସୁଛି, ପୁଣି ଦେଖା ହେବ । ନମସ୍କାର କରି ଗିରୀନ ଚାଲିଗଲା ।

ଶେଖର ଚିରଦିନ ଗିରୀନ ପ୍ରତି ମନେ ମନେ ବିଦ୍ୱେଷ ଭାବ ପୋଷଣ କରିଛି । ଏବେ ସେହି ବିଦ୍ୱେଷ ଘୃଣାରେ ପରିବର୍ତ୍ତନ ହୋଇଥିଲା । କିନ୍ତୁ ବର୍ତ୍ତମାନ ସେ ଚାଲିଯିବା ପରେ ଗିରୀନ ବସିଥିବା ଚେୟାରରେ ବାରମ୍ବାର ମୁଣ୍ଡ ବାଡ଼େଇ ଏହି ଅପରିଚିତ ବ୍ରାହ୍ମ ଯୁବକ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ ଲାଗିଲା । ସେ ଆଜି ପ୍ରଥମ ଥର ପାଇଁ ହୃଦୟଙ୍ଗମ କଲା ଯେ ମଣିଷ ନିଃଶଇରେ କେତେ ବିରାଟ ସ୍ୱାର୍ଥ ତ୍ୟାଗ କରିପାରେ ଓ ହସହସ ବଦନରେ ନିଜର କଠୋର ପ୍ରତିଶ୍ରୁତି ପାଳନ କରିପାରେ ।

ଅପରାହ୍ନରେ ଭୁବନେଶ୍ୱରୀ ନିଜ କୋଠରୀର ଚଟାଣ ଉପରେ ବସି ଲଳିତା ସହିତ ନୂଆ ଲୁଗାଗୁଡ଼ିକୁ ସଜାଇ ରଖିଥିଲେ । ଶେଖର ଘରେ ପଶି ମା'ଙ୍କ ଖଟରେ ବସିଲା । ଆଜି ସେ ଲଳିତାକୁ ଦେଖି ବ୍ୟସ୍ତ ହୋଇ ପଳାଇଲା ନାହିଁ । ମା' ପଚାରିଲେ, କି ରେ !

ଶେଖର ଉତ୍ତର ନଦେଇ ସେମାନଙ୍କ କାମ ନିରୀକ୍ଷଣ କଲା । ତା'ପରେ ମା'ଙ୍କୁ ପଚାରିଲା, ଯେ କ'ଣ ହେଉଛି, ମା ?

ମା' କହିଲେ, ନୂଆ ଲୁଗା କାହାକୁ କେମିତି ଦିଆଯିବ, ହିସାବ କରି ଦେଖୁଛି- ବୋଧହୁଏ ଆହୁରି କେଇ ଖଣ୍ଡ କିଣିବାକୁ ପଡ଼ିବ ।

ମା'ଙ୍କ କଥାରେ ଲଳିତା ମଧ୍ୟ ମୁଣ୍ଡ ହଲାଇ ସମ୍ମତି ଜଣାଇଲା ।

ଶେଖର ହସି ହସି କହିଲା, ଆଉ ମୁଁ ଯଦି ବିବାହ ନକରେ ?

ଭୁବନେଶ୍ୱରୀ ମଧ୍ୟ ହସି ହସି ଉତ୍ତର ଦେଲେ, ତୋ ଦ୍ୱାରା ସବୁ ସମ୍ଭବ, ଶେଖର । ତୋତେ କ'ଣ ମୁଁ ଚିହ୍ନି ନାହିଁ ?

ଶେଖର ପୁଣି ହସିଦେଇ ଜବାବ ଦେଲେ, ତାହେଲେ ସେଇୟା ହିଁ ହେବ । ମୁଁ ବିବାହ ନ କରେ-

ଏମିତି ଅଲକ୍ଷଣା କଥା ତୁଣ୍ଡରେ ଆଣନା ।

ଏତେ ଦିନ ମୁହଁରେ ଆଣିନଥିଲି । କିନ୍ତୁ ମା, ଏବେ ନ ଆଣିଲେ ନୁହେଁ ।

ଆଉ ଚୁପ ରହିଗଲେ ମୁଁ ମହାପାପୀ ହେବି ।

ଭୁବନେଶ୍ୱରୀ କିଛି ବୁଝିନପାରି ପୁଅ ମୁହଁକୁ ଅନାଇ ରହିଲେ ।

ଶେଖର କହିଲା, ତୁମର ଏଇ ପୁଅଟିର ଅନେକ ଅପରାଧ ତମେ କ୍ଷମା କରିଛ । ଏଇ ଅପରାଧଟିକୁ ମଧ୍ୟ କ୍ଷମା କରିଦିଅ । ମୁଁ ସତରେ ଏହି ବାହାଘରରେ ରାଜି ନୁହେଁ ।

ପୁତ୍ରର କଥା ଓ ମୁହଁର ଭାବଭଙ୍ଗୀ ଦେଖି ଭୁବନେଶ୍ୱରୀ ବେଶ ଉଦ୍‌ବିଗ୍ନ ହେଲେ ସତ । କିନ୍ତୁ କହିଲେ, ହଉ, ହଉ, ତୁ ଏବେ ଯା ଏଠୁ । ମୋତେ ହଇରାଣ କର ନା, ମୋର ବହୁତ କାମ ବାକି ।

ଶେଖର ପୁଣି ଥରେ ହସିବାକୁ ଚେଷ୍ଟା କରି ବ୍ୟର୍ଥ ହୋଇ ଶୁଷ୍କ ଗଳାରେ କହିଲା, ସତରେ ମା' ଏ ବାହାଘର ହେବ ନାହିଁ ।

କାହିଁକି ? ଏଇଟା କ'ଣ ପିଲାଖେଳ ?

ପିଲାଖେଳ ନୁହେଁ ବୋଲି ତ କହୁଛି, ମା ।

ଭୁବନେଶ୍ୱରୀ ରୀତିମତ ଭୟଭୀତ ହୋଇ ପୁଅକୁ ପଚାରିଲେ, ଆରେ, କ'ଣ ହୋଇଛି, ସବୁ ଖୋଲି କହ, ଶେଖର । ଏ ଗୋଲକଧନ୍ଦା ମୋତେ ଭଲ ଲାଗୁନି ।

ଶେଖର ଧୀର ସ୍ୱରରେ କହିଲା, ଆଉ ଦିନେ ଶୁଣିବ । ଆଜି ନୁହେଁ ।

ଭୁବନେଶ୍ୱରୀ ବ୍ୟସ୍ତ ବିରକ୍ତ ହୋଇ ଲୁଗାଗୁଡ଼ିକୁ ଠେଲି ଦେଇ କହିଲେ, ତେବେ ଆଜି ମୋତେ କାଶୀ ପଠାଇ ଦେ । ଏମିତିକା ସଂସାରରେ ମୁଁ ରାତିଏ ରହିବାକୁ ଚାହେଁନା ।

ଶେଖର ମୁହଁ ତଳକୁ କରି ବସି ରହିଲା ।

ଭୁବନେଶ୍ୱରୀ ଆହୁରି ବ୍ୟସ୍ତ ହୋଇ କହିଲେ, ଲଳିତା, ମଧ୍ୟ ମୋ ସାଙ୍ଗରେ କାଶୀ ଯିବାକୁ ଚାହେଁ । ଦେଖେ, ତା' ପାଇଁ କିଛି ଗୋଟାଏ ବନ୍ଦୋବସ୍ତ କରିପାରୁଛି କି ନାହିଁ ?

ଶେଖର ମା'ଙ୍କୁ ହସି ହସି ପଚାରିଲା, ତମେ ତାକୁ ନେବାକୁ ଚାହୁଁଛ । ପୁଣି ଆଉ କାହା ସାଙ୍ଗରେ ବନ୍ଦୋବସ୍ତ କରିବ ? ତମ ହୁକୁମ ଛଡ଼ା ତାର ଆଉ ବଡ଼ କଥା ଅଛି ?

ପୁଅର ହସହସ ମୁହଁ ଦେଖି ଭୁବନେଶ୍ୱରୀଙ୍କ ମନରେ ପୁଣି ଆଶା ସଞ୍ଚାରିତ ହେଲା । ସେ ଲଳିତାକୁ କହିଲେ, ଦେଖିଲୁ ତ ମା, ସେ ଭାବୁଛି ମୁଁ ଚାହିଁଲେ ତତେ ନେଇଯିବି । ତୋ ମାଇଁଙ୍କ ପରାମର୍ଶ ନେବିନାହିଁ ।

ଲଳିତା କୌଣସି ଉତ୍ତର ଦେଲା ନାହିଁ । ଶେଖରର କଥାବାର୍ତ୍ତାର ଢଙ୍ଗ ଦେଖି ସେ ମନେମନେ ଅତ୍ୟନ୍ତ ସଙ୍କୁଚିତ ହୋଇ ଉଠୁଥିଲା ।

ଶେଖର କହି ଉଠିଲା, ତାଙ୍କୁ ଜଣାଇବା ପାଇଁ କହୁଛ, ତେବେ କହିଦିଅ । ତମ ଇଚ୍ଛା । କିନ୍ତୁ ତୁମେ ଯାହା କହିବ, ମା' ତାହା ହିଁ ହେବ । ଏଇୟା ମୋର ବିଶ୍ୱାସ ଓ ଯାହାକୁ ସାଙ୍ଗରେ ନେଇ ଯିବାକୁ ଚାହୁଁଛ, ତା'ର ମଧ୍ୟ ବିଶ୍ୱାସ, କାରଣ ସେ ତୁମର ପୁତ୍ରବଧୂ ! କହିଦେଇ ଶେଖର ମୁଣ୍ଡ ତଳକୁ ପୋତି ବସି ରହିଲା ।

ଭୁବନେଶ୍ୱରୀ ସ୍ତମ୍ଭିତ ହୋଇଗଲେ । ଜନନୀ ସମ୍ମୁଖରେ ସନ୍ତାନ ମୁହଁରେ ଯେ କି ପରିହାସ । ଏକ ଦୃଷ୍ଟିରେ ତାକୁ ଚାହିଁ ରହି ପଚାରିଲେ, କ'ଣ କହିଲୁ ? ସେ ମୋର କିଏ ?

ଶେଖର ମୁହଁ ଟେକି ମା'ଙ୍କୁ ଚାହିଁପାରିଲା ନାହିଁ । କିନ୍ତୁ ଆସ୍ତେ ଆସ୍ତେ କହିଲା, ମୁଁ ତ କହିଦେଲି । ଆଜି ନୁହେଁ, ଚାରିବର୍ଷ ପୂର୍ବରୁ ତୁମେ ତା'ର ମା । ଆଉ ଅଧିକ କିଛି କହିପାରିବିନି । ତୁମେ ତାକୁ ପଚାର । ଶେଖର ଦେଖିଲା ଲଳିତା ବେକରେ ପଣତ କାନି ଘୋଡ଼ି ମା'ଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ହେଉଛି । ସେ ମଧ୍ୟ ଉଠି ଆସି ପାଖରେ ଛିଡ଼ା ହେଲା ଓ ଉଭୟେ ମା'ଙ୍କର ପାଦସ୍ପର୍ଶ କରି ଭୂମିଷ୍ଠ ପ୍ରଣାମ କଲେ । ଶେଖର କିଛି ନ କହି ବାହାରକୁ ଚାଲିଗଲା ।

ଭୁବନେଶ୍ୱରୀଙ୍କ ଦୁଇ ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିବାକୁ ଲାଗିଲା । ସେ ହୃଦୟ ଭିତରୁ ଲଳିତାକୁ ଭଲ ପାଉଥିଲେ । ସିନ୍ଦୁକ ଖୋଲି ନିଜ ଅଳଙ୍କାର ସବୁ ଲଳିତାକୁ ପିନ୍ଧାଇବା ସମୟରେ ସେ ସବୁ ଘଟଣା ବୁଝିନେଲେ । ସବୁ ଶୁଣି ପଚାରିଲେ, ସେଇଥିପାଇଁ ଗିରୀନର ବାହାଘର କାଳୀ ସାଙ୍ଗରେ ହୋଇଛି ?

ଲଳିତା କହିଲା, ହଁ, ମା । ଗିରୀନବାବୁଙ୍କ ଭଳି ଭଲ ମଣିଷ ଏ ସଂସାରରେ ଆଉ ଅଛନ୍ତି କି ନାହିଁ, ଜାଣେନା । ମୁଁ ତାଙ୍କୁ ବୁଝାଇ କହିଲାରୁ ସେ ବିଶ୍ୱାସ କଲେ ଯେ ସତରେ ମୋର ବିବାହ ହୋଇଯାଇଛି । ସେ ସ୍ୱାମୀ ମୋତେ ଗ୍ରହଣ କରନ୍ତୁ ବା ନ କରନ୍ତୁ, ତାହା ତାଙ୍କ ଇଚ୍ଛା । କିନ୍ତୁ ସେ ଅଛନ୍ତି ।

ଲଳିତା ମୁଣ୍ଡରେ ହାତ ବୁଲାଇ ଭୁବନେଶ୍ୱରୀ କହିଲେ, ମୁଁ ଆଶୀର୍ବାଦ କରୁଛି । ଜନ୍ମ ଜନ୍ମ ଦୀର୍ଘଜୀବି ହୋଇ ରୁହ । ଟିକେ ବସି ଥା । ମୁଁ ଅବିନାଶକୁ କହିଦିଏ, ବାହାଘରର କନିଆ ବଦଳ ହୋଇଯାଇଛି ।

ଭୁବନେଶ୍ୱରୀ ହସି ହସି ବଡ଼ ପୁଅ ପାଖକୁ ଗଲେ ।

❐

ଏକ ଅଚର୍ଚ୍ଚିତ ଐତିହାସିକ ବିତର୍କ



ମନୋଜ ଦାସ

“ଶ୍ରୀଅରବିନ୍ଦଙ୍କ ନାମ ଶୁଣିଲେ ଛେଙ୍କା ଲାଗିଯିବା ପ୍ରାୟେ ଆଚରଣ କରୁଥିବା ଜଣେ ମାନ୍ୟବର ସଭ୍ୟ ‘ରିସ୍’ ରାମ୍‌ସେ ମ୍ୟାକ୍‌ଡ଼ୋନାଲଡ୍‌ଙ୍କୁ ଅପମାନିତ କରି କିଛି କହିଲେ । ସେ ଭଦ୍ରଲୋକଙ୍କୁ ଉପଯୁକ୍ତ ଜବାବ ଦେଲେ ରାମ୍‌ସେ । ‘ରିସ୍’ ମହାଶୟ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କଲେ ।”

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଯାହା ବିପ୍ଳବ ଯୁଗ ବୋଲି ଅଭିହିତ, ସେ ସମ୍ପର୍କରେ ବହୁ ତଥ୍ୟ ଆମର ଅଜଣା । ସେ ଯୁଗର ମହାନାୟକ ଥିଲେ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ଭାବରେ ବିଦିତ ଯୁବକ ଅରବିନ୍ଦ ଘୋଷ । ସେ ରାଜନୀତିରେ ଥିଲେ ସ୍ୱଳ୍ପ କାଳ, କିନ୍ତୁ ଭାରତୀୟ ଜାତୀୟ କଂଗ୍ରେସର ଇତିହାସକାର ପଟ୍ଟାଭି ସୀତାରାମାୟାଙ୍କ ଭାଷାରେ “ଅକୁମାରୀ ହିମାଚଳ ସେ ଝଲସାଇ ଦେଇଥିଲେ ଏକ ଉଲ୍‌କା ଭଳି ।”

୧୯୭୧ରେ ଏହି ନିବନ୍ଧର ଲେଖକ ଲଣ୍ଡନ ଏବଂ ଏଡ଼ିନ୍‌ବରାର ସଂଗ୍ରହାଳୟରୁ କେତେକ ବିରଳ ତଥ୍ୟ ସଂଗ୍ରହ କରିଥିଲେ ଏବଂ ସେସବୁ Sri Aurobindo in the first Decade of the Century ନାମରେ ଶ୍ରୀ ଅରବିନ୍ଦଙ୍କ

ଜନ୍ମଶତାବ୍ଦୀ ୧୯୭୨ରେ ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରା ପ୍ରକାଶିତ ହୋଇଥିଲା । ସଂପ୍ରତି ତା'ର ନୂତନ ମୁଦ୍ରଣ ପ୍ରକାଶ ପାଇଛି । ନାମଟିରେ ସାମାନ୍ୟ ପରିବର୍ତ୍ତନ ସାଧିତ ହୋଇ ତାହା ହୋଇଛି Sri Aurobindo in the first Decade of the 20th Century. ଏହି ଗ୍ରନ୍ଥ ହିଁ ନିମ୍ନୋକ୍ତ ରଚନାର ପଟ୍ଟଭୂମି ।

ବହୁ ବନ୍ଧୁ ପ୍ରଶ୍ନ କରିଛନ୍ତି ଏବଂ କରନ୍ତି, ଭାରତର ଗଭର୍ଣ୍ଣର ଜେନ୍‌ରାଲ୍ ଏବଂ ଭାଇସରୟ ଲର୍ଡ଼ ମିଣ୍ଟୋ ଏବଂ ବ୍ରିଟିଶ୍ କ୍ୟାବିନେଟରେ ଭାରତ ବିଭାଗ ମନ୍ତ୍ରୀ ଲର୍ଡ଼ ମୋର୍ଲେଙ୍କ ଭିତରେ ଆଦାନ ପ୍ରଦାନ ହୋଇଥିବା ଚିଠିପତ୍ରରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଏତେ ତଥ୍ୟ ରହିଥିଲା, ବ୍ରିଟିଶ୍ ପାର୍ଲିଆମେଣ୍ଟ (House of Commons) ରେ ଶ୍ରୀଅରବିନ୍ଦଙ୍କ ଉପରେ ଗୋଟାଏ ତାତ୍ପର୍ଯ୍ୟପୂର୍ଣ୍ଣ ବିତର୍କ ତିନି ତିନିଟି ଅଧିବେଶନକୁ ବ୍ୟାପ୍ତ ହୋଇଥିଲା, ଏ ସମ୍ପର୍କରେ ମୋର 'ଜ୍ଞାନ' କେଉଁଠାରୁ ଆସିଲା ? ଏଡ଼େ ସହଜରେ ମାତ୍ର ଦୁଇ ଅଢେଇ ମାସ ଭିତରେ ସେସବୁ କିପରି ପାଇଗଲି ?

ଆଜି ପଛକୁ ଦୃଷ୍ଟିପାତ କଲେ ମୋତେ ବି ବେଶ୍ ଆମୋଦିତ ଲାଗେ । ମୁଁ ଗବେଷକ ନୁହେଁ । ଇତିହାସର ଛାତ୍ର ନୁହେଁ । ସେ ଦୃଷ୍ଟିରୁ ଏଭଳି ଏକ ସନ୍ଧାନ ମୋର ସ୍ୱାଭାବିକ ଅଧିକାର-ବହିର୍ଭୂତ ବୋଲି କହିବା ଅସଙ୍ଗତ ହେବ ନାହିଁ ।

ଏମିତି ଭାବରେ ଗତି କରିଥିଲା ଘଟଣା ପ୍ରବାହ :-

ସେତେବେଳେ ଭାରତର ସବୁଠୁଁ ପ୍ରଭାବଶାଳୀ ତଥା ବହୁଜନାଦୃତ ସାପ୍ତାହିକ ପତ୍ରିକା The Illustrated Weekly of India. ୧୯୬୫ରୁ ଆରମ୍ଭ କରି ଏ ପତ୍ରିକାରେ ମୁଁ ଘନଘନ ଲେଖୁଥିଲି ପ୍ରଥମେ ଏହାର ପ୍ରଥମ ଭାରତୀୟ ସଂପାଦକ ଏ.ଏସ୍. ରମନ୍‌ଙ୍କ ବେଳେ ଏବଂ ପରେ ଅନ୍ୟମାନଙ୍କ ସଂପାଦନା କାଳରେ । ୧୯୭୧ ବେଳକୁ ଏହାର ସଂପାଦକ ଶ୍ରୀ ଖୁସ୍‌ୱନ୍ତ ସିଂହ । ବାଲେଶ୍ୱର ଉପକଣ୍ଠରେ ଏକଦା ବିପ୍ଳବୀ ବାଘାଯତୀନ୍ ଯେଉଁ ଅତୁଳନୀୟ ସାହସ ଓ ବୀରତ୍ୱପୂର୍ଣ୍ଣ ଲଢେଇ ଭିତରେ ବ୍ରିଟିଶ୍ ଶତ୍ରୁ ହାତରେ ସହିଦ୍ ହୋଇଥିଲେ, ସେ ଗାଥା ଉପରେ ମୁଁ ତିନୋଟି କିସ୍ତିରେ ଏକ ବିସ୍ତୃତ ରଚନା ପ୍ରକାଶ କରିଥିଲି ସେ ପତ୍ରିକାରେ ।



ଖୁସ୍‌ୱନ୍ତ ସିଂହ

ଦିନେ ସଂପାଦକଙ୍କ ଦପ୍ତରରୁ ଆସି ପହଞ୍ଚିଲା ଖଣ୍ଡିଏ ଚିଠି । ତା'ର ଲେଖକ ପ୍ରଖ୍ୟାତ ଶ୍ରୀ ଘନଶ୍ୟାମ ଦାସ ବିଡ଼ଲାଙ୍କ ପ୍ରେସ୍ ସେକ୍ରେଟାରୀ । ସଂପାଦକଙ୍କୁ ଲିଖିତ ସେ ଚିଠିରେ ଘନଶ୍ୟାମ ଦାସଜୀ ମୋ' ଲେଖାତକ ଆଗ୍ରହ ସହକାରେ ପଢିଥିବାର କୁହାଯାଇ ତାଙ୍କ ସ୍ମୃତି ଅନୁସାରେ ମୋର ଏକ ତଥ୍ୟଗତ ଭୁଲ୍ ଦର୍ଶାଇ ଦିଆଯାଇଛି । ମୁଁ ଚାର୍ଲସ୍ ଟେଗାର୍ଟ (ପରବର୍ତ୍ତୀ କାଳରେ 'ସାର୍')

ବାଘାଯତୀନଙ୍କ ସହ ମୁକାବିଲାବେଳେ କଲିକତା ଡିଭିଜନର ପୁଲିସ୍ କମିସନର ଥିଲେ ବୋଲି ଲେଖିଥିବା ସ୍ଥଳେ ସେତେବେଳେ ସେ ପଦରେ ଆଉଜଣେ ସାହେବ ଥିଲେ ବୋଲି ଘନଶ୍ୟାମଜୀ ମନେପକାଇଥିଲେ । ଚିଠିଟିର ଶେଷରେ ପ୍ରେସ୍ ସେକ୍ରେଟାରୀ ସଂପାଦକଙ୍କୁ କହିଥିଲେ କି ସେ ଇଚ୍ଛାକଲେ ମୋର ଏ ତାତ୍ତ୍ୱିକ ତ୍ରୁଟି ମୋର ଏବଂ ପାଠକମାନଙ୍କ ଗୋଚରକୁ ଆଣିପାରନ୍ତି - "କିନ୍ତୁ ବିଡ଼ଲାଙ୍କ ନାମ ନ ନେଇ" ।



ଘନଶ୍ୟାମ ଦାସ ବିଡ଼ଲା

ଖୁସ୍ୱନ୍ତ ସିଂହଙ୍କ ଧରଣଧାରଣ ଭିନ୍ନ । ସେ ମୂଳ ଚିଠିଟି ଉପରେ ତାଙ୍କ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଗାରେଇ ଦେଇଛନ୍ତି : "ମନୋଜ ଦାସ ପାଖକୁ ଏ ଚିଠି ପଠେଇ ଦିଅ ଓ ବିଡ଼ଲାଙ୍କୁ ଉତ୍ତର ଦେବାକୁ କୁହ ।"

ମୁଁ ବିଡ଼ଲାଙ୍କୁ ସିଧା ନ ଲେଖି ତାଙ୍କ ପ୍ରେସ୍ ସେକ୍ରେଟାରୀଙ୍କୁ ହିଁ ଲେଖିଲି ଏହି ମର୍ମରେ ଯେ ଘନଶ୍ୟାମଜୀ ମୋ' ଲେଖା ପଢିଥିବାରୁ ମୁଁ ଖୁସି, କିନ୍ତୁ ସେ ଯେଉଁ ତଥ୍ୟକୁ ଭୁଲ ବୋଲି ଦର୍ଶାଇଛନ୍ତି, ତାହା ଭୁଲ୍ ନୁହେଁ । ପ୍ରମାଣ ରୂପେ କେତେକ ପ୍ରାମାଣ୍ୟ ଦଲିଲ୍‌ର ଉଲ୍ଲେଖ କଲି । ଭାବିଲି, ସେ ବ୍ୟାପାର ଶେଷ ହେଲା ।

ପର ସପ୍ତାହରେ ମୋ' ଉତ୍ତରର ପ୍ରତ୍ୟୁତ୍ତର ଦେଲେ ନିଜେ ଘନଶ୍ୟାମ ଦାସଜୀ । ଅପୂର୍ବ ତାଙ୍କ ବିନୟବୋଧ । ମୁଁ ଠିକ୍ ତଥ୍ୟ ପରିବେଷଣ କରିଛି ଏବଂ ସାମୟିକ ଭାବରେ ତାଙ୍କରି ହିଁ ସ୍ମୃତି ବିଭ୍ରାଟ ଘଟିଥିଲା, ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସେ ଆହୁରି ଏମିତି କେତେକ କଥା ଲେଖିଥିଲେ, ଯାହା ମୋତେ ବିସ୍ମିତ କଲା । ସେ ନିଜେ ବାଘାଯତୀନ୍‌ଙ୍କ ଦ୍ୱାରା ଅନୁପ୍ରାଣିତ ବିପ୍ଳବୀ ବିପିନ ବିହାରୀ ଗାଙ୍ଗୁଲି (ଯାହାଙ୍କ ସ୍ମୃତିରେ କଲିକତାର ବହୁବଜାର ଷ୍ଟ୍ରିଟ୍ ନାମିତ)ଙ୍କ ବିପ୍ଳବୀ ଦଳ ସହ ସଂପୃକ୍ତ ଥିଲେ । ଏପରିକି ଥରେ ଚାର୍ଲସ୍ ଟେଗାର୍ଟ ତାଙ୍କୁ ଗ୍ରେପ୍ତାର କରିବାର ଯୋଜନା କରୁଥିଲେ ଏବଂ ସେ କିଛିଦିନ ପାଇଁ ସର୍ବସମକ୍ଷରୁ ଲୁଚି ରହିବାକୁ ବାଧ୍ୟ ହୋଇଥିଲେ ।

ସେଯାଏ ବିପ୍ଳବୀ ଯୁଗର ଅନ୍ତତଃ ତିନିଜଣ ଯୋଦ୍ଧା ଜୀବିତ ଥିଲେ । ଦୁଇଜଣ ଥିଲେ ପଣ୍ଡିଚେରୀରେ, ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ତୃତୀୟ ଜଣକ ଯିବାଆସିବା କରୁଥାନ୍ତି । ବାଘାଯତୀନ୍‌ଙ୍କ ଜ୍ୟେଷ୍ଠ ପୁତ୍ର ତେଜେନ୍ଦ୍ର ନାଥ ମୁଖୋପାଧ୍ୟାୟ ମଧ୍ୟ ଏଇଠି ରହିଥାନ୍ତି । ସେମାନଙ୍କଠୁଁ ସନ୍ଧାନ ନେଇ ଜାଣିଲି, ବାସ୍ତବିକ ଆଧୁନିକ ଭାରତର ପ୍ରଧାନ ଶିଳ୍ପପତି ପରିବାରର ଏହି ତରୁଣ ଜଣକ ବିପ୍ଳବୀ ମତ ପୋଷଣ କରୁଥିଲେ । ଗାନ୍ଧିଜୀଙ୍କ ପ୍ରଭାବ ପଡ଼ିନଥିଲେ ସେ ସେହି ମତବାଦରେ ହିଁ ସମ୍ଭବତଃ ଅଟଳ ରହିଥାନ୍ତେ ।

ଘନଶ୍ୟାମ ଦାସଜୀଙ୍କୁ ମୁଁ ଧନ୍ୟବାଦ ଜଣାଇ ଚିଠି ଲେଖିଲି । ଆମ ଭିତରେ ଆଦାନ ପ୍ରଦାନ ଚାଲିଲା । ମୋର ଛୋଟ ଛୋଟ ଦୁଇଖଣ୍ଡି ବହି ପଢିବା ପରେ ସେ ମୋତେ ଅପ୍ରତ୍ୟାଶିତ ଭାଷାରେ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଲେଖିଲେ, କୌଣସି ନା କୌଣସି ପ୍ରକାରେ ସେ ମୋର କୌଣସି କାମରେ ସହାୟତା କରିପାରିଲେ ସୁଖୀ ହେବେ ।

ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଆଉ କେଇ ମାସ ପରେ । ଭାରତର ଗଭର୍ଣ୍ଣର ଜେନ୍‌ରାଲ୍ ଲର୍ଡ଼ ମିଣ୍ଟୋ ଏବଂ ଭାରତ ବିଭାଗର ବିଖ୍ୟାତ ମନ୍ତ୍ରୀ ଲର୍ଡ଼ ମାର୍ଲେଙ୍କ ଭିତରେ ଯେଉଁ ଗୋପନ ଚିଠିପତ୍ରର ଆଦାନପ୍ରଦାନ ହୋଇଥିଲା ୧୯୧୦ମସିହା ପର୍ଯ୍ୟନ୍ତ, ସେସବୁ ପଚାଶ ବର୍ଷ ପର୍ଯ୍ୟନ୍ତ ଜଉମୁଦ ବନ୍ଦୀ ହୋଇ ରହିବା ଉତ୍ତାରୁ ଖୋଲା ହେବା କଥା । କିନ୍ତୁ ସେ ଅମୂଲ୍ୟ ଦଲିଲ୍‌ତକ କେଉଁଠି ରହିଛି କେହି ଜାଣିପାରୁନଥିଲେ । ଅବଶେଷରେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ବ୍ୟକ୍ତିଗତ ସଂଗ୍ରହାଳୟରେ ତାହାର ପ୍ରଥମାର୍ଦ୍ଧ ଠାବ ହେଲା । ସେତେବେଳେ ଏ ଲେଖକର ଅଗ୍ରଜ ଐତିହାସିକ ଡ. ମନ୍ମଥ ନାଥ ଦାସ ଲଣ୍ଡନ୍‌ରେ ଥା'ନ୍ତି । ଯେଉଁ ଅଳ୍ପ କେତେଜଣ ଗବେଷକ ସେସବୁ କାଗଜ ପ୍ରଥମେ ଅନୁଧ୍ୟାନ କରିବାର ସୁଯୋଗ ପାଇଲେ, ସେମାନଙ୍କ ଭିତରେ ସେ ସମ୍ଭବତଃ ଅଗ୍ରଣୀ । ସେଇଠି ଥିବା ଅବସ୍ଥାରେ ସେ India under Morley and Minto ନାମକ ବହି ଲେଖିଲେ ଏବଂ ତାହା ସେତେବେଳର ଖ୍ୟାତିମାନ ପ୍ରକାଶନ ସଂସ୍ଥା George Allen and Unwin ପ୍ରକାଶ କଲେ । ମୋର୍ଲେ-ମିଣ୍ଟୋ ଶାସନ କାଳର ଏକ ବିଶେଷ ଦିଗ ଉପରେ ସେ ଦୃଷ୍ଟି ନିବଦ୍ଧ କରିଥିଲେ ବି ପତ୍ରଗୁଚ୍ଛର ଠାଏଁ ଶ୍ରୀଅରବିନ୍ଦ ସ୍ଥାନ ପାଇଥିବାର ଉଲ୍ଲେଖ ଥିଲା । ଭାଇଙ୍କ ବହି ପ୍ରକାଶ ପାଇବା ପରେ ପରେ ଆହୁରି ଏକ ପୃଥୁଳ ଫାଇଲ୍‌ର ଜଉମୁଦ ଭଙ୍ଗ ହୋଇଥାଏ । ମୋର ଧାରଣା ହେଲା, ସେସବୁ ପଢିଲେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଆହୁରି କିଛି ମତାମତ ମିଳିପାରେ ।

ସେତେବେଳେ ଜେରକ୍ସର ପ୍ରଚଳନ ହୋଇନାହିଁ । ମୂଲ୍ୟବାନ ଦଲିଲମାନଙ୍କର ଫଟୋ ନେବାକୁ ହେବ । ତାହା ଅଡୁଆ କାମ । ମୁଁ ଘନଶ୍ୟାମ ଦାସଜୀଙ୍କୁ ଲେଖିଲି, ତାଙ୍କର ଲଣ୍ଡନରେ ବ୍ୟବସାୟ କାର୍ଯ୍ୟାଳୟ ଥିବ । ମୁଁ ଫାଇଲ୍ ସବୁର ବିବରଣୀ ଦେବି । ସେ ତାଙ୍କ କର୍ମଚାରୀ ଜରିଆରେ ସେସବୁର ନକଲ୍ ସଂଗ୍ରହ କରାଇ ପାରିଲେ ତାହା ହିଁ ହେବ ଏକ ମହାନ୍ ସହାୟତା ।

ସେ କାଳ ବିଳମ୍ବ ନକରି ଉତ୍ତର ଦେଲେ : ଏସବୁ କାମ କୌଣସି କର୍ମଚାରୀ ଦ୍ୱାରା ସମ୍ଭବ ନୁହେଁ । ତୁମେ ନିଜେ ଯାଅ । ତମର ଯିବାଆସିବା ବ୍ୟୟ, ସେଠାରେ କାମଦାମ ଶେଷ କରିବା ପର୍ଯ୍ୟନ୍ତ ରହିବା ଓ ଚଳିବାର ଖର୍ଚ୍ଚ ମୁଁ ବହନ କରିବି ।

ଆଜିକାଲି ଭଳି ସେତେବେଳେ ବିଦେଶ ଯିବା ସହଜ ନଥିଲା । ଭାରତର

ବିଦେଶୀ ମୁଦ୍ରା ସଞ୍ଚୟରେ ସଂକଟ ଯୋଗୁଁ ମୁଦ୍ରା ବିନିମୟ ଦିଗରେ ଥିଲା କଠୋର କଟକଣା । ପାର୍ସପୋର୍ଟ, ଭିସା ସବୁକିଛି ଥିଲା ଆୟାସ-ସାପେକ୍ଷ ।



ଶ୍ରୀଅରବିନ୍ଦ

ଘନଶ୍ୟାମ ଦାସଜୀଙ୍କ ପ୍ରସ୍ତାବ ମୁଁ ଶ୍ରୀମାଙ୍କୁ ଜଣାଇଲି । ତାହା ଗ୍ରହଣ କରିବାରେ କୌଣସି ଆପତ୍ତି ରହିବାର କାରଣ ନାହିଁ ବୋଲି ଶ୍ରୀମାଙ୍କଠୁଁ ବାର୍ତ୍ତା ପାଇଲି । ସେକଥା ଘନଶ୍ୟାମ ଦାସଜୀଙ୍କୁ ଜଣାଇ ଦିଅନ୍ତେ ସେ ମୋତେ ବୋମ୍ବେ ଚାଲିଆସିବାକୁ କହିଲେ । ବିଦେଶୀ ମୁଦ୍ରା, ଯିବାଆସିବା ବ୍ୟବସ୍ଥା, ସବୁ ସେ କରିବାକୁ ପ୍ରସ୍ତୁତ ।

କିନ୍ତୁ ଯେମିତି ଯିବା ସମୟ ପାଖେଇ ଆସିଲା, ମନକୁ ବିଚଳିତ କଲା ଏକ ମୌଳିକ ପ୍ରଶ୍ନ - ମୁଁ କାହିଁକି ଲଣ୍ଡନ୍ ଯାଉଛି ? ପ୍ରକୃତ କାରଣ ବିଲାତ ଯିବାର ସୁପ୍ତ ବାସନା - ଯାହା ପରାଧୀନ ଭାରତରେ ଜନ୍ମିତ ବହୁ ବ୍ୟକ୍ତିଙ୍କର ଏକ ସ୍ୱପ୍ନ - ତାହାହିଁ ଚରିତାର୍ଥ କରିବା ନୁହେଁ ତ ? ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ କିଛି ତଥ୍ୟ ପାଇବି, ତା'ର ସ୍ଥିରତା କାହିଁ ? ଖାଲି ଅନ୍ଧାରରେ ବାଡ଼ି ବୁଲାଇବା ଛଡ଼ା ଇଏ ଆଉ କ'ଣ ?

ଏ ଦ୍ୱନ୍ଦ୍ୱ ନିଷ୍କପଟ ଭାବରେ ଶ୍ରୀମାଙ୍କୁ ଲେଖି ଜଣାଇଲି ଏବଂ ଯିବାର କୌଣସି ଯାଥାର୍ଥ୍ୟ ମୁଁ ଦେଖୁନାହିଁ, ଏହା ହିଁ ଲେଖି ଚିଠି ସମାପ୍ତ କଲି । ଶ୍ରୀମା କିନ୍ତୁ ବଡ଼ ଅକ୍ଷରରେ ତା' ଉପରେ ଲେଖିଲେ : "Go, with My Blessings."

ଦୂର ହେଲା ଦ୍ୱନ୍ଦ୍ୱ । ବୋମ୍ବେରେ ପହଞ୍ଚିଲି । ସେଦିନ ଭୀଷଣ ଝଡ଼ ବର୍ଷା ଯୋଗୁଁ ବିଡ଼ଲାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ପହଞ୍ଚିପାରିନଥାନ୍ତି । ଘନଶ୍ୟାମ ଦାସଜୀଙ୍କ ସହ ଦୀର୍ଘସମୟ କଥାବାର୍ତ୍ତାର ଅପ୍ରତିହତ ସୁଯୋଗ ମିଳିଲା । ମୁଁ ତାଙ୍କଠୁଁ ବହୁତ ଶିଖିଲି । ସେ ମୋଠୁଁ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ପର୍କରେ କିଛି ଶୁଣିଲେ । ତାଙ୍କ ଜିଜ୍ଞାସାର ସ୍ତର ଏବଂ ବିନୟବୋଧରୁ ତାଙ୍କ ଜୀବନର ସୂକ୍ଷ୍ମ ଦିଗ ସମ୍ପର୍କରେ ମୋର କିଞ୍ଚିତ ଜ୍ଞାନ ହେଲା ।

ବୋମ୍ବେ ଯାତ୍ରା ପୂର୍ବରୁ ଶ୍ରୀମାଙ୍କୁ ପ୍ରଣାମ କରିବାକୁ ଯାଇଥାଏଁ । ସେ ପ୍ରଶ୍ନ କଲେ, ମୁଁ କେତେଦିନ ବାହାରେ ରହିବି ? ମୁଁ ଉତ୍ତର ଦେଲି - ସମ୍ଭବତଃ ଛଅମାସ !

"ଛଅମାସ ?" ସେ ପ୍ରଶ୍ନଟି କଲେ ଏପରି କଣ୍ଠରେ, ବୁଝିଲି ମୁଁ ଯଥାଶୀଘ୍ର ସମ୍ଭବ ଲେଉଟି ଆସିବାର ନିର୍ଦ୍ଦେଶ ତହିଁରେ ନିହିତ ।

ପୁନର୍ବାର ପ୍ରଣାମ କରି କହିଲି, "ମା, ଯେତେ ସହଜ ସମ୍ଭବ ଫେରିଆସିବି ।" ତାଙ୍କର ସେ କଲ୍ୟାଣମୟ ସ୍ମିତହସ ସ୍ମୃତିରେ ମୋର ମହତ୍ତମ ସମ୍ପଦ । ସେଇ ମୁହୂର୍ତ୍ତରେ ସିଦ୍ଧାନ୍ତ ନେଲି, ତିନିମାସରୁ ଦିନଟିଏ ଅଧିକ ରହିବି ନାହିଁ ।


ଘନଶ୍ୟାମ ଦାସଜୀ ପଚାରିଲେ ମୋର କେତେ ପ୍ରୟୋଜନ । ସେ ସମ୍ଭବତଃ ବିଦେଶୀ ମୁଦ୍ରା ଦେବାର ବ୍ୟବସ୍ଥା କରିଥିଲେ । ମୁଁ ଜଣାଇଲି, ମୋର ଲୋଡ଼ା ଏକ ଯିବାଆସିବା ଟିକେଟ ତଥା ତିନିମାସ ପାଇଁ ଖର୍ଚ୍ଚ ଟ୍ରାଭ୍‌ଲର୍ସ୍ ଚେକ୍ ଆକାରରେ । Indian YMCA ରେ, ଭାରତ ସରକାରଙ୍କ ଶିକ୍ଷା ସଚିବଙ୍କ ସୁପାରିସ୍ କ୍ରମେ, ମୋତେ ଅଳ୍ପ ଖର୍ଚ୍ଚରେ ରହିବାର ଅନୁମତି ମିଳିସାରିଥିଲା । ମୁଁ ସେ ପରିମାଣ କହିଲି ।

"ନା ନା, ଏତେ କମ୍‌ରେ ହେବ ନାହିଁ ।" - "ସେ କହିଲେ । ମୁଁ ତାଙ୍କୁ ଜବାବ୍ ଦେଲି, ଅଧିକ ପ୍ରୟୋଜନ ହେବା ମାତ୍ରେ ମୁଁ ତାଙ୍କୁ ଜଣାଇବି । ସେ କୁଣ୍ଠିତ ଭାବରେ ସମ୍ମତ ହେଲେ । ସେ ବାସ୍ତବରେ ମୋତେ ଯଥେଷ୍ଟ ଅଧିକ ଦେବାକୁ ଚାହୁଁଥିଲେ - ମୋର କିନ୍ତୁ ଅଧିକ ପ୍ରୟୋଜନ ହୋଇନାହିଁ ।

ଲଣ୍ଡନରେ ପହଞ୍ଚିବାର କେଇଦିନ ଭିତରେ ମୋର ହୃଦ୍‌ବୋଧ ହେଲା, ମୁଁ ଯେତିକି ପାଇବାର ଆଶା କରୁଥିଲି, ତାହାଠୁଁ ବହୁ ଅଧିକ ପାଉଛି । ମୋର୍ଲେ, ମିଣ୍ଟୋ ଚିଠିପତ୍ରରେ ତ ଶ୍ରୀଅରବିନ୍ଦଙ୍କର ଅନନ୍ୟ ଚିତ୍ର ମିଳେ, କିନ୍ତୁ ଯାହା ମୋତେ ସବୁଠାରୁ ବିସ୍ମିତ ଓ ଅଭିଭୂତ କଲା, ତାହା House of Commons ରେ ଶ୍ରୀଅରବିନ୍ଦଙ୍କୁ ନେଇ ବିତର୍କ ।


ସେତେବେଳେ ପ୍ରଧାନମନ୍ତ୍ରୀ ଲର୍ଡ଼ ଆସ୍‌କୁଇଥ୍ । ତାଙ୍କ Liberal Party (ବର୍ତ୍ତମାନ ଲୁପ୍ତ) ନବଗଠିତ ଶ୍ରମିକ ଦଳର ସମର୍ଥନରେ ସରକାର ଗଢିଥାଏ । ଶ୍ରମିକଦଳର ନେତା ହେଲେ ବ୍ରିଟିଶ୍ ଇତିହାସର ସ୍ୱନାମଧନ୍ୟ ରାଷ୍ଟ୍ରପୁରୁଷ ରାମସେ ମ୍ୟାକ୍‌ଡ଼ୋନାଲଡ଼୍ । ପରବର୍ତ୍ତୀ କାଳରେ ହେଲେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ । (ଶ୍ରମିକଦଳ ଗଠିତ ପ୍ରଥମ ସରକାରର ମୁଖ୍ୟ ।)

ଅବଶ୍ୟ ଶ୍ରୀଅରବିନ୍ଦଙ୍କ ନାମ ଏହା ପୂର୍ବରୁ ବି ପାର୍ଲିଆମେଣ୍ଟରେ ଉଠୁଥାଏ ।



ଏଡ୍‌ୱିନ୍ ମଣ୍ଟେଗୁ

ଉଦାହରଣ ସ୍ୱରୂପ, ୧୯୦୯ ଅଗଷ୍ଟ ୫ତାରିଖରେ ଜେ.ଡି.ରିସ୍ ଶ୍ରୀଅରବିନ୍ଦଙ୍କୁ ନିର୍ବାସିତ କରିବା ପାଇଁ ଦାବି ଜଣାଇଥାନ୍ତି । ତାଙ୍କ ମତ ହେଲା ବିନାବିଚାରରେ ଦେଶାନ୍ତର ଯଦିଓ ଅନୁଚିତ, ତଥାପି ସ୍ଥାନ ବିଶେଷରେ ସେଭଳି ପଦକ୍ଷେପ କାମ୍ୟ । "ପ୍ରାଚ୍ୟର ଜନସାଧାରଣଙ୍କୁ ବୁଝାଇ ଦେବାକୁ ପଡିବ ଯେ ସେମାନଙ୍କ ଶାସକମାନେ ଶକ୍ତିବାନ୍ ଏବଂ ଗମ୍ଭୀର ଓ ସଙ୍କଟ କାଳରେ ସେ ଶକ୍ତି ଏକଚ୍ଛତ୍ରବାଦୀ ରୀତିରେ ପ୍ରୟୋଗ କରିବାକୁ ହକ୍‌ଦାର ।"


ରାମ୍‌ସେ ମ୍ୟାକ୍‌ଡୋନାଲଡ୍

କିନ୍ତୁ ଶ୍ରୀଅରବିନ୍ଦଙ୍କ ପ୍ରତି ସମ୍ମାନ ପୋଷଣ କରୁଥିଲେ ତତ୍‌କାଳୀନ ବ୍ରିଟେନ୍‌ର ବିଶିଷ୍ଟ ବ୍ୟକ୍ତିବର୍ଗ । ଶ୍ରୀଅରବିନ୍ଦଙ୍କର କେତୋଟି ଭାଷଣର ପୁନଃ ମୁଦ୍ରଣ କରିଥିବା ଯୋଗୁଁ ସାମ୍ବାଦିକ ଶ୍ରୀଯୁକ୍ତ କୋଲ୍‌ହାଟକର୍‌ଙ୍କୁ କାରାଦଣ୍ଡ ଦିଆଯାଇଥିବା ସଂବାଦରେ ସାର୍ ହେନ୍‌ରୀ କଟନ୍‌ଙ୍କ ତରଫରୁ ଶ୍ରମିକ ଦଳର ପ୍ରତିଷ୍ଠାତା କିର୍ ହାର୍ଡ଼ି ଶାସକ ପକ୍ଷକୁ ଏହି ପ୍ରଶ୍ନ କଲେ : ଶ୍ରୀଅରବିନ୍ଦଙ୍କର ସେ ସମସ୍ତ ଭାଷଣ ଆଲିପୁର ଷଡଯନ୍ତ୍ର ମାମ୍‌ଲା ବେଳେ ବିଚାରାଳୟରେ ଉପସ୍ଥାପନ କରାଯାଇଥିଲା । ବିଚାରାଳୟ ସେସବୁ ଦେଶର ପୁନର୍ଜାଗରଣ ପାଇଁ ଆହ୍ୱାନ ଏବଂ ସେଥିରେ ରାଜଦ୍ରୋହର ପ୍ରମାଣ ନାହିଁ - ଏହି ରାୟ ଦେବା ସତ୍ତ୍ୱେ କୋଲାହାଟକାର୍‌ଙ୍କୁ କେଉଁ ବିବେକରେ କାରାରୁଦ୍ଧ କରି ରଖାଯାଇଛି ?

ତେବେ ଅସଲ ବିତର୍କ ଆରମ୍ଭ ହେଲା ୭ ଏପ୍ରିଲ ୧୯୧୦ରେ । ରାମସେ ମ୍ୟାକ୍‌ଡୋନାଲଡ୍ ପ୍ରଶ୍ନ କଲେ, "ଆଜିର 'ଟାଇମସ୍'ରେ ପ୍ରକାଶିତ ସମ୍ବାଦ, 'କର୍ମଯୋଗୀନ୍' ପତ୍ରିକାର ୨୫ ଡିସେମ୍ବର ସଂଖ୍ୟାରେ ଶ୍ରୀଅରବିନ୍ଦ ଘୋଷଙ୍କ ଲିଖିତ ଏକ ନିବନ୍ଧ ସକାଶେ ତାଙ୍କ ନାମରେ ଗିରଫ୍ ପରୁଆନା ଜାରିହେବା ସମ୍ପର୍କରେ ସକାର ଅବହିତ କି ? ସେ ପତ୍ରିକାର ଖଣ୍ଡିଏ କପି ଆମମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯିବ କି ?"

ଅଣ୍ଡର୍ - ସେକ୍ରେଟାରୀ ଅଫ ଷ୍ଟେଟ୍ ମଣ୍ଟେଗୁଙ୍କ ଉତ୍ତର : "ସେକ୍ରେଟାରୀ ଅଫ୍ ଷ୍ଟେଟ୍ ସେ ସମ୍ବାଦ ପଢିଛନ୍ତି । କିନ୍ତୁ ସେ ସମ୍ପର୍କରେ କୌଣସି ଆନୁଷ୍ଠାନିକ ବାର୍ତ୍ତା ପହଞ୍ଚିନାହିଁ । ସବିଶେଷ ନିମନ୍ତେ ଭାରତକୁ ଟେଲିଗ୍ରାମ୍ କରାଯାଇଛି ।"

ଏକ ସପ୍ତାହ ପରେ ରାମ୍‌ସେ ମ୍ୟାକ୍‌ଡୋନାଲଡ୍ (୧୪ ଏପ୍ରିଲ୍‌ରେ) ପୁନର୍ବାର ସେ ପ୍ରଶ୍ନ ଉତ୍ଥାପନ କଲେ ଏବଂ ପଚାରିଲେ, "ଖାଲି ଶ୍ରୀଅରବିନ୍ଦ ଘୋଷଙ୍କ ବିରୁଦ୍ଧରେ ନୁହେଁ, ସେ ପତ୍ରିକାର ପ୍ରକାଶକ ବିରୁଦ୍ଧରେ ମଧ୍ୟ ପରୁଆନା ଜାରି ହୋଇଥିବା ସତ କି ? ସେ ପତ୍ରିକାର କପି ଆମମାନଙ୍କୁ ଯୋଗାଇ ଦିଆଯାଇପାରିବ କି ?"

ଶ୍ରୀଅରବିନ୍ଦଙ୍କ ନାମ ଶୁଣିଲେ ଛେଙ୍କା ଲାଗିଯିବା ପ୍ରାୟେ ଆଚରଣ କରୁଥିବା ଜଣେ ମାନ୍ୟବର ସଭ୍ୟ 'ରିସ୍' ରାମ୍‌ସେ ମ୍ୟାକ୍‌ଡ଼େନୋଲଡ୍‌ଙ୍କୁ ଅପମାନିତ କରି କିଛି କହିଲେ । ସେ ଭଦ୍ରଲୋକଙ୍କୁ ଉପଯୁକ୍ତ ଜବାବ ଦେଲେ ରାମ୍‌ସେ । 'ରିସ୍' ମହାଶୟ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କଲେ ।

ଅଣ୍ଡର୍‌ସେକ୍ରେଟାରୀ ବିଶଦ ଭାବରେ ବୁଝାଇଲେ କାହିଁକି ଭାରତରୁ ସର୍ବଶେଷ ସମ୍ବାଦ ପହଞ୍ଚିବାରେ ତଥା 'କର୍ମଯୋଗୀନ'ର କପି ମିଳିବାରେ ବିଳମ୍ବ ଘଟୁଛି । ସେ

ଧୈର୍ଯ୍ୟ ଧାରଣ ନିମନ୍ତେ ନିବେଦନ ଜଣାଇଲେ ।

ପୁନର୍ବାର ଦଣ୍ଡାୟମାନ ହେଲେ ଉଦ୍ଧ୍ୟକ୍ତ ସାଂସଦ ରିସ୍ । ସେ ପ୍ରଶ୍ନ କଲେ : "ଏବେ ବି ରହିଥିବା (Still Surviving) ଅରବିନ୍ଦ ଘୋଷଙ୍କ ଲେଖା 'ମୋର ଶେଷ ସଂକଳ୍ପ ଏବଂ ଘୋଷଣାପତ୍ର' (My Last will and Testament) ର କିଛି କପି ଆମମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠାଗାରରେ ରଖାଯିବ କି ? ତାଙ୍କ ଲେଖା ଏ ରଚନା ତଥା ସମ୍ବାଦପତ୍ରରେ ତାଙ୍କର ଅସଂଖ୍ୟ ଲେଖା ବ୍ରିଟିଶ୍ ଶାସନ ଓ ବ୍ରିଟିଶ୍ ଶାସକମାନଙ୍କ ପ୍ରତି ଶତ୍ରୁତାମୂଳକ ତଥା ରାଜଦ୍ରୋହମୂଳକ ନୁହେଁ କି ?"

ମି.ମଣ୍ଟେଗୁ : "ଆପଣଙ୍କ ଅନୁରୋଧ ରକ୍ଷାକରିବା ସେକ୍ରେଟାରୀ ଅଫ୍ ଷ୍ଟେଟ୍ଙ୍କ ପକ୍ଷରେ ସମ୍ଭବପର ନୁହେଁ । ଆପଣ ସେସବୁ ଲେଖାର ଯେଭଳି ବର୍ଣ୍ଣନା ଦେଉଛନ୍ତି, ତାହା ମଧ୍ୟ ସେ ସମର୍ଥନ କରିବାକୁ ଅକ୍ଷମ - କାରଣ ତାହା ବିଚାର ପରିସରର ଅନ୍ତର୍ଭୁକ୍ତ ।"


ରାମ୍ସେ ତାଙ୍କ ପ୍ରଶ୍ନର ପୁନରାବୃତ୍ତିର କଲେ ୨୬ ଏପ୍ରିଲ୍ରେ ଏବଂ ପୁନର୍ବାର ୨୮ ଏପ୍ରିଲ୍ରେ । ଅଣ୍ଡର୍ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଅପେକ୍ଷାକୃତ ଦୀର୍ଘ ବିବୃତିରେ ବୁଝାଇଲେ କି ଭାରତୀୟ ପେନାଲ୍ କୋଡ୍ର ୧୨୪ (କ) ଧାରା ଅନୁସାରେ ଶ୍ରୀ ଘୋଷଙ୍କ ବିରୁଦ୍ଧରେ ଅଭିଯୋଗ ଆନୀତ ହୋଇଛି । ସମଗ୍ର ବିବରଣୀ ଲଣ୍ଡନରେ ପହଞ୍ଚି ନାହିଁ । ଶ୍ରୀ ଘୋଷଙ୍କ ଲେଖା ଏଠାରେ ସମସ୍ତଙ୍କୁ ପଢାଇବା ଏବଂ ଆଲୋଚନା କରିବାର ଅର୍ଥ ଭାରତର ବିଚାର ପଦ୍ଧତିକୁ ପ୍ରଭାବିତ କରିବା । ତାହା ଅନୁଚିତ ।

ପ୍ରତିବାଦ କଲେ ରାମ୍ସେ । ସେ କହିଲେ, ସେ ଏତେ ଥର ଏ ପ୍ରଶ୍ନ ଉପରେ ଉତ୍କଣ୍ଠା ପ୍ରକାଶ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସରକାର ତାଙ୍କୁ ଖାଲି ଅଭିଯୋଗର ଧାରାଟି ମାତ୍ର ଜଣାଇପାରୁଛନ୍ତି । ଶ୍ରୀ ଘୋଷଙ୍କ ଲେଖାଟି ଉପସ୍ଥାପନ କରିବାକୁ ସେ କହୁଛନ୍ତି ମାନ୍ୟବର ସଭ୍ୟଗଣଙ୍କ ଅବଗତି ନିମନ୍ତେ । ବିଚାରପଦ୍ଧତିକୁ ପ୍ରଭାବିତ କରିବାର ପ୍ରଶ୍ନ କାହୁଁ ଉଠୁଛି ?

ତା'ପରେ ସେ କହିଲେ, "ସାଧାରଣ ଡାକରେ ହିଁ ଗତ ତିନି ସପ୍ତାହ ଭିତରେ ମୁଁ ଯେତେଖଣ୍ଡି ଭାରତୀୟ ସଂବାଦପତ୍ର ପାଇଲିଣି, ପ୍ରତ୍ୟେକେ ଲେଖୁଛନ୍ତି ଶ୍ରୀଅରବିନ୍ଦ ଘୋଷ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିଛନ୍ତି । ସେ ବିଷୟଟି ଉପରେ କୌଣସି ସମ୍ବାଦ ପରିବେଷଣରେ ପାର୍ଥକ୍ୟ ନାହିଁ । ଏହା ସମ୍ପୂର୍ଣ୍ଣ ଉତ୍ତମ ରୂପେ ଜଣା କି ସେ ଆମେ ଯାହାକୁ ସାମାଜିକ ଜୀବନଧାରା କହୁଁ, ସେଥିରୁ ସ୍ଥୁଳ ଅବ୍ୟାହିତ ନେଇଛନ୍ତି । ପୃଥିବୀର ଜଞ୍ଜାଳ ଓ ଯନ୍ତ୍ରଣାରୁ ଦୂରରେ ସେ ଚିରନ୍ତନ ସହ ଏକ ଶାନ୍ତି ସନ୍ଧି ସ୍ଥାପନ କରିଛନ୍ତି । ତାଙ୍କର ଏ ପଦକ୍ଷେପ ସର୍ବଜନବିଦିତ । ତଥାପି ତାଙ୍କ ନାମରେ ପରୁଆନା ଜାରିରହିଛି ଏବଂ 'ଟାଇମସ୍' ପରିବେଷିତ ସମ୍ବାଦ ଅନୁସାରେ ତାହା ତାଙ୍କୁ ଦିଆଯାଇ ପାରିଲା ନାହିଁ । ସେ ସମ୍ପର୍କରେ କିଛି କାମ ହୋଇ ନାହିଁ ।"

ରାମ୍‌ସେ ମ୍ୟାକ୍‌ଡୋନାଲଡ୍‌ଙ୍କ ଦୀର୍ଘ ବିବୃତି ଭିତରେ ଦୁଇ ଦୁଇ ଥର ମି.ରିସ୍ ବାଧାଦେବାର ଚେଷ୍ଟା କରି ରାମ୍‌ସେଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଚୁପ୍ ହେଲେ ।

ତା'ପରେ ରାମ୍‌ସେ ଶ୍ରୀଅରବିନ୍ଦଙ୍କ ଜୀବନ ଉପରେ ତାଙ୍କ ନିଜ ଧାରଣା ଅନୁସାରେ ଆଲୋକପାତ କଲେ ଏହି ପ୍ରକାରେ :



କର୍ମଯୋଗୀନ ପୁସ୍ତକର ପ୍ରଚ୍ଛଦ

"ଶ୍ରୀଅରବିନ୍ଦ ଘୋଷ ବାସ୍ତବରେ ଜଣେ ଇଂରେଜ୍... ଯେତେବେଳେ ସେ ଶିଶୁ, ସେତେବେଳେ ସେ ଏ ଦେଶକୁ ଆନୀତ ହେଲେ ଏବଂ ମ୍ୟାଞ୍ଚେଷ୍ଟରଠାରେ ଅଧ୍ୟୟନ ଆରମ୍ଭ କଲେ । ମ୍ୟାଞ୍ଚେଷ୍ଟରରୁ ସେ ଆସିଲେ ସେଣ୍ଟ୍‌ପଲକୁ । ସେଠାରୁ ଗଲେ କ୍ୟାମ୍ବ୍ରିଜ୍ । ସେ ଆଇ.ସି.ଏସ୍.ରେ ଉତ୍ତୀର୍ଣ୍ଣ ହେଲେ, କିନ୍ତୁ ଘୋଡ଼ା ଚଢିଲେ ନାହିଁ ବୋଲି ବାଦ୍ ପଡ଼ିଗଲେ । ସେ ଗଲେ ବରୋଦା । ଗାଏକୱାଡ଼୍ ଦେଲେ ତାଙ୍କ ଶିକ୍ଷାନୁଷ୍ଠାନରେ ନିଯୁକ୍ତି । ଯିଏ ବରୋଦା ଯାଇଥିବ ଏବଂ ସେ ଆଦର୍ଶ ଶିକ୍ଷାନୁଷ୍ଠାନ ଦେଖିଥିବ, ସେ ଚୂଡ଼ାନ୍ତ ସନ୍ତୋଷ ନେଇ ଫେରିବ ।"

ତା'ପରେ ରାମ୍‌ସେ ମ୍ୟାକ୍‌ଡୋନାଲଡ୍ ଶ୍ରୀଅରବିନ୍ଦଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ଉପରେ ବିଶଦ ବିବରଣୀ ଦେଲେ ଏବଂ ସେ ଯେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରିଥିଲେ, ସେକଥା ମଧ୍ୟ ପ୍ରକାଶ କଲେ । ଶ୍ରୀଅରବିନ୍ଦ ତାଙ୍କୁ କହିଥିଲେ କି ସେ ଅଧିକ ଦିନ ରାଜନୀତି କ୍ଷେତ୍ରରେ ରହିବେ ନାହି । ତାଙ୍କ ଆଭିମୁଖ୍ୟ ଭିନ୍ନ । ରାମ୍‌ସେ ଯେ ଶ୍ରୀଅରବିନ୍ଦଙ୍କ ସାକ୍ଷାତରେ ତାଙ୍କ ଦ୍ୱାରା ବିପୁଳ ପ୍ରଭାବିତ ହୋଇଥିଲେ, ଏଥିରେ ସନ୍ଦେହ ନାହିଁ । ସେ ଶ୍ରୀଅରବିନ୍ଦଙ୍କୁ ବିଶ୍ୱାସ କରୁଥିଲେ । ତେଣୁ ସେ କ୍ଷୋଭ ପ୍ରକାଶ କରି କହିଲେ, "ଯେତେବେଳେ ସତକୁ ସତ ଶ୍ରୀଅରବିନ୍ଦ ଘୋଷ ରାଜନୀତିରୁ ବିଦାୟ ନେଲେ, ସେତେବେଳେ ସରକାର ତାଙ୍କୁ ଏକ ଗଭୀର ରାଜନୈତିକ ଷଡ଼ଯନ୍ତ୍ର ବୋଲି ବିଚାର କରୁଛନ୍ତି - ସେହି ସକାଶେ ଏ ଗିରଫ୍ ପରୁଆନା - ତାହାହିଁ ମୋର ବିଶ୍ୱାସ ।"

ଏହାପରେ ରାମ୍‌ସେ ଯାହା କଲେ, ସେଥିରେ ସଭିଏଁ ଚମତ୍କୃତ ହୋଇଥିବେ । "ମୋର ମାନ୍ୟବର ବନ୍ଧୁ 'କର୍ମଯୋଗୀନ୍' ଖଣ୍ଡିଏ ଦେଖାଇ ପାରିଲେ ନାହିଁ - ହେଇଟି ସେ ପତ୍ରିକା ।"

ରାମ୍‌ସେ 'କର୍ମଯୋଗୀନ' ଦେଖାଇଲେ ଓ କହିଲେ, 'ଯେଉଁ ଲେଖା ଉପରେ ଏତେ କଥା ହୋଇଗଲାଣି, ସେ ଗୋଟିକ ମୁଁ ପୂରା ପଢୁ ନାହିଁ । କେବଳ ଅଂଶ ବିଶେଷ ପଢୁଛି ।"

ପଢୁଁ ପଢୁଁ ସେ କହିଲେ ଯେ ଶ୍ରୀଅରବିନ୍ଦ ଯେଉଁ ଜାତୀୟତାରେ

ଭାରତୀୟମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ଚାହୁଁଛନ୍ତି, ତାହାହିଁ ଶାନ୍ତିର ଏକମାତ୍ର ପ୍ରତିଶ୍ରୁତି । ସରକାର ଅଧୈର୍ଯ୍ୟ ହୋଇ ତାକୁ ଦମନ କଲାଭଳି ଭୁଲ ପଦକ୍ଷେପ ନେଉଥିବା ଯୋଗୁଁ ହିଁ ହିଂସାଚାର ଦେଖାଦେଉଛି ।

ମଞ୍ଚରେ ଜେ.କିଙ୍ଗ୍ ନାମକ ଜଣେ ମାନ୍ୟବର ସଭ୍ୟ ରାମ୍‌ସେ ମ୍ୟାକ୍‌ଡୋନାଲ୍‌ଡ୍‌ଙ୍କୁ ପ୍ରଶ୍ନ କଲେ, "ଶ୍ରୀଅରବିନ୍ଦ ଘୋଷ ବେଙ୍ଗଲି । ଏ ଲେଖା ବଙ୍ଗଳାରେ ଲେଖା ନୁହେଁ କି ?"

ରାମ୍‌ସେ : "ଏ ଲେଖା ଚମତ୍କାର (Most excellent) ଇଂରାଜୀରେ ଲେଖା । ଗୋଟାଏ ବି ବଙ୍ଗଳା ବାକ୍ୟ ନାହିଁ । ଶ୍ରୀଅରବିନ୍ଦ ଘୋଷଙ୍କ ବଙ୍ଗଳା ଲେଖା ଶକ୍ତି ମୋର ବଙ୍ଗଳା ଲେଖା ଶକ୍ତି ଠୁଁ ଅଧିକ ନୁହେଁ ।"

ଏଥି ଅନ୍ତେ ରାମ୍‌ସେ ସରକାରଙ୍କୁ ଏହି ମର୍ମରେ ଦେଲେ ଚେତାବନୀ - ଯଦି ଶାସନ ସଂସ୍ଥା ଉଦାର ନ ହୁଏ ଏବଂ ଶ୍ରୀଅରବିନ୍ଦଙ୍କ ଭଳି ବ୍ୟକ୍ତିଙ୍କ ଭୂମିକା ଓ ଆବେଦନକୁ ବୁଝି ନପାରେ, ତେବେ ଭବିଷ୍ୟତ ଅନ୍ଧକାର ।

ଏହାପରେ ଆସିଲା ଶ୍ରମିକଦଳର ଅବିସ୍ମରଣୀୟ ପ୍ରତିଷ୍ଠାତା କିର୍ ହାର୍ଡିଙ୍କ ପାଳି । ସେ ଆଲିପୁର ମାମ୍‌ଲାର ବିଚାରକଙ୍କ ରାୟରୁ କିଛି କିଛି ଅଂଶ ଉଦ୍ଧାର କଲେ । ଯଥା, ଶ୍ରୀଅରବିନ୍ଦ ହେଲେ "ଏଭଳି ଏକ ବ୍ୟକ୍ତି ଯାହାଙ୍କୁ ସାରା ଦେଶ ଅସାଧାରଣ ମାତ୍ରାରେ ଭଲ ପାଏ ।" (A man who seems to have an extraordinary hold over the affections of his countrymen).

ଏ ବିତର୍କ ଚାଲିଲା ଦୀର୍ଘ ସମୟ । ଏଠାରେ ସମଗ୍ର ବିବରଣୀ ଉଦ୍ଧାର କରିବା ସମ୍ଭବ ନୁହେଁ । ଇତିହାସ ଦୃଷ୍ଟିରୁ ତାହା ଯେପରି ଗୁରୁତ୍ୱପୂର୍ଣ୍ଣ, ରାମ୍‌ସେ, କିର୍ ହାର୍ଡି ପ୍ରମୁଖଙ୍କର ଶ୍ରୀଅରବିନ୍ଦଙ୍କ ଉପରେ ସଶ୍ରଦ୍ଧ ଧାରଣା ଦୃଷ୍ଟିରୁ ତାହା ସେହିପରି ତାତ୍ପର୍ଯ୍ୟପୂର୍ଣ୍ଣ । ମନେହୁଏ ନେଭିନ୍‌ସନ୍‌ଙ୍କ ଭଳି ସାମ୍ବାଦିକଙ୍କଠୁଁ ଆରମ୍ଭ କରି ରାମ୍‌ସେ ମ୍ୟାକ୍‌ଡୋନାଲ୍‌ଡଙ୍କ ପର୍ଯ୍ୟନ୍ତ ରାଜନୀତିଜ୍ଞ, ଯିଏ ଥରେ ଶ୍ରୀଅରବିନ୍ଦଙ୍କୁ ସେ ଯୁଗରେ ଭେଟିଛନ୍ତି, ସେ ଶ୍ରଦ୍ଧାପ୍ଲୁତ ଅନୁଭବ କରିଛନ୍ତି ।

୧୯୧୧ ମସିହା ୨୧ ଫେବୃଆରୀରେ ଆମେ ଏ ସମ୍ପର୍କରେ ବିଟ୍ରିଶ୍ ହାଉସ୍ ଅଫ୍ କମନସ୍‌ରେ ଶେଷ ଥର ପାଇଁ ହୋଇଥିବା ପ୍ରଶ୍ନୋତ୍ତର ପଢିବାକୁ ପାଉ । ପ୍ରଶ୍ନକର୍ତ୍ତା ହେଲେ ସାଂସଦ ଓ ଗ୍ରାଡି ।

ଶ୍ରୀ ଓ ଗ୍ରାଡି : "ଏହା ସତ୍ୟ କି "କର୍ମଯୋଗୀନ"ର ପ୍ରକାଶକ ଶ୍ରୀଅରବିନ୍ଦ ଘୋଷଙ୍କର ଏକ ଲେଖା ପ୍ରକାଶ କରିଥିବା ଯୋଗୁଁ ଦୋଷୀ ବୋଲି ଗଣ୍ୟ ହୋଇଥିଲେ, ଯେଉଁ ଲେଖା ପାଇଁ ଶ୍ରୀଘୋଷଙ୍କ ବିରୁଦ୍ଧରେ ପରୁଆନା ଜାରି ହୋଇଥିଲା ? ଏହା ସତ କି

ପ୍ରକାଶକ ଖଲାସ ହେଲେ ଯେହେତୁ ସେ ଲେଖାରେ କୌଣସି ରାଜଦ୍ରୋହମୂଳକ ଭାବ ନଥିଲା ? ଏହା ସତ କି ସରକାର ସେ ଲେଖାକୁ ଭିତ୍ତିକରି ଯେଉଁସବୁ ପରୁଆନା ବାହାରିଥିଲା ସେସବୁ ପ୍ରତ୍ୟାହାର କରିନେଇଛନ୍ତି ?"


ଶ୍ରୀ ମଣ୍ଟାଗୁ : "ମାନ୍ୟବର ବନ୍ଧୁଙ୍କ ପ୍ରଥମ ପ୍ରଶ୍ନର ଉତ୍ତର – ହଁ । ଦ୍ୱିତୀୟ ପ୍ରଶ୍ନର ଉତ୍ତର – ହଁ । ତୃତୀୟ ପ୍ରଶ୍ନର ଉତ୍ତର – ହଁ ।"

ବ୍ରିଟିଶ୍ ପାର୍ଲିଆମେଣ୍ଟ୍‌ରେ ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଐତିହାସିକ ବିତର୍କ ଉପରେ କୌଣସି ଭାରତୀୟ ଲେଖକ, ଇତିହାସ୍‌ବିତ୍ ଆଲୋକପାତ କରି ନଥିବା ବିସ୍ମୟ ତଥା କ୍ଷୋଭର କଥା । ସ୍ୱାଧୀନତା ସଂଗ୍ରାମର ଗାନ୍ଧି ଯୁଗ ଉପରେ ବିପୁଳ ଚର୍ଚ୍ଚା ହୋଇଛି; କିନ୍ତୁ ସଂଗ୍ରାମର ଆଦ୍ୟ ତଥା ବଳିଷ୍ଠ ଭୂମିକା ଉପରେ ଆମ ସମୟର ଐତିହାସିକମାନେ ଅଜ୍ଞତାର ପରିଚୟ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ଯାହାହେଉ, ଲଣ୍ଡନ୍‌ରେ Old India Office Library ରେ ବସି ଏସବୁ ବିବରଣୀ ଟିପିନେବା ବେଳେ ଏକ ସାପ୍ତାହିକ ପତ୍ରିକାରେ ପ୍ରକାଶିତ ଲେଖାଟିଏ କେମିତି ମୋତେ ସେ ଅପୂର୍ବ ସନ୍ତୋଷଜନକ କର୍ମ ଭିତରକୁ ଟାଣିଆଣିଲା, ତାହା ଭାବି ଚମତ୍‌କୃତ ହେଉଥାଏଁ । କେହି ଜଣେ କହିଛନ୍ତି : ଯୋଗାଯୋଗ ହେଲା ଭଗବାନଙ୍କର ହିଁ ଏକ ଛଦ୍ମନାମ । ସେ ଯେତେବେଳେ ସନ୍ତକ ଦେବାକୁ ଚାହାନ୍ତି ନାହିଁ, ସେତେବେଳେ ସେ ଛଦ୍ମନାମଟିକୁ ବ୍ୟବହାର କରନ୍ତି । (Chance is the Pseudonym of God which he uses when He does not wish to put down his signature.)

(ମନୋଜ ସୃଜନୀସମଗ୍ର – ସପ୍ତମଖଣ୍ଡରୁ ସଂଗୃହୀତ)


ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କତିପୟ ଇଂରେଜଙ୍କ ଭୂମିକା



ଡ. ବ୍ରଜମୋହନ ମିଶ୍ର


“ ୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଅନ୍ତରାଳରେ ଏହାର ଜାଗ୍ରତ ସନ୍ତାନମାନଙ୍କର ଥିଲା ନିରବଚ୍ଛିନ୍ନ ସଂଗ୍ରାମ । ହେଲେ ଏ ଦିଗରେ ଯେଉଁ କତିପୟ ମହାମନା ଇଂରେଜ ଶାସକଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ସଦିଚ୍ଛା, ସାହାଯ୍ୟ, ସମର୍ଥନ ପରିଦୃଷ୍ଟ, ସେମାନଙ୍କ ସମ୍ବନ୍ଧରେ ସେପରି ବିଶ୍ଳେଷଣ କରାଯାଇନାହିଁ । ”

“ଏଇ ଉତ୍କଳ ଦିନେ ଉଠିଥିଲା ଭାରତେ / ସରଗର ସୁଖଶିରୀ ଲଭିଥିଲା ମରତେ / ଏଇ ମହାନଦୀ ପାଣି/ ଗାଉଥିଲା ଜୟବାଣୀ / ଉନ୍ମାଦେ ତାଳଦେଇ ନାଚୁଥିଲା ଚିଲିକା / ଢ଼େଉ ମେଲି ମେଲିକା”-କବି କଣ୍ଠରୁ ନିଃସୃତ ପ୍ରାଚୀନ ଉତ୍କଳର ଏଇ ଉତ୍କର୍ଷ ଯେତିକି ଉତ୍ଫୁଲ୍ଲ କରାଏ ସେତିକି ହତବାକ୍ କରାଏ ଓଡ଼ିଆମାନଙ୍କୁ । ଏହା ସହ ଯେତେବେଳେ ଆମ୍ଭେମାନେ ପ୍ରାଚୀନ ଉତ୍କଳର ଅନ୍ୟ ଅନେକ ଯଶୋଗାନ ଶୁଣୁ ଆମ୍ଭେମାନେ ମଧ୍ୟ ଅନୁରୂପ ଅନୁଭୂତିଲାଭ କରୁ-ଯଥା - “ବର୍ଷାଣାଂ ଭାରତଃଶ୍ରେଷ୍ଠା ଦେଶାନାମୁତ୍କଳଃ ଶୁଭଃ, / ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ (କପିଳସଂହିତା); ତତ୍ରାସ୍ତେ ଭାରତବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ / ଉତ୍ତ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷ ପ୍ରଦାୟକ (ବ୍ରହ୍ମାଣ୍ଡ


କର୍ମବୀର ଗୌରୀଶଙ୍କର

ପୁରାଣ)"। ଉତ୍କଳର ବିସ୍ତୃତି ସହ ତାର ପ୍ରାକୃତିକ ସୁଷମା ଓ ଆଧ୍ୟାତ୍ମିକ ଗୌରବ ଏପରି ମନ୍ତବ୍ୟର ଅନ୍ୟତମ ହେତୁ। ସେଇଥିପାଇଁ ଡ. ନିବେଦିତା ମହାନ୍ତି ବେଶ୍ ମଂଜୁଳ ଭାଷାରେ ଉଲ୍ଲେଖ କରିଛନ୍ତି, "Lying between the hills and the sea, she was the gateway between the North and the South. "Guarding the seas, she was the gateway between India and the Indian Archipelago and far East. As a result of this strategic position, Kalinga (Orissa) played a vital role in the cultural fusion of the North and the South as well as in the maritime trade and the colonization of Indian Archipelago. Added to this fortunate situation she possessed favourable local circumstances. She had better climatic advantage to her credit over most parts of India. The sea provided her abundant rains; innumerable big and small rivers, flowing through the very length and breadth, rendered her a bed of alluvium. Nature's bounty gave her people ample individuality out of which grew up a culture representing a strange mixture of the Aryans and the Dravidians. Their culture enjoyed immunity for long because of their geographical situation which prevented frequent foreign encroachments."- (ଓରିଆ ନ୍ୟାସନାଲିଜିମ୍ ପୃ- ୩୦)। ଏତାଦୃଶ ନେତ୍ରୋଲ୍ଲାସ ତଥା ଚୈତନ୍ୟ ଉଦୟକାରୀ ଉତ୍କଳର ବିସ୍ତୃତ ସୀମା ସଂପର୍କରେ ଷ୍ଟର୍ଲିଂ ସାହେବ ତାଙ୍କ ରଚିତ ଓଡ଼ିଶା ଇତିହାସରେ ଏ ପ୍ରକାର ବର୍ଣ୍ଣନା ପ୍ରଦାନ କରିଛନ୍ତି : ଉତ୍ତର - ତ୍ରିବେଣୀ ଠାରୁ ବିଶନ୍‌ପୁର ଦେଇ ପାଟକୁମ ପର୍ଯ୍ୟନ୍ତ, ଦକ୍ଷିଣ - ଗୋଦାବରୀ ; ପୂର୍ବ - ହୁଗୁଳି ଓ ସମୁଦ୍ର ; ପଶ୍ଚିମ-ସିଂହଭୂମଠାରୁ ସୋନପୁର, ଗାଙ୍ଗପୁର, ସମ୍ବଲପୁର ଏବଂ ଏ ସବୁର ଅଧୀନସ୍ଥ ଜିଲ୍ଲାମାନ, ବସ୍ତର ଠାରୁ ଜୟପୁର ଓ ଗୋଦାବରୀ, ମେଦିନୀପୁରର ଏକ ଅଂଶ, ଗଞ୍ଜାମ ଓ ଭାଇଜାଗପଟମ୍‌ର କେତେ ଅଂଶ- (ପ୍ରାଚୀନ ଉତ୍କଳ - ଜଗବଂଧୁ ସିଂହ - ପୃ- ୩୫ ରେ ଉଦ୍ଧୃତ)। ପରିବ୍ରାଜକ ୟାନଚୁଆଙ୍ଗଙ୍କ ମତରେ ଉକ୍ତ ପ୍ରଦେଶ ୭୦୦ କିବା ୮୫୦ ମାଇଲ ବିସ୍ତୃତ ଥିବା ଗୋଟିଏ ବଡ଼ ରାଜ୍ୟ- (ତତ୍ତ୍ୱେବ - ପୃ ୩୧)।


"ପ୍ରାଚୀନ ଉତ୍କଳ"ର ପ୍ରଣେତା ଜଗବଂଧୁ ସିଂହ କହନ୍ତି, "ସ୍ଥୁଳତଃ ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା" (ପୃ-୧)। ଅନନ୍ତର ସିଂହ ମହୋଦୟ ସେହି ମହିମ୍ନ ଓ ମହୋଦର ଉତ୍କଳର ଅଙ୍ଗଚ୍ଛେଦ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି, "ନାନାକାରଣରୁ ତାର ଅଙ୍ଗଚ୍ଛେଦ ହୋଇଛି। କେତେକ ଅଂଶ ମାନ୍ଦ୍ରାଜ ପ୍ରଦେଶ ସଙ୍ଗେ, କେତେକ ବଙ୍ଗ ପ୍ରଦେଶ ସଙ୍ଗେ, କେତେକ ମଧ୍ୟ ପ୍ରଦେଶ ସଙ୍ଗେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜନୈତିକ କାରଣରୁ ଯୁକ୍ତ ହୋଇଯାଇଛି। ଏହି ଅଙ୍ଗଚ୍ଛେଦ ହେତୁ ଓଡ଼ିଆମାନେ ଭିନ୍ନ




ଭିନ୍ନ ପ୍ରଦେଶରେ ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ବାସ କରିବାକୁ ବାଧ ହୋଇଛନ୍ତି । ଏହି ଅଙ୍ଗଚ୍ଛେଦ ଗୋଟିଏ ଅସ୍ୱାଭାବିକ କାର୍ଯ୍ୟ । ଗୋଟିଏ ଲୋକର ହାତଗୋଡ଼ ଜିହ୍ୱା କାଟି ଭିନ୍ନ ଭିନ୍ନ ଦିଗକୁ ପକାଇଦେଲେ ସେ ଲୋକର ଅବସ୍ଥା ଯେପରି ଭୟଙ୍କର ବିକଟାକାର ଧାରଣ କରିବ, ପ୍ରାଚୀନ ଉତ୍କଳ ତଥା ପ୍ରାଚୀନ ଓଡ଼ିଆ ଜାତିର ଅବସ୍ଥା ତଦ୍ରୂପ ହୋଇଛି । ଏହି ଅସ୍ୱାଭାବିକ ଅଙ୍ଗଚ୍ଛେଦ ଦ୍ୱାରା ଓଡ଼ିଆ ଜାତିର ଯେ କ୍ଷତି ହୋଇଛି ତାହା, ଅକଥନୀୟ । ସେ କ୍ଷତି ବିଷୟ ଆଲୋଚନା କଲେ ଅତି ପାଷାଣର ମଧ୍ୟ ହୃଦୟ ତରଳିଯିବ । *** ସମଗ୍ର ଉତ୍କଳଭାଷୀ ଲୋକମାନେ ଏକ ଶାସନାଧୀନରେ ନ ରହିବା ପର୍ଯ୍ୟନ୍ତ ଓଡ଼ିଆମାନେ କୌଣସି ଦିଗରେ ଉନ୍ନତି କରିପାରିବେ ନାହିଁ” । (ତତ୍ତ୍ରୈବ- ପୃ ୧-୨) ।

ଏ ଅଙ୍ଗଚ୍ଛେଦର ମୂଳକାରଣ ହେଉଛନ୍ତି ମୁସଲମାନମାନେ ବୋଲି ସିଂହ ମହୋଦୟ ନିର୍ଦ୍ଧାରଣ କରିଛନ୍ତି “ଓଡ଼ିଶା ପ୍ରଥମେ ମୋଗଲସମ୍ରାଜ୍ୟଭୁକ୍ତ ହେଲାବେଳେ ସୀମା ଉତ୍ତରରେ ସମସ୍ତ ତମଲୁକ ଓ ମେଦିନୀପୁର ଏବଂ ଦକ୍ଷିଣରେ ରାଜମହେନ୍ଦ୍ରି ପର୍ଯ୍ୟନ୍ତ ଥିଲା । ଆକବରଙ୍କ ମନ୍ତ୍ରୀମାନେ ଓଡ଼ିଶାକୁ ଦେଓ୍ୱାନି ସାମିଲ କଲାବେଳେ ହୁଗୁଳି ଏବଂ ଅଧୀନସ୍ଥ ଦଶଗୋଟି ମାହାଲ ଉତ୍କଳରୁ କାଢ଼ିନେଇ ବଙ୍ଗ ସଙ୍ଗେ ମିଶାଇ ଦେଲେ । ଓଡ଼ିଶାର ଏ ପ୍ରଥମ ଅଂଗଚ୍ଛେଦ ୧୫୯୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା ।”- (ତତ୍ତ୍ରୈବ - ପୃ ୩୫) । ୧୭୨୬ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦ ନିଜାମଙ୍କ କର୍ମଚାରୀମାନେ ଗଞ୍ଜାମର କ୍ଷମତାଶାଳୀ ଜମିଦାରମାନଙ୍କ ସହ ଷଡ଼ଯନ୍ତ୍ର କରି ଚିଲିକାର ଦକ୍ଷିଣରୁ ସମସ୍ତ ଦକ୍ଷିଣ ଉତ୍କଳକୁ କାଢ଼ିନେଲେ । ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁ ରାଜସ୍ୱ ଆଦାୟର ସୁବିଧା ଦୃଷ୍ଟିରୁ ପଟାଶପୁର ପ୍ରଗନା ବ୍ୟତୀତ ସମଗ୍ର ଜଳେଶ୍ୱର ତଉଜିକୁ ଅର୍ଥାତ୍ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ମୁର୍ଶିଦାବାଦ ସରକାରଙ୍କ ଶାସନାଧୀନ କଲେ । ଅବଶିଷ୍ଟ ରହିଲା ଉତ୍ତରରେ ସୁବର୍ଣ୍ଣରେଖା ପଟାଶପୁର, ଦକ୍ଷିଣରେ ଚିଲିକା, ପୂର୍ବରେ ସମୁଦ୍ର, ପଶ୍ଚିମରେ ବଡମୂଳଘାଟି । ଏହି କ୍ଷୀଣ କଳେବରା ଉତ୍କଳକୁ ଆଲିବର୍ଦ୍ଦି ଖାଁ ୧୭୫୫ ରେ ଚଉଠ ଗ୍ରହଣ କରି ବେରାରର ମରହଟ୍ଟାମାନଙ୍କୁ ସମର୍ପଣ କଲେ । ମରହଟ୍ଟାମାନଙ୍କ ପରେ ଏହି ଛେଦିତଅଙ୍ଗ ଉତ୍କଳ, ଇଂରେଜମାନଙ୍କ ହସ୍ତଗତ ହେଲା । ମାନ୍ଦ୍ରାଜ ପ୍ରଦେଶ, ଇଂରେଜମାନଙ୍କ ହସ୍ତଗତ ହେଲା । ଅବଶିଷ୍ଟ ଥିଲା କେବଳ ମଧ୍ୟ ଉତ୍କଳଖଣ୍ଡ । ଏ ଖଣ୍ଡ ୧୮୦୩ରେ ଇଂରେଜମାନଙ୍କ ହସ୍ତଗତ ହେଲା ପରେ ୧୮୦୩ ରେ ହସ୍ତଗତ ହେଲା । ଶତାଧିକ ବର୍ଷ ପରେ, ସେହି ମଧ୍ୟ ଉତ୍କଳ ଖଣ୍ଡ ବଙ୍ଗଦେଶରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ବିହାର ପ୍ରଦେଶ ଗଠନ ହେବାବେଳେ ବିହାର ସଙ୍ଗେ ଯୋଗ କରାଗଲା । ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହେଲାବେଳେ ସମଗ୍ର ଓଡ଼ିଆଭାଷୀ ପ୍ରଦେଶ ବିଚ୍ଛିନ୍ନ ନ ହୋଇ କେବଳ ତଦାନୀନ୍ତନ

ଓଡ଼ିଶା କମିସନରସ୍ଥ ମଧ୍ୟ ଉତ୍କଳ ଖଣ୍ଡ ଆସି ବିହାର ସଙ୍ଗେ ସଂଯୁକ୍ତହେଲା । ଉତ୍କଳର ଉତ୍ତରାଂଶ ମେଦିନିପୁର ଅଞ୍ଚଳ ଓ ତନ୍ନିକଟବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳମାନ ପୂର୍ବପରି ବଙ୍ଗ ସଙ୍ଗେ ରହିଗଲା । ଫୁଲଝର, ପଦ୍ମପୁର, ବସ୍ତର, ଖଡ଼ିଆଳ, ଚନ୍ଦ୍ରପୁର, ସମ୍ବଲପୁର ପ୍ରଭୃତି ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ରହିଲା । କେତେକ ଆପତ୍ତି ପରେ ସମ୍ବଲପୁରକୁ ଆଣି ମଧ୍ୟ ଉତ୍କଳ ସଙ୍ଗେ ଯୋଗ କରାଗଲା । ଅବଶିଷ୍ଟ ଅଞ୍ଚଳଗୁଡ଼ିକ ପୂର୍ବପରି ମଧ୍ୟପ୍ରଦେଶରେ ଅଛି । ଫଳରେ ଓଡ଼ିଆଭାଷୀ ଲୋକମାନେ ବର୍ତ୍ତମାନ ବଙ୍ଗ, ମଧ୍ୟ ପ୍ରଦେଶ ଏବଂ ବିହାର ପ୍ରାଦେଶିକ ସରକାରମାନଙ୍କ ଶାସନାଧୀନ ଅଛନ୍ତି”-(ପ୍ରାଚୀନ ଉତ୍କଳ ପୃ-୩୭) । ଦେଶପ୍ରାଣ ଜଗବଂଧୁ ସିଂହ ଉତ୍କଳର ଅଙ୍ଗଚ୍ଛେଦ ସଂପର୍କରେ ଏକ ଅବିକଳ ଚିତ୍ର ପ୍ରଦାନ କରିବା ସଂଗେ ସଂଗେ ଏଥିନିମିତ୍ତ ମର୍ମେ ମର୍ମେ ଘୋର ଯନ୍ତ୍ରଣା ଅନୁଭବ କରିଛନ୍ତି । ଉତ୍କଳର ଏଇ ଦୁର୍ଦ୍ଦଶାମୋଚନ ପାଇଁ ତାର କତିପୟ ଅଗ୍ରଗାମୀ, ମାତୃପ୍ରାଣ ସନ୍ତାନ ଯେପରି ଅତନ୍ଦ୍ର, ଅନଳସ ସଂଗ୍ରାମ କରିଛନ୍ତି ତାହା ଯେପରି ବିସ୍ମୟକର ସେପରି ପ୍ରେରଣାପ୍ରଦ ।




“ଶ୍ରେୟାଂସି ବହୁ ବିଘ୍ନାନି” - ଶ୍ରେୟ ହାସଲ କରିବାକୁ ଅନେକ ସଂଘର୍ଷ କରି ବହୁବହୁ ସଂଘାତ ସହ୍ୟ କରିବାକୁ ପଡ଼ିଥାଏ । ସଂସାରରେ କୌଣସି କାଳରେ କୌଣସି ଦେଶରେ ଏ ସତ୍ୟ ଅନ୍ୟଥା ହୋଇନାହିଁ । ତେଣୁ ଏହାକୁ ଏକ ମହାବାକ୍ୟ ବୋଲି ଗ୍ରହଣ କରି ମଣିଷ କର୍ମଯୋଗୀ ହେବା ବିଧେୟ । ୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଅନ୍ତରାଳରେ ଏହାର ଜାଗ୍ରତ ସନ୍ତାନମାନଙ୍କର ଥିଲା ନିରବଚ୍ଛିନ୍ନ ସଂଗ୍ରାମ ଏବଂ ସେଥିନିମିତ୍ତ ପରୋକ୍ଷ ଓ ପ୍ରତ୍ୟକ୍ଷରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିଭାଇଥିଲେ କତିପୟ ଇଂରେଜ । ସ୍ୱତନ୍ତ୍ର ଉତ୍କଳ ଗଠନ ସକାଶେ ଉତ୍କଳ ଦୀପିକା (୪ ଅଗଷ୍ଟ ୧୮୬୬)ର ସୁଯୋଗ୍ୟ ସଂପାଦକ କର୍ମବୀର ଗୌରୀଶଙ୍କର ରାୟ (୧୪ ଜାନୁୟାରୀ ୧୮୪୩ - ୧୪ ଜୁନ୍ ୧୯୧୮) ଅସାଧାରଣ, ଅଦ୍ୱିତୀୟ ଉତ୍କଳ ଗୌରବ ମଧୁସୂଦନ (୨୮ ଏପ୍ରିଲ ୧୮୪୮ - ୪ ଫେବୃୟାରୀ ୧୯୩୪) ଓଡ଼ିଆ କଥା ସାହିତ୍ୟ ସମ୍ରାଟ ସରସ୍ୱତୀ ଫକିରମୋହନ (୧୪ ଜାନୁୟାରୀ, ୧୮୪୩ -୧୪ ଜୁନ୍ ୧୯୧୮), ଉତ୍କଳମଣି ଗୋପବନ୍ଧୁ ଦାସ (୯ ଅକ୍ଟୋବର୧୮୭୭-୧୭ ଜୁନ୍ ୧୯୨୮), ସ୍ୱଭାବକବି ଗଂଗାଧର ମେହେର (୯ ଅଗଷ୍ଟ ୧୮୬୨-୪ ଏପ୍ରିଲ ୧୯୨୪), ବ୍ରଜସୁନ୍ଦର ଦାସ (୨ ଜୁଲାଇ ୧୮୮୦ -୯ ଜୁଲାଇ ୧୯୪୪), ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (୨୬ ଏପ୍ରିଲ ୧୮୯୨ - ୨୫ ମେ ୧୯୭୪), ଜଗବଂଧୁ ସିଂହ (୧୫ ଫେବୃୟାରୀ ୧୮୮୬ -୧୭ ମେ



୧୯୪୮), ରାଜା ବୈକୁଣ୍ଠ ନାଥ ଦେ (୧୦ ମାର୍ଚ୍ଚ ୧୮୫୨-୭ ଡିସେମ୍ବର ୧୯୧୩) ପ୍ରମୁଖଙ୍କ ଭୂମିକା ଅବଶ୍ୟ ସ୍ୱୀକୃତ ଏବଂ ବିସ୍ତୃତଭାବେ ଆଲୋଚନା ପୂର୍ବକ ଆଦୃତ ଓ ଆଲୋକିତ । ହେଲେ ଏ ଦିଗରେ ଯେଉଁ କତିପୟ ମହାମନା ଇଂରେଜ ଶାସକଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ସଦିଚ୍ଛା, ସାହାଯ୍ୟ, ସମର୍ଥନ ପରିଦୃଷ୍ଟ, ସେମାନଙ୍କ ସମ୍ବନ୍ଧରେ ସେପରି ବିଶ୍ଳେଷଣ କରାଯାଇନାହିଁ ।

ଯେଉଁ ଟି.ଇ.ରେଭେନ୍ସା (୧ ଜୁଲାଇ ୧୮୨୭-୪ ଫେବୃୟାରୀ ୧୯୧୪) ହେଉଛନ୍ତି ଏମାନଙ୍କ ମଧ୍ୟରେ ଏ ଦିଗରେ ଅନ୍ୟତମ, ତାଙ୍କ ସଂପର୍କରେ ଅନେକ ପ୍ରତିକୂଳ ମନ୍ତବ୍ୟ ଇତିହାସର ସାମଗ୍ରୀ ହୋଇ ରହିଛି । **<u>ଦେଶ କାଳପାତ୍ର</u>** (୧୯୯୨) ଗ୍ରନ୍ଥରେ କବି ଜଗନ୍ନାଥ ପ୍ରସାଦ ଦାସ ରେଭେନ୍ସାଙ୍କୁ ଏକ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି, "ରେଭେନ୍ସା ସାକ୍ଷ୍ୟ ଦେଲା ବେଳେ କହୁକହୁ କହିଥିଲେ ଯେ ଓଡ଼ିଆମାନେ ଭାଗ୍ୟହୀନ ଏବଂ ଆଳସ୍ୟ ପରାୟଣ । -" (ପୃ-୧୯୩) । ପୁଣି ଦୁର୍ଭିକ୍ଷ କମିଶନ (୧୮୬୭)ଙ୍କ ପ୍ରଶ୍ନ ଓ ରେଭେନ୍ସାଙ୍କ ସାକ୍ଷ୍ୟ ପ୍ରସଙ୍ଗ ଉଲ୍ଲେଖ କରି ଶ୍ରୀଯୁକ୍ତ ଦାସ ତାଙ୍କ ଚରିତ୍ରର ଦୁର୍ବଳତା ଉତ୍‌ଥାପନ କରିଛନ୍ତି, "ପ୍ରଶ୍ନ- ବାଲେଶ୍ୱର କଲେକ୍ଟରଙ୍କୁ ନଭେମ୍ବର ୩, ୧୮୬୫ ର ୨୫୫ ନମ୍ବର ଚିଠିରେ ଆପଣ ମତ ଦେଇଥିଲେ ଯେ ଜିଲ୍ଲାରେ ଯେତେ ଋଣଳ ଅଛି ବୋଲି ସେ ଭାବୁଛନ୍ତି, ତା ଠାରୁ ବେଶି ଅଛି ଏବଂ ଚଳିତ ବର୍ଷର ଫସଲରେ ଋହିଦା ମେଣ୍ଟିଯିବ ଯଦିଓ କଲେକ୍ଟର ରିପୋର୍ଟ ଦେଇଥିଲେ ଯେ ଜିଲ୍ଲାରେ ଫସଲ ଅବସ୍ଥା ଖରାପ । ଆପଣ କେଉଁ ଆଧାରରେ ଆପଣଙ୍କର ଏ ମତପୋଷଣ କରିଥିଲେ ?


ଉତ୍ତର- ମୁଁ ବର୍ତ୍ତମାନ ମନେପକାଇ ପାରୁନାହିଁ ଠିକ୍ କେଉଁ କାରଣ ଯୋଗୁଁ ଏପରି ମତ ପୋଷଣ କରିଥିଲି । ମୋ ସାମନାରେ ମଧ୍ୟ କୌଣସି କାଗଜ ନାହିଁ ଯାହାକୁ ଦେଖି ମୁଁ ଏ ବିଷୟରେ କହିପାରିବି । ତେବେ ସାଧାରଣ ଭାବେ କହିବାକୁ ଗଲେ ଧାନ ମହଜୁଦ କରିରଖିବା ଲୋକମାନଙ୍କର ଅଭ୍ୟାସ ଏବଂ ମୁଁ ଆଶା କରିଥିଲି ଯେ ତାଙ୍କ ପାଖରେ କଲେକ୍ଟର ଆନ୍ଦାଜ କରିଥିବା ପରିମାଣରୁ ବେଶିଥିବ ।-" (ଡଟ୍ରେବ - ପୃ ୧୮୧) । ଅନୁରୂପ ପ୍ରତିକୂଳ ମତପୋଷଣ କରନ୍ତି ପ୍ରଫେସର ପ୍ରବୋଧ କୁମାର ମିଶ୍ର, "ନ'ଅଙ୍କ ଦୁର୍ଭିକ୍ଷ ଇଂରେଜ ଶାସନର ଚରମ ବିଫଳତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଓଡ଼ିଶା ଡ଼ିଭିଜନ କମିଶନରଙ୍କ ଠାରୁ ଆରମ୍ଭ କରି ରାଜସ୍ୱବୋର୍ଡ଼ ଏବଂ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସମସ୍ତେ ସେଥିପାଇଁ ଦାୟୀ ।" (**<u>ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି</u>** - ପ୍ରଥମଭାଗ- ପୃ-୨୯୩) । ପୁନଶ୍ଚ, "ଓଡ଼ିଶା ଡ଼ିଭିଜନର ତତ୍‌କାଳୀନ କମିଶନର ଥିଲେ ଟି.ଇ.ରେଭେନ୍ସା । ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଖ୍ରୀ ୧୮୬୫ ଜୁଲାଇ



ମାସରେ ସେ କମିଶନର କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଓଡ଼ିଶାର ପ୍ରକୃତ ପରିସ୍ଥିତି ବିଷୟରେ ଅନଭିଜ୍ଞ ଥିଲେ"- (ତତ୍ରୈବ- ପୃ- ୨୮୮) । କମିଶନର ରେଭେନ୍ସାଙ୍କ ବିରୁଦ୍ଧରେ ଦୋଷାରୋପ ମଧ୍ୟ କରନ୍ତି ବିଶିଷ୍ଟ ଐତିହାସିକ ଡ. ନିବେଦିତା ମହାନ୍ତି । ତାଙ୍କ ମତରେ ୧୮୬୫ ର ଜୁଲାଇରେ ଓଡ଼ିଶା ଡିଭିଜନର କମିଶନର ମି. ସୋରଙ୍କ ଉତ୍ତରାଧିକାରୀ ହୁଅନ୍ତି ଟି.ଇ. ରେଭେନ୍ସା । କିନ୍ତୁ ନଅଙ୍କ ଦୁର୍ଭିକ୍ଷର ଭୟାବହ ପରିସ୍ଥିତି ସମ୍ଭାଳିବାରେ ହୁଅନ୍ତି ଚରମ ବିଫଳ, "Mr. Ravenshaw failed to grapple with the crisis and to invoke the timely attention of the Board of Revenue at Calcultta. He even missed the opportunity of apprising the Lt. Governor of the situation during the latter's visit to Orissa in February 1866. At last, when he was made to realise the situation and was aroused from his complacent mood regarding the stock of rice he was greatly alarmed, for the situation had aleardy slipped out of control"- (ଓରିଆ ନ୍ୟାସନାଲିଜିମ୍ ପୃ- ୫୨-୫୩)

ମୁଖ୍ୟତଃ ରେଭେନ୍ସାଙ୍କ ଅମନୋଯୋଗିତା, ଅବହେଳା, ଅଜ୍ଞତା, ଅଦୂରଦର୍ଶିତା ତଥା ଅପାରଗତା ଫଳରେ (ନଅଙ୍କ ଦୁର୍ଭିକ୍ଷ)" "...had affected about 12,000 of miles with a population of 40 millions taking a toll of 10 million lives".- (ତତ୍ରୈବ ପୃ -୫୩) । ରେଭେନ୍ସାଙ୍କ ବିରୁଦ୍ଧରେ ଏତାଦୃଶ ଅଭିଯୋଗ ସତ୍ତ୍ୱେ ଐତିହାସିକମାନେ ସ୍ୱୀକାର କରିଛନ୍ତି ସେ ଦୟାଶୀଳ କମିଶନର (The benevolent commissioner" - (ତତ୍ରୈବ-ପୃ ୫୫) ଓଡ଼ିଶାରେ ଶିକ୍ଷାର ବିସ୍ତାର ପାଇଁ ସତତ ଚେଷ୍ଟିତ ଥିଲେ । ସେଥିସକାଶେ ସେ କଟକ ଜିଲ୍ଲାସ୍କୁଲରେ କଲେଜ ଶିକ୍ଷା ଆରମ୍ଭକରି ତାକୁ ଏକ "କଲେଜିଏଟ ସ୍ଥିତି" (Collegiate state) ଦେବାକୁ ଦୃଢ଼ ଯୁକ୍ତି କରିଥିଲେ । ଫଳରେ କଟକ କଲେଜ ସ୍ଥାପିତ ହୋଇଥିଲା (ଯାହାପରେ ତାଙ୍କ ନାମରେ ନାମିତ) । କଟକ ମେଡ଼ିକାଲ ସ୍କୁଲ, ବାଳିକା ବିଦ୍ୟାଳୟ ଇତ୍ୟାଦି ସ୍ଥାପନର ସେ ଥିଲେ କର୍ଣ୍ଣଧାର, "T.E. Ravenshaw had taken interest for the progress of primary, secondary, technical and female education which received greater attention than before" (ଓଡ଼ିଶା ରିଭ୍ୟୁ.ପୃ ୪୦- ଏପ୍ରିଲ ୨୦୦୫- ଦୀନବଂଧୁ ଦେହୁରା) । ସେଥିପାଇଁ ତାଙ୍କପରି ଜଣେ ଓଡ଼ିଆ ହିତୈଷୀଙ୍କୁ ଉତ୍କଳ ସମ୍ମିଳନୀ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରିଥିଲେ, "The seventh session was held at Cuttack in December 1910, where special gratitude was shown to Mr. Ravenshaw who had sent Rs. 1000 for the education of Oriya children." - (ଓରିଆ ନ୍ୟାସନାଲିଜିମ୍ - ପୃ ୧୧୨ - ନିବେଦିତା ମହାନ୍ତି) ।

ତତ୍‌କାଳୀନ ଅବହେଳିତ ଓ ଅସ୍ୱତନ୍ତ୍ର ଓଡ଼ିଶାରେ ରେଭେନ୍ସାଙ୍କ ଏତାଦୃଶ



ଅବଦାନ ହୁଏତ ପ୍ରତ୍ୟକ୍ଷଭାବେ ସ୍ୱତନ୍ତ୍ର ଉତ୍କଳ ଗଠନରେ ସାହାଯ୍ୟ କରିନଥିବ କିନ୍ତୁ ରେଭେନ୍ସା କଲେଜ ଆରମ୍ଭ (୧୮୬୮) ଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଯାଏ (୧୯୩୬) ଏହି ଐତିହାସିକ ଶିକ୍ଷାନୁଷ୍ଠାନ ସୃଷ୍ଟି କରିଥିବା ଗୋପବନ୍ଧୁ, ହରେକୃଷ୍ଣ ମହତାବ, ଗୋଦବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଇତ୍ୟାଦି ଦେଶପ୍ରେମୀ ପ୍ରତିଭାମାନେ ଯେ ସ୍ୱତନ୍ତ୍ର ଉତ୍କଳ ଗଠନରେ ଉଲ୍ଲେଖ ଯୋଗ୍ୟ ଭୂମିକା ନିଭାଇଥିଲେ ଏହା ନିଃସନ୍ଦେହ । ୧୮୬୮ ମସିହାରେ ଅନ୍ୟଜଣେ ମହାମନା ଇଂରେଜ ମେଜର ଚେସନ (Major Cheson) ତାଙ୍କ ରଚିତ Indian Polity ଗ୍ରନ୍ଥରେ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧୀନ କରିବାକୁ ଦୃଢ଼ଯୁକ୍ତି ବାଢ଼ିଥିଲେ । ସେହିପରି ୧୮୬୮ ମସିହାରେ ମଧ୍ୟ ସେକ୍ରେଟାରୀ ଅଫ୍‌ଷ୍ଟେଟ ଫର ଇଣ୍ଡିଆ, ସାର୍ ଷ୍ଟଫୋର୍ଡ଼ ନର୍ଥକୋଟ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ, "When the Famine Commission in its report indicted the administration for their inept handling of the situation in Orissa, it created a flutter in the British Parliament. The Secretary of State for India Stafford Northcote, took pains to review the whole situation and voiced his strong opinion in favour of a **restructuring of the administrative set up in the Bengal province"** –(ତତ୍ତ୍ରୈବ - ପୃ ୫୩ - ମୋ ଦ୍ୱାରା ରେଖାଙ୍କିତ) । ୧୮୬୭ ସେପ୍ଟେମ୍ବର ରେ ଭାରତର ବଡ଼ଲାଟଙ୍କୁ ଅନ୍ୟ ଏକ ସ୍ମାରକପତ୍ରରେ ସେ ଲେଖିଲେ, "....if the present arrangement was to be maintained then at least the spread of the presidency be reduced by the formation of Assam and the neighbouring districts (Orissa, etc) into a Commissionership" – (ତତ୍ତ୍ରୈବ -ପୃ ୫୩-୫୪) । ଭାରତର ବଡ଼ଲାଟ ଜନ୍ ଲରେନ୍ସ ମଧ୍ୟ ଓଡ଼ିଶା ପାଇଁ କମିଶନରସିପ୍ ଗଠନରେ ବିରୋଧୀ ନୁହନ୍ତି ବୋଲି ସେ ବଙ୍ଗଳାର ଛୋଟଲାଟଙ୍କୁ ଲେଖିଥିଲେ । କିନ୍ତୁ ଏଥି ସକାଶେ ଆର୍ଥିକ ବ୍ୟୟଭାର ସମସ୍ୟା କଥା ମଧ୍ୟ ଉଲ୍ଲେଖ କରିଥିଲେ ଯାହା ଛୋଟଲାଟ ସମର୍ଥନ କରିଥିଲେ । ନର୍ଥକୋଟଙ୍କ ଯୁକ୍ତିସତ୍ତ୍ୱେ ଏ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଟି.ଜେ ମଲଟବି ଥିଲେ ଜଣେ ଭାଷାତତ୍ତ୍ୱବିଦ୍ । ୧୮୭୩ ମସିହାରେ ତାଙ୍କ ରଚିତ A Practical Hand Book of the Oriya Language ପୁସ୍ତକରେ ସେ ଓଡ଼ିଆ ଭାଷାର ମହତ୍ତ୍ୱ ପ୍ରତିପାଦନ କରି ବଙ୍ଗ, ମଧ୍ୟପ୍ରଦେଶ ଓ ବିଭିନ୍ନ ଦେଶୀୟ ରାଜ୍ୟରେ ବାସ କରୁଥିବା ୯୦ ଲକ୍ଷ ଓଡ଼ିଆଙ୍କୁ ଏକ

ଶାସନାଧୀନ କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ ।


ଲର୍ଡ କର୍ଜନ

୧୮୯୪ରେ ଓଡ଼ିଶା ଡିଭିଜନର କମିଶନ ଏଚ.ଜି.କୁକ୍ ଓଡ଼ିଶା ପାଇଁ କେତେକ ଶାସନଗତ ପରିବର୍ତ୍ତନ ଆବଶ୍ୟକ ବୋଲି ରିପୋର୍ଟ ଦେଇଥିଲେ "As a question of administrative reform for which there is much to be said, I have to advocate the extension of the divisional boundaries as to include the whole area populated by races speaking the Uriya language or at any rate, some definite areas adjoining Orissa where the Uriya language prevails. Orissa is a very small division, and there is no doubt that the Commissionr could find time to deal with a very material addition to his work.... The areas I referred to are the Sambalpur district of Chhatisgrh Division of the Central Provinces with the tributary states of Patna, Sonepur, Redhakhol, Bamra, Kalahandi and the whole or part of the Ganjam district with the states of Kimed and Gumusar"- (ଓରିଆ ନ୍ୟାସନାଲିଜିମ୍ - ପୃ ୭୯-୮୦- ନିବେଦିତା ମହାନ୍ତିରେ ଉଦ୍ଧୃତ) । ଅର୍ଥାତ୍ ଉତ୍ତମ ଶାସନ ସକାଶେ ସମଗ୍ର ଗଞ୍ଜାମ ଅଂଚଳକୁ ତଥା ସମ୍ବଲପୁର, କରଦରାଜ୍ୟ ପାଟନା, ସୋନପୁର, ରେଢ଼ାଖୋଲ, ବାମଣ୍ଡା, କଳାହାଣ୍ଡିକୁ ଓଡ଼ିଶା ଡ଼ିଭିଜନ ସହ ମିଶାଇବାକୁ ସେ ମତ ପ୍ରଦାନ କରିଥିଲେ । ହେଲେ ତାଙ୍କ ସୁଚିନ୍ତିତ ପ୍ରସ୍ତାବ ଇଂରେଜ ସରକାର ଗ୍ରହଣ କରି ନଥିଲେ, "...ପ୍ରାକୃତିକ ଦୁର୍ବିପାକର ପ୍ରତିକାର ପରିପ୍ରେକ୍ଷୀରେ ଲର୍ଡ଼ ନର୍ଥକୋଟ ଓଡ଼ିଆଭାଷୀ ଅଞ୍ଚଳ ଗୁଡ଼ିକର ରାଜନୀତିକ ପୁନର୍ଗଠନର ଆବଶ୍ୟକତା କଥା ୧୮୬୮ ରେ ହୃଦୟଙ୍ଗମ କରିଥିଲେ । ପରିସ୍ଥିତି କ୍ରମେ ଖରାପ ଆଡ଼କୁ ଗତି କରୁଥିବାରୁ ୧୮୯୪ ରେ କମିଶନ ଏଚ୍.ଜି. କୁକ୍ ପୁଣିଥରେ ଓଡ଼ିଆଭାଷୀ ଅଂଚଳକୁ ତାଙ୍କ ଅଧୀନରେ ରଖିବା ପ୍ରସ୍ତାବ ଦେଇଥିଲେ । କିନ୍ତୁ ଉନବିଂଶ ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ ନର୍ଥକୋଟଙ୍କ ଚେତାବନୀ ଏବଂ ରିକେଟ୍ସ ଓ କୁକଙ୍କ ପରାମର୍ଶ ସରକାର ଗ୍ରହଣ କଲେ ନାହିଁ" । (ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି - ପ୍ରଥମ ଭାଗ - ପୃ- ୩୨୫- ପ୍ରବୋଧ କୁମାର ମିଶ୍ର) । ୧୮୯୯ ଜାନୁୟାରୀରେ ଲର୍ଡ଼ ଏଲଗିନ୍ଙ୍କ ପରେ ଭାରତର ବଡ଼ଲୋଟ ପଦ ମଣ୍ଡନ କରନ୍ତି ଲର୍ଡ଼ କର୍ଜନ ଯାହାଙ୍କର ପ୍ରଥମ କାର୍ଯ୍ୟକ୍ରମ ଥିଲା - ଓଡ଼ିଶା ପରିଦର୍ଶନ (ଶତାବ୍ଦୀର ସୂର୍ଯ୍ୟ - ପୃ ୪୭୯ - ସୁରେନ୍ଦ୍ର ମହାନ୍ତି) । ପ୍ରତ୍ନତତ୍ତ୍ୱ ଓ ଇତିହାସ ଅନୁରକ୍ତ କର୍ଜନଙ୍କୁ ମଧ୍ୟଯୁଗୀୟ ଓଡ଼ିଶାର ବିଚିତ୍ର ଉତ୍କଳୀୟ ସଂସ୍କୃତିର ଅନନ୍ୟ ସୌଜତ୍ୟ ଓ ମନ୍ଦିରମାଳିନୀ ଉତ୍କଳର ଅନବଦ୍ୟ ସ୍ଥାପତ୍ୟ (ତତ୍ତ୍ୱିବ - ପୃ ୪୭୯) ସନ୍ଦର୍ଶନ କରାଇବା ପାଇଁ ଉତ୍କଳଗୌରବ ମଧୁସୂଦନ ତାଙ୍କୁ ୧୯୦୦ ମସିହା ଅକ୍ଟୋବର ତୃତୀୟ ସପ୍ତାହରେ ସିମଳାରେ ଭେଟି ଓଡ଼ିଶା ପରିଦର୍ଶନ କରିବାକୁ ସ୍ୱତନ୍ତ୍ର ନିମନ୍ତ୍ରଣ




ହେନରୀ ନର୍ଥକୋଟ୍

ଜଣାଇଲେ । ଲର୍ଡ଼କର୍ଜନ ସେ ନିମନ୍ତ୍ରଣ ସ୍ୱୀକାର କରି ମାନ୍ଦ୍ରାଜରୁ ରେଳପଥରେ ଚିଲିକାକୂଳର ବଡ଼କୂଳ ଆସି ସେଠାରୁ ରାଧାବଲ୍ଲଭ ମଠ ଉପରୁ ଶ୍ରୀମନ୍ଦିର ପରିଦର୍ଶନ କରିସାରିବା ପରେ ରାଜଦ୍ୱାରରେ ମଧୁସୂଦନଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧିତ ସଭାରେ ଅତ୍ୟନ୍ତ ମହିମାନ୍ୱିତ ଭାବରେ ସମ୍ବର୍ଦ୍ଧିତ ହେଲେ ।"- (<u>ଆମ ମଧୁସୂଦନ</u> ପୃ- ୧୫ - ସୁରସେନ ପଟ୍ଟନାୟକ) ।

ଅନନ୍ତର ଲର୍ଡ଼ କର୍ଜନ ପରିଦର୍ଶନ କରିଥିଲେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, "ପୁରୀ ଶ୍ରୀମନ୍ଦିରର ବିଶାଳତା ଲର୍ଡ଼ କର୍ଜନଙ୍କୁ ଯଦି ବିହ୍ୱଳିତ କରିଥିଲା, ମନ୍ଦିରମାଳିନୀ ଭୁବନେଶ୍ୱର ତାଙ୍କୁ ଉତ୍କଳୀୟ ଶିଳ୍ପକଳାର ପ୍ରଶଂସାରେ ଶତମୁଖ କରିଦେଇଥିଲା- (**<u>ଶତାବ୍ଦୀର ସୂର୍ଯ୍ୟ</u> - ପୃ ୪୮୭ - ସୁରେନ୍ଦ୍ର ମହାନ୍ତି**) । ବିସ୍ମୟାଭିଭୂତ କଳା, ସ୍ଥାପତ୍ୟ ଓ ସଂସ୍କୃତି ପ୍ରାଣ ଲର୍ଡ଼ କର୍ଜନଙ୍କ ସହ ମଧୁସୂଦନଙ୍କ କଥୋପକଥନ ଥିଲା ଖୁବ୍ କରୁଣ, ଯାହାର ନିଖୁଣ ବର୍ଣ୍ଣନା କରିଛନ୍ତି ଆମର ଅମର କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି, "ଲର୍ଡ଼ କର୍ଜନ ଆକ୍ଷିରୁ ବାଇନୋକୁଲାର ଖସାଇ ମଧୁସୂଦନଙ୍କ ଦୁଇ ଆକ୍ଷି ଭିତରକୁ ଝହିଁ ପଝରିଲେ ..... "କିନ୍ତୁ ଓଡ଼ିଶାର ଶିଳ୍ପୀକୁଳ ଆଜି ଗଲେ କୁଆଡ଼େ ମିଷ୍ଟର ଦାସ ? କାହାନ୍ତି ସେମାନେ ? ମଧୁସୂଦନ ଉତ୍ତର ଦେଲେ .... "ଦାରିଦ୍ର୍ୟ ସେମାନଙ୍କୁ ଧ୍ୱଂସ କରିଛି । ପ୍ରବଳ ପ୍ରତାପୀ ବ୍ରିଟିଶ୍ ଶାସନ ସୁଦ୍ଧା ସେମାନଙ୍କୁ ସେ ଦୁର୍ଗତିରୁ ରକ୍ଷା କରି ପାରିଲାନାହିଁ । ଯୋର ଏକ୍ସଲେନ୍ସୀ । ହିସାବ କରି ଦେଖିଛି ମୁଁ, ଦୈନିକ ଜଣେ କାରିଗର ଝରିସ୍କୋୟାର ଇଞ୍ଚ ପଥର କାମ ପାଇଁ ଆଠଅଣା, ଛଅପେନ୍ସ ସୁଦ୍ଧା ମୁଜରୀ ପାଏନାହିଁ । କାମ ଆଉରି ସୂକ୍ଷ୍ମ ହେଲେ, ମଜୁରୀ ସେଥିରୁ ମଧ୍ୟ କମ୍ ।" ଲର୍ଡ଼ କର୍ଜନ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ ମଣ୍ଡପ ଉପରୁ ତଳକୁ ଓହ୍ଲାଇ ଆସିଲେ- (ତତ୍ରୈବ - ପୃ- ୪୮୮) । ଓଡ଼ିଶାର ଭାସ୍କର୍ଯ୍ୟରେ ମୁଗ୍ଧ, ଚକିତ ତଥା ଆତ୍ମବିସ୍ମୃତ କର୍ଜନ ଓଡ଼ିଶାର ଭାସ୍କର୍ଯ୍ୟ ଓ ଭାସ୍କରମାନଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହୋଇଥିଲେ । ପ୍ରଶାସନିକ ବିଚ୍ଛେଦ ଏହାର ଅନ୍ୟତମ କାରଣ ବୋଲି ସେ ଭାବିଥିଲେ । ତେଣୁ ସେ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ମିଶ୍ରଣକୁ ଦୃଢ଼ ସମର୍ଥନ କରିଥିଲେ । ତାଙ୍କ ଉଦାମ ଫଳରେ ୩୩୭ ବର୍ଷର ବିଚ୍ଛେଦ ପରେ ସମ୍ବଲପୁର, କଳାହାଣ୍ଡି, ପାଟନା, ସୋନପୁର, ବାମଣ୍ଡା, ଗାଙ୍ଗପୁର- ବଣାଇ ଓଡ଼ିଶା ଡ଼ିଭିଜନ ସହ ସଂଯୁକ୍ତ ହେଲେ । ପୁନଶ୍ଚ ଲର୍ଡ଼ କର୍ଜନଙ୍କ ଓଡ଼ିଶା ପ୍ରୀତି ଆଉ ଏକ ଘଟଣାରେ ପରିଦୃଷ୍ଟ ।୧୯୧୨ ମସିହାରେ ଭାରତର ବଡ଼ଲାଟ ଥାନ୍ତି ଲର୍ଡ଼ହାର୍ଡ଼ିଞ୍ଜି । ତାଙ୍କ ସମୟରେ ବଙ୍ଗଳା ପ୍ରେସିଡ଼େନ୍ସିକୁ ଭାଙ୍ଗି ଗଠିତ ହୁଏ ବିହାର କିନ୍ତୁ

ଓଡ଼ିଶା ଗଠିତ ହେଲା ନାହିଁ । ଇଂଲଣ୍ଡରେ ଏହାର ତୀବ୍ର ପ୍ରତିବାଦ କରି ଲର୍ଡ଼କର୍ଜନ କହିଲେ ଯେହେତୁ ଓଡ଼ିଆମାନେ ଆନ୍ଦୋଳନପ୍ରବଣ ନୁହଁନ୍ତି (nonagitating) ବ୍ରିଟିଶ ସରକାର ସେମାନଙ୍କୁ ନିର୍ବିଘ୍ନରେ ବଳି ଦେଇ ଚଲିଛି ହାଉସ ଅଫ ଲର୍ଡ଼ସରେ (ପାର୍ଲାମେଣ୍ଟାରୀ ଡ଼ିବେଟସ୍- ଭଲ୍ୟୁମ ନମ୍ବର ୪) ୨.୧୨.୧୯୧୨ ରେ ଲର୍ଡ଼ କର୍ଜନଙ୍କ ଭାଷଣ ଥିଲା



ଜନ୍ ସାଇମନ୍

ନିମ୍ନମତେ, "What is the good of Orissa being tied to the tailend of Bihar, where there is no affinity of language or race, with which they have nothing in common and from which they are separated by a great belt of mountains and rivers over which we have never been able to carry a railway. I venture to prophesy that it is a blunder that can not remain permanent. If the Orissans were an agitating people, which they are not, they would soon make their protests heard. As it is they have been sacrificed without compunction"- (କୁଳବୃଦ୍ଧ – ପୃ ୧୧୧ – ସୁରେନ୍ଦ୍ର ମହାନ୍ତିରେ ଉଦ୍ଧୃତ – ମୋ ଦ୍ୱାରା ରେଖାଙ୍କିତ) । ତାଙ୍କର ଏହି ମନ୍ତବ୍ୟ ବ୍ରିଟିଶ୍ ହୋମ୍ ସେକ୍ରେଟାରୀଙ୍କୁ ପ୍ରଭାବିତ କରିଥିଲା ।

ମଣ୍ଟେଗୁ – ଚେମସ୍ ଫୋର୍ଡ଼ ସଂସ୍କାର ଆକ୍ଟର କାର୍ଯ୍ୟକାରିତା ଅନୁଶୀଳନ କରିବାକୁ ୧୯୨୭ରେ ଭାରତ ସରକାର, ଜନ୍ ସାଇମନଙ୍କ ଅଧ୍ୟକ୍ଷତାରେ ଏକ କମିଶନର ଗଠନ କଲେ । ଏହି କମିଶନରେ କୌଣସି ଭାରତୀୟଙ୍କୁ ସଦସ୍ୟ ରୂପେ ନିଆଯାଇନଥିବାରୁ ଏହାକୁ ବର୍ଜନ କରିବାକୁ ମାନ୍ଦ୍ରାଜରେ ନିଖିଳ ଭାରତୀୟ କଂଗ୍ରେସ ସିଦ୍ଧାନ୍ତ ଗ୍ରହଣ କଲା । ଏହାସହ ମଧ୍ୟ ସିନ୍ଧ, କର୍ଣ୍ଣାଟକ, ଆନ୍ଧ୍ର ଓ ଓଡ଼ିଶାକୁ ସ୍ୱତନ୍ତ୍ର ଶାସନଗତ ଏକକ ଭାବେ ଗଠନ କରିବାର ପ୍ରସ୍ତାବ ଗ୍ରହଣ କରାଗଲା । ତଦନୁଯାୟୀ ଓଡ଼ିଶାରେ କଂଗ୍ରେସ ମଧ୍ୟ ସାଇମନ କମିଶନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେବାବେଳେ ତାର ବିରୋଧ କରିଥିଲେ ମଧୁସୂଦନ, "କଂଗ୍ରେସ ସାଇମନ କମିଶନ ଠାରୁ ଶାସନ ସଂସ୍କାର ଓ ଆମ୍ ନିୟନ୍ତ୍ରଣ ସଂପର୍କରେ ମୌଳିକ ବୈପ୍ଳବିକ ଘୋଷଣା ଆଶା କରୁଥିବାବେଳେ, ମଧୁସୂଦନଙ୍କ ଆକାଙ୍କ୍ଷା ଥିଲା ସୀମିତ – ଏକ ଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଅଥବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ । ତାଙ୍କର ଯୁକ୍ତି, ଓଡ଼ିଶାର ସ୍ୱତନ୍ତ୍ର ସତ୍ତା ନ ରହିଲେ ଓଡ଼ିଶାବାସୀଙ୍କ ପାଇଁ ଶାସନ ସଂସ୍କାରର କୌଣସି ଅର୍ଥ ରହିବ ନାହିଁ । ସେଥିପାଇଁ ସାଇମନ – କମିସନକୁ ଓଡ଼ିଶା ଆମନ୍ତ୍ରଣ କରି, ଭବ୍ୟ ସ୍ୱାଗତ ପ୍ରଦର୍ଶନ ପାଇଁ ମଧୁସୂଦନ କଟକରେ କଂଗ୍ରେସ ନେତାମାନଙ୍କ ଦ୍ୱାରଦ୍ୱାର ବୁଲିଲା ବେଳକୁ କଂଗ୍ରେସ ନେତାମାନେ ସାଇମନ



ସୁରେନ୍ଦ୍ର ମହାନ୍ତି

– କମିସନର ନିନ୍ଦାବାଦ ଓ ବୟକଟ୍ ଧ୍ୱନିରେ ହୋଇ ଉଠିଥିଲେ ଶତମୁଖ"– (କୁଳବୃଦ୍ଧ ପୃ – ୩୨୦ – ସୁରେନ୍ଦ୍ର ମହାନ୍ତି) । ୧୯୨୮ ଫେବୃୟାରୀ ୩ ତାରିଖ ଦିନ ସାଇମନ କମିସନ ପ୍ରତିବାଦ ସ୍ୱରୂପ ଓଡ଼ିଶାରେ ସବୁଆଡ଼େ ପାଳିତ ହେଲା ହରତାଳ । ମଧୁସୂଦନ କିନ୍ତୁ ସାଇମନ କମିଶନଙ୍କୁ ପାଟନାରେ ସାକ୍ଷାତ କରିବାକୁ ପତ୍ରଲେଖିଥିଲେ କନିକାର ରାଜା ରାଜେନ୍ଦ୍ର ନାରାୟଣଙ୍କୁ (ତତ୍କାଳୀନ ବିହାର – ଓଡ଼ିଶା ପ୍ରଦେଶର ଏକ୍‌ଜିକ୍ୟୁଟିଭ କାଉନସିଲର) । ମଧୁସୂଦନଙ୍କ ପରାମର୍ଶ କ୍ରମେ ଲିବେରାଲ ଲିଗ୍ ତରଫରୁ ବ୍ରଜସୁନ୍ଦର ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ ମିଶ୍ର, ଭିକାରୀ ଚରଣ ପଟନାୟକ ଓ ଲକ୍ଷ୍ମୀଧର ମହାନ୍ତି ପାଟନା ଠାରେ ସାଇମନ କମିସନଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ଓ ସାକ୍ଷ୍ୟଦେଲେ ।

ଏ ସଂପର୍କରେ ଏକ ଚମତ୍କାର ବର୍ଣ୍ଣନା ପ୍ରଦାନ କରନ୍ତି ସୁରେନ୍ଦ୍ର ମହାନ୍ତି, "ସାଇମନ କମିସନ ପାଟନାରେ ପହଞ୍ଚିବା ଦିନ, କଂଗ୍ରେସର ଆହ୍ୱାନରେ ସହରରେ ପୂର୍ଣ୍ଣ ହରତାଳ । ଅବଶେଷରେ କନିକା ରାଜା ରାଜେନ୍ଦ୍ର ନାରାୟଣଙ୍କ ଅନୁରୋଧରେ ପାଟନାର ଷ୍ଟେସନ ମାଷ୍ଟରଙ୍କୁ ଧରି ହାର୍ଡ଼ିଜ ପାର୍କ ସଂଲଗ୍ନ ସ୍ୱତନ୍ତ୍ର – ସେରିମନିଅଲ" ପ୍ଲାଟଫର୍ମରେ ସାଇମନ – କମିସନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହେଲା ଓଡ଼ିଶା ପକ୍ଷରୁ ପୋଷ୍ଟରର ନୀରବ ଶୋଭାଯାତ୍ରା । ପ୍ଲାଟଫର୍ମରେ ଓହ୍ଲାଇବା ମାତ୍ରେ, କମିସନ ସଭ୍ୟବୃନ୍ଦ ଦେଖିଲେ ଷ୍ଟେସନ କାନ୍ଥରେ ସର୍ବତ୍ର ପୋଷ୍ଟରର ମୈଫିଲ – ORISSA WELCOMES SIMON COMMISSION । ବମ୍ବେଠାରୁ ଏ ପର୍ଯ୍ୟନ୍ତ ସାଇମନ–କମିସନ ସବୁଠାରେ ଦେଖି ଆସିଥିଲେ କଳାପତାକା ପ୍ରଦର୍ଶନୀ ; ଶୁଣି ଆସିଥିଲେ ବିକ୍ଷୋଭର ପ୍ରମତ୍ତ ଚିତ୍କାର କିନ୍ତୁ ଏଠାରେ ପ୍ରଥମଥର ପାଇଁ ସମ୍ବର୍ଦ୍ଧନାର ଇଙ୍ଗିତ ଓ ପୋଷ୍ଟରମାନଙ୍କରେ ସ୍ୱାଗତ ସମାରୋହ ଲକ୍ଷ୍ୟ କରି କମିସନର ସଭ୍ୟବୃନ୍ଦ କିଛି ପରିମାଣରେ ଯେ ପରିତୃପ୍ତ ହୋଇଥିଲେ – ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ଯେତେକ୍ଷୀଣ ଭାବରେ ହେଉ ପଛେ ଓଡ଼ିଶାର ଦାବି ଓ ସମସ୍ୟା ସେମାନଙ୍କ ଚିନ୍ତା ଓ ଚେତନାରେ ସହାନୁଭୂତିର ରେଖାପାତ କରିଥିଲା ।" – (କୁଳବୃଦ୍ଧ – ପୃ ୩୨୪) । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଆଲୋଚନା କରିବାକୁ ସାଇମନ କମିଶନ ଗଠନ କଲେ ମେଜର ସି.ଆର ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍–କମିଟି ଯାହା ଅଟଲି–କମିଟି ନାମରେ ଖ୍ୟାତ । ଏହି କମିଟି ୧୯୩୦ ମସିହା ସେପ୍ଟେମ୍ବର ୨୦ରେ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣ ସଂପର୍କରେ ଅନୁକୂଳ ରିପୋର୍ଟ ଦେଇଥିଲେ, "It recommended the constitution of a sepa-

rate Orissa Province" - (ଓରିଆ ନ୍ୟାସନାଲିଜିମ୍-ପୃ - ୨୦୦ - ନିବେଦିତା ମହାନ୍ତି) । ଏହା ମଧ୍ୟ ପ୍ରମାଣ କରେ ଜନ ସାଇମନ ଓ ସାଇମନ କମିସନର ଅନ୍ୟ ଇଂରେଜ ସଦସ୍ୟବୃନ୍ଦ ତଥା ମେଜର ଅଟଲ୍‌ଙ୍କର କିପରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଅବଦାନ ଥିଲା - "..... ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଅଟଲୀ - ସବ୍ କମ୍‌ିଟିର ସମର୍ଥନ, ମଧୁସୂଦନଙ୍କ ରିକ୍ତ ଜୀବନକୁ ସ୍ୱର୍ଣ୍ଣ ସମ୍ଭାରରେ ଯେପରି ପୂର୍ଣ୍ଣ କରିଦେଇଥିଲା"-(କୁଳବୃଦ୍ଧ -ପୃ-୩୨୬ - ସୁରେନ୍ଦ୍ର ମହାନ୍ତି)

୧୯୩୧ରେ ଇଂଲଣ୍ଡରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ବିଶେଷ ଆଲୋଚନା ହୋଇ ନଥିଲେ ମଧ୍ୟ "ଓଡ଼ିଆଭାଷୀମାନଙ୍କ ଦାବି ଯୁକ୍ତିଯୁକ୍ତ ଥିବାରୁ ସ୍ୱତନ୍ତ୍ର ପ୍ରଦେଶର ପ୍ରଶାସନିକ, ଆର୍ଥିକ ଓ ଆନୁଷଙ୍ଗିକ ବ୍ୟବସ୍ଥା ବିଷୟ କରିବାକୁ ଗୋଟିଏ କମିଶନ ନିଯୁକ୍ତ କରିବା ସ୍ଥିର ହେଲା । ଉକ୍ତ କମିଶନ ପ୍ରସ୍ତାବିତ ପ୍ରଦେଶର ସୀମାରେଖା ନିର୍ଦ୍ଧାରଣ କରିବା ମଧ୍ୟ ସ୍ଥିର ହେଲା" । (ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ - ପୃ- ୧୫୦-୧୫୧ - ପ୍ରବୋଧ କୁମାର ମିଶ୍ର) । ସେହି ଅନୁସାରେ ଭାରତ ସରକାରଙ୍କ ପୂର୍ବତନ ଗୃହ ସଚିବ ସାର୍ ସାମୁଏଲ ଓଡୋନେଲଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା ଓଡ଼ିଶା ସୀମା କମିସନ ବା ଓଡୋନେଲ କମିଟି । ଏଥିରେ ସଦସ୍ୟମାନେ ଥିଲେ ପାରଳା ମହାରାଜା, ସଚ୍ଚିଦାନନ୍ଦ ସିହ୍ନା ଓ ନରସିଂହ ରାଜୁ । ବି.ସି. ମୁଖାର୍ଜୀ ହେଲେ କମିଶନରଙ୍କ ସେକ୍ରେଟାରୀ । "ନିରପେକ୍ଷ ଅନୁସନ୍ଧାନ ପରେ ତଥ୍ୟ ଉପରେ ଭିତ୍ତିକରି କମିଶନ ନୂତନ ପ୍ରଦେଶ ଯେଉଁସବୁ ଅଞ୍ଚଳ ନେଇ ଗଠିତ ହେବ ତାହା ଉଲ୍ଲେଖ କରିଥିଲେ ।" - (ଡତ୍ରେବ - ପୃ ୧୫୫)

ତୃତୀୟ ଗୋଲ ଟେବୁଲ ବୈଠକରେ ମଧ୍ୟ ବ୍ରିଟିଶ ସରକାର ପ୍ରକାଶ କଲେ ଏକ ଶ୍ୱେତପତ୍ର ଯେଉଁଥିରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସୀମାରେଖା ଉଲ୍ଲେଖ କରାଯାଇଥିଲା । ୧୯୩୬ ଜାନୁୟାରୀ ୨୧ ରେ ଓଡ଼ିଶା ପ୍ରଦେଶ ଗଠନ ଆଇନର ଚିଠା ପ୍ରସ୍ତାବ ବ୍ରିଟିଶ ମନ୍ତ୍ରୀମଣ୍ଡଳ ଦ୍ୱାରା ଗୃହୀତ ହୋଇ ପାର୍ଲାମେଣ୍ଟରେ ଉପସ୍ଥାପିତ ହେଲା । ଏହା "ଭାରତ ସରକାର (ଓଡ଼ିଶା ପ୍ରଦେଶ ଗଠନ) ଆଦେଶ - ୧୯୩୬" ନାମରେ ଅଭିହିତ କରାଯାଇଥିଲା । ଲର୍ଡ଼ସ ସଭା ଓ କମନ୍‌ସ ସଭା ସମ୍ରାଟଙ୍କୁ ଫେବୃୟାରୀ ମାସରେ ପ୍ରିଭିକାଉନସିଲ ସହ ପରାମର୍ଶ କରି ଏହାର ଅନୁମୋଦନ କରିବାକୁ ପ୍ରାର୍ଥନା କରିଥିଲେ । ୧୯୩୬ ମାର୍ଚ୍ଚ ୩ ତାରିଖ ଦିନ ସମ୍ରାଟ ଆଇନ୍‌କୁ ସ୍ୱୀକୃତି ପ୍ରଦାନ କଲେ । ତଦନୁସାରେ ନୂତନ ପ୍ରଦେଶ ଗଠନ ନିମନ୍ତେ ସାମ୍ବିଧାନିକ ସ୍ୱୀକୃତି ମିଳିଗଲା"- (ଡତ୍ରେବ - ପୃ-୧୬୮) । ଏହା ଅନୁସାରେ ମନ୍ତ୍ରୀପରିଷଦ "ଭାରତ ସରକାର - ଓଡ଼ିଶା ପ୍ରଦେଶ ଗଠନ ଆଦେଶ - ୧୯୩୬" ଘୋଷଣା ଯୋଗୁଁ ଏପ୍ରିଲ ୧ ଠାରୁ ନୂତନ ପ୍ରଦେଶ କାର୍ଯ୍ୟକାରୀ ହେବା ବିଜ୍ଞପ୍ତି ପ୍ରକାଶ ପାଇଲା ।

ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ଉତ୍କଳ ସହ ମିଶ୍ରଣ କରାଇ ସ୍ୱତନ୍ତ୍ର ଉତ୍କଳ ଗଠନ ସକାଶେ ଉକ୍ତ ପ୍ରମୁଖ ଇଂରେଜମାନଙ୍କର ଅକପଟ ଭୂମିକା ସହ ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଉତ୍କଳ ଗୌରବ ମଧୁସୂଦନଙ୍କ ସମେତ କତିପୟ ବୀର୍ଯ୍ୟବାନ୍ ଓଡ଼ିଆଙ୍କ ଶ୍ରମ, ସଂଗ୍ରାମ, ସାଧନା ଫଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା- "On I April 1936, on a Wednesday, the Province of Orissa was born comprising an area of 32, 695 square miles with a population of 8,043,681. The territory was divided into six districts, viz, Cuttack, Puri, Balasore, Sambalpur, Ganjam and Koraput." - (ଓରିଆ ନ୍ୟାସନାଲିଜିମ୍ - ପୃ ୩୧୨, ନିବେଦିତା ମହାନ୍ତି) । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟ ପର୍ଯ୍ୟାଲୋଚନାବେଳେ ଉକ୍ତ ଉତ୍କଳପ୍ରେମୀ ଇଂରେଜମାନଙ୍କ ବଳିଷ୍ଠ ଭୂମିକା ସ୍ମରଣ ନକଲେ, ତାହା ହେବ ଏକ ପ୍ରକାର କୃତଘ୍ନତା ଓ ଅଣଐତିହାସିକତା ।

ଉତ୍କଳ

ମୋ: ୮୦୧୮୦୮୭୮୩୧

❐

ଘାସଫୁଲର ପ୍ରତିଷ୍ଠାତା ସଂପାଦକ କବି ବିଷ୍ଣୁ ସେଠୀ ନବ ପ୍ରତିଭାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ମାନ ଜଣାଉଥିଲେ । ଛାତ୍ରଜୀବନରୁ ସେମାନଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ଆଗାମୀ ମକର -୨୦୨୫ ସଂଖ୍ୟାରୁ ସେହିମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ବିଭାଗ ସ୍ଥାନ ପାଇବ । ଏହି ବିଭାଗ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ଏଥି ନିମନ୍ତେ ସେମାନଙ୍କ ଠାରୁ ଲେଖା ସହିତ ଫଟୋ ଆହ୍ୱାନ କରାଯାଉଛି । ଏଥିରେ ଫୋନ୍ ନମ୍ବର ଏବଂ ଶିକ୍ଷାନୁଷ୍ଠାନର ସଂପୂର୍ଣ୍ଣ ଠିକଣା ରହିବା ଆବଶ୍ୟକ ।

ଲେଖା ପଠାଇବାର ଇମେଲ୍ : ghasaphula02@gmail.com.

- ସଂପାଦିକା

ମହାସିନ୍ଧୁ - ନୀଳ - ନୀର ବସନା



ବିଜୟ ନାୟକ

“ଇତିମଧ୍ୟରେ ଗୋଟେ ଅଜଣା ଆତ୍ମୀୟତା ମୋତେ ଯେମିତି ଫିଜି ସହିତ ବାନ୍ଧି ସାରିଥିଲା । ଏହାର ଭାବ ଓ ଭୂଗୋଳର ବନ୍ଧନ ଥିଲା ବେଶ୍ ନିବିଡ଼ । ଢେଉଢେଉଆ ପାହାଡ଼, ସବୁଜ ବୃକ୍ଷରାଜି ଏବଂ ନୀଳସୁନୀଳ ତରଙ୍ଗର ସମନ୍ୱୟରେ ଫିଜି ଅବା ନୈସର୍ଗିକ ସୁଷମାର ଗନ୍ତାଘର । ମୋ ସାମ୍ନାରେ ଅକସ୍ମାତ୍ ଉଭା ହୋଇ ତତ୍କ୍ଷଣାତ୍ ଅପସରି ଯାଉଥିଲେ ନୀଳବସନା ଏକ ଦିବ୍ୟ ମାତୃମୂର୍ତ୍ତି ।”

ତାହା ଥିଲା ଭାରତର ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୀର୍ଘତମ ବ୍ୟୋମଯାତ୍ର, ସେ ପୁଣି ଗୋଟିଏ କ୍ଷେପାରେ । ନୂଆଦିଲ୍ଲୀରୁ ଫିଜିର ‘ନନ୍ଦି ନଗ୍ର’ ପର୍ଯ୍ୟନ୍ତ ଯାତ୍ରାର ଅବଧି ଥିଲା ପ୍ରାୟ ପନ୍ଦର ଘଣ୍ଟା । ବ୍ୟୋମଯାତ୍ରା ସ୍ଥଳଭାଗ ଅପେକ୍ଷା ଜଳଭାଗରେ ଅଧିକ ସମୟ ଧରି ଚାଲିଥିଲା । ଚଳିତବର୍ଷ (୨୦୨୪) ଅଗଷ୍ଟ ୪ ତାରିଖ ବିଳମ୍ବିତ ସନ୍ଧ୍ୟାରେ ନୂଆଦିଲ୍ଲୀର ପାଲାମ୍ ଏୟାରଫୋର୍ସ ବିମାନବନ୍ଦରରୁ ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଉଡ଼ାଣ ଆରମ୍ଭ କରିଥିଲା ଏବଂ ତହିଁ ପରଦିନ ଅର୍ଥାତ୍ ଅଗଷ୍ଟ ୫ ତାରିଖ ଅପରାହ୍ନ ୫ ଘଟିକା ସମୟରେ ଅବତରଣ କରିଥିଲା ନନ୍ଦି ଅନ୍ତର୍ଜାତୀୟ ବିମାନବନ୍ଦରରେ । ରାତି ପାହି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ଯେତେବେଳେ ଉଷାଲୋକରେ ଉଦ୍ଭାସିତ ହେଲା ଆକାଶ - ଅବନୀ, ସେହି ମନୋଜ୍ଞ ଦୃଶ୍ୟକୁ ମୁଁ ବିମାନ ଝର୍କାରୁ ଅବଲୋକନ କରି ବିମୋହିତ ହୋଇଥିଲି । ନୀଳ ଓ ଲୋହିତ ରଙ୍ଗର ସମନ୍ୱୟରେ ଆକାଶ ଓ ସମୁଦ୍ର ଅପୂର୍ବ ରୂପଧାରଣ କରିଥିଲେ । ବିସ୍ତୀର୍ଣ୍ଣ ଜଳରାଶି ମଧ୍ୟେ ମଧ୍ୟେ ସୂର୍ଯ୍ୟାଲୋକରେ ଝଲସୁଥିଲେ ଦ୍ୱୀପ ଦ୍ୱୀପାନ୍ତରେ । ଏକ ବିଶାଳ ସରୋବରରେ ବିକ୍ଷିପ୍ତ ପଦ୍ମପତ୍ର ପରି ସେହି ସବୁ ସ୍ଥଳ ଭାଗ ମନେ ହେଉଥିଲେ କ୍ଷୁଦ୍ରାତିକ୍ଷୁଦ୍ର । ଜଳଭାଗର ବିସ୍ତୃତି ଭିତରେ ସ୍ଥଳଭାଗରେ ସ୍ଥିତି କେଡ଼େ ନଗଣ୍ୟ ସତେ !

ନନ୍ଦି ନଗରର ଆକାଶ ଉପରେ ବିମାନ ଚକ୍କର କାଟୁଥିଲାବେଳେ ସମୁଦ୍ର ଭିତରେ ନଗରୀ ବା ନଗରୀ ଭିତରେ ସମୁଦ୍ର, ତାହା ଜଣାପଡୁଥିଲା । ପୁଣି ନାତ୍ୟୁଚ୍ଚ ସବୁଜ ପାହାଡ଼ମାନେ ନଗରୀର କିୟଦଞ୍ଚଳକୁ ଘେରି ରହିଥିଲେ । ତିନିଶହରୁ ଊର୍ଦ୍ଧ୍ୱ ଛୋଟବଡ଼ ଦ୍ୱୀପର ସମାହାର ଫିଜି ଆରମ୍ଭରୁ ମନେ ହୋଇଥିଲା ଅନନ୍ତ ଶୋଭାର ଗନ୍ତାଘର ପରି । ଏହାର ଦୁଇ ମୁଖ୍ୟ ଦ୍ୱୀପ, ଭିଟିଲେଭୁ ଓ ଭାନୁଆଲେଭୁ ବେଶ୍ ଜନବହୁଳ । ବାଣିଜ୍ୟିକ ନଗରୀ ନନ୍ଦି ଓ ରାଜଧାନୀ ନଗରୀ ସୁବା, ଭିଟିଲେଭୁ ଦ୍ୱୀପର ଦୁଇ ପାର୍ଶ୍ୱରେ ଅବସ୍ଥିତ । ନନ୍ଦି ବିମାନବନ୍ଦରରେ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅବତରଣ କଲା ପରେ ଫିଜିର ଉପପ୍ରଧାନମନ୍ତ୍ରୀ ଶ୍ରୀ ବିମାନଚନ୍ଦ୍ର ପ୍ରସାଦ ଏବଂ ଫିଜି ଓ ଭାରତର ଅଧିକାରୀମାନେ ତାଙ୍କୁ ପାଛୋଟି ନେଇଥିଲେ । ରାଷ୍ଟ୍ରପତିଙ୍କ ପ୍ରତିନିଧିମଣ୍ଡଳୀରେ ପଦାଧିକାରୀମାନଙ୍କ ସହିତ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜର୍ଜ କୁରିଆନ୍ ଏବଂ ଲୋକସଭା ସଦସ୍ୟ ଶ୍ରୀ ସୌମିତ୍ର ଖାନ୍ ଓ ଶ୍ରୀ ଯୁଗଳ କିଶୋର ଅନ୍ତର୍ଭୁକ୍ତ ଥିଲେ । ସେଠାରୁ କାର୍‌କେଡ଼, ନଗର ମଧ୍ୟସ୍ଥ ହୋଟେଲ୍ ସେରାଟନ୍‌କୁ ଯାତ୍ରା କରିଥିଲା । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏବଂ ଭାରତୀୟ ପ୍ରତିନିଧିମଣ୍ଡଳୀ ସେଠାରେ ରାତ୍ରିଯାପନ କରିଥିଲେ । ତହିଁ ପରଦିନ ସକାଳୁ ନନ୍ଦୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଯାତ୍ରା ଆରମ୍ଭ କରି ଫିଜିର ରାଜଧାନୀ 'ସୁବା'ର ନୌସରୀ ଅନ୍ତର୍ଜାତୀୟ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ବିମାନବନ୍ଦରରେ ଅବତରଣ କରିଥିଲା ଭାରତୀୟ ବାୟୁସେନା ବିମାନ । ବିମାନରୁ ଓହ୍ଲାଇଲା ପରେ ଫିଜିର ପ୍ରଧାନମନ୍ତ୍ରୀ ଏସ୍. ଏଲ୍. ରାବୁକା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସ୍ୱାଗତ ଜଣାଇଥିଲେ । କୁନି ଝିଅଟିଏ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲା ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ବିମାନବନ୍ଦରରେ ହିଁ ରାଷ୍ଟ୍ରପତିଙ୍କୁ ରିପବ୍ଲିକ ଅଫ୍ ଫିଜି ମିଲିଟାରି ଫୋର୍ସ ଦ୍ୱାରା ଗାର୍ଡ଼ ଅଫ୍ ଅନର୍ ଓ ଏକାଇେଶ ତୋପ ସଲାମି ଦିଆଯାଇଥିଲା । ତତ୍ପରେ ରାଷ୍ଟ୍ରପତିଙ୍କ କାର୍‌କେଡ୍ ହୋଟେଲ ଗ୍ରାଣ୍ଡ ପେସିଫିକ୍ ଅଭିମୁଖେ ଯାତ୍ରା କରିଥିଲା । ଯାତ୍ରାର ପଥେ ପଥେ ସ୍କୁଲ୍ ଛାତ୍ରଛାତ୍ରୀମାନେ ଦୁଇଦେଶର ପତାକା ଉଡ଼ାଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ଦୀର୍ଘ ରାସ୍ତା ବ୍ୟାପି ଛାତ୍ରଛାତ୍ରୀମାନଙ୍କର ଏହି ଉଚ୍ଛ୍ୱସିତ ସ୍ୱାଗତ - ସ୍ଲୋଗାନ ସୁବା ସହରର ବାତାବରଣକୁ ଉଷ୍ମ କରିଥିଲା । ଛାତ୍ରଛାତ୍ରୀମାନଙ୍କ ହର୍ଷୋଲ୍ଲାସ ଯେମିତି ଉଭୟ ଦେଶର ବନ୍ଧୁତ୍ୱର ଥିଲା ଅକୃତ୍ରିମ ଅଭିବ୍ୟକ୍ତି । କାର୍ ଝର୍କାରୁ ଏମନ୍ତ ଦୃଶ୍ୟ ଦେଖି ମୁଁ ବିହ୍ୱଳ ହୋଇପଡୁଥିଲି । ହୋଟେଲର ବ୍ରିଟାନିଆ କକ୍ଷରେ ଫିଜିର ପାରମ୍ପରିକ ପଦ୍ଧତିରେ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ସ୍ୱାଗତ ସଭା ଆୟୋଜିତ ହୋଇଥିଲା । ସ୍ୱାଗତ ମଞ୍ଚରେ ରାଷ୍ଟ୍ରପତିଙ୍କ ସହିତ ଫିଜିର ପ୍ରଧାନମନ୍ତ୍ରୀ ଏବଂ ଭାରତର ମନ୍ତ୍ରୀ ତଥା ସାଂସଦମାନେ ଉପବେଶନ କରିଥିଲେ । କେତେଜଣ ଫିଜି ମହିଳା, ରାଷ୍ଟ୍ରପତିଙ୍କୁ ଫୁଲମାଳ ପିନ୍ଧାଇଥିଲେ । ତା' ପରେ ଫିଜିର ମୂଳବାସିନ୍ଦା ମୁଖିଆମାନଙ୍କ ଦ୍ୱାରା ପାରମ୍ପାରିକ ଅଭ୍ୟର୍ଥନା କାର୍ଯ୍ୟକ୍ରମ ଏବଂ ପରେ ପରେ ସେଠାକାର ପୂଜକମାନଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା । ଶେଷରେ ସେମାନେ ରାଷ୍ଟ୍ରପତିଙ୍କୁ ଶିଷ୍ଟାଚାରର ନିଦର୍ଶନ ସ୍ୱରୂପ ଚେରମୂଳିରେ ପ୍ରସ୍ତୁତ ପାନୀୟ ପ୍ରଦାନ କରିଥିଲେ । ଏହି ପାନୀୟକୁ 'କାବା' ବୋଲି କୁହାଯାଏ ।

ଏହିସବୁ କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ଫିଜିର ଷ୍ଟେଟ୍ ହାଉସ୍‌କୁ ଯାଇଥିଲେ ଯେଉଁଠାରେ ଫିଜିର ରାଷ୍ଟ୍ରପତି ଶ୍ରୀ ୱିଲିଅମ୍ ମାଇବାଲିଲି କାବୋନିବେରେଙ୍କ ସହିତ ତାଙ୍କର ଔପଚାରିକ ବାର୍ତ୍ତା - ବିନିମୟ ସମ୍ପାଦିତ ହୋଇଥିଲା । ସେହି ଅବସରରେ ଶ୍ରୀମତୀ ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ନାଗରିକ ସମ୍ମାନ 'କମ୍ପାନିଅନ୍ ଅଫ୍ ଦ ଅର୍ଡ଼ର ଅଫ୍ ଫିଜି' ପ୍ରଦାନ କରାଯାଇଥିଲା । ଏହି ଷ୍ଟେଟ୍ ହାଉସ୍ ଫିଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୌଧ । ଏହା ୧୯୨୬ ମସିହାରେ ନିର୍ମିତ ହୋଇଥିଲା ଏବଂ ସେତେବେଳେ ଏହାର ନାମ




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗଭର ଝଲକ

ଥିଲା ଗଭର୍ଣ୍ଣମେଣ୍ଟ ହାଉସ୍ । ୨୦୧୭ ମସିହାରେ ଏହାକୁ ଷ୍ଟେଟ ହାଉସ୍ ଭାବରେ ନାମିତ କରାଯାଇଛି । ୪୦ ଏକର ପରିମିତ ଜମିର ଏକ ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଏହି ଭବନ ବିଦ୍ୟମାନ । ଏହି ଭବନରୁ ପ୍ରଶାନ୍ତ ମହାସାଗରର ପ୍ରଶାନ୍ତି ଓ ବିପୁଳତା ଦେଖି ମୁଁ ମୁଗ୍ଧ ହୋଇଥିଲି । ସେଠାରୁ ରାଷ୍ଟ୍ରପତି ଫିଜିର ପାର୍ଲାମେଣ୍ଟ ହାଉସକୁ ଯାଇଥିଲେ ଏବଂ ସେଠାରେ ଅଭିଭାଷଣ ପ୍ରଦାନ କରିଥିଲେ । ଫିଜି ପାର୍ଲାମେଣ୍ଟକୁ ଉଦ୍‌ବୋଧନ ଦେବାରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ହେଉଛନ୍ତି ଭାରତର ପ୍ରଥମ ରାଷ୍ଟ୍ରପତି । ଏହି ପାର୍ଲିଆମେଣ୍ଟ ଗୃହ ବ୍ରିଟିଶ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ପାର୍ଲିଆମେଣ୍ଟରେ ଉଦ୍‌ବୋଧନ ଦେବା ପରେ ଶ୍ରୀମତୀ ମୁର୍ମୁ ହୋଟେଲ ଗ୍ରାଣ୍ଡ ପେସିଫିକ୍ ଫେରିଆସିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ରାବୁକାଙ୍କ ସହିତ ତାଙ୍କର ବାର୍ତ୍ତା ବିନିମୟ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ରାବୁକା ରାଷ୍ଟ୍ରପତି ମୁର୍ମୁଙ୍କୁ ତାଙ୍କ ଦେଶରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ନଥିପତ୍ର ପ୍ରଦାନ କରିଥିଲେ ।

ଏହା ଉଲ୍ଲେଖବାହୁଲ୍ୟ ଯେ, ଭାରତ ସମେତ ଅନେକ ଦେଶ ଏକଦା ବ୍ରିଟ୍ରିଶ୍ ଶାସନାଧୀନ ଥିଲେ । ସେହିକ୍ରମରେ ଫିଜି ମଧ୍ୟ ଥିଲା ଏକ ବ୍ରିଟିଶ୍ ଉପନିବେଶ । ଅବଶ୍ୟ ଫିଜିର ଇତିହାସ ବେଶ୍ ପ୍ରାଚୀନ । ପ୍ରାୟ ୩.୫୦୦ ବର୍ଷ ପୂର୍ବରୁ ଏଠାରେ ଜନବସତି ଥିବା ବିଶ୍ୱାସ କରାଯାଏ । ଐତିହାସିକମାନଙ୍କ ମତରେ ବିଭିନ୍ନ କାଳଖଣ୍ଡରେ ଭିନ୍ନ ଭିନ୍ନ ଗୋଷ୍ଠୀର ଦଳପତିମାନଙ୍କ ଦ୍ୱାରା ଏହା ଶାସିତ ହୋଇଥିଲା । କେତେବେଳେ ଗୋଷ୍ଠୀ - ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗି ରହୁଥିଲା ତ ଆଉ କେତେବେଳେ ସମନ୍ୱୟ ଭିତ୍ତିରେ ଶାସନ ଚାଲୁଥିଲା । ତେବେ ୧୮୭୧ ମସିହାରେ ଏଠାରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା ଯାହା ୧୮୭୪ ମସିହାରେ ବ୍ରଟିଶ ସାମ୍ରାଜ୍ୟର ଅଂଶ ପାଲଟିଥିଲା । ଭାରତ ସହିତ ଫିଜିର ସମ୍ପର୍କ ବ୍ରିଟିଶ ଶାସକମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା, ତାହା ପୁଣି ଭାରତର ଶ୍ରମଶକ୍ତି ମାଧ୍ୟମରେ ।

ଫିଜି ଲୋକସଂଖ୍ୟାର ଏକ - ତୃତୀୟାଂଶ ଭାରତୀୟ ବଂଶୋଦ୍ଭବ ଅଟନ୍ତି । ଊନବିଂଶ ଶତାବ୍ଦୀର ଶେଷଭାଗ ଏବଂ ବିଂଶ ଶତାବ୍ଦୀର ଆଦ୍ୟକାଳ ମଧ୍ୟରେ ଆଖୁକ୍ଷେତରେ କାମ କରିବା ପାଇଁ ପ୍ରାୟ ୬୦,୦୦୦ ଠିକାଶ୍ରମିକଙ୍କୁ ଭାରତରୁ ଏଠାକୁ ଅଣାଯାଇଥିଲା । ସୁରିନାମ୍, ମରିସସ୍ ପରି ଏଠାରେ ମଧ୍ୟ ସେମାନଙ୍କୁ ଗିରମିଟିଆ ବୋଲି କୁହାଯାଏ ।

ଅଧିକାଂଶ ଶ୍ରମିକ ଭାରତର ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କେରଳରୁ ଆସିଥିଲେ । ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ମଧ୍ୟ ଗୁଜରାଟୀ ଓ ପଞ୍ଜାବୀ ପ୍ରବାସୀମାନେ ଆସି ଏଠାରେ ପହଞ୍ଚିଥିଲେ ଏବଂ ସେମାନଙ୍କ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ମଧ୍ୟରୁ ଅନେକ ଧର୍ମଗୁରୁ, ମିଶନାରୀ ଓ ଓକିଲ ଭାବରେ କାର୍ଯ୍ୟ କରୁଥିଲେ । ଫିଜି ସରକାର ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଭାରତରୁ କିରାଣି ଠାରୁ କାରିଗର ଏବଂ ମାଳୀଙ୍କ ଠାରୁ ଡାକ୍ତର ଓ ଶିକ୍ଷକ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଶିକ୍ଷିତ ଭାରତୀୟମାନଙ୍କୁ ଆଣି ନିଯୁକ୍ତି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ କେତେକ ପଞ୍ଜାବୀ ଚାଷୀ ଏବଂ ଗୁଜରାଟୀ କାରିଗର ମଧ୍ୟ ଫିଜି ଆସି ଚାଷବାସ ଓ ବେପାର ବଣିଜ ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ବର୍ତ୍ତମାନ ମଧ୍ୟ ଫିଜିର ବେପାର ବଣିଜ ମୂଳ ଭାରତୀୟ, ବିଶେଷ କରି ମୂଳ ଗୁଜରାଟୀ ସମ୍ପ୍ରଦାୟର ଲୋକମାନଙ୍କ ହାତରେ ରହିଛି । ସେଠାକାର ଏକ ପରିସଂଖ୍ୟାନ ଅନୁଯାୟୀ ବର୍ତ୍ତମାନ ଫିଜି ଲୋକସଂଖ୍ୟାର ୩୩ ପ୍ରତିଶତ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ । ସେଥିପାଇଁ ଫିଜି ରାଜନୀତିରେ ମଧ୍ୟ ମୂଳ ଭାରତୀୟମାନଙ୍କର ବିଶେଷ ଭୂମିକା ରହିଛି ।

ଏଠାରେ ଉଲ୍ଲେଖନୀୟ ଯେ, ୧୯୭୦ ମସିହାରେ ଫିଜି ସ୍ୱାଧୀନତା ଲାଭ କରିଥିଲା । ବିଭିନ୍ନ ସମୟରେ ମୂଳ ଭାରତୀୟମାନେ ଫିଜି ରାଜନୀତିରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି । ଉଦାହରଣ ସ୍ୱରୂପ ୧୯୯୯ ମସିହାରେ ଭାରତୀୟ ବଂଶୋଦ୍ଭବ ରାଜନେତା ଶ୍ରୀ ମହେନ୍ଦ୍ର ଚୌଧୁରୀ ଫିଜିର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ଶ୍ରୀ ପ୍ରବୀଣବାଳା ଏବଂ ଶ୍ରୀ ଫାୟାଜ୍ କୋୟା - ଏହି ଦୁଇଜଣ ଜନନେତା ମଧ୍ୟ, ଫିଜି ସରକାରରେ ମନ୍ତ୍ରୀ ଥିଲେ । ବର୍ତ୍ତମାନ ଶ୍ରୀ ବିମଳଚନ୍ଦ ପ୍ରସାଦ ଫିଜିର ଉପପ୍ରଧାନମନ୍ତ୍ରୀ ଥିବାବେଳେ ଶ୍ରୀ ଅଗ୍ନିଦେଓ ସିଂ, ଶ୍ରୀ ଚରଣଜିତ ସିଂ ଓ ଶ୍ରୀମତୀ ଶଶି କିରଣ, ରାବୁକା ମନ୍ତ୍ରୀମଣ୍ଡଳର ସଦସ୍ୟ ଅଛନ୍ତି । ସେହିପରି ପୂର୍ବତନମନ୍ତ୍ରୀ ଶ୍ରୀମତୀ ପ୍ରେମିଲା କୁମାର ଫିଜି ପାର୍ଲାମେଣ୍ଟରେ ଜଣେ ଆଗଧାଡ଼ିର ସାଂସଦ ।

ମୂଳ ଭାରତୀୟଙ୍କ ଛଡ଼ା ବେଶ୍ ସଂଖ୍ୟାର ପ୍ରବାସୀ ଭାରତୀୟ ମଧ୍ୟ ଫିଜିରେ ରହିଛନ୍ତି । ସେମାନେ ମୁଖ୍ୟତଃ ସୂଚନାପ୍ରଯୁକ୍ତି, ଚିକିତ୍ସା, ମାର୍କେଟିଂ ଆଦି କ୍ଷେତ୍ରରେ କାର୍ଯ୍ୟରତ । କେତେକ ଭାରତୀୟ ମଧ୍ୟ, ୟୁନିଭରସିଟି ଅଫ୍ ସାଉଥ୍ ପେସିଫିକ୍ ଓ ଫିଜି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ନ୍ୟାସନାଲ୍ ୟୁନିଭରସିଟିରେ କାର୍ଯ୍ୟ କରୁଛନ୍ତି । ମୂଳ ଏବଂ ପ୍ରବାସୀ ଭାରତୀୟମାନେ ସେଠାରେ ଭାରତର ସାଂସ୍କୃତିକ ଧାରାକୁ ଅବ୍ୟାହତ ରଖିଛନ୍ତି । ଫିଜିର ତିନୋଟି ରାଜଭାଷା ମଧ୍ୟରୁ ହିନ୍ଦୀ ଅନ୍ୟତମ । ୨୦୨୩ ମସିହା ଫେବୃୟାରୀ ମାସ ୧୫ରୁ ୧୭ ତାରିଖ ମଧ୍ୟରେ ସେଠାରେ ଦ୍ୱାଦଶ ବିଶ୍ୱ ହିନ୍ଦୀ ସମ୍ମେଳନ ଆୟୋଜିତ ହୋଇଥିଲା, ଯାହାକୁ ଫିଜିର ରାଷ୍ଟ୍ରପତି ଉଦ୍‌ଘାଟନ କରିଥିଲେ । ଗିରମିଟ ଦିବସ ଓ ଅନ୍ତର୍ଜାତୀୟ ଯୋଗ ଦିବସ ମଧ୍ୟ ସେଠାରେ ନିୟମିତ ଭାବରେ ପାଳିତ ହେଉଛି ।

ଗତ ନଅ ବର୍ଷ ଧରି ସୁବା ନଗରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି । ମୁଁ ଫିଜି ଯିବା ପୂର୍ବରୁ ଫିଜିରେ ସପରିବାର ରହୁଥିବା, ସେଠାକାର ଗୋଟିଏ ଅଗ୍ରଣୀ ମୁଦ୍ରଣ କମ୍ପାନୀରେ ମ୍ୟାନେଜର ଭାବରେ କାର୍ଯ୍ୟରତ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିବାସୀ ସୁମନ୍ତ କୁମାର ରାଉତ ମୋ ସହିତ ଫୋନ୍‌ରେ ଯୋଗଯୋଗ କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ରାଷ୍ଟ୍ରପତିଙ୍କ ସହିତ ଓଡ଼ିଆ ସମାଜର ଲୋକମାନଙ୍କୁ ସାକ୍ଷାତ କରାଇବା ପାଇଁ ସେ ମୋତେ ଅନୁରୋଧ କରିଥିଲେ । ମୁଁ ତାଙ୍କୁ କହିଥିଲି ଯେ, ପ୍ରବାସୀ ଭାରତୀୟଙ୍କ ସମ୍ମିଳନୀରେ ଆପଣମାନେ ଯୋଗ ଦିଅନ୍ତୁ । ତଦନୁଯାୟୀ ପ୍ରବାସୀ ଭାରତୀୟମାନଙ୍କ ସଭାରେ ସେ ଏବଂ ଓଡ଼ିଆ ସମାଜର ପ୍ରାୟ ଦଶଜଣ ସଦସ୍ୟ ଯୋଗ ଦେଇଥିଲେ । ସେଠାକାର ରଥଯାତ୍ରା ଆୟୋଜନରେ ସେ ବିଶେଷ ଭୂମିକା ଗ୍ରହଣ କରନ୍ତି ବୋଲି ମୋତେ ମଧ୍ୟ କହିଥିଲେ । ସେଠାକାର ଓଡ଼ିଆ ସମାଜ ସହିତ ମିଶି ଶ୍ରୀ ସତ୍‌ସଙ୍ଗ ରାମାୟଣ ମଣ୍ଡଳୀର ସଭାପତି ଅଖିଳେଶ ପ୍ରସାଦ ଓ ଫିଜି ସେବାଶ୍ରମ ସଂଘର ସଭାପତି ସ୍ୱାମୀ ସଂଯୁକ୍ତାନନ୍ଦଜୀ ରଥଯାତ୍ରା ଆୟୋଜନର ଦାୟିତ୍ୱ ତୁଲାଉଛନ୍ତି । ଏ ବର୍ଷ ରଥଯାତ୍ରାରେ ଫିଜିର ମାନନୀୟ ଉପପ୍ରଧାନମନ୍ତ୍ରୀ ଶ୍ରୀ ବିମାନ ପ୍ରସାଦ ଏବଂ ଭାରତୀୟ ଉଚ୍ଚାୟୁକ୍ତ ଶ୍ରୀ ପି.ଏସ୍,. କାର୍ତ୍ତିକେୟନ୍ ଅତିଥି ଭାବରେ ଯୋଗଦେଇଥିଲେ । ରଥଯାତ୍ରା ଅବସରରେ ସାଂସ୍କୃତିକ ବିଚିତ୍ରା ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଥିରେ ଭାରତର, ବିଶେଷ କରି ଓଡ଼ିଶାର ଲୋକପ୍ରିୟ ନୃତ୍ୟ - ସଙ୍ଗୀତ ପରିବେଷ କରାଯାଇଥିଲା । ପ୍ରତିଦିନ ମହାପ୍ରସାଦ ସେବନର ବନ୍ଦୋବସ୍ତ ମଧ୍ୟ ହୋଇଥିଲା । ଫିଜିର ଭାରତୀୟମାନଙ୍କୁ ଏକତ୍ରିତ କରିବାର ଏକ ବଳିଷ୍ଠ ମାଧ୍ୟମ ମହାପ୍ରଭୁଙ୍କ ରଥଯାତ୍ରା ।

ସ୍ୱାଧୀନ ଫିଜିରେ ସଂସଦୀୟ ଗଣତନ୍ତ୍ର ଅବଶ୍ୟ ଲୋକପ୍ରିୟ । କିନ୍ତୁ ଏକାଧିକବାର ଏଠାରେ ସାମରିକ ବିଦ୍ରୋହ ସଂଗଠିତ ହେବାର ଦୃଷ୍ଟାନ୍ତ ରହିଛି । ତେବେ ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ଏଠାରେ କାର୍ଯ୍ୟ କରୁଛନ୍ତି । ଫିଜି ସ୍ୱାଧୀନ ହେବା ପରଠାରୁ ଭାରତ ସହିତ ଫିଜିର ମିତ୍ରତା ଅବ୍ୟାହତ ରହିଛି । ୧୯୭୧ ମସିହାରେ ଅର୍ଥାତ୍ ଫିଜି ସ୍ୱାଧୀନ ହେବାର ମାତ୍ର ବର୍ଷକ ପରେ ଫିଜିର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଟୁ ସାର୍ କାମିସେସେ ମାରା ଭାରତ ଗସ୍ତରେ ଆସିଥିଲେ । ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୮୧ ମସିହାରେ ଫିଜି ଗସ୍ତ କରିଥିଲେ । ସାମରିକ ଶାସନ କାଳରେ ଫିଜି ସହିତ କୂଟନୈତିକ ସମ୍ପର୍କ ମଧ୍ୟେ ମଧ୍ୟେ ସ୍ଥଗିତ ରହିଥିଲେ ମଧ୍ୟ ମିତ୍ରଭାବ ଉଣା ହୋଇନଥିଲା । ୨୦୧୪ ମସିହା ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଫିଜି ଗସ୍ତରେ ଯାଇଥିଲାବେଳେ ଗତବର୍ଷ (୨୦୨୩) ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଏସ୍. ଜୟଶଙ୍କର ଫିଜି ଗସ୍ତ କରିଥିଲେ । ଫିଜିର ଉପପ୍ରଧାନମନ୍ତ୍ରୀ ଶ୍ରୀ ବିମାନଚନ୍ଦ ପ୍ରସାଦ ଗତବର୍ଷ ଓ ଚଳିତବର୍ଷ 'ଏନ୍ର୍ଜି ଓ୍ୱିକ୍' ଅବସରରେ ଭାରତ ଗସ୍ତରେ ଆସିଥିଲେ । ଚଳିତ ବର୍ଷ ଗସ୍ତ ସମୟରେ ସେ ଅଯୋଧ୍ୟା ଯାଇ ରାମଲାଲାଙ୍କୁ ଦର୍ଶନ କରିଥିଲେ । ଦୁଇଦେଶ ମଧ୍ୟରେ ଉତ୍ତମ ଆର୍ଥିକ ସମ୍ବନ୍ଧ ରହିଆସିଛି । ଭାରତର ଆର୍ଥିକ ସହୟତାରେ ଫିଜିରେ ଏକ ସୁପର ସ୍ପେସାଲିଷ୍ଟ କାର୍ଡ଼ିଓଲଜି ହସ୍ପିଟାଲ୍ ନିର୍ମାଣର ପ୍ରସ୍ତାବ ରହିଛି । ସେହିପରି ଆହୁରି ଅନେକ ପ୍ରକଳ୍ପ ସେଠାରେ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ଏବଂ କେତେକ ମଧ୍ୟ ନିର୍ମାଣଧୀନ ରହିଛି । ଭାରତ ପ୍ରତି ଫିଜିର ସକରାତ୍ମକ ମନୋଭାବ ସ୍ୱରୂପ, ଫିଜି ସରକାରଙ୍କ ସହାୟତାରେ ଭାରତର ସୌର ମିଶନ୍ ଆଦିତ୍ୟ ଏଲ୍-ୱାନର ସୁପରିଚାଳନା ପାଇଁ ସୁବାଠାରେ ଏକ ସ୍ପେସ୍ ବେଷ୍ଟ ସୋଲାର ଅବ୍ଜର୍ଭେଟୋରୀ ସ୍ଥାପନ କରାଯାଇଛି । କ୍ରୀଡ଼ା କ୍ଷେତ୍ରରେ ଫିଜି ସହିତ ଭାରତର ସମ୍ପର୍କ ମଧ୍ୟ ବଡ଼ ନିବିଡ଼ । ଫିଜି, ରଗ୍ବୀ ଖେଳ ପାଇଁ ବିଶ୍ୱ ପ୍ରସିଦ୍ଧ । ଫିଜିର ବିଶିଷ୍ଟ ରଗ୍ବୀ ଖେଳାଳୀ ବୈଶାଲେ ସେରେ ବି ବର୍ତ୍ତମାନ ଭାରତର ଜାତୀୟ ରଗ୍ବୀ ପ୍ରଶିକ୍ଷକ ଅଛନ୍ତି ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ସେଦିନ ଅପରାହ୍ନରେ ପୂର୍ବୋକ୍ତ ଗ୍ରାଣ୍ଡ ପେସିଫିକ୍ ହୋଟେଲ ବ୍ରିଟାନିଆ କକ୍ଷରେ ପ୍ରବାସୀ ଭାରତୀୟମାନଙ୍କ ସମ୍ମିଳନୀରେ ରାଷ୍ଟ୍ରପତି ଉଦ୍ବୋଧନ ଦେଇଥିଲେ । ସେଠାରୁ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତର ଝଲକ

ସେ ଭିଉଟୋ ସ୍ଥିତ ଜାତୀୟ ଯୁଦ୍ଧ - ସ୍ମାରକସ୍ଥଳୀକୁ ଯାଇ ସେଠାରେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ତଥା ଅନ୍ୟାନ୍ୟ ଯୁଦ୍ଧରେ ପ୍ରାଣବଳି ଦେଇଥିବା ଅମର ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିବିଧ ବୃକ୍ଷରାଜି ପରିପୂର୍ଣ୍ଣ ଏହି ସ୍ଥାନର ଘନ ବିତାନ ବେଶ୍ ମନମୁଗ୍ଧକର । ସେଠାରେ ଔପଚାରିକ ଶ୍ରଦ୍ଧାନିବେଦନ ପର୍ବ ଶେଷ ହେଲା ପରେ ରାଷ୍ଟ୍ରପତି, ମହାତ୍ମାଗାନ୍ଧୀ ମେମୋରିଆଲ୍ କଲେଜକୁ ଯାଇ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦେଇଥିଲେ । ସେଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ରାମଧୂନ୍‌ରେ ସମଗ୍ର ପରିବେଶ କିୟତ୍ କ୍ଷଣ ପାଇଁ ଗାନ୍ଧୀମୟ ହୋଇଯାଇଥିଲା । ସନ୍ଧ୍ୟାରେ ଫିଜିର ଷ୍ଟେଟ୍ ହାଉସ୍ ଠାରେ ରାଷ୍ଟ୍ରପତି କାର୍ଟୋନିବେରେ ରାଷ୍ଟ୍ରପତି ମୁର୍ମୁଙ୍କ ସମ୍ମାନାର୍ଥେ ନୈଶଭୋଜିର ଆୟୋଜନ କରିଥିଲେ । ନୈଶଭୋଜିରେ ଉଭୟ ଫିଜିବାସୀ ଏବଂ ପ୍ରବାସୀ ଭାରତୀୟମାନେ ଯୋଗଦେଇଥିଲେ । ଏହି ଭୋଜିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ସୁମନ୍ତ କୁମାର ରାଉତ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ । ସେଠାରେ ସେ ମୋତେ ଶ୍ରୀସତ୍‌ସଙ୍ଗ ରାମାୟଣମଣ୍ଡଳୀର ସଭାପତି ଅଖିଳେଶ ପ୍ରସାଦ ଏବଂ ଫିଜି ସେବାଶ୍ରମ ସଙ୍ଗର ସଭାପତି ସ୍ୱାମୀ ସଂଯୁକ୍ତାନନ୍ଦଜୀଙ୍କ ସହିତ ପରିଚୟ କରାଇଥିଲେ ।

ସେଦିନ ବିଳମ୍ବିତ ସନ୍ଧ୍ୟାରେ ଆମେ ସବୁ ରାଷ୍ଟ୍ରପତିଙ୍କ ସହିତ ରାଜଧାନୀ ସୁବାରୁ ଫେରିଆସିଥିଲୁ ନନ୍ଦି ନଗରୀକୁ । ତା' ପରଦିନ ଅଗଷ୍ଟ ୭ ତାରିଖ ସକାଳୁ ଶ୍ରୀ ଶିବ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିରକୁ ଯାଇ ରାଷ୍ଟ୍ରପତି ପୂଜାର୍ଚ୍ଚନା କରିଥିଲେ । ସେଠାରେ ପହଞ୍ଚିଲାବେଳକୁ ଦକ୍ଷିଣୀ ବାଦ୍ୟରେ ମନ୍ଦିର ପରିସର ମୃଦୁ ମୁଖରିତ ହେଉଥିଲା । ବିଦେଶୀ ମାଟିରେ ଦକ୍ଷିଣ ଭାରତୀୟ କଳା କୌଶଳରେ ନିର୍ମିତ ସେହି ଭବ୍ୟ ମନ୍ଦିର ଏବଂ ଦକ୍ଷିଣୀ ବାଦ୍ୟ - ସଙ୍ଗୀତର ସମନ୍ୱୟ ଆମ ସମସ୍ତଙ୍କୁ ଭାରତ - ମନସ୍କ କରିଥିଲା । ମୋର ମନେ ହୋଇଥିଲା, ଭାରତ ଏକ ଭୂଖଣ୍ଡ କେବଳ ନୁହେଁ, ବିଶ୍ୱବ୍ୟାପୀ ଏକ ଚିନ୍ମୟ ଚେତନା ।

ଇତିମଧ୍ୟରେ ଗୋଟେ ଅଜଣା ଆତ୍ମୀୟତା ମୋତେ ଯେମିତି ଫିଜି ସହିତ ବାନ୍ଧି ସାରିଥିଲା । ଏହାର ଭାବ ଓ ଭୂଗୋଳର ବନ୍ଧନ ଥିଲା ବେଶ୍ ନିବିଡ଼ । ଢ଼େଉଢ଼େଉଆ ପାହାଡ଼, ସବୁଜ ବୃକ୍ଷରାଜି ଏବଂ ନୀଳସୁନୀଳ ତରଙ୍ଗର ସମନ୍ୱୟରେ ଫିଜି ଅବା ନୈସର୍ଗିକ




ସୁଷମାର ଗନ୍ତାଘର । ହୋଟେଲର ରହଣି ସମୟରେ ହେଉ ବା ଫିଜିର କୌଣସି ଅଞ୍ଚଳକୁ ବୁଲିଯିବାବେଳେ ହେଉ, ବାରମ୍ବାର ମୋତେ ଅନ୍ୟମନସ୍କତା ଘାରୁଥିଲା । ମୋ ସାମ୍ନାରେ ଅକସ୍ମାତ୍ ଉଭା ହୋଇ ତତ୍କ୍ଷଣାତ୍ ଅପସରି ଯାଉଥିଲେ ନୀଳବସନା ଏକ ଦିବ୍ୟ ମାତୃମୂର୍ତ୍ତି ।

ସି/୧୧/୧୨, ସିଡ୍ୟୁଲ୍ -ବି
ରାଷ୍ଟ୍ରପତି ଭବନ ପରିସର, ନୂଆଦିଲ୍ଲୀ -୧୧୦୦୦୪
ଫୋନ୍ - ୯୪୩୭୧୪୩୮୯୭

❐

ମୋ ଦୃଷ୍ଟିରେ ମଧୁସୂଦନ



ମୂଳ ରଚନା:
ଶ୍ୟାମା ପ୍ରସାଦ ମୁଖାର୍ଜୀ



ଅନୁବାଦ:
ପ୍ରଦୀପ୍ତ କୁମାର ସାମଲ

ଉତ୍କଳ ଗୌରବ ମଧୁସୂଦନଙ୍କ କନ୍ୟା ଶୈଳବାଳାଙ୍କ ସଂପାଦିତ ୧୯୫୫ ମସିହାରେ ପ୍ରକାଶିତ 'Life of Madhusudan as seen by many eyes' ସ୍ମରଣିକାରୁ ସଂଗୃହୀତ

ମଧୁସୂଦନ ଦାସଙ୍କ ସମ୍ବନ୍ଧରେ ମୋର ନିକଟତମ ସ୍ମୃତି ପ୍ରାୟ ବିଗତ ପଚିଶ ବର୍ଷ ପୂର୍ବର; ଯେତେବେଳେ ମୋତେ ପ୍ରାୟ ଏଗାର ବର୍ଷ ବୟସ ହୋଇଥିଲା । ମୋର ପିତା, ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ସାକ୍ଷାତ କରିବାକୁ ମି. ଦାସ ଆସିଥିଲେ । ସେ ଆମ ଘରକୁ ଏହା ପୂର୍ବରୁ ବହୁବାର ଆସିଥିବେ, ତେବେ ମୋର ସ୍ମରଣରେ ଏହା ଥିଲା ତାଙ୍କର ପ୍ରଥମ ଆଗମନ । ଏପରି ଜଣେ କ୍ଷୀଣକାୟ ଅଥଚ ତୀକ୍ଷ୍ଣ ଦୃଷ୍ଟିଯୁକ୍ତ ଚକ୍ଷୁ, ଜାଜ୍ୱଲ୍ୟମାନ ମୁଖମଣ୍ଡଳର ଭଦ୍ରବ୍ୟକ୍ତିଙ୍କୁ ମୋର ପିତାଙ୍କର ସମ୍ମାନ ଓ ଭକ୍ତିପୂତ ବ୍ୟବହାର ଦେଖି ମୁଁ ଅଭିଭୂତ ହୋଇ ଯାଇଥିଲି । ମୋ ପିତାଙ୍କ ସହିତ କଥାବାର୍ତ୍ତା ହେଉଥିବାବେଳେ ତାଙ୍କ କଣ୍ଠରେ ଭରି ରହିଥିଲା ଏକ ସ୍ୱାଭାବିକ ଗମ୍ଭୀରତା । ଦୁଇ ଜଣଙ୍କ ମଧ୍ୟରେ ସାକ୍ଷାତକାର

ସମାପ୍ତ ହେଲା ପରେ ମୁଁ ଦେଖିଲି ଯେ ବାପା ତାଙ୍କର ବହି, ଫାଇଲ ପଢା ଘରେ ରଖି ଅତିଥିଙ୍କୁ ବିଦାୟ ଦେବା ନିମନ୍ତେ ତାଙ୍କ ସହିତ ପାହାଚରେ ଓହ୍ଲାଇ ଯାଉଥିଲେ । ଏହାପରେ ତାଙ୍କର କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବା ପାଇଁ ପଢା ଘରକୁ ଫେରି ଆସିଥିଲେ । ସେ ଫେରି ଆସିବାବେଳେ ମୁଁ ଲକ୍ଷ୍ୟ କରିଥିଲି ତାଙ୍କ ମୁଖମଣ୍ଡଳରେ ଫୁଟି ଉଠୁଥିଲା ଏକ ସନ୍ତୁଷ୍ଟିର ଆଭା; ଯାହାର ଉତ୍ସ ଥିଲା ମଧୁସୂଦନ ଦାସଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ସଂପାଦନଜନିତ ଚରମ ଆନନ୍ଦ । ଏହି ଭଦ୍ରବ୍ୟକ୍ତି କିଏ ହୋଇ ପାରନ୍ତି - ଏହି ପ୍ରଶ୍ନବାଚୀ




ଉତ୍କଳ ଗୌରବ ମଧୁସୂଦନ ଦାସ

ମୋ ମୁଖମଣ୍ଡଳରେ ଝଲସୁଥିବାର ଦେଖି ବାପା କହିଥିଲେ, "ତୁମେ ତାଙ୍କୁ ଜାଣି ନାହଁ ବୋଧହୁଏ, ସେ ହେଉଛନ୍ତି ମିଷ୍ଟର ଦାସ, ମୋର ଗୁରୁ । ଓଡିଶାର ଜଣେ ବରିଷ୍ଠ ସମ୍ମାନନୀୟ ବ୍ୟକ୍ତି ।" ଏହିପରି ଭାବରେ ମି. ଦାସଙ୍କ ସଂପର୍କରେ ମୋର ପ୍ରଥମ ଅନୁଭୂତି ଥିଲା ବେଶ୍ ପ୍ରଭାବଶାଳୀ । ମୋ ପିତା ମୋ ପାଇଁ ଥିଲେ ଚିର ସମ୍ମାନସ୍ପଦ ଓ ସମସ୍ତ ଆଦର୍ଶର ଉତ୍ସ ଏବଂ ମଧୁସୂଦନ ଦାସ ସେହିପରି ଥିଲେ ପିତାଙ୍କର ସମ୍ମାନସ୍ପଦ ଗୁରୁ ।

ପ୍ରବହମାନ ସମୟ ସହିତ ମି. ମଧୁସୂଦନଙ୍କର ଆମ ପରିବାର ସହିତ ଥିବା ମଧୁର ସଂପର୍କ ବିଷୟରେ ମୁଁ ଧୀରେ ଧୀରେ ଅବଗତ ହେଉଥିଲି । ଆନନ୍ଦ ଏବଂ କୃତଜ୍ଞତା ପରିପୂର୍ଣ୍ଣ ହୃଦୟରେ ମୋ ପିତା ଅନେକ ସମୟରେ ମଧୁସୂଦନଙ୍କ ସହିତ ତାଙ୍କର ସଂପର୍କ ସମ୍ବନ୍ଧରେ କହୁଥିଲେ ଏବଂ ତାଙ୍କର ସେହି ପୂର୍ବତନ ଗୁରୁଙ୍କ ନିକଟରେ କିପରି ସେ ଚିରଋଣୀ ଥିଲେ ସେ କଥା ମଧ୍ୟ ବର୍ଣ୍ଣନା କରୁଥିଲେ । "ସେ ଯେ କେବଳ ମୋତେ ଇଂରାଜୀ ପଢାଉଥିଲେ ସେତିକି ନୁହେଁ, ଜୀବନରେ ଦୁଇଟି ଆଦର୍ଶକୁ ସମ୍ମାନ ଦେବା ପାଇଁ ପ୍ରେରଣା ଦେଉଥିଲେ । ଆଦର୍ଶ ଦୁଇଟି ଥିଲା – ଚରିତ୍ର ଗଠନ ଏବଂ ସ୍ୱାଧୀନଚେତା ମନୋଭାବ ।" ଶ୍ରୀଦାସଙ୍କର ବ୍ୟକ୍ତିତ୍ୱ ଏତେ ପ୍ରଭାବଶାଳୀ ଥିଲା ଏବଂ ସେହି ଦୁଇ ମହାମହିମଙ୍କ ମଧ୍ୟରେ ବୁଝାମଣା ଏତେ ପବିତ୍ର ଥିଲା ଯେ ଗୁରୁ ଏବଂ ଶିଷ୍ୟ ମଧ୍ୟରେ ଥିବା ମଧୁର ସଂପର୍କ ପ୍ରବହମାନ ସମୟ ଏବଂ ପରିବର୍ତ୍ତିତ ପରିବେଶର ଯଥେଷ୍ଟ ଉର୍ଦ୍ଧ୍ୱରେ ଥିଲା; କେବେ ମଳିନ କିମ୍ବା ବାସି ହୋଇଯାଇ ନ ଥିଲା ।

ମୋର ପିତାଙ୍କୁ ଜୀବିତ ଅବସ୍ଥାରେ ଶେଷଥର ପାଇଁ ଦେଖିଥିଲି ୧୭ ତାରିଖ ମେ ମାସ ୧୯୨୪ ମସିହାରେ, ପାଟନାରେ ଆକସ୍ମିକ ଦେହାନ୍ତ ହୋଇଯିବାର ଆଠ ଦିନ ପୂର୍ବେ । ମୋର ଏହି ଶେଷ ଦେଖାର ସ୍ମୃତି ମଧୁସୂଦନଙ୍କ ସହିତ ଜଡିତ ଥିଲା । ମୁଁ



ଆଶୁତୋଷ ମୁଖାର୍ଜୀ

ସିମ୍‌ଲା ଯିବା ପାଇଁ ରେଳ ଷ୍ଟେସନ ବାହାରୁଥିଲି, ସେତିକିବେଳେ ମି.ଦାସ ମୋ ପିତାଙ୍କୁ ଦେଖା କରିବାକୁ ଆସିଥିଲେ । କୌଣସି ଏକ ଜରୁରୀ ପ୍ରସଙ୍ଗ ଉପରେ ଦୁହେଁ ଗଭୀର ଆଲୋଚନାରେ ମଗ୍ନ ଥିଲେ । ମୁଁ କୋଠରୀରେ ପ୍ରବେଶ କଲି ଏବଂ ବାପାଙ୍କ ପାଦ ଛୁଇଁ ପାଦର ଧୂଳି ମଥାରେ ମାରିଲି । ମି. ଦାସ ଆମ ଦୁହିଁଙ୍କୁ ଦେଖୁଥିଲେ ଏବଂ ଅଳ୍ପ ହସି ମୋ ପିତାଙ୍କୁ ଧୀର ସ୍ୱରରେ କହିଲେ, "ଆଶୁ, ମୁଁ ଭାବୁଛି ତୁମେ ତୁମ ପୁଅକୁ ବିଦାୟ ଦେବା ପାଇଁ ଷ୍ଟେସନକୁ ଯିବା ଉଚିତ୍ । ଆମେ ଆଲୋଚନା ଆସନ୍ତା କାଲି କରିବା ।" ଏହା ମତେ ଅତ୍ୟନ୍ତ ଆନନ୍ଦ ଦେଇଥିଲା । ମୋତେ ବାପାଙ୍କ ସହିତ ଆଉ ଦେଢ ଘଣ୍ଟା ରହିବାର ସୁଯୋଗ ମିଳି ଯାଇଥିଲା । ଏଥିପାଇଁ ମି. ଦାସ ଥିଲେ ମୋର ଧନ୍ୟବାଦର ପାତ୍ର; ଯାହାଙ୍କର ଗଭୀର ପ୍ରଜ୍ଞାଦୀପ୍ତ ବିଚାର ଯୋଗୁଁ ଏହା ସମ୍ଭବ ହୋଇଥିଲା । ମୋର ଭଲ ଭାବରେ ମନେ ଅଛି, ବିଭିନ୍ନ ସମସ୍ୟା ଉପରେ ଅଥବା ତାଙ୍କ ଭବିଷ୍ୟତର ବିଭିନ୍ନ ଯୋଜନା ଉପରେ ସେ କିପରି ନର୍ବିବାଦ ତଥା ସୁଚିନ୍ତିତ ଭାବ ମତ ଦେଇପାରୁଥିଲେ । ମୁଁ ଆଉ ସି.ଭି. ରମଣ ବାପାଙ୍କୁ ହାୱଡ଼ା ରେଳଷ୍ଟେସନରେ ଛାଡ଼ି ସିମ୍‌ଲା ଅଭିମୁଖେ ଯାତ୍ରା କଲାବେଳେ ସେ କର୍ମଠ ଓ ପ୍ରଚଣ୍ଡ ଉଦ୍ଦୀପନାରେ ପରିପୂର୍ଣ୍ଣ ଥିଲେ ଏବଂ ସେ ଯେଉଁ ଶ୍ରଦ୍ଧାରେ ହାତ ହଲାଇ ବିଦାୟ ଦେଇଥିଲେ, ମୁଁ କେବେ ଭାବି ନ ଥିଲି ତାହା ହିଁ ହେବ ଆମର ଅନ୍ତିମ ଦର୍ଶନ ।

ମୋର ଗୋଟିଏ କଥା ମନେ ପଡେ - ମୋର ପିତା ପତ୍ର ଲେଖିବାବେଳେ ମି. ଦାସଙ୍କୁ ସର୍ବଦା ସମ୍ମାନର ସହିତ ସମ୍ବୋଧନ କରୁଥିଲେ । ସେ ଆରମ୍ଭରେ "My dear Mr. Das" ନ ଲେଖି "My dear Sir" ଏବଂ ଶେଷରେ "Yours affectionately"ବୋଲି ଲେଖୁଥିଲେ । ଜଣେ ପାଶ୍ଚାତ୍ୟ ବ୍ୟକ୍ତିଙ୍କୁ ହୁଏତ ଏହା ମୂଲ୍ୟହୀନ ମନେ ହୋଇପାରେ, ମାତ୍ର ଭାରତୀୟଙ୍କ କ୍ଷେତ୍ରରେ ଜଣେ ପୂବର୍ତନ ଗୁରୁଙ୍କ ପ୍ରତି ଆଜ୍ଞାଧୀନ ଛାତ୍ରର ଅନାବିଳ ସମ୍ମାନ ଯଥେଷ୍ଟ ମହତ୍ୱ ରଖିଥାଏ । ସମସ୍ତେ ଜାଣିଥିଲେ, ପ୍ରଥମ ଦର୍ଶନରେ ମୋର ପିତା ଜଣେ କଠୋର ଓ ଗମ୍ଭୀର ସ୍ୱଭାବର ବ୍ୟକ୍ତି ଭାବେ ପରିଲକ୍ଷିତ ହେଉଥିଲେ ବି ତାଙ୍କର ହୃଦୟ ଦୟା ଏବଂ କୋମଳତାରେ ପରିପୂର୍ଣ୍ଣ ଥିଲା । ସେ ଜୀବନରେ; ଜଣା ହେଉ ବା ଅଜଣା ପରିପାର୍ଶ୍ୱରୁ ହେଉ, ବହୁତ ଆଘାତ ଏବଂ ପ୍ରତିବନ୍ଧକର ଶୀକାର ହୋଇଥିଲେ । ମାତ୍ର ସେ କଦାଚିତ୍ ନିଜର ଅସୁବିଧା ଏବଂ ପ୍ରତିବନ୍ଧକ ବିଷୟରେ କାହାକୁ ପ୍ରକାଶ କରୁନଥିଲେ । ମି. ମଧୁସୂଦନ ଦାସ ଥିଲେ ସେହି କତିପୟ ମନୁଷ୍ୟମାନଙ୍କ ମଧ୍ୟରୁ ଜଣେ,

ଯାହାଙ୍କ ନିକଟରେ ପିତା ନିଜର ବେଦନା ଅନାୟାସରେ ପରିପ୍ରକାଶ କରିପାରୁଥିଲେ । ଜୀବନର ପରବର୍ତ୍ତୀ କାଳରେ ମୁଁ ତାଙ୍କର କେତେକ ପତ୍ର ଟାଇପ୍ କରିଥିଲି, ଯେଉଁଥିରେ ଜଣେ ଛାତ୍ର; ଖୋଲା ହୃଦୟରେ, ଅନେକ ପ୍ରସଙ୍ଗ ଏବଂ ଚରିତ୍ରମାନଙ୍କ ଉପରେ ଗୁରୁଙ୍କ ପାଖକୁ ଲେଖୁଥିଲେ । ମି. ଦାସଙ୍କ ନିକଟରୁ ଉତ୍ତର ଖୁବ ଶୀଘ୍ର ଆସୁଥିଲା । ତାଙ୍କ ଚିଠି ଖୁବ୍ ଲମ୍ବା ଥିଲା, ଲାଗି ଲାଗି ଅକ୍ଷର, କିନ୍ତୁ ପଢିବାରେ ଅସୁବିଧା ହେଉନଥିଲା । କାରଣ ତାଙ୍କର ହସ୍ତାକ୍ଷର ଥିଲା ବେଶ୍ ସଫା ଏବଂ ତାଙ୍କର ନିଜସ୍ୱ ଶୈଳୀର ସଂପୂର୍ଣ୍ଣ ଛାପ ବହନ କରୁଥିଲା ।



ଶୈଳବାଳା

। ସେ ଭାବପ୍ରବଣବିହୀନ ମୋର ପିତାଙ୍କର ସମସ୍ତ ପ୍ରଶ୍ନର ସୁବିସ୍ତୃତ ଅନୁଶୀଳନ କରୁଥିଲେ; ସେଥିରେ ଏପରି ବିଷୟ ପର୍ଯ୍ୟାଲୋଚିତ ହେଉଥିଲା ଯାହାକି ମି. ଦାସ ନିଜେ ସେହି ସମସ୍ୟାଗୁଡିକର ସମ୍ମୁଖୀନ ହୋଇଥିଲେ । ଆଶା, ବିଶ୍ୱାସ ଏବଂ ନିର୍ଭୀକତା ଥିଲା ମି. ଦାସଙ୍କର ମୁଖ୍ୟ ଉପଦେଶାବଳୀ ଏବଂ ତାଙ୍କର ପତ୍ରାବଳୀ ସକରାତ୍ମକ ଆଲୋକରେ ଜାଜ୍ୱଲ୍ୟମାନ ହେଉଥିଲା ।

୧୯୨୩ ମସିହାର କଥା । ସେତେବେଳେ ମୋର ପିତା ତାଙ୍କ ଜୀବନର ବହୁତ କଷ୍ଟକର ସମୟ ଦେଇ ଗତି କରୁଥିଲେ । ଏକ ପାରିବାରିକ ଦୁଃଖରେ ସେ ମରଣାନ୍ତକ ଯନ୍ତ୍ରଣା ଭୋଗୁଥିବାବେଳେ ବାହାର ଦୁନିଆଁରେ ସୁଚିନ୍ତିତ ଷଡ଼ଯନ୍ତ୍ର ତାଙ୍କ ପ୍ରିୟ ବିଶ୍ୱବିଦ୍ୟାଳୟକୁ ଧ୍ୱଂସ କରିଦେବାକୁ ବସିଥିଲା । କେହି ଜଣାଇବା ପୂର୍ବରୁ ମି. ଦାସ ଜାଣିପାରିଥିଲେ ତାଙ୍କର ପ୍ରିୟ ଶିଷ୍ୟ ତାଙ୍କ ସୌହାର୍ଦ୍ଦଭରା ସାହଚର୍ଯ୍ୟ ଆବଶ୍ୟକ କରୁଛି । ସେଥିପାଇଁ ସେ କଲିକତା ଆସିଥିଲେ ଏବଂ ବାପାଙ୍କ ସହ ବହୁତ ସମୟ ବିତାଇଥିଲେ । ଆମେ ଜାଣି ନଥିଲୁ ସେ ଦୁହିଁଙ୍କ ଭିତରେ କ'ଣ ସବୁ ଆଲୋଚନା ହେଉଥିଲା; କିନ୍ତୁ ଏହା ନିଶ୍ଚିତ ଯେ ଦୁହେଁ ଦୁହିଁଙ୍କଠାରୁ ଯାହା ପାଇବାର ଆଶା କରୁଥିଲେ, ତାହା ନିଶ୍ଚିତ ଭାବରେ ଆହରଣ କରୁଥିଲେ, ଫଳରେ ପାରସ୍ପରିକ ଶ୍ରଦ୍ଧା ଏବଂ ବୁଝାମଣା ଆହୁରି ଗଭୀରତର ହୋଇଥିଲା । ମି. ଦାସଙ୍କ ପତ୍ରଗୁଡିକରେ ତାଙ୍କ ନିଜସ୍ୱ ବ୍ୟକ୍ତିତ୍ୱର ଦୁଇଟି ପ୍ରମାଣ ପରିଷ୍ଫୁଟିତ ହେଉଥିଲା – ପ୍ରତିବନ୍ଧକ ସମ୍ମୁଖରେ ପରାଜୟ ସ୍ୱୀକାର ନ କରି ତାକୁ ଅବଦମିତ କରିବାର ବଦ୍ଧପରିକରତା ଏବଂ ଈଶ୍ୱରୀୟ ଶକ୍ତି ଉପରେ ଅତୁଟ ବିଶ୍ୱାସ । ତାଙ୍କର ହୃଦ୍‌ବୋଧ ଥିଲା ନ୍ୟାୟୋଚିତ କାର୍ଯ୍ୟ କେବେହେଲେ ବୃଥା ଯିବ ନାହିଁ ।

କେବଳ ଓଡିଶା କାହିଁକି ସାରା ଭାରତବର୍ଷରେ ମି. ଦାସଙ୍କର ଅନ୍ତରଙ୍ଗ ଆତ୍ମକଥା ଅତି ଆଗ୍ରହ ସହକାରରେ ପଠିତ ଏବଂ ଆଲୋଚିତ ହେବ । ସେ ଥିଲେ ଏପରି ଉତ୍ତୁଙ୍ଗ

ବ୍ୟକ୍ତିତ୍ୱ ଯାହାଙ୍କ ଭିତରେ ଭରି ରହିଥିଲା ବାସ୍ତବ ରାଜନେତାର ମହାନତା, ଅଦମ୍ୟ ଇଚ୍ଛା ଶକ୍ତି ଓ ସାହସିକତା ଯାହା ନିଜ ରାଜ୍ୟରେ ନୂତନ ଆଶା ଓ ପ୍ରଗତିର କିରଣ ଉନ୍ମେଷ କରିଥିଲା । ବାସ୍ତବରେ ସେ ଥିଲେ ନୂତନ ଓଡିଶାର ସୃଷ୍ଟିକର୍ତ୍ତା, ସେଥିପାଇଁ ପିଢି ପରେ ପିଢି ଓଡିଶାବାସୀ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ସହ ସ୍ମରଣ କରିବେ । ମି. ଦାସ ଥିଲେ ଦୃଢ ଜାତୀୟବାଦୀ, ତାପରେ ଆଉ କିଛି । ସମସ୍ତ ଭାରତୀୟ ଯୁବକମାନଙ୍କ ପାଇଁ ତାଙ୍କର ଜୀବନ ଥିଲା ତ୍ୟାଗର ଜ୍ୱଳନ୍ତ ଉଦାହରଣ । ସେ ଯେତେବେଳେ "Montagu Chemsford Reforms" ଅନ୍ତର୍ଗତ ମିଳିତ ବିହାର ଏବଂ ଓଡିଶାର ମନ୍ତ୍ରୀ ପଦରେ ସ୍ୱଳ୍ପକାଳ ପାଇଁ ଅଧିଷ୍ଠିତ ଥିଲେ, ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବା ମାର୍ଗରେ ତାଙ୍କର ଦେଶାତ୍ମବୋଧ, ପ୍ରଶାସନିକ ପରାକାଷ୍ଠା ଏବଂ ରଚନାତ୍ମକ ପାରଦର୍ଶିତାର ପରିଚୟ ପରିଲକ୍ଷିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟରେ ସେ କେବଳ ସଫଳ ହୋଇ ନ ଥିଲେ, ତାହାଠାରୁ ଆହୁରି ଆଗେଇ ଯାଇଥିଲେ । ସେ ତାଙ୍କର କର୍ତ୍ତବ୍ୟ ସଂପୂର୍ଣ୍ଣ ନିର୍ଭୀକ ଭାବରେ ତୁଲାଇ ପାରିଥିଲେ । ତାଙ୍କର ନିଜସ୍ୱ ନୀତି ଏବଂ ଆଦର୍ଶ ଉପରେ ସେ ପ୍ରସ୍ତର ପରି ଦୃଢ ରହିଥିଲେ ଏବଂ ସାମାନ୍ୟ ସ୍ୱାର୍ଥଲାଭ ପାଇଁ ସେ କେବେହେଲେ ନିଜର ପଦବୀ ଏବଂ ସମ୍ମାନକୁ ଜଳାଞ୍ଜଳି ଦେଇନଥିଲେ ।

ବିଭିନ୍ନ ସମୟରେ ସରକାରୀ ଅଧିକାରୀମାନଙ୍କ ସହିତ ପତ୍ରାଳାପରେ ତାଙ୍କର ଦୃଢ ସ୍ୱାଧୀନଚେତା ମନୋଭାବ ପରିଲକ୍ଷିତ ହୋଇଛି । ସେହି ପତ୍ରଗୁଡିକରେ ଅନେକ ମହତ୍ୱପୂର୍ଣ୍ଣ ସାମ୍ବିଧାନିକ ବିଷୟବସ୍ତୁର ଆଲୋଚନା ଭରି ରହିଥିଲା ଯାହାକି ପ୍ରତ୍ୟେକ ବର୍ଗର ରାଜନୈତିକ ଚିନ୍ତନକୁ ସମୃଦ୍ଧ କରିବାରେ ସାହାଯ୍ୟ କରୁଥିଲା । ଜଣେ ସମାଜ ସେବୀ ଭାବରେ ହେଉ ବା ଶିକ୍ଷା ଏବଂ ଶିଳ୍ପ ବିକାଶର ପୃଷ୍ଠପୋଷାକ ହେଉ କିମ୍ବା ରାଜନୈତିକ ଅଧିକାର ରକ୍ଷାକର୍ତ୍ତା ଭାବରେ ହେଉ; ତାଙ୍କର ପ୍ରତିଦ୍ୱନ୍ଦୀମାନେ କେବେହେଲେ ତାଙ୍କୁ ନିମ୍ନମାନରେ ଦେଖୁ ନ ଥିଲେ । ମି. ଦାସ ଥିଲେ ଭଗବତ୍ ବିଶ୍ୱାସୀ । ସତ୍ୟ ଏବଂ ଧର୍ମ ପଥରୁ ବିଚ୍ୟୁତ ହେବା ପାଇଁ ସେ କେବେହେଲେ ସ୍ୱପ୍ନରେ ସୁଦ୍ଧା ଭାବୁ ନଥିଲେ । ଭାରତ ବର୍ଷର ଭାଗ୍ୟ ନିର୍ଦ୍ଧାରିତ ଗୌରବ, ପ୍ରଗତି ଏବଂ ସ୍ୱାଧୀନତା ଲାଭ କରିବା ପଥରେ ଏହିଭଳି ଏକ ନିଃସ୍ୱାର୍ଥପର, ସାଧୁ ଏବଂ ନିର୍ଭୀକ ଜନନେତାଙ୍କର ନେତୃତ୍ୱ ଏ ଦେଶ କାମନା କରେ ।

ପୋଖରୀପୁଟ, ଭୁବନେଶ୍ୱର
ଫୋନ୍ - ୯୪୩୭୧୯୮୬୯୫

❐

ସେବା ଓ ତ୍ୟାଗର ସନ୍ତକ ବାଜିରାଉତ ଛାତ୍ରାବାସ



ଡକ୍ଟର ଚୈତନ୍ୟ ସାହୁ

“ବାର ଏକର ଜମି ଉପରେ ପ୍ରତିଷ୍ଠିତ ବାଜିରାଉତ ଛାତ୍ରାବାସର ପୂର୍ବ ଐତିହ୍ୟରେ ଅନେକ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଛାତ୍ରାବାସ ନିଜସ୍ୱ ଆଦର୍ଶ ଓ ସଂସ୍କୃତିକୁ ଜଳାଞ୍ଜଳି ଦେବାରେ କେବେ ଭୁଲ୍ କରି ନାହିଁ। ଅନେକ ଅସୁବିଧା, ଆର୍ଥିକ ଅନଟନ ମଧ୍ୟ ଦେଇ ଗତି କରି ଥିଲେ ମଧ୍ୟ ଛାତ୍ରାବାସ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛି।”

ଉପୋଦ୍‌ଘାତ

ଭାରତରେ ନବଜାଗରଣର ଉଦ୍‌ଗାତା ରାଜାରାମମୋହନ ରାୟଙ୍କ ମହାନ ଆଦର୍ଶ, ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ଆଦର୍ଶ ମାନବବାଦ ଓ ସୌନ୍ଦର୍ଯ୍ୟବୋଧ, ଜାତିର ଜନକ ମହାତ୍ମାଗାନ୍ଧିଙ୍କ ସେବା, ସତ୍ୟ ଓ ଅହିଂସାନୀତି, ବିପ୍ଳବୀ ଶ୍ରୀ ଅରବିନ୍ଦ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅନମନୀୟ ବୈପ୍ଳବିକ ଚିନ୍ତାଧାରା ଏବଂ ସାମ୍ୟବାଦୀ ଦର୍ଶନର ପ୍ରବକ୍ତା କାର୍ଲମାର୍କସଙ୍କ ଶୋଷଣ ମୁକ୍ତ ସମାଜବାଦରେ ଅଭିମନ୍ତ୍ରିତ ହୋଇ ସାରାଜୀବନ ଦଳିତ, ନିଷ୍ପେସିତ,


ଅମର ଶହୀଦ ବାଜି ରାଉତ

ଅତ୍ୟାଚାରିତ ଓ ଅବହେଳିତଙ୍କ ପାଇଁ କାର୍ଯ୍ୟ କରିଥିବା ଅସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନା ଯଶସ୍ୱିନୀ ମହିଳା ହେଉଛନ୍ତି ମାଳତୀ ଚୌଧୁରୀ ।

ସେ ବଙ୍ଗପ୍ରଦେଶର ବ୍ରାହ୍ମଧର୍ମରେ ଦୀକ୍ଷିତ ବାରିଷ୍ଟରଙ୍କ କନ୍ୟା; ଆଇ.ସି.ଏସ୍ ଅଫିସରଙ୍କ ନାତୁଣୀ, ଓଡ଼ିଶାର ଖ୍ୟାତନାମା ଓକିଲ ଓ ଖାନଦାନ୍ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ବୋହୂ : ଯାହାଙ୍କର କୌଣସି ଥିରେ ଅଭାବ ନଥିଲା, ଯିଏ ଘିଅ ଖାଇ କ୍ଷୀରରେ ଆଞ୍ଚେଇବା ସହିତ ସମାନ, ଯିଏ ପାରିବାରିକ ବନ୍ଧନ, ସାମାଜିକ ବନ୍ଧନ, ସମ୍ପତ୍ତିର ବନ୍ଧନ, କ୍ଷମତାର ବନ୍ଧନକୁ ପଦାଘାତ କରି ବଣଜଙ୍ଗଲ ଘେରା ନିପଟ ମଫସଲର ଅନୁଗୋଳରେ ମାଟିକାନ୍ଥ ଓ ଛଣ ଛାଆଣି ଘରେ ଜୀବନ ବିତାଇ ବଣ ଜଙ୍ଗଲରେ ବାସ କରୁଥିବା ନିଃସ୍ୱ, ଦଳିତ, ଶୋଷିତ, ଅସହାୟଙ୍କ ପାଇଁ ସେବା ଓ ସାଧନା ଅବ୍ୟାହତ ରଖିଥିଲେ । ସେ ହେଉଛନ୍ତି ଜନଚେତନାର ଅଗ୍ରଦୂତିକା, ସନ୍ଦେଶ ବାଲିକା ଓ ଅଭିକ୍ରମୀ ମହିଳା ମାଳତୀ ଚୌଧୁରୀ ।

ଅନେକ ସୃତିର ସ୍ୱାକ୍ଷର ମାଳତୀ ଚୌଧୁରୀ । ମଣିଷର ଦୁଃଖକୁ ଅନ୍ତରଙ୍ଗ ଅନୁଭବ କରି ପାରୁଥିବା ପ୍ରଥିତଯଶା ମହିୟସୀ ମହିଳା ହେଉଛନ୍ତି ମାଳତୀ ଚୌଧୁରୀ । ମର୍ତ୍ତ୍ୟର କୌଣସି ରାଜପଦ ଯାହାଙ୍କୁ ବାନ୍ଧି ରଖିପାରିନାହିଁ, ରାଜସିଂହାସନରେ ଅଧିଷ୍ଠିତ ହୋଇ ମଧ୍ୟ ଯାହାଙ୍କର ମନ ଧାଇଁଯାଇଛି ଦରିଦ୍ର, ଲାଞ୍ଛିତର ପର୍ଣ୍ଣକୁଟୀରକୁ, ସେ ହେଉଛନ୍ତି ସର୍ବସ୍ୱତ୍ୟାଗୀ, ଅକୁତୋଭୟା ଅପରାଜିତା ମାଳତୀ ଚୌଧୁରୀ । ଯାହାଙ୍କର କାର୍ଯ୍ୟ ଓ କାର୍ଯ୍ୟ କୁଶଳତା ପାଇଁ ବିଭିନ୍ନ ସମୟରେ ତାଙ୍କ ନାଁ ଆଗରେ ତୋଫାନୀ, ବହ୍ନି ପ୍ରତିମା, ବହ୍ନିବାଳା, ରଣଚଣ୍ଡୀ, ଦୁର୍ଗା, ବିପ୍ଳବିଣୀ, ମମତାମୟୀ, ଲୁହାର ମଣିଷ, ସାହସିନୀ, ସର୍ବତ୍ୟାଗୀ, ବିରଳ ବ୍ୟକ୍ତିତ୍ୱ, ଅଭୟ ଦାୟିନୀ ବରଦା, ସେବା ଓ ତ୍ୟାଗର ମହାସମୁଦ୍ର, ଆଦିବାସୀଙ୍କ ଜୀବନ ସର୍ବସ୍ୱ ଇତ୍ୟାଦି ବିଶେଷଣ ଯୋଡ଼ାଯାଇଛି, ସେ ହେଉଛନ୍ତି ଆଜନ୍ମ ବିପ୍ଳବିଣୀ ମାଳତୀ ଚୌଧୁରୀ ।

ଯାହାଙ୍କ ନାଁ ଶୁଣିଲା ମାତ୍ରେ ନିଷ୍ପ୍ରାଣ ହୃଦୟରେ ପ୍ରାଣ ସଞ୍ଚାର ହୋଇ ଦେହରେ ରୋମାଞ୍ଚ ଓ ପୁଲକ ଜାତ ହୁଏ, ସେହି ସର୍ବାଳଂକୃତ ବିଚିତ୍ର କର୍ମୀ, ମାଳତୀ ଚୌଧୁରୀଙ୍କ ମାନସ ସନ୍ତାନ ବାଜିରାଉତ ଛାତ୍ରାବାସର କିଛି ଝଲକ ଦେବାର ପ୍ରୟାସ କରାଯାଇଛି ଏହି ପ୍ରବନ୍ଧରେ ।

<u>ବାଜିରାଉତ ଛାତ୍ରାବାସର ପରିକଳ୍ପନା</u>

ବାଜିରାଉତ ଛାତ୍ରାବାସର ପରିକଳ୍ପନା ହୋଇଥିଲା ଜେଲ ଭିତରୁ । ୧୯୪୨ ମସିହା 'ଭାରତଛାଡ଼ ଆନ୍ଦୋଳନ'ରେ ଅଂଶ ଗ୍ରହଣ କରି ମାଳତୀ ଦେବୀ ଦୀର୍ଘ ଦୁଇବର୍ଷ

ଆଠ ମାସ କାଳ କଟକ ଜେଲରେ ବନ୍ଦିନୀ ଜୀବନ ବିତାଇଥିଲେ । ସେତିକିବେଳେ ସେ ଗଡ଼ଜାତ ଆନ୍ଦୋଳନରେ ଅଂଶ ଗ୍ରହଣ କରି କାରାବରଣ ଭୋଗୁଥିବା ସଂଗ୍ରାମୀମାନଙ୍କ ପିଲାଙ୍କ କଥା ଭାବୁଥିଲେ । ସେହି ନିରାଶ୍ରୟ ପିଲାଙ୍କ ଅନିଶ୍ଚିତ ଭବିଷ୍ୟତ ତାଙ୍କୁ ସର୍ବଦା ବ୍ୟଥିତ କରୁଥିଲା । ତେଣୁ ଜେଲରୁ ଖଲାସ ହେଲା ପରେ ସେହି ହତଭାଗ୍ୟ ପିଲାଙ୍କ ପାଇଁ ଛାତ୍ରାବାସଟିଏ ପ୍ରତିଷ୍ଠା କରି ସେମାନେ ମାଗଣାରେ ରହିବା, ଖାଇବା ଓ ପଢ଼ିବାର ବନ୍ଦୋବସ୍ତ କରିବେ ବୋଲି ମନେ ମନେ ସ୍ଥିର କରିଥିଲେ । ସେ ଆହୁରି ପାଦେ ଆଗେଇ ଯାଇ ସେହି ଛାତ୍ରାବାସର ନାମ ଭାରତବର୍ଷର ସର୍ବ କନିଷ୍ଠ ସହିଦ ବାଜିରାଉତଙ୍କ ନାମାନୁସାରେ "ବାଜିରାଉତ ଛାତ୍ରାବାସ" ରଖିଥିଲେ । ପ୍ରକାରାନ୍ତରେ ମାଳତୀ ଦେବୀଙ୍କ ଉଦ୍ଦେଶ୍ୟ ଥିଲା- ଛାତ୍ରାବାସଟି ବାଜିରାଉତ ନାମରେ ନାମିତ ହେଲେ ଛାତ୍ରାବାସର ପିଲାମାନେ ବାଜିରାଉତଙ୍କର ସାହସ, ବୀରତ୍ୱ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ । ସତକୁ ସତ, ଛାତ୍ରାବାସର ଜନ୍ମଠାରୁ ଏପର୍ଯ୍ୟନ୍ତ ଛାତ୍ରାବାସର ପୁଅଝିଅମାନେ ଗୀତ ବୋଲୁଛନ୍ତି-



ବାଜି ରାଉତ ଛାତ୍ରାବାସର ମୁଖ୍ୟ ଦ୍ୱାର

"ମାଦଲ ବାଜିଲାରେ ଘୁମୁରା ବାଜିଲା
ଭାଇ ଘୁମୁରା ବାଜିଲା
ଆମେ ତ ସବୁ ଅଟୁ ଭାଇ
ବାଜିରାଉତ ଚେଲାରେ... ।"

ବାଜିରାଉତ, ବାରବର୍ଷର ପିଲାଟିଏ । ଘର ଢେଙ୍କାନାଳ ଜିଲ୍ଲାର ବ୍ରାହ୍ମଣୀ ନଦୀକୂଳରେ ନୀଳକଣ୍ଠପୁର ଗାଁରେ । ୧୯୩୮ ମସିହା ପ୍ରଜାମଣ୍ଡଳ ଆନ୍ଦୋଳନବେଳେ ଭୁବନ ଗ୍ରାମର ପ୍ରଜାମାନେ ଉତ୍ତେଜିତ ହୋଇ ଇଂରେଜ ଫୌଜମାନଙ୍କୁ ଗୋଡ଼ାଇ ଆସିବାରୁ ସେମାନେ ପ୍ରାଣ ବିକଳରେ ବ୍ରାହ୍ମଣୀ ନଦୀ ପାର ହୋଇ ଢେଙ୍କାନାଳ ପଟରୁ ପଳାଇବା ନିମନ୍ତେ ଡଙ୍ଗାବାଲାକୁ ଡାକ ପକାଇଲେ । ସେଦିନ ପାଳି ଅନୁସାରେ ବାଜିରାଉତ ଡଙ୍ଗା ଜଗିଥାଏ । ଫୌଜଙ୍କ ଡାକରା ଶୁଣି ସେ ଜବାବ ଦେଲା "ପ୍ରଜାମଣ୍ଡଳର ଆଦେଶ ନାହିଁ ।" ଇଂରେଜ ଫୌଜମାନେ ବାରମ୍ବାର ଡାକିବା ସତ୍ତ୍ୱେ ବାଜିରାଉତର ସେଇ ଗୋଟିଏ ଜବାବ- "ପ୍ରଜାମଣ୍ଡଳର ଆଦେଶ ନାହିଁ ।" ଏଥିରେ ଇଂରେଜ ଫୌଜମାନେ ଉତ୍‌କ୍ଷିପ୍ତ ହୋଇ ବାଜିରାଉତ ଉପରକୁ ଗୁଳି ଚଳାଇଥିଲେ ଓ ସେହି ଗୁଳି ଚୋଟରେ ବାଜିରାଉତ



ନବକୃଷ୍ଣ ଓ ମାଳତୀ ଚୌଧୁରୀଙ୍କ ରହଣି ପୀଠ

ଟଳି ପଡ଼ିଥିବାବେଳେ ନିକଟରେ ଥିବା ଦୁରୁଷି ପ୍ରଧାନ, ଲକ୍ଷ୍ମଣ ମଲ୍ଲିକ, ନଟ ମଲ୍ଲିକ, ଡ. ରଘୁ, ଗୁରି ନାଏକ ମଧ୍ୟ ସହିଦ ହୋଇଗଲେ । ବାଜିରାଉତର ବୀରତ୍ୱରେ ପିଲାମାନେ ଅନୁପ୍ରାଣିତ ହେବା ଆଶା ରଖି ମାଳତୀଦେବୀ ଛାତ୍ରାବାସର ନାମ 'ବାଜିରାଉତ ଛାତ୍ରାବାସ' ରଖିଥିଲେ ।

ସ୍ଥାନ ନିରୂପଣର ଯଥାର୍ଥତା :

'ବାଜିରାଉତ ଛାତ୍ରାବାସ' ନିମନ୍ତେ ନବକୃଷ୍ଣ ଚୌଧୁରୀ(ବାପି) ଓ ମାଳତୀ ଚୌଧୁରୀ (ନୁମା) ମୁଖ୍ୟତଃ ତିନୋଟି କାରଣ ଯୋଗୁଁ 'ଅନୁଗୋଳ' ମନୋନୀତ କରିଥିଲେ ।

(କ) ପ୍ରଜା ଆନ୍ଦୋଳନର ସୁପରିଚାଳନା ନିମନ୍ତେ :

ସେ ସମୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ (ମୋଗଲବନ୍ଦୀ) ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲାବେଳେ ଅନ୍ୟ ଛବିଶଟି ଗଡ଼ଜାତରେ ସ୍ଥାନୀୟ ରାଜାମାନେ ଶାସନ କରୁଥିଲେ । ଏହି ଗଡ଼ଜାତମାନଙ୍କ ମଧ୍ୟରୁ କେତେକ ସୁରକ୍ଷା ଦୃଷ୍ଟିରୁ 'ସାମନ୍ତସନ୍ଧି' ଗ୍ରହଣ କରି ବ୍ରିଟିଶ ଶାସନାଧୀନ ଥିଲେ । ଏମାନଙ୍କର ନିଜର କୋର୍ଟ, କଚେରି ଓ ପୋଲିସ ଫୌଜ ଥିଲେ । ଏଠାରେ ରାଜାଙ୍କ ପ୍ରଣୀତ ଆଇନ ଥିଲା ଏକମାତ୍ର ଆଇନ ଓ ରାଜାଙ୍କ ବିଚାର ଥିଲା ଚୂଡ଼ାନ୍ତ, ରାଜାଙ୍କ ବିଚାର ବିରୁଦ୍ଧରେ ଅପିଲ କରିବାକୁ କୋର୍ଟ ନଥିଲା କି ଆଇନ ମଧ୍ୟ ନଥିଲା; ଏପରିକି ଏହି ରାଜାମାନେ ଫାଶୀ ମଧ୍ୟ ଦେଇ ପାରୁଥିଲେ । ଏହି ରାଜାମାନେ ଯେତେବେଳେ ଶାନ୍ତି ରକ୍ଷା ନିମନ୍ତେ ଅସମର୍ଥ ହୁଅନ୍ତି, ଇଂରେଜ ସୈନ୍ୟମାନେ ସେତେବେଳେ ସେମାନଙ୍କୁ ସାହାଯ୍ୟ କରିଥାନ୍ତି । ଏହି କାରଣରୁ ଗଡ଼ଜାତଗୁଡ଼ିକରେ ହୁଙ୍କାପିଟା ଶାସନ ଚାଲି ରାଜାମାନେ ପ୍ରଜାଙ୍କ ଉପରେ ନାନା ପ୍ରକାର କର, ଖଜଣା, ବେତ ବେଖାରୀ, ମାଗଣ, ଭେଟି ବସାଇ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ଗଡ଼ଜାତ ରାଜାମାନଙ୍କର ଅକଥନୀୟ ଅତ୍ୟାଚାର ଓ ପ୍ରଜାଶୋଷଣ ନୀତି ବିରୋଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ୧୯୩୨-୩୩ ମସିହା ବେଳକୁ 'ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ' ଗଠିତ ହୋଇଥିଲା ଓ ଏହାର ନେତୃତ୍ୱ ନେଇଥିଲେ ଡ.ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ପବିତ୍ର ମୋହନ ପ୍ରଧାନ, ବୈଷ୍ଣବ ଚରଣ ପଟ୍ଟନାୟକ ପ୍ରମୁଖ ସଂଗଠକମାନେ । ଗଡ଼ଜାତର ରାଜାମାନେ ଇଂରେଜମାନଙ୍କ ସହାୟତାରେ (ସାମନ୍ତସନ୍ଧି

ଗ୍ରହଣ କରିଥିବାରୁ) ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ସତତ ଚେଷ୍ଟା କରୁଥାନ୍ତି ଏବଂ ପ୍ରଜା ଆନ୍ଦୋଳନକୁ ତୀବ୍ରତର କରି ରାଜତନ୍ତ୍ରର ବିଲୋପ ନିମନ୍ତେ ସଂଗଠକମାନେ ପ୍ରାଣମୁର୍ଚ୍ଛା ଉଦ୍ୟମ ଜାରି ରଖିଥାନ୍ତି ।



ରାଜ୍ୟପାଳ ରଘୁବୀର ଦାସ ଚୁନି ଅପାଙ୍କୁ ସମ୍ମାନିତ କରୁଥିବା ଅବସରରେ

ଓଡ଼ିଶାର ୨୬ ଗୋଟି ଗଡ଼ଜାତ ମଧ୍ୟରେ ଢେଙ୍କାନାଳର ରାଜା ଥିଲେ ସବୁଠାରୁ ଅଧିକ ଅତ୍ୟାଚାରୀ । ସେତେବେଳେ ତାଳଚେର, ଢେଙ୍କାନାଳ, ଆଠମଲ୍ଲିକ ଓ ହିନ୍ଦୋଳ ଗଡ଼ଜାତ ମଝିରେ ଅନୁଗୋଳ ଥିଲା ବ୍ରିଟିଶ ଶାସିତ ମୋଗଲବନ୍ଦୀ ଅଞ୍ଚଳ । ଅତ୍ୟାଚାରୀ ରାଜାଙ୍କ ପ୍ରଭାବରୁ ମୁକ୍ତ ଥିବା ଅନୁଗୋଳରେ ତାଳଚେର ପ୍ରଜାମଣ୍ଡଳର କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା । ସୁତରାଂ ଅନୁଗୋଳରେ ରହି ସୁରୁଖୁରୁରେ ପ୍ରଜା ଆନ୍ଦୋଳନକୁ ଚଳାଇ ରଖିବା ଉଦ୍ଦେଶ୍ୟରେ ବାପି ଓ ନୁମା ଅନୁଗୋଳକୁ ବାଛିଥିଲେ ।

(ଖ) <u>ବାସହରାମାନଙ୍କ ଥଇଥାନ ଓ ସେବା ନିମନ୍ତେ :</u>

୧୯୩୭ ମସିହା ବେଳକୁ ଢେଙ୍କାନାଳ ଓ ତାଳଚେରରେ ରାଜାଙ୍କ ଅନ୍ଧାରୀ ଶାସନ ବିରୋଧରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇ ଯାଇଥିଲା । ଏହି ରାଜାଦ୍ୱୟଙ୍କ ଦମନଲୀଳାରେ ଅତିଷ୍ଠ ହୋଇ ହଜାର ହଜାର ପ୍ରଜା ରାଜ୍ୟ ଛାଡ଼ି ଅନୁଗୋଳକୁ ପଳାଇ ଆସି କୋଶଳା, ପାଣିଓଦା, ପଣ୍ଡୁଆ, ବୁଢ଼ାପାଙ୍କ ଆଜି କ୍ୟାମ୍ପମାନଙ୍କରେ ଅସ୍ଥାୟୀ ଘର କରି ପିଲାଛୁଆ ଧରି ମାସ ମାସ ପଡ଼ି ରହିଥିଲେ । ଏହି ଉଦ୍‌ବାସ୍ତୁ (ବାସହରା)ମାନଙ୍କର ଥଇଥାନ ଓ ସେବା କରିବା ନିମିତ୍ତ ବାପି ଓ ନୁମା ଅନୁଗୋଳକୁ ବାଛି ଥିଲେ ।

(ଗ) <u>ବନ୍ଦୀମାନଙ୍କ ପିଲାଙ୍କର ସୁବିଧା ନିମନ୍ତେ :</u>

ମାଳତୀ ଚୌଧୁରୀଙ୍କ ମୂଳ ଲକ୍ଷ୍ୟ ଥିଲା ପ୍ରଜାମଣ୍ଡଳରେ ଯୋଗ ଦେଇ ବନ୍ଦୀ ଜୀବନ କାଟୁଥିବା ସଂଗ୍ରାମୀମାନଙ୍କ ପିଲାମାନଙ୍କର ରହିବା, ଖାଇବା ଓ ପଢିବାର ସୁବନ୍ଦୋବସ୍ତ କରିବା । ଯେହେତୁ ପ୍ରଜା ଆନ୍ଦୋଳନ ପ୍ରଥମେ ଢେଙ୍କାନାଳରେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଅନ୍ୟ ଗଡ଼ଜାତମାନଙ୍କୁ ବ୍ୟାପିଥିଲା, ଅନୁଗୋଳ ଢେଙ୍କାନାଳ ପାଖରେ ଅବସ୍ଥିତ ଥିବାରୁ ଓ ଏଠାରେ ଗଡ଼ଜାତ ରାଜାମାନଙ୍କର ପ୍ରଭାବ ନଥିବାରୁ ସଂଗ୍ରାମୀମାନଙ୍କ ପିଲାଙ୍କର ସମସ୍ତ ସୁବିଧା ସୁରୁଖୁରୁରେ କରାଯାଇପାରିବା ଦୃଷ୍ଟିରୁ ବାପି ଓ ନୁମା ଅନୁଗୋଳକୁ ବାଛି ଥିଲେ ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଛାତ୍ରାବାସ ଗସ୍ତ

ଉଦ୍‌ଯୋଗପର୍ବ

ମାଳତୀ ଚୌଧୁରୀ ଜେଲ ଜୀବନ କଟାଇ ୧୯୪୫ ମସିହା ଅପ୍ରେଲ ପହିଲାରେ ଖଲାସ ହେଲାପରେ ଶାଶୁଘର କଟକକୁ ଯାଇ ସେଠାରେ ୨/୩ ଦିନ ରହି ଅନୁଗୋଳ ବାହାରିଲେ । ଶ୍ରୀ କସ୍ତୁରୀ ଚରଣ ମଲ୍ଲିକ ସେହି ସମୟରେ ବ୍ରହ୍ମପୁର ଜେଲରୁ ମୁକୁଳି ଥାନ୍ତି, ମାତ୍ର ନବକୃଷ୍ଣ ଚୌଧୁରୀ ବ୍ରହ୍ମପୁର ଜେଲରେ ଥାଆନ୍ତି । ନୁମା ତାଙ୍କ ସାନଝିଅ ତିନୁ ଓ କସ୍ତୁରୀଙ୍କୁ ଧରି ଏବଂ ସାଙ୍ଗରେ କିଛି ଉଷୁନା ଚାଉଳ ଓ ଇକ୍‌ମିକ୍ କୁକର (ପାଞ୍ଚ ଥାକିଆ ଟିଫିନ୍ କ୍ୟାରିଅର ଭଳି, ସବା ତଳ ଥାକରେ ସାମାନ୍ୟ କାଠ କୋଇଲା ଜଳେ) ନେଇ ଅନୁଗୋଳ ବାହାରି ପଡ଼ିଲେ । ସେମାନେ ମେରାମଣ୍ଡଳି ଷ୍ଟେସନରୁ ବସ୍‌ରେ ଯାଇ ଅନୁଗୋଳ ପୋଲିସ ଟ୍ରେନିଂ ସ୍କୁଲ ଛକରେ ଓହ୍ଲାଇ ସେଠାରୁ ଚାଲି ଚାଲି ସୁସୁଡ଼ା ଗାଁରେ ପହଞ୍ଚିଥିଲେ । ସେଠାରେ ମହି, ବଳଭଦ୍ର ମିଶ୍ର (ବାବାଜୀ ଭାଇ) ଓ ବଣିଅପା ଥାଆନ୍ତି । ଜେଲ ଫେରନ୍ତା ନୁମା ଶୂନ୍ୟହସ୍ତରେ ଅନୁଗୋଳ ଯାଇଥିଲେ । ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତଥାପି ଦୃଢମନା ନୁମା ଏସବୁ ଅସୁବିଧାକୁ ଖାତିର ନକରି ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ । ଶୋଚନୀୟ ଆର୍ଥିକ ଅବସ୍ଥା ଯୋଗୁଁ ତାଙ୍କର ଖିଆପିଆରେ ଆଭିଜାତ୍ୟର ଛଟା ନଥିଲା । ସେ ଇକ୍‌ମିକ୍‌ରେ ଭାତ, ଓଲୁଅସିଜା ଓ ଭେଣ୍ଡି ଭାଜି ଖାଇଥାନ୍ତି । ବେଳେବେଳେ ମଦନ ମୋହନଙ୍କ ସ୍ତ୍ରୀ କିଛି ଡାଲି ପଠାଇଲେ, ଡାଲି ହୁଏ । ମଝିରେ ମଝିରେ କସ୍ତୁରୀ ନୁମାଙ୍କ ଶାଶୁ ଘର କଟକକୁ ଯାଇ ଚାଉଳ ଆଣିଥାନ୍ତି । ଶେଷକୁ ନୁମାଙ୍କ ଶାଶୁ ଚାଉଳ ଦେବାକୁ ମନା କରିବାରୁ କସ୍ତୁରୀ ମାଗୁଣି କାନୁନ୍‌ଗୋଙ୍କ ଘରକୁ ଯାଇ ଚାଉଳ ଆଣିଥିଲେ । ଏତେ ଅଭାବ ଅନାଟନରେ ଥିଲେ ସୁଦ୍ଧା ନୁମାଙ୍କ ମନୋବଳ ଭାଙ୍ଗି ନଥିଲା; ଲକ୍ଷ୍ୟ ଏକ ଓ ସେହି ଲକ୍ଷ୍ୟ ପୂରଣ ପାଇଁ ସେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସାମ୍ନା କରିବାକୁ ପ୍ରସ୍ତୁତ ଥିଲେ ।

ପିଲା ଯୋଗାଡ଼ :

୧୯୪୫ ମସିହା ସେପ୍ଟେମ୍ବର ମାସରେ ଜେଲ ଯାଇଥିବା ଅନେକ ନେତା ଓ କର୍ମୀ ଖଲାସ ହୋଇଥିଲେ । ବାପି ଓ ସାରଙ୍ଗଧର ଦାସ ମଧ୍ୟ ଏହି ସମୟରେ ଜେଲରୁ ଖଲାସ ହେଲେ । ତା'ପରେ ବାପି, ସାରଙ୍ଗବାବୁ ଓ ନୁମା ଅନୁଗୋଳରେ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କଲେ ଯେ ଗଡ଼ଜାତ ଅଞ୍ଚଳର ସଂଗ୍ରାମୀମାନଙ୍କ ପିଲାମାନଙ୍କୁ ନେଇ

ଛାତ୍ରାବାସ ଆରମ୍ଭ କରିବେ । ସେହି ଅନୁସାରେ ନୁମା କସ୍ତୁରୀଙ୍କୁ କହିଲେ- "ତୋ ଉପରେ ଦାୟିତ୍ୱ ଢେଙ୍କାନାଳର ଦୁଃସ୍ଥ ପିଲାମାନଙ୍କୁ ଏଠାକୁ ଆସିବା । ଯେଉଁଠି ଆମ ବନ୍ଦୀମାନଙ୍କ ପିଲା ଦୁଃସ୍ଥ ହୋଇ ପଡ଼ିଥିବେ, ସେହି ପିଲାମାନଙ୍କୁ ଆଣିବୁ ।"



ପୂର୍ବତନ ରାଜ୍ୟପାଳ ପ୍ର. ଗଣେଶୀଲାଲଙ୍କ ଛାତ୍ରାବାସ ଗସ୍ତ

ନୁମାଙ୍କ କଥା ମାନି କସ୍ତୁରୀ ପିଲା ଯୋଗାଡ଼ରେ ବାହାରି ପଡ଼ିଲେ । ନୁମାଙ୍କର ଗୋଟିଏ ଲେଡି ସାଇକେଲ୍ ଅଚଳ ହୋଇପଡ଼ିଥିଲା । କସ୍ତୁରୀ ଗୋଟିଏ ଟଙ୍କା ନେଇ ଦୁଇଟା ଟାୟାର ଦଶଅଣା ଓ ଦୁଇଟା ଟ୍ୟୁବ୍ ଛଅ ଅଣାର ପକାଇ ସାଇକେଲକୁ ଠିକ୍ କରି ପିଲା ଖୋଜି ବାହାରିଲେ । ସେ ଟ୍ରେନ୍‌ରୁ ଗୋଟିଏ ପିଲା ନେଇ ନୁମାଙ୍କ ପାଖେ ପହଞ୍ଚିଲେ ଓ ନୁମା ଅତ୍ୟନ୍ତ ଖୁସି ହୋଇ କହିଲେ- "ଏ ହେବ ଆମର ପ୍ରଥମ ଛାତ୍ର ।" ମାତ୍ର ପିଲାଟି ୭/୮ ଦିନ ରହି ପଳାଇଲା । ତା'ପରେ କସ୍ତୁରୀ ଦ୍ୱିତୀୟ ପିଲା ନିତ୍ୟାନନ୍ଦଙ୍କୁ ଆଣିଲେ । ଏହି ପିଲାଟି ସ୍ଥାୟୀ ଭାବେ ରହିଲା । ନୁମା, ବଳଭଦ୍ର ମିଶ୍ର ଓ କଣ୍ଡୁରୀ ଏ ପିଲାକୁ ପଢ଼ାନ୍ତି ।

ଆଶ୍ରମରେ କିଛିଦିନ ରହିବା ପାଇଁ ନୁମା ପାର୍ବତୀ ଗିରିଙ୍କୁ ଡାକିଲେ । ପାର୍ବତୀ ଗିରି ଆସିଲେ, ମାତ୍ର ସବୁଦିନ ରହିପାରିବେ ନାହିଁ କହି ଚାଲିଗଲେ । ତା'ପରେ ଆସିଲେ ହାରାମଣି କାନୁନ୍‌ଗୋ (ମୁରଲୀଧର କାନୁନ୍‌ଗୋଙ୍କ ସ୍ତ୍ରୀ) । ସେ ମଧ୍ୟ କିଛିଦିନ ରହି ଚାଲିଗଲେ । ତତ୍‌ପରେ ସେପ୍ଟେମ୍ବର / ଅକ୍ଟୋବର ମାସ ବେଳକୁ ଆସିଲେ କିରଣ ଲେଖା ମହାନ୍ତି (ସାରଙ୍ଗଧର ବାବୁଙ୍କ ନାତୁଣୀ) । କିରଣ ସ୍ଥାୟୀ ଭାବେ ଆଶ୍ରମରେ ରହି ପାଠପଢ଼ା ଓ ସବୁ ଖବର ବୁଝାସୁଝା କରିବାରୁ କସ୍ତୁରୀ ସମୟ ପାଇଲେ ପିଲା ଯୋଗାଡ଼ କରିବାକୁ । ସାରଙ୍ଗଧର ଦାସ ଗଡ଼ଜାତରୁ ପିଲା ଆଣିଲେ । ନୟାଗଡ଼ରୁ ଆସିଲେ ଚକ୍ରଧର, ଲକ୍ଷ୍ମଣ, ମହି ଓ ସାକୀ । ଢେଙ୍କାନାଳରୁ ଆସିଲେ ଗୁହ, ଶୁଲ, ନିତ୍ୟାନନ୍ଦ, ଗୋଲଖ, ରତ୍ନାକର ପ୍ରଭୃତି । ସମସ୍ତେ ଥିଲେ ପ୍ରଜାମଣ୍ଡଳର ସଂଗ୍ରାମୀମାନଙ୍କ ସନ୍ତାନ । ନୁମା କିଛି ଆଦିବାସୀ ପିଲା ମଧ୍ୟ ଯୋଗାଡ଼ କରି ଆଣିଲେ । ଏହିପରି ଭାବେ ୧୬ ଜଣ ପିଲା ଆସିଲେ ତ ସେମାନଙ୍କ ସହିତ ନୁମାଙ୍କ ସାନଝିଅ ତିନୁ ସାମିଲ ହୋଇ ୧୭ଜଣ ପିଲାରେ ଅନୁଷ୍ଠାନ ଚାଲିଲା । ସେହି ପ୍ରଥମ କ୍ୟାଚର ୧୭ଜଣ ଭାଗ୍ୟଶାଳୀ ଛାତ୍ରଛାତ୍ରୀ ହେଲେ- ତିନୁ, ନିତ୍ୟାନନ୍ଦ, ଗୁଲ, ରତ୍ନାକର, ଶୋଭା, ସୁଲ, ଗୋଲଖ, ସାବୀ, ମୀରା, ଚକ୍ର, ମହେଶ୍ୱର, ନବଘନ, ଫକୀର, ନକୁଳ, ଆନନ୍ଦ, ଦୁର୍ଗା ଓ ଧରଣୀ । ପରେ ପରେ ବିଶ୍ୱନାଥ



ଛାତ୍ରାବାସ ଦାୟିତ୍ୱରେ
କୃଷ୍ଣା ମହାନ୍ତି(ବୁନିଅପା)

ବାବୁଙ୍କ ଚେଷ୍ଟାରେ କୋରାପୁଟର କୁବେନ୍ଦ୍ରୀ ଅଞ୍ଚଳରୁ ଆସିଥିଲେ ଲକ୍ଷ୍ମୀ, ପାର୍ବଣ, ଗୁରୁବାରୀ, ସୋମନାଥ, ନୀଳାମ୍ବର, ବାଦାମ୍ବର, ପୁରୁଷୋତ୍ତମ, ମାଧବ ଓ ବିଶ୍ୱମ୍ବର । କ୍ରମେ ଓଡ଼ିଶାର କୋଣ ଅନୁକୋଣରୁ ଅଧିକ ଛାତ୍ରଛାତ୍ରୀ ଆସିବାକୁ ଲାଗିଲେ । ଏହି ଆଦର୍ଶ ଅନୁଷ୍ଠାନକୁ ମାଳତୀ ଦେବୀ ଆରମ୍ଭ କରିଥିଲେ ୧୯୪୭ ମସିହା ଜାନୁୟାରୀ ମାସରେ ।

ଶୁଭ ଉଦ୍‌ଘାଟନ :

ଏହି ଅନୁଷ୍ଠାନ ୧୯୪୭ ମସିହା ମଇ ମାସ ୧୧ ତାରିଖରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଗଡ଼ଜାତ ଆନ୍ଦୋଳନର ସେନାପତି ସାରଙ୍ଗଧର ଦାସ, ପବିତ୍ର ମୋହନ ପ୍ରଧାନ, ବୈଷ୍ଣବ ଚରଣ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସ ଆଦିଙ୍କ ସଂପୂର୍ଣ୍ଣ ସମର୍ଥନ ଓ ସହଯୋଗ ଅନୁଷ୍ଠାନ ପ୍ରତି ରହିଥିଲା ।

ଘରଦ୍ୱାର :

ଅନୁଗୋଳର ପ୍ରଥମ ବିଧାୟକ ଓ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଗିରିଜା ଭୂଷଣ ଦତ୍ତ । ଗିରିଜା ବାବୁ ସରକାର କିମ୍ବା ଗଡ଼ଜାତ ରାଜାଙ୍କର ବାରଣ ନ ମାନି ସ୍ୱାଧୀନତା ସଂଗ୍ରାମରେ ନୁମାଙ୍କୁ ସାହାଯ୍ୟ କରୁଥିଲେ । ନୁମା ତାଙ୍କ ଠାରୁ ଖଣ୍ଡିଏ ଜମି ଓ ତା' ଉପରେ ଥିବା ତିନି ବଖରା ଚାଳଘର କିଣି ନେଇଥିଲେ । ପ୍ରଥମାବସ୍ଥାରେ ସେହି ଚାଳ ଘରେ ଛାତ୍ରାବାସ ଓ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ଗିରିଜାବାବୁଙ୍କ ନାମାନୁସାରେ ଏହାର ନାଁ ରଖାଗଲା 'ଗିରିଜା ଭବନ' । ଏହି ଗିରିଜା ଭବନରେ ରାନ୍ଧିବା, ଖାଇବା, ପଢ଼ିବା ଓ ଶୋଇବା ସବୁ କାମ ଚାଲିଲା । ଗୋଟିଏ ବଖରାରେ ନୁମା ତାଙ୍କ ଦୁଇଝିଅ, କିରଣ ଓ ପାର୍ବତୀ ଗିରି ରହୁଥିଲେ; ଗୋଟିଏ ବଖରାରେ ସାରଙ୍ଗଧର ବାବୁ ଓ ଅନ୍ୟ ବଖରାଟିରେ କସ୍ତୁରୀ ଏବଂ ଶଶୀଭୂଷଣ ରହୁଥିଲେ । ପରେ ସେହି ଘର ସାମ୍ନାରେ ତାଳପତ୍ରରେ ଏକ ଗମ୍ବୁଜାକୃତି ଘର ନୁମାଙ୍କ ପାଇଁ ତିଆରି କରାଗଲା ଓ ସାରଙ୍ଗଧର ବାବୁଙ୍କ ପାଇଁ ଚାଳଘରଟିଏ ତିଆରି ହେଲା ।

୧୯୪୭ ମସିହାରେ ବିଶିଷ୍ଟ ସମାଜସେବୀ ପୂଜ୍ୟ ଠକ୍କର ବାପା ଓଡ଼ିଶା ଭ୍ରମଣରେ ଆସି ନୁମାଙ୍କ ସହିତ ଛାତ୍ରାବାସ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ ।

ତାଙ୍କ ସହିତ ତତ୍‌କାଳୀନ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ ମଧ୍ୟ ଆସିଥିଲେ । ଠକ୍‌କର ବାପାଙ୍କ ପ୍ରସ୍ତାବ ଅନୁସାରେ ସରକାରଙ୍କ ତରଫରୁ ଏକ ହଷ୍ଟେଲ ତିଆରି ହେଲା ଓ ଠକ୍‌କର ବାପାଙ୍କ କାଳରେ କନ୍ୟାଶ୍ରମ (ଛାତ୍ରୀନିବାସ) ତିଆରି ହେଲା । ନବନିର୍ମିତ ହଷ୍ଟେଲର ନାମ ସହୀଦ୍ ଲକ୍ଷ୍ମଣ ନାଏକଙ୍କ ନାମାନୁସାରେ 'ଲକ୍ଷ୍ମଣ କୁଟୀର' ଓ କନ୍ୟାଶ୍ରମର ନାମ 'ଠକ୍‌କର ନିବାସ' ରଖାଗଲା । ଛାତ୍ରାବାସକୁ ଲାଗି ରହିଥିବା ସରକାରୀ ଅନାବାଦୀ ଜମି ଛାତ୍ରାବାସକୁ ଦିଆଗଲା ।



ଛାତ୍ରାବାସରେ ଚୁନିଅପାଙ୍କ ସହ
ସୃଜନୀ ସମ୍ପାଦକ ଅଭୟ ଦ୍ୱିବେଦୀ

କ୍ରମେ ଗିରିଜା ଭବନ ଚାଳଘର ଟାଇଲି ଘର ହେଲା । ସରକାରୀ ଓ ବେସରକାରୀ ସହାୟତାରେ ଛାତ୍ରାବାସର ନୂଆ ରୋଷେଇ ଘର ଓ ନୂଆ ଶାନ୍ତି ମନ୍ଦିର ତିଆରି ହେଲା । ପ୍ରଥମେ ଏଗୁଡ଼ିକ ଝାଟିମାଟି ଚାଳଘର ଥିଲା ଏହି ଗୃହ ନିର୍ମାଣ ପାଇଁ ତତ୍‌କାଳୀନ ଏମ୍.ପି.ଘନଶ୍ୟାମ ଥିରାନି ପାଣ୍ଠି ଯୋଗାଇ ଦେଇଥିଲେ । କ୍ରମେ ଛାତ୍ରାବାସରେ ପିଲା ସଂଖ୍ୟା ବଢ଼ିବାରୁ ଲକ୍ଷ୍ମଣ କୁଟୀର ସାଙ୍ଗକୁ 'ରାମ ଭବନ' ଓ 'ହନୁମାନ ଭବନ' ନାମରେ ଦୁଇଟି ଘର ତିଆରି ହେଲା । ମୁଖ୍ୟ ଫାଟକର ଦୁଇ ପାର୍ଶ୍ୱରେ ଦୁଇଟି ଶିକ୍ଷକ କ୍ୱାର୍ଟର ତିଆରି ହେଲା । ନୁମାଙ୍କ ପାଇଁ ଘର (ନୁମା କୁଟୀର) ତିଆରି ହେଲା । ଛାତ୍ରାବାସର ଅପରପାର୍ଶ୍ୱରେ (ସରକାରୀ ରାସ୍ତା ଆରପଟେ) 'କଳା ଭବନ'ଟି ଶିଳ୍ପୀ ଜଗନ୍ନାଥ ଦାସ ଥିଲା ବେଳେ ତିଆରି ହୋଇଥିଲା । ବର୍ତ୍ତମାନର ନୂଆ କନ୍ୟାଶ୍ରମ ୧୯୮୦ ମସିହା ବେଳକୁ ଆଦିବାସୀ ବିଭାଗ ଦ୍ୱାରା ତିଆରି ହୋଇଛି ।

<u>ଶିକ୍ଷକବୃନ୍ଦ</u>

ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ବରୀ' ମୌଳିକ ସ୍କୁଲରେ ଶିକ୍ଷକତା କରୁଥିବା ଶ୍ରୀ ଋଷି ବେହେରା ପହଞ୍ଚିଲା ପରେ ୧୭ଟି ପିଲାଙ୍କୁ ନେଇ ଛାତ୍ରାବାସ ଆରମ୍ଭ ହୋଇଥିଲା । ପିଲାମାନଙ୍କର ଶିକ୍ଷାଦାନ ଓ ଛାତ୍ରାବାସ ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଋଷି ଗୁରୁଜୀଙ୍କ ଉପରେ ନ୍ୟସ୍ତ ଥିଲା । ପ୍ରଥମାବସ୍ଥାରେ ତାଙ୍କୁ ସାହାଯ୍ୟ କରିଥିଲେ ଉତ୍ତରା (ନୁମାଙ୍କ ବଡ଼ଝିଅ) କିରଣ ଓ ପାର୍ବତୀ ଗିରି । ଛାତ୍ରାବାସ ପରିସରରେ ଗଛମୂଳେ ଚାନ୍ଦିନୀ ତିଆରି ହୋଇ ଶୀତ ଓ ଗ୍ରୀଷ୍ମ ଋତୁରେ ପାଠ ପଢାଗଲା ।

ଛାତ୍ରାବାସର ପୁଅଝିଅମାନେ ନିକଟସ୍ଥ ଖଲାରୀ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢି ଯାଉଥିଲେ । ମାତ୍ର ଛୋଟ ପିଲାମାନଙ୍କ ପାଇଁ ଖଲାରୀ ପ୍ରାଥମିକ ବିଦ୍ୟାଳୟ ଦୂର ହୋଇ ଯାଉଥିବାରୁ ଛାତ୍ରାବାସ ପରିସରରେ ବଳଭଦ୍ର ବିଦ୍ୟାମନ୍ଦିର ଖୋଲାଯିବାରୁ ସେଠାରେ ପିଲାମାନେ ପାଠ ପଢ଼ିଲେ । ଏହା ୧୯୯୬ରୁ ୨୦୧୯ ପର୍ଯ୍ୟନ୍ତ ଚାଲିଥିଲା ।

୧୯୪୭ ମସିହାରେ ସ୍କୁଲ ଇନ୍‌ସପେକ୍ଟର ଶ୍ରୀ ହରିହର ମିଶ୍ର ଆସି ଖଲାରୀ ପ୍ରାଇମେରୀ ବିଦ୍ୟାଳୟର ଦାୟିତ୍ୱ ଶ୍ରୀ ଋଷି ବେହେରାଙ୍କ ଉପରେ ନ୍ୟସ୍ତ କଲେ ଏବଂ ତାହା ଏକ ମୌଳିକ ବିଦ୍ୟାଳୟ ରୂପେ କାର୍ଯ୍ୟକାରୀ ହେଲା । ଦ୍ୱିତୀୟ ଶିକ୍ଷକ ଶ୍ରୀ ଦିବାକର ପ୍ରଧାନ ପଶ୍ଚିମବଙ୍ଗର ବଳରାମପୁରରୁ ମୌଳିକ ଶିକ୍ଷା ଲାଭ କରି ଯୋଗଦେଲେ । ଖଲାରୀ ମୌଳିକ ବିଦ୍ୟାଳୟଟି ବେସରକାରୀ ଭାବେ ପରିଚିତ ହେଲା । ଶିକ୍ଷକମାନେ ମାସିକ ତିରିଶି ଟଙ୍କା ବେତନ ପାଉଥିଲେ । ଶ୍ରୀ ଲୋକନାଥ ପ୍ରଧାନ ଓ ଶ୍ରୀ ହରେକୃଷ୍ଣ ବହିଦାର ମୌଳିକ ଶିକ୍ଷାରେ ତାଲିମ ପାଇ ଶିକ୍ଷକ ଭାବେ ଯୋଗ ଦେଲେ । ଶିକ୍ଷକ ଶ୍ରୀ ବିନୋଦ ଚନ୍ଦ୍ର ପଟ୍ଟନାୟକ ସରକାରୀ ଡେପୁଟେସନରେ ଆସି ଯୋଗ ଦେଇଥିଲେ । ଶ୍ରୀ ଚନ୍ଦ୍ରମଣି ଭାଇ ବୁଣେଇ ଶିକ୍ଷକ ଥିଲେ । ତାଙ୍କର ଦେହାନ୍ତ ହୋଇଯିବାରୁ ତାଙ୍କ ସ୍ମୃତିରେ ବୁଣେଇ ଘରର ନାମ ଦିଆଗଲା 'ଚନ୍ଦ୍ରମଣି ଭବନ' । ଶାନ୍ତି ନିକେତନ ଶିକ୍ଷାପ୍ରାପ୍ତ ଶ୍ରୀଜଗନ୍ନାଥ ଦାସ କଳା ଶିକ୍ଷକ ଭାବେ ଯୋଗ ଦେଇଥିଲେ ।

ଶ୍ରୀ ସର୍ବେଶ୍ୱର ନାୟକ ସେବାଗ୍ରାମରୁ ମୌଳିକ ଶିକ୍ଷା ତାଲିମ ପାଇ ୧୯୫୦ ମସିହା ଅଗଷ୍ଟ ମାସରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ତାଙ୍କର ଅବସର ଗ୍ରହଣ କରେ ଶ୍ରୀ ଧନେଶ୍ୱର ମହାନ୍ତି ଓ ତାଙ୍କ ପରେ ଶ୍ରୀ ବଂଶୀଧର ମଲ୍ଲିକ (ପ୍ରାକ୍ତନ ଛାତ୍ର) ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଲେ । ଶ୍ରୀମତୀ ଚଞ୍ଚଳା ପାତ୍ର ଓ ଶ୍ରୀମତୀ ସଂଯୁକ୍ତା ପଟ୍ଟନାୟକ ସ୍ୱତନ୍ତ୍ର ତାଲିମ ପାଇ ଯୋଗ ଦେଇଥିଲେ । ଏମ୍ ଟେକ୍ ଯୋଗ୍ୟ ସଂପନ୍ନ ଶିକ୍ଷକ ଆଚାରୀ ବିରଭଦ୍ର ସ୍ୱାମୀ କିଛିଦିନ ପାଇଁ ଏଠାରେ ଯୋଗ ଦେଇଥିଲେ । ସେ ଜଣେ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ଶିକ୍ଷକ ଥିଲେ । ତାଙ୍କ ସାହାଯ୍ୟରେ "ବାଜି ଗୋବର / ଗ୍ୟାସ ପ୍ଲାଣ୍ଟ" ଛାତ୍ରାବାସରେ ସ୍ଥାପିତ ହୋଇଥିଲା ।

ଛାତ୍ରାବାସ ପରିଚାଳନା

ନୁମାଙ୍କର ଡାହାଣ ହାତ ଥିଲେ ବଳଭଦ୍ର ମିଶ୍ର (ବାବାଜୀଭାଇ) । ସେ ଥିଲେ ଛାତ୍ରାବାସର ଭୀଷ୍ମ ପିତାମହ । ଆଜୀବନ ଚିର କୁମାର ରହି ଛାତ୍ରାବାସର ସର୍ବାଙ୍ଗୀନ ଉନ୍ନତି କରିବାକୁ ସେ ଶପଥ ନେଇଥିଲେ । ନୁମା ସବୁବେଳେ ବ୍ୟସ୍ତ ଥାଆନ୍ତି- ପିଲାମାନେ କିପରି ଖୁସିରେ ରହିବେ । ସେଥିପାଇଁ ସେ ତ ସାରଙ୍ଗଧର ବାବୁ ପିଲାମାନଙ୍କ ପାଇଁ ଚାଉଳ, ଡାଲି, ଖାଇବାବାସନ, ଜାମାପ୍ୟାଣ୍ଟ, ବିଛଣା, ଦରି, ଚଦର ଆଦି ଚାନ୍ଦାରେ ସଂଗ୍ରହ କରୁଥିଲେ । ନୁମା ତାଙ୍କ କଟକ ଘରୁ ମଧ୍ୟ ଚାଉଳ ଆଣୁଥିଲେ । ଦେଖାଯାଇଛି,

ନୁମା ବାଉଁଶ ନଗୀ ଧରି ରାସ୍ତାକଡ଼ ଗଛମାନଙ୍କରୁ ଜାଳ ସଂଗ୍ରହ କରିଛନ୍ତି । ପିଲାମାନଙ୍କର ଖାଇବାରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ନୁମା ଅନୁଗୋଳ ବଜାରର କେତେକ ଉତ୍ସାହୀ ଲୋକଙ୍କୁ ଡାକି ଆଲୋଚନା କଲାରୁ ସ୍ଥିର ହେଲା ଯେ ଅନୁଗୋଳ ବଜାରରୁ ମୁଷ୍ଟି ଭିକ୍ଷା ସଂଗ୍ରହ କରାଯିବ । ଏ କାର୍ଯ୍ୟ ଅନେକ ଦିନ ପର୍ଯ୍ୟନ୍ତ ଚାଲିଥିଲା । ଛାତ୍ରାବାସ ପରିଚାଳନା ନିମନ୍ତେ ନୁମା ଓ ସାରଙ୍ଗଧର ବାବୁ ବମ୍ବେରୁ କିଛି ଚାନ୍ଦା ସଂଗ୍ରହ କରି ସାରଙ୍ଗଧର ବାବୁଙ୍କ ଦାର୍ଜିଲିଂ ବ୍ୟାଙ୍କ୍‌ରେ ଜମା କରିଥିଲେ । ମାତ୍ର ଦାର୍ଜିଲିଂ ବ୍ୟାଙ୍କ୍ ଦେବାଳିଆ ହୋଇଯିବାରୁ ସେ ଟଙ୍କା ଆଉ ମିଳିନଥିଲା ।

ପିଲାମାନେ କ୍ଷୀର ଖାଇବା ପାଇଁ ଗୋଟିଏ ଗୋଶାଳା କରିବା ସ୍ଥିର ହେଲା । କଣ୍ଟୁରୀବାବୁ ତାଙ୍କ ଗାଁରୁ ଗୋଟିଏ କାଳୀ ଗାଈ ଶହେ ଟଙ୍କା ଦେଇ ଆଣିଲେ । ଗୌରାଙ୍ଗ ବାବୁ ବାଗଲପୁରରୁ ଗୋଟିଏ ହରିଆନା ଗାଈ ପଠାଇଲେ । ୧୯୪୭ ମସିହାରେ ବାପି ରାଜସ୍ୱମନ୍ତ୍ରୀ ଥାଆନ୍ତି । ସେ ଅନୁଗୋଳ ଟାଉନ ବୁଲିଲାବେଳେ ଜଣେ ମାରୱାଡ଼ିଠାରୁ ଶହେ ଟଙ୍କା ଦେଇ ଗାଈଟିଏ ଆଣିଲେ ।

ପାଠ୍ୟକ୍ରମ

ନୁମା ଶାନ୍ତିନିକେତନରେ ପଢ଼ିଥିଲେ । ତେଣୁ ସେ ବାଜିରାଉତ ଛାତ୍ରାବାସକୁ ରବୀନ୍ଦ୍ର ନାଥ ଟାଗୋରଙ୍କ ଶାନ୍ତିନିକେତନ ଢାଞ୍ଚାରେ ଗଢି ତୋଳିବାକୁ ଉଦ୍ୟମ କରିଥିଲେ । ଛାତ୍ରାବାସକୁ ଶାନ୍ତିନିକେତନ ଆଦର୍ଶରେ ଗଢି ତୋଳିବା ପାଇଁ ସେ ଛାତ୍ରାବାସ ପରିସରରେ ଆମ୍ବ, ପଣସ, ନଡ଼ିଆ, ଲିଚୁ ଓ ବିଭିନ୍ନ ଫୁଲଗଛ ଲଗାଇଥିଲେ ।

ଏଠାରେ ବହି ପାଠ ସହିତ ନିର୍ଭୀକତା, ସତ୍ୟବାଦିତା, ସ୍ୱାବଲମ୍ବନଶୀଳତା, କର୍ମଠତା ଆଦି ଶିକ୍ଷା ଦିଆଯାଉଥିଲା । ମହାତ୍ମାଗାନ୍ଧିଙ୍କ ପରିକଳ୍ପିତ 'ମୌଳିକ ଶିକ୍ଷା'କୁ ବାସ୍ତବ ରୂପ ଦିଆଯାଉଥିଲା ଏହି ଛାତ୍ରାବାସରେ । କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ପିଲାକୁ ସ୍ୱାବଲମ୍ବନଶୀଳ କରିବା ଉଦ୍ଦେଶ୍ୟରେ ଏଠାରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଚିତ୍ରାଙ୍କନ, ଗୋସେବା, କୃଷିକାର୍ଯ୍ୟ, ବଗିଚାକାର୍ଯ୍ୟ, ବୁଣେଇ କାମ ଆଦି ପ୍ରଦାନ କରାଯାଇଥିଲା । ୧୯୫୬-୫୭ ବେଳକୁ ବଗିଚାରେ ଉତ୍ପନ୍ନ ପରିବାକୁ କିଲୋ ପ୍ରତି ଦଶ ପଇସାରେ ବିକ୍ରି କରି ପ୍ରାୟ ତିନିହଜାର ଟଙ୍କା ମିଳିଥିଲା ।

ଆଦିବାସୀ ଛାତ୍ରାବାସ

ସମୟ କ୍ରମେ ବାଜିରାଉତ ଛାତ୍ରାବାସ ଆଦିବାସୀ ଛାତ୍ରାବାସ ଭାବେ ସ୍ୱୀକୃତି ଲାଭ କଲା । ଫଳରେ ପ୍ରତି ପିଲାକୁ ମାସିକ ଷୋହଳ ଟଙ୍କା ବୃତ୍ତି ମିଳିଲା । ସେ ସମୟରେ ଏହି ପଇସାରେ ପିଲାମାନେ ଖୁସିରେ ଚଳୁଥିଲେ ।

ବର୍ତ୍ତମାନର ଛାତ୍ରାବାସ

୧୯୮୪ ମସିହା ଜୁନ୍ ୨୪ ତାରିଖରେ ନବକୃଷ୍ଣ ଚୌଧୁରୀଙ୍କ ନିର୍ବାଣ ପ୍ରାପ୍ତି



ଛାତ୍ରାବାସର ଅନ୍ତେବାସୀ

ଓ ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ମାଳତୀ ଚୌଧୁରୀଙ୍କ ମହାପ୍ରୟାଣ ପରେ ସମସ୍ତଙ୍କର ଚିନ୍ତା ଥିଲା - ସେ ଦୁହିଁଙ୍କ ମାନସ ସନ୍ତାନ 'ବାଜିରାଉତ ଛାତ୍ରାବାସ' ଛେମୁଣ୍ଡ ଛୁଆର ଦଶା ଭୋଗିବ ନାହିଁ ତ? ସୌଭାଗ୍ୟବଶତଃ ସମସ୍ତ କର୍ମକୁ ପଛରେ ପକାଇ ମାଳତୀ ଦେବୀଙ୍କ କନିଷ୍ଠା କନ୍ୟା ଶ୍ରୀମତୀ କୃଷ୍ଣା ମହାନ୍ତି (ତିନୁ) ବାପାମାଆଙ୍କ ଆଦର୍ଶକୁ ଅଙ୍ଗୀକାର କରି ଏହି ଛାତ୍ରାବାସର ଗୁରୁ ଦାୟିତ୍ୱ ବହନ କରିବା ସହିତ ଏକ ପରିଚାଳନା କମିଟି ଗଠନ କରି ଛାତ୍ରାବାସକୁ ଚଳାଇବାରେ ସକ୍ଷମ ହୋଇଛନ୍ତି । ସେ ରାଷ୍ଟ୍ରୀୟ ସମ୍ମାନର ଅଧିକାରିଣୀ ହୋଇ ମଧ୍ୟ ପିତାମାତାଙ୍କ ପରି ସରଳ ଜୀବନଯାପନ କରି ଛାତ୍ରାବାସର ସର୍ବାଙ୍ଗୀନ ଉନ୍ନତି ପାଇଁ ଜୀବନ ଉତ୍ସର୍ଗ କରି ଦେଇଛନ୍ତି । ଅନୁଷ୍ଠାନର ସର୍ବମୟ କର୍ତ୍ତୀ ହୋଇ ମଧ୍ୟ ସଭାପତି, ସମ୍ପାଦକ ତଥା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରି ଆସୁଛନ୍ତି ।

୧୨ ଏକର ଜମି ଉପରେ ପ୍ରତିଷ୍ଠିତ ବାଜିରାଉତ ଛାତ୍ରାବାସର ପୂର୍ବ ଐତିହ୍ୟରେ ଅନେକ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଛାତ୍ରାବାସ ନିଜସ୍ୱ ଆଦର୍ଶ ଓ ସଂସ୍କୃତିକୁ ଜଳାଞ୍ଜଳି ଦେବାରେ କେବେ ଭୁଲ୍ କରି ନାହିଁ । ଅନେକ ଅସୁବିଧା, ଆର୍ଥିକ ଅନଟନ ମଧ୍ୟ ଦେଇ ଗତି କରି ଥିଲେ ମଧ୍ୟ ଛାତ୍ରାବାସ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛି ।

ବର୍ତ୍ତମାନ ସ୍ୱାଧୀନତା ସଂଗ୍ରାମୀଙ୍କ ପିଲା ନ ଥିବାରୁ ଆଦିବାସୀ ଓ ହରିଜନ ପିଲାଙ୍କୁ ନେଇ ଏହା ଆଦିବାସୀ ଛାତ୍ରାବାସରେ ପରିଣତ ହୋଇ ଓଡ଼ିଶା ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗରୁ ଆର୍ଥିକ ଅନୁଦାନ ପାଉଅଛି । ବର୍ତ୍ତମାନ ଛାତ୍ରାବାସରେ ୬୫ଜଣ ଝିଅ ଓ ୭୫ଜଣ ପୁଅ ଅବସ୍ଥାନ କରି ହାଇସ୍କୁଲଠାରୁ କଲେଜ ମାନଙ୍କରେ ଅଧ୍ୟୟନ କରୁଅଛନ୍ତି । ସରକାର ପ୍ରତି ପୁଅକୁ ମାସିକ ଟ.୧୦୦୦=୦୦ ଓ ପ୍ରତି ଝିଅକୁ ମାସିକ ଟ.୧୧୦୦=୦୦ ଅନୁଦାନ ପ୍ରଦାନ କରୁଛନ୍ତି । ଝିଅମାନେ ଅବସ୍ଥାନ କରୁଥିବା 'କନ୍ୟାଶ୍ରମ'ରେ ଦୁଇଜଣ ପରିଚାଳିକା (House Mother) ଏବଂ ପୁଅମାନଙ୍କ ତତ୍ତ୍ୱାବଧାରକ ରୂପେ ଦୁଇଜଣ ପରିଚାଳକ କାର୍ଯ୍ୟ ତୁଲାଉଛନ୍ତି । କାର୍ଯ୍ୟାଳୟ ପରିଚାଳନା ଓ ଅନ୍ୟାନ୍ୟ ଶିକ୍ଷାଦାନ (ନୃତ୍ୟ, ସଂଗୀତ, କୃଷିକର୍ମ, ଗୋପାଳନ, ବଢେଇକାମ) ନିମନ୍ତେ ଛଅ-ସାତ ଜଣ ଶିକ୍ଷକ ସ୍ୱଳ୍ପ ବେତନରେ ନିୟୋଜିତ ହୋଇଛନ୍ତି ।

ପ୍ଲଟ ନଂ ଏମ୍/୧୦, ତାମିତ୍ର କଲୋନୀ,
ଅନୁଗୁଳ-୭୫୯୧୨୨, ଫୋନ୍ : ୯୩୭୩୮୨୧୮୪

❐


ଶତାବ୍ଦୀର ଅର୍ଘ୍ୟ :
ରାଷ୍ଟ୍ର-ସମର୍ପିତ
ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ



ଅଭୟ ଦ୍ୱିବେଦୀ

“ ‘ସଂଘର ପ୍ରେରଣାରେ ମୁଁ ସାର୍ବଜନୀନ ଜୀବନକୁ ପ୍ରବେଶ କରିଥିଲି । ମୋର ଦୀର୍ଘ ବର୍ଷର ସଂପର୍କରୁ ମୁଁ ଏହା ଅନୁଭବ କରିଛି ସଂଘର କାର୍ଯ୍ୟଧାରା ଆତ୍ମ-ଶୃଙ୍ଖଳା, ଆତ୍ମ-ସମ୍ମାନ, ଆତ୍ମ-ସୁରକ୍ଷା ଏବଂ ଆତ୍ମ-ନିର୍ଭରଶୀଳତାର ଆଦର୍ଶ ଉପରେ ପ୍ରତିଷ୍ଠିତ ।’ ଏହି ଉକ୍ତି କେବଳ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କର ନୁହେଁ, ଜନ୍ମ ଶତବାର୍ଷିକୀ ଅବସରରେ କୋଟି କୋଟି ଭାରତୀୟଙ୍କର ସଂଘ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଭାବେ ଗ୍ରହଣ କରାଯାଇପାରେ । ”

“ଭାରତ ମାତାର ଜଣେ ମହାନ ସନ୍ତାନଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ମୁଁ ଆଜି ଏଠାରେ ଉପସ୍ଥିତ ଅଛି ।” - ୨୦୧୮ ମସିହା ଜୁନ ୭ ତାରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା କଂଗ୍ରେସ ଦଳର ସର୍ବମାନ୍ୟ ନେତା ପ୍ରଣବ ମୁଖାର୍ଜୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ କାର୍ଯ୍ୟାଳୟ ନାଗପୁରରେ ସଂଘକର୍ମୀଙ୍କ ତୃତୀୟ ବର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ ଅବସରରେ ସଂଘର ପ୍ରତିଷ୍ଠାତା କେଶବ ବଳିରାମ ହେଡ୍‌ଗେୱାରଙ୍କୁ ଜନ୍ମସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ କରି ଭାବ ଉଚ୍ଛ୍ୱାସରେ ଏହା ଉଲ୍ଲେଖ କରିଥିଲେ । ଏହି ଅବସରରେ ସଂଘ ମୁଖ୍ୟ ମୋହନ ଭାଗବତଜୀଙ୍କ ସହିତ ନେତାଜୀ ସୁଭାଷ ବୋଷଙ୍କ ପରିବାର ସଦସ୍ୟ




ସଂଘର ମୁଖ୍ୟ କାର୍ଯ୍ୟାଳୟରେ ମୋହନ ଭାଗବତଜୀଙ୍କ ସହ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ

ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସଂପର୍କୀୟମାନେ ଉପସ୍ଥିତ ଥିଲେ । ପ୍ରଣବ ମୁଖାର୍ଜୀଙ୍କର ଏହି ବାକ୍ୟ ସଂଘର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ଥିଲେ ହେଁ ଏହି ଉକ୍ତି ସଂଘର ଆଦର୍ଶ ଏବଂ କାର୍ଯ୍ୟଧାରା ପ୍ରତି ଅଭିପ୍ରେତ ବୋଲି ଗ୍ରହଣ କରାଯାଇପାରେ ।

ଆହୁରି ନିକଟରେ , ଚଳିତ ବର୍ଷ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ରାଜ୍ୟସଭା ଅଧ୍ୟକ୍ଷ ତଥା ଦେଶର ଉପରାଷ୍ଟ୍ରପତି ଜଗଦ୍ଦୀପ ଧନଖର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଂପର୍କରେ ଜଣେ ସାଂସଦଙ୍କ କଟୁ ମନ୍ତବ୍ୟ ଉପରେ ଟୀପ୍ପଣୀ ଦେଇ ସଂଘକୁ "global think tank" ଭାବେ ଅଭିହତ କରି କହିଥିଲେ – ' "I hereby rule that RSS is an organisation that has full constitutional rights to participate in the development journey of this nation. This organisation bears unimpeachable credentials, comprises of people who are deeply committed to serving the nation selflessly. To take exception that a member of this organisation cannot participate in the development journey of the nation is not only unconstitutional, but beyond the rules. ।

୧୯୩୪ ମସିହାରେ ସଂଘର ପ୍ରତିଷ୍ଠାତା ଶ୍ରୀ ହେଡ୍‌ଗେୱାରଙ୍କ ଅନୁରୋଧ କ୍ରମେ ଶ୍ରୀ ଜମୁନାଲାଲ ବଜାଜ ଗାନ୍ଧିଜୀଙ୍କୁ ୱାର୍ଦ୍ଧାରେ ଆୟୋଜିତ ସଂଘର ଏକ କ୍ୟମ୍ପକୁ ଆମନ୍ତ୍ରଣ କରିଥିଲେ । ପରବର୍ତ୍ତୀ ସମୟରେ ୧୯୪୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ଗାନ୍ଧିଜୀ ଦିଲ୍ଲୀର ସୁଇପର କଲୋନୀରେ ଅନୁଷ୍ଠିତ ସଂଘର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ଏହାର ବିବରଣୀ ଗାନ୍ଧିଜୀଙ୍କ ପ୍ରତିଷ୍ଠିତ 'ହରିଜନ' ପତ୍ରିକାର ୧୯୪୭ ମସିହା ସେପ୍ଟେମ୍ବର ୨୮ ତାରିଖ ସଂଖ୍ୟାରେ ପ୍ରକାଶ ପାଇଥିଲା – ' ବହୁ ବର୍ଷ ପୂର୍ବେ ହେଡଗେୱାର ଜୀବିତ ଥିବା ସମୟରେ ୱାର୍ଦ୍ଧାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗାନ୍ଧିଜୀ ଯୋଗଦେଇ ସଂଘର ଶୃଙ୍ଖଳାବୋଧ, ଜାତିଭେଦହୀନ ଅସ୍ପୃଶ୍ୟତାର ଅଭାବ ଏବଂ ପ୍ରଚଣ୍ଡ ସରଳତାରେ ଅଭିଭୂତ ହୋଇଥିଲେ । ସେହି ସମୟରୁ ସଂଘ ଅଗ୍ରଗତି କରିଆସୁଛି । ଗାନ୍ଧିଜୀଙ୍କର ଦୃଢ଼ ବିଶ୍ୱାସ ଥିଲା, ଯେଉଁ ଅନୁଷ୍ଠାନ ସେବା ଓ ଆତ୍ମବଳି ଆଦର୍ଶରେ ଅନୁପ୍ରାଣୀତ ତାହାର ଅଭିବୃଦ୍ଧି ହେବା ସ୍ୱାଭାବିକ ।' ୧୯୪୮ ମସିହାରେ ଗାନ୍ଧିଜୀଙ୍କ ହତ୍ୟା ପରେ ତାଙ୍କ ଉଦ୍ଦେଶ୍ୟରେ ସମ୍ମାନସ୍ୱରୂପ ସଂଘର ସମସ୍ତ ଶାଖା ୧୩ ଦିନ ପାଇଁ

ବନ୍ଦ ରହିଥିଲା । ୧୯୨୫ ମସିହାରେ ସଂଘ ପ୍ରତିଷ୍ଠା ପରଠାରୁ ଏହା ଥିଲା ଅଭୂତପୂର୍ବ ପ୍ରଥମ ପଦକ୍ଷେପ । ସଂଘର 'ପ୍ରାତଃ ସ୍ମରଣୀୟ' ସ୍ତୋତ୍ରରେ , ଯେଉଁଥିରେ ଦେଶର ମହାପୁରୁଷଙ୍କ ନାମ ସ୍ମରଣ କରାଯାଏ, ସେଥିରେ ମହାତ୍ମା ଗାନ୍ଧିଙ୍କ ନାମ ମଧ୍ୟ ସାମିଲ ରହିଛି । ତେଣୁ ଏହା ହେଉଛି ସଂଘ ଏବଂ ମହାତ୍ମା ଗାନ୍ଧିଙ୍କର ପରସ୍ପର ପ୍ରତି ସମ୍ମାନବୋଧର ସନ୍ତକ ।



ସଂଘର ମୁଖ୍ୟ କାର୍ଯ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ହସ୍ତାକ୍ଷର

ଦେଶର ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅନୁରୋଧ କ୍ରମେ ୧୯୪୭ ମସିହା ଅକ୍ଟୋବର ୧୫ ତାରିଖରେ ଜଷ୍ଟିସ ମେହେର ଚାନ୍ଦ ମହାଜନ(୧୮୮୯-୧୯୬୭)ଙ୍କୁ ମହାରାଜା ହରି ସିଂହ ଜମ୍ମୁ କାଶ୍ମୀରରେ ପ୍ରଧାନମନ୍ତ୍ରୀ ନିଯୁକ୍ତ କଲେ । ସେତେବେଳେ ଜଷ୍ଟିସ ମହାଜନ ଥିଲେ ପଞ୍ଜାବ ହାଇକୋର୍ଟର ବିଚାରପତି ଏବଂ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି । ଏଥିରେ ସର୍ଦ୍ଦାର ପଟେଲଙ୍କର ଏକମାତ୍ର ଆଭିମୁଖ୍ୟ ଥିଲା - ଜଷ୍ଟିସ ମହାଜନ ମହାରାଜା ହରି ସିଂହଙ୍କୁ ଭାରତରେ ମିଶିବା ପାଇଁ ପ୍ରବର୍ତ୍ତାଇବାରେ ସମର୍ଥ ହେବେ । ୧୯୬୩ ମସିହାରେ ଜଷ୍ଟିସ ମହାଜନଙ୍କର ଆତ୍ମଜୀବନୀ Looking Back ପ୍ରକାଶ ପାଇଲା । ସେଥିରେ ସେ ସେହି ସମୟର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି ଉଲ୍ଲେଖ କରିଛନ୍ତି - ' ମୁଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ମହମ୍ମଦ ଅଲ୍ଲୀ ଜିନ୍ନା ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଶ୍ରୀନଗରରେ ଆସି ରହିବା ପାଇଁ ତିନିଥର ପ୍ରୟାସ କରିଥିଲେ । ତାଙ୍କର ଜଣେ ବ୍ରିଟିଶ ସଚିବଙ୍କୁ ଚିଠି ଦେଇ ଦୁଇଥର ପଠାଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଉପତ୍ୟକାରେ କିଛି ଦିନ ରହିବା ପାଇଁ ସେ ଅନୁରୋଧ କରିଥିଲେ । ସେହି ଅନୁରୋଧପତ୍ରରେ ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ - ଜଣେ ବ୍ୟକ୍ତିଗତ ନାଗରିକ ଭାବେ ସେ ତାଙ୍କ ନିଜ ରହିବାର ସମସ୍ତ ବନ୍ଦବୋସ୍ତ କରିବେ । ମହାରାଜାଙ୍କର ଆଶଙ୍କା ଥିଲା - ସ୍ୱାସ୍ଥ୍ୟଗତ କାରଣ ବାହାନାରେ ମହମ୍ମଦ ଅଲ୍ଲୀ ଜିନ୍ନା ତାଙ୍କୁ ପାକିସ୍ତାନରେ ମିଶିବା ପାଇଁ ବାଧ୍ୟ କରିବେ ଏବଂ କୌଶଳକ୍ରମେ ଜମ୍ମୁ କାଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଘୋଷଣା କରି ସେଠାରେ ପାକିସ୍ତାନ ଓ ଜମ୍ମୁ କାଶ୍ମୀରର ଗଭର୍ଣ୍ଣର ଜେନେରାଲ ଭାବେ ଇଦ୍ ପର୍ବ ପାଳନ କରିବେ ।'

କେବଳ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ନୁହେଁ, ମହାରାଜା ହରି ସିଂହ କଂଗ୍ରେସ ସଭାପତି ଆଚାର୍ଯ୍ୟ କୃପାଳିଣୀ, ଲର୍ଡ ମାଉଣ୍ଟବାଟେନ ଏବଂ କିଛି ସମୟ ପାଇଁ ମହାତ୍ମା




ସଂଘର ପ୍ରତିଷ୍ଠାତା
କେଶବ ବଳିରାମ ହେଡ୍‌ଗେୱାର

ଗାନ୍ଧିଙ୍କୁ ମଧ୍ୟ ସାକ୍ଷାତ ସୁଯୋଗ ଦେଇ ନ ଥିଲେ । ସେହି ସମୟରେ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ ଜଷ୍ଟିସ ମହାଜନଙ୍କୁ ସଂଘର ସରସଂଘଚାଳକ ଗୁରୁ ଗୋଲୱାକର ଏବଂ ହରି ସିଂହଙ୍କ ମଧ୍ୟରେ ଆଳାପ ଆଲୋଚନା ପାଇଁ ଅନୁରୋଧ ପ୍ରସ୍ତାବ ଦେଇଥିଲେ । କାରଣ ସେ ଜାଣିଥିଲେ ଗୁରୁଜୀଙ୍କ ଅନୁରୋଧ ଏଡାଇବା ହରି ସିଂହଙ୍କ ପକ୍ଷେ ସମ୍ଭବ ହେବ ନାହିଁ । ତାହା ହିଁ ହେଲା । ଗୁରୁଜୀ ଗୋଲୱାକର ୧୯୪୭ ମସିହା ଅକ୍ଟୋବର ୧୭ ତାରିଖରେ ଶ୍ରୀନଗରରେ ପହଞ୍ଚିଲେ । ସାକ୍ଷାତ ନିମନ୍ତେ ୧୮ ତାରିଖ ପୂର୍ବାହ୍ନ ଧାର୍ଯ୍ୟ ରହିଲା । ସେହି ସମୟରେ ଯୁବରାଜ କରଣ ସିଂହ ଭଙ୍ଗା ଗୋଡରେ ବିଛଣାରେ ଶୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗୁରୁଜୀ ପ୍ରସ୍ତାବ ଦେଇଥିଲେ - ଆପଣ ହିନ୍ଦୁ ରାଜା ଭାବେ ଯଦି ପାକିସ୍ତାନ ସହିତ ମିଶନ୍ତି ତେବେ ଆପଣଙ୍କ ହିନ୍ଦୁ ପ୍ରଜାମାନେ ଘୋର ଅସୁବିଧାରେ ପଡିବେ । କିନ୍ତୁ ମହରାଜା ହରି ସିଂହ କହିଥିଲେ- ମୋ ରାଜ୍ୟ ସଂପୂର୍ଣ୍ଣ ଭାବେ ପାକିସ୍ତାନ ଉପରେ ନିର୍ଭରଶୀଳ । ସମସ୍ତ ମାର୍ଗ ସିଆଲକୋଟ ଏବଂ ରାଓଲପିଣ୍ଡି ଦେଇ ଗତି କରିଛି । ଲାହୋର ହେଉଛି ମୋର ବିମାନବନ୍ଦର । ଏପରି ସ୍ଥଳେ ମୁଁ ଭାରତ ସହିତ କେମିତି ସଂପର୍କ ରଖିବି ? ଗୁରୁଜୀ ଆଶ୍ୱାସନା ଦେଇଥିଲେ - ତୁରନ୍ତ ସେ ସବୁର ସମାଧାନ ହୋଇପାରିବ । ସେହି ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ଜଷ୍ଟିସ ମହାଜନ ମଧ୍ୟ ଗୁରୁଜୀଙ୍କ ପ୍ରସ୍ତାବ ସମର୍ଥନ କରିଥିଲେ । ଆଲୋଚନା ପରେ ମହରାଜା ହରି ସିଂହ ଗୁରୁଜୀଙ୍କୁ କାଶ୍ମୀର ଶାଲ (ତୋଷା) ଉପହାର ଦେବା ସମୟରେ ଭାରତରେ ମିଶିବା ପାଇଁ ପ୍ରତିଶ୍ରୁତି ଦେଇ ଆଠ ଦିନ ପରେ ସମ୍ମିଶ୍ରଣ ଚୁକ୍ତିନାମାରେ ଦସ୍ତଖତ କରିଥିଲେ । ଏହା ହେଉଛି ଭାରତ ସହିତ ଜମ୍ମୁ କାଶ୍ମୀର ସମ୍ମିଶ୍ରଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭୂମିକା ।

୧୯୬୨ ମସିହାରେ ଚୀନ ଆକ୍ରମଣ ପାଇଁ ଭାରତ ଆଦୌ ପ୍ରସ୍ତୁତ ନ ଥିଲା । ସେତେବେଳେ ଚୀନର ୮୦,୦୦୦ ଶକ୍ତିଶାଳୀ ସେନା ଥିଲାବେଳେ ଭାରତର ସେନା ଥିଲେ ମାତ୍ର ୨୦,୦୦୦. ଦୀର୍ଘ ତିନି ବର୍ଷରୁ ଲର୍ଦ୍ଧ୍ୱକାଳ ଚୀନ ଏହି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଭାରତ କେବେହେଲେ ଯୁଦ୍ଧର ପରିକଳ୍ପନା କରି ନ ଥିଲା । ୧୯୬୨ ଅକ୍ଟୋବର ୨୦ ତାରିଖରେ ଯୁଦ୍ଧ ଆରମ୍ଭ ହେବା ପରେ ସମସ୍ତ ସେନା ସୀମାରେ ଲଢୁଥିଲେ । ସେହି ସମୟରେ ଦେଶ ଭିତରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ହୋମ୍ ଗାର୍ଡ, ଟ୍ରାଫିକ୍ ପୋଲିସ ଦାୟିତ୍ୱ ନିର୍ବାହ କରୁଥିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୬୩ ମସିହା ସାଧାରଣତନ୍ତ୍ର ଦିବସ ପ୍ୟାରେଡ ନିମନ୍ତେ ସେନା ଅଭାବ ଥିବାରୁ ପ୍ରଧାନମନ୍ତ୍ରୀ ନେହେରୁ

ଦୁଇଟି ସଂସ୍ଥାର ସଦସ୍ୟମାନଙ୍କୁ ପ୍ୟାରେଡରେ ଅଂଶ ଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଥିଲେ - ଭାରତ ସେବକ ସମାଜ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । କିନ୍ତୁ ଭାରତ ସେବକ ସମାଜର ସଦସ୍ୟ ସଂଖ୍ୟା ନଗଣ୍ୟ ଥିଲାବେଳେ ୩୦୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ସଂଘ ୟୁନିଫର୍ମରେ ପ୍ୟାରେଡରେ ଯୋଗଦେଇଥିଲେ । ସେ ସମୟର ସଂଘର ବହୁ କର୍ମକର୍ତ୍ତା ଯେଉଁମାନେ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ, ପରବର୍ତ୍ତୀ ସମୟରେ ଏହାର ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ।



ସଂଘର ଗୁରୁଜୀ
ମାଧବ ସଦାଶିବରାଓ ଗୋଲୱାକର

୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧି ଆତତାୟୀର ଗୁଳିରେ ନିହତ ହେବା ପରେ ସେହି ହତ୍ୟା ଘଟଣାରେ ସଂଘର ସଂପୃକ୍ତିକୁ ନେଇ ଫେବୃୟାରୀ ୨ ତାରିଖରେ ସରସଂଘଚାଳକ ଶ୍ରୀଗୁରୁଜୀଙ୍କୁ ଆରେଷ୍ଟ କରାଯାଇ ୬ ମାସ ପରେ ମୁକ୍ତ କରାଗଲା । ଫେବୃୟାରୀ ୪ ତାରିଖରେ ସରକାରୀ ନିର୍ଦ୍ଦେଶନାମା ବଳରେ ସଂଘ ଉପରେ ନିଷେଧାଜ୍ଞା ଜାରିହେଲା ଏବଂ ସମସ୍ତ ସନ୍ଦେହର ଅବସାନ ପରେ ୧୯୪୯ ମସିହା ଜୁଲାଇ ୧୧ ତାରିଖରେ ସଂଘ ଉପରୁ ନିଷେଧାଜ୍ଞା ପ୍ରତ୍ୟାହାର କରାଗଲା । ସେହି ସମୟରେ ଦେଶର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ, ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ ଓ ଶ୍ରୀଗୁରୁଜୀଙ୍କ ମଧ୍ୟରେ ଯେଉଁ ପତ୍ରାଳାପ ହୋଇଥିଲା, ସେଥିରେ ସେମାନେ ପରସ୍ପର ପ୍ରତି ଯେଉଁ ଅଖଣ୍ଡ ବିଶ୍ୱାସ ଓ ଶ୍ରଦ୍ଧା ପ୍ରକଟ କରିଥିଲେ ତାହାର ସମୁଜ୍ଜଳ ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ । ଦୁଇଟି ପତ୍ରରେ ସର୍ଦ୍ଦାର ପଟେଲ ସଂଘକୁ କଂଗ୍ରେସ ସହିତ ମିଶିବା ପାଇଁ ଗୁରୁଜୀଙ୍କୁ ଅନୁରୋଧ କରିଛନ୍ତି ।

୧୯୪୮ ମସିହା ସେପ୍ଟେମ୍ବର ୨୪ ତାରିଖ ପତ୍ରରେ ଶ୍ରୀଗୁରୁଜୀ ସର୍ଦ୍ଦାର ପଟେଲଙ୍କୁ ଲେଖିଛନ୍ତି :

"ସମ୍ମାନନୀୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ! ସାଦର ପ୍ରଣାମ । ଆପଣଙ୍କୁ ମୋର ଶେଷ ଚିଠି ଲେଖିବାର ଦେଢ଼ ମାସରୁ ଊର୍ଦ୍ଧ୍ୱ ହୋଇଗଲାଣି । କିନ୍ତୁ ଆପଣଙ୍କ ଠାରୁ କୌଣସି ଉତ୍ତର ପାଇବାର ସୌଭାଗ୍ୟ ମିଳିନାହିଁ । କିଛି ଦିନ ହେବ ଆପଣଙ୍କୁ ପୁଣି ଥରେ ଚିଠି ଲେଖିବା ପାଇଁ ଭାବୁଥିଲି । ଏହି ସମୟରେ ହାଇଦ୍ରାବାଦ ସମସ୍ୟା ଗୁରୁତର ହେବାରେ ଲାଗିଥିଲା ଏବଂ ସ୍ଥିତି ଏପରି ଗମ୍ଭୀର ହେଲା ଯେ ସରକାରଙ୍କର ହସ୍ତକ୍ଷେପ ଅନିବାର୍ଯ୍ୟ ହୋଇପଡିଲା । ସୌଭାଗ୍ୟବଶତଃ ଆପଣଙ୍କ ଉଦ୍ୟମରେ ଖୁବ୍ କମ୍ ସମୟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଂଶର ସଫଳ ସମାଧାନ ହୋଇପାରିଲା । ବିଭିନ୍ନ ଗୋଷ୍ଠୀ ଓ ଦଳ




ସଂଘର ଧ୍ୱଜା

ହାଇଦ୍ରାବାଦ ସମସ୍ୟା ନିଜ ଢଙ୍ଗରେ ସମାଧାନ କରିବାକୁ ପ୍ରୟାସ କରୁଥିଲେ ମଧ୍ୟ ମୋର ଏବଂ ମୋ ସହକର୍ମୀଙ୍କର ବିଶ୍ୱାସ ଥିଲା, ସରକାର ହିଁ ଏହାର ସଠିକ ସମାଧାନ କରିପାରିବେ । ମୋର ଅଭିଳାଷ ପୂର୍ଣ୍ଣ ହୋଇଛି ; ଯଦିଓ ସଂଘ ଉପରେ ପ୍ରତିବନ୍ଧକ ଥିବାରୁ ମୁଁ ଆପଣଙ୍କୁ କୌଣସି ସହଯୋଗ କରିପାରିନାହିଁ । ତଥାପି ଆମ ସରକାରଙ୍କ ସଫଳତା ଦେଖିବା ପାଇଁ ମୁଁ ବ୍ୟଗ୍ର ଥିଲି । ସୁଖର କଥା, ବିଜୟ ସୁନିଶ୍ଚିତ ହୋଇଛି । ଏହି ସଂପର୍କରେ ମୁଁ ପ୍ରଧାନମନ୍ତ୍ରୀ ଏବଂ ଆପଣଙ୍କୁ ତାର ମାଧ୍ୟମରେ ହୃଦୟର ଅଭିନନ୍ଦନ ଜଣାଇଛି । .....

ଦୀର୍ଘ ଆଠ ମାସ ହେଲାଣି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉପରେ ପ୍ରତିବନ୍ଧକ ଲାଗିରହିଛି । ଏହା ନିଃସନ୍ଦେହ, ସଂଘ ବିରୋଧରେ ଅଣାଯାଇଥିବା ଅଭିଯୋଗରେ କେତେ ସତ୍ୟତା ଅଛି, ତାହା ଆପଣଙ୍କୁ ଜଣା ଅଛି । ମୁଁ ନିଶ୍ଚିତ ଯେ ସଂଘର ନିର୍ଦ୍ଦୋଷତାକୁ ନେଇ ଆପଣଙ୍କ ମନରେ ସାମାନ୍ୟତମ ସନ୍ଦେହ ନାହିଁ । ସଂଘ ଉପରେ ଦେଶବ୍ୟାପୀ ଚଢ଼ଉ ଓ ତଦନ୍ତ ଚାଲିଛି । ସଂଘ ବିରୋଧରେ ଲଗାଯାଇଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇବା ପାଇଁ ଆଉ କୌଣସି ପ୍ରମାଣର ଆବଶ୍ୟକତା ନାହିଁ । ତେଣୁ ସରକାର ସଂଘ ଉପରୁ ସମସ୍ତ ଅଭିଯୋଗ ପ୍ରତ୍ୟାହାର କରିନେଇ ନ୍ୟାୟ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । .....ଶୁଭେଚ୍ଛା ସହ ; ଏମ.ଏସ.ଗୋଲୱାକର

ସର୍ଦ୍ଦାର ପଟେଲ ୨୬ ସେପ୍ଟେମ୍ବରରେ ଏହି ପତ୍ରର ତୁରନ୍ତ ଉତ୍ତର ଦେଇଥିଲେ । ଏଥିରେ ସେ 'ସଂଘର କାର୍ଯ୍ୟଧାରାକୁ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣୀତ କରିବା ପାଇଁ ପରାମର୍ଶ ଦେଇଥିଲେ ।' ଏହା ପୂର୍ବରୁ ସେପ୍ଟେମ୍ବର ୧୧ ତାରିଖ ପତ୍ରରେ ଏ ସଂପର୍କରେ ବିସ୍ତୃତ ଉଲ୍ଲେଖ କରିଥିଲେ - "ଭାଇ ଶ୍ରୀ ଗୋଲୱାକର ! ଆପଣଙ୍କ ଅଗଷ୍ଟ ୧୧ ତାରିଖ ପତ୍ର ପାଇଲି । ଜବାହରଲାଲ ମଧ୍ୟ ଆପଣଙ୍କର ସେହି ତାରିଖର ପତ୍ର ମୋତେ ପଠାଇଛନ୍ତି । .....ଏଥିରେ ସନ୍ଦେହ ନାହିଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହିନ୍ଦୁ ସମାଜର ସେବା କରିଛି । ଯେଉଁ କ୍ଷେତ୍ରରେ ସହାୟତା ଓ ସଂଗଠନର ଆବଶ୍ୟକତା ଥିଲା ସଂଘର ଯୁବକମାନେ ସେହି ସ୍ଥାନରେ ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେଇଛନ୍ତି । କୌଣସି ଧୀସଂପନ୍ନ ବ୍ୟକ୍ତି ଏଥିରେ ଆପତ୍ତି ଉଠାଇବେ ନାହିଁ । ..... ରାଷ୍ଟ୍ରୀୟ ସ୍ୱୟଂ ସେବକର କାର୍ଯ୍ୟପ୍ରଣାଳୀ ଉପରେ ଜୟପୁର ଏବଂ ଲକ୍ଷ୍ନୌରେ ମୁଁ ଯେଉଁ ବକ୍ତବ୍ୟ ରଖିଥିଲି, ତାହା ଉପରେ ମୁଁ ବିଚାର କରିବା ପାଇଁ ଆପଣଙ୍କୁ ପୁନଶ୍ଚ ଅନୁରୋଧ କରୁଛି । ମୁଁ ଦୃଢ଼ ନିଶ୍ଚିତ ଏଥିରେ ସଂଘ ଓ ଦେଶର ମଙ୍ଗଳ ହେବା ସହିତ ସେହି ମାର୍ଗରେ ଆମେ ହାତ

ମିଳାଇ ଚାଲିଲେ ଦେଶର ହିତ ସାଧନ ସମ୍ଭବ ହେବ । ଆପଣ ଅବଶ୍ୟ ଜାଣିଥିବେ, ଦେଶ ବର୍ତ୍ତମାନ ସମ୍ବେଦନପୂର୍ଣ୍ଣ ସ୍ଥିତି ଦେଇ ଗତି କରୁଛି । ଏହି ସମୟରେ ଦେଶର ସର୍ବୋଚ୍ଚସ୍ତରରୁ ଶେଷ ପାହାଚ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ ଦେଶ ସେବାରେ ଯୋଗଦାନ କରିବା ଆବଶ୍ୟକ । ଏହି ଘଡିସନ୍ଧି ମୁହୂର୍ତ୍ତରେ ଦଳୀୟ କଳହର ସ୍ଥାନ ନାହିଁ । ମୁଁ ଦୃଢ଼ ନିଶ୍ଚିତ , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟମାନେ କଂଗ୍ରେସ ବାହାରେ ରହି କିମ୍ବା କଂଗ୍ରେସକୁ ବିରୋଧ କରି ନୁହେଁ, କେବଳ କଂଗ୍ରେସରେ ଯୋଗଦାନ କରି ସେମାନଙ୍କର ରାଷ୍ଟ୍ରଭକ୍ତିର କାର୍ଯ୍ୟଧାରା ଜାରି ରଖିପାରିବେ । ଆପଣ ଜେଲରୁ ବାହାରି ଆସିଥିବାରୁ ମୁଁ ଖୁବ୍ ଆନନ୍ଦିତ । ମୁଁ ଆଶା କରୁଛି, ଆପଣ ମୋ କଥାକୁ ବିଚାର କରି ସଠିକ ନିଷ୍ପତ୍ତିରେ ଉପନୀତ ହେବେ ।



ସାଧାରଣତନ୍ତ୍ର ଦିବସରେ ସ୍ୱୟଂସେବକଙ୍କ ପ୍ୟାରେଡ୍‌ରେ ଅଂଶ ଗ୍ରହଣ

ଆପଣଙ୍କର
ବଲ୍ଲଭ ଭାଇ ପଟେଲ
ବନ୍ଦେ ମାତରମ୍

କଲିକତା ହାଇକୋର୍ଟ ବିଚାରପତି ଚିତ୍ତରଂଜନ ଦାସ ଚଳିତ ବର୍ଷ ମଇ ମାସ ୨୦ ତାରିଖରେ ତାଙ୍କ ଅବସରକାଳୀନ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉଦ୍ଦେଶ୍ୟରେ ଉଚ୍ଛ୍ୱସିତ ଶବ୍ଦରେ କହିଥିଲେ - 'ମୋ ଜୀବନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାପ୍ରବାହକୁ ଧନ୍ୟବାଦ ଜଣାଉଥିବାବେଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱତଃ ସ୍ମରଣକୁ ଆସିଯାଉଛି । ଦୀର୍ଘ ୩୬ ବର୍ଷ ଧରି ସଂଘ ଠାରୁ ମୁଁ ଦୂରେଇ ରହିଥିଲି । ମୁଁ ବାଲ୍ୟକାଳରୁ ଏପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନିକଟରେ ବହୁ ଭାବରେ ଋଣୀ । ସାହସ, ସଚ୍ଚୋଟପଣିଆ, ରାଷ୍ଟ୍ରଭକ୍ତି , ସମାଜ ପ୍ରତି ସକରାତ୍ମକ ଦୃଷ୍ଟିଭଙ୍ଗୀ ଏବଂ ସକରାତ୍ମକ ପ୍ରତିବଦ୍ଧତା - ଏ ସମସ୍ତ ଗୁଣ ମୁଁ ସଂଘରୁ ଶିକ୍ଷାପ୍ରାପ୍ତ କରି ଧନ୍ୟ ହୋଇଛି । ମୋର ଅବସର ଜୀବନ ଏହି ଅନୁଷ୍ଠାନର ସେବାରେ ନିୟୋଜିତ କରିବି ।'

ଜାତିର ମଉଡମଣି ମହାତ୍ମା ଗାନ୍ଧି ଏବଂ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନେହେରୁ, ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ଉପରାଷ୍ଟ୍ରପତି ଜଗଦ୍ଦୀପ ଧନକର , ପୂର୍ବତନ ହାଇକୋର୍ଟ ବିଚାରପତି ଚିତ୍ତରଂଜନ ଦାସ ଏବଂ ଆହୁରି ଅସୁମାରୀ ରାଷ୍ଟ୍ରପ୍ରେମୀ , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତି ଅତୁଟ ଶ୍ରଦ୍ଧା



ସାଧନାର ଆଦ୍ୟ ସୋପାନରେ
ସ୍ୱୟଂସେବକ ନରେନ୍ଦ୍ର ମୋଦୀ

ପ୍ରକଟ କରୁଥିଲେ ହେଁ , କେନ୍ଦ୍ର ସରକାର ୧୯୬୦ ମସିହା, ୧୯୭୦ ମସିହ ଏବଂ ୧୯୮୦ ମସିହାରେ ସଂଘ ଉପରେ ତିନିଥର ନିଷେଧାଜ୍ଞା ଜାରି କରିବା ସହିତ ସରକାରୀ କର୍ମଚାରୀଙ୍କୁ ସଂଘ କାର୍ଯ୍ୟାଧାରାରେ ସାମିଲ ନ ହେବା ପାଇଁ ତିନିଥର ନିର୍ଦ୍ଦେଶନାମା ଜାରି କରିଥିଲେ କାହିଁକି ?

ଏହାର ସରଳ ଉତ୍ତର ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଶ୍ରୀ ଶୁଶ୍ରୁତ ଅରବିନ୍ଦ ଧର୍ମାଧିକାରୀ ଏବଂ ଶ୍ରୀ ଗଜେନ୍ଦ୍ର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୪ ମସିହା ଜୁଲାଇ ୨୫ ତାରିଖ ରାୟରେ ଅତ୍ୟନ୍ତ ମାର୍ମିକ ଶବ୍ଦରେ ବ୍ୟକ୍ତ କରିବା ସହିତ ସରକାର ଏବଂ ସମାଜ ପ୍ରତି କେତେକ ମୌଳିକ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ସେହି ରାୟର ପୃଷ୍ଠଭୂମି ଏହିଭଳି :

୨୦୨୩ ମସିହା ସେପ୍ଟେମ୍ବର ମାସରେ ଇନ୍ଦୋର ନିବାସୀ ପୁରୁଷୋତ୍ତମ ଗୁପ୍ତା ନାମକ ଜଣେ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ମଧ୍ୟପ୍ରଦେଶ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ । ତାଙ୍କର ଆବେଦନ ଥିଲା : ଜୀବନର ଅପରାହ୍ନରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ସାମାଜିକ , ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବା ପାଇଁ ଚାହୁଁଛନ୍ତି । କିନ୍ତୁ କେନ୍ଦ୍ର ସରକାରଙ୍କର ତିନୋଟି ନିର୍ଦ୍ଦେଶନାମା –(i) MHA OM No. 3/10/)S)/66-Est. (B) dated 30.11.1966; (ii) MHA OM No. 7/4/70-Est.(B), dated 25.07.1970 (iii) DP & AR OM No. 15014/3/(S)/80-Estt. (B), dated 28.10.1980 ଏହି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ସେଗୁଡିକୁ ପ୍ରତ୍ୟାହାର କରିନେବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ମୂଳ ମାମଲାର ଅନ୍ତିମ ଶୁଣାଣୀ ପୂର୍ବରୁ ଜୁଲାଇ ୯ ତାରିଖରେ କେନ୍ଦ୍ର ସରକାର ନିଜ ତରଫରୁ ଏହି ନିର୍ଦ୍ଦେଶନାମାଗୁଡିକୁ ପ୍ରତ୍ୟାହାର କରି ନେଇ ଜୁଲାଇ ୧୦ ତାରିଖରେ ତାହାର କପି ଅଦାଲତରେ ପେଶ୍ କରିଦେଲେ । ଫଳରେ ଆଉ ଶୁଣାଣୀର ଆବଶ୍ୟକତା ନ ଥିଲା । କିନ୍ତୁ ମାନନୀୟ ଖଣ୍ଡପୀଠ ଆବେଦନକୁ ସେଇଠି ଖାରଜ କରିଦେଇ ନାହାନ୍ତି । ସେହି ରାୟରେ ଉଲ୍ଲେଖ କରିଛନ୍ତି : “ ସରକାରଙ୍କ ତରଫରୁ ଜୁଲାଇ ୧୦ ତାରିଖରେ ସତ୍ୟପାଠ ଦାଖଲ ହେବା ପରେ ଆମେ ମାମଲାକୁ ‘infructuous and academic’ ଘୋଷଣା କରି ଖାରଜ କରିଦେଇଥାନ୍ତୁ । କିନ୍ତୁ ଆବେଦନରେ ଯେଉଁ ପ୍ରସଙ୍ଗ ଅବତାରଣା

କରାଯାଇଛି, ତାହା ଜାତୀୟସ୍ତରରେ ପ୍ରଭାବଶାଳୀ ସର୍ବବୃହତ ସ୍ୱେଚ୍ଛାସେବୀ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ସଂଶ୍ଳିଷ୍ଟ ଥିବାରୁ ଅଦାଲତ ଏହି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଉଚିତ ମନେକରୁଛନ୍ତି । ପର୍ଯ୍ୟବେକ୍ଷଣ ଏହି



ସଂଘର ବାର୍ଷିକ ପ୍ରତିନିଧି ସଭା


ଦୃଷ୍ଟିରୁ ଆବଶ୍ୟକ, ସର୍ବସାଧାରଣ ଏବଂ ଦେଶ ହିତରେ କାର୍ଯ୍ୟକରୁଥିବା କୌଣସି ଜନାଦୃତ ସ୍ୱେଚ୍ଛାସେବୀ ସଂଗଠନ ଭବିଷ୍ୟତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭଳି ପାଞ୍ଚ ଦଶନ୍ଧି ଧରି ସରକାରଙ୍କ ଖିଆଲର ଶିକାର ନ ହେଉ ।"

ଆମେ ଏହି ତିନୋଟି ନିର୍ଦ୍ଦେଶନାମାର ମୂଳ ଲିପି ଅନୁଧ୍ୟାନ କରିବା ।

MHA OM No. 3/10/)S)/66-Est. (B) dated 30.11.1966 - ର ଓଡିଆ ମର୍ମାନୁବାଦ :

"ଯେହେତୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଜମାତ-ଏ-ଇସଲାମୀ ଏହି ଦୁଇଠି ଅନୁଷ୍ଠାନର ସଦସ୍ୟତା ଓ କାର୍ଯ୍ୟକଳାପରେ ଅଂଶଗ୍ରହଣକୁ କେନ୍ଦ୍ର କରି ସରକାରଙ୍କ ନୀତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି, ଏହା ସ୍ପଷ୍ଟ କରାଯାଉଛି ଯେ ସରକାରୀ କର୍ମଚାରୀ ଏହି ଦୁଇଟି ଅନୁଷ୍ଠାନର କାର୍ଯ୍ୟକଳାପରେ ସାମିଲ ହେଲେ ସେମାନଙ୍କ ଉପରେ କେନ୍ଦ୍ରୀୟ ସର୍ଭିସ ଆଚରଣ ୧୬୪ ର ନିୟମ ୫ ଉପଧାରା (୧) ଲାଗୁ ହେବ । କୌଣସି କର୍ମଚାରୀ ଉପରୋକ୍ତ ଅନୁଷ୍ଠାନର ସଦସ୍ୟ ହେଲେ ଅଥବା କାର୍ଯ୍ୟକଳାପରେ ଅଂଶଗ୍ରହଣ କଲେ , ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।" ଅନୁବାଦଜନିତ ତୃଟି ଏଡାଇବା ପାଇବା ପାଇଁ ମୂଳ ଇଂରାଜୀ ଉପସ୍ଥାପନା କରାଗଲା - "As certain doubts have been raised about government's policy with respect to the membership of and participation in the activities of the Rashtriya Swayamsevak Sangh and the Jamaat-e-Islami by government servants, it is clarified that government have always held the activities of these two organisations to be of such a nature that participation in them by government servants would attract the provisions of subrule (1) of Rule 5 of the Central Civil Services Conduct) Rules, 164. Any government servant, who is a member of or is otherwise associated with the aforesaid organisations with their activities is liable to disciplinary action." । ପରବର୍ତ୍ତୀ ଦୁଇଟି ନିର୍ଦ୍ଦେଶନାମାରେ ଏହି ଉକ୍ତିକୁ ଭିନ୍ନ ଠାଣୀରେ ଦୋହରାଯାଇଛି।

ବର୍ତ୍ତମାନ ପ୍ରଶ୍ନ ଉଠୁଛି : କେନ୍ଦ୍ର ସରକାର କେଉଁ ଆଧାରରେ ୧୯୬୬ ମସିହା,



ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସଂଘ ମୁଖ୍ୟ ମୋହନ ଭାଗବତ

୧୯୭୦ ମସିହା ଏବଂ ୧୯୮୦ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉପରେ କଟକଣା ଜାରି କରିଥିଲେ ? ଏହାର ସନ୍ତୋଷଜନକ ଉତ୍ତର ନିମନ୍ତେ ଆମକୁ ମଧ୍ୟ ପ୍ରଦେଶ ହାଇକୋର୍ଟର ଖଣ୍ଡପୀଠଙ୍କ ୨୦୨୪ ମସିହା ଜୁଲାଇ ୨୫ ତାରିଖ ରାୟ ଅନୁଧ୍ୟାନ କରିବାକୁ ପଡିବ ।

ରାୟରେ ଉଲ୍ଲେଖ ଅଛି : "

ଅଦାଲତ ସରକାରଙ୍କୁ ପ୍ରଶ୍ନ କରଥିଲେ – କେଉଁ ଆଧାର, ଅଧ୍ୟୟନ ଓ ରିପୋର୍ଟ ଆଧାରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟଧାରା ସାଂପ୍ରଦାୟିକ ବିବେଚନା କରାଯାଇଥିଲା ? କେଉଁ ତଥ୍ୟଭିତ୍ତିକ ସର୍ବେକ୍ଷଣ ଆଧାରରେ ସରକାର ବସ୍ତୁନିଷ୍ଠ ସନ୍ତୋଷରେ ଉପନୀତ ହୋଇଥିଲେ ଯେ ସରକାରୀ କର୍ମଚାରୀମାନେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାମଗ୍ରୀକ କାର୍ଯ୍ୟକଳାପ (ସାମାଜିକ, ରାଜନୈତିକ, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା , ଧାର୍ମିକ ଓ ଶିକ୍ଷା)ରେ ଅଂଶଗ୍ରହଣ କଲେ ସମାଜରେ ସାଂପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବ ? କେଉଁ ତଥ୍ୟ ଆଧାରରେ ସରକାର ନିଷ୍ପତ୍ତି ନେଇଥିଲେ ଯେ ସରକାରୀ କର୍ମଚାରୀମାନେ କାର୍ଯ୍ୟରୁ ଅବସର ନେବା ପରେ ମଧ୍ୟ ସଂଘର କାର୍ଯ୍ୟଧାରାରେ ସାମିଲ ହେଲେ 'ଧର୍ମନିରପେକ୍ଷ-ବିରୋଧୀ' ଭାବେ ବିବେଚିତ ହେବେ ? ଏ ସଂପର୍କରେ ବାରମ୍ବାର ପ୍ରଶ୍ନ କରିବା ସତ୍ତ୍ୱେ ସରକାରଙ୍କ ଠାରୁ କୌଣସି ଉତ୍ତର ନ ମିଳିବା ପରେ , ଅଦାଲତ ବିଶ୍ୱାସ କରିବାକୁ ବାଧ୍ୟ ହେଲେ ଯେ, ସମ୍ଭବତଃ ସରକାରଙ୍କ ନିକଟରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସଂପର୍କରେ ସେପରି କୌଣସି ତଥ୍ୟ ଅଥବା ରିପୋର୍ଟ ନ ଥିଲା, ଯାହା ଆଧାରରେ ସେମାନେ ସଂଘର କାର୍ଯ୍ୟକଳାପରେ ସରକାରୀ କର୍ମଚାରୀଙ୍କୁ ସାମିଲ ହେବା ପାଇଁ ନିଷେଧାଜ୍ଞା ଜାରି କରିଥିଲେ । ଏହି ଆବେଦନର ଶୁଣାଣୀ ସମୟରେ ଅଦାଲତ ୩ଟି ଭିନ୍ନ ଭିନ୍ନ ତାରିଖରେ ଏଭଳି ବିବାଦୀୟ ନିର୍ଦ୍ଦେଶନାମା , ଯାହା ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇଥିଲା, ତାହା ଜାରି କରିବା ଉପରେ ସରକାରଙ୍କୁ ପ୍ରଶ୍ନ କରିଥିଲା । ଏହି ପ୍ରତିବନ୍ଧକ ସମ୍ବିଧାନର ଧାରା ୧୯(କ) ଆଧାରରେ ବ୍ୟକ୍ତି ସ୍ୱାଧୀନତା ଉଲ୍ଲଂଘନ କରୁଥିବାବେଳେ ଏହା ଏହିଭଳି ଅବ୍ୟାହତ ରହିଥାନ୍ତା । ଆବେଦନକାରୀ ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବାରୁ ସରକାରଙ୍କର ନିର୍ଦ୍ଦେଶନାମା ତାଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ସାମିଲ ହେବାପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥିଲା, ଯାହା ସମ୍ବିଧାନର ଧାରା ୧୯(କ) ଆଧାରରେ ବ୍ୟକ୍ତି ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇଥିଲା ।

"କେନ୍ଦ୍ର ସରକାରଙ୍କର ୨୦୨୪ ଜୁଲାଇ ୯ ତାରିଖ ବିଜ୍ଞପ୍ତି , ଯାହା ଆଧାରରେ କେନ୍ଦ୍ର ସରକାର ପାଞ୍ଚ ଦଶନ୍ଧି ପରେ ରାତାରାତି କର୍ମରତ ଅଥବା ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ 'ଯୋଗ ଦିଅନ୍ତୁ ନାହିଁ' ସଙ୍ଗଠନରୁ ମୁକ୍ତ କରିଦେଲା, ଅନୁଶୀଳନ କରିବା ପରେ ଆମ ମନରେ ତିନୋଟି ପ୍ରଶ୍ନ ଜାଗରୁକ ହୋଇଥିଲା ।



ରାମ ମନ୍ଦିର ପ୍ରତିଷ୍ଠା ଅବସରରେ
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସଂଘ ମୁଖ୍ୟ
ମୋହନ ଭାଗବତ

ପ୍ରଥମ : କେଉଁ ବସ୍ତୁନିଷ୍ଠ ତଥ୍ୟ/ଅଧ୍ୟୟନ/ସର୍ବେକ୍ଷଣ ଆଧାରରେ କେନ୍ଦ୍ର ସରକାର ସଂଘକୁ ନିଷିଦ୍ଧ ସଂଗଠନ ତାଲିକାରେ ଅନ୍ତର୍ଭୁକ୍ତ କରିବା ସହିତ ସରକାରୀ କର୍ମଚାରୀଙ୍କୁ ଏଥିରେ ସାମିଲ ହେବା ପାଇଁ ବାଧ୍ୟ ହୋଇଥିଲେ ?

ଦ୍ୱିତୀୟ : ସଂଘକୁ କଳାତାଲିକାଭୁକ୍ତ କରିବା ସହିତ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ସାମିଲ ହେବା ପାଇଁ ବାରଣ କରିବା ପରେ ଏହାର ପ୍ରକୃତ ଆବଶ୍ୟକତାକୁ ନେଇ ସମୟ ସମୟରେ ସମୀକ୍ଷା କରାଯାଇଥିଲା କି ? ଆଇନ ପରିପ୍ରେକ୍ଷୀରେ ଏହା ବାସ୍ତବ ସତ୍ୟ – କୌଣସି ନିଷେଧାଜ୍ଞା ଅବା ପ୍ରତିବନ୍ଧକ ଅନନ୍ତକାଳ ପର୍ଯ୍ୟନ୍ତ ତିଷ୍ଠି ରହିପାରିବ ନାହିଁ । ପରିବର୍ତ୍ତିତ ସମୟ ଓ ସ୍ୱାଧୀନତାର ବ୍ୟାପକ ବ୍ୟାଖ୍ୟା ସହିତ ସମ୍ବିଧାନ ଆଧାରରେ ଏହାର ସମୀକ୍ଷା ଓ ଯାଞ୍ଚ ହେବା ଆବଶ୍ୟକ ।

ତୃତୀୟ : ଯଦି ଉପରୋକ୍ତ ଦୁଇଟି ପ୍ରଶ୍ନର ଉତ୍ତର ସକାରାତ୍ମକ ଥାଏ : ଯଥା ବସ୍ତୁନିଷ୍ଠ ତଥ୍ୟ ଆଧାରରେ ହିଁ ସଂଘକୁ କଳାତାଲିକାଭୁକ୍ତ କରାଯାଇଥିଲା; ତେବେ ବର୍ତ୍ତମାନ ସରକାର କେଉଁ ନୂତନ ତଥ୍ୟ ଆଧାରରେ ସଂଘ ଉପରୁ ନିଷେଧାଦେଶ ପ୍ରତ୍ୟାହାର କରିନେଲେ ?

ଯାହା ଜଣାପଡୁଛି , ପୂର୍ବରୁ କେନ୍ଦ୍ର ସରକାର ଖାମଖିଆଲି ଭାବେ ବିନା କୌଣସି ତଥ୍ୟ କିମ୍ବା ଯାଞ୍ଚ ଆଧାରରେ ଏହି ନିଷେଧାଦେଶ ଜାରି କରିଥିଲେ, ଯାହାର ପରିଣାମ ଅତ୍ୟନ୍ତ ଭୟଙ୍କର ; କାରଣ ଏହା ସମ୍ବିଧାନର ଧାରା ୧୪ ଏବଂ ୧୯ର ଉଲ୍ଲଂଘନ କରିଥାଏ ।

ପ୍ରଥମତଃ: ସାଧାରଣଭାବେ ଏହା ସର୍ବବିଦିତ ଯେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ହେଉଛି ସରକାରୀ ଅମଲାତନ୍ତ୍ର ପରିସର ବାହାରେ ଜାତୀୟସ୍ତରରେ ପ୍ରତିଷ୍ଠିତ ଏକମାତ୍ର ସ୍ୱୟଂ ପରିଚାଳିତ ସ୍ୱେଚ୍ଛାସେବୀ ସଙ୍ଗଠନ ଯେଉଁଥିରେ ଦେଶର କୋଣ ଅନୁକୋଣରୁ ସଦସ୍ୟ ରହିଛନ୍ତି ଯେଉଁମାନେ ରାଜନୀତିର ଉର୍ଦ୍ଧ୍ୱରେ ରହି ସକ୍ରିୟ ଭାବେ

ଧାର୍ମିକ, ସାମାଜିକ,ଶୈକ୍ଷିକ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମାଜର ସେବା କରୁଛନ୍ତି ।

ଦ୍ୱିତୀୟତଃ: ସଂଘର ବୃହତ ଛତ୍ରଛାୟା ଅଧୀନରେ ବହୁ ସହାୟକ ସଙ୍ଗଠନଗୁଡିକ ସମାଜର ବିଭିନ୍ନ କ୍ଷେତ୍ରରେ ସେବାରେ ଲିପ୍ତ ଅଛନ୍ତି । ଏହି ଅଣରାଜନୈତିକ ସ୍ୱେଚ୍ଛାସେବୀମାନେ ସକ୍ରିୟ ରାଜନୀତିର ଉର୍ଦ୍ଧ୍ୱରେ ରହି ସମାଜସେବାର ପବିତ୍ର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି । ତେଣୁ ସଂଘର କାର୍ଯ୍ୟ ପରିସର ରାଜନୀତି ବାହାରେ ଅନେକ କ୍ଷେତ୍ରରେ ପରିବ୍ୟାପ୍ତ ।

ଦୃଷ୍ଟାନ୍ତମୂଳକ : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଅଧୀନସ୍ଥ 'ରାଷ୍ଟ୍ରୀୟ ସେବା ଭାରତୀ' (ଆରଏସବି) ସଙ୍ଗଠନ ବିଚାରକୁ ନିଆଯାଉ । ଏହା ଏକ ପଞ୍ଜିକୃତ ସାର୍ବଜନୀନ ଟ୍ରଷ୍ଟ । ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ଦେଶଭକ୍ତି ଭାବନା ଜଡିତ ଅନୁଷ୍ଠାନଗୁଡିକୁ ସଙ୍ଗଠିତ କରି ସେମାନଙ୍କୁ ସାମାଜିକ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ତାଲିମ ଦେବା ହିଁ ଏହାର ଆଭିମୁଖ୍ୟ । ଆରଏସବି ସାରା ଦେଶରେ ୧୨୦୦ ଅନୁବନ୍ଧିତ ଟ୍ରଷ୍ଟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ୪୫ଟି ପ୍ରତିନିଧି ସଙ୍ଗଠନ ମାଧ୍ୟମରେ କାର୍ଯ୍ୟକରୁଛି । ସାରା ଦେଶରେ ବଟବୃକ୍ଷ ସଦୃଶ ନେଟଓ୍ୟାର୍କ ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ଲକ୍ଷ ଲକ୍ଷ ସ୍ୱେଚ୍ଛାସେବୀ ନିଃସ୍ୱାର୍ଥପର ସେବା କରୁଛନ୍ତି । ଆରଏସବିକୁ ଏକ 'ରାଜନୈତିକ ସଙ୍ଗଠନ' ଆଖ୍ୟା ଦିଆଯାଇ ତାହାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କ୍ଷେତ୍ରରେ ସ୍ୱେଚ୍ଛାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ଉପରେ ନିଷେଧାଜ୍ଞା ଜାରି କରାଯାଇପାରିବ କି ? ଏଥି ସହିତ ଅନୁବନ୍ଧିତ ଏବଂ ଏହାର ବୃହତ ଛତ୍ରଛାୟା ତଳେ ସେବାରେ ଲିପ୍ତ ଥିବା ୧୦୦୦ରୁ ଉର୍ଦ୍ଧ୍ୱ ଟ୍ରଷ୍ଟ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରିବା ପାଇଁ ଅଙ୍କୁଶ ଲଗାଯାଇପାରିବ କି ? କେନ୍ଦ୍ର ସରକାରୀ କର୍ମଚାରୀ ଆରଏସବିର ଶିକ୍ଷା ଓ ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କଲେ ଅସଦାଚରଣ ନିମନ୍ତେ ସେମାନେ ଦୋଷୀ ହେବେ କି ? ଏହିଭଳି କିଛି ଜ୍ୱଳନ୍ତ ପ୍ରଶ୍ନ ମନରେ ଜାଗରୁକ ହେଉଛି - ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ତାହାର ସହଯୋଗୀ ସଙ୍ଗଠନ ଉପରେ ନିଷେଧାଦେଶ ଜାରି କରିବା ପୂର୍ବରୁ ଆଇନ ପ୍ରଣୟନକାରୀ କର୍ତ୍ତୃପକ୍ଷ ଅତ୍ୟନ୍ତ ସତର୍କ ଏବଂ ସଚେତନ ରହିବା ଉଚିତ ନ ଥିଲା କି ?

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପର ଅନ୍ୟ ଏକ ଉଦାହରଣ ହେଉଛି 'ସରସ୍ୱତୀ ଶିଶୁ ମନ୍ଦିର' ବିଦ୍ୟାଳୟ ମାଧ୍ୟମରେ ସର୍ବଭାରତୀୟସ୍ତରରେ ଶିକ୍ଷାଦାନ । ଏହି ବ୍ୟବସ୍ଥାରେ ଆର୍ଥିକ ଅନଗ୍ରସର କ୍ଷେତ୍ରର ଲକ୍ଷ ଲକ୍ଷ ଛାତ୍ର/ଛାତ୍ରୀଙ୍କୁ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ମାଗଣାରେ ଅଥବା ସର୍ବନିମ୍ନ ମୂଲ୍ୟରେ ପ୍ରଦାନ କରାଯାଉଛି । ସରସ୍ୱତୀ ଶିଶୁ ମନ୍ଦିର ସଂଘର ଅଂଶ ହୋଇଥିଲେ ମଧ୍ୟ ଏହାର ପାଠ୍ୟକ୍ରମରେ ରାଜନୈତିକ ପ୍ରଲେପର ଚିହ୍ନ ଦେଖିବାକୁ ମିଳେନାହିଁ । ଆମ ଦେଶରେ ଏପରି ବହୁ ବଦାନ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ରାଜନୈତିକ ବିଚାରଧାରାର ଉର୍ଦ୍ଧ୍ୱରେ ସଂଘର ଏହି ମହତ କାର୍ଯ୍ୟରେ ଆର୍ଥିକ ଅନଗ୍ରସର ପିଲାମାନଙ୍କ ସହିତ ନିଜର ଜ୍ଞାନ, ସମ୍ପଦ ଏବଂ ଧନ ବିତରଣ

କରିବା ପାଇଁ ଆଗ୍ରହୀ ଅଛନ୍ତି ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାମାଜିକ ଓ ଲୋକହିତୈଷୀ କାର୍ଯ୍ୟଧାରାର ଉଜ୍ଜଳ ମୁଖ ହେଉଛନ୍ତି କ୍ଷେତ୍ରୀୟ ସ୍ୱେଚ୍ଛାସେବୀବୃନ୍ଦ , ଯେଉଁମାନେ ସକ୍ରିୟ ଭାବେ ବ୍ୟାପକ ଥଇଥାନ, ପୁନର୍ବାସ ଓ ବିପର୍ଯ୍ୟୟ ପରିଚାଳନା ଏବଂ ବିଶେଷକରି ବନ୍ୟାପ୍ଲାବିତ ରାଜ୍ୟମାନଙ୍କରେ ରିଲିଫ ସହାୟତାରେ ନିୟୋଜିତ ଥାଆନ୍ତି ।

ଉପରୋକ୍ତ ଆଲୋଚନାର ଫଳାଫଳ ହେଉଛି ଯେ ରାଜନୈତିକ ଏବଂ ସାଂପ୍ରଦାୟିକ କାର୍ଯ୍ୟଧାରାରୁ ଦୂରରେ ରହି ଜଣେ ସଂଘର ସଦସ୍ୟ ରହିପାରିବ । ପାଞ୍ଚ ଦଶନ୍ଧି ପୂର୍ବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିରେ ଏହି ସୂକ୍ଷ୍ମ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥିଲା କାହିଁକି ।”

ମଧ୍ୟପ୍ରଦେଶ ହାଇକୋର୍ଟ ଖଣ୍ଡପୀଠଙ୍କ ଦୀର୍ଘ ରାୟ ଉଲ୍ଲେଖ କରିବାର ଏହି ତାତ୍ପର୍ଯ୍ୟ ଯେ : ୧୯୨୫ ମସିହାରେ ସଂଘ ପ୍ରତିଷ୍ଠା ହୋଇଥିବାରୁ ଆଗାମୀ ବର୍ଷ ଏହା ଶତବାର୍ଷିକୀରେ ପଦାର୍ପଣ କରୁଛି ଏବଂ ପ୍ରତିଷ୍ଠା ମୁହୂର୍ତ୍ତରୁ ସଂଘ ସର୍ବଦା ପ୍ରଚାର ବିମୁଖ ରହିଥିବାରୁ ହାଇକୋର୍ଟଙ୍କ ରାୟ ମାଧ୍ୟମରେ ସଂଘର ପ୍ରମୁଖ କାର୍ଯ୍ୟଧାରା ସାର୍ବଜନୀନ ହୋଇପାରିଛି ।

ଅଖିଳ ଭାରତୀୟ ପ୍ରତିନିଧି ସଭା ହେଉଛି ସଂଘର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା । ସଂଘର ସମ୍ବିଧାନ ଧାରା ୧୫ରେ ପ୍ରତିନିଧି ସଭାର ଭୂମିକା ସଂପର୍କରେ ଉଲ୍ଲେଖ ରହିଛି । ସମ୍ବିଧାନ ଆଧାରରେ ପ୍ରତିନିଧି ସଭାର ବାର୍ଷିକ ଅଧିବେଶନରେ ସଂଘର ନୀତି ଏବଂ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥାଏ । ଚଳିତ ବର୍ଷ ୨୦୨୪ ମସିହା ମାର୍ଚ୍ଚ ୧୫-୧୭ ତାରିଖରେ ପ୍ରତିନିଧି ସଭାର ବାର୍ଷିକ ଅଧିବେଶନ ନାଗପୁରରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ରାଷ୍ଟ୍ର ସଂପର୍କରେ ଯେଉଁ ସମସ୍ତ ପ୍ରସ୍ତାବ ଗୃହୀତ ହୋଇଛି ତାହାରି ଆଧାରରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା - ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ରାଜନୈତିକ ଯବକାଚ ମାଧ୍ୟରେ ନୀରିକ୍ଷଣ ନ କରି , ସଭ୍ୟତା ଓ ସଂସ୍କୃତିର କଷଟି ପଥରରେ ପରଖିବା ଆବଶ୍ୟକ ।

ଅଧିବେଶନରେ ଗୃହୀତ ପ୍ରସ୍ତାବସମୂହକୁ ଅନୁଧ୍ୟାନ କଲେ ସଂଘର ଭବିଷ୍ୟତ କାର୍ଯ୍ୟଧାର ସଂପର୍କରେ ଆଭାସ ମିଳିବା ସହିତ ସମୃଦ୍ଧ ଭାରତ ଗଠନରେ ଏହାର ନିର୍ଣ୍ଣାୟକ ଭୂମିକା ସଂପର୍କରେ ପୂର୍ଣ୍ଣ ଚିତ୍ର ପରିଲକ୍ଷିତ ହୁଏ । ଏହି ଶହେ ବର୍ଷ ମଧ୍ୟରେ ସଂଘ ସାରା ଦେଶରେ ନିଜ ଉପସ୍ଥିତି ଜାହିର କରିବା ସହିତ ସାମୂହିକ ମାନସିକତାରେ ଗଭୀର ଭାବେ ପ୍ରବେଶ କରିବାରେ ସକ୍ଷମ ହୋଇପାରିଛି । ସଂଘ ଆଧାରରେ ସମଗ୍ର ଦେଶ ୯୧୧ଟି ଜିଲ୍ଲାରେ ବିଭକ୍ତ ଏବଂ ୯୦୧ ଜିଲ୍ଲାରେ ଏହା ସକ୍ରିୟ ରହିଛି । ପ୍ରତିଟି ଜିଲ୍ଲା , ଖଣ୍ଡ ଏବଂ ମଣ୍ଡଳରେ ବିଭକ୍ତ । ସମୁଦାୟ ୬୬୬୩ଟି ଖଣ୍ଡ ମଧ୍ୟରୁ ଏହା ପ୍ରାୟ ୫୮୬୫ ଖଣ୍ଡ ଏବଂ ୫୯,୩୨୬ ମଣ୍ଡଳ ମଧ୍ୟରୁ ୨୬, ୪୯୮ ମଣ୍ଡଳରେ ସକ୍ରିୟ ରହିଛି । ଦେଶର ୭୧,୩୫୫ଟି ସ୍ଥାନରେ ସଂଘ ସକ୍ରିୟ ରହି କାର୍ଯ୍ୟ କରୁଛି । ୪୨,୬୧୩ଟି

ସ୍ଥାନରେ ୬୮,୬୫୧ଟି ଶାଖା ଅନୁଷ୍ଠିତ ହେଉଛି । ଆହୁରି ଗୁରୁତ୍ୱପୂର୍ଣ୍ଣ : ୨୦୧୭ର ୨୦୨୨ ମସିହା ମଧ୍ୟରେ ୭,୨୫,୦୦୦ ବ୍ୟକ୍ତି ସଂଘରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି । (ଉତ୍ସ : https://organiser.org/2023/03/19/165416/bharat/abps2023-expand-to-transform/)

୨୦୨୫ ମସିହା ଆମ ଦେଶ ପକ୍ଷେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଏହି ବର୍ଷ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତବାର୍ଷିକୀ , ଛତ୍ରପତି ଶିବାଜୀଙ୍କର ସିଂହାସନ ଆରୋହଣର ୩୫୦ ବର୍ଷ ପୂର୍ତ୍ତି ଏବଂ ଭଗବାନ ମହାବୀର ଜୈନଙ୍କ ମହାନିର୍ବାଣର ୨୫୫୦ ବର୍ଷ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜନ୍ମ ଶତାବ୍ଦୀ ପାଳିତ ହେବ । ଏହି ଉପଲକ୍ଷେ ବିକଶିତ ଭାରତର ସମୃଦ୍ଧ ସମାଜ ଗଠନ ନିମନ୍ତେ ସଂଘ ତରଫରୁ 'ପଞ୍ଚ ପରିବର୍ତ୍ତନ' ଆହ୍ୱାନ ଦିଆଯାଇଛି - ସାମାଜିକ ସଦ୍‌ଭାବନା, ପାରିବାରିକ ମୂଲ୍ୟବୋଧ, ପ୍ରକୃତି ଅନୁକୂଳ ଜୀବନଚର୍ଯ୍ୟା, ସ୍ୱଦେଶୀ ଜୀବନଶୈଳୀ ଏବଂ ନାଗରିକ କର୍ତ୍ତବ୍ୟ ସଂପର୍କରେ ସଚେତନତା । ଏହି ପାଞ୍ଚଟି କ୍ଷେତ୍ର ସୁଦୃଢ଼ ହେଲେ ରାଷ୍ଟ୍ର ପୁନରୁତ୍‌ଥାନରେ ଆସୁଥିବା ସମସ୍ତ ପ୍ରତିବନ୍ଧକ ଦୂର ହୋଇପାରିବ । ଏବେ ମଧ୍ୟ ଦେଶର କିଛି ପ୍ରାନ୍ତରେ ମନ୍ଦିର, ପାଣି ଏବଂ ଶ୍ମଶାନରେ ପ୍ରବେଶକୁ ନେଇ ଭେଦଭାବ ରହିଛି । ଜନ୍ମଶତବାର୍ଷିକୀ ଅବସରରେ ସ୍ୱୟଂସେବକଙ୍କ ସହାୟତାରେ ସେହି ବୈଷମ୍ୟ ଦୂର ହୋଇପାରିଲେ, ସାମାଜିକ ସମନ୍ୱୟ ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ ।

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଆମେ ବିଶ୍ୱର ଅଗ୍ରଣୀ ଅର୍ଥନୀତି ଭାବେ ଉଭା ହୋଇଛନ୍ତି । ଭାରତୀୟ ଚିରନ୍ତନ ମୂଲ୍ୟବୋଧ ଉପରେ ଆଧାରିତ ପୁନରୁତ୍‌ଥାନକୁ ବିଶ୍ୱ ଗ୍ରହଣ କରୁଛି । 'ବସୁଧୈବ କୁଟୁମ୍ବକମ୍' ପରିକଳ୍ପନା ଆଧାରରେ ବିଶ୍ୱ ଶାନ୍ତି, ବିଶ୍ୱ ଭାତୃତ୍ୱ ଏବଂ ମାନବ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ଭାରତର ପ୍ରମୁଖ ରହିଛି । ଜନ୍ମ ଶତବାର୍ଷିକୀ ଅବସରରେ ଦେଶର କୋଣ ଅନୁକୋଣରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ସଂଘ ତରଫରୁ ବିଶେଷ ଯୋଜନା ରହିଛି । ନିଜର ଉପସ୍ଥିତି ମାଧ୍ୟମରେ ସାଧାରଣ ଜନତାଙ୍କ ମଧ୍ୟରେ ରାଷ୍ଟ୍ର ପ୍ରେମ ଏବଂ ସ୍ୱଦେଶୀ ଜୀବନଶୈଳୀର ବାର୍ତ୍ତା ପ୍ରଚାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

ପରାଧୀନ ଭାରତରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଘୋଷଣା କରିଥିଲେ - ରାଜନୈତିକ ପରାଧୀନତା ହେଉଛି ଧାର୍ମିକ ଓ ସାମାଜିକ ଅବକ୍ଷୟର ପ୍ରତିଫଳନ । ଧାର୍ମିକ କ୍ଷେତ୍ରରେ ସଂସ୍କାର ଆସିଲେ ସାମାଜିକ ବ୍ୟବସ୍ଥାରେ ଉନ୍ନତି ଘଟିବ । ସମାଜ ସୁସଂଗଠିତ ହେଲେ ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ । ଫଳରେ ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହେବ । ସ୍ୱାଧୀନତାର ମାର୍ଗକୁ ମହର୍ଷି ଦୟାନନ୍ଦ ଲମ୍ବି ଯାଇଥିବା ସିଡିର ଚାରୋଟି ପାହାଚ ସଦୃଶ ବର୍ଣ୍ଣନା କରିଥିଲେ - ସ୍ୱଧର୍ମ, ସ୍ୱଭାଷା, ସ୍ୱଦେଶୀ ଏବଂ ସ୍ୱରାଜ । ଗୋଟିକର

ପରିପୂର୍ଣ୍ଣତା ଅନ୍ୟଟିକୁ ଆରୋହଣ କରିବା ସକାଶେ ଶକ୍ତି ଓ ସାମର୍ଥ୍ୟ ଯୋଗାଇଥାଏ । ସ୍ୱଧର୍ମ ପ୍ରତିଷ୍ଠା ହେଲେ , ସ୍ୱଭାଷା ପ୍ରତି ଶ୍ରଦ୍ଧା ସୃଷ୍ଟି ହେଲେ ଏବଂ ସ୍ୱଦେଶୀ ବସ୍ତୁ ଆପଣେଇଲେ - ସ୍ୱରାଜ ସମ୍ଭବ । ପରବର୍ତ୍ତୀ ସମୟରେ ଏହି ଚାରୋଟି ଆଦର୍ଶ ସ୍ୱାଧୀନତା ସଂଗ୍ରାମର 'ମହାମନ୍ତ୍ର'ରେ ପରିଣତ ହୋଇଗଲା । ମହର୍ଷି ଦୟାନନ୍ଦ ଆହୁରି ମଧ୍ୟ ଘୋଷଣା କରିଥିଲେ - ଯେଉଁ ସମୟରେ ସମଗ୍ର ରାଷ୍ଟ୍ରରେ ବୈଦିକ ବାଣୀର ପ୍ରସାର ଥିଲା, ଆର୍ଯ୍ୟମାନେ ବୈଦିକ ଧାରାରେ ଜୀବନ ନିର୍ବାହ କରୁଥିଲେ, ସେତେବେଳେ ଆର୍ଯ୍ୟାବର୍ତ୍ତ ସାରା ବିଶ୍ୱର ନେତୃତ୍ୱ ନେଉଥିଲା । କିନ୍ତୁ ବୈଦିକ ପରଂପରା କ୍ଷୟ ହେବା ମାତ୍ରେ ଦେଶ ଦୁର୍ବଳ ହୋଇପଡିଲା ଏବଂ ବିଦେଶୀ ଆକ୍ରମଣର ଶିକାର ହେଲା । ହୃତ ଗୌରବ ଫେରି ପାଇବା ନିମନ୍ତେ ବୈଦିକ ଧାରାର ପୁନଃ ପ୍ରସାର ଆବଶ୍ୟକ । ତାଙ୍କରି ଆହ୍ୱାନରେ ଲକ୍ଷ ଲକ୍ଷ ସଂଖ୍ୟାରେ ଶିକ୍ଷିତ ଯୁବ ସମାଜ ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ପ୍ରଦାନ କରିଥିଲେ ।

ବୈଦିକ ଧାରା ହେଉଛି 'ମହା ଭାରତୀୟତା'ର ସନ୍ତକ । ସ୍ୱାଧୀନତାର ଅମୃତ କାଳରେ ସ୍ୱୟଂସେବକଙ୍କ କଂପନରେ 'ଭାରତୀୟତାର ସନ୍ଦେଶ' ଦେଶର ପ୍ରତିଟି କୋଣ ଅନୁକୋଣରେ ଅନୁରଣିତ ହେଲେ, ୨୦୪୭ ମସିହା ସୁଦ୍ଧା ଭାରତ ବର୍ଷ ବିଶ୍ୱଗୁରୁ ରୂପେ ଉଭା ହୋଇ ବିକଶିତ ରାଷ୍ଟ୍ରରେ ରୂପାନ୍ତରିତ ହୋଇଯିବ ।

ଦେଶର ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କ ଶବ୍ଦରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ୨୦୧୮ ମସିହା ଜୁନ ୧ ତାରିଖରେ ଅଷ୍ଟମ ନାନାଜୀ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ ଦେଶର ଉପରାଷ୍ଟ୍ରତି ସଂଘ ସହିତ ତାଙ୍କର ଆବେଗାତ୍ମକ ଆତ୍ମୀୟତା ସଂପର୍କରେ କହିଥିଲେ - 'ସଂଘର ପ୍ରେରଣାରେ ମୁଁ ସାର୍ବଜନୀନ ଜୀବନକୁ ପ୍ରବେଶ କରିଥିଲି । ଏହି ଅନୁଷ୍ଠାନ ମାଧ୍ୟମରେ ମୁଁ ଜୀବନ, ଜୀବନର ମୂଲ୍ୟବୋଧ, ଆମ ରାଷ୍ଟ୍ର , ଆମ ସଂସ୍କୃତି ଏବଂ ରାଷ୍ଟ୍ର ପ୍ରତି ଆମର କର୍ତ୍ତବ୍ୟବୋଧ ସଂପର୍କରେ ବହୁତ କିଛି ଶିକ୍ଷା ଲାଭ କରିଛି । ଏହି ସଂସ୍ଥା ମୋତେ ମାନବିକତାର ଦୃଷ୍ଟିକୋଣ, ଜୀବନର ଆଭିମୁଖ୍ୟ ଏବଂ ସକରାତ୍ମକ କାର୍ଯ୍ୟ ପାଇଁ ବହୁ ଭାବେ ପ୍ରେରିତ କରିଛି । ମାନସିକ ଆବିଳତା ଓ କୁସଂସ୍କାରରୁ ମୁକ୍ତ ହେଲେ, ବିଶ୍ୱର ଏହି ସର୍ବବୃହତ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସଠିକ ଭାବେ ବୁଝିହେବ । ମୋର ଦୀର୍ଘ ବର୍ଷର ସଂପର୍କରୁ ମୁଁ ଏହା ଅନୁଭବ କରିଛି ସଂଘର କାର୍ଯ୍ୟଧାରା ଆତ୍ମ-ଶୃଙ୍ଖଳା, ଆତ୍ମ-ସମ୍ମାନ, ଆତ୍ମ-ସୁରକ୍ଷା ଏବଂ ଆତ୍ମ-ନିର୍ଭରଶୀଳତାର ଆଦର୍ଶ ଉପରେ ପ୍ରତିଷ୍ଠିତ ।' ଏହି ଉକ୍ତି କେବଳ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କର ନୁହେଁ, ଜନ୍ମ ଶତବାର୍ଷିକୀ ଅବସରରେ କୋଟି କୋଟି ଭାରତୀୟଙ୍କର ସଂଘ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଭାବେ ଗ୍ରହଣ କରାଯାଇପାରେ ।

ଭଦ୍ରାଣୀ, ସାଳନ୍ଦୀନଗର, ଭଦ୍ରକ
ମୋ: ୯୪୩୭୧୯୧୩୫୦

❐

ଆକାଶ, ତାରାଙ୍କ ପ୍ରତି ମମତା



ବାରିଷ୍ଟର ଗୋବିନ୍ଦ ଦାସ

ବାରିଷ୍ଟର ଗୋବିନ୍ଦ ଦାସଙ୍କ ଆତ୍ମଜୀବନୀ 'ସାନ ଗୋଟିଏ ଜୀବନ'ରୁ ସଂଗୃହୀତ

'ଅମାବାସ୍ୟାର ଚନ୍ଦ୍ର' ଲୋକପ୍ରିୟ ଉପନ୍ୟାସର ଲେଖକ ବାରିଷ୍ଟର ଗୋବିନ୍ଦ ଚନ୍ଦ୍ର ଦାସଙ୍କର ସ୍କୁଲ୍ ଶିକ୍ଷକ ଶ୍ରୀକୃଷ୍ଣ ମହାନ୍ତି ଥିଲେ ଲେଖକଙ୍କର ମାର୍ଗଦର୍ଶକ । ସେ କହିଥିଲେ, ମଣିଷ ହେବା ପାଇଁ କେବଳ ବହିଖାତା ସହ ସମ୍ବନ୍ଧ ରଖିଲେ ଚଳିବ ନାହିଁ, ଏ ଆକାଶ, ଏ ତାରାମାନଙ୍କୁ ଚିହ୍ନି ଅନୁଭବ କର, ତାଙ୍କୁ ବନ୍ଧୁ କର, ତାହେଲେ ଭଲ ମଣିଷ ହେବ । ଗୋବିନ୍ଦ ଦାସ ତାଙ୍କର ଜୀବନସ୍ମୃତି 'ସାନ ଗୋଟିଏ ଜୀବନ'ରେ ସ୍କୁଲ୍ ଜୀବନର ଅନୁଭୂତି ଏହିପରି ଲେଖିଛନ୍ତି, । "ସେତେବେଳକୁ ମୁଁ ସପ୍ତମ ଶ୍ରେଣୀରେ ପଢୁଥାଏ । ସେ ସ୍କୁଲରେ ଆଉ ବଡ଼ କ୍ଲାସ ନାହିଁ । ଅଷ୍ଟମ ଶ୍ରେଣୀ ପାଇଁ ସବୁ ହାଇସ୍କୁଲରେ ଆଡ଼ମିସନ ସରିଯାଇଥାଏ, କେବଳ ପ୍ୟାରୀମୋହନ ଏକାଡ଼େମୀ ସ୍କୁଲ ଛଡ଼ା । ବସନ୍ତ ବାବୁ ହେଡ଼ମାଷ୍ଟରଙ୍କର ବାପାଙ୍କ ସହିତ ଭଲ ପରିଚୟ ଥିଲା । ସେ ରାଜିହେଲେ । ଅଷ୍ଟମଶ୍ରେଣୀରେ ଆଡ଼ମିସନ ପାଇଁ ପରୀକ୍ଷା ଦେଲି । ତା' ପରଠୁ ଆଉ ପଛକୁ ଅନାଇଁ ନାହିଁ । ସେଇଠି ମ୍ୟାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଲି । ସବୁଠି ଭଲ କଲି । ମ୍ୟାଟ୍ରିକ୍‌ରେ ଫାଷ୍ଟ ଡିଭିଜନ ପାଇଲି । ଅଳ୍ପ କେତେ ପିଲା ଫାଷ୍ଟ ଡ଼ିଭିଜନ ପାଇଥିଲେ । ଫାଷ୍ଟ ଡ଼ିଭିଜନ

ପିଲାଙ୍କର ସେତେବେଳେ ଗୋଟାଏ ଅହଙ୍କାର ଥିଲା । ସେମାନେ ସବୁ 'ସାଇନ୍ସ' ପଢୁଥିଲେ । ମୁଁ ବି ରେଭେନ୍ସା କଲେଜରେ ସାଇନ୍ସ ପଢ଼ିଲି । ସେତେବେଳକୁ ନିଶଦାଢ଼ି ଉଠିଗଲାଣି । ନିଜକୁ ପୁରୁଷ ପୁରୁଷ ଭଳି ଲାଗୁଥାଏ । ହାଫ୍ ପ୍ୟାଣ୍ଟ ଛାଡ଼ି ଫୁଲପ୍ୟାଣ୍ଟ ପିନ୍ଧିଲି । ଝିଅଙ୍କୁ ଦେଖିଲେ ମନ ଭିତରେ ଯେମିତିଆ କିଛି କିଛି ଅଲଗା ଶିହରଣ ଆରମ୍ଭ ହେଲାଣି । ଆମ ସାଂଗପିଲାଏ କଲର ଟେକି ଯିବା ଆସିବା କରୁଥାନ୍ତି । କେତେକ ମଧ୍ୟ ବ୍ୟାକ୍ ବ୍ରସ୍ କରେଇଲେଣି । ନୂଆ ଖଣ୍ଡେ ସାଇକେଲ କିଣା ହୋଇଥାଏ । ତା' ଉପରେ ଚଢ଼ି ଗଲାବେଳକୁ ଟିକେ ଟିକେ ସ୍ୱତନ୍ତ୍ର ପରି ଲାଗୁଥାଏ । ମୋ ସାଂଗମାନେ ସବୁ ଝିଅମାନଙ୍କ ରିକ୍ସା ପଛରେ ସାଇକେଲ ଚଢ଼ି କଲେଜ ଯିବା ଆସିବା କରୁଥାନ୍ତି । ଆମ ଭିତରୁ କେତେକ କନିକା ଲାଇବ୍ରେରୀରେ ବସିବା ଆରମ୍ଭ କରୁଥାଉ ।


ସେ ସମୟରେ ଶୈଲେନ୍ ମୋର ସବୁଠୁ ଭଲ ସାଂଗ ଥିଲେ । ଏକା ସାଂଗରେ ସଂଧ୍ୟାରେ କାଠଯୋଡ଼ି କୂଳରେ ସନସାଇନ୍ ପଡ଼ିଆ ପାଖରେ ନଈବନ୍ଧ ଉପରେ ଯେଉଁ ସିମେଣ୍ଟ ବେଞ୍ଚ ଅଛି, ସେଇଠି ବସି ଜୀବନର ସବୁ କଥା ଗପୁଥାଉ । ଅନେକ ସମୟରେ ସେ ଆମ ଘରେ ରହିଯାଏ । ବୋଉ ଆମକୁ ରାତିରେ ପିଠା କରି ଖାଇବାକୁ ଦିଏ । ଅଧିକାଂଶ ସମୟ ଆମେ ଏକାଠି ଥାଉଁ । ବଙ୍ଗଳା ସାହିତ୍ୟରେ ତାର ଅନେକ ପ୍ରବେଶ ଥାଏ ।

ସ୍କୁଲ୍ ଜୀବନରେ କେତେକ ଶିକ୍ଷକଙ୍କ କଥା ନ ଲେଖିଲେ ଏ ଲେଖା ଓ ମୋ ଜୀବନ କାହାଣୀ ଅସଂପୂର୍ଣ୍ଣ ରହିବ । ପ୍ରଥମେ ହେଉଛନ୍ତି ହେଡ଼ମାଷ୍ଟ୍ର ଶ୍ରୀଯୁକ୍ତ ବସନ୍ତ ଦାସ । ସେତେବେଳେ ପର୍ଯ୍ୟନ୍ତ ଜୀବନରେ ଭୟ କ'ଣ ମୁଁ ଜାଣି ନଥିଲି । ସେ ମୋତେ ଭୟ କ'ଣ ଅନୁଭବ କରାଇଲେ । ସବୁ ପିଲେ ତାଂକୁ ଭୟ କରୁଥିଲେ । ସ୍କୁଲ ଛୁଟିରେ ମଧ୍ୟ ସେ ଇଂରେଜୀ ବହିଗୁଡ଼ାକୁ ନିଜ ହସ୍ତାକ୍ଷରରେ ଉତ୍ତାରିବା ଲାଗି କହୁଥିଲେ । ମ୍ୟାଟ୍ରିକ ପରୀକ୍ଷାରେ ସ୍କୁଲର ଭଲ ଫଳାଫଳ ପାଇଁ ତାଂକୁ ସମସ୍ତେ ସମ୍ମାନ କରୁଥିଲେ । ଶୃଙ୍ଖଳା କୃତକାର୍ଯ୍ୟତା ଓ ସେଥିପାଇଁ ସମ୍ମାନ ତାଙ୍କ ଯୋଗୁଁ ଆମେ ଶିଖିଲୁ ।

ଆଉ ଜଣେ ଥିଲେ ସଂସ୍କୃତ ପଣ୍ଡିତ । କିପରି ସ୍ନେହ ଓ ମମତା ଜରିଆରେ ଶାସନ କରାଯାଇପାରେ ତାଂକଠୁ ଶିଖିବାର କଥା ।

ଶେଷରେ ଶ୍ରୀକୃଷ୍ଣ ମହାନ୍ତି । ସେ ନିଜେ ହେଡ଼ମାଷ୍ଟ୍ର ଥିଲେ ଅନ୍ୟ ସ୍କୁଲର । ମୋର ଘରୋଇ ଶିକ୍ଷକ ଥିଲେ । ସଂଧ୍ୟାବେଳେ ଛାତ ଉପରକୁ ମତେ ନେଇଯାଇ ଆକାଶ ଓ ତାରାମାନଙ୍କୁ ଦେଖାଉଥିଲେ । କହୁଥିଲେ ଫାଷ୍ଟ ଡିଭିଜନ ତ ପାଇବୁ । କିନ୍ତୁ ମଣିଷ ହେବା ପାଇଁ ସେ ସବୁର କିଛି ମୂଲ୍ୟ ନାହିଁ । ଏ ଆକାଶ, ଏ ତାରାମାନଙ୍କୁ ଚିହ୍ନ, ଅନୁଭବ କର, ତାଂକୁ ବଂଧୁ କର, ତା' ହେଲେ ଭଲ ମଣିଷ ହେବୁ ।

ସେତେବେଳେ ଶିକ୍ଷକମାନଙ୍କୁ ଆମେ ଭଗବାନଙ୍କ ଅବତାର ବୋଲି ଭାବୁଥିଲୁ ।



ସେମାନେ ଯାହା କହୁଥିଲେ, ମନ ପ୍ରାଣ ଦେଇ ଶୁଣୁଥିଲୁ ଓ ମାନୁ ବି ଥିଲୁ । ଯେଉଁ ମୂଳଦୁଆ ସେମାନେ ପକାଉଥିଲେ ତାରି ଉପରେ ଭବିଷ୍ୟତର ଛାଞ୍ଚ ତିଆରି ହୋଇଯାଉଥିଲା । ତାଂକ ଆଖିରେ ପଇସାଟା ବଡ଼ ନଥିଲା । ବିଦ୍ୟାକୁ ବଡ଼ ବୋଲି ମନେ କରୁଥିଲେ । ଶ୍ରୀକୃଷ୍ଣ ମହାନ୍ତି ଯେଉଁ ଆକାଶ, ତାରକାମାନଙ୍କୁ ଦେଖିବା ଶିଖାଇଥିଲେ, ତା'ର ପ୍ରଭାବରୁ ମୋ ଚରିତ୍ରରେ ସମ୍ବେଦନଶୀଳତା ସାରା ଜୀବନ ପାଇଁ ରହିଲା । ଯୌବନରେ ପ୍ରେମ ପ୍ରତି ଆଗ୍ରହ ଓ ପରବର୍ତ୍ତୀ କାଳରେ ସାହିତ୍ୟ ପ୍ରତି ସମ୍ମାନ, ଆକାଶ, ତାରାମାନଙ୍କ ପ୍ରତି ମମତା ଯୋଗୁ ସମ୍ଭବ ହେଲା ।

ସ୍କୁଲ ଶିକ୍ଷା ଶେଷ ହେଲା । ହାଇସ୍କୁଲ ବେଳରେ ପାଠପଢ଼ାରେ ବେଶ୍ ଆନନ୍ଦ ପାଇଲି । ବାପାମା ଖୁସି ହେଲେ । ଏପରି ସଫଳତା ଯୋଗୁ କାହାକୁ, କେଉଁଥିପାଇଁ କୃତଜ୍ଞତା ଜଣାଇବି - ସେ ଟାଇଫଏଡ଼ ଜ୍ୱରକୁ ନା ଶ୍ରୀକୃଷ୍ଣ ମହାନ୍ତିଙ୍କୁ ନା ଉଭୟଙ୍କୁ ?

ଗାନ୍ଧୀଙ୍କ ସଂକ୍ରାନ୍ତରେ ଯାହା ସବୁ ଇଂରେଜୀରେ ଲେଖାଥିଲା, ରାମକୃଷ୍ଣ ବିବେକାନନ୍ଦଙ୍କ ସଂକ୍ରାନ୍ତରେ ରୋମାଁ ରୋଲାଁ ଯାହାସବୁ ଲେଖିଥିଲେ, ମାର୍କ୍ସ ଲେନିନଙ୍କ ବିଷୟରେ ତାଂକ କମ୍ୟୁନିଷ୍ଟ ମ୍ୟାନିଫେଷ୍ଟରେ ଯାହା ବାହାରିଥିଲା, ସେ ସବୁକୁ କଟକ କଲେଜରେ ପଢ଼ିବା ଭିତରେ ସାରିଥିଲି । କେତେ ବୁଝିପାରିଲି, ଅନେକଟା ଅବୁଝା ରହିଲା, ତଥାପି ସେଇ ବହିମାନଙ୍କ ସହିତ ବଂଧୁତ୍ୱ ରଖିଥାଏ । ତାକୁ ସବୁ ଆଲୋଚନା କରେ ଶୈଳେନ ସାଂଗରେ । କଲେଜରେ ଏକାଠି ଆଇ.ଏସ୍.ସି ପଢୁଥିଲୁ । ବଙ୍ଗଳା ଭାଷାରେ ଶରତ ଚନ୍ଦ୍ରଙ୍କର ଶେଷ ପ୍ରଶ୍ନ, ରବୀନ୍ଦ୍ରନାଥଙ୍କର କିଛି ଲେଖା ତା' ସହିତ ବସି ଆଲୋଚନା କରେ । ବୋଉ ବଙ୍ଗଳା ଶିଖିଥିଲା । ତା'ଠୁ ମୁଁ ବଙ୍ଗଳା ପଢ଼ିବା ଶିଖିଲି । ବୋଉ ଖଦି ସୂତା ମୋ ପାଇଁ ତିଆରି କରୁଥିଲା, ସେତେବେଳେ ପ୍ରଥା ଥିଲା କି ତମେ ଯେତିକି ସୂତା ଦେବ ସେଇ ଓଜନର ଖଦଡ଼ କପଡ଼ା ଦୋକାନରୁ ପାଇବ । ସେତେବେଳକୁ ମୁଁ ଖଦଡ଼ ପିନ୍ଧୁଥାଏ । ସେ ଅଭ୍ୟାସଟା ଆଜିପର୍ଯ୍ୟନ୍ତ ବି ଅଛି- ଖଦଡ଼ ପାଇଜାମା ଓ କୁର୍ତ୍ତା ମୋର ମନେ ହୁଏ, ଏ ସବୁ ଶ୍ରୀକୃଷ୍ଣ ମହାନ୍ତିଙ୍କର ମୋ ପ୍ରତି ଦାନ । କ୍ରମେ କ୍ରମେ ଆକାଶ, ତାରାଙ୍କୁ ଟପି ନଦୀ, ସମୁଦ୍ର, ପାହାଡ଼, ଜଂଗଲ ସହିତ ସଂପର୍କ ଗଢ଼ି ଉଠିଲା । ପରବର୍ତ୍ତୀ କାଳରେ ଏହାକୁ ସବୁ ନାୟକ କରି ପରେ ମୋ ଲେଖାମାନ ଲେଖା ହେଲା । ଜଂଗଲ, ପାହାଡ଼, ନଈ ଉପରେ ସୂର୍ଯ୍ୟୋଦୟ ; ଆଉ ସମୁଦ୍ର ଉପରେ ସୂର୍ଯ୍ୟାସ୍ତ ।

❐

ପିଲାଦିନର ସ୍ମୃତିରେ ଅସ୍ମିତାର ମହକ



ଡ. ଭାଗ୍ୟଲିପି ମଲ୍ଲ

“ ଗୋପୀନାଥ ମହାନ୍ତିଙ୍କ ଭାଷାରେ ‘ମାଟି ମଣିଷର ନୁହେଁ, ମଣିଷ ମାଟିର । ମଣିଷର ମୁଠା ଭିତରେ ଥାଇ ମାଟି ହସୁଥାଏ, ଅପେକ୍ଷା କରିଥାଏ ମଣିଷ କେତେବେଳେ ଝଡ଼ିବ, ମାଟିରବଳ ବଢିବ, ଖତ, ମଟାଳ, ଦୋରସା । ପୁଣି ସେଥିରେ ଅନର୍ଯାପ ଘାସ ବଢିବ, ମାଣ୍ଡିଆ ବଢିବ, ପୁଣି ଝଡ଼ିବ, ପଡ଼ିବ, ପଚିପଚି ମିଶୁଥିବ, ଯୁଗଯୁଗ ଯାକେ ।’ ତାଙ୍କ ‘ପରଜା’ ଉପନ୍ୟାସରେ ମାଣ୍ଡିଆ ଶବ୍ଦ ଲେଖି ଯଥାର୍ଥରେ ପରଜା ସଂସ୍କୃତି ଓ ଜନଜୀବନ ସହିତ ମାଣ୍ଡିଆକେତେ ଜଡ଼ିତ ତା’ର ପ୍ରମାଣ ଦେଇଛନ୍ତି । ”

ଅସ୍ମିତା କେବଳ ଐତିହ୍ୟ ନୁହେଁ, ପରମ୍ପରା ନୁହେଁ, ଭାଷା ନୁହେଁ, ସଂସ୍କୃତ ନୁହେଁ କି ଅନ୍ୟ କିଛି ବି ନୁହେଁ, ଏ ସବୁର ଏକ ମଧୁର ସମନ୍ୱୟ ହେଉଛି ଅସ୍ମିତା; ଯାହାକୁ ନେଇ ଜଣେ ଓଡ଼ିଆ ଗର୍ବ କରିପାରିବ ଏବଂ କହିପାରିବ ଏହା ହିଁ ଆମ ଅସ୍ମିତାର ପରିଚୟ । ପୁଣି ଐତିହ୍ୟ କେବଳ ସ୍ଥାପତ୍ୟ ନୁହେଁ କି ଇତିହାସ କେବଳ ଅତୀତର କଥା କହେ ନାହିଁ । ଇତିହାସ ଓ ଐତିହ୍ୟର ସଂଯୋଗସେତୁ ହେଉଛି ଅସ୍ମିତା – ଏକ ଜାତିର ପରିଚୟ । ମାତ୍ର ମୁଁ କହିପାରିବି ମୋ ପିଲାଦିନର ମିଠାମିଠା ସ୍ମୃତି ମୋ ଅସ୍ମିତାର ପରିଚୟ । ପିଲାଦିନର ଧାନକିଆରିର ସବୁଜିମା, ମାଣ୍ଡିଆବିଲରେ ଡ଼େଣା ଝାଡ଼ି ଗାଉଥିବା ଗୀତ, ରଜଦୋଳିରେ ଆକାଶକୁ ଛୁଇଁବାର ଇଚ୍ଛା, କୁଆଁରପୁନେଇଁ

ଜହ୍ନରାତିର ପୁଲକ, ଖୁଦୁରୁକୁଣୀଓଷାର ପାହାନ୍ତି ଫୁଲତୋଳା - ଏମିତି ସବୁକିଛି ମୋ' ପାଇଁ ମୋର ଅସ୍ମିତାର ପରିଚୟ । ତେଣୁ ଅସ୍ମିତାର ପରିଭାଷା ଅସୀମିତ ।

ଧାନକିଆରିର ସ୍ମୃତି

ପ୍ରତ୍ୟେକ ମଣିଷମନରେ କେତେକେତେ ସ୍ମୃତି ରୂପାଜହ୍ନପରି ଛାତି ତଳେ ଝଟକୁଥାଏ । ସେ ସ୍ମୃତିଭିତରେ ଥାଏ -ବ୍ୟଥା, ବେଦନା, ବିଷାଦ, ଅବସାଦ, ଥାଏ ପୁଣି ଖୁସି ଓ କେତେ ଆନମନା ସ୍ୱପ୍ନ । ଥାଏ ବି ଭବିଷ୍ୟତ ଗଢିବାର ଅଭିଳାଷ ।

ସବୁସ୍ୱପ୍ନ ସତହୁଏନି, କି ସବୁବ୍ୟଥା ଚିରକାଳ ରହେନି । ସବୁ ସ୍ମୃତିବି ସବୁଦିନ ଚେଇଁ ରହେନି । ଧିରେଧିରେ ନଈ ସମୁଦ୍ରରେ ମିଶିବା ଭଳି, କେଉଁଠି ମିଳେଇ ଯାଉଥାଏ । ତଥାପି ତ କହିବାକୁ ହେବ, ମନ ଦଉଡ଼ିକୁ ଭାଇ ଲଗାମନାହିଁ ... ଏଇ ଲଗାମହୀନ ମନ କେତେବେଳେ ଫେରିଯାଉଥାଏ ଦୂର ଅତୀତକୁ, ଗାଁ ନଈପଠାକୁ, ପୋଖରୀତୁଠକୁ, ନହେଲେ ଆମ୍ବତୋଟାକୁ । ପୁଣି କେତେବେଳେ ବର୍ତ୍ତମାନର ପିଠି ଉପରେ ଠିଆହୋଇ ହାତଠାରି ଡାକୁଥାଏ ଭବିଷ୍ୟତକୁ । ଏ ମନ ଏମିତି, ଏ ମନର କଥା ବି ଏମିତି । ଖାଲି ମୋର ନୁହେଁ, ସବୁ ମଣିଷଙ୍କର । ଭାବନା ଯାହା ଭିନ୍ନଭିନ୍ନ ହୋଇଥିବ ।

ପ୍ରଥମେ ଅତୀତକୁ ଫେରିବା । ପିଲାଦିନର ଅତୀତକୁ । ଆମ ଗାଁରସ୍ମୃତିରେ ଅତୀତ । କାହିଁକି କେଜାଣି ବେଳେବେଳେ ଭାରି ମନେପଡ଼େ । ଯଦିଓ ସ୍କୁଲ ଲମ୍ୟାଛୁଟି ହେଲେ ଗାଁକୁ କେବଳ ଯାଉଥାଏ ।

ସେଇଠି ଦେଖିଛି ମଣିଷମାନଙ୍କର ବଞ୍ଚିବାପାଇଁ ସଂଘର୍ଷ । ଦେଖିଛି ବି ସେମାନଙ୍କ ପଉଷ ପସରାରେ ପୁଲକ । ପଉଷର ପଳିତ ପତ୍ରରେ ଦେଖିଛି ସୃଜନର ମୂର୍ଚ୍ଛନା । ପତଳା କୁହୁଡ଼ିଆ ଆକାଶଛାତିରେ କାହାଳିଆଜହ୍ନ । ଅଧାଛାଇ ଅଧାଆଳୁଅର ଖେଳରେ ଆସକ୍ତ ଧରିତ୍ରୀର ଛାତି । ଧାନଖଳାରେ ଲକ୍ଷ୍ମୀପାଦର ଝୋଟି । ସେ ଝୋଟି ଦେଖିଲେ ଲାଗେ ଯେମିତି ତା' ଉପରେ ପାଦପକାଇ ଧିରେଧିରେ ଆସୁଛି ସୌଭାଗ୍ୟର ସ୍ୱପ୍ନ । ଚାଷୀର ଆଖିରେ ଅଯୁତ ଅମଳର ପୁଲକ ।

ପଉଷର ଧାନଖଳାକୁ ଦେଖିଲେ ମନ ଫେରିଯାଏ ସୁଦୂର ଅତୀତକୁ । ଖୁଉବ୍ ଦୂରକୁ । ଆମ ଘରର ଡ଼ାହାଣପଟେ ଥିବା ଧାନଖଳା ପାଖକୁ । ମନ ଆପେଆପେ ଉଚ୍ଚାଟ ହୋଇଉଠେ । ଚଲିଯାଉଥାଏ କେଉଁ ଦୂର ଦିଗ୍‌ବଳୟ ଆରପାରିକୁ । ଶୀତ ସରିସରି ଆସୁଥାଏ । ସକାଳର କୁହୁଡ଼ି ବେଳେବେଳେ ବୟସ୍କସୂର୍ଯ୍ୟଙ୍କୁ ବି ଘୋଡ଼େଇପକାଉଥାଏ । ମକର ପରର ଶୀତ । ଗାଁର ମଣିଷମାନଙ୍କ ଦେହର ଚହଟ ଆଖିକୁ ମହଳଣ ଦୁଶୁଥାଏ । ଖଳା ଆରପଟେଥିବା ଗଛମାନଙ୍କରୁ ବି ପତର ଖସିବା ଆରମ୍ଭ ହୋଇଗଲାଣି । ସବୁଜରଙ୍ଗ ଏବେ ପାଉଁଶିଆ । ସେଦିନ ଥିଲା ପୁଷପୁନେଇଁର ରାତି । ଖଳାରେ ବସି ଚହଁ ରହିଥିଲି ସେହି ପୁନେଇଁଜହ୍ନକୁ । ରୂପା ପରି ଚକ୍‌ଚକ୍ କରୁଥିଲା । କାହିଁ କେତେକଥା ମନେ

ପଡ଼ିଯାଉଥିଲା । ପାଚିଲା ଧାନକେଣ୍ଡାରୁ ଫେରିଗଲି ତଳିରୁଆଁ, ବୁଆମରା, ଧାନଫୁଲ ଉଡ଼େଇବା, ଧାନରଗର୍ଭଧାରଣ ପୁଣି ପାଚିଲାଧାନର ମହମହ ବାସ୍ନା-ତା'ପରେ ଧାନକଟା ଏବଂ ଧାନକଟାପରେ ଧାନଖଳାରେ ଧାନଗଦାର ସମ୍ଭାର । ମନେପଡୁଥିଲା । ହିଁ, ସବୁକିଛି ମନେପଡୁଥିଲା ।

ଗର୍ଭଣାସଂକ୍ରାନ୍ତିକଥା ମନେପଡ଼ିଲେ ମନେପଡ଼େ –ଶାଗୁଆ ଛନଛନିଆ ଧାନକିଆରିର କଥା । ସେଇ ଧାନଗଛର ମଝିଅଂଶ ଟିକିଏ ପେଟୁଆ ହେଇଯାଇଥାଏ । ଧାନକୁ ତା' ଗର୍ଭରେ ଧାରଣ କରିବାର ପ୍ରାରମ୍ଭିକ ସମୟ । ତେଣୁ ଚାଷୀ ମନରେ କେତେ ଖୁସି, କେତେ ଆନନ୍ଦ ! ମନେପଡ଼ିଯାଏ, ପିଲାଦିନେ ବହିରେ ପଢିଥିବା ସେହି କବିତାଟି- 'ଚାଷ ଅଛି ଯାହାର – କି ଆନନ୍ଦ ତାହାର, ସେହି ସିନା ଯୋଗାଉଛି ଦୁନିଆକୁ ଆହାର' । ଦେଖେ, ସେହି ଗର୍ଭଣାସଂକ୍ରାନ୍ତିଦିନ ଅଜା କିଛି ବାଡ଼ିର ବିଡ଼ା (ଆଖୁଗଛ ଭଳି ଦେଖାଯାଉଥିବା ଖାଡ଼ି) ସହିତ କିଛି ଫୁଲ, ଚନ୍ଦନ ଓ ଭୋଗ ସାମଗ୍ରୀକୁ ନେଇ ବିଲକୁ ଯାଆନ୍ତି । ଭୋଗ ସାମଗ୍ରୀକଥା ଭାବିଲେ ଆଉ ଏକ ମଧୁରସ୍ମୃତି ମନକୁ ପୁଲକିତ କରେ । ଏହିକଥା ଆମପିଢିର ଲୋକେ ଉଣାଅଧିକେ ଅନୁଭବ କରିଥିବେ । ମାତ୍ର ଆଜିକାଲିକା ପିଲାଙ୍କ ପାଇଁ ଏସବୁ ତ ଫାଲ୍‌ତୁକଥା । ହଁ କହୁଥିଲି ଗର୍ଭଣାସଂକ୍ରାନ୍ତିର ଭୋଗକଥା । ପାଚିଲା ଗୋଟାତାଳଗୁଡ଼ିକ ଭିତରୁ ବାହାରିଥିବା ପୁଆକୁ ଏକତ୍ରିତକରି ମାଟିରେ ପୂର୍ବରୁ ପୋତି ଦିଆଯାଇଥାଏ । ସେହି ପୋତାଯାଇଥିବା ତାଳରୁ ଯେଉଁ ଗଜା ବାହାରିଥାଏ ତାକୁ କୁହାଯାଏ ଖୋକୁଣ୍ଡି (ତାଳଗଜା) । ଏହା ହେଉଛି ଗର୍ଭଣା ସଂକ୍ରାନ୍ତିର ମୁଖ୍ୟ ଅର୍ଘ୍ୟ, ଭାରି ସୁଆଦିଆ । ଏକଥା ଆମ ପିଲାମାନେ କ'ଣ ଜାଣିଥିବେ ? କେଜାଣି !

ମୁଁ ପଚାରେ, ଅଜା ! ଏସବୁ କ'ଣ ? ସେ ହସିଦିଅନ୍ତି । କୁହନ୍ତି-ବସୁମତୀ ମା'କୁ ପୂଜା କଲେ ସେ ଭଲ ଅମଳ ଦେବ । ଆଜି ଗର୍ଭଣା ସଂକ୍ରାନ୍ତି । ଧାନଗଛ ଗର୍ଭ ଧାରଣ କରିଛି । ତେଣୁ ଭଲଧାନପାଇଁ ପୂଜା କରାଯିବ ଏବଂ ଏକ ଗର୍ଭିଣୀ ମା' କୁ ଯେପରି ସାଦ ଦିଆଯାଏ, ସେହିପରି ଗର୍ଭିଣୀ ବସୁମତୀକୁ ଏହି ପ୍ରକ୍ରିୟାରେ ସାଦ ପ୍ରଦାନ କରାଯାଏ । ତେଣୁ ଭଲ ଫଳ ହୁଏ ।

ପିଲା ଠାରୁ ଆରମ୍ଭ କରି ଭେଣ୍ଡା-ଯୁବକଯୁବତୀ, ବୁଢା-ବୁଢୀ ନିର୍ବିଶେଷରେ, ସକଳ କିପରି ପାଣିକାଦୁଅରେ ଧାନତଳି ଓପାଡୁଥାନ୍ତି, ତଳି ରୋଇଁ ପକାଉଥାନ୍ତି - ସବୁ ସୃଷ୍ଟିର ଆଇନାରେ ମୋ ଝରକା ସାମ୍ନାରୁ ଦେଖିପାରେ । ବର୍ଷା ହେଲେ କେହି ଭିଜିଭିଜି, ତ କାହା ପିଠିରେ ତାଳପତ୍ରର ପଖିଆ ଆଶ୍ରା । ଆମଘର ତିନି ପାଖରେ ଧାନବିଲ । ସାମ୍ନାରେ ଅନ୍ୟ ଗାଁକୁ ରାସ୍ତା । ହଳିଆମାନେ ଗାଁ ଦାଣ୍ଡରେ କାନ୍ଧରେ ଲଙ୍ଗଳ ପକାଇ ଭାରିଖୁସିରେ ଗୀତ ଗାଇଗାଇ ଚଲୁଥାନ୍ତି; ପୂବେଇ ପବନ ବାଆ ବହୁଚି -ଧାନ କହୁଛି ମୋ ମା' ଆଉଚି ।

ଧାନଗଛ ଧିରେଧିରେ ବଢ଼ ହୁଏ । ପୂବେଇ ପବନରେ ଧାନ ଫୁଲ ଉଡ଼ାଏ । ପାଚିଲାଧାନର ବାସ୍ନା ଚତୁର୍ଦ୍ଦିଗରେ ମହକ ବିଞ୍ଚିଦିଏ । ଆମଘର ଖଟ ଉପରେ, ନହେଲେ ପଦାକୁ ଆସି ସବୁ ଦେଖୁଥାଏ । ପାଚିଲା ଧାନ କିଆରୀର ବାସ୍ନା- ଆଃ-କି ମିଠା ! ଆମ ଗାଁ ମହିଆ ମାମୁଁ, ପ୍ରମୋଦ ମାମୁଁ - ଏମାନେ ସବୁ ଧାନବିଲରେ ଧାନହଳା ବାନ୍ଧନ୍ତି । ହଳାଗୁଡ଼ିକୁ ଗୋଟିଏ ଲେଖାଏଁ ବୋଝକରି ସେମାନଙ୍କ ଯୁବତୀପତ୍ନୀ ଜୟନ୍ତୀମାଇଁ, ପାରୁମାଇଁ ପ୍ରଭୃତିଙ୍କ ମୁଣ୍ଡରେ ଲଦିଦିଅନ୍ତି । ସେମାନେ ମୁଣ୍ଡରେ ହଳାବୋଝକୁ ରଖି ଖଳାକୁ ବୋହି ଆଣନ୍ତି । ମୁଣ୍ଡଉପରେ ହଳା, ହଳାଉପରେ ସେମାନଙ୍କର ହାତ, ଏଣେ ସେମାନେ ବ୍ଲାଉଜ ପିନ୍ଧି ନଥା'ନ୍ତି । ହାତ ଦୁଇଟିଯାକ ଉପରକୁ ଉଠି ରହିବାକୁ ବାଧ୍ୟ । କାଖତଳରୁ ଅଣ୍ଟାଯାଏଁ ଯୌବନକୁ ଲୁଚଇ ରଖିବା ସେମାନଙ୍କ ସାଧ୍ୟର ବାହାରେ । ମୁଁ ସେତେବେଳେ ସପ୍ତମ / ଅଷ୍ଟମ ଶ୍ରେଣୀର ଛାତ୍ରୀ । ଗାଁରେ ନୁହେଁ, ବାହାରେ ପଢୁଥିଲି । ଏ ସବୁ ଦେଖି ମତେ ଟିକେ ଲାଜ ଲାଗୁଥିଲା । ହସିଦେଇ ଘରକୁ ଚଲି ଆସୁଥିଲି । ଧାନହଳାସବୁ ଆସି ଖଳାରେ ଜମା ହେଇଯାଏ । ପୁଷମାସର ଗାଁ ଧାନଖଳା । ଯିଏ ଦେଖିଛି ସେ ଅପରୂପ ସମ୍ଭାର, ସେଇ ହିଁ କେବଳ ଅନୁଭବ କରିପାରିବ, ଆଜିକା ପିଢି ନୁହେଁ । ଆମ ଘରର ଡାହାଣପଟେ ଆମ ଧାନଖଳା । ଧାନଗଦା ବୋହିଆଣି ହଳିଆମାନେ ଗଦାକରି ଦିଅନ୍ତି ଆମ ଧାନଖଳାରେ । ଧାନହଳାଗୁଡ଼ିକ ଖଳାରେ ବିଭିନ୍ନ ପ୍ରକାରରେ ଗଦା ମରାଯାଏ । କେଉଁଠି ଗୋଲିଆ, ତ କେଉଁଠି ଚରିକୋଣିଆ । ସେଥିରେ ପୁଣି କେତେ କଳାକୌଶଳ ଅଛି । କାହାର ଗଦା କେତେ ସୁନ୍ଦର ! ଅବଶ୍ୟ ଯାହାର ସବୁଠୁ ବଡ଼ ଗଦା ସେ ହିଁ ଗାଁର ସବୁଠୁ ବଡ଼ଧନୀ । ମାତ୍ର ଗୋବରଲିପା ଧାନଖଳାର ଝୋଟିଭିତରେ କେତେ କବିତା ଲୁଚି ରହିଥାଏ, ସେ କଥା କ'ଣ ମୁଁ ସେତେବେଳେ ବୁଝି ପାରୁଥିଲି ? ନା ବୁଝିପାରୁଥିଲି ହଳାଗଦାର ଚରିପଟକୁ ଝୁଲିପଡ଼ିଥିବା ଧାନକେଣ୍ଡା ଭିତରେ ଛପି ରହିଥିବା ବସୁମତୀ ମା'ର ଏହା ଆମ ପାଇଁ କମନୀୟ ଉପହାର ବୋଲି ? ନା ବୁଝି ପାରୁଥିଲି ମୋ' ମାଆ ହାତର ଗୋବରଲି ପାଖଳାରେ ଏତେ କମନୀୟ ଝୋଟି ମୋ'ର ସବୁତକ କବିତାକୁ ଦିନେ ମାତ୍ ମାରିଦେବ ବୋଲି ? ଏବେ ଭାବୁଛି ଜୀବନ ଓ ଜୀବିକାର ସଂଘର୍ଷ ଭିତରେ କେତେ ସ୍ୱାଭାବିକ ଥିଲେ ସେମାନେ ? କେତେ ସରଳ ଥିଲେ ସେମାନେ ? ଏ ସରଳତା ଏବେ କେଉଁଠି ହଜି ଯାଇନିତ !

ମାଣ୍ଡିଆଖେତର ହସ

ଗୋପୀନାଥ ମହାନ୍ତିଙ୍କ ଭାଷାରେ 'ମାଟି ମଣିଷର ନୁହେଁ, ମଣିଷ ମାଟିର । ମଣିଷର ମୁଠା ଭିତରେ ଥାଇ ମାଟି ହସୁଥାଏ, ଅପେକ୍ଷା କରିଥାଏ ମଣିଷ କେତେବେଳେ ଝଡ଼ିବ, ମାଟିରବଳ ବଢିବ, ଖତ, ମଟାଳ, ଦୋରସା । ପୁଣି ସେଥିରେ ଅନର୍ଯାପ ଘାସ ବଢିବ, ମାଣ୍ଡିଆ ବଢିବ, ପୁଣି ଝଡ଼ିବ, ପଡ଼ିବ, ପଚିପଚି ମିଶୁଥିବ, ଯୁଗଯୁଗ ଯାକେ ।'

ତାଙ୍କ 'ପରଜା' ଉପନ୍ୟାସରେ ମାଣ୍ଡିଆ ଶବ୍ଦ ଲେଖି ଯଥାର୍ଥରେ ପରଜା ସଂସ୍କୃତି ଓ ଜନଜୀବନ ସହିତ ମାଣ୍ଡିଆକେତେ ଜଡ଼ିତ ତା'ର ପ୍ରମାଣ ଦେଇଛନ୍ତି । ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଋଷି କଣ୍ୱ ଶକୁନ୍ତଳାଙ୍କୁ ବିଦାୟଦେବା ସମୟରେ ମାଣ୍ଡିଆ ଢାଳିବାକଥା ଲେଖାରହିଛି । ଏବେ ମାଣ୍ଡିଆର ନାଁ ହେଇଯାଇଛି ମିଲେଟ୍ । ଝରିଆଡ଼େ ସେହି ମାଣ୍ଡିଆ ବା ମିଲେଟ ମିସନର ଚର୍ଚ୍ଚା । ମୋ' ପିଲାବେଳେ ଏ'କଥା ଶୁଣିନଥିଲି । ହଁ, ମିଲେଟ୍ କୁଆଡ଼େ ଜନଜାତିର ଜୀବନଗାଥା, ସେଇମାନଙ୍କ ଖାଦ୍ୟ ଓ ରିଚୁଆଲ-ସବୁକିଛି । ଏ କଥା ଶୁଣି କାହାକୁ କହିବି, ଯେ ଆମ ଉପକୂଳ ଅଞ୍ଚଳରେ ବି ଖୁବ୍ ମାଣ୍ଡିଆ ଚାଷ ହୁଏ । ମାଣ୍ଡିଆଖେତ ବି ହସେ, ସେମାନଙ୍କ କୁରେଇଫୁଲର ହସପରି ।

ମନେପଡ଼େ, ମୋର ସେଇ ପିଲାବେଳର କଥା । ଆମ ଗାଁ ଉପକୂଳ ଓଡ଼ିଶାର କାକଟପୁର-ଅଷ୍ଟରଙ୍ଗପାଖ ନଇକୂଳିଆ ଗାଁ । ଆମ ଅଞ୍ଚଳରେ ମାଣ୍ଡିଆ, (ଯାହା ଏବେ ମିଲେଟ୍‌ରେ ରୂପାନ୍ତର) ଯଅ, ରାଶି, ଫେଶୀ, ସୁଆଁ, ଚିନା (ଏକପ୍ରକାର ଧଳାରଙ୍ଗର ଶସ୍ୟ) ଏସବୁ ପ୍ରଚୁର ଋଷ ହେଉଥିଲା । ଆମର ବି ହେଉଥିଲା । ମାଣ୍ଡିଆକୁନେଇ ମୋର ଏକ ମିଠା ଅନୁଭବ ରହିଛି । ମାଣ୍ଡିଆ ଯେତେବେଳେ ପାଚିଯାଏ, ତା ଅଗରୁ ଦା'ରେ କାଟିଦିଆଯାଏ ଓ ପାଖରେଥିବା ବଡ଼ବେତାରେ ବୋଝେଇକରିଦିଆଯାଏ । ଆଉ ଏହି କାର୍ଯ୍ୟ ବିଶେଷକରି କେଉଁମାନେ କରନ୍ତି ଜାଣନ୍ତି ? ଅବଶ୍ୟ ମୁଁ କେବଳ ଆମ ଗାଁ କଥା ହିଁ କହୁଛି । ଆଗରୁ ମାଣ୍ଡିଆ କାଟିବାପାଇଁ ଆମ ଗାଁ ଗଉଡୁଣୀମାନେ ଆସନ୍ତି । କାରଣ ? କାରଣ ସେମାନେ ଖେତର ମାଲିକଙ୍କୁ ମାଣ୍ଡିଆ କଟାଇବାରେ ସାହାଯ୍ୟ କରିବା ପରିବର୍ତ୍ତନରେ ମାଣ୍ଡିଆ ଖାଡ଼ିଗୁଡ଼ିକ ସେମାନଙ୍କର ମଇଁଷିମାନଙ୍କୁ ଖାଇବାକୁ ଦେବାପାଇଁ ବିଡ଼ାବାନ୍ଧି ନିଅନ୍ତି । ଉଭୟେ ଖୁସ୍ । ହଁ, ମୁଁ ବି ଏଥିରେ ଭାରି ଖୁସି ଥାଏ । କାରଣ ମୁଁ ଗାଁରେ ଥିବାବେଳେ ହିଁ ଏସବୁ ଘଟଣା ଘଟିଥାଏ । ମୋ' ଭିତରେ ପ୍ରବଳ ଉତ୍ସୁକତା ଥାଏ, ମାଣ୍ଡିଆକିଆରିରେ ପଶି ସେମାନଙ୍କ ସହ ମାଣ୍ଡିଆ କାଟିବାକୁ । କେବେ କେମିତି ଟିକିଏ ହାତ କଟି ରକ୍ତ ବି ବାହାରିଯାଏ । ମୁଁ କାହାକୁ କହେନି । ସତ କହିବାକୁ ଗଲେ, ସେ ମାଣ୍ଡିଆ କିଆରିରେ ଗଉଡୁଣୀମାନଙ୍କସହ ମାଣ୍ଡିଆ କାଟୁଥିବାବେଳେ ମନଟାରେ କାହିଁ କେତେ ପର ଲାଗିଯାଏ କେଜାଣି ! ଉଚ୍ଚାଟିଆ ଲାଗେ, ନୀଳ ଆକାଶରେ ପହଁରି ଯାଏ । ଖୁବ୍ ସାନ ଥିଲେ ବି, କେହି ଜଣେ ସାଥୀ ଆସି ମନତଳେ ବସା ବାନ୍ଧିଦିଏ... ଭାରି ମଜା ଲାଗେ ।

କିନ୍ତୁ ମାଣ୍ଡିଆକୁ ନେଇ ଆଉ ଏକ ନିରାଟ ସତକଥାଟିଏ କହିବି । ସେତେବେଳେ ମୁଁ ଏବଂ ଆମ ଆଖପାଖର ମଣିଷମାନେ ମାଣ୍ଡିଆକୁ ଭାରି ନିମ୍ନଦୃଷ୍ଟିରେ ଦେଖୁଥିଲୁ । କାରଣ ସେତେବେଳେ ଖେତରେ ଧାନ ଏତେ ବେଶୀ ଅମଳ ହେଉନଥିଲା । ଆଜିକାଲି ସେଇ ଜମିରେ ଯେତିକି ଧାନ ଫଳୁଛି, ସେତେବେଳେ ସେହି ଜମିରେ ତା'ର ଅଧା ମଧ୍ୟ

ଫଳୁ ନ ଥିଲା । ଏବେକାର ବୈଜ୍ଞାନିକପଦ୍ଧତି ଓ ଉନ୍ନତମାନର ବିହନ ଅବଶ୍ୟ ସେତେବେଳେ ନଥିଲା । ପୁଣି ବଢି, ମରୁଡ଼ିର କଥା ବି ଥିଲା । କେନାଲପାଣିର ବ୍ୟବସ୍ଥା ତ ସ୍ୱପ୍ନ ଥିଲା । ଏ ସବୁକୁ ଆଖିରେ ରଖି ଆର ସନ ପାଇଁ ବିହନ ସାଇତିବାପରେ ଯେତିକି ଧାନ ବଞ୍ଚୁଥିଲା, ସେଥିରେ ଖୁଦମିଶା ମାଣ୍ଡିଆଜାଉ ମିଶାଇ ଲୋକମାନେ ଖାଉଥିଲେ । ମଜାକଥା, ଘରର ପୁରୁଷମାନଙ୍କୁ ଯଥାସାଧ୍ୟ ଭାତ ଦିଆଯାଉଥିଲା, ନିହାତି ଆବଶ୍ୟକ ପଡ଼ିଲେ ଜାଉ ଦିଆଯିବ, ନ ହେଲେ ସେମାନେ ହାଡ଼ଭଙ୍ଗୀ ପରିଶ୍ରମ କରିବେ କେମିତି ?

ବିଶେଷକରି ମହିଳାମାନେ ମୁଠାଏ ଭାତ ପକାଇ, ମାଣ୍ଡିଆଜାଉ ନିଶ୍ଚୟ ଖାଉଥିଲେ । ଅନ୍ୟ କେତେକଘରେ କେବଳଖୁଦ ମୁଠାଏ ପକାଇ ମାଣ୍ଡିଆଜାଉ ପ୍ରସ୍ତୁତ ହେଉଥିଲା । ସେଇଥିରେ ସେମାନେ ଜୀବନ କାଟୁଥିଲେ । ଅଳ୍ପକିଛି ଲୋକଙ୍କ ଘରେ ଜାଉ ହେଉନଥିଲା । ସେମାନଙ୍କର ଗର୍ବ କହିଲେ ନ ସରେ । କାରଣ ସେମାନଙ୍କୁ ସମାଜରେ ଧନୀକଶ୍ରେଣୀର ବ୍ୟକ୍ତି ବା ପରିବାରଭାବେ ବିବେଚନା କରାଯାଉଥିଲା ।

ମୁଁ କିନ୍ତୁ ଯେତିକି ଦିନ ଗାଁରେ ରହୁଥିଲି, ଆମର ଧାନ ବର୍ଷକ ଯାଉନଥିବାରୁ ଅନେକ ସମୟରେ ମାଆସହ ମିଶି ଗୋଟିଏ ପିତ୍ତଳକଂସାରେ ସାଙ୍ଗହୋଇ ମାଣ୍ଡିଆଜାଉ ଖାଉଥିଲୁ । ବିଭିନ୍ନଶାଗର ମିଶ୍ରଣରେ ଘୋଟାଘୋଟି ଚୁନାପକାଶାଗ ସାଙ୍ଗରେ ଅଳ୍ପଭାତ ମିଶା ମାଣ୍ଡିଆଜାଉ ଭାରି ଭଲଲାଗେ । ବେଳେବେଳେ ସେଥିରେ ଟିକେ ଦହି ପକେଇ ଖାଇଲେ ଆଉ ଟିକେ ସ୍ୱାଦିଷ୍ଟ ଲାଗେ । ପୋଡ଼ାମାଛର ଚଟଣୀରେ ତ ବହୁତ ମଜାଲାଗେ ।

ସେଦିନର ମାଣ୍ଡିଆଜାଉ, ଆଉ ଆଜି ସ୍ୱାସ୍ଥ୍ୟ ସଚେତନ- ତା'ପାଇଁ ଅଦା, ତେଜପତ୍ର ଓ ଅଳ୍ପଗୁଡ଼ଦେଇ ମାଣ୍ଡିଆ-ପ୍ରସ୍ତୁତି ସତରେ ପୂରା ଅଲଗା । ଏ ମାଣ୍ଡିଆ ଖାଇଲେ କୁହାଯାଉଛି ଅବଶ୍ୟ ସ୍ୱାସ୍ଥ୍ୟପାଇଁ ଭାରି ହିତକର, କିନ୍ତୁ କହିଲେ- ଖୁବ୍ ଜଲଦି ଏହା ହଜମ ହୋଇଯାଏନି ? ଅବଶ୍ୟ ଖାଲି ମାଣ୍ଡିଆ ନୁହେଁ, ଏବେ ସବୁକଥା ଏମିତି । ପ୍ରେମ ବି ।

ଆମ ଦେଶ ଭାରତବର୍ଷରେ ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଡ଼ିଏଟି ଦେଶର ପ୍ରତିନିଧି ଯୋଗଦେଇଥିଲେ । ମାଣ୍ଡିଆ (ମିଲେଟ୍)ର କେକ୍ କଟାଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଝରିଆଡ଼େ ମାଣ୍ଡିଆକୁ ନେଇ ଭୂରି ଭୂରି ପ୍ରଶଂସା । ମାଣ୍ଡିଆସହ ଭାରତୀୟ ମଣିଷଙ୍କ ପରିଚୟ ପାଖାପାଖି ଖ୍ରୀଷ୍ଟପୂର୍ବ ୪୫୦୦ ରୁ ବା ତା'ଠାରୁ ଅଧିକ ୬୫୦୦ ବର୍ଷର ପୁରୁଣା ସମ୍ପର୍କ । ମାଣ୍ଡିଆ ଆଉ ଏବେ ଗରିବ ପରିବାରର ନିଅଣ୍ଟିଆ ଖାଦ୍ୟ ନୁହେଁ, ବରଂ ଆଭିଜାତ୍ୟସଂପନ୍ନ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟକୁ ନିରାପତ୍ତା ଦେଉଥିବା ଏକ ହାଇଜେନିକ ଖାଦ୍ୟ । ଏହା ଏପରି ଭାବରେ ଜନମାନସରେ ଜାଗ୍ରତ ହୋଇ ଉଠିଲା ଯେ, ଏହାପାଇଁ ଓଡ଼ିଶାରେ ଏକ ସ୍ୱତନ୍ତ୍ର

ଦିବସ ତିଆରି ହୋଇଗଲା - 'ମାଣ୍ଡିଆ ଦିବସ' । ନଭେମ୍ବରମାସ ୧୦ ତାରିଖ ଦିନଟିକୁ **ମାଣ୍ଡିଆ ଦିବସ** ଭାବରେ ପାଳନ କରାଗଲା ।

ତେବେ ମାଣ୍ଡିଆ ବା ମିଲେଟ ପାଇଁ ଆମେ ଓ ଆମ ଦେଶ ଏବେ ଗର୍ବିତ । ମାଣ୍ଡିଆ ଆମ ଜନଜାତିଙ୍କର କେବଳ ନୁହେଁ, ଉପକୂଳବାସୀଙ୍କର ମଧ୍ୟ ଜୀବନଚର୍ଯ୍ୟାରେ ଅନ୍ତର୍ଭୁକ୍ତ । ମିଲେଟକୁନେଇ ଆମେ ଯେତେ ଗର୍ବକରିବା, ସେତେ ଆମେ ମୌଳିକତାକୁ ହିଁ ଆଦର କରୁଥିବା । ଭଲ କଥା । ମାତ୍ର ଆଭିଜାତ୍ୟର ପରଦାତଳେ ଥାଇ ମଧ୍ୟ ଏବେ ବି ମୋ' ମାଆ ସହମିଶି ଗୋଟିଏ କଂସାରେ ମାଣ୍ଡିଆଜାଉ ଖାଇବାର ସ୍ମୃତି ମତେ ଭିଜେଇ ରଖେ । ମନଝୁରେ ।

ଆ' ରେ ମେଘ ଛୁଇଁ ଫେରିଆ

ପିଲାଦିନ ପହିଲିରଜର କଥା । ତଳେ ତୃଷିତମାଟିର ଉତ୍ତପ୍ତ ଅଭିସାର । ଉପରେ ମଉନ ଆଷାଢ଼ର ଶୀତଳ ଅଭିମାନ । ମଝିରେ ମାଟିରୁ ଆକାଶପାଇଁ ଆମନ୍ତ୍ରଣର ଚିଟାଉ । ଚିଟାଉ ନେଇ ଯାଉଥିବା ମନଦୋଳିରେ ଅନୂଢ଼ା କିଶୋରୀ । ପହିଲି ବରଷାର ପହିଲି ଛୁଆଁ । ପଲ୍ଲୀବାଳାର ପାପୁଲିରେ ଓଦାମାଟିର କାଉଁରୀବାସ୍ନା । ମେଘକୁ ଆକାଶରୁ ଓହ୍ଲେଇ ଆଣିବାର ଇଚ୍ଛା । ମନଦୋଳିରେ ଉଡ଼ି ମେଘକୁ ତୋଳି ଆଣିବାର ଇଚ୍ଛା । ଆକାଶଛୁଆଁ ମନ । ମାଟିରେ ପାଦ । ଆକାଶ ଆଉ ମାଟିକୁ ଏକାକାର କରିଦେବାର ଇଚ୍ଛା । ଗ୍ରୀଷ୍ମର ଅସହ୍ୟତାତିରେ ମେଘର କଅଁଳଛୁଆଁକୁ ଧରିତ୍ରୀଛାତିରେ ଆଙ୍କିଦେବାର ଇଚ୍ଛା । ଛୋଟ ହୃଦୟ । ଇଚ୍ଛା ବିଶାଳ । ଏଇ ଇଚ୍ଛାର ମୋହରେ ସତସତିକା ମାଟିକୁ ଓହ୍ଲେଇଆସେ ମେଘ । ଝରଝର ବରଷିଯାଏ ।

ଜ୍ୟେଷ୍ଠମାସ ଶେଷ, ଆଷାଢମାସର ଆରମ୍ଭବେଳର କଥା । ଏକ ସନ୍ଧିକାଳ । ସେହିବେଳେ ଆକାଶ ତାର ମୁହଁ ଦେଖେ ମାଟିର ଦର୍ପଣରେ । ଭୂମି ସହ ଭୂମାର ମିଳନର ବେଳା । ତୃଷାର୍ତ୍ତ ମାଟି ଝଲହେଁ ଆଷାଢର ଆଶ୍ଳେଷ । ଧରିତ୍ରୀମାଟିର ନିଜକୁ ପୁଷ୍ପବତୀ, ଫଳବତୀ କରିବାର ଇଚ୍ଛା । ଏହି ବେଳେ ମିଳନ ହୁଏ ମାଟିସହ ମେଘର । ଆଉ ଆମଗାଁ ଚଉତରା ପାଖରେଥିବା ଚାକୁଣ୍ଡାଦୋଳିରେ ଝୁଲୁଥିବାବେଳେ ମୋ ମନ ନାଚିନାଚି ମେଘରେ ମିଶିଯାଉଥାଏ । ଗାଉଥାଏ- ଯା'ରେ ମନ ଦୋଳି ଉଡ଼ି ଯାଆ ... ଆ'ରେ ମେଘ ଛୁଇଁ ଫେରିଆ ... ।

ଠିକ୍ ଏଇବେଳେ ମନେପଡ଼ିଯାଏ- ପିଲାବେଳର ଆମଗାଁ ରଜକଥା । ଆମଘର ଡ଼ାହାଣପଟ ଚଉତରାପାଖେ ଅଛି ବଡ଼ ଝକୁଣ୍ଡାଗଛଟିଏ । ସେଇଗଛରେ ଆମର ଦୋଳି ବନ୍ଧାଯାଏ । ଆଗରୁ କହିଛି, ମୁଁ ବାହାରେ ପାଠପଢୁଥିବା ଦୃଷ୍ଟିରୁ ଏହିଭଳି ପର୍ବମାନଙ୍କରେ ହିଁ ମୁଁ ଗାଁକୁ ଯାଏ । ଗାଁକୁ ଯିବାକୁ ସବୁବେଳେ ମନ ଉଚ୍ଛନ୍ନ ହେଉଥାଏ । କାରଣ ଗାଁରେ ମୋ ମାଆ ଥାଏ । ରଜ ପୂର୍ବଦିନର ପୋଡ଼ପିଠା ସରଞ୍ଜାମ ମା' ଯେଉଁଭଳି ଭାବେ

ସଜାଡୁଥାଏ, ପିଠାପାଇଁ ସୋଦୁଅ ଯନ୍ତୁ ଥାଏ, ଆଉ ସେ ଯନ୍ତା ସୋଦୁଅରୁ କିଛି ଆଙ୍ଗୁଠିରେ ଚିମୁଟି ଆଣି ମୁଁ ପାଟିରେ ମାରିଦେଉଥିବାବେଳେ ମା' ଠାରୁ ଶୁଣୁଥିବା ଗାଳି ସତରେ କେତେମିଠା – ମନେପଡ଼େ । ମା' ରାତିସାରା ଅନିଦ୍ରା ହୋଇ ଘଷିନିଆଁରେ ନଡ଼ିଆପାତି, ଉଆ-ପଖିଆ ଝଉଳଚୁନା ଓ ଗୁଡ଼ ମିଶ୍ରଣରେ ଏହି ସୋଦୁଅକୁ ଉଭୟପଟରେ କଦଳୀପତ୍ରଦେଇ ଘଷିନିଆଁ ଉପରେ ରଖିଦିଏ, ପିଠା ସିଝିବା ପର୍ଯ୍ୟନ୍ତ ସେମିତି ଅନେଇ ବସିଥାଏ । ସେହି ଭିତରେ ରାତି ପାହିଆସେ । କାଉମାନଙ୍କର କା' ରେ ଗାଁ ଲୋକେ ଚଳଚଞ୍ଚଳ ହୋଇ ଉଠନ୍ତି । ଆମର ଦୁଇଟି ଦୁହାଳିଆଗାଈଙ୍କର କ୍ଷୀର ଘଷିନିଆଁରେ ସିଝୁଥାଏ । ସକାଳକୁ ତାର ରଙ୍ଗ ଆଉ ଧଳା ହୋଇନଥାଏ, ହଳଦିଆ ହୋଇଯାଇଥାଏ । ସେଇ କ୍ଷୀରରେ ପୋଡ଼ପିଠା ଖଣ୍ଡକୁ ବୁଡ଼େଇ ଖାଇବାର ସ୍ମୃତି ହୁଏତ ଜୁଇକୁ ଯିବା ଯାଏ ଭୁଲି ହେବନି । ଠିକ୍ ମୋ ମା' ପ୍ରସ୍ତୁତ କରୁଥିବା ପିଠା ପରି ପ୍ରଭୁ ଜଗନ୍ନାଥଙ୍କ ମାଉସୀ ମା' (ଅର୍ଦ୍ଧାସନୀ ଦେବୀ) ମଧ୍ୟ ତାଙ୍କ ରଥ ଲେଉଟାଣିବେଳରେ ଏହିପରି ପୋଡ଼ପିଠା ଖୁଆଇ ଦିଅନ୍ତି । ମୁଁ ଭାବେ ସେଇଥିପାଇଁ କ'ଣ ମୋ ମା' ହାତପୋଡ଼ପିଠା ଏତେ ସୁଆଦିଆ ଲାଗେ ! ଏପଟେ ସହରରେ ଆଉ ଏକ ପ୍ରକାରର ପୋଡ଼ପିଠା ହୁଏ । ବିରି, ଅରୁଆଝଉଳ ସୋଦୁଅରେ ଲୁଣ ଦେଇ ପୋଡ଼ପିଠା ଓଭନ୍, ରାଇସକୁକର, ପ୍ରେସରକୁକର ଏମିତି କେତେ ପ୍ରକାର ସରଞ୍ଜାମରେ ପୋଡ଼ପିଠା ତିଆରି ହୁଏ । କିନ୍ତୁ ଜଗନ୍ନାଥ ଖାଉଥିବା ପୋଡ଼ପିଠା ଓ ମୋ ମା' ହାତତିଆରି ପୋଡ଼ପିଠା କାହିଁକି କେଜାଣି ପୃଥିବୀର ସବୁଠୁ ସୁଆଦିଆ ଲାଗେ ।

ଅନ୍ୟ ଏକ ସ୍ମୃତି ବେଳେବେଳେ ମୋ ମାନସପଟରେ ଉଙ୍କିମାରେ । ରଜମହୋତ୍ସବରେ ରାଜ୍ୟସଂଗ୍ରହାଳୟର ଉଦ୍ୟାନରେ ଯେତେବେଳେ ଦୋଳିଗୁଡ଼ିକ ଆକାଶକୁ ଛୁଇଁଯାଉଥାଏ ମୋର ବି ମନେପଡ଼ିଯାଉଥାଏ ଦଳଦଳହୋଇ ଅନୁଢ଼ା କିଶୋରୀମାନେ କୁଣିଆଁଘରକୁ ବୁଲିଯିବାର ପରମ୍ପରା । ନୂଆଶାଢୀ ବା ପୋଷାକ, ପାଦରେ ଅଳତା, ମଥାରେ ଟିପିଟିପି ଚନ୍ଦନା ପିନ୍ଧି ବୁଲିଯିବାର ମଜା ନିଆରା । ଏହି ଦଳରେ ମୁଁ ବି କେବେକେବେ ସାମିଲ୍ ହୋଇଛି । ହଁ, ଆଉଗୋଟେ ମଜାକଥା-ଅନୁଢ଼ା ଝିଅମାନେ ପାଦରେ କଦଳୀପାଟୁଙ୍ଗା ପିନ୍ଧିଥାନ୍ତି । ମାଟିରେ ପାଦ ଲାଗିବ ନାହିଁ, ବସୁମତୀକୁ କଷ୍ଟ ନ ହେବାପାଇଁ ।

ଆମ ଗାଁ ଠାରୁ ପାଞ୍ଚ କିଲୋମିଟର ଦୂରରେ ଥିବା ଗାଁ – ନମାଳ । ରାସ୍ତା କହିଲେ କାଦୁଅ ପଚପଚ । କିଛି ବିଲ ଓ ହିଡ଼କୁ ଅତିକ୍ରମ କରି ଯିବାକୁ ଥାଏ । ସେହିଥିରେ ବି ମୋ ମନରେ କେତେ ଆନନ୍ଦ । କାରଣ ସେ ଗାଁରେ ଥିଲା ଆମ ଗାଁର ନୂଆକରି ବାହା ହୋଇଥିବା ଶୋଭାଅପାର ଶାଶୁଘର । ବହୁକଷ୍ଟରେ ତାଙ୍କ ଗାଁରେ ପହଞ୍ଚିଲୁ । ପହଞ୍ଚିବାପରେ ସେମାନଙ୍କ ପରିବାରର ଅତିଥିଚର୍ଚ୍ଚା ଏବେ ବି ମୋର ମନକୁ ଆନ୍ଦୋଳିତ କରେ ।

ସାଙ୍ଗେସାଙ୍ଗେ ଦୁଇ-ଚରି ଜଣ ଲୋକ ନଡ଼ିଆ କୋରିପକାଇଲେ, କେହି ଚୁଡ଼ା ବତୁରାଇଦେଲେ, କେହି କାଗଜ ପୁଟୁଳିରେ ବନ୍ଧା ହୋଇ ରଖାଯାଇଥିବା ଚିନି ଖୋଲିପକାଇଲେ ଏବଂ ପିତ୍ତଳ ତସଲାରେ ଚୁଡ଼ା, ଚିନି ଓ ନଡ଼ିଆକୁ ଗୋଳେଇପକାଇଲେ; ଆମେ ଯେତେଜଣ ଯାଇଥିଲୁ ସମସ୍ତଙ୍କୁ ଗୋଟିଏ ଗୋଟିଏ ପିତ୍ତଳ ଡାଟିଆରେ ପରଶି ଦେଲେ । ପାଣିଗିଲାସ ପ୍ରତ୍ୟେକଙ୍କ ଆଗରେ ରଖିଦେଲେ । ଆମେ ସମସ୍ତେ ମନଖୁସିରେ ଖାଇଲୁ । ଭାରି ଭଲ ଲାଗୁଥିଲା । ଖାଇବା ଶେଷରେ ପାନ ଖଣ୍ଡେଖଣ୍ଡେ ଦେଲେ । ରଜପାନ । ପାନ ଖାଇ ଆମେ ଗାଁକୁ ଫେରି ଆସିଲୁ ।

ଏହି ଅନୁଭବ ଅନ୍ୟପାଇଁ ଏତେ ସୁଖକର ହୋଇନପାରେ, କିନ୍ତୁ କାହିଁକି କେଜାଣି ପ୍ରତିବର୍ଷ ରଜ ଆସିଲେ ମୋ' ହୃଦୟତନ୍ତ୍ରୀରେ କିଏ ଯେମିତି ହାତ ମାରିଦିଏ । ଆପେଆପେ ବୀଣା ବାଜି ଉଠେ । କେହିକେହି ଅଭିଯୋଗ କରନ୍ତି ଗାଁର ସେ ରଜ ପରମ୍ପରା ଆଉ ନାହିଁ, କି ସହରର ରଜରେ ସେ ଆନ୍ତରିକତା ବି ନାହିଁ । କିନ୍ତୁ ରଜ ଆମ ଓଡ଼ିଆଜାତିର ଏକ ଅସ୍ମିତାର ପରିଚୟ । ତାହା ଯେଉଁଠିହେଲେ ବି, ଯେମିତିହେଲେ ବି ତା'ର ବାସ୍ନା ଆମକୁ ବିଭୋର କରୁଥାଏ । ଏପରିକି ଓଡ଼ିଶା ବାହାରେ ଓ ଭାରତ ବାହାରେ ମଧ୍ୟ ରଜଉତ୍ସବ ପାଳନ ହେଉଥିବା ଦେଖାଯାଉଛି ।

ମାତ୍ର ଆମ ଗାଁ ରଜଦୋଳିର ଗୀତ, ମା' ହାତତିଆରି ପୋଡ଼ପିଠା, ସାଙ୍ଗସାଥୀମାନଙ୍କ ପାନ ଦିଆନିଆ, ଗାଁ ଚଉତରାରେ ଦାଦା, ମାମୁଁଙ୍କ ତାସ୍‌ଖେଳ, ଆମ ଗାଁ ଭେଣ୍ଡିଆ ପିଲାମାନଙ୍କର ବାଗୁଡ଼ିଖେଳ, କୁନିକୁନି ଝିଅମାନଙ୍କର ପୁଚିଖେଳ –ତା' ସାଙ୍ଗକୁ ପାଳିତ ହେଉଥିବା ରଜ ପରମ୍ପରାର ପହିଲିରଜ, ରଜସଂକ୍ରାନ୍ତି, ଭୂଇଁନଅଣ ଏବଂ ଶେଷରେ ବସୁମତୀ ସ୍ନାନ, ଏ ସବୁ ଆଜି ଛବିଟି ପରି ମନରେ ଆଙ୍କି ହୋଇଯାଏ- ପ୍ରତିଥର ରଜ ଆସିଲେ ।

ଆମ ଗାଁ ରୂପାଜହ୍ନ

କୁଆଁରପୁନେଇଁ ଆସିଲେ ମନେପଡ଼େ ଆମ ଗାଁ ରୂପାଜହ୍ନ । ନଡ଼ିଆ ବାହୁଙ୍ଗା ଫାଙ୍କରେ କେମିତି ଲୁଚକାଳି ଖେଳୁଥାଏ । ଦାଣ୍ଡରେ କୁଆଁରପୁନେଇଁ ଗୀତ । ଗାଁର ଅନୁଢ଼ା କିଶୋରୀମାନେ ହାତରେ ହାତଛନ୍ଦି ଏଇଗୀତ ରୂପାଜହ୍ନର ଆଲୁଅରେ ଗାଉଥିଲାବେଳେ ଭାବେ କିଏ ଦେଇଛି ପବନରେ ଏତେ ଶିହରଣ ? ଜହ୍ନରେ ଏତେ ମାୟା ? ଏତେ ଶୀତଳତା ? କଇଁ ଫୁଲରେ ଏତେ ଅନ୍ୟମନସ୍କତା ? ଆକାଶକୁ କିଏ ପିନ୍ଧେଇଛି ଧଳାବଉଦର ମାଳା, ପୁଣି କିଏ କରିଛି ପୃଥିବୀକୁ ଏତେ ସୁନ୍ଦର ? ମନୁଷ୍ୟ ? ପୁଣି ଭାବେ, କାହିଁକି ଏ ଜହ୍ନଆଲୁଅ ଭରି ଦେଇଛି ମନରେ ଏତେ ଆବେଗ, ଏତେ ସମ୍ମୋହନ, ଏତେ ଆୟୋଜନ ? କାହାକୁ ଅପେକ୍ଷା କରିଛି ଏ ମନ, କିଏ ସେ ?

ଭାବୁ ଭାବୁ ଖେଳ ସରିଯାଏ, ଜହ୍ନ ଲୁଚିଯାଏ, ସମୟ ବିତିଯାଏ । ସେଇ କୁଆଁର ପୁନେଇଁ ଜହ୍ନକୁ ପୁଣି ଭେଟେ । ମାତ୍ର ସେତେବେଳେ ଅପେକ୍ଷା କରିଥିବା ସେହି ମଣିଷଟି ଆସିଯାଇଥାଏ । କିନ୍ତୁ ମନ ଭିତରେ ଥିବା ସେ ଉନ୍ମାଦନା, ଆବେଗ, ପୁଲକ କାହିଁକି କେଜାଣି କେଉଁଠି ଚୋରି ହୋଇଯାଇଥାଏ । ଅନ୍ୟ ଏକ ପାହାଚକୁ ପୁଣି ଅତିକ୍ରମ କରିବାକୁ ପଡ଼େ । ନା କୈଶୋର, ନା ଯୌବନ ନା । ହଁ ଯୌବନର ଅପରାହ୍ନ ନିଶ୍ଚୟ । ଏମିତି ଏକ ଅବସ୍ଥା ଯେଉଁଠି ଜହ୍ନର ଶିହରଣକୁ ବିଲକୁଲ୍ ଅନୁଭବ କରି ହୁଏନି । ବରଂ, ଜହ୍ନରେ କେତେ ମାଟି ଅଛି, କେତେ ବିଷ ଅଛି, କେତେ ପାଣି ଅଛି, କେତେ ପବନ ଅଛି -ଏସବୁ ଆଲୋଚନା କରିବାର ଆସର ବସେ । ସେ ଆସରରେ ଏମିତି ବି ଚର୍ଚ୍ଚା ହୁଏ, ଯେ ଜହ୍ନର କାଳେ ନିଜର ଆଲୋକ ନଥାଏ । ସେ ସୂର୍ଯ୍ୟର ଆଲୋକରେ ଆଲୋକିତ ହେଉଥାଏ । ତଥାପି ଏତେ ସୁନ୍ଦର !

କିନ୍ତୁ କୁଆଁର ପୁନେଇଁ ଦିନ ମୋ ମାଆ କହେ, ଯେତେ ବଡ଼ି ଭୋରରୁ ଗାଧୋଇ ପାଧୋଇ ଖଇ ଆଞ୍ଜୁଳି ଦେବ ସେତେ ଭଲ ବର ମିଳିବ । ମୁଁ ବି ଠିକ୍ ସେମିତି କରୁଥିଲି । ପୂର୍ବଦିନ କୁଲାରେ ସଜେଇ ଦେଉଥିଲି ଦେଶୀ ଖଜୁରୀକୋଳି ପେଟ୍ଟା, କଷି ଜହ୍ନି, କଷି କାକୁଡ଼ି, ଧାନଛଡ଼ା ଲିଆ, କଦଳୀ, ଦୁବ, ବରକୋଳିପତ୍ର । ଏହିସବୁ କାର୍ଯ୍ୟ କୁଆଁର ପୁନେଇଁ ପୂର୍ବଦିନ ସଞ୍ଜରେ ସଜା ହୋଇଥାଏ । ଠିକ୍ ତା'ପୂର୍ବରୁ ଦୁର୍ଗତିନାଶିନୀ ଦୁର୍ଗାଙ୍କର ପୂଜା ସରିଥାଏ । ପୋଖରୀତୁଠରେ କାଶତଣ୍ଡିର ମିଳନ ମଉଳିମଉଳି ଆସୁଥାଏ । ମା' ଲକ୍ଷ୍ମୀ ଆସିବାର ଶୁଭସଙ୍କେତ ସକଳ ଜୀବଜଗତରେ ମଧୁର ଆଶ୍ଳେଷ ଭରି ଦେଉଥାଏ । ଗାଁ ଠୁ ସହର ଯାଏ ଭରି ରହିଥାଏ କେତେ ଆନନ୍ଦ ଉଲ୍ଲାସ । ଆଶ୍ୱିନମାସ । ଟିକେ ଟିକେ ଥଣ୍ଡା ପଡ଼ି ଆସୁଥାଏ । ସକାଳୁ ଉଠିବାକୁ ଇଚ୍ଛା ହେଉ ନଥାଏ । ବଡ଼ି ସକାଳୁ ନ ଉଠିଲେ ମନରେ ଭୟ ଥାଏ, କାଳେ ବୁଢା ବର ମିଳିଯିବ । କାରଣ ଲିଆକୁଲାରେ ସଜାହୋଇଥାଏ ସେହି କଷି ଜହ୍ନି, କଷି କାକୁଡ଼ି, ସବୁକିଛି କଷିର ପ୍ରତୀକ । ତେଣୁ ଉଦୀୟମାନ ସୌମ୍ୟ ଯୁବକର ଆଶାରେ ଅନୁଢ଼ା ଯୁବତୀମାନଙ୍କର ଖଇ ଆଞ୍ଜୁଳା ଟେକା ଅଭିସାର ।

ମନରେ ଡ଼ର ଥିବାରୁ ମା'ର ଗୋଟିଏ ଡ଼ାକରେ ଉଠିଯାଏ । ହାଲ୍‌କା ହାଲ୍‌କା ଶୀତରେ ସକାଳୁ ମୁଣ୍ଡ ଧୋଇ ଗାଧୋଇବାର କଥା ଆଜି ବି ଚିଡ୍‌ଚିଡ୍ ଲାଗେ । ଗୋବରଲିପା ଅଗଣାରେ ସିନ୍ଦୁରା ଫାଟିବା ଆଗରୁ କୁଲାରେ ଥିବା ସରଞ୍ଜାମକୁ ବାଳାରୁଣଙ୍କୁ ଅର୍ପଣ କଲାବେଳେ ମନେମନେ କହୁଥାଏ ମୋତେ ବୁଢା ନୁହେଁ, ସୌମ୍ୟ ବରଟିଏ ମିଳୁ । ସକାଳ ରୂପାନ୍ତରିତ ହୁଏ ସଞ୍ଜରେ । ଜହ୍ନ ଠିକ୍ ଉଇଁ ଆସିଲାବେଳକୁ ପୂଜା କରିବାର ବିଧି । ସକାଳର ଲିଆ, କଦଳୀ, ନଡ଼ିଆ ଇତ୍ୟାଦି ଚକଟା ହୋଇ ଅଧା ଚାନ୍ଦଟିଏ ତିଆରି ହୁଏ । ମଝିରେ ଗୋଲ୍‌ବିନ୍ଦୁ । ସେହି ଚାନ୍ଦକୁ ଜହ୍ନ ଉଇଁ ଆସିଲାବେଳକୁ ଚଉରାରେ

ସଞ୍ଜବତୀ ଜଳୁଥିବାର ଦୀପଶିଖାରେ ବନ୍ଦାପନା କରାଯାଏ । ଶଙ୍ଖ, ହୁଳହୁଳି ମଧ୍ୟରେ ଚାନ୍ଦକୁ ଆଞ୍ଜୁଳିରେ ଟେକି ଦିଆଯାଏ । ମୁଁ ବି ଠିକ୍ ସେମିତି କରେ । ପୂଜା ସରିଯିବାପରେ ଶୀଘ୍ର ଶୀଘ୍ର ରାତ୍ରି ଭୋଜନ ସାରି ଗାଁର ଅନୁଢା ଯୁବତୀମାନେ ଏକତ୍ରିତ ହୋଇ କୁଆଁରପୁନେଇଁ ଗୀତ ଗାଆନ୍ତି । ହାତରେ ହାତ ଛନ୍ଧି ଗୋଲାକୃତି ବୃତ୍ତିରେ ଗୀତ ଗାଇଗାଇ ଖେଳନ୍ତି-କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଶୀ । ହଁ, ଆଉ ଗୋଟେ ମଜା କଥା ସେହି ଭିତରେ ଅଛି ଆମ ଗାଁ ପାରୁମାଇଁର ପାଳଭୂତ ବେଶ । ଏଥିରେ ସେ ଭାରି ଧୂରୀଣା ।

ଗାଁର ଅନ୍ୟ ମହିଳାମାନେ ମଧ୍ୟ ପାରୁମାଇଁ ସହିତ ସହଯୋଗ କରନ୍ତି । ସେମାନେ ପାଳଭୂତ ସାଜନ୍ତି ବା ପତ୍ତରେ ସଜ ହୋଇ ଭୂତବେଶ ଧାରଣ କରନ୍ତି । ଏହି ବେଶରେ ସେମାନେ ଗାଁରେ ଶୋଇଥିବା ବା ଶୋଇବାକୁ ଯାଉଥିବା ଲୋକମାନଙ୍କୁ ଡ଼ରାଇବାକୁ ଚେଷ୍ଟା କରନ୍ତି । ବେଶ୍ ମଜା ନିଅନ୍ତି । ପାରୁମାଇଁର ଏହି ବେଶ ଦେଖି ମୁଁ ବି ଖୁବ୍ ଡ଼ରିଯାଏ । ଗାଁରେ ଏମିତି କଟିଯାଏ ପିଲାଦିନର କୁଆଁରପୁନେଇଁ ମଜା । ଅନେକଦିନ ହେଲାଣି ଗାଁକୁ ଯାଇନି କି ଯେଉଁମାନଙ୍କ ସହିତ କୁଆଁରପୁନେଇଁ ଗୀତ ଗାଉଥିଲି, ପାରୁମାଇଁର ପାଳଭୂତ ଦେଖି ଡ଼ରିଯାଉଥିଲି ସେମାନଙ୍କୁ ଆଉ ଦେଖିବାର ସୁଯୋଗ ପାଇନି, କିନ୍ତୁ ସେମାନେ ମୋର ମନେ ଅଛନ୍ତି । ସେମାନଙ୍କ କୁଆଁରପୁନେଇଁ ଗୀତ, ପାଳଭୂତର ମଜା, ମାଆ ହାତର ପୋଡ଼ପିଠା ମୋ ସ୍ମୃତିରେ ସଦା ଉଜ୍ଜିବୀତ ।

ଏବେ ସହରରେ ବି ଦେଖୁଛି କୁମାର ପୂର୍ଣ୍ଣମୀ । ମାତ୍ର ଗାଁର ଅନୁଭବ କାହିଁ କେଉଁଠି ଦେଖୁନି ତ ! କାଁ ଭାଁ କେଉଁଠି ଦେଖିଛି କିଛି ଝଲକ । ମାତ୍ର ସବୁଠି ଦେଖାଯାଉଛି ବିରାଟ ବଡ଼ବଡ଼ ମେଢରେ ଶୋଭା ପାଉଛନ୍ତି ମା' ଲକ୍ଷ୍ମୀ । କୁଆଁରପୁନେଇଁର ମୂଳ ପରମ୍ପରା ଯେମିତି ଲୁଚିଯାଇଛି ଲକ୍ଷ୍ମୀପୂଜାର ଅନ୍ତରାଳରେ । ଆମଘର ସାମ୍ନା ନଡ଼ିଆବାହୁଙ୍ଗା ଫାଙ୍କରୁ ଉଠିଆସୁଥିବା ଜହ୍ନକୁ ମୁଁ ଏବେ ବି ମୋ ସ୍ମୃତିର ଆଇନାରେ ଦେଖୁଛି । ପବନରେ ଦୋହୋଲୁଥିବା ନଡ଼ିଆ ବାହୁଙ୍ଗାରେ ଜହ୍ନ କେତେବେଳେ ଲୁଚିଯାଉଥାଏ, ତ କେତେବେଳେ ଦିଶିଯାଉଥାଏ । ମୋ ବଗିଚାର କୃତ୍ରିମ ପୋଖରୀରେ ଅଭିମାନିନୀ ଧଳାକଇଁକୁ ବି ଦେଖୁଥାଏ । କିନ୍ତୁ ଜହ୍ନରେ ଥିବା ସେ ଦରଦ, ପ୍ରେମ, ପୁଲକ, ଆନନ୍ଦ କାହିଁକି କେଜାଣି ମୋତେ ସ୍ପନ୍ଦିତ କରେ ନାହିଁ । ପ୍ରକୃତି ପାଦରେ ନୂପୁର ପିନ୍ଧି କୁଆଁରପୁନେଇଁରେ ସେ ଜହ୍ନ ଛମ୍‌ଛମ୍ ନାଚେ ନାହିଁ । ଗାଁର ଅପରୂପା କିଶୋରୀମାନେ ଲାଗେ ଯେମିତି ସହରୀ ସଭ୍ୟତା ଭିତରେ ହଜିଯାଇଛନ୍ତି । ଚେଷ୍ଟା କରି ମଧ୍ୟ ଦେଖି ପାରେନି ସେମାନଙ୍କ ପାଦରେ ସରୁଅଳତାର ଗାର, କି ମଥାରେ ଚନ୍ଦନର ଟିପିଟିପି ଟୋପା । ତଥାପି କୁଆଁରପୁନେଇଁର ଜହ୍ନକୁ ମୁଁ ଖୋଜୁଥାଏ, ସେ ନଡ଼ିଆ ବାହୁଙ୍ଗାର ଫାଙ୍କରେ, ପ୍ରତିବର୍ଷ ।

ଅଲିଅଳିଜେମା ସେ ଯେ ଖୁଦରଙ୍କୁଣି

ଦୂର ଅତୀତର କଥା । ପିଲାଦିନର ଖୁଦୁରୁକୁଣୀ ଓଷା ପାଳିବାର କଥା । ଚକ୍‌ଚକ୍ ହୋଇ ମନେପଡିଯାଏ ସବୁକଥା, ସବୁସ୍ମୃତି । ବରଷା ରାଣୀର ପାଉଁଜିର ଗୀତରେ ଏବେ ଆଉ ତାତି ନାହିଁ । ଭୋଦୁଅର ପାଦ ଦିଶିଲାଣି । ପରିବେଶ ଚିତ୍ରମୟ । ଆକାଶରେ ଧଳାଧଳା ସଫେଦ ତୁଳାରଙ୍ଗର ମେଘ । ଦହାକି ନଈପଠାରେ ଚଅଁର ଉଡ଼େଇଲାଣି କାଶଫୁଲ । ଭୋଦୁଅ-ଅଶିଣ ମିଶିଯାଇଛି ଯେମିତି । ଶରତରତୁ । ସୌନ୍ଦର୍ଯ୍ୟର ଋତୁ । ବଢ଼ନ୍ତାନଈର ସୁଅ ନରମି ଆସିଲାଣି । ନଈ-ପୋଖରୀ ଗୋଳିଆପାଣି ପାଲଟିଯାଉଛି କାଚକେନ୍ଦୁ ପରି ତୋଫା । ପିଲାମାନଙ୍କ ତୁଣ୍ଡରେ ଖଇଫୁଟୁଛି –ଜହ୍ନିଫୁଲ ଠୋଠା, କାକୁଡିଫୁଲ ଠୋଠା; ଗୁଣ୍ଡୁଚିମୂଷା କହିଯାଇଛି ଚାଉଳ ମୁଠେ ଥୋଇଥା । ପଲ୍ଲୀକାନ୍ଥରେ ଆଙ୍କି ହୋଇଯାଉଛି ଜାତିଜାତିକା ଝୋଟି । ମୟୂର, ହାତୀ, ଘୋଡ଼ା, ଧାନସିଁଶା, ଶୁଆସାରୀ । ଝିଅମାନଙ୍କ ହାତରେ ନାନାଜାତି ଫୁଲ ଆଉ ଭୋଗର ଡାଲା । ସ୍ତୁତି କରୁଛନ୍ତି ଖୁଦୁରୁକୁଣୀକୁ । "ମା, ତୁ ଆ ! ଆମ ଭାଇମାନଙ୍କୁ ଭଲରେ ରଖ ! ସେମାନଙ୍କ ପାଦରେ ଯେପରି କଣ୍ଟା ନ ଫୁଟେ । ଦେହରେ ନ ପଡ଼େ ଆଉ କାହାର ଅଶୁଭ ଛାଇ ।"

ଇୟେ ଆମ ଗାଁ ଖୁଦୁରୁକୁଣୀଓଷାର କଥା । ପିଲାଦିନର ସ୍ମୃତି । ଓଷା ଆସିବାର ମାସକ ଆଗରୁ ମାନସିକ ପ୍ରସ୍ତୁତି । କେମିତି ମୂର୍ତ୍ତି ଆସିବ, କେମିତି ସଜା ହେବ, କେମିତି ପୂଜା ହେବ- ଏମିତି କେତେ କଥା । ଶେଷରେ ସେହି ପ୍ରତିକ୍ଷିତ ଦିନଟି ଆସେ । ଭୋଦୁଅ ମାସର ପ୍ରଥମ ରବିବାର (ଗହ୍ମାପୂର୍ଣ୍ଣମୀ ପର ରବିବାର) ପୂର୍ବଦିନ ରାତି । ମନ ଛନଛନ ଲାଗେ । ନିଦ ହୁଏନି । ଅଧରାତିରୁ ଫୁଲତୋଳିବାକୁ ଯିବାକୁ ହେବ । ପୁଣି ସବୁ ସାଙ୍ଗସାଥୀ ମେଳ ହୋଇ । ପାଖ ଗାଁ ଝିଅମାନେ ଯଦି ଆମ ଆଗରୁ ଛଲିଯିବେ, ତେବେ ଆମେ ଆଉ ଫୁଲ ପାଇବୁନି । ଏଇ ଡର ଥାଏ ମନରେ । ତେଣୁ ରାତି ପାହିବା ଖୁଉବ୍ ଆଗରୁ ନିଦ ଭାଙ୍ଗିଯାଏ । ଡକାଡକି ହୋଇ ଫୁଲତୋଳିବାକୁ ବାହାରିଯାଉ । ତାହା ପୁଣି ତୁନିତୁନି ହୋଇ । ପାଟି ଶୁଭିଗଲେ ଆର ଗାଁ ପିଲା ଉଠି ପଡ଼ିବେନି ?

ସାଙ୍ଗ ହୋଇ ଯେଉଁ ବଣକୁ ଫୁଲ ତୋଳିବାକୁ ଯାଉ ସେ ବଣର ନାଁ ବନ୍ତିଳକଣ୍ଟା । ସେହି କଣ୍ଟାରେ ଗାଁର ମୃତବ୍ୟକ୍ତିମାନଙ୍କର ସତ୍କାର କରାଯାଏ । ଠାଏଠାଏ ଅଧାଜଳା କାଠ ଓ ପାଉଁଶ ପଡ଼ିଥାଏ । ଅନ୍ଧାରିଆ ଫୁଲତୋଳିବାକୁ ସେଇ ବଣ ଭିତରକୁ ପଶିବା ବେଳକୁ ଏକ ଅଜଣା ଭୟ ମନକୁ ଘାରି ବସେ । ତଥାପି ଡରକୁ ଖାତିର ନ କରି ବଣ ଭିତରେ ପଶୁ । ସେ ବଣ ଭିତରେ ଥାଏ କେତେ ରକମର ଫୁଲ । କିଛି ସାଧାରଣ, କିଛି ବଣୁଆ ଫୁଲ ବି । ମନେପଡୁଛି, ଗୋଟେପ୍ରକାର ବଣୁଆ ଫୁଲ, ଭାରି ସୁନ୍ଦର ଦିଶେ-ନାଁ ପାଞ୍ଚ ଆଙ୍ଗୁଳିଆ । ଠିକ୍ ପାଞ୍ଚଟି ଆଙ୍ଗୁଠି ପରି ଦିଶୁଥାଏ । ରଙ୍ଗଣୀ, କନିଅର, ଟଗର-ଏସବୁ ତ କେତେଫୁଲ । ମାତ୍ର ମଝିରେ ମଝିରେ ଥିବା ଛୋଟଛୋଟ ଅଲଗା ଅଲଗା ଗାଡ଼ିଆରେ

ଫୁଟିଥିବା ନୀଳକଇଁ, ଧଳାକଇଁ ଓ ନାଲିକଇଁ କେତେକେତେ ବୋହିଆଣୁ-ତା'ର ହିସାବ ନାହିଁ । ବଣ ମଝିରେ ଫୁଲ ତୋଳୁତୋଳୁ ବୁଦାରୁ ଆଙ୍କୁ କୋଳି ଓ ପାଚିଲା ବଇଲୁଆ କୋଳି ତୋଳିଆଣୁ ।

ଫୁଲ ଆଣି ଗାଁ ମୁଣ୍ଡରେ ଥିବା ଗ୍ରାମଦେବତୀଙ୍କପାଖ ଭଣ୍ଡାରଘରେ ରଖିଦେଉ । ଯେଝା ଘରକୁ ଫେରିଯାଉ । ଖରାବେଳେ ଏକାଠି ହୋଇ ଫୁଲ ଗୁନ୍ଥିବାକୁ ବସିଯାଉ । ଗଜରାମାଳ ଗୁନ୍ଥିବା ବେଳେ କେତେଥର ଆଙ୍ଗୁଠିରେ ଛୁଞ୍ଚି ଫୁଟି ରକ୍ତ ବାହାରିଛି । ତା'ର ହିସାବ କିଏ ରଖିଛି । ଫୁଲ ଗୁନ୍ଥା ସାରିବାପରେ ସଜା ହୁଅନ୍ତି ମା' ଖୁଦୁରୁକୁଣୀ । ଅବଶ୍ୟ ମୋ' ଅପାମାନଙ୍କ ବେଳର ଢ଼ିଙ୍କିଶାଳରେ ଢ଼ିଙ୍କିକୁ ହିଁ ଖୁଦୁରୁକୁଣୀ ଭାବେ ପୂଜା କରାଯାଏ । ଆମବେଳକୁ ମୂର୍ତ୍ତି ଆସିଗଲେ । କୋଳରେ ଛୁଆ ଧରିଥିବା ଦେବୀ ମୂର୍ତ୍ତିଟିଏ । ଏବେ ବି ସହରରେ ଝିଅମାନେ ସେଇ ମୂର୍ତ୍ତି ପୂଜା କରୁଛନ୍ତି । କେତେ ଯାଗାରେ କେତେ ରକମର ପୂଜା । ସଞ୍ଜ ହେଲେ ଏକାଠି ହୋଇ ପୂଜା ପାଖରେ ବସିପଡୁ । ଘରୁ ଆଣିଥିବା ଭୋଗଡାଲା ସଜେଇ ରଖିଦେଉ । ବିଶେଷକରି ଖଇ, ଉଖୁଡ଼ା,ପାଚିଲାକଦଳୀ, ରାଶିଲତୁ, ନଡ଼ିଆ ଏ ପୂଜାର ମୁଖ୍ୟ ଭୋଗ ସାମଗ୍ରୀ । ତଅପୋଇ କାଳେ ଖୁଦ ପୂଜାକରି ବରପ୍ରାପ୍ତି କରିଥିଲା ! କାହିଁ ଆମବେଳେ କେହି ଖୁଦ ପୂଜା କରୁ ନଥିଲେ ତ !

ଗୀତ ଭିତରେ ଥାଏ ଏଇ କଥା- ସାଧବର ସାତ ପୁଅ, ଗୋଟିଏ ବୋଲି ଝିଅ । ନାଁ ତଅପୋଇ । ଭାରି ଅଲିଅଳୀ । ସୁନାର ଚାନ୍ଦ ଓ ରୂପାର କୂଲେଇରେ ଖେଳିବାକୁ ଜିଦି । ସମୟ ବଦଳିଯାଇଛି । ଚାନ୍ଦ ଗଢା ହେଉହେଉ ବାପା-ମାଆ ଗୋଟିଏ ମାସରେ ଡକାଡକି ହୋଇ ଆରପାରିକୁ ଚାଲିଯାଇଛନ୍ତି । ହେଲେ ଭାଇଭାଉଜମାନେ ହେଳା କରି ନାହାନ୍ତି ତା' ଗେହ୍ଲାପଣକୁ । ଏବଂ ସାତଭାଇଯାକ ବଣିଜ-କରିବାକୁ ବାହାରି ଯାଇଛନ୍ତି ଦରିଆ ସେପାରି ରାଇଜକୁ । ସବୁ ଠିକ୍ ଥିଲା । ମାତ୍ର ଦଇବ ସାଧିଲା ଦାଉ । ଗାଁର ବିଧବା ବ୍ରାହ୍ମଣୀ ତଅପୋଇର ସୁଖ ସହିପାରିଲା ନାହିଁ । ବଡ଼ ଛଅଭାଉଜଙ୍କ କାନେକାନେ ତା' ଗେହ୍ଲାପଣ ବିରୋଧରେ ମନ୍ତ୍ର ଫୁଙ୍କିଲା । ପ୍ରେମ ବଦଳିଗଲା ଶତ୍ରୁତାରେ । ବିଚାରୀ ଏଥର ଛେଳି (ଘରମଣି) ଚରେଇବାକୁ ଗଲା ଜଙ୍ଗଲକୁ । ଶେଯ ହେଲା ମୃଷାମାଟି ଭଣଭଣ ଘରର ଅନ୍ଧାରିଆ କୋଣ । ପେଟରେ ରାଜୁତି କଲା ଭୋକ । ସାମାନ୍ୟ ଖୁଦ ପାଇଁ ବି ରଙ୍କୁଣୀ ହେବାକୁ ପଡ଼ିଲା ଅଲିଅଳୀ ଜେମା ତଅପୋଇକୁ । ବିଚାରୀ କାତର ହୋଇ ଡାକିଲା ମା' ମଙ୍ଗଳାଙ୍କୁ । ମାଆ ତା' ଦୟିନୀ ଶୁଣିଲେ । ତାକୁ ସାହା ହେଲେ ।

ଯଥା ସମୟରେ ବଣିଜରୁ ଫେରିଲେ ଭାଇମାନେ । ଅପନ୍ତରା ଜଙ୍ଗଲରେ ଆବିଷ୍କାର କଲେ ଗେହ୍ଲୀ ଭଉଣୀକୁ, ମାନ ରଖିବେ । ରକତର ମାନ । ଯୋଜନା ବି କଲେ । ବିଧି ଅନୁସାରେ ଏଥର ସାଧବାଣୀମାନେ ଆସିଲେ । ସାଧବମାନଙ୍କୁ ବନ୍ଦେଇ ନେବେ ଘରକୁ । ତଅପୋଇର ବର୍ତ୍ତମାନକୁ ଖୋଜିଲେ ଭାଇମାନେ । ଭାଉଜମାନେ

ନାନା ବାହାନାକରି କହିଲେ- ସେ ନାଇଁ, ତାର ଦେହ ଖରାପ ଅଛି । ସାଧବମାନେ ମନେମନେ ହସିଲେ । ମନୋହାରିଣୀମାନେ ବନ୍ଦାପନା କରୁଥିବାବେଳେ ତଅପୋଇହାତର ଛୁରୀରେ କାଟିଦେଲେ ସେମାନଙ୍କ ରୂପର ଅସଲ ଅହଂକାର, ନାକ । କେବଳ ସାନସାଧବାଣୀ ନୀଳେନ୍ଦ୍ରି ବ୍ୟତୀତ । କେଉଁଆଡ଼େଯିବେ ଏଥର ଛଅ ଭାଉଜମାନେ ? ସାହା ସେଇ ତଅପୋଇ । ପୁଣି ଦୟିନୀ କଲା ମା' ମଙ୍ଗଳାଙ୍କୁ । ମାଆ ! ମୋ ଭାଉଜମାନଙ୍କୁ ନାକ ଫେରାଇ ଦେ! ମା ଓଃ- କଲେ । ବାସ୍ । ଗପ କହିଲେ ମାତ୍ର ଏତିକି । ମାତ୍ର କେତେକଥା ତା' ଭିତରେ ! ଇତିହାସ, ପରମ୍ପରା, କିମ୍ବଦନ୍ତୀ ଓ ଧର୍ମାଚାର-ସକଳର ସମୀକରଣ । ଓଡ଼ିଆ ଅସ୍ମିତାର ବାସ୍ତବଚିତ୍ର ।

ଲାଗେ, ଏହା ଏକ ଓଷା । ମାତ୍ର ସଂସ୍କୃତି ଓ ଇତିହାସର ଯୁଗ୍ମ ମଞ୍ଜାୟନ । ଖୁଦୁରୁକୁଣୀଓଷାର ଶେଷପର୍ଯ୍ୟନ୍ତ ସବୁଲାଗେ ଯେମିତି ଏକ ନାଟକମାତ୍ର । କାହାଣୀର ଆରମ୍ଭ, ଗତିଶୀଳତା, ଶୀର୍ଷ, ଗ୍ରନ୍ଥିମୋଚନ ଓ ପରିଣତି-ମିଳନାତ୍ମକ । ଚଟି ବହିଟିଏ । ଗପ ଓ ଗୀତ ଆମକୁ ଏଇ କଥା ହିଁ କହେ । ଆମ ଇତିହାସ, ଧର୍ମାଚାର, ପରମ୍ପରା ଓ ସଂସ୍କୃତିର କଥା । ଜୀବନର ମର୍ମକଥା । ବାସ୍ତବତଃ ଏହା ସଂସ୍କୃତି ଭିତରେ ଇତିହାସ ଓ କିମ୍ବଦନ୍ତୀର ପୃଷ୍ଠାକୁ ପଢିବାର ଏକ ଶକ୍ତିଶାଳୀ ଉତ୍ସ ।


ପ୍ରତିବର୍ଷ ସହରର ଝିଅମାନେ ଖୁଦୁରୁକୁଣୀ ଓଷା କରୁଥିବାବେଳେ କାନକୁ ବେଳେବେଳେ ହୁଳହୁଳି ଶବ୍ଦ ଶୁଭିଯାଏ, ଆମ ଗାଁ ଖୁଦୁରୁକୁଣୀ ଓଷାରୁ, ସେଇ ସ୍ମୃତିରେ ଆଖି ସଜଳ ହୋଇଆସେ । ଇଚ୍ଛାହୁଏ ଫେରିଆସନ୍ତାନି ସେ ପିଲାଦିନ !

ଏମିତି ପିଲାଦିନର ଅନେକ ସ୍ମୃତି ମନର ଫରୁଆରେ ସାଇତି ହୋଇ ରହିଯାଇଛି । ଯାହା, ଆଜି ବି ବୃତ୍ତିଗତ ଜୀବନରେ ପ୍ରତିଫଳିତ ହେଉଅଛି । ଅନୁଭବ୍ୟ ଐତିହ୍ୟ ଗ୍ୟାଲେରୀ ତିଆରି କଲାବେଳେ ସେଇସବୁ ସ୍ମୃତି ଆଉଟୁପାଉଟୁ ହେଉଥିଲା । ଏମିତି ଅନେକ କାମ କଲାବେଳେ ସବୁଠି, ସେଇସବୁ ସ୍ମୃତି ହଠାତ୍ ରୂପାଜହ୍ନଟିଏ ହୋଇ ମନର ଆକାଶରେ ଉଇଁ ଉଠେ । ବୃତ୍ତିଗତ କାମ କଲାବେଳେ ପାଖରେ ମିତଟିଏ ହୋଇ ଠିଆହୋଇଯାଏ । ଛାତିତଳେ ସେଇସବୁ ଅସ୍ମିତାର ସ୍ପନ୍ଦନ ଧକ୍‌ଧକ୍ ହେଉଥାଏ ।

ଅଧୀକ୍ଷକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଫୋନ୍ - ୯୪୩୯୨୮୧୫୬୧

❐

କବିତାର ଜୟଯାତ୍ରା



ଡକ୍ଟର ଭରତ ବେହେରା

“ଯେଉଁ ଅର୍ଥନୀତିକ ବ୍ୟବସ୍ଥାରେ ଅଳ୍ପ ସଂଖ୍ୟକ ଲୋକ, ବହୁସଂଖ୍ୟକ ଲୋକଙ୍କୁ ବ୍ୟକ୍ତିଗତ ସଂପତ୍ତିରେ ପରିଣତ କରିଦିଅନ୍ତି, ସେହି ବ୍ୟବସ୍ଥାର ରଙ୍ଗ ହେଉଛି କଳା । ଯେଉଁ ସାମାଜିକ ବ୍ୟବସ୍ଥାରେ ବହୁସଂଖ୍ୟକ ଲୋକଙ୍କର ବୁଦ୍ଧି, ବିବେକ, ସ୍ନେହ, ଭଲ ପଣିଆ, ଅଳ୍ପଲୋକଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ, ସାମଗ୍ରିକ ଭାବେ ସେହି ବ୍ୟବସ୍ଥାର ରଙ୍ଗ ହେଉଛି କଳା । ଯେଉଁ ସାହିତ୍ୟ ଏହାକୁ ନିଖୁଣ ଭାବରେ ପରିସ୍ଫୁଟନ କରିପାରେ, ତାହା କଳା ସାହିତ୍ୟ । ପ୍ରକାରାନ୍ତରେ ଦଳିତ ସାହିତ୍ୟ ।”

ଜୀବନ ଯେମିତି ବ୍ୟାପକ, କବିତା ସେମିତି ବିସ୍ତୃତ । ଏହାର ପରିସରଭୁକ୍ତ ଆକଳନ କରିବା କଷ୍ଟସାଧ୍ୟ ନିଶ୍ଚୟ । କବିତା ବ୍ୟକ୍ତିକେନ୍ଦ୍ରିକ ହେବ ନା, ବ୍ୟାପକ ଜୀବନକୁ ସ୍ପର୍ଶ କରିବ, ତାହା ଆଉ ଅଛପା ନାହିଁ । ଏମିତି କବିତା ନାହିଁ, ଯେଉଁଠି ମଣିଷକୁ ଛୁଇଁବା ନାହିଁ । ତେବେ କବିର ଦୃଷ୍ଟିଭଙ୍ଗୀକୁ ଆଧାର କରି କବିତାର ସ୍ୱର ନିର୍ଦ୍ଧାରିତ ହୋଇଥାଏ । ସମୟ ଥିଲା, ଯେତେବେଳେ କବିତାର ପରିସର ଥିଲା ଖୁବ୍ ସୀମିତ । କବିତାର ବହୁବର୍ଣ୍ଣା ରୂପ, ଶବ୍ଦ, ସ୍ୱର ଓ ଶବ୍ଦ ବିନ୍ୟାସ ରୂପୀ ହୋଇ ରହିଥିଲା । ସାଂପ୍ରତିକ ସମୟ ଖଣ୍ଡରେ କବିତା ସେ ଗୁପରୁ ମୁକ୍ତ । ହୁଏତ ଏହି ସ୍ୱର କବିତା ନଦୀର ମୁଖ୍ୟ ସ୍ରୋତ ହୋଇ ନପାରେ, ମାତ୍ର ଏହାର ଗୋଟିଏ କୂଳ ନିଶ୍ଚୟ । ବିଭକ୍ତ ବ୍ୟବସ୍ଥାରେ କବିତା, କଳା, ସାହିତ୍ୟର ସ୍ୱର ଭିନ୍ନ ହେବା ସ୍ୱାଭାବିକ । ବିଭିନ୍ନ ଦେଶ,

ଭିନ୍ନ ଭିନ୍ନ କାଳଖଣ୍ଡରେ କବିତାର ରୂପ ବଦଳି ଯାଇଥିଲା । ଭାରତୀୟ ପରିପ୍ରେକ୍ଷୀରେ କବିତାର ସ୍ତର ତଳ, ଉପର, ଅଳପ, ଅଧିକ, ସବର୍ଣ୍ଣ, ଅସବର୍ଣ୍ଣ, ଆଧୁନିକ, ଅତ୍ୟାଧୁନିକ, ହେତୁବାଦ, ରହସ୍ୟବାଦ, ଦଳିତ ଓ ନାରୀ ସମସ୍ୟାକୁ ଉପସ୍ଥାପନ କରି ଏହାର ଉଡ଼ାଣକୁ ଊର୍ଦ୍ଧ୍ୱକୁ ତୋଳି ଧରିଛି ।

ପ୍ରତିକୂଳ ପରିସ୍ଥିତି ଓ ଜୀବନର ତାଡ଼ନା ସମ୍ପର୍କରେ ଦୃଷ୍ଟିଭଙ୍ଗୀକୁ ଗଠନ କରିବାରେ କବିତା ସହାୟକ ହୋଇଥାଏ । ବ୍ୟକ୍ତିଗତ ଜୀବନ ବ୍ୟତୀତ ପାରିପାର୍ଶ୍ୱିକ ଅବସ୍ଥା କବିର ଦୃଷ୍ଟିକୁ ମଜଭୁତ କରିଥାଏ । ପୀଡ଼ିତ ମଣିଷ ପାଇଁ ଯେଉଁ କବି ଯେତେ ସମ୍ବେଦନଶୀଳ, ସେହି ସ୍ରଷ୍ଟା, ସମାଜର ଭାବବୋଧକୁ ଗ୍ରହଣ କରିଥାଏ । ଜଣେ ସତ୍ୟନିଷ୍ଠ, ସମାଜନିଷ୍ଠ ଓ ଜୀବନନିଷ୍ଠ, ସ୍ରଷ୍ଟାର ସୃଷ୍ଟି, ମଣିଷର ହୃଦୟକୁ ଆନ୍ଦୋଳିତ କରେ, ଚେତନାକୁ ହଲଚଲ କରିଦିଏ ଓ ଅବଚେତନକୁ ଅହରହ ମନ୍ଥିପକାଏ । ଫଳଶ୍ରୁତି ସ୍ୱରୂପ, ସେହି ସାହିତ୍ୟ ମଣିଷର ସାହିତ୍ୟ ଭାବରେ ବିବେଚିତ ହୋଇଥାଏ ।

କବିତାର ଜୟଯାତ୍ରା:

କବିତାର ଜୟଯାତ୍ରା ବାସ୍ତବିକ, ଖୁବ୍ ଗଭୀର ଓ ଗମ୍ଭୀର । ସର୍ଜନା ହେଉଛି କବିର ମୂଳକର୍ମ । ମାତ୍ର ସେତିକି ଯଥେଷ୍ଟ ନୁହେଁ ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ । ପ୍ରତ୍ୟେକ ସମାଜ ବ୍ୟବସ୍ଥା ସିଧାସଳଖ ନୁହେଁ । ବହୁ ଆବୁଡ଼ା ଖାବୁଡ଼ା, ଉଞ୍ଚାଖାଲ ଉପାଦାନକୁ ସାମ୍ନା କରିବାକୁ ପଡ଼ିଥାଏ । ଯେତେବେଳେ ସର୍ଜନାର କଲମ ଚାଳନା ଜନସଚେତନତା ଓ ସାମାଜିକ ଇଚ୍ଛାଶକ୍ତି ସୃଷ୍ଟି କରିବାରେ ସହାୟକ ହୋଇଥାଏ, ସେତେବେଳେ କବିତାର ଜୟଯାତ୍ରା ସଫଳ ହୁଏ । ଏକକ ଉଦ୍ୟମ ନୁହେଁ, ସମଷ୍ଟିର ମିଳିତ ପ୍ରୟାସ ଦ୍ୱାରା ଏହା ସଂଭବ ହୋଇଥାଏ । ବହୁ କବି, କଥାକାର, ସ୍ତମ୍ଭକାର, ନାଟ୍ୟକାର, ସଙ୍ଗୀତଜ୍ଞ, ଗାୟକ ପ୍ରାୟତଃ ସୁସ୍ଥ ସମାଜ ଚାହିଁଥାନ୍ତି । ଏପଥ ଖୁବ୍ କଣ୍ଟକିତ । ତାକୁ ସାମ୍ନା କରି ଅଗ୍ରସର ହେବା ସହଜ ସାଧ୍ୟ ନୁହେଁ । ବେଳେବେଳେ ସର୍ଜନ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥାଏ । ତେବେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଆଶା ଉଜ୍ଜ୍ୱଳ ହୋଇଥାଏ ।

ମୋ କବିତାର ଯାତ୍ରା:

ମୋ କବିତା ଲେଖାର ଅବଧି ପାଖାପାଖି ଚାଳିଶବର୍ଷ । ସୁଦୀର୍ଘ ସମୟ ଭିତରେ ବହୁ ଉତ୍‌ଥାନ, ପତନ, ଈର୍ଷା, ଅରୂପା, ଅନାଦର, ଅଶ୍ରଦ୍ଧା ଓ ତାଡ଼ନାକୁ ସାମ୍ନା କରି କରି ଚାଲିଛି । କେତେ ବେଳେ ଅବଶ ହେଇଯାଇଛି ତ ଆଉ କେବେ ପ୍ରତିଜ୍ଞାବଦ୍ଧ ହୋଇଛି । ଅତୀତକୁ ଅଧ୍ୟୟନ କରିଛି ବର୍ତ୍ତମାନକୁ ଅନୁଶୀଳନ କରିଛି, ବିରାଟ ଆଶା ନେଇ ଅଗ୍ରସର ହୋଇଛି । ପଢ଼ିଛି ମଣିଷକୁ, ଇତିହାସକୁ । ଫଳଶ୍ରୁତି ସ୍ୱରୂପ ନୂଆ ଜୀବନର ଆଶା ସଞ୍ଚାର ହୋଇଛି ମୋ ଭିତରେ । ମୋ ଚାରିପାଖରେ ଘେରି ରହିଥିବା, ଘୂରି ବୁଲୁଥିବା, ମାମୁଲି ମଲିମୁଣ୍ଡିଆ, ଅବିଚାରିତ, ନିପାଡ଼ିତ ମଣିଷଙ୍କର ବ୍ୟଥା । ବେଦନା ପୀଡ଼ା ଓ ତାଡ଼ନା

ଚେତନା ଅବଚେତନକୁ ଘାଣ୍ଟି ପକେଇଛି । ସେଇମାନେ ହିଁ ମୋ କବିତାର କାବ୍ୟପୁରୁଷ ଓ କାବ୍ୟନାୟିକା । ସେମାନଙ୍କୁ କାବ୍ୟିକ ନ୍ୟାୟ ପ୍ରଦାନ କରିବାକୁ ପ୍ରୟାସ କରିଛି । ସେମାନଙ୍କର ଝାଳପଖଳା ସର୍ବାଙ୍ଗ, ଲୁହ ବତୁରା ଆଖି, ରକ୍ତ ରଞ୍ଜିତ ଦେହ, ଅଳିକହସ ଓ ଅପ୍ରମିତ କଷଣକୁ ହୃଦବୋଧ କରି, ଧରିନେଇଛି ମୁଁ ତାର ଖୋଦ୍‌ଭୁକ୍ତ ଭୋଗୀ ମଣିଷ ଜଣେ । ଭୋଗ କରିଥିବା ଅତୀତ, ବର୍ତ୍ତମାନର ତାଡ଼ନା ଓ ଭବିଷ୍ୟତର ସ୍ଖଲିଙ୍ଗକୁ ଶବ୍ଦରେ ଶବ୍ଦରେ ସଜାଡ଼ି ରଖିଛି । ସେ ଭାବସ୍ପନ୍ଦନ ହୃଦୟର, ସେ ଶବ୍ଦ ଆବେଗର ସେ ଶୈଳୀ ମଳିମୁଣ୍ଡିଆ କାବ୍ୟନାୟକ, କାବ୍ୟନାୟିକା ଗୁଣଗୁଣଉ ଥିବା ଭାଷାର, ଦେଖିଛି, କେମିତି ଛନ୍ଦି ଯାଇଛି ଜୀବନ, କପଟୀଙ୍କ କୁହୁକ ଫାଙ୍କରେ । ଦେଖିଛି ଜନଗଣଙ୍କ ଉଦାସ ଓ ଉଦାରପଣ । ସେମାନେ ହୋଇପାରନ୍ତି ଯେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଶ୍ରେଣୀର । ସେମାନଙ୍କ ସରଳତାର ସୁଯୋଗ ନେଇଛନ୍ତି ଉପରସ୍ତରର ବାବୁଭାୟାମାନେ । ସେମାନଙ୍କୁ କାଳ କାଳ ଧରି ତର୍କ ବିମୁଖ ରଖାଯାଇଛି, ମୌନ କରିଦିଆଯାଇଛି, ସେହି ମଣିଷଙ୍କ ପାଇଁ ଗୋଟିଏ ଜଷ୍ଟ ସମାଜର ଏକାନ୍ତ କାବ୍ୟ । ସୀମା ଭିତରେ ଥାଇ ମୁଁ ସୀମା ବାହାରକୁ ଦେଖିଛି, ଚାହିଁଛି, ହାତ ପାଦ ବଢ଼େଇଛି, ଲଙ୍ଘ ପ୍ରଦାନ କରିଛି । ଖଣ୍ଡିଆ ଖାବରା ହୋଇଛି, ରକ୍ତାକ୍ତ ହୋଇଛି, ସତରେ ସୀମା ବାହାରେ ବେଶିବେଶି ମଣିଷ, ବଞ୍ଚିତ ମଣିଷ । ସେମାନେ ମୋର ପ୍ରିୟ, ସୁହୃଦ୍ । ସେମାନଙ୍କ ଯନ୍ତ୍ରଣାର ମର୍ମର ଧ୍ୱନି ମୋ କବିତାର ମୁଖ୍ୟସ୍ୱର, ଅନ୍ତଃସ୍ୱର । ଜଣେ କବିତା କେବଳ ଡ୍ରଇଁରୁମ୍‌ର ମସ୍ତିଷ୍କ ପ୍ରଭୂତ ସର୍ଜନା ନୁହେଁ, ବରଂ ରାସ୍ତାପାଖରୁ କୋଳାହଳରୁ, ଝୁମ୍ପୁଡ଼ିରୁ, ବସ୍ତିରୁ ଖଣିରୁ ଖାଦାନରୁ ବୈଶାଳ କର୍ମକ୍ଷେତ୍ରରୁ ସାଉଁଟି ଆଣିଥିବା, ଅଙ୍ଗେ ନିଭେଇଥିବା ଭାବନାବୋଧର କ୍ରୁଶ କଣ୍ଟକିତ ରୂପ ହିଁ କବିତା । ସଂସାରର ବହୁକ୍ଷେତ୍ରରେ କର୍ମରତ, ସଂଘର୍ଷରତ ସ୍ଖଲିଙ୍ଗଙ୍କ ଜୀବନ ସଙ୍ଗୀତର ସ୍ୱର, ମୋ କବିତାରେ ଶୁଣାଯାଇଥାଏ । ସେହି ଅବହେଳିତ, ଅବିଚାରିତ, ବଞ୍ଚିତ ମଣିଷର ମର୍ମବେଦନାକୁ କାବ୍ୟାମୋଦୀ ପାଠକ, ସମାଲୋଚକଙ୍କ ସାମ୍ନାରେ ପରିଚିତ କରେଇବାକୁ ଉଦ୍ୟମ କରିଛି । ସେମାନେ କିଏ ? କ'ଣ ଯେ ତାଙ୍କର ପରିଚୟ ?? ପ୍ରସଙ୍ଗକ୍ରମେ ମାର୍ଟିନ ଲୁଥର କିଙ୍ଗଙ୍କର ଗୋଟିଏ ଉଦ୍ଧୃତି ଏମିତି । ବିଶାଳ ଜନସଭାକୁ ଉଦ୍‌ବୋଧିତ କଲାବେଳେ ତାଙ୍କର ପ୍ରଶ୍ନ ଏବ ଉତ୍ତର ବେଶ ମର୍ମସ୍ପର୍ଶୀ ।

Who are we ?

We are the decendants of slaves.

ଯେଉଁମାନେ ଆଫ୍ରିକା ଓ ଆମେରିକାରରେ କ୍ରୀତଦାସ, ଭାରତରେ ସେମାନେ ଅନଗ୍ରସର ମଣିଷ । ସେହିମାନଙ୍କର ମର୍ଯ୍ୟାଦା ଓ ଉତ୍ଥାନ ପାଇଁ କଲମ ଚାଳନା ଏକାନ୍ତ କାମ୍ୟ । ଏହି ଅନଗ୍ରସର ମଣିଷ ହେଉଛନ୍ତି ଦଳିତ, ଗିରିଜନ, ବଞ୍ଚିତ ଓ ଜାତି, ଶ୍ରେଣୀ, ନିର୍ବିଶେଷରେ ସବୁଦିଗରୁ ଅବିଚାରିତ ନିପୀଡ଼ିତ ଜନଗଣ । ସଂକ୍ଷେପରେ ଏତିକି କହିଲେ

ଯଥେଷ୍ଟ ହେବ ଯେ ଆମେରିକାର କଳା (Negro) ଲୋକଙ୍କ ଉପରେ ଲେଖାଲେଖି କରୁଥିବା ସାହିତ୍ୟିକମାନେ ମର୍ଯ୍ୟାଦାପ୍ରାପ୍ତ ହେଉଥିବାବେଳେ ଭାରତରେ ସେପରି କିଛି ହେଉନାହିଁ । ଅନୁରୂପ ଭାବରେ ବିଶ୍ୱବ୍ୟାପୀ ନିପୀଡ଼ିତ ଜନଗଣ ଭୋଗ କରୁଥିବା ପୀଡ଼ାର ଚରିତ୍ର ପ୍ରାୟ ସମାନ । ପ୍ରସଙ୍ଗକ୍ରମେ ଆମେରିକାର ନିଗ୍ରୋ ମଣିଷଙ୍କର ଦୁର୍ଦ୍ଦଶା ଉଦ୍ଧୃତିର ଦାବି ରଖେ । "ଯେଉଁ ଅର୍ଥନୀତିକ ବ୍ୟବସ୍ଥାରେ ଅଳ୍ପ ସଂଖ୍ୟକ ଲୋକ, ବହୁସଂଖ୍ୟକ ଲୋକଙ୍କୁ ବ୍ୟକ୍ତିଗତ ସଂପତ୍ତିରେ ପରିଣତ କରିଦିଅନ୍ତି, ସେହି ବ୍ୟବସ୍ଥାର ରଙ୍ଗ ହେଉଛି କଳା । ଯେଉଁ ସାମାଜିକ ବ୍ୟବସ୍ଥାରେ ବହୁସଂଖ୍ୟକ ଲୋକଙ୍କର ବୁଦ୍ଧି, ବିବେକ, ସ୍ନେହ, ଭଲ ପଣିଆ, ଅଳ୍ପଲୋକଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ, ସାମଗ୍ରିକ ଭାବେ ସେହି ବ୍ୟବସ୍ଥାର ରଙ୍ଗ ହେଉଛି କଳା । ଯେଉଁ ସାହିତ୍ୟ ଏହାକୁ ନିଖୁଣ ଭାବରେ ପରିସ୍ଫୁଟନ କରିପାରେ, ତାହା କଳା ସାହିତ୍ୟ । ପ୍ରକାରାନ୍ତରେ ଦଳିତ ସାହିତ୍ୟ ।" (ଅଭୟ ଦ୍ୱିବେଦୀ; କଳା ଆମେରିକାର ପ୍ରିୟତମା' ଟୋନି ମରିସନ୍ । ବିଷ୍ଣୁବ ବିଶେଷାଙ୍କ ଝଙ୍କାର, ୨୦୨୪, ପୃଷ୍ଠା-୨୪୬) । ସୁତରାଂ କଳାମଣିଷ, ତଳମଣିଷ, ଦଳିତ, ନିପୀଡ଼ିତ ମଣିଷ ଓ ବଞ୍ଚିତ ମଣିଷଙ୍କ ଜୀବନକୁ ସମ୍ବେଦନଶୀଳ ଦୃଷ୍ଟିରେ ନିରେଖିବା ଏତେ ସହଜ ନୁହେଁ । କେତେ ନିବିଡ଼ପଣ ଶ୍ରଦ୍ଧା, ଥିଲେ ଜଣେ ଏହି ସ୍ତବ୍ଧ ମଣିଷଙ୍କ ଦୁଃଖଯନ୍ତ୍ରଣା ଓ ପୀଡ଼ାକୁ ହୃଦବୋଧ କରିପାରେ । ମଣିଷ ଉପରେ ମଣିଷ ଶୋଷଣରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ପ୍ରୟାସ କରିବ । ଜଣେ ଜୀବନବାଦୀ କବିର ଏହାହିଁ ବିଶେଷତ୍ୱ । ଜଣେ ଲୋକ ଅଭୁକ୍ତ ଥିବାଯାଏ, ସୁସ୍ଥ ସମାଜ, ଅନ୍ତତଃ Egalitarian ସମାଜ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ, ସବୁମଣିଷ, ସାମାଜିକ ନ୍ୟାୟ ପାଇବା ପର୍ଯ୍ୟନ୍ତ କବିତ୍ୱ କବିତାର ଜୟଯାତ୍ରାର ଉଦ୍ୟମ ଜାରି ରହିଥିବ ଭାରତ ସମେତ ସାରା ବିଶ୍ୱରେ ।

ଏମ.ଆଇଜି -୨୨
ଜି.ଏସ୍ ନଗର, ଜଗତପୁର, କଟକ
ମୋ: ୯୪୩୭୫୭୦୧୨୦

❐

ମୋ କବିତା



ଡ. ପ୍ରଭାତ ନଳିନୀ ମହାପାତ୍ର

“

ଜଣେ କବିର ଶ୍ରେଷ୍ଠ କବିତା କେଉଁଠି ? ଏକଥା କେହି କବି ଗାଳ୍ପିକ କି ଔପନ୍ୟାସିକ କହିପାରିବେ ନାହିଁ । ସତକଥା, ଜଣେ କବି ସବୁବେଳେ ଗୋଟିଏ ଶ୍ରେଷ୍ଠ କବିତା ରଚନା କରିବା ଚେଷ୍ଟାରେ ଥାଏ । କିନ୍ତୁ ସାହସର ସହ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କବିତାକୁ ସର୍ବଶ୍ରେଷ୍ଠ କହିପାରେ ନାହିଁ । ଜଣେ ମାଆ ନିକଟରେ ସବୁ ସନ୍ତାନ ସମାନ । କବି ବି ତ ନାରୀ ପୁରୁଷ ନିର୍ବିଶେଷରେ ଜଣେ ମାଆ, କାରଣ ସେ କବିତାକୁ ଜନ୍ମଦିଏ ।

”

ଯୋଜନା ମୁତାବକ କେହି ଲେଖେ ନାହିଁ ବା ଭାବି ଚିନ୍ତି କେହି ଲେଖେ ନାହିଁ । କବିତା ଅତର୍କିତରେ ଆସେ, ଅନାହୁତ ଭାବେ ଆସେ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଆସେ । କବିତା ଆସିବାର ଅର୍ଥାତ୍ ଭିନ୍ନ ରୂପରେ କହିଲେ କବିତା କିଛି ନିର୍ଦ୍ଦିଷ୍ଟ ବୟସ ବା ସମୟ ନାହିଁ । ତେଣୁ କେହି କେହି ପିଲାଦିନୁ କବିତା ଲେଖନ୍ତି ତ କେହି ମଧ୍ୟ ବୟସରେ କବିତା ଜଗତରେ ପାଦ ଦିଅନ୍ତି । ପୁଣି କେହି କେହି ଉତ୍ତର ବୟସରେ ବି ଲେଖନ୍ତି । ବ୍ୟାସକବି ଫକୀରମୋହନ ଲେଖା ଆରମ୍ଭ କରିଥିଲେ ଉତ୍ତୀର୍ଣ୍ଣ ବୟସରେ । ସେ ଦୀର୍ଘାୟୁ ହେବା ଫଳରେ ଓଡ଼ିଆ ବାଣୀ ଭଣ୍ଡାର ଅନେକ କିଛି ଲାଭ କଲା । ପୁଣି କବି ବସନ୍ତ ମୁଦୁଲି ଓ କଥାକାର କହ୍ନେୟାଲାଲ ଦାସ ଅଳ୍ପ ବୟସରେ ଏ ପୃଥିବୀରୁ ବାହୁଡ଼ିଗଲେ । ଯଦି ସେମାନେ ବଂଚିଥାନ୍ତେ ଓଡ଼ିଆ ସାହିତ୍ୟ ସମୃଦ୍ଧ

ହୋଇଥାନ୍ତା ନିଶ୍ଚୟ । ତେଣୁ ଅଳ୍ପାୟୁ କି ଦୀର୍ଘାୟୁ ହେବା ଭାଗ୍ୟର ନିର୍ଦ୍ଦେଶ । ଓଡ଼ିଆ ବାଣୀ ଭଣ୍ଡାର ତାଙ୍କ ଠାରୁ କ'ଣ ଲାଭ କଲା ତାହା ଦେଖିବାର କଥା ।

କୁହାଯାଏ ଶବ୍ଦମାନେ ସ୍ୱର୍ଗରୁ ଆସନ୍ତି । ସେମାନେ କୁନି ପରୀ ଭଳି ଆସ୍ତେ ଆସ୍ତେ ଆସନ୍ତି । ତାଙ୍କ ଆଗମନରେ କବି ଉତ୍ତାଳ ହୁଏ । ସେ କାଳିନ୍ଦୀ ପରି ନାଚେ ସେ ସବୁକୁ ରୂପ ଦେବାକୁ । ତେଣୁ କବି ମାଧ୍ୟମଟିଏ ମାତ୍ର । ସେ କେବଳ ସିଡ଼ିଟିଏ । ଶବ୍ଦମାନେ ବି ଭାରି ମନୋଇ । ସେମାନେ ଦେଖାଦେଇ ପୁଣି ମୁହୂର୍ତ୍ତକରେ ଉତ୍ତାଳ ହୋଇଯାଆନ୍ତି । ତେଣୁ ସେଇ ମୁହୂର୍ତ୍ତକରେ ସେମାନଙ୍କୁ ଧରି ନ ରଖିଲେ ସେମାନେ ହସି ହସି ହାତଠାରି ଅଦୃଶ୍ୟ ହୋଇଯାଆନ୍ତି । ସବୁ କବିଙ୍କର ନିଶ୍ଚୟ ଏଇ ଅନୁଭୂତି ଥିବ । ସେଇ ସ୍ୱର୍ଗୀୟ ଶବ୍ଦମାନେ କେଉଁ ଅମୃତ ଲଗ୍ନରେ ଓହ୍ଲାନ୍ତି ? ତା'ର କ'ଣ ନିର୍ଦ୍ଦିଷ୍ଟ ସମୟ ଥାଏ ? ନାଁ ସେମାନେ ତାଙ୍କ ଇଚ୍ଛା ଅନୁସାରେ ଆସନ୍ତି । କାହାପାଇଁ କେତେବେଳେ । ତେଣୁ ସେମାନେ କେବେ ସକାଳୁ ଆସନ୍ତି ତ କେବେ ଧୂ ଧୂ ଖରାବେଳେ, କାମରେ ବ୍ୟସ୍ତ ଥିଲା ବେଳେ କେତେବେଳେ ସଂଜରେ ତ କେତେବେଳେ ଆସନ୍ତି ନିସ୍ତବ୍ଧ ରାତିରେ । ତେଣୁ ସେମାନେ ଧରାଦେଲା ବେଳେ ସବୁବେଳେ ସେମାନଙ୍କୁ ଧରି ରଖିବା ସମ୍ଭବ ହୁଏ ନାହିଁ ।

ଜଣେ ଏଣୁତେଣୁ ଉତ୍ତାରି କବିତାଟିଏ ଲେଖି ପକାଇଲେ ତାହା କବିତା ନୁହେଁ ଅକବିତା । କବି ହେବାରେ ପ୍ରବଳ ନିଶା ଯୋଗୁ କେହି କେହି ଏପରି ନିଷିଦ୍ଧ କାର୍ଯ୍ୟ କରନ୍ତି । କିନ୍ତୁ କାଳର କଷଟି ପଥରରେ ପରୀକ୍ଷିତ ହୋଇ କାଚ ଓ କାଚମଣି ମଣି ନ୍ୟାୟରେ ଅକବିତା ବେଶିଦିନ ତିଷ୍ଠେ ନାହିଁ ।

ଜଣକୁ ଯଦି ପଚରା ଯାଏ ସେ କାହିଁକି ଲେଖେ ସେ କିଛି ନିର୍ଦ୍ଦିଷ୍ଟ ଉତ୍ତର ଦେଇପାରିବ ନାହିଁ । ଦେବା ସମ୍ଭବପର ନୁହେଁ । କାହିଁକି ବାପା ମାଆଙ୍କର ଚାରୋଟି ସନ୍ତାନ ଭିତରୁ ଜଣେ ହିଁ ଲେଖେ ! ପଚାଶ କି ଶହେ ଜଣ ଭିତରେ ଜଣେ ମାତ୍ର ଲେଖେ ତାର କିଛି ନିର୍ଦ୍ଦିଷ୍ଟ କାରଣ ନାହିଁ । ସେଥିପାଇଁ କୁହାଯାଏ କବିମାନେ ସରସ୍ୱତୀଙ୍କ ସନ୍ତାନ । କେଜାଣି ହୋଇଥିବ ବୋଧହୁଏ । ତେବେ ମୋ କଥା ଭାବିଲେ ମୁଁ ଦେଖେ ଯେ ମୁଁ ବିଦ୍ୟାଳୟରେ ପ୍ରାୟ ସପ୍ତମ ଶ୍ରେଣୀ ପଢ଼ିବା ବେଳୁହିଁ ଲେଖାଲେଖି କରୁଥିଲି । ସେଥିପାଇଁ ପ୍ରେରଣା କୋଉଠୁ ଆସିଲା କହିପାରିବି ନାହିଁ । କେହି କେହି କହନ୍ତି ମଣିଷ ମନ ଉପରେ ପରିବେଶର ପ୍ରଭାବ ପଡ଼ିଥାଏ ତା ଯଦି ସତ ହୋଇଥାଏ ମୁଁ ଜନ୍ମ ହୋଇଥିଲି ସାଂସ୍କୃତିକ ଓ ଆଧ୍ୟାତ୍ମିକ ସହର ପୁରୀରେ । ଯେଉଁଠି ନୀଳ ସମୁଦ୍ର ସହ ନୀଳାଚଳ ମଣି ଶ୍ରୀଜଗନ୍ନାଥ ବିରାଜମାନ ଥିଲେ । ପୁଣି ମୋ ପିଲାବେଳେ ଆମେ ରହୁଥିଲୁ ଏକଦମ୍ ସମୁଦ୍ର କୂଳରେ ଥିବା ଗୋଟିଏ ରାଣୀ କୋଠିରେ । ସେତେବେଳେ ପୁରୀ ସମୁଦ୍ରକୂଳରେ ଅବିଭକ୍ତ ଭାରତର ପ୍ରାୟ ସମଗ୍ର ଭାଗର ରାଜା, ରାଣୀ, ଜମିଦାର ଓ ସଂଭ୍ରାନ୍ତ ଲୋକମାନଙ୍କର ପୁରୀରେ ବଡ଼ କୋଠା ବା କୋଠୀମାନ ରହିଥିଲା ସମୁଦ୍ର କୂଳରେ । ଭାରତ ସ୍ୱାଧୀନ ହେବାର କିଛି ବର୍ଷ

ପରେ ରାଜାମାନଙ୍କର ହାତ ପାଣ୍ଠି ଉଚ୍ଛେଦ ଓ ଜମିଦାରମାନଙ୍କର ପ୍ରତିପତ୍ତି କମିଯିବା ପରେ ସେ ସବୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା । ତା'ର ଜଗୁଆଳୀମାନେ ସେସବୁ ଭଡ଼ା ଦେଇ ଚଳୁଥିଲେ ।

ସେ ସବୁ ଭିତରୁ ଗୋଟିଏ କୋଠାରେ ଆମେମାନେ ରହୁଥିଲୁ । ଲୋକମାନେ ତାକୁ 'ପଟିଆରାଣୀ କୋଠି' କହୁଥିଲେ । ସମୁଦ୍ରଠାରୁ ଏହା ଦୁଇଶହ କି ତିନିଶହ ମିଟର ଦୂରରେ ଥିଲା । ବର୍ଷା କି ବାତ୍ୟା ହେଲେ ସମୁଦ୍ର ଜୁଆର ମାଡ଼ି ଆସି ତାର ପାହାଚ ତଳେ ପହଞ୍ଚୁଥିଲା । ବିଦ୍ୟାଳୟରୁ ଆସିବା ପରେ ଆମେମାନେ ପ୍ରାୟ ଯାଇ ସମୁଦ୍ର କୂଳରେ ବୁଲୁଥିଲୁ । ବାଲି କଙ୍କଡ଼ା ଧରିବା ଓ ଶାମୁକା ଗୋଟାଇବା ଆମର ଖୁସିଥିଲା । ସେତେବେଳେ ପାଠପଢ଼ା ଏତେ କଠିନ ଓ ପ୍ରତିଯୋଗିତାମୟ ହୋଇନଥିଲା । ତେଣୁ ଆମ ଅଭିଭାବକମାନେ ଆମକୁ ଆକଟ କରୁନଥିଲେ । କିଛି ଦୂରରେ ଝାଉଁ ଜଙ୍ଗଲଥିଲା । ସେ ସବୁ ଆଡ଼କୁ ପବନରେ ସନସନ ଶବ୍ଦ ଶୁଣାଯାଉଥିଲା । ସେ ସବୁର ପ୍ରଭାବ ନିଶ୍ଚୟ ମୋ ମନ ଉପରେ ପଡ଼ିଥିବ । ପୁଣି ଘରର ସାସ୍କୃତିକ ବାତାବରଣ ବି ଥିଲା । ମୋ ଜେଜେବାପା ଜଣେ ପଣ୍ଡିତ ଓ କବିରାଜ ଥିଲେ । ସେ ଗୋଟିଏ ଟୀକା ଗ୍ରନ୍ଥ ସଂସ୍କୃତରେ ଲେଖିଥିଲେ । ମୋ ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନୀତିଜ୍ଞ ଥିଲେ । ସେ ଗୋଟିଏ ପାକ୍ଷିକ ସମ୍ବାଦପତ୍ର ପ୍ରକାଶ କରୁଥିଲେ । ସେ ଅନେକ ଶିଶୁପତ୍ରିକା ବିଶେଷତଃ ସେତେବେଳେ ପ୍ରକାଶ ପାଉଥିବା ମୋ ଦେଶ ପତ୍ରିକା ଆଣି ମୋତେ ପଢ଼ିବାକୁ ଦେଉଥିଲେ । ମୋ ସାନ କକା ଜଣେ ଓ.ଏ.ଏସ୍. ଅଫିସର ଥିଲେ ଓ ସେ ତାଙ୍କ ଛାତ୍ର ଜୀବନରେ ଲେଖାଲେଖି କରୁଥିଲେ । ତାଙ୍କ ପଢ଼ାବେଳେ ହାତଲେଖା ପତ୍ରିକା ବାହାରିବାର ପରଂପରା ଥିଲା ଓ ସେ ସଂପାଦନା କରିଥିବା କେତୋଟି ହାତଲେଖା ପତ୍ରିକା ଆମ ଘରେ ଥିଲା । ସେ ସବୁ ମୁଁ ଆଉ ମୋ ସାନଭାଇ ପଢୁଥିଲୁ । କକା ଜଣେ ପଠନପ୍ରିୟ ବ୍ୟକ୍ତିଥିବାରୁ ଓ ବହୁ ବହି କିଣୁଥିବାରୁ ଆମ ଘରେ ଗଳ୍ପ, ଉପନ୍ୟାସ ଓ କବିତା ବହି ପ୍ରଚୁର ଥିଲା । ସେ ସବୁ ମଧ୍ୟ ଆମେମାନେ ପଢୁଥିଲୁ । ସେହି ବହୁପଠନ, ପାରିବାରିକ ପରଂପରା ଓ ପରିବେଶ ବହୁପଠନ ପ୍ରଭାବ ହୁଏତ ମୋ ସୃଜନ ଜୀବନ ଉପରେ ପଡ଼ିପାରିଥାଏ । ତେଣୁ ମୁଁ ଓ ମୋ ସାନଭାଇ ମାନସ ରଂଜନ ମହାପାତ୍ର ଉଭୟ କବିତା ଲେଖିଲୁ ।

ମୋ ପାଇଁ କବିତା କ'ଣ ? କବିତା ମୋ ପାଇଁ ଅମ୍ଳଜାନ, ବଂଚିବାର ଉପାଦାନ । କେତେ ଦୁଃଖ, କଷ୍ଟ ଆସିଛି । ସେତେବେଳେ ମୁଁ କବିତା ଲେଖି ହିଁ ସାନ୍ତ୍ୱନା ପାଇଛି । ମୋର ସଂଘର୍ଷ ସମୟରେ କବିତା ମତେ ବଳ ଯୋଗେଇଛି । କବିତା ମୋର ସବୁ ଦୁଃଖର ମହୌଷଧି, ସବୁକ୍ଷତର ମଲମ ।

ତନ୍ମଧ୍ୟରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସାରସ୍ୱତ ସମ୍ବର୍ଦ୍ଧନା କବି ଭାବରେ ମୁଁ କିଛିଟା ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛି । ଅନ୍ୟତମ ସେସବୁ ମୋର ସାହିତ୍ୟ ପ୍ରତି ପ୍ରତିବଦ୍ଧତା

ଆହୁରି ଶକ୍ତ କରିଛି । ମତେ ଲେଖିବାର ପ୍ରେରଣା ଯୋଗେଇଛି । ମୁଁ ଯଦି ଲେଖି ନ ଥାନ୍ତି ଏ ସବୁ ସାରସ୍ୱତ ସମ୍ମାନ ଲାଭ କରିଥାନ୍ତି କି ?

ଜଣେ କବି ସମ୍ମାନ ଓ ସମ୍ବର୍ଦ୍ଧନା ପାଇଁ କବିତା ଲେଖେ ନାହିଁ । ସେ ଲେଖେ ତା ଖୁସି ପାଇଁ ତେବେ ସମ୍ମାନ ଓ ସମ୍ବର୍ଦ୍ଧନା ତା ମନରେ ଉତ୍ସାହ ଆଣେ ନିଶ୍ଚୟ କିନ୍ତୁ ସେ ଲେଖିବାବେଳେ ସମାଜକୁ ତା ଆଖି ଆଗରେ ରଖିଥାଏ । କବି ମଧ୍ୟ ଜଣେ ସାମାଜିକ ପ୍ରାଣୀ । କବିତାଠାରୁ ସମାଜ ବିଚ୍ଛିନ୍ନ ହୋଇପାରିବ ନାହିଁ । କବି ତେଣୁ ସମାଜ ପାଇଁ ଲେଖେ । ଜଣେ କବିର କବିତାରେ ତିନୋଟି ପ୍ରେମ ରହିବା ଆବଶ୍ୟକ । ୧. ବିଶ୍ୱପ୍ରେମ, ୨. ପ୍ରକୃତିପ୍ରେମ, ୩. ବ୍ୟକ୍ତିଗତ ପ୍ରେମ । ସେ ସମାଜକୁ ଭଲ ପାଏ । ମଣିଷକୁ ଭଲ ପାଏ । ଅନ୍ୟର ଦୁଃଖକୁ ସେ ନିଜ ଭିତରେ ଅନୁଭବ କରେ । ନିଜ ଶୂନ୍ୟ ଅନ୍ତରକୁ ଅନ୍ୟକୁ ଶ୍ରଦ୍ଧା, ସ୍ନେହ ଓ ମମତାରେ ପରିପୂର୍ଣ୍ଣ କରେ । ସେଥିପାଇଁ ତ ସେ କହିପାରେ ସବୁରି ଲୁହରେ ସବୁରି ଲହୁ / ଅନ୍ତରେ ଆଣି କରେ ମୁଁ ମହୁ । (ରାଧାମୋହନ ଗଡ଼ନାୟକ) । ଜଣେ କବିର ସମାଜ ପ୍ରତି ଦାୟବଦ୍ଧତା ଅଛି । ସେ ସ୍ୱପ୍ନ ସଂଚାରୀ ଖାଲି ହେଲେ ଚଳିବ ନାହିଁ । ସେଥିପାଇଁ ତ କବି ବିଦ୍ୟୁତ୍ ପ୍ରଭା କହିଥିଲେ 'ଚୋରା ଚଇତାଳି, ଚପଳ ବିଳାସେ ଭାସିଲେ କି ହେବ କବି / ନ ଫୁଟିଲା ଯଦି ଲେଖନୀରେ ତବ ବ୍ୟଥାର କରୁଣ ଛବି ।' ତେଣୁ ଆଖି ଆଗରେ ମଣିଷର ଦୁଃଖ, ବେଦନା ଦେଶ ବା ବିଦେଶରେ ଯୁଦ୍ଧ, ସାଂପ୍ରଦାୟିକତା, ଧର୍ମାନ୍ଧତା, ପ୍ରକୃତିର କରାଳ ଦୁର୍ବିପାକ ଇତ୍ୟାଦି ଦେଖି ଆଖି ବନ୍ଦ କରି ରହିଗଲେ ହେବ ନାହିଁ । ସାହିତ୍ୟ ଗୋଟିଏ ଗୁଳି ନୁହେଁ ଯେ ସାଂଗେ ସାଂଗେ କାହାର ଜୀବନ ନେଇପାରିବ । ତେବେ ଅଶୀ ଠାରୁ ମସିର ଶକ୍ତି ଅଧିକ । ତେଣୁ ସାହିତ୍ୟ ଆସ୍ତେ ଆସ୍ତେ ମଣିଷର ମନରେ ସଚେତନତା ସୃଷ୍ଟି କରି ଅର୍ଥାତ୍ ପରୋକ୍ଷ ଭାବେ ସମାଜକୁ ବଦଳାଇ ପାରିବ, ତାର ଭୂରି ଭୂରି ଉଦାହରଣ ବିଶ୍ୱସାହିତ୍ୟରେ ଅଛି । ଆମେରିକାରେ ଏକଦା ପ୍ରଚଳିତ ଘୃଣ୍ୟ କ୍ରୀତଦାସ ପ୍ରଥାଲୋପ ପଛରେ 'ଟମ କକାଙ୍କ କୁଟୀର' ବା 'Uncle Tom's Cabin'ର ପ୍ରଭାବ ରହିଥିଲା । ମାକସିମ୍ ଗର୍କିଙ୍କ 'ମାଆ' ଉପନ୍ୟାସ ଋଷିଆରେ ରାଷ୍ଟ୍ର ବିପ୍ଳବ ସୃଷ୍ଟି କରିପାରିଥିଲା । ତେଣୁ ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ନିଶ୍ଚିତ ଭାବରେ ରହିଛି ଓ ରହିବ ମଧ୍ୟ ।

ଜଣେ କବିର ଶ୍ରେଷ୍ଠ କବିତା କେଉଁଟି ? ଏକଥା କେହି କବି ଗାଳ୍ପିକ କି ଔପନ୍ୟାସିକ କହିପାରିବେ ନାହିଁ । ସତକଥା, ଜଣେ କବି ସବୁବେଳେ ଗୋଟିଏ ଶ୍ରେଷ୍ଠ କବିତା ରଚନା କରିବା ଚେଷ୍ଟାରେ ଥାଏ । କିନ୍ତୁ ସାହସର ସହ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କବିତାକୁ ସର୍ବଶ୍ରେଷ୍ଠ କହିପାରେ ନାହିଁ ; ଯଦିଓ ତାର ଲିଖିତ କବିତା ଭିତରେ କିଛି ଦୁର୍ବଳ କିଛି ସବଳ କବିତା (କାବ୍ୟିକ ଅବବୋଧ ଦୃଷ୍ଟିରୁ) ରହିଥାଏ । ଜଣେ ମାଆ ନିକଟରେ ସବୁ ସନ୍ତାନ ସମାନ । କବି ବି ତ ନାରୀ ପୁରୁଷ ନିର୍ବିଶେଷରେ ଜଣେ ମାଆ, କାରଣ ସେ

କବିତାକୁ ଜନ୍ମଦିଏ । ତଥାପି ବେଳେବେଳେ ମାଆର କୌଣସି ଗୋଟିଏ ସନ୍ତାନ ପାଇଁ ଅଧିକ ଆସକ୍ତି ରହିଥାଏ । ସେମିତି ମୁଁ ମୋର ଶ୍ରେଷ୍ଠ କବିତା କେଉଁଠି ତାହା କହିପାରିବି ନାହିଁ । ସବୁ କବିମାନଙ୍କ ଭଳି ମୁଁ ମୋର ଶ୍ରେଷ୍ଠ କବିତା ଅବତରଣ ଅପେକ୍ଷାରେ ଏ ଯାଏଁ ଅଛି । ପାଠକ ଶ୍ରେଷ୍ଠ ବିଚାରକ । ତେଣୁ ପାଠକକୁ ଯାହା ଭଲ ଲାଗିବ ତାହା ହିଁ ଭଲ କବିତା । ତେବେ ମୋ ଲିଖିତ କିଛି କବିତା ମତେ ଆତ୍ମତୃପ୍ତି ଦେଇଛି । ତାକୁ ଲେଖିଲାବେଳେ ମୋ ଆଖି ଲୁହରେ ଓଦା ହୋଇଯାଇଛି । ତା' ଭିତରୁ ଗୋଟିଏ କବିତାର ନାମ ହେଉଛି 'ଯୋଦ୍ଧା' । ମୋର ଜଣେ ସହକର୍ମୀଙ୍କ ଏକମାତ୍ର ଇଞ୍ଜିନିୟରିଂ ପଢୁଥିବା ପୁଅର ଦୁର୍ଘଟଣାରେ ମୃତ୍ୟୁ ପରେ ଏ କବିତାଟି ମୁଁ ଲେଖିଥିଲି । ଆଉ ଗୋଟିଏ କବିତା ହେଉଛି 'ମାଆ' କାରଗିଲ୍ ଯୁଦ୍ଧରେ ଶହୀଦ ଜଣେ ଯବାନଙ୍କର ମୃତ୍ୟୁ ପରର ସମସ୍ତ କ୍ଷତିପୂରଣ ଚାକିରୀ ଓ ଭୁବନେଶ୍ୱରରେ ମିଳିଥିବା ଜାଗା ନେଇ ବିଧବାବୋହୂ ଚାଲିଗଲା ପରେ ସେହି ଯବାନଙ୍କର ଅସହାୟ ବିଧବା ମାଆଙ୍କ ଦୂରାବସ୍ଥାକୁ ନେଇ କବିତାଟି ମୁଁ ଲେଖିଥିଲି । ଏ ଖବରଟି ମୁଁ ସମ୍ବାଦ ପତ୍ରରେ ପଢ଼ିଥିଲି । ଏମିତି ଆଉ କେତୋଟି କବିତା ଅଛି ଯାହାକୁ ଲେଖି ମୁଁ ଆତ୍ମତୃପ୍ତି ପାଇଛି ।

ପାଠକମାନେ ହିଁ ଜଣେ କବି ତଥା ସାହିତ୍ୟକର ଶ୍ରେଷ୍ଠ ପୁଞ୍ଜି । 'କୋଟି କବି ଆୟୁ ଘେନି ପ୍ରଶସ୍ତେ, ଗୋଟିଏ ଗ୍ରାହକ ଥିବ କି 'ସୁସ୍ଥେ'- ଦୀନକୃଷ୍ଣ । ଓଡ଼ିଆ କବିତା ଦୁର୍ବୋଧ୍ୟ ହୋଇଯାଉଛି ବୋଲି ଅଭିଯୋଗ ଆସୁଛି । ତେବେ କାବ୍ୟ କବିତା ସବୁବେଳେ ବିଦଗ୍ଧ ମଣ୍ଡଳୀ ଦ୍ୱାରା ହିଁ ପଠିତ ଓ ଆଲୋଚିତ ହେଉଥିଲା । ତେଣୁ ଚିହ୍ନରା ଗ୍ରାହକମାନଙ୍କ ପାଇଁ କବିତା । ସୁଖର କଥା ୧୯୮୦ ମସିହା ପରବର୍ତ୍ତୀ ସମୟରେ ଲିଖିତ କବିତା ପୁଣି ସରଳ, ବୋଧଗମ୍ୟ ହେଲାଣି ଓଡ଼ିଆ କବିତାର ଜୟଯାତ୍ରା ଅବ୍ୟାହତ ରହୁ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ସାମରାଏପୁର, ଭଦ୍ରକ

❐

ମନ୍ତେଇ : ସ୍ନେହସିକ୍ତ ଧାରାର ପ୍ରବାହ



ଶ୍ରୀଗୋବିନ୍ଦ

“ମନ୍ତେଇ କୂଳରେ ଜନ୍ମ ନେଇଛନ୍ତି ଅନେକ ସ୍ୱାରସ୍ୱତ ସାଧକ । ବାଲ୍ୟଜୀବନରୁ ମନ୍ତେଇ ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ନିଜର ଅନୁଭବରେ ଲେଖିଛନ୍ତି କେତେକେତେ କଥା । ଉଷାକାବ୍ୟରେ ରାଧାନାଥ ପ୍ରତ୍ୟେକ୍ଷ ଭାବରେ ଲେଖି ନଥିଲେ ବି ଭେଡ଼ାକୁ ସମୃଦ୍ଧ କରିଥିବା ମନ୍ତେଇର ପୃଷ୍ଠଭୂମିକୁ ନେଇ ରଚନା କରିଛନ୍ତି । ଏହି ମାଟିର ଜଣେ ସ୍ୱନାମଧନ୍ୟ କବି ପଦ୍ମଲୋଚନ ମଧ୍ୟ ମନ୍ତେଇ ବାବଦରେ ଲେଖିଛନ୍ତି ଅନେକ କାବ୍ୟକବିତା ।”

ମନ୍ତେଇ ନଈ ନୁହେଁ ଏକ ଆବେଗ ଓ ଭାବପ୍ରବଣତା । ଏହି ମନ୍ତେଇ ନଈ କେତେ ସୁଖ-ଦୁଃଖକୁ ଲୋକମାନଙ୍କ ପରି ବି ଅଙ୍ଗେ ଲିଭେଇଛି । ଏହି ନଈରେ ଭାସିଯାଇଛି ଏପଟ ଗାଁରୁ ସେପଟ ଗାଁକୁ ବୋହୂ ହୋଇଯାଇଥିବା ଝିଅର ପାଦ ଅଳତା, ସଅଁପି ଦେଇ ଆସିଥିବା ବାପାର ଆଖିଲୁହ, ସାଇକେଲ ନେଇ ପ୍ରେମିକା ଘରକୁ ଯାଉଥିବା ପୁଅର ବ୍ୟାକୁଳତା ଓ ଦେଖା ନପାଇ ଫେରିବାର ଆକୁଳତା । ଏହି ନଈ ଚାଷୀ ଆଖିରେ ଲୁହ ଦେଇନି କେବେ ବରଂ ବାରମାସ ପେଟକୁ ଗଣ୍ଡେ ଦାନା ଦେବାକୁ ଯେମିତି ଅବାରିତ ବୁହାଇ ଚାଲିଛି ଅମୃତର ଧାରା । ବନ୍ୟା ଆସିଲେ ଚାଷ ଜମିରୁ ଜମିଥିବା ଜଳକୁ ନିଷ୍କାସିତ କରିନିଏ, ହେଲେ କେବେ ବନ୍ୟାର ବିଭୀଷିକା ଖେଳାଇ ଦେଇନାହିଁ । ଦେଇନାହିଁ କେବେ ଲୋକଙ୍କ ଆଖିରେ ଲୁହ ।

ସେପଟରେ ନାଉରୀ ନାଆ ପାରିଦେଇ ଘାଟ ଜଗିଥିଲେ ବି ଏପଟରୁ ଡାକିଦେଲେ, ଓଃ... କରେ । ଝିଅ ଘରକୁ ଯିବ ଭାର, ଆସିବ ହାଟ ସଉଦା, ଯିବେ ବରଧରା, ଆସିବେ ପାଲିଙ୍କି ସବାରୀରେ ବର କନିଆ, ଶୁଦ୍ଧିଘରକୁ ଯିବ ନୂଆବୋହୂ, ମାମୁଁଘରକୁ

ଯିବାକୁ ପଡ଼ିବ ଘାଟପାରିହୋଇ... ଏମିତି ନିତିଦିନିଆ ଲାଗେ ମନ୍ତେଇ ଘାଟରେ ମେଳା । ଯେମିତି ଯାନିଯାତରାରେ ଚିହ୍ନାଲୋକ ଦେଖିଲେ ସୁଖ-ଦୁଃଖ ହେବାକୁ ତର ମିଳେ, ସେମିତି ମନ୍ତେଇକୂଳରେ ବି କାହିଁ କେଉଁଦିନରୁ ଦେଖା ହୋଇ ନଥିବା ପରିଚିତ ଲୋକମାନେ ଦେଖା ହୁଅନ୍ତି । ଏହି ଯିବା ଆସିବା ରାସ୍ତାରେ ପୁଅ କି ଝିଅ ପାଇଁ ବି ଖୋଜା ହୋଇଯାଏ ପାତ୍ର, ଠିକ୍ ହୋଇଯାଏ ବାହାଘର । ଗାଁ ଦାଣ୍ଡ ପରି ମନ୍ତେଇ ଜନଜୀବନ ଭିତରେ ବୋହି ଯାଇଛି ବୋଲି ଏଘରୁ ସେଘରକୁ ଗଲାପରି ସଞ୍ଜ ସକାଳେ ନିତି ଆତଯାତ ହୁଏ ଭାବପ୍ରବଣତା, ପବନ ବି ଉଡ଼େଇନିଏ ଏ ଗାଁରୁ ସେ ଗାଁକୁ ମନ୍ତେଇ ପାର କରି ତିଅଣର ବାସ୍ନା ।



ମନ୍ତେଇକୁ ନଈ ବୋଲି କେହି କହନ୍ତିନି ବରଂ ଜୀବନ ବୋଲି ବେଶୀ ଲୋକ ମାନିଥାନ୍ତି । କାରଣ ଏହି ନଈକୂଳରେ ବାସ କରୁଥିବା ଲୋକଙ୍କ ଜୀବନ୍ୟାସ ଜଳରେ ନୁହେଁ ଜୀବନରେ ଦାୟିକା ସୁଝେ ବୋଲି ବୁଝିବାକୁ ପଡ଼ିବ ।

ଅତୀତର ମନ୍ତେଇ:

ମନ୍ତେଇର ଉତ୍ପତ୍ତିକୁ ନେଇ ବିଭିନ୍ନ ଐତିହାସିକଙ୍କ ମତ ଭିନ୍ନ ଭିନ୍ନ । ଏହା ବଙ୍ଗୋପସାଗରେ ଧାମରା ଠାରେ ମିଶିଥିବା ବୈତରଣୀ ନଦୀର ସଂଗମ ସ୍ଥଳରୁ ଉତ୍ପତ୍ତି ବୋଲି କେହିକେହି କହୁଥିବାବେଳେ ଆଉ କେହିକେହି କୁହନ୍ତି କଞ୍ଜୁଡ଼ି ନଦୀ ଓ ଧଳାନଦୀର ଜଳରେ ମନ୍ତେଇ ପରିପୂର୍ଣ୍ଣା । ଦଧିବାମନପୁର ନିକଟସ୍ଥ ପଦ୍ମପୁର ବଡ଼ଅଗାପୁର ନିକଟରେ ମନ୍ତେଇ ସହ ମିଶିଛି କଞ୍ଜୁଡ଼ି ନଦୀ । କୁଣ୍ଡି ଓ ଧନୁତ୍ରୀ ନଦୀ ସଦାନନ୍ଦପୁର ଠାରେ ମିଶି ଧଳା ନଦୀ ନାମରେ ହୋଇଛି ନାମକରଣ । ଏହି ଧଳା ନଦୀ ସୟା ପଞ୍ଚାୟତର ତଳବନ୍ଧ ଓ ବାହାକୁଲାର ଉତ୍ତର ଦିଗରେ ପ୍ରବାହିତ ହୋଇ ମାଧପୁର ଠାରେ ମନ୍ତେଇକୁ ଛୁଇଁଛି । ଏବାବଦରେ ମନ୍ତେଇକୁ ଗଙ୍ଗାସହ ସମାନ କରି କାବ୍ୟ କବିତା ରଚନା କରିଥିବା କବି ପଦ୍ମଲୋଚନ ନାୟକ ତାଙ୍କ ପୁସ୍ତକ 'ବେଳାଭୂମିର କ୍ଷେତ୍ରପାଳ'ରେ ନଦୀର ଉତ୍ପତ୍ତି ସଂପର୍କରେ କହିଛନ୍ତି । ପଦ୍ମପୁର ସୟା ନିକଟରେ ଚୁଡ଼ାଖିଆ ଧାର ସହିତ ଉପର ଧାରର ସଂଯୋଗକ୍ରମେ ନଦୀ ସୃଷ୍ଟି ହୋଇଛି । ଆଉ କେତେକ ମଧ୍ୟ ମତ ଦିଅନ୍ତି ବାସୁଦେବପୁର ଉତ୍ତରରେ ପ୍ରବାହିତ କାଂଶବାଂଶ ନଦୀର ଏକ ଶାଖା ନଦୀ ଗମେଇ ଶାଶୂ ଭୂଆଶୁଣି ମନ୍ଦିର ପାଖରେ ଦୁଇଭାଗ ହୋଇଛି । ଗୋଟିଏ ଚୁଡ଼ାମଣି ଦେଇ ସମୁଦ୍ରରେ ମିଶିବା ବେଳେ ଅନ୍ୟ ଧାରଟି ନାଆପଟା ନଦୀ ନାମ ନେଇ ପରେ ମନ୍ତେଇରେ ରୂପାନ୍ତରିତ ହୋଇଛି ।

ମନ୍ତେଇକୁ ନେଇ ଗୀତ ଓ କବିତା-

ମନ୍ତେଇ କୂଳରେ ଜନ୍ମ ନେଇଛନ୍ତି ଅନେକ ସ୍ୱାରସ୍ୱତ ସାଧକ । ବାଲ୍ୟଜୀବନରୁ ମନ୍ତେଇ ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ନିଜର ଅନୁଭବରେ ଲେଖିଛନ୍ତି କେତେକେତେ କଥା । ଉଷାକାବ୍ୟରେ ରାଧାନାଥ ପ୍ରତ୍ୟେକ୍ଷ ଭାବରେ ଲେଖି ନଥିଲେ ବି ଭେଡ଼ାକୁ ସମୃଦ୍ଧ କରିଥିବା ମନ୍ତେଇର ପୃଷ୍ଠଭୂମିକୁ ନେଇ ରଚନା କରିଛନ୍ତି । ପାଳିଆରେ ଥିବା ବିରଞ୍ଚିନାରାୟଣ ମନ୍ଦିର, ଭେଡ଼ାର ଜନପଦ, ସମୁଦ୍ରର ତଟଦେଶରେ ଥିବା ଅଞ୍ଚଳ ସ୍ୱରୂପ ଉଷାକାବ୍ୟରେ ବର୍ଣ୍ଣନା କରିଛନ୍ତି । ସେହିଭଳି ଏହି ମାଟିର ଜଣେ ସ୍ୱନାମଧନ୍ୟ କବି ପଦ୍ମଲୋଚନ ମଧ୍ୟ ମନ୍ତେଇ ବାବଦରେ ଲେଖିଛନ୍ତି ଅନେକ କାବ୍ୟକବିତା ।

ତାଙ୍କର କାବ୍ୟ 'ବନ୍ଦିତ କର୍ଣ୍ଣଧାର'ରେ ଲେଖିଛନ୍ତି, ଗଙ୍ଗା ସିନ୍ଧୁ ଗୋଦାବରୀ ଯା ମନ୍ତେଇର ଧାର/ଦିବ୍ୟଦାତ୍ରୀ, ବରଧାତ୍ରୀ ଆଦ୍ୟ ଜୀବନର । ସେହିଭଳି ଗୌରହରି ଦାସ, ମଥୁରୀ ମୋହନ ବେହେରା, ପଞ୍ଚାନନ ନାୟକ, ବାଇଧର ନାୟକ, ଧୀରେନ୍ଦ୍ର ଦଳ, ବାଦଲ ମହାନ୍ତି, ଅମରେଶ ବିଶ୍ୱାଳ, ରବି କୁମାର ମହାନ୍ତି ଆଦି ଲେଖକମାନେ ନିଜର ଲେଖା ମାଧ୍ୟମରେ ମନ୍ତେଇର ଗୁଣଗାନ କରିଛନ୍ତି । ଓଡ଼ିଶାର ସ୍ୱନାମଧନ୍ୟ ଗୀତିକାର ପଞ୍ଚାନନ ନାୟକ ମଧ୍ୟ କୁଆଁରୀ ଲାଜ ଆଲବମରେ ମନ୍ତେଇକୁ ନେଇ ନିଜର ଭାବ ଓ ସମ୍ବେଦନ ପ୍ରକାଶ କରିଛନ୍ତି । ଯେମିତିକି... ସରୁଆ ନଈ ସୁନୀଳ କଇଁ/କିଆକେତକୀର ଶେଫାଳୀଯୂଇ/ସଂଜୁଆ ଜହ୍ନର କଳାକଳା ଜାଇ/ ଡିବିର ଆଲୁଅ ନୂଆ ଛବିବହି । ମନ୍ତେଇ କେବଳ ନଦୀ ନୁହେଁ, ଜନଜୀବନ ସହିତ ଜଡ଼ିତ ରହିଥିବା ଭେଡ଼ାଲୋକଙ୍କର ଜୀବନ ଗୀତି ।

ମନ୍ତେଇ ନଈ ସହ ଯୋଡ଼ି ହୋଇରହିଥିବା ଐତିହ୍ୟ-

ମନ୍ତେଇ ନଈ ନିକଟବର୍ତ୍ତୀ ରହିଛି ଅନେକ ଧାର୍ମିକ, ସାଂସ୍କୃତିକ ଓ ଐତିହ୍ୟସ୍ଥଳୀ । ପାଳିଆରେ ବିରଞ୍ଚି ନାରାୟଣ ମନ୍ଦିର, ବାଲିମେଦ-ପାନପୁରରେ ଭେଡ଼ାନାୟକାଣୀ ମନ୍ଦିର, ଘଣ୍ଟେଶ୍ୱରର ପାଟଣ ମଙ୍ଗଳା, ଧାମରାର ମା' ଧାମରାଇଙ୍କ ମନ୍ଦିର, ପଞ୍ଚୁଟିକ୍ରିରେ ନଣ୍ଡାବାବାଙ୍କର ଆଶ୍ରମ ରହିଛି । ଏତଦ୍‌ବ୍ୟତୀତ ମନ୍ତେଇର ଐତିହ୍ୟକୁ ଭାରତ ଇତିହାସରେ ଉଜ୍ଜୀବିତ କରି ରଖିଥିବା ଚାରିବାଟିଆର ଗାନ୍ଧୀ ସ୍ମୃତି ଇତିହାସର ଏକ ବିଶେଷ ଅଧ୍ୟାୟ । ସ୍ୱାଧୀନତା ସଂଗ୍ରାମ ପାଇଁ ହରେକୃଷ୍ଣ ମହତାବଙ୍କ ସହ ଭାରତର ଜାତିର ପିତା ମହାତ୍ମାଗାନ୍ଧୀ ୩ ଦିନ କାଳ ମନ୍ତେଇ କୂଳରେ ଥିବା ଚାରିବାଟିଆରେ ଅବସ୍ଥାନ କରିଥିଲେ । ତାଙ୍କ ସହିତ ଉତ୍କଳମଣି ଗୋପବନ୍ଧୁ ଦାସ, ରମାଦେବୀ, ମହାଦେବ ଦେଶାଇ, କନିକାର ବିପ୍ଳବୀ ନେତା ଚକ୍ରଧର ବେହେରା ପ୍ରମୁଖ ଥିଲେ । ଚାରବାଟିଆ ରହଣିକାଳରେ ହଜାର ହଜାର ଲୋକଙ୍କୁ ଉଦ୍‌ବୋଧନ ଦେଇ ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରବର୍ତ୍ତାଇଥିଲେ । ସେତେବେଳେ ଇଂରେଜମାନଙ୍କ ପ୍ରରୋଚନାରେ କନିକା ରାଜା ପ୍ରଜାମାନଙ୍କୁ ଶୋଷଣ କରିବା ସହ ଅତ୍ୟାଚାର ମଧ୍ୟ କରୁଥିଲେ । ବିପ୍ଳବୀ ନେତା ଚକ୍ରଧର ବେହେରାଙ୍କ ସହ

ଗାନ୍ଧୀଜୀ ମଧ୍ୟ ଯୋଗଦେବାକୁ କନିକା ଯିବା ସମୟରେ ପ୍ରାଗ୍ ପ୍ରତିକୂଳ କାରଣରୁ ଫେରିଆସିଥିଲେ । ଚାରବାଟିଆରେ ମଧ୍ୟ ଇଂରେଜମାନଙ୍କର ରହିଛି ବାଣିଜ୍ୟିକ କୋଠି । ସେ ସମୟରେ ଇଂରେଜମାନେ କୋଲକାତାର ହୁଗୁଳି ନଦୀ ମୁହାଣରୁ ଭାୟା ବାଲେଶ୍ୱର ଦେଇ ଚାରବାଟିଆର ମନ୍ତେଇ ନଈ କୂଳରେ ତିଆରି କରିଥିଲେ ଏହି କୋଠି । ଜଳପଥରେ ବାଣିଜ୍ୟ ବ୍ୟବସାୟ କରିବାକୁ ଚାରବାଟିଆରେ ଇଂରେଜମାନେ ଅବସ୍ଥାନ କରୁଥିଲେ । ଆଜି ଭଗ୍ନ ଅବସ୍ଥାରେ ସେମିତି ପଡ଼ି ରହିଛି ଇଂରେଜମାନେ ତିଆରି କରିଥିବା ସୁଇସ୍ ଗେଟ୍ ଓ ବାଣିଜ୍ୟ କୋଠି । ମହାତ୍ମାଗାନ୍ଧୀ ଚାରବାଟିଆରେ ପହଞ୍ଚି ଇଂରେଜମାନଙ୍କୁ ଖାତିର ନକରି, ସେମାନଙ୍କ ବିରୋଧରେ ଜନତାଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ଦେଇଥିଲେ ଆହ୍ୱାନ । ଡିସେମ୍ବର ୧୬ ତାରିଖ ୧୯୨୭ ମସିହାରେ ମହାତ୍ମାଗାନ୍ଧୀ ଚାରବାଟିଆ ଆସି ୩ ଦିନ ଅବସ୍ଥାନ କରିଥିବାରୁ ଡିସେମ୍ବର ୧୭ ତାରିଖକୁ ପ୍ରତିବର୍ଷ ଗାନ୍ଧୀ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି । ମହାତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମନ୍ତେଇ କୂଳରେ ରହିଛି ଏକ ସ୍ମୃତି ସୌଧ ।

ମନ୍ତେଇ ଚାଷୀଙ୍କର ଭାତହାଣ୍ଡି-

ମନ୍ତେଇ ନଈ ଚାଷୀଙ୍କର ଭାତହାଣ୍ଡି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ମନ୍ତେଇର ଦୁଇ ପାର୍ଶ୍ୱରେ ପଦ୍ମପୁର ଠାରୁ ଧାମରା ପର୍ଯ୍ୟନ୍ତ ଶହ ଶହ ଗାଁ ଜଳସେଚନ ପାଇଁ ନିର୍ଭର କରିଥାନ୍ତି । ସେତେବେଳେ ରାଜସ୍ୱ ଆଦାୟ କରିବାକୁ ଜମିଦାରମାନେ ବିଭିନ୍ନ ଅଞ୍ଚଳକୁ ଭାଗଭାଗ କରି ନାମକରଣ କରିଥିଲେ । ମନ୍ତେଇରେ ଉଭୟପାର୍ଶ୍ୱରେ ଥିବା ଗାଁ ଗୁଡ଼ିକୁ କେତେକାଂଶରେ ଭେଡ଼ା ବୋଲି କୁହାଯାଉଥିଲା । ଭେଡ଼ା, ଆଙ୍କୁଡ଼ା ଓ ପ୍ରଗଣା- ଏହି ତିନିଭାଗରେ ବିଭକ୍ତ ହୋଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ବେଶି ଅଞ୍ଚଳ ଭେଡ଼ାର ମନ୍ତେଇ କୂଳରେ ଥିଲେ । ଏଣୁ ମନ୍ତେଇକୁ ଭେଡ଼ା ଅଞ୍ଚଳର ପ୍ରାଣକେନ୍ଦ୍ର ବୋଲି କୁହାଯାଏ । ଏହି ଅଞ୍ଚଳର ଲୋକ ବେଶି ଚାଷ ଉପରେ ନିର୍ଭର କରୁଥିବାରୁ ମନ୍ତେଇ ଖରାଦିନେ ଜଳସେଚନ ପାଇଁ ପାଣି ଯୋଗାଇ ଥାଏ, ଯଦିଓ ଲୁଣାପାଣି ଅନେକ ସମୟରେ ଚାଷବାଷ ପାଇଁ ବ୍ୟାଘାତ ସୃଷ୍ଟି କରେ । ବର୍ଷା ଦିନେ ମଧ୍ୟ ସେମିତି ଅଧିକ ବର୍ଷା ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟିହେଲେ କିମ୍ବା କାଂଶବାଂଶ, ଗମେଇ ଆଦି ନଦୀରୁ ବନ୍ୟାଜଳ ଚାଷଜମିକୁ ମାଡ଼ିଗଲେ, ତାହା ମନ୍ତେଇ ଦେଇ ସମୁଦ୍ରକୁ ଚାଲିଯାଏ । ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ନହୋଇ ଚାଷୀଙ୍କ ଫସଲକୁ ରକ୍ଷା କରିଥାଏ ଏହି ମନ୍ତେଇ ନଈ ।

ବାଣିଜ୍ୟିକ କେନ୍ଦ୍ରର ସଂଯୋଗକାରୀ ମନ୍ତେଇ-

ମନ୍ତେଇ ହେଉଛି ବାଣିଜ୍ୟ କାରବାର ପାଇଁ ସଂଯୋଗକାରୀ ନଦୀ । ମନ୍ତେଇକୂଳରେ ଥିବା ବାଲିଆପାଳ ପୂର୍ବରୁ ବାଣିଜ୍ୟ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା ଥିଲା । ଏଇଠି ଜଣେ ଗୁଜୁରାଟୀ ପ୍ରଥମେ ବ୍ୟବସାୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହା ବ୍ୟବସାୟ କ୍ଷେତ୍ର ପାଲଟିଯାଇଥିଲା । ଏହି କାରଣରୁ ମଧ୍ୟ ଘଣ୍ଟେଶ୍ୱର ବ୍ୟବସାୟ ପେଣ୍ଠସ୍ଥଳଭାବେ

ଜଣାଶୁଣା ପାଲଟିଥିଲା । କେବଳ ଏତିକି ନୁହେଁ ଇଂରେଜମାନେ କୋଲକାତା ହୁଗୁଳିରୁ ବାଲେଶ୍ୱର ଦେଇ ଖୋଳାଇଥିଲେ ଓସାରିଆ ଓ ଗଭୀର କେନାଲ । ଏହାର ମୁଖ୍ୟ ଲକ୍ଷ୍ୟଥିଲା ବ୍ୟବସାୟ । ଜଳପଥରେ ବାଲେଶ୍ୱର ଦେଇ ମନ୍ତେଇ ଚାରବାଟିଆରେ ପହଞ୍ଚିଲା ପରେ ଚାନ୍ଦବାଲି ଓ ଅନ୍ୟାନ୍ୟ ସ୍ଥାନ ସହ ବ୍ୟବସାୟ କରିବାକୁ ସୁବିଧା ହେଉଥିଲା । ସେଥିପାଇଁ ମନ୍ତେଇ ନଈ ଚାରିବାଟିଆ ଠାରେ ଏକ ଡକ୍ ନିର୍ମାଣ କରିଥିଲେ ଇଂରେଜ । ମନ୍ତେଇର ଚାରିବାଟିଆରୁ ସେମାନେ କୋଲକାତା ଯିବାପାଇଁ ଖୋଳାଇଥିବା କୋଷ୍ଟ କେନାଲକୁ ଜଳପଥଭାବେ ବ୍ୟବହାର କରୁଥିଲେ ।

ଜନଜୀବନରେ ଗାଁ ଦାଣ୍ଡ ପରି ମନ୍ତେଇ-

ଜନଜୀବନରେ ଗାଁ ଦାଣ୍ଡ ପରି ମନ୍ତେଇ ପ୍ରତୀୟମାନ ହୁଏ । କାରଣ ମନ୍ତେଇ ସିନା ବୋହିଯାଇଛି ଏପାଖ ଗାଁ ସେପାଖ ଗାଁ ମଝିରେ ସରୁ ଗଭୀରିଆ ନଈ ହୋଇ କିନ୍ତୁ ଜନଜୀବନକୁ ଭାଗ କରିପାରିନି ସଂପର୍କ ଆଧାରରେ । ଭୟାକୂଳ ପରିବେଶରେ ସରୁ, ଗଭୀର, କୁମ୍ଭୀରଙ୍କ ଆତଯାତ ଥିଲେ ବି ମନ୍ତେଇ କେହି କିନ୍ତୁ କାହାର ସଂପର୍କକୁ ଛିଡ଼ାଇ ଦେଇନାହିଁ ନଈର ଦ୍ୱାହି ଦେଇ । ଘାଟ ଜଗିଥାଏ ଘାଟିଆ, ରାତି ଅଧରେ ବି ଡାକିଲେ ପାର କରିଦିଏ ନଈ, କଣ୍ଠ ଦେଇ ଯାଇଥିଲେ ବି ସେମିତି ଅପେକ୍ଷା କରିଥାଏ ଘାଟିଆ ପୁନିଆ କା' । ମାମୁଁଘର ଡାଳଗଛ ଦେଖାଯାଉଥିବ ନଈ ଏପଟରୁ, ପୁନେଇଁ ସଂଜରେ ହାତଠାରି ବୋଉ ଦେଖେଇ ଦେଉଥିବା ମଥାନ ସନ୍ଧିରୁ ଜହ୍ନ, ଖରାଛୁଟିରେ ମାମୁଁଘରକୁ ବୁଲିଯିବାର ଲୋଭ... ସବୁରି ମଝିରେ ଯେମିତି ମନ୍ତେଇ ବାଟ ଓଗାଳି ଠିଆ ହୋଇଥିବ । ସଂଜରେ ପିଟୁଥିବା ପୂର୍ବାଳି ହାଣ୍ଡା ଜେଜେମାଆ ସଉପ ପାରିଦେଇ ପିଣ୍ଡାରେ ଶୁଣାଉଥିବ ମନ୍ତେଇର ଗପ, କେମିତି ଭାସିଯାଇଥିଲା ପୁନିଆ ଦା'ର ଦଶବର୍ଷର ଝିଅ, ସପତ୍ନୀ ମାଆକୁ ଟାଣିନେଇଥିଲା କୁମ୍ଭୀର, ନଈରୁ ଧରାଯାଉଥିବା ବାଳିଆ-ଶେଉଳ-ଭେକିଟି ମାଛରେ ଦ୍ୱି-ପ୍ରହର ରନ୍ଧା ଯାଇଥିବା ତର୍କାରୀର ବାସ୍ନା କେମିତି ମହକୁଥିଲା, ମହାତ୍ମା କେମିତି ଅହିଂସା ଆନ୍ଦୋଳନ ପାଇଁ ସଂଗ୍ରହ କରୁଥିଲେ ଶ୍ରଦ୍ଧାର ମୁଠି ଚାଉଳ... ଏମିତି ଏମିତି ସଂଜ ଯାଇ ରାତି ଅଧ ହେଇଯାଉଥିଲା... ସରୁ ନଥିଲା ଗପ । ଆଖିକୁ ଆସିଯାଉଥିଲା ନିଦ... ଗପ ପୁଣି କାଲି ସଂଜକୁ ରହୁଥିଲା ଧାରାବାହିକ ହୋଇ । ଆହୁରି ଜେଜେମାଆ କହୁଥିଲା ଆଗ ଯୁଗ ବାଘ ଖାଇଗଲାଣିରେ ବାପ... କାଲିପୁଣି ଲାଗୁଛି ଘଟିଯାଇଥିବା କେତେ ଘଟଣା । ଆଧୁନିକତା ଯୁଗକୁ ପରିବର୍ତ୍ତନ କରିଛି ସତ କିନ୍ତୁ ମନ୍ତେଇ କୂଳ ଗାଁରେ ବଢ଼ ହୋଇଥିବା ଲୋକେ କିନ୍ତୁ ଭୁଲିନାହାଁନ୍ତି ମନ୍ତେଇର ମମତା । ସହରରୁ ଗାଁକୁ ଆସିଲେ ବି ଘେରାଏ ମନ୍ତେଇ କୂଳରେ ବୁଲି ନଆସିଲେ କେମିତି କେମିତି ଲାଗେ ଯେମିତି ।

ସାନମଛୁଆଘାଇ, ରାଜଘରପୋଖରୀ, ଭଦ୍ରକ,
ମୋ-୭୦୦୮୯୧୩୫୮୯

❐

ରୂପର ଭାଷା : ଭାଷାର ରୂପ



ଡକ୍ଟର ଦାଶରଥି ଦାସ

“
କାବ୍ୟ ସୃଷ୍ଟି ପାଇଁ କଳ୍ପନା କେବେ ପର୍ଯ୍ୟାପ୍ତ ନୁହେଁ କି ବୁଦ୍ଧି ଓ ହୃଦୟାବେଗ ଯଥେଷ୍ଟ ନୁହେଁ । ଭାଷା ପ୍ରସାଦରୁ ବଞ୍ଚିତ ହେଲେ ସବୁ ନିରର୍ଥକ । କବିତା ତେଣୁ ଶବ୍ଦର ଦାନ । ଯେଉଁ ଭାଷାରେ ଲୋକଯାତ୍ରା ପ୍ରବର୍ତ୍ତିତ ରହେ, ତୁଚ୍ଛ କଳିତକରାଳରେ ଯାହାର ଆମେ ଇତରଜନୋଚିତ ପ୍ରୟୋଗ କରୁ ଓ ସମ୍ବାଦପତ୍ର ତଥା ପ୍ରାତ୍ୟହିକ କଥୋପକଥନରେ ଯାହା ପ୍ରତି ମୁହୂର୍ତ୍ତରେ ଜରାଜୀର୍ଣ୍ଣ ହୋଇଆସେ ସେହି ଭାଷା ହିଁ କବିଙ୍କର ଏକମାତ୍ର ସମ୍ବଳ ।
”

ଚିନ୍ତନୀୟ ଶକ୍ତି ଏହି ମଣିଷ ଭାଷାର । ତାହାରି ପ୍ରସାଦରେ ଲୋକଯାତ୍ରା ପ୍ରବର୍ତ୍ତିତ ରହିଛି- “ବାଚାମେବ ପ୍ରସାଦେନ ଲୋକଯାତ୍ରା ପ୍ରବର୍ତ୍ତତେ ।” କେବଳ ବହିର୍ଜଗତର ବସ୍ତୁକୁ ତାହା ବ୍ୟକ୍ତ ଓ ଉଜ୍ଜ୍ୱଳ କରେ ନାହିଁ, କଳ୍ପନାର ମାନସୀ ପ୍ରତିମାଗୁଡ଼ିକୁ ମଧ୍ୟ ନାମଧାମରେ ସୁପରିସ୍ଫୁଟ କରି ଦେଇପାରେ । ଭାବାଙ୍କୁର ରୂପେ ଯେଉଁସବୁ ବସ୍ତୁ ସମ୍ପର୍କଶୂନ୍ୟ ଛବି ମଣିଷର ବୌଦ୍ଧିକ ଚିନ୍ତାବିଳାସରୁ ଜନ୍ମ ଘେନନ୍ତି, ସେଗୁଡ଼ିକ ଭାଷା କୃପାରୁ ଜୀବନ୍ତ ଅସ୍ତିତ୍ୱ ଲାଭ କରିଥାନ୍ତି । ‘ପରମ ଲଘୁମଞ୍ଜୁଷା’ରେ କୁହାଯାଇଛି, “ବୌଦ୍ଧ ଏବାର୍ଥ ଶକ୍ୟ । ପଦମପି ସ୍ଖୋଟାତ୍ମକମ୍ ପ୍ରସିଦ୍ଧମେବ । ତୟୋସ୍ତାଦାତ୍ମ୍ୟମ୍ ।” ବନ୍ଧ୍ୟାସୁତ, ଶଶଶୃଙ୍ଗ ଆଦି ଶବ୍ଦ ପ୍ରାଦିପାଦିକ ରୂପେ ସ୍ୱୀକୃତ

ହୋଇଛନ୍ତି- ବନ୍ଧ୍ୟାର ସୁତ କାହିଁ ବା କାହିଁ ଶଶର ଶୃଙ୍ଗ ? ଅଥଚ ଶବ୍ଦ ସେଗୁଡ଼ିକୁ ଜୀବନ୍ତ ରୂପ ଦେଇପାରୁଛି ଓ ମନରୁ ବନ୍ଧ୍ୟାସୁତ ଓ ଶଶଶୃଙ୍ଗ ଓହ୍ଲାଇ ପଡୁଛନ୍ତି ନାମଧାମରେ ବେଶ୍ ଶ୍ରୀବନ୍ତ ହୋଇ । କବି ଏହି ଅଭୁତ ଶକ୍ତିସମ୍ପନ୍ନ ଶବ୍ଦର ଯାଦୁକର । ଶବ୍ଦର ପ୍ରୟୋଗ କୌଶଳରେ ସେ ମନ ଓ ପ୍ରାଣର ସବୁ ଅବ୍ୟକ୍ତ ରହସ୍ୟକୁ ସାକାର ରୂପ ଦେଇପାରନ୍ତି- ପ୍ରତ୍ୟକ୍ଷ ବାୟୁଭୂତ ଶୂନ୍ୟ ବି ନାମଧାମରେ ପ୍ରତିଷ୍ଠା ପାଏ ।

କାବ୍ୟ ସୃଷ୍ଟି ପାଇଁ ତେଣୁ କେବଳ କଳ୍ପନା କେବେ ପର୍ଯ୍ୟାପ୍ତ ନୁହେଁ କି ବୁଦ୍ଧି ଓ ହୃଦୟାବେଗ ଯଥେଷ୍ଟ ନୁହେଁ । ଭାଷା ପ୍ରସାଦରୁ ବଞ୍ଚିତ ହେଲେ ସବୁ ନିରର୍ଥକ । କବିତା ତେଣୁ ଶବ୍ଦର ଦାନ । ଯେଉଁ ଭାଷାରେ ଲୋକଯାତ୍ରା ପ୍ରବର୍ତ୍ତିତ ରହେ, ତୁଚ୍ଛ କଳିତକରାଳରେ ଯାହାର ଆମେ ଇତରଜନୋଚିତ ପ୍ରୟୋଗ କରୁ ଓ ସମ୍ବାଦପତ୍ର ତଥା ପ୍ରାତ୍ୟହିକ କଥୋପକଥନରେ ଯାହା ପ୍ରତି ମୁହୂର୍ତ୍ତରେ ଜରାଜୀର୍ଣ୍ଣ ହୋଇଆସେ ସେହି ଭାଷା ହିଁ କବିଙ୍କର ଏକମାତ୍ର ସମ୍ବଳ । ମନେହୁଏ ଯେପରି କବିଙ୍କ ମନ୍ତ୍ର ବଳରେ ବହୁକାଳର ପୁରୁଣା ଭାଷା ନୂଆ ହୋଇ ଉଠେ, ନବଯୌବନର ସଦ୍ୟ ବିସ୍ମୟରେ ଆଖି ମେଲେ । ସୁକବିଙ୍କ ବାଣୀ ଓ ପ୍ରିୟାର ଭାବିବିଳାସ ସମୂହ- ଏହି ଦୁଇଟିରେ ଅବଧି ନଥାଏ କି ପୁନରୁକ୍ତି ନଥାଏ । ସବୁକାଳେ ତାହା ନୂଆ ଆଉ ସୁନ୍ଦର ।

ପୁରୁଣା ଭାଷା ନୂଆ ହୁଏ କିପରି ? କି ମନ୍ତ୍ର ପଢନ୍ତି ଆଧୁନିକ କବି ? ପ୍ରକୃତରେ କବି କିଛି ମନ୍ତ୍ର ପଢ଼ନ୍ତି ନାହିଁ, ବରଂ ସେ ଭାଷାର ବ୍ୟାବହାରିକ ନିୟମ ପଦ୍ଧତି ବିରୁଦ୍ଧରେ ରୀତିମତ ରଚନାତ୍ମକ ଏକ ବିଦ୍ରୋହ କରି ଚାଲନ୍ତି । ଯେଉଁ ଭାଷା କବିଙ୍କର ଏକମାତ୍ର ସହାୟ, ତାହା ହିଁକାବ୍ୟରଚନାର ଘୋରତର ଅନ୍ତରାୟ ହୋଇ ଠିଆ ହୁଏ । ଆଧୁନିକ କବିଙ୍କୁ ତେଣୁ ପ୍ରଚଳିତ ଭାଷା ବ୍ୟବସ୍ଥା ବିରୁଦ୍ଧରେ ଯିବାକୁ ହେଉଛି । କାରଣ ସଭ୍ୟତାର ଗତିସ୍ରୋତରେ ଭାଷାର ଯେଉଁ ବିକାଶ ସାଧିତ ହୁଏ ତାହା କବିତାର ଅନୁକୂଳ ହୋଇପାରେ ନାହିଁ । ଧୀରେ ଧୀରେ ଭାଷା ଐନ୍ଦ୍ରିୟ ଅନୁଭବକୁ ଅତିକ୍ରମ କରି ମନୋଗତ ବୌଦ୍ଧିକ ବିଚାର ପ୍ରକଟନ କରିବାକୁ ଉନ୍ମୁଖ ହୋଇଉଠେ, ଶବ୍ଦର ମୂଳ ଚିତ୍ରାତ୍ମକ କ୍ଷମତା କମେ । ବ୍ୟାବହାରିକ ପ୍ରୟୋଗ ଓ ଉପଯୋଗିତା ଏଣେ ଭାଷାକୁ ପାରିଭାଷିକ ନିଶ୍ଚିତତା ଦେଇ ଚାଲିଥାଏ । ତେଣୁ ପ୍ରତ୍ୟେକଟି ଶବ୍ଦର ଜଟିଳ ଇନ୍ଦ୍ରିୟଗ୍ରାହ୍ୟ ରୂପ ଲିଭି ଲିଭି ଆସେ ଓ ତାହା ହୋଇଉଠେ ଆମୂର୍ତ୍ତବିଚାରବାହକ abstract idea ବା ପ୍ରତୀକ । କିନ୍ତୁ ଏକଦା ଭାଷାର ପ୍ରତ୍ୟେକଟି ଶବ୍ଦ ଥିଲେ ଅନୁଭୂତ ବସ୍ତୁବ୍ୟଞ୍ଜକ । ସେଦିନ ପୃଥିବୀ ବଡ଼ ସତେଜ ଓ ନବୀନ- କଥା ପଦେ କହିଦେଲେ ଝରି ପଡୁଥିବ କବିତା- ନାମକରଣ ମଧ୍ୟରେ ଫୁଟୁଥିବ ଅନୁପ୍ରେରଣା, ମଣିଷର ଉଦ୍ଭାବନୀ ମୁଖରୁ ସହଜ ଚିତ୍ରକଳ୍ପର ଧାରା ବି ଝରି ଆସୁଥିବ ।

ସେହିଦିନଠାରୁ ମଣିଷ ସଭ୍ୟତା ଯେତେ ଯେତେ ଦୂରକୁ ଅଗ୍ରସର ହେଉଛି, କବିତାର ସୌଭାଗ୍ୟ ସେତେ ସେତେ ନିଷ୍ପ୍ରଭ ହୋଇଉଠୁଛି । ଆମକୁ ଏଠାରେ ଭାଷାବିଜ୍ଞାନ ସମର୍ଥନ କରିବ । ଭାଷା ବିଜ୍ଞାନ ଅନୁସନ୍ଧାନ ପ୍ରମାଣ କରିଛି, ଭାଷାର ପ୍ରତ୍ୟେକ ଶବ୍ଦ ମୂଳତଃ ଏକ ଏକ ରୂପକ ବା ମେଟାଫର । ଆମର 'ପ୍ରବୀଣ' ଓ 'କୁଶଳ' ଶବ୍ଦ ଦୁଇଟିକୁ ଦେଖନ୍ତୁ- ବୀଣାବାଦନଦକ୍ଷ ପ୍ରବୀଣ ଓ କୁଶ ଚୟନକାରୀ କୁଶଳ ଶବ୍ଦର ଏହି ମୂଳ ରୂପ ସ୍ୱାଭାବିକ ଭାବରେ ଚିତ୍ରକଳ୍ପାତ୍ମକ । ଏହି ରୂପ ଆଜି ଶେଷ ପ୍ରାୟ । ସାଦୃଶ୍ୟବିଧାନ (analogy) ସବୁଦିନେ ଭାଷାର ମୌଳିକ ପ୍ରକୃତିର ନେପଥ୍ୟନିହତ- ଓ ଶବ୍ଦ ରୂପକ । ତେଣୁ ଶବ୍ଦଗୁଡ଼ିକୁ ଅନେକେ ମୃତ ରୂପକ ଓ ଜୀବିତ ରୂପକ ଭେଦରେ ଦ୍ୱିଧା ବିଭକ୍ତ କରିଛନ୍ତି । ମୃତ ରୂପକ ବ୍ୟବହୃତ ହୁଏ ସାଧାରଣ କଥୋପକଥନରେ ଓ ଜୀବିତ ରୂପକ କାବ୍ୟ କବିତାରେ । ମାକ୍ସ ମୁଲାର 'Science of language' ଗ୍ରନ୍ଥରେ ମୃତରୂପକଗୁଡ଼ିକର ନାମ ରଖିଛନ୍ତି radical metaphor ବା ମୂଳୋଦ୍ଭୂତ ରୂପକ ଓ ଜୀବିତ ରୂପକର ନାମ poetical metaphor ବା କାବ୍ୟାତ୍ମକ ରୂପକ । 'ପ୍ରବୀଣ' ଓ 'କୁଶଳ' ଶବ୍ଦ ଦୁଇଟି ମୂଳୋଦ୍ଭୂତ ରୂପକ । ଦୁହେଁ ଏବେ ନିଜର ଧାତୁଗତ ଅର୍ଥ ଭୁଲି ସାମାନ୍ୟ ଅର୍ଥ ପ୍ରକାଶ କଲେଣି । ଅନ୍ୟ ପକ୍ଷରେ କାବ୍ୟାତ୍ମକ ରୂପକ ଯେକୌଣସି ବିଶେଷ୍ୟ କ୍ରିୟାପଦକୁ ତା'ର ପ୍ରଚଳିତ ଓ ପରିଚିତ ସନ୍ଦର୍ଭରୁ ବିଚ୍ଛିନ୍ନ କରି ଆଣି ଅନ୍ୟ ବସ୍ତୁ ପ୍ରକ୍ରିୟା ଉପରେ ଆରୋପ କରିଦିଏ । ଝରଣା ଝରି ପଡୁଛି ନକହି କୁହାଯାଇପାରେ ଝରଣା ନାଚି ଯାଉଛି, ପର୍ବତକୁ କହିହୁଏ ଧରଣୀର ସ୍ତନ ଓ ନଦୀକୁ ଲଳନା । ଏପରି ଦ୍ୱିଧା ବିଭାଜନ ହୁଏତ ସର୍ବାଂଶରେ ଯଥାର୍ଥ ନୁହେଁ- ତେବେ ଏତିକି ସ୍ୱୀକାର କରିବାକୁ ହେବ ଯେ, ଶବ୍ଦ ମୌଳିକ ରୂପରେ ଥିଲା ମୂର୍ତ୍ତି ଓ ଇନ୍ଦ୍ରିୟଗ୍ରାହ୍ୟ; ଏବେ ହୋଇଛି କାଳକ୍ରମେ ସୂଚନାତ୍ମକ ଚିହ୍ନ ବା ନାମ ମାତ୍ର । ଭାଷାନ୍ତରେ କୁହାଯାଇପାରିବ ଭାଷା ତାର କାବ୍ୟାତ୍ମକ ରୂପ ପରିବର୍ତ୍ତିତ କରି ଧୀରେ ଧୀରେ ଗଦ୍ୟର ପ୍ରକୃତ ଅଙ୍ଗୀକାର କରୁଛି- ତେଣୁ ଅନେକ ମନେ କରନ୍ତି, ମୃତ ରୂପକ ଓ ଜୀବିତ ରୂପକର ପାର୍ଥକ୍ୟ ହେଉଛି ମୂଳତଃ ଗଦ୍ୟ ଓ କବିତା ପାର୍ଥକ୍ୟ । କବିତାକୁ 'Non-Symbolic Art' ବୋଲି Illusion and reality ଗ୍ରନ୍ଥରେ କ୍ରିଷ୍ଟୋଫର କ୍ଲାଡ଼ଓଏଲ ଯାହା କହିଛନ୍ତି, ତାହା ଗଦ୍ୟଠାରୁ କାବ୍ୟକୁ ସବୁବେଳେ ପୃଥକ କରି ରଖିଛି- କବିତା ମୂର୍ତ୍ତକା, ମୂଳତଃ ଅପ୍ରତୀକାତ୍ମକ- ସେଥିରେ ଗଦ୍ୟ ଭଳି କୌଣସି ମୃତ ରୂପକ କି ପ୍ରତୀକର ବ୍ୟବହାର ନଥାଏ, ନଥାଏ ବି ଆଲଜେବ୍ରାର କଳ୍ପିତ ଚିହ୍ନ ସବୁର ପ୍ରୟୋଗ । ଆଜି ଶବ୍ଦର ମୂଳ ପ୍ରକୃତି ନିହିତ ରୂପକ ସବୁ ଜୀର୍ଣ୍ଣ ହୋଇ ଯାଉଥିବାରୁ କବିତାର ପ୍ରତି ପଦକ୍ଷେପରେ ନୂତନ ଚିତ୍ରକଳ୍ପର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଉଠୁଛି ।

ଶବ୍ଦକୁ ପ୍ରଥମେ ଗଦ୍ୟାତ୍ମକ ପ୍ରୟୋଗ ପରିଧିରୁ ଉଦ୍ଧାର କରିବାକୁ ହେବ- ବସ୍ତୁ ଓ କଳ୍ପିତ ସଙ୍କେତ ମଧ୍ୟରେ ଗଢ଼ି ଉଠୁଥିବା ବ୍ୟବଧାନକୁ ଯଥାସମ୍ଭବ ଘୁଞ୍ଚାଇବାକୁ ପଡ଼ିବ ।

ଶବ୍ଦ ଫେରିଯିବ ତାର ମୂଳ ସ୍ୱରୂପକୁ- ମୂଳ ଧ୍ୱନି ଓ ବସ୍ତୁ-ବ୍ୟଞ୍ଜନାକୁ । ଗଚ୍ଛିତ ଶବ୍ଦ ଓ ଅଭ୍ୟସ୍ତ ଅଭିବ୍ୟକ୍ତି ହାତରୁ କବିତାକୁ ରକ୍ଷା କରିବାକୁ ଆଜି ସବୁ କବି ବ୍ୟାକୁଳ । ତେଣୁ ସେ ବ୍ୟବହାରିକ ଭାଷାର ମୃତ ରୂପକଗୁଡ଼ିକ ଏକ ନୂତନ ପଟ୍ଟଭୂମିକୁ ତୋଳିନେଇ ପୁନର୍ଜୀବିତ କରିଲେ, ଶବ୍ଦକୁ ରୁଢ଼ିବଦ୍ଧ ମନୋଗତ ଅମୂର୍ତ୍ତ ବିଚାରର ସଙ୍କେତ ରୂପେ ସ୍ୱୀକାର ନକରି ସାକ୍ଷାତ ଜୀବିତ ବସ୍ତୁ ରୂପେ ଦେଖିଲେ, ସାର୍ଥକ ହେବ ତାଙ୍କର ଚିତ୍ରକଳ୍ପରଚନା ଓ କାବ୍ୟସାଧନା । ଭାଷାର ସେହି ଚିତ୍ରକଳ୍ପାତ୍ମକ ରୂପ ପ୍ରତି କବିଙ୍କର ଆକର୍ଷଣ ସବୁଠି ଆଜି ଅପରିସୀମ । ଭାଷାରୁ ପ୍ରତ୍ୟେକ ବସ୍ତୁର ମୌଳିକ ଅନାବୃତ ରୂପ ଉପଲବ୍ଧ ହେବା ଉଚିତ । ଭାଷାର ପ୍ରଚଳିତ ଓ ବ୍ୟବହାରିକ ବ୍ୟବସ୍ଥାକୁ ଉପେକ୍ଷା କରି ଭାବସମ୍ବେଗ ମାଧ୍ୟମରେ ମୂଳ ବସ୍ତୁକୁ ପ୍ରତ୍ୟକ୍ଷତଃ ଉପଲବ୍ଧ କରିବାର ପ୍ରଲୋଭନରୁ ଚିତ୍ରକଳ୍ପର ଜନ୍ମ ଓ ବିକାଶ । ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଥିବା ନାମବାଚକ ଶବ୍ଦ ଓ ବସ୍ତୁ ମଧ୍ୟରେ ଲିଭିଆସୁଥିବା ସବୁ ସ୍ମୃତିରେଖାକୁ କବିକଳ୍ପନା ଆକସ୍ମିକ ଭାବରେ ସଂଲଗ୍ନ କରିଦିଏ । ଚିତ୍ରକଳ୍ପ ଆତ୍ମପ୍ରକାଶ କରେ । ଭାଷାବିଜ୍ଞାନ ସହାୟତାରୁ କବିତାକୁ ନେଇ ଲାଭ ମିଳିଛି- ତାହା ପୁଣି ହୋଇଉଠୁଛି ସ୍ୱଚ୍ଛ, ସତେଜ, ସ୍ଫୁର୍ତ୍ତ ଓ ନବୀନ ।

କାବ୍ୟ ବିଚାର କ୍ଷେତ୍ରରେ କାବ୍ୟଭାଷା ଓ ଗଦ୍ୟର ପାର୍ଥକ୍ୟ ନିରୂପଣ ପ୍ରସଙ୍ଗ ଅତି ଗୁରୁତ୍ୱପୂର୍ଣ୍ଣ । ଏଠି ଆମେ ପ୍ରସଙ୍ଗତଃ ଆଧୁନିକ ଦର୍ଶନ ବିଭାଗ ପ୍ରତି ସିଂହାସନ ଲୋକନ କରି ପୁଣି ସେହି ଆଲୋଚନାକୁ ଫେରିପାରିବା- କାରଣ ଚିତ୍ରକଳ୍ପ ରଚନା କ୍ଷେତ୍ରରେ ଦର୍ଶନର ପ୍ରେରଣା କିଛି କମ୍ ନୁହେଁ- କାବ୍ୟ ଆଜି ଏଇ ଯେ ଅମୂର୍ତ୍ତ ଭାବନାକୁ ବିଦାୟ ଦେଇ ମୂର୍ତ୍ତ ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରକୁ ବରି ନେଇଛି । କାବ୍ୟର ଚିତ୍ରକଳ୍ପ ମଣିଷର ଇନ୍ଦ୍ରିୟଚେତନାକୁ କୌଣସି ସ୍ତରରେ ଛୁଇଁଗଲେ ବି ଯଥେଷ୍ଟ ହୁଏ- ଦୃଶ୍ୟମାନ ହେବାର କୌଣସି ବାଧ୍ୟବାଧକତା ନାହିଁ । ଚିତ୍ରକଳ୍ପର ଏହି ଇନ୍ଦ୍ରିୟ ସମ୍ବେଦ୍ୟ ରୂପ ପ୍ରତି ଅବିହିତ ରହି କାବ୍ୟଭାଷାର ଗତି ପ୍ରକୃତି ପ୍ରତି ଆମେ ପୁଣି ଆମର ଦୃଷ୍ଟି ଫେରାଇବା ।

କଟକ

ମୋ: ୯୪୩୭୫୯୫୮୫୫

❐

କ୍ଷମତାରେ ପ୍ରାକ୍ତନ, କବିତାରେ ଚିରନ୍ତନ



ଅଧ୍ୟାପକ ବିଶ୍ୱରଂଜନ

“ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ଜନ୍ କେନେଡି କହିଥିଲେ - ‘ଯେତେବେଳେ କ୍ଷମତା ମଣିଷକୁ ଉଦ୍ଧତ କରି ପକାଏ, କବିତା ସେତିକିବେଳେ ହିଁ ତାକୁ ତା’ର ସୀମାଗୁଡ଼ିକ ବିଷୟରେ ସଚେତ କରିଦିଏ । ଯେତେବେଳେ କ୍ଷମତା ମଣିଷ ଜୀବନର ଆଗ୍ରହ-ଭୂମିକୁ ସଂକୀର୍ଣ୍ଣ କରି ପକାଇବାକୁ ଆସେ, ସେତିକିବେଳେ କବିତା ହିଁ ତାକୁ ପରିଶୁଦ୍ଧ କରିବା ଲାଗି ଆସେ ।’ ସ୍ୱର୍ଗତ କେନେଡିଙ୍କ ଉକ୍ତିର ବାସ୍ତବ ପ୍ରତିଫଳନ ଆମେ ଦେଖିବାକୁ ପାଉ ଆମ ଭାରତୀୟ ରାଜନୀତିର ଶୀର୍ଷ ନାୟକ ବାଜପେୟୀଙ୍କ ପାଖରେ । ”

ଏକଦା ସେ କ୍ଷମତା ରାଜନୀତିରେ ଥିଲେ । କ୍ଷମତାର ଶୀର୍ଷାସନରେ ବସିଥିଲେ । ଏହି ଆସନରୁ ଓହରି ଯିବାକୁ ପଡ଼ିଲା ପ୍ରଥମେ ତେର ଦିନ ପରେ, ତା’ ପରେ ତେର ମାସ ପରେ ଏବଂ ଶେଷରେ ପୂରା ପାଞ୍ଚ ବର୍ଷ କାର୍ଯ୍ୟକାଳ ପୂରଣ କରିବା ପରେ । ତାଙ୍କର କ୍ଷମତା ଆଧାରିତ ପଦବୀ ପୂର୍ବରୁ ପ୍ରାକ୍ତନ ଶବ୍ଦଟି ଯୋଡ଼ା ହେଲା । ସେ ହେଲେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ । ମାତ୍ର ଆମେ ତାଙ୍କୁ କହିପାରିବା କି ପ୍ରାକ୍ତନ କବି ବୋଲି ? କ୍ଷମତାର ରାଜନୀତିରେ ପାଦ ଥାପିବା ପୂର୍ବରୁ କବିତା ତାଙ୍କ ସହିତ ଥିଲା । କ୍ଷମତାରେ ଥିଲାବେଳେ ମଧ୍ୟ ସେ କବିତାରେ ରହିଲେ ଏବଂ କ୍ଷମତାରୁ

ବିଦାୟ ନେଲା ପରେ ବି କବିତା ତାଙ୍କୁ ଛାଡ଼ି ଚାଲିଗଲା ନାହିଁ । ଏପରିକି ଏ ସଂସାରରୁ ବିଦାୟ ନେବା ପରେ ମଧ୍ୟ ସେ କବିତାରେ ବଞ୍ଚିଛନ୍ତି ଏବଂ ବଞ୍ଚି ରହିବେ ସବୁଦିନ ପାଇଁ । କ୍ଷମତା ସବୁବେଳେ ଅଳ୍ପାୟୁ ଏବଂ କବିତା ଦୀର୍ଘାୟୁ । କ୍ଷମତାରେ ଜଣେ ପ୍ରାକ୍ତନ ହୋଇପାରେ, ମାତ୍ର କବିତାରେ ସେ ଚିରନ୍ତନ, ନିତ୍ୟ ନୂତନ । ମୃତ୍ୟୁଠାରୁ ଜୀବନ ବଡ଼ ଏବଂ କ୍ଷମତାଠାରୁ ବଡ଼ କବିତା । କବିର ବିଦାୟ କାହିଁ ? ଏ ଦୃଶ୍ୟମାନ ଜଗତରୁ ଅଦୃଶ୍ୟ ହୋଇଗଲା ପରେ ମଧ୍ୟ ସେ ମିଳିତ ହେଉଥାଏ ନିଜର ପ୍ରିୟ ପାଠକମାନଙ୍କ ସହ, ତା' ସୃଷ୍ଟିରେ ଯଦି କାଳକୁ ଅତିକ୍ରମ କରିବାର ଶକ୍ତି ଓ ସାମର୍ଥ୍ୟ ଥାଏ ।

'ମୌତ୍ କି ଉମର୍ କ୍ୟା ହୈ ? ଦୋ ପଲ୍ ଭି ନହିଁ, ଜୀନ୍ଦଗି ସିଲ୍‌ସିଲା ଆଜକଲ୍ କି ନହିଁ' । ଜୀବନର ଯାତ୍ରା ଚାଲିଛି ଓ ଚାଲିଥିବ । ଆଉ ଯାତ୍ରାପଥରେ ସଫଳତା ସାଙ୍ଗକୁ ବିଫଳତା ବି ରହିଛି । ଜିତିବା ହାରିବା ଲାଗି ରହିଛି । ଜୀବନରେ ପରାଜୟ ତାଙ୍କୁ ବିଚଳିତ କରିନାହିଁ । ଦୁଃଖରେ ସେ ଅଧୀର ହୋଇନାହାନ୍ତି କିମ୍ବା ଅଟକିଯାଇ ନାହାନ୍ତି ନିଜର ଯାତ୍ରାପଥରେ । ବିଜୟ ମଧ୍ୟ ତାଙ୍କୁ ଅହଙ୍କାରୀ, ଅବିନୀତ କରିନାହିଁ । ଗାଇଛନ୍ତି ତେଣୁ ଆବେଗସିକ୍ତ କଣ୍ଠରେ - 'ଟୁଟେ ହୁଏ ସପ୍‌ନୋଁକି କୌନ୍ ଶୁନେ ସିସ୍‌କୀ, ଅନ୍ତର୍‌କୀ ଚୀରବ୍ୟଥା ପଲ୍‌କୋଁ ପର୍ ଠିଠ୍‌କୀ, ହାର୍ ନହିଁ ମାନୁଙ୍ଗା, ରାର୍ ନହିଁ ଠାନୁଙ୍ଗା, କାଲ୍ କେ କପାଲ୍ ପର୍ ଲିଖ୍‌ତା ମିଟାତା ହୁଁ, ଗୀତ୍ ନୟା ଗାତା ହୁଁ' । କ୍ଷମତା ସହିତ କବିତାର ମନ୍ତ୍ରରେ ଦୀକ୍ଷିତ ହୋଇ ସେ ନିଜର ରାଜନୀତିକ ଜୀବନକୁ ମହିମାମଣ୍ଡିତ କରିଛନ୍ତି । ଗଣତାନ୍ତ୍ରିକ ସଂସ୍କୃତିକୁ ନୂତନ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

ଏକଦା ଆମେରିକାର ପ୍ରାକ୍ତନ ଲୋକପ୍ରିୟ ରାଷ୍ଟ୍ରପତି ଜନ୍ କେନେଡି କହିଥିଲେ - 'ଯେତେବେଳେ କ୍ଷମତା ମଣିଷକୁ ଉଦ୍ଧତ କରି ପକାଏ, କବିତା ସେତିକିବେଳେ ହିଁ ତାକୁ ତା'ର ସୀମାଗୁଡ଼ିକ ବିଷୟରେ ସଚେତ କରିଦିଏ । ଯେତେବେଳେ କ୍ଷମତା ମଣିଷ ଜୀବନର ଆଗ୍ରହ-ଭୂମିକୁ ସଂକୀର୍ଣ୍ଣ କରି ପକାଇବାକୁ ଆସେ, ସେତିକିବେଳେ କବିତା ହିଁ ତାକୁ ପରିଶୁଦ୍ଧ କରିବା ଲାଗି ଆସେ ।' ସ୍ୱର୍ଗତ କେନେଡିଙ୍କ ଉକ୍ତିର ବାସ୍ତବ ପ୍ରତିଫଳନ ଆମେ ଦେଖିବାକୁ ପାଉ ଆମ ଭାରତୀୟ ରାଜନୀତିର ଏହି ଶୀର୍ଷ ନାୟକଙ୍କ ପାଖରେ । କବିତା ହିଁ ତାଙ୍କୁ ଶୁଦ୍ଧ ସୁବର୍ଣ୍ଣ କରି ଗଢ଼ି ତୋଳିଲା ରାଜନୀତିରେ । କ୍ଷମତାକେନ୍ଦ୍ରରୁ ଟଳି ପଡ଼ିଲେ ବି ସେ ଅଟଳ ହୋଇ ରହିଗଲେ ସବୁରି ହୃଦୟରେ, ନିଜର କବିତାରାଜ୍ୟରେ ।

ହଁ, ମୁଁ ସେଇ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କୁ ହିଁ ସ୍ମରଣ କରୁଛି ଗଭୀର ଶ୍ରଦ୍ଧା ଓ ସମ୍ମାନ ସହିତ । ଯେତେବେଳେ ଆମର ରାଜନୈତିକ ସଂସ୍କୃତି ପୂରାପୂରି ଅବକ୍ଷୟମୁଖୀ, ଗଣତାନ୍ତ୍ରିକ ମୂଲ୍ୟବୋଧ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି, ବିଚାରଗତ ବିରୋଧତା ବ୍ୟକ୍ତିଗତ ଶତ୍ରୁତାରେ ପରିଣତ, ସେତିକିବେଳେ ହିଁ ଅଟଳବିହାରୀ ଆମ ସାମ୍ନାରେ ଉଭା ହୁଅନ୍ତି ବିବିଧତା ପରିପୂର୍ଣ୍ଣ ଏ ଦେଶରେ ଜଣେ ସମନ୍ୱୟବାଦୀ

ସଂସ୍କୃତିପୁରୁଷ ଭାବରେ ।

ଶୁଣନ୍ତୁ, ପ୍ରଧାନମନ୍ତ୍ରୀ ଥିବା ସମୟରେ ପି.ଭି. ନରସିଂହ ରାଓ କ'ଣ କହୁଛନ୍ତି ତାଙ୍କ ବିରୋଧୀଦଳର ନେତା ଅଟଳବିହାରୀ ବାଜପେୟୀଙ୍କ ସମ୍ପର୍କରେ - 'ଆମେ ସବୁବେଳେ ତାଙ୍କର ବିପରୀତ ପାର୍ଶ୍ୱରେ ବସୁ । ତାଙ୍କର ପ୍ରତ୍ୟେକ ହସ୍ତକ୍ଷେପକୁ ମୁଁ ପ୍ରଜ୍ଞା ଦୃଷ୍ଟିରୁ ଉତ୍ସାହପ୍ରଦ ମନେକରିଛି । ଦୀର୍ଘକାଳ ଧରି ବିରୋଧୀଦଳର ସଭ୍ୟ ଭାବେ ରହି ନିଜ ଭୂମିକାକୁ ମଧୁର ବ୍ୟଙ୍ଗ ଓ ଜଟିଳ ଆକ୍ଷେପ ଦ୍ୱାରା ସେ ସଫଳ ଓ ଶାଣିତ କରିପାରିଛନ୍ତି । ଆମେ ସମସ୍ତେ ତାଙ୍କ ବାଗ୍ମିତାକୁ ପ୍ରଶଂସା କରିବା ସହ ତାଙ୍କ ବକ୍ତବ୍ୟକୁ ମନଧ୍ୟାନ ଦେଇ ଶୁଣିଥାଉ । ବିରୋଧୀ ଦଳରେ ଥିଲେ ମଧ୍ୟ ରାଷ୍ଟ୍ରୀୟ ସଫଳତାଗୁଡ଼ିକୁ ସେ ଯେପରି ମୁକ୍ତ କଣ୍ଠରେ ପ୍ରଶଂସା କରନ୍ତି, ସେଥିରେ ତାଙ୍କର ଉଦାର ହୃଦୟବତ୍ତାର ପରିଚୟ ମିଳେ ।' ସେଥିପାଇଁ ସେ ବିରୋଧୀ ଦଳରେ ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନରସିଂହ ରାଓ ତାଙ୍କୁ ଭାରତୀୟ ଦଳର ନେତା ଭାବରେ ଜେନେଭାରେ ଅନୁଷ୍ଠିତ ଜାତିସଂଘର ଏକ ଅଧିବେଶନକୁ ପଠାଇଥିଲେ । ଯୁବ ସାଂସଦ ଭାବରେ ସେ ଲୋକସଭାରେ ଭାଷଣ ଦେବାକୁ ଉଠିଲାବେଳେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ତାଙ୍କୁ ମନଧ୍ୟାନ ଦେଇ ଶୁଣିବାର ସୁଯୋଗକୁ କେବେ ହାତଛଡ଼ା କରୁନଥିଲେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଭିତରେ ଭାରତର ଭବିଷ୍ୟତ ନେତୃତ୍ୱର ଛବି ଦେଖିପାରିଥିଲେ ।


ଦଳମତ ନିର୍ବିଶେଷରେ ସବୁରି ହୃଦୟରେ ନିଜ ପାଇଁ ଆସନଟିଏ ସୁରକ୍ଷିତ କରି ରଖିବାରେ ଅଟଳବିହାରୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱର କୌଣସି ତୁଳନା ନାହିଁ । ଏହା ସମ୍ଭବ ହୋଇଥିଲା ତାଙ୍କ ଭିତରେ ଥିବା ପ୍ରେମିକର ହୃଦୟ ଏବଂ ନିରୋଳା କବିପଣ ଯୋଗୁଁ । ଏହି କବି, ପ୍ରେମିକ ତଥା ରାଜନୀତିର ସଂସ୍କୃତିପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏ ଲେଖକ ନିବେଦନ କରୁଛି ତା'ର ଭକ୍ତିପୂତ ପ୍ରଣାମ ।

ଭୁବନେଶ୍ୱର

ଫୋନ୍ - ୮୬୬୩୨୩୬୨୧୨

❐

କାଶତଣ୍ଡୀ ଫୁଲର ମହକରେ ଆତ୍ମବିଭୋର 'ଘାସଫୁଲ'



ଡ. ଦେବେନ୍ଦ୍ର ନାଥ ରାଉତ

"ଘାସଫୁଲ" ମୁଁ । କି ଖରା, କି ବର୍ଷା କି ଶୀତ, ସବୁବେଳେ ବଞ୍ଚି ରହିବାକୁ ଶିଖିଛି । ମୋ ଉପରେ ଚାଷୀ ଭାଇର ପାଦଚଲା ରାସ୍ତା, ଚାଷ କିଆରୀରେ ହିତ ବାନ୍ଧିଲା ବେଳେ ପ୍ରଚଣ୍ଡ ପ୍ରହାର, ସବୁ ସହି ମୁଁ ବଞ୍ଚିବାକୁ ଶିଖିଛି । ମୋର ଭଙ୍ଗା ହାଡ଼ ଆପେ ଆପେ ଯୋଡ଼ି ହୋଇଯାଏ । ପ୍ରକୃତିର କାଳରଡ଼ି ଧରାବୁକୁକୁ ଥରାଇ ଦେଲେ ମଧ୍ୟ ବିଶ୍ୱନିୟନ୍ତା ମୋତେ ବଞ୍ଚିରହିବାର କଳା ଶିଖାଇଛନ୍ତି ।

ପାର୍ବଣ ମାସରେ ଧାନଫୁଲର ବାସ୍ନା ସହିତ ଧାନବିଲର କଡ଼େ କଡ଼େ ପାଣି ଯୋର ଭିତରେ କାଶତଣ୍ଡୀ ଫୁଲର ମହକ ଜମେ । ବେଳେବେଳେ ପବନର ତାଳେ ତାଳେ କାଶତଣ୍ଡୀ ଫୁଲି ଫୁଲି ଲୋଟିଯାଏ ତା' ପାଖ ହିଡ଼ମାଟିରେ କଅଁଳି ଉଠିଥିବା ଘାସଫୁଲ ଉପରେ । ମା' ଦୁର୍ଗାଙ୍କର ସ୍ୱର୍ଗଧାମରୁ ଧରାଧାମକୁ ଆଗମନର ବାର୍ତ୍ତାକୁ ପ୍ରଚାରିତ କରି କାଶତଣ୍ଡୀ ଫୁଲ ଧଳା ଝମର ବିଞ୍ଚିବିଞ୍ଚି ତରଙ୍ଗାୟିତ ଢଙ୍ଗରେ ନାଚୁଥିଲାବେଳେ, ତା'ର ବହପ ପଣିଆକୁ ଘାସଫୁଲଟି ଦେଖୁଥାଏ । କିନ୍ତୁ, ନିରବ ରହେ । କାରଣ, କାଶତଣ୍ଡୀ ଆଜି ଘାସଫୁଲର ପୁରୁଣାଦିନର ସାଥୀ । ଏକବର୍ଷ ବ୍ୟବଧାନ ପରେ ହଜିଯାଇଥିବା ସ୍ମୃତିକୁ ଘାସଫୁଲ ଖୋଜୁଥାଏ । କାଶତଣ୍ଡୀର ଆତ୍ମତୃପ୍ତିର

ଉଲ୍ଲାସ ଭିତରେ ବିଚରା ଘାସଫୁଲ ମନର କେଉଁ ଅନୁକୋଣରେ ଅଭିମାନ ଟିଏ ଉଙ୍କିଉଠେ । କିନ୍ତୁ, ଘାସଫୁଲ ସ୍ଥିର ଚିତ୍ତରେ ଅନୁଭବ କରେ ବନ୍ଧୁତାର ପ୍ରେମ ଭିତରେ "ଅଭିମାନ" ନଥିଲେ, ତାହା ସାର୍ଥକ ଲାଭ କରେ ନାହିଁ । ଘାସଫୁଲଟି କାଶତଣ୍ଡୀ ଫୁଲର କୋମଳ ପରଶରେ ରୋମାଞ୍ଚିତ ହୁଏ ଓ ତା'ର ଅଙ୍କା-ବଙ୍କା ସବୁଜ ବେଶୀରେ କିଛିକ୍ଷଣ ବାନ୍ଧିରଖେ । ସେହି ସବୁଜ ବେଶୀର ଶେଷ ଭାଗରେ ଥିବା ଅଳତା ରଙ୍ଗର ଟିକି ଫୁଲଟି ଉପରେ କୁନି ପ୍ରଜାପତିଟିଏ ବସିଯାଇ ଚୁମା ଦେଉଥାଏ । କାଶତଣ୍ଡୀ ଫୁଲର ମୋହ ଭାଙ୍ଗିଯାଏ । ଈର୍ଷାରେ ଜର୍ଜ୍ଜରିତ ହୋଇ ଘାସଫୁଲକୁ କହେ, "ମୋର ଧବଳରଙ୍ଗର ରେଶମ ପରଶକୁ ପ୍ରଜାପତିଟି ଆସେ ନାହିଁ କାହିଁକି ?" ଘାସଫୁଲ କହେ, "ସବୁଠି ସୌନ୍ଦର୍ଯ୍ୟ ଥାଏ କିନ୍ତୁ ସଭିଙ୍କ ଦୃଷ୍ଟିରେ ତାହା ପଡିନଥାଏ । ତୋ'ର ସୌନ୍ଦର୍ଯ୍ୟ ଧରାଧାମର ନରନାରୀଙ୍କୁ ଆକୃଷ୍ଟ କରେ ଯାହାକି ଦେବୀ ଦୁର୍ଗାଙ୍କର ଆଗମନର ସୂଚନା ଦିଏ, କିନ୍ତୁ ମୋ ଫୁଲର ସୌନ୍ଦର୍ଯ୍ୟ କେବଳ ପ୍ରଜାପତିଟି ହିଁ ବୁଝେ, ତେଣୁ ମୋତେ ଛୁଇଁ ଦେଇ ଉଡି ଉଡି କହି ବୁଲେ, "ଘାସଫୁଲ" ବଞ୍ଚିଛି ।

ସତରେ, କାଶତଣ୍ଡୀ ଭଳି ଭାଗ୍ୟବତୀ କିଏ ଅଛି ? ଦେବୀଙ୍କର ଆଗମନରେ ତା'ର ଆବିର୍ଭାବ, ଦେବୀ ବିଦାୟ ନେଲେ, ରୂପ ତା'ର ମଳିନ ହୁଏ, ହିଡମାଟି ଘାସଫୁଲ ଉପରେ ବେକ ଭାଙ୍ଗି କଇଁ କଇଁ କାନ୍ଦିଉଠେ, ଝୁରି ଝୁରି ମାଟିରେ ମିଶିଯାଏ ।

"ଘାସଫୁଲ" ମୁଁ । କି ଖରା, କି ବର୍ଷା କି ଶୀତ, ସବୁବେଳେ ବଞ୍ଚି ରହିବାକୁ ଶିଖିଛି । ମୋ ଉପରେ ଚାଷୀ ଭାଇର ପାଦଚଲା ରାସ୍ତା, ଚାଷ କିଆରୀରେ ହିତ ବାନ୍ଧିଲା ବେଳେ ପ୍ରଚଣ୍ଡ ପ୍ରହାର, ସବୁ ସହି ମୁଁ ବଞ୍ଚିବାକୁ ଶିଖିଛି । ମୋର ଭଙ୍ଗା ହାଡ଼ ଆପେ ଆପେ ଯୋଡ଼ି ହୋଇଯାଏ । ପ୍ରକୃତିର କାଳରଡ଼ି ଧରାବୁକୁକୁ ଥରାଇ ଦେଲେ ମଧ୍ୟ ବିଶ୍ୱନିୟନ୍ତା ମୋତେ ବଞ୍ଚିରହିବାର କଳା ଶିଖାଇଛନ୍ତି । ମୋତେ ମାଡ଼ି, ମକଚି, ଦଳି ଦେଲେ ମଧ୍ୟ ସକାଳର କାକର ବିନ୍ଦୁରେ ଆଖିମେଲି ନାଲି ସୁରୁଜର ମୁରୁଜକୁ ଦେଖି ଆତ୍ମ ହରା ହୁଏ ।

ସେହି "ଘାସଫୁଲ" ବହୁଘାତ ପ୍ରତିଘାତ ଭିତରେ ବଞ୍ଚିରହୁ । କିନ୍ତୁ ପାର୍ବଣ ଆସିଲେ କାଶତଣ୍ଡୀ ଫୁଲକୁ ଦେଖି, ମା' ଦୁର୍ଗାଙ୍କର ସ୍ତୁତିଗାନ କରିବାକୁ କେବେ ଭୁଲି ନ ଯାଉ । ମା' ଦୁର୍ଗାଙ୍କର ଆଶିଷ ଭିକ୍ଷା କରି ଆଗାମୀ ଦିନରେ ଏକ ନୂଆ ସକାଳର ସ୍ୱପ୍ନ ଦେଖୁ ।

କଲେଜ ରୋଡ଼, ଭଦ୍ରକ
ମୋ : ୯୪୩୭୧୬୯୧୮୮

ହୃଦୟ ମୋ ଓଡ଼ିଶା



ଡକ୍ଟର ମିହିର କୁମାର ସାହୁ

“ଶାନ୍ତିନିକେତନରେ ଥିବା ସମୟରେ ମଧ୍ୟ ମୁଁ ବଙ୍ଗଳା ଭାଷାକୁ ପଦ୍ଧତିଗତ ଭାବେ ଆଦୌ ଶିଖିନାହିଁ । ଅ, ଆ, ଇ, ଈ ମଧ୍ୟ ହସ୍ତାକ୍ଷର ଭଳି ଶିଖିନାହିଁ । ଭିନ୍ନ ଏକ ପଦ୍ଧତିରେ ମୋ ଭଳି ମୁଁ ବଙ୍ଗଳାଭାଷାକୁ ସମ୍ପୂର୍ଣ୍ଣ ଆୟତ୍ତ କରିପାରିଛି । ମୁଁ ବଙ୍ଗଳା କହିପାରେ, ପଢ଼ିପାରେ, ବୁଝିପାରେ, ଆବଶ୍ୟକସ୍ଥଳେ ଲେଖିପାରେ । ଓଡ଼ିଆ ତ ମୋ ମାତୃଭାଷା । ତା’ ବ୍ୟତୀତ ହିନ୍ଦୀ, ଇଂରାଜୀ, ସଂସ୍କୃତ ମଧ୍ୟ ଜାଣିଛି ।”

୧୯୮୨ ମଇ ମାସରୁ ମୁଁ ଓଡ଼ିଶା ବାହାରେ ଅଛି ପ୍ରାୟତଃ । ପ୍ରାୟତଃ ବୋଲି କହୁଛି କାହିଁକି, ମଝିରେ ମୋ M.A.Ph.D. ପରେ ବର୍ଷେ ଓଡ଼ିଶା ଆସିଥିଲି, ପୁଣି ମଝିରେ ଉଚ୍ଚତର ଗବେଷଣା (Post - doctoral research) ପାଇଁ ଫେରିଗଲି ସେଇ ଶାନ୍ତିନିକେତନକୁ, ସେଠି ରହିଲି ୧୯୯୬ ପର୍ଯ୍ୟନ୍ତ । ଅର୍ଥାତ୍ ୧୪ବର୍ଷ ରହିଲି ଶାନ୍ତିକିକେତନରେ ।

ତା’ପରେ ୨୦୦୦ ମସିହାରେ ସାହିତ୍ୟ ଏକାଡେମିରେ (କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରାଳୟ ଅଧିନସ୍ଥ ସ୍ୱୟଂଶାସିତ ସଂସ୍ଥା) ଫେବୃଆରୀ ମାସରେ କଲିକତାସ୍ଥିତ ପୂର୍ବାଞ୍ଚଳ କାର୍ଯ୍ୟାଳୟରେ ଯୋଗଦେଲି ଓ ୨୦୨୩, ଫେବୃଆରୀରେ ଅବସର ଗ୍ରହଣ କରି ଫେରିଆସିଲି ଓଡ଼ିଶା । ମୁଁ ୧୯୯୬ରୁ

୧୯୯୯ ଯେଉଁ ୪ବର୍ଷ ଓଡ଼ିଶାରେ ଥିଲି, ସେ ସମୟରେ ମଧ୍ୟ UGCର ଆଉ ଗୋଟେ Major research projectରେ କାମ କରିଛି- ଉତ୍କଳ ବିଶ୍ୱବିଦ୍ୟାଳୟରେ, 'ସମ୍ବାଦ' ଓ 'ଆମ ଓଡ଼ିଶା' ପାଇଁ କାମ କରିଛି । ବହୁତ କିଛି ଲେଖା ଲେଖି କରିଛି, ବିଶ୍ୱଭାରତୀ ପ୍ରାକ୍ତନୀ ପାଇଁ ମୂଳଦୁଆ ପକେଇଛି । ଶ୍ରୀସତ୍ୟସାଇ ସେବା ସମିତି, ଖୋର୍ଦ୍ଧାର ନୂଆ ମନ୍ଦିର ଗୃହ ପାଇଁ ସମସ୍ତ କାର୍ଯ୍ୟ କରାଯାଇଛି । 'ଖୋର୍ଦ୍ଧା ସାହିତ୍ୟ ସଂସଦ'ର ସମ୍ପାଦକ ହୋଇ ନାନା ପ୍ରକାରର ନୂଆ ଏବଂ ବଡ଼ ଧରଣର କାର୍ଯ୍ୟକ୍ରମ କରାଯାଇପାରିଛି । ଏଥିସହିତ ମୁଁ ମୋ ବାପାଙ୍କୁ ହରେଇଛି ୧୯୯୯ ଜାନୁଆରୀ ପହିଲାରେ ଆଉ ୧୯୯୯ର ମହାବାତ୍ୟାକୁ ବି ସାମ୍ନା କରିଛି । କିନ୍ତୁ ୨୦୦୦ ମସିହାରେ 'ସାହିତ୍ୟ ଏକାଡେମୀ'ରେ ଯୋଗଦେବା ପରେ ୨୦୨୩ ପର୍ଯ୍ୟନ୍ତ ପୂରା କଲିକତା କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବାକୁ ପଡ଼ିଛି । ସେ ଦୃଷ୍ଟିରୁ କହିବାକୁ ଗଲେ ୧୯୮୨ରୁ ୨୦୨୩ ଭିତରେ ପ୍ରାୟ ୩୬ବର୍ଷ ପଶ୍ଚିମବଙ୍ଗରେ ରହିବାକୁ ପଡ଼ିଛି । ତା' ପୂର୍ବରୁ ମୁଁ ବଙ୍ଗଳା ଭାଷା ଆଦୌ ଜାଣିନଥିଲି । ଶାନ୍ତିନିକେତନରେ ଥିବା ସମୟରେ ମଧ୍ୟ ମୁଁ ବଙ୍ଗଳା ଭାଷାକୁ ପଦ୍ଧତିଗତ ଭାବେ ଆଦୌ ଶିଖିନାହିଁ । ଅ, ଆ, ଇ, ଈ ମଧ୍ୟ ହସ୍ତାକ୍ଷର ଭଳି ଶିଖିନାହିଁ । ଭିନ୍ନ ଏକ ପଦ୍ଧତିରେ ମୋ ଭଳି ମୁଁ ବଙ୍ଗଳାଭାଷାକୁ ସମ୍ପୂର୍ଣ୍ଣ ଆୟତ୍ତ କରିପାରିଛି । ମୁଁ ବଙ୍ଗଳା କହିପାରେ, ପଢ଼ିପାରେ, ବୁଝିପାରେ, ଆବଶ୍ୟକସ୍ଥଳେ ଲେଖିପାରେ । ଓଡ଼ିଆ ତ ମୋ ମାତୃଭାଷା । ତା' ବ୍ୟତୀତ ହିନ୍ଦୀ, ଇଂରାଜୀ, ସଂସ୍କୃତ ମଧ୍ୟ ଜାଣିଛି । ପୂର୍ବରୁ ବଙ୍ଗଳା ଭାଷାକୁ ଆୟତ୍ତ କରିଥିଲି । ସାହିତ୍ୟ ଏକାଡେମୀ କଲିକତା କାର୍ଯ୍ୟାଳୟରେ ରହି ବଙ୍ଗଳା ସାହିତ୍ୟର ଏବଂ ବଙ୍ଗଳା ସାହିତ୍ୟିକମାନଙ୍କ ଆହୁରି ନିକଟତର ହୋଇପାରିଛି । ବିଶ୍ୱଭାରତୀୟରେ M.A. ପଢ଼ିଲା ବେଳେ 'ଅସମୀୟା ଭାଷା ସାହିତ୍ୟ' ମୋର ସ୍ୱତନ୍ତ୍ର ବିଷୟ ଥିଲା । ଏବେ ମୋ ବକ୍ତବ୍ୟର ମୂଳ ପ୍ରସଂଗକୁ ଆସୁଛି-

୧୯୯୩ ମସିହା କଥା । ମୁଁ ସେତେବେଳେ UGCର ପ୍ରଥମ Research Associate ଭାବେ ବିଶ୍ୱଭାରତୀରେ join କରିଥିଲି । ରହୁଥାଏ ଅବନପଲ୍ଲୀରେ, ଅବନୀନ୍ଦ୍ରନା ଠାକୁରଙ୍କ ପ୍ରାସାଦ ସଲଗ୍ନ ଏକ କୋଠରୀରେ । ଏତେବର୍ଷର ଶାନ୍ତିନିକେତନ ରହଣୀ ହେତୁ ଶାନ୍ତିନିକେତନ, ବୋଲପୁର, ଶ୍ୟାମବାଟୀ, ଗୁଆଲପାଡ଼ା, ଶ୍ରୀନିକେତନର ପ୍ରାୟ ସବୁ ଅଞ୍ଚଳ ସହିତ, ଅଞ୍ଚଳବାସୀଙ୍କ ସହିତ, ଅନୁଷ୍ଠାନ ସହିତ ଯୋଗାଯୋଗ ରହିଆସିଥିଲା । ମୁଁ ନୂଆ ବାହା ହୋଇ ସ୍ତ୍ରୀକୁ ନେଇ ଅବନପଲ୍ଲୀ ଘରେ ରହୁଥାଏ । ବୋଲପୁର ରୋଟାରୀକ୍ଲବ ସହିତ ସମ୍ପର୍କ ବି ଥିଲା । ହଠାତ୍ ଦିନେ ରୋଟାରୀକ୍ଲବର ୪/୫ ଜଣ କର୍ମକର୍ତ୍ତା ମୋ ନୂଆଘରେ ଆସି ହାଜର ହେଲେ । ନୂଆ ବ'ଉଦିଙ୍କୁ ସ୍ୱାଗତ ଜଣାଇଲେ ନାନା ଉପଢ଼ୌକନରେ । ଆଉ ମତେ ଅନୁରୋଧ କଲେ ସେଇବର୍ଷର ବାର୍ଷିକ ଉତ୍ସବକୁ ଅତିଥି ହୋଇ ଉପସ୍ଥିତ ରହିବାକୁ । ମୁଁ ଅବଶ୍ୟ ସେମାନଙ୍କୁ ପଚାରିଥିଲି, 'ହଠାତ୍

ମତେ କାହିଁକି ?' ଉତ୍ତରରେ ସେମାନେ ବା ସେମାନଙ୍କ ଶ୍ରୋତୃମଣ୍ଡଳୀ ଯେଉଁ ବିଷୟରେ ଶୁଣିବାକୁ ଅଧିକ ଉତ୍ସାହିତ ହେବେ ? ଶେଷକୁ ସ୍ଥିର ହେଲା- ସେଇ ବର୍ଷର ରୋଟାରୀର ବାର୍ତ୍ତା- 'ଭାତୃତ୍ୱ'/ 'Brotherhood' ବିଷୟରେ ମୁଁ ମୋର ବକ୍ତବ୍ୟ ରଖିବି । ବାର୍ଷିକ ଉତ୍ସବକୁ ୭/୮ ଦିନ ସମୟ ଥିଲା । ରୋଟାରୀ କ୍ଲବର ବାର୍ଷିକ ଉତ୍ସବ, ବୋଲପୁର ଶାନ୍ତିନିକେତନର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ, ତେଣୁ ମୁଁ ମାନସିକ ପ୍ରସ୍ତୁତି ନେଉଥାଏ ମୋ ବକ୍ତବ୍ୟର । ମୋ ବକ୍ତବ୍ୟର ସାରକଥା ସହିତ ନାନା ଉପକଥାର କଥନୀ କାହିଁ ଶ୍ରୋତାମାନଙ୍କର ବିଶେଷ ଉପଭୋଗ୍ୟ ହୁଏ- କହିବା ବାହୁଲ୍ୟ । ମୂଳକଥା 'ଭାତୃତ୍ୱ'କୁ ଆଖି ଆଗରେ ରଖି ମୁଁ କିଛି ସୁନ୍ଦର ଏବଂ ମନଛୁଆଁ ଗପର ସଠିକ୍ ସଂଯୋଜନ କରିନେଲି । ମୁଁ ନିଜେ ସନ୍ତୁଷ୍ଟ ନହେଲେ, ସଭାସମିତିକୁ ଯିବାକୁ ମନ କରେନି । ଏବେ ମୁଁ ପ୍ରସ୍ତୁତ । ନିର୍ଦ୍ଧିଷ୍ଟ ଦିନ, ନିର୍ଦ୍ଧିଷ୍ଟ ସମୟରେ କର୍ମକର୍ତ୍ତା ଜଣକ ଗାଡ଼ିଧରି ଆସି ପହଞ୍ଚିଲେ, ଆଉ ଆମ ଦୁହିଁଙ୍କୁ ସଭାସ୍ଥାନକୁ ନେଇଗଲେ ।

ମଞ୍ଚ ପ୍ରସ୍ତୁତ । ପୂର୍ଣ୍ଣ ପ୍ରେକ୍ଷାଗୃହ । ରୋଟାରୀର କର୍ମକର୍ତ୍ତାବୃନ୍ଦ ସପରିବାର ଉପସ୍ଥିତ । ବାର୍ଷିକ ଉତ୍ସବର ପରିବେଶ । ରାତ୍ରୀଭୋଜନର ବ୍ୟବସ୍ଥା ରହିଛି । ଆମକୁ ସ୍ୱାଗତ କରି ସଭାଗୃହକୁ ପାଛୋଟି ନେଲେ ରୋଟାରୀର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା । କିଛି ସମୟ ମଧ୍ୟରେ ସଭା ଆରମ୍ଭ ହେଲା । ମୋତେ ମଞ୍ଚକୁ ଆହ୍ୱାନ କରାଗଲା, ମୁଁ ଗଲି । ମଞ୍ଚର ଅନ୍ୟାନ୍ୟ ରୋଟାରୀଆନଙ୍କ ସହିତ ମଞ୍ଚାସୀନ ହେଲି । ବାର୍ଷିକ ଉତ୍ସବର କିଛି ଆନୁସଙ୍ଗିକ କାର୍ଯ୍ୟକ୍ରମ ପରେ ମୂଳ ବକ୍ତବ୍ୟ ପ୍ରଦାନର ପର୍ବ ଆସିଲା । ସବୁକଥା କିନ୍ତୁ ବଙ୍ଗଳା ଭାଷାରେ ହେଉଥିଲା ମୋର କିନ୍ତୁ ଧାରଣା ଥିଲା, ବୋଧହୁଏ ଇଂରାଜୀରେ ହେବ ବୋଲି । ମୋ ପରିଚୟ ଦେଲେ ରୋଟାରୀର ସଭାପତି ନିଜେ । ସେ ମୋର ପରିଚୟ ଏମିତି ଦେଲେ ଯେ, ମୁଁ ବି ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ପ୍ରକୃତରେ ଭାବିନଥିଲି ମୋ ବିଷୟରେ ଏତେ ତଥ୍ୟ ସଂଗ୍ରହ କରି ସେ ତାଙ୍କର ଶ୍ରୋତାମାନଙ୍କୁ ଜଣାଇବେ ବୋଲି । ଶେଷରେ ସେ କହୁ କହୁ କହିଲେ, 'ମିହିର ଦା' ଏଠାରେ ପ୍ରାୟ ୯ ବର୍ଷ ରହିଲେଣି । ଆମ ସହିତ ତାଙ୍କର ସମ୍ପର୍କ ମଧ୍ୟ ଘନିଷ୍ଠ । ସେ ଏତେ ସୁନ୍ଦର ବଙ୍ଗଳା କହିପାରନ୍ତି, ବୁଝିପାରନ୍ତି, ପଢ଼ିପାରନ୍ତି, ଲେଖିପାରନ୍ତି- ଆପଣମାନେ ବିଶ୍ୱାସ କରିପାରିବେନି । ତାଙ୍କର ନାଁ ସିନା ଡକ୍ଟର ମିହିର ସାହୁ, ଏହି 'ସାହୁ' ଟାଇଟେଲ୍‌ରୁ ଆମେମାନେ ତାଙ୍କୁ ବଙ୍ଗାଳୀ ବୋଲି ଭାବୁଥିବେ । ସେ କିନ୍ତୁ ଆମମାନଙ୍କ ଭଳି ଜଣେ 'ଭାଲୋ ବଙ୍ଗାଲୀ' । ଆଜ୍‌କେ ଆମ୍‌ରା ଏକ୍‌ଜନ୍ 'ଭାଲୋ ବାଙ୍ଗାଲୀ' କେ ପେଏଛି ଅତିଥି ଭାବେ, ତା'କେ ସ୍ୱାଗତ ଜାନାଛି ଆର ତା'ର୍ ବକ୍ତବ୍ୟ ରାଖାର୍ ଜନ୍ୟ ଅନୁରୋଧ ରାଖିଛି ।

ଏହି ଶେଷ କଥାଟା ମୋ ଭିତରକୁ ତୀର ଭଳିଆ ଭେଦିଗଲା- 'ଭାଲୋ

ବାଙ୍ଗାଲୀ’ । ଝଟ୍‌କା ବି ଲାଗିଲା । କିଛି ଭାବିବାକୁ ବି ସମୟ ନଥିଲା । ମୁଁ ମୋର ବକ୍ତବ୍ୟ ପାଇଁ ଉଠିଲି । ‘ଭାଲୋ ବାଙ୍ଗାଲୀ’ର ପ୍ରମାଣ ଦେବାକୁ ପଡ଼ିବ, ତେଣୁ ମୋ ବକ୍ତବ୍ୟ ବଙ୍ଗଳାରେ ଆରମ୍ଭ କଲି ।

‘ଶୁଭସନ୍ଧ୍ୟା । ସବାଇକେ ନମସ୍କାର । ମଞ୍ଚେ ଉପସ୍ଥିତ ରୋଟାରୀୟାନ ବନ୍ଧୁରା । ସଭାୟେ ଉପସ୍ଥିତ ଗୁନୀଜନ୍, ମାଁ ବନେରା ଓ ଆମାର ପ୍ରିୟ ସିଧୀବ୍ରୀନ୍ଦ ।’ ମୁଁ ଏଠି ଆପଣମାନଙ୍କ ସହିତ ୯ବର୍ଷ ଧରି ରହିଆସୁଛି । ବିଶ୍ୱଭାରତୀରେ ଓଡ଼ିଆରେ ମାଷ୍ଟରର୍ସ୍ କଲି, ପିଏଚ.ଡି କଲି । ଏବେ ୟୁଜିସିର ପ୍ରଥମ Research Associate ଭାବେ ପୁଣି ବିଶ୍ୱଭାରତୀରେ ଯୋଗ ଦେଇଛି । ବିଶ୍ୱଭାରତୀରେ ଆମେ ଦୁଇଜଣ ଯୋଗ Research Associate ଦେଇଛୁ । ଜଣେ ମୁଁ ଓଡ଼ିଆ ବିଭାଗରେ, ଆଉ ଜଣେ ସଂସ୍କୃତ ବିଭାଗରେ । କିନ୍ତୁ ଆମେ ଦୁଇଜଣ ଓଡ଼ିଶାର ଏବଂ ବିଶ୍ୱଭାରତୀର ପ୍ରାକ୍ତନୀ । ମୋର ପରିଚୟରେ ଯାହା କୁହାଯାଇଥିଲା, ତାହା ଏକାନ୍ତ ସତ୍ୟ । ଆପଣମାନେ ଯାହା ଖାଉଛନ୍ତି, ମୁଁ ବି ତାହା ଖାଉଛି । ଆପଣମାନେ ଯେଉଁ ଇଥରରୁ/ ବାୟୁମଣ୍ଡଳରୁ ନିଶ୍ୱାସ ପ୍ରଶ୍ୱାସ ନେଉଛନ୍ତି, ମୁଁ ବି ସେଉଠୁ ନେଉଛି । ଆପଣମାନଙ୍କ ପୋଷାକ ପରିଚ୍ଛେଦ ଓ ମୋ ପୋଷାକ ପରିଚ୍ଛେଦରେ ଆଦୌ ଫରକ୍ ନାହିଁ । ଆପଣମାନଙ୍କ ଚାଲିଚଳନ, ଆଚାର, ବ୍ୟବହାର, ଖାଦ୍ୟପେୟ, ଉତ୍ସବ ଅନୁଷ୍ଠାନ ସେଥିରେ ବି ଆଦୌ ତଫାତ୍ ନାହିଁ । ଆପଣମାନେ ଯେଉଁ ବଙ୍ଗଳାଭାଷା କହୁଛନ୍ତି, ମୁଁ ବି ସେଇ ବଙ୍ଗଳାଭାଷା କହୁଛି, ବୁଝୁଛି, ପଢୁଛି, ପଢାଉଛି । କିନ୍ତୁ ମୁଁ ଜଣେ ‘ଭାଲୋ ବଙ୍ଗାଲୀ’ ହୋଇପାରିବିନି । ଟିକେ ନୀରବି ଗଲି ମୁଁ ଓ ପୂରା ସଭା- ତା’ ପରେ କହିଲି-

ମେରା ଜୁତା ହୈ ଜାପାନୀ ଏ ପତ୍‌ଲୁନ୍ ଇଂଗ୍ଲିସ ତାନୀ,
ଶର୍‌ପେ ଲାଲ୍ ଟୋପୀ ରଷି ଫିର୍ ଭି ଦୀଲ୍ ହୈ **ଓଡ଼ିଶାନୀ’**

‘ଶ୍ରୀ ୪୨୦’ ହିନ୍ଦୀ ସିନେମାରେ ରାଜକପୁର ଗାଇଥିବା ଗୀତ ମୁକେଶଙ୍କ କଣ୍ଠରେ ଏବଂ ଶୈଳେନ୍ଦ୍ରଙ୍କ ଲେଖନୀର ଏଇ କେତୋଟି ଲାଇନ୍ ହଠାତ୍ ମନେ ପଡ଼ିଯାଇଥିଲା ସେଦିନ । ପୂର୍ଣ୍ଣ ପ୍ରେକ୍ଷାଳୟର ‘ଭାଲୋ ବାଙ୍ଗାଲୀ’ ଶ୍ରୋତାଗଣ ସେମାନଙ୍କ କରତାଳିରେ ମୋତେ ଆଚ୍ଛନ୍ନ କରିପକେଇଲେ । ଆଗ ଧାଡ଼ିରେ ବସିଥିବା ମୋ ନବ ବିବାହିତ ପତ୍ନୀ ‘ମିଲି’ଙ୍କୁ ଚାହିଁ ମୁଁ ଟିକେ ହସି ଦେଇଥିଲି । ତା’ପରେ ମୋ ମୂଳ ବକ୍ତବ୍ୟ ପ୍ରାୟ ୪୦/୪୫ ମିନିଟ୍ ଧରି ପ୍ରଦାନ କରିଥିଲି । ସଭା ଶେଷରେ ବହୁ ରୋଟାରୀୟାନ୍ ତାଙ୍କ ଘରକୁ କେବେ କେମିତି ସପତ୍ନୀକ ଆସିବାକୁ ମୋତେ ନିମନ୍ତ୍ରଣ କରିଥିଲେ । କେହି କେହି ଏଯାବତ୍ ମଧ୍ୟ ମୋର କିଛି ଗପକୁ ମନେରଖି ମୋତେ ପରେ ଦୋହରାଇଛନ୍ତି ।

× × × ×

ଏବେ ଅବସର ଗ୍ରହଣ ପରେ କଲିକତା ଛାଡ଼ି ପ୍ରାୟ ବର୍ଷେ ହେବ ଭୁବନେଶ୍ୱରରେ ରହୁଛି । ଏହି କିଛିଦିନ ତଳେ 'ଗୀତଗୋବିନ୍ଦ ସଦନ'ରେ ଏକ ସଭାକୁ ମୋର ପ୍ରିୟ ମଣିଷ ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଡକ୍ଟର ପ୍ରତିଭା ରାୟ, ଦାଶ ବେନହୁର୍ ଅତିଥି ହୋଇ ଆସି ଆଗ ଧାଡ଼ିରେ ବସିଥାନ୍ତି । ସଭା ଆରମ୍ଭ ହେବାକୁ କିଛି ସମୟ ଅଛି । ମୁଁ ପହଞ୍ଚି ଆଗେ ସେମାନଙ୍କୁ ସାକ୍ଷାତ୍ କରି ନମସ୍କାର ଜଣାଇଲି । ସୌମ୍ୟବାବୁ ମୋତେ କହିଲେ, 'କିଓ, ପୁରା ବଙ୍ଗାଳୀବାବୁ ବନିଗଲେଣି ।' ମୁଁ ଗୋଡ଼ରେ ଜୋତା, ଜୀନ୍ସ ପ୍ୟାଣ୍ଟ ସାଙ୍ଗରେ ଫତେଇ ପିନ୍ଧିଥାଏ । ମୋ ପୋଷାକକୁ ଦେଖି ସେ ଏମିତି ନିଶ୍ଚୟ ଥଟ୍ଟାରେ କହୁଛନ୍ତି- ବୁଝିଲି । ହେଲେ ସେଦିନ ମଧ୍ୟ ତାଙ୍କୁ ମୋର ଶାନ୍ତିନିକେତନର ସେଇ ଘଟନାଟି କହିଥିଲି । ସୌମ୍ୟବାବୁ ହସିଦେଲେ ଆଉ ମୋର 'ଫିର୍ ଭି ଦୀଲ୍ ହୈ ଓଡ଼ିଶାନୀ' କଥାଟା ଶୁଣି ମୋ ପିଠି ଥାପୁଡ଼େଇ ଦେଲେ ।

ପଟିଆ, ଭୁବନେଶ୍ୱର
ମୋ: ୮୬୧୭୭୮୯୬୬୫

❐



ପ୍ରକାଶ ପାଇଲା

ଯଶସ୍ୱୀ ସ୍ତମ୍ଭକାର ତଥା ସୁଲେଖକ

ଅଭୟ ଦ୍ୱିବେଦୀଙ୍କ

ସଦ୍ୟତମ ସଂକଳନ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ

ଚହଳ ପକାଇଥିବା ପ୍ରସଙ୍ଗ

ପ୍ରକାଶକ : ପ୍ରଗତି ଉଦ୍ୟୋଗ, ଭଦ୍ରକ

ଫୋନ୍ : ୭୫୦୪୨୨୪୨୪୦

ଉତ୍କଳ ସମ୍ମିଳନୀ ସହ କୋଶଳ-ଉତ୍କଳ ପ୍ରଜା-ପରିଷଦର ମିଶ୍ରଣ ପ୍ରସ୍ତାବ



ଡକ୍ଟର ସର୍ବେଶ୍ୱର ସେଣ

“ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ । ଏଣେ ଗଡ଼ଜାତ ରାଜାମାନେ ଏକଜୁଟ୍ । ସେମାନଙ୍କର ଉଦ୍ଦେଶ୍ୟ ଗଡ଼ଜାତ ୟୁନିୟନ ଗଠନ । କୋଶଳ-ଉତ୍କଳ ପ୍ରଜା-ପରିଷଦ ଗଠିତ ହୋଇ ସାରିଥାଏ । ଇଷ୍ଟର୍ଣ୍ଣ ଷ୍ଟେଟ୍ସ ପିପୁଲ୍ସ ୟୁନିଅନ୍ ସ୍ଥାପିତ ହେବ, ମଧ୍ୟପ୍ରଦେଶରେ ଥିବା ଶକ୍ତି, ସାରଙ୍ଗଗଡ଼, ଫୁଲଝର - ଏସବୁ ଓଡ଼ିଆ ଭାଷୀ ଅଞ୍ଚଳ । ଅକ୍ଲେଶରେ ଓଡ଼ିଶାରେ ମିଶିପାରିବ । ଉତ୍କଳ ସମ୍ମିଳନୀ ସହ କୋଶଳ-ଉତ୍କଳ ପ୍ରଜା-ପରିଷଦର ମିଶ୍ରଣ; ତାହାହେଲେ ଲକ୍ଷ୍ୟ ହାସଲ ହେବ ।”

ଘଟଣା ବହୁଳ ଊନବିଂଶ ଶତାବ୍ଦୀ । ଭାଗ୍ୟର ବିଡ଼ମ୍ବନା । ଆସିଲେ ଫିରିଙ୍ଗିଏ । ଓଡ଼ିଶା ଅକ୍ତିଆର କଲେ (୧୮୦୩) । ମାତ୍ରାଧିକ ଅତ୍ୟାଚାର, ଲୁଣ୍ଠନ, ଶୋଷଣ; ଜନଜୀବନ ତ୍ରସ୍ତ । ଗୋଟେପଟେ ଫିରିଙ୍ଗି ବାହିନୀର ଦମନ ଲୀଳା, ଆରପଟେ ଆପଣାର ମର୍ଯ୍ୟାଦା ରକ୍ଷା । ଏଥିପାଇଁ ଓଡ଼ିଆ ପୁଅର ସଂଗ୍ରାମ । ସଂଗଠିତ ହେଲା ଭାରତର ପ୍ରଥମ ମୁକ୍ତି ସଂଗ୍ରାମ । ବୀର ଓଡ଼ିଆର ଗରିମା ହେଲା ଦିଗନ୍ତ ବିସ୍ତାରୀ । ପୁନଶ୍ଚ ଜାତିର ଦ୍ୱିତୀୟ ମୁକ୍ତିଯୁଦ୍ଧ ୧୮୫୭ । ଓଡ଼ିଶାର ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ – ଏମାନଙ୍କର ଅଭୂତ ପୂର୍ବ ବୀରତ୍ୱ । ଇତିହାସ ହେଲା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମାତ୍ର ଓଡ଼ିଆର ବୀରତ୍ୱ, ଉତ୍ସାହ, ସାହସିକତା, କ୍ରମେ

ମଉଳିଲା । ଆର୍ଥିକ ବ୍ୟବସ୍ଥା ହେଲା ଧ୍ୱସ୍ତବିଧ୍ୱସ୍ତ । ୧୮୬୬-ନ' ଅଙ୍କ ଦୁର୍ଭିକ୍ଷ । ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମଲେ । ଫେମାଇନ୍ କୋର୍ଡ଼ର ନିୟମ - ଜନସ୍ୱାର୍ଥ ବିରୋଧୀ । ଓଡ଼ିଶା କାଣୀ କଉଡ଼ିଟେ ପାଇଲାନି । ଏତିକିରେ ଓଡ଼ିଆଙ୍କର ଦୁର୍ଦ୍ଦଶାର ଅନ୍ତ ହେଲାନି । ଚକ୍ରାନ୍ତକାରୀ ବଙ୍ଗାଳୀଏ । ନେତା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଅସ୍ୱୀକାର କଲେ । ବଙ୍ଗଳା ଭାଷାର ଉପଭାଷା କହିଲେ । ଏଇଟି ନ'ଅଙ୍କ ପରବର୍ତ୍ତୀ ସମୟର କଥା । ସେତେବେଳକୁ ବହୁ ଓଡ଼ିଆ ଇଂରାଜୀ ପଢୁଆ । ଏକ ନବ୍ୟ-ସଭ୍ୟ ଶିକ୍ଷିତ ଗୋଷ୍ଠୀ । ସେମାନଙ୍କ ମଧ୍ୟରେ ଜାତି-ଭାଷା-ପ୍ରେମ ଉଜ୍ଜୀବିତ । ଭାଷା ଭିତ୍ତିକ ଜାତୀୟତାବାଦର ହେଲା ଉତ୍ତରଣ । ଚାଲିଲା ଭାଷା ସୁରକ୍ଷା ଆନ୍ଦୋଳନ । ତାହା ସଫଳ ହେଲା । ଚକ୍ରାନ୍ତକାରୀର କୂଟପଣ ମରି ହଜିଗଲା (୧୮୭୦) । ଉତ୍ସାହିତ ହେଲେ ଯୁବଗୋଷ୍ଠୀ ।

ସେତେବେଳକା ଓଡ଼ିଶା, କଟକ, ପୁରୀ, ବାଲେଶ୍ୱର ସମନ୍ୱିତ କେତେକ ଅଞ୍ଚଳ ମାତ୍ର । ଆଉ କିଛି କିଛି ଅଞ୍ଚଳ ବଙ୍ଗପ୍ରଦେଶ, ମଧ୍ୟପ୍ରଦେଶ, ବିହାରରେ ଆଉ କେତେକ ମାଦ୍ରାସ ପ୍ରେସିଡେନ୍‌ସିରେ । ସେଠାକାର ଓଡ଼ିଆଏ ହନ୍ତସନ୍ତ । ସେମାନଙ୍କ ଅସ୍ମିତା ଟିକକ କ୍ରମେ ମ୍ଲାନ ପଡ଼ିଲା । ଏହା ଥିଲା ଇଂରେଜ ଶାସକଙ୍କ କୂଟ ଚକ୍ରାନ୍ତ । ଖଣ୍ଡ ବିଖଣ୍ଡିତ ଓଡ଼ିଶା, ମା'-ମାଟି-ଭାଷାର ବିରାଟ ଆହ୍ୱାନ । ଜାଗିଲା ଉତ୍କଳ ସନ୍ତାନ । ଆପଣାର ମାଟି ଖଣ୍ଡକ, ଏଥିପାଇଁ ଆରମ୍ଭ ହେଲା ମହାସଂଗ୍ରାମ । ଗଠିତ ହେଲା ବହୁ ରାଜନୀତିକ ଅନୁଷ୍ଠାନ । ଏଗୁଡ଼ିକ ମଧ୍ୟରେ ସର୍ବାଗ୍ରେ 'ଉତ୍କଳ ସଭା' । ଶେଷରେ ଏହାର ନାମ ବଦଳିଲା, ହେଲା 'ଉତ୍କଳ ସମ୍ମିଳନୀ' (୧୯୦୩) । ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସ । ତାଙ୍କ ସହ ଆହୁରି ଅନେକ ଆଗେଇ ଆସିଲେ । ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପାରଳା ରାଜା ଗଜପତି କୃଷ୍ଣଚନ୍ଦ୍ର, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ଉତ୍କଳମଣି ଗୋପବନ୍ଧୁ ଦାସ, ଲକ୍ଷ୍ମୀନାରାୟଣ ସାହୁ - ଏମାନେ ସ୍ମରଣୀୟ । ନବଜାଗରଣରୁ ନିଃସୃତ ଯୁବଗୋଷ୍ଠୀ, ଜାତୀୟତାବାଦରେ ଓଡ଼ିଆବାସୀ ଉଦ୍‌ବୁଦ୍ଧ । ସ୍ୱାଧୀନଚେତା, ସଂସ୍କାରଧର୍ମୀ ସାହିତ୍ୟିକ; ଓଡ଼ିଆ ଜାତିକୁ ଗଢ଼ିବାର ସଂକଳ୍ପ ନେଲେ । ନୂତନ ଯୁବଶକ୍ତିର ବିକାଶ ହେଲା । ଏଇଟି ଉନବିଂଶ ଶତାବ୍ଦୀର ଏକ ମହାନ ଘଟଣା । ସ୍ୱାଭିମାନ, ଆତ୍ମପ୍ରତିଷ୍ଠା - ଏ ଦୁଇଟି ଉପରେ ଉତ୍କଳ ସମ୍ମିଳନୀ ନିଘା ରଖିଲା ।

ସେତେବେଳର କଥା । ଲକ୍ଷ୍ମୀନାରାୟଣ ସାହୁ ସୁଲେଖକ, ବାଗ୍ମୀ, ବହୁ ଶାସ୍ତ୍ରାଧ୍ୟାୟୀ । ଉତ୍କଳ ସମ୍ମିଳନୀର ସଭାପତି । ତାଙ୍କ ସହ ସୁରେନ୍ଦ୍ର ମହାନ୍ତିଙ୍କ ଭାବଲାଭ । ଲକ୍ଷ୍ମୀନାରାୟଣଙ୍କ ଲେଖାମାନ, ସୁରେନ୍ଦ୍ର ବାହାର କରନ୍ତି ତାଙ୍କ 'ଜନତା' ପତ୍ରିକାରେ । ପାଟନା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ । ତାଙ୍କ ସହ ସୁରେନ୍ଦ୍ରଙ୍କ ଘନିଷ୍ଠ

ସମ୍ପର୍କ । ଗଠିତ ହୋଇଥାଏ କୋଶଳ-ଉତ୍କଳ ପ୍ରଜା-ପରିଷଦ । ମହାରାଜା ପାଟନା, ମହାରାଜା କଳାହାଣ୍ଡି ଏହାର ପୃଷ୍ଠପୋଷକ । ସୁରେନ୍ଦ୍ରଙ୍କ ଲକ୍ଷ୍ୟ ଗୋଟେ ବୃହତ୍ତର ଓଡ଼ିଶା ଗଠନ, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ । ସେ ଚାହୁଁଥିଲେ ଉତ୍କଳ ସମ୍ମିଳନୀ ସହ କୋଶଳ ଉତ୍କଳ ପ୍ରଜା-ପରିଷଦର ମିଶ୍ରଣ । ଏହା ଦ୍ୱାରା ତାଙ୍କର ମହତ ଉଦ୍ଦେଶ୍ୟ ସାଧିତ ହେବ । ସୁରେନ୍ଦ୍ର ଆଗେଇଲେ । ମହାରାଜା ପାଟନାଙ୍କୁ ମନେଇଲେ । କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ । ରାଜା ଏଥିରେ ସଭାପତିତ୍ୱ କଲେ । ଏସବୁ ପ୍ରସଙ୍ଗ ସୁରେନ୍ଦ୍ର ଲେଖିଛନ୍ତି ଆତ୍ମଲିପି 'ପଥ ଓ ପୃଥିବୀ'ରେ ।

ଲକ୍ଷ୍ମୀ ନାରାୟଣ ସାହୁ ଖୁବ୍ ପବିତ୍ର । ତାଙ୍କ ପରି ଲୋକ ବିରଳ । ନିରଳସ ଜୀବନ ଶୈଳୀ । ଆଣ୍ଠୁର ଅଳ୍ପ ତଳକୁ ଖଦଡ଼ ଧୋତି, ଦେହରେ ଖଣ୍ଡେ ଚାଦର । ମୁଣ୍ଡନ ମସ୍ତକ, ଆଖିରେ ଚଷମା । କାନ୍ଧରେ ଝୁଲାମୁଣି । ଏଥିରେ ଖବର କାଗଜ, କେଇଟି ପାଣ୍ଡୁଲିପି, ତା' ସହିତ କେତେକ ଅସମାପ୍ତ କବିତା । ସେ ସଦା ସର୍ବଦା ସ୍ୱପ୍ନପ୍ରବଣ, କର୍ମଠ, ଆଦର୍ଶବାଦୀ । ଖୁବ୍ ନିରଳସ ମଣିଷ । ବେଶ୍ ଜ୍ଞାନ ପିପାସୁ । ଗୋରକ୍ଷଣୀ, ବନ୍ୟା ନିବାରଣୀ, ଶିକ୍ଷାବିସ୍ତାରିଣୀ; ସାହିତ୍ୟ ସଭା ଅବା ରାଜନୀତିକ ବିତର୍କ - ସବୁଥିରେ ଲକ୍ଷ୍ମୀନାରାୟଣଙ୍କ ସମାନ ଉତ୍ସାହ । ତାଙ୍କ କାର୍ଯ୍ୟ ସମ୍ପାଦନ ତ୍ରୁଟିଶୂନ୍ୟ । ସର୍ଭେଣ୍ଟ ଅଫ୍ ଇଣ୍ଡିଆର ସେ ଜଣେ ବରିଷ୍ଠ ସଦସ୍ୟ । ସାରା ଦିନର ବ୍ୟସ୍ତତା । କିଛି ସମୟ ତାଙ୍କର ଡଗରପଡ଼ାସ୍ଥ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ଅଫିସରେ, ନଚେତ୍ ସହରର କେଉଁ ରାସ୍ତା ଅବା ଗଳି, ସେଇଠି ତାଙ୍କ ସହ ଜନତାଙ୍କ ଭେଟ । ତାଙ୍କ ଜୀବନ ଚଳଚଞ୍ଚଳ । ଉପନିଷଦର ସେଇ ବାକ୍ୟ - 'ଚରୈବେତି, ଚରୈବେତି' । ଏକଥାଟି ଲକ୍ଷ୍ମୀନାରାୟଣ ବାବୁଙ୍କ ଠାରେ ପରିଲକ୍ଷିତ ।

ଲକ୍ଷ୍ମୀନାରାୟଣ ସାହୁଙ୍କ ଏକ ଚମତ୍କାର ରୁଚି । ପ୍ରତିଟି ପ୍ରବାଦ ପୁରୁଷ, ସ୍ୱଦେଶ ଅବା ବିଦେଶର । ସମସ୍ତଙ୍କର ସେ ଜନ୍ମଦିନ ପାଳନ୍ତି । ସେ ଗ୍ୟାରିବାଲ୍ଡ଼ି ହୁଅନ୍ତୁ, ମାତ୍‌ସିନୀ ହୁଅନ୍ତୁ ଅବା ଦାସିଆ ବାଉରି, ଏମିତି ଆହୁରି ଅନେକ, ଯାହାଙ୍କର ଜନ୍ମ ତାରିଖ ଅବା ମହାପ୍ରୟାଣ, ସବୁ ଲକ୍ଷ୍ମୀନାରାୟଣ ବାବୁଙ୍କ ଟିପା ଖାତାରେ । ସେମାନଙ୍କର ଆବିର୍ଭାବ ଆଉ ତିରୋଧାନ ଦିବସ । ଚାଲେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି । ଭାରି ନିରାଡ଼ମ୍ବର ପରିବେଶ । କାହାକୁ ନିମନ୍ତ୍ରଣ ନାହିଁ । ଯିଏ ବାଟରେ ଦେଖାହେଲେ, ନିମନ୍ତ୍ରଣ କରନ୍ତି । ସାଇକେଲରେ ଯାଉ ଯାଉ ସଭା ପାଇଁ ସଭାସଦ୍ ଯୋଗାଡ଼ନ୍ତି । ଲକ୍ଷ୍ମୀନାରାୟଣଙ୍କ ଏପରି ସ୍ୱତନ୍ତ୍ର ଢଙ୍ଗ । ବକ୍ତା ମିଳନ୍ତି; ମାତ୍ର ଶ୍ରୋତା ଚାରି ପାଞ୍ଚଜଣ । ଅନେକ ସମୟରେ ତା' ଠାରୁ ବି କମ୍ । ଏମିତି କ୍ଷୀଣ ସଭା କକ୍ଷ । ସୁରେନ୍ଦ୍ର ବି କେଇଥର ବକ୍ତୃତା ଦେଇଛନ୍ତି ।

ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ । ଏଣେ ଗଡ଼ଜାତ

ରାଜାମାନେ ଏକଜୁଟ୍ । ସେମାନଙ୍କର ଉଦ୍ଦେଶ୍ୟ ଗଡ଼ଜାତ ୟୁନିୟନ ଗଠନ । କୋଶଳ-ଉତ୍କଳ ପ୍ରଜା-ପରିଷଦ ଗଠିତ ହୋଇ ସାରିଥାଏ । ଅନୁଷ୍ଠାନର ଶକ୍ତି କ୍ରମେ ବଢୁଛି । ଇଷ୍ଟର୍ଣ୍ଣ ଷ୍ଟେଟ୍ସ ପିପୁଲ୍ସ ୟୁନିଅନ୍ ସ୍ଥାପିତ ହେବ, ମଧ୍ୟପ୍ରଦେଶରେ ଥିବା ଶକ୍ତି, ସାରଙ୍ଗଗଡ଼, ଫୁଲଝର - ଏସବୁ ଓଡ଼ିଆ ଭାଷୀ ଅଞ୍ଚଳ । ଅକ୍ଲେଶରେ ଓଡ଼ିଶାରେ ମିଶିପାରିବ । ଉତ୍କଳ ସମ୍ମିଳନୀ ସହ କୋଶଳ-ଉତ୍କଳ ପ୍ରଜା-ପରିଷଦର ମିଶ୍ରଣ; ଏ ଦିଗରେ ମନୋନିବେଶ କରିବା ବିଧେୟ । ତାହାହେଲେ ଲକ୍ଷ୍ୟ ହାସଲ ହେବ । ସୁରେନ୍ଦ୍ର ଏଇ ପ୍ରସ୍ତାବଟି ଦେଲେ ଲକ୍ଷ୍ମୀନାରାୟଣ ବାବୁଙ୍କୁ । ପ୍ରସ୍ତାବଟି ଥିଲା ଗ୍ରହଣଯୋଗ୍ୟ । ସମ୍ମିଳନୀର ଅନ୍ୟାନ୍ୟ ସଦସ୍ୟ ଏକଥାକୁ ସ୍ୱାଗତ କଲେ । ଉତ୍କଳ ସମ୍ମିଳନୀର ସମ୍ପାଦକ ନବ କିଶୋର ଦାସ । ସେ ବି ରାଜି ହେଲେ । କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ହେବ, ଯୋଗଦେବେ ପାଟନା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ । ତାଙ୍କୁ ବୁଝେଇବା ଦାୟିତ୍ୱ ସୁରେନ୍ଦ୍ର ନେଲେ ।

ବଲାଙ୍ଗିର ରାଜ ପାଲେସ୍ । ସୁରେନ୍ଦ୍ର ଅପେକ୍ଷାରତ । ରାଜା ଲକ୍ଷ୍ନୌରେ । ଗୋଟେ ଦିନ ପରେ ଆସିଲେ । କୋଶଳ-ଉତ୍କଳ ପ୍ରଜା-ପରିଷଦର ଉତ୍କଳ ସମ୍ମିଳନୀ ସହ ମିଶ୍ରଣ । ଏ ଦିଗରେ ବିଧିବଦ୍ଧ ଆଲୋଚନା ଚାଲିଲା । ସମ୍ମିଳନୀ ସହ ପରିଷଦ ମିଶିବା ଉଚିତ୍ । ଫଳରେ ପରିଷଦରେ ରାଜାରାଜୁଡ଼ା ଗନ୍ଧ ରହିବ ନାହିଁ । ତା' ବାଦ୍ ଏହା ଗୋଟେ ଷ୍ଟେଟ୍ ପାର୍ଟି ରୂପେ କାର୍ଯ୍ୟ କରିବ । ଓଡ଼ିଶାର ବହୁବିଧ ସ୍ୱାର୍ଥରକ୍ଷା ହେବ । ଓଡ଼ିଶାରେ ଏପରି ଏକ ରାଜନୈତିକ ଦଳ ଅନିବାର୍ଯ୍ୟ - ଏ ସମସ୍ତ ବିଷୟ ସୁରେନ୍ଦ୍ର ରାଜାଙ୍କୁ ଅବଗତ କଲେ । ଆଲୋଚନାଟି ଗତିଶୀଳ । ହଠାତ୍ ପହଞ୍ଚିଲେ ନବକିଶୋର ଦାସ । ସେ ତ ଉତ୍କଳ ସମ୍ମିଳନୀର ସମ୍ପାଦକ । ମହାରାଜା ବଡ଼ ଅମାୟିକ ବ୍ୟକ୍ତି । ସାଙ୍ଗେ ସାଙ୍ଗେ କହିଲେ - "ନବବାବୁ ଶହେ ବର୍ଷ ବଞ୍ଚିବେ । ଅବିକା ତାଙ୍କର କଥା ପଡ଼ିଥିଲା ।" ସୁରେନ୍ଦ୍ର ଖୁବ୍ ବିଚକ୍ଷଣ । ପରିସ୍ଥିତିର ଗୁରୁତ୍ୱ ବଢ଼ାଇ ଦେଲେ । ଏଠି ତ ରାଜା ସାହେବ ଅଛନ୍ତି । ସମ୍ମିଳନୀର ସମ୍ପାଦକ ବି । ଏମାନଙ୍କର ସମ୍ମତି ସମସ୍ତଙ୍କର ଗ୍ରହଣୀୟ । ଶୁଭ କାର୍ଯ୍ୟରେ କାଳକ୍ଷେପଣ କ୍ଷତିକାରକ । ସଂସ୍କୃତରେ କଥା ଅଛି - "କାଳଃ ପିବତି ତଦ୍ରସଂ ।" ଯୋଉ ସମୟରେ ଯେଉଁ କାର୍ଯ୍ୟ, ନଚେତ୍ ସମସ୍ତ କାର୍ଯ୍ୟର ରସକୁ ଶୋଷିନିଏ କାଳ । ଅର୍ଥାତ୍ ସବୁ ନିଷ୍ଫଳ । ମହାରାଜା ସମ୍ମିଳନୀରେ ଯୋଗଦେବେ । ଏ କଥାଟି ସ୍ଥିର ହେଲା । ସୁରେନ୍ଦ୍ର ଆଶ୍ୱସ୍ତ ହେଲେ ।

ଭବାନୀପାଟଣାର ଗାନ୍ଧୀ ଚୌକ । ସଭା ଚାଲିଥାଏ । ସୁରେନ୍ଦ୍ର ମୁଖ୍ୟବକ୍ତା । ପ୍ରଜା ପରିଷଦର ଲକ୍ଷ୍ୟ ହାସଲ, ଏ ଦିଗରେ ୟୁନିଅନ୍ ପ୍ରତି ଉପକୂଳ ଅଞ୍ଚଳର ଦୃଷ୍ଟି ଆକର୍ଷଣ ଆବଶ୍ୟକ । ତା' ପରେ ୟା'ର ଶୁଭଫଳ ମିଳିବ । କୋଶଳ-ଉତ୍କଳ ପ୍ରଜା-

ପରିଷଦ, ଉତ୍କଳ ସମ୍ମିଳନୀ - ଦୁଇ ଅନୁଷ୍ଠାନ ଏକ ଛତ୍ର ତଳେ ରହିବ - ଦୃଢ଼ତାର ସହ ସୁରେନ୍ଦ୍ର ଏକଥା କହିଲେ । ସଭାରେ ପ୍ରତିବାଦ ନାହିଁ । ଦ୍ୱିମତ ନାହିଁ । ସୁରେନ୍ଦ୍ରଙ୍କ ମନରେ ଦମ୍ଭ, ଠିକ୍ ବାଟରେ ତାଙ୍କର ଯାତ୍ରା, ଏ କଥାଟି ହୃଦୟଙ୍ଗମ କଲେ । ସୁରେନ୍ଦ୍ର କଟକ ବାହୁଡ଼ିଲେ । ପୁନଃ ସାକ୍ଷାତ ଲକ୍ଷ୍ମୀନାରାୟଣବାବୁଙ୍କ ସହ । ସେତେବେଳକୁ ସମ୍ମିଳନୀର ଦୁରାବସ୍ଥା । ଆର୍ଥିକ ଅନଟନ ଲାଗି ରହିଥାଏ । ମନୋବଳ ସିନା ଅଛି, ଧନବଳ, ଜନବଳ ଲୋଡ଼ା । ସମସ୍ତେ ଆସୁଛନ୍ତି । ଭାଷଣ ଚାଲିଛି । ସଭା ସମ୍ପର୍କିତ ରିପୋର୍ଟ, ଖବରକାଗଜକୁ ଯାଇପାରୁନି । ଟଙ୍କା ବାଧକ ସାଜିଛି । ସମ୍ମିଳନୀର ବିଭିନ୍ନ ପ୍ରସ୍ତାବ, ଏକ୍‌ଜିକ୍ୟୁଟିଭ୍ ବଡ଼ି ସଭ୍ୟମାନେ ଠିକ୍ ସମୟରେ ପାଉ ନାହାନ୍ତି । ପାଣ୍ଠିର ଘୋର ଅଭାବ । ବାର୍ଷିକ ଉତ୍ସବ ହୋଇ ପାରୁନି । ଲକ୍ଷ୍ମୀ ନାରାୟଣ ବାବୁଙ୍କ ଇଚ୍ଛା କଟକରେ ସମ୍ମିଳନୀ ହେବ । ମହାରାଜା ପାଟନାଙ୍କର ଧନର ଅଭାବ ନାହିଁ । ସେ ସାହିତ୍ୟମନସ୍କ । ରାଜନୀତି ଅନୁରାଗୀ ବି । ଶେଷରେ ସିଦ୍ଧାନ୍ତ ହେଲା । କଟକ ଟାଉନ୍ ହଲରେ ଉତ୍କଳ ସମ୍ମିଳନୀର ଅଧିବେଶନ ବସିବ । ଚାଲିବ ଦୁଇଦିନ । ସଭାପତିତ୍ୱ କରିବେ ପାଟନା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ । ଶୁଭସ୍ୟ ଶୀଘ୍ରମ୍ । ସଙ୍ଗେ ସଙ୍ଗେ ନିମନ୍ତ୍ରଣ ପତ୍ର ଲେଖା ହେଲା । ମହାରାଜାଙ୍କ ବଲାଙ୍ଗିର, ୩୦ ସରୋଜିନୀ ନାଇଡୁ ମାର୍ଗ, ଲକ୍ଷ୍ନୌ - ଉଭୟ ଠିକଣାରେ ନିମନ୍ତ୍ରଣ ପତ୍ର ପଠାଗଲା । ସମ୍ମିଳନୀର ଅଭ୍ୟର୍ଥନା ସମିତି, ମୁଖ୍ୟ ରହିଲେ ଲକ୍ଷ୍ମୀନାରାୟଣ ସାହୁ । ମହାରାଜାଙ୍କ ଠାରୁ ଟେଲିଗ୍ରାମଟେ ମିଳିଲା । ସେ କଲିକତାରୁ ପୁରୀ ଏକ୍ସପ୍ରେସ୍‌ରେ ଆସିବେ । ରାଜାଙ୍କ ରହଣି ଚିନ୍ତା ଘାରିଲା । ସେତେବେଳକା ଗୋପବନ୍ଧୁ ବାଗ୍ । ତିଆରି ହୋଇଥାଏ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ସୋସାଇଟିର ଫାଳିକିଆ ଘରଟେ । ଧାଡ଼ିକିଆ ଦି' ତିନିଟି କୋଠରି । ସେଠାରେ ରାଜା ରହିପାରିବେନି । ସେମିତି ବି ହୋଟେଲଟିଏ ନାହିଁ କଟକରେ । ଲକ୍ଷ୍ମୀନାରାୟଣ ବାବୁ ସଂସାରଭୋଳା ଲୋକ । ସହଜରେ କଥାଟିକୁ ନେଇଗଲେ । ମହାରାଜା ସେଇ ଅଫିସ୍‌ରେ ରହିଲେ କ୍ଷତି କ'ଣ ? ବକ୍‌ସି ବଜାର ଛକରେ ରାତି ଚାରିଟାରେ ଚାହା ମିଳେ । ସେ ନିଜେ ଆଣି ଦେବେ । ବାଥ୍‌ରୁମ୍ ନାହିଁ । ଗୋଟାଏ କମୋଡ୍ କିଣିଆଣିଲେ ବାଥ୍‌ରୁମ୍ ହେଇଯିବ । ଶେଷରେ ମହାରାଜା ସେଇଠି ରହିବା ସିଦ୍ଧାନ୍ତ ହେଲା । ସୁରେନ୍ଦ୍ରଙ୍କ ମନ ଆନନ୍ଦରେ ଘର ଧରୁନଥାଏ । ତାଙ୍କ ଉଦ୍ଦେଶ୍ୟ ମହାରାଜା ରାଜନୀତିର ବଡ଼ଦାଣ୍ଡରେ ଟିକେ ଗଡ଼ନ୍ତୁ । ତାହାହେଲେ ବୃହତ୍ତର ଓଡ଼ିଶା ଗଠନ ସ୍ୱପ୍ନ ସାକାର ହେବ !

ମଙ୍ଗୁଆଳ ନାଆକୁ ମଙ୍ଗାଏ । ନାଆ ଆଗେଇଚାଲେ । ସ୍ରୋତର ଅନୁଲୋମ ଅବା ପ୍ରତିଲୋମ ଗତି । କେଉଁଟି ବାଧକ ସାଜେନା । ନାଆ ଛୁଇଁଦିଏ ଲକ୍ଷ୍ୟସ୍ଥଳ । ଠିକ୍ ସେମିତି ଦଳପତି ବା ନେତା, ସେମାନଙ୍କର ନିଷ୍ଠା, ପରାକାଷ୍ଠା, ସମର୍ପିତ ପଣ, ମାତୃଭୂମି

ପାଇଁ ଅନୁରାଗ; ପ୍ରଭାବିତ ହୁଅନ୍ତି ଜନତା । ଦେଶ-ଜାତିର ବୃହତ୍ତର ସ୍ୱାର୍ଥ ସାଧିତ ହୁଏ । ବ୍ୟକ୍ତି ସ୍ୱାର୍ଥ ସମୂହ କଲ୍ୟାଣର ବାଧକ । ଏ କଥାଟି ନେତାଏ ବୁଝିବା ଆବଶ୍ୟକ । ଏହାକୁ ଅନୁଭବ କରିଥିଲେ ପାଟନା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ । ସେ କୋଶଳ-ଉତ୍କଳ ପ୍ରଜା-ପରିଷଦର କର୍ଣ୍ଣଧାର । ତାଙ୍କ ସହ କଳାହାଣ୍ଡି ମହାରାଜା । ଏମାନେ ଛାମୁଆ ବାହିନୀରେ । ଅନ୍ୟ ଗଡ଼ଜାତ ରାଜାଏ, ତାଙ୍କ ନିଘା ୟୁନିଅନଟେ ଗଢ଼ାହେବ । ରାଜା ମହାରାଜାଙ୍କ ହିତ ସାଧନ ହେବ । ଏ ପ୍ରକାର କଥାଟି ଅତି ମାରାତ୍ମକ । ଏହା ମହାରାଜା ପାଟନାଙ୍କୁ ଅଛପା ନଥିଲା । ସେ ତ ଗୁଣଗ୍ରାହୀ, ସାହିତ୍ୟାନୁରାଗୀ, ରାଜନୀତିକ ଶୁଭଚିନ୍ତକ । ଉତ୍କଳ ସମ୍ମିଳନୀ ସହ କୋଶଳ-ଉତ୍କଳ ପ୍ରଜା-ପରିଷଦ ମିଶିବ । ତାହେଲେ ସମ୍ଭବ ହେବ ବୃହତ୍ତର ଓଡ଼ିଶା ଗଠନ । ବିଚକ୍ଷଣ ରାଜନୀତିଜ୍ଞ ସୁରେନ୍ଦ୍ର ମହାନ୍ତି । ଏ ସମ୍ପର୍କରେ ମହାରାଜାଙ୍କୁ ବୁଝାଇଲେ । ରାଜା ମଜ୍ଜିଲେ । ଉତ୍କଳ ସମ୍ମିଳନୀର କଟକ ଅଧିବେଶନ । ମହାରାଜା ସଭାପତିତ୍ୱ କରିବାକୁ ସ୍ୱୀକୃତି ଦେଲେ । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ, ତାଙ୍କ ଠାରୁ ରାଜା ଗନ୍ଧ ଚାଲିଯିବ । ଏଣିକି ଗଡ଼ିବେ ରାଜନୀତିର ବଡ଼ଦାଣ୍ଡରେ ।

ଦିନ ଧାର୍ଯ୍ୟ । ମହାରାଜା ଓହ୍ଲାଇବେ କଟକ ଷ୍ଟେସନରେ । ସୁରେନ୍ଦ୍ରଙ୍କ ଶ୍ୱଶୁର ମଧୁସୂଦନ ମହାନ୍ତି । ତାଙ୍କରି କୁଇକ୍ ଗାଡ଼ିରେ ସୁରେନ୍ଦ୍ର, ମଧୁବାବୁ, ଲକ୍ଷ୍ମୀନାରାୟଣ । ସେମାନଙ୍କ ସହ ସମ୍ପାଦକ ନବକିଶୋର ଦାସ । ଷ୍ଟେସନ୍‌ରେ ସମସ୍ତେ ଅପେକ୍ଷାରତ । ପୁରୀ ଏକ୍ସପ୍ରେସ୍ ଲାଗିଲା । ମହାରାଜା ଓହ୍ଲାଇଲେ । ଲକ୍ଷ୍ମୀନାରାୟଣ ସାହୁ, ଅଭ୍ୟର୍ଥନା ସମିତିର ମୁଖ୍ୟ । ରାଜାଙ୍କୁ ଫୁଲମାଳଟିଏ ପିନ୍ଧାଇଦେଲେ । ସମସ୍ତେ ରାଜାଙ୍କୁ ସ୍ୱାଗତ କଲେ । ମହାରାଜା ପହଞ୍ଚିଲେ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ଅଫିସ୍‌ରେ । ରାଜବାଟି, ବିଳାସ, ବ୍ୟସନ, ପ୍ରାଚୁର୍ଯ୍ୟ - ସବୁଥିରେ ଭରପୂର । କିନ୍ତୁ ଏ ପ୍ରକାର ସୁବିଧା ସେଠାରେ ନଥିଲା । ମହାରାଜାଙ୍କ ସ୍ୱଭାବ, ଚରିତ୍ର ଅତି ପବିତ୍ର । କେଉଁଠି ମହାର୍ଘ ହୋଟେଲ ତ କେଉଁଠି ଜୀର୍ଣ୍ଣ ଡାକ ବଙ୍ଗଳା - ସବୁଠି ଚଳେଇ ନିଅନ୍ତି । ତାଙ୍କ ପରି ସ୍ୱଭାବର ରାଜା ମହାରାଜା ଅତି ବିରଳ । ଜଣେ ସାମନ୍ତବାଦୀ ରାଜା, ତଥାପି ସାଧାରଣ ପ୍ରଜା ସହ ତାଙ୍କର ଅବାଧ ମିଳାମିଶା । ସୁରେନ୍ଦ୍ରଙ୍କ ପାଇଁ ଏକଥାଟି ରହସ୍ୟମୟ । ଏକଦା ମହାରାଜା ମନଖୋଲା କଥାଟେ କହିଥିଲେ । ତାଙ୍କର ଜନ୍ମ ପରିବେଶ ଆଭିଜାତ୍ୟ ପୂର୍ଣ୍ଣ ନୁହେଁ । ହଜାରେ ଟଙ୍କାରୁ ଅଧିକ ଭତ୍ତା ପ୍ରଦାନରେ ପିତାଙ୍କର ଅସାମର୍ଥ୍ୟ । ସବୁ ପ୍ରତିକୂଳ ସ୍ଥିତି । ଏଥିରେ ସେ ଅଭ୍ୟସ୍ତ । ତେଣୁ ଆରମ୍ଭରୁ ସତର୍କ । ଆପଣାକୁ ଯଥାସମ୍ଭବ ସୀମା ଭିତରେ ରଖିଛନ୍ତି । ତାଙ୍କ କଥାର ଏଇଟି ସାରାଂଶ, ସୁରେନ୍ଦ୍ର ତଟସ୍ଥ ହେଲେ । ତାଙ୍କର ଭ୍ରମ ଦୂର ହେଲା । ପ୍ରାଚୁର୍ଯ୍ୟ ବିଳାସୀ କରେ, ଅନେକଙ୍କୁ ଅବାଟକୁ ନିଏ । କିନ୍ତୁ ମହାରାଜା ଏହାର ବ୍ୟତିକ୍ରମ ।

ସେଦିନ ସନ୍ଧ୍ୟା । ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ହାତ ପାହାନ୍ତାରେ । କଟକର ସେଇ ସନାତନ ଟାଉନ ହଲ । ପ୍ରତିନିଧି, ଦର୍ଶକ ମଣ୍ଡଳୀରେ କକ୍ଷଟି ଭରପୂର । ସମସ୍ତଙ୍କ ମନରେ ଉତ୍କଣ୍ଠା । ରାଜା ସାହେବ ଆସିଛନ୍ତି । ଦଳେ କୌତୁହଳୀ ଗାଉଁଲି ମଣିଷ । ବାରଣ୍ଡାରେ ତାଙ୍କ ଗହଳି । ରାଜାଙ୍କୁ ଟିକେ ଆଖି ପୂରେଇ ଦେଖିବେ । ଦିବାକର ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ସରଳା ଦେବୀ - ଏମାନେ ସମ୍ମିଳନୀର ଭକ୍ତ । ତାଙ୍କ ସହ ଆହୁରି ଅନେକ । ପ୍ରଥମ ଧାଡ଼ିରେ ବସିଲା ଭଳି ଲୋକ ବି କମ୍ ନଥିଲେ । ମହାରାଜା ଅଭିଭାଷଣ ରଖିବେ । ଆଗରୁ ତାହା ପ୍ରସ୍ତୁତ କରା ଯାଇଥାଏ । ରାଜା ଓଡ଼ିଆରେ ପ୍ରାଞ୍ଜଳ ଉଚ୍ଚାରଣ କରନ୍ତି । ଭଲ ଭାଷଣ ବି ଦିଅନ୍ତି । କିନ୍ତୁ ରାଜନୀତିରେ ଅନଭିଜ୍ଞ । ସେଦିନ ଥିଲା ସମ୍ପୂର୍ଣ୍ଣ ଭିନ୍ନ । କେବଳ ସେ ଓଡ଼ିଆରେ କଥାବାର୍ତ୍ତା କଲେ । ଓଡ଼ିଆ କିନ୍ତୁ 'ଇଡ଼ିଅମ' । ଏଥିରେ ତାଙ୍କର ଦଖଲ ବା କାହିଁ ? ଭାଷଣ ଦେବା ତାଙ୍କ ପକ୍ଷେ ସମ୍ଭବ ନଥିଲା । ଏହାର ଦୁଇଟି କାରଣ (୧) ତାଙ୍କ ଶିକ୍ଷାଲାଭ ଆଜମିର୍ ମେଓ କଲେଜରୁ, (୨) ଗାଦିସୀନ ହେବା ପରେ ରହଣି ପ୍ରାୟ ଲକ୍ଷ୍ନୌରେ ଅବା କଲିକତାରେ । ସେଦିନ ମହାରାଜା ଲିଖିତ ଭାଷଣଟି ପଢ଼ିଲେ । ଉଚ୍ଚାରଣ ଥିଲା ସ୍ପଷ୍ଟ, ତ୍ରୁଟିଶୂନ୍ୟ ବି । ସଭାପତିଙ୍କ ଭାଷଣ ଶେଷ । ଏବେ ସଭା ମୁଲତବି ରହିବ । କଟକ ଟାଉନ୍ ହଲ୍, ପ୍ରତିଟି ସଭା, ଯଦୁମଣି ମଙ୍ଗରାଜ ବକ୍ତବ୍ୟ ରଖନ୍ତି । ଶ୍ରୋତୃମଣ୍ଡଳୀ ତାଙ୍କ ଭାଷଣ ପାଇଁ ସଦା ଉତ୍କଣ୍ଠିତ । ଯଦୁମଣି ବାବୁ କହିଲେ, ଅନ୍ୟ ସଭ୍ୟମାନେ ବି । ଏଥିରେ ବାରଣ ନଥିଲା । ରାଜାଙ୍କ ପାଇଁ ଉତ୍କଳ ସମ୍ମିଳନୀର ସଭା- ଏ ଧାରଣାଟି ଅନ୍ତତଃ ପକ୍ଷେ ନହେଉ । ଏହା ଥିଲା ସୁରେନ୍ଦ୍ରଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେଦିନର ସଭା ସରିଲା ।

ଦ୍ୱିତୀୟ ଦିନର ସଭା କାର୍ଯ୍ୟକ୍ରମ । ସକାଳେ ହେଲା ଟାଉନ୍ ହଲ୍‌ରେ ପ୍ରତିନିଧି ସମ୍ମିଳନୀ ବା ବିଷୟ ନିର୍ବାଚନ କମିଟି । କମିଟିରେ ବହୁ ଚର୍ଚ୍ଚା ଚାଲିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସବୁ ଓଡ଼ିଶାରେ ମିଶିବ । ଏହା ଉପରେ ଢେର୍ ପ୍ରସ୍ତାବ ଆସିଲା । ପ୍ରସ୍ତେ ଆଲୋଚନା ଚାଲିଲା । ପ୍ରତିନିଧିମାନଙ୍କର ସ୍ପଷ୍ଟ ମନ୍ତବ୍ୟ ସଂଗ୍ରହ, ଏହାହିଁ ଥିଲା ଆଭିମୁଖ୍ୟ । ଏ ସମ୍ପର୍କରେ କେତେକ ବକ୍ତୃତା ସାଧ ମେଣ୍ଟାଇଲେ । ସମ୍ମିଳନୀ ବା ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ, ତାଙ୍କ ପାଇଁ ଏକ ଉପଲକ୍ଷ୍ୟ ମାତ୍ର । ସୁରେନ୍ଦ୍ରଙ୍କୁ ସୁବିଧା ମିଳିଗଲା । ସେ ଦେଲେ ଏକ ଦୀକ୍ଷାନ୍ତ ଭାଷଣ । ମଧ୍ୟପ୍ରଦେଶର ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ, ସିଂହଭୂମି, ଧର୍ମଭୂମି- ଏସବୁର ଓଡ଼ିଶା ସହ ମିଶ୍ରଣ । ଏଇଟି ଥିଲା ତାଙ୍କ ଭାଷଣର ମୁଖ୍ୟାଂଶ । ଏ ଉଦ୍ଦେଶ୍ୟ ସାଧନ ହେବ, ଏଥିପାଇଁ ଅନିବାର୍ଯ୍ୟ ଉତ୍କଳ ସମ୍ମିଳନୀ ସହ କୋଶଳ ଉତ୍କଳ ପ୍ରଜା-ପରିଷଦର ମିଶ୍ରଣ । ପରିଷଦ ରାଜା ରାଜୁଡ଼ାଙ୍କର । ଉପକୂଳ ଅଞ୍ଚଳରେ ତାହା ନିନ୍ଦିତ । ଏ ପ୍ରକାର ଧାରଣାକୁ ଦୂର କରିବାକୁ ପଡ଼ିବ - ଏକଥାଟି ବି କହିଲେ । ଉପସ୍ଥିତ ସଭ୍ୟବୃନ୍ଦ -

ପ୍ରସଙ୍ଗଟିକୁ ହୃଦୟଙ୍ଗମ କଲେ । ସମସ୍ତେ ହତଚକିତ । ସୁରେନ୍ଦ୍ରଙ୍କ ପ୍ରସ୍ତାବର ପ୍ରତିବାଦ ନାହିଁ, ପଡ଼ିଲା ଘନଘନ କରତାଳି । ଯଦୁମଣି ବାବୁ, ଦିବାକର ବାବୁ - ଏମାନେ ପ୍ରସ୍ତାବଟିକୁ ଦୃଢ଼ ସମର୍ଥନ ଜଣାଇଲେ । ସେଇଦିନ ସନ୍ଧ୍ୟା, ଉଦ୍‌ଯାପନ ଅଧିବେଶନ । ରାଜାସାହେବଙ୍କର ଦ୍ୱିଧା ନାହିଁ, ନିଃସଙ୍କୋଚନରେ ଏ ଦୁଇ ଅଧିବେଶନରେ ଯୋଗଦେଇଥିଲେ । ସମ୍ମିଳନୀ ସହ ମହାରାଜା, ମହାରାଜାଙ୍କ ସହ ସମ୍ମିଳନୀ - ସମ୍ପର୍କ ଏକ ପ୍ରକାର ସହଜ ହେଇଗଲା । ସୁରେନ୍ଦ୍ରଙ୍କର ଗଭୀର ସ୍ୱସ୍ତି, ତୃପ୍ତି ମଧ୍ୟ । ବହୁ ଦିନର ରୁଦ୍ଧ 'ଟେନ୍‌ସନ୍' କ୍ରମେ ଅପସରିଗଲା । ତାଙ୍କ ଉଦ୍ୟମ ଏକ ପ୍ରକାର ସଫଳ ହେଲା । ମହାରାଜା କଲିକତା ବାହୁଡ଼ିଲେ ।

ଏତିକିରେ କଥା ସରିଲାନି । ପ୍ରସ୍ତାବ ଆଣିବା ସହଜ, କାର୍ଯ୍ୟକାରୀ ହେବା କଠିନ । ଏଥିପାଇଁ ଆବଶ୍ୟକ ନିରନ୍ତର ପ୍ରଚେଷ୍ଟା । ସୁରେନ୍ଦ୍ର ନିରବ ହେଇ ବସିଲେନି । ତାଙ୍କ 'ଜନତା'କୁ ପୁନଃ ଦ୍ୱରାନ୍ୱିତ କଲେ । ଦି' ମାସ ବିତିଥିଲା । ପତ୍ରିକାଟି ଠିକ୍ ବାହାରିନି । ପତ୍ରିକାର ଅନୁରାଗୀଏ, ଫୋନ୍ ଉପରେ ତାଙ୍କ ଫୋନ୍ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକାଠି ହେବ । ଏ ବାବଦରେ ବହୁ ରୁଚିପୂର୍ଣ୍ଣ କଥା ପ୍ରକାଶ ପାଇବ । ପାଠକେ ଚାହିଁବସିଛନ୍ତି । 'ଜନତା' ନିୟମିତ ଖବର ଦେବ । ହେଲେ ସାମୟିକ ନିରବତା । ବ୍ୟଥା ଦେଲା ଅନେକଙ୍କୁ, ସୁରେନ୍ଦ୍ର ନାଚାର । ଉତ୍ତର ଦିଅନ୍ତି - "ଆମି ଠାକୁର ଘଟିବାଟି !" ଏହାର ଅର୍ଥ ମୁଁ ହେଲି ଠାକୁର । ମୁଁ ହେଲି ଘଣ୍ଟା, ମୁଁ ହେଲି ପୂଜାଥାଳି । ଚଣ୍ଡୀପାଠରୁ ଯୋତା ସିଲେଇ, ତାହାଲେ ଯାଇ ପତ୍ରିକା ପ୍ରକାଶନ । କଠିନ ସାଧନା ଦରକାର । କେତେ ବା ସମ୍ଭାଳିବେ । ଘର କିଚନଠାରୁ ଦାଣ୍ଡର ରାଜନୀତି - ତା' ମଝିରେ ସାହିତ୍ୟ ଆଉ ଖବର କାଗଜ । ସୁରେନ୍ଦ୍ରଙ୍କର ଦୃଢ଼ ସଂକଳ୍ପ । ଯାହା ହେବାର ହେଉ, 'ଜନତା' ନିୟମିତ ବାହାରିବ । ଏଥି ପାଇଁ ଓଡ଼ିଶା ଜର୍ଣ୍ଣାଲ ପ୍ରେସ୍‌ରେ ମୁହଁମାଡ଼ି ବସିଲେ । ବହୁ ନାମୀଦାମୀ ସାହିତ୍ୟିକ, ସଂପାଦକ । ସେମାନେ ପ୍ରେସ୍‌କୁ ଆସନ୍ତି । ଏମାନଙ୍କ ମଧ୍ୟରେ ଥିଲେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, କମ୍ୟୁନିଷ୍ଟ ନେତା ବୈଦ୍ୟନାଥ ରଥ । ମଝିରେ ମଝିରେ ଆସନ୍ତି ସାମ୍ବାଦିକ ରାମଚନ୍ଦ୍ର ଦାସ । ଏକଦା ସେ ରେଙ୍ଗୁନରେ ଓଡ଼ିଆ କାଗଜଟେ ବାହାର କରୁଥିଲେ । ଚାଲିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ସେ ଓଡ଼ିଶା ପଳାଇ ଆସିଲେ । ଚାକିରି ପାଇଲେ 'ସମାଜ' କାଗଜରେ । ୧୯୪୨ ମସିହା । ଭାରତଛାଡ଼ ଆନ୍ଦୋଳନ ତୀବ୍ରତର । ସମାଜ ସମ୍ପାଦକ ଲିଙ୍ଗରାଜ ବାବୁ, ପରିଚାଳନା ସମ୍ପାଦକ ରାଧାନାଥ ବାବୁ, ଦୁହିଁଙ୍କୁ ପୁଲିସ ବାନ୍ଧିନେଲା । ରାମଚନ୍ଦ୍ର ଦାସ କିଛିଦିନ ସମାଜର ସମ୍ପାଦକ ଥିଲେ । ଏମାନଙ୍କ ସହ ସୁରେନ୍ଦ୍ରଙ୍କ ଦିନ ଖୁସିରେ କଟେ । ବିଚ୍ଛିନ୍ନାଞ୍ଚଳ ଏକାଠି ପାଇଁ ଚାଲେ ନାନାଦି ଚର୍ଚ୍ଚା ।

୧୯୪୫ ମସିହା, ଓଡ଼ିଶା ଜର୍ଣ୍ଣାଲ ପ୍ରେସ୍ । ସୁରେନ୍ଦ୍ର ସେଠି କ୍ଲବ୍‌ଟେ ଗଢ଼ିଲେ ।

ନାଁ 'ୱାନ୍ ୱାର୍ଲଡ଼ କ୍ଲବ୍' ଏ ନାମଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଦ୍ୱିତୀୟ ବିଶ୍ୱଯୁଦ୍ଧର ପର ଘଟଣା । ଆମେରିକାର ରାଷ୍ଟ୍ରପତି ନିର୍ବାଚନ । ଲଢ଼େଇ ରୁଜ୍‌ଭେଲ୍‌ଟଙ୍କ ସହ ୱେଣ୍ଡଲେ ଉଇଲ୍‌କି ମଧ୍ୟରେ । ଉଇଲ୍‌କିଙ୍କର ଥିଲା ଏକ ସୁଚିନ୍ତିତ ଇସ୍ତାହାର । ନେସନ୍-ଷ୍ଟେଟ୍‌ମାନଙ୍କର ସୀମା ସରହଦ ନିଭାଇ ଦିଆଯିବ । ଗୋଟିଏ ପୃଥିବୀ ଗୋଟିଏ ରାଷ୍ଟ୍ର ଗଠିତ ହେବ । ତାହାହେଲେ ସୁଫଳ ମିଳିବ । ପୃଥିବୀରୁ ଯୁଦ୍ଧ ଲୋପ ପାଇବ । ଏସବୁ ଇସ୍ତାହାରଟିର ମୂଳ କଥା । ପ୍ରଥମ ବିଶ୍ୱଯୁଦ୍ଧ ସରିଲା । ଗଠିତ ହେଲା ଲିଗ୍ ଅଫ୍ ନେସନ୍ । ବିଶ୍ୱର ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ । ତାହା ସମ୍ଭବ ହେଲାନି । ନେସନ୍ ଷ୍ଟେଟ୍‌ମାନଙ୍କ ମଧ୍ୟରେ ବା ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଜାତୀୟତାବାଦର ଅହଂକାର, ଶାନ୍ତି ରାସ୍ତାରେ କଣ୍ଟା ହେଲା । ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି; ମାତ୍ର କୋଡ଼ିଏ ବର୍ଷ ପରେ ପୁନଶ୍ଚ ପୃଥିବୀ ଠେଲି ହୋଇଗଲା ଆଉ ଏକ ଭୟାନକ ଯୁଦ୍ଧ କୁକ୍ଷି ମଧ୍ୟକୁ । ଆରମ୍ଭ ହେଲା ଦ୍ୱିତୀୟ ବିଶ୍ୱ ମହାସମର । ଦାର୍ଶନିକ, ଭାବୁକମାନଙ୍କ ମୁଣ୍ଡବ୍ୟଥାର କାରଣ ହେଲା । ସେମାନେ ଗୋଟିଏ ପୃଥିବୀ ଗଠନ ଉପରେ ଗୁରୁତ୍ୱ ଦେଲେ । ୱେଣ୍ଡଲ ଉଇଲ୍‌କି ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କରି ଦର୍ଶନରେ ପ୍ରଭାବିତ ସୁରେନ୍ଦ୍ର । ସେଇଥି ପାଇଁ କ୍ଲବ୍‌ର ନାମ ରଖିଲେ 'ୱାନ୍ ୱାର୍ଲଡ଼ କ୍ଲବ୍' । ଏହାର ସଭ୍ୟ ଥିଲେ ଖ୍ୟାତନାମା ସାହିତ୍ୟିକ, ସଙ୍ଗୀତଜ୍ଞମାନେ । ବିଶିଷ୍ଟ ଗାନ୍ଧିକ ଅଖିଳ ମୋହନ ପଟ୍ଟନାୟକ, ସେ ବି ସେଇ କ୍ଲବ୍‌ର ସଭ୍ୟ ହେଲେ । ଆଉ କେତେକ ଯୁବଲେଖକ ଆସିଲେ । ସାହିତ୍ୟ ଚର୍ଚ୍ଚା ସହ ବୃହତ୍ତର ଓଡ଼ିଶା ଗଠନ ଉପରେ ଆଲୋଚନା ଚାଲିଲା । ଏବେ ସୁରେନ୍ଦ୍ରଙ୍କ ଲକ୍ଷ୍ୟ ଏକ ସୁଚିନ୍ତିତ ବିରୋଧୀଦଳ ଗଠନ ।

ସା/ପୋ- ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

‘ଶେଷ ଅଙ୍କ’ରେ ଗୋପୀନାଥ



ଅକ୍ଷୟ କୁମାର ଜେନା

“
ପ୍ରକୃତରେ କିଛି ଧ୍ୱଂସ ହୁଏନାହିଁ କିମ୍ବା କିଛି ମଧ୍ୟ ସୃଷ୍ଟି କରିହୁଏ ନାହିଁ; କେବଳ ଶ୍ରମ ଓ ବୁଦ୍ଧି ବଳରେ ଆମ ପୂର୍ବରୁ ସୃଷ୍ଟ ଏ ଜଗତର ଯାବତୀୟ ପଦାର୍ଥକୁ ଆମେ ଭିନ୍ନ ଭିନ୍ନ ରୂପ ଦେଉ, ଗଢୁ,ଭାଙ୍ଗୁ କିନ୍ତୁ ନିଃଶେଷ କରିପାରୁନା ।
”

ସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ଭାଷା କିମ୍ବା ଅଞ୍ଚଳର ସମ୍ପତ୍ତି ନୁହେଁ । ସେ ଦୃଷ୍ଟିରୁ ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ କୃତି କେବଳ ଆମ ଓଡ଼ିଆ ସାହିତ୍ୟ କିମ୍ବା ଜାତି ପାଇଁ ଗର୍ବ ଓ ଗୌରବର ବିଷୟ ନୁହଁ ବରଂ ସମଗ୍ର ବିଶ୍ୱ ଏବଂ ବିଶ୍ୱ ସାହିତ୍ୟର ଭଣ୍ଡାର ପାଇଁ ଏକ ଅମୂଲ୍ୟ ସମ୍ପଦ ସ୍ୱରୂପ । ଫକୀରମୋହନଙ୍କ ପରେ ଓଡ଼ିଆ କଥା ସାହିତ୍ୟର ମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବା ତଥା ପାଦେ ଆଗକୁ ବଢ଼େଇ ନେବାରେ ଗୋପୀନାଥଙ୍କ ଭୂମିକା ଅଦ୍ୱିତୀୟ । ତାଙ୍କ ସାହିତ୍ୟରେ ଭାଷା ହିଁ ଦେହ ଓ ଭାଷା ହିଁ ଆତ୍ମା । ଅପ୍ରଚଳିତ ଓ ଲୁପ୍ତପ୍ରାୟ ଗାଉଁଲି ଭାଷାକୁ ସାହିତ୍ୟରେ ପ୍ରୟୋଗ କରି ସାହିତ୍ୟର ଭାଷା ପରିସରକୁ ପରିବ୍ୟାପ୍ତ କରିବା ସଙ୍ଗେ ସଙ୍ଗେ ଚରିତ୍ର ଚିତ୍ରଣ ଓ କଥାବସ୍ତୁ ପରିବେଷଣରେ ଭାବାବେଗ ଏବଂ କାବ୍ୟଭାଷାର ପ୍ରୟୋଗ ମାଧ୍ୟମରେ ପାଠକୀୟ ସମବେଦନା ସୃଷ୍ଟିକରି ସେ ତାଙ୍କର କୃତିକୁ ସାର୍ବଜନୀନ କରିପାରିଛନ୍ତି । ସେ ଥିଲେ ପ୍ରଥମ ଓଡ଼ିଆ ଯିଏ ସାହିତ୍ୟ ପାଇଁ ଜ୍ଞାନପୀଠ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଭଳି ମର୍ଯ୍ୟାଦାଜନକ ଜାତୀୟ ପୁରସ୍କାର ଲାଭ କରିଥିଲେ । ଏତଦ୍‌ଭିନ୍ନ ୧୯୬୯ରେ

ଗର୍କିଙ୍କର 'My University' ର ଓଡ଼ିଆ ଅନୁବାଦ କରି ସୋଭିଏତ୍ ଲ୍ୟାଣ୍ଡ୍ ଆନ୍ତର୍ଜାତିକ ସମ୍ମାନ ମଧ୍ୟ ଲାଭ କରିଥିଲେ । ଗୋପୀନାଥଙ୍କ କୃତି ଉପରେ ବହୁ ବିଦ୍ୱାନ ଆଲୋଚନାମାନ କରି ସାରିଥିଲେ ମଧ୍ୟ ଭବିଷ୍ୟତରେ ବହୁ ଆଲୋଚନାର ଅପେକ୍ଷା ରଖିବାକୁ ପଡ଼େ ।

ସତକଥା କହିବାକୁ ଗଲେ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଭାବରେ ଗୋପୀନାଥଙ୍କ ନାମ ଡେରିରେ ପଡ଼ିଥିଲା ମୋ କାନରେ । ସେତେବେଳେ ଆମେ ସବୁ ବିଭୂତି ବାବୁ ଓ କାହ୍ନୁ ବାବୁଙ୍କ ସାହିତ୍ୟ ସହିତ ପରିଚିତ ଥିଲୁ । ମୋର ବଂଧୁ ସୋମନାଥ, ଯିଏକି ଶାନ୍ତିନିକେତନରେ ଓଡ଼ିଆ ଭାଷା-ସାହିତ୍ୟରେ ଏମ୍.ଏ କରୁଥିଲା ତା' ସଂସ୍ପର୍ଶରେ ଆସି ମୁଁ ଗୋପୀବାବୁଙ୍କ ରଚନା ଗୁଡ଼ିକୁ ପଢ଼ିବାକୁ ଲାଗିଲି । ତା'ପରେ ତାଙ୍କ ପରି ଆଉ କାହାର ଲେଖା ମନକୁ ଛୁଇଁନାହିଁ । ତାଙ୍କ ଲେଖା ପଢ଼ିବାବେଳେ ଭାବୁକ ମନଟି ଚାର୍ଜ ହୋଇଯାଏ- ତାଙ୍କ ଭାଷାରେ 'ଲେଖାମାଡ଼େ' । ତାଙ୍କ ଲେଖାର ଆରମ୍ଭ ଓ ଶେଷ ଯେପରି ନାଟକୀୟ, ବିଷୟବସ୍ତୁର ବର୍ଣ୍ଣନା ଓ ବିକାଶ ସେହିପରି କାବ୍ୟିକ ଓ ଭାଷା ମଧ୍ୟ ନିଆରା । ସେ ଲେଖା ଗଳ୍ପ ହେଉ କି ପ୍ରବଂଧ-ରସାଳ ଓ ଆତ୍ମୀୟ ମନେହୁଏ । ବ୍ୟକ୍ତି ଓ ସମାଜକୁ ସମାଲୋଚନା କରିବାରେ ସେ ଯେପରି ନିର୍ଭୀକ, ସେହିପରି ମଣିଷର ଦେହ ଓ ମନର କ୍ଷୁଧାକୁ ଜିରାରୁ ଶିରା କାଢ଼ିବା ଭଳି ବର୍ଣ୍ଣନା କରିବାରେ ସିଦ୍ଧହସ୍ତ । ପଦସ୍ଥ ତଥା କଥିତ ସଭ୍ୟ ମଣିଷକୁ 'ଅମଣିଷ' ଓ ନିରୀହ ବଣୁଆ ଆଦିବାସୀଙ୍କୁ 'ଅମୃତର ସନ୍ତାନ' ଆଖ୍ୟା ଦେବାରେ ତାଙ୍କର ଚାତୁରୀ ବେଶ୍ ଅନୁମେୟ । ସୃଷ୍ଟିର ଚିରନ୍ତନ ନିୟମ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଆସ୍ଥା ପାଠକକୁ ସମସ୍ୟାମୁକ୍ତ କରିଦେବା ପରି ଲାଗେ ।

ଗୋପୀବାବୁଙ୍କ 'କଳାଶକ୍ତି' ପୁସ୍ତକର 'ଶେଷଅଙ୍କ' ପ୍ରବନ୍ଧଟି ପଢ଼ି ଭାବିଲି ଲେଖାଟିଏ ଲେଖିବି । ସମସ୍ୟା ଉପୁଜିଲା- ଶେଷଅଙ୍କ ସ୍ଥିତିକୁ ଅସ୍ୱୀକାର କରୁଥିବା ଗୋପୀବାବୁଙ୍କ "ଶେଷଅଙ୍କ"ରେ ଶେଷଟିକୁ ଖୋଜିବା ବେଳେ । ଆରମ୍ଭଟି ଯଥାକଥା କରିଦେଲି ତାଙ୍କରି କଥାକୁ ଉଦ୍ଧୃତ କରି । " ଆଗଟା ଗୋଟାଏ ଅନୁଭୂତି, ଶେଷ କେଉଁଠି ? ଏତେ ଆଘାତ ପାଇ ଲୋକ ଫେରେ, ପୁଣି ଭଲପାଏ, ପୁଣି ଭୁଲେ, ପୁଣି....। କେତେବେଳେ ସିନ୍ଦୁରା ଫାଟେ, ପୁଣି କେତେବେଳେ ଅନ୍ଧାର ପଡ଼େ । କିନ୍ତୁ ଶେଷ କେଉଁଠି ?" (ପ୍ରେମର ନିୟତି, ପୃଷ୍ଠା-୧୬) " ଆରମ୍ଭ ବେଳେ ଶେଷଟା ଦିଶେ ନାହିଁ, ଭଗବାନଙ୍କର ଏ ପରମ ଦୟା ନହେଲେ ଜୀବନ ଦୁର୍ବିସହ ହୁଅନ୍ତା ।" (ସ୍ରୋତସ୍ୱତୀ, ୨ୟ ଭାଗ, ପୃଷ୍ଠା-୧୬)

ଏଇ ଯୋଉଠୁ ଆରମ୍ଭ କରୁଛି କଥା, କେମିତି କହିବି ଆରମ୍ଭ ବୋଲି ? ଜୀବନର ଆରମ୍ଭ କ'ଣ ଜନ୍ମରୁ ଓ ଶେଷ ମୃତ୍ୟୁରେ ? ପିଲାଟିଏ ଭୂମିଷ୍ଠ ହେବା ପୂର୍ବରୁ ଦଶମାସ କାଳ ତା'ମା'ର ଗର୍ଭରେ ଥାଏ । ସେଇଠି, ସେଇ ସମୟ ମଧ୍ୟରେ ତା'ର କ୍ରମବିକାଶ ଘଟେ । ଭ୍ରୂଣଟିଏ ସଞ୍ଚରିତ ହେବା ପୂର୍ବରୁ ନାରୀ ଓ ପୁରୁଷର ଦୈହିକ ଓ ମାନସିକସ୍ତରର ମିଳନ ପ୍ରକ୍ରିୟା ସଂଗଠିତ ହୋଇସାରିଥାଏ । ସେହିପରି ଜୀବନର ମୃତ୍ୟୁରେ ତା' ଜଡ଼ତ୍ୱର,

ତା' ସ୍ଥୁଳ ସତ୍ତାର ଅନ୍ତ ଘଟେ ସିନା, ତା'ର ସୂକ୍ଷ୍ମ ସତ୍ତାଟି, ସେଇ ଅପୋଡ଼ା ବ୍ରହ୍ମଟି କିନ୍ତୁ ନଷ୍ଟ ହୋଇନଥାଏ । ସେଇ ଅବିନାଶୀ ସତ୍ତାକୁ ପ୍ରାରବ୍ଧ ଭାବରେ ବହନ କରି ଆଉ ଏକ ଘଟରେ ଆଶ୍ରୟ ନିଏ ସେ । ଯୋଉଠୁ ସରିଥିଲା ତା' ପୂର୍ବର ଲୀଳା ସେଇଠୁ ଆରମ୍ଭ ହୁଏ ପୁଣି । ଜୀବନ ଏକ ସ୍ରୋତ ପରି, ବାଟୋଇଟେ ପରି; ତା'ର ଗତିର ଇତି କାହିଁ? ଚାଲୁ ଚାଲୁ ମଝିବାଟରେ ଥକିପଡ଼ି ଅଟକିଯାଏ ସିନା, ପୁଣି ଅଣ୍ଡାଭିଡ଼ି ଆଗକୁ ମାଡ଼ିଚାଲେ- ସମ୍ଭବତଃ ମୃତ୍ୟୁସିନ୍ଧୁ କରାଳ ଲହରୀର ଶୀତଳ ସ୍ପର୍ଶର ମୋହରେ । ସମୁଦ୍ରରେ ମିଶିଯିବା ପରେ ମଧ୍ୟ ତା' ସତ୍ତାର ଅନ୍ତ ଘଟେନା, ବରଂ ବିନ୍ଦୁ -ସତ୍ତାର ସିନ୍ଧୁ ହୁଏ ପରିଚିତ, ପରିବ୍ୟାପ୍ତ । ଗୀତଟିଏ ବୋଲା ସରିବା ପରେ ବି ତା' ସଂପୂର୍ଣ୍ଣ ସତ୍ତାଟି ମିଳେଇ ଯାଇନଥାଏ ଶୂନ୍ୟରେ । ଅନୁଭବରେ ଧ୍ୱନିତ ହେଉଥାଏ ଗୀତର ସ୍ୱର, ସ୍ୱରର ଆଳାପ । ସେହି ଅନାହତ ନାଦରେ ଦେହମନ ଶିହରିତ ହେଉଥାଏ । ନାଟକଟିଏ ମଞ୍ଚସ୍ଥ ହୋଇସାରିବା ପରେ ବି କିଛି ଦୃଶ୍ୟ ମଞ୍ଚସ୍ଥ ହେଉଥାଏ ଅଦୃଶ୍ୟରେ, ସ୍ମୃତିପଟରେ ।

ଆରମ୍ଭ ଓ ଶେଷ ତେଣୁ ଗୋଟେ ଗୋଟେ ଆପେକ୍ଷିକ ସତ୍ୟ । ବାସ୍ତବରେ କିନ୍ତୁ 'ଆଗ-ପଛ' କିମ୍ବା 'ଆରମ୍ଭ-ଶେଷ' ବୋଲି କିଛି ନାହିଁ । ବୋଧହୁଏ ସାଦୃଶ୍ୟ ଉପଲବ୍ଧିରୁ ହିଁ ବୁଦ୍ଧଦେବ ତାଙ୍କର ବାଣୀକୁ ଶେଷ ସତ୍ୟ କିମ୍ବା ନିଜକୁ ଶେଷତମ 'ବୁଦ୍ଧ' ବୋଲି ସ୍ୱୀକାର କରିନାହାନ୍ତି ଏବଂ ରବୀନ୍ଦ୍ରନାଥ ଘୋଷଣା କରିଛନ୍ତି ଯେ, "ଅନ୍ତରେ ଅତୃପ୍ତି ରବେ, ସାଙ୍ଗକରେ ମନେ ହବେ, ଶେଷହୟ ହୟଲନା ଶେଷ"। ପ୍ରକୃତରେ କିଛି ଧ୍ୱଂସ ହୁଏନାହିଁ କିମ୍ବା କିଛି ମଧ୍ୟ ସୃଷ୍ଟି କରିହୁଏ ନାହିଁ; କେବଳ ଶ୍ରମ ଓ ବୁଦ୍ଧି ବଳରେ ଆମ ପୂର୍ବରୁ ସୃଷ୍ଟ ଏ ଜଗତର ଯାବତୀୟ ପଦାର୍ଥକୁ ଆମେ ଭିନ୍ନ ଭିନ୍ନ ରୂପ ଦେଉ, ଗଢୁ,ଭାଙ୍ଗୁ କିନ୍ତୁ ନିଃଶେଷ କରିପାରୁନା । ମଞ୍ଚ ଆମ ପାଇଁ ପ୍ରସ୍ତୁତ ହୋଇ ରହିଛି ଓ ନାଟକ ମଧ୍ୟ ଆରମ୍ଭ ହୋଇ ଯାଇଛି, କେବଳ ଆମେ ନିଜର ଭୂମିକାକୁ ସଂପାଦନ କରି ଫେରିଯାଉଛୁ ଗ୍ରୀନ୍‌ରୁମ୍‌କୁ ଓ ଗ୍ରୀନ୍‌ରୁମ୍‌ରୁ ପୁନଶ୍ଚ ମଞ୍ଚକୁ । ଏଗୁଡ଼ିକ ସେଇ ଗତିଶୀଳ କ୍ରମର ଗୋଟିଏ ଗୋଟିଏ ସ୍ଥିତି ବା ସଂକେତ ମାତ୍ର । ପାତ୍ର ଓ ସ୍ଥାନ ପରେ କାଳର କଥା ବି ସେହିପରି । ଆଜି ଯାହା ବର୍ତ୍ତମାନ ଆସନ୍ତା କାଲି ସିଏ ଅତୀତ ପାଲଟି ଯିବ ଏବଂ ଭବିଷ୍ୟତରୁ ଘଡ଼ିଏ ହେବ ବର୍ତ୍ତମାନ ଓ ଆର ଘଡ଼ିକ ଭବିଷ୍ୟତ ହୋଇ ଝୁଲିରହିଥିବ । ଏମିତି ତଳ ଉପର ହୋଇ ବରଡ଼ାମାନ ଖସୁଥିବେ । ଯାହା ଆରମ୍ଭ ହୋଇଯାଇଛି ଅର୍ଥାତ୍ ଅତୀତ ପାଲଟି ଯାଇଛି ତାକୁ ମୂଳ ଧରି ଯାତ୍ରାକୁ ଆଗେଇ ନେବା ତଥା ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ କରିବା ସବୁ ଏଇ ମଝି ସମୟରେ ଘଟେ । ମଝି ଦରିଆରୁ ଲହଡ଼ି ଉଠେ, ପୁଣି ଫେରିଯାଏ ମଝି ଦରିଆକୁ । ହୁଏତ କେହି କହିପାରେ ଲହଡ଼ି ଉଠିବାର ଆରମ୍ଭ ସ୍ଥଳଟି ହେଉଛି କୂଳ । ସେ କୂଳରୁ ଆରମ୍ଭ ହୋଇ ଏ କୂଳରେ ପିଟିହୁଏ ଓ ଏ କୂଳରୁ ଫେରିଯାଇ ସେ କୂଳରେ ପିଟିହୁଏ । କିନ୍ତୁ ଆର କୂଳଟିକୁ ଆଖି ପାଏନାହିଁ, ଆଖି ଯାଏ ସେଇ ମଝା ମଝିକୁ ।

ଯାହାହେଉ, ୟାଭିତରେ କିଛି କଥା କୁହାଯାଇ ପାରିଛି ଜାଣି ସାମାନ୍ୟ ଆଶ୍ୱସ୍ତି ଲାଗେ । କିନ୍ତୁ କଥାର ଡୋରକୁ ଲମ୍ବେଇବାକୁ ପଡ଼େ, ମୁଣ୍ଡିମାରିବାକୁ ପଡ଼େ, ଶେଷରେ । ହେଲେ ମୁଣ୍ଡିମରା କାମଟା, ଯାହା ବାରଶହ ବଢ଼େଇଙ୍କ ମୁଣ୍ଡରେ ପଶେନା, ତାହା କ'ଣ ଏତେ ସହଜ, ବିଶେଷ କରି ସାହିତ୍ୟରେ ?

ଆଚାର୍ଯ୍ୟ ନଗର, ବକ୍ତ ଛକ,ଭଦ୍ରକ
ମୋ-୮୬୩୩୫୧୪୦୯

❐

"ଘାସଫୁଲ" ସଂପର୍କରେ

୧. ଘାସଫୁଲ ପତ୍ରିକା ବର୍ଷରେ ୪ଥର ପ୍ରକାଶ ପାଇଥାଏ - ମକର ସଂଖ୍ୟା (ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ) ବିଷୁବ ସଂଖ୍ୟା (ଏପ୍ରିଲ, ମଇ, ଜୁନ୍) ରଥ ସଂଖ୍ୟା (ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର) ପାର୍ବଣ ବିଶେଷାଙ୍କ (ଅକ୍ଟୋବର, ନଭେମ୍ବର, ଡିସେମ୍ବର) ।

୨. ଘାସଫୁଲ ପତ୍ରିକାରେ ଗବେଷଣାଧର୍ମୀ ନିବନ୍ଧ, ସୁଖପାଠ୍ୟ ଗଳ୍ପ ଏବଂ ରୁଚିଶୀଳ କବିତା ପ୍ରକାଶ ପାଇଥାଏ ।

୩. ଓଡ଼ିଆ ଅକ୍ଷରରେ ଡି.ଟି.ପି. ମାଧ୍ୟମରେ ଲେଖା ପଠାଇବାକୁ ଅନୁରୋଧ ।

୪. ଅମନୋନୀତ ଲେଖା ଫେରସ୍ତ ଦେବା ସମ୍ଭବ ନୁହେଁ ।

୫. ଦୟାକରି ଜେରସ୍କ ଏବଂ ହ୍ୱାଟସଆପ ମାଧ୍ୟମରେ ଲେଖା ପଠାନ୍ତୁ ନାହିଁ ।

୬. ଲେଖା ସହିତ ନିଜର ସଂକ୍ଷିପ୍ତ ପରିଚୟ, ପୂର୍ଣ୍ଣ ଠାକ ଠିକଣା ଏବଂ ଏବେକାର ଫଟୋ ପଠାଇବାକୁ ଅନୁରୋଧ ।

୭. ଇତିହାସ ସଂପର୍କୀୟ ସ୍ୱତନ୍ତ୍ର ଫିଚରକୁ ଅଗ୍ରାଧିକାର ଦିଆଯାଇଥାଏ ।

୮. ଗ୍ରନ୍ଥ ସମୀକ୍ଷା ନିମନ୍ତେ ପୁସ୍ତକର ଦୁଇଟି କପି ପଠାଇବାକୁ ଅନୁରୋଧ ।

୯. ଲେଖା ପ୍ରକାଶ ସଂପର୍କରେ ସଂପାଦକମଣ୍ଡଳୀର ନିଷ୍ପତ୍ତି ଚୂଡ଼ାନ୍ତ ।

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୯୪୩୭୧୯୧୩୫୦, ୯୯୩୭୬୧୧୨୨୮
E-mail: ghasaphula02@gmail.com

ସାହିତ୍ୟରେ ଯୁଗ ଚେତନା



ଭଗବାନ ଚନ୍ଦ୍ର ନାୟକ

“
ସଂସାରର କ୍ଷଣ ଭଂଗୁରତା, ନଶ୍ୱରତା ପରିବର୍ତ୍ତନଶୀଳତାକୁ ମାନି ନେବାକୁ ପଡ଼ିବ । ଗ୍ରହଣ କରିନେବାକୁ ହେବ । କାରଣ ତାହା ହିଁ ଜୀବନ । ଯୁଗ ଚେତନାର ଏ ବାଣୀ ସତରେ କେତେ ହୃଦ୍ୟ ! ”

ସାହିତ୍ୟ ଜୀବନର ଉର୍ଦ୍ଧ୍ୱରେ ନୁହେଁ କାରଣ ଜୀବନ ହିଁ ସାହିତ୍ୟର କଥାବସ୍ତୁ । ଜୀବନର ସାମଗ୍ରିକ ଅନୁଭୂତି ସାହିତ୍ୟର କଞ୍ଚାମାଲ ।

ଜୀବନର ଯେଉଁ ସ୍ତରରେ ମାନବିକ ମୂଲ୍ୟବୋଧ ପରାହତ ସେହିଠାରେ ସାହିତ୍ୟର ପରିଧି ଜୀବନଠୁ ବୃହତ୍ତର । ଦୁର୍ନୀତିଗ୍ରସ୍ତ ରାଜନେତା, ସମ୍ବେଦନହୀନ ପ୍ରଶାସକ, ଅର୍ଥଲିପ୍ସୁ ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଫଳରେ ସମାଜ ଯେଉଁମାନଙ୍କୁ ତୁଚ୍ଛ ମଣି ଗୋଡ଼ରେ ଆଡ଼େଇ ଦିଏ ସାହିତ୍ୟ ସେହିମାନଙ୍କୁ ଆଦରି ନିଏ । ସେତେବେଳେ ସାହିତ୍ୟ / ସାହିତ୍ୟିକ ସମାଜର ମାର୍ଗଦର୍ଶକ । ପୁନଶ୍ଚ ଯେଉଁ ସାହିତ୍ୟ କଳାସମ୍ମତ ମାର୍ଗରେ ଚେତନାର ଅଖଣ୍ଡ ପ୍ରସାରଣରେ, ଚେତନାର ଉତ୍ତରଣରେ ସହାୟକ ହୁଏ ତାହା ହିଁ

ସତ୍‌ସାହିତ୍ୟ । ପ୍ରତ୍ୟେକ ଯୁଗରେ, ପ୍ରତ୍ୟେକ କାଳଖଣ୍ଡରେ ଏହି ସାହିତ୍ୟ ହିଁ ଯୁଗ ଚେତନାକୁ ପ୍ରଭାବିତ କରିଥାଏ । କେବଳ ପ୍ରଭାବିତ ନୁହେଁ ଅନୁପ୍ରେରିତ ଓ ଉଦ୍‌ବୁଦ୍ଧ କରିଥାଏ । ଯାହାଫଳରେ ସେ ସମୟ ଜନତାଙ୍କ ଭିତରେ ଏକ ଅପୂର୍ବ ଜାଗରଣ ସୃଷ୍ଟି ହୋଇଥାଏ ।

ମହାମାନବ ମହାତ୍ମାଗାନ୍ଧିଙ୍କ ଯୁଗାନ୍ତକାରୀ ଆବିର୍ଭାବର ସ୍ୱାଗତିକା ରଚନା ସର୍ବପ୍ରଥମେ କରିଥିଲେ ବିପ୍ଳବୀ କବି କାଜି ନଜରୁଲ ଇସ୍‌ଲାମ । ସମଗ୍ର ଦେଶକୁ ଭାରତମାତାର ବନ୍ଦୀଶାଳା ବୋଲି ସୂଚାଇ ସେ ଗାଇ ଉଠିଲେ–

“କିଏ ସେ ଭୋଳା ପଥିକ
ପ୍ରବେଶିଲା ଏ କାରା ପ୍ରାକ୍ଷଣେ
ମାଆ ମୋର ନାହିଁ ଶୃଙ୍ଖଳିତା
ତା’ର ସାଥେ ଛୁଟି ଚାଲେ ।
ମରଣରେ ଉପହାସ କରି ଗାଏ ଗୀତ
ତ୍ରିଂଶ କୋଟିଏ ଦେଶ ଜନତା ।
କାହାର ସେ ଆବିର୍ଭାବ ହେଲା
ଛିଡ଼ାଇବ ପରାଧୀନ ଦେଶର ଶୃଙ୍ଖଳ
ବନ୍ଦିନୀ ମା’ର ହୃଦୟ ମନ୍ଦିରେ
ବଜାଉଛି ମୁକ୍ତି ଶଙ୍ଖ ଅନର୍ଗଳ ।
ଶୋକ ଆଉ ସନ୍ତାପରେ ଶତ ଶତ ଭାଇ ମୋର
ବହିଚାଲେ ମାତୃଶବ ହୃଦୁ ଉଠେ କୋହ
ମରଣ ଅନ୍ଧାର ସେପାରୁ ଡାକେ
ଫେରାଅ ମୋ ମା’କୁ ଫେରାଅ ।”

ଅସହଯୋଗର ବାର୍ତ୍ତା ଶୁଣି ଭାରତୀୟମାନେ ଶପଥ ନେଉଛନ୍ତି । ବିଦ୍ରୋହୀ କବି ଗାନ କରିଛନ୍ତି–

“ନଯିବାରେ ଯିବନାହିଁ କେବେହେଲେ ଶତ୍ରୁର ଦୁଆରେ
ମୁକତିର ଡୋରି ଆମ ହାତେ
ଆସେନା ସେ ଭିକ୍ଷା ମାଗିବାରେ
ଚିରନ୍ତନ ସତ୍ୟର ଯେ ବିଜୟ ଦୁନ୍ଦୁଭି
ଶୁଣ ସାରା ନିଖିଳେ ଧ୍ୱନିତ
ଅସତ୍ୟ ଲଭଇ ତାର ବିଳମ୍ବିତ ମୃତ୍ୟୁ
ନିଜ ବକ୍ଷେ ହୋଇ ଜର୍ଜରିତ” ।

ଗାନ୍ଧିଜୀଙ୍କର କାରାବରଣକୁ ଲକ୍ଷ୍ୟ କରି କବି ଲେଖିଲେ-

"ଗାନ୍ଧି ସିନା ବନ୍ଦୀ ବନ୍ଦୀ ନୁହେଁ ସତ୍ୟ
କାରବାସରେ ଛୁଟି ଚାଲେ ଅଜସ୍ର ଜନତା ତାହା ହିଁ ଅଦ୍‌ଭୁତ ।"

ହଜାର ହଜାର ଲୋକ ଯେତେବେଳେ କାରାବରଣ କରୁଛନ୍ତି ସେତିକିବେଳେ ନଜରୁଲ ଶୁଣାଉଛନ୍ତି-

"ଶୁଣେ ମୋର କର୍ଣ୍ଣ ବନ୍ଦୀଙ୍କର ଝଙ୍କୃତ ଶୃଙ୍ଖଳେ
ମୁକତିର ଗରଜନ କିଏ ହସେ କାରାବାସେ ମୁକତିର ହସ
ମୁକ୍ତ ହୃଦେ ତାର ଭୟ ଆଜି ହୋଇଛି ନିଶେଷ ।"

('ଜ୍ଞାନ ମଣ୍ଡଳ'- ବିନୋଦ କାନୁନ୍‌ଗୋ, ୨୮ ଖଣ୍ଡ, ପୃଷ୍ଠା-୧୪-୧୪)

ନଜରୁଲଙ୍କର ଏହି ଉଦ୍‌ବୋଧନ ଯୁଗ ଚେତନାକୁ କିପରି ଅନୁପ୍ରାଣିତ କରିଥିଲା ତାର ତୁଳନା ଅନ୍ୟତ୍ର ବିରଳ ।

ସାଧାରଣତଃ ଦେଖାଯାଏ ସମାଜରେ ପାପୀ, ଦୁଷ୍କୃତକାରୀ, ଅନ୍ୟାୟ-ଅପକର୍ମରେ ଲିପ୍ତ ବ୍ୟକ୍ତିବିଶେଷଙ୍କୁ ଆମେ ନିନ୍ଦା କରିଥାନ୍ତି- ଘୃଣା କରିଥାନ୍ତି । ଅସାମାଜିକ କହି ଆଡ଼େଇ ଦେଇଥାନ୍ତି । କିନ୍ତୁ ସେମାନଙ୍କର ଏହି କୁକର୍ମ ପାଇଁ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତି ହିଁ କ'ଣ କେବଳ ଦାୟୀ ? ଏଠାରେ ମହାଭାରତର ଏକ କାହାଣୀର ଉଦାହରଣ ପ୍ରଦାନ କରୁଛି ।

ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କର ମାନୀ ଦୁର୍ଯ୍ୟୋଧନଙ୍କୁ ଉପଦେଶ ଓ ପ୍ରତ୍ୟୁତ୍ତରରେ ଦୁର୍ଯ୍ୟୋଧନ କହିଛି-

"ଜାନାମିଧର୍ମଂ ନଚମେ ପ୍ରବୃତ୍ତି ଜାନାମି ଅଧର୍ମଂ ନଚମେ ନିବୃତ୍ତି
ତ୍ୱୟା ହୃଷୀକେଶ ହୃଦିସ୍ଥିତେହଂଯଥା ନିଯୁକ୍ତୋସ୍ମି ତଥା କରୋମି ।"

ନିଜର ଅଧର୍ମାଚରଣ ପାଇଁ ଶ୍ରୀକୃଷ୍ଣଙ୍କୁ ହିଁ ଦୋଷାରୋପ କରିଛନ୍ତି ଦୁର୍ଯ୍ୟୋଧନ ।

କ୍ଷମା ପରାୟଣତା, ଉଦାରତା ତଥା ମଣିଷକୁ ଭଲପାଇବାର, ପାପୀ ଦୁଷ୍କୃତକାରୀକୁ ଘୃଣା ନକରି ତାକୁ କୋଳେଇ ନେବାର ମାନସିକତାର ସୂଚନା ଏଥିରୁ ମିଳେ ।

ମହର୍ଷି ବାଲ୍ମିକୀ ସନ୍ଧ୍ୟା ତର୍ପଣ ଶେଷ କରି ଆଶ୍ରମ ଅଭିମୁଖେ ଫେରୁଥିଲାବେଳେ ଦେଖିଲେ-

"ତଂ ଶୋଣିତ ପରିତାଙ୍ଗ ଚେଷ୍ଟମାନ ମହୀତଳେ
ଭାର୍ଯ୍ୟାତୁ ନିହତଂ ଦୃଷ୍ଟା ରୁରାବ କରୁଣା ଗିରମ୍ ।"

ଏହି ଦୃଶ୍ୟରେ ବ୍ୟଥିତ ମହର୍ଷି ବାଲ୍ମୀକୀଙ୍କ କଣ୍ଠରୁ ନିଶ୍ରୁତ ହୋଇଛି-

"ମା ନିଷାଦ ପ୍ରତିଷ୍ଠାତ୍ୱ ମଗମଶାଶ୍ୱତୀସମା

ଯତ୍ କ୍ରୋଞ୍ଚ ମିଥୁନାଦେକଂ ଅବଧ୍ଶଃ କାମ ମୋହିତମ୍ ।”

ଇଂରାଜୀ ସାହିତ୍ୟର ଗୋଟିଏ ଉଦାହରଣ–

The woods are lovely dark and deep
And I have promises to keep
Miles to go before I sleep
And miles to go before I sleep. (R. Frost)

ମୋର ଅନେକ ଦୂର ଯିବାର ଅଛି ଅନେକ କିଛି କରିବାର ଅଛି । ତେଣୁ ଶେଷ ନିଶ୍ୱାସ ପୂର୍ବରୁ ମୋର ଇଚ୍ଛା ପୂରଣ ହେବା ଦରକାର । ତେଣୁ ଥକି ପଡ଼ିବାର ଶୋଇଯିବାର ଅବକାଶ କାହିଁ ?

ସଂସାରର କ୍ଷଣ ଭଂଗୁରତା, ନଶ୍ୱରତା ପରିବର୍ତ୍ତନଶୀଳତାକୁ ମାନି ନେବାକୁ ପଡ଼ିବ । ଗ୍ରହଣ କରିନେବାକୁ ହେବ । କାରଣ ତାହା ହିଁ ଜୀବନ ।

ଯୁଗ ଚେତନାର ଏ ବାଣୀ ସତରେ କେତେ ହୃଦ୍ୟ !

ପରିଶେଷରେ ସ୍ୱାମୀ ବିବେକାନନ୍ଦଙ୍କର ବାଣୀ ଯାହା ଯୁଗ ଚେତନାକୁ ଏକ ଦିଶା ପ୍ରଦାନ କରିଛି, ଭାରତର ତରୁଣ କୁଳକୁ “ଚରୈବତି ଚରୈବତି”ର ମାର୍ଗ ପ୍ରଦର୍ଶନ କରିଛି । ସ୍ୱାମୀଜୀଙ୍କ ଭାଷାରେ–

“Be not afraid of anything you will do marvellous work
Fear is the cause of our woes
Fear is the great cause of our misery
Fear is the greatest of all superstitions
Ans it is fearlessness
That brings heaven ever in a moment.
Therefore Arise, Awake and stop not till the goal is reached”

ସଭାପତି, ଲେଖକ ସାମ୍ମୁଖ୍ୟ ତିହିଡ଼ି, ଭଦ୍ରକ

ମୋ. ୮୯୮୪୫୦୧୭୭୦

❐

ନୀରବତାରୁ ଈଶ୍ୱର ଭକ୍ତି



ଶଶଧର ମହନ୍ତୀ

“

ନୀରବତା ପ୍ରତିଟି ମନୁଷ୍ୟ ପାଇଁ ସତ୍ୟ, ଶିବ ସୁନ୍ଦର ସମାଜ ଗଠନ କରିବାକୁ ଶକ୍ତି ସାମର୍ଥ୍ୟ, ଭକ୍ତି, ସାହସ, ଧୈର୍ଯ୍ୟ ତଥା କର୍ମପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥାଏ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଭଳି ପଞ୍ଚ ମୂଲ୍ୟବୋଧ ଭକ୍ତିର ଶକ୍ତି ସେମାନଙ୍କ ଭିତରେ ଜାଗ୍ରତ କରାଇଥାଏ ।

”

ନୀରବତାରୁ ଶବ୍ଦ ବ୍ରହ୍ମର ସୃଷ୍ଟି । ଏହା ସୃଷ୍ଟିର ଆଦ୍ୟଶକ୍ତିର ସ୍ୱରୂପ । ଭୂକମ୍ପ, ଅଗ୍ନି ଉଦ୍‌ଗୀରଣ ନୀରବତା ମଧ୍ୟରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘଟାଇଥାଆନ୍ତି । ଆଗକାଳରେ ମୁନି ଋଷି, ମହାତ୍ମାମାନେ ନୀରବତା ଦ୍ୱାରା ସେମାନଙ୍କର ସାଧନାର ମାର୍ଗକୁ ଅଧିକ ରନ୍ଧିମନ୍ତ କରାଉଥିଲେ । ଚନ୍ଦ୍ର, ସୂର୍ଯ୍ୟ ଓ ପୃଥିବୀ ନୀରବତା ଭିତରେ ସେମାନଙ୍କର କ୍ରିୟା ସମ୍ପନ୍ନ କରୁଥାଆନ୍ତି । କବି, ଲେଖକ ଓ ସାହିତ୍ୟ ସାଧକମାନେ ନୀରବତାକୁ ପାଥେୟ କରି ସୃଷ୍ଟି କରିଚାଲନ୍ତି ସାରସ୍ୱତ ସର୍ଜନା । ଶାଶ୍ୱିକ ବୈଭବରେ ମଣ୍ଡିତ ହୋଇଥାଏ ସେମାନଙ୍କ ଲେଖନୀ ମୂନରୁ ଉଦ୍ଭୃତ ହେଉଥିବା ସାହିତ୍ୟ ଭଣ୍ଡାର । ବୃକ୍ଷ, ଗୁଳ୍ମ, ଲତା ତଥା ସମଗ୍ର ଜୀବଜଗତ ନୀରବତା ମଧ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ଅବସ୍ଥାରେ

ଉପନୀତ ହୁଅନ୍ତି । ସୁତରାଂ ବ୍ରହ୍ମାଣ୍ଡ ଠାକୁର ଏହି ନୀରବତା ଭିତରେ ସାରା ଜଗତକୁ ସୁଖ ଶାନ୍ତିରେ ପାଳନ କରୁଅଛନ୍ତି ।

ନୀରବତାର ସୂକ୍ଷ୍ମ ଦର୍ଶନରୁ ଦିବ୍ୟତ୍ୱ ଭାବ ମନୁଷ୍ୟଠାରେ ଅଙ୍କୁରୋଦ୍‌ଗମ ହେବା ସଂଗେ ସଂଗେ ଭକ୍ତଟିଏ ଭଗବାନଙ୍କ ନିକଟରେ ମିନତି ବାଢ଼େ । ମାଟିର ମଣିଷ ଅଖଣ୍ଡ ଜ୍ୟୋତି ମାଧ୍ୟମରେ ଶୂନ୍ୟରୁ ପୂର୍ଣ୍ଣତା ଲାଭ କରିଥାଏ । ସୃଷ୍ଟି ହୋଇଥାଏ ସଜୀବ । ସୃଜନଶୀଳତା ମୂଳ ଆଧାର ନୀରବତା ମଧ୍ୟରେ ଶିଳ୍ପୀ ନିଜର ତୂଳୀ ମୂନରେ ଧ୍ୟାନମଗ୍ନ ସହକାରେ ଜୀବନ୍ତ ପରି ମୂର୍ତ୍ତି ଗଢୁଥାଏ । ନୀରବତା ଭିତରୁ ସୃଷ୍ଟି ହୋଇଥିବା କୋମଳମତି ଶିଶୁ କିମ୍ବା ଶାବକଟିଏ ସମୟକ୍ରମେ ଶବ୍ଦ ଆଡ଼କୁ ମୁହାଁଇଥାଏ । ପକ୍ଷୀର ମନୋମୁଗ୍ଧକର କାକଳି ଓ ସୁଲଳିତ କଣ୍ଠରୁ ଝରିପଡୁଥିବା କୋଇଲି ସ୍ୱରରୁ ପଞ୍ଚମତାନ ତାହା ନୀରବତାକୁ ସୂଚିତ କରାଇଥାଏ ଏବଂ ଏହି ମଧୁବୋଳା ଅମୃତ ସ୍ୱର ଏକ ଶାନ୍ତ ସ୍ନିଗ୍ଧ, ଶୀତଳ ଓ ଆନନ୍ଦଭାବ ସୃଷ୍ଟି କରେ । ଏଣୁ କୁହାଯାଏ, ନୀରବତା ହେଉଛି ଅରୂପ, ଅଣାକାର, ନିରାକାର, ପରଂବ୍ରହ୍ମର ସ୍ୱରୂପ । ଠିକ୍ ଯେମିତି ପୁରୁଷୋତ୍ତମ କ୍ଷେତ୍ର ପୁରୀ ଧାମରେ ବଡ଼ ଦେଉଳ ଭିତରେ ରତ୍ନ ସିଂହାସନରେ ବିଜେ ହୋଇଥିବା ଜଗତରନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ହେଉଛନ୍ତି ନୀରବତାର ଭବ୍ୟ ପ୍ରତୀକ । ସେମାନଙ୍କର ନୀରବତା ସ୍ୱରୂପ ହେଉଛି, କାନ ନାହିଁ ଅଥଚ ସେ ସାରା ଜଗତ ଯାକ ଜୀବର ଡାକ ଶୁଣିପାରନ୍ତି । ଭକ୍ତର ଆକୁଳ ପ୍ରାର୍ଥନାକୁ କାନ ଡେରି ଶୁଣୁଥାଆନ୍ତି । ପାଟି ଖୋଲେ ନାହିଁ, ସେ ଷାଠିଏ ପଉଟିର ଭୋଗ ଲୋଡ଼ନ୍ତି । ପଦ ଯୁଗଳ ନାହିଁ ଅଥଚ ସେ ପହଣ୍ଡି ମୁହୂର୍ତ୍ତରେ ଧୀରେ ଧୀରେ ଚାଲନ୍ତି । ନୀଳାଚଳ ଧାମରେ ନୀରବରେ ବସି ସାରା ସଂସାରକୁ ଖୁବ୍ ଶୃଙ୍ଖଳିତ ଭାବେ ପରିଚାଳନା କରୁଅଛନ୍ତି ।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସନ୍ନ୍ୟାସୀ ଭଗବାନ ବୁଦ୍ଧ ଦେବଙ୍କର ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲା ନିରଞ୍ଜନା ନଦୀ କୂଳରେ ନୀରବତାର ବର୍ଷ୍ଣଳ ବଳୟ ଭିତରେ । ମହାମାନବ ମହାତ୍ମାଗାନ୍ଧୀ ମଧ୍ୟ ସପ୍ତାହର ଗୋଟିଏ ଦିନ ମୌନବ୍ରତ ପାଳନ କରି ଭାରତ ବର୍ଷକୁ ପରାଧୀନତାରୁ ମୁକ୍ତିଲାଗି ଭଗବାନଙ୍କୁ ବାରମ୍ବାର ପ୍ରାର୍ଥନା କରୁଥିଲେ । ନୀରବତା ପ୍ରତିଟି ମନୁଷ୍ୟ ପାଇଁ ସତ୍ୟ, ଶିବ ସୁନ୍ଦର ସମାଜ ଗଠନ କରିବାକୁ ଶକ୍ତି ସାମର୍ଥ୍ୟ, ଭକ୍ତି, ସାହସ, ଧୈର୍ଯ୍ୟ ତଥା କର୍ମପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥାଏ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଭଳି ପଞ୍ଚ ମୂଲ୍ୟବୋଧ ଭକ୍ତିର ଶକ୍ତି ସେମାନଙ୍କ ଭିତରେ ଜାଗ୍ରତ କରାଇଥାଏ ।

ଅନ୍ୟପକ୍ଷରେ ଜଣେ ଅହଂକାରୀ ବ୍ୟକ୍ତିପାଇଁ ନୀରବତା ବିଶେଷ ପ୍ରଭାବିତ କିମ୍ବା ଈଶ୍ୱର ପ୍ରୀତିର ସ୍ୱଚ୍ଛ ମାନସିକତା ସୃଷ୍ଟି କରିପାରେ ନାହିଁ । ଏଣୁ ଦେଖାଯାଇଛି କେହି ଆମକୁ ଗାଳି କଲେ ଆମେ ଦୁଃଖରେ ଭାଙ୍ଗିପଡୁ କିମ୍ବା ପ୍ରଶଂସାରେ ବେଶ୍ ଖୁସି ହୋଇଯାଉ ।

ଏଇ ଦୁଃଖ ବା ଖୁସି ଥାଏ କେଉଁଠି ? ଜଣଙ୍କର ଗାଳି ଓ ପ୍ରଶଂସା ନା ଆମ ଭିତରେ । ଯଦି ଗାଳିରେ ଦୁଃଖ ଓ ପ୍ରଶଂସାରେ ସୁଖ ଥାଆନ୍ତା, ତେବେ ଆମେ ପଥରକୁ ନିନ୍ଦା ବା ସାବାସ୍ କଲେ ତାହା ଭାଙ୍ଗିଯାଆନ୍ତା କିମ୍ବା ଫୁଲି ଉଠନ୍ତା । ସୁତରାଂ ଅହଂକାରୀ ମନୁଷ୍ୟ ଯେତିକି ମଜଭୂତ, ତା ପାଇଁ ଗାଳି ଓ ପ୍ରଶଂସା ସେତିକି ପ୍ରତିକ୍ରିୟାଶୀଳ । ଆଉକିଛି ବ୍ୟକ୍ତି ବିଶେଷମାନଙ୍କ ପାଇଁ ନିନ୍ଦା ବା ପ୍ରଶଂସାର ବିଶେଷ ଫରକ ନ ଥାଏ । ଯାହା ପାଖରେ ଅହଂକାର ଯେତେ କମ୍ ତା ପାଇଁ ଗାଳି ଓ ସାବାସି ସେତିକି ଫିକା ।

କୈଳାସବାବୁ ଜଣେ ଅତ୍ୟନ୍ତ ଅହଂକାରୀ ପ୍ରକୃତିର ବ୍ୟକ୍ତିଥିଲେ । ଛୋଟ ଛୋଟ କଥାରେ ଖୁବ୍ ରାଗି ଯାଉଥିଲେ । ତାଙ୍କର କ୍ରୋଧର ପରିଣାମ ସ୍ୱରୂପ ନିକଟ ଭବିଷ୍ୟତରେ ସେ ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତ ହେଲେ । ଡାକ୍ତରଙ୍କ ପାଖକୁ ନିଆଯାଇ ବହୁ ଚିକିତ୍ସା କରାଗଲା । କିନ୍ତୁ ରୋଗ ଭଲ ହେଲାନି । ଡାକ୍ତର ତାଙ୍କର ଜୀବନଶୈଳୀ ବିଷୟକୁ ଶୁଣି ପରାମର୍ଶ ଦେଲେ; "ବାରମ୍ବାର କ୍ରୋଧାନ୍ୱିତ ଯୋଗୁଁ ସେ ମାନସିକ ଚାପଗ୍ରସ୍ତ ହେବା ଫଳରେ ସ୍ନାୟୁ, ଜୀବକୋଷ ଓ ଶରୀର ମୁଖ୍ୟ ଅଙ୍ଗଗୁଡ଼ିକ ଖୁବ୍ ଦୁର୍ବଳ ହୋଇଯାଉଛି ।"ଏଣୁ ସେ ରୋଗରେ ପଡୁଛନ୍ତି । ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଛି । ସେ ଯଦି ନୀରବରେ ଜୀବନ ବିତାଇବେ ତାଙ୍କର ସମସ୍ତ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯିବ । ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ କୈଳାସ ବାବୁ ଘରେ ନୀରବରେ ରହିଲେ । ସେ ପ୍ରତ୍ୟହ ଭଲ ଭଲ ପୁସ୍ତକ ଅଧ୍ୟୟନ କରିବା ସହିତ ଧ୍ୟାନ, ପ୍ରାଣାୟାମ ଓ ଯୋଗ ଆଦି ଶିକ୍ଷା କଲେ ଏବଂ ବେଦ ପଢ଼ିଲେ, କିଛି ଦିନ ଏଇ ଉତ୍ତମ ଅଭ୍ୟାସ ଜାରି ରଖିବା ଫଳରେ ତାଙ୍କର ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲା । ତାଙ୍କ ଭିତରେ ଦୈବପ୍ରୀତି, ସଂଘନୀତି ବହୁତ ବଢ଼ିଗଲା । ଈଶ୍ୱର ଭକ୍ତି ଖୁବ୍ ଜାଗ୍ରତ ହେଲା । ଆଜି କୈଳାସ ବାବୁଙ୍କୁ ଦେଖିଲେ ଜଣାପଡ଼େ ଜଣେ ଶାନ୍ତ, ସରଳ ଓ କମନୀୟ ପ୍ରକୃତିର ମଣିଷ ସିଏ । ତାଙ୍କ ଭିତରେ ଈଶ୍ୱର ପ୍ରୀତି ବୃଦ୍ଧି ପାଇ ଦୈବତ୍ୱରେ ପରିପ୍ରକାଶ ହୋଇଛି । ସୁତରାଂ ସାଧୁ ସନ୍ନ୍ୟାସୀମାନେ କହିଛନ୍ତି, 'ଗର୍ବ ଛାଡ଼ ଗର୍ବ କର, ମୁଁ ଅଟେ ଦାସ କୃଷ୍ଣର' । ନିଜ ଭିତରେ ସେବା ଓ ସମର୍ପଣ ଭାବ ଅଧିକ ଜାଗ୍ରତ ହେଲେ ତାଙ୍କର ଭକ୍ତିର ଶକ୍ତି ଖୁବ୍ ମଜଭୂତ ହୋଇଯିବ । ମନ ଭିତରେ ଗର୍ବ ଓ ଅହଂକାର ସେତିକି ଅପସରି ଯିବ । ଯାହା ଆଜି କୈଳାସ ବାବୁଙ୍କ ଜୀବନରେ ଘଟିଛି, ତାଙ୍କର ନୀରବତା ଗୁଣରୁ ଜୀବନର ରୂପାନ୍ତରଣ ହୋଇଛି । ଧନ, ସମ୍ପତ୍ତି, ରୂପ, ଯୋଗ୍ୟତା, କ୍ଷମତା ଓ ପ୍ରତିପତ୍ତି ସବୁକିଛିର ଅଭିମାନକୁ ତ୍ୟାଗ କରି ସେ ଭଗବାନଙ୍କର ଦାସ ପାଲଟି ଯାଇଛନ୍ତି । ବାରମ୍ବାର ସତ୍‌ସଂଘ ଶୁଣୁଛନ୍ତି । ଭଗବତ୍ ପ୍ରେମରେ ତଲ୍ଲୀନ ହୋଇ ନୀରବରେ ବସି ଭାବୁଛନ୍ତି ମୁଁ ନୀରବତା ଦ୍ୱାରା ଅହଂକାର ରୂପକ ରାକ୍ଷସକୁ ମୋ ପାଖରୁ ଦୂରେଇ ଦେଇପାରିଛି । ମୁଁ ଆଜି ଗାଳିରେ ଭାଙ୍ଗି ପଡ଼ିବାର କିମ୍ବା ପ୍ରଶଂସାରେ ଫୁଲି ଉଠିବା ଲୋକ ନୁହେଁ । ମୋ ପାଖରେ ଉଭୟ ଗୁଣ ପୁରାପୁରି ସମାନ ।

ନୀରବତାର ଶକ୍ତି ଆଜି ତାଙ୍କ ପାଇଁ ମହାଶକ୍ତିମାନ ପାଲଟି ଯାଇଛି । କେବଳ କୈଳାସ ବାବୁ ନୁହଁନ୍ତି ଆମ ସମସ୍ତଙ୍କ ପାଇଁ ନୀରବତା ଗୁଣ ସ୍ୱାସ୍ଥ୍ୟ ରକ୍ଷା ତଥା ଈଶ୍ୱର ଭକ୍ତିରେ ନିଶ୍ଚିତ ରୂପାନ୍ତରଣ ଘଟାଇବ, ଏହା ଅନସ୍ୱୀକାର୍ଯ୍ୟ ।

ଏଣୁ କୁହାଯାଇଛି ନୀରବତା ଅଭ୍ୟାସରୁ ପ୍ରତିଟି ମନୁଷ୍ୟ ନିଜନିଜ ପରିବାର ତଥା ସାରା ସମାଜ ପାଇଁ ଦୈବଭାବର ସନ୍ଧାନ ଦେଇଥାଏ । ଏହା ଉତ୍ତମ ପରିବେଶ ଗଠନ କରିବା ସହିତ ସ୍ୱଚ୍ଛ ମାନସିକତା ବୃଦ୍ଧି କରିଥାଏ । ନିଜେ ନିଜର ଆତ୍ମରକ୍ଷା ଦ୍ୱାରା ଜ୍ଞାତ ବା ଅଜ୍ଞାତରେ ଘଟି ଯାଉଥିବା ଭୁଲ୍‌ର ସଂଶୋଧନ ହୋଇ ମଣିଷଟିଏ ଈଶ୍ୱରାଭିମୁଖୀ ହୋଇଥାଏ । ଭଗବାନ ସବୁ ଜୀବଠାରୁ ଶ୍ରେଷ୍ଠ ମଣିଷମାନଙ୍କୁ ଏ ସଂସାରକୁ ଭଲ କାମ କରିବାକୁ ପଠାଇଛନ୍ତି । ଆମ୍ଭେମାନେ ଶ୍ରଦ୍ଧା, ବିଶ୍ୱାସ, ଧୈର୍ଯ୍ୟ ଓ ସମର୍ପଣ ଭାବ ଦ୍ୱାରା ନିଜ ନିଜ ଭିତରେ ଈଶ୍ୱର ପ୍ରୀତି ଅଧିକ ଉଜ୍ଜୀବିତ କରିପାରିଲେ ଆଗାମୀ ସମୟରେ ସତ୍ୟ ସୁନ୍ଦର ପୃଥିବୀଟିଏ ଗଢ଼ିବାକୁ ସମର୍ଥ ହୋଇପାରିବା ।

ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୬୪୭


❐



ଘାସଫୁଲର ପ୍ରତିଷ୍ଠାତା ସମ୍ପାଦକ କବି ବିଷ୍ଣୁ ସେଠୀଙ୍କ ଦ୍ୱିତୀୟ ପୁଣ୍ୟତିଥି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଓଡ଼ିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ।

କବି ବିଷ୍ଣୁ ସେଠୀଙ୍କ ସଦ୍ୟତମ ପ୍ରକାଶିତ କବିତା ସଙ୍କଳନ

‘ନଈପାଣି ନଈକି ଯା’





ସମୀକ୍ଷା:
କିଶୋର ପାଣିଗ୍ରାହୀ
ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ଫୋନ୍: ୭୦୦୮୧୧୭୯୬୪

ଶବ୍ଦକୁ ନୂଆ ଜନ୍ମ ଦିଏ କବି; ଶବ୍ଦକୁ ନୂଆ ଅର୍ଥ ଦିଏ କବି । ଏ କଥାର ତାତ୍ପର୍ଯ୍ୟ ସଦ୍ୟ ପ୍ରକାଶିତ କବିତା ସଂକଳନ ‘ନଈପାଣି ନଈକି ଯା’ର ପ୍ରଚ୍ଛଦ ଓ କବିତାମାନେ ସିଦ୍ଧ କରିପାରିଛନ୍ତି ବୋଲି ରୋକ୍‌ଠୋକ୍ କୁହାଯାଇପାରେ ।

“ନଈପାଣି ନଈକି ଯାଆ
ମୋ ସିଲଟ ଶୁଖି ଯାଆ ।”

ଗାଁରେ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସମୟର ସିଲଟ ଶୁଖେଇବା ବେଳର ଏ ଗୀତ ଏବେ ବି ଆମର ସ୍ମୃତିକ୍ଷତରୁ ବ୍ୟଥା ଉଖାରେ । ଏଇ ଦୁଇ ଧାଡ଼ି

କବିତାର ଗୂଢ଼ ଅର୍ଥ ଆପାତତଃ ଆମେ କେବେ ଖୋଜିନୁ କି ପାଇନୁ ବୋଧହୁଏ । କବି ବିଷ୍ଣୁ ସେଠୀଙ୍କ 'ନଈପାଣି ନଈକି ଯା' ସଂକଳନର ପ୍ରଚ୍ଛଦର ବାମ ପାଖରେ ମାଟି ସିଲଟରେ ଅଛନ୍ତି ଫୁଲଖଡ଼ିରେ ହାତଲେଖା ବର୍ଣ୍ଣମାଳା ଓ ଅଂକମାଳା । ତାହାଣରେ ଚିତ୍ରିତ ସ୍ରୋତର ଊର୍ମିବିଭଙ୍ଗ । ଏହି ଊର୍ମିବିଭଙ୍ଗ ଏକ ନବଯୌବନା ନାରୀର ଚିତ୍ରରେ ରୂପାରୋପିତ ବା ବ୍ୟକ୍ତିତ୍ୱାରୋପିତ । ଏକଥା କହିବାର ତାତ୍ପର୍ଯ୍ୟ କବି ତାଙ୍କର କବିତାରେ ସୂଚାଇଛନ୍ତି ମଧ୍ୟ । **"ଅହଲ୍ୟା ପଥରକୁ ଛୁଇଁଛୁଇଁ/ନଦୀ ତ ଯାଉଚି ବହି/ନିଘା ନଥାଏ/ମୁର୍ଦ୍ଦାର ଭାସୁ କି ଦେବୀ ଭାସନ୍ତୁ/କିଏ ସୂର୍ଯ୍ୟନମସ୍କାର କରୁ ସଦାକାଳ/କି କିଏ ଗାଧୋଉଗାଧୋଉ ମୁତୁ/ନଈ ପାଷାଣୀ/ନଈ ହୀନିମାନୀ"**- (ନଈ ଜମା ଶୁଣୁନି-ପୃଷ୍ଠା-୧୩) । ଗୂଢ଼ ଅର୍ଥରେ ନାରୀତ୍ୱର ସୌନ୍ଦର୍ଯ୍ୟ ଓ କରୁଣାର ଭାବରୂପକୁ ଅଭିବ୍ୟଂଜିତ, ଉନ୍ନୀତ ଏହି ଢେଉଢେଉକା ସୁଅ । ପୁସ୍ତକରେ ଗ୍ରଥିତ କବିତାମାନଙ୍କୁ ନେଇ ପ୍ରଚ୍ଛଦର ଦୁଇ ପାର୍ଶ୍ୱରେ ଏ ଚିତ୍ରର ସମ୍ବନ୍ଧ ଖୋଜିଲେ ଆମେ ଯେଉଁ ସୂତ୍ରଟି ପାଖରେ ପହଂଚିବା ତାହାକୁ କବିପତ୍ନୀ ଊର୍ମିଳା ମୁଖବନ୍ଧରେ ତିନିଟି ବାକ୍ୟରେ ସ୍ପଷ୍ଟ କରିସାରିଛନ୍ତି । **"ଜଳର ଧର୍ମ ନିମ୍ନଗାମୀ ହେବା- ଏହା ବାସ୍ତବ ଓ ଚିରନ୍ତନ । ପ୍ରବହମାନା ନଦୀର ଜଳ ସମୁଦ୍ରରେ ମିଶେ, ତାହା ପୁଣି ମହାସାଗରରେ ଲୀନହୁଏ । କବି ବିଷ୍ଣୁ ସେଠୀ ପଞ୍ଚଭୂତରେ ଲୀନ ହୋଇଛନ୍ତି ।"** ଏଇ କଥାଟି ଲେଖିଦେବା ପରେ ଉପରୋକ୍ତ ଦୁଇଧାଡ଼ି ଜୀବନର ଯେଉଁ ଦର୍ଶନକୁ ଇଂଗିତ କରୁଛି ତାହା ହିଁ ଦେଖିବାର କଥା ।

ଆମ ସାହିତ୍ୟ ପରଂପରାରେ ନଦୀ ଜୀବନ, ସମୟ, ଗତି ଏବଂ ଆହୁରି ଅନେକ ଭାବରେ ପ୍ରତୀକୀତ, ବ୍ୟଂଜିତ । ନଈମାତ୍ରେ ଇ ସ୍ରୋତବାହନା; ଗତି ତାର ତଳକୁ, ତଳମୁଣ୍ଡର ଆଁକୁ, ତୃଷ୍ଣାକୁ । ସେଠି ସ୍ରୋତ କହିଲେ ଧାରେ ପ୍ରତିଶ୍ରୁତି ଜୀବନବଂଟନର, ଶ୍ୟାମଳ ଉଲ୍ଲାସର, ଓଦାପେଟକୁ ଦାନାର, ଆଶ୍ୱାସନାର । ଏ ଧାରକ ହୋଇପାରେ ଏକ ପର୍ଯ୍ୟାୟମାତ୍ର ଚିରନ୍ତନ ଜୀବନଚକ୍ର କି ସୁଦ୍ଧୁ ଜଳଚକ୍ରର । ଜଗତର ପ୍ରତ୍ୟେକ ଗତି ନିରନ୍ତର-ଚକ୍ରାକାର; ଅଖଣ୍ଡ-ମଣ୍ଡଳ । ଏହି ଗତିରେ ସମସ୍ତେ ଫେରନ୍ତି ଉତ୍ସକୁ, ମୂଳକୁ ଏବଂ ପୁଣି ପର୍ଯ୍ୟାୟ ପରେ ପର୍ଯ୍ୟାୟ ଦେଇ ସେଇ ଉତ୍ସ-ମୂଳକୁ । ଜଳ ବି ସେମିତି, ଠିକ୍ ଜୀବନ ଯେମିତି । ପଞ୍ଚଭୂତରୁ ଜଳ ବି ତ ଅନ୍ୟତମ । ତେଣୁ ନଈପାଣିରୁ ଉଧାର ଆଣିଥିବା ଏ ଜୀବନ ବୁନ୍ଦାକ ବି ଫେରଇବାକୁ ହବ ନଈକୁ, ନଈ ଫେରେଇବ ସମୁଦ୍ରକୁ ଓ ସମୁଦ୍ର ମହାସମୁଦ୍ରକୁ; ପୁଣି ମହାସମୁଦ୍ରରୁ ଉଧାର ଆଣିବ ସମୁଦ୍ର, ସମୁଦ୍ରରୁ ଆଣିବ ମେଘ, ମେଘରୁ ନଈ ଓ ନଈଠୁ ଫଟା ମାଟିର ଆଁ, ଶୁଖିଲା

ଓଠ । ତେଣୁ କେବଳ କବି ବିଷ୍ଣୁ ସେଠୀ ନୁହଁନ୍ତି ପ୍ରତି ଜୀବନକୁ ଘଟ ଉଝାଳି ଘାଟରେ ଉଝେଇବାକୁ ହେବ ନିଜ ଭାଗର ଜଳ ନଈକୁ (ନଈପାଣି ନଈକି ଯା), ନିଃଶ୍ୱାସ ପବନକୁ, ଆକାଶକୁ ଆଧାର ବୋଲି କିଛି ଶୂନ୍ୟତା, ମାଟିକୁ ପିଣ୍ଡ ଓ ନିଆଁକୁ ଉତ୍ତାପ ଫେରେଇବାକୁ ହେବ; ସୁଝିବାକୁ ହେବ ଋଣ, ଶେଷକୁ । ପ୍ରକାରାନ୍ତରେ ତାହା ହିଁ ସ୍ପଷ୍ଟ କରିଛନ୍ତି ଉମିଳା ପାଣିଗ୍ରାହୀ, ମୁଖବନ୍ଧରେ ।

'ନିର୍ମାୟା ଆକାଶ ତଳେ', 'ନିଃସ୍ୱ ମାଟିର ସ୍ୱର' ପରେ 'ନଈପାଣି ନଈକି ଯା' କବି ବିଷ୍ଣୁ ସେଠୀଙ୍କର ତୃତୀୟ କବିତା ସଂକଳନ । ଗତ ତା୧୯/୦୯/

> ଆଲମୀରାର ଥାକରେ, ପଡ଼ା ଟେବୁଲର ଡ୍ରୟାରରେ, ବହିଥାକର ସନ୍ଧିରେ ମିଳେ କବିଙ୍କ ହାତଲେଖା କାଗଜ । ଶବ୍ଦମାନେ ସତେ ଅବା ସନ୍ତର୍ପଣରେ ସାଇତା ହୋଇ ରହିଛନ୍ତି । ଆଖିରେ ଅସୁମାରୀ ସ୍ୱପ୍ନ; ସଂସାରକୁ ଡେଇଁ ପଡ଼ିବେ ।
>
> ବୋଧହୁଏ ଏଇକଥା କବି ସେମାନଙ୍କୁ କହି ଯାଇଛନ୍ତି । ଆଜି କବି ଆମ ଗହଣରେ ନାହାନ୍ତି । କିନ୍ତୁ ସେହି ଶବ୍ଦମାନେ ଜୀବନ୍ୟାସ ପାଇଛନ୍ତି ।
>
> ସେହି ଜୀବନ୍ତ ଶବ୍ଦାବଳୀର ସମାହାର 'ନଈପାଣି ନଈକି ଯା' କବି ବିଷ୍ଣୁ ସେଠୀଙ୍କ ଅବର୍ତ୍ତମାନରେ ତାଙ୍କରି ପ୍ରତିରୂପ ।
>
> – ସଂପାଦିକା

୨୦୨୪ରିଖ, କବିଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରରେ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହା ଉନ୍ମୋଚିତ ହୋଇଛି ତିହିଡ଼ି, ଭଦ୍ରକରେ । ସାଇ ଯମୁନା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ସତୁରୀ ଗୋଟି କବିତାରେ ସଂକଳିତ ୧୬୪ ପୃଷ୍ଠାର ଏହି କବିତା ପୁସ୍ତକଟିର ମୂଲ୍ୟ ରଖାଯାଇଚି ଟ୧୫୦ଙ୍କା ଏବଂ ପ୍ରଚ୍ଛଦାଙ୍କନ କରିଛନ୍ତି ବିଶିଷ୍ଟ ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସ । ପୁସ୍ତକର ଶୀର୍ଷକକୁ ଯାଥାର୍ଥ୍ୟ ଦେଇ ଅଧିକାଂଶ କବିତାର ଶିରୋନାମା ଓ ବିଷୟବସ୍ତୁରେ ନଈ, ପାଣି, ବର୍ଷା, ବନ୍ୟା ଆଦିର ନିରନ୍ତର ପ୍ରତ୍ୟାବର୍ତ୍ତନ ବେଶ୍ ଲକ୍ଷଣୀୟ ।

ତିନିଟିଯାକ କବିତା ପୁସ୍ତକର ନାମକରଣ ଆମକୁ ଆକାଶ, ମାଟି ଓ ପାଣିର କଥା କହନ୍ତି ଏବଂ ଏହି ତିନିଟି ଯେ ଜୀବନ ସଂଚାର ଓ ସଂଚଳନର ଅପରିହାର୍ଯ୍ୟ

ଉପାଦାନ ତାହାର ପୁନରାବୃତ୍ତି ଅନାବଶ୍ୟକ । ତେବେ ପ୍ରଶ୍ନ ଆସିପାରେ କବିଙ୍କର ପୂର୍ବ ସଂକଳିତ କବିତା ପୁସ୍ତକମାନଙ୍କର କାବ୍ୟ ବିଷୟକୁ ନେଇ । ପ୍ରଥମ ପର୍ଯ୍ୟାୟରେ ରଚିତ ତାଙ୍କର କବିତାମାନେ ଏହି ପୁସ୍ତକର କବିତାମାନଙ୍କଠାରୁ କେତେ ଭିନ୍ନ ବୋଲି । ପ୍ରକୃତରେ ଭିନ୍ନ ନୁହଁନ୍ତି; ବରଂ ଆହୁରି ପରିପକ୍ୱ ଓ ଉତ୍ତରିତ ।

ବିଷ୍ଣୁ ସେଠୀଙ୍କ କବିତାର ଆତ୍ମା ଜୀବନ; ଖୋଦ୍ ଜୀବନ ଦର୍ଶନ ନୁହଁ ଯଦିଓ ଜୀବନରୁ ଦର୍ଶନକୁ ନିର୍ବାସନ ଦେବା ସମ୍ଭବ ନୁହେଁ । ସେଇଥିପାଇଁ ହିଁ କବିତା ପୁସ୍ତକର ନାମକରଣ ଏପରି । ବିଶେଷ କରି ମାଟି ପାଖାପାଖି ଖଟିଖିଆ, ଖରାପିଠିଆ ମଣିଷର ହାହାକାର, ଫଟା ମାଟିର ଆର୍ତ୍ତି ଓ ଆକାଂକ୍ଷା ତାଙ୍କ ପୂର୍ବ ପୁସ୍ତକମାନଙ୍କର କବିତାର ଛତ୍ରେଛତ୍ରେ ଅନୁଭୂତ ହେଉଥିବାବେଳେ ଏ ପୁସ୍ତକରେ ତା ସହିତ ଜୀବନ ଦର୍ଶନ ଓ ମୃତ୍ୟୁଚେତନାର ଏକ ଅଦ୍ଭୁତ ସହବାସ ଦେଖିବାକୁ ମିଳେ । ଜୀବନର ଅନ୍ତିମ ପର୍ଯ୍ୟାୟ (ଯାହା ତାଙ୍କ ପାଇଁ ଅସମୟରେ ଆସିଥିଲା)ରେ ସେ ଯେମିତି ଦେଖିପାରିଥିଲେ ମୃତ୍ୟୁର ପହରାଦାରି- ଏ କବିତାମାନଙ୍କୁ ପଢ଼ିଲେ ଏହା ହିଁ ପ୍ରତୀତ ହୁଏ । **"ମୁଠାଏ ପବନରେ/ କବଳିତ ହେବ/ନିଃଶ୍ୱାସ ନାଁରେ ପିଣ୍ଡ ବ୍ରହ୍ମାଣ୍ଡ/ମୃତ ବୋଲି ଘୋଷିତ ହେବ ତୁମ ପାଇଁ ସୂର୍ଯ୍ୟ ଚନ୍ଦ୍ର ତାରା/ଅଫିସ୍‌ରୁ ଫେରିବା ଠିକଣା/ବିଳମ୍ବ ହୋଇଲେ/ଦୁଆର ବନ୍ଧରେ ବାରମ୍ବାର/ଉଙ୍କିମାରୁଥିବ ମୁହଁଟିଏ/ସ୍ୱୀକାର କରିନେବ ତୁମ ଅନ୍ତିମ ଯାତ୍ରାକୁ ଚିରକାଳ ପାଇଁ"**- (ଏକାଦଶାହ, ପୃଷ୍ଠା-୩୪) । ଠିକ୍ ସେମିତି ଅନ୍ୟ ଏକ କବିତାରେ କବି କହନ୍ତି, **"କରଂଜ କାଠ ଧୂଆଁରେ/ଛୟାଶୀ କେଜି ଓଜନର ଦେହ/ଉଠୁଥାଏ ଉପରକୁ ଉପର/ନଇଁଯାଉଥାଏ ବିଷ୍ଣୁ ସେଠୀ ବୋଲି ମଣିଷ/ ଗୋଧୂଳିର ସୂର୍ଯ୍ୟ ପାହାଡ଼ ସେପଟେ"**- (ଧୂନୀ ଦିନେ ଲିଭିବ-ପୃଷ୍ଠା-୮୨) । ଏ ଧୂନୀ କିଏ? ପ୍ରାଣାଗ୍ନି ନୁହେଁ ତ ଆଉ କିଏ? ଏପରି କବିତା ପ୍ରାୟ ତାଙ୍କର ପୂର୍ବ ସଂକଳନମାନଙ୍କରେ ନାହିଁ । କର୍ଣ୍ଣ ବା ବସୁଶେଣ ସମାଜରୁ ଉଚିତ୍ ନ୍ୟାୟ ପାଇନଥିବା, ଅବହେଳିତ ପ୍ରତିଭା ଭାବରେ ଆଧୁନିକ ସାହିତ୍ୟରେ ଏକ ପୁନର୍ଗଠିତ ମିଥ୍ । ସେପରି ଏକ ମିଥିକ୍ କାବ୍ୟନାୟକକୁ ନେଇ 'ରାଧେୟ' କବିତାର ଆରମ୍ଭରେ ମଧ୍ୟ ସେ ମୃତ୍ୟୁର ଚିତ୍ର ଆଙ୍କିଛନ୍ତି ପ୍ରଥମେ । **"ଶାଖାଚ୍ୟୁତ ହଳଦୀ ରଂଗର ପତ୍ର ପରି ଜୀବନ/ ଶାଖାଚ୍ୟୁତ ମୁହୂର୍ତ୍ତର ଅଣୁଅଂଶର ତାରଲ୍ୟତା/ରୋକି ପାରେନା ଜୀବନର ଜନ୍ମ-ମୃତ୍ୟୁର ସାପ-ଶିଢ଼ି ଖେଳ"** (ପୃଷ୍ଠା-୮୩) । 'ବାପା' ଶୀର୍ଷକରେ ଚାରିଟି କବିତାରେ, 'ବିଦାୟୀ ସୂର୍ଯ୍ୟ'ରେ, 'ଦଇବ' ଏବଂ ଅନ୍ୟାନ୍ୟ ଅନେକ କବିତାରେ ଜୀବନଚକ୍ରର

କଥା, 'ନଈ ପାଣି ନଈକୁ' ଫେରିଯିବାର କଥା, ଜୀବନ ଓ ମୃତ୍ୟୁର ଅଖଣ୍ଡମଣ୍ଡଳର କଥା ଯେମିତି ସ୍ୱତଃ ଉତୁରି ଆସିଚି ।

ବିଷ୍ଣୁ ସେଠୀ ବୋଲି ଗୋଟେ ଠିଆଟାଣିର ସସ୍ପର୍ଦ୍ଧିତ ସ୍ୱର ମୃତ୍ୟୁ ପାଖରେ ନଇଁଯିବାର ସ୍ୱୀକାରୋକ୍ତିକୁ କେହିକେହି ପରାଜୟ ବୋଲି ଭାବପାରନ୍ତି ହୁଏତ କିନ୍ତୁ ପ୍ରକୃତରେ ଏହା ନିୟତିକୁ ଉଦାରତାର ସହ ବାଟ ଛାଡ଼ିଦେବା ଏବଂ ସ୍ୱୀକାର କରିବାର ସ୍ପର୍ଦ୍ଧିତ ଉଚ୍ଚାରଣ ।

ବିଷ୍ଣୁ ସେଠୀ ଏକ ବ୍ୟକ୍ତି ନୁହଁନ୍ତି; ଏକ ପ୍ରତିବାଦର ସ୍ୱର, ଏକ ବିପ୍ଳବର ଜରିଆ । ଏ ବିପ୍ଳବ, ପ୍ରେମ ଓ ବିଦ୍ରୋହ ବ୍ୟକ୍ତିର ନୁହଁ ଜନସମୂହର । ଅର୍ଥାତ୍ ତାଙ୍କ କବିତାର ଉଚ୍ଚାରଣ ସମବେତ ଆର୍ତ୍ତିର ଅନୁରଣନ, ଆଗକୁ ଶୁଭୁନଥିବା ପଛଧାଡ଼ିର ମଣିଷମାନଙ୍କର ଗୁଂଜରଣ । ସେଥିପାଇଁ ଶବ୍ଦ ତାଙ୍କର ହତିଆର ହୋଇ ଆସେ ଜୀବନଯୁଦ୍ଧରେ । **"ଆୟୁବର ସ୍ତ୍ରୀ ଗଲା ଦିଲ୍ଲୀ ନଗର/ଉଗ୍ରବାଦୀଙ୍କ ଗୁଳିରେ ଆୟୁବ ମୃତ୍ୟୁ ଲଭିଲା ପରେ/ଝିଅଟି ଗଲା ପାଖ ଦୋକାନକୁ/ଦୁଇ ଦିନ ପରେ ମଳିଲା ଯାହାର ରକ୍ତାକ୍ତ ଶରୀର/ଶ୍ରାବଣୀ ମିଶ୍ର ବର୍ଷିଲା ଆକାଶ ଦାସ ଉପରେ/ ଭାଇରାଲ୍ ହୋଇଥିବା ମୁକୁଳା ପୃଥିବୀର ଚିତ୍ର/ଶ୍ରବଣୀ ମିଶ୍ରର"** (ବର୍ଷା-ପୃଷ୍ଠା-୧୭) ଏ କବିତରେ କବିର ସମବେଦନା ଖୁବ୍ ତରଳ ଓ ସ୍ପର୍ଶନୀୟ । ଏଠି ଜନସମୂହର ସମ୍ବେଦନାକୁ ଚିଆଁଇ ଦେବାର ବ୍ୟାକୁଳପଣ ବି କବିଙ୍କର କମ୍ ନୁହଁ । କେବଳ ସେତିକି ନୁହଁ, ଏଠି 'ମୁକୁଳା ପୃଥିବୀର ଭାଇରାଲ୍ ଚିତ୍ର' ସତରେ କ'ଣ ପୃଥିବୀର, ଗୋଟିଏ ଭୂଭାଗର ? ନା ଶ୍ରାବଣୀ ଦାସର ? ଆୟୁବର ସ୍ତ୍ରୀ ଦିଲ୍ଲୀ ଗଲା ପରେ କ'ଣ କରୁଥିବ ସେଠି ? ଏ ସବୁ ପ୍ରଶ୍ନର ଉତ୍ତର ଦେବାକୁ ପଡ଼େନି; ଛାଁ ବୁଝିହେଇଯାଏ । କହିଦେଲେ କବିତାରେ ଶବ୍ଦର ବଦଖର୍ଚ୍ଚ ହୁଏ । କବି ବିଷ୍ଣୁ ସେଠୀ ଶବ୍ଦରେ ଖୁବ୍ ମିତବ୍ୟୟୀ । କବିର ସମବେଦନା ସଂପର୍କରେ ମଧ୍ୟ ତାଙ୍କର କେତୋଟି ଧାଡ଼ି ଏହି ପୁସ୍ତକରୁ ଉଦ୍ଧାର କରାଯାଇପାରେ, **"ଅ'ଧ ରାତିରେ ଜଣେ ମଣିଷର/କାରୁଣ୍ୟ ବେଦନା/ବେଦନା ଘାରୁଥାଏ କ୍ଷଣକ୍ଷଣ/ଯିଏ ଦେଖିପାରିଲା/ଲେଖିପାରିଲା, ସିଏ ହେଲା କବି"** (ବର୍ଷାର ରିଆଜ୍-ପୃଷ୍ଠା-୧୮) । 'ବର୍ଷାର ରିଆଜ୍' କବିତାରେ ତାଙ୍କର ବିଚକ୍ଷଣ କବିତ୍ୱ ମଧ୍ୟ ଦେଖିବାକୁ ମିଳେ । ଦୃଷ୍ଟି ଓ ସ୍ୱାଦଗ୍ରନ୍ଥିରେ ଭିନ୍ନତା ଯୋଗୁ ବର୍ଷାକୁ ଅନୁଭବ କରିବା ବା ଭୋଗିବା ବ୍ୟକ୍ତିମାତ୍ରେ ଭିନ୍ନଭିନ୍ନ । ତେଣୁ ସେ ଏଥିରେ ବର୍ଷାର ଭିନ୍ନଭିନ୍ନ ଧ୍ୟାନଧୃତ ରୂପକୁ ଭିନ୍ନଭିନ୍ନ ଶବ୍ଦଚିତ୍ରରେ ଉପସ୍ଥାପିତ କରିଛନ୍ତି ଏବଂ ଖୁବ୍ କମ୍ ଶବ୍ଦରେ ବି । **"ବର୍ଷା: ଗୋଟେ ଅନାମିକା ଶ୍ରାବଣୀର**

ନାଁ/ ବର୍ଷା: ତୁ'ଣ ସହ ଥାଳିଏ ଭାତର ନକ୍ସା/ ବର୍ଷା: ରେନି ଡେ ପାଇଁ ବ୍ୟାକୁଳ ବାଳୁତ ମନ/ ବର୍ଷା: ଚାଳଖୁଂଚା ମାରିବାର କାଇଦା କଟକଣା" (ଡଟ୍ରେବ) ।

ଚାଷୀଟିଏ ବି କବିଟିଏ । କବିଟିଏ ଶବ୍ଦରେ ଜୀବନ ବୁଣେ । ଚାଷୀଟିଏ କାଲିକା କ୍ଷେତରେ ବିହନ ବୁଣେ; ଆଗାମୀ ଜୀବନ ବୁଣେ । ତେଣୁ ବର୍ଷା ନଥିଲେ କ୍ଷେତରେ ବିହନ ପରି ରଦ୍ଦର ବି ଗଜା ମରୁଡ଼ି ହୁଏ । **"ବର୍ଷା ନାହିଁ ବୋଲି ଚାଷୀର ଆଖିରେ ଲୁହ/ବର୍ଷା ନାହିଁ ବୋଲି କବିର ଛାତିରେ କୋହ/ବର୍ଷା ନଥିଲେ ଅକ୍ଷରମାନେ ପାଲଟିଯାନ୍ତି/ବୁଣାଯାଇଥିବା ବିହନ ପରି ଗଜାମରୁଡ଼ି/ହାହା କାରର ହାତୁଡ଼ି ପିଟୁଥାଏ କାଳ-ଭୈରବ/ହିଡ଼ମୁଣ୍ଡରେ ଚାଷୀକୁ/ରାତିର ମଧ୍ୟମ ପ୍ରହରେ କବିକୁ"** (ବର୍ଷା ନଥିଲେ-ପୃଷ୍ଠା-୨୧) ।

'ନିରାଶାର ବୈତରଣୀ' (ପୃଷ୍ଠା-୩୨) କବିତାରେ ବିପରୀତ ପ୍ରୟୋଗକୁ ପାଠକେ ଦେଖିବାର କଥା । ବୈତରଣୀର ନାମ ନିରାଶା, ଅଶୋକ ବନରେ ଶୋକ, ଶ୍ରବଣକୁମାର ପିତାମାତାର ଦୁଃଖ ପାଲଟିଯାନ୍ତି ବୋଲି ଏଥିରେ ଉଲ୍ଲିଖିତ । ପ୍ରକୃତ ପକ୍ଷେ ସମୟ, ପରିବେଶ, ଆଚରଣ ବଦଳିଚି ଏବେ । ସହଜରେ କହିବାକୁ ଗଲେ ପ୍ରକୃତି ବଦଳିଚି । ପ୍ରକୃତିଛଡ଼ା ଦେଇଚି ଖୋଦ୍ ପ୍ରକୃତି । ଲାଗୁଚି ବ୍ୟୋମର ନାମ ସଂକୀର୍ଣ୍ଣତା, ମେଘର ନାମ କୃପଣତା, ପବନର ନାମ ରୁଦ୍ଧଶ୍ୱାସ ଆଉ ନଦୀମାନେ ଋତୁହୀନା ଏବେ ।

ଆଗରୁ କହିରଖିଚି କବି ବିଷ୍ଣୁ ସେଠୀଙ୍କ କବିତାର କେନ୍ଦ୍ରବିନ୍ଦୁରେ ମଣିଷ; ତାର ପରିଧି ପରିବ୍ୟାପ୍ତ ଜୀବନ; ସମାଜର ସବୁ ବର୍ଗର ଜୀବନ । 'ଟ୍ରାନ୍ସଜେଣ୍ଡର୍' କବିତାଟିର ଅବତାରଣା କରାଯାଇପାରେ । କିନ୍ନରମାନଙ୍କ ଜୀବନ ସଂଘର୍ଷ, ସଂସର୍ଗ, କ୍ଷୋଭ ବେଦନା, ହତାଶା ଓ ଆକାଂକ୍ଷାକୁ ଅତି ମାର୍ମିକ ଭାବରେ ସେ ଏ କବିତାରେ ଉପସ୍ଥାପିତ କରିଛନ୍ତି । ଏହା ଭିତରେ ରହିଚି କବିଙ୍କର ଗଭୀର ସମବେଦନା ସହ ସମସ୍ତ ସାମାଜିକ ମଣିଷର ସମ୍ବେଦନାକୁ ସେମାନଙ୍କ ଦୁଃସ୍ଥିତି ଆଡ଼କୁ ଆକର୍ଷିତ କରିବାର ବ୍ୟାକୁଳତା । **"କାହାକୁ ଦେଖିଚ ହେ ମଣିଷମାନେ ?/ଯଦି କେହି ଦେଖିଚ/ତେବେ କାଚ ଉଠା ଗାଡ଼ିର/ସେପଟେ ଠିଆ ହୋଇଥିବା/ନିର୍ଦ୍ଦୟତାରେ ସିଝୁଥିବା/ଆମ ପରି ଦୁଃଖୀ ମଣିଷଟିଏ/ନାଁ ତାର ଟ୍ରାନ୍ସଜେଣ୍ଡର୍"** (ପୃଷ୍ଠା-୫୫) ।

ଅବଶ୍ୟ ଏହି ପୁସ୍ତକର ନାମକରଣର ବ୍ୟଂଜନା ଦାର୍ଶନିକତା ଆଡ଼େ ଉନ୍ମୁଖିଥିବା ଭଳି ଲାଗିପାରେ । ତାହା ଏ କବିତାମାନଙ୍କର ଏକ ବିଶିଷ୍ଟ ଦିଗ ବି ହୋଇ ପାରେ । କିନ୍ତୁ କବିତା ବିଭିନ୍ନ ଦିଗକୁ ଏକ ସମୟରେ ଆଲୋକ କ୍ଷେପି ପାରୁଥିବା ଏକ ହୀରକ-

ପ୍ରିଜିମ୍; ଅନେକ ଅରକୃତିର ସଂଯୋଜନା- ଏକ ଅଦ୍ଭୁତ ନବଗୁଂଜର; ଅନେକ ଚକ୍ର ଉପରେ ଉଭା ଶିଳ୍ପିତ କୋଣାର୍କ । ତେଣୁ କେବଳ ପୁସ୍ତକର ନାମକରଣକୁ ପାଥେୟ କରି ଏ ପୁସ୍ତକର ସମସ୍ତ କବିତାକୁ ଭୋଗି ହୁଏନାହିଁ । ଯୁଗଯୁଗର ସମୟ ପ୍ରବାହ ଓ ଘଟନା କ୍ରମ ଦେଇ ବଦଳି ଚାଲିଥିବା ମାଟି, ପାଣି, ଆକାଶ, ପବନ, ନଈ ଓ ମେହେନତି ମଣିଷର ଜୀବନ, ତାର ଅନ୍ତର୍ବେଦନା ବିଷ୍ଣୁ ସେଠୀଙ୍କ କବିତାର ମୁଖ୍ୟ ସ୍ୱର ଓ ସ୍ରୋତ । ନଈ ବର୍ଣ୍ଣାଙ୍କିତ ଏକ ଶବ୍ଦ ବା କେବଳ ଏକ ନିରୋଳା ଉଚ୍ଚାରଣ ନୁହେଁ ବରଂ ଗୋଟିଏ ଜାତିର ପରିଚୟର ଇତିବୃତ୍ତ, ଇତିହାସ, ସଂସ୍କୃତିର ପ୍ରବହମାନ ଧାରା ।

ବିଷ୍ଣୁ ସେଠୀଙ୍କ କବିତାମାନଙ୍କୁ ପଢ଼ିଲେ ଲାଗେ ଯେ ଗୋଟିଏ ଲୁଣ୍ଠିତା, ଧର୍ଷିତା ଧରଣୀର ହାହାକାର ଓ ଅନ୍ତର୍ବେଦନା କବିତାମାନଙ୍କର ଆତ୍ମହା । ପୁସ୍ତକରେ ସଂକଳିତ ଅଧିକାଂଶ କବିତାର ପୃଷ୍ଠପଟ ଓଡ଼ିଶୀ ହୋଇଥିଲେ ହେଁ ସାମଗ୍ରିକ ଭାବେ ଏମାନଙ୍କର ସ୍ୱର ବିଶ୍ୱମଣିଷର ମୁକ୍ତି ଆଡ଼େ ମୋକ୍ଷମୁଖୀ । ଘିନୁଆ, ସନିଆ, କଇଁ ବାୟାଣୀ, ଅପର୍ତ୍ତି, ଗୁରେଇମାନଙ୍କର ଅସନ୍ତୋଷ ଓ ଆର୍ତ୍ତ ଚିତ୍କାରର ବୁନିଆଦ କ୍ରମଶଃ ନୂତନ ଆଧୁନିକ ରାଜନୈତିକ ଜଟିଳତା ଭିତର ଦେଇ ପ୍ରତିଧ୍ୱନିତ ହୋଇଛି ପୁସ୍ତକର ଅଧିକାଂଶ କବିତାରେ ।

ତେବେ କୌଣସି କବିତାଙ୍କୁ ଭଲ କି ମନ୍ଦ କହିବାର ଧୃଷ୍ଟତା କେଉଁ ସମାଲୋଚକର କେଉଁ କାଳେ ନଥିଲା କି ଏବେ ମଧ୍ୟ ନାହିଁ । କବିତାର ଆବେଦନ କେତେମାତ୍ରାରେ ସାର୍ବଜନୀନ ଭାବେ ପାଠକୀୟ ସମ୍ବେଦନଶୀଳତାକୁ ଆକ୍ରାନ୍ତ କରିପାରିବାର ବିଶ୍ୱସ୍ତତା ରକ୍ଷାକରୁଚି ତାହା ହିଁ ଦେଖିବାର କଥା । ସମାଲୋଚକ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ସଦସ୍ୟ ଓ ପ୍ରବକ୍ତା ହୋଇପାରେ । କିନ୍ତୁ ସେ ଭବିଷ୍ୟବକ୍ତା ନୁହେଁ । ତେଣୁ ସମାଲୋଚକର ବିବେଚନା ଆପେକ୍ଷିକ, ସମୟାନୁବନ୍ଧିତ । କିନ୍ତୁ କବିତାର ଆଚମନ ଓ ପୁନରାଚମନ ଯୁଗରୁ ଯୁଗକୁ ବର୍ତ୍ତମାନରୁ ଭବିଷ୍ୟତକୁ ହୋଇଚାଲିଥାଏ । ଆଗାମୀ କାଳର ଉପଭୋକ୍ତାର ସ୍ୱାଦ ଓ ସମ୍ବେଦନା ହିଁ କବିତାର ଭାଗ୍ୟ ନିର୍ଦ୍ଧାରଣ କରିବ । ସଂକଳନସ୍ଥ କବିତା ଗୁଡ଼ିକ କାଲୋତ୍ତୀର୍ଣ୍ଣ ।

❐

ସତ - ମିଛ



ଡ. ଅରବିନ୍ଦ ରାୟ

“ମୁଁ ମନେ ମନେ ଭାବିଲି, ଟିଭି ସଜାଡ଼ିଲାବାଲା ନିଶ୍ଚୟ ରେଡ଼ିଓ ସଜାଡ଼ି ଦବ । ତେଣୁ ତାଙ୍କ ଦୋକାନ ସାମ୍ନାରେ ପହଞ୍ଚି ପ୍ରଥମେ ଭଦ୍ରତା ଦେଖେଇ ସେ ମେକାନିକ୍‌କୁ ନମସ୍କାରଟିଏ କଲି । ଜୀବନରେ ପ୍ରଥମ ଥର ଏମିତି ଏକ ଅଭିଜ୍ଞତାର ସାମ୍ନା କରୁଥିବା ମଧ୍ୟବୟସ୍କ ମେକାନିକ୍‌ଟି ବିସ୍ମୟରେ ମୋତେ ଚାହିଁଲା ।”

ରେଡ଼ିଓଟି ଖରାପ୍ ହେଇଗଲା ନାହିଁଯେ, ଘରେ ଯେମିତି ହଠାତ୍ କାହାର ଅକାଳ ମୃତ୍ୟୁ ହୋଇଗଲା । ବାପା ନିର୍ବାକ ହେଇ ବୋଉ ମୁହଁକୁ ଚାହିଁଲେ । ବୋଉ ତା' ସାମ୍ନାରେ ଏକ ବଡ଼ ବିପଦକୁ ଦେଖିପାରୁଥିବା ପରି ଆତଙ୍କିତ ହୋଇ ମତେ ପଚାରିଲା - ବେଜାଏ ପଇସା ଅବିକା ଯିବ, ନୁହଁ?

ଜେଜେ କପାଳରେ ହାତ ପିଟିଲେ । ଭାଗ୍ୟକୁ ନିନ୍ଦିଲେ ଓ ଏହା ନିଶ୍ଚୟ ଏକ ଅଶୁଭ ସଂକେତ ଜାଣି ବିବ୍ରତ ହେଲେ ।

ଘରର ଅନ୍ୟକିଛି ଜିନିଷ ଏମିତି ହଠାତ୍ ଅଚଳ ହୋଇଯାଇଥିଲେ ହୁଏତ ଚଳିଥା'ନ୍ତା । କିନ୍ତୁ ଏଇଟା ଜେଜେଙ୍କ ରେଡ଼ିଓ ।

ଏଇ ରେଡ଼ିଓର ମାଙ୍ଗଳିକ ଧୂନ୍‌ରେ ଯେମିତି ଆମ ଘରେ ରାତି ପାହେ, ସେମିତି ଜୟ ହିନ୍ଦ୍ ଧୂନିରେ ରାତି ଗଭୀର ହୁଏ ।

ଏଇ ରେଡ଼ିଓରୁ ଜେଜେ ଦିନକୁ ତିନି ଥର ଖବର ଶୁଣନ୍ତି, ଭଜନ ଶୁଣି ତନ୍ମୟ ହୁଅନ୍ତି, ପାଣିପାଗର ଖବର ରଖନ୍ତି, ବଜାରର ଚଢ଼ା ଉତ୍ତରା ଦରର ହିସାବ ରଖନ୍ତି, ଚାଷବାସ କେତେବେଳେ କେମିତି କରିବାକୁ

ହବ ସେ ବିଷୟରେ ଜ୍ଞାନ ଅର୍ଜନ କରି ଅନ୍ୟମାନଙ୍କୁ ଉପଦେଶ ଦିଅନ୍ତି ।
ରେଡ଼ିଓଟିର ବଜାର ଦାମ ସେମିତି ଅଧିକ ହେବ ନାହିଁ । କିନ୍ତୁ ଜେଜେଙ୍କ ପାଇଁ ତା'ର ମୂଲ୍ୟ କଳନା କରିହେବ ନାହିଁ ।

ଜେଜେଙ୍କ ଜୀବନର ଏକ ଅଂଶ ହୋଇଯାଇଥିବା ଏ ରେଡ଼ିଓଟିକୁ ନେଇ ଜେଜେ ଗର୍ବର ସହ ତା'ର ଇତିହାସ କହନ୍ତି ।

ଜେଜେ କହନ୍ତି ଏ ରେଡ଼ିଓ ମହାତ୍ମା ଏଠିକି କେମିତି ଆସିଲେ ସେକଥା ମୁଁ ଭାବିଲେ ଦେହ ଶୀତେଇ ଉଠେ ।

ଯୋଉ ସନ ଭାରତ ସାଙ୍ଗରେ ଚାଇନା ଲଢ଼େଇ କଲା, ସେ ସନ କଟକର ରାହାସବିହାରୀ ମଠ ଠେଇଁ ଗୋଟାଏ ବଡ଼ ଯଜ୍ଞ ହେଇଥିଲା । ସେଇ ଯଜ୍ଞକୁ ଆମ ସୁନ୍ଦରଗାଁର ମହନ୍ତଙ୍କୁ ନିମନ୍ତ୍ରଣ ହେଇଥିଲା । ମହନ୍ତେ କହିଲେ, ଯଦି ଯଜ୍ଞକୁ ଯିବି ସାଙ୍ଗରେ କୀର୍ତ୍ତନିଆ ପଞ୍ଚାଏ ନେବି ନାହିଁ କାହିଁକି ? ସେଇଠୁ ମହନ୍ତେ ଖବର ପଠେଇଲେ ଆମ ଗାଁ ଭୋବନୀ ପଣ୍ଡା ପାଖକୁ । ଭୋବନୀ ପଣ୍ଡା ଯୋଗକୁ ମୋର ଦେଖା ହେଇଗଲେ ନଈ ବନ୍ଧରେ । ପଣ୍ଡା କହିଲେ - ଜେନାଏ ! ଚାଲୁନ କଟକ ଯିବା ! କଟକ ନାଁ ଶୁଣି ମୁଁ ଆଚମ୍ବିତ ହେଇଗଲି । ଆମ ଏ ଖଣ୍ଡମଣ୍ଡଳରୁ ଜଣେ ଦି'ଜଣ କଟକ ଦେଖିଥିବେ କି ନାହିଁ । କଟକରେ ନେତାଜୀଙ୍କ ଘର ଆଉ ମଧୁବାବିଷ୍ଟରଙ୍କ କୋଠି ଅଛି ମୁଁ ଜାଣିଥାଏ, ହେଲେ ଯୋଗ କୋଉ ହଉଛି ! ଭୋବନୀ ପଣ୍ଡାଙ୍କୁ ମୁଁ ପଚାରିଲି - ପଣ୍ଡିତେ ! କଟକ କାହିଁକି ଯିବା ? ସିଏ ତା'ପରେ କହିଲେ ରାହାସବିହାରୀ ମଠ କୀର୍ତ୍ତନ କଥା । କହିଲେ ଗଉଡ଼ ସାହି ନବେଇଟାର ଦିହ ବିଗିଡ଼ି ଯାଇଛି ନ'ହେଲେ ସିଏ ଭଲ ପାଳିଆଟେ । ତମେତ କୀର୍ତ୍ତନରେ ଗାଆଣ ବଜାଣ କର । କୁବୁଜି ହଲେ ଧର, ଯିବା !

ଏତେ ଦିନେ କଟକ ଯିବାର ଯୋଗ ଯୁଟିଛି, ପୁଣି ରାହାସବିହାରୀ ମଠରେ କୀର୍ତ୍ତନ, ମୁଁ ସାଙ୍ଗେ ସାଙ୍ଗେ ରାଜି ହେଇଗଲି ।

ମଙ୍ଗଳ ରାତି ବୁଧ ପାହାନ୍ତି କାଉ କା' କଲାବେଳକୁ ସୁନ୍ଦରଗାଁ ମହନ୍ତ ମହାରାଜଙ୍କ ସାଙ୍ଗରେ ଆମେ କୀର୍ତ୍ତନିଆ ଦଳ ଯାଇ ନଈ ବନ୍ଧ ଆରପଟେ । ସେଇଠୁ ଶଗଡ଼ରେ ଗଲୁ ଛ କୋଶ । ତା'ପରେ ବିରିବାଟୀ ଠୋଉଁ ଡଙ୍ଗାରେ ବସିଲୁ ଯେ, ମୁହଁ ସଂଜବେଳକୁ ଯାଇ କଟକରେ ପହଞ୍ଚିଲୁ । ରାତିରେ ତେଲେଙ୍ଗା ବଜାର ବସା ଘରେ ଅରୁଆନ୍ନ ଡାଲ୍‌ମା ଖାଇ ଶୋଇଲୁ । ବଡ଼ି ସକାଳୁ କାଠଯୋଡ଼ିରେ ବୁଡ଼ ପକେଇ ରାହାସବିହାରୀ ମଠରେ ହାଜର । ମଠରେ ପ୍ରଥମ ପାଳି ଆମେ କୀର୍ତ୍ତନ ସାରି ପ୍ରସାଦ ପାଉଚୁ, ମହନ୍ତଙ୍କ ଗୁମୁଟ ଭିତରୁ ଭଜନଟିଏ ଶୁଭିଲା । ମୁଁ ତ ଚମକି ପଡ଼ିଲି ମହନ୍ତଙ୍କ ଗୁମୁଟ ଭିତରେ ସ୍ତ୍ରୀଲୋକ କିଏ ଭଜନ ବୋଲୁଛି ! ପୁଣି ବୀଣା ଜୀଣା କଣ୍ଠରେ ! ଭୋବନୀ ପଣ୍ଡାଙ୍କୁ ଏକଥା ମୁଁ ଗୁପତରେ ପଚାରିବାରୁ ସିଏ ହିଁ କହିଲେ - ନା ନା ଜେନାଏ ! ଗୁମୁଟ

ଭିତରେ ସ୍ତ୍ରୀ ଫ୍ରି କେହି ନାହାନ୍ତି । ଇଏ କଳିଯୁଗର ମାହାତ୍ମ୍ୟ । ଯନ୍ତ୍ର କଥା କହୁଚି, ଯନ୍ତ୍ର ଗୀତ ବୋଲୁଛି ! ମୁଁ ଆଶ୍ଚର୍ଯ୍ୟ ହେଇ ପଣ୍ଡାଙ୍କ ମୁହଁକୁ ଚାହିଁଥାଏ - ସେ କହିଲେ ଏ ଯନ୍ତ୍ରର ନାଁ ରୋଡୁଓ ।

ରେଡୁଅ ? ରେଡୁଅ ମହାତ୍ମା ।

ମୁଁ ସେଇ ରାହାସବିହାରୀ ମଠରେ ପହିଲୁ ଏ ଯନ୍ତ୍ର ମହାତ୍ମାଙ୍କ ଦର୍ଶନ କଲି ।

ଭୋବନୀ ପଣ୍ଡା କହିଲେ - ଏଇ କଟକରେ ସେ ଯନ୍ତ୍ର ମିଳୁଛି ?

ତମେ ନବ କି ?

ବାମନ ହେଇ ଚନ୍ଦ୍ରକୁ ହାତରେ ଧରିବା ପରି କଥାଟାଏ କହିଲେ ଭୋବନୀ ପଣ୍ଡାଏ ! ଆମ ବାଇଶି ଖଣ୍ଡ ମୌଜାରେ ଏ ଯନ୍ତ୍ର ମହାତ୍ମାଙ୍କ ଦର୍ଶନ କେହି କେବେ କରି ନ'ଥିବେ, ମୁଁ ପୁଣି ତାଙ୍କୁ କେମିତି ପାଇବି !

ପଣ୍ଡାଏ କହିଲେ ଦି କୋଡ଼ିରୁ କିଛି ଅଧିକା ଟଙ୍କା ଲାଗିବ । ନବ ?

ପହିଲୁ କରି କଟକ ଯାଉଥିବାରୁ ଚାରିବସ୍ତା ଧାନ ବିକି ଦି' କୋଡ଼ି ଟଙ୍କା ମୁଁ ସାଙ୍ଗରେ ଧରିଥାଏ । କଟକରୁ ଠାକୁରଙ୍କ ଲାଗି ଗୋଟାଏ ପିତଳ ଥାଳି ଆଉ ଆମ ବୁଢ଼ି ପାଇଁ କଟକ ସୁନ୍ଦରୀ କସ୍ତା ଖଣ୍ଡେ ଆଣିବା ବରାଦରେ ଥାଏ ମୁଁ ।

ପଣ୍ଡାଏ ଯେତେବେଳେ କହିଲେ ଦି' କୋଡ଼ି ଦେଲେ କଳିଯୁଗର ଏ କଥାକୁହା ଯନ୍ତ୍ର ମହାତ୍ମାଙ୍କୁ ଘରକୁ ଆଣିହବ, ମୋ ମନତ ଖାଲି ଉଛାଟ ହେଲା । ସେହିଦିନ ସଞ୍ଜକୁ ରାହାସବିହାରୀ ମଠର ଚେଲାଟିଏ ଆମକୁ ନେଇଗଲା ଗୋଟାଏ ଦୋକାନକୁ । ଚେଲାର ସେ ଦୋକାନୀ ପରିଚିତ ବୋଲି ଆମକୁ ସେ ଦି' କୋଡ଼ିରୁ ଚାରି ଟଙ୍କା କମ୍ କରି ଏ ଯନ୍ତ୍ର ମହାତ୍ମାଙ୍କୁ ଦେଇଥିଲା ।

ରାଧାକାନ୍ତ ମଠର ମହନ୍ତ ୟାଙ୍କୁ ପ୍ରଥମେ ଛୁଇଁ କଥା କୁହାଇଥିଲେ । ତା'ପରେ ସେ ସବୁ ଚାବି ମୋଡ଼ିବାର ବାଗ ମୋତେ ବତେଇ ଦେଲେ ।

ଜେଜେ ତା'ପରେ ହାତଯୋଡ଼ି ଆଖି ମୁଦି ଖୁବ୍ ତନ୍ମୟ ଭାବେ କହନ୍ତି - ଆହାହା - କି ଶୁଭ ଯୋଗରେ ଏ ମହାତ୍ମା ଏ ଘରକୁ ଆସିଥିଲେ ଦେଖ, ଆସୁ ଆସୁ ଆମର ପଚିଶ୍ ବର୍ଷର ମାଲିମକଦ୍ଦମା କୁଆଡ଼େ ପାଣି ଭଳି ମିଳେଇଗଲା । ଖାଲି କ'ଣ ଆମରି ଉପକାର, ଏ ଦେଶକୁ ବି ଉପକାର ହେଲା । ଚାଇନା ଭାରତ ସାଙ୍ଗରେ ମୁଣ୍ଡ ଲଢ଼େଇ କରୁଥିଲା - ପାରିଲା ? ଯେମିତି ନୁଚାଚୋରାରେ ଆମ ଦେଶ ଭିତରକୁ ଆସି ଥିଲା, ସେମିତି ନାଙ୍ଗୁଡ଼ ଜାକି ପଳେଇଲା । ଏଡ଼େବଡ଼ ଶୁଭ ଖବର ଏଇ ଯନ୍ତ୍ର ମହାତ୍ମା ଦେଲେନା । ସେମିତି ବର୍ଷେ ସିଆଡ଼େ କୁଆଡ଼େ ଯବନମାନେ ମାତିଲେ । ସମସ୍ତେ କୁହାକୁହି ହେଲେ ଯବନମାନେ କୁଆଡ଼େ ମାଡ଼ି ଆସିବେ । ରତ୍ନ ସିଂହାସନରୁ ମାହାପ୍ରୁଙ୍କୁ କାଢ଼ି ନେବେ । ଲୋକେ କହୁଥିଲେ ମାହାପ୍ରୁ ବୋଧେ ଆଉରି ଥରେ ପାତାଳୀ ହୋଇଯିବେ ।

ଆମେ ସମସ୍ତେ ଏ ଯନ୍ତ୍ର ମହାତ୍ମାଙ୍କୁ ଚାହିଁଥାଉ - ଇଏ କ'ଣ ଆଗତ ଭବିଷ୍ୟତ କହିବେ । ଶେଷକୁ ଏଇ କହିଲେ - ସବ୍ରାତ କର । ଯବନମାନେ ପଛକୁ ହଟିଗଲେଣି । ୟାଙ୍କ କଥା ସତ ସାବ୍ୟସ୍ତ ହେଲା । ଯବନମାନେ ବଡ଼ ଦେଉଳରେ ପଶି ପାରିଲେ ନାହିଁ । ଯୋକ ମୁହଁରେ ଯେମନ୍ତ ନୁଣ, ସେହି ପ୍ରକାରେ କୁଁ କୁଁ ହେଇ ଗଲେ ଭାରି । ସେମିତି ବାଆସ୍ତରୀ ସାଲ୍‌ରେ ବାତ୍ୟା ହେଲା, ଏହି ରେଡୁଆ ମହାତ୍ମା ଥିଲେ ବୋଲି ସମସ୍ତଙ୍କୁ ଆଗତ ଭବିଷ୍ୟତ ଚେତେଇ ଦେଲେ ।

ରେଡ଼ିଓ ଯେ, ଆମ ଚାରିପାଖରେ ଥିବା ଯନ୍ତ୍ର ପରି ଗୋଟାଏ ଯନ୍ତ୍ର, ଏକଥା ମାନିବାକୁ ଜେଜେ ନାରାଜ । ସେଥିପାଇଁ ସେ ଠାକୁର ମୂର୍ତ୍ତିକୁ ଘାଗେରା ପିନ୍ଧେଇବା ପରି ରେଡ଼ିଓକୁ ଗୋଟେ ଝାଲର ଲଗା ପୋଷାକ ପିନ୍ଧେଇ ଦେଇଥିଲେ । ପୂରଣ ହାଟରେ ଟେଲର ଦୋକାନ କରିଥିବା ଅଭୟ ପରିଡ଼ାକୁ ଚାଉଳ ଦେଇ ତା' ଠୁଁ ଏହି ରେଡ଼ିଓର ପୋଷାକ ଖଣ୍ଡକ ସେ କରେଇ ଥିଲେ । ସେ କପଡ଼ା ଖଣ୍ଡକ ଖୋଲି ଦେଲେ ତା' ଭିତରୁ ସାଧାରଣ କାଠ ଢାବଲ ପରି ରେଡ଼ିଓଟି ବାହାରି ଆସେ । ସାମ୍ନା ପଟେ ତଳ ଉପର ହୋଇ ଦୁଇଟା ବଡ଼ ଗୋଲାକାର ଚକ୍ରୀ । ତାକୁ ଘୂରେଇଲେ ଏ ସେଣ୍ଟର୍‌ରୁ ଆର ସେଣ୍ଟର ବଦଳେଇ ହୁଏ । ତା ଭଲ୍ୟୁମ୍ ବି କମ୍ ବେଶୀ କରି ହୁଏ । ପଛ ପାଖରେ କ୍ଲିପ୍ ଲାଗିଥିବା କଳା ବୋର୍ଡ଼ ଖଣ୍ଡେ । ରେଡ଼ିଓ ଭିତରେ ବ୍ୟାଟେରୀ ପଶିଲା ବେଳେ ସେଇଟା ଖୋଲା ହୁଏ ଓ ପୁଣି ବନ୍ଦ କରାହୁଏ ।

ଘରକୁ ଡାଲି, ତେଲ କି ଅନ୍ୟ ସଉଦା ପଛେ ଆଣିବାକୁ ଦିନେ ଦି ଦିନ ଡେରି ହେଲେ ଚଳିବ, କିନ୍ତୁ ଜେଜେଙ୍କ ରେଡ଼ିଓ ପାଇଁ ବ୍ୟାଟେରୀ କିଣା ହେବାରେ ଏତେ ଟିକେ ହେଳା ଚଳିବ ନାହିଁ । ଜେଜେଙ୍କ ବିଶ୍ୱାସ ଯନ୍ତ୍ର ଦେବତା ଯଦି ଦିନେ କଥା ନ' କହିବେ, ଏ ଘର ପରିବାର ଖାଲି ନୁହେଁ ଏ ଦେଶକୁ ବିପଦ ଘୋଟି ଆସିବ ।
ସେହି ରେଡ଼ିଓଟି ହଠାତ୍ ଅଚଳ ହୋଇଗଲା ।
ରେଡ଼ିଓ ଖାଲି କୁଁ କୁଁ ସୁଁ ସୁଁ ହେବା ବ୍ୟତୀତ ଆଉ ସେଥିରୁ କିଛି ଶବ୍ଦ ଆସୁ ନ'ଥିଲା । କିଛି ସମୟ ପରେ ସେ କୁଁ କାଁ ବି ବନ୍ଦ ହୋଇ ରେଡ଼ିଓଟି ଏକବାର ଅଚଳ ହୋଇଗଲା । ରେଡ଼ିଓର ଏମିତି ଅବସ୍ଥା ଦେଖି ଜେଜେ ଭୂତ ଦେଖିବା ପରି ବାଉଳି ହେଇ କହିଲେ - ହେ ଭଗବାନ ! କାହିଁ ଏଡ଼େବଡ଼ ବିପଦ ଦେଲ ?

ବାପା ବ୍ୟସ୍ତ ହୋଇ ମୋ ମୁହଁକୁ ଚାହିଁଲେ କିଛି ଗୋଟାଏ ସମାଧାନ ଆଶାରେ । ସେଦିନ ମାସର ଚବିଶ୍ ତାରିଖ । ମୋର ମନେ ଥିଲା ପକେଟ୍‌ରେ ଆଉ ବେଶୀ ପଇସା ନାହିଁ । କୌଣସି ପ୍ରକାରେ ଏ ସପ୍ତାହଟା ପେଲିପାଲି ଦେଲେ ଯାଏ । ଏହି କଷ୍ଟ ସମୟରେ ଜେଜେଙ୍କ ରେଡ଼ିଓଟା ଖରାପ୍ ହେଇଯିବା ମୋ ପାଇଁ ବି ଏକ ସମସ୍ୟା ହୋଇ ଛିଡ଼ା ହେଲା । ଜେଜେ ହାଉଳି ଖାଇ କେତେକେତେ କଥା କହୁଥିବାବେଳେ, ବାପା ତାଙ୍କୁ

ଶାନ୍ତ୍ୱନା ଦେଇ କହିଲେ - ତମେ ବ୍ୟସ୍ତ ହୁଅ ନାହିଁ, ଆଲୋକ (ମୋ ନାଁ) ତାକୁ ସଜାଡ଼ି ଆଣିବ ।

ସଜାଡ଼ି ଆଣିବ ? - ଜେଜେ ସେଇ କଥା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଓ କହିଲେ - ଏ ମହାତ୍ମା ଏଠୁ କୁଆଡ଼େ ଯିବେ ନାହିଁ । ତାକୁ କହ ସେ ଯାହାକୁ ଡାକୁଚି ଡାକୁ । ସେ ଆମ ଘରକୁ ତୁରନ୍ତ ଆସନ୍ତୁ ।

ଜେଜେଙ୍କ କଥା ଶୁଣି ବାପା ପୁଣି ଥରେ ମୋ ମୁହଁକୁ ଚାହିଁଲେ । ମୁଁ କହିଲି - ରେଡ଼ିଓ ସଜାଡ଼ିବାକୁ ମେକାନିକ୍ ଘରକୁ ଆସିବେ ନାହିଁ । ତାଙ୍କ ଦୋକାନକୁ ନେଲେ ସିଏ ଠିକ୍ କରିଦେବେ । ହେଲେ ମତେ ଯାହା ଲାଗୁଛି ବଡ଼ ପାର୍ଟ ଫାର୍ଟ କ'ଣ ଖରାପ୍ ହେଇଛି । ସପ୍ତାହେ ଖଣ୍ଡେ ଲାଗିବ ! ବାପା କହିଲେ ତୁ ଟିକେ ମେକାନିକ୍‌କୁ କହ । ସେ ଆମ ଘରକୁ ଆସି ଏଇଠି ସଜାଡ଼ି ଦିଅନ୍ତୁ ।

ମୁଁ ଆଉ କିଛି ଯୁକ୍ତି ନ'କରି ବାହାରି ଗଲି ।

ଜେଜେ ସେମିତି ବାଉଳି ହେଇ ସେ ରେଡ଼ିଓକୁ ଆଉଁଷୁ ଥା'ନ୍ତି ।

ଆମ ଘରଠୁ ଦି କିଲୋମିଟର ଗଲେ ଗୋଟେ ବଜାର । ସେଇ ବଜାରରେ ଜଣେ ଟିଭି ମେକାନିକ୍ ଦୋକାନ ଥିବା ମୁଁ ଜାଣିଥିଲି । ମୁଁ ମନେ ମନେ ଭାବିଲି, ଟିଭି ସଜାଡ଼ିଲାବାଲା ନିଶ୍ଚୟ ରେଡ଼ିଓ ସଜାଡ଼ି ଦବ । ତେଣୁ ତାଙ୍କ ଦୋକାନ ସାମ୍ନାରେ ପହଞ୍ଚି ପ୍ରଥମେ ଭଦ୍ରତା ଦେଖେଇ ସେ ମେକାନିକ୍‌କୁ ନମସ୍କାରଟିଏ କଲି । ଜୀବନରେ ପ୍ରଥମ ଥର ଏମିତି ଏକ ଅଭିଜ୍ଞତାର ସାମ୍ନା କରୁଥିବା ମଧ୍ୟବୟସ୍କ ମେକାନିକ୍‌ଟି ବିସ୍ମୟରେ ମୋତେ ଚାହିଁଲା । ଦୋକାନ ଭିତରେ ଦୁଇ ତିନୋଟି ପୁରୁଣା ଟିଭିର ପିକ୍‌ଚର ଟ୍ୟୁବ୍, ଗୋଟାଏ ଭଙ୍ଗା ଷ୍ଟୋଭ୍ ଓ କେତେ ପୁରୁଣା ତାର ପଡ଼ିଥିଲା । ଗୋଟେ ମାଟିଆ ରଙ୍ଗର ଫୁଲ୍ ପ୍ୟାଣ୍ଟ୍ ଓ ହାତବାଲା ଧଳା ଗଞ୍ଜି (ଯାହା ମଇଳାରେ ଇଷତ୍ ମାଟିଆ ହୋଇଯାଇଥିଲା) ପିନ୍ଧି ଲୋକଟି ବସିଥିଲା । ତା' ମୁହଁରୁ ଝାଳ ବୋହି ଆସି ସେ ମାଟିଆ ଗଞ୍ଜି ତିନ୍ତି ଯାଇଥିଲା । ମୁଁ ତାଙ୍କୁ ନମସ୍କାର କରିବା ମାତ୍ରେ ସେ ମୁଣ୍ଡ ଉଠେଇ ମତେ କିଛି ସମୟ ଚାହିଁଲା ଓ ମଳିଛିଆ ହସଟିଏ ହସିଲା ।

ରେଡ଼ିଓ ଆମର ଖରାପ୍ ହେଇ ଯାଇଛି ।

ମୁଁ ସେମିତି କାକୁସ୍ଥ ସ୍ୱରରେ କହିଲି ।

ଆଣିଚ ? - ଲୋକଟା ମୁହଁରୁ ଝାଳ ପୋଛୁ ପୋଛୁ ପଚାରିଲା ।

ସେଇତ ସମସ୍ୟା - ମୁଁ ଏତକ କହିବା ମାତ୍ରେ ଲୋକଟା ପୁଣି ତଳକୁ ମୁହଁ ପୋତି କ'ଣ ଗୋଟେ ଝଲେଇ କଲା ଯେ, ବହେ ଧୂଆଁ ସେ ଘରେ ଭର୍ତ୍ତି ହେଇଗଲା ।

ଯାଅ । ଆଗ ଆଣ ମୁଁ ଦେଖେ ।

ସେମିତି ଝଲେଇ କରୁ କରୁ ଲୋକଟା କହିଲା ।

ସେଟା ଗୋଟାଏ ସାଧାରଣ ରେଡ଼ିଓ ନୁହେଁ ।
ମୋ କଥା ସରିବା ମାତ୍ରେ ସେ ପୁଣି ମୁହଁ ଉଠେଇ ମତେ ଚାହିଁଲା ।
ସେଟାକୁ ବହୁ ବର୍ଷ ତଳେ ଜେଜେ ଆଣିଥିଲେ କଟକରୁ ।
ସେଉଟୁ ? କ'ଣ ହେଲା ସେଉଟୁ ? - ଲୋକଟା ଏଥର ମତେ ପ୍ରଶ୍ନ ଫୋପାଡ଼ିଲା ଓ ତା' ଝଲେଇରେ ମନ ଦେଇ ମୋତେ ଏକବାର ପ୍ରତ୍ୟାଖ୍ୟାନ କରିଦେଲା ।
ମୁଁ ଏଥର ନୁଖୁରା ହସ ହସିଲି । ନିଜକୁ ଆବଶ୍ୟକତା ଠାରୁ ଅଧିକ ନମ୍ର ଓ ଭଦ୍ରଭାବେ ଚିହ୍ନେଇବାକୁ କହିଲି - ଆଜ୍ଞା, ଆମ ଘରକୁ ଟିକେ ଯାଆନ୍ତେନି ?
ହେଃ । ଏଇଠି ତ ଫୁର୍‌ସତ ମିଳୁନି । ଘରକୁ ! ଯନ୍ତ୍ରପାତି ଦୁନିଆ ଧରି କିଏ ଯିବ ?
କ'ଣ କରିବା ଆଜ୍ଞା, । ଟିକେ କେତେବେଳେ ବେଳ ହେଲେ । ଏ ସପ୍ତାହରେ ନ' ହଉ, ପହିଲା ପରେ ବି ଗଲେ ଚଳିବ !
ନାଁ ନା । ଯାଇ ହବନି । ଗଲେ ଫିସ୍ ଖାଲି ତିନିଶ ଫିଟିଙ୍ଗ ଚାର୍ଜ ଆଉ ଯାହା ଜିନିଷ ଲାଗିବ ସେ ଖର୍ଚ୍ଚ ଅଲଗା ।
ମୁଁ ମନେ ମନେ ହିସାବ କଲି ପାଆଁଶ ପରେ ଲାଗିଯିବ ତା'ହେଲେ ।
ସାତଶ, ଆଠଶ ଯେ ଖର୍ଚ୍ଚ ନ'ହେବ କିଏ କହିବ !
ମାସର ଚବିଶ୍ ତାରିଖରେ ସରକାରଙ୍କ ସ୍ୱଳ୍প ବେତନ ଭୋଗୀ କର୍ମଚାରୀର ପୁରୁଷପଣିଆ କେମିତି ମଳିଛିଆ ହେଇଯାଏ, ସେକଥା ମୁଁ ଜାଣେ । ଏତେବେଳେ ତୁଚ୍ଛାଟାରେ ସାତଶ ଆଠଶ ଧାର୍ କରି ଖର୍ଚ୍ଚ କରିବା ବାଘ ଆଗକୁ ଡେଇଁବା ପରି ଏକ ଦୁଃସାହସିକ କାର୍ଯ୍ୟ । ତେଣୁ ମୁଁ ବାଧ୍ୟ ହୋଇ ପଛ ଘୁଞ୍ଚା ଦେଲି ଓ ସେ ମେକାନିକ୍‌କୁ କହିଲି - ମୁଁ ତା'ହେଲେ ଏଇଠିକି ନେଇ ଆସିବି ରେଡ଼ିଓଟା ।
ମେକାନିକ୍ ମସିଆ ଗଞ୍ଜି ଟେକି ମୁହଁର ଝାଳ ପୋଛୁଥିଲା । ମୋ କଥା ଶୁଣିଲା କି ନାହିଁ କେଜାଣି !

ଘରେ ପହଞ୍ଚିବା ପରେ ବାପା ଆଗ ପଚାରିଲେ - କ'ଣ ବୁଝିଲୁ ସେ ରେଡ଼ିଓ ମେକାନିକ୍ କଥା ! ବୋଉ ଆସି ପାଖରେ ଠିଆ ହେଲା ଓ ବିନା ଦ୍ୱିଧାରେ କହିଲା - ତୁ ପା ବି.ଏ. ପାଶ୍ କରିଛୁ । ଏ ରେଡ଼ିଓଟା ତୁ ସଜ କରିପାରିବୁନି ? ମୁଁ ଥରେ ବୋଉ ମୁହଁକୁ ଥରେ ବାପାଙ୍କ ମୁହଁକୁ ଚାହିଁଲି । ଅଗଣାର ଆରପଟ ବାରଣ୍ଡାରେ ଜେଜେ ବସିଥିଲେ । ତାଙ୍କ ପାଖରେ ଥୁଆ ହେଇଥିଲା ସେ ଅଚଳ ରେଡ଼ିଓଟି । ଜେଜେ ସେଇ ଦୂରରୁ ଏକବାର ଚିତ୍କାର କଲାପରି ପଚାରିଲେ - ଏ ମହାତ୍ମାଙ୍କୁ ଦେଖିବାକୁ କିଏ ଆଇଲେ ?

ମୁଁ ସମସ୍ତଙ୍କ ମୁହଁକୁ ଆଉ ଥରେ ଚାହିଁଲି ଓ କହିଲି - କଥା ହେଇଚି, ସେ ଦିନେ ଦି ଦିନ ଭିତରେ ଆସିବେ !

ଅସଲରେ ପହିଲା ପରେ ରେଡ଼ିଓଟାକୁ ସଜାଡ଼ିବାକୁ ଯେ ମୁଁ ନେବି ଏକଥା

କାହାକୁ କହିଲି ନାହିଁ ।

ଦିନେ ଦି'ଦିନ କଥା ଶୁଣି ଜେଜେ ବୋକାଙ୍କ ପରି ମୋ ମୁହଁକୁ ଚାହିଁଲେ । ବାପା କହିଲେ - ତୁ କହିଲୁ ନାଇଁ ଅର୍ଜେଣ୍ଟ ଅଛି ବୋଲି !

ମୁଁ ମିଛ ବ୍ୟସ୍ତତା ଦେଖାଇ କହିଲି - ମୁଁ କ'ଣ କହି ନାହିଁ ! ହେଲେ ତାଙ୍କୁ ସମୟ ହେଲେ ତ !

ଜେଜେ ସେଇ ଦୂରରେ ଥାଇ ଦୀର୍ଘଶ୍ୱାସ ପକେଇଲେ ଓ ରେଡ଼ିଓଟାକୁ ଆଉ ଥରେ ଆଉଁସି ଦେଇ କହିଲେ - ଯାହା ତୁମ ଲୀଳା !

ସେ ରାତିଟା ମୁଁ କେତେକେତେ କଥା ଭାବିଲି । ଏମିତି ବି ଭାବିଲି, କାହାକୁ ଗୋଟାଏ ମେକାନିକ୍ ରୂପରେ ମିଛରେ ଡାକି ଆଣିବିକି ? ପୁଣି ମନକୁ ମନ କହିଲି, ଯଦି କଥାଟା ଜଣା ପଡ଼ିଯାଏ । ନାଁ ଥାଉ । ଦିନେ ଦି'ଦିନ ଯାଉ । ଜେଜେଙ୍କୁ କୌଣସି ପ୍ରକାରେ ବୁଝେଇ ଦେଇ ରେଡ଼ିଓଟାକୁ ମେକାନିକ୍ ପାଖକୁ ନେଇଯିବାକୁ ହେବ ।

ରାତି ପାହିଲା ମାତ୍ରେ ଜେଜେ ପୁଣି ପିଲାଙ୍କ ପରି ବାଉଳି ହେଲେ । ରେଡ଼ିଓଟିକୁ ଆଉଁସିଲେ ଓ କହିଲେ - ଆହାଃ, ଏତେ ବେଳକୁ ମାଙ୍ଗଳିକ ବାଦ୍ୟ ବାଜି ସାରନ୍ତାଣି । ଜଗନ୍ନାଥଙ୍କ ଭଜନ ବୋଲା ହେଇ ସାରନ୍ତାଣି ! ଜେଜେ ଖାଲି ଏତକ କହିଲେ ନାହିଁ, ଆଖିରୁ ତାଙ୍କର ଦି'ଟୋପା ଲୁହବି ଝରି ଆସି ସେ ରେଡ଼ିଓ ଉପରେ ପଡ଼ିଲା । ଦିନ ସାରା ସେ ଆଉ କିଛି ଖିଆପିଆ କଲେ ନାହିଁ । କହିଲେ - ଏ ମହାତ୍ମାଙ୍କୁ ବିପଦ ପଡ଼ିଛି - ତୁଣ୍ଡକୁ ଅନ୍ନ ଦେବି କେମିତି ! ଜେଜେଙ୍କ ଏ ଅବସ୍ଥା ଦେଖି ବୋଉ ମତେ ପାଖକୁ ଡାକିଲା ଓ ସେ ତା' ପାଖରେ ଲୁଚେଇ ରଖିଥିବା ଶହେ ଟଙ୍କିଆ ନୋଟ୍‌ଟେ ଧରେଇ ଦେଇ କହିଲା - ଧନରେ ! ତୁ ସେ ରେଡୁଅଟା ସଜ କରି ଆଣ । ଦେଖିଲୁ ଦି'ଦିନ ହେଲା ନ'ଖାଇ ନ'ପିଇ ତାଙ୍କ ଅବସ୍ଥା କ'ଣ ହେଲାଣି । ବୋଉଠାରୁ ଏ କଥା ଶୁଣିବା ପରେ ମୁଁ ମନେ ମନେ ସ୍ଥିର କଲି, ଯାହା ସାଙ୍ଗସାଥିଙ୍କ ଠାରୁ ଧାର୍ କରଜ ହଉପଛେ ଆଜି ରେଡ଼ିଓଟା ନେଇ ଯିବି ମେକାନିକ୍ ପାଖକୁ ।

ସେଦିନ ଖରାବେଳେ ଜେଜେଙ୍କୁ ମୁଁ ଆଶ୍ୱାସନା ଦେଇ କହିଲି - ଜେଜେ ! ବ୍ୟସ୍ତ ହୁଅନି । ଆଜି ସଂଧ୍ୟା ସୁଦ୍ଧା ତମର ଯନ୍ତ୍ର ମହାତ୍ମା ଠିକ୍ ହେଇଯିବେ ।

ତୁ ସତ କହୁଚୁ ? ଜେଜେ ଖୁସିରେ ଆତ୍ମହରା ହୋଇ ମୋ ମୁହଁକୁ ଆଉଁସି ଦେଲେ । ରେଡ଼ିଓ ଠିକ୍ ହେଇଯିବାର ଆଶ୍ୱାସନାରେ ସେ ସେଦିନ ଖରାବେଳେ କ'ଣ ଦି'ଟା ଖାଇଲେ ଓ ଥକ୍କା ମାରି ଶୋଇ ପଡ଼ିଲେ । ସେ ଶୋଇଯିବା ପରେ ବସୁଦେବ କୃଷ୍ଣଙ୍କୁ ବନ୍ଦୀଶାଳାରୁ ଲୁଚେଇ ନେଇଯିବା ପରି ମୁଁ ରେଡ଼ିଓଟାକୁ ଖୁବ୍ ସନ୍ତର୍ପଣରେ ନେଇଗଲି ସେ ମେକାନିକ୍ ପାଖକୁ ।

ଆଜିବି ସେ ମେକାନିକ୍‌କୁ ଆଗତୁରା ନମସ୍କାର କଲି ଓ କହିଲି - ଆଜ୍ଞା

ଟିକେ ଦେଖିଲେ । ସଂଜ ସୁଦ୍ଧା ଠିକ୍ ହେଇଯିବନି ?

ମେକାନିକ୍ ମୁଣ୍ଡଟେକି ମତେ ଚାହିଁଲା ଓ କହିଲା - ସେଇଠି ରଖିଦେଇ ଯାଅ । ଘଣ୍ଟାଏ ପରେ ଆସିବ । ମୁଁ ଏ କାମଟା ସାରିଲେ ଚେକ୍ କରିବି ।

କୁଆଡ଼େ ଆଉ ଯିବି ? ଏଇଠି ବସିଛି । ଆପଣ ଟିକେ ଦେଖି ଦିଅନ୍ତୁ । ମେକାନିକ୍ ଆଉ ମୋ କଥା ନ'ଶୁଣି ତା' କାମରେ ମନ ଦେଲା । ଠିକ୍ ଅଧ ଘଣ୍ଟା ପରେ ସେ ଜେଜେଙ୍କ ରେଡ଼ିଓଟାକୁ ଖୋଲିଲା । ଖୋଲୁ ଖୋଲୁ କହିଲା - ହେଃ ଏ ଓଲ୍ଡ଼ ମଡ଼େଲ ରେଡ଼ିଓ ଆଉ କୋଉଠି ଅଛି ! ୟାର ମ୍ୟାଗ୍ନେଟିକ୍ କଏଲ୍ ଯଦି କଟିଯାଇଥିବ - ମହା ମୁସ୍କିଲ୍ । ମଗେଇବାକୁ ପଡ଼ିବ କଟକରୁ ।

ମୋ ଛାତି ଧଡ଼ ଧଡ଼ ହଉଥାଏ । ହେ ପ୍ରଭୁ କେମିତି ବେଶୀ କିଛି ଅସୁବିଧା ନ' ହେଇ ଥାଉ ।

ଯାଃ । ମୁଁ ଯାହା ଅନୁମାନ କରୁଥିଲି ସେୟା । ୟା' ମ୍ୟାଗ୍ନେଟିକ୍ କଏଲ୍ କଟିଯାଇଛି । ଭିତରେ କାର୍ବନ ହେଇ ଟ୍ରାଞ୍ଜିଷ୍ଟର ବି ଖରାପ । ତମେ ରଖିଦେଇଯାଅ । ଆଜି ସଂଜକୁ ମୁଁ କଏଲ୍ ଆଣିଲେ କାଲିକି ଠିକ୍ କରିଦେବି ! ମେକାନିକ୍ ଏତକ କହିଲା ଓ ରେଡ଼ିଓ ଭିତରୁ ଯନ୍ତ୍ର ସେଟ୍‌ଟି ଅନ୍ତବୁଜୁଲା ବାହାରକଲାପରି କାଢ଼ି ଅଲଗା କରିଦେଲା । ମୁଁ ଥତମତ ହେଇ ପଚାରିଲି - ଖର୍ଚ୍ଚ କେତେ ହବ ?

ସରୁ ଆଗେ କାମ ! ମେକାନିକ୍ ମୁହଁ ବୁଲେଇ ଏତକ କହିଲା ଓ ତା' କାମରେ ପୁଣି ମନ ଦେଲା । ମୋର ଆଉ କିଛି ଉପାୟ ନ'ଥିଲା ସେତେବେଳେ । ବାଧ୍ୟ ହୋଇ ଘରକୁ ଫେରି ଆସିଲି ।

ଘରେ ପହଞ୍ଚିଲା ବେଳକୁ ଜେଜେଙ୍କ ଅବସ୍ଥା ଅସମ୍ଭାଳ । ମହାତ୍ମା କାହାନ୍ତି ? ମହାତ୍ମା କାହାନ୍ତି ବୋଲି ସେ ଚିତ୍କାର କରି ଘର କମ୍ପୋଉଛନ୍ତି । ବାପା-ବୋଉ ତାଙ୍କୁ ଯେତେ କଥା କହି ବୁଝାଇଲେ ବି ସେ ବୁଝିବାକୁ ନାରାଜ ।

ଗୋଟାଏ ସାଧାରଣ ରେଡ଼ିଓ ପ୍ରତି ଜେଜେଙ୍କର ଏମିତି ମୋହ ଓ ରେଡ଼ିଓର ସାମାନ୍ୟ ଅବର୍ତ୍ତମାନରେ ସେ ଏପରି ବିଚଳିତ ହୋଇଯିବେ ତାହା ମୁଁ କଳନା କରି ନ'ଥିଲି । ମୋତେ ଦେଖୁ ଦେଖୁ ସେ ପିଲାଙ୍କ ପରି କାନ୍ଦି କାନ୍ଦି କହିଲେ - ଆଲୁରେ ! ମହାତ୍ମା ଆଉ ନାହାନ୍ତି ! ମହାବିପଦ ମାଡ଼ି ଆସିଲା । ମୁଁ ଆଉ ବଂଚିବି ନାହିଁ । ଜେଜେଙ୍କୁ ଏମିତି ଅବସ୍ଥାରେ ଯେ କେହି ଦେଖିଥାନ୍ତା - ସେ ଭାବିଥାନ୍ତା - ଏ ଲୋକଟା ପାଗଳ ହେଇଯାଇଛି ନିଶ୍ଚୟ ।

ମୁଁ ବାଧ୍ୟ ହୋଇ କହିଲି - ଜେଜେ ତମ ମହାତ୍ମାଙ୍କୁ ଭଲ କରିବାକୁ ମୁଁ ଗୋଟାଏ ଜାଗାକୁ ନେଇଛି । ସେ କାଲି ଫେରିବେ !

ମତେ ନେଇଚାଲ ସେଠିକି । ଜେଜେ ପିଲାଙ୍କ ପରି ଅଳି କଲେ ।

ନିଜ ବୟାଅଶୀ ବର୍ଷର ବୁଢ଼ା ବାପାଙ୍କର ଏ ବିକଳ ଅବସ୍ଥା ଦେଖି ବାପା ବି କାନ୍ଦ କାନ୍ଦ ହେଲେ । ବୋଉ ମୁହଁରେ କିଛି ଭାଷା ନ'ଥିଲା । ଜେଜେଙ୍କୁ ପ୍ରକୃତ ସତଟା କ'ଣ ଜଣେଇବା ପାଇଁ ମୁଁ ସାଙ୍ଗେ ସାଙ୍ଗେ ଏକ ରିକ୍ସା ଡାକିଲି ଓ ତାଙ୍କୁ ସେ ରିକ୍ସାରେ ବସେଇ ମେକାନିକ୍‌ର ୱାର୍କସପ୍ ଯାଏ ନେଇଗଲି । ବାଟସାରା ଜେଜେ ମତେ ପଚାରୁଥା'ନ୍ତି - ମହାତ୍ମା ! ଭଲ ହେଇଯିବେତ ? ମୋ ଧନଟା ପରା, ମତେ ତାଙ୍କ ପାଖକୁ ଟିକେ ନେଇ ଚାଲ । ସେ ରାହାସ ବିହାରୀ ମଠ ମହନ୍ତଙ୍କ ମହାତ୍ମା । ତାଙ୍କ ମହିମା ମୁଁ ଜାଣେ । ଆଗତ-ଭବିଷ୍ୟତ ସବୁ ତାଙ୍କୁ ଜଣା । ମୁଁ ତାଙ୍କ ବିନା ବଂଚି ପାରିବି ନାହିଁ ।

ଆମେ ମେକାନିକ୍ ପାଖରେ ପହଞ୍ଚିଲା ବେଳକୁ ସେ ମେକାନିକ୍ କ'ଣ ଖଡ଼୍‌ଖାଡ଼୍ କରି ଗୋଟାଏ ପିଟୁଥାଏ । ମୁଁ ପୁଣି ଥରେ ତାକୁ ନମସ୍କାର କଲି ଓ କହିଲି - ଆଜ୍ଞା ଜେଜେ ଆସିଛନ୍ତି ।

ବାଘ ତା' ଶିକାରକୁ ଚାହିଁବା ପରି ମେକାନିକ୍ ମତେ ଥରେ ଗାରଡ଼େଇ ଚାହିଁଲା ଓ ତା' କାମରେ ମନ ଦେଲା ।

ଜେଜେ ବ୍ୟସ୍ତ ହେଲେ ରେଡ଼ିଓଟା କ'ଣ ଖରାପ୍ ହେଇଚି ବୋଲି ଦେଖିବାକୁ ଚାହିଁଲେ । ମୁଁ ଏତକ କଥା କହୁ କହୁ ସେ ମେକାନିକ୍ ବିରକ୍ତ ହେବା ପରି ଜେଜେଙ୍କ ରେଡ଼ିଓର ଅନ୍ତବୁଜୁଲା ସବୁ ଟେକି ତା' ଟେବୁଲ୍ ଉପରେ ରଖିଲା ଓ ରେଡ଼ିଓର ଖୋଳଟିକୁ ଗୋଟାଏ ଆବର୍ଜନା ପରି ସାମାନ୍ୟ ଦୂରକୁ ଠେଲିଦେଲା ।

ଏ ଦୃଶ୍ୟ ଦେଖି ଜେଜେ ହାଉଳି ଖାଇବା ପରି ଚିତ୍କାର କଲେ । କହିଲେ - ଇଏ କିଏ ? ଇଏ କ'ଣ ମୋ ମହାତ୍ମା । ତାଙ୍କର ଏ ଅବସ୍ଥା ! ହେ ଭଗବାନ । ମତେ ଯାହା ଏସବୁ ଦେଖିବାର ଥିଲା । ତା'ପରେ ସେ ଦି' ହାତରେ ଆଖି ବୁଜି ଧରିଲେ ।

ମୁଁ କହିଲି - ଜେଜେ ! ସବୁ ରେଡ଼ିଓର ଭିତର ଏମିତି । ସେ ସଜ ହେଇଗଲେ ପୁଣି କଥା କହିବେ, ପୁଣି ଭଜନ ଗାଇବେ । ତମେ ଜମ୍ପା ବ୍ୟସ୍ତ ହୁଅନାହିଁ ।

ଚୁପ୍ । ଚୁପ୍ କର । ଜେଜେ ଏକ ଚିତ୍କାର କରି ମୋତେ ଚୁପ୍ କରାଇ ଦେଲେ ଓ କହିଲେ ଜଲ୍‌ଦି ମତେ ଏଠୁ ନେଇ ଚାଲ ।

ଆଉ କିଛି ଉପାୟ ନ'ପାଇ ମୁଁ ତାଙ୍କୁ ଯେମିତି ରିକ୍ସାରେ ନେଇ ଯାଇଥିଲି, ସେମିତି ଫେରି ଆସିଲି । ବାଟସାରା ସେ ଖାଲି ପିଲାଙ୍କ ପରି କାନ୍ଦୁଥା'ନ୍ତି ଓ କହୁଥା'ନ୍ତି - ତୁ ଚାଣ୍ଡାଳ କ'ଣ କଲୁରେ ! ଏତେବଡ଼ ମହାତ୍ମାଙ୍କୁ ନେଇ ଏମିତି ନାରଖାର କରିବାକୁ କେମିତି ତୋ ହାତ ଗଲାରେ ! ମୁଁ ଜେଜେଙ୍କୁ ଯେତେ ବୁଝେଇଲେ ବି ସେ ଆଉ ବୁଝିବା ଅବସ୍ଥାରେ ନ'ଥିଲେ । ବାଟ ସାରା କାନ୍ଦି କାନ୍ଦି ସେ ଘରକୁ ଫେରିଲେ ।

ଘରେ ପହଞ୍ଚି ବାପା ବୋଉଙ୍କୁ ଦେଖିବା ପରେ ସେ ଆହୁରି ଜୋର୍‌ରେ କାନ୍ଦିଲେ । ମନେ ହେଲା ଯେମିତି ସେ ତାଙ୍କର ଅତି ନିଜର କାହାର ଅପମୃତ୍ୟୁରେ ଶୋକ ପ୍ରକଟ

କରୁଛନ୍ତି । ଜେଜେ ନ'ଖାଇ ନ'ପିଇ ସେମିତି ଧକେଇ ଧକେଇ କାନ୍ଦିଲେ । ଆମେ ସାରା ପରିବାର ତାଙ୍କୁ ଯେତେ ବୁଝାଇଲେ ବି ସେ ଟୋପାଏ ହେଲେ ପାଣି ପିଇଲେ ନାହିଁ ।

ସଂଜ ହୋଇଯିବାମାତ୍ରେ ବାପା କହିଲେ ଯା' ଦେଖିବୁ ଯା' ସେ ମେକାନିକ୍ ଯଦି ରେଡ଼ିଓଟା ଠିକ୍ କରିଦବଣି ନେଇ ଆସିବୁ । ସେ ତାଙ୍କ ରେଡ଼ିଓ ପାଇଲେ କାଳେ ବୁଝିଯିବେ । କିନ୍ତୁ କିଏ ଜାଣିଥିଲା ସେଇ ସଂଜ ହିଁ ଜେଜେଙ୍କ ଜୀବନର ଶେଷ ସଂଜ ଥିଲା ବୋଲି ।

ବାପା ବିକଳ ହୋଇ ସାଇ ଭାଇଙ୍କୁ ଡାକିଲେ । ବୋଉ ଠାକୁରଙ୍କୁ ମୁଣ୍ଡିଆ ମାରି ଜେଜେଙ୍କ ଆରୋଗ୍ୟ କାମନା କଲା । ମୁଁ ଜେଜେଙ୍କ ପାଦ ପାଖରେ ବସି, ଜେଜେ ମୋତେ କ୍ଷମା କରିଦିଅ ବୋଲି କେତେ କାକୁତି କଲି । ହେଲେ ଏ ସବୁ ଶୁଣିବାକୁ ଜେଜେ ଆଉ ନ'ଥିଲେ ।

ଜେଜେଙ୍କ ଅବର୍ତ୍ତମାନରେ ଆମେ ଭୁଲିଗଲୁ ତାଙ୍କ ପ୍ରିୟ ରେଡ଼ିଓଟିକୁ ମେକାନିକ୍ ପାଖରୁ ଘେନି ଆସିବାକୁ । ବାପା ଖାଲି ଗୁମୁରି ଗୁମୁରି କାନ୍ଦିଲେ ଓ କହିଲେ - ଆହା, ସେ ରେଡ଼ିଓଟି ଖରାପ ହେବା ସହ ତମେ ଏମିତି ଆମକୁ ଅନାଥ କରି ଚାଲିଯିବ ବୋଲି ଆମେ କ'ଣ ଜାଣିଥିଲୁ ! ଜେଜେଙ୍କ ଶୁଦ୍ଧି କ୍ରିୟା କର୍ମ ଚାଲିଥିବା ବେଳେ ବାପା ଦିନେ ମୋତେ ପଚାରିଲେ ଜେଜେଙ୍କୁ ସେ ମେକାନିକ୍ ପାଖକୁ କାହିଁକି ନେଉଥିଲୁ ?

ମୁଁ କହିଲି - ତାଙ୍କ ମନର ଭ୍ରମ ଦୂର କରିବାକୁ ।

ବାପା ଅବୁଝା ଅବୁଝା ଆଖିରେ ମୋତେ ଚାହିଁଲେ ।

ମୁଁ କହିଲି - ଜେଜେଙ୍କର ବିଶ୍ୱାସ ଥିଲା, ରେଡ଼ିଓଟା ଗୋଟାଏ ମିଛ ଯନ୍ତ୍ର ନୁହେଁ ସତ ଭଗବାନ । ତାଙ୍କୁ ସେଇ ସତକଥାଟା ଦେଖାଇବା ପାଇଁ ମୁଁ ନେଇଥିଲି ।

ବାପା ଏକ ଦୀର୍ଘଶ୍ୱାସ ପକେଇ କହିଲେ - ପାଗେଳାଟା କିରେ ! ଏ ଜୀବନଟା ମିଛ ଜାଣି ସୁଦ୍ଧା ଆମେ ତ ପୁଣି ତାକୁ ସତ ଭାବି କେତେ ସ୍ୱପ୍ନ ଦେଖୁଛୁ । ସେମିତି ଏ ମିଛ ଯନ୍ତ୍ରକୁ ସତ ସାଥିଟିଏ ଭାବି ବଞ୍ଚିବାରେ କ୍ଷତି କ'ଣ ?

ମୁଁ ବାପାଙ୍କ ମୁହଁକୁ ଚାହୁଁଥିଲି ।

ବାପାଙ୍କ ମୁହଁଟି ଅବିକଳ ଜେଜେଙ୍କ ମୁହଁ ପରି ଦିଶୁଥିଲା ଓ ତାଙ୍କ ସ୍ୱର ବି ଶୁଭୁଥିଲା ଜେଜେଙ୍କ ପରି ।

(ମୋର ବନ୍ଧୁ ପ୍ରଖ୍ୟାତ କବି ତଥା ସଂପାଦକ ବିଷ୍ଣୁ ସେଠୀଙ୍କ ଅମ୍ଳାନ ସ୍ମୃତି ପ୍ରତି ସମର୍ପିତ)

ଡ଼ି-୪, ଅସୀମା ରେସିଡ଼େନ୍ସି, ନନ୍ଦନବିହାର, କଲରହଙ୍ଗା, ଭୁବନେଶ୍ୱର

❐

ମୋକ୍ଷ ମୃତ୍ୟୁ



ରାଧାବିନୋଦ ନାୟକ

“

ଈଶ୍ୱର ବିଶ୍ୱାସ ଯଦି ମଣିଷର ଏକ ସହଜାତ ବିଶ୍ୱାସ ହୁଏ ତେବେ କୌଣସି ସ୍ୱାସ୍ଥ୍ୟସେବାର ସୁଯୋଗ ନ ଥିଲା ବେଳେ ଧୂସା ଠାକୁରଙ୍କ ପାଖରେ ଅଧିଆ ପଡ଼ିବା ବା ସାପ କାମୁଡ଼ା ଲୋକଙ୍କୁ ଶୁଆଇ ଶହେ ଆଠ କଳସ ପାଣି ଢ଼ାଳିବାରେ ଅସୁବିଧା କେଉଁଠି ରହିଲା !

”

ଏକ ସମୟରେ ରାସ୍ତାରେ ଚଲୁ ଚଲୁ ମଣିଷ ଅଲକ୍ଷରେ ଝୁଣ୍ଟି ପଡ଼େ, ସେମିତି ଅକସ୍ମାତ ଘଟିଲା ତା’ ଜୀବନରେ । ସେ ଝୁଣ୍ଟିପଡ଼ିଲା ସମୟରେ ରାସ୍ତାରେ ଚଲୁ ଚଲୁ ନୁହଁ, ଚେତନାର ପ୍ରତିକୂଳରେ ଗତି କରୁ କରୁ ସତୁରୀ ପଚସ୍ତରୀ ବର୍ଷର ଏକ ଘଟଣା ତାକୁ ଛନ୍ଦିଦେଲା ।

ଧୂସା ଓ ବିଶ୍ୱାସ ଭିତରେ ତା’ର ଶେଷ ହେଇଯିବା କଥା । ଘଟଣାଟି ଈଶ୍ୱର ବିଶ୍ୱାସ ଭିତରେ ତା’ର ଲୋପ ହେଇଯିବା କଥା । ଘଟଣାଟି ଈଶ୍ୱର ବିଶ୍ୱାସ । ସେ ବିଶ୍ୱାସକୁ ସାମାଜିକ ବିଶ୍ୱାସରେ ଗ୍ରହଣ କରିନେବା କଥା ଓ ଶେଷରେ ତା’ର ଶେଷ ପରିଣତି ।

ସେତେବେଳେ ଅପରିଣତ ନାବାଳକ ଥିଲା ସେ । ଘଟଣା ସବୁ ଦେଖୁଥିଲେ ମଧ୍ୟ ତାହା କ’ଣ ଓ କାହିଁକି ବିଚାର କରିବାର ତା’ର ଶକ୍ତି ନଥିଲା ଏବଂ ପରିଣତ ହେଲା ପରେ ନିଜର ନିଜସ୍ୱ ବିଚାର ଶକ୍ତିରେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚୁଥିଲା । ସେ କହିଲେ; ଯେକୌଣସି ତାତ୍କାଳିକ

ସମୟରେ ରାମ ଶ୍ୟାମ ଯଦୁ ହେଇପାରେ ଏବଂ ବିଂଶରବୋଧର ରାମ ଶ୍ୟାମ ଯଦୁ ହେବାକୁ ତାକୁ ଅଧିକବାର ଚଉଦବର୍ଷର ବୟସର ଆବଶ୍ୟକତା ଥିଲା ।

ମୁଁ ପରିଣତ ହେବାର ପୂର୍ବର କଥା; ଘରେ ସେମାନଙ୍କଠାରୁ ଶୁଣିଥିଲି ଇଂରେଜମାନଙ୍କ "ସୂର୍ଯ୍ୟାସ୍ତ ଆଇନ" ବଳରେ କିଛି ଜମିଦାରୀ ଓଡ଼ିଶାକୁ ମିଳିଥିଲା ଏବଂ ବିଶେଷ କରି ବଙ୍ଗୀୟମାନେ, ଯେଉଁମାନେ ଉପକୂଳବର୍ତ୍ତୀ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ସେମାନେ ସବୁ ଜମିଦାରୀକୁ ହାତେଇ ନେଇଥିଲେ ଏବଂ ଅଞ୍ଚଳର ପ୍ରଭାବଶାଳୀ ଲୋକମାନେ ଥିଲେ ସେମାନଙ୍କୁ ହାତେଇବା ପାଇଁ ବଙ୍ଗୀୟମାନେ ସେମାନଙ୍କ ଜମିଦାରୀରୁ କିଛି ଅଂଶ ସେଇ ପ୍ରଭାବଶାଳୀ ଗ୍ରାମ ବ୍ୟକ୍ତିମାନଙ୍କୁ ଦେଇ ତାଙ୍କର ଅକ୍ତିଆରକୁ ନେଇଥିଲେ ।

କହିବା ବାହୁଲ୍ୟ ପରେ ପରେ ମୋଗଲ ବନ୍ଦୀରେ କାଶିମ୍ ଖାଁ ସୁବେଦାରର ଅଧିନରେ ଥିବା ଶୋଳ ଚଉପାଠୀ ଓ ବତିଶ ମାହାଲର ଲୋକମାନେ କିଛି ଅଂଶ ଜମିଦାରୀରୁ ହାତେଇ ଥିଲେ ।

ସେଇ ବିଂଶରରେ ତା' ଗାଁର ଲୋକମାନେ ଚଉପାଠୀର ସମ୍ଭ୍ରାନ୍ତ ଅଧିକାରୀ ଭାବରେ କିଛି ଜମିଦାରୀ ଭୋଗ କରୁଥିଲେ; ତାହା ଥିଲା ବାସ୍ତବ ଇତିହାସ ଓ ଅନ୍ତଭୂତିରୁ ମହୁଁରୁ ମୁହଁକୁ ଚଲି ଆସିଥିବା କଥାସମୂହ । ସେମିତି ଏକ ବଂଶ ପରାମ୍ପରାର କରୁଣ ଇତିହାସର ଘଟଣା ଏଇଟା ।

ସେତେବେଳେ ମୁଁ ତାରୁଣ୍ୟର ତଳେ ଥିଲି । ଆମର ଦୁଇଟି ଗୁହାଳ ଥିଲା । ଗତ ଦିନମାନଙ୍କରେ ପାସେନ୍‌ଜର ଟ୍ରେନ୍‌ରେ ଲେଡ଼ିଜ୍ ଓ ଜେଣ୍ଟସ୍ ଦୁଇଟି କମ୍ପାର୍ଟମେଣ୍ଟ ପରି ଆମର ଦୁଇଟି ଗୁହାଳ ଥିଲା । ଗୋଟିଏ ବଳଦ ଓ ଅଣ୍ଡିଆ ମାନଙ୍କର ଓ ଅନ୍ୟ ଗାଈ ଓ ଛଡ଼ା ମାନଙ୍କର । ଚରିଜଣ ହଳିଆଙ୍କ ସହିତ ଘରେ ଦୁଇଜଣ ବାରମାସିଆ ଥିଲେ ଗୋରୁଙ୍କର ଯତ୍ନ ନେବାକୁ, ସେମାନଙ୍କୁ ଖାଇବାକୁ ଦେବାକୁ ଓ ଅନ୍ୟ ଜଣେ କିଶୋର ଯୁବକ ମଧ୍ୟମବର୍ତ୍ତୀ ବୟସର ଗୁହାଳ ପରିଷ୍କାର କରିବାକୁ ଓ ଗୋରୁମାନଙ୍କୁ ଗୋଠକୁ ତଡ଼ିବା ପାଇଁ ।

ପ୍ରଥମଟି ପାଇଁ ଧୂସା ଓ ଦ୍ୱିତୀୟଟି ପାଇଁ ମାଗନ୍ତା !

ସବୁ ଠିକ୍ ଠାକ୍ ଚଲିଥିଲା ।

ଦିନ ଦିନ ଧରି ଫୁସ୍‌ଫାସ୍ ଓ ଆଲୋଚନା ଚଲିଥିଲା ।

ସେ ବୟସରେ ମୁଁ କିଛି ବୁଝିପାରୁ ନ ଥିଲି ଏବଂ ବଡ଼ଙ୍କୁ ପଚରିଲେ ବି ଉତ୍ତର ଥିଲା - ସେଥିରୁ ତୁ କିଛି ବୁଝିପାରିବୁ ନାହିଁ ।

ସତରେ ମୁଁ କିଛି ବୁଝିପାରୁ ନ ଥିଲି ।

ସମୟ ଚଲୁଥିଲା ତା' ବାଟରେ ଏବଂ ମୋର ବୟସ ମଧ୍ୟ ସମୟାନୁସାରେ

ଆଗକୁ ବଢୁଥିଲା । ମୁଁ କ୍ରମେ ଧୂସା କଥା ଭୁଲି ଯାଇଥିଲି - ସେତେବେଳେ ଅନେକ ଘଟଣା / ଦୁର୍ଘଟଣା ଓ ଦୃଶ୍ୟ ଟୀପ୍ପଣୀମାନ ଝଲେ ଯାହା ସବୁ କଞ୍ଚା ବୟସରେ ମନରେ ସାଇତି ରଖିବା ସମ୍ଭବ ନୁହେଁ ।

ମୁଁ ସବୁକଥା ବୁଝିବା ପାଇଁ ବୟସ ଛୁଇଁଲା ପରେ କିଛି କିଛି କଥା ମୋ କାନକୁ ଛୁଇଁଲା - ଯଥା ଆମ ଜିଲ୍ଲାର ଏକ ପ୍ରସିଦ୍ଧ ମହାଦେବ ଓ ତାଙ୍କ ପୀଠକୁ ନେଇ ଅନେକ କଥା ଯାହାକୁ ଅନେକ କହନ୍ତି ଅନ୍ଧବିଶ୍ୱାସ ଓ ଅନେକ କହନ୍ତି "ବିଶ୍ୱାସେ ମିଲଇ ହରି, ତର୍କେ ବହୁଦୂର" ।

ଦୁଇଟି ଧାରା ହିନ୍ଦୁ ସମାଜରେ ! ଗୋଟିଏ ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ଏବଂ ଅନ୍ୟଟି ବୈଜ୍ଞାନିକ ଅନୁଶୀଳନକୁ ନେଇ ।

ଦୀର୍ଘ ବର୍ଷ ବର୍ଷ ଧରି ମୋଗଲ, ମରହଟ୍ଟା ଶାସନରେ ଦ୍ୱନ୍ଦ ସନ୍ତୁଳ ହିନ୍ଦୁ ସମାଜ ଶେଷରେ ଦୁଇଶହ ବର୍ଷର ବିଦେଶ ଶାସନର କିଛି ସତ୍ୟର ପାଖାପାଖି ହେଇଥିଲେ ବି, ନିଜ ଦେଶର ଅନୁରୂପ ବିଶ୍ୱାସରୁ ମୁକ୍ତ ହୋଇ ନିଜ ଅଧ୍ୟାତ୍ମିକ ଓ ସାଂସ୍କୃତିକ ଧାରାରେ ଦୀକ୍ଷିତ ହେବାକୁ କିଛି ସମୟ ନେଇଥିଲା ନିଶ୍ଚୟ । ଅଯଥା, ପ୍ରଚଳିତ ଅନ୍ଧବିଶ୍ୱାସରେ ଦୀକ୍ଷିତ ହେଇ ହୁଏତ ଅନେକ ବର୍ଷ ସେଇ ବିଶ୍ୱାସରେ ଝଲିଥାନ୍ତା ହୁଏତ ।

ସେଇ ବିଶ୍ୱାସରେ ଧୂସା ପ୍ରଭାବିତ ହେବା କୌଣସି ବୌଦ୍ଧିକ ବିଚ୍ଯୁତର ଅଧିନ । ସେ ସାଧାରଣ ଗୌଣ ହରିଜନ ବାଳକ ହେବା ଅସ୍ୱାଭାବିକ ନିଶ୍ଚୟ । ତେଣୁ ସେ ପ୍ରଚଳିତ ବିଶ୍ୱାସକୁ ଗ୍ରହଣ କରିନେଲା ଓ ସ୍ଥିର କଲା ତା'ର ରୋଗମୁକ୍ତ ହେବା ପାଇଁ ସେଇ ପ୍ରଚଳିତ ବିଶ୍ୱାସର ପ୍ରତୀକ ଦେବପୀଠରେ ଧାରଣା ପଡ଼ିବାକୁ ।

ଏଇ କଥାଟିକୁ, ତା' କାର୍ଯ୍ୟକୁ ଲୋକେ ଅନ୍ଧବିଶ୍ୱାସ କହନ୍ତି । କାହିଁକି ନା ଏମିତି ସବୁ କଥା ଉଠେ ଠାକୁରଙ୍କ ପୋଖରୀରେ ପଝ ଗୋଧୀ, ଏଣ୍ଡୁଅ, ବେଙ୍ଗ ଇତ୍ୟାଦି ଭାସନ୍ତି ଓ ଅଧିଆ ପଡ଼ିଥିବା ଭକ୍ତମାନେ ଘୃଣା ନ କରି ସେଗୁଡ଼ିକୁ ଧରି ପକାଇଲେ ସେ ସବୁ କଦଳୀରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ସାମଗ୍ରୀରେ ପରିଣତ ହେଇଯାଆନ୍ତି ଓ ଖାଇ ଦେଲେ ରୋଗମୁକ୍ତ ହୁଅନ୍ତି ।

ଏହାବାଦ୍ ଏମିତିବି ଶୁଣାଯାଏ ସାପ କାମୁଡ଼ା ରୋଗୀଙ୍କୁ ସେହି ପୀଠରେ ଶୁଆଇ ଶହେ ଆଠ କଳସ ପାଣି ଢ଼ାଳିଲେ ଲୋକ ଦେହରୁ ବିଷ ଦୂରେଇ ଯାଏ ଏବଂ ଠାକୁରଙ୍କ ପାଦୁକାରେ ଆଖି ରୋଗ ମଧ୍ୟ ଭଲ ହୋଇଥାଏ ।

ଏସବୁ ପୁରୁଣା କାଳର କଥା ଥିଲା । ଯେତେବେଳେ ଲୋକଙ୍କ ପାଖରେ କୌଣସି ଡ଼ାକ୍ତରୀ ସୁବିଧା ନଥିଲା ବା ଆଜିକା ପରି ପ୍ରାୟ ସବୁ ରୋଗ ପାଇଁ ଆବଶ୍ୟକୀୟ ଔଷଧ ମିଳିପାରୁଛି ଓ ସେଇ ପୁରୁଣା କଥାଗୁଡ଼ିକ ଅନ୍ଧବିଶ୍ୱାସର ପରିଭାଷା ଭିତରେ ସୀମାବଦ୍ଧ ।

ସେ ବି ଏମିତି ଭାବେ ଅନେକ ସମୟରେ ଆଗର ଶାସ୍ତ୍ର ପୁରାଣ ଈଶ୍ୱରଙ୍କର

ଏକ କଳ୍ପିତ ରୂପ ହୋଇଛି । ଆମ ସାମ୍ନାରେ ଯେଉଁଥିପାଇଁ ଆମେ ଦେଖୁ ଅନେକ ମନ୍ଦିର; ମସ୍‌ଜିଦ୍ ଓ ଗୁରୁଦ୍ୱାର ଇତ୍ୟାଦି ବିଭିନ୍ନ ଧର୍ମୀୟ ଚିନ୍ତା ଓ ଚେତନାକୁ ନେଇ । ଆଜି ପର୍ଯ୍ୟନ୍ତ କେହି ଜଣେ ଛାତିରେ ହାତଦେଇ କହିପାରେନି ଯେ ସେ ସ୍ୱଚକ୍ଷୁରେ ଈଶ୍ୱରଙ୍କୁ ସାକ୍ଷାତ କରିଛି ବୋଲି; ଅଥଚ ପୂଜାପାଠ ଓ ଧର୍ମୀୟ ଅନୁଷ୍ଠାନରେ ବିହ୍ୱଳ ହୁଏ ସେ ।

କେବଳ ସେତକ ନୁହେଁ, ବହୁବର୍ଷ ତଳେ ମହାମାରୀରେ ଗୋଟିଏ ଗୋଟିଏ ଗାଁ ସଫା ହେଇଯାଉଥିଲା, ଲୋକେ ଇଷ୍ଟଦେବୀଙ୍କୁ କଳାଶାଢ଼ୀ ମାନସିକ କରୁଥିଲେ । ଗ୍ରାମ ଦେବତୀ ପାଖରେ ମାଜଣା କରୁଥିଲେ । କାଳିସୀ ପଡୁଥିଲେ; ପୁଣି କେହି କେହି ବୁଢ଼ୀହାଡ଼ି ଅଧ ରାତିରେ ବାଘ ବା ଘୋଡ଼ା ଉପରେ ଚଢ଼ି ଦେବୀ ମା ବାରହାତ ଖର୍ପର ଧରି ଚଲିଯାଉଥିଲେ । ପରେ ପରେ ଛାଁକୁ ଛାଁ ରୋଗ (ମହାମାରୀ) ସେ ଗାଁରୁ ଉଭେଇ ଯାଉଥିଲା ।

ଈଶ୍ୱର ବିଶ୍ୱାସ ଯଦି ମଣିଷର ଏକ ସହଜାତ ବିଶ୍ୱାସ ହୁଏ ତେବେ କୌଣସି ସ୍ୱାସ୍ଥ୍ୟସେବାର ସୁଯୋଗ ନ ଥିଲା ବେଳେ ଧୂସା ଠାକୁରଙ୍କ ପାଖରେ ଅଧିଆ ପଡ଼ିବା ବା ସାପ କାମୁଡ଼ା ଲୋକଙ୍କୁ ଶୁଆଇ ଶହେ ଆଠ କଳସ ପାଣି ଢ଼ାଳିବାରେ ଅସୁବିଧା କେଉଁଠି ରହିଲା !

ତା'ର କଞ୍ଚା ଚିନ୍ତା ପ୍ରକ୍ରିୟାରେ ଏମିତି କିଛି କଥା ବା ଯୁକ୍ତି ଆସିବାରେ ଅପ୍ରାସଙ୍ଗିକତା କେଉଁଠି ରହିଲା ପ୍ରଶ୍ନ କରାଯାଇପାରେ କି !

ଦୁନିଆରେ ଅନେକ କଥା ମଣିଷର ଚିନ୍ତା ଓ ଚେତନାକୁ ଯେଉଁ ଭିନ୍ନ ବାଗରେ ଆଗେଇ ଚଲେ - ସତ୍ୟ ଓ ବିଶ୍ୱାସ ସାର୍ବଜନୀନ ନୁହଁ; ବ୍ୟକ୍ତିର ବିଶ୍ୱାସ ଓ ପାରିପାର୍ଶ୍ୱିକ ଚଳଣୀକୁ ନେଇ । ଥରେ ବଡ଼ଭାଇ କହିଲେ ସେ ପୀଠକୁ ଯିବା ଓ ଧୂସା କେମିତି ଅଛି ଦେଖି ଆସିବା - ସେତେବେଳକୁ କିଛିବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା । ସେ ଉଲ୍ଲସିତ ହେଲା ଓ ପିଲାବେଳୁ ଧୂସା ସଂପର୍କରେ ଥିବା କୁହୁଡ଼ିଆ ଧାରଣାକୁ ପରିଷ୍କାର କରିବାକୁ ଭାଇଙ୍କ ସହିତ ସେ ପୀଠକୁ ଯିବାକୁ ସ୍ୱପ୍ନ ଦେଖିଲା - କେମିତି ଥିବ ଧୂସା, କେମିତି ଥିଲା ତା' ରୋଗ ଓ ସେ ଭଲ ହେଇଯାଇଅଛି କି ନା ତା' ପୂର୍ବ ଅବସ୍ଥାରେ ଥିବ; ଯଦିଓ ତା'ର ପୂର୍ବାବସ୍ଥାର ଚିତ୍ର ତା' ଚେତନାରେ ନଥିଲା କେବଳ ଗୋଟିଏ ସମ୍ବାଦ ମାତ୍ର ହେଇ ।

ପ୍ରସ୍ତାବିତ ଦିନ ସ୍ଥିର ହେଲା, ପରିବାରର ଅଧିକାଂଶ ସଦସ୍ୟ କାଠୁଆ ଡ଼ଙ୍ଗାରେ - ତାହା ପୁଣି ସାମୁଦ୍ରିକ ଜୁଆର ଓ ଭଟ୍ଟାକୁ ନେଇ ।

ଜୁଆର ଭଟ୍ଟାରେ ଆମ କାଠୁଆ ଛାଡ଼ିବାର କଥା - ସେୟା ହେଲା ଏବଂ ଠାକୁରଙ୍କ ପୀଠରେ ପହଞ୍ଚିବାକୁ ଆମକୁ ପ୍ରାୟ ଦେଢ଼ଦିନ ନଦୀ ଶଯ୍ୟାର କାଠୁଆରେ କଟାଇବାକୁ ପଡ଼ିବ । ରାସ୍ତାରେ ଗୋଟିଏ ନଦୀକୂଳରେ ରାତ୍ର ଭୋଜନ ସହିତ ।

ତାହାହିଁ ହେଲା, ଭାତ ଠିକ୍ ହେଲା, ଲୁଣା ପାଣି ପାଇଁ ଡ଼ାଲି ଶିଝିଲା ନାହିଁ ଏବଂ ବୟସ୍କା ମହିଳାଟି ପାଟି କଲା - ଗୋବିନ୍ଦ, ଦି'ଟା ବଡ଼ି ଭାଜି ଦେ । ଭାଇ ପ୍ରାୟ

ରାଗି ଯାଇଥିଲେ ଏବଂ ସେ ଜାଣିଥିଲେ ଯାତ୍ରାର ଅସୁବିଧା କଥା । ସେ ଚିହିଁକି ଉଠିଲେ - ବଡ଼ି ଭାଜିବି ! ସେଇ ଭାତ ଓ ଦରସିଝା ଡ଼ାଲିକୁ ଗୋଳାଇ ଖାଇ ଦିଅ ।

ଯାତ୍ରାର ଏକ ଗ୍ରାମ୍ୟ ଅନୁଭୂତି !

ରାତିରେ ନଦୀକୂଳରେ କୌଣସି ପ୍ରକାର ସମୟ କଟାଇ ସକାଳେ ସକାଳେ ଦେବ ପୀଠରେ ପହଞ୍ଚିଗଲୁ ।

ମୋର କିନ୍ତୁ ଏକମାତ୍ର ଆକର୍ଷଣ ହେଲା ଧୂସାକୁ ଭେଟିବା ନେଇ ।

ଭାଇ ଠାକୁର ଦର୍ଶନ, ଘର୍ଷଣ ଓ ପୂଜାପାଠ ପରେ ବୋଧହୁଏ ଠିକ୍ କରିଥିଲେ ଧୂସାକୁ ଭେଟିବା ପାଇଁ । ସେ ଧୂସା ଖବର ଜାଣିଥିଲେ, କ୍ରମେ କିଛି ବର୍ଷ ଗଡ଼ିଗଲା ପରେ କେବଳ ମାତ୍ର ଶୁହୁଁଥିଲେ ଧୂସାକୁ ଦେଖିବା ପାଇଁ ।

କିଛିବର୍ଷ ବିତିଯାଇଛି ଯା' ମଧ୍ୟରେ । ଧୂସା ଦେହରେ ରୋଗର ଲକ୍ଷଣ ପରେ ସେ ଏ ପୀଠକୁ ଆସିଥିଲା ଧାରଣା ପାଇଁ ।

ରୋଗ ତା'ର ବଢ଼ିଯାଇଛି ଓ ଯାହା ଲୋକ କହନ୍ତି ସେ ଶେଷ ଅବସ୍ଥାରେ ।

ଧୂସା ସହିତ ଭାଇଙ୍କର ସାକ୍ଷାତ ହେଲା । ତାଙ୍କ ସହିତ ପରିବାରର ଅନ୍ୟମାନେ ଓ ସେ ବି ଥିଲା । ଧୂସା ହସୁଥିଲା, ମୁହଁରେ ଦୁଃଖ ବା କଷ୍ଟର କୌଣସି ଚିହ୍ନ ନଥିଲା । ଗୋଡ଼ ପାହୁଲ ଓ ହାତ ପାପୁଲି କନାରେ ଢ଼ାଙ୍କି ହେଇଯାଇଥିଲା ।

କେହି କାହାରିକୁ କିଛି ପଚାରୁ ନଥିଲେ ଏବଂ ଏକ ପରିଚିତ ଦୃଶ୍ୟକୁ ଦେଖିଲା ପରି ପରସ୍ପରକୁ ଶୁହିଁଥିଲେ । ଭାଇ ତାକୁ କିଛି ଲୁଗାପଟା ଓ ପଇସାପତ୍ର ଦେଲେ । ସେ ସେସବୁ ରଖିଲା ଓ ତା'ର ସେଇ ଲୁଗା ଢ଼ଙ୍କା ହାତରେ ଜୁହାର କଲା ।

ଭାଇ ଅନ୍ୟ ମନସ୍କ ଥିଲେ ଏବଂ 'ହଉ ଥା' କହି ଅନ୍ୟମାନଙ୍କ ସହିତ ସେ ସ୍ଥାନ ଛାଡ଼ିଲେ ।

ସେ କିନ୍ତୁ ଭାବୁଥିଲା ଏଠାରେ ଧୂସା ଅନ୍ୟ କେତେକ ରୋଗୀଙ୍କ ସହିତ ରହିଛି ଏକ ବିଶ୍ୱାସରେ ଯେଉଁ ବିଶ୍ୱାସ ତାକୁ ରୋଗର ଯନ୍ତ୍ରଣାରୁ ଦୂରେଇ ଦେଇଛି ।

ସେ ଘରେ ଥିଲେ ! ନାଁ ଘର ଲୋକ ନାଁ ବାହାର ଲୋକ; ତା' ଠାରୁ ଦୂରେଇ ରହୁଥାନ୍ତେ ନାଁ ଭୟ ନାଁ ଘୃଣା - ଅପ୍ରକାଶ୍ୟ ଏକ ଭାବକୁ ନେଇ ।

ଦିନେ ହଠାତ୍ ଖବର ପହଞ୍ଚିବ ଧୂସା ମରିଯାଇଛି ।

ସେ ଭାବିଲା, ହଁ ମରିଛି ନିଶ୍ଚୟ - ଟଣା ଓଟଣା ଦୁଃଖ କଷ୍ଟରେ ନୁହଁ, ଏକ ଗଭୀର ଆତ୍ମ ବିଶ୍ୱାସରେ ।

ମୋଟେଲଛକ, ଭଦ୍ରକ
ମୋ- ୯୩୩୭୧୮୦୦୧୩

ସଂସ୍କାର



ଡ. କବିତା ବାରିକ

“ହେଲେ ପୁଅ ଆମେ ତ ତୋତେ କହିନୁ ମୋବାଇଲ ଧରି ଘଣ୍ଟା ଘଣ୍ଟା ଗେମ୍ ଖେଳିବା, ଚାଟିଂ କରିବା ? ଅନ୍‌ଲାଇନ୍‌ରେ ପାଠପଢ଼ିବା ପାଇଁ ତ ତୋତେ ମୋବାଇଲ କିଣି ଦେଇଥିଲୁ । ତା’ ଅର୍ଥ ନୁହେଁ ଯେ ତୋତେ ପରୋକ୍ଷରେ ଆମେ ମୋବାଇଲ ଏଡ଼ିକ୍ଟ କରିବାରେ ସାହାଯ୍ୟ କଲୁ ? ଆମେ ତୋ ଜୀବନକୁ ସକରାତ୍ମକ କରିବାକୁ ପ୍ରାଣପଣେ ଚେଷ୍ଟା କରିଛୁ । ତାକୁ ତୁ ବିପରୀତ କରିଦେବୁ କିଏ ଭାବିଥିଲା ?”

ବଡ଼ ନାନୀର ଝିଅ ବାହାଘରକୁ ମୁଁ ପୁଅକୁ ନେଇ ଯାଇଥିଲି । ପୁଅଟି ମୋର ମୋବାଇଲ ଏଡ଼ିକ୍ଟ ହୋଇଯାଇଛି । ବାରମ୍ବାର ବୁଝାଇଥିଲି, ବାପାରେ ଘରେ ଦିନରାତି ମୋବାଇଲରେ ମାତିଛୁ । ଅନ୍ତତଃ ବାହାରେ ଟିକେ ଜଗିରଖି ଚଳିବୁ । ବାହାଘରରେ ସାହାଯ୍ୟ କରିବୁ । ବର ଆସିଲା ପରେ ବରଯାତ୍ରୀଙ୍କ କଥା ବୁଝିବୁ । କାହାର କ’ଣ ଦରକାର ଧାଁ ଦଉଡ଼ରେ ସାହାଯ୍ୟ କରିବୁ । ହେଲେ ପୁଅଟି ମୋର, କାହିଁ ମୋ କଥା ଶୁଣିବ ? ବରଯାତ୍ରୀ, ବର ଆସିଲାବେଳେ ମୋବାଇଲ୍‌ରେ ଫଟୋ ଉଠାଇବା, ବେଦୀରେ, ବାହାଘର ବେଳେ କିଛି ସ୍ନାପ୍ ନେବା ଭିତରେ ସେ ତା’ର କର୍ତ୍ତବ୍ୟ ସାରିଦେଲା । ବଡ଼ ନାନୀର ଦୃଷ୍ଟିରୁ ଏହା ବାଦ୍ ପଡ଼ିନଥିଲା । ଝିଅ ବିଦାୟ ବେଳେ ବି ସେ

ମୋବାଇଲରେ ମାତିଥିଲା । ଆସିଲାବେଳେ ଯାହା ନାନୀ କହିଲା ତାହା ମୋତେ ଲଜ୍ଜାରେ ବୁଡ଼ାଇଦେଲା । କହିଲା, ପୁଅକୁ ତୁ ସଂସ୍କାର ଶିଖାଇନୁ ? ମୁଁ ତ ଫେର୍ ପୁଅ ଜନ୍ମ କରିଛି । ସେମାନେ ତ ଚବିଶି ଘଣ୍ଟା ମୋବାଇଲ ଧରି ବସୁନାହାନ୍ତି ?

ଘରେ ପହଞ୍ଚିଲା ପରେ ବି ମୁଁ ବାହାରି ପାରୁନଥିଲି ତା'ର ଟିପ୍ପଣୀରୁ । ସେ କିଛି ଭୁଲ୍ କହିନି । କେଉଁଠି ସଂସ୍କାର ଦେବାରେ କମ୍ ରହିଗଲା ? ଅତୀତରେ ଅନେକ କଥା ମନେ ପଡ଼ିଗଲା । ଛୋଟ ଥିଲାବେଳେ କେତେ ସୁଶୀଳ, ସଂସ୍କାରୀ ଥିଲା ପୁଅ ମୋର । ଗୁରୁଜନମାନଙ୍କୁ ଭକ୍ତି, ପାଦଛୁଇଁ ପ୍ରଣାମ କରିବା ଆଉ କେତେ କେତେ କୌତୂହଳୀ ପ୍ରଶ୍ନ ପଚାରିବା । ଏହି ଯେମିତି ଆକାଶରେ ପକ୍ଷୀ ଉଡ଼େ କାହିଁକି ? ସମୁଦ୍ରରେ ଏତେ ଲହଡ଼ି ଆସେ କେମିତି ? ପାହାଡ଼କୁ କିଏ ଏତେ ଉଚ୍ଚ କରିଛି ? ଆକାଶରେ ଏତେ ତାରା, ଗ୍ରହ ଆସନ୍ତି କେଉଁଆଡୁ ? ସମୁଦ୍ରର ପାଣି ଲୁଣିଆ, ନଈ ପାଣି ମଧୁର କେମିତି ହେଲା ? ତାକୁ ଯଥାସମ୍ଭବ ଉତ୍ତର ଦେବାକୁ ଚେଷ୍ଟା କରୁଥିଲି ।

ଧୀରେ ଧୀରେ ସେ ବଡ଼ ହେଉଥିଲା । ତା' ବାପା ଇଂଲିସ୍ ମିଡ଼ିୟମ୍‌ରେ ପଢ଼ାଇବାକୁ ରାଜି ଥିଲାବେଳେ ମୁଁ କିନ୍ତୁ ସରସ୍ୱତୀ ଶିଶୁମନ୍ଦିର କଥା ଉଠାଇଥିଲି । ପାଠ ପଢ଼ିଲେ ତ ହେବନି, କିଛିଟା ଆଚରଣ, ଉଚ୍ଚାରଣ ଶିଖିବ । ହେଲେ ମୋ କଥା ରହିଲାନି । ମୁଁ ବର୍ଣ୍ଣବୋଧ ଆଣି ଅ, ଆ ଧରାଇଲା ବେଳକୁ ବାପା ତା'ର ଏ.ବି.ସି.ଡ଼ି. ଶିଖାଇବାକୁ ଲାଗିପଡ଼ିଲେ । ସେମିତି "ଆହେ ଦୟାମୟ ବିଶ୍ୱ ବିହାରୀ" ଗାଇବା ବଦଳରେ ସେ ଶିଖିଲା ଲିଟିଲ୍ ଷ୍ଟାର । ପରଂପରା, ସଂସ୍କାର, ରାମାୟଣ, ଭାଗବତ ଜାଣିବା ବଦଳରେ ସେ ପଞ୍ଚମ ଜର୍ଜ, ହିଟଲର, ଡେଲହାଉସିର ପୃଷ୍ଠା ଓଲଟାଇଲା । ବଡ଼ହେବା ଭିତରେ ତାର ସ୍ୱଭାବ ବି ବଦଳିଗଲା । କେହି ଗୁରୁଜନ କି ଆତ୍ମୀୟସ୍ୱଜନ ଆସିଲେ ପାଦଛୁଇଁ ପ୍ରଣାମ କରିବା ବଦଳରେ ନମସ୍କାର କିମ୍ବା କରମର୍ଦ୍ଦନର କାମ ସାରିଦେଲା । ସାଙ୍ଗସାଥୀ, ଗପ ସପ ଭିତରେ ସେ ତା'ର ଦୁନିଆ ଖୋଜିନେଲା । ପୁଣି ସ୍ମାର୍ଟଫୋନ୍ ଧରିଲା ପରେ ଆଉ ସେ ଆୟତ୍ତରେ ରହିଲାନି । ତା' ଆଗରୁ ଟେଲିଭିଜନରୁ କାର୍ଟୁନ ଦେଖିବା, ଛୋଟପିଲାଙ୍କ ଉପରେ ଆଧାରିତ କିଡ୍ସ ଚାନେଲ ଦେଖିବା ଭିତରେ ଆମକୁ ନିଉଜ୍ ମଧ୍ୟ ଦେଖାଇ ଦେଉ ନ ଥିଲା । କିନ୍ତୁ ସ୍ମାର୍ଟଫୋନ୍ ଧରିଲା ଦିନଠୁ ସେ ଅନ୍ ଲାଇନ୍‌ରେ ପାଠ ପଢ଼ିବ କ'ଣ ବିଭିନ୍ନ ଖେଳ ଲୋଡ଼ କରିବା, ହ୍ୱାଟସଆପ୍ ମେଲ୍, ଗୁଗୁଲ୍ ଚାଟିଂ, ମେସେଜ୍, ଗୀତ ଶୁଣିବା ଭିତରେ ଖାଇବା ଶୋଇବା ଭୁଲିଗଲା । କହିଲେ ଅଜବ ସବୁ ଯୁକ୍ତି କରୁଥିଲା । ବେଳେବେଳେ ଅନେକ ତିକ୍ତ ସତକଥା କହୁଥିଲା ତ ଆଉ କେତେବେଳେ ଆକାଶ ଛିଣ୍ଡା କଥା କହି ବର୍ଷୁଥିଲା । କିଛି ବୁଝାଇବାକୁ, ଜଣାଇବାକୁ ଚାହିଁଲେ ତା'ର ଯୁକ୍ତିଥିଲା, ତମେ ପ୍ରଥମେ ନିଜକୁ ବଦଳାଅ । ତମ ସମୟ ଆମ ସମୟରେ ଅନେକ ପାର୍ଥକ୍ୟ । ତମେ ତମର ପୁରାଣ, ପରଂପରା, ରାମାୟଣ, ମହାଭାରତ ଜାବୁଡ଼ି

ଧରି ବସିଥାଅ । ମୋର ସେସବୁରେ କୌଣସି ଆଗ୍ରହ ନାହିଁ । ତମ ସହ ମୁଁ ନୁହେଁ, ତମେ ମୋ ସହ ଆଡ଼ଜଷ୍ଟ କରିବା ଶିଖ ।

ପଢ଼ା ଜୀବନ ପରେ ବିଳମ୍ବରେ ଉଠିବା, ବିଳମ୍ବରେ ଶୋଇବା କ୍ରମଶଃ ତା'ର ଅଭ୍ୟାସ ହୋଇଗଲା । ବିଳମ୍ବରେ ଶୋଇବା ବି କାରଣ ସେହି ମୋବାଇଲ, ଆଧୁନିକ ଇଡ଼ିୟଟ୍ ବକ୍ସ । ଯେହେତୁ ବିଳମ୍ବରେ ଜଣେ ଶୋଇବ, ଉଠିବାଟା ବି ବିଳମ୍ବ ହେବା ସ୍ୱାଭାବିକ । କ୍ରମଶଃ ସୂର୍ଯ୍ୟୋଦୟ ଦେଖିବା ସେ ଭୁଲିଗଲା । ଉଠାଇଲେ ଚିଡ଼୍ ଚିଡ଼୍ ହୋଇ ଚିତ୍କାର କଲା । ଓଲଟି କହିଲା, ତମପାଇଁ ଯେଉଁଟା ଅଧରାତି ଆମ ପାଇଁ ସଞ୍ଜ । ମୁଁ କୌଣସି ରୁଟିନ୍‌ବନ୍ଧା ଜୀବନ ଭିତରେ ବାନ୍ଧି ହେବାକୁ ଚାହେଁନି । ତମେ ଖାଇସାରି ମୋର ଟେବୁଲରେ ଢ଼ଙ୍କାଇ ରଖିଦେବ । ନହେଲେ ଅନ୍‌ଲାଇନ୍‌ରେ ମଗାଇ ମୁଁ ଖାଇନେବି । ତମର ସେ ଟ୍ରାଡ଼ିସନାଲ ଖାଦ୍ୟ ମୋତେ ଭଲ ଲାଗୁନି । ତମର ରନ୍ଧା ଚିନ୍ତାଧାରା, ଚଳଣି, ସଂସ୍କୃତି, ଇତିହାସକୁ ଜାବୋଡ଼ି ଧରିବା ବେଶ୍ ପୁରୁଣା ହୋଇଗଲାଣି । ଏକଥା ମୁଁ ନୁହେଁ, ତମେ ବୁଝିବା ଦରକାର । ତମେ ଡିବି କି ଲଣ୍ଠନ ଆଲୁଅରେ ପଢୁଥିଲ ବୋଲି ମୁଁ କ'ଣ ପଢ଼ିବି ! ବିଞ୍ଚଣାରେ ବିଞ୍ଚି ଝାଳ ମାରୁଥିଲ ବୋଲି ମୁଁ କ'ଣ ସେମିତି ରହିବି ! ଏ.ସି. ବିନା କ'ଣ ରହିହେବ ? ତଥାପି ତାକୁ ମୁଁ ବୁଝାଇବାକୁ ଚେଷ୍ଟା କରେ, ବେଟା ! ଏସବୁ ଆମର ବୁନିଆଦି । ଆମ ବାପା ମା' ଯେଉଁ ସଂସ୍କାର ଦେଇଥିଲେ ତା'ରି ଉପରେ ଆମେ ନିଜକୁ ଗଢ଼ିଛୁ । ତୁ ତାରି ଉତ୍ତର ପିଢ଼ି । ଆଧୁନିକ ଦୁନିଆ ସହିତ ପୁରାତନକୁ ମିଶାଇ ଚାଲିବା ଶିଖ୍ ।

ପୁଅ କିନ୍ତୁ ମୋତେ ତାସଲ୍ୟ କରିବାକୁ ଭୁଲେ ନାହିଁ । କହେ, ଆଧୁନିକ ଦୁନିଆ ସହିତ କିଏ ମୋତେ ପରିଣତ କରାଇଥିଲା ? ତମେ ମୋତେ ଓଡ଼ିଆ ଶିଖାଇବା ବଦଳରେ କାହିଁକି ଏ.ବି.ସି. ଶିଖାଇଲ ? କିଏ ମୋତେ ରାଇମସ୍ ଶିଖାଇଲା ? ବାପା ମା' ଡାକିବା ବଦଳରେ ଡାଡୀ, ମମି ଡାକିବା ପାଇଁ କିଏ ଅଭ୍ୟାସ କରାଇଲା ? ଜନ୍ମଦିନରେ ମନ୍ଦିର ଯାଇ ପୂଜା କରିବା କି ଘରେ ପୂଜା କରିବା ବଦଳରେ କେକ୍ କାଟି, ମହମବତୀ ଜାଳି ଲିଭାଇବା, ହେପି ବାର୍ଥ ଡେ ଟୁ ୟୁ କହି ତାଳି ବଜାଇବା ତ ମୁଁ ଘରୁ ଶିଖିଛି । ସେତେବେଳେ ତ କାହିଁ ସଚେତନ ହେଲନି ? ତମେ ଦାରିଦ୍ର୍ୟ ଦେଖିଛ, ସଂଘର୍ଷ କରିଛ, ହେଲେ ମୋ ବେଳକୁ ସେସବୁ ନ ହେଉ ବୋଲି ଯାହା ଯେତେବେଳେ ଖୋଜିଛି, ମାଗିଛି ସବୁ ଆଣିଦେଇଛ । ମୋତେ ଅଭାବ ଦେଖାଇନ କି ସଂଗ୍ରାମ ଶିଖାଇନ । ଓଲଟି ସବୁଦେଇ ମୋର ଜିଦକୁ ବଢ଼ାଇ ଦେଇଛ । ଏ କମ୍ପ୍ୟୁଟର, ଟି.ଭି., ଏ.ସି. ଫୋନ୍ ମୁଁ କିଣିଛି ନା ତମେ କିଣିଛ ? ଆଜିର ଏହି ମଡ଼ର୍ଣ୍ଣ ଦୁନିଆ, ଚଳଣିରେ ଠେଲି ହୋଇଯିବାର ବଡ଼ କାରଣ ତ ତମେ, ବାପା । ହାତଧରି ଚଲାଇ ନେଲାବେଳେ ଟିକେ ଝୁଣ୍ଟୁ ନ ଝୁଣ୍ଟୁ କୋଳେଇ ନେଇଛ । କାହିଁକି ଝୁଣ୍ଟିପଡ଼ି ନିଜେ ନିଜେ ଉଠିବା କଥା ଶିଖାଇବାକୁ

ଛାଡ଼ିଦେଲନି ? ଇଂରାଜୀ ରାଇମସ୍ ଘୋଷାଇବା ଜାଗାରେ କାହିଁକି ଶିଖାଇନ ଆହେ ଦୟାମୟ ବିଶ୍ୱବିହାରୀ ? ସନ୍ଧ୍ୟାବେଳେ ଧୂପଦେଇ ପ୍ରାର୍ଥନା କରି ଦଣ୍ଡେ ବସି ଭାଗବତ କି ପୁରାଣ ଚର୍ଚ୍ଚା କରିବା ବଦଳରେ ହୋମ୍‌ୱାର୍କ କରିବାକୁ ବସାଇଛ । ଛୋଟବେଳେ ସକାଳୁ ଉଠୁ ଉଠୁ ଦାନ୍ତ ଘଷାଇ, ତରବରିଆ ରେଡ଼ିକରି ସ୍କୁଲ ପଠାଇଛ । ଭାରି ସ୍କୁଲବ୍ୟାଗ୍, ପାଣିବୋତଲ, ଟିଫିନ୍ ବକ୍ସ ବୋହିବାକୁ କଷ୍ଟ ହେଲେ ବି ସେସବୁ ମୋ କାନ୍ଧରେ ଜବରଦସ୍ତ ଦେଇ ସ୍କୁଲ ବସ୍‌ରେ ଚଢ଼ାଇଛ । ଉପରବେଳା ଖେଳିବାକୁ କେତେ ସମୟ ଦେଇଛ ? ଖାଲି ପଢ଼, ହୋମ୍‌ୱାର୍କ କର, ଟ୍ୟୁସନ୍ ଠିକ୍ ସମୟରେ ଯା' । ଯେତେ ନମ୍ବର ରଖିଲେ ବି ଆହୁରି ତମର ଦରକାର । ଶହେରୁ ଶହେ । ଏ ଭିତରେ ସଂସ୍କାର ଆସିଲା କେଉଁଠୁ ? ଆଜି ଯାହା ହୋଇଛି ଏସବୁ ତମରି ଦାନ ମମୀ । ମୋତେ କିଏ ଶିଖାଇଲା ଏଇ ମମୀ, ଡାଡି ଡାକ ? ତମେ ଯଦି ଏତେ ସଂସ୍କାରୀ ତେବେ ବାପାମାଆ ଡାକ ଶିଖାଇଲ ନାହିଁ କାହିଁକି ? ଇଂରାଜୀ ମିଡ଼ିୟମ୍ ବଳରେ ଓଡ଼ିଆ ମିଡ଼ିୟମରେ ପଢ଼ାଇଲନି କାହିଁକି ? ଯେତେବେଳେ ଖଡ଼ି ଛୁଇଁଲି ଶ୍ରୀଗଣେଶ ଲେଖାଇ ଅ, ଆ, ମଡ଼ାଇ ଅକ୍ଷର ଶିଖାଇଲନି କାହିଁକି ? ଏ ଫର୍ ଆପେଲ୍, ବି ଫର୍ ବୁକ ମୋତେ କିଏ ଶିଖାଇଲା ? ଛବିଳ ବର୍ଣ୍ଣବାଧ କାହିଁକି ଧରାଇ ଦେଲନି ? ଗୀତା, ପୁରାଣ, ରାମାୟଣ କଥା କହୁଛ । ସେ ଗ୍ରନ୍ଥ କେବେ ଦେଖାଇଛ ? କେବେ ଧରାଇଦେଇ ବୁଝାଇଛ ? କୁହ ମମୀ, କୁହ ? ମୋର ଭୁଲ୍ କେଉଁଠି ରହିଲା ?

ମୁଁ ଏକବାରେ ଚୁପ୍ । ମୋ ମୁହଁରେ ଭାଷା ନଥିଲା । ସତେକି କିଏ ମୋର ଓଠରେ ସେଲୁଟେପ୍ ଲଗାଇ ଦେଇଛି । ଅନେକ ଅଭିଯୋଗ ତା'ର, ସବୁ ନିଷ୍ଠୁର ସତ କଥା । ଆମେ ଦୁହେଁ ସେଥିପାଇଁ ଦୋଷୀ ନିଶ୍ଚୟ । ତେବେ ମୁଁ ତାକୁ କହିଲି, ସବୁ କ'ଣ ତୁ ଘରୁ ଶିଖିଛୁ ? ଆମେ ତୋତେ ସୁଖ ସୁବିଧା, ଭଲସ୍କୁଲ୍, ଭଲ ମାଧ୍ୟମ ଦେଲୁ ଏଇଥିପାଇଁ ଯେ ତୁ ନିଜକୁ ଠିକ୍ ଭାବରେ ଗଢ଼ି ପାରିବୁ । ସମୟ, ପରିବେଶ ସହିତ ଚାଲି ଶିଖିବୁ । ଆମେ ଅଭାବ, ଦାରିଦ୍ର୍ୟ, ସଂଘର୍ଷ ଭିତରେ ବଡ଼ ହୋଇଥିବାରୁ ଜାଣିଥିଲୁ ସେସବୁର ଦୁଃଖ, ପୀଡ଼ା । ସେଥିପାଇଁ ତୋ ଜୀବନରେ ତାହାର ପୁନରାବୃତ୍ତି ନ ହେଉ ଆମେ ସଚେତନ ଥିଲୁ । ଏସବୁ ଯୋଗାଇଦେବା କ'ଣ ଆମର ଭୁଲ୍ ଥିଲା ? ବାପା ମାଆ ହିସାବରେ ତୋତେ ମଣିଷ କରିବା ଆମର ଦାୟିତ୍ୱ, କର୍ତ୍ତବ୍ୟ ଥିଲା । ତୁ ଯେ ଆମର ପରିଶ୍ରମ, ଯତ୍ନକୁ ବିପରୀତ ଭାବରେ ଗ୍ରହଣ କରିବୁ ତାହା ଆମର ଦୁର୍ଭାଗ୍ୟ । ଦୁର୍ଭାଗ୍ୟ ? ପୁଅ ତାତ୍ସଲ୍ୟ କରି ହସିଉଠିଲା । ସେତେବେଳେ ଚିନ୍ତା କଲନି ? ଜେଜେ, ଜେଜେମାଙ୍କୁ ଅବଜ୍ଞା କରି ମୁହେଁ ମୁହେଁ ଜବାବ୍ ଦେବା, ଚିଡ଼ଚିଡ଼ା ହେବା ମୁଁ ତ ତମଠୁ ଶିଖିଛି । ଜନ୍ମଦିନ କି ଏମିତି କିଛି ଶୁଭ ଦିନରେ ଘରେ ପୁରୀ, କ୍ଷୀରି କରି ଖୁଆଇବା ବଦଳରେ ତମେମାନେ ବାଛିଛ ହୋଟେଲ ଖାନା । ଘରେ ପୂଜାପାଠ କି ମନ୍ଦିର ନେବା ବଦଳରେ

ତମେ ତ ମୋତେ ହୋଟେଲ କଲ୍‌ଚର୍, ଅନ୍‌ଲାଇନ୍‌ରେ ମଗାଇ ଖାଇବା ଶିଖାଇଛ । ଚିପ୍‌ସ୍, କୁରକୁରେ, ମେଗି, ପାସ୍ତା କି ଫାଷ୍ଟଫୁଡ୍ ଖାଇବା ତ ଏଇ ଘରୁ ଆରମ୍ଭ କରିଛି ? ତମେ ନିଉୟର୍ସରେ କି ତମର ବାର୍ଥଡ଼େରେ ପାର୍ଟିଦେବା, କେକ୍ କାଟିବା, ବନ୍ଧୁବାନ୍ଧବ ମେଳରେ ଖୁସି ମନାଇବା ବେଳେ ଭୁଲିଯାଇନ ଏହା ଆମର କଲ୍‌ଚର ନୁହେଁ ବୋଲି ? ଡାଡୀ ତାଙ୍କ ବନ୍ଧୁମାନଙ୍କୁ ନମସ୍କାର କରିବା ବଦଳରେ କରିଛନ୍ତି କରମର୍ଦ୍ଦନ କରି ହାୟ, ଗ୍ଲାଡ୍ ଟୁ ମିଟ୍ ୟୁ । ଏହା ଯଦି ମୁଁ ଆଜି ପୁନରାବୃତ୍ତି କଲି କ'ଣ ଭୁଲ୍ କଲି ?

ହେଲେ ପୁଅ ଆମେ ତ ତୋତେ କହିନୁ ମୋବାଇଲ ଧରି ଘଣ୍ଟା ଘଣ୍ଟା ଗେମ୍ ଖେଳିବା, ଚାଟିଂ କରିବା ? ଅନ୍‌ଲାଇନ୍‌ରେ ପାଠପଢ଼ିବା ପାଇଁ ତ ତୋତେ ମୋବାଇଲ କିଣି ଦେଇଥିଲୁ । ତା' ଅର୍ଥ ନୁହେଁ ଯେ ତୋତେ ପରୋକ୍ଷରେ ଆମେ ମୋବାଇଲ ଏଡ଼ିକ୍ଟ କରିବାରେ ସାହାଯ୍ୟ କଲୁ ? ଆମେ ତୋ ଜୀବନକୁ ସକରାତ୍ମକ କରିବାକୁ ପ୍ରାଣପଣେ ଚେଷ୍ଟା କରିଛୁ । ତାକୁ ତୁ ବିପରୀତ କରିଦେବୁ କିଏ ଭାବିଥିଲା ? ଆମେ ତ ଚକୁଳି ପିଠା ବଦଳରେ ପିଜା ଖାଇବା, ଲେମ୍ବୁସର୍ବତ ବଦଳରେ ଫାଣ୍ଟା, ପେପ୍‌ସି ପିଇବା ଶିଖାଇନୁ ? ଦିନେ ଧୋରେ ବାଇବା ଧୋ କି ଆ ଜହ୍ନ ମାମୁଁ ଶରଦ ଶଶୀ ଶୁଣୁଶୁଣୁ ତୁ ଶୋଇପଡୁଥିଲୁ । ତୋ କାନରେ ଲାଉଡ଼ସ୍ପିକର ଗେଞ୍ଜି, ବିଦେଶୀ ଗୀତ ଶୁଣି ଶୋଇଦେବାର କଥା ତ ମନେପଡୁନି ? କେବେ ଅଣ୍ଡାପିଠା ଆମଲେଟ୍ ହୋଇଗଲା ଯେମିତି ଜାଣିପାରିଲୁନି, ସେମିତି ପୁଅଟି ମୋର ଡାଲ୍‌ମା, ପୋଡ଼ପିଠାରୁ ବାହାରି ତୋଡ଼୍‌କା, ବିରିଆନି, ସାଣ୍ଡୱିଚ୍‌ରେ ପହଞ୍ଚିଗଲା ଜଣାଗଲାନି । ହସିଲା ପୁଅ ମୋର । ଅନେକ କଥା ରହିଛି ମାମୀ ! ସେସବୁ ଶିଖାଯାଏନା । ସମୟ, ବୟସ ଆପେ ଆପେ ଚିହ୍ନାଇଦିଏ । କିଛି ତମେ ଶିଖାଇଥିଲ, ଆଉ କିଛି ମୁଁ ଶିଖିନେଲି । ଆଜି ଶିଖିବାରେ ଅନେକ ମାଧ୍ୟମ ଆସିଗଲାଣି । ତମର ଦହିପଖାଳ, ପତ୍ରପୋଡ଼ା ମାଛ, ଘାଣ୍ଟ କି ଡାଲ୍‌ମା ଭଳି ଟ୍ରାଡ଼ିସନାଲର ରନ୍ଧାର ସ୍ଥାନ ନେଇ ସାରିଲାଣି ଫ୍ରାଏଡ଼ ରାଇସ୍, ବିରିୟାନୀ, ମନ୍‌ଚୁରା ନବରତ୍ନ । ଏତେ ଯଦି ବୁଝିପାରୁଛୁ ୟୁଟ୍ୟୁବ୍‌ରୁ ନୂଆ ନୂଆ ରନ୍ଧା ଶିଖୁନୁ ?

ମୁଁ ହସିଲି । ନୂଆ ନୂଆ ରନ୍ଧା ଶିଖିବାର ବୟସ ଆଉ ନାହିଁରେ । ତୋ ବୋହୂ ଆସିଲେ ୟୁଟ୍ୟୁବ୍‌ରୁ ଦେଖି ବନାଇଦେବ କି ତମେ ତମ ପସନ୍ଦର ଚିଜ ଅନ୍ ଲାଇନ୍‌ରେ ମଗାଇନେବ । ମୁଁ ତ ଅନେକଟା ସେହି ପୁରୁଣା କାଳିଆ । କିଛିକିଛି ଯଦିଓ ତୋ ବାପାଙ୍କ ଦୟାରୁ ମଡ଼ର୍ଣ୍ଣ ହେବାକୁ ବାଧ ହୋଇଛି, ତେବେ ମୋ ମାଆ, ଆଈ, ଖୁଡ଼ୀ ଯେଉଁ ସଂସ୍କାର ଶିଖାଇଥିଲେ ସେଠୁ ବାହାରି ପାରିନିରେ । ସେଥିପାଇଁ ତ ଭଗବତ ଗୀତା, ପୁରାଣ ନେଇ ଜୀଇଁଥାଏ । ତୁଳସୀ ମୂଳରେ ସଞ୍ଜବତୀ ଜାଳି ସ୍ୱାମୀ, ପୁଅର ମଙ୍ଗଳ କାମନା କରିଥାଏ । ତମମାନଙ୍କ ପାଇଁ ଯଥାସମ୍ଭବ ଓଷା, ବ୍ରତ ପାଳିଥାଏ । ସୋମବାରରେ ଶିବମନ୍ଦିର ଯାଇ ନଡ଼ିଆ ଭାଙ୍ଗେ, କ୍ଷୀରଢ଼ାଳେ । ସାଧାରଣ ପଖାଳ, ଭାତ, ଘାଣ୍ଟ ତରକାରୀ,


ଡାଲ୍‌ମା ବଢ଼ିଚୁରା କି ଶାଗଭଜା ମୋ ପାଇଁ ଅମୃତ । ତୁ କହିପାରୁ ବେଙ୍ଗ ପାଟିରେ କି ଘିଅ ହଜମ ହେବ ? ତା'ର ତ ପୋକଜୋକ ଖାଇବା ଅଭ୍ୟାସ । କଥାହେଲା ତୋ ଦୁନିଆ, ମୋ ଦୁନିଆ । ହଁରେ, ମୋ ଦୁନିଆ ଖୁବ୍ ଛୋଟ, କୂଅର ଦୁନିଆ । ତୋ ଦୁନିଆ ସମୁଦ୍ର ଭଳି, ସୀମାହୀନ, ଉଚ୍ଛୁଳା, ଅମାନିଆ ଢ଼େଉଭଳି । ତୋ ସ୍ୱପ୍ନ, କଳ୍ପନା ବି ସୁଦୂର । ତମ ସ୍ୱପ୍ନ, କଳ୍ପନା ଏତେ ଉପରକୁ ଉଠିଯାଇଛି ଯେ ତାହା ଆକାଶ ଛୁଇଁବ ଛୁଇଁବ ହେଉଛି । ମୁଁ ତ ମାଟି କାମୁଡ଼ି ପଡ଼ିଥିବା ମାଆଟିଏ । ମୋ ଲୁଗାକାନି ଏତେ ଲମ୍ବା ନାହିଁ ଯେ ତୋତେ ଗୁଡ଼ାଇ ନେଇ ତୋ ମାଟିକୁ ଟାଣିଆଣି ପାରିବି । ତେବେ ଏତିକି ମିନତି ତମେ ସବୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଉଡ଼ିବା ଶିଖ । ପୁଣି ତା'ର ବି ଏକ ସୀମା ରହିବା ଦରକାର । ଆଉ ଯଦି ରାସ୍ତା ଖୋଜ, ଅମଡ଼ା ବାଟରେ ଯାଇ ବାଟ ପାଇବାଟା ହିଁ ବାହାଦୁରୀ । ଅଳ୍ପ ପରିଶ୍ରମରେ ବେଶି ପାଇବାକୁ ଆଶା ରଖନା । ବରଂ ବେଶି ପରିଶ୍ରମରେ ବେଶି ପାଇବାର ଆଶା ରଖ । ମନର ଝର୍କା ଖୋଲି ଆତ୍ମ ଅନୁଧାନ କର, ଆଜିଯାଏଁ ଯେତେବର୍ଷ ପୃଥିବୀକୁ ଆସିଲୁଣି କ'ଣ କରିଛୁ, କେତେ ପାଇଛୁ ? ଆତ୍ମମନ୍ଥନ ଯଦି ସଚେତନ ହୋଇ କରିପାରିବୁ ସେହି ହେବ ତୋର ସଂସ୍କାର । ଅନ୍ୟ ଆଖିରେ ଆଙ୍ଗୁଳି ଗେଞ୍ଜିବା ଆଗରୁ ନିଜ ଆଖିରେ ଆଙ୍ଗୁଳି ଗେଞ୍ଜି ଅନୁଭବ କର, କେତେ କଷ୍ଟ ହୁଏ ।

ପୁଅ ମୋର କିଛି ନ କହି ତା' ରୁମ୍‌କୁ ପଶିଗଲା । ମୁଁ ଜାଣେ ମୋ ପୁଅ ଭଳି ଆଜିର ନବପିଢ଼ିମାନେ ବାପାମାଆଙ୍କ ଉପଦେଶ ଶୁଣି କିଛି ନକହି, ଯୁକ୍ତି ନ କରି ଉଠିଗଲେ ମାନେ ସେମାନେ କଥା ନ ବଢ଼ାଇ ଏ କାନରେ ପୁରାଇ ସେ କାନରେ ବାହାର କରିଦେବାଟାକୁ ଶ୍ରେୟ ମନେ କରନ୍ତି । ଏବେ ସଂସ୍କାରର ମନ, ସଂଜ୍ଞା, ସ୍ଥିତି ବଦଳି ଯାଇଛି । ଆଜିର ଏଇ ନୂଆ ପିଢ଼ିର ପୁଅଝିଅମାନେ ସ୍ମାର୍ଟଫୋନ୍‌ରେ ଗୁଗୁଲ୍, ୟୁଟ୍ୟୁବ୍, ବିଭିନ୍ନ ଆପ୍‌ର ଦୁନିଆ ଭିତରର ଏତେ ଗଭୀରକୁ ଚାଲିଯାଇଛନ୍ତି ଯେ ସେମାନଙ୍କୁ ସେଠୁ ଫେରାଇ ଆଣିବା ସହଜ ନୁହେଁ । ଛୋଟ ଛୋଟ ପିଲାମାନେ ଅପରାଧୀ ସାଜୁଛନ୍ତି, ଗେମ୍ ଖେଳି ଟଙ୍କା ହାରି ଆତ୍ମହତ୍ୟା କରୁଛନ୍ତି । ସାଇବର କ୍ରାଇମ୍ ବଢ଼ି ବଢ଼ି ଚାଲିଛି ।

ସତରେ କେତେ ବଦଳିଗଲାଣି ଏ ଦୁନିଆ ! ବିଗତ ପିଢ଼ି, ବର୍ତ୍ତମାନ ପିଢ଼ି ଆଉ ଭବିଷ୍ୟତ ପିଢ଼ି ଭିତରେ ଏତେ ଜେନେରେସନ ଗ୍ୟାପ୍ ଯେ ଆମଭଳି ଡାଡି ମମିମାନେ ମୂଳରୁ ପିଲାମାନଙ୍କୁ ଖଡ଼ି ଛୁଆଁଇଲା ବେଳେ କ'ଣ କରିବା, ନ କରିବା, ପିଲାଙ୍କ ଭବିଷ୍ୟତ ଗଢ଼ିବା ଭିତରେ ନିଜ ଭବିଷ୍ୟତ କଥା ମଧ୍ୟ ଚିନ୍ତା କରିବାର ସମୟ ଆସିଯାଇଛି । ଆଉ ଆତ୍ମ ଅନୁଧାନ ? ଆମର ଯେତିକି, ସେମାନଙ୍କର ମଧ୍ୟ ସେତିକି । ମାନେ ଫିପ୍ଟି ଫିପ୍ଟି । ଏତକ ହେଇପାରିଲେ ବୋଧହୁଏ ସଂସ୍କାର ଦେବା,ନେବାକୁ ନେଇ ଟଣାଟଣି ହେବାକୁ ପଡ଼ିବ ନାହିଁ ।

❐

ଜନତା କର୍ଫ୍ୟୁ



ଡ. ପଦ୍ମକାନ୍ତ ଧଳ

"ମା' ତୁମ ଘରକୁ ଚଢେଇ ପରି ଉଡିଯାଉଥିବା ମଞ୍ଜୁର ଡ଼େଣା କଟିଯାଇଛି । ଦିନେ ତୁମ ଘରକୁ ଅନ୍ଧାର କରିଦେଇଥିବା କଳାଧୂଆଁର ସନ୍ଦେହ ମତେ ଗ୍ରାସ କରିଛି । ଜାଣିପାରୁନି ମତେ ଯୋର୍ ଜବରଦସ୍ତ ଆକ୍ରାନ୍ତ କରି ଭିଡି ଧରିଥିବା ଅଜଣା ଭୂତାଣୁ କରୋନା ମୋ ଦେହରୁ ବାହାରିଲାଣି କି ନାହିଁ । ଜାଣିନି କେଉଁଦିନ ଏ ସନ୍ଦେହ ମୋର ଦୂର ହେବ ?"

ସବୁଦିନ ପରି ଶାନ୍ତିଦେବୀ ଅପେକ୍ଷା କରିଥିଲେ । ପାରିବାରିକ ଜୀବନର ନାନାଦି ଝିନ୍‌ଝଟ ଭିତରେ ସେ ଥିଲେ ଆତୁର ଓ କାନ୍ଦକାନ୍ଦ । ବାହାର ଦରଜା ଖୋଲିବା ପରେ ତାଙ୍କ ଦୃଷ୍ଟି ପଥରେ ମଞ୍ଜୁ । ଘର ସଫା, ବାସନ ମଜା, ରୋଷେଇ ବାସ ଠାରୁ ଲୁଗା ସଫା ଇତ୍ୟାଦି କାର୍ଯ୍ୟକୁ ସମାହିତ କରୁଥିବା ମଞ୍ଜୁ ନାମ୍ନୀ ମଧବୟସ୍କା ସ୍ତ୍ରୀଲୋକଟି କିନ୍ତୁ ଗେଟ୍ ପାଖରେ ଅଟକି ରହିଲା, ଗେଟ ଖୋଲି ଭିତରକୁ ଆସିବାର ପ୍ରୟାସ କରୁ ନ ଥିଲା ।

ଶାନ୍ତିଦେବୀଙ୍କ ଅସୁସ୍ଥତା ହେତୁ ଘରର ବିଭିନ୍ନ କାର୍ଯ୍ୟକୁ ସମ୍ଭାଳି ନେଉଥିଲା ମଞ୍ଜୁ, ପାଖାପାଖି ପାଞ୍ଚମାସ ଧରି । କଲୋନିରେ ଆଉ ଛରିଘର କାମ ଧରିଥିଲା ପେଟ ପୋଷିବାକୁ । ସବୁବେଳେ ଚଳଚଞ୍ଚଳ ଓ ହସହସ ଦିଶୁଥିବା ମଞ୍ଜୁର ସାରା ଦେହକୁ ଯେମିତି ଘୋଡେଇ ରଖିଛି ଖଣ୍ଡେ ଅଦିନିଆ କଳା ମେଘ, ଗରଜୁଛି ଛାତି ଭିତରେ । ଏ ଅସ୍ୱସ୍ତି ଓ ଉଦ୍‌ବେଗର କାରଣ ଗୋଟେ ପରିସ୍ଥିତିର ଉତ୍ପୀଡ଼ନ । ଶ୍ୟାମଳୀ ମଞ୍ଜୁ ଦୂରରୁ ଆସିଲାବେଳେ ଲାଗେ ଯେମିତି ଉଡିଆସୁଛି ଚଢେଇଟିଏ । ସେଇଥିପାଇଁ ଶାନ୍ତିଦେବୀଙ୍କ

ଭରସା । ମଞ୍ଜୁକୁ କାମ ନିଅଣ୍ଟ, ଜଣେ ନିଜର ପରି ସେ ସବୁ କିଛି ସମ୍ଭାଳି ନିଏ ।

ଦୂର ଗାଁ ପାଖ ବସ୍ତିରୁ ଚାଲିଚାଲି ଆସେ ମଞ୍ଜୁ । ପାଞ୍ଚଘର କାମସାରି ଚାଲିଚାଲି ଫେରେ । କ୍ଲାନ୍ତ ଅନୁଭବ କରେନା । କାମ ଭିତରେ କେତେ କଥା ଗପିଯାଏ । ବସ୍ତିବାସିନ୍ଦାଙ୍କ ସହ ଜୀବନ କାଟୁଥିବା ତା' ପରିସ୍ଥିତି, ସୁଖ ଦୁଃଖ, ତା' ପାଣି ପବନ, ତା' ଚଳଣି, ତା'ପରିବାରର ଏକ ଜୀବନ ଚିତ୍ର ଯାହା ପ୍ରତିଫଳିତ ହୁଏ ତା' ବିରାମହୀନ କଥା ସ୍ରୋତରେ । ପାଞ୍ଚ ଘରର ମା' ଓ ବାବୁମାନେ ମନ ଭରି ଉପଭୋଗ କରନ୍ତି ମଞ୍ଜୁର ବିଭୋରପଣ ଓ କମନୀୟ ପ୍ରକାଶ ଭଙ୍ଗୀକୁ ।

ଗେଟ୍ ପାଖରେ ଅଟକିଯାଇଛି ମଞ୍ଜୁ । ଗେଟ୍ ଖୋଲୁନି । ଭିତରକୁ ଆସୁନି । ଶାନ୍ତିଦେବୀଙ୍କ ଅସ୍ଥିରତା ବଢିଯିବା ସ୍ୱାଭାବିକ । କାହିଁକି ଏ ଉଦାସ ଭାବ । ହଠାତ୍ କ'ଣ ହେଲା ମଞ୍ଜୁର । ତା' ଜୀବନ ରାସ୍ତା ଓ ନିରାପତ୍ତାରେ ସୃଷ୍ଟି ହେଇଛି କି କିଛି ଅସ୍ୱାଭାବିକତା ? ଯାହା ବନ୍ଦ କରିଛି ତା' ରାସ୍ତା, ତା' ଗତି ଓ ରୁଟିନ୍ ବଂଧା କାର୍ଯ୍ୟଧାରାର ଏକ ଶାନ୍ତି ପ୍ରକ୍ରିୟାକୁ ? ଏମିତି କେତେ କେତେ ପ୍ରଶ୍ନ ଏବେ ଶାନ୍ତିଦେବୀଙ୍କୁ ଅନ୍ତର୍ମୁଖୀ କରୁଛି । ବିଗତ ତିନିମାସ ଭିତରେ ସେମିତି କିଛି ଘଟିନାହିଁ କେବେ । ମଞ୍ଜୁ ପ୍ରତି ସମସ୍ତଙ୍କର ସହାନୁଭୁତିଶୀଳ ମନୋଭାବ ସମ୍ପର୍କରେ ସେ ନିଶ୍ଚିନ୍ତ । ତିନିମାସ କଥା ଦୂରେ ଥାଉ, ଏଇ କିଛିଦିନ ଭିତରେ ସେମିତି କିଛି ବି ଅଘଟଣ ଯେ ମଞ୍ଜୁକୁ କଷ୍ଟ ଦେଇଛି, ସେ କଥା ବି ନୁହେଁ । କାହିଁକି ଏ ଅସ୍ଥିରତା ? ସ୍ଥାଣୁ ହେଇଯାଉଛି ଶାନ୍ତିଦେବୀଙ୍କ ସମସ୍ତ ଭାବନା । ଚଢେଇ ଡେଣା ରଙ୍ଗର ଛିଟ ଶାଢୀ ପିନ୍ଧି ଉଡିଆସୁନି କାହିଁକି ମଞ୍ଜୁ ? ସେଇମିତି ଛିଡ଼ା ହେଇ ରହିଛି ଗେଟ୍ ପାଖରେ ।

ଶାନ୍ତିଦେବୀଙ୍କ ଏ ବିକଳ ଡାକ କ'ଣ ଶୁଣି ପାରୁନି ମଞ୍ଜୁ । ସେ ସବୁକିଛି ଶୁଣିପାରିଲେ ବି କାହିଁକି ଏ ନୀରବତା । ଯେମିତି କେହି ତା'ର ପଥରୋଧ କରୁଛି । ସେ ଚଳତ୍‌ଶକ୍ତି ହୀନ । ମା' ବୋଲି ଡାକି ଡାକି ଗେଟ୍ ପାଖରୁ ଦାଣ୍ଡ ଦରଜାଯାଏ ମଞ୍ଜୁର ସବୁଦିନିଆ କୋଳାହଳ ନାହିଁ । ସାରା ସଂସାରର କାହାଣୀ ଶୁଣେଇବାର ପ୍ରବଣତା ନାହିଁ । ସେ କାହାଣୀରେ ଚରିତ୍ର ଭାବରେ ଉଦ୍‌ଭାସିତ ହୁଅନ୍ତି ତା' ସ୍ୱାମୀ ରତନ ଓ ଏକମାତ୍ର ସ୍କୁଲ ପଢୁଆ ଦଶ ଏଗାର ବର୍ଷର ପୁଅ । ତା' ବସ୍ତିର ଯାବତୀୟ ଘଟଣା, ନାନାଦି ଦୁର୍ଘଟଣା, ନିରୀହ ମଣିଷଙ୍କର ଖୁସି ବାସିଆ ଦିନଚର୍ଯ୍ୟା, ପର୍ବପର୍ବାଣୀରେ ଯାତ୍ରା ମେଳାର ମଉସବ, ବାସିନ୍ଦାଙ୍କ ସରଳ ବିଶ୍ୱାସକୁ ଲୁଟ୍ କରୁଥିବା ରାଜନୈତିକ ପଶାପାଲି ଖେଳ, କିଛି ଜିତିବା ଓ ହାରିବା ଠାରୁ ପ୍ରେମ ଓ ପ୍ରତାରଣା ଯାଏଁ । ଏକ ନିୟନ୍ତ୍ରିତ ଦୀର୍ଘଶ୍ୱାସକୁ ଆୟତ୍ତ କରି ଦିନ ଗଣୁଥାଏ ମଞ୍ଜୁ । ସେଇ ଛୋଟିଆ ବସ୍ତିଘରର ଝଲଛପର, ମାଟି ପିଣ୍ଡା, ଲଗା ଲଗି ଦୁଇଟି ଛୋଟ ବଖରା, ଚତୁଃପାର୍ଶ୍ୱର ସବୁଜ ଛାୟା, ପୋଖରୀ ଓ କେନାଲ ପାଣିଠୁ ବେଳ ଅବେଳରେ ମିଳୁଥିବା ସରକାରୀ ପିଇବା ପାଣି ଉପରେ ଭରସା କରି

ବଞ୍ଚୁଥିବା ମନ ଓ ଜୀବନ । ଏଇସବୁ ମାୟାଚ୍ଛନ୍ନ ଉପାଦାନ ଭିତରେ ମଞ୍ଜୁ ବି ସମୟେ ସମୟେ ଅଣନିଃଶ୍ୱାସୀ ହେଇ ପଡ଼େ ଜିଦ୍‌ଖୋର ରତନାର ଯାବତୀୟ ଅଳି ଅର୍ଦ୍ଦଳୀ ସହିବାରେ । ଖାଲି ଯାହା ପୁଅ ମୁହଁକୁ ଚାହିଁ ବଞ୍ଚୁଥାଏ ସେ । ସେଇଥି ପାଇଁ ତା'ର ଏ ନିତିଦିନିଆ ଦୌଡ଼, ଏଇ ପାଞ୍ଚ ପରିବାରର ମା'ଙ୍କ ସହ ସମ୍ପର୍କ, ତା' ଓଦାଳିଆ ହସ, ଶୁଖିଲା ପେଟର ତାଡ଼ନା, ସ୍କୁଲ ପଢୁଆ ପୁଅ ପାଇଁ ରକ୍ତକୁ ପାଣି କରି ସେ ଦୌଡୁଥାଏ; ବସ୍ତିରୁ ମା'ଙ୍କ ଘର ଯାଏ ଓ ପୁନଶ୍ଚ ଫେରନ୍ତା ରାସ୍ତାରେ ।

ଆଜି ତୁ ଦି' କୋଶ ବାଟ ଚାଲିକି ଯିବୁନି । ଚାଲ ମୁଁ ତତେ ସାଇକେଲରେ ବସେଇ ଆଜି ମା'ଙ୍କ ଘର ପାଖରେ ଛାଡି ଦେଇ ଆସିବି ।

ଏମିତି କଥାପଦେ ଶୁଣି, ସତକୁ ସତ ଶ୍ୟାମଳ ରଙ୍ଗୀ ମଞ୍ଜୁର ଓଠ କ'ଣରେ ଗୋଲାପି ରଙ୍ଗର ହସ ଟିକେ ଝଲସି ଯାଏ । ସେ ଗୋଟାପଣେ ନଇଁ ପଡ଼େ ରତନାର ଏଇ ଦି' ପଦ କଥାରେ, ଯେଉଁଥିରେ ଭରି ରହିଥାଏ ସତେ ଯେମିତି ଏକ ନିର୍ଣ୍ଣାୟକ ସ୍ୱର । ଏଇ ଟିକେ ଆଶ୍ୱାସନାରେ ହାଲୁକା ଓ ସଂକ୍ଷିପ୍ତ ହୋଇଯାଏ ମଞ୍ଜୁକୁ ମାଡ଼ି ବସିଥିବା ବୋଝ । ସେ ବସିପଡେ ସାଇକେଲ ପଛରେ । ପହଞ୍ଚିଯାଏ ଗନ୍ତବ୍ୟ ସ୍ଥଳରେ । ପାଞ୍ଚ ଘରର ମା'ମାନେ ଚିହ୍ନନ୍ତି ରତନାକୁ । ଭାରି ଗୋଟେ ବିନମ୍ର ଭାବ ତା'ର । ମା'ମାନଙ୍କ ହାତରୁ ବି' ଗ୍ରହଣ କରିଛି ଜଳଖିଆପତ୍ର । ପେଟ ଭରି ଖାଇଛି, ଟି' ପିଇଛି, କିଛି ବାରିଘର କାମରେ ମନଦେଇଛି । ଫେରିଯାଇଛି ମଞ୍ଜୁକୁ ଛାଡି ତା' ନିଜ ଦୈନନ୍ଦିନ ମୂଲମଜୁରୀ କରି ପେଟ ପୋଷିବାକୁ ସାହା ହେଉଥିବା ତା' ପ୍ରତିଶ୍ରୁତିପୂର୍ଣ୍ଣ ଶାଗୁଆ କ୍ଷେତରୁ ଗଢି ଉଠୁଥିବା କୋଠବାଡ଼ି ମୂଲକକୁ ।

ମଞ୍ଜୁ ଫେରେ, ରତନା ଫେରେ, ପୁଅ ଫେରେ । ସବୁ ଆପଦ ବିପଦକୁ ଆଡେଇ ଦେଇ ସେ ବି ଅନୁଭବ କରେ ଏକ ଶାନ୍ତ ଓ ପରିପୂର୍ଣ୍ଣ ଜୀବନ । ବସ୍ତିର ଆଉ କିଛି କାଢୁଆ ଲୋକଙ୍କ କଥାରେ ତିନି ମାସ ହେବ ରତନା ଚାଲିଯାଇଥିଲା ସୁରଟ । ସେଠିବି' ପଇସା ଭଲ ରୋଜଗାର ହେବ । କିଛି ସଞ୍ଚୟ କରିବ । ମଞ୍ଜୁ ମନ ଉଣା କରି ସବୁବେଳେ ଚେତେଇ ଦିଏ - ଠାକୁର ଫଟୋ ଛୁଇଁ ଯାହା କହିଛ, ସେ କଥା ହେଜ କରିବ । ଖରାପ ଅଭ୍ୟାସ ଛାଡିଦେଲେ ନିଜେ ଚଳି ଦି' ପଇସା ରଖିପାରିବ । ମଞ୍ଜୁର ଏଇ ଦୟନୀୟ ଓ ଶରଣାପନ୍ନ ସ୍ୱରକୁ ନିଜର ଅବଲମ୍ବନ ମନେ କରି ରତନା ଗଲା ସୁରଟ ରୋଜଗାର ଆଶାରେ ।

ମଞ୍ଜୁ ବେଶ ଖୁସି । ତା' କାମରେ ଅବହେଳା ନାହିଁ । ସବୁଠୁ ବଡ଼ କଥା ହେଲା, ଏତେ ମାସ ଭିତରେ କୌଣସି ଆଳ ଦେଖେଇ ମଞ୍ଜୁ କେବେ ବି ଅଟକି ଯାଇନି । ବିଚ୍ୟୁତ ହୋଇନି ତା' କାର୍ଯ୍ୟଧାରାରୁ । ମା'ଙ୍କ ଘରେ ଦି' ପାଇଟି କାମ ସରିବା ପରେ ବସିଯାଇଛି ଟିକେ ଗୋଡ଼ ଲମ୍ବେଇ । ରତନା ଭଲ ମଣିଷ ହେଇଯାଇଛି

ସୁରଟରେ ବୋଲି ମା'ମାନଙ୍କ ପାଖରେ ବଖାଣିଛି, ପୁଅ ଭଲ ନମ୍ବର ରଖିଛି ପରୀକ୍ଷାରେ କହି ଲଭିଛି ଆତ୍ମତୃପ୍ତି । ମଞ୍ଜୁ ଖୁସୀରେ ଅଛି, ଭଲରେ ଅଛି, ରତନା ମଣିଷ ହେଇଯାଇଛି, ପୁଅ ଭଲ ପାଠ ପଢୁଛି, ଏ ସବୁଥିରେ ମା'ମାନେ ବି ଢେର ଖୁସୀ । ଗୋଟେ ଅପରିସୀମ ଆନନ୍ଦ; ମଞ୍ଜୁ ଖୁସୀ ରହିଲେ ସେ କେବେ ଅଟକିବନି । ଆମ ପାଞ୍ଚଘରର ପ୍ରତିଟି କାମରେ ମଞ୍ଜୁ ସାହା ହେବ । ତା' ପରି କଣ ଆଉ କେହି ଏତେ ମନ ଲଗେଇ, ଶ୍ରଦ୍ଧା ଢାଳି ଆମ କାମ କରିପାରିବେ ?

ସେଇଥିପାଇଁ ଶାନ୍ତିଦେବୀ ସ୍ୱାମୀଙ୍କୁ କହି ମଞ୍ଜୁ ହାତରେ ଧରେଇଥିଲେ ଗୋଟିଏ ସେଲ ଫୋନ୍ ଓ ଅନ୍ୟ ସମସ୍ତଙ୍କ ଅବଗତ ନିମନ୍ତେ ଜଣେଇଥିଲେ - ଆଉ ଅସୁବିଧା ନାହିଁ । ଏବେ ସୁବିଧା ଅସୁବିଧାରେ ଆମେ ମଞ୍ଜୁ ସହ ଓ ମଞ୍ଜୁ ଆମ ସହ ବେଶ୍ କଥା ହେଇପାରିବ । କଷ୍ଟ ହେଉପଛେ, ମଞ୍ଜୁ ଧୀରେ ଧୀରେ' ଶିଖିଯାଇଥିଲା ସବୁଜଗାର ଓ ନାଲିଗାରର କରାମତି । ଫୋନ୍ ଆସିଲେ ଧରି କଥା ହେଇପାରିବ; ନମ୍ବର ଟିପି ଫୋନ୍ ବି' କରିପାରିବ । ଏଇ କୌଶଳ ଶିଖିବା ବେଳେ ଏକ ଚମତ୍କାର ହସ ହସି ମଞ୍ଜୁ କହିଥିଲା - ମା' ମୁଁ ମୂର୍ଖ ନୁହେଁ । ସପ୍ତମ ଯାଏଁ ପାଠ ପଢିଛି, ଇଂରାଜୀ ଅକ୍ଷର ଓ ସଂଖ୍ୟା ଚିହ୍ନିଛି । ମା'ମାନେ ହସିଥିଲେ - ଏକ ଆମୋଦିତ ଓ କୌତୁହଳପୂର୍ଣ୍ଣ ହସ ।

ଏମିତି ଛଳଛଳ ଭାବନେଇ କର୍ମ ମୁଖର ମଞ୍ଜୁ ଭିତରେ ହଠାତ୍ କାହିଁକି ଏମିତି ପରିବର୍ତ୍ତନ । ଏକଥା ସତ ଯେ, ଆଜିକୁ ଠିକ୍ ମାସେ ତଳେ ଗାଁ, ସହର, ରାଜ୍ୟ ଓ ଦେଶରେ ଅଚାନକ ସୃଷ୍ଟି ହେଇଥିବା ଏକ ଭୟାତୁର ପରିବେଶ ପାଖରେ ବନ୍ଧା ପଡ଼ିଯାଇଛି ସାରା ମଣିଷ ଜୀବନ । ଗୋଟାଏ ବିଶ୍ୱକୁ ହଲଚଲ କରିଦେଇଛି କୋକୁଆ ଭୟ । ସବୁଆଡେ ଘୋଟି ଯାଇଛି ଅଜଣା ଭୂତାଣୁ ସଂକ୍ରମଣର ଜାଲ । ଏ ଜାଲରେ ପଡି ଆକ୍ରାନ୍ତ ହେଇଥିବି । କେତେ କଲବଲ ମଣିଷଙ୍କୁ ସେବା କରିବାରେ ଲାଗିଛନ୍ତି ସରକାରୀ ଓ ବେସରକାରୀ ଯୋଜନାରେ ଗଢି ଉଠିଥିବା ସେବକ ସଂଘ । ରକ୍ତ ନମୁନା ସଂଗ୍ରହ ପରେ ରକ୍ତ ପରୀକ୍ଷାରେ ଧରାପଡୁଛି ଭୟଙ୍କର ଭୂତାଣୁର ସ୍ଥିତି ଓ ତୀବ୍ରତା । ତଥାପି ବିପନ୍ନ ଜୀବନର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଓ ସରକାରୀ ବିଧି ବ୍ୟବସ୍ଥାରେ ମଣିଷ ପ୍ରକୃତିସ୍ଥ ।

ଇଏ ଏକ ବିପର୍ଯ୍ୟୟ; ଯେଉଁଠି ମଣିଷ ମୁହଁରେ ଭିଡ଼ା ହେଇସାରିଛି ତୁଣ୍ଡି, ସମସ୍ତଙ୍କ ମିଳିତ ସ୍ୱର, 'ଜନତା କର୍ଫ୍ୟୁ' । ସତେ ଯେମିତି ସଙ୍କୁଚିତ ହେଇଯାଇଛି ଜୀବନ । ଖଣ୍ଡ ଖଣ୍ଡ ହେଇ ଖସିପଡୁଛି ଦେହରୁ ହୃତ୍‌ପିଣ୍ଡ । ସବୁ ଠିକ୍ ଠାକ୍ ଥିଲେ ବି, ମାଟିକୁ ଡର, ପାଣିକୁ ଡ଼ର, ପବନକୁ ଡ଼ର, ପେଟକୁ ବି ଡ଼ର । ରାସ୍ତାଘାଟ ଶୂନ୍‌ଶାନ୍ । ଯୁଆଡେ ଦୃଷ୍ଟି ଦେଲେ ଅସୀମ ଶୂନ୍ୟତା । ଦୋକାନ ବଜାର ବନ୍ଦ । କେବଳ ମୁଠାଏ ଖାଦ୍ୟ ଯୋଗାଡ଼ ପାଇଁ ଯାହା ସୀମିତ ସମୟର ସରକାରୀ ଅନୁକମ୍ପା ଓ ଖୋଲା ବଜାରର ପରିପାଟୀ । ବାସ୍ ସେତିକି ।

ମଞ୍ଜୁ ହସିଛି ମନ ଖୋଲା । ଘୋଷଣା କରିଛି - ମା'ମାନଙ୍କୁ ହଇରାଣ କରିବନି । ଖୋଲା ରାସ୍ତାରେ ନହେଲା ନାହିଁ, ମୋଡ଼ ଗଳି ରାସ୍ତା ଦେଇ ସେ ଆସି ମା'ମାନଙ୍କ ଘର ପାଇଟି ସାରି ବେଶ୍ ଆରାମରେ ଫେରିଯିବ । ଖଟିଖିଆ ମଣିଷର ଛାତି ଅଲଗା । ତା' ଦେହର ଶକ୍ତି ଭିନ୍ନ । କୋଉ ସଂକ୍ରମଣ ତା' ରକ୍ତକୁ ଛୁଇଁବା ଏତେ ସହଜ ନୁହେଁ । ସେ ନିର୍ଲିପ୍ତ ଭାବନେଇ ସବୁ ବନ୍ଦ ବାନ୍ଦ ପରେ ବି ଆସିଛି ମା'ମାନଙ୍କ ଘରକାମ କରିବାକୁ । ଏଥିରେ ଏକ ପାରମ୍ପରିକ ଭାବ ଦିଆନିଆରେ, ମା'ମାନେ ବି ସାମିଲ ହେଇଛନ୍ତି । ତଥାପି ବେଳ ଗଡୁ ଗଡୁ ଆସିଛି ପରିବର୍ତ୍ତନ । ସଂକ୍ରମଣ ଜନିତ ମୃତ୍ୟୁର ତାଣ୍ଡବ ଯେମିତି ଭୟାବହତା ସୃଷ୍ଟି କରିଚାଲିଛି, ସେଥିରୁ ମୁକ୍ତି କାହିଁ ? ପାରିବାରିକ ଦ୍ୱନ୍ଦ୍ୱ ଚାରିଆଡେ । ମଣିଷ ଦୂରେଇ ରହିବ ମଣିଷ ଠୁଁ, ସିଧା କେହି କାହାକୁ ଚାହିଁବେନି, କଥା ହେବେନି । ଦରକାର ପଡିଲେ ଠାରିକି କହିବେ । ଏଇମିତି କେତେ କେତେ ନିର୍ଦ୍ଦେଶନାମାର ଲମ୍ବା ଇସ୍ତାହାର । ଜୀବନକୁ ଭଲ ପାଉଥିବା ମଣିଷ ଏବେ ବିଚ୍ଛିନ୍ନ ଓ ବିଭକ୍ତ ।

ତଥାପି ପାଞ୍ଚ ପରିବାରର ମା'ମାନଙ୍କ ମନ ମିଶିଥିବାରୁ ସେମାନଙ୍କ ମିଳିତ ଘୋଷଣାନାମାରେ ମଞ୍ଜୁର ପ୍ରବେଶ ଥିଲା ସ୍ୱାଧୀନ ଓ ଚିରାଚରିତ । ତେବେ କେଉଁଠି କି' ପ୍ରକାର ଉତ୍ପୀଡନ ଓ ତୋଡ଼ ଏବେ ନିବୁଜ କରିଦେଲା ମଞ୍ଜୁକୁ ଗୋଟେ ଅଜଣା ପିଞ୍ଜରା ଭିତରେ ? କାହିଁକି ସେ ଗେଟ୍ ଖୋଲି ପ୍ରବେଶ କରୁନି । ଗେଟ୍ ପାଖରୁ ଭିତରକୁ ଆସିବା ପାଇଁ ଏଇ ପ୍ରତିବନ୍ଧକହୀନ ଘରର ଅଗଣା ତା'ର ଅତି ଆପଣାର ହେଇବି କାହିଁକି ମଞ୍ଜୁ ନୀରବ, ନିଃଶ୍ଚଳ ।

ପୁନଶ୍ଚ ଶାନ୍ତି ଦେବୀଙ୍କର କୋମଳ ସ୍ୱର - 'ଆ' ମଞ୍ଜୁ । କ'ଣ ସୁବିଧା ଅସୁବିଧା ଅଛି କଥା ହେବା । ଦେହ ଯଦି ଭଲ ନାହିଁ ନ ଆସିଥାଆନ୍ତୁ । ହେଲେ ଚାରି ଘର କାମ କରିତ ଫେରିଲୁଣି । ଏବେ ମୋ'ଘର କାମ ସାରିଦେଇ ଆଡ଼ବାଟ ଦେଇ ଶୀଘ୍ର ଘରକୁ ଫେରିଯିବୁ । ଦିନରାତି ପୋଲିସ୍ ପେଟ୍ରୋଲିଂ ଚାଲିଛି ।

ଏତିକି ସ୍ନେହ ଓ ଆନ୍ତରିକତାର କଥା କହି ମା' ଆଉ ଦି'ପାଦ ଆଗେଇଗଲେ ଗେଟ୍ ଆଡ଼କୁ । ଟିକେ ପଛକୁ ଘୁଞ୍ଚିଗଲା ମଞ୍ଜୁ । ତା' ଆଖି ଓ ମୁହଁର ରଙ୍ଗ ଫିକା ଲାଗୁଥିଲା । ଦେହର ଭାଷା ବଦଳି ଯାଇଥିଲା । ନିଜ ଭିତରେ ସେ ଗୋଟେ ଖୋଲା ମେଲା ଆକାଶରେ ଚଢେଇ ଉଡାଣକୁ ଅନୁଭବ କରୁଥିଲେ ବି, ଚତୁପାର୍ଶ୍ୱର ରାସ୍ତାଘାଟରେ ଥିଲା ଏକ ମୁମୂର୍ଷୁ କାନ୍ଦକାନ୍ଦ ଭାବ ।

ମା'ଙ୍କର ଏତେ ଅନୁନୟ ଭାବ ଓ ପ୍ରୀତିଭରା ଆମନ୍ତ୍ରଣ ପ୍ରତି ମଞ୍ଜୁ ଥିଲା ନିରୁଦ୍‌ବିଗ୍ନ । ମା'ଙ୍କ ସହ ଗୋଟେ ବୁଝାମଣାର ମୁହୂର୍ତ୍ତ ନ'ଆସିବା ଯାଏ ସେ ଛିଡ଼ା ହେଇ ରହିବ ଗେଟ୍ ପାଖରେ । ଅବଶ୍ୟ ତା' ପରେ ଅନୁଭବ କରିବ ମୁକ୍ତ ପ୍ରକ୍ରିୟା ।

ଧୀରେ ଧୀରେ ଆଡ଼ବାଟ ଦେଇ ଫେରିବ ତା' ଘରକୁ ।

ବାଲିଗଦା ଉପରେ କୁଦିକୁଦି ଡେଉଁଥିଲା ପିଲାଟି ପରି ମଞ୍ଜୁର ପାଠ ପଢୁଆ ପୁଅ ଏଇ କିଛିଦିନ ତଳେ ସ୍କୁଲ୍ ବ୍ୟାଗ କାନ୍ଧରେ ପକେଇ ଦୌଡ଼ି ଦୌଡ଼ି ଘର ଭିତରକୁ ପଶି ଆସି କହିଲା- ମା' କାଲି ଠାରୁ ଦୋକାନ ବଜାର, ଗାଡି, ମଟର, ସ୍କୁଲ, କଲେଜ ସବୁ ବନ୍ଦ । କେହିବି ପଦାକୁ ବାହାରିବେନି । କି ଧନୀ କି ଗରିବ ଦିନରାତି ବାହାର ଦରଜା ବନ୍ଦ କରି ଘର ଭିତରେ ରହିବେ । ଏବେ ଧନୀ ଗରିବ ସବୁ ସମାନ । ମଞ୍ଜୁ ପଚାରିଥିଲା - କାହିଁକି ରେ ବାବା ?

ନୂଆ ନୂଆ ଶିକ୍ଷା ଓ ସଭ୍ୟତାର ପାଣି ପବନରେ ଏ ଦୁନିଆ ଓ ଜୀବନକୁ ଚିହ୍ନୁଥିବା ତା' ଛୋଟ ପୁଅ କହିଲା - ଗୋଟେ ଅଜଣା ଭୂତାଣୁ ପାଇଁ ମା' ଏସବୁ ବନ୍ଦ । 'କରୋନା' ଭୂତାଣୁରେ ବହୁ ଲୋକ ମରିଗଲେଣି । ଏ ଭୂତାଣୁ ଚାରିଆଡ଼େ ମାଡି ଯାଉଛି ସାରା ପୃଥିବୀରେ । ଗୋଟାଏ ଅଜଣା ଭୂତାଣୁର ନାଁ ଶୁଣି ମଞ୍ଜୁ ଚମକି ଥିଲେ ବି, ଆଦୌ ବିଚଳିତ ନଥିଲା । ଅବଶ୍ୟ ରତନାର ମୁହଁଟି ତା' ଆଖି ଆଗରେ ଉଦ୍‌ଭାସିତ ହେଲା । ବସ୍ତି ଲୋକଙ୍କ ଭିତରେ କେତେ କଥା ଆଲୋଚନା । ଚାରିଆଡେ କାମ ବନ୍ଦ, କମ୍ପାନୀ ବନ୍ଦ । ଯିଏ ଯୁଆଡେ ଯାଇଥିଲେ ଫେରୁଛନ୍ତି ଘରମୁହାଁ । କଥାଟା ଶୁଣି ଶଙ୍କିଗଲା ମଞ୍ଜୁ, ଛଳଛଳ ହେଇଗଲା ଆଖି । ତା' ହେଲେ ରତନା ବି ଫେରିବ । ହଁ ଫେରିଆସୁ । ତା' ପରିବାରରେ ବିଚ୍ଛିନ୍ନତା ନ ଆସୁ । ଖଟିଖିଆ ମଣିଷର ଛାତି ଅଲଗା, ଦମ୍ ଅଲଗା । କୋଉ କରୋନା ବି' ପଶିବାକୁ ବାଟ ପାଇବନି । ରତନା ଫେରିଆସୁ । ପେଟ ପୋଷିବାକୁ କାମ ଅଭାବ ରହିବନି । ମା' ଦେଇଥିବା ମୋବାଇଲ ଫୋନ୍‌ଟିକୁ ଆଣି ସବୁଜ ଗାରଟିକୁ ଭରସା କରି ଲଗେଇ ଦେଇଥିଲା ଫୋନ୍ ରତନାକୁ । ବିଭୋର ହେଲା । ହାଲୁକା ଲାଗିଲା ମନ, ରତନା ଫେରି ଆସୁଛି । ମଞ୍ଜୁ ବେଶ୍ ଛଳଛଳ । ପୁଅର କଥାଶୁଣି ତାକୁ କୋଳେଇ ନେଇ ସେଦିନ ବନ୍ଦ କରି ଦେଇଥିଲା ସେ ଘରର ଦରଜା ।

ଚାରି ଘରର ମା'ଙ୍କ କାମ ସାରି ଫେରିଥିବା ମଞ୍ଜୁ ଅଟକିଛି ସେଇଠି, ସେଇ ଗେଟ୍‌କୁ ଲାଗି । ଏଠି ହେଇ ନପାରିଲେ ଆଉ ଯେଉଁଠି ହେଉ କୋଠା ବାଡ଼ି କାମ ମିଳିଗଲେ ବି' ପେଟ ଅପୋଷା ରହିବନି । ଲୁଚି ଛପି ଚାରିଆଡେ କାମ ଚାଲିଛି । ସେଥିରେ ସେ ସାମିଲ୍ ହେବ । ରତନା ସାମିଲ୍ ହେବ । ବାଲିଗଦା ଉପରେ ଡେଉଁଥିବା ପିଲାଟି ଭିତରେ ତା' ପୁଅର ମା' ଡାକ ତାକୁ ଶୁଭୁଥିଲା । ଆଉ କେତେବେଳେ ଏମିତି ଗଡିବ । ମା'ଙ୍କ ସହ କିଛି ଅଳ୍ପ କେଇପଦ କଥା ପରେ ସେ ବୁଲିପଡିବ ଫେରନ୍ତା ରାସ୍ତାକୁ । ସେ ଫେରିଯିବ ଘରକୁ । ହେଇପାରେ ଗୋଟେ ନୂଆ ଜୀବନକୁ, ଯେଉଁଠି କୋଉ ରୋଗ, କୋଉ କରୋନା ସାହସ କରିବନି ପାଖ ମାଡିବାକୁ ।

କାଲି ଓ ଆଜିର ବିଚାରଧାରାରେ ଆସିଛି ପରିବର୍ତ୍ତନ । ବହୁ ଦିକସିକରେ,

ଗାଡିମଟର ଚାଲୁ ନଥିଲେବି ରତନା ଫେରିଆସିଛି । ଚାରିଦିନ ତଳେ ସୁରଟରୁ । ଏ ଛକ ସେ ଛକକୁ ଟପି ଆସିଛି ତା' ଘରକୁ । ସରକାରୀ ବିଜ୍ଞର ଓ ବିଧି ବ୍ୟବସ୍ଥାକୁ ସାମ୍ନା କରି ଘରେ ପହଞ୍ଚିଛି ଚରିଦିନ ତଳେ । ରତନା ସୁରଟ ଫେରନ୍ତା ହେଲେବି, ସେ କରୋନା ମୁକ୍ତ । ସେ ସୁସ୍ଥ ଓ ଚଳଚଞ୍ଚଳ । ଏ କଥା ଶୁଣି ମଞ୍ଜୁର ଦମ୍ ବଢିଛି । ଆଖି ଆଗରେ ସେଇ ସଫାସୁନ୍ଦର ଆଡ ରାସ୍ତାଦେଇ ଆସିଛି ତା' କାମକୁ ଓ ସାଧାରଣ ଦିନଚର୍ଯ୍ୟାକୁ । ଏ ସବୁ ମା'ମାନଙ୍କୁ ସୂଚନା ଦେଇ ମଞ୍ଜୁ ଥିଲା ନିରୁଦ୍‌ବିଗ୍ନ । ମା'ମାନଙ୍କ ମନ କିନ୍ତୁ ଭାରାକ୍ରାନ୍ତ ।

ଆଜି ସାଇକେଲ୍‌ରେ ବସେଇ ରତନା ମଞ୍ଜୁକୁ ଧରି ପହଞ୍ଚିଲା ମା'ଙ୍କ ଘର ପାଖରେ । ହଠାତ୍ ଯେମିତି ଖେଳିଗଲା ଗୋଟେ କଳା ଧୂଆଁ । ପାଖାପାଖି ସଂଯୋଜିତ ଚାରି ମା' ଏକାଠି ହେଇ ଚାହିଁ ରହିଲେ ଗୋଟେ ଅଚିହ୍ନା ମଣିଷକୁ । ରତନା ସେଠି ଘୂରି ବୁଲୁଥିଲା ଏପଟ ସେପଟ ହେଇ । ପାଚେରୀକୁ ଲାଗି ଅନାବନା ଘାସଲଟାର ସବୁଜିମାରେ ଯେଉଁ ଜୀବନ ଅଛି, ଯେଉଁ ଶକ୍ତି ଅଛି, ସେ ଶକ୍ତି ଚିରନ୍ତନ । ଚାରି ଘରର ମା'ଙ୍କ ଭିତରେ ଚାଲିଛି କିଛି ଆଲୋଚନା, ଲାଗି ରହିଛି ବ୍ୟସ୍ତତା । ଏମିତ ଏକ ଅସ୍ୱାଭାବିକ ଆଚରଣ ସକାଳ ସୂର୍ଯ୍ୟାଲୋକର ଆଲୋକ ଶକ୍ତିକୁ ଅତିକ୍ରମ କରୁଥିଲା ଓ ମା'ମାନଙ୍କ ମନକୁ ରୁନ୍ଧି ପକଉଥିଲା କରୋନାର କଳାଧୂଆଁ ପରି । ତା' ବିଷ ଜ୍ୱାଳାରେ ପୋଡି ଉଠୁଥିଲା ଆଖି । ଯୋର କରି ବନ୍ଧା ହେଇ ଥିଲା ତୁଣ୍ଡି ପାଟି ଓ ନାକକୁ ନିବୁଜ୍ କରି । ଚାରିଦିଗକୁ ଆଚ୍ଛନ୍ନ କରିଥିବା ଏ ଧୂଆଁରେ ଭରି ରହିଛି ସନ୍ଦେହ ଓ କରୋନାର ଷ୍ଟ୍ରେନ୍ । ଚାରିଘରର ମା'ଙ୍କ ଆଖି ଆଗରେ ସେ ଧୂଆଁରେ ବଦଳି ଯାଉଛି ମଣିଷର ଚିତ୍ର । ସ୍ନେହରେ ବଞ୍ଚୁଥିବା ଦି'ଟା ମଣିଷ ମଞ୍ଜୁ ଓ ରତନାର ମା'ମାନଙ୍କ ଘର ଭିତରକୁ ପ୍ରବେଶ ନିଷେଧର ଘୋଷଣାନାମା । ମା'ମାନଙ୍କ ଶେଷ ନିଷ୍ପତ୍ତି ।

ଆମେ ଖବର ନ ଦେବା ଯାଏଁ, ତୁ ଆଉ କାମ କରିବାକୁ ଆସିବୁନି ମଞ୍ଜୁ । ରତନା ଫେରିଛି ସୁରଟରୁ । ତୁ ସିନା କହୁଥିଲୁ । ରତନା କରୋନା ମୁକ୍ତ । ଆମକୁ ଗ୍ରାସ କରିଥିବା ଏ କଳାଧୂଆଁର ସନ୍ଦେହରୁ ଆମେ ଯେ' ମୁକ୍ତ ହେଇପାରୁନୁ । ଆମେ ନ କହିବା ଯାଏଁ, ଏ ଧୂଆଁ ନ କମିବା ଯାଏ ତୁ ଆସିବୁନି ମଞ୍ଜୁ । ସେ ସମୟ ଆସିଲେ ଆମେ ତତେ ଖବର ଦେବୁ ।

ଆଉ ସମ୍ଭବ ନୁହେଁ । ଆଉ କେତେବେଳ ପାଇଁ ଏମିତି ଅପେକ୍ଷା ଓ ଅଭ୍ୟର୍ଥନା ? ଗେଟ୍ ପାଖକୁ ଆଉ ଦି' ପାଦ ଆଗେଇ ଯାଇ ଶାନ୍ତିଦେବୀ ନିକଟତର ହେଉଥିଲେ ମଞ୍ଜୁର । ସତେ ଯେମିତି ସେ ହାତ ବଢ଼େଇ କୋଳେଇ ନେବେ ମଞ୍ଜୁକୁ, ଆପଣେଇ ନେବେ ତା' ଉଦାସ ଭାବକୁ । ଆଶ୍ଚର୍ଯ୍ୟ ହେଉଥିଲା ମଞ୍ଜୁ । ସାରା ରାଇଜରେ ମାଡ଼ିଯାଇଥିବା ବିଚ୍ଛିନ୍ନତାର କଳାଧୂଆଁ ଭିତରେ ବି' କେମିତି ବାଦ୍ ପଡିଛନ୍ତି ଶାନ୍ତି ମା' । ହୁଏତ ତାଙ୍କ ପାଖରେ ପହଞ୍ଚିନି ଚରି ଘରର ମା'ଙ୍କ ଏ ମିଳିତ ଘୋଷଣାନାମା ।

ଦି' ପାଦ ଘୁଞ୍ଚିଗଲା ମଞ୍ଜୁ । ଘୋଡେଇ ପକେଇଲା ମୁହଁକୁ ତା' ମଳିଚିଆ ଲୁଗା କାନିରେ । ପୋଛି ପକେଇଲା ଓଦା ଆଖିକୁ । ତା' ମସ୍ତିଷ୍କରେ ଯେମିତି କରୋନା ଭୂତାଣୁମାନେ ଘୂରିବୁଲୁଥିଲେ ଓ ତଣ୍ଟିରୁ ଫୁସ୍ ଫୁସ୍ ଆଡ଼କୁ ମାଡ଼ି ଚାଲୁଥିଲେ । ନିଃଶ୍ୱାସର ଗତି ସ୍ୱାଭାବିକ ଥିଲେ ବି' ତାକୁ ଅଣନିଃଶ୍ୱାସୀ ଲାଗୁଥିଲା । ଛାତିର ସ୍ପନ୍ଦନ ସୁସ୍ଥ ଥିଲେ ବି ତା' ଅନୁଭବରେ ଯେମିତି ଅସ୍ଥିର ହେଉଥିଲା ହୃତ୍‌ପିଣ୍ଡ । ଭୂତାଣୁମୁକ୍ତ ମଞ୍ଜୁର ମନ, ଶରୀର, ଆସ୍ଥା ଓ ବିଶ୍ୱାସ କିନ୍ତୁ ହାରିଯାଉଥିଲା । କଳାଧୂଆଁର ଗୁମ୍ଫା ଭିତରେ । ନିଜକୁ ପ୍ରକୃତିସ୍ଥ କରିଲା ମଞ୍ଜୁ ।

ଟିକେ ମୁଣ୍ଡ ବଙ୍କେଇ ମା'ଙ୍କୁ ଚାହିଁଲା । ବାଁ ହାତ ପାପୁଲିରେ ଘୋଡେଇ ଧରିଲା ପାଟି ଓ ନାକକୁ । ମୁହଁ ତଳକୁ କରି ଏତିକି କହୁଥିଲା - ମା' ! ମୁଁ ଆଉ କାମ କରିବାକୁ ଆସିବିନି । ଚାରିଘରର କାମ କରିବାକୁ ଯାଇଥିଲି ଯେ, ସେମାନେ ମୋ' ଆସିବା ବନ୍ଦ କରିଦେଲେ । କାମ କରିବାକୁ ମନା କରିଦେଲେ । ଆମେ ବସ୍ତିଲୋକ । ନାନା ଆଡୁ ନାନା ଲୋକ ବସ୍ତିକୁ ଫେରୁଛନ୍ତି । ରତନା ବି ଫେରିଛି ସୁରଟରୁ । ଯୋର୍ ଦେଇ ମତେ କରୋନା ଧରିଛି ବୋଲି ଭାବି, ବନ୍ଦ କରିଦେଲେ ମୋ' କାମ । ଲାଗିଲା ଯେମିତି ଦୂରଦୂର ମାର୍‌ମାର୍ କରୁଛନ୍ତି । ଖାଲିତମ ଘର ପାଇଁ ଆସିଲେ ବି ତମେ ଓ ବାବୁ ବିପଦରେ ପଡିବ । ମତେ ମୁକ୍ତିଦିଅ ମା' । ମୁକ୍ତି ଦିଅ । ମଞ୍ଜୁର ଦୁଇଟି ସୁସ୍ଥ ଓ ଶାନ୍ତ ଆଖିରୁ ଝରି ପଡିଲା ଲୁହ । ବାକ୍ ଶକ୍ତିହୀନ ମଞ୍ଜୁ ଫେରିଲା ଘର ମୁହାଁ ସେଇ ଆଡ ରାସ୍ତାରେ ।

ଶାନ୍ତିଦେବୀ ଚାହିଁ ରହିଲେ ଗେଟ୍ ପାଖରୁ ତା' ଯିବା ବାଟକୁ । ରତନା ସୁରଟରୁ ଫେରିଲେ ବି ସେ ସୁସ୍ଥ ଓ ଚଳଚଞ୍ଚଳ । ଇଏ କେମିତି କଥା ? ମଞ୍ଜୁ ଯେ କରୋନା ଦ୍ୱାରା ଆକ୍ରାନ୍ତ ଏମିତି ଏକ ନିଷ୍ପତ୍ତି ପଛରେ ରହିଥିବ ସେଇ ସୁରଟ ଫେରନ୍ତା ରତନା । ସବୁ ପରୀକ୍ଷା ନିରୀକ୍ଷାରୁ ସୁସ୍ଥତାର ପ୍ରମାଣପତ୍ର ଥାଇବି ବିଶ୍ୱଗ୍ରାସୀ ଗୋଟେ କଳାଧୂଆଁର ଆବହାୱାରେ ବିଭ୍ରାନ୍ତ ହେଇପଡିଛି ମଣିଷର ଜୀବନ ପ୍ରତି ରହିଥିବା ଅପ୍ରତିହତ ସନ୍ଦେହର ଦାରୁଣ ଚେତାବନୀ । ସେଥିପାଇଁ ଏ ଘୋଷଣା ଅନ୍ୟମାନଙ୍କର । ଏବେ କାହା ସହ ସାମିଲ ହେବେ ଶାନ୍ତିଦେବୀ ? ଏହା ଏକ ପ୍ରଶ୍ନ ।

କଥାଟି ସତ । ଏ ଘୋଷଣା, ଏ ନିଷ୍ପତ୍ତି ପରେ ମଣିଷ ଭୂତ ଦେଖି ଡରିବା ପରି ଆତଙ୍କର କଳାଛାୟା ମଞ୍ଜୁକୁ ଆକ୍ରାମାକ୍ରା କରୁଥିଲା । ତାକୁ ଯୋରକରି ଧରି ପକେଇ ଆକ୍ରାନ୍ତ କରିଛି କି କରୋନା ? କପାଳରୁ ପାଦଯାଏ ଚଳନ ପ୍ରକ୍ରିୟା ଠିକ୍ ଲାଗୁଥିଲେ ବି ମା'ମାନଙ୍କ ନିଷ୍ପତ୍ତି କଣ୍ଟାର ଆଘାତ ପରି ତାକୁ କଷ୍ଟ ଦେଉଥିଲା । ନିଜର ସ୍ଥିତି ଉପରେ କା'ର ଆଘାତ ପରି ତାକୁ କଷ୍ଟ ଦେଉଥିଲା । ନିଜର ସ୍ଥିତି ଉପରେ ତା'ର ସନ୍ଦେହ ଆସୁଥିଲା । ସେଦିନ ସେ ଥ' କରି ବସି ପଡିଲା ତା'ଘରର ଚଟାଣରେ ।

ଏହା ଭିତରେ ବିତିଯାଇଛି ବର୍ଷଟିଏ । ଖୋଲିଲାଣି ଦୋକାନ ବଜାର । ଧୀରେ ଧୀରେ ଗଡିଲାଣି ଗାଡି । ଆରମ୍ଭ ହେଲାବି ମଣିଷର ଦୌଡ଼ । ମଞ୍ଜୁର ସଂସାର ବେଶ୍ ପୂର୍ଣ୍ଣ ଥିଲା । କେବେବି ଅଟକି ଯାଇନି ତା' ନିଃଶ୍ୱାସ, ଯନ୍ତ୍ରଣା ହେଇନି ଛାତିରେ । ରତନା ଭଲ ମଣିଷ ହେଇଯାଇଛି ତା' ସୁସ୍ଥ ଶରୀରକୁ ନେଇ । ପୁଅ ଲାଗିଛି ତା' ପାଠପଢାରେ । ତା' ମାଟି ଅଗଣାର ସଜନା ପତ୍ରକୁ ଛୁଇଁ ବହି ଆସୁଥିବା ଧୀର ପବନରେ ଉଡୁଛି ମଞ୍ଜୁର ଚଢେଇ ଡେଣା ରଙ୍ଗର ଚିତ୍ରିତ ଶାଢୀ । ତା'ଘର ଯାଏଁ ଆସିନି କଳାଧୂଆଁର ଦୁର୍ଗନ୍ଧ । ବରଂ ଭରି ରହିଛି ତା' ଘର ପବନରେ ଫୁଲର ସୁଗନ୍ଧ । ଚାରିଘରର ମା' ଶାନ୍ତିଦେବୀଙ୍କ ସହ ବସି ନେଲେ ଦ୍ୱିତୀୟ ନିଷ୍ପତ୍ତି ।

ମଞ୍ଜୁ ପାଖକୁ ଫୋନ୍ କଲଟିଏ । ଘର କାମରେ ଯୋଗ ଦେଇ ପୂର୍ବ ପରି କାମ ଆରମ୍ଭ କରିବାକୁ ନିବେଦନ । ସବୁଜ ରଙ୍ଗ ଉପରେ ମଞ୍ଜୁର ଟିପ । ଲାଗିଲା ଫୋନ୍ । ଶୁଭିଲା ମା'ଙ୍କ କଥା । - ଆ' ମଞ୍ଜୁ । ଏବେ ସବୁକିଛି ଠିକ୍ ଚାଲିଛି । ସ୍ୱାଭାବିକତା ଫେରିଛି । କାମକୁ ଆ' । ଆମେ ସବୁ ତୋ' ଅପେକ୍ଷାରେ ।

ବିନା ଆକ୍ରାନ୍ତରେ ଦରଜ ଲାଗୁଥିବା ତା' ଛାତିରୁ କୋହ ଉଠୁଥିଲା । ଏବେ ମଞ୍ଜୁର ଉତ୍ତର ଥିଲା ମଣିଷ ପ୍ରତି ନୁହେଁ, ବରଂ ବଦଳିଯାଇଥିବା ସମୟର ଶୂନ୍ୟତାରେ କଳାଧୂଆଁ ଆଚ୍ଛନ୍ନ ସଂଶୟ ଓ ସନ୍ଦେହ ପ୍ରତି । ତା' ଅଭିମାନର ସ୍ୱରରେ ଶୁଭୁଥିଲା ଜନତାକର୍ଫ୍ୟୁର ଘୋଷଣା ।

ମା' ତୁମ ଘରକୁ ଚଢେଇ ପରି ଉଡିଯାଉଥିବା ମଞ୍ଜୁର ଡେଣା କଟିଯାଇଛି । ଦିନେ ତୁମ ଘରକୁ ଅନ୍ଧାର କରିଦେଇଥିବା କଳାଧୂଆଁର ସନ୍ଦେହ ମତେ ଗ୍ରାସ କରିଛି । ଜାଣିପାରୁନି ମତେ ଯୋର୍ ଜବରଦସ୍ତ ଆକ୍ରାନ୍ତ କରି ଭିଡି ଧରିଥିବା ଅଜଣା ଭୂତାଣୁ କରୋନା ମୋ ଦେହରୁ ବାହାରିଲାଣି କି ନାହିଁ । ଜାଣିନି କେଉଁଦିନ ଏ ସନ୍ଦେହ ମୋର ଦୂର ହେବ ? ସତ କହୁଛି ମା', ଯେଉଁଦିନ ମୋ ଦେହରୁ କରୋନା ଭୂତାଣୁ ବାହାରି ଚାଲିଯିବ ବହୁତ ଦୂରକୁ; ମୁଁ ପୁଣି ଯାଇ କାମରେ ହାଜିରା ଦେବି । ଏବେବି ମୋ ପାଇଁ ମୁକ୍ତ ନୁହେଁ ଆଡ ରାସ୍ତାର ବାଡ଼ । କଥାସରିଲା, ନିଜର ଛୋଟ ମୋବାଇଲ୍ ଫୋନ୍‌ଟିକୁ ଶାଢୀ କାନିରେ ପୋଛି ପାଛି ରଖିଦେଲା ମଞ୍ଜୁ । ବାହାର ଅଗଣାରୁ ଚାହିଁ ରହିଲା ସାରା ବସ୍ତିର ଚିତ୍ରକୁ । ସବୁ କିଛି ତା' ଆଖିରେ ସୁସ୍ଥ ଓ ସୁନ୍ଦର । ସନ୍ଧ୍ୟା ନଇଁ ଆସୁଥିଲା । ଆକାଶରେ ଉଇଁ ଆସୁଥିଲା ଜହ୍ନ । ସବୁଦିନ ପରି ଅନୁଭବ କଲା; ତା' ସଂସାର ସୁନ୍ଦର ତା' ଜୀବନ ସୁନ୍ଦର ।

ମନ ବୁଝୁନଥିଲା ଶାନ୍ତିଦେବୀଙ୍କର । ସବୁ ସକାଳେ ଖୋଲି ଯାଉଥିବା ତାଙ୍କ ଦରଜା ପାଖରୁ କମନୀୟ ଓ ସ୍ୱର୍ଶକାତର ଦୃଷ୍ଟିରେ ସେ ଚାହିଁ ରହୁଥିଲେ ମଞ୍ଜୁର ଫେରନ୍ତା ବାଟକୁ ।

ଭାରତ ଭିଲ୍ଲା, ହଂସପାଳ, ଭୁବନେଶ୍ୱର

❐

କ୍ରୀତଦାସ



ମନୋଜ କୁମାର ମହାପାତ୍ର

“ବୁଦ୍ଧିଆ କହିଲା - ମଉସା, ଏଇ କେତେଦିନ ହେଲା ତମକୁ ଗୋଟିଏ କଥା ପଚାରିବାକୁ ଭାବୁଥିଲି । କଥାଟା କଣ କି ଆମ ରାଜ୍ୟରେ ଯାହାସବୁ ଏଇନେ ରାଜନୀତି ଚାଲିଛି ସେସବୁ ଟିଭି ଓ ଖବରକାଗଜରୁ ଜାଣି ଭାବୁଛି ଯେ ସତରେ ତୁମ ଅଭିଶାପ ଫଳିଲା । ଅବଶ୍ୟ ତୁମେ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ସମୟରେ ଡିସ୍‌ମିସ୍ ହେଇଥିଲ, ସେ ଏବେ ନାହାନ୍ତି । ଆଉ ଜଣେ ଅଛନ୍ତି ।”

ରିଟାୟରମେଣ୍ଟର ବହୁବର୍ଷ ପୂର୍ବରୁ ସରକାରୀ ଚାକିରିରୁ ବହିଷ୍କୃତ ହେଇଥିବା ଉପ-ଶାସନ ସଚିବ କଦମ୍ବ ପାଇକରାୟ ଏବେ ସତୁରି ବର୍ଷର ବୁଢ଼ା, ପେନ୍‌ସନ ଏ ପର୍ଯ୍ୟନ୍ତ ମିଳିଲାନି, କେସ୍ ପଡିଛି ସୁପ୍ରିମ୍‌କୋର୍ଟରେ ଅନ୍ତିମ ରାୟ ଅପେକ୍ଷାରେ । କୋର୍ଟର ରାୟ ଆଜି ନୁହେଁ ତ କାଲି ଆସିବ ସେଥିପାଇଁ ତାଙ୍କର ପରବାୟ ନାହିଁ । ବିଚରା ଯଦି ବି କେସରେ ଜିତନ୍ତି ତେବେ ପେନ୍‌ସନ କେଉଁ କାମରେ ଆସିବ ? ପୁଅ ଅଛି ନା ଝିଅ ନା ସ୍ତ୍ରୀ । ଡେଙ୍ଗା ତାଳଗଛ ଭଳି ସେ ଖାଲି ବିଲ ମଝିରେ ଠିଆ । ଊର୍ଦ୍ଧ୍ୱରେ ଅସୀମ ଆକାଶ, ଦୁଇ ପାଖରେ ଦିଗନ୍ତ ବିସ୍ତାରୀ କିଆରି ପରେ କିଆରି । ଆଉ ତଳେ ମାଟି । ଆକାଶରୁ ଖସୁଥିବା ଯେତିକି ଘଡଘଡି ଚଡ଼ଚଡ଼ି କେବଳ ତାଙ୍କ ଉପରେ ଦାଉ ସାଜେ । ସେ ବିତୃଷ୍ଣା ହେଇ ବେଳେବେଳେ କହି ପକାନ୍ତି - ଶଃ... କି ଜୀବନଟା ମୋର ହୋ, ଏମିତି ହେଲା ଯେ ନା ଏ କୂଳକୁ ହେଲି ନା ସେ କୂଳକୁ ।

ସତରେ କଦମ୍ବବାବୁଙ୍କ ନୈରାଶ୍ୟ ଜନିତ ଦୁଃଖ କେମିତି ତାଙ୍କୁ ପ୍ରତି ମୁହୂର୍ତ୍ତର ସ୍ପନ୍ଦନରେ ନିଆଁ ଲଗାଇ ଦିଏ ତାହା ଅନ୍ୟମାନେ ବୁଝି ପାରିବେନି । କେବଳ ବୁଝିପାରିବେ ପିତାମହ ଭୀଷ୍ମମାନେ । ନା ତାଙ୍କୁ କୌରବ ବୁଝିଲେ ନା ପାଣ୍ଡବ । ନିଜ ପ୍ରତିଜ୍ଞାର ଖୁଣ୍ଟରେ ନିଜକୁ ବାନ୍ଧି ଜୀବନଯାକ ଅବସୋସ ନିଆଁରେ ଦହଗଞ୍ଜ ହେଲେ । ବିଚରା କଣ୍ଢେଇ କୋଳି ବୁଦାରେ ପଡ଼ି ଖାଲି ଛଟପଟ । ସେମିତି ଶର ଶଯ୍ୟାରେ ଶୋଇ ଭୀଷ୍ମ ଦେଖି ନ ଥିଲେ କି କୁଳନାଶ ?

କଦମ୍ବବାବୁଙ୍କୁ ତ ଉଭୟ ସରକାରୀ ଓ ବିପକ୍ଷ ଦଳର କୌରବ ଓ ପାଣ୍ଡବମାନେ ପରାମର୍ଶ ଦେଇଥିଲେ ନିଃସର୍ତ୍ତ କ୍ଷମା ମାଗିବାକୁ, ମାଗି ଦେଇଥିଲେ ସେମାନେ ଖୁସି ହେଇ କହିଥାନ୍ତେ, ଦେଖ ହୋ ଗଣତନ୍ତର କିପରି ବିଜୟ ହେଲା । ତାଙ୍କର ବିଜୟ ହେଉ ନ ପଛେ ଅନ୍ତତଃପକ୍ଷେ ଚାକିରିଟା ତ ରହି ଯାଇଥାନ୍ତା ! ଏଭଳି 'ସାପ ମରିବନି କି ବାଡ଼ି ଭାଙ୍ଗିବନି' ପରାମର୍ଶ ଦ୍ୱାରା ପ୍ରଭାବିତ ହେବା ତ ଦୂରର କଥା ସେ କିନ୍ତୁ ନିଜ ଆଦର୍ଶରେ ଅଟକି ଗଲେ ଏବଂ ଭୀଷ୍ମଙ୍କ ଭଳି ଜୀବନଯାକ ନିରସ୍ତ୍ର ରହିବାର ବାଟ ବାଛିନେଲେ । ସେଥିପାଇଁ ତ ସହକର୍ମୀ ପ୍ରଶାସନିକ ଅଫିସର୍‌ମାନେ ମୁହଁ ଫୁଲେଇ ବା ଚିଗୁଲେଇ ତାଙ୍କୁ କହନ୍ତି - ତମେ କେବଳ ଭାବୁଛ ନିଜକୁ ସଚ୍ଚୋଟ, ଆଉ ଆମେ ସବୁ ନିର୍ବୋଧ ଓ ଖୋସାମତିଆ । ବୁଝିଲ କଦମ୍ବବାବୁ, ଅହଂକାର ଛାଡ଼ ନଚେତ ଜୀବନଯାକ ଭୋଗିବ । ଜାଣିନକି ଇୟେ ପରା ଗଣତନ୍ତ । ଏଭଳି ପରାମର୍ଶ ଶୁଣି କଦମ୍ବବାବୁ ମୁରୁକେଇ ହସନ୍ତି । କେବଳ ସେତିକି ନୁହେଁ,ଚାକିରିରୁ ବହିଷ୍କୃତ ହେବାପରେ ଖୋଦ ବାପା ବି ବିରକ୍ତି ପ୍ରକାଶ କରି କହିଥିଲେ - ଆରେ କଦମ୍ବ, ତୁ ଜାଣି ନାହୁଁ କି ଭଗବାନ ବି ଗଧପାଦ ଧରିଥିଲେ । ତୁ କିଏ କି ? ରାଜନୀତିଆ ଲୋକଙ୍କ ପାଖରେ ଟିକିଏ ନଇଁ ପଡିଥିଲେ,ସେମାନେ ତତେ କ୍ଷମା କରିଥାନ୍ତେ । ସରକାରୀ ବିଜ୍ଞପ୍ତିଟାକୁ ମାନି ନେଇଥିଲେ କ'ଣ ପ୍ରଣବ ଅଶୁଦ୍ଧ ହେଇଯାଇଥାନ୍ତା !

ଆଉ କେତେଜଣ ବନ୍ଧୁଙ୍କ ପାଖରୁ ଅନାହୂତ ଭାବରେ ଶୁଣନ୍ତି ଯେ ପାଣିରେ ଘର କରି ପୁଣି କୁମ୍ଭୀର ସାଙ୍ଗରେ କଳି ! କଦମ୍ବବାବୁଙ୍କର ଯୁକ୍ତି କିନ୍ତୁ ଅଲଗା, ସେ କହନ୍ତି ଯେ ଲୋକ ପ୍ରତିନିଧିମାନଙ୍କୁ ସରକାରୀ ଅଫିସର୍‌ମାନେ ଯଥାମାନ୍ୟ ଦେଇ ସେମାନଙ୍କର ସମସ୍ୟା ପ୍ରତି ସମ୍ମାନ ଦେବା ଉଚିତ,କିଏ ମନାକରୁଛି କି ? କିନ୍ତୁ ଅଫିସ୍‌ରେ ଗୋଟିଏ କେସ୍ ଉପରେ ଶୁଣାଣି କରିବା ସମୟରେ ଜଣେ ଲୋକ ପ୍ରତିନିଧି ଭୁସ୍‌କିନା ପଶି ଆସି ଉତ୍ୟକ୍ତ ସ୍ୱରରେ ମୋର ଟେବୁଲକୁ ବାଡେଇ ଅଭଦ୍ର ବ୍ୟବହାର କରି ଗାଳି ଦେବା କ'ଣ ଠିକ୍ ? ମୋ ଚେମ୍ବରରେ ସେତେବେଳେ ଅନେକ ଲୋକ,ଯେଉଁମାନଙ୍କର ସମସ୍ୟା ଉପରେ ଶୁଣାଣି ଚାଲିଥିଲା । ତଥାପି ତାଙ୍କୁ ବୁଝେଇ ଶୁଝେଇ ଅପେକ୍ଷା କରିବାକୁ କହିବା

କ'ଣ ମୋର ଭୁଲ ? ମୋର କୌଣସି କଥା ନ ଶୁଣି ମୋର ସାର୍ଟ କଲର୍‌କୁ ଟାଣି ସମସ୍ତଙ୍କ ସାମ୍ନାରେ ମୋ ମୁହଁକୁ ବିଧା ମାରିବା କ'ଣ ଲୋକ ପ୍ରତିନିଧିଙ୍କର କର୍ତ୍ତବ୍ୟ ?

ପୁଣି ସେ କହନ୍ତି - ଆଜ୍ଞା ଦେଖନ୍ତୁ, ମୁଁ ସରକାରୀ ଚାକିରିଆ ହେଇପାରେ କିନ୍ତୁ ବଙ୍ଗଳା ଦେଶରୁ ପଳାଇ ଆସିଥିବା ଶରଣାର୍ଥୀ ନୁହେଁ, କାହାକୁ ଡରିବି ? ଖୋଦ ଏ ମାଟିର ଭୂମିପୁତ୍ର । ତା'ବାଦେ ଭାରତୀୟ ସମ୍ବିଧାନ ଅନୁସାରେ ମୁଁ ଜଣେ ସରକାରୀ ସେବକ । କେଉଁ ରାଜନୈତିକ ଦଳର କ୍ରୀତଦାସ ନୁହେଁ,ସେମାନଙ୍କ ପାଖରେ ବେଠି ଖଟିବି । ଏମିତି ଦେଲି ଗୋଟିଏ ଜାବଡ଼ା ତାଙ୍କ ଗାଲରେ ଯେ ଚକ୍ରୀ ଭଳି ଘୂରି ଘୂରି ମୁହଁ ମାଡି ତଳେ ପଡିଲେ ମୋ ଚେମ୍ବର ଚଟାଣରେ ।

ତାପରେ ବିଧାନସଭା ହୁଲୁସ୍ଥୁଲ । ଉଭୟ ସରକାରୀ ଓ ବିରୋଧୀ ଲୋକପ୍ରତିନିଧି ପ୍ରିଭିଲେଜ ମୋସନ୍ ଆଣି ମୋତେ ଚାକିରିରୁ ଡିସ୍‌ମିସ୍ କଲେ । ନିଷ୍ପତ୍ତିଟା ମୋ ପାଇଁ ଅବଶ୍ୟ ଠିକ୍,କାହିଁକି ନା ଏପରି ଆଚରଣ ସରକାରୀ କର୍ମଚାରୀ କ୍ଷେତ୍ରରେ ଦଣ୍ଡନୀୟ ଅପରାଧ ଯାହା ମୁଁ ଭଲ ଭାବେ ଜାଣେ । କିନ୍ତୁ ଯେଉଁ ରାଜନୈତିକ ବ୍ୟକ୍ତିଟି ଏଭଳି କାଣ୍ଡ ମୋ ଅଫିସ୍ ଚାମ୍ବରରେ ଭିଆଇଲେ,ତାଙ୍କ ପାଇଁ ଚାରିଖୁଣ୍ ମାଫ୍ ! ସେ ହେଲେ ଗଣତନ୍ତ୍ରର ସୁନାପୁଅ । ନା କ'ଣ ?

ତା'ପରେ କଦମ୍ବ ବାବୁ ଗାଁକୁ ଚାଲି ଆସିଲେ ତ ଚାଲି ଆସିଲେ,ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଜୀବନରେ ଚାକିରି କରିବେନି କି ରାଜନୀତି ମୈଦାନକୁ ଓହ୍ଲେଇବେନି ବୋଲି କଠୋର ନିଷ୍ପତ୍ତି ନେଲେ । ପାଂଚମାଣ ପୈତୃକ ଚାଷ ଜମିରେ ଚାଷ କରି ସୁନା ଫଳାଇଲେ । କଷ୍ଟେମଷ୍ଟେ ଉପାର୍ଜିତ ଆୟରେ ବାପା-ମା'ଙ୍କର ଯତ୍ନନେଲେ । ଚାରି ଭାଇ ଓ ଦୁଇ ଭଉଣୀକୁ ପାଠ ପଢ଼େଇଲେ । ସେମାନଙ୍କୁ ବାହା କରେଇ ସାରିବାବେଳକୁ ତାଙ୍କର ମୁଣ୍ଡଟା ପୂରା ଚନ୍ଦା । ବୟସ ସେତେବେଳକୁ ପଚାଶ ପାଖାପାଖି । ଥୁଣ୍ଟା ତାଳଗଛ,ସେଥିରେ ଆଉ ପତ୍ର କଅଁଳିବନା ? ସେ ପ୍ରାୟତଃ କହନ୍ତି - ମୋର ହାଡଭଙ୍ଗା ସଂଘର୍ଷ ଏଭଳି ଭୟଙ୍କର ଥିଲା ଯେ ଯାକୁ କେବଳ ଭୀଷ୍ମମାନେ ବୁଝି ପାରିବେ । କାହିଁକି ନା ମୋର ସଂଘର୍ଷର ଯୁଦ୍ଧଭୂମି ଥିଲା ଚାଷ ଜମି ଓ ହାଡଭଙ୍ଗା ପରିଶ୍ରମ ।

କିଛିବର୍ଷ ଅନ୍ତେ ଯୁଦ୍ଧ ପରେ ଯେମିତି ସବୁ ଶୂନଶାନ୍,ସେମିତି ହେଲା ତାଙ୍କର ଜୀବନ ମୈଦାନ । ଭାଇମାନେ ଚାକିରି କରି ବିଦେଶରେ ରହିଲେ ଯେ ରହିଲେ, ଭଉଣୀଙ୍କ କଥା ନ କହିଲେ ଭଲ । ମୋ ଭଳି ଏକ ଜ୍ୟେଷ୍ଠ ସହୋଦରଙ୍କର କଥା ସେମାନଙ୍କ ମନରେ ଆଉ ନାହିଁ । ବେଶ୍, ସ୍ୱାମୀମାନଙ୍କ ସହିତ ଖୁସିରେ ଅଛନ୍ତି । ବାପା-ମା' ତ କେବେଠୁଁ ସ୍ୱର୍ଗବାସୀ । ଯୁଦ୍ଧ ଶେଷରେ ତ ଭୀଷ୍ମଙ୍କୁ ପାଣ୍ଡବ ଶରଶଯ୍ୟା ଯନ୍ତ୍ରଣାରୁ ମୁକ୍ତ କଲେ କିନ୍ତୁ କଦମ୍ବବାବୁଙ୍କୁ କେହି ମୁକ୍ତ କଲେନି, ସେ ଏବେ ବି କଣ୍ଟେଇ କୋଳି କଣ୍ଟାର ଶଯ୍ୟାରେ ଛଟପଟ ଏତେ ବଡ ନିଃଶୂନ ଘର ଖଞ୍ଜାରେ ।

ଚାକିରିରୁ ଡିସ୍‌ମିସ୍ ହେବାର ସ୍ମୃତି ଉପରେ ଏଇନେ ସାତ ତାଳ ପାଣିର ଦଲଦଲ ପଙ୍କ । ପରିବାର ଦାୟିତ୍ୱ ଜଞ୍ଜାଳର ହୁତାଶନ ଭିତରେ ଯେମିତି ସେଇ ସ୍ମୃତିସିନ୍ଦୂକ ପୋତିଗଲେଣି ସେମିତି ମଧ୍ୟ ଓ.ଏ.ଏସ୍ ପାଇବାର ଖୁସି ଦିନଟି କର୍ପୁର ଉଡ଼ା କନା ଭଳି ବାଉବସା ଭିତରେ ପଡିରହିଲେଣି । ବେଳେବେଳେ ସୁପ୍ରିମ୍‌କୋର୍ଟ କେସ୍‌ର ଅଗ୍ରଗତିକୁ ନେଇ ଓକିଲ ତାଙ୍କୁ କିଛି କହିଲେ ଶୁଖିଲା ଘାଆକୁ ଆମ୍ପୁତିବା ଭଳି ଯନ୍ତ୍ରଣା ଅନୁଭବ କରି କଦମ୍ବବାବୁ ବିରକ୍ତି ସ୍ୱରରେ କହନ୍ତି - ହଇଏ ଓକିଲବାବୁ, କାହିଁକି ମୋର ଅତୀତକୁ ଉଖାଡୁଛ ? ସାଳନ୍ଦୀ ନଈରେ କେତେ ପାଣି ବୋହି ଗଲାଣି, ତାହା କ'ଣ ପୁଣି ଲେଉଟି ଆସିବ ? ନା...ନା ଆପଣଙ୍କ ଉପରେ ସରକାର ଅନ୍ୟାୟ କରିଛନ୍ତି ବୋଲି ଓକିଲ ମହାଶୟ କହିଲେ କଦମ୍ବବାବୁ ଏମିତି ଅନ୍ୟାୟ ଉଚ୍ଚାରଣ କରି ହସନ୍ତି ଯେ ସତେକି ତାତ୍ପଲ୍ୟର ନଈଟିଏ ହସକୁ ଡୁବାଇ ଦେଇ କୂଳକିନାରା ନ ମାନି ବେଗଗାମୀ ସୁଅରେ ବୋହି ଯାଉଛି !!!

ଓକିଲ ମହାଶୟ ଆଦୌ ତାଙ୍କ ହସ ଦ୍ୱାରା ପ୍ରଭାବିତ ନ ହେଇ ଭାବନ୍ତି ଯେ ବୁଢ଼ା ଏମିତି ହସୁଥାନ୍ତୁ କେସ୍ ଫଇସଲା ହେବା ପର୍ଯ୍ୟନ୍ତ । କୋର୍ଟର ରାୟ ତ ନିଶ୍ଚିତ ୟାଙ୍କ ଫେବରରେ ଆସିବ, ପୁଣି ମୋଟା ଅଙ୍କର ଏରିଅର୍ ଟଙ୍କା ମିଳିବ, ସେଥିରୁ ସୁଧମୂଳ ସହିତ ମୋର ପାଉଣା ମିଳିଯିବନି କି ? ଅନ୍ୟପକ୍ଷରେ କଦମ୍ବବାବୁ ବିଚରା ଓକିଲଙ୍କର ଆଶା ବୈତରଣୀକୁ ଠଉରେଇ ମନେମନେ ଖୁବ ହସନ୍ତି । କାହିଁକି ନା ଷଣ୍ଢ ଓ ବିଲୁଆ ଉପାଖ୍ୟାନର ଷଣ୍ଢର ସେଇଟା ଖସିବ ଯେ ଶିଆଳ ଖାଇବ ।

ବୟସ ଯେତେ ବଢୁଥାଏ ଅତୀତ ସେତେ ତାଙ୍କ ଭାବନାରୁ ଜ୍ୱଳନ୍ତ ସଳିତା ଭଳି ସରି ସରି ଆସୁଥାଏ । ସ୍କୁଲ, କଲେଜରେ ଏକଦା ଫାଷ୍ଟ ହେଉଥିବା ଛାତ୍ରଟି, ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଭଲ ପୋଜିସନ୍ ରଖି ଉତ୍ତୀର୍ଣ୍ଣ ହେଇଥିବା ଉଚ୍ଚାକାଂକ୍ଷୀ ଉଦୟମାନ ଯୁବକଟି ଏବଂ ସାଧୁ ସଚ୍ଚୋଟ ସରକାରୀ ପ୍ରଶାସନିକ ଅଧିକାରୀଟି କେମିତି ଗଣତନ୍ତ୍ରର ଲୋକପ୍ରତିନିଧିଙ୍କର ରାଜନୈତିକ ଷଡଯନ୍ତ୍ରର ଶିକାର ପାଲଟି ମହାଭାରତର ପିତାମହ ଭୀଷ୍ମ ସାଜିପାରେ ସେ ସବୁର ଅତୀତ ଆଜି ଶୂନ୍ୟ ତାଙ୍କ ମନରେ । ପୁଣି ଭାଗ୍ୟର ବିଡମ୍ବନା ଯେ ଦୀର୍ଘ ପାରିବାରିକ ଜଞ୍ଜାଳ ଯୁଦ୍ଧର ସମାପ୍ତି ଉତ୍ତାରୁ ଭବିଷ୍ୟତ ଭଳି ଶବ୍ଦ ପ୍ରାୟ ତାଙ୍କ ମନରେ ଉଙ୍କି ମାରୁନି । ଗାଁର ନଡାଛପର ମାଟି ଘରେ ଆଉ କିଏ ଅଛି କି ଯାହା ପାଇଁ ଭବିଷ୍ୟତଟିଏ ଦରକାର ? କେବଳ ବର୍ତ୍ତମାନ ହିଁ ଏକମାତ୍ର ସମ୍ବଳ ।

କଦମ୍ବବାବୁ ଏଇନେ ବୁଝିଲେଣି ଯେ ପିଲାଦିନର ଗାଁ ଟା ତାଙ୍କ ଭଳି ଦିନକୁ ଦିନ ବୁଢ଼ା ହେଇଗଲାଣି । ଆଗ ଭଳି ନିରୀହପଣ ଓ ନିଃସ୍ୱାର୍ଥପର ମନୋବୃତିକୁ ଗାଁ ଲୋକେ ପାସୋରିଲେଣି । ଗଣତନ୍ତ୍ରର ଉଦଣ୍ଡ ନୃତ୍ୟରେ ପଂଚାୟତ, ବିଧାନସଭା, ଲୋକସଭା ନିର୍ବାଚନ ଗାଁକୁ ହୁଲୁସ୍ଥୁଲ କରୁଛି । ରାଜନୈତିକ ମିଥ୍ୟା ପ୍ରତିଶ୍ରୁତି, ଭୁଆଁବୁଲା

ଅର୍ଥଲୋଭ ଓ ଦଳୀୟ ଗୁଣ୍ଡାଗର୍ଦ୍ଦିର ଭାଇରସ୍ ଗଣତନ୍ତ୍ରର ଚେରକୁ ପୋକରା କରିବାରେ ଲାଗିଛି । ଗାଁର ଏକମାତ୍ର ରାମ ମନ୍ଦିରରେ ଲୋକେ ଭକ୍ତି ଓ ଶ୍ରଦ୍ଧାରେ କେତେ ପୂଜାପାଠ କରିବାର ଆଗରୁ ସେ ନ ଦେଖିଛନ୍ତି ସତେ ! ଆଉ ଏବେ ? ଆଜିକାଲି ପରା ଗଣତନ୍ତ୍ରର ଝଣ୍ଡାରେ ହନୁମାନ ବଜରଙ୍ଗ ପାଲଟି ସହସ୍ର ହାତରେ ଉଡୁଛନ୍ତି, ଆଉ ସେ ମନ୍ଦିରରେ ନାହାନ୍ତି । ନାଁକୁ ମାତ୍ର ଶ୍ରୀରାମ ମନ୍ଦିରରେ ପଡିଛନ୍ତି କିନ୍ତୁ ରାମନାମ ଏବେ ଜୟ ଶ୍ରୀରାମ ଧ୍ୱନିର ରୂପ ନେଇ ବିକ୍ଷୋଭ, ପଟୁଆରକୁ ପ୍ରକମ୍ପିତ କରୁଛି ଚାରିଆଡେ ।

ଏସବୁ ବିଡମ୍ବନା ସତ୍ତ୍ୱେ ଗାଁ ପାଖ ବିଲ ମଝିରେ କୁଦ କଡୁଆଁଶଟି ତାଙ୍କୁ ସବୁବେଳେ ଆକର୍ଷଣ କରେ । ଏହି କୁଦଟି ମରୁଦ୍ୟାନ ଭଳି ଦେଖାଯାଏ ତାଙ୍କ ଭାବଗମ୍ଭୀର ଦୃଷ୍ଟିରେ । ଗଛବୃକ୍ଷ ସହିତ ପୋଖରୀଟିଏ ସେଠାରେ ରହିଛି । ନିଜ କିଆରିରେ ଫସଲ ଦେଖିବାକୁ ଗଲେ କିଛି ସମୟ ପ୍ରାୟତଃ ଛାଇରେ ସେଠାରେ ଥକ୍କା ମାରନ୍ତି । ବେଳେବେଳେ ସେଠିକାର ପହ୍ଲାରେ ନିଘୋଡ ନିଦରେ ଶୋଇପଡନ୍ତି । ଏମିତି ଦିନେ ଭୋଦୁଅ ଖରାରେ କିଆରିରେ ଧାନ ବଛାବଛି କାମ ଦେଖୁଥିବା ସମୟରେ ହଠାତ ତାଙ୍କର ମୁଣ୍ଡଟା ଟଣଟଣ ବିନ୍ଧିଲା ଓ ଦେହଟା ଥରି ଗମଗମ ଝାଳ ବୋହିବାକୁ ଲାଗିଲା । ସେ ତୁରନ୍ତ କୁଆଁସ-କୁଦ ଭିତରକୁ ପଶି ଯାଇ ଗଛ ଛାଇରେ ବସି ପଡ଼ିଲେ ।

ଇତ୍ୟବସରେ ବୁଦ୍ଧିଆ ସେନାପତି ଯିଏକି ବିଏ ପାସ୍ କରି ଚାକିରି ପଛରେ ନ ଗୋଡାଇ ନିଜ ପୈତୃକ ସମ୍ପତି କଡୁଆଁସ ଜମିରେ ଚାଷ କରି ଗୁଜରାଣ ମେଣ୍ଟାଏ, ସେ ଆସି ପାଣି ଗ୍ଲାସଟିଏ ତାଙ୍କୁ ଦେଇ ପାଖରେ ବସି କହିଲେ - ମଉସା, ବୟସ ହେଲାଣି କାହିଁକି ଏଇ ଟାଣ ଖରାରେ ବିଲକୁ ଆସୁଛ ? ଯଦି ଆସିବାକୁ ମନ, ପ୍ରଥମେ ମୋ ପହ୍ଲାରେ ଆସି ଟିକେ ବିଶ୍ରାମ ନିଅ, ତା'ପରେ ମୁଁ ତୁମକୁ ତୁମ ବିଲ ଆଡେ ବୁଲାଇ ଆଣିବି । ଜାଣେ ପରା ଦିନେ ତମର ଜମି ଆଡେ ଥରେ ବୁଲି ନ ଆସିଲେ,ତୁମର ଭାତ ହଜମ ହୁଏନି । କଦମ୍ବବାବୁ ମୁରୁକେଇ ହସିଲେ । ଗାଁରେ ରହିବା ଦିନଠୁଁ ଏଇ ବୁଦ୍ଧିଆକୁ ସେ ବେଶ୍ ଭଲପାଆନ୍ତି, ଅନେକ ସମୟରେ ତା'ସହିତ ଖୁସି ଗପ କରନ୍ତି ଓ ମନର କଥା ତାକୁ କହିବାକୁ କେବେ ସଂକୋଚ ବୋଧ କରନ୍ତିନି ।

ବୁଦ୍ଧିଆ କହିଲା - ମଉସା, ଏଇ କେତେଦିନ ହେଲା ତମକୁ ଗୋଟିଏ କଥା ପଚାରିବାକୁ ଭାବୁଥିଲି । କଥାଟା କଣ କି ଆମ ରାଜ୍ୟରେ ଯାହାସବୁ ଏଇନେ ରାଜନୀତି ଚାଲିଛି ସେସବୁ ଟିଭି ଓ ଖବରକାଗଜରୁ ଜାଣି ଭାବୁଛି ଯେ ସତରେ ତୁମ ଅଭିଶାପ ଫଳିଲା । ଅବଶ୍ୟ ତୁମେ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ସମୟରେ ଡିସ୍‌ମିସ୍ ହେଇଥିଲ, ସେ ଏବେ ନାହାନ୍ତି । ଆଉ ଜଣେ ଅଛନ୍ତି ।

କଦମ୍ବବାବୁ ଆଖି ତରାଟି ଅବାକ ହେଇ ପଚାରିଲେ - କି ଅଭିଶାପ ହେ ?

ଏକଦା ଜଣେ ଲୋକପ୍ରତିନିଧି ତୁମର ଚାକିରି ଖାଇ ତୁମକୁ କେତେ ହୀନସ୍ତା କରିଥିଲେ,ତୁମେ କଣ ଭୁଲିଗଲ କି ?

କଦମ୍ବବାବୁ ଆଗ୍ରହଶୂନ୍ୟ ଭଙ୍ଗୀରେ କହିଲେ-ସେ ଭଦ୍ରଲୋକ ତ କେନସରରେ ଅନେକ ବର୍ଷ ହେଲା ମରିଗଲେଣି । ଏବେ କାହିଁକି ଘାଆଟାକୁ ଉଖାଡଉଛ ?

ବୁଦ୍ଧିଆ ଜାଣନ୍ତି ମଉସା ବଡ ବଦରାଗୀ । କଥାଟାକୁ କଅଁଳେଇ କହିଲେ - ନା ନା ତାଙ୍କ ବିଷୟରେ କହୁନି । ଏବେ ଜାଣିଛ କେମିତି ଲୋକ ପ୍ରତିନିଧିମାନେ ସଭାର ଆୟୋଜନ କରି ଜଣେ ମାର୍କାମରା ସରକାରୀ ଅଫିସରଙ୍କୁ ଜନତାଙ୍କ ମାଧ୍ୟମରେ ଫୁଲମାଳ, ଶଙ୍ଖ ହୁଳହୁଳି, ଅଙ୍ଗବସ୍ତ୍ର ଦେଇ, ଏପରିକି ପାଦ ଧୋଇ ସତକଣ୍ଠରେ ପ୍ରଶସ୍ତି ଗାନ କରି ସମ୍ମାନ ଦେବାରେ କୁଣ୍ଠାବୋଧ କରୁନାହାନ୍ତି ? ସେ କାଳେ ମୁଖ୍ୟମନ୍ତ୍ରୀଙ୍କର ଚଳନ୍ତି ବିଗ୍ରହ । ଏଇଟା କ'ଣ ଗଣତନ୍ତ୍ର ? ଶଃ.... କି ଯୁଗ ହେଲା ହୋ । ଏମାନେ କ୍ରୀତଦାସ ନୁହନ୍ତି ତ ଆଉ କଣ ? ସମସ୍ତଙ୍କ ମୁହଁରେ ତୁଣ୍ଡି,ହେଲେ କଣ ହେବ ନିଃଶବ୍ଦରେ ଗୋଡତଣାଟଣି । ତଥାପି ଗଣତନ୍ତ୍ର ଗତିଶୀଳ ।

କଦମ୍ବବାବୁଙ୍କ ମୁହଁରେ କୌଣସି ପ୍ରତିକ୍ରିୟା ନ ଦେଖି ବୁଦ୍ଧିଆ ସେନାପତି କହିଲେ - ଏମିତି ଚାହିଁଛ କ'ଣ ମଉସା ? କଥା କହିବାରେ ତ ତୁମ ମୁହଁରେ ବାଟୁଳି ବାଜେନି, ଏବେ ଚୁପ୍ କାହିଁକି ? କଣ ଭୁଲ କହିଲି କି ?

ଏମନ୍ତ ସମୟେ ବୁଦ୍ଧିଆ ଦେଖନ୍ତି ଯେ ନିଜ ପୋଖରୀରୁ କିଛି ସମୟ ପୂର୍ବରୁ ଧରିଥିବା ଦଶ ପନ୍ଦରଟା ବୃହତକାୟ କଙ୍କଡାକୁ ଯେଉଁ ଅଖା ବେଗ୍‌ରେ ଭର୍ତ୍ତି କରି ତା'ର ମୁହଁକୁ ରଶିରେ ବାନ୍ଧି ରଖିଛନ୍ତି ପହ୍ଲା ପିଣ୍ଡାରେ, ସେଇ ବେଗ୍ ଆଡକୁ କଦମ୍ବବାବୁ ଏକ ଲୟରେ ଚାହିଁଛନ୍ତି ।

ବୁଦ୍ଧିଆ ଉସକେଇ ପୁଣି ପଚାରିଲେ - ମଉସା, ମୋ ପ୍ରଶ୍ନର ଉତରଟିଏ ଦେଲନି ଯେ ? କହୁନ ଏଇଟା କ'ଣ ତୁମର ଅଭିଶାପ ନୁହେଁ ? ଏତକ କହିଛନ୍ତି କି ନାହିଁ କଦମ୍ବବାବୁ ଦେଖିଲେ ଯେ ଆଗରେ ଥୁଆ ହେଇଥିବା ଅଖା ବେଗ୍‌ଟା ମନ୍ଥର ଗତିରେ ଆଗକୁ ଅଗ୍ରସର ହେଉଛି ।

କଦମ୍ବବାବୁ ଉତଫୁଲ୍ଲିତ ସ୍ୱରରେ କହି ଉଠିଲେ - ବୁଦ୍ଧିଆ ! ହେଇ ଦେଖ ଦେଖ ଗୋବିନ୍ଦର ଗତି, ଝୁଲା ଆଗକୁ ପେଲି ଚାଲିଛି କେମିତି ।

ଉଭୟ କଦମ୍ବବାବୁ ଓ ବୁଦ୍ଧିଆ ଠୋ ଠୋ ହସିବାରୁ ସାରା କୁଦଟା ନିମିଷକେ ହାସ୍ୟମୟ ହେଇ ଉଠିଲା । ଜାମୁକୋଳି ଗଛ ଉପରେ ବସିଥିବା ବଗଗୁଡାକ ଫଡଫଡ ହେଇ ଉଡିଗଲେ । ହସି ହସି ଏମିତି ବେଦମ ହେଲେ ଯେ ଭୋଦୁଅ ଖରାଟା ତତକ୍ଷଣାତ୍ ଅସରାଏ ବର୍ଷାରେ ଲୁଚିଗଲା ।


କଦମ୍ବବାବୁଙ୍କ ହସ ଏମିତି ତାଙ୍କ ଛାତିଭିତରେ ବିସ୍ଫୋରଣ ଘଟାଉଥାଏ ଯେ ତାଙ୍କର ହସମୁଖର ମୁହଁଟା କ୍ରମଶଃ ଝାଉଁଳି ପଡିବା ଭଳି ଦିଶିଲା । କ୍ଷୀଣ ସ୍ୱରରେ କହିଲେ – ଆରେ ବୁଦ୍ଧିଆ,ମୁହଁବନ୍ଧା ଝୁଲା ଭିତରେ ପରସ୍ପରର ଗୋଡଟଣା କଙ୍କଡାମାନେ ଝୁଲାକୁ କେମିତି ଗତିଶୀଳ କରାନ୍ତି ତୁ କଣ ଦେଖିପାରୁନୁ ? ଇୟେ ପରା ଗଣତନ୍ତ୍ର !!! କିଏ ଜାଣେ ଇୟା ପରେ କ'ଣ ଘଟିବ !!!

ବୁଦ୍ଧିଆ ତାଙ୍କ କଥାର ରହସ୍ୟ ବୁଝି ନପାରି ପୁଣି ପଚାରିବାକୁ ଉଦ୍ୟତ ହେଉଥିବା ସମୟରେ ହଠାତ ଦେଖିଲେ ଯେ ଭୀଷ୍ମ ପିତାମହ ଛାତିର ଯନ୍ତ୍ରଣା ଯୋଗୁ ସେଇଠି ତାଙ୍କ କୋଳରେ ଟଳି ପଡିଲେ । ତରବରରେ ବୁଦ୍ଧିଆ ତାଙ୍କ ମୁହଁରେ ପାଣି ଠୋପେ ଦେଲାବେଳକୁ ସେ ଆଉ ନ ଥିଲେ । ବୁଦ୍ଧିଆ କାନ୍ଦି କାନ୍ଦି କହୁଥାନ୍ତି – ମଉସା ଏବେ କାନକୋଳି କଣ୍ଢାର ଶରଶଯ୍ୟାରୁ ବୋଧେ ନିସ୍ତାର ପାଇଲେ ?


ଅଥଚ ବିଲର ଶେଷମୁଣ୍ଡ ରାସ୍ତାରେ ଯାଉଥିବା ଏକ ରାଜନୈତିକ ଦଳର ପଟୁଆର ରୁ ଶୁଭୁଥିଲା ଅନୁଚ୍ଚ ସ୍ୱରରେ ମୁହଁବନ୍ଧା ଝୁଲା ଭିତରସ୍ଥ କଙ୍କଡାମାନଙ୍କର ଗଣତନ୍ତ୍ରର ଜୟକାର ଧ୍ୱନି, ଆଉ କ୍ରୀତଦାସର ପ୍ରଶସ୍ତିଗାନ ।

ପ୍ଲଟ ନମ୍ବର – ୩୭୧/୨୪୭୬ ଶିଶୁ ବିହାର,
ପୋଷ୍ଟ : କିଟ୍,ଭୁବନେଶ୍ୱର -୭୫୧୦୨୪
ମୋବାଇଲ - ୯୯୩୭୨୯୭୦୩୯

❐



ଜୁଲି



ନନ୍ଦ ମହାନ୍ତି

“ସମୟ ଗଡ଼ି ଚାଲିଥିଲା । ଜୁଲି କିନ୍ତୁ ସମୟ ସାଙ୍ଗରେ ତାଳ ଦେଇ ବଢ଼ ହେଉ ନଥିଲା । ଚାରି ପାଞ୍ଚ ମାସରେ ପିଲାଟିଏ ପେଟେଇବା ଆରମ୍ଭ କରେ, ବର୍ଷେ ହେଲା ବେଳକୁ ଗୁରୁଣ୍ଡେ । ଜୁଲି କ୍ଷେତ୍ରରେ ସେପରି ହୋଇନଥିଲା । ସେ ବର୍ଷକର ହେବା ପରେ ଟିକେ ଟିକେ ପେଟେଇଲା ଏବଂ ଦେଢ଼ବର୍ଷ ବେଳକୁ ବସାଇବାକୁ ଚେଷ୍ଟା କଲେ ଲୁଡୁପୁଡୁ ହେଲା ।”

ଜୁଲି ଜଗଦାନନ୍ଦ ବାବୁଙ୍କ ସାନ ଝିଅ ।

ଜଗଦାନନ୍ଦ ବାବୁଙ୍କ ପୂରା ନାମ ଜଗଦାନନ୍ଦ ସାମନ୍ତରାୟ । ଜନ୍ମସ୍ଥାନ ଆଗରପଡ଼ା, ଭଦ୍ରକ । ସରକାରୀ ଚାକିରୀରୁ ଅବସର ନେବା ପରେ ବାଲେଶ୍ୱର ସହର ଉପକଣ୍ଠ ଅଙ୍ଗାରଗାଡ଼ିଆରେ ଅବସ୍ଥାନ କରୁଛନ୍ତି । ବୟସ ସତୁରୀ ଛୁଇଁଲା । ଚଳପ୍ରଚଳ ହେବା ଓ ନିଜ କାମ ନିଜେ କରିନେବାରେ କିଛି ଅସୁବିଧା ଉପୁଜି ନାହିଁ ଏ ଯାବତ୍ । ଦୀର୍ଘ ପଇଁତିରିଶ ବର୍ଷର ସରକାରୀ ଚାକିରୀ ଅଭିଜ୍ଞତା । ଏହି ପଇଁତିରିଶି ବର୍ଷ ଭିତରେ ସେ ଓଡ଼ିଶାର ଆଠ ନଅଟି ଜିଲ୍ଲା ଘୂରି ଆସିଛନ୍ତି ଏବଂ ସବା ଶେଷରେ ବାଲେଶ୍ୱର କଲେକ୍ଟର ଅଫିସରୁ

ସିନିଅର ଏକାଉଣ୍ଟାଣ୍ଟ୍ ଭାବରେ ଅବସର ନେଇଛନ୍ତି ।

ଜଗଦାନନ୍ଦ ବାବୁଙ୍କ ଗାଁରେ ବଡ଼ଭାଇ ଦୁଇଜଣ ଏବଂ ପୁତୁରା ଝିଆରୀ ମିଶି ଦଶ - ବାର ଜଣ କୁଟୁମ୍ବ । ତହିଁ ଉପରେ ଦୁଇ ଦଦେଇ ଅଲଗା ଅଲଗା ; ତାଙ୍କ ପରିବାରର ସମସ୍ତଙ୍କୁ ମିଶାଇ ଦେଲେ ତିରିଶକୁ ଛୁଇଁବ । ଘରଡ଼ିହକୁ ମିଶେଇ ପାଞ୍ଚ - ଛଅ ଏକର ଜମି ସବୁ ଇଜିମାଇଲ୍‌ରେ । ରାଜିରୁଜାରେ ସମସ୍ତେ ଘରଡ଼ିହରୁ ଆରମ୍ଭ କରି ଚାଷଜମି ସବୁ ଆପଣେ ଆପଣେ ଭୋଗଦଖଲ କରୁଛନ୍ତି । କେତେବେଳେ କେମିତି ମାଇପିମାନଙ୍କ ଭିତରେ ଠକୁରୁ ମୁକୁରୁ ଲାଗେ, ତେବେ ସେଇମିତି ଚାଲିଛି ସମସ୍ତଙ୍କର ସଂସାର । କୋର୍ଟ କଚେରୀ ଯାଇ ସବୁ ଦଫା ରଫା କରି ସ୍ୱଚ୍ଛନ୍ଦରେ ଚଳିବାକୁ କାହାରିକୁ ଫୁରୁସତ୍ ମିଳେ ନାହିଁ କି କେହି ଆବଶ୍ୟକ ମଣନ୍ତି ନାହିଁ ।

ଜଗଦାନନ୍ଦ ବାବୁ ସଫାସୁତୁରା ମଣିଷ । ଏତେ ଗଳି ଭିତରକୁ ଢୁଳିବା ପାଇଁ ତାଙ୍କ ମନ ଡାକିଲା ନାହିଁ । ଅନୁପମା ବି ବାରଣ କଲେ । କହିଲେ, ନିପାଣିଆ କେଇ ଏକର ଜମିକୁ ପାଞ୍ଚ ପାଞ୍ଚ ଜଣ ଅଂଶୀଦାର । ବାଡ଼ି ଗୋବରେ ଗୋବେ ଜାଗା ମିଳିବ ନାହିଁ, କାହିଁକି ଏତେ ଝାମେଲାକୁ ଯିବା । ଜଗଦାନନ୍ଦ ବି ଭାବିଲେ ତମାମ୍ ଚାକିରୀ କାଳ ଛୋଟ ମୋଟ ସହର ବଜାରମାନଙ୍କରେ କଟିଗଲା, ଏବେ ଆଗରପଡ଼ା ଭଳି ଜାଗାରେ ନା ଅନୁପମା ଚଳିପାରିବେ, ନା ପିଲାମାନେ । ସେଇଥିପାଇଁ ବାଲେଶ୍ୱରରୁ ଅବସର ନେଲାବେଳେ ସହରତଳିଆ ଜାଗା ଖଣ୍ଡେ ଦେଖି କିଣିନେଲେ ଏବଂ ତିନି ବଖୁରିଆ ଘରଖଣ୍ଡେ କଷ୍ଟେମଷ୍ଟେ ଛିଡ଼ା କରାଇଲେ । ତାଙ୍କ ଅଣ୍ଟିରେ ପଟିମରା ମାଲ୍ ନଥିଲା କି ଲୋକଙ୍କ ପାଖରେ ଆପଣା ପଇଁତରା ଜାହିର୍ କରିବାର ମାରପେଞ୍ଚ ମସଲା ତାଙ୍କ ମଗଜରେ ସେବେ ନଥିଲା, କି ଏବେ ବି ନାହିଁ । ସୁତରାଂ ସହର ମଝିରେ ଜାଗା ଖଣ୍ଡେ କିଣି ଘରଟିଏ ତୋଳିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା ।

ଆଜିକାଲି ଜଗଦାନନ୍ଦ ଭାବନାରେ ଜିଅଁନ୍ତି । ହୁତୁହୁତୁ ଉତ୍ତେଜନାରେ ତାଙ୍କ ଚେତନା ପାଚି ଉଠେ । ସମୟ ମଠ ମଠ ଚାଲିଲେ ସେ ଅତିଷ୍ଠ ହୋଇପଡ଼ନ୍ତି, ଅସହାୟ ମଣନ୍ତି । ତାଙ୍କ ଭାବନା, ଉତ୍ତେଜନା ଏବଂ ଆନମନା ଭାବକୁ ଲକ୍ଷ୍ୟ କରି ଅନୁପମାଙ୍କ ଠାରୁ ଆରମ୍ଭ କରି ପୁଅ ବୁବୁନ, ବୋହୂ ବର୍ଷା ସମସ୍ତେ ବ୍ୟସ୍ତ ବିକଳ ହୁଅନ୍ତି । ସମସ୍ତେ ଜାଣନ୍ତି ଜଗଦାନନ୍ଦଙ୍କ ବିଲକ୍ଷଣର ହେତୁ, କିନ୍ତୁ ପ୍ରତିକାରର ଲଗାମ କାହାରି ହାତରେ ଥିଲେ ସିନା କିଏ କିଛି କରିପାରନ୍ତା । ହଁ ସବୁ ଭାବନାର ହେତୁ ହେଉଛି ଜୁଲି । ଜୁଲି ତାଙ୍କର ସାନଝିଅ । ବୟସ ତିରିଶି ଛୁଇଁଲାଣି । ତାର ଜନ୍ମ ତାରିଖ ଜଗଦାନନ୍ଦଙ୍କର ମନେ ଥାଇ ବି ମନେ ନାହିଁ, କାରଣ ମନେ ପକାଇବାର ଆବଶ୍ୟକତା କେବେ ଅନୁଭୂତ ହୋଇନାହିଁ ।

ଝିଅଟା ଯେତେବେଳେ ଜନ୍ମହେଲା, ତାଙ୍କ ପାଖରେ ଥିବା ତାଙ୍କ ବୋଉ ଝିଅଟେ ହୋଇଛି ବୋଲି ପ୍ରଥମେ ମୁହଁ ମୋଡ଼ିଦେଲା । ତା'ର ଜନ୍ମ ପରେ ପରେ ଅନୁପମାଙ୍କ ଅବସ୍ଥା ସାଂଘାତିକ ହୋଇଗଲା ଏବଂ ବହୁ କଷ୍ଟରେ ତାଙ୍କୁ ଠିକ୍ କରାଗଲା । ଜୁଲି ବି କୁନି ବିଲେଇ ଛୁଆଟି ପରି ଜୁଲୁଜୁଲୁ ଅନଉଥାଏ, ନିହାତି ରୋଗିଣୀ । ଜନ୍ମରୁ ଜଣ୍ଡିସ୍, ବଡ଼ା ଘା; ଏମିତି ଆହୁରି କ'ଣ କ'ଣ ରୋଗ ସବୁ ତା ଦିହରେ ସାଲୁବାଲୁ ହେଉଥିଲେ ଓ ଡାକ୍ତରମାନେ ବି ଉପଚାର ମଧ୍ୟ ଜାଣୁ ନଥିଲେ ।

ଧୀରେ ଧୀରେ ଶିଶୁ କନ୍ୟାଟିର ଦୃଶ୍ୟମାନ ବିଲକ୍ଷଣଗୁଡ଼ିକର ଉପଶମ କରାଗଲେ ମଧ୍ୟ ସମସ୍ତ ଉପଚାର ସତ୍ତ୍ୱେ ବିଲେଇ ଛୁଆ ପରି ଦିଶୁଥିବା ସେହି ଶିଶୁକନ୍ୟାଟିର ସ୍ୱାସ୍ଥ୍ୟ ଅବସ୍ଥାରେ ବିଶେଷ ଉନ୍ନତି ପରିଲକ୍ଷିତ ହେଲା ନାହିଁ ।

ସେତେବେଳେ ଜଗଦାନନ୍ଦ ବାବୁ ଥିଲେ ଫୁଲବାଣୀରେ । ଧରନ୍ତୁ, ତିରିଶ ବର୍ଷର ପିଛିଲା କଥା । ସେତେବେଳେ ଫୁଲବାଣୀ ପରି ସ୍ଥାନରେ ଚିକିତ୍ସା କ୍ଷେତ୍ରରେ କ'ଣ ବା ସୁବିଧା ଥିଲା ନା ମଣିଷ ଇଚ୍ଛା କଲାକ୍ଷଣି କଟକ କି ଭୁବନେଶ୍ୱର ଝପଟି ଯାଇ ପାରୁଥିଲା !

ସମୟ ଗଡ଼ି ଚାଲିଥିଲା । ଜୁଲି କିନ୍ତୁ ସମୟ ସାଙ୍ଗରେ ତାଳ ଦେଇ ବଢ଼ ହେଉ ନଥିଲା । ଚାରି ପାଞ୍ଚ ମାସରେ ପିଲାଟିଏ ପେଟେଇବା ଆରମ୍ଭ କରେ, ବର୍ଷେ ହେଲା ବେଳକୁ ଗୁରୁଣ୍ଡେ । ଜୁଲି କ୍ଷେତ୍ରରେ ସେପରି ହୋଇନଥିଲା । ସେ ବର୍ଷକର ହେବା ପରେ ଟିକେ ଟିକେ ପେଟେଇଲା ଏବଂ ଦେଢ଼ବର୍ଷ ବେଳକୁ ବସାଇବାକୁ ଚେଷ୍ଟା କଲେ ଲୁତୁପୁତୁ ହେଲା । ଅନୁପମା ଜୁଲିର ଚିନ୍ତାରେ ଖିଆପିଆ ଛାଡ଼ିଦେଲେ ଏକ ପ୍ରକାର । ପାରୁପର୍ଯ୍ୟନ୍ତ ଡାକ୍ତର, କବିରାଜ, ଟୁଣୁକାଟୁଣୁକି କିଛି ଫଳ ଦେଉନଥିଲା । ଶେଷରେ ପ୍ରାୟ ଦୁଇବର୍ଷ ବେଳକୁ ଜଗଦାନନ୍ଦ ବାବୁ କଟକ ଆସି ଶିଶୁଭବନ ଡାକ୍ତରଙ୍କୁ ପରାମର୍ଶ କଲେ । ପରୀକ୍ଷା - ନିରୀକ୍ଷା ପରେ ଗମ୍ଭୀରତାର ସହିତ ଡାକ୍ତରବାବୁ ଗୋଟିଏ ଶବ୍ଦ କହିଲେ - 'ଡାଉନ୍‌ସିଣ୍ଡ୍ରମ୍' । ଅନୁପମା ବୋକାଙ୍କ ପରି ଜଗଦାନନ୍ଦଙ୍କୁ ଚାହିଁଲେ, ଜଗଦାନନ୍ଦ ଡାକ୍ତରଙ୍କୁ ।

ଏହା ଗୋଟେ ଜନ୍ମଗତ ରୋଗ । ଏହାର କିଛି ଔଷଧ ନାହିଁ । ଠିକ୍ ରୋଗ ନୁହେଁ, ଜନ୍ମରୁ ଏ ପିଲା ଭିତରେ କିଛି ଅଭାବ ରହିଯାଇଛି, ଯାହାକୁ କିଛି ବି ଔଷଧ ପୂରଣ କରିପାରିବ ନାହିଁ । ଆପଣ ଓଡ଼ିଆରେ ଏହାକୁ 'ମାନସିକ ଭିନ୍ନକ୍ଷମ' କହିପାରନ୍ତି ।

ଜଗଦାନନ୍ଦ ଓ ଅନୁପମା ପୁନଶ୍ଚ ପରସ୍ପରକୁ ଚାହିଁଲେ ଏବଂ ସାହସ କରି ଜଗଦାନନ୍ଦ ପଚାରିଲେ- ଆଚ୍ଛା କିଛି ତ ପ୍ରତିକାର ଥିବ ।

ପ୍ରତିକାର ହେଉଛି ଏ ପିଲାକୁ ଆପଣମାନେ ନିଜେ ଉଠିବା, ବସିବା, ଚାଲିବା, ନିଜ କାମ ନିଜେ କରିବା, ଏମିତି ସବୁ ଶିଖାଇବେ । ୟାର ଦେହର ବିକାଶରେ ବହୁ

ଡ଼େରି ହେବ । ବହୁ ଡେରିରେ ଚାଲିବ, କଥା କହିବ, ହୁଏତ କହି ବି ନ ପାରେ - ମୋ କଥା ବୁଝିପାରୁଛନ୍ତି ତ ?

ଜଗଦାନନ୍ଦ ବ୍ୟସ୍ତ ହେଲେ, ଆପଣ ଇଏ କ'ଣ କହୁଛନ୍ତି ଡାକ୍ତରବାବୁ, ରୋଗର ପୁଣି କିଛି ପ୍ରତିକାର ନାହିଁ ।

- କିଛି ପ୍ରତିକାର ନାହିଁ । ଆପଣମାନେ ବ୍ୟସ୍ତ ହୋଇ ଚିକିତ୍ସା ପାଇଁ ଏଣେତେଣେ ଧାଇଁ ଯେତେ ପଇସା ଖର୍ଚ୍ଚ କରିବେ ସେ ସବୁ ବେକାର ଯିବ । ସବୁଠାରୁ ବଡ଼ ପ୍ରତିକାର ହେଉଛି ଆପଣମାନଙ୍କ ଯତ୍ନ ।

ଏହିପରି ଅନେକ ଉପଦେଶ ଓ ପରାମର୍ଶ ସତ୍ତ୍ୱେ କିରାଣୀ ଜଗଦାନନ୍ଦ କଲିକତା, ବାଙ୍ଗାଲୋର, ମୁମ୍ବାଇ ପର୍ଯ୍ୟନ୍ତ ଧାଇଁଛନ୍ତି । ସବୁଠି ସେହିଏକା କଥା- 'ଡାଉନ୍ ସିଣ୍ଡ୍ରମ୍', ମେଣ୍ଟାଲ ରିଟାଡେସନ୍ ।

ପ୍ରଥମେ ପ୍ରଥମେ ପର୍ବତ ପ୍ରମାଣେ ଲାଗୁଥିବା ଏହି ସମସ୍ୟା ଧୀରେ ଧୀରେ ଦେହସୁହା ହେବାକୁ ଲାଗିଲା । ଜୁଲି ନାମ ରଖାଯାଇଥିବା ସେହି ଝିଅଟି ଚାଲ୍‌ବୁଲ୍ କରିବାକୁ ପାଞ୍ଚ ବର୍ଷରୁ ବେଶି ସମୟ ନେଲା ଏବଂ ମୁହଁ ଖୋଲି କଥା କହିବାକୁ ଦଶବର୍ଷ । ଏବେ ତାକୁ ପାଖାପାଖି ତିରିଶ ବର୍ଷ ହେଲାଣି, କିନ୍ତୁ ସେ ଯାହା କହେ ତାହା ସମ୍ପୂର୍ଣ୍ଣ ବୁଝି ହୁଏ ନାହିଁ ।

ଜଗଦାନନ୍ଦଙ୍କ ପରିବାରର ଜୁଲି ଗୋଟିଏ ସଦସ୍ୟ । ତା'ର କଥା ସହଜରେ ବୁଝିହୁଏ ନାହିଁ । ସେ ବି ଦୁନିଆର ହାଲ୍‌ଚାଲ୍ କଥା କିଛି ବୁଝେ ନାହିଁ । କଦବା କୋଉଠି ବାହାରିଆମାନଙ୍କ ଟାହିଟାପରା ବାଟୁଳିରେ ଜଗଦାନନ୍ଦ ବାବୁ କିଲିବିଲି ହୋଇପଡ଼ନ୍ତି, ପୁଣି କେତେବେଳେ ସାହି ପଡ଼ିଶାଙ୍କ ମିଛ ସୁଆଗରେ ତାଙ୍କୁ ଆକ୍ତାମାକ୍ତା ଲାଗେ ।

ଜଗଦାନନ୍ଦ ବାବୁଙ୍କୁ ସତୁରୀ ଛୁଇଁଲାଣି । ଅଣ୍ଟା ଆଣ୍ଠୁ ଯନ୍ତ୍ରଣାରେ ଅନୁପମା କଲବଲ ହେଲେଣି, ବଡ଼ଝିଅ ମିଲି ବାହା ହୋଇଗଲାଣି । ତା' ତଳ ପୁଅ ବୁବୁନ୍ ଓକିଲ ହେଲାଣି । ତା' ସ୍ତ୍ରୀ ବର୍ଷା ବି ମାଷ୍ଟ୍ରାଣୀ ଅଛି କନ୍‌ଭେଣ୍ଟ ସ୍କୁଲ୍‌ରେ । ତାଙ୍କର ପୁଣି ଦୁଇବର୍ଷର କୁନି ଝିଅଟିଏ । ଅନୁପମା ଓ ଜୁଲିର ହେପାଜତରେ ଝିଅକୁ ଛାଡ଼ିଦେଇ ବର୍ଷା ସ୍କୁଲ ଯାଏ ।

ତିରିଶ ବର୍ଷିୟା ଜୁଲି କୁନିଝିଅର ଦାୟିତ୍ୱ ବୁଝିପାରେ । ତା'ର ହଗିସ୍ ବଦଳାଇପାରେ, ତାକୁ କାଖେଇ ପାରେ, କ୍ଷୀର ପିଆଇ ପାରେ, ଚାମୁଚରେ ଖୁଆଇ ପାରେ ।

ଜୁଲି କିନ୍ତୁ ବୁଝିପାରେ ନାହିଁ - ଆଜି କି ବାର, କାଲିକୁ ପୁଣି କି ବାର ଆସିବ । କେମିତି ଶୀତ ପରେ ଖରାଦିନ ଆସେ । ସେ ବୁଝିପାରେନି ତା ବୁବୁନ୍ ଭାଇ କାହିଁକି କଳା କୋର୍ଟ ପିନ୍ଧି ବଜାରକୁ ଯାଆନ୍ତି ଆଉ ତା ବାପା ପିନ୍ଧନ୍ତି ସଦା ଜାମା ପେଣ୍ଟ୍ ।

ସେ ଆହୁରି ବୁଝିପାରେ ନାହିଁ ତା ଭାଇ, ନୂଆଉ, ଦିଦି ସମସ୍ତେ କାହିଁକି ଏତେ ଉଚ୍ଚା ଆଉ ସେ ନିଜେ କାହିଁକି ଏତେ ଗେଡ଼ା । ସେମାନଙ୍କ ମୁଣ୍ଡ ପାଖକୁ ତା' ହାତ ପାଏନି । ଏକୁଟିଆବେଳେ ଏମିତି ମନକୁ ମନ ସେ ଢ଼େର୍ କଥା ଭାବେ ଏବଂ ଫିସ୍ ଫିସ୍ କରି ମନକୁ ମନ କ'ଣ ସବୁ କହି ଚାଲିଥାଏ । ଏକୁଟିଆବେଳେ ସେ ମନକୁ ମନ ଆଲୁରୁ ବାଲୁରୁ କଥା ହେଉଥିବା ଦେଖି ଅନ୍ୟମାନେ ଆଡ଼ପାଗଳୀ କହନ୍ତି । ମାଆ ଅନୁପମା ବାରଣ କରିବାକୁ ଯାଇ ତାଗିଦା କରନ୍ତି । ଜଗଦାନନ୍ଦ ଲମ୍ବା ନିଃଶ୍ୱାସ ନିଅନ୍ତି- କ'ଣ ହେବ ଏଇ ଜୁଲିର ଭବିଷ୍ୟତ ? ସେ ଜୀବନର ଗତକାଲିକୁ ହେଜନ୍ତି, କଳ୍ପନାର ଝିପିଝିପି ମେଘରେ ନିଜକୁ ତିନ୍ତାଇ ଓଦା ଓଦା ହେମଳିଆ କରିଦିଅନ୍ତି, ପୁଣି ଆଜିକାଲି ଛେଚାକୁଟା ବର୍ଷା ମାଡ଼ରେ ଜୁତୁବୁତୁ ହୋଇ ନିଜକୁ ଅସହାୟ ମଣନ୍ତି । ବେଳେବେଳେ ଏଇ କୋଳପୋଛା ଝିଅଟା ପାଇଁ ତୁଚ୍ଛା ଲୋକଙ୍କ ଥଟ୍ଟା ପରିହାସ, ଖତେଇ ହେବା, ଦାନ୍ତ ନେଫଡ଼ା, ପୁଣି ମିଛ ଆଶ୍ୱାସନାର 'ସୁଁ ସୁଁ' ତାଙ୍କୁ ଅସହାୟ କରିପକାଏ । ଫର୍ଚ୍ଚା ଆକାଶକୁ ଚାହିଁ ସେ ଢ଼େର୍ କଥା ଭାବନ୍ତି, ଯେଉଁସବୁ କଥାର ସାର କଥାଟି ହେଲା ତାଙ୍କ ପରେ ଜୁଲିର କ'ଣ ହେବ ?

ଜୁଲି ଯଦିଓ ନିଜ କାମ ସବୁ ନିଜେ କରିନିଏ, ତଥାପି ବହୁତ କଥା ବୁଝିପାରେନା, ତାର ବି କଥନଭଙ୍ଗୀ ଏମିତି ଯେ ଢ଼େର୍ କଥା ବୁଝିହୁଏନା । ସେ ନାଲି, ହଳଦୀ, ନାରଙ୍ଗୀ ଏମିତି ବିଭିନ୍ନ ରଙ୍ଗ ଚିହ୍ନିପାରେନା, ଏକ ଦୁଇ ତିନି ଗଣିପାରେନା, କିଛି ଲେଖିପଢ଼ି ପାରେନା । ଏମିତି ଢ଼େର୍ କଥା ସେ ଜାଣିପାରେନା କି କରିପାରେନା, ତଥାପି ଅନେକ ସମୟରେ ଆଜିକାଲି ସେ ସମସ୍ତଙ୍କର ଦରକାରୀ, ଟହଲିଆ ପରି ସମସ୍ତଙ୍କର ଛୋଟମୋଟ କାମ କରିଦିଏ । ଭାଇ କଚେରୀରୁ ଫେରିଲେ ତାଙ୍କ କୋର୍ଟ ହେଙ୍ଗରରେ ଟାଙ୍ଗିଦିଏ, ଜୋତା ଯଥାସ୍ଥାନରେ ରଖିଦିଏ । ଭାଉଜ ସ୍କୁଲରୁ ଫେରିଲେ ତାଙ୍କୁ ଥଣ୍ଡା ପାଣି ଦିଏ । ବୋଉର ଆଣ୍ଠୁ ଅଣ୍ଟାରେ ତେଲ ମାଲିସ୍ କରିଦିଏ । ଏମିତି ଯାବତୀୟ କାମରେ ଦରକାର ପଡ଼େ ଜୁଲି । ଏସବୁ ଲକ୍ଷ୍ୟ କରି ଜଗଦାନନ୍ଦ ବାବୁ କେବଳ ଦୀର୍ଘଶ୍ୱାସ ନିଅନ୍ତି ।

ଏଇ ବୟସରେ ଝିଅଟା ଅସୁମାରୀ ସ୍ୱପ୍ନର ପସରା ମୁଣ୍ଡାଇ ଫୁଲର ଫସଲ ଉପରେ ପ୍ରଜାପତି ପରି ଡେଣା ଝାଡ଼ି ଉଡ଼ି ବୁଲୁଥାଆନ୍ତା । ତା' ବଦଳରେ ସେ କରୁଛି କ'ଣ ? ଗୁଡ଼ାଏ ଅଜ୍ଞାନର ଅଳନ୍ଧୁ ମୁଣ୍ଡେଇ ସେ ଖାଲି ଖାଇପିଇ ବଞ୍ଚିବାର ଜୀବନ ଜୀଉଁଛି ଏବଂ ଜଗଦାନନ୍ଦ ନିଜେ ସେହି ଝିଅଟିର ଓଜନିଆ ବୋଝ ବୋହି ବୋହି ଚାଲିଛନ୍ତି ।

ଅବସର ନେଲାବେଳେ ଜଗଦାନନ୍ଦଙ୍କ ହାତରେ କିଛି ପଇସା ଥିଲା । ଏକାନ୍ତରେ ସେ ଅନୁପମାଙ୍କୁ ପ୍ରସ୍ତାବ ଦେଇଥିଲେ ଜୀବନର ତିନିପା କଟିଗଲା । ଆଉ

ପାଏ ଜୀବନ ପରେ ଜୁଲିର କ'ଣ ହେବ ? ମୁଁ ଭାବୁଛି କିଛି ପଇସାପତ୍ର ଜମା କରି କୌଣସି ଗୋଟିଏ ଏନ୍.ଜି.ଓ. ସଂସ୍ଥାରେ ତାକୁ ଛାଡ଼ିଦେବା, ତେଣିକି ତା' ଭାଗ୍ୟ । 'ଅମୃତ ଜୀବନ' ନାଁରେ ଗୋଟିଏ ଏନ୍.ଜି.ଓ କଥା ମୁଁ ଶୁଣିଛି ।

ଅନୁପମା ମୁହଁ ଛିଞ୍ଚାଡ଼ି କହିଲେ - କୋଉ ଅମୃତ ବା, ଅମୃତ ନା ବିଷ, ଝିଅ ପିଲାଟା ପରା, ତମେ କେମିତି ଭାବି ପାରୁଛ ସେମିତି କଥା, ସେ ଆଶ୍ରମ ବାଲା ତା ଇଜ୍ଜତ ରଖିବେନା ?

- ସେଇଟା ଆଶ୍ରମ ନୁହେଁ, ଏନ୍.ଜି.ଓ. ସଂସ୍ଥା ।

- ସେ ଯୋଉ ସଂସ୍ଥା ହେଉ, ସେଠିକୁ ଗଲେ ଝିଅଟା କ'ଣ ପୁଅ ହୋଇଯିବ ? କାହିଁକି ବା ଆମେ ମରିଗଲେ ତା ଭାଇ ଭାଉଜ କ'ଣ ତାକୁ ଫିଙ୍ଗିଦେବେ ?

ଅନୁପମାଙ୍କର ଉଗ୍ରରୂପ ତାଙ୍କୁ ତୁନି କରିଦେଇଥିଲା ସତ, କିନ୍ତୁ ଜୁଲିର ଭବିଷ୍ୟତକୁ ନେଇ ଗୋଟେ ଆତଙ୍କପ୍ରଦ ଚିନ୍ତା ଘୁଣ ଖାଇବା ଭଳି ତାଙ୍କୁ ଦିକ୍‌ଦାର କରିଚାଲିଛି । ଏଥିଭିତରେ ଗଡ଼ି ଚାଲିଛି ଜୀବନ, ଖର୍ଚ୍ଚ ହୋଇ ଚାଲିଛି ଅଣ୍ଟିର ପଇସା, ମନର ଆଣ୍ଠ ଏବଂ ଦେହର ବଳ ।

ଅବଶ୍ୟ ବୁବୁନ୍‌ଟା ଭଲପିଲା । ନିଜ ଭଉଣୀକୁ ସେ ଅନିଶ୍ଚିତ ଅନ୍ଧାର ଭିତରକୁ ଠେଲି ଦେବ ନାହିଁ । ତା ସ୍ତ୍ରୀ ବର୍ଷା, ପରଝିଅ ହେଲେ ବି ଜୁଲି ପ୍ରତି କିଛି ଅବିଗୁଣ ସେ ଲକ୍ଷ୍ୟ କରିନାହାନ୍ତି । ସବୁ ଅସୁବିଧା ଅର୍ଥ ପାଖରେ । ବୁବୁନ୍ ପରି କଚେରୀରେ ମାଳ ମାଳ ଓକିଲ । ସେଥିରେ କି ରୋଜଗାର । ଖାସ୍ ସେଇଥିପାଇଁ ବର୍ଷା କନଭେଣ୍ଟ ସ୍କୁଲର ଚାକିରୀ ହାତଛଡ଼ା କଲାନାହିଁ । ତାଙ୍କର ବି ଝିଅଟିଏ ହେଲାଣି, ବୁଝି ବିଚାରି ତା ପାଇଁ ସଞ୍ଚିବା ଦରକାର । ବର୍ଷା ବି ସେ ଦିଗରେ ଖୁବ୍ ସତର୍କ । ବାକି ରହିଲା ତାଙ୍କ ନିଜର ପେନ୍‌ସନ୍ ଗଣ୍ଡାକ, ସେତକ ସେ ବୋହୂ ହାତକୁ ବଢ଼ାଇ ଦିଅନ୍ତି । ଅବସର ସମୟରେ ସେହି ପଇସାରେ ତିନିବଖରିଆ ଆଜବେଷ୍ଟସ ଘର ଖଣ୍ଡିକ ସେଇ ବୋହୂର ତଦାରଖରେ ହିଁ ଛିଡ଼ା ହୋଇଛି । ତେଣୁ ପୁଅବୋହୂ ବାବଦରେ ସେ ଯେତିକି ଆଶ୍ୱସ୍ତ, ଜୁଲି ପାଇଁ ସେତିକି ଆତଙ୍କିତ । ତାଙ୍କ ପରେ ପେନ୍‌ସନ୍ ପଇସା ବନ୍ଦ ହୋଇଯିବ, କଚେରୀରେ ଓକିଲ ସଂଖ୍ୟା ଆହୁରି ବଢ଼ିଯିବ, ତା'ରେ ? ତା ପରେ ବର୍ଷାର ଦରମା ଗଣ୍ଡାକରେ କ'ଣ ସଂସାର ଚଳିପାରିବ ? ଏମିତି କେତେ କିସମର ଭାବନା ତାଙ୍କୁ ବେହାଲ୍ କରିଦିଏ । ଚାହୁଁ ଚାହୁଁ ସତୁରୀ ଧରିଲା । ବୟସର କଳଙ୍କିଖିଆ ଦେହ ଉପରେ ଅବସୋସ, ଅସନ୍ତୋଷ ଏବଂ ଭବିଷ୍ୟତର ଅସହାୟ ବୋଝ ଲଦି ହୋଇପଡ଼େ ।

ଦିନେ ମଳିଛିଆ ଅପରାହ୍ନରେ ଏମିତି ଆତଙ୍କିତ ଚିନ୍ତାମାନଙ୍କୁ ହୁରୁଡ଼େଇବାର ଚେଷ୍ଟା କରୁ କରୁ ସେ ବ୍ୟସ୍ତ ହୋଇ ପଡୁଥିଲେ । ଅନୁପମା ଘର ଭିତରକୁ ପଶି ଆସି କହିଲେ- ସବୁବେଳେ କ'ଣ ଏମିତି ବସି ଭାବୁଛ ? ଜଗଦାନନ୍ଦ ବାବୁ କଥା ବାଆଁରେଇ

କହିଲେ - ନାଁ, ଗାଁ କଥା ଭାରି ମନେପଡ଼ିଲା । ଆଷାଢ଼ ଯାଇ ଶ୍ରାବଣ ପଶିଲାଣି । ଗାଁରେ ବହୁତ ପାଚିଲା ତାଳ ମିଳୁଥିବ । ଦଦେଇଙ୍କ ଘରେ ବହୁତ ତାଳ ପିଠା ହେଉଥିବ ।

ଅନୁପମା ହସିଦେଇ କହିଲେ- ଏଇନେ କୋଉଠି ତାଳ ପାଚିଲାଣି ମ ? ଦି' ଦିନ ହେଲା ରଥଯାତ୍ରା ଯାଇଛି ପରା । ତାଳ ପାଚିଲା ବେଳକୁ ଗହ୍ମ ।

ଏତିକିବେଳେ ଦୁଇକପ୍ ଚା' ଧରି ବର୍ଷା ପହଞ୍ଚିଗଲା ।

- କ'ଣ ରଥଯାତ୍ରା କଥା ପଡ଼ିଛ କି ବୋଉ, ପୁରୀ ଯିବାକୁ ଇଚ୍ଛା ହେଉଛି କି ?

- ନାଇଁଲୋ ମା'ଏ ମହାପ୍ରୁ ଏଇନେ ମାଉସୀ ମା' ବାଡ଼ିରେ; କାହିଁ' କେତେ ଚାଲିବାକୁ ହେବ ଠିକ୍ ଠିକଣା ନାହିଁ, ଭାରି ଭିଡ଼ ହେଇଥିବ, ତେହିଁକି ମୋ ଅଣ୍ଟାର ହାଲ୍ ଯାହା ।

ନାଇଁମ, ଚାଲନ୍ତୁ ଯିବା, ମାଉସୀ ମା' ଘରେ ଦର୍ଶନ କଲେ ପରା ମହାପୁଣ୍ୟ ମିଳେ । ରଥ ସରିଲାଣି ଏଇନେ ଟିକେ ହାଲକା ଥିବ, ପୁଣି ବାହୁଡ଼ା ସୁନାବେଶ ଏଥିରେ ସବୁ ସିନା ଭିଡ଼ ହେବ ।

ଅନୁପମା ନୀରବରେ ସମ୍ମତି ଜଣାଇଲେ, ଜଗଦାନନ୍ଦ ବାବୁ କହିଲେ ମୁଁ କୋଉ କାଲୁ କାଳିଆକୁ ଦେଖିନାହିଁ ?

ବର୍ଷା ଉସୁକେଇଲା - ମୁଁ ସେଇକଥା କହୁଥିଲି । ଟିକେ କମ୍ ଭିଡ଼ରେ ଦର୍ଶନ କରି ଏକାଦିନକେ ଫେରିଆସିବା । ଆପଣ ଏଙ୍କୁ କୁହନ୍ତୁ, ସିଏ ଗୋଟେ ଗାଡ଼ି ଠିକ୍ କରିବେ ।

ତହିଁ ପରଦିନ ଭୋର୍ ସକାଳୁ ଭଡ଼ା ଗାଡ଼ି ଖଣ୍ଡେ ଧରି ପୂରା ପରିବାର କାଳିଆ ଦର୍ଶନ ପାଇଁ ବାହାରି ଗଲେ । ଆଡ଼ପ ମଣ୍ଡପରେ ଦର୍ଶନ, କୋଟି ଜନ୍ମର ପୁଣ୍ୟଫଳ । ଅନୁପମା ଓ ଜଗଦାନନ୍ଦ ବାବୁଙ୍କ ଭିତରେ ଗୋଟେ ପ୍ରକାର ଉଦ୍‌ବେଳନ ସୃଷ୍ଟି ହୋଇଥିଲା ।

ଗାଡ଼ି ଗୋଟିଏ କିଲୋମିଟର ଦୂରରେ ରହିଲେ ବି କାଳିଆ ଦର୍ଶନ ଲାଳସା ଯୋଗୁଁ ଅନୁପମାଙ୍କ ଆଣ୍ଠୁର ବେଦନା ଥାଇ ବି ନ ଥିଲା ପରି ।

ମନ୍ଦିର ପାଖରେ ଘୋ ଘୋ ମଣିଷ । ସିଂହଦ୍ୱାର ଆଗରୁ ଧାଡ଼ି ଲାଗିଛି ମନ୍ଦିରକୁ । ସେମାନେ ଧାଡ଼ିରେ ଛିଡ଼ା ହେଲେ । ସବା ଆଗରେ ବର୍ଷା, ତା'ପରକୁ ଅନୁପମା, ତାଙ୍କ ପରେ ବାବୁନି, ବାବୁନି କୋଳରେ କୁନିଝିଅ, ବାବୁନି ଏବଂ ଜଗଦାନନ୍ଦଙ୍କ ମଝିରେ ଜୁଲି । ବର୍ଷା ବାରମ୍ବାର ତାଗିଦ୍ କରୁଥାଏ ବୋଉ ମୋ କାନି ଧରିଥିବ, ବାବୁନି ସତର୍କ କରି ଦେଉଥାଏ ବାପା ଜୁଲି ଉପରେ ନଜର ରଖିଥିବ ।

ମନ୍ଦିର ଭିତରେ ପହଞ୍ଚିଲା ବେଳକୁ ଥଳକୂଳ ପାଉନାହିଁ । ଗହଗହ ଗହଳି, ଠେଲାପେଲା । ଜଗଦାନନ୍ଦ ବାବୁ କିନ୍ତୁ ଜାବୁଡ଼ି ଧରିଥିଲେ ଜୁଲିର ହାତ । ପଛରୁ

ଲୋକ ଠେଲି ପକାଉଥିଲେ ଏବଂ ଜୁଲି ଲୋକଙ୍କ ଭିଡ଼ରେ ଚିପି ହୋଇ କାନ୍ଦ କାନ୍ଦ ଅବସ୍ଥା । କୌଣସି ମତେ ନିଜକୁ ସମ୍ଭାଳି ସତୁରୀ ବର୍ଷୀୟ ଜଗଦାନନ୍ଦ ଜୁଲିକୁ ତୋଳିନେଲେ କାନ୍ଧ ଉପରକୁ ।

ଟହଟହ ହସୁଥିଲେ ଜଗନ୍ନାଥ । ଇଚ୍ଛା କରି ମଧ୍ୟ ଜଗଦାନନ୍ଦ ହାତ ଟେକିଦେଇ ପାରୁନଥିଲେ । କାନ୍ଧ ଉପରେ ଜୁଲି କହୁଥିଲା ବାପା - ଜଗର୍‌ନାଥ । ପାଦ ଟଳମଳ ହେଉଥିଲା । ପଛରୁ ଜନ ସମୁଦ୍ର ଆହୁରି ବଢୁଥିଲା, ଠେଲାପେଲା ପ୍ରବଳତର ହେଉଥିଲା ।

ଭାରସାମ୍ୟ ରହିଲା ନାହିଁ । ଚିତ୍କାର କରି ଜଗଦାନନ୍ଦ ତଳେ ପଡ଼ିଗଲେ । ତାଙ୍କ ପାଟି ଶୁଣି ବୁବୁନ୍ ପଛକୁ ବୁଲିପଡ଼ି ହାତ ବଢ଼ାଇଦେଲା ତାଙ୍କ ହାତରେ ଜୁଲି ଝୁଲି ପଡ଼ିଲା । ଜଗଦାନନ୍ଦ ବାବୁ କିନ୍ତୁ ତଳେ ପଡ଼ିଗଲେ । ହାଁ ହାଁ କହୁ କହୁ ତାଙ୍କ ଉପରେ ଦି'ଚାରିଜଣ ଚଢ଼ିଗଲେଣି ।

ଦି'ଜଣ କନେଷ୍ଟବଳ ଧାଇଁ ଆସିଲେ ହୁଇସିଲ୍ ମାରି । କମ୍ପମାନ ହୋଇଗଲା ସେ ସ୍ଥାନ । ହଇଚଇ ଭିତରେ ଜଗଦାନନ୍ଦ ବାବୁଙ୍କ ଡେଣାଧରି ଦୁଇଜଣ ଲୋକ ଉଠାଇଲେ, ସେ ସଁ ସଁ ନିଃଶ୍ୱାସ ନେଉଥିଲେ, ଦେହଟା ପୂରା ଝାଳ ସରସର । ଡୋଳା ଏପଟ ସେପଟ କରି ସେ ଜୁଲିକୁ ଖୋଜିଲେ ।

ବୁବୁନ୍ ଓ ବର୍ଷା ଜୁଲିକୁ ଧରି ଆଗେଇ ଆସିଲେ - ଜୁଲି ଠିକ୍ ଅଛି । ଦି' ଚାରିଜଣଙ୍କ ସହଯୋଗରେ ତାଙ୍କୁ ମନ୍ଦିର ବାହାରକୁ ଅଣାଗଲା । ବାହାରେ ତାଙ୍କୁ ବସାଉ ବସାଉ ସେ ସେଇ ଚଟାଣରେ ଶୋଇଗଲେ । କିଏ ଜଣେ ତାଙ୍କ ମୁହଁରେ ପାଣି ଛିଞ୍ଚୁଥିଲା ତ କିଏ କାଗଜ ଖଣ୍ଡକରେ ପଙ୍ଖା କରୁଥିଲା । ବୁବୁନ୍ ଧାଇଁଲା ଗାଡ଼ିପାଇଁ ।

ବାହାରେ ଆମ୍ବୁଲାନ୍ସ ଥିଲା । ପୁଲିସ୍ ପୁଣି ହୁଇସିଲ୍ ମାରିଲା ସବୁ ତଫାତ୍ ହୋଇଯାଅ ।

ଆମ୍ବୁଲାନ୍ସରେ ଜଗଦାନନ୍ଦ ବାବୁଙ୍କୁ ଡାକ୍ତରଖାନା ନିଆଗଲା । ସେ ଲମ୍ବା ନିଃଶ୍ୱାସ ନେଉଥିଲେ । ଝାଳରେ ତାଙ୍କ ଲୁଗାପଟା ସବୁ ଭିଜି ଯାଇଥିଲା କିନ୍ତୁ ଡାକ୍ତରଖାନାରେ ତାଙ୍କୁ ଷ୍ଟ୍ରେଚରରେ ଓହ୍ଲାଇବା ବେଳକୁ ତାଙ୍କର ଖର ନିଃଶ୍ୱାସର ଆଖ୍ୱାଜ୍ ଶୁଭୁ ନଥିଲା । ନାଡ଼ି ଦେଖି ଡାକ୍ତରବାବୁ ଶେଷକଥା ଶୁଣାଇଦେଲେ- ସବୁ ଶେଷ ହାର୍ଟଫେଲ୍ ।

ଅନୁପମା, ବୁବୁନ୍ ଏବଂ ବର୍ଷା ସମସ୍ତେ ଏକାବେଳକେ ଚିତ୍କାର କରି ଉଠିଲେ ।

ଜୁଲି ବଲ ବଲ କରି ସମସ୍ତଙ୍କୁ ଚାହୁଁଥିଲା । ତା' ଆଖିରେ ଆଖିଏ ଲୁହ ଢଳଢଳ ହେଉଥିଲା ।

ଶଙ୍ଖଚିଲା ମାର୍ଗ, ଦଳା, ଯାଜପୁର ରୋଡ଼
ମୋ: ୯୪୩୭୩୦୮୯୧୦

ନିଶା ନିବାରଣ



ଡ. ରାଧାରାଣୀ ମହାପାତ୍ର

“ଗତବର୍ଷ ତାଙ୍କ ମହିଳାମଣ୍ଡଳୀ ଯେତେବେଳେ ଗାଁରେ ମଦ ଭାଟି ଭାଙ୍ଗିବା ଅଭିଯାନ କରିଥିଲେ, ଏଇ ଅଞ୍ଚେଇସା ସହରରୁ କିଛି ଗୁଣ୍ଡା ନେଇ ଯାଇଥିଲା । ମଦ ହାଣ୍ଡି ଭାଙ୍ଗୁଥିବା ମହିଳାମାନଙ୍କୁ ୟାରି ଲୋକମାନେ ଅତର୍କିତ ଆକ୍ରମଣ କରୁଥିଲେ । ମୁଣ୍ଡ ଭିତରେ କ୍ଷଣକରେ ଭାସି ଉଠିଲା ସେଇ ଦୃଶ୍ୟ । ରଙ୍ଗମାଉସୀ ତା ବୁମ୍ ମିଶା ହାତଟାକୁ ଜାବୁଡ଼ି ଧରି କହିଲେ, ହଇରେ ତୁ ସେଇ ଅଞ୍ଚେଇସା ନା !”

ଏବେ ଫେସବୁକ୍‌ର ଚାହିଦା ଯେମିତି ଜମାଣିଆ, ୱେବ ଚାନେଲଗୁଡ଼ିକ ମଧ୍ୟ ସେତିକି ତତ୍ପର । ଆଗ ଗାଁର (ଅବଶ୍ୟ ସହର ତଳି ଅଞ୍ଚଳକୁ ଗାଁ ଆଖ୍ୟା ଦିଆଯାଇପାରେ) ସନିଆଁ ଓରଫ ସନାତନକୁ ଯେଉଁଦିନ ବୁମ୍ ଧରି ଥିବାର ଦେଖିଲି, ସେଦିନ ବହୁତ ଆଶ୍ଚର୍ଯ୍ୟ ହେଲି କାରଣ ସନିଆଁର ପାଠପଢ଼ା ବିଷୟରେ ମୁଁ ସନ୍ଦୀହାନ । ମୁହଁ ଇସ୍ପାତ ନ୍ୟାୟରେ ଆଜିଯାଏ, ସେ ଅଞ୍ଚଳର କେହି ଟୋକା ତାକୁ ଯୁକ୍ତିରେ ପାରିନାହାନ୍ତି । ତା’ ଘର ମଦ ବିକ୍ରିର ପେଣ୍ଠସ୍ଥଳୀ ଜାଣିସୁଦ୍ଧା, ପୋଲିସବାଲା ତା’ ଘରକୁ ଯାଆନ୍ତି ନାହିଁ । ଅବରେ ସବରେ ଯଦି ବଟି ପାଇ ଯାଉଥିବେ ଅବଶ୍ୟ ସମସ୍ତଙ୍କ ଅଗୋଚରରେ । କଥା କ’ଣ ନା ସନିଆଁ ଧରିଛି ବୁମ୍ । ଆଜିର ଧାରଣା ସ୍ଥଳରେ ଉପସ୍ଥିତ ଅଛନ୍ତି ବହୁସଂଖ୍ୟକ ମହିଳା । ବାଇଟ୍ ନେବା ପାଇଁ ସନିଆ ଆଗକୁ ବଢ଼ି ଆସିଲାବେଳେ ତା’ ପଛରେ ଜଣେ ମୋ ଚିହ୍ନା ବତୀପେଲା

ସାମ୍ବାଦିକ ତାକୁ ସାହାଯ୍ୟ କରି ତାର ଯନ୍ତ୍ରପାତିକୁ ଠିକ୍ କରୁଥାନ୍ତି ।

କାଗଜରେ ଲେଖା ନଥିଲେ କ'ଣ ହେବ ସନିଆଁ ପ୍ରଶ୍ନ କଲା, "କହିଲ ମାଉସୀ, ମଦ ବନ୍ଦ ହେବା ଉଚିତ୍ ନାଁ ନୁହେଁ?" ମାଉସୀଙ୍କ ଠାଣିମାଣି ଡହଡହ ସିନ୍ଦୂରଟୋପା, ବାହେ ଚୁଡ଼ି ଦେଖି ଜଣାପଡ଼ିଯାଉଥିଲା ଯେ ମାଉସୀ ସହରୀ ନୁହଁନ୍ତି, ନେତାଙ୍କ ନିମନ୍ତ୍ରଣ ପାଇ ସ୍ୱତନ୍ତ୍ର ଭାବରେ ଗାଁରୁ ସହରକୁ ଆସିଛନ୍ତି । ମାଉସୀ କହିଲେ, "ସେ କଥା ଆଉ ପଚାରୁଛ, ଗାଁ ଗଣ୍ଡାକୁ ଏ ଅପଦଶିଆ ମଦୁଆ ଦଳ ଆଉ ଅବସ୍ଥାରେ ରଖିଛନ୍ତି । ପା'ଶ ଟଙ୍କା ମଜୁରୀ ଆଣିଲେ ତିନିଶ ପରା ଯାଉଛି ମଦରେ ! ପିଲାଙ୍କ ସ୍କୁଲଖର୍ଚ୍ଚ, ଟିଉସନ ପଇସା ଦେବୁ କୋଉଠୁଁ? ଯଦି କହିଲୁ ମାଡ଼, ନ କହିଲୁ ମାଡ଼ ।" ତେବେ ଏହାର ପ୍ରତିକାରର ଉପାୟ କ'ଣ? ମାଉସୀ କହିଲେ, 'ଇଲେକ୍‌ସନ୍ ଆଗରୁ ଏଇ ନେତାଏ ପରା କହିଥିଲେ, ଭୋଟ ପାଇଲେ ମଦ ପୂରାବନ୍ଦ । କାହିଁ ମୋତେ ତ କିଛି ବନ୍ଦ ହେଲା ପରି ଲାଗୁନି ।" "ତେବେ ଆପଣ କ'ଣ ପାଇଁ ଆସିଛନ୍ତି?" "ସରକାରଙ୍କୁ କହିବୁ ପୂରା ମଦ ବନ୍ଦ କରନ୍ତୁ, ନ ହେଲେ ଆମ ସଂସାର ବୁଡ଼ିଲା ।"

ଏଇ ସମୟରେ ଉତ୍ତର ଦେଉଥିବା ରଂଗ ମାଉସୀଙ୍କ କାନ ପାଖରେ କିଏ ଜଣେ ଫୁସ୍ ଫୁସ୍ କରି କ'ଣ କହିଦେଲା । ମାଉସୀ ଟିକେ ଚାନେଲବାଲାକୁ ତରାଟି ଚାହିଁଲେ । ସତେ ଯେପରି ହୁଙ୍କା ଭିତରୁ ସାପ ବାହାରି ଆସିବା ପରି ସେ ଚମକି ପଡ଼ିଲେ । ଆରେ ଏ ଲୋକଟା ଚିହ୍ନା ଚିହ୍ନା ଲାଗୁଛି । ଗତବର୍ଷ ତାଙ୍କ ମହିଳାମଣ୍ଡଳୀ ଯେତେବେଳେ ଗାଁରେ ମଦ ଭାଟି ଭାଙ୍ଗିବା ଅଭିଯାନ କରିଥିଲେ, ଏଇ ଅଛେଇସା ସହରରୁ କିଛି ଗୁଣ୍ଡା ନେଇ ଯାଇଥିଲା । ମଦ ହାଣ୍ଡି ଭାଙ୍ଗୁଥିବା ମହିଳାମାନଙ୍କୁ ୟାରି ଲୋକମାନେ ଅତର୍କିତ ଆକ୍ରମଣ କରୁଥିଲେ । ମୁଣ୍ଡ ଭିତରେ କ୍ଷଣକରେ ଭାସି ଉଠିଲା ସେଇ ଦୃଶ୍ୟ । ରଙ୍ଗମାଉସୀ ତା ବୁମ୍ ମିଶା ହାତଟାକୁ ଜାବୁଡ଼ି ଧରି କହିଲେ, ହଇରେ ତୁ ସେଇ ଅଛେଇସା ନା ! ଗତ ବର୍ଷ ଆମ ଗାଁକୁ ଗୁଣ୍ଡା ନେଇ ଯାଇଥିଲୁ । ଆମମାନଙ୍କୁ ମାରି ଲହୁଲୁହାଣ କରିଥିଲୁ । ଆଜି ମଦ ବନ୍ଦ କଥା ପଚାରୁଛୁ । ମାଉସୀଙ୍କ ପାଖେ ପାଖେ ଥିବା ସବୁ ମହିଳା ତା' ଉପରେ ଝାମ୍ପି ପଡ଼ିଲେ । ଅବଶ୍ୟ କୌଣସି ୱେବ ଚାନେଲରେ ଏକଥା ଦେଖାଇଲା ନାହିଁ ।

ସଁ ସଁ ହୋଇ ଫେରିଆସି ଘରେ ବସିଲା ମାତ୍ରେ ରଙ୍ଗ ମାଉସୀ ଝିଅକୁ ପଚାରିଲେ, ତୋ 'ବାପା କାହାନ୍ତି' ? ଝିଅ ମୁରୁକି ହସି କହିଲା - 'ତୀର୍ଥକୁ ଯାଇଛନ୍ତି ? ଖୋଲାଟିଭିରେ ବିରୋଧୀ ଦଳର ଚୋରଣୀ ନେତ୍ରୀ କହୁଥିଲେ, 'ସରକାର ତୁମେ ଜବାବ ଦିଅ, ମଦମୃତ୍ୟୁ କେବେ ବନ୍ଦ ହେବ ?"

ରଂଗ ମାଉସୀ ଖାଲି ଦୀର୍ଘଶ୍ୱାସଟିଏ ଛାଡ଼ିଲେ ।

ଦିବ୍ୟଚ୍ଛାୟା, ଭଦ୍ରକ

ମୋ: ୭୯୭୮୬୬୬୩୯

ପାଖ୍ୱାର



ହରେକୃଷ୍ଣ ବାରିକ

"ଦେବୀ ଦୁର୍ଗାମାତାଙ୍କ ବିଭିନ୍ନ ରୂପ ହେଲେ ଆଦ୍ୟାଶକ୍ତି ମହାମାୟା । ବିଶ୍ୱମାତୃକା ଜଗଜ୍ଜନନୀ ଦେବୀ ଦୁର୍ଗା - ଜଗଦ୍ଧାତ୍ରୀ, କାଳୀ, ତାରା, ମହାବିଦ୍ୟା, ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ସରସ୍ୱତୀ, ବଗଳା, ଧୂମାବତୀ, ଅନ୍ନପୂର୍ଣ୍ଣା, ଶାକମ୍ଭରୀ ଇତ୍ୟାଦି ଦେବୀ ରୂପେ ପ୍ରତିଭାତ । ଏମାନେ ଆଦ୍ୟାଶକ୍ତି ।"

ମଧ୍ୟାହ୍ନ ସୂର୍ଯ୍ୟର ଦୀପ୍ତି ତାତି, ପ୍ରଶସ୍ତି, ବ୍ୟାପ୍ତି, ଖ୍ୟାତି, ଅପରାହ୍ନକୁ ହରାଇ ବସିଥାଏ, ଖାଲି ଗୋଧୂଳୀ ଗହ୍ୱରକୁ ଖସିବାକୁ ଥାଏ ନାଲି ଗୁଲୁ ଗୁଲୁ ପାଖୁଡାଏ ପେଣ୍ଡୁଟିଏ ହୋଇ, ଯନ୍ତ୍ରଣା ପିଇ ଘଡିକ ପରେ ସେ ବି ବିଲୀନ ହୋଇଯାଏ ସନ୍ଧ୍ୟା ମହା ଅନ୍ଧାର ସାମ୍ରାଜ୍ୟର ସୂତାଏ ସନ୍ତକ ହୀନ ସେ ....

ସେମିତି କଲେକ୍ଟର ରାଜେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ମଣିଷ ମଧୁଗଡ ଜମିଦାର ଲଲାଟେନ୍ଦୁଙ୍କ ଏକମାତ୍ର ପୁତ୍ର । କଟକରେ ଜନ୍ମ, ଜୀବନ ବିତୁଥିଲା ସେହି ସହରରେ ଚାକିରିକାଳ ମଧ୍ୟ ସହରରେ ସରିଛି । ଗୋଟିଏ ପୁଅ ଗୋଟିଏ ଝିଅକୁ ଉଚ୍ଚ ଶିକ୍ଷା ଦେଇ ସେ ଦୁହିଁଙ୍କୁ ବୈବାହିକ ଜୀବନର ଖିଅ ଧରେଇ ଦେଇଛନ୍ତି । ପୁଅ - ବୋହୂ ସୁଦୂର ଆମେରିକା ଓ ଝିଅ ଜ୍ୱାଇଁ ଦୁବାଇରେ । ପତ୍ନୀ ଜାହ୍ନବୀ ଦେବୀଙ୍କୁ ସାଥିରେ ଧରି ଫେରିଛନ୍ତି ପୈତୃକ ଭିଟାମାଟି ଗାଁ ମଧୁଗଡକୁ, ଚାକିରି କାଳଖଣ୍ଡର ପଦ-ପଦବୀରେ ପ୍ରଚୁର ଅହଂକାର, ବଡପଣିଆ, ଆଧିପତ୍ୟ, ହୁକୁମହରା, ପଦ ଖୋଳପା ଛଡା ଆମ୍

ଆଦ୍‌ମୀ, ସାଧାରଣ ନାଗରିକ ସେ ଆଜି ।

ବୟସର ଅପରାହ୍ନ, ଅପରାହ୍ନରେ ବସିଛନ୍ତି ଗାଁ ମୁଣ୍ଡ ବରଗଛ ପିଣ୍ଡିରେ, ବାରୁଣୀ ଦିଗେ ଧାଉଁଥିବା ଅସ୍ତମିତ ସୂର୍ଯ୍ୟ ଆଡେ ଚାହିଁଥାନ୍ତି ରାଜେନ୍ଦ୍ର । ଗୋଠମୁହାଁ ଗୋରୁ ପହ୍ନ ବସା ବାହୁଡା ବାର ପକ୍ଷୀ ଦଳ, ଘର ଛୁଇଁବାକୁ ଗାଁର ଚାଷୀ ମୂଲିଆକୁଳ । କିନ୍ତୁ ପିଣ୍ଡି ଛାଡୁ ନାହାନ୍ତି ସେ ହିଁ ଏକା । ଅତୀତର କେଉଁ ଗୋଟେ ଖିଅକୁ ଧରି ଖୋଜି ହେଉଛନ୍ତି ସେ ପଦ ଦମ୍ଭ ଧାରୀ ଗର୍ବିତ ଜୀବନ, ବେଦାକ୍ ହଜି ଯାଇଛନ୍ତି....

ଯୁବା ବୟସରେ, ପ୍ରତି ରଜ ପର୍ବ ଆଉ ଦଶହରା ଛୁଟିରେ ସେ ଗାଁକୁ ଆସୁଥିଲେ ସପରିବାର, ଦୁଇ ଦିନ ଆଗୁ, ଗାଁରେ ହୁରି ପଡିଯାଏ । ଜମିଦାରଙ୍କ ପୁଅ କଲେକ୍ଟର ସାହେବ ଗାଁକୁ ଆସୁଛନ୍ତି । ତମାମ ଗାଁଟା ସେ କାଳେ ଆନନ୍ଦ ଉଲ୍ଲାସର ବାତାବରଣ, ମାଟିଦାଣ୍ଡ ପରିଚ୍ଛନ୍ନ, ପ୍ରତିଘର ନାନା ଝୋଟିରେ ଚିତ୍ରିତ, ଗାଁ ଦୁଇମୁଣ୍ଡରେ କଦଳୀଗଛ ଓ କଳସ ଶୋଭା ପାଉଥାଏ । ରାଜେନ୍ଦ୍ରଙ୍କ କାର ଯେତେବେଳେ ଗାଁ ମୁଣ୍ଡ ଧରେ, ଶୁଭେ ହରିବୋଲ ହୁଳହୁଳି ଧ୍ୱନି, ଦାଣ୍ଡ ଦୁଇ ଧାରେ ପ୍ରଜାଏ - ବୁଢା, ବୁଢୀ, ଯୁବା-ଯୁବତୀ, ପିଲାପିଲି... ବୟସ୍କ ମାନେ ଭୂଇଁରେ ମୁଣ୍ଡ ଛୁଆଇଁ ପ୍ରଣାମ କରୁଥିଲେ । ଅନ୍ୟମାନେ ହାତ ଯୋଡି ନମସ୍କାର ମୁଦ୍ରାରେ ଥାନ୍ତି, ଜମିଦାରଙ୍କ ଘର ସାମ୍ନାରେ କାର୍ ଭିତିଲେ ଘରର ଚାକର ଛତା ଖୋଲି ଲାଗି ଆସେ ସସମ୍ମାନେ । କଲେକ୍ଟର ସାହେବଙ୍କୁ ଛତା ଛାଇରେ ପାଛୋଟି ନିଏ...

ସକାଳ - ସଂଜେ କଲେକ୍ଟର ସାହେବ ଜମିଦାର ଠାଣିରେ ଗାଁ ଦାଣ୍ଡରେ ପ୍ରାତଃ - ସନ୍ଧ୍ୟା ଭ୍ରମଣରେ ଯାଉଥିବାବେଳେ, ଗାଁର ଯିଏ ଭେଟନ୍ତି, ଭେଟି ଦେଇଥାନ୍ତି ଭକ୍ତି ପ୍ରଣାମ, ସେ କିନ୍ତୁ ପ୍ରତିକ୍ରିୟାହୀନ କାହାଠି ପଦେ କଥା ବାଂଟିବା, ମୁଠେ ହସ ଫୁଟେଇବା, ତିଳେ ମୁଖ ସଂଚାଳନ କରନ୍ତି ନାହିଁ। ଗୋରା ଲମ୍ବା ଦେହକୁ ଫିନ୍ ଫିନ୍ ସାଦା ଦି ଭାଙ୍ଗୁଣି ଶାନ୍ତିପୁରୀ ଧୋତି ସାଙ୍ଗକୁ ସାଦା ହାପ୍ କମିଜି କାନ୍ଧରେ ପାଟ ଗାମୁଛା, ସାଥିରେ ବାବୁଙ୍କୁ ଛତା ତଳେ ଆବୋରି ଚାଲିଥାଏ ତାଙ୍କ ଚାକର ଟୋକା । ବରଗଛ ପିଣ୍ଡି ପାଖେ ପୂର୍ବରୁ ପ୍ରସ୍ତୁତ ଚଉକି, ରାଜେନ୍ଦ୍ର ସେଠି ଅଧଘଂଟେ ବସନ୍ତି । ଗାଁର ଶ୍ରଦ୍ଧାଳୁ ବୃଦ୍ଧ ପ୍ରଜାଏ ପଇଡ ଧରି ଉପସ୍ଥିତ ଥାଆନ୍ତି । ସେଥିରୁ ଗୋଟେ ପିଅନ୍ତି, ଯାହା ପଇଡଟି ପିଇ ଥାଆନ୍ତି, ସେ କୃତ୍ୟ କୃତ୍ୟ ସୌଭାଗ୍ୟବନ୍ତ ନିଜକୁ ମଣେ, ଅନ୍ୟମାନେ ସେମିତି ହାତ ଯୋଡି କାକୁସ୍ତ ମୁଦ୍ରାରେ.. ସେମାନଙ୍କ ଗୁହାରି ଶୁଣନ୍ତି, କେବଳ ମୁଣ୍ଡ ଟୁଙ୍ଗାରୁ ଥାନ୍ତି । ହରିର ବିଧବା ପତ୍ନୀ, ଷାଠିଏ ଟପିଲାଣି, ବିଧବା ଭତ୍ତା ପାଇନାହିଁ । ରଘୁର ବୟସ ଟଳିଲାଣି, କମର ବାଙ୍କିଲାଣି, ଚମ ଧଡ ଧଡ, ସେ ବି ବାର୍ଦ୍ଧକ୍ୟଭତ୍ତା ପାଇନାହିଁ, ଯଦୁର ଘର ନାହିଁ, ଜରିପାଲ ତଳେ ତା ଜୀବନ, ସେ କହେ, ଜମୁ ମଲିକର ଗୋଟେ ବୋଲି ପୁଅ, ଏ ସନ ମାଟ୍ରିକ୍ ରେ ଭଲ ଫଳ ଫଳେଇଚି । ହେଡ୍ ସାରେ କହୁଥିଲେ -

ପିଲାଟାର ମେଧା ଅଛି । ସୁଯୋଗ ପାଇଲେ ଆଗକୁ ବଢିବ । ସେଥିପାଇଁ ଅର୍ଥ ସାମର୍ଥ୍ୟ ନାହିଁ । ମଙ୍ଗୁଳି ଦାସ ପେଟରେ ଘା, ଅପରେସନ୍ ପାଇଁ ଡାକ୍ତର କହିଛନ୍ତି । ସେ କିନ୍ତୁ ପାରୁନାହିଁ । ଗାଁ ର ଯୁବକମାନଙ୍କ ଚାକିରି ପାଇଁ ଗୁହାରି ସବୁ ଶୁଣନ୍ତି ରାଜେନ୍ଦ୍ର, ଜୁହାର ଗୋଟାଇ, ମାନ୍ୟ ପାଇ, ସଂଜ ପୂର୍ବରୁ ଘର ମୁହାଁ ହୁଅନ୍ତି ।

କଟକ ବାହୁଡାର ଆଗ ଦିନ, ସେଇ ଭିଡ, ଗୁହାରି, ଆଶା, ଭରସା, ବିଶ୍ୱାସର ତରଙ୍ଗ ଭାଙ୍ଗୁଥାଏ । ଜମିଦାରଙ୍କ ପୁଅ, ପୁଣି ଜିଲ୍ଲାର ଖୋଦ ପାଳକ - କଲେକ୍ଟର ସବୁ ପାୱାରର ଅଧିଶ୍ୱର, ମନ କଲେ ସବୁ ହାରି - ଗୁହାରି ପୂରଣ କରେଇ ପାରିବେ । ଅଥଚ, ସେମିତି କିଛି ଅନୁକୂଳ ପାଗ ବାନ୍ଧେନା, ବାଂଝ ମୌସୁମୀ କେବଳ ଶୁଣାନ୍ତି, ମୁଁ କାଲି ସକାଳେ କଟକ ଯିବି, ଯାହାର ଯାହା ଭେଟି ଦେବାର ଅଛି, ଭୋରୁ ଭୋରୁ ଦେଇ ଆସିବ... ଘର ମୁହାଁ ହୁଅନ୍ତି....

କିଏ ଦିଏ ଗାଁର ଦେଶୀ ଘିଅ, କିଏ ଛଟ ଛଟ ଭାକୁର, କିଏ ଖମ୍ଭଆଳୁ, କିଏ ବନ୍ତଳ କଦଳି ତ କିଏ ପାଟକପୁରା, କିଏ ଲୀଳାବତୀ, କିଏ ବିରି ତ କିଏ ମୁଗ, କିଏ ନଡିଆ... ବଡି ଭୋରୁ ଏ ସବୁ ଦ୍ରବ୍ୟ ଜମିଦାରଙ୍କ ଘର ସାମ୍ନାରେ ଠୁଳ ହୋଇ ହାଟ ବସେ, କାରରେ ବାହୁଡି ଯାଆନ୍ତି କଲେକ୍ଟର ସାବ୍ -

ଦିନ ଗଡୁଥିଲା.... ରାଜେନ୍ଦ୍ର ପାହାଚ ପରେ ପାହାଚ ଚଢୁଥିଲେ ଉପର ପାହାଚକୁ ଉନ୍ନୀତ ହେଉଥିଲେ, ପାବାର ବଢୁଥାଏ, ଦାୟିତ୍ୱ ବଢୁଥାଏ, ସେଥିପାଇଁ ଗାଁକୁ କେବଳ ରଜରେ ଆସୁ ଥାଆନ୍ତି... ଗାଁ ଲୋକଙ୍କ ଅର୍ଚ୍ଚନାର ସ୍ରୋତ କିଛି ମାତ୍ରାରେ କ୍ଷୀଣ ଧରିଥିଲେ ହେଁ, ସଂପୂର୍ଣ୍ଣ ଭଙ୍ଗା ପଡିନଥାଏ ।

ରାଜେନ୍ଦ୍ରଙ୍କର ଯା' ମଧ୍ୟରେ ଚାକିରି ପୂରିଗଲା, ସରକାରଙ୍କ ଠାରୁ ପାଉଥିବା ସମସ୍ତ ସୁବିଧା ପାୱାର ବି ହଟିଗଲା । କଟକ ବାସ ଭବନର ଗାମ୍ଭୀର୍ଯ୍ୟ ଗୁରୁତ୍ୱ ହଟିଗଲା । ଜଗୁଆଳୀ ପହରା ଦେଲା ନାହିଁ । ଚାକର- ପୂଜାରୀ ହଟିଗଲେ । ବାସ ଭବନ ଆଗେ କାଉ ଆଉ ରହିଲା ନାହିଁ ।

ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ କାଳେ ଭେଟ ହେଉଥିବା ଚିହ୍ନା ମୁହଁ ଗୁଡା ଅଜଣା - ଅପାତ୍ରେୟ ପରି ବାଟ ଭାଙ୍ଗି ମୁହଁ ମୋଡ଼ି ଚାଲି ଯାଉଛନ୍ତି । ମାନ୍ୟ ତ ଦୂରର, ପାଖୁଡେ ନିଖି ହସ ଚହଟେ ନାହିଁ । ମନରେ ପ୍ରଚଣ୍ଡ ଗୁଳୁଗୁଳି, ଅହଂକାର ଅଭିମାନର ମୀନାର ଚୂର ଚୂର ହେଇ ପଡୁଛି । ବୁଝେଇ ହେଉନି ମନକୁ, ସମୟ ଚକ୍ରର ରୀତି-ବୃତି-ଗତିକୁ, କାମ-ପାୱାରଥିଲେ ହଜାରେ ନସର ପସର ହାତମଳା- ଜୁହାର, ସେ ହଟିଲେ କେ କାର !ଏ ସହରିଆ,ଚାକିରିଆ ଗୁଡା ଭୀଷଣ ମତଲବୀ,ସ୍ୱାର୍ଥପର, ବେଇମାନ ବରଂ ଭଲ ତ ଗାଁର ମଣିଷମାନେ, ନୀରିହ-ନିର୍ମଳ-ଉଦାର- ଆତ୍ମୀୟ । ଫେରିଛନ୍ତି ସେ...ଅବଶିଷ୍ଟ ଜୀବନ ସେହିଗାଁରେ ହିଁ କାଟିବେ, ସାହେବ, ହାକିମ, ଜମିଦାରଢଙ୍ଗରେ

ଏକର ଏକର ସୃତି କିଆରୀରୁ ଭାର ଭାର ଲୀଳାବତୀ ଧାନ ସାଉଁଟୁଛନ୍ତି, ଏକବାର ମଗ୍ନ ।

ବାବୁ ! ସାନ୍ତେ ଆଜ୍ଞା ! ସଂଜ ନଇଁଲାଣି, କୃଷ୍ଣ ପକ୍ଷ, କିଛିକ୍ଷଣେ ଅନ୍ଧାର ଘୋଟି ଆସିବ ଏ ବରଗଛ ଓହଳରୁ ଓହ୍ଲେଇ ପଡିବ । ବାବୁଆଣୀ ତେଣେ ବ୍ୟସ୍ତ ହେଉଥିବେ..ଚାକରର ଏତେ ସବୁ କଥା ତାଙ୍କ କାନରେ ପିଟି ହେବା ସତ୍ତ୍ୱେ ବି ସେ ମଉନ । ଶୁଖିଲା ପତ୍ରଟିଏ ମୁଣ୍ଡ ଉପରେ ଖସି ପଡିଲା, ମନଚହଲି ଗଲା । ଅସୁସ୍ଥ ହେଲେ ରାଜେନ୍ଦ୍ର । ନିଜ ମଧକୁ ଫେରିଛନ୍ତି, ଘରକୁ ବାହୁଡିଲେ ।

ସକାଳେ ବାବୁ ଚାଲନ୍ତି, ଚାକର ଟୋକା ଛତା ତଳେ । ଦଣ୍ଡବତ ପାଖୁଡା ଝଡା ହେଲାଣି, ଗାଁ ଦି ଧାରୁ ମୁହଁ ଘୂରେଇ ଖୋଜୁଛନ୍ତି,ସେଇ ଲୋକମାନଙ୍କୁ, ଯେଉଁମାନେ ସେଦିନ ଭୂଇଁରେ ମୁଣ୍ଡ ଛୁଇଁ ମାନ୍ୟ ହେଉ ଥିଲେ । ହାତ ଯୋଡି, ଧାଡି ବାନ୍ଧି ଠିଆ ହେଉଥିଲେ ..... ପ୍ରାୟତଃ ଅଛନ୍ତି । ନାହିଁ ଯାହା ସେଦିନର ଭାବ, ଭକ୍ତି ଠୋପେ, କି ଆଞ୍ଜୁଳେ ସମ୍ମାନ, ଚଉକିନାହିଁ,ଚାହିଁଲେ ରାଜେନ୍ଦ୍ର ଘୂରି....

ଚାକର ବୁଝି କହିଲା, ଆଜ୍ଞା ! ସେ ଲୋକ ବାଧିକି ଘରେ ପଡିଛି, ..ବରଗଛ ତଳେ, ମାଟି ପିଣ୍ଡିରେ ଗାମୁଛା ପାରିଦେଲା, ଆଜ୍ଞା ବସିଲେ । ପୂରୁଖା ଗହଳି ନାହିଁ ପୁରୁଣା ପ୍ରଜା ପାତଳେଇ କେଇଜଣ ହାତ ଯୋଡି ଠିଆ ହୋଇଥିଲେ..... ମନେ ମନେ ଖୋଜୁଥିଲେ, କାହିଁ ଜଣେ ହେଲେ କେ ପଇଡ ଧରି ଏଠି ଠିଆ ହୋଇ ନାହାନ୍ତି ? ବୟସ୍କମାନେ ବାବୁଙ୍କ ଚାହାଁଣି ଠାଣି ପଢି ତଳକୁ ମୁହଁ ପୋତିଲେ ।

ରାଜେନ୍ଦ୍ର ଦେଖୁଛନ୍ତି କେହି ଜଣେ ଗାଁ ଭିତରକୁ ଆସୁଛି । ଗୁଡକୁ ଜନ୍ଦା ବେଢିବା ଅବସ୍ଥା, କୁନି କୁନି ପିଲାତ ଯୁବକ, କାହା ହାତେ ଖଜୁରି କୋଳି ପକେଟ ତ କାହା ହାତେ ଚକେଲେଟ୍ କାହା ହାତେ ଗଙ୍ଗା କୋଳି ତ କାହା ହାତେ ବିସ୍କୁଟ୍ ପକେଟ୍ ମହୁ ଫେଣାର ଚାରିକଡେ ଅବା ମହୁମାଛି ବେଢି ବୁଲୁଛନ୍ତି ଗୁଣୁ ଗୁଣାଇ । ସେ ଦଳଟି ପାଖକୁ ବଢୁଥିଲା ... ତାଙ୍କ ସାମ୍ନାରେ ପହଁଚି ଯୁବକଟି ରାଜେନ୍ଦ୍ରଙ୍କୁ ସମ୍ମାନ ଜଣାଇଲା, ଉପସ୍ଥିତ ସମସ୍ତଙ୍କୁ ବୟସ୍କଙ୍କୁ ଦଣ୍ଡବତ ବି ହେଲା ସାଥିରେ ଆଣିଥିବା ଗାମୁଛା ଖଣ୍ଡିଏ ପ୍ରଥମେ ବାବୁଙ୍କ ପାଦତଳେ ଥୋଇଲା ଓ ଅନ୍ୟମାନଙ୍କ ଗଳ ଭୂଷଣ କରିବା ସାଥେ, ଫଳପୁଡିଆ ମାନ ଧରେଇଲା ପୁଣି ଆଗକୁ ବଢିଲା ସେ ଦଳ । ରାଜେନ୍ଦ୍ରଙ୍କ ପାଖେ ଠିଆ ହୋଇଥିବା ସେହି ବୟସ୍କମାନେ, ଜଣ ପରେ ଜଣେ ସାମିଲ ହୋଇ ଚାଲିଲେ ସାଥେ । ରାଜେନ୍ଦ୍ର ଓ ଚାକର ବାବୁଙ୍କ ମୁହଁର ଦୀପ୍ତି ମଉଳି ଆସୁଥିଲା । ଝାଉଁଳି ପଡୁଥିଲା ଚାକରର ମୁହଁ ।

ପ୍ରଶ୍ନ ଭରା ଆଖିକୁ ଚାକର ନିରବରେ ଚାହିଁ ହେଜୁଥିଲା, ପଦେ ପଦେ ପଡୁଥିଲା । ଭଙ୍ଗା ଗଳାରେ ଚାକର ଟୋକା ଉତ୍ତର ରଖିଲା - ଆଜ୍ଞା ସାଆନ୍ତେ ! ଏ ରଙ୍ଗିଆ ମଳିକର ପୁଅ । କେଉଁ ଗୋଟେ ଇଟାଭାଟିରେ କାମ କରେ । ଫି' ଥର ସେ କ୍ଷେତ୍ରରୁ ଗାଁ

କୁ ଆସିଲେ ଏଇ ନବରଙ୍ଗ.... ଗାଁରେ ଥିବା ଯାଏ ଏହି ମେଳ - ଗୋଳ । ଗାଁ ଲୋକଙ୍କ ବିପଦ ଆପଦରେ ସାହା ହୋଇ ପାଖେ ଠିଆ ହୁଏ ସେ ଦେବଦୂତ ପରି । ଗାଁ ଟୋକାଏ ଅଧାବାଟରୁ ତା ବ୍ୟାଗ୍ ଗଣ୍ଡିଲି ବୋହି ଆଣନ୍ତି । କ୍ରିକେଟ୍ ବେଳକୁ ଏ ଅଇଲେ ବାଣ ଫୁଟେ....ସେ ଖେଳକୁ ଏ ଟୋକା ଦି ତିନି ବଣ୍ଡିଲି ଟଙ୍କା ଖଇରାତ କରେ... କାମକୁ ଫେରିବା ଯାଏ ସାରା ଗାଁର ସେ ସାନ୍ତ କୁଣିଆଁ, ସବୁରି ଘରେ ପତର ପଡେ । ନିମନ୍ତା ପରେ ନିମନ୍ତା ... ଆଉ କିଛି କହୁଥିଲା .... ବର ଓହଳକୁ ସଂଜ ଅନ୍ଧାର ବେଢିବା ଆଗୁ, ବାବୁଙ୍କ ମୁହଁକୁ ଅନ୍ଧାର ଛାଇ ହେଇ କାଳିମା ଚରି ଯାଉଥିଲା ବେଶି ବେଶି, ଆତ୍ମ ଗ୍ଲାନି - ଯନ୍ତ୍ରଣାରେ ଛାଉଣି ହେଇ ଯାଉଥିଲା । କ୍ରୋଧ-ଅପମାନ - ଅସୂୟାରେ ସେ ଦଗ୍ଧ ହେଉଥିଲେ ତିଳେ ତିଳେ । ଆଉ କିଛି କହିବାକୁ ଚାକର ଚାହୁଁଥିଲା.... ବାବୁ ହାତ ଉଠେଇଲେ । ଆଜ୍ଞା ହେଲା ସନ୍ଧ୍ୟା ହେଲାଣି , ଚାଲ ଘରକୁ ଯିବା, ବାବୁଆଣୀ ତେଣେ ବ୍ୟସ୍ତ ହେଉ ଥିବେ । ଯେବେ ଆଖ ପାଖରେ କେଉଁଠି ମୌସୁମୀ ଆତଯାତ ହେଉଥାନ୍ତା ତାକୁ ନେହୁରା ହେଇଥାନ୍ତେ, ଆଖି ଉପତ୍ୟକାରେ ଅସରାଏ ବର୍ଷିବାକୁ ।

ଶାସକ ଯେବେ ସାଧାରଣଙ୍କ ଅଭାବରେ, ଦୁଃଖରେ, ଦୁର୍ଦ୍ଦିନ, ଦୁର୍ଦ୍ଦଶାରେ, ବିପଦରେ,ମନରେ ନଥାଇ କେବଳ ଲୁଟିବା, ଶୋଷିବା ମନସ୍କ ହୋଇ ଶାସନ, ଶୋଷଣ, ଆଭିଜାତ୍ୟ, ଅହଂକାର, ଗର୍ବରେ ନିଜକୁ ଡୁବେଇ ରଖେ, ସମୟ ଗଡିଲେ, ଫୁଲରୁ ପାଖୁଡା ଝଡିଲା ପରି ଝରି ଝରି ବିକ୍ଷିପ୍ତ ହୋଇ ନିଃଶେଷ ହୋଇଯାଏ । ଚଳମାନ ଚକ୍ରରେ ସିନା, ହେଲେ କେହି କାହାର ହୋଇ ରହି ନ ଥାନ୍ତି ।

ରାଜେନ୍ଦ୍ର ଆଜି ସେମିତି ଏକ ଶୁଷ୍କ ଗଛ, ନାହିଁ ଶାଖା, ପତ୍ର, ଫୁଲ, ଫଳ, ନିଜସ୍ୱ ଛାଇ-ଛାଲ ବି ମଳେ...ଏକାନ୍ତ ଏକେଲା, ନିଜଠୁଁ ନିଜେ ହିଁ ନିର୍ବାସିତ ବି....


ତହିଁ ପରଦିନ ଅଜସ୍ର ବେଦନାକୁ ମୁଣ୍ଡେଇ,ଗାଁକୁ ମୁଣ୍ଡିଆ ମାରି, ରାଜେନ୍ଦ୍ର ଫେରିଗଲେ ସେହି ସହରକୁ । ଯଉଁଠି, ସଭିଏଁ ଅଚିହ୍ନା, ସଂପର୍କ ଛିନ୍ନା, ଅଣଆପଣା, ଆତ୍ମୀୟହୀନମାନଙ୍କ ପ୍ରବଳ ଭିଡ ଜଙ୍ଗଲକୁ । ଛଳନାମୟୀ ସେ ରଙ୍ଗବତୀ ନଗରୀ, କେହି ନୁହଁନ୍ତି କାହାରି । ଭଡାଟିଆମାନଙ୍କ ପାଚୁର୍ଯ୍ୟ ମଧ୍ୟକୁ, ସ୍ନେହ, ପ୍ରେମ, ମମତା, ଭଲପାଇବା, ବାପା,ମାଆ,ପୁଅ,ଝିଅ, ସ୍ତ୍ରୀ, ସବୁ ଭଡାରେ ମିଳେ । ସଂସାର ଭଡାରେ ଚାଲେ... ଘର, ପାଣି, ପବନ, ଆଲୁଅ, ଗାଡି, ମଶାଣି, ହସ,ଲୁହ, ସେବା ସବୁ ଭଡାରେ...

ମଧୁଗଡ ଗାଁ, ଆଉ କେବେ ରାଜେନ୍ଦ୍ରଙ୍କ ଛାଇ ଦେଖିନାହିଁ ।

ସଂପାଦକ "ସୁଧା"

ରାଜକନିକା ,ମୋ-୯୩୪୮୨୮୧୧୩୮

ସ୍ୱପ୍ନ ଦେଖୁଥିବା ପିଲାଟିଏ



ତନ୍ମୟଜ୍ୟୋତି ନାୟକ

“ମୁଁ ସେତେବେଳେ କ’ଣ କରିବି କିଛି ବୁଝିପାରୁନଥିଲି । ସବୁ ଲୋକ ମତେ ମାରିବା ପାଇଁ ଘେରିଗଲେ । ବିଧା, ଗୋଇଠା ଲଦି ଦେଇଗଲେ । କିଛି ସମୟ ଭିତରେ କେଉଁଠୁ ଜଣେ ବାବୁ ଧାଇଁ ଆସି ସେମାନଙ୍କୁ ବାରଣ କରି ମତେ ରକ୍ଷା କଲେ । ମୁଁ ସେତେବେଳକୁ ଭୂଇଁରେ ପଡି ଦାନ୍ତ କାମୁଡ଼ି ଏମିତି କାନ୍ଦୁଥାଏ ।”

ଛୋଟ ସହରତଳିରୁ ଯେତେବେଳେ ରାତିର ଘନ ଅନ୍ଧକାର ଦୈତ୍ୟଦାନବ ପରି ମାଡ଼ି ଆସୁଥିଲା, ସେତେବେଳେ ସହର ଉପକଣ୍ଠର ସେଇ ଇଂରେଜ ଅମଳର ବଦରା ଶୀର୍ଣ୍ଣ ପୋଲତଳ ଫୁଟପାଥ୍ ଉପରେ ଶୋଇ ଯାଇଥିଲେ ପାଗୁଳୁ ଆଉ ତାର ଦୁଇ ବର୍ଷର ଭଉଣୀ ମାମୁନି ।

ରାତି ଏବେ ବୟସ୍କ । ସହର ଏବେ କ୍ଲାନ୍ତ । ଦିନ ଯାକ ଶରୀରକୁ ଏମିତି କଷ୍ଟ ଦେଇ ଦେଇ ରାତିରେ ଟିକେ ନିଦ ଆସିଲେ ପାଗୁଳୁ ଏମିତି ଶୋଇଯାଏ ତାର ସେଇ ଫଟା, ଚିରା ଦଦରା କମଳଟି ଘୋଡ ହୋଇ, ଯାହା ଥିଲା ତା’ ମା’ର ଏକମାତ୍ର ସମ୍ବଳ । ପାଗୁଳୁ ସ୍ୱପ୍ନ ଦେଖୁଥିଲା - ତା’ ମାଆକୁ,ତା ମାଆ ପୁଣି ଆସିଛି ତା ସ୍ୱପ୍ନରେ । ସେ ଦେଖିପାରୁଛି, ସେଇ ଓଠ, ସେଇ ହସ, ସେଇ ଅସଜଡା ଝୋଟ ପରି କେଶଗୁଚ୍ଛ - ଏଇ ତ ତା’ ମାଆ । ପାଗୁଳୁ ନିଦରେ ଡାକିଲା, “ମାଆ ତୁ ସତରେ ଆସିଛୁ ?

ମା’ର କିଛି ଉତ୍ତର ନାହିଁ, ସେ ଖାଲି ହସୁଛି - ସେଇ ପରିଚିତ ହସ ।

“ଓଃ ମା’ ତୁ ହସୁଛୁ କାହିଁକି ଯେ !

ଜାଣିଚୁ ଆଜି ମୁଁ ଦିନ ଯାକ କିଛି ଖାଇନି । ଏଇ ମାମୁନିର କାନ୍ଦ ଦେଖି ମୋ ଖାଇବା ତାକୁ ଦେଲି - ସେ କେବେ ମାଗି ଶିଖିବ ଯେ ? ମୁଁ ମୋ ନିଜ ପାଇଁ ପାରୁନି ତା ପାଇଁ କୋଉଠୁ ଆଣିବି ? କହ - ପାଗୁଲୁର ପ୍ରଶ୍ନ ଥିଲା ତା ମାଆ ପ୍ରତି । ଉତ୍ତରରେ ତା ମା'ର ସେଇ ପରିଚିତ ହସ ।

ହସୁଛୁ ମା' ହସ । କେତେ ହସିବୁ ହସ । ନିଜେ ତ ସବୁ ବୋଝକୁ ପଛରେ ଛାଡି ଚାଲିଗଲୁ - ମୋ ଉପରେ ଲଦି ଦେଇଗଲୁ ଏଇ ମାମୁନିକୁ । ପାଗୁଲୁ ସ୍ୱପ୍ନରେ ତା' ମା' ସହିତ ଏମିତି କଥା ହେଉଥିଲା ଯେମିତି ତା ମାଆ ତାର ଆଖି ଆଗରେ ବସିଛି । ଜାଣିଛୁ ମା' ସେଦିନ କ'ଣ ହେଲା -

ଏଇ ବସ୍ ଷ୍ଟାଣ୍ଡ ପାଖ ଚା' ଦୋକାନୀ ନୁହଁ, କ'ଣ ତ ତା ନାଁ, ହଁ ବୁଲା ଗୁଡ଼ିଆ । ସକାଳୁ ସକାଳୁ ପାଞ୍ଚଟଙ୍କା ବାଟରୁ ପାଇଥିଲି । ପାଞ୍ଚଟଙ୍କାରେ ଗୋଟେ ବିସ୍କୁଟ୍ କିଣିବି ବୋଲି ଭାବି ସେଇ ବୁଲା ଗୁଡ଼ିଆ ଦୋକାନକୁ ଗଲି । ଯାଇ ସେଇ ଟଙ୍କାଙ୍କୁ ଗଣି ସେଇ ବିସ୍କୁଟ ଡବା ଉପରେ ଥୋଇଦେଇ ବିସ୍କୁଟ ଦବା ପାଇଁ କହିଲି । ସେ ଦେଖିଛି ମୁଁ ସେ ପଇସା ରଖିଛି ଆଉ ସେ ତା'ପରେ ସେଇ ପଇସା ତା ହାତରେ ନେଇ ଭଲକରି ଗଣି ତା ଟିଣ ବାକ୍ସରେ ରଖିଲା ମୁଁ ବି ଦେଖିଛି । କିଛି ସମୟ ଗଲାପରେ ସେ ମୋତେ ବିସ୍କୁଟ ଦେବ କ'ଣ - ପୁଣି ଓଲଟି ପଇସା ମାଗିଲା । ମୁଁ ପଇସା ଆଗ ଦେଇଛି ଏ କଥା ସେ ଫାଙ୍କିଲା । ସେ ଫାଙ୍କୁଛି ମୁଁ କ'ଣ ଛାଡିଥାନ୍ତି ମୁଁ ବି ଯୁକ୍ତି କଲି - ସତ କଥାରେ ଡର କ'ଣ ? ବଡ଼ ଗୋଟେ ପାଟିଗୋଳ ଲାଗିଲା । ସକାଳୁ ସକାଳୁ ଯେଉଁ ଦୋକାନୀମାନେ ଦୋକାନ ଖୋଲୁଥିଲେ ସେମାନଙ୍କର କାଳେ ଗୋଟେ ସଂଘ ଅଛି । ସବୁ ଦୋକାନୀମାନେ ଆସି କଥା କ'ଣ ପଚାରିଲାରୁ ସେ ବୁଲା ଗୁଡ଼ିଆ - ମିଛୁଆ କହିଲା, ମୁଁ କାଳେ ତାକୁ ପଇସା ନ ଦେଇ ଜବରଦସ୍ତି ବିସ୍କୁଟ ମାଗୁଛି ଆହୁରି ଦି ପଦ ବି ଯୋଡ଼ିଦେଲା - କହିଲା ମୁଁ କାଳେ କହୁଛି ବିସ୍କୁଟ ନ ଦେଲେ ତା' ଦୋକାନ ଉପରକୁ ଇଟା, ଡେଣୁଆ, ପଥର ଛାଟିବି ନଇଲେ ବିସ୍କୁଟ ଡବା ଧରି ଦୌଡ଼ି ପଳେଇବି ।

ମା'ଲୋ ପଣକୁ ଜଣକ ଡର । ମୁଁ ସେତେବେଳେ କ'ଣ କରିବି କିଛି ବୁଝିପାରୁନଥିଲି । ସବୁ ଲୋକ ମତେ ମାରିବା ପାଇଁ ଘେରିଗଲେ । ବିଧା, ଗୋଇଠା ଲଦି ଦେଇଗଲେ । କିଛି ସମୟ ଭିତରେ କେଉଁଠୁ ଜଣେ ବାବୁ ଧାଇଁ ଆସି ସେମାନଙ୍କୁ ବାରଣ କରି ମତେ ରକ୍ଷା କଲେ । ମୁଁ ସେତେବେଳକୁ ଭୂଇଁରେ ପଡି ଦାନ୍ତ କାମୁଡ଼ି ଏମିତି କାନ୍ଦୁଥାଏ । ସେଇ ବାବୁ ଜଣଙ୍କ ମତେ ଉଠାଇ ମୋ ଦେହରୁ ଧୂଳି ଝାଡିଦେଲେ ଆଉ ମୋ ପେଣ୍ଟ ପକେଟରେ ଦଶଟଙ୍କା ଗୁଞ୍ଜିଦେଲେ । କିଛି କହିଥାନ୍ତେ ବୋଧେ ତାଙ୍କ ବସ୍ ଟାଇମ୍ ହେଇଯାଉଥିଲା - ସେ ଚାଲିଗଲେ ।

ସେଇ ବାବୁ ଯଦି ସେମାନଙ୍କୁ ତଡି ନଥାନ୍ତେ ତାହେଲେ ମୁଁ ବୋଧେ ନଥାନ୍ତି । ପକେଟ୍‌ରେ ଦଶଟଙ୍କା ଦେଖି ମୋ ଆଖି ଲୁହ ଶୁଖିଯାଉଥିଲା । କେତେଥର ଏମିତି

ଆପେ ଆପେ ଆଖିରୁ ଲୁହ ଶୁଖିଯାଏ - ତାର ହିସାବ ନାହିଁ । ମୁଁ କ'ଣ କୋଉ ବାବୁ ଘର ଛୁଆ ହେଇଛି ଯେ ରଡ଼ି କରି କାନ୍ଦି ଜିଦ୍ କଲେ ସାତସଜ୍ଜା ଆସି ହାଜର ହେଇଯିବ । ମୋ ଲୁହର ମୂଲ କାହା ପାଇଁ ଅବା କେତେ ? ମୋ ପାଇଁ ବି ମୋ ଲୁହର କିଛି ମାନେ ନାହିଁ ।

ସେଇଦିନ ଷ୍ଟେସନ୍ ପାଖ କାଳୀମଣ୍ଡପରେ ମେଳା ହଉଥିଲା । କେତେ ରକମର ଖାଇବା ଦୋକାନ ପଡିଥିଲା । ଦିନ ଯାକ ମେଳା ବୁଲିଲି - କାଳେ କାହାକୁ ମୋର ଏଇ ପଞ୍ଜରା ଗଣା ଶରୀର ଦେଖି ଦୟା ଲାଗିବ - କିଏ ମତେ ଡାକି ପାଞ୍ଚଟଙ୍କା ଦବ ନଇଲେ ଖାଇବାକୁ ଦବ । ହେଲେ ମା' ସେମିତି କେହିନଥିଲେ ସେଠି । ମୋର ମାମୁନି କଥା ମନେପଡିଗଲା - ସିଏ ବି କିଛି ଖାଇନି ସକାଳୁ । ତାକୁ ଧରି ଆଣିବା ପାଇଁ କେବିନ୍ ପାଖକୁ ଗଲାବେଳକୁ ଦେଖିଲି, ସେ ଗୋଟେ ବିସ୍କୁଟ ପକେଟ ଧରି ଖିଆ ଲଗେଇଛି । ମତେ ଦେଖି ସେ ବିସ୍କୁଟ ପକେଟ୍ ଲୁଚାଇଦେଲା କାଳେ ମୁଁ ଭାଗ ବସେଇବି । ମୁଁ ତାକୁ ଦେଖି ଟିକେ ହସିଦେଲି - ସେ କ'ଣ ଭାବିଲା କେଜାଣି ଦୌଡ଼ି ପଳେଇଲା ।

ସେଇଦିନ ମେଳାରେ ଗୋଟେ ଛୋଟପିଲା ହାତରେ ଖେଳନା ଦେଖି ମାମୁନି ଏତେ କାନ୍ଦିଲା, ଗୋଡ଼ କଚାଡ଼ି ହେଲା ଯେ ମୁଁ ଖେଳନା ଦୋକାନକୁ ସବୁଠାରୁ ଶସ୍ତା ଖେଳନାର ଦର ପଚାରିଲି ଯେ ସେ ଦୋକାନୀ ମତେ ଦେଖି ହିଁ କେମିତି ଗୋଟେ ମୁହଁ କରି ପଚାଶ ଟଙ୍କାର ଗୋଟେ କଣ୍ଢେଇ ଦେଖେଇଲା । ସେ କଣ୍ଢେଇଟା ଦେଖି ମାମୁନିଟା ମୋର ଖୁସି ହେଇଥିଲା ଯେ, ହେଲେ ସେ କ'ଣ ଜାଣେ କି ତା' ଭାଇ ଆଜି ମାଡ଼ ଖାଇ ଆସିଛି ଆଉ ତା' ପକେଟରେ ଦଶଟଙ୍କା ପଡିଛି, ସେ ବାବୁ ଜଣଙ୍କ ଦୟାରେ ଦେଇଥିବା ଦଶଟଙ୍କା । ସେଇ ଟଙ୍କାରେ ସାଧୁ ଗୁଡ଼ିଆ ପାଖରୁ ଦିଓଟି ସିଙ୍ଗଡ଼ା ଆଣିଥାନ୍ତି - ଗୋଟେ ମାମୁନିର ଆଉ ଗୋଟେ ମୋର ।

ଦଶଟଙ୍କାରେ କି ଖେଳନା ମିଳିବ ଯେ ? ପଚାରିଲାରୁ ଦୋକାନୀ ଭାରି ଗୋଟେ ଗାଳିଦେଲା । ସେ ଗାଳି ଶୁଣି ମାମୁନି ଆଉରି ଜୋରରେ କାନ୍ଦିଲା । ଔଷଦ ରାଗରେ ତାଟିଆ କାମୁଡ଼ିବା ଭଳି ଦୋକାନୀର ରାଗକୁ ମାମୁନି ଗାଲରେ ଶକ୍ତ ଦିଚାପୁଡା କଷି ଦେଇଗଲି । କହିଲି, ମୁଁ ନଥିଲେ ଏଇମିତି କହାକୁ ଖେଳନା ମାଗିକୁ କହିଲୁ ? ଖାଇବାକୁ ଗଣ୍ଡେ ମିଳିଯାଉଛି ସେତକ ବହୁତ୍ । ଏଇ ଖେଳନା ଫେଳନା ଛାଡି କିମିତି ମୋ ସହ ବାବୁ ବାବୁଆଣୀମାନଙ୍କୁ ପଇସା ମାଗିପାରିବୁ ଶିଖ । ଆଜି ମୁଁ ଅଛି, କାଲିକି କୋଉ ଟ୍ରକ୍ ଆସି ମୋତେ ପିଟିଦେଇଥିବ ନଇଲେ କୋଉ ବସ୍ ଚକା ତଳେ ମୋ ମୁଣ୍ଡ ରହିଯାଇଥିବ, ସେତେବେଳେ ଏଇମିତି କାନ୍ଦି କାନ୍ଦି ମରିବୁ ଯେ ।

ସତ କଥା ମାମୁନିଟା ମୋର ଭାରି ଫୁଲେଇ । ଏତକ କଥା ସିନା ରାଗିକରି କହିଦେଲି ହେଲେ ସତ କହୁଛି ମାଆ ତା ଗାଲରେ ଚଟକଣି ମାରିଦେଇ ମତେ କାଇଁ ଭାରି ଦୋଷୀ ଦୋଷୀ ଲାଗିଲା । ତା' ଆଖି ଦିଓଟି ଠିକ୍ ତୋ ଆଖି ପରି । ସେ ସକେଇ

ସକେଇ ତା ରାହା ବେଳେ ଅଟକିଯାଉଥିଲା । ମତେ ତୋ ଧଇଁ କାଶ କଥା ମନେପଡିଯାଉଥିଲା । ମତେ ଲାଗୁଥିଲା ତୁ ଯେମିତି ତା ଠେଇଁ ସବାର ହେଇ ମତେ ଗାଳି କରୁଛୁ, ମତେ ଆକଟ କରୁଛୁ । ହେଲେ ଗୋଟେ ବଡ଼ଭାଇ ହିସାବରେ ମୁଁ ଆଉ କ'ଣ କରିଥାନ୍ତି କହ । ତୋର ମନେ ଅଛି ନା ମୁଁ ଯେତେବେଳେ ଛୋଟ ଥିଲି ଠିକ୍ ଏଇମିତି ତୋର ଲକ୍ଷେ ବାରଣ ପରେ ବି ପଇଡ ପାଣି ପିଇବାକୁ ଜିଦ୍ ଧରି ରାସ୍ତା କଡ଼ରେ ଗଡିଯାଇଥିଲି । ସେତେବେଳେ ମାମୁନି ତୋ ପେଟରେ ଥିଲା । ମତେ ଏମିତି ଅବସ୍ଥାରେ ଦେଖି ତୋର କୋଉ ରାଗ ଉଠିଲା କେଜାଣି, ମୋ ଦୁଇ କଅଁଳିଆ ଗାଲ ଆଉ ତୋର ସେଇ ଶକ୍ତ ଟାଆଁସିଆ ହାତ - କସିଦେଇ ଗଲୁ ଚାରି ଚାପୁଡା । ତା' ପରେ ତୁ ଚୁପ୍ ଚାପ୍ ଚାଲିଲୁ, ଆଉ ତୋ ପଣତ ଚୋବେଇ ମୁଁ ବି ତୋ ପଛେ ପଛେ ଚାଲିଲି ।

ଆଉ ଜାଣିଛୁ ମାଆ ସେଇଦିନ ମୁଁ ମାମୁନିକୁ କାଖ କରି ଆଣି କାନ୍ଧରେ ବସାଇ ମେଳା ବୁଲେଇଲି । ତାକୁ କେତେ ବୋଧ ଦେଲି । ପାଞ୍ଚଟଙ୍କିଆ ରିବନ୍ ଖଣ୍ଡେ ଆଣି ତା ନୁଖୁରା ବାଳରେ ବାନ୍ଧିଲି ସେ ଟିକେ ଚୁପ୍ ହେଲା । ତା'ପରେ ମ୍ୟୁନିସିପାଲିଟି ଅଳିଆଗଦା ଉପରେ ଦିଇଟା ଜୁଲୁ ଜୁଲିଆ ପୋକକୁ ଦିଆସିଲ ଖୋଳରେ ଧରିଆଣି ମାମୁନିକୁ ଦେଲି । ସେ ତାକୁ ଦେଖି ଭାରି ଗୋଟେ ଖୁସି ହେଲା, ତାଳି ମାରିଲା । ମତେ ଲାଗିଲା ତୁ ହସୁଛୁ । ମୋ ଅଖିଆ ପେଟ ପୂରିଗଲା । ପାଖରେ ଥିବା ବଳକା ପାଞ୍ଚ ଟଙ୍କାରେ ମୁଁ ଗୋଟେ ବିସ୍କୁଟ କିଣି ମାମୁନିକୁ ଧରାଇଦେଲି, ସେ ସେଇ ଦିଆସିଲି ଖୋଳ ଫୋପାଡି ଦେଇ ବିସ୍କୁଟ ତକ ଏକା ନିଶ୍ୱାସେ ସାରିଦେଲା ଖଣ୍ଡେ ବି ଯାଚିଲାନି । ମୋର ସେଥିପାଇଁ ଦୁଃଖ ନାହିଁ । ମୋ ଭଉଣୀ ତ ଖାଇଛି ସେ ଯଦି ବୁଝିବାର ହେଇଥାନ୍ତା ତାକୁ ବୁଝେଇଥାନ୍ତି - ଭୋକ ଆଗରେ ଦାମୀ ଖେଳନାରେ ମୂଲ୍ୟ କିଛି ନାହିଁ । ଏକ ଦିଆସିଲି ଖୋଳକୁ ଫିଙ୍ଗିଦେବା ପରି ସେ ସେଇ ପଚାଶ ଟଙ୍କିଆ କଣ୍ଢେଇଟିକୁ ବି ବିସ୍କୁଟ ଲୋଭରେ ଫିଙ୍ଗିଦେଇଥାନ୍ତା ।

ବ୍ୟସ୍ତ ହୁଅନି ମାଆ ମାମୁନି ଦିନେ ସବୁ ବୁଝିଯିବ । ମୁଁ ତ ଏବେ ସୁନାପିଲା ହେଇଯାଇଛି । ସେ ବି ହେଇଯିବ, ସୁନାଝିଅଟେ । ହେଲେ ସେ ତୋତେ ବେଳେ ବେଳେ ଖୋଜିହୁଏ, କାନ୍ଦେ । ଏଇ ଯେମିତି ତୁ ମୋତେ ବେଳେ ବେଳେ ଦେଖା ଦଉଚୁ, ସେଇମିତି ତାକୁ ଥରେ ଦେଖା ଦିଅନ୍ତୁନି ।

ତତେ ଯୋଉଦିନ ଟ୍ରକ୍ ପିଟିଦେଲା, ତା ପରେ ତୁ ଛିଟିକିଗଲୁ କେଇ ହାତ ଦୂର । ଟ୍ରକ୍ ତତେ ପିଟିଦେଇ ପଳେଇଲା, ସେତେବେଳେ ତୋ ରକ୍ତାକ୍ତ ଶରୀର ପାଖରେ ବସିଥିଲୁ ମାମୁନି ଆଉ ମୁଁ । ସେତେବେଳେ ସେ ସାତ କି ଆଠ ମାସର ହେଇଥିଲା । ଚୁପ୍‌ଚୁପ୍ ଆଖିରେ ଚାରିଆଡେ ଚାହୁଁଥିଲା । ତା' କାନ୍ଦ ଶୁଣି ଚାରିପାଖର ଲୋକ ଆହା - ଚୁଚୁ କରିଦେଇ ଯେଝା ବାଟରେ ଚାଲିଯାଇଥିଲେ । କିଛି ଜଣ ବାବୁ ଲୋକ ଠିଆ ହୋଇ ଫଟୋ ଉଠାଉଥିଲେ । ଆଉ କିଛି ଲୋକ ମୋ ପାଖରେ ଟଙ୍କାଏ, ପାଞ୍ଚଟଙ୍କା ଫୋପାଡି ଦେଉଥିଲେ । ତାପରେ ମ୍ୟୁନିସିପାଲିଟି ଗାଡ଼ି ଆସି ତତେ ଉଠାଇନେଲା । ସେ

ଗାଡ଼ି ପଛରେ ଗୋଡ଼ାଇ ଗୋଡ଼ାଇ ମୁଁ ବେଶୀ ବାଟ ଯାଇପାରିଲିନି, ପଛକୁ ଫେରିଆସି ଦେଖିଲି ମାମୁନି ସେମିତି ବସିଛି ତା' ପାଖରେ ପଡିଥିବା ପଇସାକୁ ତୋଳି ପାଟିରେ ପୂରାଉଛି । ମୋ ଆଖିରୁ ଲୁହ ପୋଛି ଟଙ୍କାତକ ତୋଳିଧରି ମୁଁ ରାତାରାତି ଆଉ ଗୋଟେ ସହରକୁ ଚାଲିଆସିଲି ।

ଏଠାକୁ ଆସିଲାପରେ ଦିନେ ସକାଳେ ଷ୍ଟେସନ୍ ପାଖରେ ଜଣେ ବାବୁଙ୍କୁ ଟଙ୍କାଟିଏ ମାଗିଲି ଯେ ସେ ଦୁନିଆ ପ୍ରବଚନ ଶୁଣେଇ ମତେ ପାଖ ସ୍କୁଲ୍‌କୁ ନେଇ ସେ ସ୍କୁଲର ହେଡମାଷ୍ଟର ସହିତ କଥାହେଇ ମତେ ନିତିଦିନ ସ୍କୁଲ୍ ଆସିବା ପାଇଁ କହିଲେ । ତହିଁ ପରଦିନ ମାମୁନିକୁ ନେଇ ଇସ୍କୁଲ୍ ଗଲି । ସେ ଇସ୍କୁଲ୍‌ର ପିଲାମାନେ କାନ୍ଧରେ ବଡ଼ ବଡ଼ ବେଗ୍, ବସ୍ତାନି ନେଇ ଆସୁଥିଲେ, ମୋ ପାଖରେ ତ କିଛି ନାହିଁ, ସେମାନେ ମତେ ଥଟ୍ଟା କଲେ । ମୋ ନାଁ ପଚାରିଲେ, ମୁଁ କହିଲି ମୋ ନାଁ ପାଗୁଲୁ । ସେମାନେ ଆଉରି ଜୋର୍‌ରେ ହସିଲେ । ମା' ତୁ ତ ମତେ ପାଗୁଲୁ ବୋଲି ଡାକୁ, ମୁଁ ତ କେବେ ହସିନାହିଁ । ମୋ ନାଁ ରେ ଏମିତି କ'ଣ ଯାଦୁ ଥିଲାକି ତାକୁ ଶୁଣିବାଠେଇଁ ସେମାନେ ହସିଲେ । ଖାଲି ସେତିକି ନୁହେଁ, ଇସ୍କୁଲର ଘଣ୍ଟି ବାଜିଲା, ପିଲାମାନେ ତାଙ୍କ ବେଗ୍‌ରୁ ଛୋଟ ଛୋଟ ବାକ୍ସ ଖୋଲି ଭେଳିକି ଭେଳି ଜିନିଷ ଖାଇଲେ, ଆଉ କିଛି ପିଲା ଇସ୍କୁଲ୍‌ରେ ରନ୍ଧା ହେଉଥିବା ଖାଦ୍ୟ ଖାଇବା ପାଇଁ ଗଲେ । ଡବା, ବାକ୍ସ ଭିତରୁ ଖାଦ୍ୟ ଖାଉଥିବା ପିଲାମାନେ ମତେ ଚାହିଁ ହସୁଥିଲେ । ମୁଁ ବିକଳ ଭଳି ସେମାନଙ୍କ ଆଡ଼େ ଚାହିଁଥିଲି, ସେମାନେ ମତେ ମାରି ଗୋଡାଇଲେ । ମାମୁନିକୁ କାଖ କରି ମୁଁ ଦଉଡିଆସିଲି । ଗୋଟେ ବଡ଼ ଢେଲା ପଥର ଆସି ମୋ ପିଠିରେ ବାଜିଲା ଗୁବ୍ କରି । ମୁଁ ପିଠିକୁ ସମ୍ଭାଳିବି ନା ମାମୁନିକୁ । ମୁଁ ଦଉଡିଲି, ଖୁବ୍ ଜୋର୍‌ରେ ସେମାନେ କିଛିବାଟ ମୋ ପିଛା କରି ପୁଣି ଚାଲିଗଲେ ।

ମା' ଇସ୍କୁଲ୍‌ରେ କ'ଣ ଏଇମିତି ହୁଏ ? ସମସ୍ତେ କ'ଣ ଢେଲା ପଥର ଫିଙ୍ଗନ୍ତି ଆପଣା ଆପଣା ଭିତରେ ? ହସନ୍ତି - ବିନା କାରଣରେ ? ମୁଁ ତ ଶୁଣିଥିଲି ସେଠି କାଳେ ପାଠପଢା ହୁଏ । ସଭିଏଁ ପାଠ ପଢନ୍ତି ଆଉ ବଡ଼ ହେଇଯାଆନ୍ତି । ମାଆ ତତେ ଗୋଟେ କଥା ପଚାରିବାର ଥିଲା; ତୁ ଚାଲିଗଲା ପରେ ଏ ପ୍ରଶ୍ନଟା ବେଶୀ ବେଶୀ ଭାରି ଲାଗୁଛି ମତେ । ଦିନେ ତତେ ପଚାରିଥିଲି ଯେ ତୁ ମତେ ଏଣୁ ତେଣୁ କ'ଣ କହି ଭଣ୍ଡେଇ ଦେଇଥିଲୁ । ସେତେବେଳେ ମୁଁ ଛୋଟ ଥିଲି, ଆଜି ତୁ ମତେ ଠକେଇ ପାରିବୁନି । କହ ମାଆ, ସତ କହ, ଆମ "ବାପା"ଙ୍କ ଠିକଣା କ'ଣ ? ସେ କ'ଣ କରେ ? କେଉଁଠି ରହେ ? - କହ ମା' । କହୁନୁ କାହିଁକି ?

ପାଗୁଲୁ ଅନୁଭବ କରୁଥିଲା, ସ୍ୱପ୍ନରୁ ତା' ମାଆର ସେଇ ପୃଷ୍ଠ ଧବଳ ମୂର୍ତ୍ତିଟି ଧିରେ ଧିରେ କଳା ଧଳା ଆକାର ନେଇ ଅସ୍ପଷ୍ଟ ହେଇଉଠୁଛି ।

ତା'ପରେ ପାଗୁଲୁ ଜୋର୍‌ରେ ଡାକିଲା, "ମା' ତୁ ଚାଲି ଯାଉଛୁ ପୁଣି କହ,

କେବେ ଆସିବୁ ? ଏବେ ନିଦ ଭାଙ୍ଗିଗଲା ସେ ଉଠିପଡିଲା । ରାତିର ଅନ୍ଧାର ଘନେଇ ଆସିଥିଲା । ପାଦଚଲା ରାସ୍ତାର ଅପର ପାର୍ଶ୍ୱରେ ଥିବା ଓଭର୍ ବ୍ରିଜ୍ ଉପରେ କେତେଖଣ୍ଡ ଆନ୍ଧ୍ରା ଟ୍ରକ୍ ଆତଯାତ ହେଉଥିଲେ । ଚାରିଆଡ଼େ ନୀରବତା ।

କିଛି ଦୂରରେ ବଡ଼ ପାଟିତୁଣ୍ଡ ଶୁଭୁଛି । ପାଗୁଲୁ ସିଆଡେ ଚାହିଁଲା । ଦେଖିଲା କେତେ ଯୁବକ ବଡ଼ କେକ୍ ଖଣ୍ଡେ ଆଣି ସେଥିରେ ମହମବତୀ ଜଳାଇ ପୁଣି ଲିଭାଉଛନ୍ତି । ଆଉ କେକ୍‌ଟିକୁ କାଟି ସାରିବା ପରେ ସେଥିରୁ ଅଳ୍ପ କିଛି ଖାଇ ପରସ୍ପର ମୁହଁରେ ଲଗାଉଛନ୍ତି । ପାଗୁଲୁ ଏଥିରୁ କିଛି ବୁଝିପାରିଲା ନାହିଁ । କିନ୍ତୁ ଦିନଯାକ ନ ଖାଇଥିବା ହେତୁ ତାର ଭୋକ ଏ କେକ୍ ଟିକୁ ଦେଖି ଦୁଇଗୁଣା ହେଇଉଠିଲା । ମାମୁନି ଶୋଇଛି । ସେ ଝାଡି ଝୁଡି ହେଇ ଉଠିଲା । ସେ ଯିବ, ସେଇ ଟୋକାମାନଙ୍କ ପାଖକୁ । ଅଳ୍ପ ଟିକେ କେକ୍ ମାଗିବ, ସେମାନେ ଏତେ ନଷ୍ଟ କରିଦେଉଛନ୍ତି, ଟିକେ ହେଲେ ଦେବେ, ତାକୁ ଆଣି ଟିକେ ସେ ଖାଇବ ଆଉ ଟିକେ ମାମୁନିକୁ ଦେବ । ବିଚାରି ସେ ବି ସନ୍ଧ୍ୟାଠୁ କିଛି ଖାଇନି । ପାଗୁଲୁ ଚାଲିଲା । ସେଇ ଯୁବକମାନଙ୍କ ଭିତରୁ ଜଣକ ପାଖକୁ ଯାଇ ପାଗୁଲୁ କହିଲା, "ବାବୁ ଟିକେ ଖାଇବାକୁ ମିଳିବ ?" ଭାରି ଭୋକ ପରା ।

"ଭାଗ୍ ଏଠୁ ଶଳା ! ଅପରିଷ୍କାର ହାତରେ ମୋ ହାତ ଧରିଦେଲୁ । ଶଳା ଲାୱାରିସ୍ - ତୋ ଚଉଦ ପୁରୁଷରେ କେହି କେକ୍ ଖାଇଥିଲେ ?" - ଇତ୍ୟାଦି ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ସେଇ ଯୁବକ ଜଣକ ତାକୁ ଦୂରକୁ ଠେଲିଦେଲେ ।

ପାଗୁଲୁ ପଡି ଯାଉ ଯାଉ ନିଜକୁ ସମ୍ଭାଳି ନେଲା । ତା' ଆଖିରେ ଲୁହ ଜକେଇ ଆସିଥିଲା କିନ୍ତୁ ସେ କାନ୍ଦି ପାରିନଥିଲା । ଏମିତି କେତେ କେତେ ସେ ଶୁଣିଛି, କେତେ ମାଡ଼ ଖାଇଛି, କେବେ କାନ୍ଦିନାହିଁ । ସେ ଜାଣେ ତାର ଲୁହର କୌଣସି ଅର୍ଥ ନାହିଁ କି ମୂଲ୍ୟ ନାହିଁ । ତା' ଭଳି ଲକ୍ଷ ଲକ୍ଷ ପିଲା ଏଇମିତି ଜନ୍ମ ହୁଅନ୍ତି, କେହି କେହି ମରିଯାଆନ୍ତି । ଯିଏ ମରିଯାଆନ୍ତି - ସିଏ ବଞ୍ଚିଯାଆନ୍ତି । ଆଉ ଯିଏ ବଞ୍ଚି ରୁହନ୍ତି - ସେମାନେ ପ୍ରତ୍ୟେକ ଦିନ ମରନ୍ତି, ଠିକ୍ ଏଇ ପାଗୁଲୁ ଭଳି । ପାଗୁଲୁ ଉପରକୁ ଚାହିଁଲା, ଦେଖିଲା ତା' ମାଆ ତାରାଟେ ହେଇ ଆକାଶର କୋଉ ଗୋଟେ କୋଣରେ ଚକ୍ ଚକ୍ କରୁଛି । ତାକୁ ଲକ୍ଷ୍ୟ କରି ହସୁଛି । ଆଉ ତାକୁ ହାତ ଠାରି ଡାକୁଛି ।

ପାଗୁଲୁ ବସିପଡି ଉପରକୁ ଚାହିଁ ଆକାଶର ସେଇ ନିର୍ଦ୍ଦିଷ୍ଟ ତାରାଟିକୁ କହିଲା, 'ଦେଖିଲୁ ତ ମା' ଏଠି ମଣିଷ ଭଗବାନ ତିଆରି ଜୀବନ୍ତ ମୂର୍ତ୍ତିକୁ ଠେଲିଦେଇ ନିଜେ ନିଜେ ଭଗବାନଙ୍କ ସ୍ୱପରିକଳ୍ପିତ ମୂର୍ତ୍ତି ତିଆରି କରି ତାଙ୍କୁ ପୂଜା କରେ ।"

ବିଶ୍ୱଭାରତୀ, ଶାନ୍ତିନିକେତନ
ଓଡ଼ିଆ ବିଭାଗ

❐

ସମ୍ବର୍ଦ୍ଧନା



ଇଂ ଶ୍ରୀମତୀ ଅବନ୍ତୀ ମଲ୍ଲିକ

“ମାଳବୋଉ ଏଥର ବ୍ୟସ୍ତ ହୋଇଉଠିଲା । ଗୋଲକ ନାଁରେ କୌଣସି ଡ଼ାକରା ଏପର୍ଯ୍ୟନ୍ତ ଆସିନି । ସବୁ ସିଟ୍ ପ୍ରାୟ ଫାଙ୍କା ହେବାକୁ ବସିଲାଣି । ତା'ର ପାଖ ସିଟ୍ ସବୁ ମଧ୍ୟ । ଧୀରେ ଉଠି ଛିଡ଼ା ହେଲା, ସାହସ ଜୁଟାଇ ଷ୍ଟେଜ୍ ପାଖକୁ ଗଲା । କୌଣସି ଜଣେ ବ୍ୟକ୍ତିଙ୍କୁ ହାତରେ ଧରିଥିବା ନିମନ୍ତ୍ରଣ ପତ୍ରଟିକୁ ଟେକି ଦେଖାଇଲା । ବ୍ୟକ୍ତି ଜଣକ ପତ୍ରଟି ଦେଖି ଟିକେ ଏପଟ ସେପଟ କରି ଆସ୍ତେ ମୁରୁକି ହସିଦେଲେ ।”

ଆଜି ପଣାସଂକ୍ରାନ୍ତି । ସକାଳୁ ଖୁବ୍ ଶୀଘ୍ର ଶୀଘ୍ର ଘରର କାମଦାମ ପୂଜା ପଟଳ ସାରି ମାଳ ବାପାର ଖାଇବା ପିଇବା ବୁଝି ଦେଇ ମାଳ ବଉ ବାହାରି ପଡ଼ିଲା ଟାଉନ ହଲ ଉଦ୍ଦେଶ୍ୟରେ । ସେଠାରେ ଆଜି ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରଶାସନ ତରଫରୁ ଓଡ଼ିଆ ନବବର୍ଷ ଓ ସାହିତ୍ୟ ଆସରର କାର୍ଯ୍ୟକ୍ରମ ରହିଛି । ସେଠାରେ କବି ସମ୍ମିଳନୀ, କବି ସମ୍ମାନ ଏବଂ ଖାଇବା ପିଇବାର ସମସ୍ତ ବନ୍ଦୋବସ୍ତ ହୋଇଛ । ଆଜି ଜିଲ୍ଲାର ବଛା ବଛା କବି ଓ ଲେଖକ ମାନଙ୍କୁ ସେଠାରେ ନିମନ୍ତ୍ରଣ ରହିଛି । ସମସ୍ତଙ୍କୁ ଉତ୍ତରୀୟ; ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରାଯିବ ।

ଦୁଇତିନି ଦିନ ତଳେ କେହି ଜଣେ ମାଳ

ବାପାଙ୍କୁ ଅର୍ଥାତ୍ ଗୋଲକ ବିହାରୀ ଦାସ ନାମରେ ନିମନ୍ତ୍ରଣ ପତ୍ର ଖଣ୍ଡେ ଦେଇ ଯାଇଛି । ସେଥିରେ ତାଙ୍କୁ କବି ହିସାବରେ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି । ସାଇକେଲରୁ ପଡ଼ି ଯାଇ ମାଳ ବାପାଙ୍କ ଅଣ୍ଟା ଖସି ଯାଇଥିବାରୁ କିଛି ଦିନ ହେଲା ଆଉ ଚଲାବୁଲା କରି ପାରୁ ନାହାନ୍ତି । ତେଣୁ ଯେବେଠାରୁ ଶୁଣିଲେଣି, ତାଙ୍କୁ କବି ହିସାବରେ ସମ୍ବର୍ଦ୍ଧନା ଦିଆଯିବ ବୋଲି ଖାଲି ଆଖିରୁ ଧାରଧାର ଲୁହ ଗଡ଼େଇ ଚାଲିଛନ୍ତି ।

ସେଠାକୁ କେତେ କେତେ ନେତା ମନ୍ତ୍ରୀ ବିଶିଷ୍ଟ ଲେଖକ କବି ସବୁ ଆସି ଭାଷଣ ଦେବେ , କବିତା ପଢ଼ିବେ । ଆଉ ସବୁଠାରୁ ବଡ଼୍ କଥା ହେଲା କବି ଲେଖକ ହିସାବରେ କେତେ ଜଣ ବିଶିଷ୍ଟ ସାହିତ୍ୟକଙ୍କୁ ସମ୍ମାନିତ କରିବେ । ଗୋଲକ ବାବୁ ଜୀବନରେ କେତେଥର ଏମିତି ସଭାକୁ ଯାଇଛନ୍ତି ମାତ୍ର ସମ୍ବର୍ଦ୍ଧିତ ହେବାର ସୁଯୋଗ ପାଇ ନାହାନ୍ତି । କିଏବା କାହିଁକି ତାଙ୍କୁ ଚିହ୍ନିବ ? ସେ ତ ଦିନଯାକ ବରା ପକୁଡ଼ି ବ୍ୟବସାୟରେ ଲିପ୍ତ ରହନ୍ତି । ମଝିରେ ମଝିରେ ପଦେ ଦି'ପଦ ଗୀତ ଫାନ୍ଦି ପାଟିକରି ବୋଲୁ ବୋଲୁ କେତେବେଳେ କବି ପଦ ପାଇ ସାରିଲେଣି ସେ ନିଜେ ବି ଜାଣିନାହାନ୍ତି । ମାତ୍ର ବିକ୍ରୀ ସମୟରେ କେହ ତାଙ୍କୁ 'ଆଶୁ କବି' ବା 'କବିଭାଇ' ବୋଲି ଡ଼ାକି ଦେଲେ ସେ ଭାରି ଖୁସି ହୋଇଯାନ୍ତି । ଜୀବନରେ ଆଉ କ'ଣ ଲୋଡ଼ା ? ଏଇ ପ୍ରଶଂସା ଟିକକ ସାଉଁଟି ସେ ଶେଷ ଜୀବନ ଟା ଜୀଇଁବେ ଯାହା ।

ଗୋଲକ ବାବୁ ଜାଣି ପାରିଥିଲେ କେହି ଜଣେ ତାଙ୍କର ଶୁଭାକାଂକ୍ଷୀ ତାଙ୍କ ନାଁ ଟିକୁ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତାବ ଦେଇଛନ୍ତି । ମାତ୍ର ଏତେବଡ଼ ସୁଯୋଗ ଆଜି ହାତଛଡ଼ା ହେବାକୁ ଯାଉଛି । ବାଉଳି ଚାଉଳି ହେଲେ - ମାଳ ବୋଉ, କିଛି ଗୋଟାଏ କର । ଏତେବଡ଼ ସମ୍ମାନ, ମୋ ଜୀବନରେ ପ୍ରଥମ । ଏମିତି ବାଏଁ ବାଏଁ ଚାଲିଯିବ । ମୋତେ ଆଜି କବି ବୋଲି କେତେ ଲୋକ ଚିହ୍ନିଥାନ୍ତେ, ଫୁଲ ଉତ୍ତରୀ ଦେଇଥାନ୍ତେ, ଫଟୋ ଉଠାଇଥାନ୍ତେ । ସବୁ କ'ଣ ପାଣି ଫୋଟକା ପାଲଟିଯିବ ? ଯେତେବେଳେ ମୋ ନାଁ ଡ଼କାଯିବ, ତମେ ମାଳବଉ ମୋ ସ୍ତ୍ରୀ ହିସାବରେ ଷ୍ଟେଜ୍ ଉପରକୁ ଯାଇ ଅନ୍ତତଃ ମୋ ସମ୍ମାନ ଟିକକ ଗ୍ରହଣ କରିପାରିବ ? ଏତିକିତ କରି ପାରିବ ନିଶ୍ଚୟ, ମାଳବଉ । ଗୋଲକବାବୁ କେବଳ ରହି ରହି ମାଳବୋଉ... ମାଳବୋଉ... ରଡ଼ି ହେଲେ ।

ମାଳବୋଉ ଆଜିଯାଏଁ ମାଳବାପାର କୌଣସି କଥାକୁ ଅବଜ୍ଞା କରିନି । ମାଳର ବିବାହ ପରେ ସ୍ୱାମୀ ସ୍ତ୍ରୀ ଏଇ ବରାପିଆଜି ଦୋକାନ ଆଉ ଅଳ୍ପ ଜମିବାଡ଼ିରୁ ବେଶ୍ ଦୁଇପଇସା ରୋଜଗାର କରି ଶାନ୍ତିରେ ଚଳୁଛନ୍ତି । ମାଳବାପାର ଅଣ୍ଟା ଭାଙ୍ଗିଲା ଠାରୁ ଆଜି ଯାଏଁ ଘରର ଯାବତୀୟ କାମ ସହ ମାଳବାପାର ସମସ୍ତ ସେବା ଶୁଶ୍ରୁଷା ନିଜେ ହିଁ କରି ଆସୁଛି । ଦୁହେଁ ବେଶ୍ ଶାନ୍ତି ପ୍ରିୟ । ମାଳବାପା କ'ଣ ଲେଖା ଲେଖି କରନ୍ତି କି

ପ୍ରକାର କବି ମାଳବୋଉ ଆଜିଯାଏ ବୁଝି ନାହିଁ । ମାତ୍ର ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଏଇ ପ୍ରଥମ କରି ଟାଉନ୍‌ହଲ ବାହାରିଛି ତାଙ୍କ ମାନପତ୍ରଟି ଆଣିବା ପାଇଁ । ଅଟୋଟିଏ ଭଡ଼ା ନେଇ ମାଳବୋଉ ହାତରେ ନିମନ୍ତ୍ରଣ ପତ୍ରଧରି ସୁଦୂର ଗାଁରୁ କୌଣସି ମତେ ଟାଉନହଲରେ ପହଞ୍ଚିଗଲା । ସେଠାରେ ଲଗାଯାଇଥିବା ବଡ଼ ବଡ଼ ବ୍ୟାନରରେ କବି ସମ୍ମେଳନ ଓ ବିଷୁବ ଆସରର ଓଡ଼ିଆ ଲେଖା ପଢ଼ି ମାଳବୋଉ ପୁରା ନିଶ୍ଚିତ ଥିଲା ଯେ ସେ ଠିକ୍ ଜାଗାରେ ପହଞ୍ଚି ଯାଇଛି । ସାମନାରେ ପଣା, ଲସି ଓ ଥଣ୍ଡା ପାଣିର ବିଶେଷ ଆୟୋଜନ ଥିଲା । ବିଭିନ୍ନ ପ୍ରକାର ଭେଳିକି ଭେଳି ଶାଢ଼ୀ, ଜାମା କୁର୍ତ୍ତା ପରିହିତ ବାବୁ ବାବୁଆଣୀ ମାନଙ୍କୁ ଦେଖି ମାଳବୋଉ ଟିକେ ଶଙ୍କିଗଲା । ତଥାପି ଶୋଷ ମେଣ୍ଟାଇବା ପାଇଁ ଦହି ସରବତ ଦୁଇ ଗ୍ଲାସ ସେଠାରେ ପିଇସାରି ଭିତରକୁ ପଶିଗଲା । ଖୁବ୍ ସୁନ୍ଦର ସଜବାଜ । ସାଙ୍ଗକୁ ଧାଡ଼ି ଧାଡ଼ି ଖାଲି ଚେୟାର ସବୁ ଖବ୍ ଆକର୍ଷଣୀୟ ଦିଶୁଥିଲା । ମାଳବାପା ତେବେ ଏଭଳି ସ୍ଥାନକୁ ଆସନ୍ତି ? ମନେ ମନେ ଖୁବ୍ ଖୁସି ହେଲା ସତ ମାତ୍ର ସମସ୍ତେ ଅପରିଚିତ ଥିବାରୁ ଖବ୍ ସଙ୍କୋଚ ଅନୁଭବ କଲା । କେହି ଜଣେ ପୁଅ ବୟସର ଛାତିରେ ବ୍ୟାନର ଲଗା ଯୁବକ ଟିଏ ଆଗେଇ ଆସି ପଚାରିଲା, ମାଉସୀ କାହାକୁ ଖୋଜୁଛ କି ? ମାଳବୋଉ ଡ଼େରି ନ କରି ବ୍ୟାଗ୍ ରୁ ନିମନ୍ତ୍ରଣ ପତ୍ର କାଢ଼ି ଦେଖାଇଲା । ଯୁବକଟି କ'ଣ ବୁଝିଲା କେଜାଣି ମାଳବୋଉକୁ ଚେୟାର ଦେଖାଇ ବସିବା ପାଇଁ କହିଲା । ଆହୁରି କହିଲା ମାଉସୀ ନାଁ ଡ଼କାହେଲେ ଷ୍ଟେଜ୍ ଉପରକୁ ଯିବ ।

ମାଳବୋଉ ଚୁପ୍‌ଚାପ ଯାଇ ଗୋଟେ ଚେୟାର ରେ ବସିଲା । ଆସ୍ତେ ଆସ୍ତେ ସ୍ଥାନଟି ଲୋକାରଣ୍ୟ ହେଲା । କେତେ କେତେ କବି ଲେଖକ ସାହିତ୍ୟିକ ଦ୍ୱନ୍ଦ ସେଠାରେ ପହଞ୍ଚି ହସାହସି କୋଳା କୋଳି ହେଲେ । ମାତ୍ର ମାଳବୋଉ ସମସ୍ତଙ୍କୁ ଖାଲି ଡ଼ବ ଡ଼ବ ଚାହୁଁଥାଏ । ସଭାକାର୍ଯ୍ୟ ଆରମ୍ଭ ହେଲା । କେତେ କେତେ ଫୁଲତୋଡ଼ା । ଫୁଲମାଳ ଉତ୍ତରୀୟ ମାନପତ୍ର ଦିଆଗଲା । କେତେକେତେ ଭାଷଣ ସାହିତ୍ୟ ଆଲେଚନା ହେଲା । କେତେ କବିତା ପଢ଼ା ହେଲା । ମାତ୍ର ମାଳବୋଉ ଅପେକ୍ଷା କଲା ତାକୁ କେତେବେଳେ ଷ୍ଟେଜ୍ ଉପରକୁ ଡ଼କାଯିବ । ଅପେକ୍ଷାରେ ଅପେକ୍ଷାରେ ହାଇ ଆସୁଥିଲା, ନିଦ ଲାଗୁଥିଲା । ମାତ୍ର କେହିଜଣେ ତାକୁ ଡ଼ାକି ଟିଫନ୍ ପକେଟ୍ ଓ ଛୋଟ ପାଣି ବଟଲ୍‌ଟିଏ ଦେଇଗଲା । ଭାରି ଭୋକ ବି ଲାଗୁଥିଲା ତାକୁ । ଏକାଥରକେ ସବୁ ଖାଇ ଦେଲା । ପରେ ତାକୁ ଆହୁରି ନିଦ ଲାଗିଲା । ଭାଷଣ ତାକୁ କିଛି ବୁଝାପଡୁ ନ ଥିଲା, କବିତା ତ ଆଦୌ ନୁହେଁ । ଖାଲି ବୁଝି ପାରୁଥିବା ଫୁଲତୋଡ଼ା, ଉତ୍ତରୀୟ ଓ ମାନପତ୍ର ନେବାର ଦୃଶ୍ୟ । ମାଇକରେ ଜୋର ଜୋର୍‌ରେ ବିଶିଷ୍ଟ ସାହିତ୍ୟକମାନଙ୍କୁ ଷ୍ଟେଜ୍ ଉପରକୁ ଡ଼ାକିବା ଆରମ୍ଭ ହେଲା । ନିଦକୁ ଛାଡ଼ି କାନ କୁ ଡ଼େରି ଶୁଣିବାକୁ ଚେଷ୍ଟାକଲା କେତେବେଳେ ଗୋଲକ ବିହାରୀ ଦାସ ର ନାମ ଡ଼କାଯିବ । ସେପରି କିଛି ହେଲା ନାହିଁ । ଅପେକ୍ଷାରେ ଅପେକ୍ଷାରେ

ଢ଼େର ସମୟ ଯାଏ ବସି ରହିଲା ସେଇଠି । ତା'ରି ପାଖରେ ବସିଥିବା ଲୋକମାନେ କେତେ ଉପଢ଼ୌକନ ଧରି ସେଠାରୁ ବିଦାୟ ନେଲେଣି । ଷ୍ଟେଜ୍ ଉପରୁ ଅତିଥି ଗଣ ଧୀରେ ଧୀରେ ଉଠି ବାହାରକୁ ଚାଲିଗଲେଣି । ମାଳବୋଉ ଏଥର ବ୍ୟସ୍ତ ହୋଇଉଠିଲା । ଗୋଲକ ନାଁରେ କୌଣସି ଡ଼ାକରା ଏପର୍ଯ୍ୟନ୍ତ ଆସିନି । ସବୁ ସିଟ୍ ପ୍ରାୟ ଫାଙ୍କା ହେବାକୁ ବସିଲାଣି । ତା'ର ପାଖ ସିଟ୍ ସବୁ ମଧ୍ୟ । ଧୀରେ ଉଠି ଛିଡ଼ା ହେଲା, ସାହସ ଜୁଟାଇ ଷ୍ଟେଜ୍ ପାଖକୁ ଗଲା । କୌଣସି ଜଣେ ବ୍ୟକ୍ତିଙ୍କୁ ହାତରେ ଧରିଥିବା ନିମନ୍ତ୍ରଣ ପତ୍ରଟିକୁ ଟେକି ଦେଖାଇଲା । ବ୍ୟକ୍ତି ଜଣକ ପତ୍ରଟି ଦେଖି ଟିକେ ଏପଟ ସେପଟ କରି ଆସ୍ତେ ମୁଚୁକି ହସିଦେଲେ । ପାନଟିକୁ ପାଟିରେ ଆଉଟିକେ ଜୋରରେ ଚାପିଧରି କହି ଉଠିଲେ – ଆଉ ଆପଣ ଗୋଲକ ବାବୁଙ୍କର ସ୍ତ୍ରୀ ? ଗୋଲକ ବାବୁ କୁଆଡ଼େ ଗଲେ ? ସେ ଆଜି କ'ଣ ଏଠି କବିତା ପାଠକରି ନାହାନ୍ତି କି ? ହୋଇଥିଲେ ଆଜି ସେ ଗୋଟେ ବଡ଼ ମାନପତ୍ରଟିଏ ଏଠାରୁ ପାଇଥାନ୍ତେ । ଯାଃ, ମାଉସୀ ଆପଣ ବଡ଼ ଭୁଲ ଟେ କରି ପକେଇଲେ ତାଙ୍କୁ ସାଙ୍ଗରେ ଆଣି ନାହାନ୍ତି । ହଉ ହଉ ଯା ହେଲା ହେଲା ଆଉ ଥରକୁ ସାଙ୍ଗ ହୋଇ ଦୁଇଜଣ ଆସିବେ । ତାଙ୍କୁ ସବୁ ସମ୍ବର୍ଦ୍ଧନା ଫମ୍ବର୍ଦ୍ଧନା ଦିଆ ହୋଇଯିବ । ଯାଆନ୍ତୁ, ଆଜି ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି ଏଠି, ଖାଇକରି ଯାଆନ୍ତୁ ।

ମାଳ ବୋଉକୁ ସେ ଲୋକଟିର କଥା ସବୁ ଅଡୁଆ ଅଡୁଆ ଲାଗିଲା । କେତେ କଷ୍ଟ କରି ଧାଇଁ ଆସିଥିଲା ମାଳବାପାର ସମ୍ମାନ ଟିକକ ପାଇବା ଲାଗି । ହେଲେ ଫେରିଯାଇ ତାଙ୍କୁ କ'ଣ କହିବ ? ବିଚରା କେତେ ସେ ଭାଙ୍ଗିପଡ଼ିବେ ଏଇ କଥା ଶୁଣି, ଏଇ କଥା ଭାବି ଭାବି ମାଳବୋଉ କେତେବେଳେ ଟାଉନ୍‌ହଲ ଭିତରୁ ବାହାରି ଆସି ରାସ୍ତା ଉପରେ ଛିଡ଼ା ହେଲାଣି ଜାଣି ପାରିଲାନି । ଘରକୁ ଫେରିବାର ରାସ୍ତା ଦୀର୍ଘ ଥିଲା ସତ କିନ୍ତୁ ଡ଼ହଡ଼ହ ଖରାଟାରେ ତାଙ୍କୁ ଆଜି କାହିଁକି ଅସରନ୍ତି ଲାଗିଲା ।

ଶିକ୍ଷ ତାଲିମ କେନ୍ଦ୍ର, ଚରମ୍ପା, ଭଦ୍ରକ
ଫୋନ୍ - ୮୦୭୩୪୬୭୭୧୬

❐

ଖଟ ଦେବତା



ପ୍ରକାଶ ମହାପାତ୍ର

“ଦେଖଣାହାରୀଏ ଭାବିଲେ ଖଟ ଦେବତା ବୋଧ ହୁଏ ସେହି ଦିଗକୁ ମୁହାଁଇଲେ । ନହେଲେ ଆଗେତ ଧୂଳିରାମ ବାବାଙ୍କୁ ଅନୁସରଣ କରି ଚାଲୁଥିଲେ ଆଉ ଏବେ ତ ଖଟ ପଛେ ପଛେ ବାବା ଚାଲୁଛନ୍ତି । ବାଟ ଚାଲୁ ଚାଲୁ ନଈ ତୁଠ ହେଲା । ଖଟ ବୁହାଳି ସାଷ୍ଟମ ହେବାକୁ ନଈ ଭିତରକୁ ଆଣ୍ଠୁଏ ପାଣି ଡେଇଁ ଟିକିଏ ଥକ୍କା ମାରିବାକୁ ଓ ପାଦକୁ ଆରାମ ଦେବାପାଇଁ ପଶିଗଲେ ।”

ଗୁରିଆ ବୁଢ଼ାର ଦୁଇଦିନ ହେଲା ଖୋଜ ଖବର ନାହିଁ । ବୁଢ଼ା ପାଖରେ କୋଉ ମୋବାଇଲ ଫୋନଟାଏ ଅଛି ଯେ ତା’ ସହ କିଏ ଯୋଗାଯୋଗ କରିପାରିବ । ଘର ଲୋକେ ବନ୍ଧୁବାନ୍ଧବ,ଆଖପାଖ ଦଶ ଖଣ୍ଡରୁ ଅଧିକ ଗାଁ ଖୋଜାଖୋଜି କଲେଣି । ଗୁରିଆ ଓରଫ ଗୁରୁଚରଣଙ୍କ ବୟସ ଏହି ରଥଯାତ୍ରାକୁ ଏକସ୍ତରୀ ପୁରିଲା । ବାସ୍ତରୀ ବୟସଟା ଘାଟି ବୟସ । କିଛି ଅଘଟଣ ଘଟିଲାକି ଆଉ ?ନାହିଁ ନାହିଁ କାଳିଆ ଠାକୁରର ବଡ଼ ଭକ୍ତଟିଏ ଗୁରିଆ । କଳାସାଆନ୍ତ ତାକୁ ଘଣ୍ଟ ଘୋଡ଼ାଇ ରଖିଥାଆନ୍ତୁ । ଏମିତି ଦୁର୍ଭାବନାଟା କାହାରି ମନକୁ ନଆସୁ ।ଭାରି ଉପକାରୀ ମଣିଷଟିଏ ଗୁରୁଚରଣ । ଗାଁ’ର କେତେ କେତେ ଲୋକଙ୍କୁ ବିପଦ ଆପଦରେ ସାହା ଭରସା ହୁଏ । ଝଡ଼ା ଫୁଙ୍କା କରି କେତେ ରୋଗ ବ୍ୟାଧି ଭଲ କରିଦିଏ । ଡାହାଣୀ ଚିରୁକୁଣି ଡରାଇଥାନ୍ତୁ କି କାହା ନଜର ଲାଗିଥାଉ, ସବୁକୁ ଗୁରିଆ ବୁଢ଼ାର ଝଡ଼ା ଫୁଙ୍କା ହିଁ ସାବାଡ଼ କରିଦିଏ ।ଶନିବାର, ମଙ୍ଗଳବାରରେ ତ ଗୁରିଆ ଦୁଆରେ ରାତି ପାହିଲା ବେଳକୁ ପାଞ୍ଚ ସାତ ଲୋକ ହାଜର ଥିବେ ଉପକାର ପାଇବାକୁ । ହେଲେ ଗୁରିଆ ବୁଢ଼ା ଏମିତି ହଠାତ ଅନ୍ତର୍ଦ୍ଧାନ ହୋଇଯିବାଟା ସମସ୍ତଙ୍କ

ପାଇଁ ବିଷାଦ ସୃଷ୍ଟି କରିଦେଇଛି ।

ଗାଁ'ର ପୁରୁଖା ଲୋକ ଦାମ ପଧାନ ପ୍ରସ୍ତାବଟାଏ ଥୋଇଲେ ଗୁରିଆ ଘର ଲୋକଙ୍କ ଆଗରେ--'ଖୋଜାଖୋଜିତ ଚାଲିଛି ହେଲେ କିଛି ସନ୍ଧାନ ନାହିଁ । ଗୋଟାଏ କାମ, କର ମୁଣ୍ଡିଆ ପାହାଡ଼ କଡ଼ରେ ଯେଉଁ ଧୂଳିରାମ ବାବା ରହୁଛନ୍ତି ତାଙ୍କ ଆଶ୍ରୟ ନିଅ । ମୋ ଝିଅ ଘରୁ ଚୋରି ଯାଇଥିଲା ଯେ,ବାବା 'ଖଟ ଦେବତା'ଙ୍କ ପୂଜାର୍ଚ୍ଚନା କରି ଚୋରକୁ ଠାବ କଲେ । ଜିନିଷ ପତ୍ର ମିଳୁ ନ ମିଳୁ ଚୋର କିନ୍ତୁ ଧରା ପଡ଼ିଲା ।'ଖଟ ଦେବତା' ନିଶ୍ଚୟ ଗୁରିଆ ବୁଢ଼ାର ସନ୍ଧାନ ଦେବେ । ବାବା ତନ୍ତ୍ର ମନ୍ତ୍ରରେ ସିଦ୍ଧି ଲାଭ କରିଛନ୍ତି । ଢ଼ିଙ୍କିକୁ ଗଛ କରିଦେବାର କ୍ଷମତା ଅଛି । ଗଛକୁ ବି ଚଲାଇ ଦେଇପାରନ୍ତି ବୋଲି ଶୁଣିଥିବା ପଧାନ ବୁଢ଼ା ହଲପ କରି କହିଲା ।

ପଧାନ ବୁଢ଼ା ମୁରବୀ ଲୋକ । ତା' କଥାକୁ ସମ୍ମତ ହେଲେ ଗୁରିଆର ଘର ଲୋକେ । ସାହି ପଡ଼ିଶା ବି କଥାରେ ସମ୍ମତ ଦେଲେ । ପାଟିରେ ଦି'ଟା କଣ ପକେଇ ଦେଇ ମୁଣ୍ଡିଆ ପାହାଡ଼ ଆଡ଼କୁ ବାହାରିଗଲେ ଗୁରିଆ ବୁଢ଼ାର ଦୁଇ ପୁଅ ଓ ଆଉ ସାଙ୍ଗ ସାଥୀ ଦୁଇଚାରି ଜଣ । କିଛି ବେଳ ପରେ ଧୂଳିରାମ ବାବାଙ୍କ ନିକଟରେ ପହଞ୍ଚିଲେ । ଧୂଳିରାମ ବାବା ପୂଜାର୍ଚ୍ଚନା, ପ୍ରସାଦ ସେବନ ସାରି ବିଶ୍ରାମ ନେବାକୁ ବାହାରିଥା'ନ୍ତି । କଳା ମୁଗୁନି ତନୁ ଉପରେ ଧୂଳିବୋଳା ଦେହ ସାଙ୍ଗକୁ ଅଗ୍ନି ପିଣ୍ଡୁଳା ପରି ଦୁଇ ଆଖିକୁ ଦେଖିଲେ ଯେ କେହି ବି ଶଙ୍କି ଯାଇପାରେ । ହେଲେ କଥାବାର୍ତ୍ତା, ଆଚାର ବ୍ୟବହାରରେ ଧୂଳିରାମ ବାବା ବେଶ ସଂଯମ । ଅର୍ଦ୍ଧମୁଦ୍ରିତ ନୟନରେ ପ୍ରଶ୍ନ କଲେ-'କେଉଁ କାରଣରୁ ଆସିବା ହେଲେ ବାବୁମାନେ ?'

ସାଷ୍ଟାଙ୍ଗ ପ୍ରଣିପାତମୁଦ୍ରାରୁ ଉଠି ଲୁହ ଛଳଛଳ ଆଖିରେ ଗୁରିଆ ବୁଢ଼ାର ବଡ଼ପୁଅ ଉତ୍ତର ରଖିଲା-'ତିନିଦିନ ହେବ ବାପାଙ୍କ ପତ୍ତା ମିଳୁନାହିଁ । ବାବା !ଆପଣ ଚାହିଁଲେ ତାଙ୍କ ସନ୍ଧାନ ମିଳିପାରନ୍ତା । କୃପା କରନ୍ତୁ ବାବା । ମୁରବୀଙ୍କ କଥାମାନି କେତେ ଆଶା ନେଇ ଆସିଛୁ । ନିରାଶ କରିବେନି ବୋଲି ଭାବିଛୁ । 'ଏକା ନିଃଶ୍ୱାସରେ କହିପକାଇଲା ବେଳେ ଅନ୍ୟମାନେ ଯୋଡହସ୍ତରେ କାକୁତି କରିବା ମୁଦ୍ରାରେ ସାମନାରେ ଠିଆ ହୋଇଥା'ନ୍ତି ।

ବାବା ଧୂଳିରାମ ଗଞ୍ଜେଇ ସେବନର ପ୍ରଭାବରେ ହେଉ ଅଥବା ଧ୍ୟାନମୁଦ୍ରାର ଅଭିନୟରେ ଚକ୍ଷୁଯୁଗଳଙ୍କୁ ବିଶ୍ରାମଦେଇ(ବୁଜିରଖି) କହିଲେ-'ଆଚ୍ଛା, ଏମନ୍ତ ସମସ୍ୟା । ହେଉ ସବୁ 'ଖଟଦେବତା'ଙ୍କ ଇଚ୍ଛା । ହେଲେ 'ଖଟଦେବତା'ଙ୍କ ଗତିଚାଳନ ଓ ପୂଜା ପାଇଁ ଯଥେଷ୍ଟ ପାଉଣା ଲାଗିବ । ପ୍ରଦାନ କରି ପରିବାକୁ ସକ୍ଷମ ତ ?'

'ଆଜ୍ଞା ଯାହା ହୁକୁମ ହେବ ।'

କିଛିକ୍ଷଣ ନୀରବ ରହି ଧୂଳିରାମ ବାବା ଉତ୍ତର ଦେଲେ-'ଷାଠିଏ ହଜାର ଲାଗିବ । 'ପରସ୍ପରର ମୁହଁ ଚାହାଁଚାହିଁ ହେଲେ । ଦାମ ପଧାନର କଥା ମନେ ପକାଇଲେ । ନିଶ୍ଚୟ ହେବ । ତା' ଝିଅଘର ଗାଁର ଚୋରକୁ ପୁଲିସ ସିନା ଧରିପାରିଲାନି,ଚୋରି ଜିନିଷ ଉଦ୍ଧାର ନହେଉ ପଛକେ ଚୋରକୁ କିନ୍ତୁ ଧୂଳିରାମ ବାବା ଧରିଥିଲେ 'ଖଟଦେବତା'ଙ୍କ କୃପାରୁ । ସୁତରାଂ ନିଷ୍ପତ୍ତି ହେଲା-ଟଙ୍କା ବଡ଼ ନୁହେ । ବାପା ବଡ଼ । ବାପା ଜୀବନ୍ତ ଭଗବାନ ।ଏଣୁ ଧାର-ଉଧାର ହେଉ ପଛେ ଷାଠିଏ ହଜାର ଟଙ୍କା ଦେଇ ଧୂଳିରାମ ବାବାଙ୍କ ସାହାଯ୍ୟରେ 'ଖଟଦେବତା'ଙ୍କୁ ପ୍ରସନ୍ନ କରିବାକୁ ହେବ ।

ସହସା ଟଙ୍କା ଯୋଗାଡ ପାଇଁ ଉଦ୍ୟମ ହେଲା । ବାପାକୁ ଖୋଜି ଆଣିବା ପାଇଁ ଧୂଳିରାମ ବାବାଙ୍କୁ ଟଙ୍କା ଦେବା ପାଇଁ କିଛି ଧାର ଉଧାର ହେଲା ସତ ଏତେ ଟଙ୍କା ଯୋଗାଡ ପାଇଁ ବୁଢୀ ପାଖରେ ଥିବା ସୁନାର କାନନୋଳି ଓ ବଡ଼ବୋହୂର କାନଫୁଲଟାକୁ ବିକ୍ରି କରିବାକୁ ପଡିଲା । ସୁନା ଥାଇ କି ଲାଭ ଯଦି ସ୍ୱାମୀ ନ ମିଳିବ । ବୁଢ଼ୀ ସାଇତି ରଖିଥିବା କିଛି ଟଙ୍କା ବି ବଢାଇଦେଲା ପୁଅ ହାତକୁ ।

ନିର୍ଦ୍ଦିଷ୍ଟ ସମୟରେ ଧୂଳିରାମ ବାବା ତାର ଚାରିଜଣ ଚେଲାଙ୍କ ସହ ପହଞ୍ଚିଲେ ଗାଁରେ । ପୂଜାର୍ଚ୍ଚନାର ଆୟୋଜନ ପାଇଁ ବାବା ଦେଇଥିବା ଚିଠା ଅନୁଯାୟୀ ଘିଅ,ଝୁଣା ଆଉ ଭୋଗସାମଗ୍ରୀ ସବୁ ଯୋଗାଡ଼ ହୋଇସାରିଥିଲା । ଗୁରିଆ ବୁଢା ବାଡ଼ିରେ ଥିବା ଝଙ୍କାଳିଆ ଆମ୍ବଗଛ ଛାଇରେ ଚାରିଜଣ ଚେଲା କାନ୍ଧରେ ଆଣିଥିବା ଚାରିଫୁଟ ଲମ୍ବ ଦୁଇ ଫୁଟ ଚଉଡାର ଖଟକୁ କଳାକନାରେ ଆବୃତ୍ତ କରାଯାଇଥିଲା । ଖଟର ଗୋଡ଼କୁ ରଙ୍ଗୀନ ଝାଲରରେ ଗୁଡାଯାଇଥିଲା । କଳାକପଡ଼ା ଉପରେ ସିନ୍ଦୁର ଲେପ କରାଯାଇ ମୁଖାସଦୃଶ ଏକ ଚିହ୍ନ ହୋଇଯାଇଥିଲା । ଗାଁରେ ପ୍ରଚାର ହୋଇଯିବା ମାତ୍ରେ ପିଲାଠୁ ଭେଣ୍ଡିଆ ଯାଏ ଏପରିକି ବୁଢାଏ ବି ଧାଇଁଲେ 'ଖଟଦେବତା'ଙ୍କ ଦର୍ଶନ ପାଇଁ ।

ଗହଳି ଦେଖି ଧୂଳିରାମ ବାବା ଓ ଚେଲା ମାନେ ବିମୋହିତ ହେଉଥାନ୍ତି । ଧୂଳିରାମଙ୍କ ପୂଜା ପୂର୍ବ ଆରମ୍ଭ ହେଲା । ଅବୁଝା ସ୍ୱରର ଓ କିମ୍ଭୁତ କିମ୍ଭାକର ଉଚ୍ଚାରଣରେ ପୂଜାସ୍ଥଳି କମ୍ପମାନ ହେଲା । ପିଲାଏ ଜୁଲୁ ଜୁଲୁ ଆଖିରେ ଚାହିଁଥାଆନ୍ତି ବାବାଙ୍କୁ ଓ ଖଟ ଦେବତାଙ୍କ ପୂଜା କାର୍ଯ୍ୟକ୍ରମରେ । ଯୁବ ଓ ବୟସ୍କମାନେ ଉତ୍ସାହିତ ଥାଆନ୍ତି କେମିତି 'ଖଟ ଦେବତା' ଗୁରିଆ ବୁଢ଼ାକୁ ଖୋଜି ଆଣିବେ ।

ପ୍ରାୟ ଘଣ୍ଟାଏ ଧରି ପୂଜାର୍ଚ୍ଚନା ହେଲା । ଝୁଣା ଧୂଆଁ ଓ ଯଜ୍ଞ ପାଇଁ ଅଧା ଜଳାକାଠ ନିର୍ଗତ ଧୂଆଁର ପ୍ରଭାବରେ ଥୋକେ ରୁନ୍ଧି ହୋଇଗଲେ । ବାବାଙ୍କ ହୁକୁମରେ ପ୍ରସ୍ତୁତ ହୋଇଥିବା ଖେଚୁଡ଼ି ଅନ୍ନ ଗ୍ରାସ କରି ଚେଲାମାନେ 'ଖଟ ଦେବତା'ଙ୍କୁ ବୋହିବା ପାଇଁ ପ୍ରସ୍ତୁତ ହୋଇଗଲେ । ଧୂଳିରାମ ବାବା ମୁହୂର୍ତ୍ତ ଦେଖି ନିର୍ଦ୍ଦେଶ ଦେଲେ ଖୋଜା ପୂର୍ବ ଆରମ୍ଭ ହେବ । ବେଳକୁ ବେଳ ଉତ୍କଣ୍ଠା ବଢୁଥାଏ ।

ଅପେକ୍ଷାର ଅବସାନ ଘଟାଇ ଧୂଳିରାମ ବାବା 'ଖଟଦେବତା'ଙ୍କୁ ପ୍ରଣାମ କଲେ । ଚାରିଜଣ ଯାକ ଚେଲାଙ୍କୁ ମଧ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରିବାକୁ ହୁକୁମ ଦେଲେ । ବାବାଙ୍କ ନିର୍ଦ୍ଦେଶ ଅନୁଯାୟୀ ଚେଲାମାନେ ଭୂମିରେ ଲୋଟିପଡ଼ି ଖଟର ଚାରି ଗୋଡ଼କୁ ଜାବୁଡ଼ି ଧରି ମୁଣ୍ଡ ଲଗେଇଲେ । ଏହି ସମୟରେ ଖଟ ଉପରେ ପଡ଼ିଥିବା ଏକ କଳା ରଙ୍ଗର ଚାଦର ଉପରେ ମୁଖାକୃତିରେ ବୋଳା ଯାଇଥିବା ବହଳିଆ ସିନ୍ଦୁର ନିକଟରେ ମୁଣ୍ଡ ଝୁଙ୍କାଇ ଧୂଳିରାମ ବାବା ନମସ୍କାର ମୁଦ୍ରାରେ ଅସ୍ପଷ୍ଟ ସ୍ୱରରେ ପାଞ୍ଚ ଦଶ ମିନିଟ ସରିକି ମନ୍ତ୍ର ଉଚ୍ଚାରଣ କଲେ । ଯେଉଁ ମନ୍ତ୍ର କେବଳ ବାବା ହିଁ ବୁଝିଥିବେ । ଦେଖଣାହାରୀଙ୍କୁ ଏସବୁ ଖାଲି ପୁଲକିତ କରୁଥାଏ ।

ଏବେ ଧୂଳିରାମ ବାବା ହୁକୁମ ଦେଲେ- 'ଉଠାଅ ଅଗ୍ରଗାମୀ ହୁଅ । ଗୁରୁଚରଣଙ୍କୁ ଠାବ କର ।'ଚେଲାମାନେ ଖଟକୁ ଉପରକୁ ଉଠେଇ ଧରିଲେ ଓ ଚାଲିବା ପାଇଁ ପ୍ରସ୍ତୁତ ହେଲେ । ଧୂଳିରାମ ବାବା ଆଗରେ ଚାଲିଥାନ୍ତି । ଖଟବୁହାଳିମାନେ ତାଙ୍କୁ ଅନୁସରଣ କରୁଥାଆନ୍ତି ।ପଛେ ପଛେ ଗୁରିଆ ବୁଢ଼ାର ଦୁଇ ପୁଅ ଓ ଗାଁ ର କିଛି ଲୋକ ଚାଲିଥାନ୍ତି ।

ଗୁରିଆ ବୁଢ଼ା ତ ନିଶ୍ଚୟ ଗାଁରୁ ବାହାରି ଥିବା ରାସ୍ତା ଦେଇ ଯୁଆଡେ ଯାଇଥିବ । ଧୂଳିରାମ ବାବା ପ୍ରଥମେ ଗାଁରୁ ବାହାରି ସେହି ରାସ୍ତା ଦେଇ ଚାଲିଥାନ୍ତି । ଖଟ ବୁହାଳି ଓ ଦର୍ଶକମାନେ ମଧ୍ୟ ତାଙ୍କ ପଛେ ପଛେ ଚାଲିଥାନ୍ତି । ମଝିରେ ବାବାଙ୍କ ପାଦର ଗତି ଟିକିଏ ଶିଥିଳ ହୋଇଗଲା । ଖଟବୁହାଳିମାନେ ଟିକେ ଆଗକୁ ଚାଲିଗଲେ । ଗୋଟିଏ ଛକ ନିକଟରେ ରାସ୍ତା ଦୁଇ ଆଡ଼କୁ ଭାଗ ହୋଇଯାଇଛି । ଗୋଟିଏ ମୁଖ୍ୟ ରାସ୍ତା ଆଡ଼କୁ ଓ ଅନ୍ୟଟି ପାଖରେ ଥିବା ଆଉ ଏକ ଗାଁ ଓ ନଦୀ କୂଳଆଡ଼କୁ ।ଖଟ ବୁହାଳି ଅଣ ନିଃଶ୍ୱାସିଆ ହୋଇ ନଈ କୂଳ ରାସ୍ତାରେ ମୁହାଁଇଲେ । ଦେଖଣାହାରୀଏ ଭାବିଲେ ଖଟ ଦେବତା ବୋଧ ହୁଏ ସେହି ଦିଗକୁ ମୁହାଁଇଲେ । ନହେଲେ ଆଗେତ ଧୂଳିରାମ ବାବାଙ୍କୁ ଅନୁସରଣ କରି ଚାଲୁଥିଲେ ଆଉ ଏବେ ତ ଖଟ ପଛେ ପଛେ ବାବା ଚାଲୁଛନ୍ତି । ବାଟ ଚାଲୁ ଚାଲୁ ନଈ ତୁଠ ହେଲା । ଖଟ ବୁହାଳି ସାଷ୍ଟମ ହେବାକୁ ନଈ ଭିତରକୁ ଆଣ୍ଠୁଏ ପାଣି ଡେଇଁ ଟିକିଏ ଥକ୍କା ମାରିବାକୁ ଓ ପାଦକୁ ଆରାମ ଦେବାପାଇଁ ପଶିଗଲେ । ତତ୍‌କ୍ଷଣାତ୍ ଧୂଳିରାମ ବାବା ନିର୍ଦ୍ଦେଶ ଦେଲେ-'ଥାଉ ଥାଉ ଆଉ ଭିତରକୁ ଯାଅ ନାହିଁ, ପଠାକୁ ଫେରି ଆସି ଦେବତାଙ୍କୁ ଥାନ କର ।'ନଈରୁ ଆଞ୍ଜୁଳାରେ ପାଣି ଆଣି ସିଞ୍ଚ ମନ୍ତ୍ର ବୋଲି ପଠାରେ ଖଟ ଥୁଆ ହେବା ମୁତାବକ ସ୍ଥାନକୁ ଶୋଧନ କରିଦେଲେ ବୋଲି କହିଲେ । ଖଟକୁ ସେହି ସ୍ଥାନରେ ଥୋଇ ଧୂଳିରାମ ବାବା ପୁଣିଥରେ ଖଟ ଉପରେ ପଡିଥିବା କଳା ଚାଦରର ସିନ୍ଦୁରବୋଳା ସ୍ଥାନ ଆଡ଼କୁ ଝୁଙ୍କି ପଡ଼ି ମୁଦ୍ରିତ ଆଖିରେ କଣ ଗୁଣୁଗୁଣୁ ହେଲେ । କିଛି ମୁହୂର୍ତ୍ତପରେ ସମସ୍ତଙ୍କ ଉଦ୍ଦେଶ୍ୟରେ କହିଲେ-'ମନ ଉଣା କରନାହିଁ । ଗୁରୁଚରଣ ଜଣେ ଧର୍ମାତ୍ମା ବ୍ୟକ୍ତି ଥିଲେ । ଈଶ୍ୱର ତାଙ୍କୁ ଜଳ ସମାଧି ଦେବା ପାଇଁ ବାଟ କଢାଇ ଆଣି ସ୍ୱର୍ଗକୁ

ଘେନି ଯାଇଛନ୍ତି । ସମସ୍ତଙ୍କୁ ତ ଦିନେ ନା ଦିନେ ଫେରିବାକୁ ପଡ଼ିବ ସେହି ପରମାତ୍ମାଙ୍କ ନିକଟକୁ । ସୁତରାଂ ଏବେ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କରି ଗୃହ ଶୋଧନ ଓ ସଂସ୍କାର କ୍ରିୟାର ଆୟୋଜନ କର ।'

ହତବାକ ହୋଇ ଗୁରିଆର ଦୁଇ ପୁଅ ବାବାଙ୍କ ମୁହଁକୁ ଅଶ୍ରୁଳ ନୟନରେ ଚାହିଁ ରହିଥାନ୍ତି । ଦେଖଣାହାରୀ ଗାଁ ଲୋକେ ବି ଗୁମ ମାରି ଠିଆ ହୋଇଥାଆନ୍ତି । କେହି କେହି ନିରାଶରେ ନଈ ବାଲି ଉପରେ ବସି ପଡ଼ି ଥକ୍କା ମେଣ୍ଟାଉଥାନ୍ତି ।

କିଛି ସମୟ ବିତିଯିବା ପରେ ନୀରବତା ଭଙ୍ଗ ହେଲା । ଧୂଳିରାମ ବାବା ଫେରିବା ପାଇଁ ଖଟ ବୁହାଳିଙ୍କୁ ଇସାରା ଦେଲେ । ଗାଁ ଲୋକେ ବି ଫେରିଯିବା ପାଇଁ ଡକାଡକି ହୋଇ ଗାଁ ମୁହାଁ ହେବାକୁ ଲାଗିଲେ । ଗୁରିଆ ବୁଢ଼ାର ଦୁଇ ପୁଅ ମୂକ ପାଲଟି ଗାଁ ଲୋକଙ୍କ ପଛେ ପଛେ ଚାଲିଥାନ୍ତି ।

ଫେରିବା ବାଟରେ ପୁରୋହିତଙ୍କ ଘର ବାଟେ ପରାମର୍ଶ କରି କ୍ରିୟା କର୍ମ କରିବାକୁ ଆବଶ୍ୟକ ପରାମର୍ଶ ନେଇଯିବାକୁ କେହି ଜଣେ ଗୁରିଆ ବୁଢ଼ାର ପୁଅଙ୍କୁ ପ୍ରସ୍ତାବ ଦେଲେ । ତାହା ବି ହେଲା । ପୁରୋହିତ ପାଣୁ ମିଶ୍ରେ ପରଦିନ ସକାଳୁ ତୁଠ ବ୍ରାହ୍ମଣ ପଠାଇ କ୍ରିୟା କର୍ମ ଆରମ୍ଭ କରିବାକୁ ପରାମର୍ଶ ଦେଇ ମୃତ ଦେହ ମିଳି ନଥିବାରୁ ପିତୁଳା ବନାଇ ଶୁଦ୍ଧି କ୍ରିୟା କରିବାକୁ ପରାମର୍ଶ ଦେଲେ । ଘରେ ସାହି ପଡ଼ିଶାରେ କାନ୍ଦ ବୋବାଳି ପଡ଼ିଛି । କେହି କେହି ଗୁରିଆ ବୁଢ଼ାର ଉପକାରୀ କଥା, ଭଲ ଗୁଣ ସବୁ ମନେ ପକାଇ ବଖାଣୁଛନ୍ତି । ମନ ଦୁଃଖକରି କିଏ କେତେ କଥା କହୁଥାନ୍ତି ।

ଏହି ସମୟରେ ଗାଁ ରାସ୍ତାରେ ଗାଡ଼ିଟାଏ ଗୁରିଆ ବୁଢ଼ା ଘର ଆଡ଼େ ଆସୁଥିବା ଦେଖି ଲୋକମାନେ କେହି ନେତା ହୁଏତ ସମବେଦନା ଜଣାଇବାକୁ ଆସିଥିବେ ଭାବି ଚାହିଁ ରହିଲେ । କିଛି କ୍ଷଣରେ ଗାଡ଼ି ଆସି ଗୁରିଆ ବୁଢ଼ାର ଘର ଆଗରେ ଅଟକିଲା । ଗାଡ଼ିର ଦ୍ୱାର ଫିଟାଇ ଜଣେ ବାବୁ ଗୁରିଆ ବୁଢ଼ାକୁ ଓହ୍ଲାଇ ଦେଇ ମହାପ୍ରସାଦ ଓ ଅବଢ଼ା କୋଡୁଆ ଝୁଲାଟି ଦେଇ କହିଲେ -'ମଉସା ଏ ବୟସରେ କାଳିଆ ଠାକୁର ଭରସା ହୋଇଥାନ୍ତୁ ସବୁବେଳେ । ନ ହେଲେ ଜଗା ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥାର ଭିଡ଼ ଭିତରେ ଚେତା ଶୂନ୍ୟ ହୋଇ ଡାକ୍ତରଖାନାରେ ଦୁଇ ଦିନ ରହି ଭଲ ହେଲା ପରେ ଆମ ସହ ଫେରିବା କଣ କାଳିଆ ଠାକୁରଙ୍କ ଲୀଳା ନୁହେଁ ।'

ମୁରୁକି ହସି ଗୁରିଆ ବୁଢ଼ା କଲ୍ୟାଣ ଓ କୃତଜ୍ଞତା ଜଣାଇ ବାବୁଙ୍କୁ ବିଦାୟ ଦେଉଥିବା ବେଳେ ଉପସ୍ଥିତମାନେ ଚାହିଁଥାନ୍ତି ଗୁରିଆ ବୁଢ଼ାକୁ ।

ମଞ୍ଜୁରୀରୋଡ଼, ଭଦ୍ରକ, ପିନ-୭୫୬୧୨୧

ମୋ-୯୯୩୭୯୭୦୩୪୫

ଅଜାତ ଶିଶୁର ଚୁମ୍ବନ



ମୂଳ ରୁଷୀୟ: **ଫିୟଦର ସଲୋଖଫ**

ଅନୁସୃଜନ : **ସୃଜନ ପ୍ରକାଶ ଦାସ**

“ହଠାତ୍ ଗୋଟିଏ ପରିଚିତ ପାଦର ହାଲକା ଶବ୍ଦ ତା କାନରେ ବାଜିଲା ଏବଂ ପ୍ରତୀକ୍ଷାରତ ଅବସ୍ଥାରେ ସେ ଅନୁଭବ କଲା - ତା ସୁନା ବାବୁଟି ପାଖକୁ ଆସି ଦୁଇ ବାହୁରେ ତା' ବେକକୁ ଜାବୁଡି ଧରିଛି, ତା' ଗାଲକୁ ଚାପି ଦେଇଛି । ତାର କୁନିକୁନି ନରମ ଆଙ୍ଗୁଳି ଦ୍ୱାରା ମା ମୁହଁକୁ ଘୋଡାଇ ରଖିଥିବା ହାତ ଦୁଇଟିକୁ ଦୂରେଇ ଦେଉଛି । ଏଥର ସେ ତାର ଓଠ ଦୁଇଟିକୁ ମା ଗାଲରେ ଲଗାଇ ଧୀରେ ଧୀରେ କହିଲା- “କାହିଁକି କାନ୍ଦୁଛ ? ତୁମେ ତ କୌଣସି ଭୁଲ କରିନାହଁ ?”

ଅଫିସ୍‌ର ଗୋଟିଏ କୋଠାରୀ ଭିତରେ ବସି କେତେଜଣ ମହିଳା ଟାଇପିଷ୍ଟ ଟାଇପ କରି ଚାଲିଥିଲେ । ଚିପା ପ୍ୟାଣ୍ଟ ଜାମା ପିନ୍ଧା ପିଲାଟିଏ କବାଟ ପାଖରେ ଠିଆ ହୋଇ ବେକ ଲମ୍ବାଇ କହିଲା; ନାଦେଝଦା ଆଲେକ ସଭାନାଙ୍କୁ ତାଙ୍କ ଭଉଣୀ ଫୋନରେ ଡାକୁଛନ୍ତି ।

ସତେଇଶ ବର୍ଷର ଜଣେ ଦୀର୍ଘାଙ୍ଗୀ ସୁଗଠିତ ମହିଳା ତଳ ତାଲାକୁ ଓହ୍ଲାଇ ଆସି ଫୋନ ଧରିଲା । ଶାନ୍ତ - ସଂଯତ ଭାବରେ ସେ ଚାଲୁଥିଲା । ତା' ଭିତରେ ଏଭଳି ଏକ ଦୂରଦୃଷ୍ଟି ଜାଗ୍ରତ ଥିଲା, ଯାହାକି ଗଭୀର ଦୁଃଖ ପାଇ ପାଇ ପଥର ପାଲଟି ଯାଇଥିବା ଲୋକମାନଙ୍କ ଭିତରେ ଦେଖିବାକୁ ମିଳେ । ସେ ମନକୁ ମନ ଚିନ୍ତା କଲା - ପୁଣି କ'ଣ ହେଲା ?

ସେ ମୂଳରୁ ହିଁ ଅନୁମାନ

କରିନେଇଥିଲା ଯେ ତା' ଭଉଣୀ ଯଦି ତାକୁ କିଛି କହିବାକୁ ଚାହୁଁଥାଏ, ତେବେ ନିଶ୍ଚୟ କିଛି ଅବାଂଛିତ ହିଁ ଘଟିଥିବ । ପିଲାମାନଙ୍କର ଦେହ ଖରାପ ଥିବ, ତା ସ୍ୱାମୀର କିଛି ସମସ୍ୟା କିମ୍ବା ତାର ଟଙ୍କାର ପ୍ରୟୋଜନ । ତାକୁ ହିଁ ସେଠାକୁ ଯାଇ କିଛି କରିବାକୁ ପଡିବ - ସେମାନଙ୍କୁ ସାହାଯ୍ୟ ଦେବା, ସେମାନଙ୍କର ବ୍ୟଥା ବେଦନାର ଅଂଶୀଦାର ହେବା, ସବୁକିଛି ସ୍ୱାଭାବିକ କରି ତୋଳିବା, ଇତ୍ୟାଦି । ଭଉଣୀ ତା' ଠାରୁ ଦଶ ବର୍ଷ ବଡ଼ । ଗାଁରେ ରହେ ବୋଲି ପ୍ରାୟ ଦେଖା ସାକ୍ଷାତ ହୋଇ ପାରେ ନାହିଁ ।

ଟେଲିଫୋନ ପାଖକୁ ସେ ଆସିଲା । ରିସିଭର ମୁହଁରେ ତମାଖୁ, ମଦର ବିଚିତ୍ର ଗନ୍ଧ । ଟେଲିଫୋନ ଉଠାଇ କହିଲା - ହଁ, ତାନିଆ ଅପା, ତମେ ?

ଠିକ୍ ଯାହା ଆଶଙ୍କା କରିଥିଲା, ତାହା ହିଁ ଘଟିଲା । ତା' ଭଉଣୀର ସେହି କାନ୍ଦ କାନ୍ଦ ଅସ୍ଥିର ଉଦବିଗ୍ନ କଣ୍ଠ । "ନାଦିଆ ଯେମିତି ବି ହେଉ, ଶୀଘ୍ର ଆ । ଭୟାନକ ଘଟଣାଟିଏ ଘଟିଯାଇଛି । ସିରୋଜା ଗୁଳିକରି ଆତ୍ମହତ୍ୟା କରିଛି ।"

ନାଦିଆ ସମ୍ବାଦଟିକୁ କୌଣସି ପ୍ରକାରେ ବିଶ୍ୱାସ କରିପାରୁ ନଥିଲା । ତାର ସାନ ଭଉଣୀ ସିରୋଜା ମରିଯାଇଛି, ଯାହାର ବୟସ ମାତ୍ର ପନ୍ଦର ବର୍ଷ । ନାଦିଆ ବ୍ୟାକୁଳ ଭାବରେ କହିବାକୁ ଲାଗିଲା - କ'ଣ କହୁଛ ତାନିଆ ଅପା ? କେଡେ ସାଙ୍ଘାତିକ କଥା ? କ'ଣ ପାଇଁ ସେ ଏମିତି କଲା ? କେତେବେଳେ ? ଏବଂ ଆଉ କିଛି ନ ଶୁଣି ବା ଶୁଣିବା ପାଇଁ ବିଳମ୍ବ ନ କରି ତରତର ହୋଇ କହିଲା" ମୁଁ ଯାଉଛି । ଏହି ମୁହୂର୍ତ୍ତରେ ।"

ଟେଲିଫୋନ ସେ ରଖିଲା, ଏମିତିକି ସଠିକ ସ୍ଥାନରେ ରଖିଲା କି ନାହିଁ, ସେଥିପ୍ରତି ତାର ନଜର ନଥାଏ । ତା' ମାଲିକଙ୍କ ପାଖକୁ ସେ ଏକ ପ୍ରକାର ଦୌଡ଼ି ଚାଲିଲା ।

ଅନିଚ୍ଛା ସତ୍ତ୍ୱେ ବି ତାର ଛୁଟି ମଞ୍ଜୁର ହେଲା । ମ୍ୟାନେଜର ଅସନ୍ତୋଷ ପ୍ରକାଶ କରି କହିଲେ - "ଜରୁରୀ କାମ ବେଳରେ ହିଁ ତୁମର ଛୁଟି ଦରକାର ହୁଏ । ସତକୁ ସତ ଯଦି ଦରକାର ଥାଏ, ତେବେ ଯାଇପାର, ତେବେ କାମ ଶେଷ କରି ।"

କିଛି ସମୟ ପରେ ନାଦିଆ ଟ୍ରାମରେ ବସିଲା, କୋଡିଏ ମିନିଟର ବାଟ । ସେତେବେଳେ ତାର ବିମର୍ଷ ଅବସ୍ଥାଟା ହୋଇଉଠିଲା ଅସ୍ଥିର ଓ ଅନିଶ୍ଚିତ । ତା' ଭଉଣୀ ଲାଗି ମର୍ମାନ୍ତିକ କରୁଣା ଓ ମୃତ ପିଲାଟି ପାଇଁ ଦୁଃଖ ଓ ଆକ୍ଷେପକୁ ତାର ଛାତି ସତେ ଯେମିତି ଗୋଟାଏ ବନ୍ଧ ଦେଇ ଚାପି ଧରିଛି । କଥାଟାକୁ ଭାବି ତାକୁ ଖରାପ ଲାଗୁଥାଏ ଯେ ଗୋଟିଏ ପନ୍ଦର ବର୍ଷର ପିଲା - ଯାହାକୁ ସେ ଦିନ ଦୁଇଟା ଆଗରୁ ହସଖୁସ ଅବସ୍ଥାରେ ଦେଖିଛି - ଆଜି ହଠାତ ଆତ୍ମହତ୍ୟା କରି ପକାଇଲା । ଓଃ, ମା କେତେ ଦୁଃଖ ପାଇ ନ ଥିବ ସତେ । କାନ୍ଦିକାନ୍ଦି ତା ଛାତି ଫାଟିଯାଇଥିବ, ସେ ଖାଲି ଡହଳ ବିକଳ ହେଇଥିବ ।

ନାଦିଆ ତଥାପି ଏହି ଭାବନାରେ ନିଜକୁ ବୁଡାଇ ରଖିପାରିଲାନି, ଅନ୍ୟ

କେତେକ ଭାବନା ତା ମନ ଭିତରକୁ ପଶି ଆସୁଥିଲା । ସବୁବେଳେ ତାର ଏଇମିତି ହୁଏ - ଅପ୍ରତ୍ୟାଶିତ । ଘଟଣାବହୁଳ ଜୀବନରେ ଧାରାବାହିକତା ମଧ୍ୟରେ ହଠାତ୍ ଏମିତି କିଛି ଘଟଣା ଘଟିଯାଏ । ତା' ଜୀବନ ଅନ୍ତରାଳରେ ମଧ୍ୟ ଏମିତି ଘଟଣା ରହିଛି - ଯାହା କି ପ୍ରତି ମୁହୂର୍ତ୍ତରେ ତାକୁ ଦଂଶନ କରୁଛି - ଆଖିରୁ ଲୁହ ଗଡ଼ାଇ ମଧ୍ୟ ଯନ୍ତ୍ରଣାରୁ ମୁକ୍ତି ନାହିଁ । ଛାତି ତଳେ ପୁଞ୍ଜିଭୂତ ବେଦନା ଜମି ରହିଛି । କେତେବେଳେ କେମିତି ଠୋପାଏ କି ଦି ଠୋପା ଲୁହ ଆଖି କୋଣରେ ଜକେଇ ଆସେ ଯାହା ।

ଉତ୍ସବ ମୁଖର ସେହି ଦିନଗୁଡ଼ିକ ଚାଲିଯାଇଛି । ଦିନେ ତାରି ଖୁସିରେ ପ୍ରସନ୍ନ ହୋଇ ନୀଳ ଆକାଶ ତାର ଡେଣା ମେଲି ଦେଇଥିଲା । ତାରି ଖୁସି ପାଇଁ ଶ୍ରାବଣ ରିମଝିମ୍ ଧାରାରେ ବର୍ଷା ଝରେଇ ଦେଇଥିଲା - ମତୁଆଲା କରିବାର କ୍ଷମତା ରଖୁଥିବା ପାଇନ୍ ଗଛ ତାକୁ ଗୋଲାପ ଠାରୁ ମଧ୍ୟ ଭଲ ଲାଗିବାକୁ ଆରମ୍ଭ କରିଦେଇଥିଲା । ଏଠି ଗୋଲାପ ଫୁଟେ ନାହିଁ, ତଥାପି ତାର ପ୍ରାଣ ଏ ଜାଗାକୁ ଆଲିଙ୍ଗନ କରି ରହିଛି ।

ସ୍ନେହ ଭରା ଦିନଗୁଡ଼ାକ କେତେ ଶୀଘ୍ର ଯେ ଚାଲିଗଲା । ଆସିଲା ଶେଷଦିନ, ସେ ତ ଜାଣି ନ ଥିଲା ଯେ ତାହା ହିଁ ଶେଷ ଦିନ । ନିର୍ମଳ ନୀଳ ଆକାଶରେ ସ୍ୱର୍ଗର ହସ ଫୁଟି ଉଠିଥିଲା ସତେ ଯେମିତି । ଚାରିପଟେ କେବଳ ଆନନ୍ଦ । ସୁରଭିତ ପାଇନ ଗଛ । ଛାଇ ଆଲୁଅ ଭରା ଶାନ୍ତ ଶୀତଳ ପରିବେଶ । ପାଦ ତଳେ ନରମ ଶିଉଳିର ଉଷ୍ମ ସ୍ପର୍ଶ ।

କିନ୍ତୁ ତାର ପ୍ରିୟତମର ମୁଖମଣ୍ଡଳ ଉପରେ ଗୋଟାଏ କଳା ବାଦଲ । ସେଦିନ ଭୋରରୁ ସେ ଗୋଟାଏ ଅଶୁଭ ଚିଠି ପାଇଛି । ଚିଠିରେ ଲେଖା ଅଛି - "ଗୋଟିଏ ଖରାପ ଖବର । ମୋତେ ଆଜି ଯେକୌଣସି ପରିସ୍ଥିତିରେ ଯିବାକୁ ପଡିବ । ତେଣୁ ତୁମ ସହିତ ମୋର ବେଶ କିଛି ଦିନ ପରେ ସାକ୍ଷାତ ହେବ ।"

"ମୋତେ ବୁଝେଇ କୁହ" - ନାଦିଆ ପଚାରିଲା । ସେତେବେଳ ଯାଏ ତାର ମନରେ ଧକ୍କା ଲାଗି ନ ଥିଲା ।

"ବାପା ଲେଖିଛନ୍ତି ମା ରୋଗ ଶଯ୍ୟାରେ ଏବଂ ଏହି ମୁହୂର୍ତ୍ତରେ ମୋର ଯିବା ନିହାତି ଜରୁରୀ ।"

ତା ବାପା ଯେ ଆହୁରି କିଛି ସ୍ୱତନ୍ତ୍ର ଭାବରେ ଲେଖିଛନ୍ତି - ନାଦିଆ ଜାଣି ନ ଥାଏ । ସେତେବେଳ ଯାଏ ସେ ବୁଝିନାହିଁ ଯେ ପ୍ରେମରେ ପ୍ରତାରଣା ମଧ୍ୟ ସମ୍ଭବ । ଯେଉଁ ଓଠରେ ସେ ଚୁମା ଦେଇଛି, ସେଠି ତ ସତ୍ୟ ଛଡା ଆଉ କିଛି ଥାଇ ପାରେନା । ନାଦିଆକୁ ସେ ଦୁଇ ବାହୁରେ ଜାବୁଡି ଧରି ଓଠରେ ଓଠ ଲଗାଇ କହିଲା- "ମୋତେ ଯିବାକୁ ପଡିବ । ଏହା ଛଡା ମୋର ଅନ୍ୟ କୌଣସି ଉପାୟ ନାହିଁ । ମୁଁ ଖୁବ ଏକାକୀ ଅନୁଭବ କରିବି । କିଛି ଗୋଟାଏ ସାଙ୍ଘାତିକ ଘଟଣା ଘଟିଛି ବୋଲି ମୁଁ ମନେ କରୁନି । କିନ୍ତୁ, ବାଧ୍ୟ ହୋଇ ମୋତେ ଯିବାକୁ ପଡୁଛି ।"

"ହଁ, ନିଶ୍ଚୟ" - ସେ କହିଲା । "ମା ଯଦି ରୋଗରେ ପଡିଥାନ୍ତି, ତେବେ ତୁମର ବିଳମ୍ବ କରିବା ଉଚିତ ନୁହଁ । ପ୍ରତିଦିନ ଗୋଟାଏ ଲେଖାଏ ଚିଠି ଦେବ କିନ୍ତୁ । ତୁମର ଯିବା ପରେ ମୋର ଯେ କିଭଳି ଦିନ କଟିବ ?"

ପ୍ରତ୍ୟେକ ଥର ଭଳି ସେ ତା' ସହିତ ରାସ୍ତା ଯାଏ ଆଗେଇ ଗଲା । ତାପରେ ଜଙ୍ଗଲ ରାସ୍ତା ବାଟେ ଘରକୁ ଫେରିଲା, ଛାତିରେ ଛାତିଏ କୋହ ଓ ଯନ୍ତ୍ରଣା ନେଇ - ନାଦିଆ କିନ୍ତୁ ନିଶ୍ଚିତ ଯେ ସେ ଫେରିବ । କିନ୍ତୁ ସେ ଫେରିଲା ନାହିଁ ।

ତା ପାଖରୁ ଦୁଇଟି କିମ୍ବା ତିନୋଟି ଚିଠି ସେ ପାଇଥିଲା - ବିଚିତ୍ର, ଅଦ୍ଭୁତ ଚିଠି, ପ୍ରହେଳିକାପୂର୍ଣ୍ଣ ତାର ଭାଷା, ଅସ୍ପଷ୍ଟ ଇଙ୍ଗିତ । ଯାହାକୁ ସେ ଆଦୌ ବୁଝି ପାରୁନ ଥାଏ । ତାପରେ ସବୁ ବନ୍ଦ । ନାଦିଆ ଏଥର ବୁଝିବାକୁ ଆରମ୍ଭ କଲା ଯେ ସେ ତାକୁ ଆଉ ଭଲ ପାଏନା । ଖରାଦିନ ଶେଷ ଆଡକୁ ସେ ହଠାତ ବାଟରୁ ଶୁଣିଲା ଯେ ସେ ବାହା ହୋଇଯାଇଛି ।

"ଆରେ ଶୁଣି ନାହଁ ? ହଁ ପରା ଗଲା ସପ୍ତାହରେ । ସେମାନଙ୍କର ମଧୁଚନ୍ଦ୍ରିକା ନିଛିରେ ହେଲା ।"

"ଲୋକଟାର ଭାଗ୍ୟ ଭଲ । ଗୋଟିଏ ଖୁବ ସୁନ୍ଦରୀ ଝିଅକୁ ବାହା ହୋଇଛି ।"

" ଢେର ଯୌତୁକ ପାଇଥିବ ନିଶ୍ଚୟ ।"

ହଁ, ହଁ, ତା ବାପା....

ତା ବାପା କ'ଣ କ'ଣ ଦେଇଛନ୍ତି, ସେ କଥା ଶୁଣିବା ପାଇଁ ନାଦିଆ ଅପେକ୍ଷା କଲା ନାହିଁ । ଅନ୍ୟ ଆଡକୁ ଚାଲିଗଲା ।

ଏସବୁ କଥା ତାର ବାରମ୍ବାର ମନେପଡେ । ସେ ଯେ ମନେ ପକେଇବାକୁ ଚାହେଁ - ତାହା ନୁହେଁ । ଏହି ସ୍ମୃତି ହଟେଇ ଦେବାକୁ ଚେଷ୍ଟା କରି ଅତୀତକୁ ପୂରାପୂରି ଭୁଲିଯିବାକୁ ଚାହିଁଛି । ଏସବୁ ଘଟଣା ଯେ କେଡେ ଦୁଃଖଦାୟକ ଓ ଅପମାନଜନକ ଏବଂ ତା'ଠାରୁ ତାର ସତେ ଯେମିତି ମୁକ୍ତି ନାହିଁ ଏବଂ ତାପରେ ସେ ଆଉ କାହାକୁ ବିବାହ କରିଛି, ଏକଥା ଜାଣିବା ପରବର୍ତ୍ତୀ ଓଜନିଆ ଦିନ ଗୁଡାକ - ତାର ଅଜସ୍ର ଚୁମାର ସ୍ମୃତିରେ ଏକାନ୍ତ ଆପଣାର ହୋଇଉଠିଥିବା ବଣର ଏହି ନିର୍ଦ୍ଦିଷ୍ଟ ଜାଗାରେ ବସି ସେ ଦିନେ ତା ନିଜ ଭିତରେ ତା ଶିଶୁର ସ୍ପନ୍ଦନ ଅନୁଭବ କଲା ଏବଂ ଗୋଟିଏ ନୂଆ ଜୀବନର ଚେତନା ସହିତ ଆସିଲା ମୃତ୍ୟୁର ସଂକେତ । ନା, ତା ସନ୍ତାନ ସହିତ ଏହା ହୋଇ ପାରେନା ।

ଘରେ କାହାରିକୁ କିଛି ନ ଜଣାଇ - ବାହାରକୁ ଚାଲିଯିବାର ଗୋଟିଏ ଫନ୍ଦି ସେ ଖୋଜିନେଲା । ଭିନ୍ନ ଭିନ୍ନ ସୂତ୍ରରୁ ସେ ପର୍ଯ୍ୟାପ୍ତ ପରିମାଣରେ ଟଙ୍କା ଯୋଗାଡ କରିନେଲା ଏବଂ ସବୁ ବ୍ୟବସ୍ଥା ମଧ୍ୟ ହୋଇଗଲା । କେମିତି ହେଲା - ସେକଥା ସେ ଭାବିବାକୁ ଚାହେଁନା । ତାପରେ ଦିନେ ସେ ଘରକୁ ଫେରିଆସିଲା - ଦୁର୍ବଳ, ରୋଗା,

କ୍ଲାନ୍ତ ଦେହ, ମୁହଁ ନେଇ - ତଥାପି ତାର ବ୍ୟଥା ଓ ଭୟ ଢାଙ୍କି ରଖିବା ଲାଗି ସତେ ଯେମିତି ଗୋଟିଏ ଶକ୍ତି ତା ଭିତରେ ଜାଗି ଉଠିଥିଲା ।

ସ୍ମୃତି ବହୁବାର ସବୁକିଛି ତା ଆଗରେ ଠିଆ କରେଇବାର ଚେଷ୍ଟା କରିଛି । ହେଲେ ନାଦିଆ ଧରା ଦେଇନାହିଁ । ଯେତେବେଳେ ଗୋଟିଏ ଝଲକରେ ସ୍ମୃତିପଟରେ କିଛିକିଛି ଘଟଣା ଭାସି ଉଠେ, ସେତେବେଳେ ସେ ଜୋର ଜବରଦସ୍ତ ମୁହଁ ବୁଲାଇ ଦିଏ - ସେହି ମୁହୂର୍ତ୍ତରେ ସେହି ଦୃଶ୍ୟରୁ ଅନ୍ୟ ଆଡକୁ ଦୃଢ ଭାବରେ ମନୋନିବେଶ କରେ ।

କିନ୍ତୁ ତା ହୃଦୟ ଭିତରେ ଗୋଟିଏ ସ୍ମୃତିର ଟୁକୁଡା ସେ ମୋତି ଭଳି ଲୁଚାଇ ରଖିଛି । ତାର ଗୋଟିଏ ଶିଶୁ ଥିଲା - ତାର ନିଜର ଯଦିଓ ସେ ଏ ଧରାକୁ ଆସି ଦେଖା ଦେଇନାହିଁ । ହେଲେ ସେ ପ୍ରାୟ ଆଖି ଆଗରେ ଦେଖିବାକୁ ପାଏ- ଗୋଟିଏ ଶିଶୁର ମୁହଁ, କେତେ ସୁନ୍ଦର ଅଥଚ କେତେ ଭୟଙ୍କର ।

ଯେଉଁଦିନ ସେ ଏକୁଟିଆ ଥାଏ ଏବଂ ଆଖି ବୁଜି ଆସେ - ଶିଶୁଟି ସେହି ମୁହୂର୍ତ୍ତରେ ଚାଲି ଆସେ ତା ପାଖକୁ । ସେ ଯେମିତି ଅନୁଭବ କରେ, ଚାନ୍ଦ ଭଳି ସେ ଦିନକୁ ଦିନ ବଢୁଛି । ତାକୁ ସେ ସ୍ପଷ୍ଟ ଦେଖିପାରେ - ବେଳେବେଳେ ତାକୁ ଲାଗେ, ଦିନ ଦିନ, ବର୍ଷ ବର୍ଷ ଧରି ସେ ତା ଶିଶୁକୁ ତା କୋଳରେ ଧରି ଦିନ କାଟିଛି । ତାରି ପାଇଁ ତାର ସ୍ତନ ଦୁଇଟି କ୍ଷୀରରେ ଭରି ଉଠେ । ହଠାତ କୌଣସି ଶବ୍ଦ ଶୁଣିଲେ ସେ ଚମକି ଉଠେ - ତା ଧନମଣି ଉଠି ପଡିଲା କି ଆଉ ?

କେତେବେଳେ କେମିତି ସେ ହାତ ଦୁଇଟାକୁ ବଢେଇ ଦିଏ । ତା ନୟନ ମଣିର କୁଞ୍ଚୁକୁଞ୍ଚୁଆ ବାଳରେ ହାତ ବୁଲାଇବ ବୋଲି, ତା କୁନିକୁନି ହାତର ସ୍ପର୍ଶ ପାଇବ ବୋଲି । ତାକୁ ଛାତି ପାଖକୁ ଟାଣି ଆଣିବ ବୋଲି । ହେଲେ ପ୍ରତ୍ୟେକ ଥର ସେ ତାର ସ୍ପର୍ଶକୁ ଆଡେଇ ଦିଏ, ମା ହାତରେ ପବନର ସ୍ପର୍ଶ ଲାଗେ । ଅଥଚ ସେହି ମୁହୂର୍ତ୍ତରେ ସେ ସ୍ପଷ୍ଟ ଶୁଣିପାରେ, ତା କୋମଳ କଣ୍ଠର ଖିଲ ଖିଲ ହସ । ସତେ ଯେମିତି ସେ ରହିଛି ଏଇ ତା ପାଖରେ - ହୁଏତ ଚେୟାର ପଛରେ ଲୁଚି ରହିଛି ।

ତା' ମୁହଁଟାକୁ ସେ ଠିକ୍ ଦେଖିପାରେ - ସେ କେବେହେଲେ ଆଲୁଅରେ ଆସେନା । ତଥାପି ସେ ଠିକ୍ ଚିହ୍ନି ପାରେ ତାର ସେହି ଅଙ୍ଗ, ସେହି ଗଠନ - ଯିଏ ତାର ପ୍ରେମକୁ ଧୋକା ଦେଇ ଚାଲିଯାଇଛି । ତାର ହୃଦୟରୁ ସମସ୍ତ ରସ ଆସ୍ୱାଦନ କରି ଏବେ ସବୁ ଭୁଲି ଯାଇଛି ସେହି ଅଙ୍ଗ ଗଠନ । ଯିଏକି ଏସବୁ ସତ୍ୱେ ଏତେ ଆପଣାର ହୋଇ ଉଠିଛି । ବଡ଼ବଡ଼ ଧୂସର ଆଖି । ଢେଉ ଖେଳୁଥିବା ସୁନେଲି ବାଳ, କୁନି କୁନି ଲାଲ ଓଠ - ମୁହଁର ଗଠନ ପୂରା ତା ବାପା ଭଳି । ଫୁଲ ପାଖୁଡା ଭଳି ତାର କାନ, ନିଟୋଳ ବାହୁ, ଗୋଲାପୀ ଗାଲରେ ଭଉଁରୀ - ଏସବୁ ତାର ନିଜର ।

ତାର ଛୋଟ ଦେହଟାର ଅଙ୍ଗ ଅଙ୍ଗ ତାକୁ ଜଣା - ସବୁକିଛି ।

ଆଉ ତାର ଛୁଆଳିଆ ଭାବ ଭଙ୍ଗୀ । ସେ କେମିତି ତା ହାତକୁ ଟେକି, କେମିତି ଗୋଟିଏ ଗୋଟିଏ ପାଦ ପକେଇ ବାପାର ହାତ ଧରି - ଯାହାକୁ ସେ କଦାପି ଦେଖି ନାହିଁ । ତା ହସଟି ତା ନିଜର । ନିଜ ଠାଣିରେ ମୁଣ୍ଡକୁ ଗୋଟିଏ କଡ଼କୁ ଢଳେଇ ତାର ଛୋଟ ମୁହଁଟା ଲାଲ ହୋଇ ଉଠେ ।

ବେଦନାଦାୟକ ସେହି ସ୍ମୃତି । ତାର ଶିଶୁର ନରମ ଗୋଲାପୀ ଆଙ୍ଗୁଳିଗୁଡ଼ିକ ସତେ ଯେମିତି ତା ବୁକୁର ଗଭୀର କ୍ଷତ ଉପରେ ଆସି ଲାଗେ । ଏତେ ଆପଣାର ଅଥଚ କେତେ ନିଷ୍ଠୁର । ଏତେ ତୀବ୍ର ଯନ୍ତ୍ରଣା, ତଥାପି ତାକୁ ଠେଲି ଦୂରେଇଦେବା ମଧ୍ୟ ସମ୍ଭବ ନୁହଁ ।

"ମୋ ଧନରେ ! ମୋର ନହୋଇଥିବା ଧନରେ । ତୋ ବିନା ମୁଁ ବଞ୍ଚିପାରୁନିରେ । ବଞ୍ଚିପାରୁନି । ଖାଲି ଯଦି ତୁ ଏ ପୃଥିବୀକୁ ଆସିଥାଆନ୍ତୁ, ତୋ ଲାଗି ମୁଁ ପ୍ରାଣ ଦେଇପାରିଥାନ୍ତି ।"

କାରଣ ଏସବୁ କେବଳ ସ୍ୱପ୍ନ । ନ ହୋଇଥିବା ଧନମଣି ତ ହସି ପାରେନା, କାନ୍ଦି ମଧ୍ୟ ପାରେନା । ସେ ଅଛି, ତେବେ ନିଜ ପାଖରେ ନୁହଁ । ଏ ପୃଥିବୀର ସବୁ ମଣିଷ ଓ ଜୀବନଧାରାମାନଙ୍କର ଗହଣରେ ସେ ନାହିଁ - ତାର କୌଣସି ଅସ୍ତିତ୍ୱ ନାହିଁ । ଏତେ ପ୍ରାଣ ଚଞ୍ଚଳ, ଏତେ ସୁନ୍ଦର, ଏତେ ସ୍ନେହମୟ, ତଥାପି ସେ ନାହିଁ ।

ନାଦିଆ ନିଜକୁ ନିଜେ କହେ - ଏଭଳି ଅବସ୍ଥା ହୋଇଛି ମୋରି ପାଇଁ । ଏବେ ସେ ଛୋଟ, ବୋକା । କିଛି ବୁଝେନା । କିନ୍ତୁ ଯେତେବେଳେ ବଡ ହୋଇ ସେ ବୁଝିବ, ଜୀବନ୍ତ ଶିଶୁମାନଙ୍କ ସହିତ ନିଜକୁ ତୁଳନା କରି ଦେଖିବ - ସତକୁ ସତ ଜୀବନ୍ତ ହୋଇ ବଢି ଉଠିବାକୁ ଚାହିଁବ - ଯେତେବେଳେ ସେ ମୋତେ ଦୋଷ ଦେବ । ମୋତେ ଖରାପ କହିବ । ଆଉ ମୁଁ ମରିଯିବାକୁ ଚାହିଁବି । ବାସ୍ତବ ଚକ୍ଷୁରେ ଏସବୁ ଯେ କେତେ ବୋକାମୀ - ଥରୁଟିଏ ସେ ଚିନ୍ତା କରେନା । ଏକଥା କଳ୍ପନା କରି ପାରେନା ଯେ ପରିତ୍ୟକ୍ତ କରି ନଥିବା ଶିଶୁଟି ଭିତରେ କୌଣସି ଜୀବନ୍ତ ଆତ୍ମାର ସ୍ଥାନ ନାହିଁ । ନା, ନା ନାଦିଆ ପାଇଁ ତା ଜନ୍ମ ନେଇ ନଥିବା ସନ୍ତାନ ବଞ୍ଚି ଅଛି ଓ ସୀମାହୀନ ଦୁଃଖ ତା ଛାତିରେ ଅହରହ ଆଘାତ କରି ଚାଲିଛି ।

ତା ପାଖରେ ସେ ଗୋଟିଏ ପ୍ରତିଭାତ ଦୀପଟିଏ ଭଳି ଝଲମଲ ପୋଷା, ଛୋଟଛୋଟ ଦୁଇଟି କଅଁଳିଆ ହାତ, ପଦ୍ମ ଭଳି ତାର ଦୁଇଟି କୁନି କୁନି ହାତ, ନିର୍ମଳ ସରଳ ଆଖି ପବିତ୍ର ହସଟିକେ ସଂଗୀତ ଭଳି ମିଠା ।

ଯେଉଁ ମୁହୂର୍ତ୍ତରେ ନାଦିଆ ତାକୁ ଛାତିରେ ଜାବୁଡ଼ି ଧରିବାକୁ ଚାହେଁ - ଶିଶୁଟି ଖସି ପଳେଇଯାଏ ସତ, ମାତ୍ର ସେ ବେଶୀ ଦୂରକୁ ଯାଏ ନାହିଁ । ପ୍ରତ୍ୟେକ ଥର ସେ ଆଖପାଖରେ ହିଁ ଲୁଚିପଡେ । ତା ଆଲିଙ୍ଗନରୁ ସେ ଦୌଡ଼ି ପଳେଇଗଲେ ମଧ୍ୟ ସେ

ଯେତେବେଳେ ଆଖିବୁଜି ବସିପଡେ ତା ଆଦରର ଶିଶୁଟି ତାର କୁନିକୁନି ହାତ ଲମ୍ବାଇ ତା ବେକକୁ କୁଣ୍ଢାଇ ଧରେ, ତା ପାଖୁଡା ଭଳି ଭଳି ଓଠ ଦୁଇଟିକୁ ଗାଲରେ ଚାପି ଦିଏ । ହେଲେ ଥରୁଟିଏ ସେ ତା ମା ଓଠରେ ଚୁମା ଦେଇ ନାହିଁ ।

ବଡ ହେଲେ ସେ ବୁଝିବ - ସେ ଚିନ୍ତା କରେ । ସେତେବେଳେ ଦୁଃଖ ପାଇବ ଏବଂ କୁଆଡେ ଚାଲିଯିବ । ଆଉ କେବେ ହେଲେ ଫେରି ଆସିବ ନାହିଁ । ତାପରେ ମୁଁ ମରିଯିବି ।

ସେତେବେଳକୁ ନାଦିଆ କିନ୍ତୁ କୋଳାହଳମୟ ଯାତ୍ରୀ-ଭରପୁର ଟ୍ରାମରେ ବସିଛି । ଚାରି ପାଖରେ ଅଜଣା ଅଚିହ୍ନା ଲୋକ । ଜଣେ ଅନ୍ୟ ଜଣକୁ ଠେଲି ଯାଉଛି, ଆସୁଛି । ନାଦିଆ ଦୁଇ ଆଖି ବୁଜି ବସିଛି, ଭାବୁଛି ତାର ଶିଶୁ କଥା । ଦେଖି ପାରୁଛି ଶିଶୁର ସେହି ନିର୍ମଳ ନୀଳ ଆଖି । ଶୁଣିପାରୁଛି ତା' ଦରୋଟି କଥାକୁ ।

ଟ୍ରାମରୁ ଓହ୍ଲାଇ ନାଦିଆ ବରଫ ଆଚ୍ଛାଦିତ ରାସ୍ତା ଧରି ଚାଲିବାକୁ ଲାଗିଲା । ଏକୁଟିଆ । ଆହୁରି ପଥିକଙ୍କ ସହିତ ତାର ସାକ୍ଷାତ ହୋଇଛି । ହେଲେ କେହି ତାର ସହଯାତ୍ରୀ ନୁହନ୍ତି । ଚାଲୁଚାଲୁ ସେ ମନକୁ ମନ ଭାବୁଥିଲା - ମୋ ପାପ ସବୁଦିନ ପାଇଁ ମୋ ସହିତ ରହିବ, କସ୍ମିନ କାଳେ ତା' ଠାରୁ ଦୂରକୁ ଯାଇ ପାରିବି ନାହିଁ । ମୁଁ ସେବେଠୁ ବଞ୍ଚିରହିଛି । କ'ଣ ପାଇଁ ? ଏମିତିକି ସିରୋଜା ଚାଲିଗଲା ? ଗୋଟିଏ ତୀବ୍ର ଅବସାଦ ତା ଛାତିକୁ ଜାବୁଡି ଧରିଥାଏ ।

ମୁଁ ଯେ କ'ଣ ପାଇଁ ଦିନ ପରେ ଦିନ ବଞ୍ଚି ରହିଛି ? ସେ ତାର ଆତ୍ମଜିଜ୍ଞାସାର କୌଣସି ଜବାବ ପାଇଲା ନାହିଁ । ଏକଥା ପୁଣି ତାର ମନକୁ ଆସିଲା - ମୋ ପ୍ରାଣର ଧନ ପ୍ରତି ମୁହୂର୍ତ୍ତରେ ମୋ ପାଖରେ ରହିଛି । କିନ୍ତୁ ଏବେ ସେ ଦିନକୁ ଦିନ ବଡ଼ ହେବ । ତାର ଆଠ ବର୍ଷ ବୟସ ହେଲା । ଏବେ ତ ତାର ସବୁକିଛି ବୁଝିବାର ବେଳ । ମୋ ଉପରେ ସେ ରାଗୁନାହିଁ କାହିଁକି ? ବାହାରକୁ ଯିବାକୁ କ'ଣ ତାର ମନ କହୁନାହିଁ ? ମନ କହୁନାହିଁ ଅନ୍ୟ ଶିଶୁମାନଙ୍କ ସହିତ ଖେଳିବୁଲିବାକୁ ? ଛୋଟ ସ୍ଲେଜ୍ ଗାଡ଼ି ଚଢି ବରଫ ଉପରେ ଗଡି ଯିବାର ମଜା ତ ଭିନ୍ନ । ଶୀତର ଏହି ସୁନ୍ଦର ଦୃଶ୍ୟରେ କ'ଣ ତାର ମନ ଅଧୀର ହୋଇ ଉଠେ ନାହିଁ ? ମୋତେ ତ ଏସବୁ ଭାରି ଭଲ ଲାଗେ । ଏତେ ମାୟା - ମରୀଚିକା ସତ୍ତ୍ୱେ ଏ ପୃଥିବୀଟା କେତେ ସୁନ୍ଦର । କେତେ ଆକର୍ଷଣୀୟ । ଏହା କ'ଣ ସମ୍ଭବ ଯେ ସେ ବାସ୍ତବ ଜୀବନ ଭିତରକୁ ଆସି ଜୀଇଁବାକୁ ଚାହୁଁନାହିଁ ?

ଏଠାରେ ସେମାନଙ୍କ କଥା ତାର ମନେ ପଡିଲା - ଯେଉଁମାନଙ୍କୁ ସେ ଦେଖା କରିବା ପାଇଁ ଆସିଛି । ଅତିରିକ୍ତ ଶ୍ରମ ଭାରରେ ଭାଙ୍ଗିପଡିଥିବା ଭଗ୍ନାପତି, କର୍ମକ୍ଲାନ୍ତ ଭଉଣୀ, ଆପତ୍ତି - ଅଭିଯୋଗରେ ଭରପୂର ପଲେ ପୁଅ-ଝିଅ । ଦାରିଦ୍ର୍ୟ କଷାଘାତରେ ପଞ୍ଜରା ବାହାରି ପଡିଥିବା ଘର । ନାଦିଆ ଏହି ପରିସ୍ଥିତିରେ ଭଣଜା - ଭାଣିଜୀମାନଙ୍କ କଥା ମନେ ପକାଇଲା ଏବଂ ସିରୋଜାକୁ - ଯିଏ ଗୁଳି କରି ଆତ୍ମହତ୍ୟା କରିଛି ।

କିଏ କ'ଣ ଚିନ୍ତା କରିଥିଲା ଯେ ସେ ଏଭଳି ଆତ୍ମହତ୍ୟା କରିବ ? ଓଃ ଏତେ ହସ ଖୁସ ଚଳଚଞ୍ଚଳ ଝିଅଟା ।

ଗତ ସପ୍ତାହରେ ତା ସହିତ ହୋଇଥିବା କଥାବାର୍ତ୍ତା ତାର ମନେପଡିଗଲା । ସେଦିନ ସିରୋଜା କେମିତି ଗୋଟାଏ ବିଷଣ୍ଣ ଓ ବିପର୍ଯ୍ୟସ୍ତ ଦେଖାଯାଉଥିଲା । ପତ୍ରପତ୍ରିକାରୁ କେତୋଟି ଘଟଣାର ଉଲ୍ଲେଖ କରି କହିଥିଲା - "ଆମ ଘରେ ସବୁକିଛି ଖରାପ ଚାଲିଛି । ଚାରିପଟେ କେବଳ ଅନ୍ଧକାର ଓ ହତାଶା । ନାଦିଆ ସେତେବେଳେ ଏମିତି ଅବଶ୍ୟ କହିଥିଲା ଯାହା ସହିତ ସେ ଏକମତ ନଥିଲା । ଖାଲି ସିରୋଜାର ମନ ବଦଳେଇବା ପାଇଁ କହିବାର କଥା । ଗମ୍ଭୀର ହୋଇ ସିରୋଜା ହସିହସି ଜବାବ ଦେଇଥିଲା - "କିନ୍ତୁ ମାଉସୀ । କେତେ କେତେ ବିଭତ୍ସ ଘଟଣା ଚାରିଆଡେ ଘଟୁଛି । ଥରେ ଚିନ୍ତା କରି ଦେଖ, ଜଣେ ବିଶିଷ୍ଟ ବ୍ୟକ୍ତି ବୃଦ୍ଧ - ଭୀଷଣ ବୃଦ୍ଧ, ସିଧା ଘରୁ ବାହାରିଗଲେ ମରିବା ପାଇଁ ଗୋଟିଏ ଜାଗା ଖୋଜି । କେତେ ସାଙ୍ଘାତିକ କଥା ନା ? କାରଣ ସେ ଆମ ତୁଳନାରେ ଏ ପୃଥିବୀକୁ ଆହୁରି ଭଲ ଭାବରେ ଦେଖିଛନ୍ତି ଏବଂ ସବୁ କିଛି ସହି ଆଉ ପାରିନାହାନ୍ତି । ଶେଷରେ ତାଙ୍କର ମୃତ୍ୟୁ । ଓଃ ସତରେ କେତେ ଭୟାନକ ।"

କିଛି ସମୟ ନୀରବ ରହିବା ପରେ ସେ ପୁଣି କହିଲା- "ନାଦିଆ ମାଉସୀ, ମୁଁ ଯାହା ସ୍ଥିର କରିଛି, ତୁମକୁ କହୁଛି । ତୁମେ ହିଁ ମୋତେ ସବୁଠୁ ବେଶୀ ଭଲ ପାଅ ଏବଂ ତୁମେ ହିଁ ବୁଝିବ । ଯେଉଁ ପୃଥିବୀରେ ଏଭଳି ଘଟଣା ଘଟେ, ସେଠି ମୁଁ ଆଦୌ ବଞ୍ଚିବାକୁ ଚାହେଁନା । ମୁଁ ଜାଣେ ମୁଁ ମଧ୍ୟ ଅନ୍ୟ ଦଶ ଜଣଙ୍କ ଭଳି ଦୁର୍ବଳ, ଆଉ କ'ଣ କରିବାର ବା ଅଛି କୁହ ? କେବଳ ତିଳ ତିଳ କରି ସବୁକିଛି ସହ୍ୟ କରିବା ଛଡା । ମାଉସୀ, ନେକରସଭ ଠିକ କହିଛନ୍ତି - ଛୋଟ ବେଳୁ ମରି ଯିବା ହିଁ ଭଲ ।"

ନାଦିଆର ମନେ ଅଛି ଏହି ପିଲାଟି ପାଇଁ ସେ ଉଦ୍‌ବିଗ୍ନ ବୋଧ କରିଥିଲା ଏବଂ ବହୁ ସମୟ ଯାବତ ତା ସହିତ କଥା ବି ହୋଇଥିଲା । ଲାଗିଥିଲା ଶେଷକୁ ସେ ହୁଏତ ବୁଝିପାରିଛି । ଆଗ ଭଳି ମିଠା ହସଟିଏ ହସିଦେଇ କହିଥିଲା - "ଓହୋ ! ଆଚ୍ଛା ବେଶ । ଆମେ ସମସ୍ତେ ପ୍ରଥମେ ବଞ୍ଚିରହୁ । ତାପରେ ଦେଖାଯିବ । ସବୁକିଛି ଠିକ ଆଗେଇ ଚାଲିଛି । ଆମେ ଖାଲି ଲକ୍ଷ୍ୟ ପଥକୁ ଠିକ୍ ଧରି ପାରୁନୁ ।"

ଆଉ ସେହି ସିରୋଜା ଆଜି ନାହିଁ - ଆତ୍ମହତ୍ୟା କରିଦେଲା । ସେ ବଞ୍ଚି ରହିବାକୁ ଚାହିଁ ନାହିଁ । ଦେଖିବାକୁ ଚାହିଁ ନାହିଁ ପ୍ରଗତିର ସମାରୋହପୂର୍ଣ୍ଣ ଯାତ୍ରା । ଆଉ ତ ମା'ର କି ଅବସ୍ଥା । ହୁଏତ ସିରୋଜାର ମହମ ଭଳି ପାଣ୍ଡୁର ହାତ ଦୁଇଟିରେ ଚୁମା ଦଉଛି ଅଥବା ଭୋକ ଜ୍ୱାଳାରେ କାନ୍ଦୁଥିବା ପିଲାମାନଙ୍କ ପାଇଁ ରାତ୍ରି ଭୋଜନ ପ୍ରସ୍ତୁତ କରୁଛି । ପିଲାମାନେ ନିଶ୍ଚୟ ଡରରେ କାନ୍ଦୁଥିବେ । ଛିଣ୍ଡା ମଇଳା ଲୁଗାରେ ସେମାନଙ୍କୁ କେତେ ଦୟନୀୟ ଦେଖାଯାଉଥିବ । ହୁଏତ ସେମାନଙ୍କର ମା'ମାନେ ମଧ୍ୟ ଖଟ ଉପରେ ବସି କାନ୍ଦୁଛନ୍ତି । ନାରୀ, ଭାଗ୍ୟବତୀ ନାରୀ - ଯଦି ସେ ପ୍ରାଣଖୋଲି କାନ୍ଦିପାରେ । ଲୁହର

ସାନ୍ତ୍ୱନା ତୁଳନାରେ ଏ ଦୁନିଆରେ ଆଉ କ'ଣ ବା ମଧୁର ?

ଶେଷକୁ ନାଦେଝଦା ଆଲୋକ ସଭାନା ତା ଭଉଣୀ ଘରେ ଆସି ପହଞ୍ଚିଲା ଏବଂ ଶିଢି ବାଟ ଦେଇ ପାଞ୍ଚ ତାଲାକୁ ଉଠି ଆସିଲା । ପଥରରେ ତିଆରି ଗୋଟିଏ ଅଣଓସାରିଆ ଶିଢି । ସେ ଏକ ପ୍ରକାର ଦୌଡି ଦୌଡି ଉଠି ଆସିଲା । ତେଣୁ ଧଇଁ ସଇଁ ହେଲା । ଭିତରକୁ ଯିବା ପୂର୍ବରୁ କବାଟ ବନ୍ଧ ପାଖରେ ଠିଆ ହୋଇ ଦମ୍ ନେଲା । ଗ୍ଲୋବ୍ସ ପିନ୍ଧା ହାତ ଲମ୍ବାଇ ସେ ଗୋଟିଏ ଖୁଣ୍ଟକୁ ଧରି ଠିଆ ହୋଇ ରହିଲା ।

କବାଟ ଉପରେ ଗୋଟିଏ ମୋଟା ମଶିଣା ଓ ତା ଉପରେ ଅଏଲ କ୍ଲୁଥ (Oil Cloth) । ଏହି ଅଏଲ କଲଥ (Oil Cloth) ସାହାଯ୍ୟରେ ଅଙ୍କା ଯାଇଛି କ୍ରସ ଚିହ୍ନ । କିଛିଟା ଧର୍ମ ବିଶ୍ୱାସ ଓ କିଛିଟା ସଜେଇବା ଭଙ୍ଗୀରେ । ଗୋଟିଏ ପଟ ଛିଣ୍ଡି ତଳକୁ ଝୁଲୁଛି ଏବଂ ଏହି ବାଟେ ମଶିଣାର ଗୋଟିଏ ଅଂଶ ବାହାରକୁ ଦେଖାଯାଉଛି । କେଜାଣି କାହିଁକି, ଏହି ଦୃଶ୍ୟଟା ହଠାତ ନାଦିଆ ପାଖରେ ଭୀଷଣ କରୁଣ ଓ ମର୍ମାନ୍ତିକ ମନେ ହେଲା । ମୁହଁ ଉପରେ ହାତ ରଖି ସେ ଗୁମୁରୁ ଗୁମୁରି କାନ୍ଦିବାକୁ ଲାଗିଲା । ତା ଦେହରେ ସତେ ଯେମିତି ଆଉ ବଳ ନଥିଲା । କବାଟ କୋଣରେ ଲଥ୍ କରି ବସି ପଡି ସେ ଭୋ-ଭୋ କାନ୍ଦି ଚାଲିଲା ।

କିନ୍ତୁ, ସିଢିଟା ସେତେବେଳକୁ ଅନ୍ଧାରିଆ, ଭୀଷଣ ଥଣ୍ଡା । କେଉଁଠି ଶବ୍ଦ ନାହିଁ, କବାଟଟା ଗମ୍ଭୀର ଓ ମୂକ ଭଳି ଠିଆ ହୋଇ ହୋଇଛି । ବହୁ ସମୟ ଧରି ସେ କାନ୍ଦିଲା । ତାପରେ ହଠାତ୍ ଗୋଟିଏ ପରିଚିତ ପାଦର ହାଲକା ଶବ୍ଦ ତା କାନରେ ବାଜିଲା ଏବଂ ପ୍ରତୀକ୍ଷାରତ ଅବସ୍ଥାରେ ସେ ଅନୁଭବ କଲା - ତା ସୁନା ବାବୁଟି ପାଖକୁ ଆସି ଦୁଇ ବାହୁରେ ତା' ବେକକୁ ଜାବୁଡି ଧରିଛି, ତା' ଗାଲକୁ ଚାପି ଦେଇଛି । ତାର କୁନିକୁନି ନରମ ଆଙ୍ଗୁଳି ଦ୍ୱାରା ମା ମୁହଁକୁ ଘୋଡାଇ ରଖିଥିବା ହାତ ଦୁଇଟିକୁ ଦୂରେଇ ଦେଉଛି । ଏଥର ସେ ତାର ଓଠ ଦୁଇଟିକୁ ମା ଗାଲରେ ଲଗାଇ ଧୀରେ ଧୀରେ କହିଲା- "କାହିଁକି କାନ୍ଦୁଛ ? ତୁମେ ତ କୌଣସି ଭୁଲ କରିନାହଁ ?

ନାଦିଆ ନୀରବରେ ବସି ଶୁଣିବାକୁ ଲାଗିଲା । ସାମାନ୍ୟ ହଲଚଲ ହେବାକୁ କିମ୍ବା ଆଖି ଫିଟାଇବାକୁ ମଧ୍ୟ ସାହସ ପାଇଲାନି । ଯଦି ତା ଆଦରର ବାବୁଟି ଚାଲିଯାଏ । ଡାହାଣ ହାତକୁ ଆଣ୍ଠୁ ଉପରକୁ ଆଣି ଥୋଇଲା । ହେଲେ ବାମ ହାତ ଦେଇ ଆଖି ସେତେବେଳ ଯାଏ ବନ୍ଦ ଥାଏ । କ୍ରମେ ତାର କାନ୍ଦ ବନ୍ଦ ହେଲା । ଏହି ପାପିଷ୍ଠ ନାରୀର କାନ୍ଦରେ ତା ଧନମଣିକୁ ଡରେଇବାକୁ ସେ ଚାହେଁ ।

ଶିଶୁଟି ତା ଗାଲରେ ଚୁମା ଦେଇ ପୁଣି ଥରେ କହିଲା - "ତୁମେ କୌଣସି ଅନ୍ୟାୟ କରିନାହଁ । ଏ ପୃଥିବୀରେ ମୁଁ ବଞ୍ଚିବାକୁ ଚାହେଁ ନାହିଁ । ମା' ଆଉ ସତରେ ତୁମକୁ କୃତଜ୍ଞତା ଜଣାଉଛି ।"

ସିରୋଜାର କଣ୍ଠରେ ସେ ପୁଣି ଥରେ ଯୋଗ କଲା - "ସତ କହୁଛି ମା । ମୁଁ

ଆଦୌ ବଞ୍ଚିବାକୁ ଚାହେଁ ନାହିଁ ।

ସିରୋଜା ଯେତେବେଳେ ଏହି କଥା କହୁଥିଲା ତାହା ତାକୁ ଭୟାନକ ଲାଗୁଥିଲା । ଭୟାନକ । କାରଣ ଅଦୃଶ୍ୟ ବିଧାତାଙ୍କ ଠାରୁ ପୂର୍ଣ୍ଣାଙ୍ଗ ଜୀବନ ପାଇବା ପରି ଯାହାକୁ ମହାମୂଲ୍ୟ ରତ୍ନ ଭଳି ରକ୍ଷା କରିବା ତାର ଉଚିତ ଥିଲା, ତାକୁ ନଷ୍ଟ କରିଦେବା ଆଦୌ ଉଚିତ ହୋଇ ନାହିଁ ।

କିନ୍ତୁ ଏ ପୃଥିବୀକୁ ଆସି ନ ଥିବା ତାର ଶିଶୁ ପାଖରୁ ସେହି କଥା ଶୁଣିବା ପରେ ମା' ଛାତିରୁ ବେଦନାର ବୋଝ ଓହରି ଗଲା । ଧୀରେ ଧୀରେ ତରିତରି ପୃଥିବୀର କଣ୍ଠସ୍ୱର ଶୁଣି ତାର ଧନମଣି ଯେମିତି ଭୟଭୀତ ନ ହୁଏ, ସେମିତି ପଚାରିଲା - "ବାବୁରେ, କହ ମୋତେ କ୍ଷମା କରିବୁ" ଏବଂ ସେ ଉତ୍ତର ପାଇଲା - "ତୁମେ କୌଣସି ଅପରାଧ କରିନାହିଁ, ତଥାପି ଯଦି ଶୁଣିବାକୁ ଚାହୁଁଛ, ତେବେ ଶୁଣ - ମୁଁ ତୁମକୁ କ୍ଷମା କରିଛି ।"

ହଠାତ୍ ନାଦିଆର ସମସ୍ତ ପ୍ରାଣ ଏକ ନୂଆ ଶିହରଣରେ ଭରି ଉଠିଲା । କିଛି ଆଶା କରିବାକୁ ମଧ୍ୟ ସାହସ ହେଉ ନଥାଏ - କ'ଣ ହେଉଛି, କ'ଣ ହେବାକୁ ଯାଉଛି, କିଛି ବୁଝି ନପାରି ସେ ବିମୂଢ ଅବସ୍ଥାରେ ଦୁଇ ହାତ ବଢାଇ ଦେଲା ଓ ଅନୁଭବ କଲା ଯେ ତାର ସନ୍ତାନ ଆଣ୍ଠୁ ଉପରେ ଉଠି ବସିଲା । ତାର ଛୋଟ ଛୋଟ ହାତ ଦୁଇଟାକୁ ତା କାନ୍ଧ ଉପରେ ଥୋଇଲା, ତାର ଦୁଇ ଓଠ ନିଜ ଓଠ ଉପରେ ଲଗାଇ ଚୁମା ଦେଇ ଚାଲିଲା ।

ନାଦିଆର ଆଖି ସେତେବେଳେ ବି ବନ୍ଦ ଥାଏ । କାରଣ ପୃଥିବୀର ମଣିଷ ଭାଗ୍ୟରେ ଯାହା ଦେଖିବାର ନୁହଁ, ତାହା ଦେଖିବାକୁ ତାକୁ ଡର ଲାଗୁଥିଲା । ତଥାପି ବୋଧ ହେଉଥିଲା, ଶିଶୁର ଆଖି ଦୁଇଟି ମା'ର ଆଖିକୁ ଅପଲକ ଭାବରେ ଚାହିଁ ରହିଛି - ତାର ମୃଦୁ ନିଃଶ୍ୱାସ ଆଶୀର୍ବାଦ ଭଳି ମା ଦେହରେ ଆସି ଲାଗୁଛି ଏବଂ ଶିଶୁଟିର ଦେହର ଆଲୋକ ଚାନ୍ଦ ଭଳି ତା' ମା ଉପରେ ଆସି ପଡୁଛି ।

ତାପରେ ଛୋଟ ଦୁଇଟି ବାହୁ ତା ବେକରୁ ଖସି ଗଲା । ଶିଢି ଉପରେ ଦୁଇଟି କଅଁଳିଆ ପାଦର ଶବ୍ଦ ଶୁଭିଲା । ବୁଝିପାରିଲା ତାର ଧନ ଚାଲିଗଲା ।

ଏଥର ସେ ଉଠି ଲୁହ ପୋଛି କଲିଂ ବେଲ ଟିପିଲା । ସେ ଯେତେବେଳେ ଭିତରେ ଭଉଣୀ ପାଖକୁ ଆସିଲା, ସେତେବେଳେ ତା ମୁହଁ ଉପରେ ପ୍ରଶାନ୍ତି । ସେ ଏବେ ବହୁତ ଖୁସି । ତା ଭିତରକୁ ସତେ ଯେମିତି ବଳ ଭରସା ଫେରି ଆସିଛି ।

ଘାଟିକିଆ, ଭୁବନେଶ୍ୱର
ମୋ : ୯୪୩୮୧୪୯୭୬୧

❐

ନବନୀତାର କଥା



ମୂଳ ବଙ୍ଗଳା- **ମଙ୍ଗଲ ପ୍ର. ମାଇତି**



ଅନୁସୃଜନ - **ଗୀତାରାଣୀ ଆଇଚ**

“ମୋର ମା’ ବାପା ଦୁଇଜଣଯାକ ତ ବଞ୍ଚିଛନ୍ତି । କାମ କରି କାହିଁ ମୁଁ ପୁଅ ହୋଇ ତାଙ୍କର କ’ଣ କରିପାରୁଛି । ବାହାଘର ପରେ ମୋ ସ୍ତ୍ରୀର ଜ୍ୱାଳାରେ ତାଙ୍କୁ ଛାଡି ଆସିଛି ଅଥଚ ଏମିତି ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ବୁଝିପାରିନି ମା’ ବାପା ବୋଝ ନୁହନ୍ତି । ”

ସଂସାରରେ ଏମିତି କିଛି ମଣିଷ ଅଛନ୍ତି ଯାହାଙ୍କୁ ଦୂରେଇ ରଖିବାକୁ ଚାହିଁଲେ ବି ରଖିହୁଏନି । ଗୋଟିଏ ସମୟରେ ସେମାନେ ପାଖକୁ ପଳେଇ ଆସନ୍ତି । ଲୋଭହୀନ, ନିର୍ଭେଜାଲ ଭଲ ପାଇବା ଜୋସରେ ସେଇ ହିଁ ହୋଇଯାଏ ଆପଣାର ମଣିଷ; ବନ୍ଧୁ ନିକଟ ଆତ୍ମୀୟ । ମନ କିଣି ନିଏ । ହୃଦୟ ଭିତରେ ଆସନ ଜମେଇ ଦିଏ । ନବନୀତା କ୍ଷେତ୍ରରେ ମୋର ଏମିତି ହିଁ ହୋଇଥିଲା ।

ଅଥଚ ପ୍ରଥମ ଦର୍ଶନରେ ଏଇ ନବନୀତା ହିଁ ମୋତେ ମୁଗ୍ଧ କରିପାରିନି । ନ ପାରିବାର ମଧ୍ୟ ଯୁକ୍ତିସଙ୍ଗତ କାରଣ ବି ଥିଲା । ଚେହେରା ସେମିତି କିଛି ସୁନ୍ଦର ନ ଥିଲା, ଯାହାକି ନଜର ଟାଣିନେବ । ସୌନ୍ଦର୍ଯ୍ୟ ଏମିତି ଫାଟି ପଡୁ ନଥିଲା ଯେ ସେ ଆଡ଼କୁ ମୋ ଦୃଷ୍ଟି

ଟାଣିବ । କେମିତିକା ଡେଙ୍ଗା, ରୋଗା ଆଉ ବେଖାପ ଚେହେରା । ମୁହଁଟା ଚଉଡା ଆଉ ଚେପଟା, ନାକଟା ଧାର ଆଉ ଚଉଡା । ଦୁଇ ଗାଲରେ ବ୍ରଣର ଅସଂଖ୍ୟ କଳା କଳା ଚିହ୍ନ । ଆଖିଗୁଡ଼ିକ କେମିତି ଧରଣର ଉଚ୍ଚା ଉଚ୍ଚା ଓ ବଡ଼ ବଡ଼ । ଏକେବାରେ କୁଶ୍ରୀ ନ ହେଲେ ବି ଦେଖିବାକୁ ମୋଟେ ଭଲ ନୁହେଁ । ଥରେ ଦେଖିଲେ ଦ୍ୱିତୀୟବାର ଦେଖିବାକୁ ଇଚ୍ଛା ହେବନି ।

ସେଇ ନବନୀତା ଆମ ଅଫିସ୍‌ରେ ଜଏନ କରିଛି । ଆମ ଦୁଇଜଣଙ୍କର କାମ ଏକା । ତେବେ ମୁଁ ପନ୍ଦରବର୍ଷ ସିନିଅର । ଏଇ ଯେ ତଫାତ୍ । ମୋଠାରୁ ପାଞ୍ଚଜଣ ପରେ, ଚେୟାରରେ ବସେ । ପାଖ ମଣିଷମାନଙ୍କୁ ଛାଡି କେମିତି ଯେ ସେ ମୋତେ ନିର୍ବାଚନ କଲା ତାହା ମୁଁ ବୁଝି ପାରୁନାହିଁ । ଦିନେ ଅଫିସ୍ ସମୟରେ ସେ ମୋ ପାଖକୁ ଆସି କହିଲା – ଭାଇ ! ଜାଣିଛନ୍ତି ତ ମୁଁ ନୂଆ ଜଏନ୍ କରିଛି । ସେମିତି କିଛି ବିଶେଷ ଅଭିଜ୍ଞତା ନାହିଁ । ମୋତେ ଖାଲି ଟିକିଏ ଶିଖେଇ ପଢ଼େଇ ଦେବେ । ମୁଁ ସାରା ଜୀବନ ଆପଣଙ୍କ ପାଖରେ କୃତଜ୍ଞ ରହିବି ।

ଦେଖିବାକୁ, ଶୁଣିବାକୁ ମନ ହେଲେ କ'ଣ ହେବ, ନବନୀତାର ଗଳାଟି ବେଶ୍ ଭଲ ଓ ମିଠା ପରିଷ୍କାର । ଥରେ ଶୁଣିଲେ କାନ ଭିତରେ ରିମ୍‌ଝିମ୍ ହୁଏ । କିନ୍ତୁ ଗଳା ଧୋଇଧାଇ ପାଣି ତ ପିଇ ହୁଏନି । ମୁଁ ନବନୀତା ଆଡ଼କୁ ଚାହିଁଲି ଓଃ କି ଅସୁନ୍ଦର, କି ଶ୍ରୀହୀନ । ପର କ୍ଷଣରେ ଆଖି ତଳକୁ କରିଦେଲି ।

କ'ଣ, ଶିଖାଇବେ ନାହିଁ ? ନବନୀତା ପ୍ରଶ୍ନ କଲା, ଭଦ୍ରତାର ଖାତିରିରେ ସେତିକିବେଳେ ମୁଁ କହିଲି, ଆଁ, ହଁ ହଁ ଅସୁବିଧା ହେଲେ ନିଶ୍ଚୟ ମୁଁ ଆପଣଙ୍କୁ ସାହାଯ୍ୟ କରିବି । ଆପଣ ଅଯଥା ଟେନ୍‌ସନ୍ ନିଅନ୍ତୁ ନାହିଁ ।

ଆମର ଏଇ ବେସରକାରୀ ପ୍ରତିଷ୍ଠାନଟା ଏଇ ଗାଁ ଭିତରେ । ଯୋଗାଯୋଗର ବ୍ୟବସ୍ଥା ବର୍ତ୍ତମାନ ସେମିତି ଏଇ ଅଫିସ୍ ସଙ୍ଗରେ ଗଢିଉଠିନି । ଦେଢ଼ କିଲୋମିଟର ଦୂରରେ ବଜାର । ମହରବନ୍ଧା ରାସ୍ତାଟା ଗାଁରୁ ବଜାରକୁ ଯାଇଛି । ଅଫିସ ଛୁଟି ପରେ ସେଇ ବଜାରକୁ ଯାଇ ବସ୍ ଧରିବାକୁ ପଡେ । ଏଇ ରାସ୍ତାଟିକୁ ମୁଁ ଚାଲି ଚାଲିଯାଏ । ରିକ୍ସା ଯେ ନେବା ଆଣିବା ନ କରେ ତାହା ନୁହେଁ । ତେବେ ଯାହା ଭଡ଼ା ତାକୁ ଆମ ଭଳିଆ ତଳୁଆ ମଣିଷ ସବୁଦିନ ଦେଇପାରିବନି । ସେଇଟା ବିଳାସିତମାନଙ୍କ ପାଇଁ । ତା'ଛଡ଼ା ଡାକ୍ତର ସେଦିନ ଚେକ୍‌ଅପ୍ କରି କହିଛନ୍ତି – ମହୀମବାବୁ ଆପଣ ମୋଟା ହୋଇ ଯାଉଛନ୍ତି ଟିକିଏ ଚାଲବୁଲ୍ କରନ୍ତୁ ଶରୀର ଭଲ ରହିବ । ତେଣୁ ଦେଢ କିଲୋମିଟର ରାସ୍ତା ଚାଲିଲେ ଡାକ୍ତରର କଥାଟା ରହିବ ଓ ପଇସାଟା ବି ବଞ୍ଚିବ ।

ସେଇ ଗୋଟିଏ ରାସ୍ତାରେ ଯାତାୟତ ହୁଏ ନବନୀତା ସାଙ୍ଗରେ । ବଜାରକୁ ଯାଇ ସେଇ ଗୋଟିଏ ବସ୍‌ରେ ଉଠୁ । ମୋଠାରୁ ଦୁଇଟି ଷ୍ଟପେଜ ଆଗରୁ ଓହ୍ଲେଇ ଯାଏ । ପ୍ରଥମେ ପ୍ରଥମେ ନବନୀତା ସାଙ୍ଗରେ କଥା ହେଉ ନ ଥିଲି । ସେମିତି ଭାବରେ ଇଚ୍ଛା ବି କରିନାହିଁ । ଅନେକ ଦିନ ତ ନବୀନତାର ପରେ ବଜାରକୁ ଆସୁଥିଲି । ଗଲେ ଯେମିତି

କଥା ହେବିନି ସେଥିପାଇଁ ଏଡ଼ାଇ ଯାଇଥିଲି ।

ଦିନେ ଅଫିସ୍ ଛୁଟି ପରେ ନବନୀତା ମୋତେ କହିଲା, ଭାଇ ଆସନ୍ତୁ ଏକ ସାଙ୍ଗେ ଯିବା । ମୁଁ କହିଲି ଆପଣ ଆଗାନ୍ତୁ ମୁଁ ପରେ ଯାଉଛି । ବସ୍ ଆସିବାକୁ ବି ଡେରିଅଛି, ସେ ବଜାରକୁ ଗଲେ ବସ୍ ଧରିବାକୁ ହେବ ।

ମୁଁ ଜାଣି ଶୁଣି ମିଛ କହିଲି । ଅସଲ କଥା ହେଲା ନବନୀତା ସାଙ୍ଗରେ ବାଟ ଚାଲିବାକୁ କେମିତି ଗୋଟେ ଅଶ୍ୱସ୍ତିବୋଧ ହେଉଥିଲା । ସେଇଟା ଆଉ ପ୍ରକାଶ କରିଥାନ୍ତି କେମିତି । ସେମିତି ପାଖାପାଖି ଲୋକକୁ ଆଘାତ ଦେଇହୁଏନି । ତା' ପରେ ହଜାରେ ଖଣ୍ଡେ ସହକର୍ମୀଙ୍କ ସଙ୍ଗେ କଥା ହୁଏତ । କିନ୍ତୁ ଚାପିଗଲେ କ'ଣ ହେଲା ନବନୀତା ତ ମୋ ମନର କଥାଟା ପ୍ରକାଶ କରିଦେଲା ।

ନବନୀତା କହିଲା ଭାଇ କିଛି ଭାବିବେନି, ଆପଣଙ୍କୁ ଗୋଟେ କଥା କହିବି ।

ମୁଁ କହିଲି - କୁହନ୍ତୁ ।

ଏଇ ମୁଁ ଯଦି ଦେଖିବାକୁ ଏମିତି ଅସୁନ୍ଦରୀ, କୁତ୍ସିତ ନ ହୋଇ ସୁନ୍ଦରୀ ହୋଇଥାନ୍ତି, ସାରା ଦେହରୁ ରୂପ ଝଲସି ଉଠୁଥାନ୍ତା, ତା'ହେଲେ ମୋ ସାଙ୍ଗରେ ଯିବାକୁ ଆପଣ ଅନିଚ୍ଛା ପ୍ରକାଶ କରନ୍ତେ ନାହିଁ । ସେତେବେଳେ ମୁଁ ନ ଚାହିଁଲେ ବି ଗଦଗଦ ହୋଇ ସଙ୍ଗରେ ନେବା ପାଇଁ ଝାମ୍ପି ପଡ଼ନ୍ତେ ।

ଯଥେଷ୍ଟ ଆଘାତ । ରୀତିମତ ଯୋର ଜବରଦସ୍ତ । ତଥାପି କଥାଟା ଅପ୍ରିୟ ହେଲେ ବି ନବନୀତା ମିଛ କଥା କହିନି । ମୋର ପ୍ରକୃତ ସ୍ୱରୂପଟା ସିଏ ଉଦ୍‌ଘାଟନ କରିଦେଇଛି ଏଇଭଳି ଭାବରେ ଏଇ କାଳୀ ଝିଅଟା । ମୋତେ ଆକାଭୋକା କରି ଧକ୍କା ଦେବ ମୁଁ ଭାବି ପାରି ନଥିଲି । ନବନୀତା ଉପରେ ରାଗିବି କ'ଣ ଲଜ୍ଜାରେ କୁଙ୍କୁରି କାଙ୍କୁରୀ ହୋଇ ଉଠିଲି । ଲଜ୍ଜିତ କଣ୍ଠରେ କହିଲି, ନା' ନା' ଆପଣ ଏ କ'ଣ କହୁଛନ୍ତି ? ଏମିତି କାହିଁକି ହେବ; ଆପଣ ସୁନ୍ଦରୀ ହେଲେ ସାଙ୍ଗରେ ଯିବି, ଖରାପ ହେଲେ ଅନେଇବି ନାହିଁ ଆପଣଙ୍କର ଏ ଭୁଲ ଧାରଣା ହୋଇପାରେ ।

ହଁ ତାହା ଭୁଲ ହୋଇପାରେ । ତେବେ ମୋର ଯେଉଁଟା ଅନୁଭବ ହୋଇଛି ସେଇଟା ମୁଁ କହି ଦେଇଛି । ଅନ୍ୟାୟ ହୋଇଥିଲେ ମାଫ୍ କରିଦେବେ ।

ମାଫି ଚାହିଁବାର ପ୍ରଶ୍ନ ବି ଉଠୁନି । ଚାଲନ୍ତୁ ଆଉ କଥା ନ ବଢାଇ ଆଗେଇ ଚାଲିବା । ଏହା ପରଠାରୁ ଆଉ ଦୂରେଇ ରହିପାରିନି ନବନୀତା ଠାରୁ । ଚେହେରା ଭଲ ହୋଇ ନ ପାରେ ନବନୀତାର ମନଟା ଖୁବ୍ ଭଲ । ଦେଖିବାକୁ ସୁନ୍ଦରୀ ନ ହେଲେ କ'ଣ ହେଲା । ଭଲ କଥା କହିପାରେ । ଯେଉଁ ନବନୀତାକୁ ଦେଖିବାକୁ ଇଚ୍ଛା କରୁ ନ ଥିଲି ସେଇ ନବନୀତା ନିଜ ପାଖରେ ଆପଣାର ମଣିଷ ହୋଇ ଉଠିଲା । ନବନୀତାର ବାହାର ରୂପର ଆଢୁଆଳରେ ଯେ ଏକ ମିଠା ମିଠା ସୌନ୍ଦର୍ଯ୍ୟ ଅଛି ତା'ର ଟେର୍ ମୁଁ

ପାଇଗଲି । ନବନୀତା ସହିତ ସମ୍ପର୍କ ଘନିଷ୍ଠ ହୋଇ ଉଠୁଥିଲା ।

ଅଫିସ୍ ଛୁଟି ପରେ ବଜାର ପର୍ଯ୍ୟନ୍ତ ଏକ ସଙ୍ଗରେ ଆସୁ ଗପ ସପ କରି କରି । ବସ୍ ଆସିବାକୁ ଡେରି ହେଲେ ଏକ ସଙ୍ଗରେ ଚା ଟିଫିନ୍ କରୁ । ଦିନେ ଚା' ଖାଉ ଖାଉ ନବନୀତା ମୋତେ କହିଲା - ଭାଇ ଆପଣ ମୋଠାରୁ ବୟସରେ ଅନେକ ବଡ଼ । ପ୍ଲିଜ୍ ଆପଣ କହିବେନି । ନାମ ଧରି ଡାକିଲେ ବେଶି ସ୍ୱଚ୍ଛନ୍ଦ ବୋଧ କରିବି ।

ସେହିଦିନ ଠାରୁ ନବନୀତାକୁ ମୁଁ ତୁମେ ବୋଲି ସମ୍ବୋଧନ କଲି । ଅନେକ କାମ ବି ନବନୀତାକୁ ଶିଖାଇ ଦେଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଝିଅଟାର ଶିଖିବା ପାଇଁ ପ୍ରବଳ ଆଗ୍ରହ ଅଛି । ଚୌକଶ ବୁଦ୍ଧିଦୀପ୍ତ କଥା ସେମିତି କହି ବି ପାରେ । ଶୀଘ୍ର ଶୀଘ୍ର କାମ ବି ଶିଖିପାରେ । ମଣିଷ ମାତ୍ରେ ହିଁ ତ ଭୁଲ । ଥରେ ନବନୀତା ଗୋଟିଏ କାମରେ ଭୁଲ କରି ବସିଲା । ମ୍ୟାନେଜର ଆସି ଖୁବ୍ ଧମକାଇଲା - ନବନୀତା କିଏ ?

ନବନୀତା ଉଠି ଠିଆ ହୋଇପଡ଼ିଲା । ନମସ୍କାର କରି କହିଲା - ମୋତେ କିଛି କହୁଛନ୍ତି କି ସାର୍ ?

ତୀର୍ଯ୍ୟକ୍ ଭାବେ ମ୍ୟାନେଜର ନବନୀତା ଆଡ଼କୁ ଚାହିଁଲା । ତା'ପରେ ଏକ ବିଡ଼ା କାଗଜ ନବନୀତା ଆଡ଼କୁ ଫୋପାଡ଼ି ଦେଇ କହିଲା - ଏଗୁଡ଼ାକ କି କାମ ହୋଇଛି ଆପଣଙ୍କର । ଦେଖି କରି କରିପାରୁ ନାହାନ୍ତି । କିଭଳି ଟ୍ରେନିଂ ନେଇ ଆପଣ ଏଠାରେ ଜଏନ୍ କରିଛନ୍ତି ଯେ, ଏତେ ଭୁଲ ହେଉଛି ?

ନବନୀତା ସଙ୍କୁଚିତ ହୋଇ ଠିଆ ହୋଇ ରହିଲା ଠିକ୍ ଗୋଟିଏ ଅପରାଧି ଭଳି । କିଛି କହିପାରିଲା ନାହିଁ ।

ମୁଁ ଉଠି ଠିଆ ହେଲି । କହିଲି, ସାର୍ କିଛି ମନେ କରିବେନି । ନୂଆ ଜଏନ୍ କରିଛି ତ ତେଣୁ ଭୁଲ ହୋଇଯାଇଛି । କାହିଁକି ଜାଣିନି ସେହି ସମୟରେ ନବନୀତାକୁ ଭାରି ଅସହାୟ ଭଳି ଲାଗିଥିଲା ମୋତେ । ମ୍ୟାନେଜର ଥରେ ମୋତେ ଏବଂ ଆଉ ଥରେ ନବନୀତାକୁ କଟମଟ କରି ଅନାଇ ଭିତରକୁ ଚାଲିଗଲେ ।

ସେଦିନ ରାସ୍ତାରେ ଆସୁ ଆସୁ ନବନୀତା କହିଲା - ଖୁବ୍ ଜୋର ଆଜି ଆପଣ ମୋତେ ବଞ୍ଚାଇ ଦେଇଛନ୍ତି । ହୁଏତ ଆହୁରି ଅନେକ ମୋତେ ଶୁଣିବାକୁ ହୋଇଥାନ୍ତା । ଆପଣଙ୍କୁ ଅନେକ ଧନ୍ୟବାଦ ।

ଏଥିରେ ଧନ୍ୟବାଦ ଦେବାରେ କ'ଣ ଅଛି । ଏ ରକମ ତ ଟିକିଏ ଅଧେ ତ ସହଯୋଗିତା କରିବାକୁ ହେବ । ବୟସର ଫରକ ଥାଇପାରେ କିନ୍ତୁ ଆମେ ତ ସହକର୍ମୀ । ଜଣେ ଅନ୍ୟର ଦୁଃସମୟରେ ଟିକିଏ ଅଧେ ଯଦି ସାହାଯ୍ୟ ନ କରାଯାଏ ତେବେ ଆମେ ସହକର୍ମୀ କେମିତି ହେଲେ ।

ତା'ହେଲେ ଅଫିସ୍‌ରେ ଜଏନ କରି ମୁଁ ଠିକ୍ ମଣିଷଟାକୁ ଚିହ୍ନି ନେବାରେ

ଭୁଲ କରିନି ? ମୋ ଆଖି ଦୁଇଟା ସୁନ୍ଦର କଜଳ କଳା ନ ହେଲେ କ'ଣ ହେବ, ଦୃଷ୍ଟିଟା ମୋର ଠିକ୍ ଅଛି ଏଇଟା ମାନିବାକୁ ହେବ । ମୋ ଆଡ଼କୁ ଚାହିଁ ହସିଲା ନବନୀତା ।

ନବନୀତା ବାହାରର ରୂପଟା ସବୁ ନା, ନା କିନ୍ତୁ ମନର ସୌନ୍ଦର୍ଯ୍ୟଟା ହେଲା ଅସଲି । ଈଶ୍ୱର ତୁମକୁ ରୂପ ନ ଦେଲା ନାହିଁ କ'ଣ ହେଲା, ସୁନ୍ଦର ଏକ ମିଠା ମନ ତ ଦେଇଛି ।

ଏକଥା ଶୁଣି ନବନୀତା ଏମିତି ଭାବେ ଚାହିଁଲା ତାହା ଅପୂର୍ବ ନାନ୍ଦନିକତାରେ ଭରା । ଯାହା ଦେଖିଲେ ଜନ୍ମ ଜନ୍ମାନ୍ତରେ ଭୁଲି ହୁଏନା । ସେ ଦୃଷ୍ଟିରେ କ'ଣ ଥିଲା ? ଥିଲା ଅଗାଧ ବିଶ୍ୱାସ ଆସ୍ଥା ଆଉ ସମର୍ପଣର ଆକୃତି । ଯେଉଁ ନବନୀତାକୁ ଦିନେ ମୁଁ ଦେଖିବାକୁ ଇଚ୍ଛା କରୁ ନ ଥିଲି ସେଇ ନବନୀତାକୁ ଦେଖିବା ପାଇଁ ହୃଦୟ ଆକୁଳ ହୋଇ ଉଠିଲା । ଦିନେ ଦୁଇଦିନ କୌଣସି କାରଣରୁ ନବନୀତା ଅଫିସ୍ ନ ଆସିଲେ କେମିତି ଗୋଟେ ଫାଙ୍କା ଏବଂ ଶୂନ୍ୟତା ଅନୁଭବ କରୁଥିଲି ମୋ ହୃଦୟରେ ।

ଦିନେ ଉପରଓଳି । ବର୍ଷା ଆକାଶରେ ଘୋଟି ଯାଇଛି । ଦ୍ୱିପ୍ରହରରେ ଜୋର୍ ଅସରାଏ ବର୍ଷା ହୋଇ ଯାଇଛି । ବର୍ତ୍ତମାନ ବି ଝିପି ଝିପି ଚାଲିଛି । ଛତା ଧରି ଆମେ ନବନୀତା ଓ ମୁଁ ବଜାରକୁ ଚାଲିଲୁ । ବଜାରରେ ପହଞ୍ଚି ଶୁଣିଲୁ ବସ୍ ଆସିବାକୁ ଡେରି ହେବ । ରାତି ହୋଇଯାଇପାରେ । ରାତି ହୋଇଯିବ । ଗୋଟିଏ ଟ୍ରକ୍ ଏମିତି ଭାବେ ଆକ୍ସିଡେଣ୍ଟ ହୋଇ ପଡିଛି ଯେ ତାକୁ କଟେଇ କରି ଯାନବାହନ ଅତିକ୍ରମ କରିବା ସହଜ ନୁହେଁ ।

ସିଙ୍ଗଲ ଟୁରର ଏଇ ସମସ୍ୟା । ଭାବୁଛି କ'ଣ କରାଯାଇପାରେ । ନବନୀତା କହିଲା- ଭାଇ ଗୋଟେ କାମ କଲେ ହୁଅନ୍ତାନି ? କ'ଣ କହୁଥିଲି କି ଆପଣ ଆମ ଘରକୁ ଚାଲନ୍ତୁ । ମାତ୍ର ତିନି କିଲୋମିଟର ରାସ୍ତା । ପିଚୁ ରାସ୍ତା ଦୁଇ କିଲୋମିଟର ଆଉ ତା'ପରେ ଗୋଟିଏ କିଲୋମିଟର । ଗୋଟିଏ ରିକ୍ସା ନେଇ ଚାଲିଯିବା ଚାଲନ୍ତୁ । ବସ୍ ଚାଲୁଛି ଖବର ପାଇଲେ ନ ହେଲେ ସେତେବେଳେ ପଳେଇ ଆସିବେ ।

ଭାବିଲି ନବନୀତାର ପ୍ରସ୍ତାବଟା ମନ୍ଦ ନୁହେଁ । ଅନେକ ଦିନ ହେଲା ସିଏ କହି ଚାଲିଛି ତା' ଘରଟା ଦେଖି ଆସିବାକୁ । ଆଜି ଥରେ ଚାଲିଯିବା ଦେଖିବା । ନବନୀତାକୁ କହିଲି ତେବେ ଚାଲ । ରୁହ ମୁଁ ଟିକିଏ ମୋ ଘରକୁ ଫୋନ୍ କରିଦିଏ । ଫେରିବାକୁ ଡେରି ହେବ ବୋଲି ।

ଗୋଟିଏ ଲାଇନ୍ ବୁଥ୍‌ରେ ଫୋନ୍ କରିଦେଇ, ନବନୀତା ଓ ମୁଁ ଗୋଟିଏ ରିକ୍ସା ଡାକି ରିକ୍ସାରେ ବସିଲୁ । ପାଖାପାଖି ବସିଛି । ନ ଚାହିଁଲେ ବି ନବୀନତାର ଶରୀର ମୋ ଶରୀରକୁ ଛୁଇଁ ଯାଉଛି । ନବନୀତା କିନ୍ତୁ ଦୂରେଇ ରହିବାକୁ ଚାହୁଁଛି । ନବନୀତା ଥରେ କହିଲା ଜାଣିଛ ଭାଇ ମୁଁ ଗୋଟିଏ ଦୃଷ୍ଟିରୁ ଖୁବ୍ ଭଲ ଅଛି ।

କେଉଁ କାରଣରୁ କହିଲୁ ? ଏଇ କଥା ମୁଁ ପ୍ରଶ୍ନ କଲି ।

ନବନୀତା କହିଲା ମୁଁ ତ ଦେଖିବାକୁ ଖରାପ । ତେଣୁ ଅଯଥାରେ କେହି ମୋତେ ହଇରାଣ କରନ୍ତି ନାହିଁ । ମୋତେ ଜଳାନ୍ତି ନାହିଁ, ଉତ୍ତ୍ୟକ୍ତ କରନ୍ତି ନାହିଁ । ମୋ ଆଡକୁ ଲୋଭୀ ଦୃଷ୍ଟିରେ ବି ଚାହାନ୍ତି ନାହିଁ । ତେବେ ଏଇ ଯେ ମୁଁ ଚାକିରି କରିଛି, ଏଥର ଯଦି କିଏ ଚାହେଁ, କାରଣ ଏ ସଂସାରରେ ଏମିତି ଲୋଭୀ ଲୋକ ଅଛନ୍ତି ଯେଉଁମାନେ ଟଙ୍କାକୁ ବେଶି ଭଲ ପାଆନ୍ତି । ପସନ୍ଦ ବି କରନ୍ତି । ତେବେ ଏଇ ସବୁ ପିଲାମାନେ ଅଛନ୍ତି ବୋଲି ତ ମୋ ଭଳି କଳା ଝିଅମାନଙ୍କର ଶେଷ ପର୍ଯ୍ୟନ୍ତ ବାହାଘର ହୋଇଥାଏ ଏବଂ ବର ମଧ୍ୟ ଜୁଟନ୍ତି । ସ୍ୱାମୀ ସନ୍ତାନକୁ ନେଇ ସଂସାର କରିବାର ସୁଯୋଗ ପାଆନ୍ତି ।

କଥାଗୁଡ଼ିକ ମୋ ପୁରୁଷତ୍ୱକୁ ଆଘାତ କରିବା ପାଇଁ ଯଥେଷ୍ଟ ଥିଲା । ତେଣୁ ହାତୁଡି ପିଟିବା ଭଳି ଅନୁଭୂତ ହେଲା । ନବନୀତା ତୁମେ ଯାହା କହୁଛ ତାହା ଶତକଡା ଶହେ ଭାଗ ସତ । ଏଇ ଯେ ମୁଁ - ମୁଁ ମହିମ ସେନ କଳା ଝିଅକୁ ଦୁଇ ଆଖିରେ ଦେଖିବାକୁ ଚାହିଁନି । ବାହାଘର ସମୟରେ ମୁଁ ପାଞ୍ଚଜଣ କଳା ଝିଅକୁ ନାପସନ୍ଦ କରିଛି, ମଇଳା ରଙ୍ଗ ବୋଲି ଅପସନ୍ଦ କରିଛି; ବାତିଲ ବି କରି ଦେଇଛି । ଅଥଚ ଏଇ ନବନୀତା ମୋର ଧାରଣାଟାକୁ ସମ୍ପୂର୍ଣ୍ଣ ବଦଳେଇ ଦେଇଛି ଆଜି । ବୁଝିପାରିଛି କଳା ଝିଅଟେ ବୋଲି ତାକୁ ହତାଦର କରିବା ଉଚିତ ନୁହେଁ । ଏଇ ଯେ ମୁଁ ବାଛି ବାଛି ସୁନ୍ଦରୀ ଝିଅ ଦେଖି ବିବାହ କରିଥିଲି । ତା' ରୂପରେ ଶେଷ ନାହିଁ । କିନ୍ତୁ କେଉଁ ଗୁଣଟା ଭଲ ବୋଲି ମୁଁ ଖୋଜି ପାଉନି । ଉଠିଲେ, ବସିଲେ ଏମିତି ବାକ୍ୟ ପ୍ରୟୋଗ କରେ, ଯେଉଁଟା କି ହାଡରେ ଲାଗିଯାଏ । ବେଳେ ବେଳେ ଭାବେ ମୋ ସ୍ତ୍ରୀ ଭିତରେ ଗୋଟେ କଦାକାର ଆଉ ସଇତାନ ବାସ କରୁଛି କି ? ମନହୁଏ ଏହାଠାରୁ ପଳାଇ ଯାଇପାରିଲେ ବରଂ ବଞ୍ଚି ଯାଆନ୍ତି । କିନ୍ତୁ ଏଇ ଯେ ନବନୀତା ରୂପ ନାହିଁ ହେଲେ କେତେ ସରଳ, କି ଅମାୟିକ । ନ ଥାଉ ରୂପ ଗୁଣ ତ ଅଛି ।

ମୁଁ ଆନମନା ହୋଇ ପଡ଼ିଥିଲି । ନବନୀତା ଡାକରେ ସଂବିତ୍ ଫେରି ପାଇଲି । ଭାଇ କିଛି କହୁନାହାନ୍ତି ଯେ କ'ଣ ଏତେ ଭାବୁଛନ୍ତି ।

ଟିକିଏ ସିଧା ହୋଇ ବସି କହିଲି, ନା ନା କିଛି ଭାବୁନି । ହଁ ତୁମେ କ'ଣ କହୁଥିଲ ? କ'ଣ ସବୁ କଳା ଝିଅଙ୍କ କଥା । ଆଚ୍ଛା ନବନୀତା ତୁମର ବୟସ ତ ଖୁବ୍ ବେଶି ନୁହେଁ କିନ୍ତୁ ଅଭିଜ୍ଞତା ତ ପ୍ରଚୁର । କେମିତି ତୁମର ଏହି ଅଭିଜ୍ଞତା ହେଲା ?

ନବନୀତା କହିଲା ଏଇ ସମାଜ, ସଂସାର ଏହି ଅଭିଜ୍ଞତାକୁ ମୋତେ ଆଣି ଦେଇଛି । ରିକ୍ସାଟା ପିଚୁ ରାସ୍ତାକୁ ବାଙ୍କି ଗୋଟିଏ ଗଳି ଆଡ଼କୁ ଆଗେଇଲା । ଏଇ ଜାଗାଟା ବେଶ୍ କିଛି ଦୋକାନରେ ଭରିଛି । ନବନୀତା, ରିକ୍ସାବାଲାକୁ କହିଲା - ଭାଇ

ଟିକିଏ ଅପେକ୍ଷା କରିବ । ଔଷଧ ଦୋକାନରୁ ଅଳ୍ପ କିଛି ଔଷଧ ନେଇ ଚଟ୍‌କିନା ପଳାଇ ଆସୁଛି ।

ଔଷଧ କିଣିଆଣି ଖୁବ୍ ଶୀଘ୍ର ନବନୀତା ରିକ୍ସାରେ ବସିଲା । ମୁଁ ପଚାରିଲି କାହାର ଔଷଧ ।

ମା'ର ବୋଲି କହିଲା । କିଛିଦିନ ହେଲା ମା'ର ଦେହ ଭଲ ରହୁନି ତ । ସହରକୁ ନେଇ ଡାକ୍ତରଙ୍କୁ ଦେଖାଇ ଆଣିଛି । ନିୟମିତ ଔଷଧ ଖାଇବାକୁ ହେବ । ବାପା ତ ନାହାନ୍ତି ଦାୟିତ୍ୱଟା ମୋର । ମା' କିଛି କାମ କରିପାରନ୍ତି ନାଇଁ । କିନ୍ତୁ ବଞ୍ଚିକରି ଅଛି ତ । ଯାହାହେଉ ମୁଁ ଯେମିତି ଗୋଟିଏ ସାହାରା ତଳେ ଅଛି ।

ନବନୀତା ପୁଣି ଗୋଟେ ଧକ୍କା ଦେଲା ମୋ ପୌରୁଷକୁ ଯେମିତି ଧୂଳିରେ ମିଶାଇ ଦେଲା । ମୋର ମା' ବାପା ଦୁଇଜଣଯାକ ତ ବଞ୍ଚିଛନ୍ତି । କାମ କରି କାହିଁ ମୁଁ ପୁଅ ହୋଇ ତାଙ୍କର କ'ଣ କରିପାରୁଛି । ବାହାଘର ପରେ ମୋ ସ୍ତ୍ରୀର ଜ୍ୱାଳାରେ ତାଙ୍କୁ ଛାଡି ଆସିଛି ଅଥଚ ଏମିତି ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ବୁଝିପାରିନି ମା' ବାପା ବୋଝ ନୁହନ୍ତି ।

ରିକ୍ସା ଆସି ଅଟକିଲା ନବନୀତାର ଘର ସାମ୍ନାରେ । ମୁଁ ଭଡ଼ାଟା ଦବା ପାଇଁ ଚାହୁଁଥିଲି ହେଲେ ନବନୀତା ବାଧା ଦେଲା । ନା' ନା' ଭାଇ ଏମିତି କରନ୍ତୁନି । ଆପଣ ଏଠିକୁ ଆସିଛନ୍ତି ମୋ ଘରର ଅତିଥି ହୋଇ । ଯାହା କରିବା କଥା ମୁଁ କରିବି ।

ନବନୀତା ଘରଟା ଛୋଟ । ଦୁଇଟି ବଖରା ଘର । ଗୋଟିଏ ବାରନ୍ଦା । ବାରନ୍ଦାର ଗୋଟିଏ କୋଣରେ ଅସୁସ୍ଥ ମା' ଶୋଇଥିଲା । ଔଷଧଟା ମା'ର ବିଛଣା ପାଖରେ ରଖିଦେଇ ପଚାରିଲା - ମା' ଆଜି ଟିକିଏ ସୁସ୍ଥ ଲାଗୁଛି ତ ?

ନବନୀତା ମୋତେ ଭିତରକୁ ନେଇଗଲା । ବସିବା ପାଇଁ ଚେୟାରଟିଏ ପକାଇଦେଲା । ତା'ପରେ ଯେଉଁ ଝିଅଟି ସରବତ୍ ନେଇ ଆସିଲା ସିଏ ନବନୀତା ନୁହେଁ । ନବନୀତା ଆସି ପରିଚୟ କରାଇଦେଲା - ଭାଇ ଇଏ ହେଉଛି ଶୋଭନୀତା ମୋ ଭଉଣୀ । ମୋଠାରୁ ଦୁଇବର୍ଷ ସାନ । ଜୋଗ୍ରାଫିରେ ମାଷ୍ଟର ଡିଗ୍ରୀ କରୁଛି । ଏ ବର୍ଷ ଫାଇନାଲ ଇଅର ।

ପଢ଼ାପଢ଼ି ପାଇଁ ତ ବହୁତ ଖର୍ଚ୍ଚ । ଏଇ ସବୁ ଖର୍ଚ୍ଚ ତୁମେ ଏକା କେମିତି ଯୋଗେଇପାର ? ମୋତେ କୌଣସି ରକମ କରିବାକୁ ପଡ଼େ । ମୋତେ କଷ୍ଟ ହୁଏ । ତା' ବୋଲି ତ ଆଉ ପଢ଼ାପଢ଼ିଟା ବନ୍ଦ କରିହେବନି ।

ଏଥରକ ତୃତୀୟ ଧକ୍କା ଦେଲା ନବନୀତା । ଏଇଟା ରୀତିମତ ଯୋର୍ ଧକ୍କା । ନବନୀତା ତା' ଭଉଣୀକୁ ମଣିଷ କରିବା ପାଇଁ କେତେ କଷ୍ଟ କରୁଛି । ଅଥଚ ମୁଁ ଭାଇମାନଙ୍କର ପଢ଼ାପଢ଼ି ପାଇଁ କିଛି କରି ପାରିନି । ମୁଁ ଇଚ୍ଛା କଲେ ତାକୁ ପଢ଼ାଇ ପାରନ୍ତି । କିନ୍ତୁ ସ୍ତ୍ରୀ କଥାରେ ପଡି କିଛି କରିପାରୁନି । ସ୍ତ୍ରୀ ମୋତେ ବୁଝାଇ ଦେଲା ଟଙ୍କା

ପଇସା ସଞ୍ଚୟ କର । ଭାଇମାନଙ୍କ ପାଇଁ ଟଙ୍କା ପଇସା ଖର୍ଚ୍ଚ କଲେ ହେବ କି ? ଭାଇ ତୁମକୁ ଦେଖିବେ କି ? ସେ ସବୁକୁ ବାଦ୍ ଦେଇ ନିଜ ପିଲାମାନଙ୍କୁ ମଣିଷ କରିବା ପାଇଁ ଭାବ ।

ଯେତେ ଜଖମ ଥିଲା ନବନୀତା ଯେମିତି ଗୋଟିଏ ଗୋଟିଏ ଧକ୍କାରେ ମୋ ବୁକୁର ପଞ୍ଜରାକୁ ଅଲଗା କରି ଦେଉଥିଲା । ଏତେଗୁଡ଼ା ଶକ୍ତି, ଶୌର୍ଯ୍ୟ, ସୂର୍ଯ୍ୟର ତେଜ କେଉଁଠୁ ପାଇଲା ନବନୀତା । ମୁଁ ଗୋଟେ ପୁରୁଷ ହୋଇ ଯାହା ପାରିନି ନବନୀତା ଗୋଟିଏ ଝିଅ ହୋଇ ମୋଠୁ ଅଧିକ ପାରିଛି । ଯେତେ ଭାବୁଛି ଭାବନା ମୋର ଅତଳ ଗର୍ଭକୁ ଚାଲିଯାଉଛି ।

ଚା' ଖାଉ ଖାଉ ଖବର ଆସିଲା, ରାସ୍ତା ଠିକ୍ ହୋଇ ଯାଇଛି । ବସ୍ ଚଳାଚଳ କଲାଣି ଏଥର । ତା'ହେଲେ ଆଉ ଡେରି କାହିଁକି ? ମୁଁ ଉଠିଲି ଏଥର । ନବନୀତା ମୋତେ କିଛି ବାଟ ବଳେଇ ଦେବା ପାଇଁ ଆସିଲା । କହିଲା - ଏମ୍.ଏସି.ଟା ଶେଷ ହୋଇଗଲେ ଭାବୁଛି ଭଉଣୀର ବାହାଘର କାମଟା ସାରିଦେବି । ଭଉଣୀର ବାହାଘରରେ ଆପଣ ନିଶ୍ଚୟ ଆସିବେ ଭାଇ !

ମୁଁ କହିଲି ଆସିବି ନବନୀତା । ଆସିବି ହିଁ ଆସିବି । ତେବେ ମୁଁ ଗୋଟିଏ କଥା ଜାଣିବା ପାଇଁ ଇଚ୍ଛା କରୁଛି । ଯଦି କିଛି ମନେ କରିବୁନି ତେବେ କହିବି ।

କିଛି ମନେ କରିବି କାହିଁକି ? ଆପଣ ନିଶ୍ଚିନ୍ତରେ କୁହନ୍ତୁ ।

ତୁମେ ତ ଗୋଟିଏ ହାତରେ ସଂସାର ପାଇଁ ଏତେ କରୁଛ । ଅସୁସ୍ଥ ମା'କୁ ସମ୍ଭାଳୁଛ, ଭଉଣୀର ପଢ଼ା ପାଇଁ ପଇସା ଖର୍ଚ୍ଚ କରୁଛ, ଭଉଣୀ ବାହାଘର କଥା ଭାବୁଛ ତୁମେ କେବେ ନିଜ କଥା ଭାବିଛ ?

ମୋର ଆଉ କି କଥା ଅଛି ଭାବିବାକୁ ?

ଏଇ ଧର ତୁମ ବିବାହର କଥା ।

ନବନୀତା ପିଲାଙ୍କ ଭଳି ହସି ଉଠିଲା । ତା'ପରେ ହସକୁ ସମ୍ଭାଳି, ଗୋଟିଏ ଦୀର୍ଘଶ୍ୱାସ ଛାଡି କହିଲା, ମୋର ପୁଣି ବିବାହ । ଏଇ କଳା କୁତ୍ସିତ ଝିଅଟିକୁ କିଏ ବାହା ହେବ କୁହନ୍ତୁ ତ ? ତଥାପି କହୁଛି, ଚଲାପଥରେ ଜୀବନରେ କେବେ ଯଦି କାହାକୁ ପାଏ ତା'ହେଲେ ବାହାଘର କଥା ଭାବିବି । ଆପଣ ଅବଶ୍ୟ ନିମନ୍ତ୍ରଣ ପାଇବେ ।

ନବନୀତା ତୁମ ମଥାରେ ମୋତେ ଥରେ ହାତ ରଖିବାକୁ ଦେବ । କାହାକୁ ତ କେବେ ଶୁଦ୍ଧ ପବିତ୍ର ମନ ନେଇ ଆଶୀର୍ବାଦ କରିନି । ତୁମକୁ ଟିକିଏ ଆଶୀର୍ବାଦ କରିବି । ମୋତେ ଭାଇ ବୋଲି ଡାକିଛ । ସତରେ ଭାଇ ହେବାର ସୁଯୋଗଟା ଦିଅ ।

ନବନୀତା ନିରୁତ୍ତର । କିଛି ନ କହି ନତଜାନୁ ହୋଇ ମୋତେ ପ୍ରଣାମ କରୁଥିଲା ।

ଭଦ୍ରକ

ଫୋନ୍ : ୮୨୪୯୬୧୨୯୮୭

❐

ଗୋବରା ନଈର ଗୀତ

(ଉପନ୍ୟାସ)



ଡକ୍ଟର ରଞ୍ଜନ ପ୍ରଧାନ

୧

ନରିମାଷ୍ଟ୍ରକୁ ଆମ ଅ*ଳରେ କିଏ ନ ଜାଣେ ? ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ହୁଏତ କମ୍ ଲୋକ ଜାଣିଥିବେ, କିନ୍ତୁ ନରିମାଷ୍ଟ୍ରକୁ ସମସ୍ତେ ଜାଣନ୍ତି ।

ନରିମାଷ୍ଟ୍ର ଡଙ୍ଗା ଚାଳକ । ନାଉରିଆ । ଘାଟିଆ । ଓରତ ଘାଟର ଅଣିକିଆ ରଜା । ସେ ତା' ଡଙ୍ଗା ଭଡ଼ା ବାବଦକୁ ପ୍ରତି ଯାତ୍ରୀଙ୍କଠାରୁ ଅଣାଏ ମାତ୍ର ନିଏ । ତା'ଠୁ ଅଧିକ ଭଡ଼ା କାହାକୁ ବି ଦାବି କରେନା ।

ଆଖିରେ ଆଖିଏ ସ୍ୱପ୍ନ ନେଇ ନରିମାଷ୍ଟ୍ର ବ*ୁଥାଏ । ବାପଅଜା ଅମଳର ହୁଲି ଡଙ୍ଗାଟି ପୁରୁଣା ହୋଇ ଯାଇଥିବାରୁ ନୂଆ ଡଙ୍ଗାଟିଏ କରିବ ବୋଲି କେବେଠୁ ସ୍ୱପ୍ନ ଦେଖୁଥାଏ । ଅନ୍ତତଃ ତା' ଜୀବଦଶାରେ ନୂଆ ଡଙ୍ଗାଟିଏ କିଣିବ । ଏଇ ଆଶାରେ ନରିମାଷ୍ଟ୍ର ବ*ୁଥାଏ ।

ନରିମାଷ୍ଟ୍ର ଅଭାବୀ ସତ । ତା' ପାଖରେ ଧନସମ୍ପ□, ଟଙ୍କାପଇସା ନାହିଁ ସତ । ସେ ନୂଆ ଡଙ୍ଗାଟିଏ କିଣି ପାରୁନି ସତ । ତା' ରୋଗିଣା ବୁଢ଼ୀ କତରାଲଗା ହେଲାଣି ସତ । ହେଲେ, ତା' ପାଖରେ ସ୍ୱପ୍ନର ଅଭାବ ନଥାଏ ।

ନରିମାଷ୍ଟ୍ର ପ୍ରଚୁର ସ୍ୱପ୍ନ ଦେଖେ । ସେ ସ୍ୱପ୍ନ ଦେଖେ, ପୃଥିବୀବାସୀ ସୁଖ ଶାନ୍ତିରେ ରୁହନ୍ତୁ । ସଂସାରରୁ ଦୁଃଖ ଯନ୍ତ୍ରଣା ଦୂର ହେଉ । କେହି କାହାକୁ ପ୍ରତାରଣା ନ କରୁ । ସମସ୍ତଙ୍କ ମୁହଁରେ ହସ ଫୁଟୁ । ତେଣୁକରି ସେ ସବୁବେଳେ ହସୁଥାଏ ଓ ଅନ୍ୟମାନଙ୍କୁ ହସାଉଥାଏ ।

ନରିମାଷ୍ଟ୍ରକୁ କେବେ କେହି ଦୁଃଖୀ ହେବାର ଦେଖିନି । ନରିମାଷ୍ଟ୍ରକୁ କେବେ କିଏ କାନ୍ଦିବାର ଦେଖିନି କି ଭାଙ୍ଗି ପଡ଼ିଥିବାର ଦେଖିନି ।

ନରିମାଷ୍ଟ୍ର କର୍ମଠ । ଚଳଚ*ଳ । ତା' ଡଙ୍ଗା ଭଲ ତ ସିଏ ଭଲ । ଗୋବରୀ ଘାଟ ଭଲ ତ ସିଏ ଭଲ । କି ଖରା, କି ବର୍ଷା, କି ଶୀତ କାକର; ଦିନରାତି ତା' ଦଦରା ହୁଲି ସହ ଗୋବରୀ ନଈରେ ନାଆ ବାହୁଥାଏ । ଏମିତି ଗୋଟିଏ ଦିନ ନଥିବ, ନରିମାଷ୍ଟ୍ର ଓରତ ଘାଟରେ ଡଙ୍ଗା ବାହୁ ନଥିବ । ଏ ଗୋବରୀ ନଈ, ଓରତ ଘାଟ ଆଉ ଦଦରା ହୁଲି ତା' ସୁଖଦୁଃଖର ସାଥୀ ।

ନରିମାଷ୍ଟ୍ରକୁ ଲୋକେ ନାଉରିଆ ଭାବେ ଯେତିକି ଜାଣନ୍ତି, ତା'ଠୁ ବେଶି ଜାଣନ୍ତି ଜଣେ ଆଶୁକବି କିମ୍ବା ଗୀତମାଷ୍ଟର ଭାବେ । ତତ୍କାଳ କବିତା ଆବୃ□ କରି କିମ୍ବା ଗୀତ ଫାନ୍ଦି ତା' ହୁଲିରେ ପାର ହେଉଥିବା ବାଟୋଇମାନଙ୍କର ମନୋରଞ୍ଜନ କରିବାରେ ନରି ମାଷ୍ଟ୍ର ଥାଏ ଓସ୍ତାଦ ।

ନରିମାଷ୍ଟ୍ରର ଯେତେ ଦୁଃଖ ଥାଉ, ଯେତେ ଯନ୍ତ୍ରଣା ଥାଉ, ସବୁକୁ ସେ ଫୁ କରି

ଉଡ଼ାଇଦିଏ । ନରିମାଷ୍ଟ୍ରର ଗୋଟିଏ ଭଲ ଗୁଣ ହେଉଛି, ସେ ନିଜ ଦୁଃଖ କେବେ ଅନ୍ୟକୁ ଦେଖାଏନା କି ଜଣାଏନା । ନିଜ ଦୁଃଖ ବଦଳରେ ସେ ଅନ୍ୟ କାହାଠାରୁ ସହାନୁଭୂତି ବି ଆଶା ରଖେନା ।

ଦୁଃଖର କିଆରିରେ ଦାଆ ଧରି ନରିମାଷ୍ଟ୍ର ସବୁବେଳେ ସୁଖର ଫସଲ ଅମଳ କରୁଥାଏ ।

ନରିମାଷ୍ଟ୍ର ଭାରି ରୋକ୍‌ଠୋକ୍ । ସିଧାସାଧା ମଣିଷ । ମନରେ କିଛି ପେ* ନଥାଏ । ମୁହେଁ ମୁହେଁ କହିବା ଲୋକ ସେ । ତା'ର ଏଇ ରୋକ୍‌ଠୋକ ଗୁଣ ଯୋଗୁଁ କିଛି ଲୋକ ତାକୁ ଭଲ ପାଆନ୍ତି ନାହିଁ । ତଥାପି ସେ ସମସ୍ତଙ୍କର ପ୍ରିୟ ନରିମାଷ୍ଟ୍ର ।

ନରିମାଷ୍ଟ୍ର ମୁଖ୍ୟତଃ ଦୁଇଟି କାମ କରୁଥାଏ । ବାଟୋଇ କିମ୍ବା ଯାତ୍ରୀମାନଙ୍କୁ ନଦୀ ପାର କରାଏ ଆଉ ଗୀତ ଗାଇ କିମ୍ବା ଢଗଢମାଳି ଶୁଣାଇ ସେମାନଙ୍କର ମନୋରଞ୍ଜନ କରାଏ । କିଛି ଲୋକ ତା' ଗୀତ ଶୁଣିବାକୁ କାମ ନଥିଲେ ବି ନଦୀ ପାର ହେବାକୁ ଆସନ୍ତି ।

ଘରେ ଫୁଟା କଉଡ଼ିଟିଏ ନଥାଉ ପଛେ, ନରିମାଷ୍ଟ୍ର ନିଜକୁ ଜଣେ ନବାବ୍ ବୋଲି ଭାବେ । ଲୋକେ ତାକୁ ଓରଡଘାଟର ବାଦଶାହା ବୋଲି ଭାବନ୍ତି ।

ନରିମାଷ୍ଟ୍ର କୋଉ କଥାକୁ ଦେହକୁ ନିଏନା । ସବୁବେଳେ ବିନ୍ଦାସ୍ । ଯଦିଓ କେତେ ଥର ନରିମାଷ୍ଟ୍ରର ଦଦରା ହୁଲି ଡଙ୍ଗା ବୁଡ଼ିଯାଇ ବହୁ ଧନଜୀବନ ନଷ୍ଟ ହେଲାଣି, ତଥାପି ତା'ର ସେଥିପ୍ରତି ଖାତିର ନଥାଏ ।

ଲୋକେ ନରିମାଷ୍ଟ୍ରର ଡଙ୍ଗାରେ ବସି ନଦୀ ପାର ହେବାକୁ ଭଲ ପାଆନ୍ତି । ଏହାର କାରଣ ନରିମାଷ୍ଟ୍ରର ଅମାୟିକ ବ୍ୟବହାର ଓ ଗୀତ ଗାଇବା ଶୈଳୀ ସମସ୍ତଙ୍କୁ ଆକର୍ଷିତ କରେ ।

ଜହ୍ନମାମୁ ଭଳି ନରିମାଷ୍ଟ୍ର ସମସ୍ତଙ୍କର ଅତିପ୍ରିୟ ।

ନରିମାଷ୍ଟ୍ରର ଥାଏ ଗୋଟିଏ ସାନ ହୁଲି ଡଙ୍ଗା । ଆମ ଅ*ଳରେ ତାକୁ ଡିଙ୍ଗି ବୋଲି କହନ୍ତି । ନରିମାଷ୍ଟ୍ର ତା' ଡିଙ୍ଗିରେ ନାଲି, ନେଳି, ବାଇଗଣୀ ହରେକ ପ୍ରକାର ରଙ୍ଗ ବୋଳି ତାକୁ ଏକ ନବବଧୂ ଭଳି ସଜେଇଥାଏ । ଡିଙ୍ଗିର ମଙ୍ଗରେ ବାନ୍ଧିଥାଏ ଚିକିମିକି କରୁଥିବା ନାଲି ଝାଲର କପଡ଼ା ।

ପିଲାଠୁ ବୁଢ଼ା ପର୍ଯ୍ୟନ୍ତ, ସମସ୍ତେ ତାକୁ କାହିଁକି ନରିମାଷ୍ଟ୍ର ଡାକନ୍ତି ମୁଁ ବୁଝି ପାରେନା । ମୁଁ ଯେତେବେଳେ ସାନଟେ ହୋଇଥିଲି, ମାନେ ପ୍ରଥମ କି ଦ୍ୱିତୀୟ ଶ୍ରେଣୀରେ ପଢୁଥିଲି, ମାନେ ମୋତେ ସେତେବେଳକୁ ଛଅ କି ସାତ ବର୍ଷ ବୟସ ହୋଇଥିଲା, ବାପା ସାଙ୍ଗରେ ଥରେ ରଥଯାତ୍ରା ଦେଖିବାକୁ କେନ୍ଦ୍ରାପଡ଼ା ବଳଦେବଜିଉ ମନ୍ଦିର ଯାଇଥିଲି । ବୋଧହୁଏ, ତାହା ମୋର ପ୍ରଥମ କରି ଆମ ଗାଁରୁ ବାହାର ଦୁନିଆକୁ ଭ୍ରମଣ କରିବାର ସୁଯୋଗ ଥିଲା । ସେହିଦିନ ମୁଁ ପ୍ରଥମ କରି ନରିମାଷ୍ଟ୍ର ବିଷୟରେ ଜାଣିବାକୁ ପାଇଲି ।

ସେତେବେଳକୁ ଆମ ଗାଁ ନିହାତି ଏକ ନିପଟ ମଫସଲ ଏବଂ ଗୋବରୀ ନଈ ଆମ

ଗାଁକୁ ଚାରି କଡ଼େ ଘେରି ରହିଥାଏ । ଆମେ ଏକ ପ୍ରକାର ଗୋବରୀ ନଈ ଭିତରେ ଜଳବନ୍ଦୀ ଅବସ୍ଥାରେ ଥାଉ ।

ଗାଁରୁ ବାହାରକୁ ଗୋଡ଼ କାଢ଼ିବା ମାନେ ଗୋବରୀ ନଈ ପାର ହେବାଟା ଥୟ । ଆମ ଗାଁ ଆଖପାଖରେ ଗୋବରୀ ନଈରେ ତିନି ଚାରୋଟି ଘାଟ ଥାଏ । ଗୋଟିଏ ଓରତ ଘାଟ, ଆଉ ଗୋଟିଏ କଇଁକୂଳା ମଧୁରକୂଳ ଘାଟ, ଆଉ ଗୋଟିଏ ଗଣ୍ଡାକିଆ ଘାଟ ଏବଂ ଆଉ ଗୋଟିଏ କୁଙ୍କୁଣି ଘାଟ । ଏସବୁ ଘାଟ ପାର ହେଲେ ଆମେ ଆମ ଗାଁ ବାହାରକୁ ଯାଉ ।

ପ୍ରତିବର୍ଷ ବର୍ଷା ଋତୁରେ ଗୋବରୀ ନଈ ଉଛୁଳେ । ଗୋବରୀ ନଈରେ ବନ୍ୟା ଆସି ଘରଦ୍ୱାର ବୁଡ଼ାଏ ଓ ଫସଲ ଉଜୁଡ଼ାଏ । ଗାଁ ଦାଣ୍ଡ, ଧାନ କିଆରି, କିଆ ଗୋହିରୀ ଆଉ ପାଟବିଲ ସବୁ ଏକାକାର ହୋଇ ସମୁଦ୍ରର ଭ୍ରମ ସୃଷ୍ଟି କରେ । ଆମେସବୁ ଅତଳ ପାଣିରେ କଦଳୀ ଭେଳା କିମ୍ବା କାଠ ହୁଲିରେ ଚାରିଆଡ଼େ ଖେଦିଯାଉ । ଏଣୁ 'ନଈବଢ଼ିର ଦୃଶ୍ୟ' ରଚନା ଆମେ ଭଲକରି ଲେଖିପାରୁ ।

ଆମ ଗାଁ ଚାରିପଟେ ଗୋବରୀ ନଈ ବହୁଥିବାରୁ ଗାଁକୁ ସେତେବେଳେ ରାସ୍ତା ଫିଟି ନଥିଲା । ଆମେ ଯଦି କେବେ କେମିତି କେନ୍ଦ୍ରାପଡ଼ା କି ପଟ୍ଟାମୁଣ୍ଡେଇ ଯିବାକୁ ଚାହୁଁଥିଲୁ, ତାହା ଆମ ପାଇଁ ସେତେବେଳେ ପୃଥିବୀ ଗ୍ରହର ଚନ୍ଦ୍ର ଅଭିଯାନଠାରୁ କିଛି କମ୍ ନଥିଲା ।

ସେତେବେଳେ, ନା ଆମ ଗାଁକୁ ବିଜୁଳି ସଂଯୋଗ ହୋଇଥିଲା ନା ରାସ୍ତାଘାଟ ଥିଲା ? ନା ଆମ ଗାଁରେ ଟିଭି ଥିଲା ନା ଖବରକାଗଜ ଆସୁଥିଲା ? ନା ଆମେସବୁ ବାହାର ଦୁନିଆର ଖବର ଅନ୍ତର ରଖୁଥିଲୁ ? ତଥାପି ଆମେ ଆମ ଗାଁରେ ଗୋବରୀ ନଈ କୋଳରେ ବେଶ୍ ସୁଖଶାନ୍ତିରେ ଥିଲୁ ।

ସଞ୍ଜ ସକାଳେ ଗୋବରୀ ନଈ କୁଳୁକୁଳୁ କରି ଗୀତ ଗାଉଥିଲା । ସୁଲୁସୁଲୁ ପବନରେ ଗୋବରୀ ନଈର ଟିକି ଟିକି ଢେଉମାନେ ଖୁସିରେ ନାଚୁଥିଲେ । ଆମେସବୁ ଗୋବରୀ ନଈର ଏ ନାଚ ଓ ଗୀତ ଶୁଣି ବିଭୋର ହେଉଥିଲୁ ।

ଆଜି ପରି ସେତେବେଳେ ଏତେ ଦୁଃଖ ନଥିଲା କି ଯାତନା ନ ଥିଲା କି କୁଟ କପଟ ନଥିଲା ।

ସକାଳୁ ସଞ୍ଜ ଯାଏ ଆମ କାନକୁ ଶୁଭୁଥିଲା ଗୋବରୀ ନଈର ଗୀତ । ଗୋବରୀ ନଈରୁ ଭାସି ଆସୁଥିବା ସୁଲୁସୁଲୁ ସଞ୍ଜ ବାଆ ଆମକୁ କେଉଁ ଦୂରନ୍ତ ଦିଗ୍‌ବଳୟ ଆଡ଼େ ଉଡ଼ାଇ ନେଉଥିଲା । ଆମେସବୁ ଆନମନା ହେଉଥିଲୁ । ଦୁଃଖ କ'ଣ ଜାଣୁ ନଥିଲୁ ।

ପହିଲି ଆଷାଢ଼ ମାସର ପ୍ରଥମ ମୌସୁମୀ ବର୍ଷାରେ ଆମ ଅ*ଳର ରାସ୍ତାଘାଟ ସେତେବେଳକୁ କାଦୁଅ ପଚ ପଚ ହୋଇ ସାରିଥାଏ । ରାସ୍ତାରେ ଆଣ୍ଠୁଏ ବହଳର କାଦୁଅ । ସେ କାଦୁଅରେ ପଶି ପଶି ଯାଇ ବହୁ କଷ୍ଟରେ ଆମେ ସ୍କୁଲରେ ପହ*ୁଁ । ବାପା ହଳ ଲଙ୍ଗଳ ନେଇ ବିଲକୁ ବାହାରନ୍ତି । ଚାଷୀ ଭାଇମାନେ ଧାନ ତଳି ରୁଆ ଉପୁଡ଼ା କରନ୍ତି ।

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପଡ଼େ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା । ସେଦିନ ସକାଳୁ ସକାଳୁ ମୁଁ ବାପାଙ୍କ ସହ ବାହାରିଥାଏ ରଥଯାତ୍ରା ଦେଖିବାକୁ କେନ୍ଦ୍ରାପଡ଼ା ।

ଆଣ୍ଠୁଏ କାଦୁଅରେ ପଶି ଗୋହିରୀ ଧାନବିଲ ଦେଇ ଆମେ ପହଁ ଓରତ ଘାଟରେ । ବାପା ଗୋଟିଏ ହାତରେ ଧୋତି ଟେକି ଧରିଥିବେ, ଆଉ ଗୋଟିଏ ହାତରେ ମୋ' ହାତକୁ ଧରିଥିବେ । ଆମେ ପ୍ରଥମ କରି ବାହାର ଦୁନିଆ ଆବିଷ୍କାର କରିବା ଉଦ୍ଦେଶ୍ୟରେ ବାହାରି ପଡ଼ିଥିବୁ, କଲମ୍ବସର ଆମେରିକା ଆବିଷ୍କାର ଭଳି ।

ନିଗିନିପୁରରୁ ପେର୍ଜପୁର ଗୋହିରୀ ବିଲ ରାସ୍ତା ଦେଇ ବହୁ କଷ୍ଟରେ ପାଣି କାଦୁଅରେ ଭିଜିଭିଜି ଓରତ ଘାଟରେ ପହଁଚିବା ବେଳକୁ ଦୋକାନ ବଜାରରେ ଗହଳି ଆରମ୍ଭ ହୋଇଯାଇଥିବ । ଏହା ମଧ୍ୟରେ ଦଲକାଏ ଝିପିରି ଝିପିରି ମେଘ ବର୍ଷି ଯାଉଥିବ । ଗୋବରୀ ନଈ ଉଛୁଲୁଥିବ ।

ଓରତ ଘାଟ ସେତେବେଳକୁ ଆମ ମଫସଲ ଅଂଚଳ ପାଇଁ ଗୋଟିଏ ଛୋଟିଆ ଟାଉନ୍‌ର ଭ୍ରମ ସୃଷ୍ଟି କରୁଥିବ । ସେଠାରେ କିଛି ଦୋକାନବଜାର ଗଢ଼ି ଉଠିଥିବ ।

ଦୋକାନବଜାର କହିଲେ, ଗୋଟିଏ ଦୁଇଟି ଚା' ଜଳଖିଆ ଦୋକାନ ଆଉ ଗୋଟିଏ ଲୁଗା ଦୋକାନ, ଗୋଟିଏ ଭେରାଇଟି ଷ୍ଟୋର, ଗୋଟିଏ ପାନ ଦୋକାନ, ଗୋଟିଏ ଚପଲ ଦୋକାନ ଆଉ ଗୋଟିଏ ଦୁଇଟି ତେଜରାତି ଦୋକାନ । ଓରତ ଘାଟରେ ଥାଏ ବି ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଟିଏ ଥିବାରୁ ତା' ପାଖରେ ଥାଏ ଏକ ଔଷଧ ଦୋକାନ ।

ବାପା ଓରତ ଘାଟରେ ପହଁଚିବା ପରେ ପ୍ରଥମେ ଯାଇ ଗୋବରୀ ଡଙ୍ଗା ଘାଟରେ ଭଲ କରି ଗୋଡ଼ହାତ ଧୋଇବେ । ମୋ' ଗୋଡ଼ ହାତ ବି ଧୋଇଦେବେ । କାରଣ ଆମେ ଗାଁରୁ ଆସିଲା ବେଳକୁ କାଦୁଅରେ ଗୋଟାପଣେ ବୁଡ଼ି ଯାଇଥିବୁ ।

ଗୋଡ଼ହାତ ଧୁଆଧୁଇ କରି ବାପା ପହଲି ସୋଇଁ ଚାହା ଦୋକାନକୁ ଯିବେ । ପହଲି ସୋଇଁ ଚାହା ଦୋକାନ ସାମ୍ନାରେ ଗୋଟିଏ କାଠ ବେଂ ପଡ଼ିଥିବ । ବାପା ସେ ବେଂରେ ଲଥ୍ କରି ବସିଯିବେ । ମୁଁ ବି ସେ ବେଂରେ ବସି ପଡ଼ିବି ।

ପହଲି ସୋଇଁ ବାପାଙ୍କୁ ଚା' ଗ୍ଲାସ ବଢ଼ାଇ ଦେବ । ବାପା ଧୀରେ ଧୀରେ ଗରମ ଚା'ର ଢୋକ ନେଉଥିବେ । ବାପାଙ୍କ ଚା' ପିଇବା ଶବ୍ଦ ସେତେବେଳେ ମୋତେ ରୋମାଂଚିତ କରୁଥିବ ।

ମୁଁ ଭାବୁଥିବି, ବଡ଼ ହେଲେ ମୁଁ ବାପାଙ୍କ ଷ୍ଟାଇଲରେ ଚା' ପିଇବି । ଚା' ପିଇସାରି ବାପା ବିଡ଼ି ଖଣ୍ଡେ ଲଗେଇବେ ଏବଂ ଧୂଆଁ ଛାଡ଼ିବେ । ମୁଁ ସେ ଧୂଆଁ କୁଣ୍ଡଳୀକୁ ଧରିବାକୁ ଚେଷ୍ଟା କରୁଥିବି । କିନ୍ତୁ ଧରି ନ ପାରି ହତାଶ ହେଉଥିବି ।

ପହଲି ସୋଇଁ ଗୋଟିଏ ପ୍ଲେଟ୍‌ରେ ଇଟିଲି, ଘୁଗୁନି ମୋତେ ବଢ଼ାଇ ଦେବ । ମୁଁ

ପ୍ରଥମ ଥର ପାଇଁ ଆମ ଗାଁ ବାହାରକୁ ଆସି ଇଟିଲି ଓ ଘୁଗୁନି ଖାଇ ନିଜକୁ ଭାଗ୍ୟବାନ ମନେ କରୁଥିବି ।

ଇଟିଲି, ଘୁଗୁନି ଖାଇସାରି ମୁହଁ ହାତ ଧୋଇ ଆମେ ଡଙ୍ଗା ଘାଟ ଆଡ଼କୁ ଧାଉଁଥିବୁ । ନଈ ମଝିରୁ ଠାଏ ଶୁଭୁଥିବ ଲହରା ଲହରା ଗୀତ । ଏ ମନ ମତାଣିଆ ଗୀତ କିଏ ଗାଉଥିବ ? କେଉଁ ଦୂର ଦିଗ୍‌ବଳୟରୁ ଭାସି ଆସୁଥିବ ଏ ମଧୁର ସଙ୍ଗୀତ ? ମୁଁ ସେ ମଧୁର ମନଛୁଆଁ ଗୀତର ଉତ୍ସ ଆଡକୁ କାନ ଡେରୁଥିବି ।

ବାପା କହିବେ- "ହେଇ ନରିମାଷ୍ଟ୍ର ଘାଟରେ ପହିଁ ଗଲାଣି । ତା' ଗୀତ ପରା ଶୁଗିଲାଣି । ଚାଲ୍ ଚାଲ୍ ପାଦ ପୂ□ କର ।"

ମୁଁ ସେତେବେଳେ କହିବି- "ଏ ନରିମାଷ୍ଟ୍ର କିଏ, ବାପା ?"

ବାପା କହିବେ- "ସେ ପରା ଓରତ ଘାଟର ନାଉରିଆ । ଗୋବରୀ ନଈର ରଜା । ସେ ନ ଚାହିଁଲେ, ଆମେ କ'ଣ ନଈ ସେପଟକୁ ଯାଇ ପାରିବା ନା ରଥଯାତ୍ରା ଦେଖି ପାରିବା ?"

ମୁଁ କହିବି- "ସେ ତ ଡଙ୍ଗା ଚଳଉଚି । ରଜା କେମିତି ହେଲା ?"

ବାପା କହିବେ- "ତୁ ପିଲାଲୋକ । କିଛି ବୁଝି ପାରିବୁନି ।"

ବାପାଙ୍କ ଏହି ପଦେ କଥା ମୋ' ମନରେ ରେଖାପାତ କରୁଥିବ । ମୁଁ ନରିମାଷ୍ଟ୍ର ବିଷୟରେ ଅଧିକ ଜାଣିବାକୁ ଅନିସନ୍ଧିସୁ ହୋଇ ପଡୁଥିବି ।

ବାପା କହିବେ- "ହେଇ ନରିମାଷ୍ଟ୍ରର ଡିଙ୍ଗି ଘାଟରେ ଲାଗିଲା ।"

ମୁଁ ବାପାଙ୍କ ହାତ ଧରି ଡଙ୍ଗା ଆଡ଼କୁ ଦୌଡ଼ିବା ଆରମ୍ଭ କରିବି ।

ଏହା ଭିତରେ ମୁଁ ବାପାଙ୍କୁ କହୁଥିବି- "ଏ ନରି ମାଷ୍ଟ୍ର ସ୍କୁଲରେ ପିଲାଙ୍କୁ ପାଠ ନ ପଢ଼େଇ ଡଙ୍ଗା କାହିଁକି ଚଲଉଚି ? ସେ ପରା ମାଷ୍ଟ୍ର ? ଆମ ଗୋପୀ ମାଷ୍ଟ୍ର କେମିତି ଆମ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଉଛି ?"

ବାପା କହିବେ- "ହେ ବାୟାଟା । ଏତିକି ବୁଝିପାରୁନୁ ? ଏ ନରିମାଷ୍ଟ୍ର କ'ଣ ସ୍କୁଲ ମାଷ୍ଟର ? ସେ କୋଉ ସ୍କୁଲଫୁଲ୍‌ରେ ପାଠ ପଢ଼ାଏନା । ତା' ନାଁ ହଉଚି ନରିମାଷ୍ଟ୍ର । ସେ ଡଙ୍ଗା ଚଳାଏ । ଆଉ ଗୀତ ବୋଲେ ।"

ବାପା କହନ୍ତି, ନରିମାଷ୍ଟ୍ର ଖାଲି ଡିଙ୍ଗି ଚାଳକ ନୁହେଁ । ସେ ଜଣେ ଆଶୁ କବି । ଛନ୍ଦକୁ ଛନ୍ଦ ପକାଇ ଏମିତି ଗୀତ ଫାନ୍ଦିଦବ, ଲୋକେ ଶୁଣି ମୁଗ୍ଧ ହୋଇଯିବେ । ପ୍ରାଚୀନ ଛାନ୍ଦ, ପୁରାଣ, ଚଉତିଶା ସବୁ ତା' ମୁହଁରେ ।

ନରିମାଷ୍ଟ୍ରର ଗୀତ ପବନରେ ଲହରେଇ ଲହରେଇ ମୋ' କାନରେ ପଡୁଥିବ । ମୁଁ ରୋମାଂଚିତ ହେଉଥିବି ।

ଜୁଆରିଆ ଗୋବରୀ ନଈରେ ଆହୁଲା ମାରି ନରିମାଷ୍ଟ୍ର ଆସି ଘାଟରେ ପହିଁଯିବ ।

ଘାଟରେ ତା' ହୁଲି ଡଙ୍ଗାକୁ ଖଟେଇବ । ଅ[ାରୁ ଚୂନ ମିଶା ମୋଡିଆରି ପତର ଟେଳାଏ ବାହାର କରି ହାତରେ ଦଳିବ ଓ ପାଟିରେ ଜାକିବ ।

ଆମେ ଚଟାପଟ୍ ଯାଇ ନରିମାଷ୍ଟ୍ରର ହୁଲି ଡଙ୍ଗାରେ ବସି ପଡ଼ିବୁ । ଛୋଟ ହୁଲି ଡଙ୍ଗାଟି ଗୋବରୀ ନଈର ଛାତିରେ ଦୋହଲୁଥିବ । ମୁଁ ସେ ହୁଲି ଡଙ୍ଗାର ଗୋଟିଏ ପାର୍ଶ୍ୱରେ ଗୋଡ଼ ରଖିଦେବି ଯେ, ଡଙ୍ଗାଟି ସମ୍ପୂର୍ଣ୍ଣ ଅଣାୟତ ହୋଇ ଗୋଟିଏ ପଟକୁ ଅଣେଇ ହୋଇ ପଡ଼ିବ । ନରିମାଷ୍ଟ୍ର ହାଁ ହାଁ କରି ଦୌଡ଼ି ଆସି ଡଙ୍ଗାଟିକୁ ଭିଡ଼ି ଧରିବ ।

ନରିମାଷ୍ଟ୍ର ବଡ଼ ପାଟି କରି କହିବ- "ହୁଲି ଦାଢ଼ରେ ପାଦ ରଖନ୍ତି ? ଏତିକି ଜାଣିନୁରେ ପିଲା ।"

ବାପା ମୋତେ ଟେକି ନେଇ ହୁଲିର ମଝିରେ ଠିଆ କରେଇ ଦେବେ । ମୁଁ ହୁଲିର ମଝି ବାଡ଼ରେ ବସି ପଡ଼ିବି । ନରିମାଷ୍ଟ୍ର ଶେଷ ଥର ପାଇଁ ବଡ଼ ପାଟିରେ ଡାକ ଛାଡ଼ିବ- "କିଏ କୁଆଡ଼େ ଅଛ ହୋ, ଚାଲି ଆସ, ଡଙ୍ଗା ଛାଡ଼ିଲା ।"

ସମସ୍ତେ ଧାଁ ଦଉଡ଼ କରି ଆସି ନରିମାଷ୍ଟ୍ରର ହୁଲିରେ ବସି ପଡ଼ିବେ ।

ହୁଲି ଡଙ୍ଗାଟି ପାଣିରେ ଏମିତି ଦୋହଲୁଥିବ ଯେ, ଭୟରେ ମୋ' ଛାତିରୁ ଅତଡ଼ା ଖସି ପଡୁଥିବ । ବାପା କିନ୍ତୁ ନିଶ୍ଚଳ ହୋଇ ବସିଥିବେ ।

ନରିମାଷ୍ଟ୍ର ଆହୁଲା ଧରି ମଙ୍ଗ ଉପରେ ବସିଥିବ । ପାଟିରୁ ଦୁକୁଡା ମିଶା ଛେପ ନଈ ପାଣିକୁ ଥୁକି ପଦୁଟିଏ ମାରିବ ।

"ତା ଥେଇକି, ତା ଥେଇକି,
ମାଧିଆ ମାଇଲା କୁଣ୍ଡା ଖାଇକି,
ଆଉ କୁଣ୍ଡାଖାଇ ଘରେ ଥାଇ କି ?"

ଜୁଆରିଆ ନଈରେ ନରିମାଷ୍ଟ୍ରର ଡିଙ୍ଗିଟି ଶିବ ତାଣ୍ଡବ ନୃତ୍ୟ କରୁଥିବ । ମୋ' ଛାତିରେ ଛନକା ପଶୁଥିବ । ବାପା ମୋ' ହାତକୁ ଧରି ବସିଥିବେ । ନରିମାଷ୍ଟ୍ର ଦୁଇ ଫୁଟର ଆହୁଲାଟିଏ ବାହି ଖୁବ୍ ବେଗରେ ଡିଙ୍ଗିକୁ ଛୁଟାଉଥିବ । ମୁଁ ଡରୁଥିବା ଦେଖି ନରିମାଷ୍ଟ୍ର ମୋ' ଉଦ୍ଦେଶ୍ୟରେ ଗୋଟିଏ ପଦ ମାରିବ-

"ଟୁଉକୁ ମୂଷି, ଟୁକେଇ ମୂଷି,
ଧାନ ଭରଣକ ଖାଉଥା ବସି,
ତୁ ଥା' ମୁଁ ଯାଉଛି ଋଷି,
ଏଇଟି ବୋଇଲା କିସ କରିବା ?
ଏଇଟି ବୋଇଲା ପଲଉ ଖାଇବା ।
ଏଇଟି ବୋଇଲା କାହୁଁ ଆଣିବା ?
ଏଇଟି ବୋଇଲା ଋଣ କରିବା ।

ଏଇଟି ବୋଇଲା କାହୁଁ ଶୁଝିବା ?

ଏଇଟି ବୋଇଲା ହରି ନାମ ଭଜିବା ।"

ସତରେ ହୁଲିଟା କୌଣସି ଜଣେ ନ□କୀ ଭଳି ଭରା ନଈରେ ନୃତ୍ୟ କରୁଥିବ । ଜୁନ୍ ମାସର ମୌସୁମୀ ମେଘଭ□ ଆକାଶ ହଠାତ୍ ମେଘାଚ୍ଛନ୍ନ ହୋଇଯିବ । କଳାହାଣ୍ଡିଆ ମେଘ ଘୋଟି ଆସିବ । କୁଣ୍ଡାଝଡ଼ ଭଳି ବର୍ଷା ଅସରାଏ ବରଷି ଯିବ । ଆମେସବୁ ଓଦା ହୋଇଯିବୁ । ଆକାଶରେ ମେଘ ଦେଖି ନରିମାଷ୍ଟ୍ର ପୁଣି ପଦଟିଏ ମାରିବ-

"ମେଘ ବରଷିଲା ଟୁପୁରୁ ଟୁପୁରୁ
ମାଣ୍ଡିଆ ହୋଇଲା ଗଜା
ମାନପାଟଣାରେ ଟମକ ବାଜିଲା
ଲେଉଟି ଆଇଲେ ରଜା
ମେଘ ବରଷିଲା ଟୁପୁରୁ ଟୁପୁରୁ
କେସୁର ମାଇଲା ଗଜା
କୋଉ ରାଇଜରେ ରହିଲେ ମୋ' ରଜା
ତେଲିଙ୍ଗି ବାଇଦ ବଜା
ମେଘ ବରଷିଲା ଟୁପୁରୁ ଟୁପୁରୁ
ହରଡ଼ ହୋଇଲା ଗଜା
ଓରତଘାଟରେ ଟମକ ଶୁଭୁଛି
ବାହୁଡ଼ି ଆଇଲେ ରଜା ।"

ନରିମାଷ୍ଟ୍ରର ପାଟିରେ ବାଟୁଳି ବାଜୁ ନଥିବ । କେତେବେଳେ ଗୀତ ଫାନ୍ଦୁଥିବ ତ କେତେବେଳେ ଢଗଟାଏ କି ପହଳିଟାଏ ଛାଡୁଥିବ ।

ବାପା କହିବେ- "ମାଷ୍ଟ୍ରେ ଏଥର ତ ଆଗୁଆ ମୌସୁମୀ ଆସିଲାଣି । ଚାଷବାସ ଅନୁକୂଳ ହେବ ନା ନାହିଁ ? ରଥଯାତ୍ରା ପରେ ତଳି ଉପୁଡା ଉପୁଡି ଆରମ୍ଭ ହୋଇଯିବ । ପିଲାଟା ମନ କରିଛି ରଥଯାତ୍ରା ଦେଖିବ ।"

ନରି ମାଷ୍ଟ୍ର ପଦୁଟିଏ ମାରିବ-

"ଚାଷ ନାହିଁ ଯାହାର,
ବାସ ନାହିଁ ତାହାର ।"

ହୁଲିର ମଝାମଝି ମୋ' ଆଗରେ ବସିଥାଏ ଗୋଟିଏ ଯୁବତୀ ଝିଅ । ସେ ଭାରି ଲାଜ କରୁଥାଏ । ସେ ବି ବୋଧେ ରଥଯାତ୍ରା ଦେଖିବାକୁ କେନ୍ଦ୍ରାପଡ଼ା ଯାଉଥାଏ କି କ'ଣ ? ତା' ସହ ଆଉ ଦୁଇ ଜଣ ଭୁଆଶୁଣୀ ବି ବସିଥାନ୍ତି ଡିଙ୍ଗିରେ । ସେମାନେ କୁଆଡୁ ତଳଘଟି ଆଡୁ ଆସିଥାନ୍ତି ରଥଯାତ୍ରା ଦେଖିବାକୁ । ସେ ଲାଜକୁଳୀ ଝିଅଟିକୁ ଦେଖି ନରିମାଷ୍ଟ୍ର ତା'

ଉଦ୍ଦେଶ୍ୟରେ ପହଳିଟାଏ ଫାନ୍ଦିଦେବ ।

'କୁଲାରେ କାଟିଲି ଲାଉ,
ମୋ' କରମକୁ ବୁଢ଼ା ଘଇତା,
ପକେଇ ଦେବି କି ଆଉ ?"

ସେ ଝିଅ ଏ ପହଳିର ଅର୍ଥ ଜାଣି ପାରିଲା କି କ'ଣ ଲାଜରେ ମୁହଁ ବୁଲାଇ ଦେଲା । ଅନ୍ୟ ମାଇପେ କିରିକିରି ହୋଇ ହସି ଉଠିଲେ । ଗୋବରୀ ନଈର ମଝିରେ ନରିମାଷ୍ଟ୍ରର ଦଦରା ହୁଲିରେ ଗୋଟିଏ ହାସ୍ୟରୋଳ ଖେଳିଗଲା ।

ଆଉ ଜଣେ କୁନି ଝିଅ ତା' ବାପା ସହ ଡିଙ୍ଗିରେ ବସିଥାଏ । ମୁଁ ତାକୁ କଣେଇ କଣେଇ ଅନଉଥାଏ । ସେ ଝିଅଟି ଏକ ଛିଟ ଫ୍ରକ୍ ପିନ୍ଧିଥାଏ । ଭାରି ସୁନ୍ଦର ମାନୁଥାଏ ଫ୍ରକ୍ ତାକୁ । ମୁଣ୍ଡରେ ଦୁଇ ପଟରେ ଦୁଇଟି କୁନି କୁନି ବେଣୀ ପାରିଥାଏ । ଆଖିରେ କଳା ଓ ମଥାରେ କାଳି ଟୋପା ପିନ୍ଧିଥାଏ । ମୋଟାମୋଟି କହିବାକୁ ଗଲେ ସେ ଝିଅଟି ଗୋଟିଏ କଣ୍ଢେଇ ଭଳି ଦିଶୁଥାଏ ।

ନରିମାଷ୍ଟ୍ର ସେ କୁନି ଝିଅକୁ ଦେଖି ତା' ପାଇଁ ପଦଟିଏ ଫାନ୍ଦି ଦିଏ-

'ରଜା ଘର ଝିଅ,
ତାକୁ କାନି ପଣତରେ ନିଅ ।
ରଜା ଆଗରେ ସତ କହିବ,
ରାଣୀ ଆଗରେ ମିଛ କହିବ ।
ଝିଅକୁ ପୂରିଲା ଚଉଦ,
ବର ଘର ବଉଦ ।"

ସେ ଝିଅର ବାପା ମୁରୁକି ମୁରୁକି ହସୁଥାଏ । ଝିଅଟି କ'ଣ ବୁଝିଲା କେଜାଣି, ଲାଜ କଲା । ମୋତେ ଟିକେ ଚାହିଁ ତଳକୁ ମୁହଁ କରିଦେଲା ।

ମୁଁ ସେ କୁନି ଝିଅଟିକୁ ଦେଖିବା ପରଠୁ ଅନ୍ୟମନସ୍କ ହୋଇ ପଡୁଥିଲି । ଆହାଃ, ଏ ଝିଅଟି ଆମ ଗାଁ ସ୍କୁଲରେ ପାଠ ପଢୁ ଥା'ନ୍ତା କି ? ମୁଁ ମନେ ମନେ ଭାବୁଥିଲି । ଝିଅଟିକୁ ଖାଲି ଆଖି ପୂରେଇ ଚାହୁଁଥିଲି ।

ନରିମାଷ୍ଟ୍ର ବିଡ଼ି ଲଗାଇଲା । ଏହା ଭିତରେ ନରିମାଷ୍ଟ୍ରର ହୁଲି ଡଙ୍ଗା ଆରପଟ ଘାଟରେ ଲାଗି ଗଲାଣି । ମୁଁ ଜାଣି ପାରି ନଥାଏ । ପ୍ରକୃତରେ କହିବାକୁ ଗଲେ ମୁଁ ସେ କୁନିଝିଅ କଥା ଭାବି ଅନ୍ୟମନସ୍କ ହୋଇ ପଡ଼ିଥାଏ ।

ମୁଁ ମନେ ମନେ ଭାବୁଥିଲି, ସେ କୁନି ଝିଅଟି ମୋର ସାଙ୍ଗ ହୁଅନ୍ତା କି ? ଆମେ ଦୁହେଁ ସାଙ୍ଗ ହୋଇ ସ୍କୁଲ ଯାଆନ୍ତୁ । ଗୋବରୀ ନଈ କୂଳରେ କଣ୍ଢେଇ ବାହାଘର ଖେଳନ୍ତୁ । ମୁଁ ହୁଅନ୍ତି ଝିଅର ବାପା, ଆଉ ସେ ହୁଅନ୍ତା ପୁଅର ମାଆ । ଭାରି ମଜା ହୁଅନ୍ତା । ମୁଁ

କଳ୍ପନାର ରାଜ୍ୟରେ ବୁଲୁଥାଏ ।

ଏହାରି ଭିତରେ ନରିମାଷ୍ଟ୍ରର ହୁଲିଡଙ୍ଗା ସେପଟ ଘାଟରେ ଲାଗି ଯାଇଥିଲା । ବାପା ମୋ' ହାତ ଧରି ହୁଲିଡଙ୍ଗାରୁ ଓହ୍ଲେଇ ପଡ଼ିଲେ ।

ନରିମାଷ୍ଟ୍ରକୁ ଦୁଇ ଅଣା ଦେଇ ବାପା ବଡ଼ ବଡ଼ ପାହୁଲ ପକେଇ ଏକ ରକମର ଧାଇଁବାକୁ ଲାଗିଲେ ।

ଗୋବରୀ ନଈର ସେପଟ ଘାଟରେ ଲାଇନ୍ ହୋଇ ଟ୍ରେକର ଅପେକ୍ଷା କରିଥିବେ ଯାତ୍ରୀଙ୍କୁ । ଟ୍ରେକର ହେଲ୍‌ପରମାନେ କେନ୍ଦ୍ରାପଡ଼ା, ଇଛାପୁର, ଅଙ୍ଗୁଳେଇ, ରାଜଗଡ଼, ନିଆମତପୁର, ନେମ୍ବରା, ଠାଉରି ଆଦି ଚିଲ୍ଲାଉଥିବେ । ଯାତ୍ରୀମାନଙ୍କର ହାତକୁ ଭିଡ଼ି ନେଇ ନିଜ ଟ୍ରେକରରେ ବସାଇବାକୁ ପ୍ରତିଯୋଗିତା କରୁଥିବେ ।

ଯେଉଁ ଟ୍ରେକରଟି ଷ୍ଟାର୍ଟ ମାରି ଛାଡ଼ିବାକୁ ତରତର ହେଉଥିଲା, ଆମେ ଯାଇ ସେ ଟ୍ରେକରରେ ବସି ପଡ଼ିଲୁ । ତା' ହେଲ୍‌ପର ଲୋକଙ୍କ ହାତକୁ ଟାଣି ନେଇ ଆଳୁ ବସ୍ତା ଭଳି ଟ୍ରେକର ଭିତରେ ଖୁନ୍ଦି ପକାଇଲା ।

ଆମେ ଯାଇ ଟ୍ରେକରର ପଛପଟେ ଖୁନ୍ଦିଖାନ୍ଦି ହୋଇ ବସିଗଲୁ । ଆମ ପାଖରେ ସେ କୁନି ଝିଅ ଆଉ ତା' ବାପା ବି ବସିଲେ । ଟ୍ରେକର ଭିତରେ ଖୁନ୍ଦାଖୁନ୍ଦି ହୋଇ ଗରମ ଗୁଳୁଗୁଳିରେ ବସିଥିଲେ ବି ମୋତେ ସବୁକିଛି ଭଲ ଲାଗୁଥିଲା । କାରଣ ସେ କୁନି ଝିଅଟି ମୋ' ପାଖରେ ବସିଥାଏ । ମୁଁ ଭାବୁଥାଏ, ଏ ରାସ୍ତା ନ ସରନ୍ତା କି ?

ଏହା ଭିତରେ ରାସ୍ତା ସରି ଯାଇଥିଲା । ହେଲ୍‌ପର ବଡ଼ ପାଟିରେ ଡାକୁଥିଲା- "ଇଛାପୁର ରଥଦାଣ୍ଡ ହୋଇଗଲା, କିଏ ଓହ୍ଲାଇବା କଥା ଆସ ।"

ବାପା ଓ ମୁଁ ଇଛାପୁର ରଥ ଦାଣ୍ଡରେ ଓହ୍ଲାଇ ପଡ଼ିଲୁ । କିନ୍ତୁ ସେ କୁନିଝିଅ ଆଉ ତା' ବାପା ଇଛାପୁରରେ ନ ଓହ୍ଲେଇ ଟ୍ରେକରରେ ବସି ରହିଲେ । ବୋଧେ ସେମାନେ କେନ୍ଦ୍ରାପଡ଼ା ବଜାରକୁ ଯିବେ କି କ'ଣ ? ସେ କୁନି ଝିଅଟା ନ ଓହ୍ଲେଇବାରୁ ମୋ' ମନ ଦୁଃଖ ହୋଇଗଲା ।

ଟ୍ରେକରରୁ ଓହ୍ଲେଇ ଚାଲି ଚାଲି ବାପପୁଅ ଦୁହେଁ ବଡ଼ଦାଣ୍ଡରେ ପହଁଚିଲୁ । ବଡ଼ ଦାଣ୍ଡରେ ରଥ ଠିଆ ହୋଇଥାଏ । ଖାସ୍ ରଥ ଛୁଆଇଁବାକୁ ବୋଉ ମୋତେ ବାପାଙ୍କ ସହ ଇଛାପୁର ପଠାଇଥାଏ । ମୋର ସେବର୍ଷ ପ୍ରଥମ କରି ରଥଛୁଆଁ ହେଲା ।

ପଣ୍ଡାମାନେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରି ରଥ ଉପରକୁ ଆଣୁଥାନ୍ତି । ମୁଁ ପ୍ରଥମ କରି ବଳଦେବଜିଉଙ୍କୁ ଦେଖି କୃତ୍ୟ କୃତ୍ୟ ହୋଇଗଲି । ଏତେ ବଡ଼ ଠାକୁର ! ଚକ ଭଳି ଏଡ଼େ ଏଡ଼େ ଆଖି ! ଏତେ ବଡ଼ ରଥ ! ଏତେ ବଡ଼ ଦାଣ୍ଡ ! ସେ ରଥକୁ ଏତେ ଲୋକ ଟାଣୁଥାନ୍ତି ! ଏସବୁ ମୋତେ ବିଚିତ୍ର ଲାଗୁଥାଏ ।

ରଥ ଦଉଡ଼ିକୁ ଟିକେ ଛୁଇଁବା ପାଇଁ ବାପା ମୋତେ ଧରି ଭିଡ଼ ଭିତରକୁ ପଶୁଥାନ୍ତି । ମୁଁ

ଏକ ପ୍ରକାର ଅଣନିଶ୍ୱାସୀ ହୋଇ ପଡୁଥାଏ । ବହୁ କଷ୍ଟରେ ମୁଁ ରଥ ଦଉଡ଼ିକୁ ଛୁଇଁଲି । ବାପା ମୋତେ ଦୁଇ ହାତରେ ଉପରକୁ ଟେକିଦେଲେ । ଜଣେ ପଣ୍ଡା ମୋତେ ଉଠାଇ ନେଇ ଠାକୁରଙ୍କୁ ଛୁଆଁଇ ଦେଲା ।

ବାପାଙ୍କର ମନସ୍କାମନା ପୂରଣ ହେଲା ।

ବୋଉକୁ ଦେଇଥିବା କଥା ରଖିଥିବାରୁ ବାପା ତୃପ୍ତ ଲାଗୁଥାନ୍ତି ।

ରଥ ଦାଣ୍ଡରେ ଅନେକ ପ୍ରକାର ଦୋକାନ ପଡ଼ିଥାଏ । ବାପା, ମୋ' ପାଇଁ ଗୋଟିଏ ବାଇସ୍କୋପ୍, ଠକ୍‌ଠକି, ବନ୍ଧୁକ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କାଠ ମୂର୍ତ୍ତି କିଣିଲେ ।

ଇଛାପୁରରେ ବାପାଙ୍କର ଏକ ଚିହ୍ନା ହୋଟେଲ୍ ଥାଏ । ଚିହ୍ନା ହୋଟେଲ୍ ଏଥିପାଇଁ କହୁଛି, ସେ ହୋଟେଲ ମାଲିକ ତିଆଡ଼ି ନନା ଆମ ଗାଁ ପାଖ ପେର୍ଜପୁର ଗାଁର । ସେ ବାପାଙ୍କୁ ଭଲଭାବେ ଜାଣିଥାଏ ।

ବାପା ଯେବେ ଇଛାପୁର କି କେନ୍ଦ୍ରାପଡ଼ା ଆସନ୍ତି ଏଇ ତିଆଡ଼ି ନନା ହୋଟେଲରେ ଖାପିଅ କରନ୍ତି । ତିଆଡ଼ି ନନା ହୋଟେଲରେ ଟେବୁଲ, ଚେୟାର ପଡ଼ି ନଥାଏ । ଲୋକେ ତଳେ ଚଟ ପାରି ବସି କଦଳୀ ପତ୍ରରେ ଖାଆନ୍ତି ।

ତିଆଡ଼ି ନନା ଚାଲି ହୋଟେଲରେ ଆମେ ତଳେ ବସି କଦଳୀ ପତ୍ରରେ ଭାତ, ଡାଲମା, ଭଜା, ଖଟା ଆଦି ଖାଇଲୁ । ମନ ଶାନ୍ତି ହୋଇଗଲା । ବାପା ପାଖ ଦୋକାନକୁ ଯାଇ ବିଡ଼ି ଖଣ୍ଡେ ଲଗାଇଲେ ।

ଏଣିକି ଘରକୁ ଫେରିବା ଚିନ୍ତା ବାପାଙ୍କୁ ଘାରୁଥାଏ । ସଞ୍ଜ ପୂର୍ବରୁ ଓରତ ଘାଟରେ ନ ପହଁଚିଲେ ଡଙ୍ଗାଘାଟ ବନ୍ଦ ହୋଇଯିବ । ତା'ଛଡ଼ା ରାତିରେ ଜୁଆରିଆ ଉଛୁଳା ନଈରେ ଡଙ୍ଗା ଚଳେଇବା ବି କଷ୍ଟକର ।

ଆମେ ଯେଉଁ ଟ୍ରେକରରେ ଯାଇଥିଲୁ, ଯୋଗକୁ ସେଇ ଟ୍ରେକରରେ ଫେରିଲୁ । ଭାଗ୍ୟ ଭଲ, ସଞ୍ଜ ବୁଡ଼ିବା ପୂର୍ବରୁ ଓରତ ଘାଟରେ ପହଁଚି ଗଲୁ ।

ନରିମାଷ୍ଟ୍ର ଏପଟ ଘାଟରେ ନିଜ ହୁଲିରେ ବସି ବିଡ଼ି ଟାଣୁଥାଏ । ତା' ହୁଲିରେ ସେତେବେଳକୁ ଲୋକେ କେହି ନଥାନ୍ତି । ଏଣୁ ସେ ଗୋଟିଏ ଫେରନ୍ତି ଟ୍ରେକରକୁ ଅପେକ୍ଷା କରିଥାଏ ।

ଟ୍ରେକର ଯେମିତି ଘାଟରେ ପହଁଚିଗଲା, ନରିମାଷ୍ଟ୍ର ତରତର ହୋଇ ହୁଲିରୁ ଡାକ ଛାଡ଼ିଲା- "ଓରତ, ପେର୍ଜପୁର, ନିଗିନିପୁର, ଓଳିଆ, ଦେଉଳପଡ଼ା- କିଏ ଯିବ ଚାଲିଆସ । ଡଙ୍ଗା ଛାଡ଼ିଲା ।"

ଆମେ ଯାଇ ନରିମାଷ୍ଟ୍ରର ହୁଲି ଡଙ୍ଗାରେ ବସିଲୁ । ଯେଉଁମାନେ ଟ୍ରେକରରେ ଆସିଥିଲେ, ସମସ୍ତେ ନରିମାଷ୍ଟ୍ରର ଡଙ୍ଗା ଉପରକୁ ଚଢ଼ିଲେ । ନରିମାଷ୍ଟ୍ର ଆହୁଲା ଧରିଲା ଓ ଡିଙ୍ଗି ବାହିଲା ।

ସେତେବେଳକୁ ସଞ୍ଜ ରତରତ । ମେଘୁଆ ପାଗ ଯୋଗୁଁ ଘାଟ ଶୂନ୍‌ଶାନ୍ ଲାଗୁଥାଏ ।

ନରିମାଷ୍ଟ୍ରର ଏଇ ବୋଧେ ସେଦିନର ଶେଷ ଭଡ଼ା । ତେଣିକି ନରିମାଷ୍ଟ୍ର ଘରକୁ ଚାଲିଯିବ । ବିଶ୍ରାମ ନେବ ।

ନରିମାଷ୍ଟ୍ରର ହୁଲି ଡଙ୍ଗା ଗୋବରୀର ଢେଉରେ ସେମିତି ଦୋହଲୁଥାଏ । ଆମେସବୁ କେମିତି ଘରେ ପହଁ*ରୁ ସେହି ଚିନ୍ତାରେ ବୁଡ଼ି ରହିଥାଉ । କାରଣ ସଞ୍ଜ ବୁଡ଼ି ରାତି ହେବାକୁ ବସୁଥାଏ । ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନଥାଏ ।

ନଈଘାଟ ପାର ହେବା ପରେ ଆମକୁ ଆହୁରି ପା* ମାଇଲ୍ କାଦୁଅ ପଚପଚ ଗୋହିରୀ ବିଲ ରାସ୍ତା ଦେଇ ଗାଁକୁ ଯିବାକୁ ଥାଏ । ସଞ୍ଜରେ ଗୋହିରି ବିଲରେ ଜନ୍ତୁଜୁନ୍ତା ଭୟ ବି ଥାଏ ।

ଏଇ କିଛିଦିନ ତଳେ ଆମ ଗାଁ ଭେଡ଼ା ବିଲରେ ରଘୁଆ ବୁଢ଼ାକୁ ତମ୍ପ ସାପ କାମୁଡ଼ିଥିଲା । ସେଇଟା କୁଆଡ଼େ ଅଢ଼େଇ କିଆରିଆ ତମ୍ପ ଥିଲା ବୋଲି ସୋରିଆ ନାନୀ କହୁଥିଲା । ଏ ତମ୍ପ ଅଢ଼େଇଟା କିଆରି ପର୍ଯ୍ୟନ୍ତ ଗୋଡ଼େଇବ ଓ ତା' ପରେ ଚୁପ୍ ହୋଇ ରହିଯିବ ।

ଆମେ ଯଦିଓ ନରିମାଷ୍ଟ୍ରର ହୁଲି ଡଙ୍ଗାରେ ବସିଥାଉ, ନରିମାଷ୍ଟ୍ରର ଗୀତ ଶୁଣୁଥାଉ, ତଥାପି ଗାଁରେ ପହଁ*ବାର ଭୟ ଆମକୁ ଘାରୁଥାଏ । ଅଢ଼େଇ କିଆରିଆ ତମ୍ପ କଥା ମନେ ପଡ଼ିବାରୁ ଦେହ ଶୀତେଇ ଉଠୁଥାଏ ।

ମୁଁ ମନେମନେ ସୋରିଆ ନାନୀ କଥା ଭାବୁଥାଏ । ସୋରିଆ ନାନୀ ଏବେ ଘରେ କ'ଣ କରୁଥିବ ? ମୋତେ ନ ଦେଖି ଏକୁଟିଆ କେମିତି ଥିବ ? ବୋଉ ସହ ଆମ ଲଂଘା ଘରେ କ'ଣ ଗପୁଥିବ ?

ଆଜିର ଭ୍ରମଣ ବୃ□ାନ୍ତ ସୋରିଆ ନାନୀ ଆଗରେ ବର୍ଣ୍ଣନା କରିବାକୁ ମୁଁ ବ୍ୟସ୍ତ ହୋଇ ଉଠୁଥାଏ ।

ସଞ୍ଜ ବୁଡୁଥାଏ । ନଈ ମଝିରେ ନରିମାଷ୍ଟ୍ରର ହୁଲି ଡଙ୍ଗା ଛୋଟ ଛୋଟ ଢେଉରେ ପିଟିହୋଇ ନାଚୁଥାଏ । ନରିମାଷ୍ଟ୍ର ଗୀତ ବୋଲୁଥାଏ । ଜୀବନ ସଙ୍ଗୀତ ।

ସତରେ ନରିମାଷ୍ଟ୍ର କେତେ ସୁଖୀ ମଣିଷଟିଏ !

ମୁଁ ସେହିଦିନଠୁ ନରିମାଷ୍ଟ୍ରର ଫ୍ୟାନ୍ ହୋଇଗଲି ।

ସକାଳୁ ରାତି ଯାଏ, ନରିମାଷ୍ଟ୍ର ସେମିତି ତା' ହୁଲିଡଙ୍ଗା ବାହୁଥାଏ । ଗୀତ ଗାଉଥାଏ । କିନ୍ତୁ ଥକି ପଡ଼େନି । ଅବିକଳ ମୋ' ବାପାଙ୍କ ଭଳି । ମୋ' ବାପା ବିଲବାଡ଼ିରେ ଅବିଶ୍ରାନ୍ତ କାମ କରି କେବେ ଥକି ପଡ଼ିବାର ମୁଁ ଦେଖିନି ।

ପେର୍ଜପୁର ଗୋବରୀ ବନ୍ଧ ରାସ୍ତା ଦେଇ ଘରେ ପହଁ*ଲା ବେଳକୁ ରାତି ଅନେକ ହୋଇ ଯାଇଥିଲା । ପେର୍ଜପୁର ଛକରେ ଥିବା ପୁରୁଣା ବରଗଛରେ ଭୂତପ୍ରେତ ରହନ୍ତି । ଏଣୁ ରାତି ହେଲେ ସେ ବାଟ ଦେଇ ଯିବା ଆସିବା କରିବାକୁ ସମସ୍ତେ ପ୍ରାୟ ଡରନ୍ତି । ମୁଁ ଏକଥା ଗୋବିନ୍ଦା ବୁଢ଼ୀଠାରୁ ଶୁଣିଥିଲି ।

ଆମେ ଘରେ ପହଁ*ବା ଦେଖି ବୋଉ ଚଳଚ*ଳ ହୋଇ ଉଠିଲା । ସେତେବେଳକୁ ରାତି ଅନେକ ହୋଇ ଯାଇଥିଲା । ବୋଉ ଦି ଡାଳ ପାଣି ଦାଣ୍ଡ ପିଣ୍ଡାରେ ରଖିଥିଲା । ଆମେ ଗୋଡ଼ହାତ ଧୋଇ ଘର ଭିତରକୁ ପଶିଲୁ ।

ଘରେ ପହଁ* ସାରି ଆମେ ଯେମିତି ଜୀବନ ଫେରି ପାଇଲୁ । ବୋଉ ମୋତେ ତୁରନ୍ତ ସୁନାକର ଗୁଣିଆ ପାଖକୁ ଝଡ଼ାଫୁଙ୍କା କରିବାକୁ ନେଇଗଲା । ବୋଉ ଭାବୁଥିଲା, ମୁଁ ଛୋଟପିଲାଟା, ଏତେ ବାଟ ବୁଲାବୁଲି କରି ଆସିଛି । କାଳେ କାହାର ନଜର ଲାଗିଥିବ । ସୁନାକର ଗୁଣିଆ ପାଖରୁ ମୋତେ ଝଡ଼େଇ ଫୁଙ୍କେଇ ଆଣିଲା ପରେ ବୋଉ ଆମର ଖାଇବା ପିଇବାର ବ୍ୟବସ୍ଥା କରିବ ।

ବାଡ଼ି ଲଂଘା ଘରେ ବୋଉ ଆସନ ପାରିଦେଇ ଭାତ, ତରକାରୀ ବାଢ଼ି ଦେବ । ଆମେସବୁ ଚାଲି ଚାଲି ଥକି ପଡ଼ିଥିବୁ । ଖାଇଦେଇ ସାରିବା ପରେ ଅଝାଲଙ୍କ ଭଳି ବିଛଣାରେ ଶୋଇଯିବୁ ।

ରାତି ଅଧିକ ବହଳ ହେଉଥିବ । ଚାଳରୁ ବର୍ଷାପାଣି ଟପ୍‌ଟପ୍ ତଳକୁ ଖସୁଥିବ । ଭେଡ଼ା ବିଲରୁ ବେଙ୍ଗମାନଙ୍କ କେଁ କଟର ଶବ୍ଦ ଶୁଭୁଥିବ । ମୋ' ଆଖି ଲାଗି ଯାଉଥିବ ।

ନରିମାଷ୍ଟର ଗୀତ, ଢଗ, ପହଳି ଆଉ ସେ କୁନି ଝିଅ ମୋ' ସ୍ୱପ୍ନରେ ଆସୁଥିବେ । ମୋ' ଛାତିରେ ଗୋବରୀର ଛୋଟ ଛୋଟ ଢେଉ ପିଟି ହେଉଥିବ । ଗୋବରୀ ଗୁଣୁଗୁଣାଉଥିବ ।

9

ଦୁର୍ଗାପୂଜା ଛୁଟି ହେବାକୁ ସପ୍ତାହେ ବାକି ଥିବ । ଆମେସବୁ ଛୁଟିମନସ୍କ ହୋଇ ଯାଇଥିବୁ । ସ୍କୁଲରେ ପାଠ ପଢ଼ାରେ ଆଉ ମନ ଲାଗୁ ନଥିବ । ଦୁର୍ଗାପୂଜାରେ କିଏ କୋଉଠିକୁ ବୁଲିଯିବ, ତା'ର ଏକ ଯୋଜନା ପ୍ରସ୍ତୁତି କରିଦେଇଥିବୁ । ମୋର ମାମୁଁଘରକୁ ଯିବାଟା ଥୟ ହୋଇଥିବ ।

ଛୁଟି ହେବା ପୂର୍ବରୁ ଆଈ ଆମ ଘରକୁ ଆସିଥିବ । ଦୁର୍ଗାପୂଜା ବୁଲାଇବାକୁ ମୋତେ ସାଙ୍ଗରେ ତାଙ୍କ ଗାଁକୁ ନେଇଯିବ । ମାମୁଘରକୁ ଯିବା ପାଇଁ ମୁଁ ଗୋଡ଼ କାଢ଼ି ବସିଥିବି ।

ମୋ' ମାମୁଘର ଗାଁ ମହାକାଳପଡ଼ାରେ । ସେଠି ବି ଗୋବରୀ ନଈ ବହୁଥାଏ । ମହାକାଳପଡ଼ାର ଟିକେ ଆଗକୁ ଜମ୍ବୁଦ୍ୱୀପ ଓ ଆଉ ଟିକେ ଆଗକୁ ସମୁଦ୍ର । ମୋ' ଅଜା ଓ ମାମୁମାନେ ଡଙ୍ଗାରେ ଜମ୍ବୁ ଦ୍ୱୀପକୁ ଝାର କରିବାକୁ ଯାଆନ୍ତି ।

ମୋ' ଆଈ ଦେଖିବାକୁ ବଗ ଭଳି ଧଳା । ଆଉ ବଗ ଭଳି ଡେଙ୍ଗୀ ବି । ମୋ' ଆଈ

ବଗ ଭଳି ଲମ୍ବା ଲମ୍ବା ଗୋଡ଼ ଦି'ଟାରେ ଏତେ ଜୋର୍‌ରେ ଡଗ ଡଗ ହୋଇ ଚାଲୁଥାଏ ଯେ, ମୁଁ ତା' ସହ ଚାଲି ପାରେନା । ଧଇଁସଇଁ ହୋଇଯାଏ । ମୁଁ ତା' ସହ ଏକ ପ୍ରକାର ଦଉଡୁଥାଏ କହିଲେ ଚଳେ ।

ପିଲାଦିନେ ମୁଁ ଆଈ ସହ ମହାକାଳପଡ଼ା ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଯାଏ । ସେତେବେଳେ କୋଉ ଗାଡ଼ି ମୋଟର ଥିଲା କି ? ଆମେସବୁ ବନ୍ଧୁବାନ୍ଧବ ଘର, ମାମୁଘର, ମାଉସୀଘର, ପିଉସୀଘର, ସୋରିଆ ନାନୀର ନୂଆବୋଉ ଗାଁକୁ ପାଦରେ ଚାଲି ଚାଲି ଯାଉଥିଲୁ ।

ଆଈ ଆମ ଘରକୁ ଆସିଲେ, ବାପା ତା' ପାଇଁ ଶାଗୁଆତି କରିବେ । ଓଃ, ବାପାଙ୍କ ହାତରନ୍ଧା ଶାଗୁଆତି ଝୋଳର ବାସ୍ନା ଖଣ୍ଡମଣ୍ଡଳ ଯାଏ ଚହଟି ଯାଉଥିବ । ଶାଗୁଆତି କହିଲେ, ଖାସି ମାଂସ ତର୍କାରୀ ବୋଲି ସେତେବେଳକୁ ମୁଁ ଭଲକରି ବୁଝି ସାରିଥାଏ ।

ବାପା ନିଜେ ମାଟି ହାଣ୍ଡିରେ ମାଂସ ରାନ୍ଧିବେ । ବୋଉ ବଡ଼ ବଡ଼ ଗୋଲାଆଳୁକୁ ଦି' ଫାଳ କରି କାଟିବ । ବାପା ସେ ଗୋଲାଆଳୁକୁ ନାଲି ପଡ଼ିବା ପର୍ଯ୍ୟନ୍ତ ତେଲ କଡ଼େଇରେ ଭଲ କରି ଭାଜିବେ ।

ଆଃ, ଶାଗୁଆତି ଝୋଳରେ ପଡ଼ିଥିବା ସେ ଫାଳିକିଆ ଗୋଲାଆଳୁକୁ ଚକଟି ହାପୁଡ଼ିଦେଲେ ମନ ଭରିଯାଏ । ପୁଣି ପରଦିନ ସକାଳୁ ସକାଳୁ ପଖାଳ ସାଙ୍ଗରେ ବାସି ମାଂସ ଝୋଳ ଖାଇ ଆମେ ସ୍କୁଲକୁ ବାହାରି ପଡୁଥିବୁ ।

ଆଈ ପାଇଁ ବାପା ଗାଁରେ ସ୍ୱତନ୍ତ୍ର ଭାବେ ଖାସି କଟାଇବାର ବନ୍ଦୋବସ୍ତ କରିବେ । ସେତେବେଳେ ଗାଁର ସାତ ଆଠ ଘର ମିଶିଗଲେ ଗୋଟିଏ ଖାସି କଟାଯାଉଥିଲା । ଯେଉଁମାନେ କଲିକତାରେ ଚାକିରିବାକିରି କରିଥାନ୍ତି, ସେମାନେ ପ୍ରାୟ ଦୁର୍ଗାପୂଜା ବେଳକୁ ଗାଁକୁ ବୁଲି ଆସିଥାନ୍ତି । ପ୍ରାୟ ସେଇ କଲିକତିଆମାନେ ହିଁ ଘରକୁ ମାଂସ ନିଅନ୍ତି । ନ ହେଲେ ଗରିବ ଲୋକଙ୍କ ପାଇଁ ଖାସିମାଂସ ସାତ ସପନ । ସେମାନେ ଖାଲି ମାଂସ ତର୍କାରୀର ବାସ୍ନା ଶୁଂଘି ଶୁଂଘି ଆତୁର ହୁଅନ୍ତି । କଷ୍ଟ ପାଆନ୍ତି ।

ଗାଁରେ ଖାସି କାଟିବା ପାଇଁ ଜରିଆର ପଠାଣ ସଲା ମିଆଁକୁ ଖବର ଦିଆଯାଏ । ଆମ ଅ*ଳରେ ଯେତେ ଖାସି କଟାଯାଏ, ସବୁବେଳେ ସେ ପଠାଣ ବୁଢ଼ା ସଲା ମିଆଁ ହିଁ ଆସେ ।

ମିଆଁବୁଢ଼ା ଠୁକୁ ଠୁକୁ ହୋଇ ବିଡ଼ି ଖଣ୍ଡେ ପାଟିରେ ପୂରେଇ ସାଙ୍ଗରେ ଛୁରୀ, କଟୁରୀ, ଭୁଜାଲି ଧରି ସକାଳ ନଅଟା ସୁଦ୍ଧା ଆସି ଆମ ଗାଁରେ ପହଁଚିଯାଏ । ଆମ ଗାଁମୁଣ୍ଡ ସାହାଡ଼ା ଗଛ ମୂଳେ ଖାସି କଟାଯାଏ ।

ମିଆଁବୁଢ଼ା ଖାସିର ବେକକୁ କାଟି ଦେଲାପରେ କଟାମୁଣ୍ଡକୁ ଅଲଗା କଦଳୀ ପତ୍ରରେ ରଖେ । ମୁଣ୍ଡବିହୀନ ଖାସିର ଶରୀରକୁ ସାହାଡ଼ା ଗଛରେ ଓହଳେଇ ଦିଏ । ତା'ପରେ ସେ

ହାତକୁ ମୁଠାକରି ଖାସିରୁ ଚମଡ଼ା ଉତାରେ । ଖାସିର ଆଗ ଫଡ଼ିଆ, ପଛ ଫଡ଼ିଆ, ସିନା, ଗର୍ଦ୍ଦନ, ଚର୍ବି, କଲିଜା, ଗୁର୍ଦା ଆଦି ବାହାର କରି କଦଳୀ ପତ୍ରରେ ସଜେଇ ରଖେ । ମାଂସ କଟାଗଲା ପରେ କଦଳୀ ପତ୍ରରେ ଭାଗ ଭାଗ କରାଯାଏ ।

ବାପା, ଆମ ଘର ପାଇଁ ଦୁଇ ଭାଗ ଆଣନ୍ତି । ଆଇର କଲିଜା ପସନ୍ଦ ଥିବାରୁ ବାପା ଟିକେ ଅଧିକ କଲିଜା ଆଣିଥିବେ ।

ମୋ' ଆଇ ସେତେବେଳେ ଖାସି ମାଂସ ଖାଉଥିଲା । ଆଇ ଟିକେ ଆଧୁନିକ ଥିଲା । କିନ୍ତୁ ମୋ' ବୋଉର ଭାରି ଚାରବାର । ମାଂସ ତ ଦୂରର କଥା ଅଣ୍ଡା କି ମାଛ ବି ଛୁଏଁନା ।

ରଜ, ଦୁର୍ଗାପୂଜା, ଧାନକଟା ଛୁଟି ସମୟରେ ଆଇ ଆମ ଘରକୁ ଆସିବ । ମୋତେ ତା' ସହ ମାମୁଘରକୁ ନେଇଯିବ । ମାମୁଘର ଯିବା ପାଇଁ ମୋ' ମନ ଖାଲି ଛକଛକ ହେଉଥିବ । କାରଣ ମାମୁଘରେ ଅଜା ଥା'ନ୍ତି । ଅଜା ହିଁ ମୋର ଆକର୍ଷଣ ।

ଅଜାଙ୍କଠାରୁ ମୁଁ ନଈ କାହାଣୀ, ସାଧବପୁଅ କାହାଣୀ, ସମୁଦ୍ର କାହାଣୀ, ଜମ୍ମୁ, ହୁକିଟୋଲା ବନ୍ଦର କାହାଣୀ ଶୁଣେ । ସେସବୁ କାହାଣୀ ମୋତେ ଭାରି ଭଲ ଲାଗେ । ମୁଁ ରୋମାଂଚିତ ହୁଏ ।

ମୋ' ଆଇ ଖୁବ୍ ସୁସ୍ଥ ସବଳ ଥିଲା । ତାକୁ କେବେ ବି ରୋଗ ବଇରାଗ ହେବାର ମୁଁ ଦେଖି ନଥିଲି । ସେ କେବେ ବିଛଣାରେ ପଡ଼ି ରହେନି କି ଅନ୍ୟ ବୁଢ଼ାବୁଢ଼ୀଙ୍କ ଭଳି କୁନ୍ଥାଏନି ।

ମୋ' ଆଇ ଶିକ୍ଷିତ ଆଉ ଆଧୁନିକ ଥିଲା । ସେ ମଠା ଶାଢ଼ୀ ସାଙ୍ଗକୁ ବ୍ଲାଉଜ୍ ପିନ୍ଧୁଥିଲା । ଆଖିରେ ଚଷମା ଦେଉଥିଲା । ବିନା ଚପଲରେ ବାଟ ଚାଲୁ ନଥିଲା ।

ଆଇ ବ୍ଲାଉଜ୍ ଆଉ ଚଷମା ପିନ୍ଧୁଥିଲା ମାନେ, ସେ କେତେ ମାତ୍ରାରେ ଆଧୁନିକ ଥିଲା ଆପଣମାନେ ଏଇଥିରୁ ଜାଣି ପାରୁଥିବେ । କାରଣ ସେତେବେଳକୁ ଗାଁଗହଳିର ଭୁଆଶୁଣୀମାନେ ବ୍ଲାଉଜ ପିନ୍ଧିବା ସ୍ୱପ୍ନ ଭଳି ଲାଗୁଥିଲା । କାଁଭାଁ ଶିକ୍ଷିତ ଭଦ୍ର ଘରର ସ୍ତ୍ରୀଲୋକମାନେ ବ୍ଲାଉଜ୍ ପିନ୍ଧୁଥିଲେ ଆଉ ପାଦରେ ଚପଲ ବ୍ୟବହାର କରୁଥିଲେ ।

ମହାକାଳପଡ଼ାରେ ସରକାରୀ ଡାକ୍ତରଖାନା ଥିବାରୁ ଆଇର ଔଷଦପତ୍ର ବାବଦରେ ଭଲ ଜ୍ଞାନ ଥାଏ । ଆଇ ଆମ ଗାଁକୁ ଆସିଲାବେଳେ ସାଥୀରେ ଅନେକ ପ୍ରକାର ବଟିକା, ସିରଫ, ତୁଳା, ଗଜ୍ କପଡ଼ା, ଗୋଡ଼ହାତ କଟା ମଲମ ଆଦି ଆଣିଥାଏ ।

ଆମ ଗାଁରେ କାହାକୁ ଜ୍ୱର ହୋଇଥିଲେ ଆଇ କହିବ- "ପାରାସିଟାମଲ୍ ଦିଅ ।" କାହାକୁ କମ୍ପ ହେଉଥିଲେ ଆଇ କହିବ- "କୁଇନାଇନ୍ ବଟିକା ଦିଅ । ମୁଣ୍ଡରେ ପାଣି ପଟି ପକାଅ ।" କାହାର ଦେହହାତ ଘୋଳାବିନ୍ଧା ହେଉଥିଲେ ଆଇ କହିବ- "ଷ୍ଟୋପାକ୍ ଦିଅ ।"

କାହାର ଗୋଡ଼ କି ହାତ କଟି ଯାଇଥିଲେ ଆଈ ବେଟାଡିନ୍ ମଲମ ଲଗାଇ ଦିଏ । ଜ୍ୱର କମୁ ନଥିଲେ ଆଈ ମୁଣ୍ଡରେ ପାଣି ପଟି ପକାଇ ଦିଏ ।

ମୋ ଆଈକୁ ଆମ ଗାଁ ଲୋକେ ଡାକ୍ତରାଣୀ ବୁଢ଼ୀ ଡାକନ୍ତି । କାରଣ ଆଈ ଆମ ଗାଁକୁ ଆସିଲେ ସାଥୀରେ ମେ*ାଏ ଔଷଦପତ୍ର ଧରି ଆସିଥିବ ।

ମୋ' ଆଈ ଆମ ଗାଁକୁ ଆସିଲେ ଆମ ଗାଁ ସୁନାମେଣ୍ଢିର ଔଷଦ ବେପାର ମାଡ଼ ଖାଏ । ସେ ସୁନାମେଣ୍ଢି ବି ଆଉ ଗୋଟିଏ କାହାଣୀ ।

ସୁନାମେଣ୍ଢିର ବାପା ଶୁକଦେବ ପ୍ରଧାନ କଲିକତାରେ ଚଟକଳରେ କାମ କରୁଥିଲା । ବୁଢ଼ା ଶୁକଦେବ ପ୍ରଧାନର ଅଠର ପୁଅ । ସୁନାମେଣ୍ଢି ଥିଲା ବଡ଼ । ସୁନାମେଣ୍ଢି ଏଡିକି ବକଟେ ହୋଇଥିବାବେଳେ ତା' ବୋଉ ମରିଗଲା । ପ୍ରଥମ ସ୍ତ୍ରୀ ମରିଗଲା ପରେ ଶୁକଦେବ ପ୍ରଧାନ ଦ୍ୱିତୀୟ ସଂସ୍ଥା କଲା ।

ସୁନାମେଣ୍ଢି ଶୁକଦେବ ବୁଢ଼ାର ପ୍ରଥମ ସଂସ୍ଥାର ପୁଅ ବୋଲି ବାପା କହନ୍ତି । ଅନ୍ୟ ସତର ଭାଇମାନେ ଶୁକଦେବ ବୁଢ଼ାର ଦ୍ୱିତୀୟ ସଂସ୍ଥାର । କେଜାଣି, ଏ ପ୍ରଥମ ସଂସ୍ଥା, ଦ୍ୱିତୀୟ ସଂସ୍ଥା କ'ଣ ମୁଁ ସେତେବେଳକୁ ବୁଝି ନଥିଲି । ଖାଲି ଏତିକି ଜାଣିଥିଲି, ସୁନାମେଣ୍ଢି ଶୁକଦେବ ବୁଢ଼ୀର ସାବତ ପୁଅ ।

ଥରେ ବାପାଙ୍କୁ ପଚାରିଲି- "ବାପା, ଏ ପ୍ରଥମ ସଂସ୍ଥା, ଦ୍ୱିତୀୟ ସଂସ୍ଥା କ'ଣ ?"

ବାପା ହସିହସି କହିଲେ- "ତୁ ପିଲାଲୋକ ବୁଝି ପାରିବୁନି ।"

ମୋ' ମନରେ କିନ୍ତୁ ଏ ପ୍ରଥମ ସଂସ୍ଥା ଓ ଦ୍ୱିତୀୟ ସଂସ୍ଥାକୁ ନେଇ କୌତୁହଳ ସୃଷ୍ଟି ହୋଇଥିଲା । ମୁଁ ଏ ବିଷୟରେ ହାଡ଼ିଆ ଭାଇଙ୍କୁ ପଚାରିବାରୁ ସେ ମୋତେ ବୁଝାଇ ଦେଇଥିଲେ । ପ୍ରଥମ ସଂସ୍ଥା ମାନେ ପ୍ରଥମ ସ୍ତ୍ରୀ । ଆଉ ଦ୍ୱିତୀୟ ସଂସ୍ଥା ମାନେ ପ୍ରଥମ ସ୍ତ୍ରୀ ମରିଗଲା ପରେ ଯିଏ ପୁଣି ଥରେ ବାହା ହୁଏ । ହାଡ଼ିଆ ଭାଇର ଏସବୁ ବିଷୟରେ ପ୍ରବଳ ଜ୍ଞାନ ।

ଶୁକଦେବ ପ୍ରଧାନ କଲିକତା ଚଟକଳରେ କାମ କରୁଥିଲେ ମଧ୍ୟ ଏତେବଡ଼ ପରିବାର ଚଳେଇବା ଭାରି କଷ୍ଟକର ହୋଇପଡ଼େ । ଘରେ ଖାଇବା, ପିଇବାର ଭାରି ଅଭାବ । ଅଠର ପୁଅ, ଦାଦା, ବଡ଼ାପା, ଭାଇ, ଭଉଣୀ ପଲଟଣକୁ ପୋଷିବା ଶୁକଦେବ ପ୍ରଧାନ ପାଇଁ କାଠିକର ପାଠ ହୋଇ ପଡ଼େ ।

ଏଇଠି ମନକୁ ପ୍ରଶ୍ନଟିଏ ଆସେ, ଶୁକଦେବ ପ୍ରଧାନର ବଡ଼ ପୁଅର ନାଁ ସୁନାକର ପ୍ରଧାନ ନ ହୋଇ ସୁନାକର ମେଣ୍ଢି ବା ସଂକ୍ଷେପରେ ସୁନାମେଣ୍ଢି କାହିଁକି ହେଲା ?

ସୁନାକର ଓରଫ ସୁନାମେଣ୍ଢି ପିଲାଦିନେ ଭାରି ଡଉଲ ଡାଉଲ ଗେଧ ଭଳି ହୋଇଥିଲା । ତା' ମୁଣ୍ଡର ଚୁଟିଗୁଡ଼ା ମେଣ୍ଢାରୁମ ଭଳି ଟାଆଁସିଆ ଆଉ ଜଟା ଜଟା ହୋଇଥିଲା । କୁ*କୁ*କିଆ ଚୁଟିଗୁଡ଼ିକ କଏନ୍ ଭଳି ମୋଡ଼ି ହୋଇଥାଏ । ପିଲାଦିନେ ମେଣ୍ଢା ଭଳି ଦିଶୁଥିବାରୁ

ଗାଁଲୋକେ ତାକୁ ସୁନାମେଣ୍ଢି ବୋଲି ଡାକିଲେ ।

ସୁନାମେଣ୍ଢି ଦେଖିବାକୁ ସୁଉଦୁ କାଳିଆ ଭୂଆଁଟା । କିନ୍ତୁ ଶୁକଦେବ ବୁଢ଼ାର ପଛ ସଂସ୍ଥାର ସତର ପୁଅମାନେ ଗୋରା ଥିଲେ । କାରଣ ଶୁକଦେବ ପ୍ରଧାନର ପଛ ସ୍ତ୍ରୀଟା ଗୋରୀ ଆଉ ସୁନ୍ଦରୀ ଥିଲା ।

ସୁନାମେଣ୍ଢିର ଔଷଦପତ୍ର ବାବଦରେ ଅଳ୍ପ କିଛି ଜ୍ଞାନ ଥାଏ । ସେ କେନ୍ଦ୍ରାପଡ଼ା, ପଟାମୁଣ୍ଡେଇ କିମ୍ବା କୋଉ ସରକାରୀ ମେଡିକାଲରୁ ମାଗଣା ଔଷଦ, ଡାକ୍ତରଙ୍କୁ ତେଲେଇ ତାଲେଇ ସାମ୍ପୁଲ୍ ମେଡିସିନ୍ ନେଇ ଆଣେ । ତାକୁ ଆମ ଗାଁର ଗଜମୂର୍ଖଙ୍କୁ ଚଢ଼ା ଦରରେ ବିକେ ।

ଔଷଦ ବେପାର କରି ସୁନାମେଣ୍ଢି ତା' ପରିବାର ଚଳାଏ । ସୁନାମେଣ୍ଢିର ଔଷଦ ବେପାର କଥା ଶୁଣିଲେ ଆପଣମାନେ ମୁଣ୍ଡରେ ହାତ ଦେଇ ବସିବେ ।

ଧରାଯାଉ ତମ ପାଖରେ ଆଠ'ଣା ପଇସା ଅଛି । ତମ ମା'କୁ କି ବାପାକୁ ଜ୍ୱର କମ୍ପ ହେଉଛି । ତମେ ସୁନାମେଣ୍ଢି ପାଖକୁ ଯିବ । ସୁନାମେଣ୍ଢି କିନ୍ତୁ ତମକୁ ନିରାଶ କରିବନି । ଆଠ'ଣାରେ ଫାଳେ ବଟିକା ଦବ । ଟଙ୍କାଟା ନେଇ ତା' ପାଖକୁ ଗଲେ ଦୁଇଫାଳ ବା ଗୋଟିଏ ବଟିକା ଦବ । ଦେଢ଼ ଟଙ୍କା ନେଇ ଗଲେ ତିନିଫାଳ ବଟିକା ଦବ । ତମ ପାଖରେ ପଇସାକୁ ଦେଖି ସୁନାମେଣ୍ଢି ସେହି ଅନୁସାରେ ଔଷଦ ଦବ ।

ମୋ' ଆଈ ସୁନାମେଣ୍ଢିର ଏଭଳି ମାରାତ୍ମକ ଔଷଦ କାରବାରକୁ ଦେଖି ଭାରି ଚିଡ଼େ । ଗାଁର ସବୁଲୋକଙ୍କୁ ସରକାରୀ ଡାକ୍ତରଖାନା ଯିବାକୁ ଆଈ ବୁଝାଏ । ସେତେବେଳେ କୋଉ ଆଜିକାଲିକା ଭଳି ମେଡିକାଲ ସୁବିଧା ଥିଲା କି ? ନିହାତି ବଡ଼ ରୋଗ ନ ହେଲେ କେନ୍ଦ୍ରାପଡ଼ା କି କଟକ ବଡ଼ ଡାକ୍ତରଖାନାକୁ ଯିବାକୁ ନ ପଡ଼େ । ଜ୍ୱର, ଝାଡ଼ା, ବାନ୍ତି, ମୁଣ୍ଡବିନ୍ଧା, ଦାନ୍ତବିନ୍ଧାକୁ ମେଣ୍ଢି ବଟିକା ଭରସା ।

ସୁନାମେଣ୍ଢି ବି ବେଳେବେଳେ ବଟିକା ଦେଇ ପଇସା ବଦଳରେ ଧାନ, ଚାଉଳ, ମୁଗ, ବିରି, କୋଳଥ, ମାଣ୍ଡିଆ ଆଦି ନିଏ । ଶେରେ ଚାଉଳକୁ ଦୁଇ ଫାଳ ବଟିକା କିମ୍ବା ଡୁବାଏ ମୁଗକୁ ଚାରି ଫାଳ ବଟିକା ଦିଏ ସୁନାମେଣ୍ଢି ।

ସେତେବେଳକୁ ଆମ ଗାଁ ଏକ ନିପଟ ମଫସଲୀ ଜଳବନ୍ଦୀ ଅ*ଳ । ଗାଁ ଚାରିପଟେ ଗୋବରୀ ନଈ ବହୁଥାଏ । ଗାଁକୁ ରାସ୍ତାଘାଟ କି ପୋଲ ନଥିବାରୁ କେନ୍ଦ୍ରାପଡ଼ା କି ପଟାମୁଣ୍ଡେଇ ଯିବା ବି ବହୁ କଷ୍ଟକର ହୋଇଥାଏ । ଏଭଳି ସ୍ଥିତିରେ ଡାକ୍ତରଖାନା କଥା କିଏ ବା ଚିନ୍ତା କରେ ?

ଆମ ଗାଁ ଲୋକେ ଡାକ୍ତର, ବଇଦ କ'ଣ ଜାଣୁ ନଥିଲେ । ଜ୍ୱର, ଝାଡ଼ାବାନ୍ତି ହେଲେ ଝଡ଼ାଫୁଙ୍କା ଉପରେ ଭରସା କରୁଥିଲେ । ହଇଜା ବ୍ୟାପିଲେ ଠାକୁରାଣୀ କୋପ କରିଛନ୍ତି ବୋଲି ବିଶ୍ୱାସ କରୁଥିଲେ । ବସନ୍ତ, ହାଡ଼ଫୁଟି ଆଉ ମିଳିମିଳା ଭଳି ରୋଗ ମଧ୍ୟ ଠାକୁର,

ଠାକୁରାଣୀଙ୍କ ଯୋଗୁଁ ହେଉଛି ବୋଲି ମାନି ନେଉଥିଲେ ।

ଗୋଟିଏ ପଟେ ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସ ଆଉ ଗୋଟିଏ ପଟେ ସୁନାମେଣ୍ଢି ଭଳି ଅପାଠୁଆ କ୍ୱାକ୍ ହାତରେ ଆମ ଗାଁର ସ୍ୱାସ୍ଥ୍ୟସେବା ନିର୍ଭର କରୁଥାଏ ।

ଆମ ଗାଁର ଲୋକମାନଙ୍କୁ ସରଳ ଓ ମୂର୍ଖ ବୋଲି କୁହାଯାଇ ପାରିବ । ଏହା ଜାଣି ସୁନାମେଣ୍ଢି ସେମାନଙ୍କୁ ଠକୁଥିଲା । ଅବଶ୍ୟ ସୁନାମେଣ୍ଢିର ଏ କାମକୁ ଠକିବା ବୋଲି କହିହେବନି । କାରଣ ସୁନାମେଣ୍ଢି ନିଜେ ବି ଜଣେ ଗରିବ ଥିଲା ଏବଂ ସେ ଅନ୍ୟ ଗରିବ ଲୋକଙ୍କୁ ଅଳ୍ପ ପଇସାରେ ଅଳ୍ପ ଔଷଦ ବିକୁଥିଲା । ଏଣୁ ମୋ' ମତରେ ସୁନାମେଣ୍ଢି କାହାକୁ ଠକୁ ନଥିଲା । ସୁନାମେଣ୍ଢି ଔଷଦ ବେପାର କରି କୋଠାଘର କରିବାକୁ କିମ୍ବା ଜମିବାଡ଼ି କିଣିବାକୁ ଚାହୁଁ ନଥିଲା । କେବଳ ଦୁଇ ଓଳି ଦୁଇମୁଠା ଭାତ ଖାଇବାକୁ ସୁନାମେଣ୍ଢି ଏ ଔଷଦ ବେପାର କରୁଥିଲା ।

ଆଈ ଯେବେ ଗାଁକୁ ଆସେ ସାଥୀରେ ମେ*ାଏ ଔଷଧପତ୍ର ଧରି ଆଣିଥାଏ । ଆଈକୁ ଦେଖି କାହାର ମୁଣ୍ଡବିନ୍ଧା ବାହାରିପଡ଼େ ତ କାହାର ଥଣ୍ଡାସର୍ଦ୍ଦି, ଛିଙ୍କ, ଜରକାଶ ଆରମ୍ଭ ହୋଇଯାଏ । ଆଈ ଆମଘରେ ଯେତେଦିନ ରହେ, ଆମଘର ଗୋଟିଏ ଛୋଟକାଟର କ୍ଲିନିକ୍ ପାଲଟିଯାଏ ।

ଆମଘରେ ସପ୍ତାହେ ଖଣ୍ଡେ ରହିବା ପରେ ଆଈ ତା' ଗାଁକୁ ଫେରିବ । ମୋତେ ତା' ସାଙ୍ଗରେ ମାମୁଘରକୁ ନେଇଯିବ । ମୁଁ ନୂଆ ସାର୍ଟପେ[ପିନ୍ଧି ଆଈ ସହ ବାହାରି ପଡ଼େ ମାମୁଘର ।

ଆମ ଗାଁରୁ ସକାଳୁ ସକାଳୁ ବାହାରିଲେ ସଞ୍ଜକୁ ଯାଇ ମହାକାଳପଡ଼ାରେ ପହ*ୁଁ । ଆମେ ଆମ ଗାଁ ଛାଡ଼ି ହୀରାବାଙ୍କ ଭେଡ଼ା ଦେଇ ପ୍ରଥମେ ଓଳିହା ଗାଁରେ ପହ*ୁଁ । ଆଈର ବାପଘର ଓଳିହାରେ ।

ଆଈ ତା' ବାପଘରେ କିଛି ସମୟ ବିଶ୍ରାମ କରେ । ସେଠି ଆଈର ଭାଉଜମାନେ ଆଈର ଗୋଡ଼ହାତ ଘସାମୋଡ଼ା କରି ଦିଅନ୍ତି ।

ଆଈର ବାପଘରେ ଆମେ ଭାତ, ଗୋବରୀ କଙ୍କଡ଼ା ଝୋଳ ଖାଇ ଟିକେ ଦମ୍ ମାରି ପୁଣି ମହାକାଳପଡ଼ା ଅଭିମୁଖେ ବାହାରି ପଡୁ ।

ଆମେ କେବେ କେବେ ବାଙ୍କିଛନ୍ଦା ଘାଟ ପାରି ହୋଇ ମହାକାଳପଡ଼ା ଯାଉ ତ କେବେ କେବେ ଚଢ଼େଇଗାଁ ଆଉ ପୁଣି କେତେବେଳେ ଚଣ୍ଡିଆପଲ୍ଲୀ ଘାଟ ପାରି ହୋଇ ମାମୁଘର ଯାଉ ।

ବାଙ୍କିଛନ୍ଦା ଘାଟ ପାରି ହେବାକୁ ଭାରି ବିଳମ୍ବ ହୁଏ । କାରଣ ଏଠି ଗୋବରୀ ନଈର ତିନି ପାର୍ଶ୍ୱରେ ତିନିଟି ଘାଟ ଥାଏ । ଗୋଟିଏ ପଟେ ବାଙ୍କିଛନ୍ଦା ଘାଟ, ଅନ୍ୟ ପଟେ ରାଜଗଡ଼ ଘାଟ ଓ ଆଉ ଗୋଟିଏ ପଟେ ଜାଲକଣା ଘାଟ ।

ବାଙ୍କିଛନ୍ଦା ଘାଟ ପଟୁ ଥରେ ଡଙ୍ଗା ଛାଡ଼ିଲା ମାନେ ଅନେଇ ଥା ଗୋଟିଏ ଯୁଗ । ଡଙ୍ଗା ବାଙ୍କିଛନ୍ଦା ଘାଟରୁ ଯାଇ ପହିଁ*ବ ରାଜଗଡ଼ ପଟେ । ସେପଟେ ଅପେକ୍ଷା କରିଥିବା ଲୋକଙ୍କୁ ଆଣି ତା'ପରେ ଯିବ ଜାଲକଣା ପଟକୁ । ତା' ପରେ ଜାଲକଣା ପଟୁ ଲୋକଙ୍କୁ ଆଣି ପୁଣି ଫେରିବ ବାଙ୍କିଛନ୍ଦା ଘାଟକୁ । ଇଏ ଗୋଟିଏ ବେଳାର କାମ ।

ଏହି କାରଣରୁ ଆଈ ବାଙ୍କିଛନ୍ଦା ଘାଟ ପାରି ହେବାକୁ ମନ ବଳାଏନା । ମୁଁ ବେଳେବେଳେ ଜିଦ୍ କରିବାରୁ ଆଈ ବାଧ୍ୟ ହୋଇ ବାଙ୍କିଛନ୍ଦା ଘାଟ ପାର ହୁଏ । ନ ହେଲେ ବେଶି ସମୟ ଆମେ ଚଣ୍ଡିଆପଲ୍ଲୀ ଘାଟ ପାରି ହୋଇ ମାମୁ ଘରକୁ ଯାଉ ।

ମାମୁ ଘରେ ପହିଁ*ଗଲା ପରେ ମୁଁ ଖୋଲା ଆକାଶର ବିହଙ୍ଗ ପାଲଟିଯାଏ । ମୋ' ପିଠିରେ ଡେଣା ଲାଗିଯାଏ । ମୁଁ ଆକାଶରେ ଉଡ଼ିବା ଆରମ୍ଭ କରେ । ସେତେବେଳେ ମୁଁ ଆଉ ଇନ୍ଦ୍ରଚନ୍ଦ୍ର ମାନେନା ।

ମାମୁ ଘରେ ଅଜା ଥା'ନ୍ତି । ଅଜା ହେଉଛନ୍ତି କାହାଣୀ ଆଉ ଗପର ଭଣ୍ଡାର । ଏଣୁ ମୁଁ ଅଜାଙ୍କ ପାଖ ଛାଡ଼େନା ।

ଆଈ ବି ମୋତେ ଗପ କହେ । ଆଈ କିନ୍ତୁ ପୁରାଣ କାହାଣୀ କହେ । ଆଈ ମୋତେ ରାମ, ସୀତା, ପାଣ୍ଡବ, କୌରବ କାହାଣୀ କହେ । ଅଜା ମୋତେ ଆମ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା, ସାଧବ, ଗୋବରୀ ନଈ, ଜମ୍ବୁ, ବତୀଘର, ହୁକିଟୋଲା, ଫଲ୍‌ସ ପଏ[ବନ୍ଦର, ଦରିଆ ରାମଚଣ୍ଡୀ ଓ ତାଙ୍କ ଝାର କାରବାର ନେଇ ବହୁତ କାହାଣୀ କୁହନ୍ତି ।

ମହାକାଳପଡ଼ାରୁ ଜମ୍ବୁଦ୍ୱୀପ ମାତ୍ର ପା* କୋଶ ବାଟ । ଜମ୍ବୁଦ୍ୱୀପର ଆଗକୁ ସମୁଦ୍ର । ମୁଁ ଅନେକ ଥର ଅଜା ଓ ମାମୁଙ୍କ ଡଙ୍ଗାରେ ଜମ୍ବୁ, ଫଲ୍‌ସ ପଏ[ବନ୍ଦର ଓ ବତୀଘର ଯାଇଛି ।

ଅଜା ଓ ମାମୁମାନେ ଜମ୍ବୁ ଦ୍ୱୀପକୁ ଝାର କରିବାକୁ ଯାଉଥିଲେ । ଗୋବରୀ ନଈ ସେତେବେଳେ ଯାତାୟାତର ମାଧ୍ୟମ ଥିଲା । ଯଦିଓ ଜମ୍ବୁ ପର୍ଯ୍ୟନ୍ତ ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତା ଫିଟିଥିଲା, ତଥାପି ସେ ରାସ୍ତା ଦେଇ ସେତେବେଳେ ଏତେ ପରିମାଣରେ ଗାଡ଼ିଘୋଡ଼ା ଯା'ଆସ କରୁ ନଥିଲା ।

ଗୋଟିଏ ଦଦରା କ୍ୟା[ର ଗାଡ଼ି କେନ୍ଦ୍ରାପଡ଼ାରୁ ରାମନଗର ପର୍ଯ୍ୟନ୍ତ ଯିବାଆସିବା କରୁଥିଲା । ସେ ଗାଡ଼ିର ନାମ ଥିଲା 'ରାମଧଡ଼ା' । ସେ ଗାଡ଼ିଟା ଏତେ ଜୋର୍‌ରେ ଗର୍ଜନ କରି କଳା ଧୂଆଁ ଛାଡ଼ି ଆସେ ଯେ, ତା' ଶବ୍ଦ ଶୁଣି ଲୋକେ ବିରକ୍ତି ହୋଇ କୁହନ୍ତି- "ହେଇ ରାମଧଡ଼ା ଆସିଲା, କାନ, ନାକ ବନ୍ଦ କରିଦିଅ ।"

ଆମେସବୁ ମହାକାଳପଡ଼ା କେନାଲ ଗୋଡ଼ାକୁ ଯାଇ ସେ ରାମଧଡ଼ାକୁ ଅପେକ୍ଷା କରିଥିବୁ । ରାମଧଡ଼ା କେନାଲ ଗୋଡ଼ାରେ କିଛି ସମୟ ରହିବ । ମୁଁ ସେ ରାମଧଡ଼ା ଉପରକୁ ଉଠିଯାଇ ଭଙ୍ଗା ସିଟ୍‌ରେ କିଛି ସମୟ ପାଇଁ ବସି ପଡ଼ିବି । ପ୍ରଥମ କରି ଅତି ପାଖରୁ ଫଟଫଟିଆ ଗାଡ଼ି ଦେଖୁଥିବାରୁ ଖୁସିରେ ଆତ୍ମହରା ହୋଇ ପଡୁଥିବି ।

ରାମଧଡ଼ା ପଁ ପଁ କରି ହର୍ଣ୍ଣ ମାରିବ । ଆମେ ଜାଣିବୁ, ରାମଧଡ଼ା ଛାଡ଼ିବା ସମୟ ହୋଇଗଲା । ଆମେ ଗାଡ଼ିରୁ ତଳକୁ ଓହ୍ଲେଇ ଆସିବୁ । ଆମେ କହିଲେ ମୋ' ମାମୁ ପୁଅ ଜିତୁ, ମୁନା, ରାକେଶ ଓ ନରେଶ ଆଦିଙ୍କୁ ବୁଝାଏ । ଆମେସବୁ ପିଲାମାନେ ମିଶି ଚାରି ଆଡ଼ ଖେଦିଯାଉ ।

ରାମଧଡ଼ା ଗାଡ଼ିଟାରେ ମୋଟେ ଲୋକ ନଥିବେ । ଫାଙ୍କା ଗାଡ଼ିଟା ଜମ୍ମୁ ରାମନଗର ଆଡ଼େ ଯାଉଥିବ । ପରଦିନ ସକାଳୁ ସକାଳୁ ରାମଧଡ଼ା ରାମନଗରରୁ କଟକ ଫେରେ । ଫେରିବା ବେଳେ କିନ୍ତୁ ସେ ରାମଧଡ଼ାରେ ବହୁ ଲୋକ ଭର୍ତ୍ତି ହୋଇ ଆସିଥାନ୍ତି ।

ସକାଳୁ ସକାଳୁ ଆମେ ଜମ୍ମୁ କେନାଲରେ ପହଁରୁଥାଉ । ସେତେବେଳେ ରାମଧଡ଼ା ପେଁ ପେଁ ହର୍ଣ୍ଣ ମାରି କଳାଧୂଆଁ ଛାଡ଼ି ସେହି ବାଟ ଦେଇ ଯିବ ।

ରାମଧଡ଼ା ଦିନକୁ ଥରେ ମାତ୍ର ଯିବା ଆସିବା କରେ । ପୁଣି ଖରାବେଳଟାରେ ଆସି ପହଁଚିବ ମହାକାଳପଡ଼ା କେନାଲ ଗୋଡ଼ାରେ । ଖରାବେଳଟାରେ କିଏ ବା କୁଆଡ଼କୁ ବାହାରିବ ? ଏଣୁ ପ୍ରାୟତଃ, ସେ ରାମଧଡ଼ା ଫାଙ୍କାରେ ଜମ୍ମୁ, ରାମନଗର ପର୍ଯ୍ୟନ୍ତ ଯାଏ ।

ଆମେ କେବେ ସେ ରାମଧଡ଼ା ଗାଡ଼ିରେ ଜମ୍ମୁ ଯାଇନୁ । ଆମେ ଯେବେ ଜମ୍ମୁ ଯିବାକୁ ଚାହୁଁ ଅଜା ଓ ମାମୁଙ୍କ ଡଙ୍ଗାରେ ଯାଉ ।

ମୋ' ଅଜାଙ୍କର ଏକ ବଡ଼ ଡଙ୍ଗା ଥିବାରୁ ଆମେ ଆରାମରେ ମହାକାଳପଡ଼ାରୁ ଗୋବରୀ ନଈ ଦେଇ ସିଧା ଜମ୍ମୁରେ ପହଁଚିଯାଉ । ଖାଲି ଜମ୍ମୁରେ କାହିଁକି ଜମ୍ମୁରୁ ଗୋବରୀ ମୁହାଣ ଦେଇ ଫଲ୍‌ସ ପଏ[ବନ୍ଦର ଓ ବତୀଘରେ ବି ପହଁଚି ଯାଉ । ସେସବୁ ଅଂଚଳରେ ମୋ' ଅଜା ଓ ମାମୁମାନଙ୍କର ନିତିଦିନିଆ କାରବାର ।

ମୋ' ଅଜା ଚନ୍ଦ୍ରଭାନୁ ସାମନ୍ତରାୟଙ୍କର ସେ ଅଂଚଳରେ ବଡ଼ ଖାତିର । ଚନ୍ଦ୍ର ସା'ନ୍ତରା କହିଲେ ସମସ୍ତେ ସମ୍ମାନ କରନ୍ତି ।

ଅଜାଙ୍କର ଅଚଳାଅଚଳ ସମ୍ପତ୍ତି । ଦୁଇ ଦୁଇଟା ବଡ଼ ଡଙ୍ଗା । ଗୋଟିଏ ବଡ଼ ଭୁଷାମାଲ୍ ଦୋକାନ । ଅଜାଙ୍କର ଥାଏ ହୋଲ୍‌ସେଲ ବିଜ୍‌ନେସ । ଏହା ସାଙ୍ଗକୁ ଦୁଇଟି ବଡ଼ ଗୋଦାମ ଘର ଥାଏ ।

ଡଙ୍ଗା ଯୋଗେ କଟକରୁ ମାଲ୍ ଆସିବା ପରେ ଅଜାଙ୍କ ଗୋଦାମରେ ଭର୍ତ୍ତି ହୋଇ ରହେ । ଝାରରୁ ଆସିଥିବା ଜାଳକାଠ ଓ ଅନ୍ୟାନ୍ୟ ବନଜାତ ସାମଗ୍ରୀ, ମୃଗ ଛାଲ, ହରିଣ ସିଙ୍ଗ, କୁମ୍ଭୀର ଚମଡ଼ା ଆଦି ଯାବତୀୟ ଜିନିଷ ଅଜାଙ୍କର ଆଉ ଗୋଟିଏ ଗୋଦାମ ଘରେ ମହଜୁଦ ରହେ । ସେ ଅଂଚଳର ଯେତେ ମାଳେଇ ତେଜରାତି ଦୋକାନୀ ଅଜାଙ୍କଠାରୁ ମାଲ୍ କିଣନ୍ତି ।

ମୋର ପା* ମାମୁ । ଲୋକେ କହନ୍ତି ସେମାନେ ପଂ୍ଚ ପାଣ୍ଡବ । ସତକୁ ସତ, ଅଜା ତାଙ୍କ ପା* ପୁଅଙ୍କର ନାମ ରଖିଥିଲେ- ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ।

ବଡ଼ମାମୁ ଭୁଷାମାଲ୍ ଦୋକାନ କଥା ବୁଝନ୍ତି । ଅନ୍ୟ ମାମୁମାନେ ଅଜାଙ୍କ ସହ ଗୋବରୀ ନଈ ମୁହାଣ ଦେଇ ଜମ୍ବୁଦ୍ୱୀପକୁ ଝାର କରିବାକୁ ଯାଆନ୍ତି ।

ଝାରରୁ ଅଜା ଓ ମାମୁମାନେ ଅନେକ ବନଜାତ ଜିନିଷ ଆଣନ୍ତି । ରାଇ, ବନୀ, ଓରୁଅ, ହେନ୍ତାଳ, ରୁଅ କାଠ ସାଙ୍ଗକୁ ହରିଣ, ବାର୍ହା, ସମ୍ବର ମାଂସ ବି ଆଣନ୍ତି । ଆହୁରି କେତେ କ'ଣ ଜିନିଷ ଆଣନ୍ତି, ତା'ର ହିସାବ ନଥାଏ ।

ପ୍ରଥମ କରି ମୁଁ ମାମୁ ଘରେ ମୃଗ ଚମଡ଼ା, କୁମ୍ଭୀର ଛାଲ, କୁମ୍ଭୀର କଙ୍କାଳ, ବାଘଛାଲ, ବାଘ ନଖ, ଝିଙ୍କକାଠି, ବାଘ ପିତ, ବଜ୍ରକାପ୍ତା କାତି ଆଦି କେତେ ପ୍ରକାର ଜିନିଷ ଦେଖିଥିଲି । ଏଗୁଡ଼ା ଆମ ଗାଁରେ ସାତ ସପନ ।

ଜମ୍ବୁ ଦ୍ୱୀପ ସେତେବେଳେ ହେନ୍ତାଳ ବଣରେ ପରିପୂର୍ଣ୍ଣ ଥିଲା । ଚାରିଆଡ଼େ କାଦୁଅ ପନ୍ତା ସହ ଲୁଣା ଜଙ୍ଗଲ ଭିତରେ ମୁହଁକୁ ମୁହଁ ବି ଦିଶେନା । ହେନ୍ତାଳ ବଣକୁ ଭେଦି ଠାଏ ଠାଏ ପାଣି ନାଳ ସମୁଦ୍ର ଆଡ଼କୁ ମାଡୁଥାଏ । ହେନ୍ତାଳ ଗଛର ଚେରସବୁ ଉପରକୁ ଉଠିଥାଏ ।

ମୁଁ ଅଜାଙ୍କୁ କହେ- "ଅଜା, ପଙ୍କ ଭିତରେ ମୁନିଆ ମୁନିଆ ଏସବୁ କ'ଣ ଉଠିଛି ?"

ଅଜା କହନ୍ତି- "ଏସବୁ ହେଉଛି ହେନ୍ତାଳ ଗଛର ଶ୍ୱାସ ଚେର । ମାନେ ଏ ଚେର ଦ୍ୱାରା ହେନ୍ତାଳ ଗଛ ନିଶ୍ୱାସ ପ୍ରଶ୍ୱାସ ନିଏ । ତୁ ଯେମିତି ତୋ' ନାକ ପଟେ ନିଶ୍ୱାସ ପ୍ରଶ୍ୱାସ ନେଉଛୁ, ସେମିତି ।"

ଖରିନାସୀରୁ ଫଲ୍ସ ପଏ[ବନ୍ଦର ଭିତରେ ଗୋବରୀ ନଈ ଦୁଇ ପଟେ ଏତେ ଘ* ହେନ୍ତାଳ ଜଙ୍ଗଲ ଥିଲା ଯେ, ଦିନବେଳା ସେ ଅ*ଳକୁ ଯିବାକୁ ଭୟ ଲାଗେ । ମାଟିରେ ଖରା ପଡ଼େନା । ଦିନବେଳା ସେ ଅ*ଳ ରାତିର ଭ୍ରମ ସୃଷ୍ଟି କରେ ।

ଜମ୍ବୁଦ୍ୱୀପ ନିକଟରେ ଗୋବରୀ ନଈ ବହୁତ ଚଉଡ଼ା ହୋଇ ଯାଇଥାଏ । ଏହା ଯେ, ଆମ ଗାଁ ଦେଇ ବହୁଥିବା ପତଳା ଗୋବରୀ ନଈ, ତାହା ବିଶ୍ୱାସ କରି ହୁଏନା । ଗୋବରୀର ଗୋଟିଏ ପଟେ ଠିଆ ହୋଇ ଆର ପାଖକୁ ଚାହିଁଲେ ଆଖି ପାଏନା ।

ହେନ୍ତାଳ ଜଙ୍ଗଲର ଛାତିକୁ ଚିରି ଗୋବରୀ ନଈ ସମୁଦ୍ର ଆଡ଼କୁ ମାଡ଼ି ଚାଲିଥାଏ । ଆମ ଡଙ୍ଗା ଗୋବରୀ ନଈରେ ଭାସିଭାସି ଆଗକୁ ଆଗକୁ ଯାଉଥାଏ । ଡଙ୍ଗାରେ ଥାଇ ଆମେ ଯୁଆଡ଼େ ବି ଚାହୁଁ, ଚାରିଆଡ଼େ ଖାଲି ହେନ୍ତାଳ ଜଙ୍ଗଲ ଆଉ ଜଙ୍ଗଲ ।

ନଈ ପଠାରେ କାଦୁଅ ପନ୍ତାରେ କୁମ୍ଭୀରମାନେ ଖରା ପୁଆଁଉଥିବାର ଦୃଶ୍ୟ ଦେଖି ମୋ' ଛାତିରେ ଶିହରଣ ଖେଳି ଯାଉଥିବ । ଜୀବନରେ ପ୍ରଥମ କରି ଏତେ ପାଖରୁ କୁମ୍ଭୀର ଦେଖି ମୁଁ ଭୟରେ ଥରୁଥିବି ।

ଅଜା ଦେଖେଇ ଦେଇ କହିବେ- "ହେଇ ଟୋକା, ଦେଖ୍ ଦେଖ୍ ପାଣିରେ ଭାସୁଛି କୁମ୍ଭୀର ।"

ପ୍ରଥମେ ପ୍ରଥମେ ମୁଁ ଭାବୁଥିଲି, ନଈରେ କାଠଗଣ୍ଡି ଭାସୁଛି ।

ମୁଁ କୁମ୍ଭୀର ଦେଖି ଡରି ଯାଉଥିବି । ଅଜା କହିବେ- "ଡରୁଛୁ କିରେ ନାତିଆ ଟୋକା ? ଡର୍‌ନା, କୁମ୍ଭୀର ଡଙ୍ଗାକୁ ଛୁଇଁବ ନାହିଁ । ଡଙ୍ଗାର କୁମ୍ଭୀର ସହ ପରା ଭାଇବୋହୂ-ଦେଉଶୁର ସମ୍ପର୍କ ।"

ଅଜା ଓ ମାମୁମାନେ ପ୍ରଥମେ ରାମନଗରର ମା' ଦରିଆ ରାମଚଣ୍ଡୀଙ୍କ ପୀଠରେ ପହିଁ ସେଠାରେ ଠାକୁରାଣୀଙ୍କୁ ପୂଜା କରି ଲୁଣା ଜଙ୍ଗଲକୁ ଝାର କରିବାକୁ ବାହାରିବେ ।

ଅଜା ଓ ମାମୁମାନେ ଝାରରୁ ଅନେକ ଜଙ୍ଗଲୀ ଜନ୍ତୁ ଶିକାର କରି ଆଣୁଥିଲେ ବୋଲି ପିଲାଦିନେ ବୋଉ କହୁଥିଲା । ବୋଉ କହୁଥିଲା, ହରିଣ ମାଂସର ସ୍ୱାଦ ସାମାନ୍ୟ ମାଟିଆ ଓ ବାର୍ହା ମାଂସ ଲାଲୁଆ ଖସଖସିଆ ।

କେଜାଣି ମାଟିଆ, ଲାଲୁଆ ଖସଖସିଆ ଟେଷ୍ଟ୍ କେମିତି ମୁଁ ଜାଣେନା । ବୋଉ ବୋଧେ ତା' ପିଲାଦିନେ ଏସବୁ ଜଙ୍ଗଲୀ ଜନ୍ତୁଙ୍କ ମାଂସ ଖାଇଥିବ । କିନ୍ତୁ ଆମ ଘରେ ମୋ' ବୋଉ ମାଂସ ଛୁଉଁ ନଥିଲା । ଏମିତିକି କୁକୁଡ଼ା ଅଣ୍ଡା ମଧ୍ୟ ଖାଉ ନଥିଲା ।

ଝାର କରିବା ବେଳେ ଅଜା ଓ ମାମୁମାନେ ଦୁଇ ତିନି ରାତି ଜମ୍ବୁରେ ରହି ଯାଆନ୍ତି । ଅଜା ଓ ମାମୁମାନେ ସାଥୀରେ ରୋଷେଇ ସାମଗ୍ରୀ, ଡାଲି, ଚାଉଳ, ପନିପରିବା ନେଇ ଯାଇଥିବେ । ଖରିନାସୀ ଜେଟିରୁ କେଉଟମାନଙ୍କଠାରୁ ଖଏଙ୍ଗା, ଇଲିସି ଆଣିବେ । ରାତି ହେଲେ ଜମ୍ବୁ କୋଠାରେ ରୋଷେଇବାସ ହେବ ।

ଝାର କରି ସାରି ଅଜା ଓ ମାମୁମାନେ ଜଙ୍ଗଲୀ କାଠ ଓ ଜନ୍ତୁଜୁନ୍ତା ଧରି ଗୋବରୀ ନଈ ବାଟେ ପୁଣି ମହାକାଳପଡ଼ାକୁ ଫେରି ଆସୁଥିବେ ।

ସେତେବେଳେ ଗୋବରୀ ନଈ ହିଁ ପରିବହନର ପ୍ରମୁଖ ମାଧ୍ୟମ ଥିଲା । ଡଙ୍ଗା ଯୋଗେ ଗୋବରୀ ନଈବାଟେ ମହାକାଳପଡ଼ାରୁ ଜମ୍ବୁରେ ପହିଁ ହେଉଥିଲା । ଅଜା ଓ ମାମୁମାନେ ମହାକାଳପଡ଼ାରୁ ଗୋବରୀ ନଈ ଦେଇ କେନ୍ଦ୍ରାପଡ଼ା, ଗଣ୍ଡାଖିଆ, ଅଳଭା, ପଙ୍କାମୁଣ୍ଡାଇ ପର୍ଯ୍ୟନ୍ତ ଯିବା ଆସିବା କରୁଥିଲେ ।

ଇଂରେଜ ଶାସନ କାଳରେ ବଡ଼ ବଡ଼ କେନାଲ ଖୋଳା ଯାଇ ଗୋବରୀ ସହ ବ୍ରାହ୍ମଣୀ ଏବଂ ମହାନଦୀକୁ ସଂଯୁକ୍ତ କରାଯାଇଥିଲା । ଫଲ୍‌ସ ପଏ[ବନ୍ଦରରୁ ଜମ୍ବୁ କେନାଲ, ପଙ୍କାମୁଣ୍ଡେଇ କେନାଲ ଓ କେନ୍ଦ୍ରାପଡ଼ା କେନାଲ ଦେଇ ସିଧା କଟକର ଜୋବ୍ରା ଘାଟରେ ପହିଁ ହେଉଥିଲା । ଅଜା ଓ ମାମୁମାନେ ଏହି କେନାଲ ଦେଇ କଟକରୁ ମାଲ୍ ଆଣୁଥିଲେ ।

ଝାର କରି ସାରିବା ପରେ ଅଜା ମୋତେ ଫଲ୍‌ସ ପଏ[ବନ୍ଦର ଓ ଇଂରେଜ ଅମଳର କୋଠା ନିକଟକୁ ବୁଲାଇ ନେବେ । ଫଲ୍‌ସ ପଏ[ନିକଟରେ ଥିବା ବିଶାଳ ବାଲୁକା ଚଡ଼ା ଓ ଘ* ଲୁଣା ଜଙ୍ଗଲ ମନରେ ରୋମା* ସୃଷ୍ଟି କରେ ।

ଫଲ୍‌ସ ପଏ[ବନ୍ଦର ଦେଇ ଅତୀତରେ ୟୁରୋପରୁ ଓଡ଼ିଶାକୁ ଜାହାଜ ଚଳାଚଳ

କରୁଥିଲା । ତା' ପୂର୍ବରୁ ସାଧବମାନେ ଏହି ଜମ୍ବୁଦ୍ୱୀପରୁ ଜାଭା, ସୁମାତ୍ରା, ସିଂହଳ, ବାଲି, ବୋର୍ଣ୍ଣିଓ ଦ୍ୱୀପକୁ ବୋଇତ ବାହୁଥିଲେ । ପୁରାଣ ବର୍ଣ୍ଣିତ ତଅପୋଇ ଓ ସାଧବ ସାତ ଭାଇ ଏହି ଜମ୍ବୁଦ୍ୱୀପରୁ ନୌବାଣିଜ୍ୟ କରିବାକୁ ଦରିଆପାରି ଦେଶମାନଙ୍କୁ ଯାଉଥିଲେ ।

ଅଜାଙ୍କ ପୂର୍ବଜ ସାଧବ ସୌଦାଗର ଥିଲେ । ସେମାନେ ଜମ୍ବୁ ଦ୍ୱୀପରୁ ସିଂହଳ, ଜାଭା, ସୁମାତ୍ରା, ମାଳୟ, କମ୍ବୋଜ ଆଦି ଦୀପକୁ ବୋଇତ ବାହୁଥିଲେ । ଦରିଆପାରି ଦେଶମାନଙ୍କରୁ ପ୍ରଚୁର ଧନ, ରତ୍ନ, ସୁନା, ରୂପା, ମୋତି, ମାଣିକ୍ୟ ବୋହି ଆଣୁଥିଲେ । ପିଲାଦିନେ ମୁଁ ଅଜାଙ୍କ ଘରେ ମୋତି, ମାଣିକ୍ୟ ଆଦି ଦେଖିଥିଲି ।

୧୯୭୧ ମସିହା ବଙ୍ଗଳାଦେଶ ମୁକ୍ତି ଆନ୍ଦୋଳନ ସମୟରେ ଭାରତ ସରକାର ଜମ୍ବୁଦ୍ୱୀପରେ ବାଂଲାଦେଶୀ ଶରଣାର୍ଥୀମାନଙ୍କୁ ରହିବାକୁ ଜାଗା ଦେବା ପରେ ଜମ୍ବୁଦ୍ୱୀପ ଶ୍ରୀହୀନ ହୋଇ ଯାଇଛି ବୋଲି ଅଜା କହନ୍ତି । ଆଜି ଅତୀତର ଆଉ ସେ ଘ* ଲୁଣା ଜଙ୍ଗଲ ନାହିଁ କି ସେ ଶୋଭାରାଜି ନାହିଁ ବୋଲି ଅଜା ସବୁବେଳେ ମନ ଦୁଃଖ କରନ୍ତି ।

ମୁଁ ସେତେବେଳେ ଏତେ ଛୋଟ ଥାଏ ଯେ, ବଙ୍ଗଳାଦେଶ ମୁକ୍ତି ଆନ୍ଦୋଳନ କ'ଣ, ଶରଣାର୍ଥୀ କ'ଣ ଏସବୁ ବୁଝି ନଥାଏ । ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ଯୋଗୁଁ ଜମ୍ବୁଦ୍ୱୀପର ସବୁଜିମା କେମିତି ଧ୍ୱଂସ ପାଇଯାଇଥାଏ, ତାହା ବି ବୁଝି ପାରୁନଥାଏ ।

ଜମ୍ବୁର ହେନ୍ତାଳ ଜଙ୍ଗଲ ସିନା ଶେଷ ହୋଇଯାଇଛି, ମାତ୍ର ଜମ୍ବୁରେ ଥିବା ପୁରୁଣା ଦୁଇ ମହଲା ବିଶିଷ୍ଟ କୋଠା, ବତୀଘର ଏବଂ ଫଲ୍‌ସ ପଏ[ବନ୍ଦର ଏବେ ବି ଇତିହାସର ମୂକସାକ୍ଷୀ ହୋଇ ରହିଛି ବୋଲି ଅଜା କହନ୍ତି ।

ପୁରାଣ ପ୍ରସିଦ୍ଧ ଜମ୍ବୁ ଦ୍ୱୀପ ଗୋବରୀ ଓ ବକୁଳ ନଦୀ ମୁହାଣରେ ଅବସ୍ଥିତ ଏକ ଦ୍ୱୀପା*ଳ ବୋଲି ଅଜା କହନ୍ତି । ଏହି ଜମ୍ବୁ ଦ୍ୱୀପ ଦେଇ ଅତୀତରେ ଉତ୍କଳୀୟ ସାଧବମାନେ ଦରିଆପାରି ଦେଶମାନଙ୍କୁ ବୋଇତ ମେଲାଉଥିଲେ । ଅତୀତର ଏହି ଜମ୍ବୁ ବନ୍ଦର ପରବ□ୀ କାଳରେ ଫଲ୍‌ସ ପଏ[ନାମରେ ପରିଚିତ ହେଲା ଏବଂ ତା' ପରେ ଏହାକୁ ହୁକିଟୋଲା ବନ୍ଦର ଭାବେ ଜାଣିଲେ ।

ଅଜା କହୁଥିଲେ, ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନି ଶାସନ କାଳରେ ଫଲ୍‌ସ ପଏ[ବନ୍ଦର ଓଡ଼ିଶାର ଏକ ପ୍ରମୁଖ ପ୍ରାଚୀନ ନୌବାଣିଜ୍ୟ କେନ୍ଦ୍ର ଥିଲା । ୧୮୬୬ ମସିହା ନ'ଅଙ୍କ ଦୁର୍ଭିକ୍ଷ ପରେ ପରେ ଫଲ୍‌ସ ପଏ[ବନ୍ଦର ଦେଇ ଓଡ଼ିଶାକୁ ବ୍ରହ୍ମଦେଶରୁ ଚାଉଳ ଆମଦାନୀ ହେଉଥିଲା । ଫ୍ରାନ୍‌ସ, ଇଂଲଣ୍ଡରୁ ଜାହାଜ ଲାଗୁଥିଲା ।

ଅଜାଙ୍କର ଇତିହାସ ଜ୍ଞାନ ଭଲ ଥିଲା । ଅଜା ସେତେବେଳର ମେଟ୍ରିକ୍ୟୁଲେଟ୍ । ନୂଆକରି ଦେଶ ସ୍ୱାଧୀନ ହେଲାବେଳକୁ ଅଜା ନବ୍ୟ ଶିକ୍ଷିତ ଯୁବକ । ପାଠ ପଢ଼ିଥିବା ସ□ୁ ଅଜା ଚାକିରି କରି ନଥିଲେ ।

ଅଜାଙ୍କର ପୂର୍ବ ପୁରୁଷମାନେ ଇଂରେଜ ଶାସନ କାଳରେ ଜମିଦାର ଥିଲେ । ଅଜାଙ୍କର

ପୂର୍ବ ପୁରୁଷମାନଙ୍କର ତତ୍କାଳୀନ ବର୍ଦ୍ଧମାନ ରାଜା ଏବଂ କୁଜଙ୍ଗ ରାଜାଙ୍କ ସହ ଭଲ ସମ୍ପର୍କ ଥିଲା । ସେତେବେଳେ ଜମ୍ବୁ ଦ୍ୱୀପ ବର୍ଦ୍ଧମାନ ରାଜାଙ୍କ ଅଧୀନରେ ଥିଲା ବୋଲି ଅଜା କହନ୍ତି ।

ବର୍ଦ୍ଧମାନର ରାଜା ଅଜାଙ୍କ ପୂର୍ବପୁରୁଷଙ୍କୁ ଜମ୍ବୁଦ୍ୱୀପ ଜାଗିରି ସୂତ୍ରରେ ଦାନ କରିଥିଲେ । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଅଜାଙ୍କର ବାପା ଜମ୍ବୁ ଦ୍ୱୀପରେ ଝାର କରୁଥିଲେ ଏବଂ ବ୍ୟବସାୟ ଚଳାଇଥିଲେ ।

ମାମୁଘରେ କଳାମୁଗୁନି ପଥରରେ ନିର୍ମିତ ଏକ ପୁରୁଣା ମୂର୍ତ୍ତି ପୂଜା ପାଉଥିବାର ମୁଁ ଦେଖିଥିଲି । ପିଲାଦିନେ ମୁଁ ସେ ମୂର୍ତ୍ତିର ଗୁରୁତ୍ୱ ବୁଝି ନଥିଲି । କିନ୍ତୁ ପରେ ମୁଁ ଗୋବରୀ ନଈ ଓ ଫଲ୍‌ସ ପଏ[ବନ୍ଦର ସମ୍ପର୍କରେ ଉଚ୍ଚତର ଗବେଷଣା କରିବା ବେଳେ ଜାଣିବାକୁ ପାଇଲି ଯେ, ସେଇଟା ଶ୍ରୀଲଙ୍କାରୁ ଆସିଥିବା ଏକ ଠାକୁରାଣୀଙ୍କ ମୂର୍ତ୍ତି ଯାହା ଜମ୍ବୁ ନିକଟରେ ଗୋବରୀ ନଈରେ ବୁଡ଼ି ଯାଇଥିଲା । ଅଜାଙ୍କର କେହି ପୂର୍ବଜ ତାକୁ ଉଦ୍ଧାର କରି ନିଜ ଘରକୁ ନେଇ ଆସିଥିଲେ । ସେବେଠୁ ସେହି ମୂର୍ତ୍ତି ମଙ୍ଗଳା ଠାକୁରାଣୀ ଭାବେ ମାମୁଘରେ ପୂଜା ପାଉଥିଲା ।

ପୁରାଣ ବର୍ଣ୍ଣିତ ତଅପୋଇର ବାପା ତନୟବନ୍ତ ସାଧବ ବୁଢ଼ା ଅଜାଙ୍କ ପୂର୍ବଜ ଥିଲେ । ତଅପୋଇର ସାଧବ ସାତ ଭାଇମାନେ ଅଜାଙ୍କ ପୂର୍ବପୁରୁଷ ଥିଲେ । ମଙ୍ଗଳା ଠାକୁରାଣୀ ଅଜାଙ୍କର କୁଳଦେବୀ ଥିଲେ । ଏଣୁ ପ୍ରତିବର୍ଷ ଭାଦ୍ରବ ମାସରେ ମାମୁଘରେ ଖୁଦୁରୁକୁଣୀ ଓଷା ବଡ଼ ଧୁମ୍‌ଧାମ୍‌ରେ ପାଳନ କରାଯାଏ ।

ଆମେସବୁ ପିଲାମାନେ ଗୋବରୀ ନଈ, ଜମ୍ବୁ ଦ୍ୱୀପ, ହୁକିଟୋଲା ଫଲ୍‌ସ ପଏ[ବନ୍ଦର, ତନୟବନ୍ତ ସାଧବ, ତଅପୋଇ, ବତୀଘର ଓ ବନ୍ଦର କାହାଣୀ ଶୁଣିବାକୁ ଅଜାଙ୍କ ଚାରିପଟେ ଘେରି ବସୁଥିବୁ । ଅଜା ଜମ୍ବୁ ଦ୍ୱୀପ ଓ ଗୋବରୀ ନଈକୁ ନେଇ ରୋଚକ କାହାଣୀମାନ କହି ଚାଲିଥିବେ ।

ଅଜା କିଭଳି ମହାକାଳପଡ଼ାରୁ ଗୋବରୀ ନଈ, ଜମ୍ବୁ କେନାଲ ଏବଂ କେନ୍ଦ୍ରାପଡ଼ା କେନାଲ ବାଟେ ଡଙ୍ଗାରେ ଯାଇ କଟକ ମାଲ୍‌ଗୋଦାମରୁ ଗ୍ରୋସୋରି ସଉଦା ଆଣୁଥିଲେ, ସେକଥା ବି କହୁଥିଲେ । ସେତେବେଳେ ଅଜାଙ୍କ ଗୋଦାମ ଘରେ ଶହଶହ ବସ୍ତା ଡାଲି, ଚାଉଳ ମହଜୁଦ ଥିଲା ।

ଦୁଃଖର କଥା, ଶହ ଶହ ବର୍ଷ ଧରି ଚଳି ଆସିଥିବା ଏହି ପାରମ୍ପରିକ ବାଣିଜ୍ୟ ବ୍ୟବସାୟ କାରବାରକୁ ଆଜି କିନ୍ତୁ ମାମୁମାନଙ୍କ ପରପିଢ଼ି ବୁଡ଼ାଇ ଦେଲେ । ଏବେ ଜଣେ ମାମୁଙ୍କ ପୁଅ ରେଲ୍‌ୱେରେ ଚାକିରି କରି ଦିଲ୍ଲୀରେ ରହୁଛି । ଆଉ ଜଣେ ମାମୁଙ୍କ ପୁଅ ଶିକ୍ଷକତା କରୁଥିବାବେଳେ ଆଉ ଜଣେ ପୁଅ କଲେଜରେ ଅଧ୍ୟାପକ ଚାକରି କରି ନିଜ ନିଜ ପରିବାର ସହ ଘରଠାରୁ ଦୂରରେ ରହୁଛନ୍ତି । କେହି ହେଲେ ବି ଅଜାଙ୍କ

ପାରମ୍ପରିକ ବାଣିଜ୍ୟ ବ୍ୟବସାୟ ପ୍ରତି ମନ ବଳାଇଲେନି । ଫଳରେ ଶହଶହ ବର୍ଷ ଧରି ଚଳି ଆସିଥିବା ବାଣିଜ୍ୟ ବ୍ୟବସାୟ ବୁଡ଼ିଗଲା ।

ଆମେସବୁ ଅଜାଙ୍କ ଚାରିପଟେ ଘେରି ବସିଥିବୁ । ଅଜା କହୁଥିବେ; ନ'ଅଙ୍କ ଦୁର୍ଭିକ୍ଷ ସମୟର କଥା । ନ'ଅଙ୍କ ଦୁର୍ଭିକ୍ଷ ସମୟରେ କିଭଳି ଚାଉଳ ଅଭାବରୁ ଲୋକେ ପୋକମାଛି ଭଳି ମରୁଥିଲେ, ଇଷ୍ଟ୍ ଇଣ୍ଡିଆ କମ୍ପାନି କେମିତି ଏବଂ କାହିଁକି ଫଲ୍‌ସ ପଏ[ବନ୍ଦରର ବିକାଶ କଲେ ? ଫଲ୍‌ସ ପଏ[ବନ୍ଦର ଦେଇ ସେତେବେଳେ ରେଙ୍ଗୁନ୍ ଓ କଲିକତାରୁ ଓଡ଼ିଶାକୁ ଚାଉଳ କିଭଳି ଆମଦାନୀ ହେଉଥିଲା, ସେ ବିଷୟରେ ଆମକୁ ଅଜା କହୁଥିବେ ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜମାନେ ଜମ୍ବୁ ଦ୍ୱୀପକୁ ସେମାନଙ୍କ ସାମରିକ ଘାଟି ଭାବେ ବ୍ୟବହାର କରିଥିଲେ ।

ଆଜି ଯେଉଁ ଜମ୍ବୁର ଦୁଇ ମହଲା ବିଶିଷ୍ଟ ଭଙ୍ଗା କୋଠା ଆମେ ଦେଖୁଛୁ, ସେ ଆଉ କ'ଣ କି ? ପ୍ରଥମ ମହା ସମର ବେଳେ ଇଂରେଜମାନେ ସେହି କୋଠାରେ ଗୋଳାବାରୁଦ ଗଚ୍ଛିତ ରଖୁଥିଲେ । ସେତେବେଳେ ଇଂରେଜମାନେ ଜମ୍ବୁ ଦ୍ୱୀପକୁ ସେମାନଙ୍କର ସାମରିକ ଘାଟି ଭାବେ ବ୍ୟବହାର କରୁଥିଲେ ବୋଲି ଅଜା କହୁଥିଲେ ।

ମୋର ପିଲା ମନରେ ପ୍ରଶ୍ନ ଉଠେ, ଏ ଅଗନା ଅଗନି ହେନ୍ତାଳ ଜଙ୍ଗଲରେ ସମୁଦ୍ର କୂଳରେ ଏତେ ପଥର କେଉଁଠୁ ମିଳିଲା ଯେ, ଇଂରେଜମାନେ ଏତେବଡ଼ କୋଠାସବୁ ତିଆରି କଲେ ?

ଅଜା ବୁଝାଇ କୁହନ୍ତି; କଟକ ବାରବାଟୀ ଦୁର୍ଗର ଭଙ୍ଗା ପଥରରେ ଏହି ଜମ୍ବୁ କୋଠା ତିଆରି ହୋଇଥିଲା । କେନ୍ଦ୍ରାପଡ଼ା କେନାଲ, ଜମ୍ବୁ କେନାଲ ଓ ଗୋବରୀ ନଈ ବାଟ ଦେଇ କଟକ ବାରବାଟୀ ଦୁର୍ଗରୁ ପଥରସବୁ ଡଙ୍ଗାରେ ବୁହାହୋଇ ଜମ୍ବୁରେ ପହ*ାଯାଉଥିଲା ।

ଜମ୍ବୁଠାରେ ଦୁଇ ମହଲା କୋଠା ବ୍ୟତୀତ ବିଶାଳ ବତୀଘର, ଦୁଇଟି ତୋପ, କମାଣ, ପ୍ରଥମ ମହାସମରରେ ପ୍ରାଣବଳି ଦେଇଥିବା ଇଂରେଜ କ୍ୟାପ୍‌ଟେନ୍ ହମ୍ବର୍ସ ଓ ହ୍ୟାରିସନ୍‌ଙ୍କ ସମାଧି ରହିଛି ବୋଲି ଅଜା କହୁଥିଲେ ଏବଂ ମୋତେ ସେସବୁ ଅ*ଳକୁ ବୁଲାଇ ନେଉଥିଲେ ।

ମୁଁ ପିଲାବେଳେ ଅଜାଙ୍କ ସହ ତାଙ୍କ ଡଙ୍ଗାରେ ବସି କେତେଥର ଜମ୍ବୁ ଦ୍ୱୀପ ଯାଇଛି । ସେଠାରେ ହୁକିଟୋଲା ବନ୍ଦର ଓ ବତୀଘର ବୁଲି ଦେଖିଛି । ଓରୁଅ, ବଣ କେନ୍ଦୁ ତୋଳି ଖାଇଛି ।

ଜମ୍ବୁ ଲକ୍ ନିକଟରେ ଅନ୍ୟ ଏକ ଦ୍ୱିତଳ ପ୍ରାସାଦ ରହିଛି । ଏହା ସେତେବେଳେ ଇଂରେଜ ସରକାରଙ୍କ ପିଡବ୍ଲ୍ୟୁଡି ଡାକବଙ୍ଗଳା ଭାବେ କାର୍ଯ୍ୟ କରୁଥିଲା । ଅଜା ଏହାକୁ 'ବାରିକ-ମିସ୍ତ୍ରୀ କୋଠି' କହୁଥିଲେ ।

ଅଜା ଓ ମାମୁମାନେ ଜମ୍ବୁ ଜେଟିରେ ଡଙ୍ଗାକୁ ଖଟେଇ ସେ ବାରିକ-ମିସ୍ତ୍ରୀ କୋଠିକୁ

ଯାଆନ୍ତି । ସେଠି ବିଶ୍ରାମ ନିଅନ୍ତି ।

ହୁକିଟୋଲା ଫଲ୍‌ସ ପଏ[ବନ୍ଦର ନିକଟରେ ଥିବା ପ୍ରାଚୀନ ଗୋଦାମ ଘରଟି ମୁଁ ଅଜାଙ୍କ ସହ ବୁଲି ଦେଖିଥିଲି । ଏହି ଗୋଦାମ ଘରଟିକୁ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଇଂରେଜମାନେ ନିର୍ମାଣ କରିଥିଲେ ବୋଲି ଅଜା କହୁଥିଲେ ।

ଗଜପତି ରାଜାଙ୍କ ନ'ଅଙ୍କ ସମୟରେ ଓଡ଼ିଶାରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା । ମରୁଡ଼ିରେ ଲୋକମାନେ ପୋକମାଛି ଭଳି ମରୁଥିଲେ । ଦୁର୍ଭିକ୍ଷ ସମୟରେ ଲୋକଙ୍କୁ ଦୁଇମୁଠା ଚାଉଳ ଯୋଗେଇ ଦେବା ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନି ସରକାର ପାଇଁ ବଡ଼ ଆହ୍ୱାନ ପାଲଟିଥିଲା ।

ଅଜା କହୁଥିଲେ- ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଖାଇବାକୁ ନପାଇ ମଣିଷ ମଣିଷର ମାଂସ ଖାଉଥିଲା । କେହି ମରିଗଲେ, ଶବକୁ ମଶାଣିରେ ଫିଙ୍ଗି ଦିଆଯାଉଥିଲା । ଭୋକିଲା ମଣିଷମାନେ ସେ ଶବରୁ ମାଂସ ଝୁଣି ଖାଇ ଯାଉଥିଲେ । ଦୁର୍ଭିକ୍ଷ ପାଇଁ ଇଷ୍ଟ୍ ଇଣ୍ଡିଆ କମ୍ପାନି ସରକାର ଖୁବ୍ ବଦନାମ ହୋଇଯାଇଥିଲା ।

ଦୁର୍ଭିକ୍ଷର ମୁକାବିଲା କରିବା ଏବଂ ଓଡ଼ିଶାକୁ ଚାଉଳ ଆମଦାନୀ କରିବାକୁ ଯାଇ ଇଂରେଜ ସରକାର ପରିତ୍ୟକ୍ତ ହୋଇ ପଡିଥିବା ଫଲ୍‌ସ ପଏ[ବନ୍ଦରର ପୁନରୁଦ୍ଧାର କରିଥିଲେ ।

ତତ୍‌କାଳୀନ କଟକ କମିସନର ଟି.ଇ. ରେଭେନ୍‌ଶାଙ୍କ ଉଦ୍ୟମରେ ଗୋବରୀ ଓ ବଙ୍ଗୋପ ସାଗରର ମୁହାଣ ସ୍ଥଳରେ ଥିବା ବାଲି ଟାପୁରେ ଏହି ଦ୍ୱିତଳ ବିଶିଷ୍ଟ ଗୋଦାମ ଘର ନିର୍ମାଣ କରାଯାଇଥିଲା । ଏହି କୋଠାର ନିର୍ମାଣ କାମ ୧୮୮୮ ସାଲରେ ଆରମ୍ଭ ହୋଇଥିଲା । ବ୍ରହ୍ମଦେଶରୁ ଚାଉଳ ଆସିବା ପରେ ଏହି ଗୋଦାମରେ ମହଜୁଦ୍ କରି ରଖାଯାଉଥିଲା ବୋଲି ଅଜା କହନ୍ତି ।

ମୋ' ଅଜା ଓ ମାମୁମାନେ ଗୋବରୀ ନଈ ଦେଇ ହୁକିଟୋଲା କୋଠାକୁ ନିୟମିତ ଯାତାୟାତ କରୁଥିଲେ ।

କମିଶନର ରେଭେନ୍‌ଶା ସାହେବ ତତ୍‌କାଳୀନ କଟକ କଲେକ୍ଟର ମାକ୍‌ଫର୍ସନ, ପୂ□ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜେ. ଏଚ୍. ୱାକର (ହୁକି) ଏବଂ ନୂଆ କରି ଯୋଗ ଦେଇଥିବା କମିଶନର ଜନ୍ ବୀମ୍‌ସଙ୍କୁ ସାଥୀରେ ଧରି ଫଲ୍‌ସ ପଏ[ବନ୍ଦର ନିକଟରେ ଏକ ଜାଗା ବାଛିଥିଲେ । ପୂର୍ବରୁ ଏହି ବାଲିଦ୍ୱୀପ (ଟାପୁ)ର କିଛି ନାମ ନଥିଲା । ପରେ ଏହା ହୁକି ୱାକରଙ୍କ ନାମାନୁସାରେ 'ହୁକିଟୋଲା' ନାମରେ ପରିଚିତ ହେଲା ବୋଲି ଅଜା ଆମକୁ ବୁଝାଉଥିଲେ ।

ପିଲାଦିନେ ଅଜାଙ୍କ ପାଖରୁ ଏସବୁ ନୌବାଣିଜ୍ୟ ଓ ନଈ କାହାଣୀ ଶୁଣିଥିଲି ବୋଲି ତ ମୁଁ ଆଜି ଇତିହାସର ପ୍ରଫେସର ହୋଇପାରିଛି । ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ନେଇ

ଉଚ୍ଚତର ଗବେଷଣାରେ ମଗ୍ନ ଅଛି । ଏସବୁ ଶ୍ରେୟ ମୁଁ ମୋ' ଅଜାଙ୍କୁ ଦେବି ।

ହୁକିଟୋଲା ଦ୍ୱୀପଟି ଏକ ବିଶାଳ ବାଲୁକାପୂର୍ଣ୍ଣ ଟାପୁ ଥିଲା । ଏହାର ଆୟତନ ଆନୁମାନିକ ୨୦ ବର୍ଗ କିଲୋମିଟରରୁ ଅଧିକ ହେବ ବୋଲି ଅଜା କହୁଥିଲେ । ମହାନଦୀ ଓ ଗୋବରୀ ନଦୀ ଦ୍ୱାରା ଆନିତ ପଟୁ ଓ ବାଲିରେ ମୁହାଁଣ ପୋତି ହୋଇଯିବା ଫଳରେ ଏହି ବାଲୁକା ଟାପୁ ସୃଷ୍ଟି ହୋଇଥିଲା । ଏହା ଦିନେ ହେନ୍ତାଳ ଜଙ୍ଗଲରେ ପୂର୍ଣ୍ଣ ଥିଲା । କୁହାଯାଏ, ଆମାଜନ ନଦୀ ଅବବାହିକାର ବର୍ଷାବନ ଏବଂ ଗଙ୍ଗା-ବ୍ରହ୍ମପୁତ୍ର ମୁହାଣର ସୁନ୍ଦରବନ ଭଳି ଆମର ଏ ଗୋବରୀ ମୁହାଣର ଜମ୍ବୁ ଦ୍ୱୀପ ହେନ୍ତାଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ବଙ୍ଗଳାଦେଶୀମାନେ ଏଠାରେ ବସବାସ କରିବା ପରେ ଏସବୁ ଧ୍ୱଂସ ପାଇଗଲା ।

୧୯୨୪ ମସିହା ବେଳକୁ ହୁକିଟୋଲା ଫଲ୍‌ସ ପଏ[ବନ୍ଦର କାରବାର ଧୀରେ ଧୀରେ ବନ୍ଦ ହୋଇଯାଇଥିଲା । ପାରାଦୀପଠାରେ ନୂଆକରି ବନ୍ଦର ହେବାରୁ ଫଲ୍‌ସ ପଏ[ବନ୍ଦରରେ ପୂର୍ବ ଭଳି ଆଉ ଜାହାଜ ଲାଗିଲାନି ।

ଫଲ୍‌ସ ପଏ[ବନ୍ଦର ସବୁଦିନ ପାଇଁ ବନ୍ଦ ହୋଇଯିବା ପରେ ପୋର୍ଟ ଅଫିସ ଓ ଗୋଦାମ ଘର ମଧ୍ୟ ଅବ୍ୟବହୃତ ହୋଇ ପଡ଼ିରହିଲା । ମାତ୍ର ଫଲ୍‌ସ ପଏ[ବନ୍ଦରର ସେ ଗୋଦାମ ଘର ଆଉ ଜମ୍ବୁର ଦ୍ୱିତଳ ବିଶିଷ୍ଟ କୋଠା ଆଜି ବି ଇତିହାସର ମୂକ ସାକ୍ଷୀ ହୋଇ ଠିଆ ହୋଇଛି ।

୩

ସ୍କୁଲ୍‌ରେ ପଢ଼ିବା ବେଳେ ଆମେସବୁ ମହା ବାଲୁଙ୍ଗା ଥିଲୁ । ପ୍ରତିଦିନ କିଛି ନା କିଛି ଅଘଟଣ ଘଟାଉଥିଲୁ । ନଈ ପହଁରୁ । ମାଛ ଧରୁ । ଧାନ ସାଉଁଟୁ । ଗଛ ଚଢୁ । ଗିଲ ତୋଳୁ । କ[ଇକୋଳି ଖାଉ । ଦୁଃଖା ମା' ବାଡ଼ିରୁ ବରକୋଳି ଖାଉ ।

ଆମ ରୂପଭେକ ବି ବଡ଼ ବିଚିତ୍ର ଥାଏ । ଟୁଳ୍‌ଟାଳ ବୋଇତି କଖାରୁ ଭଳି ଆମମାନଙ୍କ ପେଟ ବଢ଼ିଥିବ । ଗୋଡ଼ହାତ ନହକା ନହକା । ସିନାହାଡ଼ ସବୁ ଉକୁଟି ଦିଶୁଥିବେ ।

ଆମମାନଙ୍କ ନାକରୁ ହଳଦିଆ ଓ କଳା ରଙ୍ଗ ମିଶା ବହଳ ଶିଙ୍ଘାଣି ବୋହି ଓଠ, ଜିଭ ଭେଦି ଯାଉଥିବ । ଆଇସ୍‌କ୍ରିମ ଭଳି ଆମେ ତାକୁ ଚାଟି ଦେଉଥିବୁ । ଆମମାନଙ୍କ ଫଟା ଓ ବୋତାମଶୂନ୍ୟ ପେ[ସବୁ ବାରମ୍ବାର ପେଟରୁ ତଳକୁ ଖସି ପଡୁଥିବେ ।

ଟୁମ୍‌କା ପେଟ ଉପରେ ବୋତାମ ନଥିବା ହାପ୍ ପେ[କୁ ଜବର ଗଣ୍ଠି ଭିଡ଼ି ସାର୍ଟକୁ ଜଟାୟୁ ପକ୍ଷୀର ଦୁଇ ଡେଣା ଭଳି ଫଡ଼ଫଡ଼ କରି ଦୂର ଦିଗ୍‌ବଳୟରେ ଆମେ ନିଶ୍ଚିହ୍ନ ହୋଇ ଯାଉଥିବୁ । ପୁଣି ସୂରୁଯ ଦେବତାଙ୍କ ଭଳି ପୂରୁବ ଆକାଶରେ ଅଚାନକ ଉଭା ହେଉଥିବୁ ।

ବାପାଙ୍କୁ ଛାଡ଼ିଦେଲେ ମୁଁ ସେତେବେଳେ କେବଳ ସୋରିଆ ନାନୀକୁ ଡରୁଥିବି । ସୋରିଆ ନାନୀ ମୋତେ ଗଣିତ, ଭୂଗୋଳ ଆଉ ଇତିହାସରୁ ନାନା ପ୍ରଶ୍ନ ପଚାରେ । ନ କହି ପାରିଲେ କାନ ମୋଡ଼ିଦିଏ ।

ସୋରିଆ ନାନୀ ମୋ'ଠୁ ବୟସରେ ଚାରି ପା* ବର୍ଷ ବଡ଼ । ସୋରିଆ ନାନୀ ମୋତେ ମାଡ଼ଗାଳି କଲେ ବି ଗେହ୍ଲା କରେ । ସୋରିଆ ନାନୀ ସହ ମୁଁ ଗୋବରୀ ନଈ କୂଳରେ ବୁଲେ, କିଆବଣରୁ କ[ଇକୋଳି ତୋଳେ, ପାଟଗଣ୍ଡରୁ ମାଛ ଧରେ ଓ ଗୋବରୀ ନଈରେ ଧୂମ୍ ପହଁରେ ।

ଶୀତ ବିଦାୟ ନେଇ ଗାଁକୁ ଧୀରେ ଧୀରେ ଫଗୁଣ ପଶୁଥିବ । ଆଦ୍ୟ ବସନ୍ତରେ ଆମ୍ବ ଗଛରେ ବଉଳ ଧରିଥିବ । ଆମ୍ବ ବଗିଚାରୁ କୋଇଲିର କୁହୁ କୁହୁ ସ୍ୱର ଭାସି ଆସୁଥିବ । ଆମେସବୁ କୋଇଲିକୁ ଅନୁକରଣ କରି ଉଭଟ ଶବ୍ଦମାନ ଫେରାଉଥିବୁ ।

ଚୈତ୍ର ମାସରେ ବୋଧଗାଁରେ ପ୍ରସିଦ୍ଧ ରାମଲୀଳା ଯାତ୍ରା ହୁଏ । ଆମେ ପିଲାମାନେ ବି ବସନ୍ତର ଝାଞ୍ଜି ଅପରାହ୍ନରେ ଆମ ଗାଁ ବଟୁରୀ ପ୍ରଧାନ ବାଡ଼ି ମୁକ୍ତାକାଶ ରଙ୍ଗମ*ରେ ରାମଲୀଳା କରୁ । ଦେହରେ ପାଉଁଶ, ଅଙ୍ଗାର, ଗେରୁମାଟି, ପୋଇଗୁଳି, ଅଳତା, ବଟା ହଳଦୀ ବୋଳି ହୋଇ ମୁଣ୍ଡରେ ବିଲାତିଦଳର ଚେରରେ କେଶବିନ୍ୟାସ କରି ରାମଲୀଳା ଯାତ୍ରାରେ ଅଭିନୟ କରୁ ।

ମୁଁ ଲକ୍ଷ୍ମଣ ପାର୍ଟ କରେ । ଗଜିଆ ରାମ ଆଉ ଯୋଗିଆ ସୀତା ଅଭିନୟ କରେ । ଯାହା ବି କୁହ ଯୋଗିଆ ସୀତା ହେଲା ପରେ ତାକୁ ମୋଟେ ଚିହ୍ନି ହୁଏନା । ସେ ଏତେ ସୁନ୍ଦରୀ ଦିଶେ ଯେ, ମୋର ସେତେବେଳେ ତାକୁ ବାହା ହବାକୁ ଇଚ୍ଛା ହୁଏ । କେଜାଣି କାହିଁକି, ମୋର ସେତେବେଳେ ଯେଉଁ ସୁନ୍ଦରୀ ଝିଅଙ୍କୁ ଦେଖିଲା ମାନେ, ଖାଲି ବାହା ହେବାକୁ ହିଁ ଇଚ୍ଛା ହୁଏ !

ସେତେବେଳକୁ ମୋ ନାକତଳେ କହରିଆ ନିଶ ଗଜୁରୁଥାଏ । କାଖରେ ଚୁଟି ଉଠି ଯାଇଥାଏ । ହାପ୍ ପେ[ପିନ୍ଧିବାକୁ ବଡ଼ ଅଡୁଆ ଅଡୁଆ ଲାଗୁଥାଏ । ମନରେ ଗୋଟିଏ ନୂଆ ଉନ୍ମାଦନା ସୃଷ୍ଟି ହେଉଥାଏ । ସବୁବେଳେ କିଛି ନୂଆ ଆବିଷ୍କାର କିମ୍ବା ଉଦ୍ଭାବନ କରିବାର ଚକ୍କରରେ ଥାଏ ।

ସୋରିଆ ନାନୀ ମୋ'ଠୁ ବଡ଼ ହେଲେ ବି ସେ ମୋ' ସାଙ୍ଗ ଥିଲା । ସୋରିଆ ନାନୀକୁ ଛାଡ଼ିଲେ ମୋର ସେତେବେଳେ ଝିଅପିଲା ସାଙ୍ଗ କେହି ନଥିଲେ କହିଲେ ଚଳେ । ସୋରିଆ ନାନୀ ମାଟ୍ରିକ ପାସ୍ କରିବା ପରେ ଗାଁରେ ରହିଲା । ତାଙ୍କ ଘର ଲୋକ ତାକୁ କଲେଜରେ ପଢ଼ିବାକୁ ଛାଡ଼ିଲେନି ।

ସୋରିଆ ନାନୀ ଆମ ପିଲାଙ୍କ ରାମଲୀଳା ଦେଖିବାକୁ ଆସେ । ରାବଣ ଯେବେ ଲକ୍ଷ୍ମଣର ଶକ୍ତିଭେଦ କରେ ଅର୍ଥାତ୍ ମୋତେ ତୀର ମାରି ଚେତାଶୂନ୍ୟ କରି ପକାଏ,

ସୋରିଆ ନାନୀ କାନ୍ଦି ପକାଏ ।

ସୋରିଆ ନାନୀ ମୋତେ ଭାରି ଭଲ ପାଏ । ମୋ' ପାଇଁ ତା' ଜୀବନ ଛାଡ଼ିଯାଏ ।

ମଲିକସାହିର ଟାଙ୍ଗା ରାବଣ ହୁଏ । ଟାଙ୍ଗାର ମୁଣ୍ଡ ବଡ଼, ସିନା ଚଉଡ଼ା ଓ ମୋଟା ମୋଟା ଦୁଇ ବାହା । ରାବଣ ପାଇଁ ସେ ହିଁ କେବଳ ଫିଟ୍ ।

ମିଛିମିଛିକା ଅଭିନୟ ଚାଲେ । ପ୍ରତିଦିନ ଖରାବେଳେ ବଟୁରି ପ୍ରଧାନ ବାଡ଼ି ମୁକ୍ତାକାଶ ରଙ୍ଗମ*ରେ ନଅ ଖଣ୍ଡ ରାମାୟଣ ପରିବେଷଣ ହୁଏ ।

ଦିନେ ସତକୁ ସତ ମୁଁ ବାଉଁଶ କଣି ଆଉ କୋଇଲି ସୂତାରେ କରାଯାଇଥିବା ଧନୁରୁ ତୀରକୁ ଏତେ ଜୋରରେ ଟାଣି ଛାଡ଼ିଦେଲି ଯେ, ଇନ୍ଦ୍ରଜିତ୍ ରୋଲ୍ କରୁଥିବା ପଦିଆ ପେଟରେ ବାଉଁଶ ତୀରଟା ସାଏଁକିନା ଗଳିଗଲା । ଛିଟ୍ ଛିଟ୍ ରକ୍ତ ଛିଟିକି ପଡ଼ିଲା ବଟୁରି ପ୍ରଧାନର ନଡ଼ା ଗଦା ଅର୍ଥାତ୍ ଆମର ଯାତ୍ରା ପେଣ୍ଡାଲ ଉପରେ ।

ମୁର୍ମୁଷୁ ଅବସ୍ଥାରେ ପଦିଆକୁ ଗାଁଲୋକେ ପଟାମୁଣ୍ଡେଇ ମେଡିକାଲ ନେଇଗଲେ । ସେବେଠୁ ଆମର ରାମଲୀଳାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ।

ପୂର୍ବରୁ ଲକ୍ଷ୍ମଣ ଭୂମିକାରେ ଅଭିନୟ କରି ସୋରିଆ ନାନୀ, ସୁଲୁରି, ମଖି, ଉମି, ରାଉଳି ଭଳି ଝିଅଙ୍କଠାରୁ ମୁଁ ଯାହା ପ୍ରଶଂସାଟିକ ସାଉଁଟିଥିଲି, ସେସବୁ ଅଚାନକ ପାଣି ଫୋଟକା ଭଳି ମିଳେଇ ଯାଇଥିଲା । ବାପାଙ୍କ ଛାଟିଆ ପାହାରରେ ମୁଁ ପନ୍ଦର ଦିନ ଶଯ୍ୟାଶାୟୀ ହୋଇଥିଲି ।

ବୋଉ ବାପାଙ୍କ ଉଦ୍ଦେଶ୍ୟରେ ପ୍ରତିବାଦ କରି କହିଥିଲା- "ମଲା, ସେ ପରା ଲଇକ୍ଷଣ, ପ୍ରଭୁ ଶ୍ରୀରାମଙ୍କ ଅଂଶ । ଭଗବାନ ତା'ଦେହରେ ସବାର ହୋଇଥିଲେ । ତାକୁ ଏଭଳି ଗୋରୁଗାଈ ଭଳି ପିଟିବା କ'ଣ ଠିକ୍ ହେଲା ?"

ଯାହା ହେଉ, ମୋର ଏଭଳି ଅବସ୍ଥାରେ ମୋ ବୋଉ ହିଁ ଏକମାତ୍ର ଲୋକ, ଯିଏ କି ତା' ପୁଅକୁ ଭଗବାନ ଭାବୁଚି ଆଉ ସମର୍ଥନ ବି ଦେଉଚି; ଏହା ଜାଣିବା ପରେ ବୋଉ ପ୍ରତି ମୋର ଶ୍ରଦ୍ଧା ବଢି ଯାଉଥିଲା । ଖାଲି ବୋଉ କାହିଁକି ମୋତେ ପ୍ରତି କଥାରେ ସୋରିଆ ନାନୀ ସମର୍ଥନ ଜଣାଏ ।

ସୋରିଆ ନାନୀ କହେ- "ଲକ୍ଷ୍ମଣ ହେଲେ ତୁ ବହୁତ ସୁନ୍ଦର ଦିଶୁ । ଭାରି ଗୁଲୁଗୁଲିଆ ।"

ମୋ' ମୁହଁରୁ ରଙ୍ଗ ପୋଛି ନଥିବି, ସୋରିଆ ନାନୀ ମୋତେ କୁଣ୍ଢାଇ ପକାଇ ଗେହ୍ଲା କରି ପକାଇବ । ଆମ ଗାଁ ପପା ଦୋକାନରୁ ମୋ' ପାଇଁ ଲେମ୍ଚୁ ଚୁଚୁମା ଆଉ ବରକୋଳି ଆଚାର ଆଣିଥିବ ।

ବାପା କିନ୍ତୁ ମୋତେ ଛାଟିଆରେ ପିଟିବା ପରେ ଭାରି ପଶ୍ଚାତାପ କରିବେ । ପରଦିନ ସକାଳୁ ସକାଳୁ ଓରତ ଘାଟକୁ ବୁଲେଇ ନେବେ । ସେଠାରେ ଇଟିଲି, ଘୁଗୁନି ଖୁଆଇବେ । ଓରତଘାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଦେଖେଇବେ । ଡାକ୍ତର ଗୋଟିଏ ମଲମ

ଦେବେ ଓ କିଛି ବଟିକା ଖାଇବାକୁ ଦେବେ । ଧଳା ରଙ୍ଗର ବଡ଼ ବଡ଼ ବଟିକା ଖାଇବାକୁ ଭାରି ପିତା ଲାଗୁଥିବ । ତଥାପି ବୋଉ ମୋତେ ସକାଳେ ସଞ୍ଜେ ଜଗି ବଟିକା ଖୁଆଇ ଦେବ ।

ଆମ ପିଲାଦିନେ ଗାଁକୁ ବିଜୁଳି ସଂଯୋଗ ନଥାଏ । ଗାଁକୁ ରାସ୍ତାଟିଏ ବି ନଥାଏ । ଟିଭି କ'ଣ ଆମେ ଜାଣି ନଥାଉ । ଟିଭିରେ ରାମାୟଣ ସିରିଏଲ ଦିଏ ବୋଲି ତୃତୀୟ ଶ୍ରେଣୀରେ ପଢ଼ିଲାବେଳେ ପ୍ରଥମେ ମୁଁ ସୋରିଆ ନାନୀଠାରୁ ଜାଣିବାକୁ ପାଇଲି ।

ଗୋଟିଏ ଆୟତଘନାକାର ବାକ୍ସ ଭିତରୁ ସଁ ସଁ ଶବ୍ଦ ସହିତ ନୀଳ ଆଲୁଅର ସମୁଦ୍ର ଭିତରୁ ରାମ, ଲକ୍ଷ୍ମଣ, ସୀତା, ରାବଣଙ୍କୁ ଦେଖି ମୋ ମୁଣ୍ଡ ଟିଣ ହୋଇଯାଏ । ଏତିକି ବକଟେ ବାକ୍ସ ଭିତରେ କିଭଳି ଏହା ସମ୍ଭବ ହୁଏ ?

ଆମ ଗାଁ ହାଡ଼ିଆ ଭାଇ ଯିଏ କି ସୋରିଆ ନାନୀ ପଛରେ ନସର ପସର ହୁଏ, ତାକୁ ପ୍ରେମ କରେ, ସେ ଆମକୁ କହେ, ଟିଭି ପଛରେ ଛୋଟଛୋଟ କଣ୍ଟେଇମାନଙ୍କୁ କେହି ଜଣେ ନଚାଉଥାଏ । ବଡ଼ ହେଲାପରେ ଯେତେବେଳେ ମାଗୁଣି କୁଅଁରର କାଠି କଣ୍ଟେଇ ନାଚ ଦେଖିଲି, ଟିଭିର ଏ କଣ୍ଟେଇ ଭ୍ରମ ଦୂର ହୋଇଥିଲା ।

ଟିଭିର ଆବିଷ୍କାର ହୋଇଗଲା ପରେ ଆମେ ବିଧିବଦ୍ଧ ଭାବେ ଦଳବଳ ଘେନି ରାମାୟଣ ଧାରାବାହିକ ଦେଖିବାକୁ ପା* କିଲୋମିଟର ବାଟ ଚାଲିଚାଲି ଅରଡ଼ପଲ୍ଲୀ ଯାଉଥିଲୁ । ସେ ଅରଡ଼ପଲ୍ଲୀ ଗାଁରେ ଥାଏ ଗୋଟିଏ ବଡ଼ ଦୁଇତାଲା ବିଶିଷ୍ଟ ଲମ୍ବା ହାଇସ୍କୁଲ ଘର ଆଉ ରାମାୟଣ ସିରିଏଲ୍ । ଟିଭି ଓ ରାମାୟଣ ସିରିଏଲ୍ ପାଇଁ ଆମେସବୁ ଅରଡ଼ପଲ୍ଲୀ ଗାଁର ପିଲାମାନଙ୍କୁ ବେଶ୍ ଭାଗ୍ୟବାନ ମନେ କରୁଥିଲୁ ।

ସତରେ ଆମେସବୁ କେଡ଼େ ଅଭାଗା । ଆମ ଗାଁରେ ଟିଭି ନଥାଏ କି ରାମାୟଣ ସିରିଏଲ୍ ନଥାଏ ।

ଆମ ଗାଁରେ ଟିଭି ନଥାଏ ସତ, କିନ୍ତୁ ଆମ ଗାଁରେ ଗୋଟିଏ ଭଙ୍ଗା ପ୍ରାଇମେରି ସ୍କୁଲ, ଗୋବରୀ ନଈ, କିଆବଣ, କ[ଇକୋଳି ବୁଦା ଓ ଅନେକ ତାଳଗଛ ଥାଏ । ଏକସ୍ତରୀ ବାତ୍ୟାରେ ସେ ପ୍ରାଇମେରି ଘର ଆଜବେଷ୍ଟସ ଛାତ ଉଡ଼ି ଯାଇଥିଲା ଆଉ ଆମେସବୁ ଖୋଲା ଆକାଶ ତଳେ ଭୂମି ଉପରେ ତାଳପତ୍ର ଚଟ ଖଣ୍ଡେ ଲେଖାଏ ପକେଇ ସେଇଠି ବସି ସଂଖ୍ୟା, ପଣିକିଆ ମଡ଼ାଉ । ସ୍କୁଲ୍ କାନ୍ଥରେ ହରି ସାର୍ ଚକ୍‌ରେ ଆଙ୍କିଥିବା ଭାରତ ମାନଚିତ୍ରକୁ ଦେଖୁ ।

ହରି ସାର୍ କଳାପଟାରେ ଆଙ୍କିଥିବା ଭାରତ ମାନଚିତ୍ରକୁ ଜଣେ ମଣିଷ ସହ ତୁଳନା କରି ଆମକୁ ବୁଝାଉଥାନ୍ତି । କାଶ୍ମୀରକୁ ଭାରତର ମୁଣ୍ଡ ଗୁଜରାଟ ଆଉ ନାଗାଲାଣ୍ଡ ଭଳି ରାଜ୍ୟକୁ ବାମ ଓ ଡାହାଣ ହାତ ଏବଂ ତାମିଲନାଡୁ, କେରଳକୁ ଦୁଇ ଗୋଡ଼ ସହ ତୁଳନା କରି ଆମକୁ ବୁଝାଉଥାନ୍ତି । ଆମେ ଏସବୁରୁ କିଛି ବୁଝୁ ଆଉ କିଛି ବି ବୁଝିପାରୁନା ।

ବର୍ଷାଦିନେ ଆମେ ଭାରି ମଜାକରୁ । କାରଣ ବର୍ଷାଦିନେ ଆମର ପ୍ରାଇମେରି ସ୍କୁଲ ବନ୍ଦ ରହେ । ଏକଷ୍ଟରୀ ବାତ୍ୟାରେ ଆମ ଗାଁ ପ୍ରାଇମେରି ସ୍କୁଲର ଆଜବେଷ୍ଟସ ଛପର ଉଡ଼ି ଯାଇଥିଲା । ଆଉ ତା' ପରଠୁ ଛପର ମରାମତି ହୋଇ ନଥିଲା ।

ଆମେସବୁ ଗାଁ ଦାଣ୍ଡରେ କାଗଜ ଡଙ୍ଗା କରି ଭସାଉ । ଆମ ସହ ସୋରିଆ ନାନୀ ଡଙ୍ଗା ଭସାଏ ।

ମୋ' ବୋଉ କହେ, ଆମର ପୂର୍ବପୁରୁଷମାନେ କୁଆଡ଼େ ଏଭଳି ବୋଇତରେ ସାତ ଦରିଆ ତେର ନଈ ପାର ହୋଇ ବାଣିଜ୍ୟ କରିବାକୁ ଯାଉଥିଲେ ।

ଆମ ଗୋବରୀ ନଈରେ ସେତେବେଳେ ଲୁଣ ଡଙ୍ଗା ଲାଗୁଥିଲା । ଆମେସବୁ ଚାଉଳ ଦେଇ ବଦଳରେ ଲୁଣ ଆଣୁଥିଲୁ । ଆଉ କିଏ ଗୁଡ଼ ବଦଳରେ ଲୁଣ ଆଣୁଥିଲା ।

ଆମ ଭେଡ଼ାରେ ପ୍ରବଳ ଆଖୁ ଚାଷ ହୁଏ । ଆମେସବୁ ପ୍ରବଳ ଖରାରେ ଆଖୁ ଦୋରୁଅ ପିଇ ଚିତଳ ମାଛ ଭଳି ଗୋବରୀ ନଈରେ ପହଁରୁ । ପାଣିରେ ବୁଡ଼ି ବୁଡ଼ି ଆଖି ନାଲି ପଡ଼ିବା ପରେ ଘରକୁ ଫେରୁ ।

ଆମେ ଆମର ସୀମିତ ପୃଥିବୀରେ ନିପଟ ମଫୁ ହୋଇ ଖୁବ୍ ଆନନ୍ଦରେ ବ*ୁଥାଉ । ବାହାର ଦୁନିଆର ଖବର ଅନ୍ତର ରଖୁ ନଥାଉ ।

ଆମେ ଜାଣୁ ଏଇ ଗୋବରୀ ନଈ ହିଁ ଆମ ପାଇଁ ସବୁକିଛି । ଏ ଗୋବରୀ ନଈ ଆମର ମା' । ଗୋବରୀ ନଈରେ ଜୁଆର ଆସିଲେ ସେ ଫୁଲିଯାଏ । ଜୁଆର ଛାଡ଼ିଗଲେ ଶୁଖିଯାଏ । ଏ ଫୁଲିବା ଓ ଶୁଖିବା, ଗୋଟିଏ ଗୋଟିଏ ପରିସ୍ଥିତି । ତାହା ଆମକୁ ଗୋବରୀ ନଈ ଶିଖାଇଥାଏ । ଗୋବରୀ ନଈ ଆମକୁ ପ୍ରତିକୂଳ ପରିସ୍ଥିତିରେ ଦୃଢ଼ ହେବା ଶିକ୍ଷା ଦେଇଛି ।

ଗୋବରୀ ନଈରେ ବନ୍ୟା ଆସିଲେ ବିଲବାଡ଼ି ଜଳମଗ୍ନ ହୋଇଯାଏ । ଘରଦ୍ୱାର ଭାସିଯାଏ । ଆମେ ବେଘର ହେଉ । ତଥାପି କଦଳୀ ଗଛରେ ଭେଳା କରି ଆମେ ବନ୍ୟା ପାଣିରେ ପହଁରୁ ।

ବନ୍ୟା ଛାଡ଼ିଲା ପରେ ପୁଣି ଘର ମରାମତି କରୁ । ଖସି ପଡ଼ିଥିବା ମାଟି କାନ୍ଥରେ କାଦୁଅ ନେସୁ । ବନ୍ୟା ଜଳରେ ଓଦା ହୋଇ ଯାଇଥିବା ବହିପତ୍ର, କପଡ଼ାଲତା ଖରାରେ ଶୁଖାଉ ।

ବୋଉ ପୁଣି ନୂଆ ଚୂଲି ଗଢ଼େ । ଭାତପାଣି ବସାଏ । ପୁଣି ବର୍ଷାଦିନେ ଆମ ଚାଳ ଛପର ଦେଇ ଧୂଆଁ ବାହାରେ । ଚାଳରୁ ଗଳୁଥିବା ବର୍ଷା ପାଣିକୁ ଆମେ ମିଛିମିଛିକା ନାଲି ଚା' କରି ପିଉ । ବାପା ପୁଣି ଚାଷକାମରେ ମନ ଦିଅନ୍ତି । ଆମେସବୁ ବନ୍‌ଶୀ କ[। ନେଇ ଗୋବରୀ ନଈକୁ ମାଛ ଧରିବାକୁ ଯାଉ ।

ଗୋବରୀ ନଈରେ ପୂର୍ବ ଭଳି ଜୁଆର ଆସେ ଓ ଜୁଆର ଛାଡ଼େ । ସୋରିଆ ନାନୀ

ସହ ମୁଁ ଗୋବରୀ ତୁଠକୁ ଗାଧୋଇବାକୁ ଯାଏ । ହାଡ଼ିଆ ଭାଇ ସେ ଗୋବରୀ ତୁଠରେ ଟହଲ ମାରୁଥାଏ । ମିଛଟାରେ ଅମ୍ବରଜଡ଼ା ଦାନ୍ତକାଠି ଖଣ୍ଡେ ପାଟିରେ ପୂରେଇ ଚୋବାଇ ଚାଲିଥାଏ ।

ଦାନ୍ତ ଘସିବା ବାହାନାରେ ହାଡ଼ିଆ ଭାଇ ଏକ ଲୟରେ ସୋରିଆ ନାନୀର ବତୁରା ଦେହକୁ ଦେଖୁଥାଏ । ଡାଆଣାଙ୍କ ଭଳି ସେ ସୋରିଆ ନାନୀ ଦେହରେ ଭେଦି ଯାଉଥାଏ । ମୋତେ ଭୀଷଣ ରାଗ ମାଡୁଥାଏ ।

ସୋରିଆ ନାନୀ ସହ ମୁଁ ଥରେ ତା' ମାମୁଘର ଗାଁ ପଥରକଣି ମେଳା ଯାଇଥିଲି । ପଥରକଣୀ ଠାକୁରାଣୀଙ୍କ ମହିମା ଅପାର । ପଥରକଣୀ ଠାକୁରାଣୀ ପାଖ କୋଲତିରାରେ ସୋରିଆ ନାନୀର ମାମୁଘର ।

ସୋରିଆ ନାନୀର ମାଇଁ କହନ୍ତି, କାଳିନାଗୁଣୀ ନଈ ଭିତରେ ଥିବା ଏକ ଟାପୁରେ ମା' ପଥରକଣୀ ପୂଜା ପାଉଥାନ୍ତି । ଏ କାଳିନାଗୁଣୀ ନଈଟା ଗୋବରୀ ନଈର ଏକ ଶାଖା ନଈ । ଆଗରୁ ଏ କାଳୀନାଗୁଣୀ ନଈ ସମୁଦ୍ରକୁ ଲାଗିଥିଲା । ସମୁଦ୍ରରେ ଜୁଆର ଆସିଲେ ଏହି କାଳିନାଗୁଣୀ କରାଳ ରୂପ ଧାରଣ କରେ ବୋଲି ସୋରିଆ ନାନୀର ମାଇଁ କହନ୍ତି ।

ମା' ପଥରକଣୀଙ୍କ ଜନ୍ମଦିନ କା□ୀକ ପୂର୍ଣ୍ଣିମାରେ ବହୁତ ଲୋକ ଆସନ୍ତି । ବାରୁଆ ପ*ାୟତରେ ମା' ପଥରକଣୀଙ୍କ ମନ୍ଦିର । କୋଲତିରା, ମିର୍ଜାପୁର, ପଳିସିଙ୍ଗା, ଗଗୁଆ, ଗାଙ୍ଗପଡ଼ା, ବରସିଙ୍ଗି, ଛତପଡ଼ା, ପୋଇପାଟ ଆଦି ଗାଁର ପ୍ରତ୍ୟକ୍ଷ ଦେବୀ ହେଉଛନ୍ତି ମା' ପଥରକଣୀ ।

କଟକରୁ କେନ୍ଦ୍ରାପଡ଼ା ଦେଇ ପଟ୍ଟାମୁଣ୍ଡେଇ, ଆଳି, ରାଜନଗର, ରାଜକନିକା ଓ ଚାନ୍ଦବାଲି ଯାତାୟାତ କରୁଥିବା ଲୋକଙ୍କ ପାଇଁ ପଥରକଣୀ ସାହାଭରସା । ରାସ୍ତାରେ ଯିବାଆସିବା କରୁଥିବା ଗାଡ଼ିଘୋଡ଼ା ମା'ଙ୍କ ସିନ୍ଦୁର ନେବାପାଇଁ ଅଟକି ଥାନ୍ତି ।

ପଥରକଣୀ ଠାକୁରାଣୀଙ୍କ ସମ୍ପର୍କରେ ସୋରିଆ ନାନୀର ମାଇଁ ଆମକୁ କହନ୍ତି, ଏକଦା ସମୁଦ୍ରରୁ ନାଆ ନେଇ ଫେରୁଥିଲା ଜଣେ ନାଉରିଆ । ବିଭିନ୍ନ ଅଳଙ୍କାରରେ ବିଭୂଷିତ ମାଆ ନାଉରିଆକୁ ତା' ନାଆରେ ନେବାକୁ କହିଲେ । ନାଉରିଆ କହିଲା- ମୁଁ ଯାହା ମାଗିବି, ତାହା ଦେଲେ ପାର କରିବି । ମା' କହିଲେ- ହଉ ନେଇ ଚାଲ୍ । ତୁ ଯାହା ମାଗିବୁ, ତାହା ଦେବି ।

କାଳିନାଗୁଣୀ ନଈ ଦେଇ ନାଉରିଆ ଆସିବାବେଳେ ନଈ ମଝିରେ ଥିବା ଏକ ଟାପୁ ପାଖରେ ଅଟକାଇବାକୁ ମାଆ କହିଲେ । ସତକୁ ସତ ମା' ସେବେଠାରୁ ନଈ ମଝିରେ ଥିବା ସେଇ ଟାପୁରେ ରହିଗଲେ ।

ନାଉରିଆକୁ ମା' ଏତେ ଧନସମ୍ପଦ ଦେଲେ ଯେ, ସେ ଆଉ ନାଆ ଚଳେଇବାକୁ ସମୁଦ୍ର ଗଲାନି । ମା' ପଥରକ୍ଷଣୀ ଭାବେ କାଳିନାଗୁଣୀ ନଈ ମଝିର ଟାପୁରେ ସବୁଦିନ

ପାଇଁ ରହିଲେ ।

କା□ୀକ ପୂର୍ଣ୍ଣିମା ଦିନ ହଜାର ହଜାର ସଂଖ୍ୟାରେ ଝିଅ, ବୋହୂ ଡଙ୍ଗା ଭସାଇବାକୁ କାଳିନାଗୁଣୀ ନଦୀକୁ ଆସନ୍ତି । ସୋରିଆ ନାନୀ ସହ ଭୋଅରୁ ଭୋଅରୁ ଉଠି ମୁଁ ବି କା□ୀକ ପୂନେଇଁରେ ଡଙ୍ଗା ଭସାଏ ।

୪

ପିଲାଦିନେ ମୁଁ ଅଜାଙ୍କ ସହ ଥରେ ଦୁଇଥର ଝାର କରିବାକୁ ଜମ୍ବୁଦ୍ୱୀପ ଯାଇଛି । ଜମ୍ବୁର ପୁରୁଣା କୋଠାରେ ଅଜା ଓ ମାମୁମାନଙ୍କ ସହ ରାତି କଟାଇଛି ।

ବୋଉ ମନା କରେ । କହେ- "ପିଲାଟାକୁ କାହିଁକି ନଉଚ ? ସେଠି ଜଙ୍ଗଲରେ ଜନ୍ତୁଜୁନ୍ତା ଥିବେ । ସମୁଦ୍ର ଦେଖି ଡରିବ ।"

ମୁଁ ଜିଦ୍ ଧରେ । କହେ- "ମୁଁ ଅଜାଙ୍କ ସାଙ୍ଗରେ ଜମ୍ବୁ ଯିବି । ଅଜା ଓ ମାମୁମାନେ ଅଛନ୍ତି । ମୋର ଡର ପୁଣି କ'ଣ ? ଅଜା କେମିତି ଝାର କରୁଛନ୍ତି ମୁଁ ଦେଖିବି ।"

ଅଜାଙ୍କ ଡଙ୍ଗାଟା ବହୁତ ବଡ଼ ଥିଲା । ଦେଖିବାକୁ ଗୋଟିଏ ଜାହାଜ ଭଳି । ମହଣେ ମହଣେ ଜିନିଷ ସେଥିରେ ଲଦା ହୋଇ ଆସେ । ବିଭିନ୍ନ ପ୍ରକାର ଜଙ୍ଗଲୀ କାଠ, ଝୁଣା, ଲାଖ, ଓରୁଅ, ହରିଣ ମାଂସ ଓ ଚମଡ଼ା, କୁମ୍ଭୀର ଚମଡ଼ା, ବାଘ ନଖ, ଦାନ୍ତ ଓ ଛାଲ ପର୍ଯ୍ୟନ୍ତ ଯାବତୀୟ ଜିନିଷ ସେଥିରେ ଲଦା ହୋଇ ଆସେ ।

ଅଜାଙ୍କ ଡଙ୍ଗାରେ ବସି ମୁଁ ଦରିଆ ରାମଚଣ୍ଡୀ, ଖରିନାସୀ, ହୁକିଟୋଲା ଫଲ୍‌ସ ପଏ[ବନ୍ଦର, ବତୀଘର ଆଦି ବୁଲି ଯାଏ । ଗୋବରୀ ନଈର ଦୁଇ ପାର୍ଶ୍ୱରେ ଥିବା ହେନ୍ତାଳ ଜଙ୍ଗଲକୁ ଦେଖି ମୁଁ ଖୁସିରେ ନାଚି ଉଠେ ।

ନଈ ଭିତରେ ମହାକାଳପଡ଼ାରୁ କିଛିବାଟ ଆଗକୁ ଚାଲିଗଲା ପରେ ଗୋବରୀ ନଈର ବିଶାଳ ଦୃଶ୍ୟ ଦେଖି ମୁଁ ଡରିଯାଏ ।

ମୁଁ ବଡ଼ପାଟିରେ ଚିଲ୍ଲେଇ କହେ- "ହେଇ ସମୁଦ୍ର ଆସିଗଲା । ସମୁଦ୍ର ଆସିଗଲା ।"

ଅଜା ହୁରୁଡ଼ି ଛାଡ଼ି କହନ୍ତି- "ରହରେ ଟୋକା, ଏଇଟା ସମୁଦ୍ର ନୁହେଁ । ସମୁଦ୍ର ଆହୁରି ଆଗରେ ।"

ଜମ୍ବୁଦ୍ୱୀପ ନିକଟରେ ଗୋବରୀ ନଈ ଏତେ ଓସାର ଥିଲା ଯେ, ମୁଁ ତାକୁ ସମୁଦ୍ର ବୋଲି ଭାବୁଥିଲି ।

ଆମ ଡଙ୍ଗା ଧୀରେ ଧୀରେ ସମୁଦ୍ରର ଆଁ ଭିତରକୁ ମୁହାଉଁଥାଏ । ନଈପଠା ପଙ୍କରେ କୁମ୍ଭୀରମାନେ କାଠଗଣ୍ଡି ଭଳି ପଡ଼ିରହି ଖରା ପୁଆଁଉଥାନ୍ତି ।

ନଈ ସେପଟେ ହେନ୍ତାଳ ଜଙ୍ଗଲ ଭିତରେ ହରିଣ, କୁଟ୍ରା ବୁଲୁଥିବାର ଅଜା ମୋତେ

ଦେଖାଇ ଦିଅନ୍ତି । ଜୀବନରେ ପ୍ରଥମ ଥର ପାଇଁ ଏତେ ପାଖରୁ ହରିଣ ଦେଖି ମୁଁ ରୋମାଂଚିତ ହୁଏ ।

ଦ୍ୱିତୀୟ ଶ୍ରେଣୀ 'ମୋ' ପାଠ' ବହିରେ ପଢ଼ିଥିଲି- "କଉତୁକିଆ ହରିଣ ଛୁଆ,/ମା' ପାଖରେ ହୋଇଛି ଠିଆ ।" ସତକୁ ସତ ଜମ୍ମୁର ହେନ୍ତାଳ ଜଙ୍ଗଲରେ ମା' ହରିଣ ପାଖରେ ଛୁଆ ହରିଣକୁ ଦେଖି ମୁଁ ଖୁସିରେ ଆତ୍ମବିଭୋର ହୋଇଯାଏ ।

ଅଜା ଓ ମାମୁମାନେ ଡଙ୍ଗାରେ ଜମ୍ମୁ କେନାଲ ଓ କେନ୍ଦ୍ରାପଡ଼ା କେନାଲ ଦେଇ କଟକରୁ ମାଲ୍‌ପତ୍ର ଆଣନ୍ତି । ମହାକାଳପଡ଼ାରୁ କଟକ ଯିବା ଆସିବା ପ୍ରାୟ ଦୁଇ ଦିନ ଲାଗିଯାଏ । ଅଜା ଓ ମାମୁମାନେ ବାଟରେ ରହିରହିକା ଆସନ୍ତି ।

କଟକରୁ ମାଲ୍ ଲୋଡ୍ କରି କେନାଲରେ ଫେରିବା ବାଟରେ ଅଜା ଓ ମାମୁମାନେ ବେଳେବେଳେ ମାର୍ଶାଘାଇଠାରେ ଡଙ୍ଗାକୁ ଅଟକାଇ ବିଶ୍ରାମ ନିଅନ୍ତି ।

ଏ ମାର୍ଶାଘାଇକୁ ନେଇ ଅଜା ଗୋଟିଏ ଚମତ୍କାର କାହାଣୀ କହନ୍ତି । ଇଂରେଜ ଶାସନ କାଳରେ ଏଇ ମାର୍ଶାଘାଇ ଗୋଟିଏ ଛୋଟ ରାଜସ୍ୱ ଗ୍ରାମ ଥିଲା । ଅଜା କାହାଣୀ ଆରମ୍ଭ କରି ଦିଅନ୍ତି ।

ଲୁଣା ନଈ କୂଳରେ ଗାଁଟିଏ ଥିଲା । ସେହି ଗାଁର ନାମ ଥିଲା ଜୁଣା । ଲୁଣା ନଈରେ ବଢ଼ି ଆସିଲା । ଧୋୟା ଅଂଳ ବୁଡ଼ିଗଲା । ଜୁଣା ଗାଁ ନିକଟରେ ଲୁଣା ଘେରି ବନ୍ଧ ଭାଙ୍ଗିଗଲା । ବଢ଼ିପାଣି ଜୁଣା, ପଳାସପୁର, ବାଲଣା, ଆଦମପୁର, ଜାଲକଣା, ମହାକାଳପଡ଼ା, ଶିଖର, ଚଢ଼େଇଗାଁ, କେୟାରବାଙ୍କ ଭଳି ନିଧୋୟା ଅଂଳକୁ ପଶିଲା । ବହୁ କ୍ଷୟକ୍ଷତି କଲା ।

ଅଜାଙ୍କ କହିବା କଥା, ସେହିବର୍ଷ ବଢ଼ିରେ ତାଙ୍କ ମାଟିଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା । ଅଜାଙ୍କ ଘର ଭାଙ୍ଗିବା ମାନେ ଆଉ ରକ୍ଷା ନାହିଁ । କାରଣ ଅଜାଙ୍କର ଘର ସବୁଠୁ ଉଚ୍ଚା ଥିଲା । ପୁରୁଷେ ଦୁଇ ପୁରୁଷ ଉଚ୍ଚ ଡିହରେ ଅଜାଙ୍କର ମାଟିଘର ଥିଲା । ଏଣୁ ଅଜାଙ୍କ ଘରକୁ ବଢ଼ି ପାଣି ଛୁଇଁ ପାରେନା । କିନ୍ତୁ ସେବର୍ଷ ଅଜାଙ୍କ ଘର ବଢ଼ି ପାଣିରେ ଧୋଇ ଯାଇଥିଲା ।

ସେବର୍ଷ ଲୁଣା ଘେରିବନ୍ଧ ଭାଙ୍ଗିଯିବାରୁ ଜୁଣାଠାରେ ପ୍ରଥମ କରି ଏକ ନୂଆ ଘାଇ ସୃଷ୍ଟି ହେଲା । ତା' ପରବର୍ଷଠାରୁ ବଢ଼ିପାଣି ସେହି ଘାଇ ଦେଇ ନିଧୋୟା ଅଂଳକୁ ପଶିଲା । ଆଗରୁ ଧୋୟା ଅଂଳର ଲୋକେ ବଢ଼ିପାଣି କ'ଣ ଜାଣୁଥିଲେ । କିନ୍ତୁ ଜୁଣା ଘାଇ ହେବା ଦିନୁ ନିଧୋୟା ଅଂଳର ଲୋକେ ବି ବଢ଼ି ପାଣିରେ ଘା[ହେଲେ ।

ଜୁଣା ଘାଇ ନିଧୋୟା ଅଂଳବାସୀଙ୍କ ପାଇଁ ବଡ଼ ସମସ୍ୟା ହୋଇ ଠିଆ ହେଲା । ପ୍ରତିବର୍ଷ ଲୁଣା ନଈରେ ବନ୍ୟା ଆସି ନିଧୋୟା ଅଂଳକୁ ବୁଡ଼ାଇଲା ।

ମାର୍ଶାଲ ନାମକ ଜଣେ ଇଂରେଜ ସାହେବ ନିଧୋୟା ଅଂଳବାସୀଙ୍କ ଏ ଦୁଃଖ ଦୁର୍ଦ୍ଦଶା ଦେଖି ପାରି ନଥିଲେ । ମାର୍ଶାଲ ସାହେବଙ୍କ ଉଦ୍ୟମରେ ଜୁଣାଠାରେ ଏକ ସ୍ଥାୟୀ ଘାଇବନ୍ଧ

ନିର୍ମାଣ ହେଲା । ଫଳରେ ନିଧୋୟା ଅ*ଳବାସୀଙ୍କ ଦୁଃଖ ଦୂର ହେଲା । ଏହି ମାର୍ଶାଲ ସାହେବ ଜଣେ ଭଲ ମଣିଷ ଥିଲେ ।

ଅଜା କହୁଥିଲେ, ସେ ମାର୍ଶାଲ ସାହେବ ସବୁଦିନ ପାଇଁ ଜୁଣାଠାରେ ରହିଗଲେ ଏବଂ ଲୋକଙ୍କ ସେବା କଲେ । ମାର୍ଶାଲ ସାହେବ ଜୁଣାଠାରେ ଘାଇବନ୍ଧ ନିର୍ମାଣ କରିଥିବାରୁ ସେବେଠୁ ଜୁଣା ନାଁ ବଦଳି ମାର୍ଶାଲ ଘାଇ ହୋଇଗଲା । ପରେ ଲୋକମୁଖରେ ଏହା ମାର୍ଶାଘାଇ ହୋଇଛି ବୋଲି ଅଜା କହୁଥିଲେ ।

ଅଜାଙ୍କଠାରୁ ଏସବୁ କାହାଣୀ ଶୁଣି ମୁଁ ଭାରି ଖୁସି ହେଉଥିଲି । ମୋର ଏଭଳି କାହାଣୀ ଶୁଣିବାକୁ ଭାରି ଆଗ୍ରହ ଥିଲା । ଅଜାଙ୍କର ଏହି ଇତିହାସ ଜ୍ଞାନ ଭବିଷ୍ୟତରେ ମୋତେ ଗବେଷଣାରେ ସହାୟକ ହୋଇଥିଲା ।

ନଈରେ ଆମେ ଆଗକୁ ଆଗକୁ ଯାଉଥାଉ । ଅଜା ମୋତେ କାହାଣୀମାନ ଶୁଣାଇ ଚାଲିଥାନ୍ତି । ଜମ୍ବୁ ଆଉ କୋଶେ ବାଟ ବୋଲି ଅଜା କହୁଥାନ୍ତି । ଜମ୍ବୁରୁ ଆଉ ଟିକେ ଆଗକୁ ସମୁଦ୍ର ଭିତରକୁ ଗଲେ ପଡ଼ିବ ହୁକିଟୋଲା ବନ୍ଦର ।

ଆମ ଡଙ୍ଗା ଆଗକୁ ଆଗକୁ ମାଡ଼ି ଚାଲିଥାଏ । ଗୋବରୀ ନଈରେ ସେବର୍ଷ ପ୍ରବଳ ବିଲାତି ଦଳ । ବିଲାତି ଦଳକୁ ଆଡ଼େଇ ଡଙ୍ଗା ଚଳେଇବା ମାମୁମାନଙ୍କ ପାଇଁ ବଡ଼ କଷ୍ଟକର ହୋଇ ପଡୁଥାଏ । ଜଣେ ମାମୁ ମଙ୍ଗ ଧରି ଥିବାବେଳେ ଆଉ ଜଣେ ମାମୁ ଦଳ ସଫା କରୁଥାନ୍ତି ।

ଅଜା ବିରକ୍ତ ହୋଇ କହିଲେ- "ଏ ଶଳା ଇଂରେଜ ଆମଠୁ ସବୁ ଲୁଟିନେଲେ । ଶେଷରେ ଏହି ବିଲାତି ଦଳ ଦେଇ ନିଜ ଦେଶକୁ ଫେରିଗଲେ ।"

ଅଜାଙ୍କଠାରୁ ଏ କଥା ଶୁଣି ମୋ' ମନରେ କୌତୁହଳ ବଢ଼ିଲା । ଏ ବିଲାତି ଦଳକୁ ନେଇ କିଛି କାହାଣୀ ଅଛି କି ବୋଲି ମୁଁ ଅଜାଙ୍କୁ ପ୍ରଶ୍ନ କଲି ।

ମୁଁ ଅଜାଙ୍କୁ କହିଲି- "ଅଜା, ଇଂରେଜମାନେ ଆମକୁ କେମିତି ବିଲାତି ଦଳ ଦେଲେ ?"

ଅଜା କହିଲେ- "ସେ ବି ଗୋଟିଏ ଲମ୍ବା କାହାଣୀ । ପ୍ରଥମେ, ଏହାର ନାଁ ବିଲାତି ଦଳ କାହିଁକି ହୋଇଛି ଜାଣିପାରୁନୁ ?"

ମୁଁ କହିଲି- "ନା, ଅଜା ଜାଣିପାରୁନି । କହୁନ କ'ଣ ଏହା ପଛର ରହସ୍ୟ ।"

ଅଜା ପୁଣି ଆରମ୍ଭ କଲେ ବିଲାତି ଦଳର ଇତିହାସ ।

ବିଲାତି ଦଳ ଆଉ ଗୋବରୀ ନଈ ଦୁହେଁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆମ ଗାଁ ଗୋବରୀ ନଈରେ ବି ପ୍ରବଳ ବିଲାତି ଦଳ ଭାସେ । ସୋରିଆ ନାନୀ ସାଙ୍ଗରେ ନଈ ପହଁରୁଥିବାବେଳେ ମୁଁ ଥରେ ବିଲାତି ଦଳ ଭିତରେ ଲାଖି ଯାଇଥିଲି । ସୋରିଆ ନାନୀ ମୋତେ ଟାଣି ଟାଣି ଉପରକୁ ଆଣିଥିଲା । ମୁଁ ପାଣି ପିଇ ଯାଇଥିଲି ।

ଏ ବିଲାତି ଦଳର ଚେରରେ ପ୍ରବଳ ଚିଙ୍ଗୁଡ଼ି ଓ କଙ୍କଡ଼ା ଲାଗିଥାନ୍ତି । ସୋରିଆ ନାନୀ

ବିଲାତି ଦଳରୁ ଚିଙ୍ଗୁଡ଼ି ଓ କଙ୍କଡ଼ା ଧରେ । ସୋରିଆ ନାନୀ କଥା ଭାବି ମୁଁ କିଛି ସମୟ ଅନ୍ୟମନସ୍କ ହୋଇଯାଏ ।

ଅଜା କହନ୍ତି- "ଏ ବିଲାତି ଦଳ ଗୋବରୀ ନଈ ଛଡ଼ା ଓଡ଼ିଶାରେ ଆଉ କୋଉ ନଦୀରେ ଦେଖିବାକୁ ମିଳେନି । ଏହି ଦଳ ବିଲାତରୁ ଆସିଥିବାରୁ ଏହାର ନାମ ବିଲାତି ଦଳ ହୋଇଛି ।"

ସେତେବେଳେ ବିଲାତ କ'ଣ ମୁଁ ତ ଜାଣି ନଥାଏ । ଆଉ ବିଲାତି ଦଳ କେମିତି ଜାଣିବି ? ଅବଶ୍ୟ ବିଲାତି ଆଳୁ, ବିଲାତି ବାଇଗଣ ବିଷୟରେ ଶୁଣିଥିଲି । ଆମେ ଯାହାକୁ ଆଳୁ କହୁ, କେହି କେହି ତାକୁ ଗୋଲା ଆଳୁ ବି କହନ୍ତି; କିନ୍ତୁ ପୁରୁଣାକାଳିଆ ଲୋକେ ତାକୁ ବିଲାତି ଆଳୁ କହନ୍ତି । ଆମେ ଯାହାକୁ ଟମାଟର କହୁ, ପୁରୁଣାକାଳିଆ ଲୋକେ ତାକୁ ବିଲାତି ବାଇଗଣ ବୋଲି କହନ୍ତି । ସେତେବେଳେ ଏତେ କଥା ମୋ' ମୁଣ୍ଡରେ ପଶି ନଥିଲା ।

ମୁଁ କହିଲି- "ଅଜା, ବିଲାତ କ'ଣ ? କାହିଁକି ଏ ଦଳର ନାଁ ବିଲାତି ଦଳ ହୋଇଛି ?"

ଅଜା କହିଲେ- "ହୁଣ୍ଡାଟା, ବିଲାତ କ'ଣ ଜାଣିନୁ ? ଆରେ ବିଲାତ ହେଉଛି ଇଂରେଜମାନଙ୍କ ଦେଶ । ଇଂଲଣ୍ଡ ।"

ଅଜା ବିଲାତି ଦଳ ପଛର କାହାଣୀ ଆରମ୍ଭ କଲେ ।

ଅଜା କହିଲେ- "ଆମର କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡେଇ ଅ*ଳରୁ ବହୁ ଲୋକେ କଲିକତା ଚଟକଳରେ କାମ କରିବାକୁ ଯାଉଥିଲେ ।"

ମୁଁ ଚଟକଳ କ'ଣ ଜାଣି ନଥିଲି । ଏଣୁ ମୁଁ ଅଜାଙ୍କୁ ପୁଣି ପଚାରିଲି- "ଅଜା ଏ ଚଟକଳ କ'ଣ ?"

ଅଜା କହିଲେ- "ହୁଣ୍ଡାଟା । ପ୍ରଶ୍ନ ପଚାରି ପଚାରି ମୁଣ୍ଡ ଖାଇଲାଣି ।"

ଅଜା ପୁଣି ଚଟକଳ ବିଷୟରେ ମୋତେ ବୁଝାଇଲେ ।

ଅଜା କହିଲେ- "ଝୋଟ ମିଲ୍‌କୁ କଲିକତାରେ ଚଟକଳ କୁହାଯାଏ । ଝୋଟ କ'ଣ ଜାଣିଛୁ ନା ନାହିଁ ?"

ମୁଁ କହିଲି- "ହେ ଅଜା, ମୋତେ କ'ଣ ଟାଉନ୍ ପିଲା ଭାବୁଛ ? ମୁଁ ପରା ଗାଁ ପିଲା । ଆମ ଗାଁରେ ନଳିତା ଚାଷ ହୁଏ । ନଳିତାକୁ ପଚେଇ ସେଥିରୁ ଝୋଟ ବାହାର କରାଯାଏ ।"

ଆମ ଅ*ଳରେ ପ୍ରବଳ ନଳିତା ଚାଷ ହୁଏ । ଆଜିକାଲି ନଳିତା ଚାଷ ବୁଡ଼ିଗଲାଣି । ନଳିତା ଗଛକୁ କାଟି ଫୁଟଖାଲିଆ ପାଣି ଭିତରେ ମାସାଧିକ କାଳ ବୁଡ଼ାଇ ରଖାଯାଏ । ନଳିତା ଭଲ ଭାବେ ପଚିଗଲେ, ତାକୁ ବାଡ଼େଇ ପିଟି ସେଥିରୁ ଝୋଟ ଆଉ କାଉଁରିଆ କାଠି ବାହାର କରାଯାଏ ।

ଆମ ଘରେ ବଣ୍ଡଲ ବଣ୍ଡଲ ଝୋଟ ଗଦା ମରାଯାଇଥାଏ । ମୁଁ ବେଳେବେଳେ

ରୁଷିଥିଲେ ସେ ଝୋଟ ଗଦାରେ ଆରାମ୍‌ରେ ଶୋଇପଡ଼େ ।

ମାସ ମାସ ଧରି ଆମ ଲଂଘାଘରେ, କଣଘରେ ଆଉ ମା[ଘରେ ଝୋଟ ଗଦା ମରାଯାଇଥାଏ । ବେପାରୀମାନେ ଆସି ଏ ଝୋଟ କିଣି ନେଇ ଯାଆନ୍ତି । ଆମ ଗାଁ ଗୋବରୀ ନଈ କୂଳରେ ବଡ଼ ବଡ଼ ଡଙ୍ଗା ଲାଗେ । ଏ ଝୋଟ ଗଣ୍ଠିଲି ସବୁ ଡଙ୍ଗାରେ ଲଦା ହୋଇ କେଉଁ ଆଡ଼କୁ ଯାଏ ମୁଁ ସେତେବେଳେ ଜାଣି ନଥିଲି ।

ଅଜା କହିଲେ- "ଆମ ଅ*ଳର ସବୁ ଝୋଟ କଲିକତାକୁ ଯାଏ । ଗୋବରୀ ନଈବାଟେ ଡଙ୍ଗାରେ ବୋଝେଇ ହୋଇ ବିଭିନ୍ନ ଅ*ଳରୁ ଝୋଟସବୁ ଜମ୍ବୁଦ୍ୱୀପକୁ ଆସେ । ଜାହାଜରେ ଲଦା ହୋଇ ଫଲ୍‌ସ ପଏ[ବନ୍ଦରରୁ କଲିକତାକୁ ଯାଏ ।"

ମୁଁ ପିଲାଦିନେ ଦେଖିଛି, ଆମ ଗାଁ ଗୋବରୀ ନଈ ଘାଟରେ ବହୁ ସଂଖ୍ୟାରେ ଡଙ୍ଗା ଲାଗେ । ଆମ ଗାଁଲୋକେ ଝୋଟ ଗଣ୍ଠିଲିସବୁ କାନ୍ଧରେ ବୋହି ଡଙ୍ଗା ପର୍ଯ୍ୟନ୍ତ ନିଅନ୍ତି ।

ଆମର କେନ୍ଦ୍ରାପଡ଼ା ଅ*ଳରୁ ବହୁ ଓଡ଼ିଆ ଲୋକ ସେତେବେଳେ କଲିକତାର ଚଟକଳରେ କାମ କରୁଥିଲେ । ସେମାନେ ଜମ୍ବୁ ଦ୍ୱୀପରୁ ଜାହାଜରେ କିମ୍ବା ଷ୍ଟିମରରେ ହୁଗୁଳିଘାଟରେ ପହ*ୁଥିଲେ ବୋଲି ଅଜା କହୁଥିଲେ ।

ଅଜା ପୁଣି ସେହି ବିଲାତି ଦଳ ପ୍ରସଙ୍ଗକୁ ଫେରିଲେ ।

ଜଣେ ଓଡ଼ିଆ ଲୋକ କଲିକତାରେ ଜଣେ ଇଂରେଜ ସାହେବଙ୍କ ଘରେ ମାଳି କାମ କରୁଥିଲା । ସେହି ଓଡ଼ିଆ ଲୋକର ଘର ପଟ୍ଟାମୁଣ୍ଡେଇ ଅ*ଳରେ । ସେ ଓଡ଼ିଆ ଲୋକଟା ଥରେ ଦେଖିଲା ଯେ, ସେ ଇଂରେଜ ସାହେବଙ୍କ ଘର ପାଣି କୁଣ୍ଡରେ ବାଇଗଣୀ ରଙ୍ଗର ସୁନ୍ଦର ଫୁଲସବୁ ଫୁଟିଛି ।

ଓଡ଼ିଆ ଲୋକଟି ଇଂରେଜ ସାହେବକୁ ପଚାରିଲା- "ସାହେବ, କୁଣ୍ଡରେ ଏ କି ଫୁଲ ଫୁଟିଛି ? ଭାରି ତ ସୁନ୍ଦର ଦିଶୁଛି ।"

ସେ ଇଂରେଜ ସାହେବ ଆମର ଏ ଗଜମୂର୍ଖ ଓଡ଼ିଆକୁ ବୁଝେଇ ଦେଇ କହିଲା- "ଏହା ହେଉଛି ବିଲାତି ଦଳ । ଏହାର ଫୁଲ ଅତି ସୁନ୍ଦର । ଏହି ଦଳର ଚେର ଯେଉଁ ପାଣିରେ ରହେ ସେ ପାଣି ମିଠା ଲାଗେ । ପାଣି ଅତି ପରିଷ୍କାର ରହେ । ଏହି ଦଳର ଚେର ପାଣିକୁ ଛାଣି ସଫା କରେ ।"

ଇଂରେଜ ସାହେବଙ୍କ ଠାରୁ ଏକଥା ଶୁଣିବା ପରେ ଓଡ଼ିଆ ଲୋକଟି ମନେ ମନେ ଭାବୁଥାଏ, କେମିତି ଏ ଗଛକୁ ଓଡ଼ିଶାକୁ ନେବ ।

ଥରେ ଖରା ଛୁଟିରେ ସେ ଓଡ଼ିଆ ଲୋକଟି ନିଜ ଗାଁକୁ ଆସିଲା । ସେ ଇଂରେଜ ସାହେବଙ୍କ କୋଠିରୁ ଗୋଟିଏ ବିଲାତି ଦଳ ଗଛ ଆଣି ତାଙ୍କ ନିଜ ଗଡ଼ିଆରେ ଛାଡ଼ିଲା । କିଛି ମାସ ପରେ ତାଙ୍କ ଗଡ଼ିଆ ବିଲାତି ଦଳରେ ଭ[ହୋଇଗଲା । ଏହା ଦେଖି ଓଡ଼ିଆ ଲୋକଟି ଭାରି ଖୁସି ହୋଇଗଲା ।

ପରେ ଗାଁ ଲୋକେ ତାଙ୍କଠାରୁ ବିଲାତି ଦଳର ଗଛ ନେଇ ନିଜନିଜ ଗଡ଼ିଆ ପୋଖରୀରେ ଛାଡ଼ିଲେ । କାଳକ୍ରମେ ଏହା ଗୋବରୀ ନଈକୁ ଆସିଲା । ଆଜି ସାରା ଗୋବରୀ ନଈକୁ ବିଲାତି ଦଳ ଗ୍ରାସ କରିଛି ବୋଲି ଅଜା କହୁଥିଲେ ।

ଅଜା ଗପି ଚାଲିଥାନ୍ତି । ଆମ ଡଙ୍ଗା ଗୋବରୀ ନଈର ବିଲାତି ଦଳକୁ ଆଡ଼େଇ ଆଗକୁ ଆଗକୁ ଚାଲିଥାଏ ।

ଆମେ ଯାଇ ମା' ଦରିଆ ରାମଚଣ୍ଡୀଙ୍କ ନିକଟରେ ପହଁଚିଲୁ । ଘ* ହେନ୍ତାଳ ଜଙ୍ଗଲ ଭିତରେ ମା' ଦରିଆ ରାମଚଣ୍ଡୀ ପୂଜା ପାଉଥାନ୍ତି । ମାମୁମାନେ ଡଙ୍ଗାକୁ ଦରିଆ ରାମଚଣ୍ଡୀଙ୍କ ଘାଟରେ ଖଟେଇଲେ ।

ଘ* ହେନ୍ତାଳ ଜଙ୍ଗଲ ଭିତରେ କାହିଁ କେଉଁ କାଳରୁ ମା' ଦରିଆ ରାମଚଣ୍ଡୀ ପୂଜା ପାଉଥାନ୍ତି । ଦରିଆ ରାମଚଣ୍ଡୀଙ୍କର ମନ୍ଦିର ବୋଲି କିଛି ନଥିଲା । ସମୁଦ୍ର ମୁହାଣ ମଧ୍ୟରେ ଗଛମୂଳେ ମା' ପୂଜା ପାଉଥିଲେ ।

ଅଜା କହୁଥିଲେ, ତାଙ୍କ ପୂର୍ବପୁରୁଷ ସାଧବମାନେ ଯେତେବେଳେ ବୋଇତ ନେଇ ଦୂର ବିଦେଶ ଯାତ୍ରା କରୁଥିଲେ, ସେମାନେ ପ୍ରଥମେ ଏଇଠି ମା' ଦରିଆ ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ସାଧବମାନେ ପ୍ରଥମେ ମା' ଦରିଆ ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରି ଜମ୍ବୁଦ୍ୱୀପରୁ ବିଦେଶକୁ ବୋଇତ ମେଲାଉଥିଲେ ।

ମା' ଦରିଆ ରାମଚଣ୍ଡୀ ପ୍ରତ୍ୟକ୍ଷ ଠାକୁରାଣୀ । ଯେଉଁମାନେ ଗୋବରୀ ମୁହାଣକୁ ଝାର କରିବାକୁ ଯାଆନ୍ତି, ସେମାନେ ପ୍ରଥମେ ମା' ଦରିଆ ରାମଚଣ୍ଡୀଙ୍କ ନିକଟରେ ଡଙ୍ଗା ଖଟେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି ।

ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ମା' ଦରିଆ ରାମଚଣ୍ଡୀଙ୍କ ନିକଟରେ ଶହଶହ ଛେଳି, ମେଣ୍ଢା ବଳି ପଡ଼ନ୍ତି । ସେଦିନ ଆମ ଅଜା ଓ ମାମୁମାନେ ଗୋଟିଏ କଳାବୋଦା ସାଙ୍ଗରେ ନେଇଥିଲେ । ତାହା ବି ସେଠାରେ ବଳି ପଡ଼ିଲା ।

ମା' ଦରିଆ ରାମଚଣ୍ଡୀଙ୍କ ନିକଟରେ ମାନସିକଧାରୀମାନେ ନିଜନିଜର ଗୁହାରୀ କରି ଛେଳି, ମେଣ୍ଢା ବଳି ଚଢ଼ାଉଥାନ୍ତି । ଚାରିଆଡ଼େ ରକ୍ତର ଛିଟା । ଏତେ ରକ୍ତ ଆଉ ଛେଳି, ମେଣ୍ଢାଙ୍କ ଚିତ୍କାର ଶୁଣି ମୋତେ ଭାରି ଡର ମାଡୁଥାଏ ।

ଅଜା ମୋ' ହାତ ଧରି ମା' ଦରିଆ ରାମଚଣ୍ଡୀଙ୍କୁ ଦର୍ଶନ କରିବାକୁ ନେଇଗଲେ । ମାମୁମାନେ ମା' ରାମଚଣ୍ଡୀଙ୍କର ପୂଜାଭୋଗ ପ୍ରସ୍ତୁତିରେ ଲାଗିଥାନ୍ତି । ରାମଚଣ୍ଡୀଙ୍କୁ ଦର୍ଶନ କରି ଅଜା ଓ ମୁଁ ବସି ଗପ ଆରମ୍ଭ କରିଦେଲୁ ।

ମୁଁ କହିଲି- "ଅଜା, ଏ ସମୁଦ୍ର ମଝିରେ ଘୋର ଜଙ୍ଗଲ ଭିତରକୁ ଠାକୁରାଣୀ କେମିତି ଆସିଲେ ?"

ଅଜା କହିଲେ- "ତୁ ତଅପୋଇ ପୁରାଣ କାହାଣୀ ଶୁଣିନୁ ? ଏ ପରା ମା' ମଙ୍ଗଳା

ଠାକୁରାଣୀ । ତଅପୋଇକୁ ତା' ଭାଉଜମାନେ ଛେଳି ଚରାଇବାକୁ ଯେତେବେଳେ ଜଙ୍ଗଲକୁ ପଠାଇଥିଲେ, ଘୋର ବରଷା ଅନ୍ଧାର ରାତିରେ ତଅପୋଇ ପରା ଏହି ମା' ଦରିଆ ରାମଚଣ୍ଡୀଙ୍କ ନିକଟରେ ଶରଣ ପଶିଥିଲା । ମା' ତାକୁ ରକ୍ଷା କରିଥିଲେ ।"

ମୁଁ ଅଜାକୁ କହିଲି- "କୁହନା ଅଜା, କ'ଣ ସେ କାହାଣୀ ?"

ଅଜା ଆରମ୍ଭ କଲେ । ବହୁଦିନ ତଳର କଥା । କୌଣସି ଜଣେ ସାଧବ ଗୋବରୀ ନଈରୁ ଜମ୍ବୁଦ୍ୱୀପ ଦେଇ ଦୂର ବିଦେଶ ଯାଉଥିଲା । ସମୁଦ୍ରରେ ଏହି ବାଟ ଦେଇ ଗଲାବେଳେ ଏହି ସ୍ଥାନରେ ତା'ର ବୋଇତ ଅଟକି ଗଲା । ବୋଇତ ମଙ୍ଗରେ ଥିବା ମଙ୍ଗଳା ରାମଚଣ୍ଡୀ ଏଇଠି ରହିବାକୁ ସାଧବକୁ କହିଲେ । ଆଉ ସେବେଠୁ ମଙ୍ଗଳା ଠାକୁରାଣୀ ମା' ଦରିଆ ରାମଚଣ୍ଡୀ ଭାବେ ଏଇଠି ପୂଜା ପାଇଲେ ।

ଅଜା କହିଲେ- "ଖୁଦୁରୁକୁଣୀ ପୁରାଣରେ ପରା ଏକଥା ବର୍ଣ୍ଣିତ ଅଛି । ତୁ ଜାଣିନୁ ? ତଅପୋଇ ପରା ଏହି ଜମ୍ବୁ ଦ୍ୱୀପର ହେନ୍ତାଳ ବଣରେ ଛେଳି ଚରାଉଥିଲା । ତା' ଭାଇମାନେ ବିଦେଶରୁ ଫେରି ଏହିଠାରେ ବୋଇତ ଅଟକାଇଥିଲେ । ରାତିରେ ତଅପୋଇର କାନ୍ଦ ଶୁଣି ଭାଇମାନେ ତାକୁ ଏହି ଦରିଆ ରାମଚଣ୍ଡୀଙ୍କଠାରୁ ଉଦ୍ଧାର କରିଥିଲେ । ଆଉ ତଅପୋଇ ତା' ଭାଉଜମାନଙ୍କ ନାକ ଏଇଠି କାଟିଥିଲା ।"

ଅଜାଙ୍କ କାହାଣୀ ଶୁଣି ମୁଁ ରୋମାଂଚିତ ହେଉଥିଲି ।

ଆମ ଗାଁର ଖୁଦୁରୁକୁଣୀ ଓଷା କଥା ମନେ ପଡ଼ି ଯାଉଥିଲା । ସୋରିଆ ନାନୀ, ନଖୀ ନାନୀ ଖୁଦୁରୁକୁଣୀ ଓଷା ବହି ପଢୁଥିବା କଥା ଟିକେଟିକେ ମନେ ପଡୁଥିଲା । ମୁଁ ଆମ ଗାଁକୁ ଫେରି ଯାଉଥିଲି ।

ଅଜା କହୁଥିଲେ- "ଖୁଦୁରୁକୁଣୀ ଓଷା କୌଣସି କାଳ୍ପନିକ କାହାଣୀ ନୁହେଁ । ଏହା ସତ ଘଟଣା । ଆମ ଅଂଚଳର ସାଧବମାନଙ୍କ ଜୀବନ କାହାଣୀକୁ ନେଇ ଖୁଦୁରୁକୁଣୀ ପୁରାଣ ରଚିତ ହୋଇଛି ।"

ସେଦିନ ପ୍ରଥମକରି ମା' ଦରିଆ ରାମଚଣ୍ଡୀଙ୍କୁ ମୁଁ ଦର୍ଶନ କଲି । ନାଲି ଓ କଳା ରଙ୍ଗର ଛିଟ ଶାଢ଼ୀ ଭିତରେ ଠାକୁରାଣୀ ଲୁଚି ଯାଇଥିଲେ । ପରେ ମୁଁ ଅନେକବାର ଜମ୍ବୁ ରାମନଗରଠାରେ ଥିବା ଦରିଆ ରାମଚଣ୍ଡୀ ମନ୍ଦିରକୁ ଏକ ଗବେଷଣା କାମରେ ଯାଇଥିଲି । ସେଠାରେ ମୁଁ ଦେଖିଲି, ଏକ ବୋଇତର ମଙ୍ଗ ଉପରେ ବସି ମା' ଦରିଆ ରାମଚଣ୍ଡୀ ପୂଜା ପାଉଛନ୍ତି ।

ଦରିଆ ରାମଚଣ୍ଡୀ କଳାମୁଗୁନି ପଥରରେ ନିର୍ମିତ । ଦେବୀ ଷଡ଼ଭୂଜା । ପ୍ରତି ହାତରେ ଦେବୀ ଧାରଣ କରିଛନ୍ତି ଖଡ୍‌ଗ, ଚକ୍ର, କଟାମୁଣ୍ଡ, ରୁଧିର ପାତ୍ର ଏବଂ ଦକ୍ଷିଣ ହସ୍ତର ଅଙ୍ଗୁଳିକୁ ଦେବୀ ପାଟିରେ ପୂରାଇଛନ୍ତି ।

ଏମିତି ଘ* ହେନ୍ତାଳ ବଣରେ ସମୁଦ୍ର ମଝିରେ କେମିତି ଏ କଳାମୁଗୁନି ପଥର ନିର୍ମିତ ମୂ□ି ଆସିଲା, ସେ ସମ୍ପର୍କରେ ପିଲାଦିନେ ଅଜା ଯାହା କହୁଥିଲେ, ତାହା ସମ୍ପୂର୍ଣ୍ଣ ସତ୍ୟ ଥିଲା ବୋଲି ଏବେ ମୁଁ ଜାଣିପାରୁଛି ।

ଅଜା କହୁଥିଲେ, କୌଣସି ଜଣେ ସାଧବ ସୌଦାଗର ଦେବୀଙ୍କ ମୂ□ିକୁ ଗୋବରୀ ମୁହାଣ ବାଟ ଦେଇ ସିଂହଳ ନେଉଥିଲେ । ବାଟରେ ଏଠାରେ ଦେବୀ ରହିଗଲେ । କିନ୍ତୁ ମୋ' ମତରେ ହୁଏତ କୌଣସି ପ୍ରାକୃତିକ ଦୁର୍ବିପାକରେ ବୋଇତ ଭାଙ୍ଗି ନଷ୍ଟ ହୋଇ ଯାଇଥିବ । ଆଉ ଏହି ପଥର ମୂ□ିଟି ଏଠାରେ ବୁଡ଼ି ଯାଇଥିବ । ପରବ□ୀ କାଳରେ କେହି ଏ ମୂ□ିକୁ ଉଦ୍ଧାର କରି ପୂଜାର୍ଚ୍ଚନା କରିଥିବ ।

ପ୍ରାଚୀନ କାଳରେ ଓଡ଼ିଆ ସାଧବମାନେ ସମୁଦ୍ରରେ ଦୂରଦୂରାନ୍ତ ଦେଶକୁ ବୋଇତରେ ବାଣିଜ୍ୟ ବ୍ୟବସାୟ କରିବାକୁ ଗଲାବେଳେ ନିରାପଦ ଯାତ୍ରା ପାଇଁ ଦରିଆ ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ମା' ଦରିଆ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପାଇଁ କୁଜଙ୍ଗର ପୂର୍ବତନ ଜମିଦାର ଏବଂ ବର୍ତ୍ତମାନର ରାଜା ଜମି ଖଞ୍ଜି ଦେଇଥିଲେ ବୋଲି ଅଜା କହୁଥିଲେ ।

ଏବେ ସମୁଦ୍ର କୂଳବ□ୀ ପେଟଛେଲା ହେନ୍ତାଳ ଜଙ୍ଗଲ ମଧ୍ୟରେ ଦରିଆ ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି । ସେତେବେଳେ କିନ୍ତୁ ଏ ମନ୍ଦିର ଫନ୍ଦିର ନଥିଲା । ଘ* ହେନ୍ତାଳ ଜଙ୍ଗଲ ମଧ୍ୟରେ ମା' ପୂଜା ପାଉଥିଲେ । ଆଜି କିନ୍ତୁ ସେ ହେନ୍ତାଳ ଜଙ୍ଗଲ ନାହିଁ । ମା' ଦରିଆ ରାମଚଣ୍ଡୀ ମନ୍ଦିରକୁ ଲାଗି ରାମନଗର ବଜାର ଗଢ଼ି ଉଠିଛି । ତାହା ବଙ୍ଗଳାଦେଶୀଙ୍କ ପେଣ୍ଠସ୍ଥଳ ପାଲଟି ଯାଇଛି ।

ଜମ୍ବୁ ସମୁଦ୍ର ମୁହାଣରୁ ଅଜା ଓ ମାମୁମାନେ ଓରୁଅ, କେରୁଅ, କେଉଡ଼ା, କେଉଳା, ସୁନାରୀ, ହେନ୍ତାଳ, ରାଇ, ବନୀ, ବଣିଆ, ସୁନ୍ଦରୀ, ରୁଅ, ଗରାଣ୍ଡି, ଅସନ, ପିତାମାରି, ଜନ୍ଦାଖାଇ ଆଦି ଅନେକ ପ୍ରକାର କାଠ ସଂଗ୍ରହ କରନ୍ତି । ତା' ସହ ହରିଣ, ସମ୍ବର ମଧ୍ୟ ଶିକାର କରନ୍ତି । ଏହାକୁ ମୁଁ ସେତେବେଳେ ଝାର ବୋଲି ବୁଝୁଥିଲି ।

ଆଜିର ପିଲାମାନଙ୍କୁ 'ଝାର' କ'ଣ ପଚାରିଲେ ସେମାନେ ବୁଝି ପାରିବେନି ।

ମା' ଦରିଆ ରାମଚଣ୍ଡୀ ମନ୍ଦିର ନିକଟରେ ମହାବଳ ବାଘ ବୁଲନ୍ତି ବୋଲି ଅଜା କହୁଥିଲେ । ବାଘ ମଣିଷର କିଛି ବି କ୍ଷତି କରେ ନାହିଁ । କୁମ୍ଭୀରମାନେ ଡଙ୍ଗାକୁ ଛୁଅଁନ୍ତି ନାହିଁ ବୋଲି ଅଜା କହୁଥିଲେ । ସେତେବେଳେ ସମୟସବୁ ଏମିତି ଥିଲା ।

୫

ମୋ' ମାଟ୍ରିକ ପରୀକ୍ଷା ବର୍ଷ ଓରତ ଘାଟରେ ପୋଲ ହେବ ବୋଲି ଶୁଣାଗଲା । ଆମ ଅ*ଳର ଲୋକଙ୍କ ମନରେ ଖୁସି ଖେଳିଗଲା ।

ଓରତ ଘାଟରେ ପୋଲ ହୋଇଗଲେ କଟକରୁ ତଳଘଟି ଅ*ଳକୁ ରାସ୍ତା ଫିଟିଯିବ । କଟକରୁ କ[ାବଣ, ବାବର, ବଡ଼ି, ରାଜନଗର, ଗୁପ୍ତି, ଡାଙ୍ଗମାଳ ପର୍ଯ୍ୟନ୍ତ ବସ୍ ଚାଲିବ ।

ଅଗକୁ ନିର୍ବାଚନ ଆଉ ଅଳ୍ପ ଦିନ ଥାଏ । ଏଣୁ ଗୋବରୀ ପୋଲ ପ୍ରସଙ୍ଗ ଜୋର୍ ଧରିଲା । ପ୍ରତିଥର ନିର୍ବାଚନ ଆସିଲେ ଓରତଘାଟ ପୋଲ ହେବ ବୋଲି ଶୁଣିବାକୁ ମିଳେ । ନିର୍ବାଚନ ସରିଗଲା ପରେ ପୋଲ କଥା ସମସ୍ତେ ଭୁଲି ଯାଆନ୍ତି । କିନ୍ତୁ ସେବର୍ଷ ସତକୁ ସତ ପୋଲ ଶୁଭ ଦିଆଗଲା ।

ପୂ□ ବିଭାଗ ମନ୍ତ୍ରୀ ନଳିନୀ ମହାନ୍ତି ଆସି ଓରତ ଘାଟ ଗୋବରୀ ପୋଲର ଶିଳାନ୍ୟାସ କଲେ । ସେବର୍ଷ ଆମ ଅ*ଳରେ ସରକାରୀ ବିରୋଧୀ ହାୱା ଜୋର୍ରେ ବହୁଥାଏ । ଏଣୁ ଲୋକଙ୍କୁ ଖୁସି କରିବାକୁ ସରକାର ଓରତଘାଟ ପୋଲର ଶୁଭ ଦେଲେ ।

ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଶୁଣିବାକୁ ମିଳିଲା, ନଳିନୀ ମହାନ୍ତି ଶୁଭ ଦେଇଛି ମାନେ ପୋଲ ନିଶ୍ଚୟ ହେବ । କାରଣ ନଳିନୀ ମହାନ୍ତି ତା' ରାଜନଗର ତଳଘଟି ଏରିଆରେ ବହୁତ ବିକାଶମୂଳକ କାମ କରିଛି ବୋଲି ଲୋକେ କୁହାକୁହି ହୁଅନ୍ତି ।

ରାଜନଗର ଭଳି ନିପଟ ମଫସଲୀ ଅ*ଳରେ ଲୋକଙ୍କ ଘରକୁ ପାଇପ୍ ପାଣି ଗଲାଣି । ହଁସୁଆ, ହଁସିଣା, ଗଡ଼ଗଡ଼ି ଘାଟରେ ପୋଲ ହେଲାଣି । ନଳିନୀ ମହାନ୍ତି ତା' ଏରିଆରେ ବହୁତ କାମ କରିଛି ।

ସଞ୍ଜ ହେଲେ ଆମ ଦାଣ୍ଡ ପିଣ୍ଡାରେ ବାପାଙ୍କ ଗପ ଖଟି ଜମିଯାଏ । ଆମ ପିଣ୍ଡାରେ ବାପା, ଆର ପିଣ୍ଡାରେ ଗୋପୀ ବୁଢ଼ା, ବେନୁଆ ଦାଦା, ମହ୍ୟା କକେଇ ବସିଥିବେ । ବାପା ନାଲି ଚା' ପିଉଥିବେ ଓ ଗପ ଜମେଇ ଦେଇଥିବେ ।

ଚା' ପିଆ ଶେଷ ହେଲେ ବାପା ବିଡ଼ି ଖଣ୍ଡେ ପାଟିରେ ପୂରାଇ ଧୂଆଁ ଛାଡ଼ିବେ । ଗୋପୀ ବୁଢ଼ା, ବେନୁଆ ଦାଦା, ମହ୍ୟା କକେଇ ବି ଗୋଟିଏ ଗୋଟିଏ ବିଡ଼ି ଧରେଇବେ । ଗପ ଚାଲିବ ।

ବାପା ଜଣେ ସଚ୍ଚା କଂଗ୍ରେସ କର୍ମୀ ଥିଲେ । ଗୋପୀ ବୁଢ଼ା, ବେନୁଆ ଦାଦା ଜନତା ଦଳର କର୍ମୀ ଥିଲେ । କିନ୍ତୁ ରାଜନୀତିକୁ ନେଇ ବାପା, ବେନୁଆ ଦାଦା, ମହ୍ୟା କକେଇ କିମ୍ବା ଗୋପୀ ବୁଢ଼ା ମଧ୍ୟରେ କେବେ ମନୋମାଳିନ୍ୟ ହେବାର ମୁଁ ଦେଖି ନଥିଲି ।

ନଳିନୀ ମହାନ୍ତି ପୂ□ ବିଭାଗ ମନ୍ତ୍ରୀ ଥିଲେ । ସେ ଜନତା ଦଳରୁ ରାଜନଗର ବିଧାୟକ ଭାବେ ବାରମ୍ବାର ଜିତି ଆସୁଥିଲେ । ବାପା କଂଗ୍ରେସ କର୍ମୀ ହେଲେ ବି ନଳିନୀ ମହାନ୍ତିର କାମକୁ ପ୍ରଶଂସା କରୁଥିଲେ ।

ନଳିନୀ ମହାନ୍ତି ଶୁଭ ଦେଇଛି, ମାନେ ଓରତ ଘାଟରେ ପୋଲ ହେବାଟା ଥୟ । ମହ୍ୟା କକେଇ କଥା ଆରମ୍ଭ କରିବେ ।

ମହ୍ୟା କକେଇ ଜନତା ଦଳର କର୍ମୀ । ସେତେବେଳେ ଲୋକଙ୍କ ଭିତରେ କଂଗ୍ରେସ

କି ଜନତା ଦଳ ଭିତରେ ଏତେ ଛକାପଞ୍ଝା କି ଶତ୍ରୁତା ନଥିଲା । ରାଜନୀତିକୁ ନେଇ ଆଜିକାଲିକା ଭଳି ହଣାକଟା, ମାର୍‌ପିଟ୍ ନଥିଲା ।

ବେନୁଆ ଦାଦା କହିବେ- "ଆଉ କ'ଣ ସେ ରାଜନଗର ଏରିଆ ତଳଘଟି ହୋଇ ଅଛି ? ସବୁଠି ରାସ୍ତା ଫିଟିଗଲାଣି । ନଈରେ ପୋଲ ପଡ଼ିଗଲାଣି । ଗାଁ ଗାଁକୁ ପାଣି ପାଇପ୍ ଗଲାଣି । ଯାହା କୁହ ମାଗ ଭାଇ, ନଳିନୀ ମହାନ୍ତି ତା' ଏରିଆରେ ଭଲ କାମ କରୁଛି । ସେଥିପାଇଁ ସେ ଭୋଟ୍ ପାଉଛି ।"

ବେନୁଆ ଦାଦାର ଝିଅ ମଥୁରୀ ବାହା ହୋଇଛି ରାଜନଗର ରଙ୍ଗଣି-ତାଳଚୁଆରେ ।

ବେନୁଆ ଦାଦା ଯେତେବେଳେ ମଥୁରୀ ନାନୀକୁ ରଙ୍ଗଣି-ତାଳଚୁଆରେ ବାହା କରିବାକୁ ରାଜି ହେଲେ, ସେତେବେଳେ ତାକୁ ନେଇ ଆମ ଗାଁରେ କମ୍ ଚର୍ଚ୍ଚା ହୋଇଥିଲା କି ? କିଏ କହିଲା, ବେନୁଆ ଝିଅଟାକୁ ମଝି ନଈରେ ଭସାଇ ଦେଲା । କିଏ କହିଲା, ବେନୁଆ ଝିଅଟା ଜୀବନକୁ ନଷ୍ଟ କରିଦେଲା । କୋଉ ବାପା, ତା' ଝିଅକୁ ତାଳଚୁଆରେ ବାହା ଦେବ ?

ତାଳଚୁଆ ସେତେବେଳକୁ ଆମ ପାଇଁ ପ୍ରଶାନ୍ତ ମହାସାଗର କିମ୍ବା ଆଟ୍‌ଲା[ିକ୍ ମହାସାଗର ମଧ୍ୟରେ ଥିବା କୋଉ ନିର୍ଜନ ଦ୍ୱୀପଠାରୁ କମ୍ ନଥିଲା । ତାଳଚୁଆକୁ ନେଇ ଅନେକ ମନଗଢ଼ା କାହାଣୀ ଆମେ ଶୁଣୁଥିଲୁ ।

ରଙ୍ଗଣୀ-ତାଳଚୁଆକୁ ସେତେବେଳେ କୋଉ ରାସ୍ତାଘାଟ ଥିଲା କି ? ଖାଲି ନଈ ଯେ, ନଈ । ଆଖି ପାଉ ନଥିବ । ସାତ ଦରିଆ ତେର ନଈ ପାରି ହୋଇ ଗଲେ ଯାଇ ତାଳଚୁଆ ପଡ଼େ ।

ମୁଁ ବାପାଙ୍କୁ ପଚାରେ- "ଏ ରଙ୍ଗଣି-ତାଳଚୁଆ କୁଆଡ଼େ ବାପା ?"

ବାପା କହନ୍ତି- "ସେ ଯାଇ ସମୁଦ୍ର ଭିତରେ । ତଳଘଟି ଆଡ଼େ । ତୁ ଜାଣିନୁ ।"

ମୁଁ ବାପାଙ୍କୁ କହେ- "ବାପା, ତଳଘଟି କ'ଣ ? ରଙ୍ଗଣି-ତାଳଚୁଆ କ'ଣ ତଳଘଟି ?"

ବାପା କହନ୍ତି- "ତଳଘଟି ମାନେ ସମୁଦ୍ର ଆଡ଼କା ଅ*ଳ । ସିଆଡକୁ ରାସ୍ତାଘାଟ ନାହିଁ । ଯାହା କେବଳ ନଈରେ ନଈରେ ଡଙ୍ଗା ଦେଇ ଯିବାକୁ ପଡ଼ିଥାଏ ।"

ବାପା, ବେନୁଆ ଦାଦା, ଗୋପୀ ବୁଢ଼ା, ମହ୍ୟା କକେଇଙ୍କ ଗପ ଲମ୍ବିଚାଲେ । ସେମାନଙ୍କ ଗପ ଭିତରକୁ କ୍ରମେ ରାଜନୀତି ପଶିଆସେ । କଂଗ୍ରେସ, ଇନ୍ଦିରା ଗାନ୍ଧୀ, ଏମର୍ଜେନ୍‌ସି, ଜନତା ଦଳ, ଜୟପ୍ରକାଶ ନାରାୟଣ, ବିଧାନସଭା, ନଳିନୀ ମହାନ୍ତି, ବିଜୁ ପଟ୍ଟନାୟକମାନେ ପଶି ଆସନ୍ତି । ଏ ରାଜନୈତିକ ଗପରେ ମୋର ସେତେ ବେଶି ଆଗ୍ରହ ନଥାଏ । ଏଣୁ ମୁଁ ପିଣ୍ଡାରୁ ଉଠି ମଠ ଆଡ଼କୁ ଚାଲିଯାଏ ।

ମଠରେ ନୃସିଂହଜିଉଙ୍କ ସନ୍ଧ୍ୟା ଆଳତୀ ହେଉଥିବ । ଶଙ୍ଖ, ଘ[, ଘ[ା, କାହାଳୀ ବାଜୁଥିବ । ମୁଁ ଯାଇ ନୃସିଂହଜିଉ ଠାକୁରଙ୍କୁ ଦଣ୍ଡବତ ହେବି । କେବଳ ମୁଁ କାହିଁକି ଆମ

ଗାଁର ସବୁ ପିଲାମାନେ ମଠ ସାମ୍ନାର ପଥର ପାହାଚ ଉପରେ ବସିଥିବୁ ।

ମୁଁ ପୂଜାରୀ ନନାଙ୍କ ଆଳତୀ ବୁଲାଇବା ଷ୍ଟାଇଲ୍‌କୁ ଭଲ ଭାବେ ଲକ୍ଷ୍ୟ କରୁଥିବି । ପୂଜାରୀ ନନା ଆଳତୀକୁ ଲହରେଇ ଲହରେଇ ଉପରକୁ ନେଉଥିବ ତ ପୁଣି ତଳକୁ ଆଣୁଥିବ । ଏହା ମୋତେ ଭାରି ଭଲ ଲାଗୁଥିବ ।

ପୂଜା ସରିଲା ପରେ ଖଇ ଉଖୁଡ଼ା, ନଡ଼ିଆ, କାକୁଡ଼ି ଭୋଗ ଖାଇ ଘରକୁ ଫେରିବି । ବାପା, ବେନୁଆ ଦାଦା, ମହ୍ୟା କକେଇଙ୍କ ଗପ ସେମିତି ଚାଲିଥିବ ।

ବେନୁଆ ଦାଦା କହିବେ- "ନଳିନୀ ମହାନ୍ତି ଯୋଗୁଁ ତଳଘଟି ଅ*ଳରେ ବିଜୁଳି, ପାଣି ଆସିଗଲାଣି । ପୋଲ ପଡ଼ିଲାଣି । ଗାଁ ଗାଁକୁ ପିଚୁ ରାସ୍ତା ଫିଟିଲାଣି । ମାତ୍ର ଆମ ଏରିଆରେ ଆଜି ଯାଏ ବିଜୁଳି ଆସି ପାରୁନାହିଁ ।"

ଆମ ଗାଁଟି ଓରତଘାଟକୁ ଲାଗିଥିଲେ ବି ଏହା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଆସେନାହିଁ । ଆମ ଗାଁ ପଟ୍ଟାମୁଣ୍ଡେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୋଇଥିବାରୁ ଏବଂ ଏଠାରେ କଂଗ୍ରେସ ବିଧାୟକ ଥିବାରୁ ଆମ ଅ*ଳରେ ସେତେ ବିକାଶ ହେଉନାହିଁ ବୋଲି ବେନୁଆ ଦାଦା କହୁଥିବେ ।

ବାପା କଂଗ୍ରେସ କର୍ମୀ ହୋଇଥିବାରୁ କିଛି କହୁ ନଥିବେ । କଥା ବୁଲାଇବାକୁ ଚେଷ୍ଟା କରୁଥିବେ ।

ବେନୁଆ ଦାଦା କହୁଥିବେ- "ଆମ ଏମେଲେଟା କିଛି କାମକୁ ନୁହଁ । ଭୋଟ୍ ପାଇଗଲା ପରେ ଥରୁଟିଏ ଗାଁକୁ ଆସିଛି ନା ? ଏବେ ଭୋଟ୍ ବେଳ ଆସିଗଲା । ଏଥର ଆସିବ । ଚାଲନି ଦେଖିବା, ନଳିନୀ ମହାନ୍ତି କେମିତି ତା' ଏରିଆ ବୁଲୁଛି । ରାଜନଗରକୁ ସେ ଏକ ନମ୍ବର କରି ଦେଲାଣି । ଆମ ଏମେଲେ ଆଜି ଯାଏ ଖରିଅ[। କେନାଲ ଉପରେ ପୋଲଟିଏ କରି ପାରିଲାନି । ମାଳିବସା-ଖରିଅ[।-କଖାରୁଣି ରାସ୍ତାରେ ମୁଠାଏ ନାଲି ମାଟି ପକାଇ ପାରିଲାନି ।"

ବାପା, କିଛି ଉ□ର ନ ଦେଇ ଚୁପ୍ ରହିବେ । କାରଣ ବାପା କଂଗ୍ରେସ ଲୋକ ଥିବେ । ବାପା ବିରକ୍ତି ହୋଇ ଆଉ ଖଣ୍ଡେ ବିଡ଼ି ଲଗାଇବେ । ବେନୁଆ ଦାଦା ବି ବିଡ଼ି ଲଗେଇ ଧୂଆଁ ଛାଡ଼ିବେ ।

ପ୍ରକୃତରେ ମାଳିବସା-ଖରିଅ[।-କଖାରୁଣି କେନାଲ ରାସ୍ତା ଅବସ୍ଥା ଭାରି ଶୋଚନୀୟ ହୋଇଥିଲା । ଆମ ବିଧାୟକ ଏ ରାସ୍ତାରେ ନାଲି ମାଟି ଟିକେ ବି ପକେଇ ପାରୁ ନଥିଲା । ବେନୁଆ ଦାଦା ଅସନ୍ତୋଷ ପ୍ରକାଶ କରୁଥିବେ ।

ବାପା କହୁଥିବେ- "ମାଳିବସା ଆଉ ଖରିଅ[। କେନ୍ଦ୍ରାପଡ଼ା ଆଉ ପଟ୍ଟାମୁଣ୍ଡେଇ ନିର୍ବାଚନମଣ୍ଡଳୀର ମଝିଆମଝି ଅ*ଳ ହେଉଥିବାରୁ ପରା ସମସ୍ୟା ହେଉଛି । ଯଦି ଏହା ପଟ୍ଟାମୁଣ୍ଡେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୋଇଥାନ୍ତା, ତାହେଲେ ଏ ରାସ୍ତା କାମ କେବେଠୁ

ସରନ୍ତାନି ।”

ବର୍ଷାଦିନେ ମାଳିବସା-ଖରିଅ[ା-କଖାରୁଣି ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇଥାଏ । ଆମ ଅ*ଳର ଲୋକେ ସେ ରାସ୍ତା ଦେଇ ପଟ୍ଟାମୁଣ୍ଡେଇ ଯାଇ ପାରନ୍ତି ନାହିଁ ।

ଗୋବରୀ ନଈରେ ବନ୍ୟା ଆସି ବିଲବାଡ଼ି, ଘରଦ୍ୱାର ବୁଡ଼ାଇ ଦିଏ । ଗାଁ ରାସ୍ତାରେ ପୁରୁଷେ ଉଚ୍ଚର ପାଣି ଚାଲେ । ଚତୁର୍ମାସ୍ୟାରେ ଆମ ଗାଁ ବାହ୍ୟଜଗତରୁ ଅଲଗା ହୋଇଯାଏ ।

ବର୍ଷାଦିନ କଥା ନ କହିବା ଭଲ । ସବୁଆଡ଼େ କାଦୁଅ ପଚର ପଚର । ସନ୍ତସନ୍ତିଆ ଗନ୍ଧିଆ ପରିବେଶ । ସ୍କୁଲ ଆଜବେଷ୍ଟସ ଛାତ କଣାରୁ ପାଣି ବୋହି ବହିବସ୍ତାନି ଭିଜିଯାଏ । ଆଣ୍ଠୁଏ ପାଣି କାଦୁଅରେ ପଶି ସ୍କୁଲରେ ପହ*ିବା ବଡ଼ କାଠିକର ପାଠ ହୋଇଯାଏ ।

ମୁଁ ପ*ମ ଶ୍ରେଣୀରେ ପଢୁଥିବାବେଳେ ବୃ[ି ପରୀକ୍ଷା ଦେବାକୁ ପ୍ରଥମ ଥର ପାଇଁ ପଟ୍ଟାମୁଣ୍ଡେଇ ଯାଇଥିଲି । ସେତେବେଳେ ନିଗିନିପୁରରୁ ପଟ୍ଟାମୁଣ୍ଡେଇ ଯାତ୍ରା ପୃଥିବୀବାସୀଙ୍କ ମଙ୍ଗଳ ଅଭିଯାନ ଭଳି ଥିଲା ।

ପିଲାଦିନେ ମୁଁ ବାପାଙ୍କ ସାଇକେଲରେ ବସି ଦୁଇ ତିନି ଥର ପଟ୍ଟାମୁଣ୍ଡେଇ ଯିବାର ସୌଭାଗ୍ୟ ଲାଭ କରିଥିଲି । ଆଉ ଥରେ ବିଜ୍ଞାନ ପ୍ରକଳ୍ପ ନେଇ ମୁଁ ପଟ୍ଟାମୁଣ୍ଡେଇ ଯାଇଥିଲି । ଆଉ ମୋ’ ପ୍ରକଳ୍ପ ହିଁ ବ୍ଲକର ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କୃତ ହୋଇଥିଲା । ମୁଁ ପା*ଶହ ଟଙ୍କା ପୁରସ୍କାର ପାଇଥିଲି ।

କାଦୁଅ ପଚପଚ ରାସ୍ତାରେ ସାଇକେଲକୁ ଘୋଷାରି ଘୋଷାରି ଯୋଉ କଷ୍ଟରେ ବାପ, ପୁଅ ପଟ୍ଟାମୁଣ୍ଡେଇରେ ପହ*ଁ ତାହା ଭାଷାରେ ବର୍ଣ୍ଣନା କରିହେବନି ।

ସାଇକେଲ ଚକରେ ଭରା ଭରା କାଦୁଅ ଲାଗି ଯାଉଥିବ । ଚକ ଆଗକୁ ଗଡୁ ନଥିବ । ବାପା କିଛି ବାଟ ଠେଲି ଠେଲି ଧଇଁସଇଁ ହୋଇ ପଡୁଥିବେ । ପୁଣି କେଉଁଠି ଠାଏ ଅଟକି ଗୋଟିଏ କାଠ ଫାଳିଆରେ ମଡ୍‌ଗାର୍ଡରୁ କାଦୁଅତକ କାଢୁଥିବେ । ପୁଣି ପେଡାଲ ମାରି ଆଗକୁ ବଢ଼ିବେ । କାଦୁଅ ଛିଟିକି ବାପାଙ୍କ ଧଳା ଧୋତି ନାରଖାର ହୋଇ ଯାଉଥିବ ।

ନିଗିନିପୁରରୁ ପଟ୍ଟାମୁଣ୍ଡେଇ ପା*ସାତ କିଲୋମିଟରର ବାଟ । ଆଜିର ଦିନରେ ଖୁବ ବେଶିରେ ଦଶ ମିନିଟ୍‌ରୁ ଅଧିକ ସମୟ ଲାଗିବନି । କିନ୍ତୁ ସେତେବେଳେ ବାପାଙ୍କର ପଟ୍ଟାମୁଣ୍ଡେଇ ଯିବା ଘଟଣାଟି ନିହାତି ଗୋଟିଏ ବଡ଼ କାର୍ଯ୍ୟକ୍ରମ ଭାବେ ଧରାଯାଉଥିଲା ।

ବାପାଙ୍କର ପଟ୍ଟାମୁଣ୍ଡେଇ ଯିବା ସ୍ଥିର ହୋଇଯାଇଥିବ । ବୋଉ ଦୁଇଦିନ ଆଗରୁ ପ୍ରସ୍ତୁତିରେ ଲାଗି ପଡ଼ିଥିବ । କାଉ ରାବିବା ପୂର୍ବରୁ ବାପା ବିଛଣାରୁ ଉଠି ଗୋବରୀ ନଈକୁ ଧାଇଁବେ । ସ୍ନାନ ଶୌଚ ସାରି ଧୋତି, ପଞ୍ଜାବୀ ପିନ୍ଧି ବାପା ରେଡି ହେଇଯିବେ । ବୋଉ ଚଷମା ଖୋଳ, ପାନ ବଟା ଓ ବାପାଙ୍କ ବ୍ୟାଗ ଧରି ଦାଣ୍ଡପିଣ୍ଡାରେ ଠିଆ ହୋଇଥିବ । ମୁଁ ଯାଇ ବାପାଙ୍କ ସାଇକେଲର ଆଗ ରଡ୍‌ରେ ବସିଯିବି । ବାପା ପେଡାଲ୍ କଷିବେ ।

ମାନପାଟଣା, ଗଙ୍ଗରାମପୁର, ଅରଡପଲ୍ଲୀ ଦେଇ ମାଳିବସା ଛକରେ ପହଁଚିଲା ବେଳକୁ ଖରା ଟାଣ ହୋଇ ଯାଇଥିବ । ମାଳିବସାରୁ ଆମ୍ବେର, ନଡଳିଆ, ଖରିଅ[ା, କଖାରୁଣି ଗୋବରୀ କେନାଲ ରାସ୍ତା ଅତିକ୍ରମ କରି ପଟ୍ଟାମୁଣ୍ଡେଇରେ ପହଁଚିଲା ବେଳକୁ ବାପା ପୂରାପୂରି ଥକି ପଡ଼ିଥିବେ । ଝାଳରେ ବୁଡ଼ି ଯାଇଥିବେ ।

ପଟ୍ଟାମୁଣ୍ଡେଇ ଏମ୍ଏନ୍ ହାଇସ୍କୁଲରେ ମୋର ପରୀକ୍ଷା ସେ[ର ପଡ଼ିଥିବ । ବାପା ବୁଝାଉଥିବେ, 'ପ୍ରଥମେ ସହଜ ପ୍ରଶ୍ନର ଉ□ରସବୁ ଲେଖିଦେବୁ । ପରେ ଜଟିଳ ପ୍ରଶ୍ନକୁ ଯିବୁ । ଉ□ର ଖାତାରେ ରଫ୍ କରିବା ପାଇଁ ଫାଙ୍କା ଜାଗା ଅଛି । ସେଠି ମିଶାଣ, ପେଡ଼ାଣ, ଗୁଣନ, ହରଣ କରିବୁ ।'

ମୁଁ ମୁଣ୍ଡ ଟୁଙ୍ଗାରୁଥିବି ।

ଏଇ ମୁଣ୍ଡ ଟୁଙ୍ଗୁରା ଗୁଣ ପାଇଁ ବାପା ମୋ' ଉପରକୁ କମ୍ ରାଗନ୍ତି କି ? ଦିନବେଳା ମୁଣ୍ଡ ଟୁଙ୍ଗାରିଲେ ଚଳିଯାଏ । କିନ୍ତୁ ରାତି ଅନ୍ଧାରରେ ମୁଣ୍ଡ ଟୁଙ୍ଗାରି ହଁ କି ନା କଲେ କିଏ ବା ଜାଣିବ ?

ବପା କହୁଥିବେ, 'କୌଣସି ଗୋଟିଏ ବି ପ୍ରଶ୍ନ ଛାଡ଼ିବୁ ନାହିଁ । ସବୁ ଉ□ର ଦେବୁ ।'

ମୁଁ ଅଭ୍ୟାସଗତ ଭାବେ ପୁଣି ମୁଣ୍ଡ ଟୁଙ୍ଗାରୁଥିବି । 'ହଁ' ବୋଲି ବଡ଼ ପାଟିରେ କହି ପାରୁ ନଥିବି ।

ବହୁ କଷ୍ଟକର ଯାତ୍ରା ପରେ ଆମେ ପଟ୍ଟାମୁଣ୍ଡେଇ ବଜାରରେ ପହଁଚି ଯାଇଥିବୁ ।

ଯେଉଁଦିନ ମୁଁ ପଟ୍ଟାମୁଣ୍ଡେଇ ବଜାରରେ ପ୍ରଥମ କରି ପାଦ ଥାପିଲି, ସେଦିନ ମୋତେ ନିଲ୍ ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ଭଳି ମନେ ହୋଇଥିଲା ।

ପ୍ରଥମ କରି ପଟ୍ଟାମୁଣ୍ଡେଇ ବଜାରକୁ ଆଖି ପୂରେଇ ଦେଖିଲି । ପଟ୍ଟାମୁଣ୍ଡେଇ ବଜାର ସେପଟେ ବ୍ରାହ୍ମଣୀ ନଈ ବହୁଥାଏ । ସେତେବେଳକୁ ପତରପୁରରେ ପୋଲ ହୋଇ ନଥାଏ ।

ବାପାଙ୍କ ସହ ମୁଁ ପଟ୍ଟାମୁଣ୍ଡେଇ ଯାଇ ପାରିଥିବାରୁ ନିଜକୁ ବଡ଼ ଭାଗ୍ୟବାନ ମନେ କରୁଥାଏ । ମୁଁ ମନେ ମନେ ପ୍ରଶ୍ନ କରୁଥାଏ, ଚାଲନି ଦେଖିବା, ମୋ' ବୟସର କୋଉ ପିଲା ପଟ୍ଟାମୁଣ୍ଡେଇ ଆସିଥିବ ?

ସେତେବେଳେ ପଟ୍ଟାମୁଣ୍ଡେଇ ବଜାର କହିଲେ, ଦି' ଚାରିଟି କପଡ଼ା ଦୋକାନ, ଦୁଇଟି ଚା' ଜଳଖିଆ ଦୋକାନ, ଗୋଟିଏ ହୋଟେଲ୍, ଏମ୍ଏନ୍ ହାଇସ୍କୁଲ, ବ୍ଲକ ଅଫିସ, ଡାକ୍ତରଖାନା, ତହସିଲ ଅଫିସ, ବ୍ୟାଙ୍କ ଆଉ ବହିଦୋକାନର ସମାହାରକୁ ବୁଝାଉଥିଲା ।

ପଟ୍ଟାମୁଣ୍ଡେଇରେ ପାଦ ଦେଉ ଦେଉ ବାପା ନେଇଯିବେ ଜଳଖିଆ ଦୋକାନକୁ । ଦୁଇଟି ପ୍ଲେଟ୍‌ରେ କଦଳୀ ପତ୍ର ପକାଇ ଇଟିଲି, ବରା, ଘୁଗୁନି ବାଢିଦେବ ଦୋକାନୀ । ମୁଁ ତତଲା ବରାକୁ ପାଟିରେ ପୂରାଇଦେବା ମାତ୍ରେ ପାଟି ଚାଉଁକିନା ପୋଡ଼ିଯିବ । ଉ ହୁ ହୋଇ ପାଟିରୁ ବରାକୁ ବାହାରକୁ କାଢ଼ି ଆଣିବି ଓ ପୁଣି ଥଣ୍ଡା କରି ପାଟିରେ ପୂରାଇବି ।

ଜିଭରେ ଫୋଟକା ହୋଇଯିବ ଓ ଆଖିରୁ ପାଣି ବାହାରି ପଡ଼ିବ ।

ମୁଁ ପରୀକ୍ଷା ହଲ୍ ଭିତରକୁ ପଶିବି । ବାପା, ବାହାର ପାନ ଦୋକାନ ପାଖରେ ଅପେକ୍ଷା କରି ବସି ରହିବେ । ମୋ' ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ବାପା ସେମିତି ଅପେକ୍ଷା କରି ବସିଥିବେ ।

ପରୀକ୍ଷା ହଲ୍‌ରୁ ବାହାରକୁ ଆସୁ ଆସୁ ବାପା ପଚାରିବେ, "ପରୀକ୍ଷା କେମିତି ହେଲା ? ସବୁ ପ୍ରଶ୍ନର ଉ□ର ଦେଇଛୁ ? ଚାଲ୍ ଯିବା ହୋଟେଲରୁ ଖାଇ ଆସିବା ।"

ମୁଁ ଜନ୍ମ ହେବା ପୂର୍ବରୁ ବାପା କିଛି ଦିନ ସ୍କୁଲରେ ଶିକ୍ଷକତା କରିଥିଲେ । କିନ୍ତୁ ଜେଜେ ଅରାଜି ହେବାରୁ ବାପା ଶିକ୍ଷକତା ଛାଡ଼ି ଦେଇଥିଲେ ।

ଜେଜେ କହୁଥିଲେ- "ଆମର ଯେତିକି ସମ୍ପ□ିବାଡ଼ି ଅଛି ତାକୁ ବସି ଖାଇଲେ ବି ସରିବନି । ମୋ' ପୁଅ ଚାକିରି କରିବ ?"

ଜେଜେଙ୍କ ବାରଣ ଯୋଗୁଁ ବାପା ଶିକ୍ଷକତା ଚାକିରି ଛାଡ଼ିଲେ । କିନ୍ତୁ ତାଙ୍କର ଶିକ୍ଷକସୁଲଭ ଗୁଣ ସବୁଦିନ ପାଇଁ ରହିଗଲା ।

ପରୀକ୍ଷା ସରିବା ପରେ ଆମେ ଖାଇବାକୁ ହୋଟେଲ୍ ଯିବୁ । ହୋଟେଲରୁ ମାଛ ଝୋଳ ଭାତ ଖାଇ ସାରିବା ପରେ ବାପା ଯିବେ ବହି ଦୋକାନ । ମୋର କିଣାଯିବ ସାହିତ୍ୟ ବହି, ଗଣିତ ବହି, ମୋ'ପାଠ ବହି, କାଗଜ, କଲମ, ପେନ୍‌ସିଲ ଓ ଖାତା ।

ନୂଆ ଖାତା, ନୂଆ ବହି, ନୂଆ କଲମକୁ ଧରିବାବେଳେ ମୋ' ଦେହରେ ନୂଆ ରୋମା* ସୃଷ୍ଟି ହେଉଥିବ । ମୁଁ ନୂଆ ବହି ଓ କାଗଜକୁ ଶୁଙ୍ଘି ପକାଉଥିବି ।

ଓଃ, ନୂଆ ବହିର କି ବାସ୍ନା !

କେତେ ସଫା ଧଳା କାଗଜ !

ମୁଁ ବିଭୋର ହୋଇ ପଢୁଥିବି । ମୋ' ପାଇଁ ପା* ଦିସ୍ତା କାଗଜ କିଣାଯିବ । ଦୋକାନୀ ଖସଖସ କରି କାଗଜ ଗଣୁଥିବ । ଦୋକାନୀର କାଗଜ ଗଣିବା ଶବ୍ଦରେ ମୁଁ ଆମୋଦିତ ହେଉଥିବି ଓ ସ୍ୱପ୍ନର ରାଇଜକୁ ଫେରି ଯାଉଥିବି ।

ଭାବୁଥିବି, ଗଣିତ ଖାତା କରିବି ଦିସ୍ତାଏ କାଗଜରେ । ରଫ୍ ଖାତା ଦୁଇ ଦିସ୍ତା ଓ ସାହିତ୍ୟ ଖାତା ଆଠ ଫର୍ଦ୍ଦରେ । ଇତିହାସ ଖାତା ଦଶ ଫର୍ଦ୍ଦରେ । ଭୂଗୋଳ ଖାତା ବାର ଫର୍ଦ୍ଦରେ କରିବି ।

ମୋ'ର ସବୁ ଖାତା ସିଲେଇ ଦାୟିତ୍ୱ ସୋରିଆ ନାନୀର । ଖାତା ସବୁ ସିଲେଇ କରି ସେଥିରେ ସୁନ୍ଦର ଭାବେ ମଲାଟ ପକାଇ ଦେବ ସୋରିଆ ନାନୀ । ସୋରିଆ ନାନୀର ସୁନ୍ଦର ହସ୍ତାକ୍ଷର । ଗୋଲ୍ ଗୋଲ୍ କରି ମୋର ସବୁ ଖାତାରେ ମୋ' ନାମ, ଶ୍ରେଣୀ, ବିଦ୍ୟାଳୟ ଆଦି ଲେଖିବ ସୋରିଆ ନାନୀ ।

ସେ ବର୍ଷ ମୁଁ ପ*ମରୁ ଷଷ୍ଠ ଶ୍ରେଣୀକୁ ଉ□ୀର୍ଣ୍ଣ ହେଲି ।

ଆମ ଗାଁରେ ମାଇନର ସ୍କୁଲ ନଥାଏ । ବୋଧଗାଁ ମାଇନର ସ୍କୁଲରେ ମୋ'ର ଷଷ୍ଠ ଶ୍ରେଣୀରେ ନାଁ ଲେଖାଗଲା ।

ବାପା ମନେ ମନେ ଖୁସି ହୁଅନ୍ତି, ଯାହା ହେଉ ପୁଅ ମୋର ମାଇନର ପଢ଼ିଲାଣି । ଆଗିଲା ବର୍ଷକୁ ହାଇସ୍କୁଲ ଯିବ । ମାଟ୍ରିକ ପରୀକ୍ଷା ଦେବ । ତା' ପରେ କଲେଜରେ ପଢ଼ିବ । ବାପା, ଭାବନାର ରାଜ୍ୟରେ ବୁଡ଼ିଯିବେ ଏବଂ ନିଜର ଗୋଟିଏ ବୋଲି ପୁଅକୁ ନେଇ ଗର୍ବ କରୁଥିବେ ।

ବାପା, ଖୁସିରେ ଗୋଟିଏ ଲମ୍ବା ନିଶ୍ୱାସ ଛାଡ଼ିବେ । ଦାନ୍ତରେ ଗୁଡ଼ାଖୁ ଘସି ଘସି ମୁଣ୍ଡରେ ଗାମୁଛା ପକେଇ ଗୋବରୀ ନଈ କୂଳ ଆଡ଼କୁ ଝାଡ଼ା ଫେରିବାକୁ ଯିବେ । ମୁଁ ପିଣ୍ଡାରେ ବସି 'ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ' କବିତାକୁ ବଡ଼ ପାଟିରେ ଆବୃ□ କରୁଥିବି । ଆମ ଚାଳ ଛପରରୁ ଟପ୍ ଟପ୍ କରି ପାଣି ଗଳୁଥିବ । ଗଜିଆଙ୍କ ଓଦା ଚାଳ ମଥାନ ଦେଇ ଧୂଆଁ ଆକାଶକୁ ଉଠୁଥିବ ।

ଲଗାଣ ବର୍ଷା ଯୋଗୁଁ ସେଦିନ ଆମର ସ୍କୁଲ୍ ଛୁଟି ହୋଇଥିବ । ବୋଉ ଚୂଲିରେ ମାଛ ଭାଜୁଥିବ ।

୬

ଅଜାଙ୍କ ଶେଷ ଜୀବନ ବଡ଼ କଷ୍ଟରେ କଟିଥିଲା ।

ଦୁଇଟି ଘଟଣା ଅଜାଙ୍କ ମନରେ ଆଘାତ ଦେଇଥିଲା । ଗୋଟିଏ ଥିଲା, ଫଲ୍ସ ପଏ□ ବନ୍ଦର ଅକାମୀ ହୋଇଯିବା । ଦ୍ୱିତୀୟ ଘଟଣାଟି, ଭାରତ ସରକାର ବଙ୍ଗଳାଦେଶୀ ଶରଣାର୍ଥୀମାନଙ୍କୁ ଜମ୍ମୁଦ୍ୱୀପରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ଦେବା ।

ଏହି ଦୁଇଟି ଘଟଣା ଅଜାଙ୍କ ମାନସିକ ଭାରସାମ୍ୟ ବିଗିଡ଼େଇ ଦେଇଥିଲା । ଏହି ଚିନ୍ତାରେ ଅଜା ସ୍ୱର୍ଗବାସୀ ହେଲେ । ମୃତ୍ୟୁ ବେଳକୁ ଅଜାଙ୍କର ପାଗଳାମୀ ରୋଗ ବାହାରିଥିଲା । ଖାଲି ଜମ୍ମୁ, ଖରିନାସୀ, ବଙ୍ଗଳାଦେଶୀ, ଫଲ୍ସ ପଏ□, କଟକ, ଡଙ୍ଗା, ଝାର ଆଦି କହି କହି ଅଜା ମରିଗଲେ ।

ମୁଁ ପୂର୍ବରୁ କହିଛି, ଅଜାଙ୍କ ପୂର୍ବପୁରୁଷମାନେ ସାଧବ ଥିଲେ । ସେମାନେ ଜମ୍ମୁ ଦ୍ୱୀପରୁ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ସିଂହଳ ଆଦି ଦ୍ୱୀପକୁ ବାଣିଜ୍ୟ କରିବାକୁ ଯାଉଥିଲେ ।

ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନି ଶାସନ କାଳରେ ଫଲ୍ସ ପଏ□ ବନ୍ଦର କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଅଜାଙ୍କ ବାପା ଏବଂ ତାଙ୍କ ବାପାମାନେ ଜମ୍ମୁ ଦ୍ୱୀପକୁ ଝାର କରିବାକୁ ଯାଉଥିଲେ । ଜମ୍ମୁଦ୍ୱୀପରୁ କଲିକତାକୁ ଝୋଟ, ମୁଗ, ବିରି, କପା ଆଦି ଜାହାଜରେ

ରପ୍ତାନୀ କରୁଥିଲେ ।

ଦେଶ ସ୍ୱାଧୀନ ହେବା ପରେ ଫଲ୍‌ସ ପଏ[ବନ୍ଦର ବନ୍ଦ ହୋଇଗଲା । ଫଲ୍‌ସ ପଏ[ବନ୍ଦର ବନ୍ଦ ହୋଇଯିବା ପରେ ଅଜାଙ୍କ ଆମଦାନୀ, ରପ୍ତାନୀ କାରବାର ବନ୍ଦ ହୋଇଗଲା ।

ଜମ୍ବୁ କେନାଲ, କେନ୍ଦ୍ରାପଡ଼ା କେନାଲ, ପଟାମୁଣ୍ଡେଇ କେନାଲ, ତାଳଦଣ୍ଡା କେନାଲ କାଳକ୍ରମେ ପୋତି ହୋଇଗଲା । କେନାଲ୍ ଲକ୍ ସବୁ ଅକାମୀ ହୋଇ ପଡ଼ିଲା । କେନାଲ ବାଟ ଦେଇ ଜଳପଥରେ ଆଉ ଡଙ୍ଗା ଚଳାଚଳ ହେଲାନି । ଜଳପଥରେ କଟକରୁ ମାଲ୍ ଆଣିବା ବନ୍ଦ ହୋଇଗଲା । ଏସବୁ କାରଣରୁ ଅଜାଙ୍କ ହୋଲ୍‌ସେଲ ବ୍ୟବସାୟ କାଳକ୍ରମେ ଶିଥିଳ ପଡ଼ି ଆସିଲା ।

ଜମ୍ବୁଦ୍ୱୀପରେ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବସବାସ ଆରମ୍ଭ କଲାଦିନୁ ଅଜା ଓ ମାମୁମାନଙ୍କ ଝାର କାରବାର ବି ବନ୍ଦ ହୋଇଗଲା । ବଙ୍ଗଳାଦେଶୀମାନେ ଜମ୍ବୁ ଦ୍ୱୀପା*ଳର ଘ* ହେନ୍ତାଳ ଜଙ୍ଗଲକୁ କାଟି ସଫା କରି ଗାଁ ବସେଇଲେ । ଗୋବରୀ ନଈକୁ ନିଜ ଦଖଲକୁ ନେଲେ । ଗୋବରୀ କୂଳରୁ ହେନ୍ତାଳ ଜଙ୍ଗଲକୁ କାଟି ବିଲବାଡ଼ି କଲେ ।

ଝାର ବ୍ୟବସାୟ ବନ୍ଦ ହୋଇଯିବାରୁ କାଳକ୍ରମେ ଡଙ୍ଗାସବୁ କାର୍ଯ୍ୟକ୍ଷମ ନ ହୋଇ ଗୋବରୀ ନଈରେ ବନ୍ଧା ହୋଇ ରହିଲା ଏବଂ ନଷ୍ଟ ହେବାକୁ ଲାଗିଲା । ଗୋଦାମ ଘର ପରିତ୍ୟକ୍ତ ହୋଇଗଲା ।

ମାମୁଙ୍କ ପୁଅମାନେ ଆଉ ସେ ବାଣିଜ୍ୟ ବ୍ୟବସାୟ ଦିଗ ପ୍ରତି ସେତେଟା ମନ ବଳେଇଲେ ନାହିଁ । ସେମାନେ ଚାକିରିବାକିରି କରି ନିଜ ନିଜର ପରିବାରକୁ ନେଇ କଟକ, ଭୁବନେଶ୍ୱରରେ ରହିଲେ ।

ଗୋବରୀ ନଈ ବି ଧୀରେ ଧୀରେ ପୋତି ହୋଇଗଲା । ଗୋବରୀ କୂଳରେ ନାନା ପ୍ରକାର କଳକାରଖାନା ବସିଲା । ବଙ୍ଗଳାଦେଶୀମାନେ ଗୋବରୀ ନଈକୁ ପୋତି କୋଠାବାଡ଼ି ନିର୍ମାଣ କଲେ । ଚାରିଆଡ଼କୁ ରାସ୍ତା ଫିଟିଗଲା । ଗାଡ଼ିଘୋଡ଼ା ଚାଲିଲା । ଧୂଳିଧୂଆଁ ବଢ଼ିଲା । ଜମ୍ବୁଦ୍ୱୀପ ପ୍ରଦୂଷିତ ହେଲା ।

ଏକଦା ଫଲ୍‌ସ ପଏ[ବନ୍ଦର ଓଡ଼ିଶା ନୌବାଣିଜ୍ୟ କାରବାରର ପେଣ୍ଠସ୍ଥଳ ଥିଲା । ଏହି ବନ୍ଦରରେ ବହୁ ସଂଖ୍ୟାରେ ଜାହାଜ ଲାଗୁଥିଲା । ବନ୍ଦର ମାଧ୍ୟମରେ ଅଜାଙ୍କ ବାଣିଜ୍ୟ କାରବାର ବି ଭଲରେ ଚାଲିଥିଲା ।

ଫଲ୍‌ସ ପଏ[ବନ୍ଦର ନାମକରଣ ହେବା ପୂର୍ବରୁ ଏହା ଜମ୍ବୁ ବନ୍ଦର ଭାବେ ପ୍ରସିଦ୍ଧିଲାଭ କରିଥିଲା । ଏଠାରୁ ସାଧବମାନେ ଦରିଆପାରି ଦେଶମାନଙ୍କୁ ବାଣିଜ୍ୟ କରିବାକୁ ବୋଇତ ନେଇ ଯାଉଥିଲେ ।

ଇଂରେଜ ଶାସନ କାଳରେ ଫଲ୍‌ସ ପଏ[ବନ୍ଦରର ବିକାଶ ଘଟିଥିଲା । କାହିଁକି ଏହାର ନାମ ଫଲ୍‌ସ ପଏ[ହେଲା ତା' ପଛରେ ଅନେକ କାହାଣୀ ଓ କିମ୍ବଦନ୍ତୀ ରହିଛି ।

ପିଲାଦିନେ ଅଜା ଏ ବିଷୟରେ ଆମକୁ ଅନେକ କଥା କହୁଥିଲେ । ଏବେ ମୁଁ ଗବେଷଣା କରି ଅନେକ କଥା ଜାଣିବାକୁ ପାଇଲିଣି ।

ଅଜା କହନ୍ତି, ଗୋବରୀ ଓ ମହାନଦୀର ଶାଖା ବକୁଳ ନଦୀ ମୁହାଣ ଅ*ଳର ଅଗଭୀର ହ୍ରଦ ହିଁ ଥିଲା ଫଲ୍‌ସ ପଏ[। ବକୁଳ ଏବଂ ଗୋବରୀ ମୁହାଣ ଅ*ଳ ସେତେବେଳେ ଏକ ଅଗଭୀର ହ୍ରଦର ଭ୍ରମ ସୃଷ୍ଟି କରୁଥିଲା । ଏହାର ଚାରିପଟେ ବିଶାଳ ବାଲୁକା ଚଡ଼ା ରହିଥିଲା । ଏହା ସେତେବେଳେ ଘ* ହେନ୍ତାଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା ।

ଉନ୍ନବିଂଶ ଶତାବ୍ଦୀ ବେଳକୁ ବଙ୍ଗୋପସାଗରର ଉ□ର ଦିଗରୁ ଯେଉଁ ବିଦେଶୀ ଜାହାଜଗୁଡ଼ିକ ହୁଗୁଳି ବନ୍ଦର, ଧାମରା ବନ୍ଦର, ବ୍ରାହ୍ମଣୀ ନଦୀ ମୁହାଣରେ ଥିବା ପାଲ୍‌ମିରା ପଏ[ଏବଂ ବାଲେଶ୍ୱରର ପିପିଲି ବନ୍ଦର ଅଭିମୁଖେ ଆସୁଥିଲେ, ସେମାନେ ଭୁଲ୍ କ୍ରମେ ଗୋବରୀ ମୁହାଣର ଏହି ଅଗଭୀର ହ୍ରଦରେ ଅଟକି ଯାଉଥିଲେ । ଏହି ଅଗଭୀର ହ୍ରଦ ସେତେବେଳେ ଜାହାଜର ନାବିକମାନଙ୍କୁ ଏକ ପୋତାଶ୍ରୟର ଭ୍ରମ ସୃଷ୍ଟି କରୁଥିଲା । ଯେହେତୁ ଭ୍ରମରେ ପଡ଼ି ଜାହାଜର ନାବିକମାନେ ଏହି ଅଗଭୀର ହ୍ରଦକୁ ଚାଲି ଆସୁଥିଲେ, ସେଥିପାଇଁ ଏହାକୁ ‘ଭ୍ରାନ୍ତ ସ୍ଥଳ’ ବା ‘ଫଲ୍‌ସ ପଏ[’ କୁହାଯାଉଥିଲା ବୋଲି ଅଜା କହୁଥିଲେ ।

ଏ ସ୍ଥାନଟି ଫଲ୍‌ସ ପଏ[ବନ୍ଦର ହେବା ପୂର୍ବରୁ ଏହାର କିଛି ବି ନିର୍ଦ୍ଦିଷ୍ଟ ନାମ ନଥିଲା । କିନ୍ତୁ ପୁରାଣରେ ଏହା ଜମ୍ବୁଦ୍ୱୀପ ଭାବେ ବର୍ଣ୍ଣିତ ଅଛି । ଏହି ଜମ୍ବୁ ଦ୍ୱୀପରୁ ସାଧବମାନେ ଦରିଆପାରି ଦେଶମାନଙ୍କୁ ବାଣିଜ କରିବାକୁ ଯାଉଥିଲେ ।

ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନି ଶାସନ କାଳରେ ଏହାର ନାମ ଫଲ୍‌ସ ପଏ[ହେଲା । ଫଲ୍‌ସ ପଏ[ର ୪୦ ମାଇଲ୍ ଉ□ରକୁ ବ୍ରାହ୍ମଣୀ ନଦୀର ମୁହାଣରେ ଥିଲା ପଏ[ପାଲ୍‌ମିରା ।

ପଏ[ପାଲ୍‌ମିରା ସେତେବେଳକୁ ଏକ ପ୍ରସିଦ୍ଧ ବନ୍ଦରର ମାନ୍ୟତା ଲାଭ କରି ସାରିଥିଲା । ଏଠାକୁ ବହୁ ସଂଖ୍ୟାରେ ଜାହାଜମାନ ଆସୁଥିଲେ ।

ସପ୍ତଦଶ ଶତାବ୍ଦୀରୁ ଉନ୍ନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପଏ[ପାଲ୍‌ମିରା ପୂର୍ବ ଉପକୂଳର ଏକ ପ୍ରମୁଖ ବନ୍ଦର ଥିଲା । ବଙ୍ଗୋପ ସାଗରର ଉ□ରରୁ ଆସୁଥିବା ସମସ୍ତ ଜାହାଜ ପଏ[ପାଲ୍‌ମିରାକୁ ଯାଉଥିଲେ ।

ବଙ୍ଗୋପ ସାଗରରେ ମାନ୍ଦ୍ରାଜ ବନ୍ଦରରୁ ଉ□ରଗାମୀ ଜାହାଜର କ୍ୟାପ୍‌ଟେନ୍‌ମାନେ ବେଳେବେଳେ ଭୁଲ୍‌ବଶତଃ ଫଲ୍‌ସ ପଏ[କୁ ପଏ[ପାଲ୍‌ମିରା ବୋଲି ଭାବି ଚାଲି ଆସୁଥିଲେ । କାରଣ ସେତେବେଳେ ଗୋବରୀ, ବ୍ରାହ୍ମଣୀ ଓ ବୈତରଣୀ ନଈ ମୁହାଣରେ କଳିଙ୍ଗ ଉପସାଗରରେ ଅନେକ ଦ୍ୱୀପ ବା ଟାପୁ ଥିଲା ।

ଆଜି ଆମେ ଯାହାକୁ ବଙ୍ଗୋପ ସାଗର କହୁଛୁ, ଅତୀତରେ ଏହା କଳିଙ୍ଗ ଉପସାଗର ଭାବେ ବିଖ୍ୟାତ ଥିଲା ବୋଲି ଅଜା କହୁଥିଲେ । ଅଜା କଳିଙ୍ଗ ଜାତିକୁ ନେଇ ଗର୍ବ

କରୁଥିଲେ ।

ବଙ୍ଗୋପ ସାଗରରେ ଥିବା ଲଙ୍ଗ୍ ଆଇଲାଣ୍ଡ, ଡୋଡେଶ୍‌ଓ୍ୱେଲ ଆଇଲାଣ୍ଡ, ପ୍ଲୁଡେନ୍ ଆଇଲାଣ୍ଡ, ହ୍ୱିଲର ଆଇଲାଣ୍ଡ, ସର୍ଟ୍‌ସ ଆଇଲାଣ୍ଡ, ପାଲ୍‌ମିରା ପଏ[, ରେଡି ପଏ[, ଫଲ୍‌ସ ପଏ[ପ୍ରମୁଖ ଦ୍ୱୀପ ମାନ୍ଦ୍ରାଜରୁ ଆସୁଥିବା ଜାହାଜ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା ବୋଲି ଅଜା କହନ୍ତି ।

ଅଜା ସେତେବେଳେ ଏସବୁ କଥା ନିଜର ଏକ ଟିପା ଖାତାରେ ଲେଖି ରଖିଥିଲେ । ଅଜା ମଲାପରେ ମୁଁ ସେ ଟିପା ଖାତାକୁ ନେଇ ଆସିଥିଲି । ଅଜାଙ୍କର ସେହି ଟିପା ଖାତାରୁ ଗୋବରୀ ନଈ ଓ ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କରେ ମୁଁ ଅନେକ କଥା ଜାଣିବାକୁ ପାଇଲି ।

ଅଜାଙ୍କ କହିବା ଅନୁଯାୟୀ, ମାନ୍ଦ୍ରାଜରୁ ଆସୁଥିବା ଜାହାଜ ପଏ[ପାଲ୍‌ମିରାକୁ ଯିବାର କଥା, ମାତ୍ର ସେମାନେ ଭୁଲ୍‌ବଶତଃ ଗୋବରୀ ମୁହାଣରେ ଥିବା ଫଲ୍‌ସ ପଏ[ରେ ଅଟକି ଯାଆନ୍ତି । ଫଲ୍‌ସ ପଏ[ର ଗୁରୁତ୍ୱକୁ ବୁଝି ପରବର୍ତ୍ତୀ କାଳରେ ଇଂରେଜ ସରକାର ଏହାକୁ ପ୍ରମୁଖ ବନ୍ଦର ଭାବେ ଗଢ଼ି ତୋଳିଲେ ।

ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ପାରାଦୀପ ବନ୍ଦର ଗଢ଼ିଲେ । ପାରାଦୀପ ବନ୍ଦରକୁ ଅଧିକ ଗୁରୁତ୍ୱ ଦିଆଯିବାରୁ ଫଲ୍‌ସ ପଏ[ବନ୍ଦର ବନ୍ଦ ହୋଇଗଲା ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ଫଲ୍‌ସ ପଏ[ବନ୍ଦର ଠାରୁ ଆଜିର ପାରାଦୀପ ବନ୍ଦର ଜଳପଥରେ ମାତ୍ର ଦଶ କିଲୋମିଟର ଦୂର । ପାରାଦୀପରୁ ବକୁଳ ନଦୀ ବାଟ ଦେଇ ଜଳପଥରେ ଗଲେ ଫଲ୍‌ସ ପଏ[ବନ୍ଦରରେ ଖୁବ୍ ସହଜରେ ପହଁ*ଚି ହୁଏ ।

ଫଲ୍‌ସ ପଏ[ବନ୍ଦର ନିକଟରେ ଲଙ୍ଗ୍ ଆଇଲାଣ୍ଡ ଏବଂ ଡୋଡେଶ୍‌ଓ୍ୱେଲ ଆଇଲାଣ୍ଡ ସମୁଦ୍ର ମଧ୍ୟକୁ ପା* କିଲୋମିଟର ଲମ୍ବି ଯାଇଛି । ଏସବୁ ଟାପୁରେ ଅତୀତରେ ଜାହାଜମାନ ଲାଗୁଥିଲା । ଅଜାଙ୍କ ବାପା ଓ ତାଙ୍କ ବାପାମାନେ ଡଙ୍ଗାରେ ଝୋଟ, କପା, ମୁଗ, ବିରି ଆଦି ଲଦି ଏହି ଟାପୁରେ ଲାଗିଥିବା ଜାହାଜ ପର୍ଯ୍ୟନ୍ତ ପହଁ*ଚାଉଥିଲେ ।

ଅତୀତରେ ସମୁଦ୍ର ମଧ୍ୟରେ ଭୀଷଣ ସାମୁଦ୍ରିକ ଝଡ଼ ହେଉଥିଲା ବୋଲି ଅଜାଙ୍କ ଟିପାଖାତାରୁ ଜାଣିଲି । ସାମୁଦ୍ରିକ ଝଡ଼ରେ ଆକ୍ରାନ୍ତ ହୋଇ ଅନେକ ଜାହାଜ ସମୁଦ୍ରରେ ବୁଡ଼ି ଯାଉଥିଲା । ଏହି ବିପତ୍ତିରୁ ରକ୍ଷା ପାଇବା ପାଇଁ ସମୁଦ୍ରରେ ଯାଉଥିବା ଅନେକ ଜାହାଜ ଫଲ୍‌ସ ପଏ[ବନ୍ଦରକୁ ଚାଲି ଆସୁଥିଲେ । ଡୋଡେଶ୍‌ଓ୍ୱେଲ ଦ୍ୱୀପ ଘଂ* ହେନ୍ତାଳ ଜଙ୍ଗଲରେ ପୂର୍ଣ୍ଣ ଥିବାରୁ ଏହା ମଧ୍ୟରେ ଥିବା ଫଲ୍‌ସ ପଏ[ବନ୍ଦରରେ ଝଡ଼ବତାସର ପ୍ରଭାବ ଅନୁଭୂତ ହେଉ ନଥିଲା ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ମୁଁ ଯେତେବେଳେ ଇତିହାସର ପ୍ରଫେସର ଭାବେ ଗୋବରୀ ନଈ ଏବଂ ଫଲ୍‌ସ ପଏ[ବନ୍ଦର ବିଷୟରେ ଅଧିକ ଗବେଷଣା କଲି, କ୍ରମେ ଏ ବିଷୟରେ ଅଧିକ ଜାଣିବାକୁ

ପାଇଲି ।

ଓଡ଼ିଶା ଗେଜେଟିୟର ଲେଖିବାକୁ ପ୍ରଫେସର ଉଇଲିୟମ ୱିଲ୍‌ସନ୍ ହ[ରଙ୍କୁ ୧୮୭୦ ମସିହାରେ ଇଂରେଜ ସରକାର ନିଯୁକ୍ତ କରିଥିଲେ । ପ୍ରଫେସର ହ[ର ପ୍ରଥମେ କଲିକତାରୁ ପାଣି ଜାହାଜରେ ଆସି ଫଲ୍‌ସ ପଏ[ବନ୍ଦରରେ ଅବତରଣ କରି ଏହି ବନ୍ଦରକୁ ଅନୁଧ୍ୟାନ କରିଥିଲେ ।

୧୮୭୦ ମସିହା ମେ ମାସ ୧୦ ତାରିଖରେ ହୋଇଥିବା ସର୍ବଶେଷ ସର୍ଭେ ରିପୋର୍ଟରେ ଫଲ୍‌ସ ପଏ[ବନ୍ଦର ସପକ୍ଷରେ ସୁପାରିଶ କରାଯାଇଥିଲା । ଯଦି କୌଣସି କାରଣବଶତଃ ସମୁଦ୍ରରେ ଯାଉଥିବା ଜାହାଜ ଦିଗଭ୍ରଷ୍ଟ ହୁଏ ତଥାପି ମଧ୍ୟ ଫଲ୍‌ସ ପଏ[ବତୀଘରକୁ ଲକ୍ଷ୍ୟ ରଖି ପ୍ଲୁଡେନ୍ ଦ୍ୱୀପ ଆଖପାଖରେ ଯେଉଁ ଛୋଟ ଛୋଟ ଦ୍ୱୀପ ଅଛି ତାହାରି ମଧ୍ୟକୁ ଚାଲି ଆସିଲେ ଜାହାଜ ନିରାପଦରେ ବନ୍ଦର ମଧ୍ୟରେ ଆଶ୍ରୟ ନେଇ ପାରିବ ବୋଲି ହ[ର ସାହେବ ଦର୍ଶାଇଥିଲେ । ଏସବୁ କଥା ଅଜା ତାଙ୍କ ଟିପା ଖାତାରେ ଉଲ୍ଲେଖ କରିଥିଲେ ।

ଡୋଡେଶଓ୍ୱେଲ ଦ୍ୱୀପ ମଧ୍ୟରେ ପ୍ଲୁଡେନ୍ ଦ୍ୱୀପ ଅବସ୍ଥିତ । ଏହାର ଅଧିକାଂଶ ଅ*ଳ ଜଙ୍ଗଲିଆ ଏବଂ ସମୁଦ୍ର ଜୁଆର ଯୋଗୁଁ ସନ୍ତସନ୍ତିଆ । କିନ୍ତୁ ଏହାର ପୂର୍ବ ଭାଗରେ ଯେଉଁ ଉଚ୍ଚ ସ୍ଥାନ ଅଛି ତାହା ବାସପୋଯୋଗୀ ବୋଲି ହ[ର ସାହେବ ସେତେବେଳେ ସରକାରଙ୍କୁ ସୁପାରିଶ କରିଥିଲେ । ଏହି ଦ୍ୱୀପରେ ଥିବା କୂଅର ପାଣି ମିଠା ଥିବା କଥା ହ[ର ସାହେବ କହିଥିଲେ ।

ବଙ୍ଗୋପସାଗରରେ ଚଳାଚଳ କରୁଥିବା ଜାହାଜମାନଙ୍କ ପାଇଁ ଫଲ୍‌ସ ପଏ[ସେତେବେଳେ ଖୁବ୍ ପରିଚିତ ହୋଇଯାଇଥିଲା । ଧୀରେ ଧୀରେ ଫରାସୀ ଜାହାଜସବୁ ଫଲ୍‌ସ ପଏ[ରେ ଲାଗିବା ଆରମ୍ଭ କଲେ । ଏହା ଦେଖି ଇଷ୍ଟ ଇଣ୍ଡିଆ କମ୍ପାନି ଫଲ୍‌ସ ପଏ[କୁ ଏକ ନିୟମିତ ବନ୍ଦର କରିବାକୁ ମନ ବଳାଇଲା । ଯଦି ଫଲ୍‌ସ ପଏ[ରେ ଜାହାଜଗୁଡ଼ିକ ଲାଗି ପାରୁଛି, ତେବେ ଏହା କାହିଁକି ଏକ ବନ୍ଦର ହୋଇ ନ ପାରିବ ? ଇଂରେଜ ଶାସକଙ୍କ ମୁଣ୍ଡରେ ଏହି ଚିନ୍ତା ଘାରିଲା ।

ଯୋଗକୁ ଓଡ଼ିଶାରେ ପ୍ରବଳ ମରୁଡ଼ି, ଦୁର୍ଭିକ୍ଷ ପଡ଼ିଲା । ୧୮୬୬ ସାଲରେ ନ'ଅଙ୍କ ଦୁର୍ଭିକ୍ଷରେ ଉପକୂଳ ଓଡ଼ିଶାରେ ଚାଉଳର ଘୋର ଅଭାବ ଦେଖାଦେଲା । ଓଡ଼ିଶାକୁ ଚାଉଳ ଆମଦାନୀ ହୋଇ ପାରିଲା ନାହିଁ । ବିଦେଶରୁ ଚାଉଳ ଆମଦାନୀ କରିବାକୁ ଓଡ଼ିଶା ଉପକୂଳରେ ଏକ ବନ୍ଦରର ଆବଶ୍ୟକ ପଡ଼ିଲା । ଏହାପରେ ଇଂରେଜ ସରକାର ଫଲ୍‌ସ ପଏ[କୁ ବନ୍ଦର କଥା ଚିନ୍ତା କଲେ ।

ନ'ଅଙ୍କ ଦୁର୍ଭିକ୍ଷ ପରେ ପରେ ଇଂରେଜ ସରକାର ଫଲ୍‌ସ ପଏ[କୁ ଏକ ସବୁଦିନିଆ ବନ୍ଦର ଭାବେ ବିକଶିତ କଲେ । ଏହି ବନ୍ଦରର ନାମ ରଖାଗଲା 'ହୁକିଟୋଲା' ।

ଫଲ୍‌ସ ପଏ[ବନ୍ଦରର ନାମ ହୁକିଟୋଲା ହେବା ପଛରେ ବି ଏକ କାହାଣୀ ରହିଛି । ଅଜା ଏ କଥା ବି ତାଙ୍କ ଟିପା ଖାତାରେ ଲେଖିଥିଲେ ।

ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ନ ପଡ଼େ ନା ଫଲ୍‌ସ ପଏ[ବନ୍ଦର କଥା ମନକୁ ନ ଆସେ ।

ନ'ଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାରେ ଖାଦ୍ୟ ଅଭାବରୁ ଲୋକେ ପୋକମାଛି ଭଳି ମଲେ । ଚାଉଳ ଅଭାବରୁ ଲୋକେ ଖାଇବାକୁ ନ ପାଇ ଅଖାଦ୍ୟ ଖାଇଲେ । ଏମିତିକି କେତେକ ସ୍ଥଳେ ମଣିଷ ମଧ୍ୟ ମଣିଷ ମାଂସ ଖାଇବାକୁ ପଛେଇ ନଥିଲା ବୋଲି ଅଜାଙ୍କ ଟିପାଖାତାରେ ଲେଖା ଥିଲା ।

ଅଜା ବି ପିଲାଦିନେ ଆମକୁ ନ'ଅଙ୍କ ଦୁର୍ଭିକ୍ଷ କାହାଣୀସବୁ କହୁଥିଲେ । ନ'ଅଙ୍କ ଦୁର୍ଭିକ୍ଷ କାହାଣୀ ଶୁଣିବାକୁ ଆମେସବୁ ପିଲାମାନେ ତାଙ୍କ ଚାରି ପଟେ ଘେରି ବସୁଥିଲୁ । ମୋ' ବୋଉ ବି ପିଲାଦିନେ ମୋତେ ନ'ଅଙ୍କ ଦୁର୍ଭିକ୍ଷ କାହାଣୀ କହୁଥିଲା । ଭୋକ ବିକଳରେ ମଣିଷ ସେତେବେଳେ ମଣିଷ ମାଂସ ବି ଖାଇ ଯାଉଥିଲା ବୋଲି ଅଜା କହୁଥିଲେ । ଅଜା ଏ କଥା ତାଙ୍କ ବାପାଙ୍କଠାରୁ ଶୁଣିଥିଲେ ।

ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜ ସରକାର ବ୍ରହ୍ମଦେଶରୁ ଚାଉଳ ଆମଦାନୀ ପାଇଁ ଗୋଟିଏ ଉପଯୁକ୍ତ ବନ୍ଦରର ସନ୍ଧାନ କରୁଥିଲେ । କଟକ କମିଶନର ରେଭେନ୍‌ଶା ସାହେବ, କଟକ କଲେକ୍ଟର ମ୍ୟାକ୍‌ଫର୍ସନ, ଜନ୍ ବୀମ୍‌ସ ସାହେବ ଓ ତତ୍କାଳୀନ ପୂ□ ବିଭାଗର ସୁପରିଟେଣ୍ଡେ[ଇଞ୍ଜିନିୟର ହୁକି ୱାକର ଆଦି ଷ୍ଟିମର ଯୋଗେ ଯାତ୍ରା କରି ଜମ୍ବୁଠାରେ ପହଁ* ଫଲ୍‌ସ ପଏ[ସମ୍ପର୍କରେ ବହୁ ଅନୁଧ୍ୟାନ କରିଥିଲେ ।

ଫଲ୍‌ସ ପଏ[ଅ*ଳଟି ସେପର୍ଯ୍ୟନ୍ତ ଏକ ପରିତ୍ୟକ୍ତ ଜନବସତିଶୂନ୍ୟ ବାଲୁକାସ୍ତୂପ ଘେରା ଅଗଭୀର ଜଳାଶୟ ଥିଲା । ଚାରିଆଡ଼େ ଘେରି ରହିଥିଲା ଘ* ହେନ୍ତାଳ ଜଙ୍ଗଲ । ଲୋକବାକ ବସବାସ କରୁ ନଥିବାରୁ ଏହାର କୌଣସି ନିର୍ଦ୍ଦିଷ୍ଟ ନାମକରଣ ବି ହୋଇ ନଥିଲା । ଯେହେତୁ ଏ ନିର୍ଜନ ଦ୍ୱୀପର କିଛି ନାମ ନଥିଲା, ଇଂରେଜ ସରକାର ପ୍ରଥମେ ଏ ସ୍ଥାନଟିର ନାମକରଣ କରିବାକୁ ଇଚ୍ଛା କଲେ ।

ପ୍ରଥମେ ମ୍ୟାକ୍‌ଫର୍ସନ ପ୍ରସ୍ତାବ ଦେଲେ, ବୃଦ୍ଧ ହୁକିଙ୍କ ନାମାନୁସାରେ ଏହାର ନାମ ହୁକିଟୋଲା ରଖାଯାଉ । ଜନ୍ ବୀମ୍‌ସ, ରେଭେନ୍‌ଶା ଓ ଅନ୍ୟାନ୍ୟ ଅଫିସରମାନେ ମ୍ୟାକ୍‌ଫର୍ସନଙ୍କ କଥାରେ ଏକମତ ହେଲେ । ତାହା ହିଁ ହେଲା ।

ବୃଦ୍ଧ ହୁକି ୱାକରଙ୍କ ନାମାନୁସାରେ, ଫଲ୍‌ସ ପଏ[ବନ୍ଦରର ନାମ 'ହୁକିଟୋଲା' ରଖାଗଲା ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ସେତେବେଳେ କଲିକତାରୁ ପାଣି ଜାହାଜରେ ଆସିଥିବା ବନ୍ଦର ଅନୁସନ୍ଧାନକାରୀ ଦଳ ଫଲ୍‌ସ ପଏ[କୁ ଦେଖି ଏହା ବମ୍ବେ ଓ ହୁଗୁଳି ମଧ୍ୟରେ ଏକ ସର୍ବୋତ୍କୃଷ୍ଟ ବନ୍ଦର

ହୋଇପାରିବ ବୋଲି ମତ ଦେଇଥିଲେ ।

କର୍ଣ୍ଣେଲ ରାଣ୍ଡେଲ ଏବଂ ମିଷ୍ଟର ଫକ୍‌ନର ଫଲ୍‌ସ ପଏ[ବନ୍ଦର ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଇଂରେଜ ସର୍ବୋଚ୍ଚ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ । ହୁକିଟୋଲା ବନ୍ଦରର ବିକାଶ ପାଇଁ କୁଜଙ୍ଗର ତତ୍କାଳୀନ ଜମିଦାର ଓ ବର୍ଦ୍ଧମାନର ରାଣୀ ଇଂରେଜ ସରକାରଙ୍କୁ ବନ୍ଦର ସଂଲଗ୍ନ ଜମି ଦାନ କରିଥିଲେ ।

ମୋ' ଅଜାଙ୍କ ପୂର୍ବପୁରୁଷମାନେ ବର୍ଦ୍ଧମାନ ରାଜ୍ୟର କରଦ ଜମିଦାର ଥିଲେ । ସେମାନେ ବର୍ଦ୍ଧମାନର ରାଜାଙ୍କୁ କର ଦେଇ ଜମ୍ବୁଦ୍ୱୀପକୁ ହାସଲ କରିଥିଲେ । ଜମ୍ବୁଦ୍ୱୀପ ଅଜାଙ୍କ ପୂର୍ବପୁରୁଷଙ୍କ ମାଲିକାନାରେ ଥିଲା ।

ଫଲ୍‌ସ ପଏ[ବନ୍ଦର ଦ୍ରୁତ ଭାବେ ବିକାଶ କରିବାରେ ଲାଗିଲା । ଇଂରେଜ ସରକାର ୧୮୭୦ ମସିହାରେ ଫଲ୍‌ସ ପଏ[କୁ ବନ୍ଦରର ମାନ୍ୟତା ଦେଲେ । ୧୮୭୭ ମସିହାରେ ଫଲ୍‌ସ ପଏ[ବନ୍ଦର ପାଇଁ ପୋର୍ଟ ଅଫିସର ନିଯୁକ୍ତି ସହ ଏହାର ବିକାଶ ପାଇଁ ଅର୍ଥ ବ୍ୟୟ କରାଯାଇଥିଲା ।

ଫଲ୍‌ସ ପଏ[ବନ୍ଦର ହେଲା ପରେ ନ'ଅଙ୍କ ଦୁର୍ଭିକ୍ଷ ପରବ□ୀ କାଳରେ ରେଙ୍ଗୁନ୍‌ରୁ ଅନେକ ଚାଉଳ ଜାହାଜ ଏଠାରେ ଲାଗିଥିଲା । ଏହି ବନ୍ଦର ବର୍ଷର ସମସ୍ତ ଋତୁରେ କାର୍ଯ୍ୟକ୍ଷମ ହେଲା । ଷ୍ଟିମରଗୁଡ଼ିକ କଲିକତା ଏବଂ ଏହି ବନ୍ଦର ମଧ୍ୟରେ ସବୁ ଋତୁରେ ନିୟମିତ ଯାତାୟାତ କରିପାରୁଥିଲେ ।

ମୁଁ ଅଜାଙ୍କ ଟିପାଖାତାରୁ ଅନେକ ମୂଲ୍ୟବାନ ତଥ୍ୟ ପାଉଥିଲି । ଏହା ମୋ' ଗବେଷଣା କାମକୁ ଅଧିକ ସହଜ କରୁଥିଲା ।

ଫଲ୍‌ସ ପଏ[ବନ୍ଦରରୁ ବିପୁଳ ପରିମାଣର ଚାଉଳ ଓ ଲୁଣ ଭାରତର ଅନ୍ୟ ବନ୍ଦରମାନଙ୍କୁ ରପ୍ତାନୀ ହେଉଥିଲା । ମାଳଦୀପରୁ ଏଠାକୁ ଅନେକ କଉଡ଼ି, ନଡ଼ିଆ, ପ୍ରବାଳ ଓ ଶୁଖୁଆ ଭ□ି ଜାହାଜ ଲାଗୁଥିଲା ଏବଂ ଏଠାରୁ ଚାଉଳ, ମାଟି ପାତ୍ର ଆଦି ମାଳଦ୍ୱୀପକୁ ଯାଉଥିଲା ।

କଲିକତାରେ ଥିବା ଗୋଟିଏ ଫରାସୀ ବ୍ୟବସାୟ ସଂସ୍ଥା ୧୮୬୫ ମସିହାରେ ଏହି ବନ୍ଦର ବାଟେ ଚାଉଳ ରପ୍ତାନୀ କରୁଥିଲେ । ନ'ଅଙ୍କ ଦୁର୍ଭିକ୍ଷ ବେଳେ ଫଲ୍‌ସ ପଏ[ବନ୍ଦର ଅଧିକ କାର୍ଯ୍ୟକ୍ଷମ ହୋଇ ଉଠିଥିଲା । ବିଭିନ୍ନ ଦେଶରୁ ଓଡ଼ିଶାକୁ ଏହି ବନ୍ଦର ଦେଇ ଚାଉଳ ଓ ଖାଦ୍ୟଶସ୍ୟ ଆମଦାନୀ ହେଉଥିଲା । ଏସବୁ ଚାଉଳ ଫଲ୍‌ସ ପଏ[ବନ୍ଦରରୁ ଗୋବରୀ ନଈ ଏବଂ ବିଭିନ୍ନ କେନାଲ ପଥରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପହ*। ଯାଉଥିଲା ।

ବଙ୍ଗୋପ ସାଗରର ସାମୁଦ୍ରିକ ସ୍ରୋତ ଉ□ରରୁ ଦକ୍ଷିଣକୁ ପ୍ରବଳ ବେଗରେ ପ୍ରବାହିତ ହୁଏ । ଏଣୁ ଉ□ର ଦିଗରୁ ବିଶେଷକରି ବ୍ରହ୍ମଦେଶର ରେଙ୍ଗୁନ୍ ଏବଂ ବଙ୍ଗଳାର ହୁଗୁଳି ବନ୍ଦରରୁ ଓଡ଼ିଶା ଉପକୂଳକୁ ଜାହାଜ ଚଳାଚଳ ପାଇଁ ଇଂରେଜ ସରକାର ଏକ ବନ୍ଦରର

ଅନୁସନ୍ଧାନ କରୁଥିଲେ । ଫଲ୍ସ ପଏ[ଗୋଟିଏ ସବୁଦିନିଆ ବନ୍ଦର ହୋଇ ପାରିବ ବୋଲି ଇଂରେଜ ସରକାର ଭାବିଲେ ଏବଂ ଏହାକୁ ଏକ ବନ୍ଦର ଭାବେ ଗଢ଼ି ତୋଳିଲେ ।

ବଙ୍ଗୋପସାଗରର ଉ□ର ଆଡୁ ଆସୁଥିବା ଜାହାଜରୁ ମାଲ୍ ଖଲାସ କରିବା ପାଇଁ ସେତେବେଳେ ଓଡ଼ିଶା ଉପକୂଳରେ କୌଣସି ବନ୍ଦର ନଥିଲା । ପୁରୀ ଯଦିଓ ଏକ ଖୋଲା ଉପକୂଳ ଥିଲା, ମାତ୍ର ପୁରୀ ଉପକୂଳ ଅଗଭୀର ଥିବାରୁ ସେଠାରେ ଜାହାଜ ଲାଗିବା ସମ୍ଭବପର ନଥିଲା । ଏଣୁ ପୁରୀକୁ ବନ୍ଦର କରିବା କଥା ଇଂରେଜ ସରକାର ମନରୁ ପୋଛି ଦେଇଥିଲେ ।

ଇଂରେଜ ସରକାର ସେତେବେଳେ ଫଲ୍ସ ପଏ[ଏବଂ ଧାମରାକୁ ଉପଯୁକ୍ତ ବନ୍ଦର ବୋଲି ବିଚାର କରୁଥିଲେ । ପୂର୍ବରୁ ଧାମରା ବନ୍ଦରର ବିକାଶ ଘଟି ସାରିଥିଲା ।

ସବୁଠୁ ବଡ଼ କଥା ହେଲା, ଫଲ୍ସ ପଏ[ବନ୍ଦର ଇଂରେଜ ସରକାରଙ୍କ ମୁଖ୍ୟ ପ୍ରଶାସନିକ ଦପ୍ତର କଟକର ନିକଟତର ଥିବାରୁ ଇଂରେଜମାନେ ଏହାର ବିକାଶ ପ୍ରତି ବେଶି ଧ୍ୟାନ ଦେଉଥିଲେ ।

କଲିକାତାରୁ କଟକ ମଧ୍ୟରେ ଜଳପଥରେ ଯୋଗାଯୋଗ ସହଜ ମନେ କରି ଇଂରେଜ ସରକାର ଫଲ୍ସ ପଏ[ବନ୍ଦରର ବିକାଶ ଦିଗରେ ମନ ବଳାଇଲେ । ଫଲ୍ସ ପଏ[ବନ୍ଦରରୁ କଟକ ପ୍ରଶାସନିକ ଦପ୍ତର ସହ ସଂଯୋଗ କରିବାକୁ ଜମ୍ବୁ, କେନ୍ଦ୍ରାପଡ଼ା, ତାଳଦଣ୍ଡା ଓ ପଟ୍ଟାମୁଣ୍ଡେଇ କେନାଲ ଖୋଳିଲେ ।

ଫଲ୍ସ ପଏ[ବନ୍ଦରରେ ସେତେବେଳେ ବ୍ରହ୍ମଦେଶ, ଫ୍ରାନ୍ସ, ପ□ୁଗାଲ, ଇଂଲଣ୍ଡରୁ ବହୁ ସଂଖ୍ୟାରେ ଜାହାଜ ଲାଗିଲା । କଲିକତାରେ ଥିବା ଗୋଟିଏ ଫରାସୀ ବ୍ୟବସାୟ ସଂସ୍ଥା ଫଲ୍ସ ପଏ[ବନ୍ଦର ବାଟେ ଚାଉଳ ରପ୍ତାନୀ କରିବା ଉଦ୍ଦେଶ୍ୟରେ ସେଠାରେ ଏକ ବନ୍ଦର କମ୍ପାନି ଗଠନ କରିଥିଲେ ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ଫଲ୍ସ ପଏ[ବନ୍ଦରରେ ୟୁରୋପ, ବ୍ରହ୍ମଦେଶରୁ ଅନେକ ଜାହାଜ ଲାଗୁଥିଲା । ବନ୍ଦରରେ ମାଲ୍ ଖଲାସ ହେବା ପରେ ଜମ୍ବୁ ଓ କେନ୍ଦ୍ରାପଡ଼ା କେନାଲ ଦେଇ କଟକରେ ପହ*ା ଯାଉଥିଲା । ଫଲ୍ସ ପଏ[ବନ୍ଦର ଦେଇ କେବଳ ମାଲ୍ ପରିବହନ ହେଉଥିଲା ତାହା ନୁହେଁ ବରଂ ଯାତ୍ରୀ ପରିବହନ ହେଉଥିଲା ।

ଇଂରେଜ ଅଫିସରମାନେ କଲିକତାରୁ କଟକକୁ ଫଲ୍ସ ପଏ[ବନ୍ଦର ଦେଇ ଯିବାଆସିବା କରୁଥିଲେ । ଏହା ସହିତ ସାଧାରଣ ଯାତ୍ରୀମାନେ ଫଲ୍ସ ପଏ[ବନ୍ଦରରୁ ଜାହାଜ ଏବଂ ଷ୍ଟିମର ଯୋଗେ କଲିକତା ଯାଉଥିଲେ ।

କଲିକତାରୁ ଆସୁଥିବା ଇଂରେଜ ଅଫିସରମାନେ ଫଲ୍ସ ପଏ[ବନ୍ଦରରେ ଓହ୍ଲାଇବା ପରେ ଷ୍ଟିମର ଯୋଗେ ଜମ୍ବୁ କେନାଲ ଏବଂ କେନ୍ଦ୍ରାପଡ଼ା କେନାଲ ଦେଇ କଟକର ଜୋବ୍ରା ମହାନଦୀ ଘାଟରେ ପହ*ୁଁଥିଲେ ।

ମୋ' ଅଜା ଓ ମାମୁମାନେ ଗୋବରୀ ନଈରୁ ଜମ୍ମୁ କେନାଲ ଓ କେନ୍ଦ୍ରାପଡ଼ା କେନାଲ ଦେଇ କଟକରୁ ମାଲ୍ ପରିବହନ କରୁଥିଲେ ।

ଦେଶ ସ୍ୱାଧୀନତା ଲାଭ କରିବାର ବହୁ ବର୍ଷ ପରେ ଯେତେବେଳେ ଜମ୍ମୁରେ ବଙ୍ଗଳାଦେଶୀ ଶରଣାର୍ଥୀମାନଙ୍କୁ ରଖାଗଲା, ସେବେଠୁ ଜମ୍ମୁଦ୍ୱୀପର ଶିରି ତୁଟିବାକୁ ଆରମ୍ଭ କଲା । ହେନ୍ତାଳ ବନ ଧ୍ୱଂସ ପାଇ ସହର ବଜାର ଗଢ଼ି ଉଠିଲା । କଳକାରଖାନା ବସିଲା । ମହାକାଳପଡ଼ା ଅ*ଳକୁ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବି ବଢ଼ିଲା । ସରକାର ନିରବଦ୍ରଷ୍ଟା ସାଜିଲେ ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଆଉ ଜମ୍ମୁଦ୍ୱୀପର ହେନ୍ତାଳ ଜଙ୍ଗଲ ଚିନ୍ତାରେ ଅଜା ବି ଚାଲିଗଲେ ।

୭

ବୈଶାଖ, ଜେଷ୍ଠ ମାସ ବେଳକୁ ଗୋବରୀ ନଈରେ ଲୁଣା ପାଣି ମାଡ଼ିଆସେ । ପାଣି ଲୁଣି ହୋଇଯାଏ ଓ କାଚକେନ୍ଦୁ ଭଳି ଚିକ୍ ଚିକ୍ କରେ । ଲୁଣିପାଣିରେ ପ୍ରଚୁର ସଂଖ୍ୟାରେ ଚିତଉ କଙ୍କଡ଼ା ଆଉ ନାଲି ପାତଳୀ ଚିଙ୍ଗୁଡ଼ି ଉଠି ଆସନ୍ତି ।

ଆମ ଗାଁର ଯେତେ ଅଭିଆଡ଼ି ପୁଅ ଝିଅମାନେ ସିଲଭର ହାଣ୍ଡି, ଡେକ୍‌ଚି, ଗରା ଧରି ଗୋବରୀ ନଈ ମୁହାଁ ହୁଅନ୍ତି ।

ମୁଁ ସୋରିଆ ନାନୀ ସାଙ୍ଗରେ କଙ୍କଡ଼ା, ଚିଙ୍ଗୁଡ଼ି ଧରିବାକୁ ଗୋବରୀ ନଈକୁ ଯାଏ । ସେ ହରାମୀ ହାଡ଼ିଆ ଭାଇ ବି ଯାଇଥାଏ । ସୋରିଆ ନାନୀ ସେ ଲଫଙ୍ଗା ହାଡ଼ିଆ ଭାଇକୁ ଭଲ ପାଉଥାଏ ।

ହାଡ଼ିଆ ଭାଇ ଆଉ ସୋରିଆ ନାନୀ ଭସା ଜାଲରେ ନଈରୁ ଚୁଙ୍ଗୁଡ଼ି, କଙ୍କଡ଼ା ଧରିବେ । ମୁଁ କୂଳରେ ଠିଆ ହୋଇ ସେମାନଙ୍କ ମାଛ, କଙ୍କଡ଼ା ଧରା ଦେଖୁଥିବି ।

ନଈ ଭିତରେ ବି ସେ ହାରାମୀ ହାଡ଼ିଆ ଭାଇ ସୋରିଆ ନାନୀର ଅ[]କୁ ଚିମୁଟି ଦେଉଥିବ । କାଳିଆ କୁତୁରୁ କରୁଥିବ । ସୋରିଆ ନାନୀ କିଲିବିଲି ହୋଇ ଦୂରେଇ ଯାଉଥିବ ଓ ପାଣି ଭିତରେ ଘେରାଏ ପହଁରୁଥିବ । ଓଦା ସରସର ସୋରିଆ ନାନୀ ଭାରି ସୁନ୍ଦରୀ ଲାଗୁଥିବ । ଭାଲୁକୁଣୀ ମୂ[]ଟିଏ ଭଳି ଦିଶୁଥିବ ।

ସଞ୍ଜ ବେଳକୁ ଗାଁର ମାଇପି, ମିଣିପି ହାଣ୍ଡି ହାଣ୍ଡି ଚୁଙ୍ଗୁଡ଼ି ଆଉ ଚିତଉ କଙ୍କଡ଼ା ଧରି ଫେରିବେ । ସମସ୍ତଙ୍କ ଘରୁ ଖାଲି ଚୁଙ୍ଗୁଡ଼ି ଆଉ କଙ୍କଡ଼ା ଝୋଳର ବାସ୍ନା ଆସୁଥିବ ।

ଆମ ଗାଁର ପ୍ରତି ସଞ୍ଜ ଦୁଇଟି କାରଣ ପାଇଁ ସ୍ମରଣୀୟ ଥିବ । ଗୋଟିଏ କାରଣ ହେଉଚି

ଗୋବରୀ ନଈରେ ପବନରେ ଦୋଳି ଖେଳୁଥିବା ଟିକିଟିକି ଢେଉମାନଙ୍କର କୁଳୁକୁଳୁ ଶବ୍ଦ ଏବଂ ଅନ୍ୟଟି ବଇଆ ଜେଜର ମଧୁର ଅଥଚ କରୁଣ ବଂଶୀସ୍ୱର ।

ବଇଆ ଜେଜ କଥା ନ କହିଲେ ମୋ' କାହାଣୀ ଅଧୁରା ରହିଯିବ । ବଇଆ ଜେଜ ସେତେବେଳେ ଆମ ଭଳି ପିଲାଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ।

ବଇଆ ଜେଜକୁ ନେଇ ପ୍ରତି ମୁହୂ□ରେ ନୂଆ ନୂଆ ଖବରମାନ ଗଢ଼ା ଯାଉଥିଲା । ସେସବୁ ଖବର କ୍ଷୀପ୍ର ବେଗରେ ଆମ ଗାଁର ପାଣି ପବନ ଦେଇ କାନରୁ କାନ ସଂରି ଯାଉଥିଲା ।

ଆମେ ସେତେବେଳେ କେଉଁ ଗଲ୍‌ଫ ଯୁଦ୍ଧ, ଭାରତ ସୀମାରେ ଚୀନ୍‌ର ଅନୁପ୍ରବେଶ, ଆମେରିକା-ରୁଷିଆ ଶୀତଳ ଯୁଦ୍ଧ ଭଳି ଖବରରେ ନଥାଉ । କେବଳ ବଇଆ ଜେଜ ହିଁ ଆମମାନଙ୍କ ପାଇଁ ଗୋଟିଏ ବୋଲି ଖବର ହୋଇ ରହିଥାନ୍ତି ।

ବଇଆ ଜେଜ ମୋ' ବାପାଙ୍କର ବାପା ନଥିଲେ କି ମୋର ଜେଜେ ନଥିଲେ । କିନ୍ତୁ ଆମେ ତାକୁ ଶ୍ରଦ୍ଧାରେ 'ବଇଆ ଜେଜ' ବୋଲି ଡାକୁଥିଲୁ ।

ବଇଆ ଜେଜର ବଂଶୀ ସ୍ୱର ବୈଶାଖ ସଞ୍ଜର ଝାଞ୍ଜି ପବନରେ ଫେ[ହୋଇ ଆମ କାନରେ ପ୍ରତିଧ୍ୱନିତ ହୁଏ ।

ଗୋବରୀ ନଈରେ ସଞ୍ଜ ନଇଁଲେ ବଇଆ ଜେଜର କରୁଣ ବଂଶୀର ରାଗିଣୀ ଆମ ଭଳି ବାଳୁତ ପିଲାଙ୍କୁ ଆନମନା କରେ । ଆମେ ସେ ବଂଶୀରୁ ରାଗ, ଲୟ, ସ୍ୱର, ତାଳ କିଛି ବୁଝୁନା । ଆମକୁ ଖାଲି ଯାହା ଶୁଣିବାକୁ ଭଲ ଲାଗେ ।

ଆଜିର ଦିନରେ ହରି ପ୍ରସାଦ ଚୌରାସିଆ କି ବଂଶୀ ବଜାଉଛି ହୋ ! ବଇଆ ଜେଜ ଆଗରେ ସେ ଚୌରାସିଆ ବୁଢ଼ା ଫିକା ପଡ଼ିଯିବ ।

ଆଜିର ଦିନ ହୋଇଥିଲେ ବଇଆ ଜେଜ ବଂଶୀ ପ୍ରତିଯୋଗିତାରେ ୱାର୍ଲଡ୍ ଚମ୍ପିୟନ ହୋଇପାରିଥାନ୍ତା କିମ୍ବା ତା' ବଂଶୀର ରାଗିଣୀ ବେଶ୍ ଭାଇରାଲ ହୋଇ ୟୁଟ୍ୟୁବରେ ପା*ଲକ୍ଷ ଦଶଲକ୍ଷ ଭିୟୁୟର୍ସ ଅତିକ୍ରମ କରନ୍ତା ।

ସଞ୍ଜରେ ବଇଆ ଜେଜର ବଂଶୀସ୍ୱର ଆମ ଗାଁ ପବନରେ ଫେ[ହୋଇ ଏକ ଅଦ୍ଭୁତ ପରିବେଶ ସୃଷ୍ଟି କରେ । କେଜାଣି ମୁଁ ସେ ବଂଶୀ ସ୍ୱରରୁ କ'ଣ ଧାରେ ? କିନ୍ତୁ ଠାଏ ଅଟକି ଯାଏ । ବଇଆ ଜେଜର ବଂଶୀର କରୁଣ ମୂର୍ଚ୍ଛନା ମୋର କିଶୋର ମନକୁ ଚହଲାଇ ଦିଏ । କେଉଁ ଅଜଣା ରାଇଜର ରାଜକୁମାରୀ ମୋ' ଦୁନିଆକୁ ଚାଲିଆସେ । ମୁଁ ଅନ୍ୟମନସ୍କ ହୋଇଉଠେ । ସ୍ୱପ୍ନ ଦେଖେ ।

ମୋତେ ଲାଗେ ବଇଆ ଜେଜ ଭାରି ଦୁଃଖୀ ମଣିଷ । ଆହାଃ, ବଇଆ ଜେଜର ମନ ଭିତରେ ଏ ଅସରନ୍ତି ବେଦନା କାହିଁକି ?

ଦେଖିବାକୁ ଗଲେ ବଇଆ ଜେଜର କେହି ନାହିଁ । ସ୍ତ୍ରୀ ନାହିଁ କି ପିଲାପିଲି ନାହାନ୍ତି ।

ତେବେ ବଇଆ ଜେଜ କାହା ପାଇଁ ଏ କରୁଣ ରାଗିଣୀ ସୃଷ୍ଟି କରେ ?

ମନରେ ପ୍ରଶ୍ନ ଉଠେ, ବଇଆ ଜେଜର କେହି ପ୍ରେମିକା ଥିଲେ କି ? ବଇଆ ଜେଜ କେଉଁ ଈପ୍ସିତ ନାରୀର ପ୍ରତୀକ୍ଷାରେ ଅଛି କି ?

ବଇଆ ଜେଜର ଏଭଳି ପ୍ରେମିକସୁଲଭ ଗୁଣ ମୋତେ ଭାରି ଆଚ୍ଛନ୍ନ କରେ । ମୋତେ ଲାଗେ, ବଇଆ ଜେଜ ଏ ସଂସାରରେ ଜଣେ ନିର୍ଘାତ୍ ପ୍ରେମିକ । କୃଷ୍ଣ କି ପ୍ରେମିକ ? କୃଷ୍ଣ କି ବଂଶୀ ବଜାଉଥିଲେ ? ବଇଆ ଜେଜ ସେ କୃଷ୍ଣର ବୋପ୍ପା ।

ବଇଆ ଜେଜର ବଂଶୀ ସ୍ୱରକୁ କେହି ରାଧା ଅଯୁତ ଅଯୁତ ବର୍ଷ ଧରି ପ୍ରତୀକ୍ଷା କରିଛି ଯେମିତି । ଏମିତି ଭାବନା ମୋ' କିଶୋର ମନକୁ ଆସେ । ମୁଁ ଟିକେ ଭାବୁକ ହୋଇଯାଏ ।

ବଇଆ ଜେଜକୁ ନେଇ ମୋ' ଭାବନାର ଖିଅ ଲମ୍ବିଯାଏ । ମୁଁ କିଛି ବୁଝି ପାରେନା । ମୁଣ୍ଡ ଗୋଳମାଳ ହୋଇଯାଏ । ଗୋବରୀ କୂଳକୁ ଦଉଡ଼େ । ଗୋବରୀ କୂଳରେ କିଆ ଗୋହିରିରେ ଖୋଲା ପବନରେ ଏକ ଦୁଇ ସାରି ହାଲୁକା ମନରେ ଘରକୁ ଫେରେ ।

ବଇଆ ଜେଜ ବଂଶୀର ଶୀତଳ ରାଗିଣୀ ଖରାଦିନିଆ ପଲ୍ଲୀର ତତଲା ସଞ୍ଜକୁ ବରଫ ଭଳି ହେମାଳ କରିଦିଏ । ସେତେବେଳେ ଗାଁରେ କୋଉ ବିଜୁଳି ଫିଜୁଳି ଥାଏ କି ?

ଯାହା କୁହ ପଛେ, ସେତେବେଳେ ଖରାଦିନେ ଆଜି ଭଳି ଏତେ ଉତ୍କଟ ଗରମ ଗୁଲୁଗୁଳି ହେଉ ନଥିଲା କି ଦେହରୁ ଝାଳ ବୋହୁ ନଥିଲା । ସନ୍ ଷ୍ଟ୍ରୋକ୍‌ରେ ଲୋକ ମରନ୍ତି ବୋଲି ଆମେ ଜାଣି ନଥିଲୁ ।

ତାଳପତ୍ର ବି*ଣାରେ କଟର କଟର କରି ବୋଉ ଦୁଇ ଘେରା ବି*ଦେଲେ ଆମେସବୁ ଶୋଇପଡୁଥିଲୁ ।

ଆମ ବାଡ଼ିରେ ପ୍ରବଳ ତାଳଗଛ ଥିଲା । ଖରାଦିନେ ଚମାର ଗଛ ଚଢ଼ି ତାଳ ପାରେ ଓ ଗଛ ଓଳାଏ । ଆମେସବୁ ତାଳସଜ ଖାଉ । ବାଡ଼ିରେ ତାଳ ବରଡ଼ା ଗଦା ହୋଇଥାଏ ।

ସୋରିଆ ନାନୀ ତାଳପତ୍ରରୁ ବି*ଣା, ଚଟ, ଝୁମୁକା, ଡାଲା ଆଦି ଯାବତୀୟ ସାମଗ୍ରୀ ତିଆରି କରେ । ସୋରିଆ ନାନୀ ମୋ' ପାଇଁ ନାଲି, ନେଳି ରଙ୍ଗ ଦେଇ ଏକ ସ୍ୱତନ୍ତ୍ର ତାଳପତ୍ର ପଙ୍ଖା ବୁଣିଥିବ ।

ଖରା ସଞ୍ଜରେ ବାଡ଼ି ଅଗଣାରେ ଛପ ପକେଇ ଆମେସବୁ ଛୋଟ ଛୋଟ ପିଲାମାନେ ଶୋଇଯାଉଥିବୁ । ବାଡ଼ିରୁ ଆମ୍ବ ବଗିଚାରୁ ଶିରିଶିରି ପବନ ଘର ଭିତରକୁ ପଶି ଆସୁଥିବ । ଗୋବରୀ ନଈ ଆଡୁ ଆସୁଥିବା ଦଲକାଏ ଦକ୍ଷିଣା ଝାଞ୍ଜି ପବନରେ ଆଖି ପତା ପଡ଼ି ଯାଉଥିବ ।

ଆମ ବାଡ଼ି ଅଗଣାରେ ଗାଁ ମାଇପି, ଭୁଆଶୁଣୀମାନଙ୍କର ଖଟି ଜମି ଯାଇଥିବ । ଶିଲି, ଟୁନା, ସତ୍ୟ, ଲୀନା ଆଦି ନିଘୋଡ଼ ନିଦରେ ଶୋଇ ଯାଇଥିବେ । ମୁଁ କିନ୍ତୁ ଶୋଇ ନଥିବି । ମିଛରେ ଆଖି ବୁଜି ଶୋଇବାର ଅଭିନୟ କରୁଥିବି ଏବଂ ଘାଲେଇକି ପଡ଼ିଥିବି

ଏବଂ ଗାଁ ମାଇପିମାନଙ୍କର ଗପ ଶୁଣୁଥିବି ।

ଗାଁ ମାଇପିଙ୍କ ଭିତରୁ ଗୋବିନ୍ଦା ବୁଢ଼ାକୁ ମୁଁ ଭାବେ ଜଣେ ପର୍‌ଫେକ୍ଟ ଷ୍ଟୋରିଟେଲର । ସେ ଗୋବିନ୍ଦା ବୁଢ଼ୀ ଅଦ୍ଭୁତ ଜନ୍ତୁ ଖଣ୍ଡେ । ଏମିତି କାହାଣୀ ଖଞ୍ଜିବ, ତମେ ତାର ଆଦିଅନ୍ତ ପାଇବନି । ସେ କୋଉଠୁ ଗପ ଆରମ୍ଭ କରିବ ଆଉ କୋଉଠି ସାରିବ, ତାର କଳ୍ପନା କରିହେବନି ।

ଗୋବିନ୍ଦା ବୁଢ଼ୀର ଖାଲି କ୍ରିଏଟିଭ ଗପ । ମନରୁ ଫାନ୍ଦି ଗପ ତିଆରି କରିବ । ମୋଟି ବୁଢ଼ୀ ଡାଆଣୀ ଭୂତ ଗପ ସ୍ପେସିଆଲିଷ୍ଟ । ମୁଁ ସବୁ ଶୁଣୁଥିବି । ଡାଆଣୀ ଭୂତ ଗପ ଶୁଣି ମୁଁ ଟିକେ ଟିକେ ଡରୁଥିବି । ରୋମାଂଚିତ ହେଉଥିବି ।

ମୋ' ବୋଉ ତା' ବାପଘର ଲୋକେ କେମିତି ଗୋବରୀ ନଈରେ ଜମ୍ବୁ-ଖରିନାସୀ ଅଂଳକୁ ଝାର କରି ଯାଉଥିବେ, ଝାରରୁ କ'ଣ କ'ଣ ଆଣୁଥିବେ; ସେସବୁ ଲମ୍ବା କାହାଣୀ କହୁଥିବ ।

ମୋ' ମାମୁଘର ଅଜା ଏବଂ ମାମୁମାନେ ଗୋବରୀ ନଈ ଦେଇ ଜମ୍ବୁ-ରାମନଗର-ଖରିନାସୀ ପର୍ଯ୍ୟନ୍ତ ଯାଉଥିବେ । ସାଙ୍ଗରେ ରାଇ, ବନୀ, ହେନ୍ତାଳ, କେରୁଆ, ରୁଆ କାଠ ଆଉ ହରିଣ, ବାର୍ହା, ସମ୍ବର ମାଂସ ଧରି ଫେରୁଥିବେ ।

ବୋଉ କହୁଥିବ, ହରିଣ ମାଂସର ସୁଆଦ ମାଟିଆ । କେଜାଣି ମାଟିଆ ସୁଆଦ କେମିତି ? ହରିଣ ମାଂସ ଖାଇଥିଲେ ସିନା ଜାଣିଥାନ୍ତି । ବୋଉ ବୋଧେ ତା' ପିଲାଦିନେ ହରିଣ ମାଂସ ଖାଇଛି । ନ ହେଲେ, ହରିଣ ମାଂସ ମାଟିଆ ବୋଲି ବୋଉ କେମିତି ଜାଣିଲା ? କିନ୍ତୁ ସେଇ ବୋଉ ଆଜି ମାଂସ ତ ଦୂର କଥା ଏମିତିକି ମାଛ, ଅଣ୍ଡା ବି ଛୁଏଁନା ।

ବୋଉର ଜମ୍ବୁଦ୍ୱୀପ କାହାଣୀରେ ପୂର୍ଣ୍ଣଚ୍ଛେଦ ଟାଣି ଗୋବିନ୍ଦା ବୁଢ଼ୀ ଆରମ୍ଭ କରିବ ବଇଆ ଜେଜ କଥା ।

ବଇଆ ଜେଜ କଥା ପଢ଼ିଲେ ମୁଁ ଅଧିକ ତତ୍ପର ହୋଇ ଉଠୁଥିବି । କାରଣ ପୂର୍ବରୁ କହିଛି, ବଇଆ ଜେଜ ଆମ ସମସ୍ତଙ୍କ ପାଇଁ ଥିଲେ ଆକର୍ଷଣର କେନ୍ଦ୍ରବିନ୍ଦୁ ।

ଗୋବିନ୍ଦା ବୁଢ଼ୀ ବଇଆ ଜେଜ କାହାଣୀ ଆରମ୍ଭ କଲା ମାନେ, ସେ କାହାଣୀର ମୋଡ଼ କୁଆଡ଼େ ଯାଏ, ଜାଣି ହୁଏନା । ଗୋବିନ୍ଦା ବୁଢ଼ୀ ବଇଆ ଜେଜକୁ ନେଇ ଏଭଳି କାହାଣୀ ଖଞ୍ଜେ, ଆମେ ଶୁଣି ରୋମାଂଚିତ ହେଉ । ବଇଆ ଜେଜକୁ ନେଇ ସଞ୍ଜରେ ମାଇପିମାନଙ୍କର ଖଟି ଖୁବ୍ ଜମେ ।

ଆମେ ଯେଉଁ ଆଜୀବନ ବ୍ରହ୍ମଚାରୀ ବଇଆ ଜେଜକୁ ଦେଖୁଛୁ, ଗୋବିନ୍ଦା ବୁଢ଼ୀର ଗପ ଶୁଣିଲା ପରେ ଆମେ ଟେରା ହୋଇଯାଉ । ଆମର ଭାବାନ୍ତର ଘଟେ ।

ଦିନେ ଏ ବଇଆ ଜେଜର ଗୋଟିଏ ଅତି ସୁନ୍ଦରୀ ସ୍ତ୍ରୀ ଥିଲା । ଏକଥା ଆମେ କେହି ବି ଜାଣି ନଥିଲୁ ।

ଗୋବିନ୍ଦା ବୁଢ଼ୀ କହେ, ବଇଆର ସ୍ତ୍ରୀଟା ଏତେ ହଳଦିଆ ଗୋରୀ ଯେ, ଏ ଖଣ୍ଡମଣ୍ଡଳରେ ସେଭଳି ଭୁଆଶୁଣୀ କେହି ନଥିଲେ । ଏକଥା କେହି ବି ବିଶ୍ୱାସ କରିବେ ନାହିଁ । କାରଣ ଆମେ ପିଲାଟିଦିନୁ ଦେଖି ଆସୁଛୁ, ବେନୁ ପ୍ରଧାନ ମୁଖ୍ୟ ଖଞ୍ଜାର ଗୋଟିଏ କୋଣକୁ ବଇଆ ଜେଜ ରହୁଥିଲା । ସେହି ବଖୁରିକିଆ ଘର ବା ଗୁମ୍ଫା ବା କୁଡ଼ିଆ; ଯାହା ବି କହିପାର; ତା' ଭିତରେ ବଇଆ ଜେଜ ରହୁଥିଲା । ସେଇଟା ଥିଲା ବଇଆ ଜେଜର ଆଶ୍ରମ ।

ସେ ଘର ଭିତରେ ବଇଆ ଜେଜର ବଇଁଶୀ, ଢୋଲ, ଡୁବି ତାବଲା, ଖୋଳ ଆଉ ହାର୍‌ମୋନିୟମ ଆଦି ଥିଲା । ବଇଆ ଜେଜ ସେ ଆଶ୍ରମ ଭିତରେ ସନ୍ନ୍ୟାସୀଟି ଭଳି ଜୀବନ ବ*ୁଥିଲା ।

ଆମେସବୁ ଜାଣିଥିଲୁ ବଇଆ ଜେଜ ଅବିବାହିତ । ଆଜୀବନ ବ୍ରହ୍ମଚାରୀ । କାରଣ ବଇଆ ଜେଜର ବଡ଼ ନୂଆବୋଉ ଯିଏ କି ବେନୁଆ ବୁଢ଼ାର ସ୍ତ୍ରୀ ହେମାଳୀ ବୁଢ଼ୀ ସବୁବେଳେ ବଇଆ ଜେଜକୁ ହିଁ ଖାଇବାକୁ ପିଇବାକୁ ଦିଏ । ତା'ର ଭଲମନ୍ଦ ବୁଝେ ।

ବଇଆ ଜେଜ ବି ତା' ନୂଆବୋଉ ହେମାଳୀ ବୁଢ଼ୀକୁ ମାନ୍ୟ କରେ । ଭକ୍ତି କରେ । ମୁହଁ ଉପରେ କଥା କହେନା । ହେମାଳୀ ବୁଢ଼ୀ ବଇଆ ଜେଜକୁ ଦିଅର ନୁହେଁ ତ ପୁଅ ଭଳି ସ୍ନେହଶ୍ରଦ୍ଧା କରେ ।

ଗୋବିନ୍ଦା ବୁଢ଼ୀ କହୁଥିଲା, ବଇଆ ଜେଜର ପ୍ରକୃତରେ ଗୋଟିଏ ସୁନ୍ଦରୀ ସ୍ତ୍ରୀ ଥିଲା । ବଇଆ ଜେଜର ସ୍ତ୍ରୀର ନାଁ ଥିଲା ରଙ୍ଗୀ । ଭଲ ନାଁ ରଙ୍ଗବତୀ ।

ଗୋବିନ୍ଦା ବୁଢ଼ୀ କହୁଥିଲା, "ଏ ବଇଆଟା କୁଆଡ଼େ ନପୁଂସକ । ସେଥିପାଇଁ ପରା ରଙ୍ଗୀ ଚତୁର୍ଥୀ ବାସି ତିଆସିରେ ବଇଆକୁ ଛାଡ଼ି ଚାଲିଗଲା । ଗାଁ ଲୋକେ ରଙ୍ଗୀର ଦୋଷ ଦେଲେ । ରଙ୍ଗୀ କୁଆଡ଼େ ଦୋଚାରୁଣୀ । ରଙ୍ଗୀ ତା' ବାପଘର ଗାଁର କୋଉ ଗୋଟା ଟୋକାକୁ ପେରେମ ଫେରେମ କରୁଥେଲା । ସେଥିପାଇଁ ସେ ବଇଆକୁ ଛାଡ଼ି ପଳେଇଲା ।"

ସତରେ କ'ଣ ବଇଆ ଜେଜ ଅଣପୁରୁଷା ?

ସତରେ କ'ଣ ବଇଆ ଜେଜର ଗୋଟିଏ ସୁନ୍ଦରୀ ସ୍ତ୍ରୀ ଥିଲା ?

ମୁଁ ଆବାକ ହୋଇଯାଉଥିଲି ଗୋବିନ୍ଦା ବୁଢ଼ୀର କାହାଣୀ ଶୁଣି ।

ଗୋବିନ୍ଦା ବୁଢ଼ୀ ବଇଆ ଜେଜ ସମ୍ପର୍କରେ ଏମିତି କେତେକ ଅଶ୍ଳୀଳ ଓ ଆପ□ଜନକ କଥା କହୁଥିଲା, ଯାହାକୁ ମୁଁ ଏଠି କହି ପାରିବିନି ।

ଗୋବିନ୍ଦା ବୁଢ଼ୀ ଭାରି ମୁହଁଖୋର । ରାଗିଲେ ଏମିତି କଥା ଅକଥା କହିବ, ତମ ଚଉଦ ପୁରୁଷ ଉଧାର କରିଦବ । ପୁରୁଷ ଲୋକଙ୍କ ଭଳି ଗୋବିନ୍ଦା ବୁଢ଼ୀ ମାଗ୍ୟା, ଭଉଣୀଗ୍ୟା କରି ଅଶ୍ଳୀଳ ଭାଷାରେ ଶୋଧିବ ।

ଗୋବିନ୍ଦା ବୁଢ଼ୀର ଅଭଦ୍ର ଅଶ୍ଳୀଳ କଥା ଶୁଣି ଆମେ ପିଲାମାନେ କୁତୁକୁତୁ ହୋଇଯାଉ । ଗୋବିନ୍ଦା ବୁଢ଼ୀ ଉପରକୁ ଏତେ ମୁହଁଖୋର ଥିଲେ ବି ଭିତରଟା ଫୁଲ ଭଳି ନରମ ।

ଗୋବିନ୍ଦା ବୁଢ଼ୀର ଏଗାର ପୁଅ । ଗୋଟିଏ ହେଲେ ଝିଅ ସେ ଜନ୍ମ କରି ନଥିଲା । ଝିଅଟିଏ ଜନ୍ମ କରି ପାରି ନଥିବାରୁ ଗୋବିନ୍ଦା ବୁଢ଼ୀ ମନରେ ଭାରି ଦୁଃଖ ।

ଆମ ଗାଁ ଦୁଃଖୀ ମା' ଆଉ ଗୋବିନ୍ଦା ବୁଢ଼ୀ ଭିତରେ କଜିଆ ଲାଗିଲା ବେଳେ ଦୁଃଖୀ ମା' ଗୋବିନ୍ଦା ବୁଢ଼ୀକୁ ଝିଅ ଆଣ୍ଠୁକୁରୀ ବୋଲି ସମ୍ପେ । ଓଃ, ଯାହା କୁହ ପଛେ, ଦୁଃଖୀ ମା' ଆଉ ଗୋବିନ୍ଦା ବୁଢ଼ୀ ଭିତରେ କଜିଆ ଲାଗିଲେ ଖଣ୍ଡମଣ୍ଡଳ କମ୍ପି ଉଠେ ।

ଦୁଃଖୀ ମା' ମୁହଁକୁ ଛିଣ୍ଡ଼ି, ହାତକୁ ହଲେଇ କହେ- "ପୁଅ ଆଣ୍ଠୁକୁରୀକୁ ପାର ଅଛି, ଝିଅ ଆଣ୍ଠୁକୁରୀକୁ କିଏ ପାରିବ ?"

ଗୋବିନ୍ଦା ବୁଢ଼ୀ ଲୁଗାପଟା ଟେକି ଦୁଃଖୀ ମା' ସହ ଘମାଘୋଟ କଜିଆ କରିବ । କାଡ଼ଣା କାଢ଼ିବ । ଗୋବିନ୍ଦା ବୁଢ଼ୀ କାଢ଼ିବ- "ଇଲୋ, ପୁତଖାଇ, ଆଣ୍ଠୁକୁରୀ, ବେଧେଇ, ସବାଖାଇ, ତୋ' ବଅଁଶ ବୁଡୁ । ତୋ' ଘଇତା ମରୁ । ଭେଟଣା ହେଉ । ତୋ' ପୁଅକୁ ଯମ ନଉ । ତୋ' ମୁଣ୍ଡରେ ବଜର ପଡୁ ।"

ଦୁଃଖୀ ମା' ଆଉ ଗୋବିନ୍ଦା ବୁଢ଼ୀ ମଧ୍ୟରେ କଜିଆ ଲାଗିଲେ ଆମର ମଜା । ଆମେସବୁ ପିଲାମାନେ ଜମା ହୋଇଯାଉ । ନଖରେ ନଖ ଘଷୁ । ହାଡ଼ିଆ ଭାଇ ଆମକୁ ଶିଖେଇଥାଏ, ନଖରେ ନଖ ଘଷିଲେ କଜିଆ ବଢ଼ିବ । ଛିଣ୍ଡିବନି ।

ମାଇପିମାନଙ୍କର ଗପଖଟି ଜମି ଆସୁଥାଏ । କାଳେ ଆମେ ପିଲାମାନେ ଏସବୁ ଖରାପ କଥା ଶୁଣୁଥିବୁ କି କ'ଣ ବୋଉ ଏହାର ପରୀକ୍ଷା କରିବା ପାଇଁ ଆମକୁ ଏପଟ ସେପଟ କରି ହଲେଇ ଦେବ । ଶିଲି, ଟୁନା, ସତ୍ୟ, ଲୀନା ସେତେବେଳକୁ ଗଭୀର ନିଦରେ ପାଟିରୁ ଲାଳ ଗଡ଼େଇ ମୁର୍ଦ୍ଦାରଙ୍କ ଭଳି ପଡ଼ିଥିବେ । ମୁଁ କିନ୍ତୁ ମିଛମିଛିକା ଶୋଇବାର ଅଭିନୟ କରୁଥିବି । ଘାଲେଇକି ପଡ଼ିଥିବି । ତଥାପି ବୋଉ ମୋତେ ସାମାନ୍ୟ ଗଡ଼େଇ ଦେଉଥିବ । ମୁଁ ଆଖିବୁଜି ଶୋଇଥିବା ଜାଣି ବୋଉ ଆଶ୍ୱସ୍ତ ହେବ ।

ପୁଣି ଗୋବିନ୍ଦା ବୁଢ଼ୀ ଗପିବ, ରଙ୍ଗୀ ତା' ବାପଘରକୁ ଚାଲିଗଲା ପରେ ବଇଆ ପରା ଆଣିବାକୁ ଯାଇଥିଲା । କିନ୍ତୁ ରଙ୍ଗୀ କ'ଣ ଆଉ ଆସିଲା ? ବିଚରା ବଇଆ ଶିଶୁପାଳ ହୋଇ ଫେରିଲା ।

ବେନୁଆ ବଇଆକୁ ପୁଣି ଥରେ ବାହା ହେବାକୁ କହିଥିଲା । ଘର ଲୋକେ ବି ବଇଆକୁ ବାହା ହେବା ପାଇଁ କହିଥିଲେ । କେଜାଣି କାହିଁକି ବଇଆ ଆଉ ବାହା ହେବାକୁ ଇଚ୍ଛା କଲାନି । ସେହିଦିନୁ ବଇଆ ଓଥରା ହୋଇ ରହିଗଲା ।

ସେହି ଘଟଣା ପରେ ବଇଆ କଲିକତା ପଳାଇ ଯାଇଥିଲା । ସେଠାରେ ଚଟକଳରେ କାମ କରୁଥିଲା ।

ଗୋବିନ୍ଦା ବୁଢ଼ୀ କହୁଥିବ; ବଇଆ କୁଆଡ଼େ ଭାରି ହଗୁରା । ତାକୁ ଏମିତି ଅତର୍ଛିଆ ଭାବେ ହଗ ମାଡ଼ିବ ଯେ, ଖାଇ ବସିବା ସ୍ଥାନରୁ ଉଠିଯାଇ ଖର୍ଦ୍ଦାବାରି ଧାଇଁବ ।

ଏହି ହଗୁରା ଗୁଣ ପାଇଁ ବଇଆ ଜେଜ ନିଜ ପାଖରେ ଗୋଟିଏ ରସ (ସିଲ୍‌ଭର) ଲୋଟାଟିଏ ରଖିଥାଏ । ବଇଆ ଜେଜକୁ ଏମିତି ଅତର୍ଛିଆ ହଗ ମାଡ଼ିବ ଯେ, ତାକୁ ଗାମୁଛା ବଦଳେଇବାକୁ ତର ହୁଏନା । ବିଶେଷକରି, ଖାଇ ବସିଲା ମାନେ ବଇଆ ଜେଜକୁ ହଗ ମାଡ଼ିବାଟା ଥୟ । ଏଥିପାଇଁ ବଇଆ ଜେଜ କୋଉ ଗାଁ ପଙ୍ଗତରେ ଭୋଜିଭାତ ଖାଇବାକୁ ଯାଏନା ।

ଥରେ ବାପା, ବେନୁଆ ଦାଦା, ବଇଆ ଜେଜ ହେରିକା ମାନପାଟଣାକୁ ଏକ ଭୋଜି ଖାଇବାକୁ ଯାଇଥିଲେ । ମୁଁ ବାପାଙ୍କ ସହ ଯାଇଥିଲି । ପଙ୍ଗତରେ ଆମେସବୁ ଖାଇ ବସିଥାଉ ।

ଭାତ, ଡାଲି, ମାଛଘା[, ଖଟା, ଖିରି; ଖୁବ୍ ମନ ମତାଣିଆ ଭୋଜିଭାତ ହୋଇଥାଏ । ମୁଁ ମନ ଭରି ମାଛ ଘା[ଖାଉଥାଏ । ମାଛଘା[ମୋର ପ୍ରିୟ ।

ହଠାତ୍ କୁଆଡୁ କ*ା ଘୁଅ ଗନ୍ଧ ଆସିଲା । ଗନ୍ଧରେ ନାକ ଫାଟିଗଲା । ବାପା, ବେନୁଆ ଦାଦା କୁହାକୁହି ହେଲେ ବଇଆ ବୁଢ଼ା ବୋଧେ ହଗି ପକାଇଲା ନା କ'ଣ ?

ସତକୁ ସତ ବଇଆ ଜେଜ ପଙ୍ଗତରୁ ଖାଇବା ଅଧାରୁ ଉଠି ଆସି ସିଧା ଗୋବରୀ ତୁଠକୁ ଧାଇଁଥିଲା । ବଇଆ ଜେଜ ଲୁଗାରେ ଛେରି ପକାଇଥିଲା । ଗୋବରୀ ନଈ ତୁଠରେ ଧୋତି, ଗାମୁଛା ଧୁଆପୋଛା କରି ଘରକୁ ଫେରିଲା ।

ଏହି ଘଟଣାର କେତେଦିନ କାଳ ବଇଆ ଜେଜ କାହାକୁ ମୁହଁ ଦେଖେଇ ନଥିଲା । ସେହି ଦିନୁ ଆମ ଅ*ଳରେ ହାଉଲିଂ ହୋଇଗଲା ବଇଆ ଜେଜ ଲୁଗାହଗୁରା । ସେବେଠୁ ବଇଆ ଜେଜ ଆଉ କୋଉ ପଙ୍ଗତକୁ ଖାଇବାକୁ ଯାଏନା ।

ମାଇପିମାନଙ୍କର କଥାର ଖିଅ ଲମ୍ବି ଚାଲିଥିବ । ବାପା ଘରକୁ ଫେରିବେ । ସବୁ ଭୁଆଶୁଣୀମାନେ କିଏ କୁଆଡ଼େ ଗୋଟିଗୋଟି କରି ନିଜନିଜ ଘରକୁ ଚାଲିଯିବେ ।

ବୋଉ ଲ*ା ଘରେ ଚଟ ପାରିବ । ଆମ ପାଇଁ ଖାଇବାର ବନ୍ଦୋବସ୍ତ କରିବ ।

ବାପା, ଆମକୁ ନିଦରୁ ଉଠାଇବେ । ବୋଉ କରିଥିବ ଗୋବରୀ କଙ୍କଡ଼ା ଝୋଳ । ମୁଁ ତ ଶୋଇ ନଥିବି । ତେଣୁ ଚଟାପଟ ଉଠି ପଡ଼ିବି । ଶିଲି, ଟୁନା, ସତ୍ୟ, ଲୀନା କିନ୍ତୁ ଏତେ ସହଜରେ ଉଠିବେନି । କାରଣ, ସେମାନେ ପ୍ରକୃତରେ ନିଘୋଡ଼ ନିଦରେ ହିଁ ଶୋଇଥିବେ ।

ବୋଉ ସେମାନଙ୍କୁ ଗୋଟି ଗୋଟି କରି ଉଠାଇବ ।

ବୋଉ ବଡ଼ କ*ାସା ଥାଳିରେ ଭାତ ଆଉ ପର୍ସୁଣୀରେ କଙ୍କଡ଼ା ଝୋଳ ବାଢ଼ିଦେବ । ମୁଁ ଖାଲି କଙ୍କଡ଼ା ବାଛି କି ଖାଇଦେଉଥିବି । ଶିଲି, ଟୁନା, ସତ୍ୟ, ଲୀନା ନିଦରେ ବାଉଳି ହେଉଥିବେ । ସେଗୁଡ଼ା ମୋଟେ ବି ଖାଉ ନଥିବେ । ମୋର ସେମାନଙ୍କ ପ୍ରତି ଦୟା

ହେଉଥିବ ।

ବାପା କିନ୍ତୁ ଜାଣିଶୁଣି କଙ୍କଡ଼ା ଖାଉ ନଥିବେ । ଆମକୁ ଖାଇବା ପାଇଁ ସୁଯୋଗ ଦେଉଥିବେ । ହାତ ଟେକି ବସିଥିବେ । କ'ଣ କିଛି ଭାବୁଥିବେ । ନିଜ ସଂସାରକୁ ନେଇ ଭାରି ସୁଖୀ ଲାଗୁଥିବେ । ତୃପ୍ତ ଲାଗୁଥିବେ ।

୮

ମାମୁଘର ଗାଁରେ ପ୍ରତିବର୍ଷ କା□ୀକ ପୂନେଇଁରେ ବୋଇତ ବନ୍ଦାଣ ଉତ୍ସବ ବଡ଼ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ମୋ' ମାମୁମାନେ ସାଧବ ବେଶ ଧାରଣ କରି ଗୋବରୀ କୂଳରେ ଖଟା ଯାଇଥିବା ବୋଇତ ନିକଟକୁ ଯାଆନ୍ତି ଏବଂ ସ୍ତ୍ରୀଲୋକମାନେ ସେମାନଙ୍କୁ ବନ୍ଦାପନା କରନ୍ତି । ହୁଳହୁଳି ପକାନ୍ତି ।

କା□ୀକ ମାସରେ ମାମୁଁଘର ଗାଁ ଭାରି ଉତ୍ସବମୁଖର ଲାଗୁଥାଏ । ଗାଁରେ ଭଜନକା□ିନ ଚାଲିଥାଏ । ଗାଁର ଝିଅବୋହୂମାନେ ଚଉଁରା ନିକଟରେ ମୁରୁଯ ପକାନ୍ତି । ମୋ' ସୋରିଆ ନାନୀ ବି ଆମ ଗାଁରେ ଚଉଁରା ପାଖରେ ଏମିତି ମୁରୁଯ ପକାଏ ।

ମାମୁଘର ଗାଁର ଝିଅବୋହୂମାନେ ଚଉଁରାରେ ପୂଜା ପାଉଥିବା ବୃନ୍ଦାବତୀଙ୍କ ନିକଟରେ ବିଭିନ୍ନ ରଙ୍ଗର ମୁରୁଯ ପକାନ୍ତି । କା□ୀକ ମାସର ଅମାବାସ୍ୟା ରାତିରେ ଝିଅବୋହୂମାନେ ଚଉଁରା ନିକଟରେ ମୁରୁଯରେ ଏକ ବୋଇତର ଚିତ୍ର ଆଙ୍କନ୍ତି । ପରଦିନ ଭୋରୁ ଭୋରୁ ଝିଅମାନେ ଉଠି ଚଉଁରା ସାମ୍ନାରେ ମୁରୁଯରେ ଅଙ୍କା ଯାଇଥିବା ଏହି ଚିତ୍ର ବୋଇତକୁ ବନ୍ଦାପନା କରନ୍ତି ।

ଅଜା କହନ୍ତି ସାଧବମାନେ ଅମାବାସ୍ୟା ରାତିରେ ବୋଇତରେ ସୁନା, ରୂପା, ହୀରା, ମୋତି, ମାଣିକ୍ୟ ଧରି ଦୂର ବିଦେଶରୁ ଫେରୁଥିଲେ । ଏଣୁ ସାଧବାଣୀମାନେ ବୋଇତ ସହିତ ସେମାନଙ୍କ ସାଧବଙ୍କୁ ବନ୍ଦାପନା କରି ଘରକୁ ପାଛୋଟି ଆଣୁଥିଲେ ।

ସଞ୍ଜ ବୁଡ଼ିବା ମାତ୍ରେ ଅଜା ତାଙ୍କ ଘର ସାମ୍ନାରେ ଆକାଶ ଦୀପ ଲଗାଉଥିଲେ । ପ୍ରଥମ କରି ଆକାଶଦୀପ କ'ଣ ମୁଁ ଅଜାଙ୍କଠାରୁ ଜାଣିବାକୁ ପାଇଲି ।

କା□ୀକ ମାସର ଆରମ୍ଭରୁ ଘର ସମ୍ମୁଖରେ ଚଉଁରା ମୂଳରେ ଏହି ଆକାଶଦୀପ ଜଳାଯାଏ । ମାମୁଘର ସଦର ଦାଣ୍ଡରେ ଅଜା ଏକ ଲମ୍ବା ବାଉଁଶକୁ ମାଟିରେ ପୋତି ଦିଅନ୍ତି । ଏହି ବାଉଁଶ ଖୁ□ିର ଅଗରେ ଏକ ପୁଲି ଲଗାଯାଇଥାଏ । ପୁଲି ସହ ଏକ ଦଉଡ଼ି ଖଞ୍ଜି ଅଜା ସେଥିରେ ଏକ ଛିଦ୍ରଯୁକ୍ତ ମାଟି ହାଣ୍ଡି ସ୍ଥାପନା କରନ୍ତି । ଏହି ଛିଦ୍ରଯୁକ୍ତ ମାଟି ହାଣ୍ଡି ଭିତରେ ଗୋଟିଏ ଜଳନ୍ତା ଦୀପ ପୂରେଇ ଅଜା ତାକୁ ପୁଲି ଦଉଡ଼ିରେ ଉପରକୁ ଟାଣନ୍ତି । ଛିଦ୍ରଯୁକ୍ତ ମାଟି ହାଣ୍ଡି ସହ ଦୀପଟି ବାଉଁଶର ଉପରକୁ ଚାଲିଯାଏ । ଉପରେ

ଆକାଶରେ ଏହା ଝିଲିମିଲି ହୋଇ ଜଳେ । ଏହାକୁ ଆକାଶଦୀପ କହନ୍ତି । ଛିଦ୍ରଯୁକ୍ତ ମାଟି ହାଣ୍ଡି ଉପରେ ମାଇଁମାନେ ଆକର୍ଷଣୀୟ ଝୋଟି ଚିତା ଅଙ୍କନ କରିଥାନ୍ତି ।

ଅଜା କହୁଥିଲେ, ସେତେବେଳେ ଆମ ଉପକୂଳିଆ ଓଡ଼ିଶାର ଗାଁ ଭୂଇଁ ଭାରି ଜଙ୍ଗଲିଆ ଥିଲା । ଜଙ୍ଗଲ ଭିତରେ ନଈ କୂଳରେ କାଁ ଭାଁ ଗୋଟିଏ ଅଧେ ଜନପଦ ଥିଲା । ଯୁଆଡ଼କୁ ଚାହିଁବ, ସବୁଠି ନଈ ଆଉ ଜଙ୍ଗଲ । ସେତେବେଳେ କୋଉ ରାସ୍ତାଘାଟ ଥିଲା ? ଏହ ନଈ ଦେଇ ଲୋକେ ଦୂର ସ୍ଥାନକୁ ଯାତାୟାତ କରୁଥିଲେ ଏବଂ ଜିନିଷପତ୍ର ପରିବହନ କରୁଥିଲେ ।

ସାଧବମାନେ ନଈବାଟ ଦେଇ ଦୂରଦୂରାନ୍ତକୁ ଜିନିଷପତ୍ର ନେଉଥିଲେ । ରାତିବେଳା ନଈରେ ଡଙ୍ଗା ବାହିବା କଷ୍ଟକର ହୋଇ ପଡୁଥିଲା । ଡଙ୍ଗାରେ ଯାତାୟାତ କରୁଥିବା ସାଧବମାନଙ୍କୁ ଜନବସତି ଚିହ୍ନେଇବା ପାଇଁ ଗାଁ ମୁଣ୍ଡରେ ଆକାଶଦୀପ ଜଳୁଥିଲା ।

ଅଜା କହୁଥିଲେ- "ବତୀଘର ଆଉ କ'ଣ କି ? ଆମର ଏହି ଆକାଶଦୀପକୁ ଦେଖି ୟୁରୋପୀୟମାନେ ପରବର୍ତ୍ତୀ କାଳରେ ବନ୍ଦରମାନଙ୍କରେ ବତୀଘର କରିଛନ୍ତି ।"

ମାମୁଘର ଗାଁରେ କାଞ୍ଜିଅଁଳା ଓଷା ହୁଏ । ଅଜା କହନ୍ତି, ଏ କାଞ୍ଜିଅଁଳା ଓଷା ମଧ୍ୟ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସହ ଜଡ଼ିତ । ଏହି ଓଷାରେ ଭୁଆଶୁଣୀମାନେ ଷଠୀ ଦେବୀଙ୍କୁ ପୂଜା କରନ୍ତି ।

ମାମୁଘର ପିଣ୍ଡାକୁ ଲାଗି ଗାଁଦାଣ୍ଡର ମଝିରେ ପ୍ରାୟ ତିନିଫୁଟ ଲମ୍ବ ଓ ତିନି ଫୁଟ ଓସାରର ଏକ ବର୍ଗାକାର ସ୍ଥାନର ଚାରିପଟେ ଏକ ବର୍ଗାକାର ପାଣିନାଳ ଖୋଳାଯାଇଥାଏ । ଏହି ନାଳରେ ପାଣି ଭର୍ତ୍ତି କରି ଜିଅନ୍ତା ମାଛ ଛାଡ଼ି ଦିଆଯାଏ । ଏହି ବର୍ଗାକାର ଆସ୍ଥାନ ଉପରେ ଧାନଗଛ ପୋତାଯାଏ । ଗୋଟିଏ କାଠ ପିଢ଼ାରେ ପା*ଟି ପିତା ଶୁଖୁଆକୁ ଠିକ୍ ମଣିଷ ପରି ହଳଦୀ ରଙ୍ଗର କନା ପିନ୍ଧାଇ ମୁଣ୍ଡରେ ସିନ୍ଦୁର ଟୋପା ଲଗେଇ ସଜେଇ ରଖାଯାଇଥାଏ । ବର୍ଗାକାର ଆସ୍ଥାନକୁ ବିଭିନ୍ନ ପ୍ରକାର ଗଛଡାଳ ଓ ଫୁଲପତ୍ରରେ ସଜା ଯାଇଥାଏ । ଚାରିପଟେ ମୁରୁଯ ଓ ଝୋଟିଚିତା ଅଙ୍କା ଯାଇଥାଏ ।

ଅଜା କହନ୍ତି- "ଆମ ହିନ୍ଦୁ ପରମ୍ପରାରେ ଶୁଖୁଆ ପୂଜା କରିବାର ବିଧି ନାହିଁ । କିନ୍ତୁ ଆମ ପୂର୍ବପୁରୁଷମାନେ ଜାଭା, ବାଲି, ସୁମାତ୍ରା, ସିଂହଳ ଭଳି ବିଦେଶରୁ ହୁଏତ ଏ ପୂଜା ବିଧି ଦେଖି ଆମ ଅ*ଳରେ ପ୍ରଚଳିତ କରିଥାଇ ପାରନ୍ତି ।"

କାଞ୍ଜିଅଁଳା ପୂଜାରେ ଯେଉଁ ବର୍ଗାକାର କ୍ଷେତ୍ରର ଚାରିପଟେ ନାଳ ଖୋଳି ପାଣି ଢାଳି ସେଥିରେ ମାଛ ଛଡ଼ାଯାଏ, ତାହା ଏକ ଦ୍ୱୀପ ବୋଲି ସାଙ୍କେତିକ ଭାବେ ଦର୍ଶାଯାଇଥାଏ ।

କାଞ୍ଜିଅଁଳା ଓଷା ସମ୍ଭବତଃ ଜାଭା ଦ୍ୱୀପର ପରମ୍ପରା । ଆମ ସାଧବମାନେ ତାକୁ ଆଣି ଏଠାରେ ପ୍ରୟୋଗ କରିଛନ୍ତି ବୋଲି ଅଜା ତାଙ୍କ ଟିପାଖାତାରେ ଲେଖିଥିଲେ ।

ଅଜା କହୁଥିଲେ, ଜାଭା ଦ୍ୱୀପରେ କଳିଙ୍ଗ ନାମରେ ଏକ ଛୋଟ ଦ୍ୱୀପ ଥିଲା । ସେଠାରେ

କଳିଙ୍ଗର ସାଧବମାନେ ବସବାସ କରୁଥିଲେ । ଆମ କଳିଙ୍ଗରୁ ଯାଇଥିବା ସାଧବମାନେ ଜାଭାଦ୍ୱୀପରେ ବାହାସାହା ହୋଇ ରହି ଯାଉଥିଲେ । ଆଉ କଳିଙ୍ଗକୁ ଫେରୁ ନଥିଲେ ।

ଅନେକ ଲୋକକାହାଣୀରେ କଳିଙ୍ଗ ସାଧବଙ୍କ ସହ ମତ୍ସ୍ୟକନ୍ୟାମାନଙ୍କର ପ୍ରେମ ଓ ବିବାହ କଥା ଶୁଣିବାକୁ ମିଳିଥାଏ । ଏଣୁ ଜାଭାର କଳିଙ୍ଗ ଦ୍ୱୀପରେ ଥିବା କନ୍ୟାମାନଙ୍କୁ ଆମ ଏଠାକାର ଗାଁଗହଳିର ଲୋକେ ମତ୍ସ୍ୟକନ୍ୟା ମନେକରି ପିତା ଶୁଖୁଆକୁ ହଳଦିଆ ଶାଢ଼ୀ ପିନ୍ଧାଇ ମୁଣ୍ଡରେ ସିନ୍ଦୁର ବୋଳି ବୋହୂ ବେଶରେ ସଜାନ୍ତି ବୋଲି ଅଜା ତାଙ୍କ ଟିପାଖାତାରେ ଲେଖିଥିଲେ ।

ଅଜା ସତରେ ଗ୍ରେଟ୍ ଥିଲେ । ଜିନିୟସ୍ ଥିଲେ । ଅଜା ମରିବା ପରେ ମୁଁ ତାଙ୍କର ଗୁରୁତ୍ୱ ବୁଝି ପାରିଥିଲି । ବଂଶିବାବେଳେ ମୁଁ ଖାଲି ଏତିକି ଜାଣୁଥିଲି, ସେ ମୋ' ଅଜା । ମୋତେ କାହାଣୀ କହନ୍ତି । ଡଙ୍ଗାରେ ଜମ୍ବୁଦ୍ୱୀପ ବୁଲାଇ ନିଅନ୍ତି । ଆଉ ଅଧିକ କ'ଣ ? କନ୍ତୁ ମଲା ପରେ ମୁଁ ଜାଣିଲି, ମୋ' ଅଜା ମୋର ଫ୍ରେଣ୍ଡ୍, ଫିଲୋସଫର ଆଉ ଗାଇଡ୍ ଥିଲେ ।

ଅଜା ଜଣେ ଦୂରଦ୍ରଷ୍ଟା ଥିଲେ । ବିଜ୍ଞାନସମ୍ମତ କଥାମାନ କହୁଥିଲେ । ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ନେଇ ତାଙ୍କର ଅଗାଧ ଜ୍ଞାନ ଥିଲା ବୋଲି ଅଜା ମରିବା ପରେ ମୋର ହୃଦ୍‌ବୋଧ ହେଲା । ବିଶେଷକରି ମୁଁ ଗବେଷଣା କଲାବେଳେ ଅଜାଙ୍କ ଅନୁପସ୍ଥିତିକୁ ଅନୁଭବ କରୁଥିଲି । ତାଙ୍କ ଟିପା ଖାତା ମୋତେ ବହୁତ ସାହାଯ୍ୟ କରିଥିଲା ।

ପ୍ରାଚୀନ କଳିଙ୍ଗର ସାଧବମାନେ ଆମ ଜମ୍ବୁଦ୍ୱୀପରୁ ଜାଭା, ବାଲି, ସୁମାତ୍ରା, ସିଂହଳ ଆଦି ଦରିଆପାରି ଦେଶକୁ ଯାତ୍ରା କରୁଥିଲେ । ଜମ୍ବୁଦ୍ୱୀପ ଓଡ଼ିଶାର ପ୍ରମୁଖ ନୌବାଣିଜ୍ୟ କେନ୍ଦ୍ର ଥିଲା ।

ପ୍ରାଚୀନ ଉତ୍କଳୀୟ ସାଧବମାନେ ଏହି ଜମ୍ବୁଦ୍ୱୀପରେ ବସବାସ କରୁଥିଲେ । ଖୁଦୁରୁକୁଣୀ ପୁରାଣରେ ବର୍ଣ୍ଣିତ ସାଧବ କନ୍ୟା ତଅପୋଇର ବାପା ତନୟବନ୍ତ ସାଧବ ଓ ଭାଇମାନେ ଏହି ଜମ୍ବୁ ଦ୍ୱୀପରୁ ସିଂହଳକୁ ବାଣିଜ୍ୟ କରିବାକୁ ଯାଉଥିଲେ । ପିଲାଦିନେ ଅଜା ଆମକୁ ପୁରାଣରେ ଥିବା ନୌବାଣିଜ୍ୟ କାହାଣୀମାନ କହୁଥିଲେ ।

ଯଦିଓ ଆମ ଗାଁରେ ସୋରିଆ ନାନୀ ହେରିକା ଖୁଦୁରୁକୁଣୀ ଓଷା ପାଳନ୍ତି, ତଅପୋଇର ବାପା, ଭାଇମାନେ ବିଦେଶକୁ ଯାତ୍ରା କରିବା, ରାଣ୍ଡୀ ବ୍ରାହ୍ମଣୀ ତଅପୋଇର ଭାଉଜମାନଙ୍କ କାନରେ ଏଣୁତେଣୁ ଫୋଡ଼ିବା, ତଅପୋଇ ତା' ଛେଳି ଘରମଣୀକୁ ଜଙ୍ଗଲରେ ଚରାଇବା, ଭାଉଜମାନେ ତାକୁ ହଇରାଣ ହରକତ କରିବା କଥା ଜାଣିଥିଲୁ କିନ୍ତୁ ଏଥିରେ ଆମ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା କଥା ଉଲ୍ଲେଖ ଥିବା ଜାଣି ନଥିଲୁ ।

ପ୍ରଥମେ ଅଜାଙ୍କଠାରୁ ଜାଣିବାକୁ ପାଇଲି ଯେ, ଖୁଦୁରୁକୁଣୀ ପୁରାଣରେ ଆମର ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ବିଷୟରେ ବହୁତ କଥା ଉଲ୍ଲେଖ ଅଛି । ଏହି ତନୟବନ୍ତ

ସାଧବ ଅଜାଙ୍କ ପୂର୍ବବଂଶଜ ଥିଲେ । ଏମାନେ ଜମ୍ବୁଦ୍ୱୀପରେ ବାସ କରୁଥିଲେ । ଖାଲି ଖୁଦୁରୁକୁଣୀ ପୁରାଣ କାହିଁକି ନିଶା ମଙ୍ଗଳବାର ଓଷା ବା ମଙ୍ଗଳା ପୁରାଣରେ ମଧ୍ୟ ଆମ ଜମ୍ବୁଦ୍ୱୀପ କଥା ଉଲ୍ଲେଖ ଅଛି ବୋଲି ଅଜା ତାଙ୍କ ଟିପାଖାତାରେ ଲେଖିଥିଲେ ।

ଆମ ଉତ୍କଳର ଜମ୍ବୁଦ୍ୱୀପରେ ବାସ କରୁଥିବା ଜଣେ ସାଧବ ବଣିକ ଧନେଶ୍ୱର ସୌଦାଗର ସିଂହଳକୁ ବାଣିଜ୍ୟ କରିବାକୁ ଯାଇ ଆଉ ଫେରି ନଥିଲେ । ସିଂହଳର ରାଜା ତାଙ୍କୁ ବନ୍ଦୀ କରି ରଖିଥିଲେ ।

ଧନେଶ୍ୱର ସୌଦାଗରଙ୍କ ଦୁଇ ରାଣୀ ଖୁଲଣା ସୁନ୍ଦରୀ ଓ ନୟନା ସୁନ୍ଦରୀ । ବଡ଼ରାଣୀ ନୟନା ସୁନ୍ଦରୀ । ସାନ ରାଣୀ ଖୁଲଣା ସୁନ୍ଦରୀ । ବଡ଼ ରାଣୀ ନୟନା ସୁନ୍ଦରୀ ବାଞ୍ଛ ଥିଲା । ସାନ ରାଣୀ ଖୁଲଣା ସୁନ୍ଦରୀ ମା' ମଙ୍ଗଳାକୁ ପୂଜି ଶ୍ରୀଧର ନାମରେ ପୁତ୍ରସନ୍ତାନଟିଏ ଲାଭ କରିଥିଲା ।

ବଡ଼ ହେଲାପରେ ଖୁଲଣା ସୁନ୍ଦରୀଙ୍କ ପୁତ୍ର ଶ୍ରୀଧର ଜମ୍ବୁଦ୍ୱୀପରୁ ବୋଇତ ବାହି ସାତ ଦରିଆ ପାର ହୋଇ ନିଜ ପିତାକୁ ସିଂହଳ ରାଜାଙ୍କଠାରୁ ମୁକୁଳେଇ ନିଜ ରାଜ୍ୟକୁ ଫେରାଇ ଆଣିଥିଲେ । ଏସବୁ ମା' ମଙ୍ଗଳାଙ୍କ ଆଶୀର୍ବାଦରୁ ସମ୍ଭବ ହୋଇଛି ବୋଲି ମଙ୍ଗଳା ପୁରାଣରେ ବର୍ଣ୍ଣିତ ରହିଛି । କିନ୍ତୁ ମଙ୍ଗଳା ପୁରାଣରେ ଶ୍ରୀଧର ସମୁଦ୍ରରେ ବୋଇତ ନେଇ ଗଲା ବେଳେ କି କି ସାମୁଦ୍ରିକ ଜୀବଜନ୍ତୁ ଦେଖିଥିଲା ଏବଂ ସେତେବେଳେ ଆମ ଉତ୍କଳରୁ ସିଂହଳକୁ କ'ଣ କ'ଣ ଆମଦାନୀ ଓ ରପ୍ତାନୀ ହେଉଥିଲା ସେ ନେଇ ଅନେକ ବର୍ଣ୍ଣନା ରହିଛି ବୋଲି ଅଜା ତାଙ୍କ ଟିପାଖାତାରେ ଲେଖିଥିଲେ ।

ଅଜା କହୁଥିଲେ, ତାଙ୍କର ପୂର୍ବପୁରୁଷଙ୍କ ମଧ୍ୟରୁ କେହି କେହି ବାଣିଜ୍ୟ କରିବାକୁ ଯାଇ ଜାଭା ଦ୍ୱୀପରେ ସବୁଦିନ ପାଇଁ ରହିଗଲେ । ସେମାନେ ଆଉ ନିଜ ରାଜ୍ୟକୁ ଫେରିଲେନି । ଜାଭାଦ୍ୱୀପରେ କଳିଙ୍ଗର ବଣିକମାନେ ଯେଉଁଠି ବସବାସ କରି ରହିଲେ ତାହା କଳିଙ୍ଗ ଦ୍ୱୀପ ଭାବେ ପରିଚିତ ହେଲା ।

ଅଜାଙ୍କର ପୂର୍ବପୁରୁଷମାନେ ଏବେ ଜାଭା ଦ୍ୱୀପରେ କ୍ଲିଂ ଜାତି ନାମରେ ପରିଚିତ । ସମ୍ଭବତଃ ସେମାନେ କଳିଙ୍ଗରୁ ଯାଇଥିବାରୁ ସେମାନଙ୍କୁ କ୍ଲିଂ କୁହାଗଲା । ଜାଭାଦ୍ୱୀପରେ କଳିଙ୍ଗର ସାଧବମାନେ ଏକ ସ୍ୱତନ୍ତ୍ର କଳିଙ୍ଗ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଅଜା ତାଙ୍କ ଟିପା ଖାତାରେ ଏସବୁ ବିଷୟରେ ଗୋଟି ଗୋଟି କରି ଉଲ୍ଲେଖ କରିଥିଲେ ।

ପୁରାଣର ସେହି ଜମ୍ବୁଦ୍ୱୀପ ଆଜି ବଙ୍ଗଳାଦେଶୀ ଶରଣାର୍ଥୀ ଓ ଅନୁପ୍ରବେଶକାରୀଙ୍କ କବ୍‌ଜାରେ । ଜମ୍ବୁଦ୍ୱୀପ ଆଜି ଶ୍ରୀହୀନ ହୋଇଯାଇଛି । ହେନ୍ତାଳ ବନ ଧ୍ୱଂସ ପାଇଯାଇଛି ।

ଅଜା କହୁଥିଲେ, ଆମାଜନ ବର୍ଷାବନ, ଗଙ୍ଗା-ବ୍ରହ୍ମପୁତ୍ର ନଦୀର ତ୍ରିକୋଣଭୂମି ଅ*ଳର ସୁନ୍ଦରବନ ପରେ ପରେ ଓଡ଼ିଶାର ଗୋବରୀ ମୁହାଣ ଅ*ଳର ଜମ୍ବୁଦ୍ୱୀପର ହେନ୍ତାଳ ବନ ସମଗ୍ର ପୃଥିବୀରେ ବିରଳ ଥିଲା । ଆଜି କିନ୍ତୁ ସେ ହେନ୍ତାଳ ବନ ଉପରେ ଗଡ଼ି ଉଠିଛି

ଜନବସତି, କଳକାରଖାନା, ରାସ୍ତାଘାଟ, ସହରବଜାର ।

ଜମ୍ମୁଦ୍ୱୀପକୁ ଇଂରେଜ ସରକାର ବିଗତ ଦୁଇଟି ବିଶ୍ୱଯୁଦ୍ଧରେ ସେମାନଙ୍କ ସାମରିକ ଘାଟି ଭାବେ ବ୍ୟବହାର କରିଥିଲେ । ଏହାର ନିଦର୍ଶନ ସ୍ୱରୂପ ଏଠାରେ ଦୁଇଟି ତୋପ ଓ କମାଣ, ଏକ ଦ୍ୱିତଳ ପ୍ରାସାଦର ଭଗ୍ନାବଶେଷ, ଯୁଦ୍ଧରେ ପ୍ରାଣବଳି ଦେଇଥିବା କ୍ୟାପ୍ଟେନ୍ ହମ୍ଫର୍ସ, ହ୍ୟାରିସନ ପ୍ରମୁଖ ଇଂରେଜ ସୈନିକଙ୍କ ନାମରେ ଥିବା ୧୦ଟି କବର ଏବେବି ବିଦ୍ୟମାନ ।

ଇତିହାସ ବିଭାଗର ପ୍ରଫେସର ଭାବେ ଗୋବରୀ ନଈ ଓ ଫଲ୍ସ ପଏ[ବନ୍ଦର ବିଷୟରେ ଗବେଷଣା କଲାବେଳେ ମୁଁ ଏସବୁ ଜାଣିବାକୁ ପାଇଛି ।

ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ବଙ୍ଗୀୟ ଶରଣାର୍ଥୀମାନଙ୍କୁ ଏଠାରେ ଥଇଥାନ କରିବା ପରେ ଜମ୍ମୁଦ୍ୱୀପ ନିଜର ସବୁଜିମା ଓ ଶାନ୍ତଶୀତଳ ପରିବେଶକୁ ହରାଇଲା । ବଙ୍ଗୀୟ ଶରଣାର୍ଥୀମାନେ ଏଠାରେ ଥିବା ହେନ୍ତାଳ ଜଙ୍ଗଲକୁ କାଟି ପଦା କଲେ ଓ ନିଜର ଚାଷଜମି, ବାସସ୍ଥଳୀ ପ୍ରସ୍ତୁତ କଲେ । ବହୁ ସଂଖ୍ୟାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ପଶିଆସି ଜମ୍ମୁଦ୍ୱୀପର ସର୍ବନାଶ କରିଦେଲେ ବୋଲି ଅଜା ମଲା ପର୍ଯ୍ୟନ୍ତ ବିଳିବିଳୋଉଥିଲେ ।

ଫଲ୍ସ ପଏ[ବନ୍ଦର ବର୍ଷର ସବୁ ଋତୁରେ କାର୍ଯ୍ୟକ୍ଷମ ଥିଲା । କିନ୍ତୁ ଅଧିକାଂଶ ଜାହାଜ ଶୀତଦିନେ ଏଠାରେ ଲାଗୁଥିଲା । ଫଲ୍ସ ପଏ[ବନ୍ଦର ଏବଂ କୋଲକାତା ମଧ୍ୟରେ ନିୟମିତ ଷ୍ଟିମର ଚଳାଚଳ କରୁଥିଲା ବୋଲି ଅଜା କହୁଥିଲେ ।

ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଫଲ୍ସ ପଏ[ବନ୍ଦର ଓଡ଼ିଶାର ରକ୍ଷା କବଚ ଭଳି କାମ କରୁଥିଲା । କେବଳ ନ'ଅଙ୍କ ଦୁର୍ଭିକ୍ଷ କାହିଁକି ଆମ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଫଲ୍ସ ପଏ[ବନ୍ଦର କାର୍ଯ୍ୟକ୍ଷମ ଥିଲା । ୧୯୦୬ ମସିହା ବେଳକୁ ଫଲ୍ସ ପଏ[ବନ୍ଦର ଦେଇ କଲିକତା, ମରିସସ୍, ରେଙ୍ଗୁନ୍ ଏବଂ ଶ୍ରୀଲଙ୍କା ବନ୍ଦରମାନଙ୍କୁ ଓଡ଼ିଶାରୁ ଚାଉଳ, ତୈଳବୀଜ, ପଶୁଛାଲ, ଝୋଟ, କାଠ, ଶିଙ୍ଗ, ମାଟି ପାତ୍ର, ହାଡ଼, ସବାଇ ଘାସ, କଟକର ରୂପା ତାରକସି କାମ, ଜଙ୍ଗଲଜାତ ଦ୍ରବ୍ୟ ଆଦି ରପ୍ତାନୀ କରାଯାଉଥିଲା ।

କେବଳ ମାଲ୍ ପରିବହନ କାହିଁକି ଫଲ୍ସ ପଏ[ବନ୍ଦର ଦେଇ ଯାତ୍ରୀ ପରିବହନ ମଧ୍ୟ ହେଉଥିଲା । କଲିକତା ହୁଗୁଳି ବନ୍ଦରରୁ ଫଲ୍ସ ପଏ[ବନ୍ଦର ମଧ୍ୟରେ ଯାତ୍ରୀବାହୀ ଷ୍ଟିମର ଚଳାଚଳ କରୁଥିଲା ।

କେନ୍ଦ୍ରାପଡ଼ା ଏବଂ ଜମ୍ମୁ କେନାଲ ଖୋଳାଯିବା ପରେ ଫଲ୍ସ ପଏ[ବନ୍ଦରରୁ ଉଭୟ ଯାତ୍ରୀ ଓ ମାଲ୍ ପରିବହନ କଟକ ପର୍ଯ୍ୟନ୍ତ ସମ୍ଭବ ହେଲା । ସେତେବେଳେ ଇଂରେଜ ଅଧିକାରୀମାନେ ସମୁଦ୍ର ପଥରେ ଫଲ୍ସ ପଏ[ବନ୍ଦରରେ ପହଁଚିବା ପରେ ଜମ୍ମୁ ଓ କେନ୍ଦ୍ରାପଡ଼ା କେନାଲ ଦେଇ କଟକର ଯୋତ୍ରାଠାରେ ପହଁଚି ପାରୁଥିଲେ ।

ଅଜା କହୁଥିଲେ, ପାଲଟଣା ଜାହାଜ ଦେଇ ଯାତ୍ରୀମାନେ ଫଲ୍‌ସ ପଏ[ବନ୍ଦରରୁ କଲିକତା ଯା'ଆସ କରୁଥିଲେ । ଏହି ଜାହାଜର ପଛପଟେ କେତେଗୁଡ଼ିଏ ଛୋଟ ଛୋଟ ଡଙ୍ଗାକୁ ବନ୍ଧା ଯାଉଥିଲା । ଏସବୁ ଛୋଟ ଡଙ୍ଗାମାନଙ୍କରେ ବି ମାଲ୍ ବୋଝେଇ ହେଉଥିଲା । ଏସବୁ ଛୋଟ ଡଙ୍ଗାଗୁଡ଼ିକୁ ଜାହାଜ ବାଟ କଢ଼େଇ ନେଉଥିଲା । ଏହି ଛୋଟ ଡଙ୍ଗାଗୁଡ଼ିକୁ ଅନ୍ଧ ବୋଟ୍ କୁହାଯାଉଥିଲା । ଅନ୍ଧ ବୋଟ୍ ସମ୍ପର୍କରେ ମୁଁ ଅଜାଙ୍କ ଟିପା ଖାତାରୁ ବହୁ ଗୁରୁତ୍ୱପୂର୍ଣ୍ଣ କଥାସବୁ ଜାଣିବାକୁ ପାଇଥିଲି ।

ଆମ ଗାଁର ବାବାଜୀ ସାହୁ ଏବେ ଯାହାର ପୁଅମାନେ ବଡ଼ ଚାକିରି କରି ଦିଲ୍ଲୀ, ବାଙ୍ଗାଲୋରରେ ରହୁଛନ୍ତି, ସେହି ବାବାଜୀ ସାହୁର ପୂର୍ବ ପରୁଷମାନେ ଏହି ଅନ୍ଧ ବୋଟରେ ଖଲାସି କାମ କରୁଥିଲେ ବୋଲି ମୁଁ ବାପାଙ୍କଠାରୁ ଶୁଣିଥିଲି ।

ଉନ୍ନବିଂଶ ଶତାବ୍ଦୀ ବେଳକୁ ଆମ ଅ*ଳରୁ ବହୁ ଲୋକ କଲିକତାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ବିଶେଷକରି ସେମାନେ ଚଟକଳରେ କାମ କରୁଥିଲେ । ଆମ ଗାଁର ବଇଆ ଜେଜ ଚଟକଳରେ କାମ କରୁଥିଲା ବୋଲି ମୁଁ ପୂର୍ବରୁ କହିଛି । ଖାଲି ବଇଆ ଜେଜ କାହିଁକି, ଆମ ଗାଁର ଅଧାଅଧି ଲୋକ କଲିକତାର ଚଟକଳରେ କାମ କରୁଥିଲେ ।

କଲିକତାରେ ଚାକିରି ବା ବ୍ୟବସାୟ କରୁଥିବା ଆମ ଅ*ଳର ଲୋକମାନେ ସେମାନଙ୍କ ଜିନିଷପତ୍ର ପାଲଟଣା ଜାହାଜରେ ଓଡ଼ିଶାକୁ ପଠାଉଥିଲେ । ଏସବୁ ପାଲଟଣା ଜାହାଜ କଲିକତା ବାବୁଘାଟରୁ ବାହାରି ଫଲ୍‌ସ ପଏ[ବନ୍ଦରରେ ପହ*ୁଥିଲେ ।

ଫଲ୍‌ସ ପଏ[ବନ୍ଦରରେ ଜାହାଜ ଲାଗିବା ପରେ ଅନ୍ଧ ବୋଟ୍ ଗୁଡ଼ିକୁ ଜାହାଜରୁ ଖୋଲି ଦେଇ ଗୋବରୀ ମୁହାଣ ପର୍ଯ୍ୟନ୍ତ ଅଣାଯାଉଥିଲା । ଏହି ଅନ୍ଧବୋଟ୍‌ଗୁଡ଼ିକ ଗୋବରୀ ନଈର ବିଭିନ୍ନ ଡଙ୍ଗା ଘାଟରେ ଲାଗୁଥିଲା । ଯାହାର ଯାହାସବୁ ଜିନିଷ ଆସିଥାଏ, ସେମାନଙ୍କ ପରିବାର ଲୋକେ ଏହି ଅନ୍ଧବୋଟ୍‌ରୁ ସଂଗ୍ରହ କରି ନେଉଥିଲେ ।

କଲିକତାରୁ ପାଲଟଣା ଜାହାଜରେ କପଡ଼ାଲତା, ବିଲାତି ଆଳୁ, ଓଲି ପିଆଜ, ବଡ଼ଫାଳ ହରଡ଼ ଡାଲି ଆଦି ଆସିଥାଏ । ଖର୍ଚ୍ଚ ବାବଦକୁ ପରିବାର ଲୋକେ ଜାହାଜ ମାଲିକକୁ କଟକୀ ଶେର ଓଜନର ଜିନିଷକୁ ଚାରି ଅଣା କରି ପୈଠ କରନ୍ତି । ଏହି ବ୍ୟବସାୟକୁ ହୁଣ୍ଡି ଏବଂ ବ୍ୟବସାୟୀଙ୍କୁ ହୁଣ୍ଡିଆ କୁହାଯାଉଥିଲା ।

ଅଜାଙ୍କର ପୂର୍ବ ପୁରୁଷମାନେ ଏ ହୁଣ୍ଡିଆ ବ୍ୟବସାୟ କରୁଥିଲେ । ଫଲ୍‌ସ ପଏ[ବନ୍ଦର ହୁଣ୍ଡିଆ ବ୍ୟବସାୟର ପେଣ୍ଠସ୍ଥଳ ଥିଲା ।

ଆଜି କିନ୍ତୁ ଏହି ଫଲ୍‌ସ ପଏ[ବନ୍ଦର ଅଚଳ । ଏଠାରେ ଥିବା ପୋର୍ଟ ଅଫିସ, ବତୀଘର ସବୁକିଛି ପରିତ୍ୟକ୍ତ ହୋଇ ପଡ଼ିଛି ।

ଜମ୍ବୁଦ୍ୱୀପରେ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବାସ କରିବା, ଫଲ୍‌ସ ପଏ[ବନ୍ଦର ବନ୍ଦ ହୋଇଯିବା, କେନାଲସବୁ ପୋତି ହୋଇଯିବା ଦିନୁ ଅଜାଙ୍କର ଖରାପ ସମୟ

ଆରମ୍ଭ ହୋଇଗଲା ଏବଂ ବ୍ୟବସାୟ ବୁଡ଼ି ଯାଇଥିଲା ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ଫଲ୍‌ସ ପଏ[ବନ୍ଦର ଅଚଳ ହେବା ପଛରେ ଅନେକ କାରଣ ରହିଛି । ୧୮୯୯ ମସିହାରେ ଓଡ଼ିଶାରେ ରେଳ ଚଳାଚଳ ଆରମ୍ଭ ହେବାରୁ ବାଣିଜ୍ୟ-ବ୍ୟବସାୟ, ଆମଦାନି-ରପ୍ତାନୀ ଓ ଯାତ୍ରୀ ପରିବହନ ରେଳ ଉପରେ ନିର୍ଭର କଲା । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୯ରେ ଶେଷ ହୋଇଥିଲା । ଏହି ସମୟ ମଧ୍ୟରେ ଜର୍ମାନୀର ଯୁଦ୍ଧ ଜାହାଜ ବଙ୍ଗୋପସାଗରରେ ପଇଁତରା ମାରିବାରୁ ସମୁଦ୍ରରେ ଯାତାୟାତ କରୁଥିବା ପଣ୍ୟବାହୀ ଜାହାଜଙ୍କ ସଂଖ୍ୟା କମିଗଲା ।

କାଳକ୍ରମେ ଫଲ୍‌ସ ପଏ[ବନ୍ଦରର କାରବାର ହ୍ରାସ ପାଇଲା । ୧୯୨୦ ମସିହା ବେଳକୁ ଫଲ୍‌ସ ପଏ[ବନ୍ଦରରେ ଗୋଟିଏ ହେଲେ ବି ଜାହାଜ ଲାଗିଲା ନାହିଁ । ଜାହାଜ ଚଳାଚଳ ନ କରିବାରୁ ଗୋବରୀ ମୁହାଣ ପୋତି ହେବାକୁ ଲାଗିଲା । ୧୯୨୪ ମସିହାରେ ଇଂରେଜ ସରକାର ଫଲ୍‌ସ ପଏ[ବନ୍ଦରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଲେ ।

ଫଲ୍‌ସ ପଏ[ବନ୍ଦର ବନ୍ଦ ହେବାର ୩୪ ବର୍ଷ ପରେ ଏହାର ମାତ୍ର ଦଶ କିଲୋମିଟର ଦକ୍ଷିଣକୁ ୧୯୫୮ ମସିହାରେ ଏକ ଛୋଟ ବନ୍ଦର ରୂପେ ପାରାଦୀପ ଜନ୍ମଲାଭ କଲା । ସେତେବେଳେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଓ କେନ୍ଦ୍ରମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦରର ଶୁଭ ଉଦ୍‌ଘାଟନ କରିଥିଲେ । ପାରାଦୀପ ବନ୍ଦର ବି ଫଲ୍‌ସ ପଏ[ବନ୍ଦରକୁ ଅଚଳ କରିବାର ଅନ୍ୟତମ ପ୍ରମୁଖ କାରଣ ଥିଲା ।

ଅଜାଙ୍କ ଟିପା ଖାତାର ଶେଷ ପୃଷ୍ଠାଗୁଡ଼ିକ ଭାରି କରୁଣଭରା ଥିଲା । ପାରାଦୀପ ବନ୍ଦରର ଅଭ୍ୟୁଦୟ ଘଟିବା, ଫଲ୍‌ସ ପଏ[ବନ୍ଦର ମୃତ୍ୟୁ ମୁଖରେ ପଡ଼ିବା, ଜମ୍ବୁଦ୍ୱୀପରେ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବସବାସ କରିବା ଏବଂ ବେଆଇନ ଭାବେ ମହାକାଳପଡ଼ା ଅ*ଳକୁ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସୁଅ ଛୁଟିବା ଆଦି ଘଟଣାକୁ ନେଇ ଶେଷ ଜୀବନରେ ଅଜା ବଡ଼ ବ୍ୟଥିତ ଥିବା ଭଳି ମନେ ହେଉଥିଲା ।

ନ'ଅଙ୍କ ଦୁର୍ଭିକ୍ଷ ବେଳେ ପଚାଶ ହଜାର ଟନ୍ ଓଜନର ଖାଦ୍ୟଶସ୍ୟ ବୋଝେଇ ହୋଇ ଫଲ୍‌ସ ପଏ[ବନ୍ଦରକୁ ଆସିଥିଲା । କିନ୍ତୁ ଏହାକୁ ଭୋକିଲା ଲୋକଙ୍କ ପାଖରେ ନଦୀ ପଥରେ ବୁଲିବୁଲି ପହ*ାଇବା ବେଳକୁ ବହୁତ ଲୋକେ ମରିଯାଇଥିଲେ । ମୁଁ ମୋ ଗବେଷଣା କାଳରେ ପୋର୍ଟ ଅଫିସ ରିପୋର୍ଟ ଯା* କଲାବେଳେ ଏଭଳି ରୋମା*ଭରା ତଥ୍ୟ ଜାଣିବାକୁ ପାଇଲି ।

ସୈନ୍ୟମାନଙ୍କ ଖାଦ୍ୟ ପାଇଁ ଚାରି ହଜାର ମହଣ ଚାଉଳ ବୋଝେଇ ଜାହାଜ ୧୮୬୬ ମସିହା ଜୁନ୍ ୧୨ ତାରିଖରେ ଫଲ୍‌ସ ପଏ[ବନ୍ଦରରେ ପହ*ଁଥିଲା । ଓଡ଼ିଶାରେ ଜଳସେଚନର ସୁବିଧା ଏବଂ କେନାଲ ଲକ୍ ନିର୍ମାଣ ପାଇଁ ଇଷ୍ଟ ଇଣ୍ଡିଆ ଇରିଗେସନ

କମ୍ପାନି ଲଣ୍ଡନର ଲିଭରପୁଲ୍ ବନ୍ଦରରୁ ଗୋଟିଏ ଜାହାଜରେ ଦୁଇ ହଜାର ଟନ୍ କୃଷି ଓ ଲକ୍ ନିର୍ମାଣ ଯନ୍ତ୍ରପାତି ଧରି ଫଲ୍ସ ପଏ[ବନ୍ଦରରେ ପହଁଚିବା କଥା ପୋର୍ଟ ଅଫିସ ରିପୋର୍ଟରେ ଉଲ୍ଲେଖ ରହିଛି ।

ଆଜି ମୁଁ ଏସବୁ ବିଷୟରେ ଅଧ୍ୟୟନ କଲାବେଳେ ଅଜା ଭାରି ମନେ ପଡ଼ନ୍ତି ।

ମାଲ୍ ପରିବହନ ବ୍ୟତୀତ ଫଲ୍ସ ପଏ[ବନ୍ଦରକୁ ଅନେକ ଯାତ୍ରୀବାହୀ ଷ୍ଟିମର ଚଳାଚଳ କରୁଥିଲା । କେନ୍ଦ୍ରାପଡ଼ା କେନାଲ ଖୋଳା ହେବା ପରେ ଯାତ୍ରୀ ଓ ମାଲ୍ ପରିବହନ ପାଇଁ ନଦୀ ପଥ ପରିତ୍ୟାଗ କରି କେନାଲ ପଥରେ ଏହି ବନ୍ଦରକୁ କଟକ ସହ ସଂଯୋଗ କରାଗଲା । ଅଳ୍ପ ସମୟ ଏବଂ ଅଳ୍ପ ଖର୍ଚ୍ଚରେ କଟକ-କଲିକତା ମଧ୍ୟରେ ଏହି ବନ୍ଦର ଦେଇ ଯାତାୟତ କରି ହେଉଥିଲା ।

୧୮୬୬ ମସିହାରେ କର୍ଣ୍ଣେଲ ର‍ୟାଣ୍ଡେଲ ଓ ଫକନର, ୧୮୬୭ ମସିହାରେ ରିଲିଫ କମିସନର ସଦସ୍ୟବୃନ୍ଦ, ୧୮୭୦ ମସିହାରେ ପ୍ରଫେସର ହ[ର ଫଲ୍ସ ପଏ[ବନ୍ଦର ଦେଇ ଓଡ଼ିଶା ଆସିଥିଲେ । ୧୮୭୨ ମସିହାରେ ଭାରତ ବଡ଼ ଲାଟ୍ ଓ ଛୋଟଲାଟ୍ ଏହି ବନ୍ଦର ଦେଇ କଟକ ଆସିଥିଲେ ।

୧୮୯୯ ମସିହାରେ ଓଡ଼ିଶାରେ ରେଳ ଚଳାଚଳ ଆରମ୍ଭ ହେବାରୁ ବାଣିଜ୍ୟ, ବ୍ୟବସାୟ, ଆମଦାନି, ରପ୍ତାନୀ ଓ ଯାତ୍ରୀ ପରିବହନ ମୁଖ୍ୟତଃ ରେଲୱେ ଉପରେ ନିର୍ଭର କଲା । ୧୯୧୪ରୁ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୯ରେ ଶେଷ ହୋଇଥିଲା । ଏହି ସମୟ ମଧ୍ୟରେ ଜର୍ମାନୀ ରଣତରୀ ଇମ୍‌ଡେନ୍ ବଙ୍ଗୋପସାଗରରେ ପଇଁତରା ମାରିବାରୁ ସମୁଦ୍ରରେ ଯାତାୟତ କରୁଥିବା ପଣ୍ୟବାହୀ ଜାହାଜଙ୍କ ସଂଖ୍ୟା କମିଗଲା ।

ମୁଖ୍ୟତଃ ଏହି ଦୁଇ କାରଣ ଯୋଗୁଁ ଫଲ୍ସ ପଏ[ବନ୍ଦରର ରପ୍ତାନୀ, ଆମଦାନି ହ୍ରାସ ପାଇଲା । ୧୯୧୯ ଓ ୧୯୨୦ ମସିହା ବେଳକୁ ଫଲ୍ସ ପଏ[ବନ୍ଦର ମାଧ୍ୟମରେ ଆଦୌ କାରବାର ହେଲା ନାହିଁ ।

ଜାହାଜ ଚଳାଚଳ ନ ହେବାରୁ ନଦୀର ଶଯ୍ୟା ଓ ମୁହାଁଣ କ୍ରମେ ପୋତି ହୋଇଗଲା । ୧୯୨୪ ମସିହାରେ ଇଂରେଜ ସରକାର ଏହି ବନ୍ଦରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଲେ । କିନ୍ତୁ ଏହାର ବତୀଘର ଏ ପର୍ଯ୍ୟନ୍ତ ପୂର୍ବପରି ଆଲୋକ ଦେଇ ଆସୁଛି ।

ଆମେସବୁ ପିଲାଦିନେ ସଞ୍ଜବେଳେ ଗୋବରୀ ନଈ ସେପଟେ ଏ ବତୀଘର ଆଲୁଅ ଦେଖି ବିମୋହିତ ହେଉଥିଲୁ । ସଞ୍ଜ ବୁଡ଼ିଗଲେ ଓରତଘାଟ ପଟୁ ଏକ ବିରାଟ ଆଲୁଅ ଅର୍ଦ୍ଧ ଗୋଲାକାର ପଥରେ ଅନ୍ଧାର କିଟିକିଟି ଆକାଶରେ ଘୂରୁଥିବାର ଦେଖୁଥିଲୁ । ବାପା କହୁଥିଲେ, ଏ ହେଉଛି ଫଲ୍ସ ପଏ[ବନ୍ଦରରେ ଥିବା ବତୀଘର ଆଲୁଅ ।

ଗୋବରୀ ନଈ ଓ ଫଲ୍ସ ପଏ[ବନ୍ଦରକୁ ନେଇ ମୋର ପିଏଚ୍‌ଡି ଥେସିସ କାମ ଆଗେଇ ଚାଲିଥାଏ । ପାଖାପାଖି ସାତ ଶହ ପୃଷ୍ଠା ଲେଖା ଶେଷ ହୋଇ ଯାଇଥିଲା ।

ଆଉ ବେଶିରେ ପା*ଶହ ପୃଷ୍ଠା ଯୋଡ଼ିଲେ ମୋ' ଗବେଷଣା କାମରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଭାବୁଥିଲି ।

ଜମ୍ମୁରୁ ମୋ' କାର୍ ଯୋଗେ କେନାଲ ରାସ୍ତା ଦେଇ ଭୁବନେଶ୍ୱର ଫେରୁଥିଲି । ଦେଖିଲି, ଜମ୍ମୁ କେନାଲ ପୂରାପୂରି ପୋତି ହୋଇଯାଇଛି । ସେଥିରେ ବିଲାତି ଦଳ ଭ□ି ହୋଇଯାଇଛି । ଛପାଲି ଗୋଡ଼ାଠାରେ ମୁଁ ଅଟକି ଟିକେ ଚା' ପିଇଲି ।

ପିଲା ଦିନର ଅଜା, ବୋଉ, ମାମୁ ଓ ଗୋବରୀ ନଈର ସ୍ମୃତି ମନ ଭିତରେ କୋଉଠି ଜୀବନ୍ତ ହୋଇ ଉଠୁଥିଲେ । ସେଦିନର ଜମ୍ମୁଦ୍ୱୀପର ଘ* ହେନ୍ତାଳ ଜଙ୍ଗଲ ବି ନଥିଲା । କାଁ ଭାଁ କେନାଲ ବନ୍ଧରେ ଗୋଟା ଅଧେ ଖଜୁରୀ ଗଛକୁ ଦେଖି ମନ ଭିତର ଗୋଳେଇ ଘା□ି ହୋଇ ଯାଉଥିଲା ।

ଆହାଃ, ଗୋବରୀ ନଈ !

କୁଆଡ଼େ ଗଲା ତୋ' ମୁହାଣର ହେନ୍ତାଳ ବଣ ? କୁଆଡ଼େ ଗଲେ ବାଘ, ଭାଲୁ, ହରିଣ, ସମ୍ବର ? କୁଆଡ଼େ ଗଲେ ରାଇ, ବନୀ, ହେନ୍ତାଳ, ଓରୁଅ, ସିନ୍ଦୁକା, ପୀତାମ୍ବରି, ହବାଲି ?

୯

ଓରତ ଘାଟ ପୋଲ କାମ ଆଗେଇ ଚାଲିଥାଏ । ଦୁଇଟି ପିଲର କାମ ଶେଷ ହୋଇ ତୃତୀୟ ପିଲର ନିର୍ମାଣ କାମ ଆରମ୍ଭ ହେବା ବେଳକୁ ଆସିଲା ନିର୍ବାଚନ । ସେବର୍ଷ ସରକାର ବଦଳିଲା । ଜନତା ଦଳ ସରକାରକୁ ଆସିଲା ନାହିଁ ।

ବିଜୁ ପଟ୍ଟନାୟକ ସରକାର ଯାଇ ଜାନକୀ ବଲ୍ଲଭ ପଟ୍ଟନାୟକ ସରକାର ଆସିଲା । ନଳିନୀ ମହାନ୍ତି ଯଦିଓ ତା' ରାଜନଗର ନିର୍ବାଚନ ମଣ୍ଡଳୀରୁ ଜିତିଲା, କିନ୍ତୁ ଖାଲି ବିଧାୟକଟିଏ ହୋଇ ରହିଲା । ମନ୍ତ୍ରୀପଦ ଚାଲିଗଲା । ନୂଆ ସରକାର ଆସିବା ପରେ ଓରତଘାଟ ପୋଲ କାମ ପୁଣି ବନ୍ଦ ହୋଇଗଲା ।

ଓରତ ଘାଟ ପୋଲ କାମ ବନ୍ଦ ହୋଇଯିବା ପରେ ସ୍ଥାନୀୟ ଲୋକେ ଦୁଃଖିତ ହେଲେ । କିନ୍ତୁ ନରିମାଷ୍ଟ୍ର ଖୁସି ଥିଲା ।

ପୋଲ କାମ ବନ୍ଦ ହେବା ଖୁସିରେ ନରିମାଷ୍ଟ୍ର ଆହୁରି ନୂଆ ନୂଆ ଗୀତ ଫାନ୍ଦୁଥିଲା । ନୂଆ ଡଙ୍ଗାଟିଏ କିଣିବାକୁ ଯୋଜନା କରୁଥିଲା ।

ସତକୁ ସତ ନୂଆ ସରକାର ଅମଳରେ ପୂରା ପା*ବର୍ଷ କାଳ ଓରତ ଘାଟ ପୋଲ ନିର୍ମାଣ କାମ ବନ୍ଦ ହୋଇଗଲା ।

ଆମେ ପ୍ରାୟ କଲେଜ ଯିବା ପର୍ଯ୍ୟନ୍ତ ସେଇ ତିନିଗୋଟି ପିଲର୍ ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡ଼ି ରହିଥିଲା । ମୋ' ବାହାଘର ବର୍ଷ ଓରଡଘାଟ ପୋଲ ନିର୍ମାଣ କାମ ଶେଷ ହୋଇଥିଲା ।

ବିଜୁ ପଟ୍ଟନାୟକ ସରକାର ଚାଲିଯିବାରୁ ଓରଡଘାଟ ପୋଲ ନିର୍ମାଣ କାମ ବନ୍ଦ ହୋଇଗଲା । ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ନରିମାଷ୍ଟ୍ର ମନେ ମନେ ଖୁସି ହେଉଥିଲା ।

ପୋଲ ହୋଇଗଲେ ନରିମାଷ୍ଟ୍ରର ଜୀବନଜୀବିକା ବୁଡ଼ିଯିବ । ପରିବାର ଚଳେଇବା ଓ ପେଟ ଚାଖଣ୍ଡ ପୂରଣ କରିବା କଷ୍ଟକର ହୋଇ ପଡ଼ିବ । କାରଣ ଏଇ ହୁଲି ଡଙ୍ଗା ଖଣ୍ଡକରେ ନରିମାଷ୍ଟ୍ର ତା' ପରିବାର ପୋଷେ ।

ଭୋଦୁଅ ମାସର ଚିକ୍‌ଚିକ୍ ଖରା ଗୋବରୀ ନଈର ପାଣିରେ ପ୍ରତିଫଳିତ ହେଉଥିଲା । ନରିମାଷ୍ଟ୍ର ତା' ହୁଲିରେ ବସି ଆଉ ଥରେ ଭଗବାନଙ୍କୁ କୃତଜ୍ଞତା ଜଣାଇ ପଦୁଟିଏ ମାରିଲା-

"କରି କରାଉ ଥାଇ ମୁଇଁ
ମୋ ବିନୁ ଅନ୍ୟ ଗତି ନାଇଁ ।"

ନରିମାଷ୍ଟ୍ର କହୁଥିଲା ଈଶ୍ୱର ସମସ୍ତଙ୍କର । ଈଶ୍ୱର ଚୋରର, ଆଉ ସାଧୁର ବି । ସେଥିପାଇଁ ତ ଚୋରଟିଏ ଚୋରି କଲାବେଳେ ଜୟ ମା' ଭବାନୀ ବୋଲି ଡାକିଥାଏ । କିନ୍ତୁ ସାଧୁଟିଏ ଭାବୁଥାଏ, ଈଶ୍ୱର କେବଳ ତା'ର । ଏହା ଭୁଲ୍ ବୋଲି ନରିମାଷ୍ଟ୍ର ଯୁକ୍ତି କରୁଥିଲା ।

ସଂସାରରେ କ'ଣ ଈଶ୍ୱର ନାହାନ୍ତି ? ଈଶ୍ୱର କ'ଣ ଏ ଦୀନ ଦରିଦ୍ରଙ୍କ କଥା ଭୁଲିଯିବେ ? ପୋଲ ନ ହୋଇ ଆମେ କ'ଣ ଖରାପରେ ଅଛୁ ? ପୋଲ ହୋଇଗଲେ କ'ଣଟା ଅଧିକ ହୋଇଯିବ ? ନରିମାଷ୍ଟ୍ର ଯୁକ୍ତି କଲା ।

ପୋଲ ହେଲେ ବରଂ ଚୋରି, ନାରୀ, ଦୁର୍ଘଟଣା ବଢ଼ିବ । ପଲ୍ଲୀ ଅଂଚଳକୁ ସହରିଆମାନେ ପଶିବେ । ନାନା ଅଘଟଣ ଘଟାଇବେ । ଆମେ ଏମିତି ବରଂ ବହୁତ ଭଲରେ ଅଛୁ । ନରିମାଷ୍ଟ୍ର ଯୁକ୍ତି କରେ । ଅବଶ୍ୟ, ତା' ଯୁକ୍ତିରେ କିଛି ସତ୍ୟତା ଥାଏ ।

ଓରଡ ଘାଟ ପୋଲ ନିର୍ମାଣ କାମ ବନ୍ଦ ହୋଇଗଲା । କ୍ରାକ୍ଟର ନିଜର ପୋଲ ନିର୍ମାଣ ସାମଗ୍ରୀ, ପେ ଲୋଡର, ବୁଲ୍‌ଡୋଜର, କଂକ୍ରିଟ୍ ମିକ୍ସଚର ମେସିନ, ଏକ୍ସାଭେଟର, ଟ୍ରକ୍, ଟ୍ରିପର, ଟ୍ରାକ୍ଟର ଆଦି ଧରି ପଳେଇଗଲା ।

ଯା'ହେଉ ପୋଲ କାମ ବନ୍ଦ ହୋଇଗଲା । ନରିମାଷ୍ଟ୍ର ଗୋଟିଏ ଦୀର୍ଘଶ୍ୱାସ ଛାଡ଼ି ବିଡ଼ି ଖଣ୍ଡେ ଲଗାଇଲା । ଢଗଟିଏ ଛାଡ଼ିଲା-

"ଗଣେଶ ପେଟା
ହଗି ନ ଜାଣିଲେ ଦାନ୍ତରେ କୁଟା ।"

ଆମ ଭିତରେ ଜଣେ ପେଟୁଆ ପିଲାକୁ ଦେଖି ନରିମାଷ୍ଟ୍ର ସେତେବେଳକୁ ଗୀତଟିଏ

ଖଞ୍ଜି ଦେଇଥିଲା । ସେ ପେଟୁଆ ପିଲାର ନାଁ ଅଭୟ ଥିଲା । ନରିମାଷ୍ଟ୍ରର ଗଣେଶ ପେଟା ଗୀତ ଶୁଣିବା ପରେ ସେବେଠୁ ତା' ନାଁ ଅଭୟ ବଦଳରେ ଗଣେଶପେଟା ହୋଇଗଲା ।

ଆମେ ସ୍କୁଲର ପିଲାମାନେ ମିଶି କେନ୍ଦ୍ରାପଡ଼ା ଟାଉନ୍ ହାଇସ୍କୁଲକୁ ବିଜ୍ଞାନମେଳା ପାଇଁ ଯାଉଥାଉ । ଗାଁ ଭେଡ଼ା ଦେଇ ଚାଲି ଚାଲି ଆସିବା ପରେ ଓରତଘାଟରେ ପହଁ ନରିମାଷ୍ଟ୍ରର ଡଙ୍ଗାରେ ବସିଲୁ ।

ସେଥର ମୁଁ ପ୍ରଥମ କରି ବାପାଙ୍କ ବିନା ମୋର ଅନ୍ୟ କିଛି ସାଙ୍ଗମାନଙ୍କ ସହ କେନ୍ଦ୍ରାପଡ଼ା ଯାଉଥାଏ । ଆମେସବୁ ବଡ଼ ପିଲା ହୋଇଯାଇଥାଉ । ଆମମାନଙ୍କ ମନରେ ଦାୟିତ୍ୱ ଜ୍ଞାନ ବଢ଼ି ଯାଇଥାଏ । ଆମେସବୁ ପିଲାମାନେ ମିଳିମିଶି କେନ୍ଦ୍ରାପଡ଼ା ଯାଇ ପାରିବୁ ବୋଲି ମନରେ ସାହସ ଜୁଟାଇଥାଉ ।

ମୁଁ ଏକୁଟିଆ କେନ୍ଦ୍ରାପଡ଼ା ମୋ' ସାଙ୍ଗମାନଙ୍କ ସହ ଯାଉଥିବାରୁ ବୋଉ ବ୍ୟସ୍ତ ହେଉଥିବ । ବାପାଙ୍କ ଉପରକୁ ଗରଗର ହେଉଥିବ । କହୁଥିବ- "ଛୋଟ ଛୋଟ ପିଲାଗୁଡ଼ା । କେମିତି ସେମାନଙ୍କୁ ଏକୁଟିଆ ସହରକୁ ଛାଡ଼ିଦେଉଛ ?"

ବାପା କହୁଥିବେ- "କାହିଁକି ବ୍ୟସ୍ତ ହଉଚ ? ସେମାନେ ବଡ଼ ହେଲେଣି । ବୁଝୁସୁଝି ହେଲାଣି । ସେମାନେ ଯାଇପାରିବେ ।"

ବୋଉ ମା' ମଙ୍ଗଳାଙ୍କୁ ଡାକୁଥିବ- "ହେ, ମା' ମଙ୍ଗଳା, ମୋ' ପୁଅକୁ ଭଲରେ ଭଲରେ ନେଇ ପୁଣି ଭଲରେ ଭଲରେ ଫେରେଇ ଆଣ୍ ।"

ନରିମାଷ୍ଟ୍ରର ହୁଲି ଡଙ୍ଗାଟା ପାଇଁ ବୋଉ ବ୍ୟସ୍ତ ହେଉଥିବ । ସେ ଯୋଉ ଛୋଟ ହୁଲି ଡଙ୍ଗାଟା, ପବନରେ ଖାଲି ଦୋହଲୁଥିବ । ସେଥିପାଇଁ ବୋଉ ବିଚଳିତ ହୋଇ ଉଠୁଥିବ ।

ସକାଳୁ ସକାଳୁ ପଖାଳ ପେଟେ ଲେଖା ଖାଇ ଆମେସବୁ ଓରତ ଘାଟରେ ପହଁଯିବୁ । ଡଙ୍ଗାଘାଟରେ ପହଁ ଖପ୍‌ଖାପ୍ ନରିମାଷ୍ଟ୍ରର ହୁଲି ଡଙ୍ଗା ଉପରକୁ ଡେଇଁ ପଡ଼ିବୁ ।

ତଳଘଟି ଆଡୁ ଜଣେ ମଙ୍ଗୁଳା କନ୍ୟା ଓ ତା' ବାପା, ଭାଇ ଆସି ନରିମାଷ୍ଟ୍ରର ଡିଙ୍ଗିରେ ବସିଲେ । ସେଦିନ ହୁଲିର ଲୋଡ୍ ଟିକେ ଅଧିକ ହୋଇଗଲା । ନରିମାଷ୍ଟ୍ର କାହାକୁ ମନା କରିପାରୁ ନଥାଏ ।

ହୁଲି ଟଳମଳ ହେଉଥାଏ । ଆମମାନଙ୍କୁ ଡର ଲାଗୁଥାଏ । ତଥାପି ଛାତିକୁ ପଥର କରି ନରିମାଷ୍ଟ୍ରର ହୁଲି ଡଙ୍ଗାରେ ବସିଲୁ ।

ନରିମାଷ୍ଟ୍ରର ହୁଲିଟା ବେଳକୁ ବେଳ ଭାରି ଟଳଟଳ ହେଉଥାଏ । ପବନରେ ଦୋହଲୁଥାଏ । ସେ ମଙ୍ଗୁଳା କନ୍ୟାଟି ମୁଣ୍ଡରେ ହାତେ ଲମ୍ବର ଓଢ଼ଣୀ ଦେଇ ମୁହଁକୁ ତଳକୁ ପୋତି ବସିଥାଏ । ହୁଲିଟା ଟଳମଳ ହେଉଥିବାରୁ ଡରୁଥାଏ କି କ'ଣ ? କେଜାଣି କିଏ ତା' ମନକଥା ଜାଣିବ ? ସେ ତ ମୁହଁକୁ ଲୁଚେଇ ବସିଥାଏ । ନାଲି ଚିକ୍‌ମିକ୍ ଜରି ଝାଲରଲଗା ଓଢ଼ଣୀ ତଳେ ଢାଙ୍କି ହୋଇ ଭାବନାରେ ବୁଡ଼ି ଯାଇଥାଏ ।

ନରିମାଷ୍ଟ୍ରର ଗୋଟିଏ ଖୋଇ ହେଉଛି, ସେ ଯାହାକୁ ଦେଖିବ ତା' ଉଦ୍ଦେଶ୍ୟରେ ତତ୍‌କାଳ ଗୀତଟିଏ ଫାନ୍ଦିଦେବ ।

ମଙ୍ଗୁଳା କନ୍ୟା ମୁଣ୍ଡରେ ଓଢ଼ଣୀ ଦେଇ ସୁଁ ସୁଁ କରି କାନ୍ଦୁଥାଏ । ତା' ବାପା, ଭାଇ ତାକୁ ଧରି ସାନ୍ତ୍ୱନା ଦେଉଥାନ୍ତି । ଏଣେ ଡିଙ୍ଗି ଟଳମଳ କରୁଥାଏ । ନରିମାଷ୍ଟ୍ର ବେପରୁଆ ଥାଏ ।

କନ୍ୟାଟିର ବୋଧେ ତୋଳାକନ୍ୟା ବିଭା ହେଉଥାଏ । କାରଣ କନ୍ୟା ସହ ବର ନଥିଲେ କି ବରଯାତ୍ରୀ ନଥିଲେ । ବାଜାବାଣ, ରୋଷଣୀ କିଛି ନଥିଲା । ଖାଲି କନ୍ୟାର ବାପା, ଭାଇ ମଙ୍ଗୁଳା କନ୍ୟାକୁ ଧରି ବର ଘରକୁ ଯାଉଥିଲେ ।

ମଙ୍ଗୁଳା କନ୍ୟା ସେମିତି ମୁହଁକୁ ଲୁଚେଇ ସୁଁ ସୁଁ କରି କାନ୍ଦୁଥାଏ । ନରିମାଷ୍ଟ୍ର କନ୍ୟାଟିର ମନକଥା ଜାଣିପାରି ଫାନ୍ଦିଲା ଗୀତଟିଏ-

କାଠିଆ କଦଳୀ ଫେଣିକି ପାଚେ,
ବାପା, ଭାଇ ଡାକ ଶିରରେ ନାଚେ ।
ଆଳୁ ପତରିଆ ମହତା ପାନ,
ଆଉ କି ଦେଖିବ ଜନମଥାନ ।
ନୂଆ ଖଡ଼ଖଡ଼ି ଛଅ ଗଉଡ଼,
ବାପା ବିଜେ କଲେ କନକାଗଡ଼ ।
ଚକୁଳି ପିଠା ତ ଅଣଲେଉଟା,
ଆଉ କି ଦେଖିବ ଜନମ କୋଠା ।
ଆକାଶ କଇଁଆ ଚିଲିକା ମାଛ,
କାହିଁକି ପା*ବି ଅପା*ପା* ।
ରାବଣ ଭଗାରୀ ସୀତାଙ୍କ ପାଇଁ,
ଶାଶୁଘର ହେଲା ମୋହରି ପାଇଁ ।
ପର୍ବତ ଶିଖରେ ପୋତିଲେ ମଞ୍ଜି,
ପଦ୍ମପାଖୁଡ଼ାରେ ଦିହକ ଗଞ୍ଜି ।
ଗୋଖର ସାପର ବିଷ ଝଡ଼ିଛି,
ମନେ ପଡ଼ିଗଲେ ଛାତି ଫାଟୁଛି ।
କୋଇଲି ବୋବାଏ ଶାରଙ୍ଗ ବନେ,
ସୀତା ବନ୍ଦୀ ହେଲେ ଅଶୋକ ବନେ ।
ଅଯୋଧ୍ୟା ଫେରିବାକୁ ହୋଇଛି ମନା,
ଲଙ୍କାଗଡ଼େ ବନ୍ଦୀ କନକ ଜେମା ।"

ନରିମାଷ୍ଟ୍ରର ଏ ଗୀତ ଶୁଣି ହୁଲିରେ ବସିଥିବା ସବୁ ଲୋକେ ଠୋ' ଠୋ' ହୋଇ ହସି ଉଠିଲେ । ସମସ୍ତଙ୍କ ମନରୁ ଗୋଟିଏ ଭୟର ବାତାବରଣ ହଟି ଯାଇଥିଲା ।

ତଥାପି ଆମ ମନରୁ ଭୟ ଯାଇ ନଥିଲା । କାରଣ ସେଦିନ ନରିମାଷ୍ଟ୍ରର ହୁଲିରେ ଅଧିକ ଲୋକ ଉଠିଥିଲେ ।

ନରିମାଷ୍ଟ୍ର ବି କାହାକୁ ମନା କରି ପାରିନଥିଲା ।

ଗୀତ ମାରି ସାରିଲା ପରେ ନରିମାଷ୍ଟ୍ରର ଧଇଁପେଲା ରୋଗ ହଠାତ୍ ବାହାରିଲା । ସେ ଖାଲି ଖଁ ଖଁ କାଶିଲା । ତା'ର ଦମା ପେଲିଲା । ଊର୍ଦ୍ଧ୍ୱଶ୍ୱାସ ଛାଡ଼ିଲା ।

ନରିମାଷ୍ଟ୍ର ଆଉ ଅହୁଲା ବାହିପାରିଲାନି । ହୁଲି ତା' ବୋଲ ମାନୁ ନଥିଲା । ଏଣେ ହଠାତ୍ ଥିଲା ଥିଲା, ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ଚାହୁଁ ଚାହୁଁ ଚାରିଦିଗ ଅନ୍ଧାର ହୋଇଗଲା । ତୁହାକୁ ତୁହା ପବନରେ ନରି ମାଷ୍ଟ୍ରର ହୁଲି ଛିଟିକି ପଡୁଥାଏ ।

ନରିମାଷ୍ଟ୍ର ତଥାପି କଷ୍ଟେମଷ୍ଟେ ଆହୁଲା ପେଲୁଥାଏ ।

ହୁଲିରେ ବସିଥିବା ଜଣେ କେହି ଲୋକ ପାଟିରୁ କାଳ କଥା ବାହାରି ପଡ଼ିଲା । ସେ ଲୋକଟା କହିଲା- "ଏଇ ଗୋବରୀ ନଈ କେତେ ଜୀବନ ନେଲାଣି ।"

ନରିମାଷ୍ଟ୍ର ରାଗିଯାଇ ତାକୁ ମାରେ କି ନ ମାରେ ।

ନରିମାଷ୍ଟ୍ର କାନ୍ଦକାନ୍ଦ ହୋଇ କହିଲା- "ଡଙ୍ଗାରେ ବସି ଏ କି କାଳ କଥା ପାଟିରେ ଧରୁଚ ହୋ ସମୁଦି । ଏମିତି ଭୁଲ କେବେ ବି ଆଉ କରିବନି ।"

ସେ ମୂର୍ଖ ଲୋକଟି ତଥାପି ଚୁପ୍ ହେଲାନି । ପୁଣି ଯୁକ୍ତି କଲା- "ଦେଖୁନ, ଗତବର୍ଷ ଗଣ୍ଡାକିଆ ଘାଟରେ ଡଙ୍ଗା ବୁଡ଼ି କୋଡ଼ିଏ ଜଣଙ୍କ ପ୍ରାଣ ଯାଇଥିଲା କି ନାହିଁ? ମାସେ ତଳେ ଚଣ୍ଡିଆପଲ୍ଲୀ ଘାଟରେ ହୁଲି ଡଙ୍ଗା ବୁଡ଼ି ଜଣେ ବୁଢ଼ା ଲୋକ ମରିଥିଲା । ଅବଶ୍ୟ ଅନ୍ୟମାନେ ପହଁରି ପହଁରୁ କୂଳକୁ ଚାଲି ଯାଇଥିଲେ । କାଲି ପରା ଛେଦରା ଘାଟରେ ଡଙ୍ଗା ବୁଡ଼ି ପା* ଜଣ ମରିଛନ୍ତି । ଏ ଗୋବରୀ ନଈଟା ମଣିଷକୁ ସହୁନି ।"

ନରିମାଷ୍ଟ୍ର ସେ ଲୋକଟା ଉପରକୁ ରାଗି ଯାଉଥିଲା । ତଥାପି ଭାଗବତର ପଦୁଟିଏ ତା' ପାଟିରୁ ବାହାରି ପଡ଼ିଲା-

"ଦଇବ ଦଉଡ଼ି ମଶିଷ ଗାଈ
ଯେଣିକି ଓଟାରେ ତେଣିକି ଯାଇ ।"

ଏତେ ଜୋର୍‌ରେ ବର୍ଷା ପବନ ହେଲା, ନରିମାଷ୍ଟ୍ର ତା' ହୁଲିକୁ ଆଉ ନିୟନ୍ତ୍ରଣରେ ରଖି ପାରିଲାନି ।

ହୁଲି ଠିକ୍ ମଝି ନଈରେ ହୋଇଛି କି ନାହିଁ ଅଧିକ ଟଳମଳ ହେଲା । ଥିଲା ଥିଲା ଗୋଟାଏ ବିରାଟ ଲହଡ଼ି ହୁଲିକୁ ଜୋର୍‌ରେ ପିଟିଦେଲା । ହୁଲି ଓଲଟି ପଡ଼ିଲା ମଝି ନଈରେ ।

ମଙ୍ଗୁଳା କନ୍ୟା ବୋଧେ ସେଦିନ ଭଲ ଯୋଗରେ ବାହାରି ନଥିଲା କି କ'ଣ ?

ନରିମାଷ୍ଟ୍ର ସିଧା ନଈ ଭିତରକୁ ଡେଇଁ ପଡ଼ି ବୁଡ଼ି ଯାଉଥିବା ମଙ୍ଗୁଳା କନ୍ୟାକୁ ଧରି ବହୁ କଷ୍ଟରେ ପହଁରି ପହଁରି କୂଳରେ ପହଞ୍ଚିଲା ।

ମଙ୍ଗୁଳା କନ୍ୟାର ବାପା, ଭାଇ ପହଁରି ପହଁରି ଆସି କୂଳରେ ଲାଗିଲେ । ଓଃ, ଗୋଟା ବଡ଼ ବିପଦ ଟଳିଗଲା ।

ଆମେସବୁ ପିଲାମାନେ ପହଁରି ପହଁରି ଗୋବରୀ କୂଳରେ ଲାଗିଗଲୁ । ଯେହେତୁ ଆମେସବୁ ଗୋବରୀ ନଈରେ ପହଁରି ପହଁରି ଅଭ୍ୟସ୍ତ ହୋଇ ଯାଇଥିଲୁ, ସେଥିପାଇଁ ଆମେ ସେଦିନ ରକ୍ଷା ପାଇଗଲୁ । ଭାଗ୍ୟ ଭଲ, ସେଦିନ ଡଙ୍ଗା ବୁଡ଼ିରେ କେହି ମଲେନି ।

ଆମେସବୁ ଆଉ କେନ୍ଦ୍ରାପଡ଼ା ବିଜ୍ଞାନମେଳା ନ ଯାଇ ଓଦା ପଚରା ଅବସ୍ଥାରେ ଗାଁକୁ ଫେରିଲୁ । ସେତେବେଳକୁ ଗାଁରେ ରାଷ୍ଟ୍ର ହୋଇଯାଇଥାଏ ନରିମାଷ୍ଟ୍ରର ହୁଲି ଡଙ୍ଗା ବୁଡ଼ି ଯାଇଛି ।

ବୋଉ ଖାଲି ମଙ୍ଗଳା ଠାକୁରାଣୀଙ୍କ ପାଖରେ ମୁଣ୍ଡ ବାଡ଼େଇ କାନ୍ଦୁଥାଏ ।

ଯାହା ହେଉ ନରିମାଷ୍ଟ୍ର ସେ ମଙ୍ଗୁଳା କନ୍ୟାକୁ ଟେକି ଟେକି ଆଣି ସେପଟ ଘାଟରେ ଲଗାଇ ଦେଲା । କେଜାଣି ବୁଢ଼ା ନରିମାଷ୍ଟ୍ରର ଏତେ ବଳ କୋଉଠୁ ଆସିଲା ?

ନରିମାଷ୍ଟ୍ର ଏଭଳି ଅବସ୍ଥାରେ ବି ଗୀତଟିଏ ମାରିବାକୁ ଭୁଲିଲାନି । ଭଗବାନଙ୍କୁ ଧନ୍ୟବାଦ ଦେଇ ନରିମାଷ୍ଟ୍ର ମଙ୍ଗୁଳା କନ୍ୟା ଉଦ୍ଦେଶ୍ୟରେ ଆଉ ପଦେ ମାରିଲା-

"ଥିଲା କି ଯୋଗ
କୁଣ୍ଢାଖାଇକି ମୋ' ନୃପତି ଭୋଗ ।"

ମଙ୍ଗୁଳା କନ୍ୟାକୁ ଟେମ୍ପୋରେ ବସେଇ ବର ଘରକୁ ନିଆଗଲା ।

ନରିମାଷ୍ଟ୍ରର ହୁଲି ବୁଡ଼ିଯିବା ଖବର ଶୁଣି ବାପା ବିଲରୁ ହଳକାମ ଛାଡ଼ି ସିଧା ଭେଡ଼ାରେ ଭେଡ଼ାରେ ଓରତ ଘାଟରେ ପହଞ୍ଚି ଯାଇଥିଲେ । ଆମେସବୁ ଓଦାପଟା ହୋଇ ଘରକୁ ଫେରୁଥାଉ ।

ପେର୍ଜପୁର ନଦୀବନ୍ଧ ନିକଟରେ ବାପା ଆମକୁ ଦେଖି ସାମାନ୍ୟ ଆଶ୍ୱସ୍ତ ହେଲେ । ବାପା ଆମମାନଙ୍କୁ ସାଙ୍ଗରେ ନେଇ ଗାଁକୁ ଫେରିଲେ ।

ଆମେସବୁ ଗାଁରେ ପହଞ୍ଚିବା ଖବର ପାଇବା ପରେ ବୋଉ ମା' ମଙ୍ଗଳାଙ୍କ ନିକଟରୁ ଆସି ଆମକୁ ଦେଖି ନିଶ୍ୱାସ ମାରିଲା । ଆଶ୍ୱସ୍ତ ହେଲା ।

ବୋଉ ମଙ୍ଗଳା ଠାକୁରାଣୀଙ୍କ ପ୍ରତି କୃତଜ୍ଞତା ଜଣାଇ କହିଲା- "ହେ, ମା' ମଙ୍ଗଳା ତୋ' କୃପାରୁ ମୋ' ପିଲା ଜୀବନ ପାଇ ଫେରିଲା । ତତେ ମାଟି ଘୋଡ଼ାଟିଏ ଦେବି । କଳାଛିଟ ଆଉ ନାଲି ଶଙ୍ଖା ଦେବି ଲୋ ମା' । ତୁ ମୋ' ପିଲାକୁ ଘ[ଘୋଡ଼େଇ ରଖିଥା ।"

ବାପା ନିରବରେ ଠିଆ ହୋଇଥାନ୍ତି । ତାଙ୍କ ପାଟିରୁ କିଛି ବି ବାହାରୁ ନଥାଏ । ଆମମାନଙ୍କୁ ଏକୁଟିଆ କେନ୍ଦ୍ରାପଡ଼ା ଛାଡ଼ିଥିବାରୁ ନିଜକୁ ଦୋଷୀ ଦୋଷୀ ମନେ କରୁଥାନ୍ତି ।

ବୋଉ ବାପାଙ୍କ ଉପରକୁ ଗରଗର ହୋଇ କହୁଥାଏ- "ଆଉ ଦିନେ ମୋ' ପିଲାକୁ ଏକୁଟିଆ ଛାଡ଼ନି ତ ଦେଖିବି ?"

୧୦

ଭାରତ ସରକାର ଜମ୍ମୁ ଦ୍ୱୀପରେ ପୂର୍ବ ପାକିସ୍ତାନ ତଥା ନୂତନ କରି ସୃଷ୍ଟି ହୋଇଥିବା ବଙ୍ଗଳାଦେଶର ଶରଣାର୍ଥୀମାନଙ୍କୁ ଥଇଥାନ କରିଥାନ୍ତି । ସରକାରଙ୍କ ଏ ନିଷ୍ପ□ିରେ ଅଜା ଖୁସି ନଥାନ୍ତି ।

ବଙ୍ଗଳାଦେଶୀ ଶରଣାର୍ଥୀମାନେ ଏଠାରେ ବସବାସ କରିବା ପରେ ଜମ୍ମୁଦ୍ୱୀପର ପ୍ରାକୃତିକ ଶୋଭା ନଷ୍ଟ ହୋଇ ଯାଇଛି । ଏଠାକାର ବିସ୍ତୀର୍ଣ୍ଣ ହେନ୍ତାଳ ବନ ଧ୍ୱଂସ ପାଇ ଯାଇଛି । ଗୋବରୀ ନଈକୁ ପୋତି ତା' ଛାତି ଉପରେ ଠିଆ ହୋଇଛି କୋଠାବାଡ଼ି ଓ କଳକାରଖାନା ।

ଜମ୍ମୁ ଦ୍ୱୀପରେ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବସବାସ କଲା ଦିନୁ ଅଜାଙ୍କର ଝାର କାରବାର ବନ୍ଦ ହୋଇଗଲା ବୋଲି ମୁଁ ପୂର୍ବରୁ କହିଛି । ଏହା ପୂର୍ବରୁ ଫଲ୍‌ସ ପଏ[ବନ୍ଦର ଅକାମୀ ହୋଇ ଯାଇଥିଲା । ଜମ୍ମୁ କେନାଲ ଓ କେନ୍ଦ୍ରାପଡ଼ା କେନାଲ ପୋତି ହୋଇଯିବାରୁ ସେଥିରେ ଆଉ ଷ୍ଟିମର କି ଡଙ୍ଗା ଚଳାଚଳ କରୁ ନଥିଲା । ଫଲ୍‌ସ ପଏ[ବନ୍ଦରରେ ଜାହାଜ ଲାଗୁ ନଥିଲା ।

ଅଜା ତାଙ୍କ ଟିପା ଖାତାରେ ଫଲ୍‌ସ ପଏ[ବନ୍ଦର କାରବାର କାହିଁକି ବନ୍ଦ ହେଲା ଏବଂ ଜମ୍ମୁଦ୍ୱୀପ କିପରି ଶ୍ରୀହୀନ ପାଲଟିଲା; ସେ ସମ୍ପର୍କରେ ବିସ୍ତୃତ ଭାବେ ଲେଖି ରଖିଥିଲେ ।

ବଙ୍ଗଳାଦେଶୀମାନେ ଜମ୍ମୁ ଦ୍ୱୀପକୁ ଅକ୍ତିଆର କରି ପୃଥିବୀର ବିରଳ ହେନ୍ତାଳ ଜଙ୍ଗଲକୁ ନଷ୍ଟ କରିଦେଲେ । ଖାଲି ଜମ୍ମୁ ଦ୍ୱୀପ କାହିଁକି, ସେପଟେ ରାଜନଗର, ଭିତରକନିକା, ଗୁପ୍ତି, ଡାଙ୍ଗମାଳ, ରଙ୍ଗଣି, ତାଳଚୁଆ, ଧାମରା, ଚୁଡ଼ାମଣି, ଇରମ୍, ଇ*ୁଡ଼ି, ବାହାବଳପୁର, ବଳରାମଗଡ଼ି, କୀ□ିନିଆ, ତଳସାରୀ ଆଦି ଅ*ଳରେ ବି ବଙ୍ଗଳାଦେଶୀମାନେ ଜନବସତି ଗଡ଼ି ହେନ୍ତାଳ ଜଙ୍ଗଲକୁ ସଫା କରିବାରେ ଲାଗି ପଡ଼ିଲେ । ବଙ୍ଗଳାଦେଶୀମାନେ ଓଡ଼ିଶାରେ ବସବାସ କରିବା ପରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଉପକୂଳ ଅ*ଳରେ ଥିବା ବିସ୍ତୀର୍ଣ୍ଣ ହେନ୍ତାଳ ଜଙ୍ଗଲ ସଫା ହୋଇଗଲା ।

ଆଜି ଅଜା ନାହାନ୍ତି । କିନ୍ତୁ ଅଜାଙ୍କ ମନରେ ଯେଉଁ ସଂଶୟ ଥିଲା, ତାହା ସତ୍ୟ

ପ୍ରମାଣିତ ହୋଇଛି । ଅଜା ଭଲକରି ଜାଣିଥିଲେ, ଏ ବଙ୍ଗଳାଦେଶୀମାନେ ଜମ୍ବୁଦ୍ୱୀପର ହେନ୍ତାଳ ବନକୁ ଧ୍ୱଂସ କରିଦେବେ ।

ଆଜି ଖରିନାସୀର ଜଣେ ବଙ୍ଗଳାଦେଶୀ ଘରୁ ପାଖାପାଖି ପଚାଶ କିଲୋ ହରିଣ ମାଂସ ଜବତ ହୋଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ଗତ କିଛିଦିନ ତଳେ ତାଳଗୁଆର ଜଣେ ବଙ୍ଗଳାଦେଶୀ ପାଖରୁ ଦୁଇ ବସ୍ତା ସମୁଦ୍ର କଇଁଛ ଧରା ପଡ଼ିଥିଲା । ଜମ୍ବୁରୁ ବକୁଳ ନଈ ବାଟେ ପାରାଦୀପକୁ ଜଳ ପଥରେ ଚାଲାଣ ହେଉଥିବା ଚୋରାକାଠ ବୋଝେଇ ଡଙ୍ଗା ବି ଜମ୍ବୁ ସାମୁଦ୍ରିକ ପୁଲିସ ହାତରେ ଜବତ ହୋଇଥିଲା । ବଙ୍ଗଳାଦେଶୀମାନେ ଏସବୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ।

ବଙ୍ଗଳାଦେଶୀଙ୍କ ଯୋଗୁଁ ଜମ୍ବୁ ହେନ୍ତାଳ ବନ ଧ୍ୱଂସ ପାଇଯିବ ବୋଲି ଅଜା ଆଶଙ୍କା କରୁଥିଲେ । ଅଜା ତାଙ୍କ ଟିପା ଖାତାରେ ଏସବୁ ଲେଖି ରଖିଥିଲେ । ଅଜା ସତରେ ଦୂରଦ୍ରଷ୍ଟା ଥିଲେ ।

ମରିବା ପର୍ଯ୍ୟନ୍ତ ଅଜା ଗୋଟିଏ କଥା ସବୁବେଳେ କହୁଥିଲେ- "ଏ ବଙ୍ଗଳାଦେଶୀମାନେ କେନ୍ଦ୍ରାପଡ଼ା ଉପକୂଳର ହେନ୍ତାଳ ବନକୁ ବୁଡ଼ାଇଦେବେ ।"

ଅଜା ଯାହା ଆଶଙ୍କା କରୁଥିଲେ, ତାହା ସତ୍ୟ ପ୍ରମାଣିତ ହୋଇଛି । ଅଜା କହୁଥିଲେ, ଦିନ ଆସିବ, ଆଉ ଏ ହେନ୍ତାଳ ଜଙ୍ଗଲ ନଥିବ । ସତକୁ ସତ ଆଜି ଜମ୍ବୁଦ୍ୱୀପ ହେନ୍ତାଳ ଜଙ୍ଗଲଶୂନ୍ୟ ହୋଇଯାଇଛି ।

ଜମ୍ବୁ, ରାମନଗର ଓ ଖରିନାସୀ ଅ*ଳ ଏକ 'ମିନି ବଙ୍ଗଳାଦେଶ'ରେ ପରିଣତ ହୋଇଛି । ଏ ଅ*ଳରେ ପାଖାପାଖି ତିରିଶ ପଇଁତିରିଶ ଗାଁରେ ବଙ୍ଗଳାଦେଶୀମାନେ ରହୁଛନ୍ତି ।

ଆଜି ବି ମାଛ ଧରିବା ବାହାନାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ନିଜ ଦେଶରୁ ଜମ୍ବୁଦ୍ୱୀପକୁ ଡଙ୍ଗାରେ ଚାଲି ଆସୁଛନ୍ତି । ଯେବେ ଯେବେ ବଙ୍ଗଳାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଛି, ସେମାନେ ଭୟରେ ଦେଶ ଛାଡ଼ି ଏଠାକୁ ଚାଲି ଆସୁଛନ୍ତି । ଫଳରେ ଓଡ଼ିଶା ଉପକୂଳରେ ଦିନକୁ ଦିନ ବଙ୍ଗଳାଦେଶୀ ଅନୁପ୍ରବେଶ ବଢ଼ି ବଢ଼ି ଚାଲିଛି ।

ଯେଉଁ ଜମ୍ବୁଦ୍ୱୀପ ଭାରତବର୍ଷର ଏକ ଶ୍ରେଷ୍ଠ ଭୂଖଣ୍ଡ ଥିଲା ଏବଂ ଯେଉଁଠାରେ ପ୍ରାଚୀନ ଉତ୍କଳୀୟ ସାଧବମାନେ ବସବାସ କରି ଦରିଆପାରି ଦେଶମାନଙ୍କ ସହ ବାଣିଜ୍ୟ କରୁଥିଲେ, ସେହି ଜମ୍ବୁଦ୍ୱୀପ ଆଜି ଶ୍ରୀହୀନ ପାଲଟି ଯାଇଛି ।

ଇଂରେଜ ସରକାରଙ୍କ ଶାସନ କାଳର ଶେଷ ପର୍ଯ୍ୟନ୍ତ ବି ଗୋବରୀ ନଈ ସୁନାବ୍ୟା ଥିଲା ଓ ଜମ୍ବୁଦ୍ୱୀପ ହେନ୍ତାଳ ଜଙ୍ଗଲରେ ପୂର୍ଣ୍ଣ ଥିଲା । ଦେଶ ସ୍ୱାଧୀନତା ପାଇବା ପରେ ଜମ୍ବୁଦ୍ୱୀପ ତା'ର ପରିଚୟ ହରାଇ ବସିଲା ।

ଇଂରେଜ ସରକାର ଗୋବରୀ ନଈ ସହ ଜମ୍ବୁ କେନାଲ, ଗୋବରୀ କେନାଲ ଓ କେନ୍ଦ୍ରାପଡ଼ା କେନାଲକୁ ସଂଯୋଗ କରି ଏକ ସୁଗମ ଜଳପଥ ପ୍ରସ୍ତୁତ କରିଥିଲେ । କେନାଲ ମାଧ୍ୟମରେ ଗୋବରୀ ସହ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀକୁ ସଂଯୁକ୍ତ କରାଯାଇଥିଲା ।

କେନ୍ଦ୍ରାପଡ଼ା କେନାଲ କୁଆଡ଼େ ସବୁଠୁ ପୁରୁଣା କେନାଲ ବୋଲି ଅଜା କହୁଥିଲେ । ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜ ସରକାର କେନାଲ ମାଧ୍ୟମରେ ଉଭୟ ଜଳସେଚନ ଓ ପରିବହନ ପାଇଁ ଚିନ୍ତା କଲେ ।

ନ'ଅଙ୍କ ଦୁର୍ଭିକ୍ଷ ପରେ ୧୮୭୯ ମସିହା ମେ ୨୯ ତାରିଖରେ କେନ୍ଦ୍ରାପଡ଼ା କେନାଲରେ ପ୍ରଥମ ପାଣି ଛଡ଼ାଯାଇଥିବା କଥା ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ । ତା'ପରେ ଜମ୍ବୁ କେନାଲରେ ପାଣି ଛଡ଼ା ଯାଇଥିଲା । ସେତେବେଳେ କେନାଲମାନେ ନଈର ଭ୍ରମ ସୃଷ୍ଟି କରୁଥିଲେ । କେନାଲ ଦେଇ ଷ୍ଟିମର ଓ ଲ*୍ଚ ଚଳାଚଳ କଲା । ସ୍ଥାନୀୟ ଲୋକେ ଡଙ୍ଗାରେ ମାଲ୍ ପରିବହନ କଲେ ।

ମୋ' ଅଜା ଓ ମାମୁମାନେ ଜମ୍ବୁ ଓ କେନ୍ଦ୍ରାପଡ଼ା କେନାଲ ଦେଇ କଟକରୁ ମାଲ୍ ଆଣୁଥିଲେ । ଗୋବରୀ ନଈ ଦେଇ ବିଭିନ୍ନ ଅ*ଳରୁ ଝୋଟ, କପା, ଚାଉଳ ଆଦି ସଂଗ୍ରହ କରୁଥିଲେ ।

୧୯୬୪ ମସିହାରେ କଟକରେ ମହାନଦୀ ପୋଲ ନିର୍ମାଣ ହେଲା । ତା'ପରେ ଜଳପଥ ଦେଇ ପରିବହନ କ୍ରମେ ଶିଥିଳ ହେଲା । କଟକ ମହାନଦୀ ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ କେନାଲ ପଥ ଦେଇ ମୋ' ଅଜା ଓ ମାମୁମାନେ ଡଙ୍ଗା ଦ୍ୱାରା ମାଲ୍ ପରିବହନ କରୁଥିଲେ ।

କଟକ ଜୋବ୍ରା ଘାଟରୁ ଫଲ୍ସ ପଏ[ବନ୍ଦର ମଧ୍ୟରେ କେନ୍ଦ୍ରାପଡ଼ା କେନାଲ ଓ ଜମ୍ବୁ କେନାଲ ଦେଇ ସପ୍ତାହକୁ ତିନି ଥର ଯାତ୍ରୀବାହୀ ଷ୍ଟିମର ଯାତାୟତ କରୁଥିଲା । ସେହିଭଳି ସମୁଦ୍ର ପଥରେ ଫଲ୍ସ ପଏ[ବନ୍ଦରରୁ କଲିକତା ମଧ୍ୟରେ ଯାତ୍ରୀବାହୀ ଜାହାଜ ଓ ଷ୍ଟିମର ଚଳାଚଳ କରୁଥିଲା ବୋଲି ଅଜା ତାଙ୍କ ଟିପା ଖାତାରେ ଲେଖିଥିଲେ ।

ଜମ୍ବୁ କେନାଲ ବାଟ ଦେଇ ଫଲ୍ସ ପଏ[ବନ୍ଦରରୁ କଟକ ପର୍ଯ୍ୟନ୍ତ ଷ୍ଟିମର ଚଳାଚଳ କରୁଥିବାର ମୁଁ ପିଲାଦିନେ ଦେଖିଥିଲି । ଦୂରରୁ ଷ୍ଟିମର ଆସୁଥିବ । କେନାଲରେ ବଡ଼ ବଡ଼ ଲହଡ଼ି ସୃଷ୍ଟି ହେଉଥିବ । ଷ୍ଟିମର ଭୟରେ ଆମେସବୁ ଉପରକୁ ଉଠି ଆସୁଥିବୁ ।

କେନାଲମାନଙ୍କରେ ଜଳସ୍ତରକୁ ନିୟନ୍ତ୍ରଣ କରିବା ପାଇଁ ସେତେବେଳେ ଅନେକ ଲକ୍ ବ୍ୟବସ୍ଥା କରାଯାଇଥିଲା । ନଈରେ ଜୁଆର ସମୟରେ ଲକ୍ ଦେଇ କେନାଲ ଭିତରକୁ ଜଳ ପୂରାଇ ଦିଆଯାଏ ଏବଂ ପରେ ଲକ୍‌ର ଗେଟ୍ ପକାଇ ଦିଆଯାଏ । ଫଳରେ କେନାଲରେ ପାଣି ଉଛୁଳେ ।

ଆମ ଗାଁ ପାଖ ଗଣ୍ଡାକିଆଠାରେ ଗୋବରୀ ନଈରେ ଏବଂ ଅଳଭାଠାରେ ବ୍ରାହ୍ମଣୀ ନଦୀରେ ଏମିତି ଲକ୍ ସିଷ୍ଟମ୍ କରାଯାଇଥିଲା । ଗୋବରୀ ଏକ୍‌ଷ୍ଟେନ୍‌ସନ କେନାଲ ମାଧ୍ୟମରେ ଗୋବରୀ ଓ ବ୍ରାହ୍ମଣୀ ନଦୀକୁ ସଂଯୋଗ କରାଯାଇଥିଲା । ମୁଁ ପିଲାଦିନେ ଗୋବରୀ କେନାଲକୁ ଗୋବରୀ ନଈ ବୋଲି ଭାବୁଥିଲି । ବଡ଼ ହେଲା ପରେ ଜାଣିଲି, ତାହା ଗୋବରୀ ନଈ ନଥିଲା ।

ଖରିଅ[। ନିକଟରେ ଗୋବରୀ କେନାଲରେ ଏକ ଡଙ୍ଗା ଘାଟ ଥିଲା । ପିଲାଦିନେ ମୁଁ ବାପାଙ୍କ ସହ ଏହି ଖରିଅ[। କେନାଲର ଡଙ୍ଗା ଘାଟ ପାର ହୋଇ ପଟ୍ଟାମୁଣ୍ଡେଇ ଯାଉଥିଲି । ସେତେବେଳକୁ ଖରିଅ[। କି କଖାରୁଣୀରେ ଗୋବରୀ କେନାଲ ଉପରେ ପୋଲ ହୋଇ ନଥିଲା ।

ଗଣ୍ଡାକିଆ ଲକ୍ ପାଖରେ ଛୁଆଳିଆ ଠାକୁରାଣୀ ପୀଠ ଥାଏ । ପିଲାଦିନେ ମୁଁ ଓ ସୋରିଆ ନାନୀ ହେରିକା ଛୁଆଳିଆ ଠାକୁରାଣୀଙ୍କ ନିକଟକୁ ବୁଲିଯାଉ । ସେଠି ଗଣ୍ଡାକିଆ ଲକ୍ ନିକଟରେ ଖେଳୁ । ବଡ଼ ବଡ଼ ପିଲାମାନେ ଗଣ୍ଡାକିଆ ଲକ୍‌ରେ ବନ୍‌ଶୀ ପକାଇ ମାଛ ଧରନ୍ତି ।

ଛୁଆଳିଆ ଠାକୁରାଣୀ ପ୍ରତ୍ୟେକ୍ଷ ଦେବୀ । ଡାକିଲେ ଓ' କରନ୍ତି । ତାଙ୍କ ନିକଟରେ ଛେଳି, ମେଣ୍ଢା, କୁକୁଡ଼ା ଆଉ ମାଛ ଭୋଗ ହୁଏ । ମୁଁ ଜନ୍ମ ହେବା ପୂର୍ବରୁ କୁଆଡ଼େ ମୋ' ବୋଉ ଛୁଆଳିଆ ଠାକୁରାଣୀଙ୍କୁ ବୋଦା ବଳି ଦେବାକୁ ମାନସିକ କରିଥିଲା । ସୋରିଆ ନାନୀର ବୋଉ ବି ତା ପୁଅ ଚାକିରି କରିବା ପାଇଁ ଛୁଆଳିଆ ଠାକୁରାଣୀଙ୍କୁ କଳା ବୋଦାଟିଏ ଯାଚିଥିଲା । ସୋରିଆ ନାନୀର ବଡ଼ଭାଇ ମିଲିଟାରୀ ଚାକିରି ପାଇବା ପରେ ଛୁଆଳିଆଙ୍କ ପୀଠରେ ବୋଦା ବଳି ପଡ଼ିଥିଲା । ଆମେସବୁ ଭୋଜି ଖାଇବାକୁ ଯାଇଥିଲୁ ।

ଗଣ୍ଡାକିଆ ଘାଟ ନିକଟରେ ଗୋବରୀ ନଈ ତିନିଟି ଶାଖାରେ ବିଭକ୍ତ ହୋଇଥାଏ । ଗୋଟିଏ ପଟେ କୁଙ୍କୁଣୀ ଘାଟ, ଆଉ ଗୋଟିଏ ପଟେ ଆୟେବା ଘାଟ ଏବଂ ଅନ୍ୟପଟେ ଲୋକନାଥପୁର ଘାଟ ।

ସୋରିଆ ନାନୀର ବଡ଼ଭାଇ ଯିଏ କି ମିଲିଟାରୀ ଚାକିରୀ କରି ଜମ୍ମୁ-କାଶ୍ମୀରରେ ରହୁଥାଏ, ତା' ଶ୍ୱଶୁର ଘର କୁଙ୍କୁଣୀ ଗାଁରେ । ଆମେ ଛୁଆଳିଆ ଠାକୁରାଣୀ ପୀଠ ବୁଲାବୁଲି କରିବା ପରେ ଲୋକନାଥପୁର ଘାଟରୁ କୁଙ୍କୁଣି ଘାଟ ପଟକୁ ଡଙ୍ଗାରେ ପାର ହୋଇ ସୋରିଆ ନାନୀର ନୂଆବୋଉ ଘରକୁ ଯାଉ ।

ସେତେବେଳକୁ ଗଣ୍ଡାକିଆ ପୋଲ ହୋଇ ନଥିଲା । ଗଣ୍ଡାକିଆର ଟିକେ ଦୂରକୁ ଥାଏ ଛେଦରା କିଲ୍ଲା । ସଞ୍ଜବେଳେ ପିଣ୍ଡାରେ ବସି ବାପା ଓ ବେନୁଆ ଦାଦା ଏହି ଛେଦରା କିଲ୍ଲା କଥା କେତେଥର ଗପସପ ହେଉଥିବାର ମୁଁ ଶୁଣିଥିଲି ।

ଗୋବରୀ ନଈ କୂଳରେ ଛେଦରା କିଲ୍ଲାରେ ଏକ ରାଜ ଉଆସ ଥିଲା । ଏହି ଛେଦରା

ଗଡ଼ ଅଧୀନରେ ଛେଦରା, ଗୁଣୁପୁର, ପଦ୍ମନାଭପୁର, ଲୋକନାଥପୁର, ଭାଗ୍ୟଦେଇପୁର, ଜୟସିଂହପୁର, ଡିଆ ଭାଗ୍ୟଦେଇପୁର, କଇଁକୁଳା, ମଧୁରକୂଳ, କେଉଟିଗଡ଼ ଓ ମାଳପାଟଣା ଭଳି ଏଗାରଟି ମୌଜା ଥିଲା ବୋଲି ବାପା କହୁଥିଲେ ।

ଏକଦା ଏହି ଛେଦରା କିଲ୍ଲା ଗୋବରୀ ବନ୍ୟାରେ ଧ୍ୱଂସ ପାଇଯିବାରୁ ଛେଦରା ରାଜା ଗୁଣୁପୁରରେ ନିଜର ନୂତନ କିଲ୍ଲା ସ୍ଥାପନ କରିଥିଲେ । ଆଜି ବି ଗୁଣୁପୁର ଗାଁରେ ଛେଦରା ରାଜବଂଶର ଉଆସ ପୋଖରୀ, ଉଆସ ତୋଟା, ଉଆସ ତୁଠ ଆଦି ରହିଛି । ଆମେ ପିଲାଦିନେ ଗୁଣୁପୁର ଗାଁକୁ ବୁଲିଯାଉ । ଉଆସ ପୋଖରୀରେ ପହଁରୁ ।

ପିଲାଦିନେ ପ୍ରାୟ ରବିବାର ଛୁଟିଦିନରେ ଆମେ ଗଣ୍ଡାକିଆ ଲକ୍ ଆଡ଼େ ବୁଲିଯାଉ । ସେଠାରେ ବନ୍‌ଶୀ ପକାଇ ମାଛ ଧରୁ । କାଳକ୍ରମେ କେନାଲ ମାଧ୍ୟମରେ ନୌଚାଳନା ବନ୍ଦ ହୋଇଯିବାରୁ ଏହିସବୁ ଲକ୍ ଅକାମୀ ହୋଇପଡ଼ିଲା । ଜଳପଥ ପରିବହନ ବନ୍ଦ ହୋଇଗଲା । ଅଜା ତାଙ୍କ ଟିପା ଖାତାରେ ଏକଥା ଲେଖିଥିଲେ ।

କେନାଲରେ ଛୋଟଛୋଟ ପୋଲ ନିର୍ମାଣ କରିବା ଦ୍ୱାରା ଏବଂ କେନାଲ ପୋତି ହୋଇଯିବା ଫଳରେ ଷ୍ଟିମର ପରିବହନ ବନ୍ଦ ହୋଇଗଲା ।

ଆଜି ମୁଁ ଇତିହାସର ପ୍ରଫେସର ଭାବେ ମୋ' ନିଜ ଗାଁ ଦେଇ ବହୁଥିବା ଗୋବରୀ ନଈ ଓ ପ୍ରାଚୀନ ନୌବାଣିଜ୍ୟ କାରବାର ବିଷୟରେ ଅଧିକ ଗବେଷଣା କରୁଥିବାରୁ ଏ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଛି । ଏସବୁ ସମ୍ଭବ ହୋଇଛି ମୋ' ଅଜା ଓ ବାପାଙ୍କ ପାଇଁ ।

ପିଲାଦିନେ ଅଜା ମୋତେ ଏ ବିଷୟରେ ଅନେକ କଥା କହିଥିଲେ । ବାପା ବି ତାଙ୍କ ପିଣ୍ଡା ଖଟିରେ ବେନୁଆ ଦାଦା, ଗୋପୀବୁଢ଼ାଙ୍କ ସହ ଗୋବରୀ ନଈ ବିଷୟରେ ଆଲୋଚନା କରନ୍ତି ।

ସେତେବେଳେ ଏସବୁ ମୋତେ କାହାଣୀ ଭଳି ମନେ ହେଉଥିଲା । କିନ୍ତୁ ସେସବୁ କାହାଣୀ ପଛରେ ଅନେକ ବାସ୍ତବତା ଲୁଚି ରହିଥିଲା ବୋଲି ମୁଁ ଏବେ ହୃଦ୍‌ବୋଧ କରୁଛି ।

୧୧

ଖରିନାସୀର ନବଘନ ମାଇତି ଏବେ ପ୍ରାୟ ଘରେ ବସୁଛି । ବଳ ବୟସ ଖସିଯିବାରୁ ସେ ଆଉ ସମୁଦ୍ରକୁ ମାଛ ମାରିବାକୁ ଯାଉନି । ଏବେ ତା' ପୁଅ କରୁଣା ମାଇତି ଯାଉଛିସମୁଦ୍ରକୁ ମାଛ ମାରି ।

ନବଘନ ମାଇତି ଲମ୍ବା ସମୟ ଧରି ସମୁଦ୍ରରୁ ମାଛ ମାରିଲା । ପରିବାର ପୋଷିଲା । ଏବେ ତାର ଏସବୁ କାମରୁ ଛୁଟି ।

ନବଘନ ମାଇତି ଯେତେବେଳେ ଦଶ ବର୍ଷର ହୋଇଥିଲା, ତା' ବାପା, ମା' ତାକୁ ବାହା କରେଇ ଦେଇଥିଲେ । ଆଉ ବାହା ହେବା ପରଠୁ ସେ ସମୁଦ୍ରକୁ ମାଛ ଧରି ଯାଉଥିଲା । ଆଜି ସେ ବୁଢ଼ା ହେଲା । ଏବେ ତା' ପୁଅ କରୁଣା ମାଇତି ସମୁଦ୍ରକୁ ମାଛ ମାରି ଗଲା ।

ଏଣିକି ନବଘନ ମାଇତିର ପୁଅ କରୁଣା ମାଇତି ସମୁଦ୍ରକୁ ମାଛ ମାରି ଯିବ । ବୁଢ଼ା ନବଘନ ମାଇତି ଘରେ ବସିବ । ଘରେ ଏକୁଟିଆ ବୋହୂକୁ ଜଗିବ । ଏହା ତ ସେମାନଙ୍କ ଚଳଣୀ ।

ପୁଅ ବାହା ହେଲା ପରେ ସମୁଦ୍ରକୁ ମାଛ ମାରି ଯିବ । ବୋହୂ ଘରେ ରହିବ ।

ଆଜି କରୁଣା ମାଇତି ବାହାହେଲା ପରେ ସମୁଦ୍ରକୁ ମାଛ ମାରି ଯାଉଛି । ଦିନେ ନବଘନ ମାଇତି ବି ଯାଉଥିଲା ।

ସୂର୍ଯ୍ୟ ଉଇଁବା ଆଗରୁ ସିନ୍ଦୁରା ଫାଟିବା ବେଳକୁ କରୁଣା ମାଇତି ସମୁଦ୍ରକୁ ମାଛ ମାରିବାକୁ ଚାଲି ଯାଇଥାଏ । କରୁଣା ମାଇତିର ନବ ବିବାହିତା ସ୍ତ୍ରୀ ରୂପା ଏକୁଟିଆ ଘରଟା ଭିତରେ ଶ୍ୱଶୁର ବୁଢ଼ା ସହ ରହେ । ରୂପାକୁ ନୂଆ ନୂଆ ଏହା ଭଲ ଲାଗୁ ନଥିଲା । ଭାରି ଏକୁଟିଆ ଲାଗୁଥିଲା । କିନ୍ତୁ ପରେ ଅଭ୍ୟସ୍ତ ହୋଇଗଲା ।

ରୂପା ଚୂଲିରେ ଭାତ ବସାଇଥାଏ । ଏଣୁତେଣୁ କଥା ତା' ମନକୁ ଆସୁଥାଏ । ଶ୍ୱଶୁର ନବଘନ ମାଇତି ଖଟ ଉପରେ ପଡ଼ି ଅଳସ ଭାଙ୍ଗୁଥାଏ । ଗୋଡ଼ ହାତ ଘସିଦେବାକୁ ବୋହୂ ରୂପାକୁ ଡାକୁଥାଏ ।

ରୂପାକୁ ଏବେ ବୟସ ମାତ୍ର ବାର ବର୍ଷ । ତାକୁ ଦଶ ବର୍ଷ ବୟସ ହୋଇଥିବାବେଳେ ଖରିନାସୀର କରୁଣା ମାଇତି ସହ ବାହା କରାଇ ଦିଆଗଲା । ବାହା ହେବା ବେଳକୁ କରୁଣା ମାଇତି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା । ରୂପା ପଢୁଥିଲା ପଂ*ମ ଶ୍ରେଣୀରେ ।

ବାହା ହେବା ପରେ କରୁଣା ମାଇତି ସ୍କୁଲ ଛାଡ଼ିଲା । ଏଣିକି ତା' ମୁଣ୍ଡରେ ଅନେକ ଦାୟିତ୍ୱ । ସେ ଏବେ ସମୁଦ୍ରକୁ ମାଛ ମାରିବାକୁ ଯିବ । ଘର ଚଳେଇବ । ବାପାଙ୍କୁ ବିଶ୍ରାମ କରିବାକୁ ହେବ ।

ବାହାଘର ପରଠାରୁ ରୂପା ଘଡ଼ିଏ କେବେ ଭଲକରି ତା' ସ୍ୱାମୀ କରୁଣା ମାଇତି ସହ କଥା ହେବାର ସୁଯୋଗ ପାଇନି କି ଭାବପ୍ରୀତି କରିପାରିନି । ରୂପା କେବେ ଭଲକରି ନିଜ ସ୍ୱାମୀ କରୁଣା ମାଇତିର ମୁହଁ ଦେଖିପାରିନି । କାରଣ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ କରୁଣା ମାଇତି ଘର ଛାଡ଼ି ସମୁଦ୍ରକୁ ଚାଲିଯାଇଥାଏ । ମାଛମାରି ବିଳମ୍ବିତ ରାତିରେ ଫେରେ । କ'ଣ ଗଣ୍ଡାଏ ଖାଇଦେଇ ନିଘୋଡ଼ ନିଦରେ ଶୋଇଯାଏ । ପୁଣି ପରଦିନ

ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସମୁଦ୍ରକୁ ଚାଲିଯାଏ ।

କରୁଣା ଆଉ ରୂପା ମଧ୍ୟରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ନଥାଏ କହିଲେ ଚଳେ । ରୂପା ବିରହ ବେଦନାରେ ଜଳୁଥାଏ । ଶ୍ୱଶୁର ନବଘନ ମାଇତି ବୋହୂକୁ ଘରେ ଜଗି ବସୁଥାଏ ।

ବଙ୍ଗଳାଦେଶୀ ଗାଁମାନଙ୍କରେ ନାବାଳକ ପୁତ୍ରକୁ ବାହା କରେଇ ଅସଲରେ ଶ୍ୱଶୁର-ବୋହୂଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠେ । ଏହା ଏକ ସାଧାରଣ ଘଟଣା ବୋଲି ଜୟନ୍ତ ଖଟେଇ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତିକୁ ବୁଝାଉଥିଲା ।

ଏହାର ପ୍ରମାଣ ଦେବା ଉଦ୍ଦେଶ୍ୟରେ ଜୟନ୍ତ ଖଟେଇ ଦିନେ ପ୍ରଭୁକଲ୍ୟାଣ ମହାନ୍ତିଙ୍କୁ ଖରିନାସୀର ନବଘନ ମାଇତି ଘରକୁ ଡାକିନେଲା । ପ୍ରଭୁକଲ୍ୟାଣ ମହାନ୍ତି ଆନ୍ଦୋଳନ କାମରେ କେନ୍ଦ୍ରାପଡ଼ାରୁ ଜମ୍ମୁ ଆସିଥାଏ । ଖରିନାସୀର ଜୟନ୍ତ ଖଟେଇର ଘରେ ରହୁଥାଏ ।

ଜୟନ୍ତ ଖଟେଇର ଘର ଖରିନାସୀରେ । ଖରିନାସୀରେ ବଙ୍ଗଳାଦେଶୀଙ୍କ ଭିତରେ ମାତ୍ର ଦୁଇ ତିନି ଘର ଓଡ଼ିଆ ଲୋକ ଥିଲେ । ତା' ମଧ୍ୟରେ ଜୟନ୍ତର ଘର ଗୋଟିଏ ଥିଲା ।

ବଙ୍ଗଳାଦେଶୀ ଗାଁମାନଙ୍କରେ କମ୍ ବୟସର ପୁଅ ଝିଅଙ୍କ ମଧ୍ୟରେ ବାହା କରେଇ ଦିଆଯାଏ । ବାହା ହୋଇଯିବା ପରେ ପୁଅମାନେ ସମୁଦ୍ରକୁ ମାଛ ମାରିବାକୁ ଚାଲି ଯାଆନ୍ତି । ବୋହୂମାନେ ଏକାକୀ ଘରେ ରହନ୍ତି । ବୁଢ଼ା ଶ୍ୱଶୁରମାନେ ସେମାନଙ୍କ ନାବାଳିକା ବୋହୂମାନଙ୍କ ସହ ଅନୈତିକ ସମ୍ପର୍କ ରଖନ୍ତି । ଏହା ସେମାନଙ୍କର ପରମ୍ପରା ବୋଲି ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାନ୍ତିକୁ ବୁଝାଉଥିଲା ।

ବାହାଘର ପରଠୁ ରୂପା ସ୍ୱାମୀ ସୁଖ କ'ଣ ଜାଣି ନଥିଲା । ଶ୍ୱଶୁର ନବଘନ ମାଇତି ପାଖରୁ ଯାହା ସ୍ୱାମୀ ସୁଖ ପାଉଥିଲା । ଶାଶୂ ମରି ଯାଇଥିବାରୁ ବୁଢ଼ାଟା ଏକୁଟିଆ ହୋଇ ଯାଇଥିଲା । ଏଣୁ କରୁଣା ମାଇତି ସମୁଦ୍ରକୁ ମାଛ ମାରି ଗଲା ପରେ ଘରେ କେବଳ ଶ୍ୱଶୁର-ବୋହୂ ରହୁଥିଲେ ।

ଅନ୍ୟପଟେ, ବାପାଙ୍କ ଯତ୍ନରେ ଯେମିତି ସାମାନ୍ୟ ଅବହେଳା ନ ହୁଏ, କରୁଣା ମାଇତି ତା' ସ୍ତ୍ରୀ ରୂପାକୁ ବୁଝେଇ ଦେଇଥାଏ । ଏଣୁ ରୂପା ସ୍ୱାମୀ କରୁଣା ମାଇତିର କଥା ମାନି ଶ୍ୱଶୁରର ସେବାଯତ୍ନରେ ଅବହେଳା କରେନା ।

ସେଦିନ ମଧ୍ୟାହ୍ନ ସମୟ । ଜୟନ୍ତ ଖଟେଇ ଏବଂ ପ୍ରଭୁକଲ୍ୟାଣ ମହାନ୍ତି ନବଘନ ମାଇତିର ଘରେ ପହଁଚିଲେ । ନବଘନ ମାଇତିର ଘର ଭିତର ପଟୁ କବାଟ କିଳା ହୋଇଥାଏ ।

ଜୟନ୍ତ ଖଟେଇ ଡାକ ଛାଡ଼ିଲା- "ନବଘନ ଦା' ଘରେ ଅଛ ?"

ଧଇଁସଇଁ ଅବସ୍ଥାରେ ଧୋତି ସଜାଡ଼ି ନବଘନ ମାଇତି କବାଟ ଖୋଲିଲା । ବୁଢ଼ାର ଦେହରେ, ମୁହଁରେ ଝାଳ ଫୁଟି ପଡୁଥାଏ । ଶୀତ ଦିନଟାରେ ବୁଢ଼ା ଦେହରେ ଏତେ

ଝାଳ କାହିଁକି ? ପ୍ରଭୁକଲ୍ୟାଣ ମହାନ୍ତି ମନରେ ସନ୍ଦେହ ବଢ଼ିଲା ।

ଜୟନ୍ତ ଖଟେଇ କହିଲା- "କି ନବଘନ ଦା, ଘରେ କେହି ନାହାନ୍ତି କି ?"

ନବଘନ ମାଇତି କହିଲା- "କରୁଣା ମାଛ୍ ଧୋର୍‌ତେ ସମୁଦର କେ ଗେଛୋ । ବାଡ଼ିତେ ଆମ୍‌ରା ଶ୍ୱଶୁର୍ ବୋଉମା' ରୋଏଛୁ । ବୁଢ଼ା ଲୋକ୍‌ଟି ବୋଉମା'ର ଆଶ୍ରୟେ ପଡ଼େ ରଏଛେ ।"

ଜୟନ୍ତ ଖଟେଇ କହିଲା- "କି ଦାଦା, ଶୀତ ଦିନଟାରେ ଦେହରୁ ଏତେ ଝାଳ କାହିଁକି ବୋହୁଛି ? ଦେହ ଭଲ ନାହିଁକି ?"

ନବଘନ ମାଇତି ଥଙ୍ଗଥଙ୍ଗ ହୋଇ କହିଲା- "ନା, ନା, ଜୟନ୍ତ ଦା, ଟୁଲୋଟ୍ ପାଶେ ବୋସେ । ଭାତେର ଫ୍ୟାନ୍ ଗାଲ୍‌ଛିଲନ୍ । ସାମାନ୍ୟ ଗରମ୍ ହୋଏଛିଲନ୍ ।"

ବୁଢ଼ା ନବଘନ ମାଇତି ମନେ ମନେ ଭାବୁଥାଏ, ଜୟନ୍ତ ଖଟେଇ ତାକୁ ସନ୍ଦେହ କରୁଛି କି ? ଏଣୁ ସେ କିଛି ସମୟ ଗୁମ୍ ଖାଇଗଲା ।

ରୂପା ତରବର ହୋଇ ଶାଢ଼ୀ ପିନ୍ଧି ପକାଇ ବାରି ଅଗଣା ଆଡ଼କୁ ଚାଲି ଯାଉଥିବାର ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାପାତ୍ରକୁ ଆଖି ଠାରି ଦେଖାଇଲା ।

ପ୍ରଭୁକଲ୍ୟାଣ ମହାନ୍ତିକୁ ସେତେବେଳେ ଶୋଷ ଲାଗୁଥିଲା । ପାଣି ପିଇବା ପାଇଁ ନବଘନ ମାଇତିକୁ କହିଲା ।

ବୁଢ଼ା ନବଘନ ମାଇତି ଡାକ ଛାଡ଼ିଲା- "ରୂପା, ମା' ରୂପା, ଏ ବାବୁର୍ ଜୋନେ ଏକ ଗ୍ଲାସ୍ ଜଲ୍ ଏନେଦାଓ ।"

ରୂପା ଭିତରୁ ଥାଇ ଉ□ର ଦେଲା- "ଯାଉଛି ବାପା, ଯାଉଛି ।"

ରୂପା ଏକ ବଡ଼ ପିତଳ ଗ୍ଲାସରେ ପ୍ରଭୁକଲ୍ୟାଣ ମହାନ୍ତି ହାତକୁ ପାଣି ବଢ଼ାଇ ଦେଲା ।

ପ୍ରଭୁକଲ୍ୟାଣ ମହାନ୍ତି ଅନୁମାନ କଲା, ରୂପାକୁ ଏବେ ଦଶ କି ବାର ବର୍ଷରୁ ଅଧିକ ହୋଇ ନଥିବ । କିନ୍ତୁ ମୁଣ୍ଡରେ ସିନ୍ଦୁର, ହାତରେ ଶଙ୍ଖା ପିନ୍ଧିଛି । ଏଯାଏ ସେ ଭଲ କରି ଶାଢ଼ୀ ପିନ୍ଧିବା ଶିଖିନି । ଧୂଳି ଖେଳିବା ବୟସରେ ତାକୁ ବାହା କରେଇ ଦିଆଯାଇଛି ।

ପ୍ରଭୁକଲ୍ୟାଣ ମହାନ୍ତି ମନେମନେ ଭାବୁଥିଲା, ନାବାଳିକା ବିବାହ ଆଇନ ଦୃଷ୍ଟିରୁ ଦଣ୍ଡନୀୟ ଅପରାଧ । ଏହା ବିରୋଧରେ ମାମଲା ରୁଜୁ ହେବା ଆବଶ୍ୟକ । କିନ୍ତୁ ଏହା ତା'ର କାମ ନୁହେଁ । ସେ କେବଳ ହେନ୍ତାଳ ବନ ସୁରକ୍ଷା ପାଇଁ ବଙ୍ଗଳାଦେଶୀଙ୍କ ବିରୋଧରେ ଲଢ଼େଇ କରୁଛି । ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ବିରୋଧ କରୁଛି ।

ଜୟନ୍ତ ଖଟେଇ ଓ ପ୍ରଭୁକଲ୍ୟାଣ ମହାନ୍ତି ଖରିନାସୀ ଗାଁ ଭିତରକୁ ପଶୁ ପଶୁ ଛକରେ ପନ୍ଦର କୋଡିଏ ଜଣ ବଙ୍ଗାଳୀ ଲୋକଙ୍କୁ ଦେଖିଥିଲେ । ଜୟନ୍ତ ଖଟେଇ ସେ ବଙ୍ଗାଳୀ ଲୋକଙ୍କୁ ଚିହ୍ନି ନଥିଲା କି କେବେ ଗାଁରେ ଦେଖି ନଥିଲା । ସେମାନେ ଖରିନାସୀ ଗ୍ରାମର

କେହି ନଥିଲେ ।

ନିଶ୍ଚୟ ସେମାନେ ବଙ୍ଗଳାଦେଶରୁ ଆସିଥାଇ ପାରନ୍ତି ବୋଲି ଜୟନ୍ତ ଖଟେଇ ଅନୁମାନ କଲା ।

ଜୟନ୍ତ ଖଟେଇ ନବଘନ ମାଇତି ଉଦ୍ଦେଶ୍ୟରେ କହିଲା- "ଦାଦା, ଗାଁକୁ କିଏ ନୂଆ ଲୋକ ଆସିଛନ୍ତି କି ?"

ନବଘନ ମାଇତି ହଠାତ୍ କ'ଣ ଉ□ର ଦେବ ଜାଣି ପାରିଲାନି । ସେ ଭଲକରି ଜାଣିଛି, ଦୁଇ ଦିନ ତଳେ ବଙ୍ଗଳାଦେଶରୁ କିଛି ଲୋକ ଖରିନାସୀ ଆସିଛନ୍ତି ।

ନବଘନ ମାଇତିର ପାଟି ଖନି ମାରିଗଲା । ଥଙ୍ଗ ଥଙ୍ଗ ହୋଇ କହିଲା- "କାହିଁ ନାଇଁ ତ ? ମୁଁ କିଛି ଜାଣିନାଇଁ ।"

ଜୟନ୍ତ ଖଟେଇ କହିଲା- "ଆମେ ପରା ଛକରେ ଦେଖି ଆସିଲୁ । ସେମାନେ ତ ଖରିନାସୀର ଲୋକ ନୁହଁନ୍ତି । ନିଶ୍ଚୟ ବାହାରୁ ଆସିଛନ୍ତି ।"

ଜୟନ୍ତ ଖଟେଇ ଓ ପ୍ରଭୁକଲ୍ୟାଣ ମହାନ୍ତି ନବଘନ ମାଇତିର ଘରୁ ଉଠି ଚାଲି ଆସିଲେ । ଦୁହେଁ ଚା ପିଇବାକୁ ରାମନଗର ବଜାର ଆଡ଼େ ଗଲେ ।

ଖରିନାସୀ ଗାଁକୁ ବଙ୍ଗଳାଦେଶରୁ କିଛି ଲୋକ ଆସିଛନ୍ତି ବୋଲି ରାମନଗର ବଜାରରେ ପ୍ରଚାର ହୋଇ ଯାଇଥାଏ ।

ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାନ୍ତିକୁ କହିଲା- "ନବଘନ ମାଇତି ଆମକୁ ସତ କହିଲା ନାହିଁ । ନିଶ୍ଚୟ ସେ କିଛି ଲୁଚାଇଲା ।"

ବଙ୍ଗଳାଦେଶୀମାନେ ଖରିନାସୀ ଆସିଛନ୍ତି । ସେମାନଙ୍କୁ ଧରି ପୁଲିସରେ ଦେବାକୁ ହେବ । ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାନ୍ତିକୁ କହିଲା ।

ଗତ କିଛିଦିନ ହେବ ଜମ୍ମୁ ଅ*ଳକୁ ବହୁ ସଂଖ୍ୟାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ପଶି ଆସୁଛନ୍ତି ବୋଲି ଶୁଣିବାକୁ ମିଳୁଛି । ମାଛ ଧରିବା ବାହାନାରେ ଡଙ୍ଗା ଧରି ବଙ୍ଗଳାଦେଶରୁ ଚାଲି ଆସୁଛନ୍ତି । ସରକାର ସବୁ ଜାଣି ବି ଚୁପ୍ ରହୁଛି । ଜୟନ୍ତ ଖଟେଇ ସରକାରଙ୍କ ଉପରେ ଅସନ୍ତୁଷ୍ଟ ହେଉଥିଲା ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଲୁଚିଛପି ଜମ୍ମୁ, ରାମନଗର, ଖରିନାସୀ ଅ*ଳକୁ ଆସୁଛନ୍ତି । ଜମ୍ମୁଦ୍ୱୀପକୁ ଘେରି ରହିଥିବା ବତୀଘର, ବଡ଼ଟୁବି, ସାନଟୁବି, ନିପାଣିଆ, ବରକୋଳି ଖୋଳା, ଭାଟେଣି, ରାମନଗର, ଖରିନାସୀ, ହରିଆବାଙ୍କ, ବରକନ୍ଦା, ଛେଡ଼ାକଣି, ବାରଡାଙ୍ଗ, ଭିତର ସୋବଳା, ନନ୍ତାର, ବଡ଼ମଠ, ବଉଳକଣି, ଛପାଲି ବଡ଼ଡୋଟା, ହେଟାମୁଣ୍ଡିଆ, ବାହାକୁଦ, କଂସାରଡିଆ ଆଦି ଗାଁରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଭ□ି ହୋଇଗଲେଣି ବୋଲି ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାନ୍ତିକୁ କହୁଥିଲା ।

ବଙ୍ଗଳାଦେଶୀମାନେ କେନ୍ଦ୍ରାପଡ଼ା, ମହାକାଳପଡ଼ା, ପଟ୍ଟାମୁଣ୍ଡେଇ ଅ*ଳରେ ନାନା ପ୍ରକାର ହରେକ୍‌ମାଲ୍ ବ୍ୟବସାୟ କରୁଛନ୍ତି, ରଙ୍ଗମିସ୍ତ୍ରୀ କାମ କରୁଛନ୍ତି, ରାଜମିସ୍ତ୍ରୀ କାମ କରୁଛନ୍ତି ଓ ଚୋରି ଡକାୟତ କରୁଛନ୍ତି । ନକଲି ସୁନା କାରବାର କରୁଛନ୍ତି । ବର୍ଷକ ମଧ୍ୟରେ ଟଙ୍କା ଡବଲ କରିବାକୁ କହି ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇ ପୁଣି ବଙ୍ଗଳାଦେଶକୁ ଚାଲି ଯାଉଛନ୍ତି ।

ବର୍ଷକରେ ଟଙ୍କା ଦୁଇଗୁଣ କରାଇ ଦେବ କହି ଜଣେ ବଙ୍ଗଳାଦେଶୀ ଯୁବକ ଛପାଲିର ବୀରବର ସାହୁଠାରୁ ପା* ଲକ୍ଷ ଟଙ୍କା ଲୁଟିନେଇ ବଙ୍ଗଳାଦେଶକୁ ଚାଲି ଯାଇଛି । ଏ ଯାଏ ତା'ର ଖୋଜଖବର ନାହିଁ । ଏ ନେଇ ଜମ୍ମୁ ସାମୁଦ୍ରିକ ଥାନାରେ ବୀରବର ସାହୁ ଏତଲା ଦେଇଥିଲେ ବି ପୁଲିସ ତା'ର ସୁରାକ୍ ପାଇନି ।

ବଙ୍ଗଳାଦେଶୀମାନେ ଡଙ୍ଗାରେ ସମୁଦ୍ର ପଥ ଦେଇ ଜମ୍ମୁ ଅ*ଳକୁ ଚାଲି ଆସୁଛନ୍ତି । କିଛିଦିନ ତଳେ ହରିଆବାଙ୍କ ଗାଁଲୋକେ ସନ୍ଦେହରେ ଚାରି ପା* ଜଣ ବଙ୍ଗଳାଦେଶୀଙ୍କୁ ଅଟକ ରଖିଥିଲେ । ସେମାନେ ବଙ୍ଗଳାଦେଶୀ ଶରଣାର୍ଥୀ ନଥିଲେ । ସେମାନଙ୍କ ନିକଟରେ ଶରଣାର୍ଥୀ ସାର୍ଟିଫିକେଟ୍ କି ବାସିନ୍ଦା ପ୍ରମାଣପତ୍ର ନଥିଲା ।

କିଏ ଶରଣାର୍ଥୀ କିଏ ଅନୁପ୍ରବେଶକାରୀ; ଜାଣିବା ଏବେ ମୁସ୍କିଲ ହୋଇ ପଡ଼ିଛି । ସମସ୍ତେ ତ ବଙ୍ଗଳାଦେଶୀ । ବଙ୍ଗଳା ଭାଷାରେ କଥା ହେଉଛନ୍ତି । କିଛି ବଙ୍ଗାଳାଦେଶୀ କହୁଛନ୍ତି, ସେମାନେ ପଶ୍ଚିମବଙ୍ଗର ବର୍ଦ୍ଧମାନ ଓ ମେଦିନାପୁରରୁ ଆସିଛନ୍ତି । କିନ୍ତୁ କିଏ ମେଦିନାପୁରରୁ ଆସିଛି ଆଉ କିଏ ବଙ୍ଗଳାଦେଶରୁ ଆସିଛି, ତାହା ଜାଣିବ କେମିତି ? ସରକାର ଏହା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍ । ଜୟନ୍ତ ଖଟେଇ ପ୍ରଭୁକଲ୍ୟାଣ ମହାନ୍ତି ଆଗରେ ଅସନ୍ତୋଷ ପ୍ରକାଶ କରୁଥିଲା ।

ଜୟନ୍ତ ଖଟେଇ ଯାହା ଅନୁମାନ କରୁଥିଲା, ତାହା ସତ ପ୍ରମାଣିତ ହୋଇଛି । ଛପାଲିର ହରି ସୋଇଁ କହୁଥିଲା, ପ୍ରତି ସପ୍ତାହରେ ବଙ୍ଗଳାଦେଶରୁ ଗୋଟିଏ ସଟଲ୍ ଜମ୍ମୁକୁ ଆସୁଛି । ସେଥିରେ ବଙ୍ଗଳାଦେଶୀମାନେ ଭ□ ହୋଇ ଆସୁଛନ୍ତି । ଜମ୍ମୁ ଓ ବଡୀଘର ପ*ାୟତର ବିଭିନ୍ନ ଗାଁମାନଙ୍କରେ ରହି ଯାଉଛନ୍ତି ।

ଏହି ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ସରପ*, ଆର୍‌ଆଇ, ସ୍କୁଲ ଶିକ୍ଷକଙ୍କୁ ଧରି କିଛି ନା କିଛି ପ୍ରମାଣପତ୍ର ହାସଲ କରି ନେଉଛନ୍ତି । ନେତାମାନେ ଭୋଟ୍ ପାଇଁ ସେମାନଙ୍କୁ ଉତ୍ସାହିତ କରୁଛନ୍ତି । ସେମାନଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ।

ଯଦିଓ କୋଷ୍ଟଗାର୍ଡ, ମେରାଇନ ପୁଲିସ, ଫରେଷ୍ଟ ଗାର୍ଡ ସମୁଦ୍ରରେ ପଇଁତରା ମାରୁଛନ୍ତି, ସେମାନଙ୍କ ଆଖିରେ ଧୂଳି ଦେଇ ବଙ୍ଗଳାଦେଶୀମାନେ ଖସି ଚାଲି ଆସୁଛନ୍ତି ।

ଏ ବଙ୍ଗଳାଦେଶୀମାନେ ସମୁଦ୍ରରେ ବଡ଼ ଦୁର୍ଦ୍ଦାନ୍ତ । ବେଳେବେଳେ କୋଷ୍ଟଗାର୍ଡ ଉପରକୁ ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ସେମାନେ ନାନା ପ୍ରକାର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ସହ ଆସୁଛନ୍ତି ।

ଗତ ସପ୍ତାହରେ ଗୋଟିଏ ଡଙ୍ଗାରେ ପା* ସାତ ଜଣ ବଙ୍ଗଳାଦେଶୀ ମାଛ ଧରିବା ବାହାନାରେ ଜମ୍ମୁ ସୀମା ଭିତରକୁ ପଶି ଆସିଲେ । କୋଷ୍ଟଗାର୍ଡ ସେମାନଙ୍କୁ ଗୋଡ଼ାଇଲା । କିନ୍ତୁ ସେମାନେ କୋଷ୍ଟଗାର୍ଡ ଉପରକୁ ଗୁଳି କରି ସମୁଦ୍ର ଭିତରେ ଉଭାନ୍ ହୋଇଗଲେ ।

ବଙ୍ଗଳାଦେଶୀଙ୍କୁ ସମୁଦ୍ର ଭିତରେ ଧରିବା ବଡ଼ ମୁସ୍କିଲ । ସମୁଦ୍ରରେ ସେମାନେ ରାଜା । ସେମାନଙ୍କୁ ଗୋଡ଼ାଇ ଧରିବା କୋଷ୍ଟଗାର୍ଡଙ୍କ ପାଇଁ ଅସମ୍ଭବ ହୋଇପଡ଼େ । ସମୁଦ୍ରରେ ଡଙ୍ଗା ବୁଡ଼ି ଗଲେ ବି ସେମାନେ ପହଁରି ପହଁରି କୂଳରେ ଲାଗିଯିବେ ।

ଦୁଇ ମାସ ତଳେ ବି ଏମିତି ଆଉ ଗୋଟିଏ ଘଟଣା ଘଟିଥିଲା । ଗୋଟିଏ ସ୍ପିଡ୍ ବୋଟ୍‌ରେ ସାତ ଆଠ ଜଣ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ସମୁଦ୍ରରେ ଆସି ଜମ୍ମୁ ସୀମାକୁ ପଶିଥିଲେ । ପୁଲିସ ଓ ବନବିଭାଗ ସ୍କ୍ୱାଡ୍ ସେମାନଙ୍କୁ ପ୍ରବଳ ଗୋଡ଼େଇ ଥିଲା । କିନ୍ତୁ ଧରି ପାରି ନଥିଲା । ସେମାନେ ଆଖି ପିଛୁଳାକେ ଉଭାନ୍ ହୋଇ ଯାଇଥିଲେ ।

ସେମାନେ ବଙ୍ଗଳାଦେଶରୁ ଚାଲିଆସି ଜମ୍ମୁଦ୍ୱୀପର ଆଖପାଖ ଟାପୁରେ ରହୁଛନ୍ତି । ସେପଟେ ରାଜନଗର ଅ*ଳର ଡାଙ୍ଗମାଳ, ଭିତରକନିକା, ରଙ୍ଗଣି, ତାଳଚୁଆ ଅ*ଳରେ ବି ବଙ୍ଗଳାଦେଶୀମାନେ ଭ□ି ହୋଇ ଗଲେଣି । ଏମାନଙ୍କୁ ଅଟକାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଗଲାଣି ବୋଲି ଜୟନ୍ତ ଖଟେଇ କହୁଥିଲା ।

ବଙ୍ଗଳାଦେଶୀମାନେ ସ୍ୱତନ୍ତ୍ର ରେଡିଓ ସିଗ୍‌ନାଲ ମାଧ୍ୟମରେ ସେମାନଙ୍କ ଦେଶକୁ ଖବର ଅନ୍ତର ପଠାଉଛନ୍ତି । ସିମ୍ ବକ୍ସ ବ୍ୟବହାର କରି ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଜମ୍ମୁ ନିକଟବ□ୀ ସମୁଦ୍ର ମଧ୍ୟରେ ଥିବା ଅନେକ ଟାପୁରେ ସେମାନେ ଲୁଚି ରହୁଛନ୍ତି । ବେଳକାଳ ଉଣ୍ଡି ଜମ୍ମୁକୁ ଚାଲି ଆସୁଛନ୍ତି ।

ବଙ୍ଗଳାଦେଶୀ ଅନୁପ୍ରବେଶକୁ ରୋକିବା ନେଇ ସରକାର ନିଦାବିଷ୍ଟ ସାଜିଥିବାରୁ ଖୁବ୍ କ୍ରୋଧିତ ହୋଇ ଉଠୁଥିଲା ଜୟନ୍ତ ଖଟେଇ ।

ପ୍ରଭୁକଲ୍ୟାଣ ମହାନ୍ତି କିନ୍ତୁ ବୁଢ଼ା ନବଘନ ମାଇତି ଆଉ ତା ନାବାଳିକା ବୋହୂ ରୂପା ମାଇତି କଥା ଭୁଲି ପାରୁ ନଥିଲା ।

ବିଚାରୀ ରୂପାର ନିରୀହ ଆଖି ଦୁଇଟି ଭିତରେ ଗୋଟିଏ ଶିଶୁର ଚପଳତା ଆଉ ଜଣେ ନାରୀର ଅସହାୟତା ଦେଖି ପାରୁଥିଲା ପ୍ରଭୁକଲ୍ୟାଣ ମହାନ୍ତି ।

ରୂପା ଥିଲା ଗର୍ଭବତୀ । ଆଠ ମାସର ।

ରୂପା ଭଲକରି ଜାଣିଥିଲା, ଏ ଗର୍ଭସ୍ଥ ଶିଶୁର ବାପା ତା' ସ୍ୱାମୀ କରୁଣା ମାଇତି ନୁହଁ, ତା' ବୁଢ଼ା ଶ୍ୱଶୁର ନବଘନ ମାଇତି ।

୧୨

ମୋ' ବୋଉ ସିନା ମୋର ଜନମକଲା ମା', କିନ୍ତୁ ସୋରିଆ ନାନୀ ହେଉଛି ମୋ'ର ପ୍ରକୃତ ମା'। ସୋରିଆ ନାନୀ ଖାଲି ଯେ ମୋ'ର ମା' ତା'ନୁହେଁ; ସେ ମୋର ସାଙ୍ଗ, ବଡ଼ ଭଉଣୀ ଆଉ ଶିକ୍ଷକ ବି।

ପିଲାଦିନେ ମୋର ସବୁ ଅଳି ଅଝଟ ସୋରିଆ ନାନୀ ବୁଝେ। ମୋତେ ଗୋବରୀ ନଈକୁ ଗାଧୋଇ ନିଏ। ସୋରିଆ ନାନୀ ସହ ମୁଁ ବୋହୂଚୋରି, କିତ୍‌କିତ୍, ଡୁଡୁ, ବଗ ଖେଳ, ଚିଲ ଖେଳ, ପେଚା ଖେଳ, ଗୁଞ୍ଜୁରୁ ଗୁଞ୍ଜୁରୁ ପାନ ମହୁରୀ ଖେଳ ଖେଳେ।

ସୋରିଆ ନାନୀ ଗୋଡ଼ିଟିଏ ତା' ଜଂଘ ଭିତରେ ଲୁଚେଇ ମୋ' ଉଦ୍ଦେଶ୍ୟରେ ବୋଲିବ- "ଗୁଞ୍ଜୁରୁ ଗୁଞ୍ଜୁରୁ ପାନ ମହୁରୀ/କାହା ହାତେ ଅଛି ନିଦା ଗୁଆ/କହିଦବୁ କିରେ କାଳିଆ ଭୂଆଁ।"

ମୁଁ ସେ ଗୋଡ଼ିକୁ ତା' ହାତ ପାପୁଲିରେ ଖୋଜିବି। ଗୋଡ଼ି ସେଠି ନଥିବ। ମୁଁ ତା' କାଖ ସନ୍ଧିରେ ଖୋଜିବି। ଗୋଡ଼ି ସେଠି ବି ନଥିବ। ମୁଁ ତା' ଅ[]ରେ ଖୋଜିବି। ଗୋଡ଼ି ସେଠି ବି ନଥିବ। ଶେଷରେ ଗୋଡ଼ି ତା' ଜଂଘ ଭିତରୁ ବାହାରିବ। ମୁଁ ହାରି ଯାଉଥିବି।

ସୋରିଆ ନାନୀ ମୋ' ପରାଜୟକୁ ବି ସହ୍ୟ କରି ପାରେନି। ଏଣୁ ସେ ଅନେକ ସମୟରେ ମୋତେ ଜିତେଇବା ପାଇଁ ଜାଣିଶୁଣି ନିଜେ ହାରିଯାଏ।

ମୁଁ ଚତୁର୍ଥ ପ*ମ ଶ୍ରେଣୀରେ ପଢ଼ିଲା ପର୍ଯ୍ୟନ୍ତ ସୋରିଆ ନାନୀ ମୋତେ ଗଣିତ ପଢ଼ାଉଥିଲା। ସୋରିଆ ନାନୀ ମୋତେ ଅକ୍ଷର ଶିଖାଇଥିଲା। ଅ, ଆ, ସଂଖ୍ୟା, ପଣକିଆ, ମିଶାଣ, ଫେଡ଼ାଣ, ଗୁଣନ, ହରଣ ମୁଁ ସୋରିଆ ନାନୀଠାରୁ ଶିଖିଥିଲି।

ସୋରିଆ ନାନୀ କହିବ- "କହିଲୁ ଦେଖି, ଚାରିରେ ଶୂନ ଚାଲିଶି, ଶୂନ ନେଇଗଲା ବୁଢ଼ୀ ମାଉସୀ, ଗଲା କେତେ ରହିଲା କେତେ?"

ମୁଁ ଗଣିତରେ ଟିକେ ଦୁର୍ବଳ ଥିବି। ଉ□ର ଦେଇ ପାରିବିନି।

ପ୍ରକୃତରେ ଚାଳିଶିରୁ ଶୂନ ଗଲେ ସେହି ଚାଳିଶି ରହିବ। କିନ୍ତୁ ଶୂନକୁ କାଢ଼ିନେଲେ ଖାଲି ଚାରି ଯେ ରହିବ। ହେସ୍, ବଡ଼ ଦ୍ୱନ୍ଦ୍ୱରେ ପଡ଼େ। ମୁଣ୍ଡ ଗୋଳମାଳ ଧରେ।

ସୋରିଆ ନାନୀ ମୋତେ ଆଉ ବେଶି ଗଣିତର ପହଳି ନ ପଚାରି ଅନ୍ୟାନ୍ୟ ପହଳିମାନ ପଚାରିବ।

ସୋରିଆ ନାନୀ କହିବ, କହିଲୁ ଦେଖି- "ଗଛ ଲହଙ୍କା, ପତର ବଙ୍କା, ତା' ଫଳ ବିକିଲେ ମୁଠାଏ ଟଙ୍କା।"

ମୁଁ ଚଅଟ୍ କିନା କହିବି- "ଧାନ"

ସୋରିଆ ନାନୀ କହିବ, କହିଲୁ ଦେଖି- "ଏଡ଼ିକି ଟିକିଏ ଗେଡ଼ି, ଲୁଗା ପିନ୍ଧେ ଚଉଦ କୋଡ଼ି।"

ମୁଁ କହିବି- "ପିଆଜ"

ସୋରିଆ ନାନୀ କହିବ, କହିଲୁ ଦେଖି- "ଯାଇଥିଲି ଛତର, ଦେଖି ଆସିଲି ଫଳ ଉପରେ ପତର ।"

ମୁଁ କହିବି- "ସପୁରୀ"

ସୋରିଆ ନାନୀ କହିବ, କହିଲୁ ଦେଖି- "କଟକରୁ ଅଇଲା ଧୋବଲୀ ଘୋଡ଼ୀ, ଏକା ବିଆଣକେ ହୋଇଲା ବୁଢ଼ୀ ।"

ଏ ପହିଲିର ଉ□ର ମୁଁ ଦେଇ ପାରୁ ନଥିବି । ଖାଲି ଉଁ ଉଁ ହଉଥିବି ।

ସୋରିଆ ନାନୀ ଉ□ର କହିଦବ । ସୋରିଆ ନାନୀ କହିବ- ଏହାର ଉ□ର ହେଲା- "କଦଳୀଗଛ" ।

ମୁଁ କହିବି- "ଓ ହୋ, ଏମିତିଆ ପହଳି ତା'ହେଲେ ।"

ପୁଣି ସୋରିଆ ନାନୀ କହିବ, କହିଲୁ ଦେଖି- "ଢିଙ୍କି ବସିଛି ପଣେ, ଶୁଖେଇ ଦେବାକୁ ଜଣେ ।"

ମୁଁ କହିବି- "ଜିଭ"

ସୋରିଆ ନାନୀ କହିବ, କହିଲୁ ଦେଖି- "ଟିପି ଚଢ଼େଇ, ଟିକକ ପାଣିରେ ବୁଡ଼ି ମରଇ ।"

ମୁଁ କହିବି- "ଲୁଣ"

ଆମ ଭିତରେ ଏମିତି ପହଳି, ଢଗଢମାଳି ପ୍ରତିଯୋଗିତା ଚାଲିବା ପରେ ସୋରିଆ ନାନୀ ମୋତେ 'ଗୁଗୁ ପା*, ତାଳ ଗଛ' କରିବ ।

ସୋରିଆ ନାନୀ ତଳେ ଶୋଇପଡ଼ି ତା' ଗୋଡ଼ ଦୁଇଟିରେ ମୋତେ ଉପରକୁ ଉଠାଇବ । ମୁଁ ତା' ପାଦ ଦୁଇଟିରେ ଶୂନ୍ୟରେ ଦୋହଲୁଥିବି ।

ସୋରିଆ ନାନୀ ବୋଲିବ- "ଗୁଗୁ ପା*, ତାଳଗଛ, ଘୁଅ ଗଡ଼ିଆରେ ବୁଡ଼ିବୁ ନା, ସୁନା ଗଡ଼ିଆରେ ବୁଡ଼ିବୁ ?

ମୁଁ କହିବି- "ସୁନା ଗଡ଼ିଆରେ"

ସୋରିଆ ନାନୀ ମୋତେ ପ୍ରଥମେ ଘୁଅ ଗଡ଼ିଆରେ ବୁଡ଼ାଇଦବ । ପରେ ପୁଣି ଥରେ ତା' ଗୋଡ଼କୁ ଡାହାଣ କଡ଼କୁ ଅଣେଇ ସୁନା ଗଡ଼ିଆରୁ ବୁଡ଼େଇ ଆଣିବ ।

ଆମେ ଏମିତି ଖେଳରେ ମାତି ଯାଇଥିବୁ । ବୋଉ ଖାଇବାକୁ ଡାକିବ । ସୋରିଆ ନାନୀ, ମୁଁ ଖାଇ ବସିବୁ ।

ଆମ ଖଞ୍ଜାଠାରୁ ଦୁଇ ଘର ଛାଡ଼ି ସୋରିଆ ନାନୀଙ୍କ ଘର । ସୋରିଆ ନାନୀର ବାପା ଚାକିରି କରନ୍ତି କଲିକତାର ଚଟକଳରେ । ସୋରିଆ ନାନୀର ବଡ଼ଭାଇ ସୁମନ୍ତ ଭାଇ

ମିଲିଟାରି ଚାକିରି କରନ୍ତି । ସୁମନ୍ତ ଭାଇର ଶ୍ୱଶୁର ଘର କୁଙ୍କୁଣି ଗାଁରେ । କୁଙ୍କୁଣି ଘାଟ ପାରି ହୋଇ ମୁଁ କେତେଥର ସୋରିଆ ନାନୀ ସହ ସେ ଗାଁକୁ ଯାଇଛି ।

ମାଟ୍ରିକ୍ ପାସ୍ କରି ସୋରିଆ ନାନୀ ଆଉ କଲେଜ ଗଲାନି । ସେତେବେଳେ ମାଟ୍ରିକ ପାସ୍ କରିବା ଜଣେ ଗାଁ ଝିଅ ପାଇଁ ବହୁତ ବଡ଼ କଥା । ଝିଅଟିଏ କଲେଜ ଯିବାକୁ ଗୋଟିଏ ଜଘନ୍ୟ କାମ ବୋଲି ଧରାଯାଉଥିଲା । ଏଣୁ ସୋରିଆ ନାନୀ କଲେଜ ନ ଯାଇ ଘରେ ରହିଲା । ଘର କାମରେ ତା' ବୋଉ, ନୂଆବୋଉକୁ ସାହାଯ୍ୟ କଲା ।

ଘର କାମଧନ୍ଦା ସାରିଦେଇ ସୋରିଆ ନାନୀ ସବୁବେଳେ ଆମଘରେ ହାଜର ହୋଇଯିବ । ସୋରିଆ ନାନୀ ଓ ମୋ' ବୋଉର ଭଲ ପଡ଼େ । ମୋ' ବୋଉ ବି ସୋରିଆ ନାନୀକୁ ଝିଅ ଭଳି ଦେଖେ । ତା' ଛଡ଼ା ମୋ' ପାଇଁ ସୋରିଆ ନାନୀ ସବୁବେଳେ ଆମ ଘରକୁ ଚାଲି ଆସୁଥିବ । ସୋରିଆ ନାନୀ ମୋତେ ଘଡ଼ିଏ ନ ଦେଖି ରହି ପାରେନା କି ମୁଁ ସୋରିଆ ନାନୀକୁ ନ ଦେଖି ଘଡ଼ିଏ ରହି ପାରେନା ।

ସକାଳୁ ସଞ୍ଜ ଯାଏ ମୁଁ ସୋରିଆ ନାନୀ ପାଖରେ ଥିବି । ସୋରିଆ ନାନୀ ସାଙ୍ଗରେ ମୁଁ ଗୋବରୀ ତୁଠକୁ ଗାଧୋଇବାକୁ ଯାଏ । ସୋରିଆ ନାନୀ ମୋତେ ତଉଲିଆରେ ଘଷିମାଜି ଗାଧୋଇ ଦିଏ । ମୋ' ଦେହରୁ ପରସ୍ତ ପରସ୍ତ ମଳି ଛଡ଼ାଏ । ସୋରିଆ ନାନୀ ମୋତେ ଲଙ୍ଗଳା କରି ଗାଧୋଇ ଦେଉଥିବାବେଳେ ଟିକେ ଟିକେ ଲାଜ ମାଡ଼େ ।

ପିଲାଦିନେ ମୁଁ ସୋରିଆ ନାନୀ ସାଙ୍ଗରେ ସ୍କୁଲ୍ ଯାଏ ଏବଂ ସୋରିଆ ନାନୀ ସାଙ୍ଗରେ ଘରକୁ ଫେରେ । ମୋତେ ସ୍କୁଲ୍‌ରେ କିଏ ମାରିଲା, ଧରିଲା କି ଧମକେଇଲା, ମୁଁ ସୋରିଆ ନାନୀକୁ କହେ । ସୋରିଆ ନାନୀ ସେମାନଙ୍କୁ ଗାଳି କରେ । ସାବାଡ୍ କରେ । ମୋର ସବୁ କଥାରେ ସୋରିଆ ନାନୀ ମୁଣ୍ଡ ପୂରାଏ ।

ସୋରିଆ ନାନୀ କ'ଣ ଖାଲି ମୋ' କଥା ଚିନ୍ତା କରେ । ଗାଁର ଭଲମନ୍ଦ, ପୂଜାପର୍ବାଣିକୁ ସୋରିଆ ନାନୀ ଆଗ ଖୋଜା ପଡ଼େ । ଗାଁରେ ଖୁଦୁରୀକୁଣି ଓଷାରେ ସୋରିଆ ନାନୀ ନେତୃତ୍ୱ ନିଏ । ସ୍କୁଲରେ ଗଣେଶ, ସରସ୍ୱତୀ ପୂଜା ଦାୟିତ୍ୱ ସୋରିଆ ନାନୀର ମୁଣ୍ଡରେ ।

ଖୁଦୁରୁକୁଣୀ ଓଷା ପାଇଁ ଗାଁ ଝିଅମାନେ ବ୍ୟସ୍ତ ହୋଇ ପଡୁଥିବେ ।

ଭାଦ୍ରବ ମାସର ପ୍ରଥମ ରବିବାର ପ୍ରଥମ ପାଳି ଆଉ ଶେଷ ପାଳି ଟିକେ ଝିନ୍‌ଝଟ । ବାକି ଅନ୍ୟ ପାଳି ପାଇଁ ଚିନ୍ତା ନାହିଁ । ଭାଲୁକା ପୂଜା, କୋଠି ସ୍ଥାପନା, ମୂଢ଼ି ଆଣିବା କାମ ସରିଗଲେ ମୁଣ୍ଡରୁ ଅଧେ ବୋଝ ଓହ୍ଲେଇଗଲା ବୋଲି ଜାଣ ।

ଖୁଦୁରୁକୁଣୀ ଓଷାରେ ସୋରିଆ ନାନୀର ଦାୟିତ୍ୱ ବେଶି ବଢ଼ିଯାଏ ।

ସଂକ୍ରାନ୍ତି, ଶିବରାତ୍ରୀରେ ଗାଁ ଝିଅଙ୍କୁ ଏକାଠି କରି ସୋରିଆ ନାନୀ ଆମ ଗାଁ ପାଖ ରତନପଡ଼ା ମହାଦେବ ମନ୍ଦିର ଯାଏ । ପ୍ରତିବର୍ଷ ଜାଗର ଓଷାରେ ରତନପଡ଼ା ମହାଦେବ ମନ୍ଦିର ପରିସରରେ ବଡ଼ ଧରଣର ମେଳା ବସେ । ଦୋକାନ ବଜାରର ଗହଳି ଜମିଥାଏ ।

ମନୋହରି ଦୋକାନରେ ଝିଅମାନଙ୍କର ଭିଡ଼ ଜମେ । ମୁଁ ଖାଲି ମିଠା, ଜିଲାପି ଦୋକାନ ଆଡ଼େ ଚାହୁଁଥିବି । ସୋରିଆ ନାନୀ ମୋ' ମନ କଥା ବୁଝିପାରି ମୋତେ ଜିଲାପି କିଣି ଦେବ ।

ଜାଗର ମେଳାରୁ ସୋରିଆ ନାନୀ ଏବଂ ଆଉସବୁ ଝିଅମାନେ ଭାଗିରଥୀ ଦାସ ଉପନ୍ୟାସ ଓ କଣ୍ଠୁରୀ ଦାସ ଡିଟେକ୍ଟିଭ ବହି କିଣନ୍ତି ଓ ଲୁଚେଇ ଲୁଚେଇ ସେଗୁଡ଼ିକୁ ପଢ଼ନ୍ତି । ଝିଅମାନେ ଫେୟାର ଆଣ୍ଡ ଲଭ୍‌ଲି କ୍ରିମ୍, ଡୁପ୍ଲିକେଟ୍ କିଓ କାର୍‌ପିନ୍ ତେଲ, ସ୍ନୋ, ପଣ୍ଡସ ପାଉଡର, ମୁଣ୍ଡବନ୍ଧା ଟ୍ୟାସିଲ୍, ଅଳତା, ରିବନ, କ୍ଲିପ୍, ଶସ୍ତା କାନଫୁଲ, ନାକଫୁଲ ଆଦି କିଣନ୍ତି । ସେତେବେଳେ କିଓ କାର୍‌ପିନ୍ ତେଲ ଓ ଫେୟାର ଆଣ୍ଡ ଲଭ୍‌ଲି କ୍ରିମ୍ ନୂଆ ନୂଆ ଆସିଥାଏ ।

ସୋରିଆ ନାନୀ ଓ ତା' ସାଙ୍ଗମାନେ କା□ୀକ ପୂନେଇଁରେ ଗୋବରୀ ନଈରେ ଡଙ୍ଗା ଭସାନ୍ତି । ବୃନ୍ଦାବତୀ ଚଉଁରା ମୂଳରେ ମୁରୁଜ ପକାନ୍ତି । ମାର୍ଗଶିର ମାସ ଲକ୍ଷ୍ମୀ ପୂଜାରେ କାନ୍ଥରେ ଝୋଟିଚିତା ଆଙ୍କନ୍ତି । କୁଆଁର ପୂନେଇଁ ଜହ୍ନ ରାତିରେ କୁଆଁର ପୂନେଇଁ ଗୀତ ବୋଲି ଗାଁ ଦାଣ୍ଡ ପରିକ୍ରମା କରନ୍ତି ।

ଏହାଛଡ଼ା ସୋରିଆ ନାନୀର ଆଉ ଗୋଟିଏ ବଡ଼କାମ ହେଲା- ଆମ ଗାଁ ଲୋକଙ୍କ ପାଇଁ ଚିଠି ଲେଖିବା ଓ ଚିଠି ପଢ଼ି ଶୁଣାଇବା । କାହାର ପୁଅ କଲିକତା କି ସୁରତରେ ଚାକିରି କରିଛି, କାହାର ଗେରସ୍ତ ବିଦେଶରେ ଅଛି; ସେମାନେ ପୁଅ, ସ୍ୱାମୀ ପାଖକୁ ଚିଠି ଦେବେ ଓ ଲେଖାଇବେ । ବିଦେଶରୁ ଆସିଥିବା ଚିଠିସବୁ ସୋରିଆ ନାନୀ ପଢ଼ି ସେମାନଙ୍କୁ ଶୁଣାଏ ଓ ପରେ ଚିଠିର ଉ□ର ବି ଲେଖେ ।

ସୋରିଆ ନାନୀ ଆମ ଗାଁର ମୂର୍ଖ, ଅଶିକ୍ଷିତ ଗାଉଁଲୀ ଲୋକଙ୍କ ଆଖିର ତାରା ଥିଲା । ଅନ୍ଧର ଲଉଡ଼ି ଥିଲା ।

ଭାଦ୍ରବ ମାସର ପ୍ରଥମ ରବିବାର । ସଞ୍ଜକୁ କୋଠିରେ ଭାଲୁକୁଣୀ ମୂ□ି ସ୍ଥାପନା କରାଯିବ । ସେଥିପାଇଁ ସୋରିଆ ନାନୀର ଜଞ୍ଜାଳ ବଢ଼ି ଯାଇଥାଏ ।

ଉମି, ରାଉଳି, ଜାଡ଼ି, ପିତେଇ, ନଖି, ସାଗରୀ, ଅହଲ୍ୟା ହେରିକା ପୂର୍ବ ରାତି ଅଧରୁ ଉଠି ଫୁଲ ତୋଳିବାକୁ ବାହାରି ପଡ଼ିବେ । ସୋରିଆ ନାନୀ ସେମାନଙ୍କର ଲିଡର ଥିବ ।

ପାଣିକେନ୍ଦୁଲି ଫୁଲ ଯିଏ ତୋଳିପାରିବ ସେ ବଡ଼ ଭାଗ୍ୟବତୀ । କାହିଁକି ନା ଖୁଦୁରୁକୁଣୀଙ୍କ ପ୍ରିୟ ଫୁଲ ପାଣିକେନ୍ଦୁଲି । ସେ ପାଣିକେନ୍ଦୁଲି ଫୁଲର ଆକାର ବଡ଼ ବିଚିତ୍ର । ହାତର ପା* ଆଙ୍ଗୁଳି ଭଳି ଦେଖିବାକୁ । ସବୁଥର କିନ୍ତୁ ସୋରିଆ ନାନୀ ପାଣିକେନ୍ଦୁଲି ଫୁଲ ତୋଳିଆଣେ ।

ପିତେଇ ଥଟ୍ଟା କରି କହିବ- "ହଉଲୋ ସୋରିଆ, ଖୁଦୁରୁକୁଣୀକୁ ତ ପର୍ତିବର୍ଷ ପାଣିକେନ୍ଦୁଲି ଦଉଚୁ । ତୋ' କପାଳରେ ବୁଢ଼ା ବର ଅଛି ଲୋ, ଦେଖିବୁ ।"

ସୋରିଆ ନାନୀ ପିତେଇ ଉପରକୁ ଚିଡ଼ିଯାଇ ପୁଣି ଫୁଲତୋଳା କାମରେ ମନଦବ । ସୋରିଆ ନାନୀ ସେତେବେଳକୁ ଭାରି ଗମ୍ଭୀର ଦିଶୁଥିବ । କାରଣ ସବୁ ଦାୟିତ୍ୱ ତା' ମୁଣ୍ଡ ଉପରେ ଥିବ ।

ଝିଅମାନେ ଆ' ତା' ବାଡ଼ିରେ ପଶି ଟଗର, ମନ୍ଦାର, ହରଗୌରା, କାକୁଡ଼ି ଫୁଲ, ଜହ୍ନିଫୁଲ, ପାଣିକଖାରୁ ଫୁଲ ତୋଳିବେ । ଓଦା ସରସର ହୋଇ ସୋରିଆ ନାନୀ ବାରମାଣିଆ ଗଳିଆରେ ଛାତିଏ ପାଣିରେ ପଶି ଝଙ୍କାଏ କଇଁ ଫୁଲ ତୋଳି ଆଣିବ । ତା' ଜଂଘରେ ସାଲୁବାଲୁ ପାଟୁଆ ଜୋକସବୁ ଲାଗି ଯାଇଥିବେ । ଜୋକଙ୍କୁ ସୋରିଆ ନାନୀର ଡର ନଥିବ ।

ଲମ୍ବା କଇଁ ନାଡ଼କୁ ଭାଙ୍ଗି ଭାଙ୍ଗି ଅତି ସୁନ୍ଦର ହାର ବୁଣିବ ସୋରିଆ ନାନୀ । କଇଁଫୁଲ ହାରରେ ଭାଲୁକୁଣୀ ସମ୍ପୂର୍ଣ୍ଣ ଘୋଡ଼େଇ ହୋଇ ଯାଇଥିବେ । ଖାଲି ଯାହା ମୁହଁ ଟିକେ ଦିଶୁଥିବ ।

ସୋରିଆ ନାନୀର ଘରେ ଭାଲୁକୁଣୀ କୋଠି ବସିଥିବ । ଫୁଲ ତୋଳି ଆଣିବା ପରେ ଉମି, ରାଉଳି, ପିତେଇ, ଜାଡ଼ି, ଅହଲ୍ୟା, ନଖି ଭାଲୁକୁଣୀ କୋଠିକୁ ଲିପାପୋଛା କରିବେ ।

ଦିନ ପ୍ରାୟ ଦଶଟା ବେଳକୁ ପାଟିରେ ଦାନ୍ତକାଠି ପୂରେଇ ଝିଅମାନେ ଗୋବରୀ ନଈ ତୁଠକୁ ଗାଧୋଇବାକୁ ଯିବେ । ସେତେବେଳେ କୋଉ ଦାନ୍ତଘସା ବ୍ରସ୍, କଲ୍‌ଗେଟ୍ (କୋଲ୍‌ଗେଟ୍ ଟୁଥ୍ ପେଷ୍ଟ୍) ଥିଲା କି ?

ଝିଅମାନେ ପାଟିରେ ବାଉଁଶ କଣି କି ଅମରଜଡ଼ା ଦାନ୍ତକାଠି ସାଙ୍ଗକୁ ଗୋବର ଘସି ପାଉଁଶରୁ ମେ*ାଏ ପୂରେଇ ଗୋବରୀ ନଈ ତୁଠରେ ପହଁ* ଯାଆନ୍ତି ।

ସୋରିଆ ନାନୀ ଭଲ ପହଁରା ଜାଣେ । ପାଣିରେ ବୁଡ଼ି ଗୋବରୀ ନଈରୁ କାଦୁଅ ଟେଳାଏ ଧରି ଆଣେ । ମୁଁ ସୋରିଆ ନାନୀଠାରୁ ଗୋବରୀ ନଈରେ ପହଁରା ଶିଖିଥିଲି ।

ଆମର ଗୋବରୀ ଭାରି ପଙ୍କୁଆ ଆଉ ଜୁଆରିଆ ନଈ । ଜୁଆର ଆସିଲେ ଗୋବରୀ ଉଛୁଳେ ଆଉ ଛାଡ଼ିଗଲେ ପୂରା ପନ୍ତା ଦିଶେ । ସେତେବେଳେ ଗୋବରୀ ନଈରେ କିମ୍ଭିର ଡର ଥାଏ । ବେଳେବେଳେ ଜମ୍ମୁ-ଖରିନାସୀ ଆଡୁ କିମ୍ଭିର ଆମ ଆଡ଼କୁ ଚାଲି ଆସନ୍ତି ।

ଗୋବରୀ ନଈ ତୁଠରେ ଭାଲୁକା ମୂ□ ଗଢ଼ାଯାଏ । ରାଉଳି ଯାଇ କୋଉଠୁ ସଜ ଗୋବର ମେ*ାଏ ଧରି ଆସେ । ଗୋବର ଓ ପଙ୍କ କାଦୁଅରେ ସୋରିଆ ନାନୀ ଗଢ଼େ ସରସା ଭାଲୁକା ମୂ□ ।

ଫୁଲ, ଧୂପ, ଦୀପ, ଝୁଣା ଦେଇ ଝିଅମାନେ ସେ ଭାଲୁକା ମୂ□କୁ ପୂଜା କରିବେ । ଭାଲୁକା ବୋଇଲେ କାଦୁଅରେ ଗଢ଼ା ବିଲୁଆ କି ଭାଲୁ ଭଳି ଦୁଇଟି ଜନ୍ତୁଙ୍କ ମୂ□ କି କ'ଣ ? ତା'ର ଚାରିଟା ଗୋଡ଼ ଥିବ । ଆଗକୁ କୁମ୍ଭୀର ଥ[ଭଳି ବାହାରିଥିବ । କେଜାଣି ତା' ଅର୍ଥ କ'ଣ ? ସେ ଝିଅମାନେ ବୁଝନ୍ତି । ମୁଁ ଏସବୁ କିଛି ବୁଝେନା ।

ସୋରିଆ ନାନୀ ସୁନ୍ଦର ହୁଲୁହୁଲି ପକାଏ । ମୋ ବୋଉ କହେ ସୋରିଆର ହୁଳହୁଳି ଭାରି ବଢ଼ିଆ ।

ସୋରିଆ ନାନୀ ଗୋବରୀ ତୁଠରେ ସୂର୍ଯ୍ୟଙ୍କୁ ଚାହିଁ ପାଣି ଆଞ୍ଜୁଳା ଦିଏ । ଅନ୍ୟ ଝିଅମାନେ ପାଣି ଆଞ୍ଜୁଳା ଦିଅନ୍ତି ।

ଭାଲୁକା ପୂଜାକରି ଝିଅମାନେ ଘରକୁ ଫେରିବେ ।

ସୋରିଆ ନାନୀ ଗୋବରୀ ନଈରେ ମୁଣ୍ଡ ବୁଡ଼େଇ ଗାଧୋଇଥିବ । ତା' କେଶ ଶୁଖି ନଥିବ । ଓଦା ଫ୍ରକ୍ ପିନ୍ଧି ସୋରିଆ ନାନୀ ଖୁଦୁରୁକୁଣୀ କୋଠି ଲିପାପୋଛା କରିବ ।

ମୁଁ କଣେଇ କଣେଇ ସୋରିଆ ନାନୀର ବତୁରା ଦେହକୁ ଚାହୁଁଥିବି । ଇସ୍, ଏହା ପାପ ! ମୋତେ ଭାରି ଖରାପ ଲାଗୁଥିବ ।

ସୋରିଆ ନାନୀକୁ ଏଭଳି ପାପ ଦୃଷ୍ଟିରେ ଦେଖିଥିବାରୁ ସେ ଦିନ ସାରା ମୋ' ମନ ଭଲ ନଥିବ । ନିଜକୁ ପାପିଷ୍ଠ, ପାମର ବୋଲି ଭାବି ଧତାପେଲାଙ୍କ ଭଳି ଏଣେତେଣେ ଧାଉଁଥିବି । ରବିବାର ଛୁଟି ଥିବାରୁ ମୋ'ର ସ୍କୁଲ ଯିବାର ନଥିବ ।

ଓଦା ଚୁଟିରେ ସୋରିଆ ନାନୀ ଭାରି ସୁନ୍ଦରୀ ଲାଗୁ ଥିବ । ଓଦା ଫ୍ରକ୍ ସୋରିଆ ନାନୀର ଛାତିରେ ଜଡ଼େଇ ହୋଇ ଲାଗି ଯାଇଥିବ । ସୋରିଆ ନାନୀର ଓଦା ଦେହରୁ ପାଣି ଟୋପା ଟୋପା ତଳେ ନିଗୁଡୁଥିବ ।

ସୋରିଆ ନାନୀର ଛୋଟ ଛୋଟ ସ୍ତନଦୁଇଟି ଭାରି ଆକର୍ଷଣୀୟ ଲାଗୁଥିବ । ସୋରିଆ ନାନୀ ବିଷୟରେ ଏଭଳି ଭାବିବା ପାପ ବୋଲି ଜାଣି ମଧ୍ୟ ମନ ଖାଲି ସିଆଡକୁ ଯାଉଥିବ । ମନକୁ ବୁଝାଇବାକୁ ଯାଇ ପାଠ ପଢ଼ାରେ ମନଧ୍ୟାନ ଦେଉଥିବି ।

ବାପା ବିଲ ବାଛି ଯାଇଥିବେ । ବୋଉ ଚୂଲିରେ ଭାତପାଣି ବସେଇଥିବ । ମୁଁ ବହି ବସ୍ତାନି ଧରି ଆମ ପିଣ୍ଡାରେ ବାଧ୍ୟବାଧକତାରେ କିଛି ସମୟ ବସୁଥିବି । କିନ୍ତୁ ପାଠ ପଢ଼ାରେ ମନ ଲାଗୁ ନଥିବ ।

ପ୍ରଥମ ପାଳିରେ ଭାଲୁକୁଣୀଙ୍କୁ ଅରୁଆ ଚାଉଳ, ନଡ଼ିଆ ଭୋଗ ଦିଆଯିବ । ସବୁ ଝିଅମାନେ କଂସା, ପିତଳ ଗିନାରେ ଅରୁଆ ଚାଉଳ, ନଡ଼ିଆ, କଦଳୀ, କାକୁଡ଼ି ଧରି ଆସିଥିବେ । ଏ ଭାଲୁକୁଣୀ ଭୋଗ ମୋତେ ଭାରି ଭଲ ଲାଗେ ।

ଚାଉଳ ଖାଇ ଠାକୁର ରାଉଳ ହୁଅନ୍ତି ।

ଭାଦ୍ରବ ମାସରେ ବିଲରେ ଧାନ କେଣ୍ଡା ଧରୁଥାଏ । ଧାନକେଣ୍ଡାସବୁ ପବନରେ ଦୋଳି ଖେଳୁଥାଏ । ରୁଆ, ଉପୁଡ଼ା, ବିଲବଚ୍ଛା କାମ ତ କେବେଠୁ ସରି ଯାଇଥାଏ ।

ଟାଇଁ ଟାଇଁ ଭୋଦୁଅ ଖରାରେ ବିଲ ଶୁଖିଯାଇଥାଏ । ଭୋଦୁଅ ଖରାରେ ଖାଲି ଧାନ ଟିକେ ପାଣି ଖୋଜେ ଯାହା । ସବୁ ଚାଷୀ ବର୍ଷା ଅସରାଏକୁ ଅପେକ୍ଷା କରିଥାନ୍ତି । ଆଗକୁ ଫୁଲ ଧରିବ ।

ଚାଷୀମାନଙ୍କର ବିଲବାଡ଼ି କାମ ପ୍ରାୟ ସରିଯାଇଥାଏ ।

ଦ୍ୱିତୀୟ ପାଳିରେ ଖୁଦଭଜା ଭୋଗହୁଏ ।

ଭାଲୁକୁଣୀ ଖୁଦ ରଙ୍କୁଣୀ । ତେଣୁ ତ ସେ ଖୁଦୁରୁକୁଣୀ ।

ତୃତୀୟ ପାଳିରେ ମୁଢ଼ି କଦଳୀ ଭୋଗ ହୁଏ । ମୁଢ଼ି ଖାଇ ଭାଲୁକୁଣୀ ବୁଢ଼ୀ ହେବେ । ଏ ତୃତୀୟ ପାଳିରେ ବହି ପଢ଼ାଯାଏନା । ସେଦିନ ଦିନ ଥାଉ ଥାଉ ପୂଜା ସରିଯାଏ । ବିଲୁଆ ଭୁକିବା ପୂର୍ବରୁ ପୂଜା ଶେଷ ହେବାର ବିଧି ରହିଛି । ବିଲୁଆ ଭୁକିଲେ ପୂଜା ମାରା ହୋଇଯିବ ବୋଲି ଗାଁ ଝିଅମାନେ କଥାଭାଷା ହୁଅନ୍ତି । ତୃତୀୟ ପାଳିକୁ ବିଶେଇ ପାଳି କହନ୍ତି । କେଜାଣି ସେ ବିଶେଇ ପାଳିର ଅର୍ଥ କ'ଣ, ମୁଁ ଏସବୁ ବୁଝେନା ।

ଚତୁର୍ଥ ପାଳିରେ ଚୂଡ଼ା ଭୋଗ ହୁଏ । ଚୂଡ଼ା ଖାଇ ଠାକୁର ବୁଢ଼ା ହୁଅନ୍ତି । ଭୋଗରେ ନଡ଼ିଆ, କଦଳୀ, ଛେନା, ଗୁଡ଼, କାକୁଡ଼ି ବି ପଡ଼େ ।

ଖୁଦୁରୁକୁଣୀ ଭୋଗ ମୋର ଭାରି ପ୍ରିୟ । ମୁଁ ଥରେ ଖାଇସାରିବା ପରେ ପୁଣି ହାତ ବଢ଼ାଏ । ସୋରିଆ ନାନୀ ମୋ' ହାତରେ ଆଉ ଦି ମୁଠା ଭୋଗ ଓଜାଡ଼ି ଦିଏ । ମୁଁ ମନଭରି ଭୋଗ ଖାଏ । ବିଶେଷକରି ଓଦା ଖଇ ସାଙ୍ଗକୁ କାକୁଡ଼ି ମୋତେ ଭାରି ଭଲ ଲାଗେ ।

ପ*ମ ପାଳିରେ ମଣ୍ଡା, ଗଇଁଠା ଓ ଖଇ ଭୋଗ ହୁଏ । ଗଇଁଠା ଖାଇ ଭାଲୁକୁଣୀ ଅଇଁଠା ହୁଅନ୍ତି । ଶେଷରେ ଖଇ ଖାଇ ନଈକୁ ଯାଆନ୍ତି ।

ଶେଷପାଳିର ପରଦିନ ସକାଳୁ ସକାଳୁ ଭାଲୁକୁଣୀଙ୍କୁ ଗୋବରୀ ନଈରେ ବିସର୍ଜନ କରାଯାଏ । ମୁଁ ବି ଝିଅମାନଙ୍କ ସହ ଭାଲୁକୁଣୀ ଭସାଣୀରେ ଉପସ୍ଥିତ ଥାଏ ।

ଆହାଃ, ଭାଲୁକୁଣୀ ବିସର୍ଜନ ମୁହୂର୍ତ୍ତ ବଡ଼ ଦୁଃଖଦାୟକ !

ଭାଲୁକୁଣୀଙ୍କୁ ଗୋବରୀ ନଈରେ ଭସେଇ ସୋରିଆ ନାନୀ କଇଁକଇଁ ହୋଇ କାନ୍ଦେ । ତା' ଆଖି ଛଳଛଳ ହୋଇଯାଏ । ଅନ୍ୟ ଝିଅମାନେ ବି ନାକ ସୁଁ ସୁଁ କରନ୍ତି । କାନ୍ଦି କାନ୍ଦି ଝିଅମାନଙ୍କ ଆଖି ନାଲି ପଡ଼ିଯାଇଥାଏ ।

ଝିଅମାନଙ୍କ କାନ୍ଦ ଦେଖି ମୋର ବି କାନ୍ଦିବାକୁ ଇଚ୍ଛା ହୁଏ । ସତ କହିବାକୁ ଗଲେ, କିଛି ବୁଝି ନ ପାରି ମୁଁ କାନ୍ଦେ ।

ଝିଅମାନେ ନଈରେ ଭାଲୁକୁଣୀ ଭସେଇ ଦେବା ପରେ ମୁଁ ପାଣିରେ ବୁଡ଼ି ପୁଣି ଭାଲୁକୁଣୀ ମୂର୍ତ୍ତିକୁ ଉଦ୍ଧାର କରି ଘରକୁ ଆଣେ । ଭାଲୁକୁଣୀ ମୂର୍ତ୍ତିକୁ ନଈରୁ ଉଠାଇ ଆଣି ମୁଁ ଆମ ଘରେ ଯତ୍ନରେ ସାଇତି ରଖେ ।

ଏ ଭାଲୁକୁଣୀ ମୂର୍ତ୍ତିରେ ମୁଁ ସୋରିଆ ନାନୀର ମୁହଁକୁ ଦେଖେ । ସେତେବେଳେ ସୋରିଆ ନାନୀ ମୋତେ ଭାଲୁକୁଣୀ ଭଳି ଲାଗେ ।

ଭାଲୁକୁଣୀ ଓଷା ପା* ପାଳିରେ ଝିଅମାନେ ମଜାମସ୍ତି କରନ୍ତି । ମୁଁ ବି ସେ ଝିଅପଲଙ୍କ

ସହ ଭାଲୁକୁଣୀ ଓଷାକୁ ଉପଭୋଗ କରେ ।

ପିଲାଦିନେ ଭାଦ୍ରବ ମାସର ଦିନଗୁଡ଼ା ଭାରି ଭଲ ଲାଗେ । କାରଣ, ସେତେବେଳକୁ ବିଲବାଡ଼ି କାମ ସରି ଯାଇଥାଏ । ଧାନକ୍ଷେତ ପୂରିଲା ପୂରିଲା ଦିଶୁଥାଏ । ଯୁଆଡ଼େ ଚାହିଁବ, ଚାରିଆଡ଼ ସାବ୍‌ଜା ସାବ୍‌ଜା । ନଈନାଳ, ଫୁଟଖାଲ, ପାଟନାଳି; ସବୁଆଡ଼େ ପ୍ରବଳ ମାଛ । ଆମେସବୁ ଝୁଡ଼ିଏ ଝୁଡ଼ିଏ ମାଛ ଘରକୁ ବୋହି ଆଣୁଥିବୁ ।

କଣମାଛ ଧରିବାକୁ ଆମେସବୁ ବିଲବାଡ଼ିରେ ବୁଲୁଥାଉ । 'କଣମାଛ' କ'ଣ ଆଜିକାଲିକା ପିଲାମାନେ ବୁଝି ନଥିବେ । ଗହୀର ଧାନ ବିଲର ସବୁତକ ପାଣି ଗଡ଼ି ଗୋଟିଏ କୋଣରେ ଜମି ରହିଥାଏ । ସେଠି ପ୍ରବଳ ମାଛ ଥା'ନ୍ତି । ଆମେ ସାଙ୍ଗରେ ମୁଗୁରା, ବେଣା, ବଜା, ଧୁଂ ନେଇ ଯାଇଥିବୁ । ଧୁଂ ପୂରା ହୋଇଗଲେ ଘରକୁ ଫେରିବୁ ।

ପାଟନାଳୀରୁ ଗୋବରୀ ନଈକୁ ପାଣି ଗଡୁଥିବ । ଆମେ ସେଠି ମୁଗୁରା କି ବଜା ବସେଇ ମାଛ ଧରୁଥିବୁ । ବେଳେବେଳେ ଫୁଟଖାଲିଆରେ ବନ୍ଧ ବାନ୍ଧି ଡିଆଁ କରିଥିବୁ । ଡିଆଁରେ ଖାଲି ସିଙ୍ଗି, ମାଗୁର, କଉ, ଗଡ଼ିଶା, ଶେଉଳ ଭର୍ତ୍ତି ହୋଇଯିବେ । ମାଛ ଦେଖି ଆମ ମନ ଖାଲି ଉଚ୍ଛନ୍ନ ହୋଇ ଯାଉଥିବ । ଖୁସିରେ ନାଚି ଉଠୁଥିବୁ ।

ସନ୍ଧ୍ୟାରେ ଖୁଦୁରୁକୁଣୀ ଓଷା ବହି ପଢ଼ିବା ପାଇଁ ଖୋଜା ପଡ଼ିବେ ସୋରିଆ ନାନୀ ଓ ତା' ସାଙ୍ଗ ନଖି ନାନୀ । କାରଣ ଆମ ଗାଁରେ କେହି ବି ଝିଅବୋହୂ ଅକ୍ଷର ଶିଖି ନଥିବେ । ସବୁ ମାଇପେ ଶ୍ରୀଅକ୍ଷର ବିବର୍ଜିତା । ବହି ପଢ଼ିବେ କ'ଣ ? ଏଣୁ ଗାଁର ଓଷାବ୍ରତ, ପୂଜାପର୍ବରେ ସୋରିଆ ନାନୀ ଓ ନଖି ନାନୀ ହିଁ ବହି ପଢ଼ନ୍ତି ।

ନଖି ନାନୀର ଭଲ ନାଁ ଲକ୍ଷ୍ମୀପ୍ରିୟା । ନଖି ନାନୀ ସୋରିଆ ନାନୀର ପ୍ରିୟ ସାଙ୍ଗ ।

ସୋରିଆ ନାନୀ ଓ ନଖି ନାନୀ ପଢୁଥିବେ ଖୁଦୁରୁକୁଣୀ ଓଷା ବହି । ଆମେସବୁ କାନପାରି ଶୁଣୁଥିବୁ ତଅପୋଇ କଥା । ସୋରିଆ ନାନୀ, ନଖି ନାନୀ ବୋଲୁଥିବେ–

"ବିରସେ ତଅପୋଇ ଗଲା, ଗମ୍ଭୀରା ଭିତରେ ପଶିଲା ।

କବାଟ କିଳି ମୁହଁ ମାଡ଼ି, ଶୋଇଲା ରତ୍ନଖଟେ ପଡ଼ି ।"

ଅଲିଅଳି ତଅପୋଇ ବାଉଁଶ କୁଲେଇରେ ଖେଳୁଥିବ । କୁଆଡୁ ଆସି ରାଣ୍ଡୀବାହୁଣୀ କହିବ– "ମଲା ମୋର, ସାଧବ ବୁଢ଼ାର ଏମିତି କ'ଣ ଅଭାବ ପଡ଼ିଲା କି ? ଗୋଟିଏ ବୋଲି ଝୁଅ ବାଉଁଶ କୁଲେଇରେ ଖେଳିବ ? ମୁଁ ହୋଇଥିଲେ ସୁବର୍ଣ୍ଣ କୁଲେଇରେ ଖେଳୁଥାନ୍ତି ।"

ସେଉଠୁ ତଅପୋଇ ମୁଣ୍ଡରେ ଭୂତ ପଶିବ । ସେ ଯାଇ ମୃଷାମାଟି ଭଣଭଣ ଗମ୍ଭୀରା ଭିତରେ ରୁଷି ଶୋଇବ । ଭାଇ, ଭାଉଜ, ବାପା, ବୋଉ ଯିଏ ଯେତେ ଡାକିଲେ ବି ଉଠିବନି । ବାପା, ଭାଇ, ମା', ଭାଉଜମାନେ ଡାକି ଡାକି ଥକି ପଡ଼ିଲେ ବି ତଅପୋଇ ସେ ଗମ୍ଭୀରା ଘରୁ ବାହାରିବନି ।

‘ନିଳେନ୍ଦ୍ରୀ ନାମେ ସାନ ବୋହୂ, ତଅପୋଇର ପ୍ରିୟ ସେହୁ’ ତଅପୋଇର ଅତି ପ୍ରିୟ ସାନ ଭାଉଜ ଯେତେବେଳେ ଡାକିବ, ତଅପୋଇ ଉଠି ବସିବ। ତା’ ପାଇଁ ସୁବର୍ଣ୍ଣ କୁଲେଇ ଆଉ ସୁବର୍ଣ୍ଣ ଚାନ୍ଦ ଗଢ଼ିବାକୁ ତଅପୋଇ ଜିଦ୍ କରିବ।

ଆହାଃ, ତନୟବନ୍ତ ସାଧବ ବୁଢ଼ାର ଗୋଟିଏ ବୋଲି ଅଲିଅଳୀ ଝିଅ ତଅପୋଇ! କ’ଣ ନାହିଁ ସାଧବ ବୁଢ଼ାର? ସାତ ପୁଅକୁ ସାତ ବୋହୂ। ଗୋଟିଏ ବୋଲି ଦୁଲୁଣା ତଅପୋଇ। ସାତ ପୁଅଙ୍କର ସାତ ଖଣ୍ଡ ବୋଇତ।

ସାଧବ ବୁଢ଼ା ଆଉ ସାତ ପୁଅ ଦରିଆକୁ ବୋଇତ ମେଲେଇ ଦୂର ବିଦେଶରୁ ବୋହି ଆଣନ୍ତି ଅମାପ ଧନରତ୍ନ, ସୁନା, ରୂପା, ହୀରା, ମୋତି, ମାଣିକ୍ୟ।

ସାଧବ ବୁଢ଼ାର ବୋହୂମାନେ ରତ୍ନ ପଲଙ୍କରେ ଶୁଅନ୍ତି। ଘର ମଥାନରେ ସୁବର୍ଣ୍ଣ କଳସ ଶୋଭା ପାଉଥାଏ। ସାଧବ ବୁଢ଼ାର ପୋଇଲିମାନେ ପାଟ ଶାଢୀ ପିନ୍ଧନ୍ତି। ତଅପୋଇର ଏ ଛୋଟିଆ ଅଳି ପୂରଣ ହେବନି? ଏ ପୁଣି କଥା? ସେଉଟୁ ତଅପୋଇ ପାଇଁ ଗଢ଼ାହେବ ସୁବର୍ଣ୍ଣର କୁଲେଇ ଆଉ ସୁବର୍ଣ୍ଣର ଚାନ୍ଦ।

ସୁବର୍ଣ୍ଣ କୁଲେଇ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ା ମରିଯିବ। ପୁଣି ସୁବର୍ଣ୍ଣ ଚାନ୍ଦ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ୀ ବି ଚାଲିଯିବ। ବିଚରା ତଅପୋଇ ବାପ, ମା’ ଛେଉଣ୍ଡ ହୋଇଯିବ।

ସାଧବ ସାତଭାଇ ସାତଖଣ୍ଡ ବୋଇତ ଧରି ବାଣିଜ୍ୟ କରିବାକୁ ସିଂହଳ ବାହାରୁଥିବେ। ଗେହ୍ନୀ ଭଉଣୀ ତଅପୋଇକୁ ଅବହେଳା ନ କରିବାକୁ ଭାଇମାନେ ନିଜନିଜ ସାଧବାଣୀ ପତ୍ନୀମାନଙ୍କୁ ତାଗିଦ କରୁଥିବେ।

କୋଉ ସାଧବାଣୀ ତା’ ପାଇଁ ଦୂର ବିଦେଶରୁ ସୁନା ଚୁଡ଼ି ଆଣିବାକୁ କହୁଥିବ ତ କୋଉ ସାଧବାଣୀ ରତ୍ନଜଡ଼ି, ପୁଣି କିଏ ବରାଦ ଦେଉଥିବ ତା’ପାଇଁ ହୀରାବସଣି, ସୁବର୍ଣ୍ଣକଙ୍କଣ, ଖଞ୍ଜା ମୋତିହୀରା, ହୀରା ମଲ୍ଲୀକଢ଼ି, ବସନ୍ତ ପତନୀ ଆଣିବାକୁ। ତଅପୋଇ କିନ୍ତୁ ଭାଇମାନଙ୍କୁ କହୁଥିବ, ତା’ପାଇଁ ହୀରାର କଣ୍ଢେଇ ଆଣିବାକୁ।

ଶେଷରେ ସାଧବ ସାତଭାଇ ସାତଖଣ୍ଡ ବୋଇତ ଧରି ଦୂର ବିଦେଶକୁ ବାହାରିଯିବେ। ତା’ପରେ ଆରମ୍ଭ ହୋଇଯିବ ଅସଲ ଟ୍ରାଜେଡି। ରାଣ୍ଡୀ ବାହୁଣୀର ଖେଳ।

ସୋରିଆ ନାନୀ ଓ ନଖୀ ନାନୀ ଖୁଦୁରୁକୁଣୀ ଓଷା ବହି ଏକ ଲୟରେ ପଢ଼ି ଚାଲିଥିବେ। କୋଉଠି ବି ଝୁଟ୍ ନଥିବେ। ପିତେଇ ଦୀପର ସଳିତା ତେଜି ଦେଉଥିବ ଓ ଘିଅ ଢାଳୁଥିବ। ଦୀପର ଆଲୁଅ ଟିକେ ଉଜ୍ୱଳ ହୋଇ ଉଠୁଥିବ। ମୁଁ ସେମିତି କାନପାରି ଖୁଦୁରୁକୁଣୀ ଓଷା ମାହାତ୍ମ୍ୟ ଶ୍ରବଣ କରୁଥିବି।

ସେଦିନ ମୋର ପାଠପଢ଼ା ନଥିବ। କାରଣ ଯେଉଁ ସୋରିଆ ନାନୀ ମୋତେ ପାଠ ପଢ଼ିବାକୁ କହିଥା’ନ୍ତା, ସିଏ ତ ଭାଲୁକୁଣୀ ଓଷାରେ ବ୍ୟସ୍ତ। ଆଉ ବୋଉ ବି ଖୁଦୁରୁକୁଣୀ

ଓଷା ଗୀତ ଶୁଣିବାକୁ ଆସି ପିଣ୍ଡାରେ ବସିଥିବ । ବାପା, ଗୋପୀ ବୁଢ଼ା, ବଇଆ ଜେଜ ଓ ବେନୁଆ ଦାଦା ହେରିକା ସେମାନଙ୍କ ଗପ ଜମେଇ ଦେଇଥିବେ ।

ରାଣ୍ଡୀ ବାହୁଣୀ କଥାରେ ପଡ଼ି ଭାଉଜମାନେ ତଅପୋଇକୁ ହଇରାଣ କରୁଥିବେ । ଖାଇବାକୁ ପିଇବାକୁ ଦେଉ ନଥିବେ । ଛେଳି ଚରାଇବାକୁ ବଣକୁ ପଠାଉଥିବେ । ବଡ଼ ଭାଉଜର ପ୍ରିୟ ଛେଳି ଘରମଣୀ ଜଙ୍ଗଲରେ ହଜି ଯାଉଥିବ । ଘରମଣୀକୁ ଖୋଜି ଖୋଜି ତଅପୋଇ ନିଘ* ଅରଣ୍ୟରେ ଏକୁଟିଆ କାନ୍ଦୁଥିବ ।

ଆଃ, ବିଚାରୀ ତଅପୋଇ କି କଷ୍ଟ ପାଇଲା ! ତା' ଭାଗ୍ୟରେ ପରା ସେୟା ଲେଖା ଥିଲା । ସେ କ'ଣ ଆମ ତମ ଭଳି ସାମାନ୍ୟ ମଣିଷ ହେଇଚି ? ସେ ପରା ସ୍ୱୟଂ ଦେବୀଙ୍କ ଅବତାର । ସ୍ୱର୍ଗର ଠାକୁରାଣୀ । ଶାପ ପାଇ ପରା ସେ ସ୍ୱର୍ଗରୁ ମ□ିପୁରକୁ ଓହ୍ଲାଇ ଆସିଥିଲା । ମ□ିରେ ଲୀଳାଖେଳା କରୁଛି । ଲୀଲା ସରିଗଲେ ସେ ପୁଣି ସ୍ୱର୍ଗକୁ ଚାଲିଯିବନି ?

ବାପା, ବଇଆ ଜେଜ, ଗୋପୀବୁଢ଼ା, ବେନୁଆ ଦାଦା ପିଣ୍ଡାରେ ବସି ଖୁଦୁରୁକୁଣୀ ପୁରାଣ ଶୁଣୁଥିବେ ଓ ସେମାନଙ୍କ ମଧ୍ୟରେ କଥାବା□ି ହେଉଥିବେ ।

ପିଣ୍ଡାରେ ବସିଥିବା ମୋତି ବୁଢ଼ୀ ନିଜକୁ ସମ୍ଭାଳି ନପାରି ତଅପୋଇର ଭାଉଜମାନଙ୍କ ଉଦ୍ଦେଶ୍ୟରେ କହିବ; "ରୁଅ ରୁଅ ପୋଡ଼ାମୁହିଁ, ଚୁପୁ ସଇତାନି, ତଅପେଇର ଭାଇମାନେ ଖାଲି ବିଦେଶରୁ ଆସନ୍ତୁ । ତମ କଥା ଗୋଟିଗୋଟି ବୁଝାହବ । ତମ ନାକସବୁ କଟା ନ ହେଇଚି ! ମୋ କାନିରେ ଗଣ୍ଠି ପଇଲା ।"

ସେଠି ବସିଥିବା ମାଇପିମାନେ ଆଖିରୁ ଲୁହ ପୋଛୁଥିବେ । ତଅପୋଇର ଦୁଃଖରେ ଭାଙ୍ଗି ପଡୁଥିବେ ।

ମୋ' ଆଖିରେ ଲୁହ ଜକେଇ ଆସୁଥିବ । ମୁଁ କଣେଇ କଣେଇ ସୋରିଆ ନାନୀର ମୁହଁକୁ ଚାହୁଁଥିବି । ସୋରିଆ ନାନୀ ବହି ପଢ଼ି ଚାଲିଥିବ । ଦୀପ ଆଲୁଅରେ ସୋରିଆ ନାନୀର ମୁହଁ ଠାଏ ଝଟକି ଉଠୁଥିବ । ମୋ' ଭିତର ଝଲସି ଉଠୁଥିବ ।

ଭାଲୁକୁଣୀ ଓଷାର ଶେଷ ପାଳିରେ ଗାଁରେ ଭିଡିଓ ଚାଲିବ । ହାଡ଼ିଆ ଭାଇ ଯିବ ଅଳେଇଲ ଭିଡିଓ ସେଟ୍ ଏବଂ ଜେନେଟ୍ରି (ଜେନେରେଟର) ଆଣିବାକୁ ।

ଝିଅମାନେ ନୂଆ ଶାଢ଼ୀ ପିନ୍ଧି ମୁହଁରେ ସ୍ନୋ ପାଉଡର ଲଗେଇ ଗାଁ ଦାଣ୍ଡରେ ଟହଲ ମାରୁଥିବେ । ସୋରିଆ ନାନୀ ନୂଆ ଶାଢୀ ପିନ୍ଧି ସବୁ କର୍ଯ୍ୟକ୍ରମର ତଦାରଖ କରୁଥିବ । ଶାଢୀ ପିନ୍ଧିଲେ ସୋରିଆ ନାନୀ ପରୀଟିଏ ଭଳି ଲାଗୁଥିବ ।

ଅନ୍ଧାର ରାତିରେ ଗାଁରେ ଭିଡିଓ ଚାଲେ । ଜେନେଟ୍ରି ଶବ୍ଦ ଓ ଧୂଆଁରେ ଗାଁଗୋହିରୀର ଏକାଗ୍ରତା ଭଙ୍ଗ ହୁଏ । କୋଉଠୁ ଦୂର କିଆବଣରୁ ବିଲୁଆଙ୍କ ଡାକ ଶୁଭୁଥାଏ । କଳା କିଟିକିଟି ଘନ ଅନ୍ଧାର ରାତିରେ ଗୋଟିଏ ଛୋଟିଆ ଯନ୍ତ୍ରରୁ ଯାହା କିଛି ନୀଳ ଆଲୋକ ବିଚ୍ଛେଇ ହୋଇ ଆଗରେ ବସିଥିବା ମାଇପି, ମିଣିପି ଓ ଅଣ୍ଡାପିଲାଙ୍କ ମୁହଁରେ ପଡୁଥିବ ।

ସମସ୍ତଙ୍କ ମୁହଁ ଝାପ୍ସା ନୀଳ ଦିଶୁଥିବ ।

ଓଡ଼ିଆ ସିନେମା 'ଗୌରୀ', 'କାବେରୀ', 'ଜଗା ହାତରେ ପଘା', 'ଗପ ହେଲେ ବି ସତ', 'କଳା ମାଣିକ', 'ରଜନୀଗନ୍ଧା', 'ଦଇବ ଦଉଡ଼ି' ଆଦି ଫିଲ୍ମ ଚାଲିବ । ଅପରାଜିତା, ବୈଶାଳୀ, ମହେଶ୍ୱତା, ତନ୍ଦ୍ରା ରାୟ ଆଦି ହିରୋଇନ୍‌ମାନେ ଆମ ପିଲାମାନଙ୍କୁ ବେଶ୍ ଆକର୍ଷିତ କରୁଥିବେ । କିନ୍ତୁ ସୋରିଆ ନାନୀ ସେତେବେଳେ ମୋ' ପାଇଁ କୋଉ ହିରୋଇନ୍‌ଠାରୁ କମ୍ ନଥିଲା ।

ସୋରିଆ ନାନୀ ଦେଖିବାକୁ ମହେଶ୍ୱତା ଭଳି । ମହେଶ୍ୱତା ମୋର ପ୍ରିୟ ହିରୋଇନ୍ । 'ସ୍ୱପ୍ନସାଗର' ଫିଲ୍ମ ଦେଖିବା ପରେ ମହେଶ୍ୱତା ପ୍ରତି ମୋର ଦୁର୍ବଳତା ଆସି ଯାଇଥାଏ । ମୁଁ ମନେ ମନେ ଭାବୁଥାଏ, ମହେଶ୍ୱତା ଭଳି ମୋର ସ୍ତ୍ରୀଟିଏ ହୁଅନ୍ତା କି ?

କେଡ଼ିକି ବକଟେ ପିଲା ହୋଇ ସେତେବେଳେ ମୁଁ କ'ଣ କ'ଣ ଭାବୁ ନଥିଲି ? ମାନିବାକୁ ପଡ଼ିବ ।

ହାଡ଼ିଆ ଭାଇ ହେରିକା ଚାହିଁବେ ଅଧା ରାତିରୁ ଓଡ଼ିଆ ଫିଲ୍ମ ବନ୍ଦ କରି ହିନ୍ଦୀ ଫିଲ୍ମ ଚାଲୁ କରିବାକୁ । ସେମାନେ ଅମିତା (ଅମିତାଭ୍) ବଚ୍ଚନର ଫିଲ୍ମ 'ଶୋଲେ', 'ଅଗ୍ନିପଥ', 'ଦିୱାର', 'ସରାବି', 'ଡନ୍', 'ନମକ ହଲାଲ୍', 'ଜଞ୍ଜିର' ଚଲେଇବାକୁ ଦାବି କରୁଥିବେ । ମୋତେ ସେ ତାଳଗଛ ଭଳି ଡେଙ୍ଗା ଅଡ଼ଭା ଅମିତା ବଚ୍ଚନ ମୋଟେ ଭଲ ଲାଗୁ ନଥିବ । ମୁଁ ଚାହୁଁଥିବି ଉ□ମ ମହାନ୍ତି କି ଶ୍ରୀରାମ ପଣ୍ଡା ଫିଲ୍ମ ଚାଲନ୍ତା କି ? କିନ୍ତୁ ମୋ' ଇଚ୍ଛା ଅନିଚ୍ଛାରେ କ'ଣ ଫିଲ୍ମ ଚାଲୁଥିବ ?

ଓଡ଼ିଆ ଓ ହିନ୍ଦୀ ଫିଲ୍ମକୁ ନେଇ ଝିଅ-ପୁଅ ଦୁଇ ଗୋଷ୍ଠୀଙ୍କ ଭିତରେ ଗୋଟିଏ ଘମାଘୋଟ ଲଢ଼େଇ ହୋଇଯିବ । ଗାଁର ଝିଅ, ମାଇପିମାନେ ଓଡ଼ିଆ ଫିଲ୍ମ ଦେଖିବାକୁ ଚାହୁଁଥିବେ । ଟୋକାମାନେ ହିନ୍ଦୀ ଫିଲ୍ମ ଦେଖିବାକୁ ଜିଦ୍ ଧରିଥିବେ ।

ଶେଷରେ ନିଷ୍ପ□ି ହେବ, ସଞ୍ଜ ପହରୁ ପ୍ରଥମେ ଦୁଇଟି ଓଡ଼ିଆ ଫିଲ୍ମ ଚାଲିବ । ରାତି ଅଧ ବେଳକୁ ହିନ୍ଦୀ ଫିଲ୍ମ ଚାଲିବ । ସେଇଆ ହେବ ।

ଆମ ଗାଁ ପାଖ ଗାଁ ଅଳେଇଲରୁ ଆସିଥିବ ଭିଡିଓ/ଭିସିପି ସେଟ୍ । ବଡ଼ ରଙ୍ଗୀନ ଟିଭି । ଓଡ଼ିଆ ଫିଲ୍ମ ଦେଖିବାକୁ ଭିଡିଓ ସାମ୍ନାରେ ଚକାପାରି ଘେରି ବସିଥାନ୍ତି ଗାଁର ବୁଢ଼ାବୁଢ଼ୀ, ଟୋକାଟୋକୀ, ଛୋଟ ପିଲା, ମାଇପି, ମିଣିପି ।

ମୁଁ ବି ଭିଡିଓ ସାମ୍ନାରେ ଏକ ଲୟରେ ଓଡ଼ିଆ ଫିଲ୍ମ ଦେଖୁଥାଏ ।

"ଆଃ, 'ଗୌରୀ' ଫିଲିମିରେ ମହେଶ୍ୱତା କି ରୋଲ୍ ନ କରିଛି ! ପ୍ରଶାନ୍ତ ନନ୍ଦ ଭଳିଆ ଅଖବା ଆଡ଼ବାୟା ଗଞ୍ଜଡ଼କୁ ପାଠ ପଢ଼େଇ ମଣିଷ କରିଚି । ଭିଲିଆନ ମାମୁ ଓ ଦିଅରକୁ ମହେଶ୍ୱତା ସାବାଡ୍ କରଚି ।"

ମୋତେ ସେତେବେଳେ ମହେଶ୍ୱତା ଭାରି ଭଲ ଲାଗେ ।

ଆଉ ସୋରିଆ ନାନୀ ବି ।

ସୋରିଆ ନାନୀ ବି ତ ମହେଶ୍ୱତା ଭଳି ଗାଁର ସବୁ କାମକୁ ଆଗଭର ।

'ଗୌରୀ' ଫିଲ୍ମର ସେ ଗୀତ 'ଏଇ ଗାଁର ମଉଡ଼ମଣୀ ଗୋ, ଆମ ଗଉରୀ ନାନୀ' ମୋର ଭାରି ପ୍ରିୟ । ମୁଁ ଅନେକ ସମୟରେ ଏଇ ଗୀତକୁ ଗୁଣୁଗୁଣାଏ । ମନେମନେ ମହେଶ୍ୱତା କଥା, ସୋରିଆ ନାନୀ କଥା ଭାବି ଜୀବନର ଅନେକ ଦୁଃଖ ଭୁଲିଯାଏ । ଆଜି ବି ସୋରିଆ ନାନୀ ମୋ ମନରେ 'ଗୌରୀ' ଫିଲ୍ମର ମହେଶ୍ୱତା ଭଳି ସବାର ହୋଇ ରହିଛି ।

ଅନ୍ଧାର ରାତିରେ ଗାଁଦାଣ୍ଡରେ ଭିଡିଓ ଚାଲିଥିବ । ସୋରିଆ ନାନୀ ବସିଥିବ ଗୋଟିଏ କୋଣକୁ । ତାକୁ ଘେରି ଅନ୍ୟ ଝିଅମାନେ ବସିଥିବେ । ଭିଡିଓର ଝିଲିମିଲି ନେଳି ଆଲୁଅ ସୋରିଆ ନାନୀର ଗୋରା ମୁହଁରେ ପଡୁଥିବ ।

ସୋରିଆ ନାନୀ ମୋତେ ମହେଶ୍ୱତା ଭଳି ଲାଗୁଥିବ । ନେଳି ନେଳି । ଚିକ୍‌ଚିକ୍ ।

ରାତି ଅନିଦ୍ରା ହୋଇ ଫିଲ୍ମ ଦେଖିବୁ । ଫିଲ୍ମର ପ୍ରଭାବ ଆମ ଭଳି ପିଲାଙ୍କ ଉପରେ ଦୁଇ ତିନି ଦିନ ପର୍ଯ୍ୟନ୍ତ ରହିବ । ଆମେସବୁ ପିଲାମାନେ ଫିଲ୍ମ ଦେଖି ନିଜକୁ ହିରୋ ଭଳି ମନେ କରୁଥିବୁ । ଗାଁର ଝିଅମାନଙ୍କୁ ହିରୋଇନ୍ ଭାବୁଥିବୁ । ଆମ ଚାଲିଚଳନୀ, ରଙ୍ଗଢଙ୍ଗ ବି ବଦଳି ଯାଉଥିବ ।

ପରଦିନ ସ୍କୁଲ୍‌ରେ ଭୀଷଣ ନିଦ ମାଡୁଥିବ । ମୁଁ ଢୋଳୋଉଥିବି । ହରି ସାର୍ ପଢ଼ାଉଥିବେ ଗସାଗୁ, ଲସାଗୁ ଗଣିତ । ମୁଁ ସେଥିରେ ଖାଲି ସାଗୁ ହିଁ ଦେଖୁଥିବି । ପିଲାବେଳେ ମୁଁ ଝାଡ଼ା ହେଲେ ବୋଉ ମୋତେ ସାଗୁ ଖୁଆଇଥାଏ । ମୁଁ ସେଇ ସାଗୁ କଥା ହିଁ ଭାବୁଥିବି ।

ମୁଁ ହରି ସାର୍‌ଙ୍କ ଗଣିତ ବୁଝି ପାରୁ ନଥିବି । ଖାଲି ହରି ସାର୍‌ଙ୍କ ମୁହଁକୁ ଜଳଜଳ କରି ଚାହୁଁଥିବି । ମୋ' ମୁଣ୍ଡ ଭିତରେ ଗତକାଲି ରାତିର ଫିଲ୍ମ ରିଲ୍ ଘୂରୁଥିବ । ଘଡ଼ଘଡ଼, ଘଡ଼ଘଡ଼ ।

୧୩

ମୋ' ମାଟ୍ରିକ ପରୀକ୍ଷା ବର୍ଷ ଓଡ଼ିଶାରେ ଭୟଙ୍କର ବାତ୍ୟା ହୋଇଥିଲା । ହଜାରେ ବାରଶହ କିଲୋମିଟର ବେଗରେ ପବନ ବହିଥିଲା । ବାତ୍ୟାରେ ଗାଁଗଣ୍ଡା, ଘରଦ୍ୱାର ଉଡ଼ି ଯାଇଥିଲା । ଆମ ଅଜାଙ୍କ ଘର ବି ସେତେବେଳେ ଭାଙ୍ଗି ଯାଇଥିଲା । ଆମ ଗାଁର ପ୍ରାୟ ସବୁ ଘରର ଚାଳ ଛପର ଉଡ଼ି ଯାଇଥିଲା । କାନ୍ଥ ଭୁଶୁଡ଼ି ମାଟିରେ ମିଶି ଯାଇଥିଲା । ବହୁ ଗଛବୃଚ୍ଛ ଭାଙ୍ଗି ପଡ଼ିଥିଲା । ଛାତିଏ ଉଚ୍ଚର ସମୁଦ୍ର ଜୁଆର ମାଡ଼ି ଆସିଥିଲା । ଚାଷଜମିରେ ବାଲିଚର ମାଡ଼ି ଯାଇଥିଲା ।

ଅଜା ସେତେବେଳକୁ ଅଧିକ ବୁଢ଼ା ହୋଇ ଯାଇଥିଲେ । ଆଉ ପୂର୍ବ ଭଳି ଧାଁଦଉଡ଼ କରି ପାରୁ ନଥିଲେ । ଅଜାଙ୍କର ଝାର ବ୍ୟବସାୟ ବନ୍ଦ ହୋଇ ଯାଇଥିଲା । ଜମ୍ବୁଦ୍ୱୀପକୁ ଯିବାଆସିବା କମି ଯାଇଥିଲା । ଅଜା ପ୍ରାୟତଃ ଘରେ ବସି ରହୁଥିଲେ । ଖାଲି ବଙ୍ଗଳାଦେଶୀଙ୍କ ଉପରକୁ ଚିଡ୍ ଚିଡ୍ ହେଉଥିଲେ ।

ସମୁଦ୍ର ଉପକୂଳ ଓଡ଼ିଶାରେ ଥିବା ହେନ୍ତାଳ ଜଙ୍ଗଲ ଧ୍ୱଂସ ପାଇଯାଇଥିବାରୁ ସେ ବର୍ଷ ବାତ୍ୟାର ପ୍ରକୋପ ବେଶି ଅନୁଭୂତ ହୋଇଥିଲା । ବଙ୍ଗଳାଦେଶୀମାନେ ଜମ୍ବୁ ଦ୍ୱୀପରେ ରହିବା ପରଠୁ ଓଡ଼ିଶା ଉପକୂଳରୁ ହେନ୍ତାଳ ଜଙ୍ଗଲ ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିଲା । ହେନ୍ତାଳ ଜଙ୍ଗଲ ପାଚେରୀ ଭଳି ଠିଆ ହୋଇ ଆମ ଅ*ଳକୁ ଝଡ଼ବାତ୍ୟାରୁ ସୁରକ୍ଷା ଦେଉଥିଲା ବୋଲି ଅଜା କହୁଥିଲେ ।

ସେତେବେଳେ ମୁଁ ମୋ' ପିଲା ବୁଦ୍ଧିରେ ହେନ୍ତାଳ ଜଙ୍ଗଲ କ'ଣ ଭଲକରି ବୁଝି ନଥିଲି । ଏଣୁ ଅଜାଙ୍କ ଉଦ୍‌ବେଗକୁ ମୁଁ ଏତେ ଗୁରୁତ୍ୱ ଦେଉ ନଥିଲି । ଅଜା କାହିଁକି ଜମ୍ବୁ ଦ୍ୱୀପ ଓ ହେନ୍ତାଳ ଜଙ୍ଗଲକୁ ନେଇ ଅଧିକ ଚିନ୍ତିତ ହେଉଥିଲେ, ଆଜି ମୁଁ ପରିଣତ ବୟସରେ ଏହା ବୁଝି ପାରୁଛି ।

ହେନ୍ତାଳ ବଣ ଥିଲେ ଆମେ କ'ଣ ବାତ୍ୟାର ଦୁର୍ଦ୍ଦଶା ଭୋଗିଥାନ୍ତୁ ? ଏ ବଙ୍ଗଳାଦେଶୀମାନେ ସବୁ ନଷ୍ଟଭ୍ରଷ୍ଟ କରି ପକାଇଲେ । ସୁନାର ଜମ୍ବୁଦ୍ୱୀପର ଶିରି ତୁଟାଇ ଦେଲେ । ଅଜା ପିଣ୍ଡାରେ ବସି ବିଳିବିଳୋଉଥିବେ । ଖିଙ୍କାରୀ ହେଉଥିବେ । ଅଜାଙ୍କ ଶେଷ ଜୀବନ ଖାଲି ବଙ୍ଗଳାଦେଶୀଙ୍କୁ ଗାଳିଦେବାରେ ବିତି ଯାଇଥିଲା ।

ମୁଁ ମାଟ୍ରିକ୍ ପାସ୍ କରି କଲେଜରେ ପଢ଼ିଲା ବେଳକୁ ଅଜାଙ୍କର ଝାର ବ୍ୟବସାୟ ବନ୍ଦ ହୋଇଯାଇଥିଲା । ଅଜା ଅତି ବୁଢ଼ା ହୋଇ ଘରେ ବସିଥିଲେ । ମାମୁମାନଙ୍କର ବ୍ୟବସାୟ ବି ଆଉ ଭଲ ଚାଲୁ ନଥିଲା । ଝାର କାରବାର ବନ୍ଦ ହୋଇଯିବାରୁ ମାମୁମାନେ ଏକପ୍ରକାର ହାତ ବାନ୍ଧି ବସୁଥିଲେ ।

ଅଜା କହୁଥିଲେ, ଏହି ହେନ୍ତାଳ ଜଙ୍ଗଲ ଆମ ପାଇଁ ଭଗବାନଙ୍କ ଆଶୀର୍ବାଦ ଭଳି ଥିଲା । ଆମ ସମୁଦ୍ର କୂଳରେ ହେନ୍ତାଳ ଜଙ୍ଗଲ ଅଛି ବୋଲି ଆମେସବୁ ସୁରକ୍ଷିତ ଅଛୁ । ଏ ହେନ୍ତାଳ ଜଙ୍ଗଲ ପାଚେରୀ ଭଳି ଓଡ଼ିଶା ଉପକୂଳକୁ ଜଗି ରହିଥାଏ । ବାତ୍ୟା ଆସିଲେ ପ୍ରଥମେ ଏ ହେନ୍ତାଳ ଜଙ୍ଗଲରେ ମାଡ଼ ହୋଇଥାଏ । ଆମେସବୁ ରକ୍ଷା ପାଉ ।

ଅଜା ମରିଯିବା ଏହା ଭିତରେ ଅନେକ ବର୍ଷ ବିତିଗଲାଣି । ମାମୁମାନେ ବି ମରିହଜି ଗଲେଣି । ମୁଁ ବୁଢ଼ା ହୋଇ ମରିବାକୁ ଅପେକ୍ଷା କଲିଣି । ଆଜି ଅନେକ ବର୍ଷ ପରେ କେନ୍ଦ୍ରାପଡ଼ାରେ ହେନ୍ତାଳ ଜଙ୍ଗଲର ସୁରକ୍ଷା ଏବଂ ବଙ୍ଗଳାଦେଶୀଙ୍କୁ ହଟାଇବା ନେଇ ଯେଉଁ ଜନ ଆନ୍ଦୋଳନ ଦେଖା ଦେଇଛି ଅଜା ବ*ଥିଲେ ହୁଏତ ଖୁବ୍ ଆତ୍ମସନ୍ତୋଷ ଲାଭ କରିଥାନ୍ତେ । ଅଜା ଯେଉଁ କଥା ପଚାଶ ବର୍ଷ ତଳେ ଚିନ୍ତା କରୁଥିଲେ, ଲୋକମାନେ

ଆଜି ସେକଥା ବୁଝୁଛନ୍ତି ।

'ହେନ୍ତାଳ ବନ ସୁରକ୍ଷା ସମିତି'ର ନେତା ପ୍ରଭୁକଲ୍ୟାଣ ମହାନ୍ତିଙ୍କ ନେତୃତ୍ୱରେ ବଙ୍ଗଳାଦେଶୀ ହଟାଅ ଅଭିଯାନ ଜୋର୍‌ଦାର ହୋଇଛି । ଖରିନାସୀର ଜୟନ୍ତ ଖଟେଇ ବି ଏଥିରେ ସାମିଲ ହୋଇଛି । ଯେମିତି ହେଉ ଜମ୍ବୁଦ୍ୱୀପରୁ ବଙ୍ଗଳାଦେଶୀଙ୍କୁ ହଟାଇବା ଏବଂ ଜମ୍ବୁଦ୍ୱୀପରେ ପୁଣି ଥରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା 'ହେନ୍ତାଳ ବନ ସୁରକ୍ଷା ସମିତି'ର ଗୋଟିଏ ମାତ୍ର ଲକ୍ଷ୍ୟ ।

ଓଡ଼ିଶା ଉପକୂଳର କେନ୍ଦ୍ରାପଡ଼ା, ମହାକାଳପଡ଼ା, ରାଜନଗର, ପଟ୍ଟାମୁଣ୍ଡେଇ, ରାଜକନିକା, ଚାନ୍ଦବାଲି, ଧାମରା, ଭଦ୍ରକ, ଜଗତସିଂହପୁର, କୁଜଙ୍ଗ, ବାଲେଶ୍ୱର, ବଳରାମଗଡ଼ି, ବାହାବଳପୁର, କୀ□ନିଆ ଆଦି ଅ*ଳରେ ବଙ୍ଗଳାଦେଶୀଙ୍କ ବିରୋଧରେ ଲୋକେ ମେଳି ବାନ୍ଧିଲେଣି । ଓଡ଼ିଶାରୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ସରକାରଙ୍କ ନିକଟରେ ଦାବି ଜୋରଦାର ହେଲାଣି ।

ଆଜି 'ହେନ୍ତାଳ ବନ ସୁରକ୍ଷା ସମିତି' ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ । ପ୍ରଭୁକଲ୍ୟାଣ ମହାନ୍ତିଙ୍କ ଡାକରାରେ ହଜାର ହଜାର ପରିବେଶ ପ୍ରେମୀ ଓ ହେନ୍ତାଳ ଜଙ୍ଗଲ ସୁରକ୍ଷା କଥା ଚିନ୍ତା କରୁଥିବା ଲୋକମାନେ ଏକତ୍ର ହୋଇଛନ୍ତି ।

ବଙ୍ଗଳାଦେଶୀମାନେ ଜମ୍ବୁଦ୍ୱୀପକୁ କବ୍‌ଜା କଲାଦିନୁ ହେନ୍ତାଳ ଜଙ୍ଗଲ ଧ୍ୱଂସ ପାଇଛି । ହେନ୍ତାଳ ଜଙ୍ଗଲର ସୁରକ୍ଷା ଏବଂ ବଙ୍ଗଳାଦେଶୀ ଅନୁପ୍ରବେଶକୁ ବିରୋଧ କରି ସବୁଠି ସେମାନଙ୍କୁ ତଡ଼ିବାର ସ୍ୱର ଉଠିଲାଣି ।

ଓଡ଼ିଶାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଚିନ୍ତା ବଢ଼ାଇଛି । ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ବେଆଇନ୍ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ବିରୋଧ କରାଯିବା ଫଳରେ ସରକାରଙ୍କ ଚେତା ପଶିଛି । 'ନ୍ୟାସନାଲ ରେଜିଷ୍ଟର ଅଫ୍ ସିଟିଜେନ୍' (ଏନ୍‌ଆର୍‌ସି) ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶରୁ ତଡ଼ିବା ପ୍ରକ୍ରିୟା ଆରମ୍ଭ କଲେଣି । କିନ୍ତୁ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଆଗେଇ ପାରୁନି ।

ପ୍ରଭୁକଲ୍ୟାଣ ମହାନ୍ତି ଡାକରା ଦେଇଛି- "ଜମ୍ବୁଦ୍ୱୀପରୁ ବଙ୍ଗଳାଦେଶୀଙ୍କୁ ହଟାଅ, ହେନ୍ତାଳ ଜଙ୍ଗଲ ବ*ାଅ ।"

ଓଡ଼ିଶାରେ ଦିନକୁ ଦିନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୨୦୦୪ ମସିହା ଡିସେମ୍ବର ୧୫ ତାରିଖରେ ଓଡ଼ିଶା ସରକାର ମୋଟ ୧୫୫୧ ଜଣଙ୍କୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ବୋଲି ଚିହ୍ନଟ କରି ସେମାନଙ୍କୁ ଭାରତ ଛାଡ଼ ନୋଟିସ ପଠାଇଥିଲେ । ଏ ତ ହେଉଛି ସରକାରୀ ରିପୋର୍ଟ । କିନ୍ତୁ ଓଡ଼ିଶାରେ ଲକ୍ଷ ଲକ୍ଷ ବେଆଇନ୍ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଅଛନ୍ତି । ସେମାନେ ନାନା

ପ୍ରକାର ଅସାମାଜିକ ଓ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ପ୍ରଭୁକଲ୍ୟାଣ ମହାନ୍ତି ଓ ତା' ସଂଗଠନ ଦାବି କରି ଆସୁଛି ।

ମହାକାଳପଡ଼ା ବ୍ଲକର ବଉଳକଣି ପ*ାୟତର ଲୁଣାଘେରି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଦର୍ଶାଇ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଲମ୍ବନ କରିଥିଲେ । ଖରିନାସୀର ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଅଭିଯୋଗରେ ଚାକିରିରୁ ଅନ୍ତର କରାଯାଇଥିଲା । ଏମିତି ଅନେକ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର ହାସଲ କରି ସରକାରୀ ଚାକିରି ପାଉଛନ୍ତି ।

ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ କିଭଳି ଓଡ଼ିଶାର ବାସିନ୍ଦା ପ୍ରମାଣପତ୍ର ହାସଲ କରି ଚାକିରି ପାଉଛନ୍ତି ବୋଲି ପ୍ରଭୁକଲ୍ୟାଣ ମହାନ୍ତି ପ୍ରଶ୍ନ କରେ । ସରକାରୀ ବାବୁ ଓ ନେତାମନ୍ତ୍ରୀଙ୍କୁ ହାତ କରି ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଏଠାକାର ବାସିନ୍ଦା ପାଲଟି ଯାଉଛନ୍ତି ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ମହାକାଳକଡ଼ାର ଜମ୍ମୁ, ଖରିନାସୀ ଅ*ଳରେ ରହି ଅନେକ ପ୍ରକାର ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି । ବିଶେଷକରି ହେନ୍ତାଳ ଜଙ୍ଗଲରୁ କାଠ କାଟି ସମୁଦ୍ର ପଥରେ ବାହାରକୁ ଚାଲାଣ କରୁଛନ୍ତି । ହରିଣ, ସମ୍ବର, ବାର୍ହା ଭଳି ଜଙ୍ଗଲୀ ପଶୁ ଶିକାର କରୁଛନ୍ତି । ପ୍ରଭୁକଲ୍ୟାଣ ମହାନ୍ତି ଓ ଜୟନ୍ତ ଖଟେଇଙ୍କ ଭଳି ନେତାମାନେ ଏହାକୁ ବିରୋଧ କରୁଛନ୍ତି ।

ଅନେକ ବେଆଇନ୍ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ସରକାରଙ୍କ ପକ୍ଷରୁ 'ଭାରତ ଛାଡ଼ ନୋଟିସ' ପାଇ ମଧ୍ୟ ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟ କରୁଛନ୍ତି । ସରକାରୀ ଉଦାସୀନତା ଓ ଆଇନର ଗଳାବାଟ ଦେଇ ଅନୁପ୍ରବେଶ ପ୍ରକ୍ରିୟା ଜାରି ରହିଛି । ଏହାକୁ 'ହେନ୍ତାଳ ବନ ସୁରକ୍ଷା ସମିତି' ବିରୋଧ କରି ଆସୁଛି ।

ଓଡ଼ିଶାରେ ଲକ୍ଷାଧିକ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଜମ୍ମୁ ସମେତ ବିଭିନ୍ନ ସ୍ଥାନରେ ଆଡ୍ଡା ଜମେଇ ଅଛନ୍ତି । କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଭଳି ଉପକୂଳ ଜିଲ୍ଲା ସମେତ ମାଲ୍‌କାନଗିରି, ନବରଙ୍ଗପୁର, କୋରାପୁଟ; ଯେଉଁସବୁ ଅ*ଳରେ ପୂର୍ବରୁ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବାସ କରି ଆସୁଛନ୍ତି, ସେସବୁ ଅ*ଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଚାରିଆଡ଼େ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଆନ୍ଦୋଳନ ତୀବ୍ର ହୋଇଛି ।

ପଶ୍ଚିମବଙ୍ଗ ରାଜ୍ୟ ସୀମାକୁ ଲାଗିଥିବା ମୟୂରଭଞ୍ଜ, ବାଲେଶ୍ୱର ତଥା ଓଡ଼ିଶାର ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅ*ଳରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ କାୟା ମେଲେଇଛନ୍ତି । ବଙ୍ଗୋପସାଗରକୁ ଲାଗିଥିବା ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବାଲେଶ୍ୱର

ସଦର, ବଳରାମଗଡ଼ି, ରେମୁଣା, ବସ୍ତା, ଭଦ୍ରକ ଜିଲ୍ଲାର ବାସୁଦେବପୁର, ତିହିଡ଼ି, ଚାନ୍ଦବାଲି, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ରାଜନଗର ଓ ପଟ୍ଟାମୁଣ୍ଡେଇ ଏବଂ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ଏରସମା ଓ ବାଲିକୁଦା ଅ*ଳରେ ରହୁଥିବା ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ସହାୟତାରେ ଅନୁପ୍ରବେଶକାରୀମାନେ ଓଡ଼ିଶା ଭିତରକୁ ପଶୁଛନ୍ତି । ଏହାକୁ 'ହେନ୍ତାଳ ବନ ସୁରକ୍ଷା ସମିତି' ବିରୋଧ କରି ଆସୁଛି ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀକୁ ନେଇ ବିଧାନସଭାରେ ଅନେକ ଥର ଝଡ଼ ଉଠିଛି । ମାତ୍ର, ପୁଣି ତୁନି ପଡ଼ିଯାଇଛି ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ କେବଳ ମହାକାଳପଡ଼ା କାହିଁକି କଟକ, ଭୁବନେଶ୍ୱର ଭଳି ସହରା*ଳର ରେଳ ଷ୍ଟେସନ, ବସ୍ତିମାନଙ୍କରେ ରହି କୋଠା ମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ ଓ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । କେତେକ ସ୍ଥାନରେ ଏହି ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଚୋରି, ଡକାୟତି ଓ ଯୁବତୀ ଚାଲାଣ ଭଳି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ବୋଲି ଖବରକାଗଜରେ ରିପୋର୍ଟ ପ୍ରକାଶ ପାଉଛି । ତଥାପି ସରକାର ଚୁପ୍ ରହୁଛନ୍ତି ।

ଓଡ଼ିଶାରେ ବସବାସ କରୁଥିବା ବଙ୍ଗଳାଦେଶୀ ଶରଣାର୍ଥୀ, ପଶ୍ଚିମବଙ୍ଗର ବର୍ଦ୍ଧମାନ ଓ ମେଦିନାପୁର ଅ*ଳରୁ ଆସୁଥିବା ବଙ୍ଗ ଭାଷାଭାଷୀ ଲୋକ ଏବଂ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ଭାଷା ପ୍ରାୟ ସମାନ ହୋଇଥିବାରୁ କିଏ ଶରଣାର୍ଥୀ କିଏ ପଶ୍ଚିମବଙ୍ଗର ଲୋକ ଏବଂ କିଏ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ, ତାହା ଜାଣିବା ମୁସ୍କିଲ ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଜଳପଥରେ ବଙ୍ଗୋପସାଗର ଦେଇ ଓଡ଼ିଶା ଉପକୂଳରେ ପହ*ଁ ଯାଉଛନ୍ତି । ବଙ୍ଗଳାଦେଶର ଗଙ୍ଗା (ପଦ୍ମାନଦୀ) ଏବଂ ବ୍ରହ୍ମପୁତ୍ର ନଦୀ ମୁହାଣ ଦେଇ ଏମାନେ ଭୁଟୁଭୁଟି, ଛୋଟ ଲ*୍ କିମ୍ବା ଷ୍ଟିମର ସହାୟତାରେ ସମୁଦ୍ର ପଥରେ ଆସି ବାଲେଶ୍ୱରର ବଳରାମଗଡ଼ି, ବାହାବଳପୁର, କୀ□ନିଆ, ଭଦ୍ରକର ଚୂଡ଼ାମଣି, ଧାମରା, କେନ୍ଦ୍ରାପଡ଼ାର ଗହୀରମଥା, ରଙ୍ଗଣି, ତାଳଚୁଆ, ହୁକିଟୋଲା, ଜମ୍ବୁ, ଖରିନାସୀ, ରାମନଗର, ବତୀଘର, ପାରାଦୀପର ମହାନଦୀ ମୁହାଣ ଦେଇ ଓଡ଼ିଶାରେ ପହ*ଁ ଯାଉଛନ୍ତି ।

ଓଡ଼ିଶା ଉପକୂଳରେ ସମୁଦ୍ର ମଧ୍ୟରେ ଅନେକ ଛୋଟ ଛୋଟ ଦ୍ୱୀପା*ଳ ରହିଛି । ସମୁଦ୍ର ମଧ୍ୟରେ ଥିବା ହେଟାମୁଣ୍ଡିଆ, ହୁକିଟୋଲା, ବୁଦ୍ଧିଆବାଲି, ହାବେଳିଖଟି, ନଦିଆବାଲି, ବାବୁବାଲି, କନିକାବାଲି, ହ୍ୱିଲର ଆଇଲାଣ୍ଡ, କାଳିଭଞ୍ଜଡିଆ ଦ୍ୱୀପ, ଖରିନାସୀ, ହରିଆବାଙ୍କ, ଜମ୍ବୁ, ବତୀଘର, ଟୁବି, ବରକୋଳିଖଳା, କଜଳପାତିଆ, ନିପାଣିଆ, ପିତାପାଟ, ରାମନଗର, ବାହାକୁଦ ଭଳି ଛୋଟ ଛୋଟ ଟାପୁରେ ପୂର୍ବରୁ ବଙ୍ଗଳାଦେଶୀ ଶରଣାର୍ଥୀମାନେ ବସବାସ କରୁଛନ୍ତି । ଏମାନଙ୍କ ସହାୟତାରେ ଅନୁପ୍ରବେଶକାରୀମାନେ ମଧ୍ୟ ଏଠାରେ ଆସ୍ଥାନ ଜମେଇ ରହୁଛନ୍ତି ।

ଏସବୁ ଦ୍ୱୀପା*ଳରେ ଥିବା ହେନ୍ତାଳ ଜଙ୍ଗଲକୁ ସଫା କରି ବଙ୍ଗଳାଦେଶୀମାନେ ନିଜନିଜର ଗାଁ ବସ୍ତି ଗଢୁଛନ୍ତି ଯାହାକୁ ତୀବ୍ର ବିରୋଧ କରି ଆସୁଛି 'ହେନ୍ତାଳ ବନ ସୁରକ୍ଷା ସମିତି'।

୧୯୯୩ ମସିହାରେ ହ୍ୱିଲର ଦ୍ୱୀପପୁଞ୍ଜରେ ଥିବା ଗଛମାନଙ୍କ ଉପରେ ବଙ୍ଗଳାଦେଶୀ ପତାକା ଉଡୁଥିବା କଥା ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଜ୍ଞାନିକ ଅବଦୁଲ କାଲାମ ଯେତେବେଳେ ହ୍ୱିଲର ଦ୍ୱୀପକୁ କ୍ଷେପଣାସ୍ତ୍ର ପରୀକ୍ଷଣ କାର୍ଯ୍ୟରେ ଆସିଥିଲେ ସେଠାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତି ତାଙ୍କ ନଜରକୁ ଆସିଥିଲା।

କେବଳ ହ୍ୱିଲର ଦ୍ୱୀପ କାହିଁକି ଜମ୍ମୁ ଅ*ଳର ସମସ୍ତ ଛୋଟ ଛୋଟ ଦ୍ୱୀପକୁ ଅନୁପ୍ରବେଶକାରୀମାନେ କବ୍ଜା କରି ହେନ୍ତାଳ ବଣକୁ ସଫା କରି ଚାଲିଛନ୍ତି। ସରକାର ସବୁ ଜାଣି ଅଜଣା ରହୁଛନ୍ତି। କିଛି ବି ପଦକ୍ଷେପ ନେଉ ନାହାନ୍ତି।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ହେନ୍ତାଳ ଜଙ୍ଗଲ ଭିତରେ ଏତେ ଜୋର୍ରେ ଦୌଡ଼ି ପାରନ୍ତି ଯେ, ପୁଲିସ ସେମାନଙ୍କୁ ପିଛା କରିବା ମଧ୍ୟ କଷ୍ଟ ହୋଇଥାଏ। ଜଳପଥ ବ୍ୟତୀତ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ସ୍ଥଳ ପଥରେ ଓଡ଼ିଶା ଭିତରକୁ ପ୍ରବେଶ କରୁଛନ୍ତି। ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା, ମେଘାଳୟ ଭଳି ରାଜ୍ୟ ବଙ୍ଗଳା ଦେଶ ସୀମାକୁ ଲାଗି ରହିଛି। ଅନୁପ୍ରବେଶକାରୀମାନେ ଏହିସବୁ ରାଜ୍ୟ ମଧ୍ୟ ଦେଇ ଓଡ଼ିଶା ଭିତରକୁ ପଶୁଛନ୍ତି।

ଏମାନେ ପଶ୍ଚିମବଙ୍ଗରୁ ବାଲେଶ୍ୱର, ମୟୂରଭଞ୍ଜ ଦେଇ ସ୍ଥଳ ପଥରେ ଆସିବା ପରେ ରାଜ୍ୟର ବିଭିନ୍ନ ବଙ୍ଗ ଭାଷାଭାଷୀଙ୍କ ଗହଣରେ ରହି ଯାଉଛନ୍ତି। କେତେକ ସ୍ଥଳରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଯୁବକ-ଯୁବତୀ ଆମ ଅ*ଳର ଓଡ଼ିଆ ଯୁବକ, ଯୁବତୀଙ୍କୁ ବିବାହ କରି ଏ ଅ*ଳରେ ଘରଦ୍ୱାର କରି ରହିଗଲେଣି। ପରବର୍ତ୍ତୀ କାଳରେ ରାଜନେତାଙ୍କୁ ଧରି ଏଠାକାର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ହାସଲ କରି ନେଉଛନ୍ତି।

'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ମତରେ, ଓଡ଼ିଶାରେ ଯେଉଁ ବଙ୍ଗଳାଦେଶୀମାନେ ରହୁଛନ୍ତି, ସେମାନଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇ ପାରେ। ଭାରତ ସ୍ୱାଧୀନ ହେବା ପରେ ୧୯୫୦ ମସିହାରେ ହିନ୍ଦୁ-ମୁସଲମାନ ଦଙ୍ଗା ସମୟରେ ପୂର୍ବ ପାକିସ୍ତାନ (ବର୍ତ୍ତମାନର ବଙ୍ଗଳାଦେଶ)ରୁ ବହୁ ହିନ୍ଦୁ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ। ଏହି ଦଙ୍ଗା ସମୟରେ ୧୯୫୦ରୁ ୧୯୫୮ ମସିହା ମଧ୍ୟରେ ପାଖାପାଖି ୪୨ ଲକ୍ଷ ବଙ୍ଗଳାଦେଶୀ ପୂର୍ବ ପାକିସ୍ତାନରୁ ଭାରତକୁ ଚାଲି ଆସିଥିଲେ। ସେମାନଙ୍କୁ ସେତେବେଳେ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆସାମରେ ଥଇଥାନ କରାଯାଇଥିଲା। ଏମାନେ ହେଲେ ପ୍ରଥମ ପର୍ଯ୍ୟାୟର ବଙ୍ଗଳା ଦେଶୀ।

୧୯୭୧ ମସିହା ମାର୍ଚ୍ଚ ୨୪ ତାରିଖ ପୂର୍ବରୁ ବଙ୍ଗଳାଦେଶ ମୁକ୍ତି ଆନ୍ଦୋଳନ ସମୟରେ ବଙ୍ଗଳା ଦେଶ (ପୂର୍ବ ପାକିସ୍ତାନ) ଛାଡ଼ି କେତେକ ବଙ୍ଗଳା ଦେଶୀ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ । ଭାରତ ସରକାର ଏମାନଙ୍କୁ ଶରଣାର୍ଥୀ ଭାବେ ବିଭିନ୍ନ ସ୍ଥାନରେ ବସବାସ କରିବାକୁ ସୁବିଧା ଦେଇଥିଲେ । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏକ କୋଟି ବଙ୍ଗଳାଦେଶୀ ଶରଣାର୍ଥୀ ୧୯୭୧ ମସିହା ବଙ୍ଗଳାଦେଶ ମୁକ୍ତି ଆନ୍ଦୋଳନ ସମୟରେ ଭାରତ ଆସିଥିଲେ । ଏମାନେ ଦ୍ୱିତୀୟ ପର୍ଯ୍ୟାୟର ବଙ୍ଗଳାଦେଶୀ । ଏମାନେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ରାଜନଗର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲ୍‌କାନଗିରି, ନବରଙ୍ଗପୁରର ଦଣ୍ଡକାରଣ୍ୟ ଅ*ଳରେ ବସବାସ କରୁଛନ୍ତି ।

ବର୍ଦ୍ଧମାନ ରାଜାଙ୍କ କୁଜଙ୍ଗ ଜମିଦାରୀ ଉଚ୍ଛେଦ ପରେ ଯେଉଁ ବଙ୍ଗ ଭାଷାଭାଷୀ (ବର୍ଦ୍ଧମାନ ରାଜ୍ୟର ପ୍ରଜା) ପଶ୍ଚିମବଙ୍ଗର ମେଦିନିପୁର, ଚବିଶପ୍ରଗଣା ଆଦି ଅ*ଳରୁ ଚାଲି ଆସି ଓଡ଼ିଶାର ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାରେ ବସବାସ କରୁଛନ୍ତି । ଏମାନେ ତୃତୀୟ ପର୍ଯ୍ୟାୟର ବଙ୍ଗଳାଦେଶୀ ।

ଯେଉଁମାନେ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପରେ (୧୯୭୧ ମସିହା ମାର୍ଚ୍ଚ ୨୫ ପରଠାରୁ ଆଜି ଯାଏ) ଗୋପନ ଭାବେ ବଙ୍ଗଳା ଦେଶରୁ ଚାଲି ଆସି ଓଡ଼ିଶାରେ ବେଆଇନ ଭାବେ ରହୁଛନ୍ତି, ସେମାନେ ହିଁ ପ୍ରକୃତରେ ଅନୁପ୍ରବେଶକାରୀ । ଏମାନେ ଚତୁର୍ଥ ପର୍ଯ୍ୟାୟର ବଙ୍ଗଳା ଦେଶୀ ।

ବଙ୍ଗଳାଦେଶୀ ଅନୁପ୍ରବେଶକୁ ନେଇ ସମସ୍ତ ରାଜନୈତିକ ଦଳ ଶସ୍ତା ରାଜନୀତି କରୁଛନ୍ତି । ପ୍ରକୃତ ବଙ୍ଗଳାଦେଶୀ ଶରଣାର୍ଥୀ କିଏ ଏବଂ ଅନୁପ୍ରବେଶକାରୀ କିଏ, ତାହା ଚିହ୍ନଟ କରିବା ସରକାରଙ୍କ ପାଇଁ ବଡ଼ ଆହ୍ୱାନ । ରାଜନେତାମାନେ ନିଜ ଭୋଟ୍ ବ୍ୟାଙ୍କ ବୃଦ୍ଧି ଆଶାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଆଖି ବୁଜି ଭୋଟର ତାଲିକାରେ ସାମିଲ୍ କରୁଛନ୍ତି ।

ଥରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଭୋଟର ତାଲିକାରେ ସାମିଲ ହୋଇଗଲେ ଖାତାଖତିଆନରୁ ସେମାନଙ୍କ ନାମକୁ ହଟେଇବା ଆଉ ସମ୍ଭବ ହେଉନାହିଁ । ଏହାପରେ ସେମାନଙ୍କୁ ସହଜରେ ରାସନ କାର୍ଡ, ଜମି ପଟ୍ଟା, ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଆଦି ଯାବତୀୟ ସରକାରୀ ପ୍ରମାଣପତ୍ର ମିଳି ଯାଉଛି ।

ଏହାକୁ ନେଇ ସମଗ୍ର ମହାକାଳପଡ଼ା ଅ*ଳରେ ଅନେକ ସମୟରେ ଉ□ଜନା ପ୍ରକାଶ ପାଉଛି । ଆଇନଶୃଙ୍ଖଳା ସ୍ଥିତି ଉପୁଜୁଛି ।

୧୯୫୮ ମସିହାରେ ଭାରତ ସରକାର ଦଣ୍ଡକାରଣ୍ୟ ପ୍ରକଳ୍ପ ଗଠନ କଲେ । ପୂର୍ବ ପାକିସ୍ତାନ (ବ□ମାନର ବଙ୍ଗଳାଦେଶ)ରୁ ଆସୁଥିବା ହିନ୍ଦୁ ଶରଣାର୍ଥୀମାନଙ୍କୁ ଥଇଥାନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଭାରତ ସରକାର ପ୍ରଥମେ ଏହି

ଶରଣାର୍ଥୀମାନଙ୍କୁ ପଶ୍ଚିମବଙ୍ଗରେ ଥଇଥାନ କରିଥିଲେ । ପଶ୍ଚିମବଙ୍ଗରେ ଯେତେବେଳେ ଥଇଥାନ ଆଉ ସମ୍ଭବପର ହେଲାନି, ତା'ପରେ ଆସାମ ଓ ତ୍ରିପୁରାରେ ଏମାନଙ୍କୁ ସ୍ଥାନ ଦିଆଯାଇଥିଲା । ଏ ଦୁଇ ରାଜ୍ୟରେ ଯେତେବେଳେ ଆଉ ଜାଗା ମିଳିଲାନି, ସେତେବେଳେ ଭାରତ ସରକାର ଏମାନଙ୍କୁ ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶରେ ଥଇଥାନ କଲେ ।

୧୯୫୮ ମସିହାରେ ଓଡ଼ିଶାରେ ଦଣ୍ଡକାରଣ୍ୟ ପ୍ରକଳ୍ପର ମୁଖ୍ୟାଳୟ କୋରାପୁଟରେ ପ୍ରତିଷ୍ଠା କରାଯାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲ୍‌କାନଗିରି ଓ ନବରଙ୍ଗପୁର ସବ୍ ଡିଭିଜନର ବିଭିନ୍ନ ସ୍ଥାନରେ ଶରଣାର୍ଥୀମାନଙ୍କୁ ଥଇଥାନ କରାଗଲା । ଏହି ବଙ୍ଗଳାଦେଶୀ ଶରଣାର୍ଥୀମାନେ ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ ବ୍ଲକ ଏବଂ ମାଲ୍‌କାନଗିରି ଜିଲ୍ଲାର ଏମ୍.ଭି-୭୯ ଏବଂ ମୋଟୁ ବ୍ଲକରେ ବସବାସ କରୁଛନ୍ତି ।

୧୯୬୪ ମସିହାରେ ଭାରତ ସରକାର ମାଲ୍‌କାନଗିରି ଜିଲ୍ଲାର ୨୧୫ ଗାଁ ଏବଂ ନବରଙ୍ଗପୁର ଜିଲ୍ଲାର ୬୫ ଗାଁରେ ଦଣ୍ଡକାରଣ୍ୟ ପ୍ରକଳ୍ପ ଜରିଆରେ ଶରଣାର୍ଥୀମାନଙ୍କୁ ଥଇଥାନ କରିଥିଲେ । ୧୯୭୯ ମସିହା ବେଳକୁ ଭାରତ ସରକାର ଏହି ବଙ୍ଗଭାଷୀ ଶରଣାର୍ଥୀଙ୍କୁ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରିଥିଲେ । ଏହା ପରଠାରୁ ସେମାନେ ଓଡ଼ିଶାର ନାଗରିକ ଭାବେ ସମସ୍ତ ଅଧିକାର ହାସଲ କରି ଆସୁଛନ୍ତି ।

ବଙ୍ଗଳାଦେଶ ଓ ଭାରତ ମଧ୍ୟରେ ମୋଟ ୪,୦୯୫ କିଲୋମିଟର ସୀମା ରହିଛି । ଏହା ମଧ୍ୟରୁ ୨,୯୭୯ କିଲୋମିଟର ସ୍ଥଳ ପଥ ହୋଇଥିବାବେଳେ ୧,୧୧୬ କିଲୋମିଟର ଜଳପଥ । ଭାରତ-ବଙ୍ଗଳାଦେଶର ସୀମା ସୁରକ୍ଷା ପାଇଁ ସୀମା ସୁରକ୍ଷା ବଳ କାର୍ଯ୍ୟ କରିଥାଏ । କିନ୍ତୁ ସେମାନଙ୍କ ଆଖିରେ ଧୂଳି ଦେଇ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ଭାରତ ଭିତରକୁ ପଶି ଆସୁଛନ୍ତି ।

ବଙ୍ଗଳା ଦେଶ ସୀମାକୁ ଲାଗି ଭାରତର ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ, ମେଘାଳୟ ଆଦି ରାଜ୍ୟ ରହିଛି । ସୀମା ସୁରକ୍ଷା ବଳର ସୁରକ୍ଷା ବଳୟ ଭେଦି କେମିତି ନା କେମିତି ଅନୁପ୍ରବେଶକାରୀମାନ ଭାରତ ଭିତରକୁ ଚାଲି ଆସୁଛନ୍ତି ।

ଦେଶର ସମୁଦ୍ର ତଟ ସୁରକ୍ଷା ପାଇଁ ଭାରତୀୟ ତଟରକ୍ଷା ବାହିନୀ କାର୍ଯ୍ୟରତ । ଏହା ସାଙ୍ଗକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମୁଦ୍ର ତଟର ସୁରକ୍ଷା ଏବଂ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ସାମୁଦ୍ରିକ ଥାନାମାନ ପ୍ରତିଷ୍ଠା କରାଯାଇଛି ।

ମୋଟ ୪୮୭ କିଲୋମିଟର ସମୁଦ୍ର ଉପକୂଳର ସୁରକ୍ଷା ପାଇଁ ବର୍ତ୍ତମାନ ଓଡ଼ିଶାରେ ୧୮ଟି ସାମୁଦ୍ରିକ ଥାନା କାର୍ଯ୍ୟ କରୁଛି । ସାମୁଦ୍ରିକ ଥାନା ପକ୍ଷରୁ ସମୁଦ୍ର ମଧ୍ୟରେ ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା କରାଯାଉଛି । ଏହା ସହିତ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଉପକୂଳ ଓଡ଼ିଶାରେ ବସବାସ କରୁଥିବା ବଙ୍ଗଳାଦେଶୀ ମତ୍ସ୍ୟଜୀବୀଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର

ପ୍ରଦାନ କରାଯାଇଛି ।

ସପ୍ତାହରେ ଦୁଇଥର ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ପୋଲିସ ସହାୟତାରେ ସମୁଦ୍ର ମଧ୍ୟରେ ପେଟ୍ରୋଲିଂ କରାଯାଉଛି । ଏତେସବୁ ସୁରକ୍ଷା ଓ କଟକଣା ସତ୍ତ୍ୱେ ଅନୁପ୍ରବେଶକାରୀମାନେ କେମିତି ଓଡ଼ିଶା ଭିତରକୁ ପଶି ଆସୁଛନ୍ତି ?

ସରକାରଙ୍କୁ ଏହି ପ୍ରଶ୍ନ କରେ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ।

ଯେ ପର୍ଯ୍ୟନ୍ତ ଜମ୍ବୁଦ୍ୱୀପରୁ ବଙ୍ଗଳାଦେଶୀମାନଙ୍କୁ ଅନ୍ୟତ୍ର ହଟା ନ ଯାଇଛି ସେ ପର୍ଯ୍ୟନ୍ତ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଏ ଆନ୍ଦୋଳନ ଜାରି ରହିବ ବୋଲି ପ୍ରଭୁକଲ୍ୟାଣ ମହାନ୍ତି କହି ଆସୁଛି ।

ସରକାର ନିରବଦ୍ରଷ୍ଟା ସାଜିଲେ, ଆଗକୁ ନିଆଁ ଜଳିବ । ପ୍ରଭୁକଲ୍ୟାଣ ମହାନ୍ତି ଧମକ ଦେଇଛି ।

୧୪

ବଇଆ ଜେଜ କଲିକତାରେ ଚଟକଳରେ କାମ କରୁଥିଲା । ଗୋବିନ୍ଦା ବୁଢ଼ୀ, ମୋତୀ ବଡ଼ଉ ଆଦି ମାଇପିଙ୍କ ଖଟିରେ ହେଉଥିବା ଆଲୋଚନାରୁ ମୁଁ ଜାଣିବାକୁ ପାଇଲି ।

ବଇଆ ଜେଜକୁ ଯେତେବେଳେ ଆଠଦଶ ବର୍ଷ ବୟସ ହୋଇଥିଲା, ସେ ଆମ ଗାଁର ଦୁରୁଯା ବୁଢ଼ା ସହ କଲିକତା ପଳେଇ ଯାଇଥିଲା । ଦୁରୁଯା ବୁଢ଼ା କଲିକତାରେ ଚଟକଳ ସର୍ଦ୍ଦାର ଥିଲା । ଏଣୁ ସେ ବଇଆ ଜେଜକୁ ସାଙ୍ଗରେ ନେଇ ଯାଇଥିଲା ।

ଟୋକା ବୟସରେ ବଇଆ ଜେଜ ଜଣେ ବଙ୍ଗାଳୀ ଝିଅକୁ ବାହା ହୋଇ ଧରମତାଲାରେ ରହୁଥିଲା ବୋଲି ଗାଁରେ ଭାରି ଆଲୋଚନା ହୁଏ ।

କ'ଣ ହେଲା କେଜାଣି, ହଠାତ୍ ଦିନେ ବଇଆ ଜେଜ କଲିକତା ଛାଡ଼ି ଗାଁକୁ ଚାଲି ଆସିଲା । ଆଉ ଗଲାନି । ଶୁଣିବାକୁ ମିଳେ, ବଇଆ ଜେଜ ଯେଉଁ ଚଟକଳରେ କାମ କରୁଥିଲା, ସେହି ଚଟକଳ ମାଲିକର ଝିଅକୁ ପଟେଇଥିଲା । ତାକୁ ବାହା ହୋଇଥିଲା । କିନ୍ତୁ ଚଟକଳ ମାଲିକ ସହ ଗଣ୍ଡଗୋଳ ହେବାରୁ ବଇଆ ଜେଜ କଲିକତା ଛାଡ଼ି ଗାଁକୁ ପଳେଇ ଆସିଲା ।

କଲିକତାରେ ବଇଆ ଜେଜର ପିଲାଛୁଆ ଅଛନ୍ତି ବୋଲି ଶୁଣିବାକୁ ମିଳେ । କୁଆଡ଼େ ଥରେ ସେ ବଙ୍ଗାଳୁଣୀ ମାଇକିନା ବଇଆ ଜେଜର ଠିକଣା ଖୋଜି ଖୋଜି ଆମ ଗାଁରେ ପହଁ ଯାଇଥିଲା ।

ଭାଗ୍ୟ ଭଲକୁ ସେତେବେଳେ ବଇଆ ଜେଜ ଆମ ଗାଁରେ ନଥିଲା । କଲିକତାରୁ ଆସି ବଇଆ ଜେଜ ଚୌଦ୍ୱାର ଓଟିଏମ୍ ମିଲ୍‌ରେ କାମ କରୁଥିଲା । ଗାଁଲୋକେ ବଇଆ ଜେଜ ସମ୍ପର୍କରେ କିଛି ସଠିକ୍ ଖବର ଦେଇ ନ ପାରିବାରୁ ସେ ବଙ୍ଗାଲୁଣୀ ମାଇକିନା ନିଜ ପିଲାଛୁଆଙ୍କୁ ଧରି ପୁଣି କଲିକତା ଫେରି ଯାଇଥିଲା ।

ବଇଆ ଜେଜକୁ ନେଇ କାହାଣୀ କହିବସିଲେ ରାତି ପାହିଯିବ । କିନ୍ତୁ କାହାଣୀ ସରିବନି । ବଇଆ ଜେଜ ପୁଣି ଏତେ ରସିକ ଥିଲା ? ମୋର ବିଶ୍ୱାସ ହେଉ ନଥିଲା ।

ଖାଲି ବଇଆ ଜେଜ କାହିଁକି ଆମ ଓଡ଼ିଆ ଟୋକାମାନେ ବଙ୍ଗାଲୁଣୀଙ୍କୁ ପଟେଇବାରେ ଧୁରନ୍ଧର ଥିଲେ । ବଙ୍ଗାଲୁଣୀଗୁଡ଼ା କାହିଁକି ଓଡ଼ିଆ ଟୋକାଙ୍କୁ ଏତେ ପସନ୍ଦ କରନ୍ତି କେଜାଣି ? ପାଠଶାଠ ପଢ଼ା ଶିକ୍ଷିତ ବଙ୍ଗାଳୀ ଝିଅମାନେ ଓଡ଼ିଆ ଶ୍ରମିକ, ରୋଷେୟା, ବଗିଚାରେ କାମ କରୁଥିବା ମାଳିଙ୍କ ସହ ପଳେଇ ଆସନ୍ତି ।

ଆମ ଗାଁର ପାଖାପାଖି ଦଶ ବାର ଜଣ ପ୍ରେମିକ ପୁରୁଷ, ଯେଉଁମାନେ କଲିକତାରେ ଚଟ କଳରେ କି ଅଟା କଳରେ କି ବଗିଚାର ମାଳି କିମ୍ବା ରୋଷେୟା କାମ କରୁଥିଲେ, ସେମାନେ ଜଣେ ଜଣେ ବଙ୍ଗାଲୁଣୀଙ୍କୁ ବାହା ହୋଇ ଆମ ଗାଁକୁ ନେଇ ଆସିଥିଲେ ।

ଆମ ଗାଁର ମଙ୍ଗୁଆ ପ୍ରଧାନ, ଗୋଲୋକ ଦାସ, ଭଗିଆ ଗଉଡ଼ ଏମିତି ଆଉ କେତେ ଜଣ ଗୋଟା ଗୋଟା ବଙ୍ଗାଳୀ ମାଇକିନାକୁ ଧରି ଚାଲି ଆସିଥିଲେ । ସେମାନଙ୍କ ଭିତରେ ମଙ୍ଗୁଆ ପ୍ରଧାନର ମାଇକିନାଟାକୁ ନେଇ ଆମ ଗାଁରେ ବେଶି ଚର୍ଚ୍ଚା, ଆଲୋଚନା ହୁଏ ।

ମଙ୍ଗୁଆ ପ୍ରଧାନ କଲିକତାର କୋଉ ଜଣେ ବଡ଼ବାବୁ ଘରେ ରୋଷେୟା କାମ କରୁଥିଲା । ସେ ବଡ଼ବାବୁର ଗୋଟିଏ ବୋଲି ଝିଅ ଥିଲା । ମଙ୍ଗୁଆ ପ୍ରଧାନ ସେ ମାଲିକର ଝିଅକୁ ପଟେଇ ତାକୁ ଆମ ଗାଁକୁ ନେଇ ଆସିଲା । ତା' ପରେ ମଙ୍ଗୁଆ ପ୍ରଧାନ ଆଉ କଲିକତା ଗଲାନି । ସେ ସୁରତ ଚାଲିଗଲା । ସେଠି କପଡ଼ା ମିଲ୍‌ରେ ବବିନ ଭରିଲା ।

ହାଡ଼ିଆ ଭାଇଟା ମଙ୍ଗୁଆ ପ୍ରଧାନର ସେ ବଙ୍ଗାଲୁଣୀ ମାଇକିନାଟାକୁ ଲାଇନ୍ ମାରେ । ତା' ଘରେ ନସର ପସର ହୁଏ । ମଙ୍ଗୁଆ ତ ସୁରତରେ ଥାଏ । ତା' ବଙ୍ଗାଲୁଣୀ ସ୍ତ୍ରୀଟା ଗାଁରେ ଏକୁଟିଆ ରହେ ।

ହାଡ଼ିଆ ଭାଇ ମଙ୍ଗୁଆ ପ୍ରଧାନର ସେ ବଙ୍ଗାଲୁଣୀ ମାଇକିନାର ଭଲମନ୍ଦ ବୁଝେ । ବୋଲହାକ କରେ । ଅଧିକାଂଶ ସମୟରେ ତା' ଘର ଭିତରେ ପଶିଥାଏ । ସେ ବଙ୍ଗାଲୁଣୀର ଆଜିଯାଏ ପିଲାଛୁଆ ନଥିଲେ ।

ମୋ'ର ସେବର୍ଷ ମାଟ୍ରିକ ପରୀକ୍ଷା । ଆମ ମାଟ୍ରିକ ପରୀକ୍ଷା ସେ[ର ପଟାମୁଣ୍ଡେଇ ଏମ୍‌ଏନ୍ ହାଇସ୍କୁଲରେ ପଡ଼ିଥାଏ । ଭାରି କଡ଼ା ସେ[ର । ସେଠି କପିଫପି ହୁଏନା । ଆମ ସ୍କୁଲରୁ ସେବର୍ଷ ମାତ୍ର ଚାରି ଜଣ ପାସ୍ କରିଥିଲେ । ମୁଁ କିନ୍ତୁ ଫାଷ୍ଟ ଡିଭିଜନରେ ପାସ୍ କରିଥିଲି ।

ଆମେସବୁ ମାଟ୍ରିକ ପିଲାମାନେ ଟ୍ରେକର ଭଡ଼ା କରି ପରୀକ୍ଷା ଦେବାକୁ ପଟ୍ଟାମୁଣ୍ଡେଇ ଯାଇଥାଉ । ପରୀକ୍ଷା ଦଶଦିନ ପଟ୍ଟାମୁଣ୍ଡେଇର ବେଲତଳ ୟୁପି ସ୍କୁଲ ଘରେ ଆମେସବୁ ରହୁଥାଉ । ଆମ ସାଥୀରେ ଆମ ସାର୍‌ମାନେ ଯାଇଥାନ୍ତି । ଆମ ସ୍କୁଲର ରୋଷେୟା ଯାଇଥାନ୍ତି । ସେଠି ରୋଷେଇ ହୁଏ । ଆମେସବୁ ସକାଳ ନଅଟା ସୁଦ୍ଧା ଭାତ, ଡାଲି, କଲରା-ଆଳୁ ଭଜା ଖାଇ ପରୀକ୍ଷା ହଲ୍‌କୁ ଚାଲିଯାଉ ।

ପ୍ରଥମ ଦିନ ସଂସ୍କୃତ ପରୀକ୍ଷା ଥାଏ । ଝଡ଼ବର୍ଷା କାରଣରୁ ସଂସ୍କୃତ ପରୀକ୍ଷା ଭଲ ହୋଇ ନଥିଲା । ଶେଷ ଦିନରେ ଇତିହାସ ପରୀକ୍ଷା ଥିଲା । ସବୁ ପରୀକ୍ଷା ଦେଇସାରି ଆମେସବୁ ଟ୍ରେକରରେ ବସି ଗାଁକୁ ଫେରୁଥାଉ । ଆମ ସ୍କୁଲ ପିଅନ ନଣ୍ଡାଠାରୁ ଶୁଣିବାକୁ ପାଇଲୁ ଯେ, ବଇଆ ଜେଜ ବାହା ହୋଇଛି ।

ବଡ଼ ଅଲାଜୁକ କଥା !

ସତୁରୀ ବର୍ଷ ବୟସରେ ବଇଆ ବୁଢ଼ା ବାହା ହୋଇଛି !

ଏ କଥା ଶୁଣି ଆମ ସାଙ୍ଗ ଝିଅପିଲାମାନେ ଲାଜରେ ମୁଣ୍ଡ ତଳକୁ କରି ପକାଇଲେ । ଆମେ ପୁଅ ପିଲାମାନେ ଭାରି ଉତ୍ସାହିତ ହୋଇ ବଇଆ ଜେଜର କରାମତି ସମ୍ପର୍କରେ ଚର୍ବିତଚର୍ବଣ ଆଲୋଚନା କରୁଥାଉ ।

ବଇଆ ଜେଜ କାହାକୁ ବାହା ହୋଇଥିଲା ଜାଣିଛ ? ଆମ ଗାଁର ବିଧବା ବୋଇତୀ ବୁଢ଼ୀକୁ ବଇଆ ଜେଜ ମନ୍ଦିରରେ ବରଣମାଳା ପକାଇ ବାହା ହୋଇଥିଲା । ବଇଆ ଜେଜର ବାହାଘର ଘଟଣା ଆମ ସେ ଅ*ଳ ପାଇଁ ଏ ଗୋଟିଏ ବହୁତ ବଡ଼ ଖବର ପାଲଟିଥିଲା ।

ବିଧବା ବୋଇତୀ ବୁଢ଼ୀ ଏକୁଟିଆ ଥିଲା । ତା'ର ଗୋଟିଏ ବୋଲି ପୁଅ ଅଙ୍କୁରା ପାଗଳ ହୋଇ କୁଆଡ଼େ ପଳେଇ ଯାଇଥିଲା । ବହୁଦିନ ତଳୁ ଅଙ୍କୁରାର ବାପା କାଳିନ୍ଦୀ ବୁଢ଼ା ବିଲରେ ଚାଷ କରୁଥିବାବେଳେ ବଜ୍ରପାତରେ ମରି ଯାଇଥିଲା ।

ଭଙ୍ଗା କୁଡ଼ିଆଟାରେ ଅଙ୍କୁରା ମା' ବୋଇତୀ ବୁଢ଼ୀ ଆ' ତା' ଘରେ ପାଇଟି କରି ମୂଲମଜୁରି କରି ବହୁ କଷ୍ଟରେ ଚଳୁଥାଏ । ସେହି ପାମ୍ପରା ବୋଇତୀ ବୁଢ଼ୀ ବଇଆ ଜେଜକୁ ବାହା ହୋଇଛି ବୋଲି ଜାଣିବା ପରେ ଆମ ମୁଣ୍ଡ ଟିଣ ହୋଇଗଲା ।

ଆମେମାନେ ମାଟ୍ରିକ ପରୀକ୍ଷା ଦେଇସାରି ଗାଁକୁ ଆସି ବଇଆ ଜେଜର ପ୍ରେମ କାହାଣୀ ସମ୍ପର୍କରେ ଅନେକ କିଛି ଜାଣିବାକୁ ପାଇଲୁ ।

ଶୁଣିଲୁ, ବଇଆ ଜେଜ ସହ ବୋଇତୀ ବୁଢ଼ୀ ଗୋଟିଏ ବିଲରେ ଧାନ କାଟୁଥିଲେ । ଦୁହେଁ ଧାନ କାଟୁ କାଟୁ ସେମାନଙ୍କ ଭିତରେ ପ୍ରେମ ହୋଇ ଯାଇଥିଲା । ଏହି ପ୍ରେମ ପରେ ବିବାହର ରୂପ ନେଲା ।

ହାଡ଼ିଆ ଭାଇ ପାଖରେ ଏସବୁ ଖବର ଥାଏ । କାରଣ ହାଡ଼ିଆ ଭାଇଟା ପାଠଶାଠ ନ

ପଢ଼ି ଖାଲି ଡଅଁରାଙ୍କ ଭଳି ଗାଁରେ ବୁଲୁଥାଏ । ଝିଅ ବୋହୂଙ୍କୁ ଲାଇନ୍ ମାରେ । ସବୁବେଳେ ମଙ୍ଗୁଆ ପ୍ରଧାନର ସେ ବଙ୍ଗାଳୁଣୀ ମାଇକିନା ପାଖରେ ନସର ପସର ହେଉଥାଏ ।

ସୋରିଆ ନାନୀ ଭଳିଆ ନିର୍ମାୟା ନିରିମାଖୀ ଝିଅଟାକୁ ହାଡ଼ିଆ ଭାଇଟା ଫସେଇ ଦେଇଛି । ତା' ପ୍ରତି ଅନ୍ୟାୟ କରିଛି । ସୋରିଆ ନାନୀ କଥା ଭାବିଲେ ମୋତେ ଦୁଃଖ ଲାଗେ ।

ହାଡ଼ିଆ ଭାଇଟା ଜହ୍ନା ଭଲ ଲୋକ ନୁହଁ ବୋଲି ମୁଁ ସୋରିଆ ନାନୀକୁ କହିବି କହିବି ବୋଲି ଭାବୁଥିବି । କିନ୍ତୁ କହି ପାରୁ ନଥିବି ।

ହାଡ଼ିଆ ଭାଇ ଆମ ପିଲାମାନଙ୍କୁ ଏକଜୁଟ୍ କରି ବଇଆ ଜେଜ ଆଉ ବୋଇତୀ ବୁଢ଼ୀର ଲଭ୍ ଷ୍ଟୋରି ଗପିବ । ହାଡ଼ିଆ ଭାଇ ଏମିତି ରଙ୍ଗ ଦେଇ କହିବ ଯେ, ତାହା ଶୁଣିବାକୁ ଆମକୁ ଭଲ ଲାଗୁଥିବ ।

ବୋଇତୀ ବୁଢ଼ୀକୁ ବାହା ହେଲା ପରେ ବଇଆ ଜେଜ ଆଉ ବେନୁଆ ବୁଢ଼ାର ଘରେ ରହୁ ନଥିଲା । ଗାଁ ମୁଣ୍ଡ ଧୋବାଢିଅରେ ଗୋଟିଏ ଟୁଙ୍ଗୀ ଘର କରି ସେଠି ବୋଇତୀ ବୁଢ଼ୀ ସହ ରହୁଥିଲା । ଗାଁ ଭିତରକୁ ଆଉ ଆସୁ ନଥିଲା କି ଗାଁ ଲୋକଙ୍କ ସହ ଏତେ ମିଳାମିଶା କରୁ ନଥିଲା ।

ବୋଇତୀ ବୁଢ଼ୀକୁ ବାହା ହେବା ପୂର୍ବରୁ ବଇଆ ଜେଜ ସଞ୍ଜରେ ମୋ' ବାପା, ବେନୁଆ ବୁଢ଼ା, ଗୋପୀ ବୁଢ଼ାଙ୍କ ଖଟିରେ ବସୁଥିଲା । ବେଳେବେଳେ ସେ ଏକୁଟିଆ ତା' ଘର ଭିତରେ ବଂଶୀ ବଜାଉଥିଲା । ଏବେ ବୋଇତୀ ବୁଢ଼ୀକୁ ବାହା ହେବା ପରେ ବଇଆ ଜେଜ ପୂରାପୂରି ସଂସାରୀ ହୋଇଯାଇଛି ।

ଆମ ଭଳି ପିଲାମାନେ ବଇଆ ଜେଜଙ୍କୁ ଥଟ୍ଟାରେ ପଚାରୁ, "ବଇଆ ଜେଜ, ଏ ବୁଢ଼ା ବୟସରେ ତମ ଭିତରେ ଲଭ୍ କେମିତି ହେଲା ? କିଏ କାହାକୁ ପ୍ରଥମେ ପ୍ରପୋଜ୍ କଲା ? ପ୍ରଥମେ ତମେ ନା ବୋଇତୀ ବୁଢ଼ୀ ?"

ବଇଆ ଜେଜ ଆମ ଉପରକୁ ଖିଙ୍କାରି ହୋଇ ଉଠେ । କହେ, "ତମେସବୁ ବାଲୁତ ପିଲା । ଦୁଧ ଖିଆ ଛାଡ଼ିନ । ଗାଣ୍ଡିରୁ ଘୁଅ ଛାଡ଼ିନି । ତମର କାହିଁକି ଏତେ ମୁଣ୍ଡବିନ୍ଧା । ଏତେ କୋରି । ଯାଅ । ଭାଗ ଏଠୁ ।"

ବଇଆ ଜେଜ ଗୋଟେ ହୁରୁଡ଼ି ଛାଡ଼େ ଯେ, ଆମେସବୁ କିଏ କୁଆଡ଼େ ଡେଇଁ ପାର୍ ହୋଇଯାଉ ।

ଏହାରି ଭିତରେ ମୁଁ କେନ୍ଦ୍ରାପଡ଼ା ସହରକୁ ଚାଲି ଆସିଲି । କେନ୍ଦ୍ରାପଡ଼ା କଲେଜରେ ପ୍ଲସ୍-ଟୁରେ ନାଁ ଲେଖେଇଲି ଓ କ୍ରମେ ଆମ ଗାଁ, ବଇଆ ଜେଜ, ଗୋବିନ୍ଦା ବୁଢ଼ୀ, ମୋତା ବଡ଼ଉମାନଙ୍କୁ ଭୁଲିବାକୁ ଲାଗିଲି । କିନ୍ତୁ ସୋରିଆ ନାନୀ ଆଉ ଗୋବରୀ ନଈକୁ ମୁଁ କେବେ ବି ଭୁଲି ପାରୁ ନଥିଲି ।

୧୫

ଆଈ ସାଙ୍ଗରେ ଦୁର୍ଗାପୂଜା ଛୁଟିରେ ମୁଁ ମାମୁଘରକୁ ଯାଇଥିବି । ମାମୁଘର ଗାଁରେ ଦୁର୍ଗାପୂଜା ବଡ଼ ଧୁମ୍‌ଧାମ୍‌ରେ ପାଳନ ହୁଏ । ଅଜା ଆମକୁ ଦୁର୍ଗା ମେଢ଼ ବୁଲାଇ ନିଅନ୍ତି ।

ଦୁର୍ଗାମେଢ଼ ବୁଲାବୁଲି କରି ଘରକୁ ଫେରିବା ପରେ ଅଜା ତାଙ୍କର କାହାଣୀ ପେଡ଼ି ଖୋଲିଦିଅନ୍ତି । ଅଜା ଆମକୁ ସଞ୍ଜବେଳେ କେନାଲ ଗୋଡ଼ା ଆଡ଼େ ବୁଲାଇ ନିଅନ୍ତି । ଗୋବରୀ ନଈରେ ମାଳମାଳ ଲ*ସବୁ ଲାଗିଥାଏ । ଜମ୍ବୁ କେନାଲରେ କାଁ ଭାଁ ଗୋଟିଏ ଅଧେ ଷ୍ଟିମର୍ ଫଟ୍ ପଟ୍ ଶବ୍ଦ କରି କଟକ ଅଭିମୁଖେ ଯାଉଥାଏ ।

ଗୋବରୀ ନଈ ବିଷୟରେ ଜାଣିବାକୁ ମୋର ପିଲାଟି ଦିନୁ ଆଗ୍ରହ ଥାଏ । କିନ୍ତୁ ମୋ' ମାମୁ ପୁଅମାନଙ୍କର ସେସବୁ ଜାଣିବାରେ ଏତେ ବେଶି ଆଗ୍ରହ ନଥାଏ । ସେମାନେ ଖାଲି କ୍ରିକେଟ୍ ବ୍ୟାଟ୍ ଓ ବଲ୍ ଧରି ପଡ଼ିଆକୁ ଧାଆଁନ୍ତି ।

ବାପା କହନ୍ତି- ଗୋବରୀ ହେଉଛି ଆମର ମାଆ । ବାପା ପ୍ରତିଦିନ ସକାଳୁ ସକାଳୁ ଗାଧୋଇଲା ବେଳେ ଆଞ୍ଜୁଳାରେ ଗୋବରୀର ପାଣିକୁ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତର୍ପଣ କରନ୍ତି । ଏଣୁ ପିଲାଟି ଦିନୁ ଗୋବରୀ ପ୍ରତି ମୋର ଏକ ଶ୍ରଦ୍ଧା ଜାତ ହୋଇଥିଲା ।

ଗୋବରୀ ନଈ କେଉଁଠୁ ବାହାରିଛି, କେଉଁ କେଉଁ ଅ*ଳ ଦେଇ ପ୍ରବାହିତ ହୋଇଛି ଏବଂ ଶେଷରେ କେଉଁଠି ପଡ଼ିଛି; ଏସବୁ ବିଷୟରେ ଜାଣିବା ପାଇଁ ପିଲାଟି ଦିନୁ ମୋ' ମନ ଭିତରେ ଆଗ୍ରହ ସୃଷ୍ଟି ହେଉଥାଏ ।

ଗୋବରୀ ଆମ ଗାଁ, ଓରତ, ଓଳିହା, ବାଙ୍କିଛନ୍ଦା, ଜାଲକଣା, ଅମିରାବାଜ, ଚଣ୍ଡିଆପଲୀ, ମହାକାଳପଡ଼ା, ଅଳେଇଲ, ଗଣ୍ଡାକିଆ, କୁଙ୍କୁଣି, ଛେଦରା, ଗୁଣ୍ଡୁପୁର, ଲୋକନାଥପୁର, ଆୟେବା, ନରଣପୁର, କଇଁକୁଳା, ମଧୁରକୁଳ ଆଦି ଗାଁ ଦେଇ ପ୍ରବାହିତ ହେଉଛି ବୋଲି ତ ମୁଁ ପିଲାଦିନୁ ଜାଣିଥାଏ । ତଥାପି ଗୋବରୀ ନଈ କେଉଁଠୁ ବାହାରିଛି ଆଉ କେଉଁଠି ପଡ଼ିଛି, ସେ ବିଷୟରେ ମୁଁ ଜାଣି ନଥାଏ ।

ମୁଁ ଅଜାଙ୍କୁ କୁହେ- "ଅଜା, ଏ ଗୋବରୀ ନଈ କେଉଁଠୁ ବାହାରିଛି ?"

ଅଜା କହନ୍ତି- "ଗୋବରୀ ପରା ଓଳାଶୁଣି ଗୁମ୍ଫାର ଟିକେ ଆଗକୁ ଏକ ଗହୀର ପାଟବିଲରୁ ବାହାରିଛି । ଓଳାଶୁଣି ଗୁମ୍ଫା ଓ ଲଳିତଗିରି ନିକଟସ୍ଥ ମାହାଙ୍ଗା-ସାଲେପୁର ଅ*ଳର ଜୁଇପୁର, ଚମ୍ପତିପୁର, ଏରକଣା ପାଖ ଗହୀର ପାଟବିଲରୁ ଗୋଟିଏ ପତଳା ଧାର ବାହାରି ବାର ଆଡ଼େ ବୁଲି ବୁଲି ଜମ୍ବୁ ନିକଟରେ ବିଶାଳ ରୂପ ଧାରଣ କରି ଶେଷରେ ବଙ୍ଗୋପ ସାଗରରେ ପଡ଼ିଛି ।"

ଅଜା ଆମକୁ ଏ ଗୋବରୀ ନଈର ଉତ୍ପ□ି ଓ ବିଲୟ କାହାଣୀ କହୁଥିବାବେଳେ

ମୋ' ମାମୁପୁଅ ଭାଇମାନେ ସେଠାରୁ ଉଠି ଖେଳିବାକୁ ଚାଲିଯିବେ । ସେଗୁଡ଼ାଙ୍କର ଏ ନଈଫଈ ପ୍ରତି ଏତେ ଆଗ୍ରହ ନଥାଏ ।

ଆଜି ମୁଁ ଇତିହାସର ପ୍ରଫେସର ଭାବେ ଗୋବରୀ ନଈ ଓ ଫଲ୍‌ସ ପଏ[ବନ୍ଦରକୁ ନେଇ ଗବେଷଣା କରୁଛି । ଭାରତ ସରକାରଙ୍କ ପକ୍ଷରୁ ସିନିୟର ଫେଲୋସିପ୍ ପାଇ ଏହା ଉପରେ କାମ କରୁଛି ।

ଗୋବରୀ ନଈକୁ ନେଇ ଅଜା ସେତେବେଳେ ଗୋଟିଏ ବି କଥା ଭୁଲ୍ କହୁ ନଥିଲେ । ଗୋବରୀ ନଈ ପ୍ରକୃତରେ ଷୋଳ ନମ୍ବର ଜାତୀୟ ରାଜପଥ ନିକଟସ୍ଥ କଟକ-ଜଗତପୁରର ସାତବାଟିଆ ପାଖରୁ ଉତ୍ପ□ଲାଭ କରି ତିରିଶ କିଲୋମିଟର ଗତି କରିବା ପରେ ମାହାଙ୍ଗା ନିକଟସ୍ଥ କୁଣ୍ଡିଠାରେ ଅନ୍ୟ ଏକ ସ୍ରୋତ ସହ ମିଳିତ ହୋଇଛି । ସେହିଭଳି ନୂଆଖାଇଠାରୁ ବାହାରି ଅନ୍ୟ ଏକ ଜଳସ୍ରୋତ ପଇଁତ୍ରିଶ କିଲୋମିଟର ଗତି କରି ମାହାଙ୍ଗାର କାଁପୁରଠାରେ ସାତବାଟିଆରୁ ଆସିଥିବା ଜଳସ୍ରୋତ ସହ ମିଶିଛି । କାଁପୁର ନିକଟରୁ ହିଁ ଗୋବରୀ ଉତ୍ପ□ଲାଭ କରିଛି ବୋଲି ଧରାଯାଏ ।

ଏହାପରେ ଗୋବରୀ ଓଳାଶୁଣି ନିକଟସ୍ଥ ଜୁଇପୁର ଅ*ଳ ଦେଇ ଆଗକୁ ଗତି କରିଛି । ଗୋବରୀ ନାନପୁର ନିକଟରେ ପାରାଦୀପ-ଦୈତାରୀ ଜାତୀୟ ରାଜପଥ ଅତିକ୍ରମ କରିଛି । କୁହାଯାଏ, କେନ୍ଦ୍ରାପଡ଼ା କେନାଲ ଖୋଳାଯିବା ପରେ ଆଉ ପାରାଦୀପ-ଦୈତାରୀ ଜାତୀୟ ରାଜପଥ ନିର୍ମାଣ ହେବା ପରେ ଗୋବରୀର ପ୍ରକୃତ ଉତ୍ସ ଜାଣିବା କଷ୍ଟକର ହୋଇ ପଡୁଛି ।

ନାନପୁର ପରେ ଗୋବରୀ ବନ୍ଦରେଶ୍ୱର ଓ କେଉଟକାଣ୍ଡିଆ ମଝିରେ ଥିବା ଗହୀର ସନ୍ତସନ୍ତିଆ ଆର୍ଦ୍ରଭୂମି ଅ*ଳ ଦେଇ କେନ୍ଦ୍ରାପଡ଼ା ସହର ଆଡକୁ ମୁହାଁଇଛି ।

ଗୋବରୀ ନଦୀ ସହିତ ମାହାଙ୍ଗା, ବଡ଼ଚଣା, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକର ବିଭିନ୍ନ ପାଟବିଲ, ପାଟନାଳୀ ଓ ଅନେକ ପ୍ରାକୃତିକ ଜଳ ଉତ୍ସର ଜଳ ମିଶିବା ପରେ ଏହା ବଡ଼ ଆକାର ଧାରଣ କରିଛି ବୋଲି ଅଜା କହନ୍ତି ।

ଅଜା କହନ୍ତି- "ଜାଣିଛୁରେ ହୁଣ୍ଡା, ଗୋବରୀ ନଈ କୋଉ ନଈର ଶାଖା ନଈ କି ଉପନଦୀ ନୁହଁ । ଇଏ କୋଉ ପାହାଡ଼ କି ପର୍ବତରୁ ବାହାରିନି । ଗୋବରୀ ଏକ ଗହୀର ପାଟବିଲରୁ ବାହାରିଛି । ଆଉ ଏ ଗୋବରୀ ଏକ ସ୍ୱୟଂସମ୍ପୂର୍ଣ୍ଣ ନଦୀ । ଏ ନଈ ବଙ୍ଗୋପସାଗରରେ ପଡ଼ିଛି । ଗୋବରୀ ଏତେ ବଡ଼ ନଈ ନୁହଁ, ତଥାପି ବନ୍ୟା ବେଳେ ଏ ନଈ ଉଗ୍ର ରୂପ ଧାରଣ କରେ ।"

ମାହାଙ୍ଗା-ବଡ଼ଚଣାର ତ୍ରିବେଣୀଶ୍ୱର ପାଟ, ପୋଡ଼ାମରାଇ-ସିନ୍ଧୁପୁର ପାଟ, ଜୁଆଣିଆ ପାଟ, ମାଣିତ୍ରି ପାଟ, କାଉପଡ଼ା ପାଟ, ଶୁଖୁଆପଡ଼ା ପାଟ, ବନ୍ଦରେଶ୍ୱର ଜୋର, ମଝିଆଣି ମୁହଁ, ଜୁଇପୁର ପାଟ, ମାତକତପୁର ପାଟ, ବାଲିପଡ଼ିଆ ପାଟ, ପଲାଇ ଗଗୁଆପାଟ, ସଦାନନ୍ଦପୁର ପାଟରୁ ବିପୁଳ ପରିମାଣର ଜଳ ଆସି ଗୋବରୀରେ ମିଶିଥାଏ । ଗୋବରୀ

ନଈ ଏସବୁ ପାଟବିଲର ପାଣି ପିଇ ଆହୁରି ଫୁଲିଯାଏ ବୋଲି ଅଜା ଥଟ୍ଟାରେ କହନ୍ତି ।

ଗୋବରୀର ପତଳା ସ୍ରୋତ ଭରତପୁର, ପଣସୁଧା, ରାଜନଗର, ନୋଳାସାହି, ରଘୁଦେଇପୁର, ଆମ୍ବୁରା, ବୀରନୀଳକଣ୍ଠପୁର, କୁଶିଆପାଳ, ମିର୍ଜାପାଟଣା, ଗୁଆଳସିଂ, ଉଦୟନଗର ଦେଇ ପ୍ରବାହିତ ହୋଇଛି ।

ଅଳାବାଙ୍କ, ଜୁଇଦାସପୁର, ଇଡ଼ିଆଳି ନିକଟରୁ ଆଉ ଏକ କ୍ଷୁଦ୍ର ସ୍ରୋତ ବାହାରି କଷୋଟି, ପାଣ୍ଡିରି, କେନ୍ଦ୍ରାପଡ଼ା ଲ' କଲେଜ, ଇଭିନିଂ କଲେଜ ପାଖ ଦେଇ ଉଦୟନଗରଠାରେ ଗୋବରୀ ସହ ମିଳିତ ହୋଇଛି ବୋଲି ମୁଁ କେନ୍ଦ୍ରାପଡ଼ା କଲେଜରେ ପଢ଼ିଲା ବେଳେ ଜାଣିବାକୁ ପାଇଲି । ମୁଁ ଉଦୟନଗର ଗାଁରେ ଗୋବରୀ ନଈ କୂଳରେ ଥିବା ଆରିଷ୍ଟୋକ୍ରାଟ୍ ମେସ୍‌ରେ ରହୁଥିଲି ।

ଉଦୟନଗରରୁ ଗୋବରୀ ତିନିମୁହାଁଣି, ଗୁଲ୍‌ନଗର, ସୁଜାନଗର, ଖଇରାବାଦ, କେନ୍ଦ୍ରାପଡ଼ା ସହର, ଗରାପୁର, ଦେ'ପୁର, ଚକଡ଼ାବାରଙ୍ଗ, ସମଲପୁର ଦେଇ ନାଗପୁର ଛୁଇଁଛି ।

ଆମ୍ବୁରା, ବୀରନୀଳକଣ୍ଠପୁର ଅ*ଳର ଗଭୀର ପାଟବିଲରୁ ଅନ୍ୟ ଏକ ପତଳା ସ୍ରୋତ ଉତ୍‌□ିଲାଭ କରି କେନ୍ଦ୍ରାପଡ଼ା ଜିଲ୍ଲାର ଦୋହରା, ବାରିମୁଳ, ଗଣିଆମୁହାଁଣ, ବିଶିବିଲ, ଖମାରକେଶପୁର, ତରାଣ୍ଡ, ସମଲପୁର ଦେଇ ନାଗପୁର ନିକଟରେ ମୂଳ ଗୋବରୀ ସହ ମିଳିତ ହୋଇଛି । ଏସବୁ ସ୍ରୋତମାନଙ୍କୁ ସାଥୀରେ ଧରି ଗୋବରୀ ଆଗକୁ ଫୋରଡ଼, ନୀଳିକଣା, ଏଣ୍ଡର, କୋରୁଆ, ଆୟେବା, ନରଣପୁର, କୁଙ୍କୁଣି, ଛେଦରା ଦେଇ ଗଣ୍ଡାକିଆ ଛୁଇଁଛି । ତା' ପରଠୁ ଗୋବରୀ ଆମ ଗାଁ ଦେଇ ମହାକାଳପଡ଼ା ଆଡକୁ ଗତି କରିଛି ।

ଗଣ୍ଡାକିଆ ନିକଟରେ ଗୋବରୀ କୂଳରେ ପ୍ରସିଦ୍ଧ ଛୁଆଳିଆ ଠାକୁରାଣୀଙ୍କ ପୀଠ ଅଛି । ପିଲାଦିନେ ସୋରିଆ ନାନୀ ସହ ଛୁଆଳିଆ ଠାକୁରାଣୀ ପୀଠକୁ ବୁଲିଯାଉ । ଗୋବରୀ ନଈ କୂଳରେ ଘ* ସାହାଡ଼ା ଜଙ୍ଗଲ ଭିତରେ ମା' ଛୁଆଳିଆ ଠାକୁରାଣୀ ପୂଜା ପାଆନ୍ତି । ସୋରିଆ ନାନୀ ଛୁଆଳିଆ ଠାକୁରାଣୀଙ୍କ ପାଖରେ ସାହାଡ଼ା ଗଛରେ ନାଲି ସୂତା, ଶଙ୍ଖା ବାନ୍ଧେ ।

ମୁଁ ସୋରିଆ ନାନୀକୁ ଗମାତରେ କହେ- "ଛୁଆଳିଆଙ୍କୁ ନାଲି ଶଙ୍ଖା, ଛିଟ ପିନ୍ଧାଉଛୁ । ଭଲ ବର ପାଇବୁ ?"

ସୋରିଆ ନାନୀ ରାଗିଯାଏ । ମୁଁ ଚୁପ୍ ହୋଇଯାଏ ।

ଇଂରେଜ ଶାସନ ସମୟରେ ଗଣ୍ଡାକିଆ ନିକଟରେ ଗୋବରୀ ନଦୀ ସହିତ ଗୋବରୀ କେନାଲକୁ ଲକ୍ ମାଧ୍ୟମରେ ସଂଯୋଗ କରାଯାଇଥିଲା । ସେହିଭଳି ବ୍ରାହ୍ମଣୀ ନଦୀ ସହ ମଧ୍ୟ ଅଳଭା ନିକଟରେ ଗୋବରୀ କେନାଲ ସଂଯୁକ୍ତ ହୋଇଥିଲା । ବ୍ରାହ୍ମଣୀରେ ବନ୍ୟା ଆସିଲେ ଅଳଭା ଲକ୍ ଦେଇ ବନ୍ୟା ଜଳକୁ ଗୋବରୀ ନଈ ମଧ୍ୟକୁ ଛଡ଼ାଯାଏ ।

ଆମ ପିଲାଦିନ ପର୍ଯ୍ୟନ୍ତ ଗଣ୍ଡାକିଆ ଆଉ ଅଳଭା ଲକ୍ କାର୍ଯ୍ୟକ୍ଷମ ଥିଲା । ମାତ୍ର ପରେ ପରେ ଏ ଲକ୍ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ଆମ ପିଲାଦିନେ ଗୋବରୀ କେନାଲରେ ଡଙ୍ଗା ଚାଲୁଥିଲା । ଆମେସବୁ ଗୋବରୀ କେନାଲରେ ଡଙ୍ଗା ପାର ହୋଇ ପଟ୍ଟାମୁଣ୍ଡେଇ ଯାଉଥିଲୁ ।

ପିଲାଦିନେ ଆମେସବୁ ଏ ଗଣ୍ଡାକିଆ ଲକ୍‌ରେ ଖେଳୁ । ବନ୍‌ଶୀ କ[। ପକାଇ ମାଛ ଧରୁ । ସୋରିଆ ନାନୀ ସହ ତା' ନୂଆବୋଉ ଘର ଗାଁ କୁଙ୍କୁଣିକୁ ଯାଉ ।

ଆଜି ସେ ଗଣ୍ଡାକିଆ ଲକ୍, ଅଳଭା ଲକ୍ ପରିତ୍ୟକ୍ତ ହୋଇ ପଡ଼ିଛି । ଗଣ୍ଡାକିଆ ଘାଟ ନାହିଁ । ସେଠି ଏକ ପୋଲ ହୋଇଯାଇଛି ।

ଗଣ୍ଡାକିଆରୁ ଗୋବରୀ ନଈର ଗୋଟିଏ ଶାଖା ଉ□ର ଦିଗରେ କୁଙ୍କୁଣି ଦେଇ ପଟ୍ଟାମୁଣ୍ଡାଇ ଆଡ଼କୁ ଗତିକରିଛି । ସେ ଶାଖାଟି ଯାଇ କୁଆଡ଼େ ମିଶିଛି ଅଜା ଜାଣି ନ ଥିଲେ । ପରେ ମୁଁ ଜାଣିବାକୁ ପାଇଲି, ସେଇଟାକୁ ସ୍ଥାନୀୟ ଲୋକେ ସାନବ୍ରାହ୍ମଣୀ ନଦୀ କହୁଥିଲେ ।

ଗଣ୍ଡାକିଆରୁ ଗୋବରୀର ମୁଖ୍ୟ ସ୍ରୋତ ଲୋକନାଥପୁର, ଜୟସିଂହପୁର, କଇଁକୂଳା, ମଧୁରକୂଳ, ଭେଡ଼ିସାହି, ନିଗିନିପୁର (ମୋ' ଗାଁ), ପେରିଜପୁର, ଅଳାଇଲୋ, ଓରତ, ଓଳିହା, ଦେଉଳପଡ଼ା, ବାଙ୍କିଛନ୍ଦା, ଅମିରାବାଦ, ଚଡ଼େଇଗୁଆଁ, ଶିଖର, ମହାକାଳପଡ଼ା, ଚଣ୍ଡିଆପଲ୍ଲୀ, କେୟାରବାଙ୍କ, ଜଅଁରା, ରାଇଗଡ଼, ନନ୍ତାର, ମାଳିଅ*, ଜଗତି, କାନପୁର, ବାହାରସୋବଳା, ଭିତରସୋବଳା, ବାରଡାଙ୍ଗ, ବଳଭଦ୍ରପୁର, ବଡ଼ମଠ, ପଙ୍କପାଳ, ଛପାଲିବଡ଼ତୋଟା, କଂସାପାଳ, ଭାଟେଣି, ରାମନଗର, ଜମ୍ବୁ, ଖରିନାସୀ ଦେଇ ହୁକିଟୋଲା ଫଲ୍‌ସ ପଏ[ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି ବୋଲି ଅଜା କହନ୍ତି ।

ଅନ୍ୟ ଏକ ସ୍ରୋତ (ଗୋବରୀର ଉପନଦୀ) କେନ୍ଦ୍ରାପଡ଼ା ଜିଲ୍ଲାର ବଡ଼ପଡ଼ା, କାଠିଆପଡ଼ା ନିକଟରୁ ଉତ୍ପ□ିଲାଭ କରି ସୁଜୁନପୁର, ଚାହାଳିଆ, ବଡ଼ମୋହନପୁର, ସାନମୋହନପୁର, ଦିହୁଡୁପୁର, ଭୋଇପଡ଼ା, ଜନପାଟଣା, ରାମଚନ୍ଦ୍ରପୁର, ଇଟାକାଣ୍ଡିଆ, ବଡ଼ରାହାମା, ବାବର, ବଡ଼ିହି, କାକଟପୁର, ବନ୍ଧପଡ଼ା, କ[ଲୋ, ପ*ଗୋଛିଆ, ବଡ଼ଦାଣ୍ଡୁଆ, ବଗଗହନ ଦେଇ ପ୍ରବାହିତ ହେବା ପରେ ଭାଟେଣୀ ଓ କଂସାପାଳ ନିକଟରେ ଗୋବରୀ ସହ ମିଳିତ ହୋଇଛି ।

ସେହିଭଳି ବାଙ୍କିଛନ୍ଦା-ଜାଲକଣା-ରାଜଗଡ଼ ଘାଟ ନିକଟରୁ ଗୋବରୀର ଏକ ଶାଖା ଦକ୍ଷିଣ ଦିଗକୁ ବାଲଣା, ପଳାସପୁର, ଗିରଙ୍ଗ ଆଡ଼କୁ ଗତି କରି ଜମ୍ବୁ କେନାଲ ସହ ସଂଯୁକ୍ତ ହୋଇଛି । ଏହି ଶାଖାଟି ଅତୀତରେ ଲୁଣା ନଦୀ (ବଡ଼ନଈ)ରେ ପଡ଼ିଥିଲା ବୋଲି ଅଜା କହନ୍ତି ।

ଆଉ ଏକ ପତଳା ଜଳଧାର ଅରଡ଼ପଲ୍ଲୀ, ଜରିଆ, ବୋଧଗାଁ, ମାନପାଟଣା,

ନିଗିନିପୁର, କୁସୁନପୁର, ମଙ୍ଗରାଜପୁର, ହୀରାବାଙ୍କ, ଅନ୍ଦୁଳି, ପାତ୍ରଗଡ଼, ସାହାବାଜପୁର, ବିଜୟନଗର, ଶଙ୍ଖପଦା ଦେଇ ଗତି କରିବା ପରେ ଗୋବରୀ ସହ ମିଳିତ ହୋଇଛି । ଏହାକୁ ଆମ ଅ*ଳରେ 'ସରୁନଈ' ବୋଲି କହନ୍ତି । ପିଲାଦିନେ ଏ ସରୁନଈରେ ବି ଡଙ୍ଗା ଲାଗୁଥିଲା । ଆଜି କିନ୍ତୁ ଏ ସରୁନଈ ପୋତି ହୋଇ ମରିହଜି ଗଲାଣି । ତାର ଚିହ୍ନବର୍ଣ୍ଣ ବି ଦେଖିବାକୁ ମିଳେନା ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋବରୀ ନଦୀ ସହ ବ୍ରାହ୍ମଣୀ ନଦୀକୁ ସଂଯୋଗ କରିବା ଏବଂ ଜଳପଥରେ ମାଲ୍ ଓ ଯାତ୍ରୀ ପରିବହନ ତଥା ଜଳସେଚନର ସୁବିଧା ନିମନ୍ତେ ଇଂରେଜ ଶାସନ ଅମଳରେ ଅନେକ ବୃହତ୍ କେନାଲ ଖନନ କରାଯାଇଥିଲା ।

କେନ୍ଦ୍ରାପଡ଼ା କେନାଲ ହେଉଛି ଇଂରେଜ ଶାସନ ଅମଳରେ ଖୋଳାଯାଇଥିବା ପ୍ରଥମ କେନାଲ । ଜଗତପୁର ନିକଟସ୍ଥ ବିରୂପା ନଦୀର ଆନିକଟ୍‌ରୁ ଏହି କେନାଲ ଖୋଳାଯାଇ ମହାନଦୀ-ବିରୂପା ବ୍ୟାରେଜ ସମ୍ପୂର୍ଣ୍ଣ ହେବାପରେ ଏହାକୁ ମହାନଦୀ ବ୍ୟାରେଜର ବାମ ପଟକୁ ସଂଯୋଗ କରାଗଲା ।

ମହାନଦୀ-ବିରୂପା ବ୍ୟାରେଜରୁ କେନ୍ଦ୍ରାପଡ଼ା କେନାଲ ମାଧ୍ୟମରେ ପାଣି ଛଡ଼ାଯାଇ ପଟ୍ଟାମୁଣ୍ଡାଇ କେନାଲ, ଜମ୍ବୁ ଓ ଗୋବରୀ କେନାଲରେ ଭ□ି ହେଉଥିଲା ।

୧୮୬୯ ମସିହା ମେ' ୨୯ ତାରିଖରେ କେନ୍ଦ୍ରାପଡ଼ା କେନାଲରେ ପ୍ରଥମ ପାଣି ଛଡ଼ାଯାଇଥିଲା ବୋଲି ସେତେବେଳେ 'ଉତ୍କଳ ଦୀପିକା'ରେ ଖବର ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଅଜା ତାଙ୍କ ଟିପା ଖାତାରେ ଲେଖି ରଖିଥିଲେ ।

ସେତେବେଳେ ଏସବୁ କେନାଲଗୁଡ଼ିକୁ ଗୋବରୀ ନଦୀ ସହ ସଂଯୁକ୍ତ କରାଯାଇଥିଲା । କେନାଲ ମାଧ୍ୟମରେ ସେତେବେଳେ ଯାତ୍ରୀ ଓ ମାଲ୍ ପରିବହନ ସହ ଚାଷୀଙ୍କ ବିଲକୁ ଜଳସେଚନ ମଧ୍ୟ ହେଉଥିଲା ।

ଗୋବରୀ ଓ ବ୍ରାହ୍ମଣୀ ନଈକୁ ସଂଯୋଗ କରୁଥିବା ଆଉ ଏକ କେନାଲର ନାଁ ହେଉଛି ଗୋବରୀ କେନାଲ । ଯେତେବେଳେ ଓଡ଼ିଶା ଏବଂ ଓଡ଼ିଶା ବାହାରକୁ ଜଳପଥରେ ଗମନାଗମନ କଥା ମନକୁ ଆସିଲା, ପ୍ରଥମେ ଗୋବରୀ ନଦୀ ସହ ବ୍ରାହ୍ମଣୀକୁ ସଂଯୋଗ କରିବାକୁ ଚିନ୍ତା କରାଗଲା । ଏହାର ଫଳ ସ୍ୱରୂପ ଗଣ୍ଡାକିଆ (ଗୋବରୀ)ଠାରୁ ଅଳଭା (ବ୍ରାହ୍ମଣୀ) ପର୍ଯ୍ୟନ୍ତ ୯ କିଲୋମିଟର ଦୀର୍ଘ କେନାଲ ଖୋଳାଗଲା । ଏହାକୁ ଗୋବରୀ ସମ୍ପ୍ରସାରଣ କେନାଲ କୁହାଗଲା ।

ଗୋବରୀ କେନାଲ ଖନନ ହେବା ଦ୍ୱାରା ଗୋବରୀ ନଦୀରୁ ବ୍ରାହ୍ମଣୀ ନଦୀ ମଧ୍ୟକୁ ସହଜରେ ନୌପରିବହନ ସମ୍ଭବ ହେଲା ।

କେନ୍ଦ୍ରାପଡ଼ା କେନାଲର ଏକ ସମ୍ପ୍ରସାରିତ କେନାଲ ଯାହାକୁ ଜମ୍ବୁ କେନାଲ କୁହାଯାଉଛି, ତାହା ମାର୍ଶାଘାଇଠାରୁ ଜମ୍ବୁ ପର୍ଯ୍ୟନ୍ତ ୨୪ କିଲୋମିଟର ପୂର୍ବ ଦିଗକୁ ଖନନ

କରାଯାଇ ଜମ୍ବୁଠାରେ ଗୋବରୀ ସହ ସଂଯୋଗ କରାଯାଇଥିଲା ।

କଟକରୁ ଫଲ୍‌ସ ପଏ[ବନ୍ଦର ମଧ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ପାଇଁ ଜମ୍ବୁ କେନାଲ ଖୋଳାଯାଇଥଲା । ଜମ୍ବୁ କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ଲୁଣା ଓ ମହାନଦୀର ବନ୍ୟା ଘେରି ବନ୍ଧ ଭାବେ କାର୍ଯ୍ୟ କରିଥାଏ ।

କେନ୍ଦ୍ରାପଡ଼ା କେନାଲର ଜଗତପୁର ନିକଟସ୍ଥ ଉପରମୁଣ୍ଡରୁ ପଟ୍ଟାମୁଣ୍ଡାଇ କେନାଲ ବାହାରି ପୂର୍ବ ଦିଗକୁ ୭୫ କିଲୋମିଟର ଗତି କରି ଅଳଭାଠାରେ ଗୋବରୀ ସମ୍ପ୍ରସାରଣ କେନାଲ ସହ ମିଳିତ ହୋଇଛି । ଏହାର ବାମ ପାର୍ଶ୍ୱ ବନ୍ଧ ବିରୂପା ଓ ବ୍ରାହ୍ମଣୀ ନଦୀର ବନ୍ୟା ଘେରି ବନ୍ଧ ଭାବେ କାର୍ଯ୍ୟ କରିଥାଏ ବୋଲି ଅଜା କହୁଥିଲେ ।

ସେତେବେଳେ 'ଲକ୍' ମାଧ୍ୟମରେ କେନାଲର ଜଳକୁ ପରିଚାଳନା କରାଯାଉଥିଲା । ଏଣୁ ଗଣ୍ଡାକିଆ, ଜମ୍ବୁ, ମାର୍ଶାଘାଇ, ଅଳଭା, କେନ୍ଦ୍ରାପଡ଼ା, ଜଗତପୁର, ବାରବୋଡ଼ିଆ, କେନ୍ଦୁପାଟଣା, ଲୋକନାଥପୁର, ବସପୁର, ଚକଡ଼ା ଆଦି ସ୍ଥାନରେ 'ଲକ୍' ନିର୍ମାଣ କରାଯାଇ କେନାଲ ଜଳକୁ ନିୟନ୍ତ୍ରଣ କରାଯାଉଥିଲା ।

ଇଂରେଜ ସରକାର ଅମଳରେ ଖୋଳାଯାଇଥିବା ଏସବୁ କେନାଲ ଯୋଗୁଁ ଗୋବରୀ ନଦୀ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ଜଳପଥ ପାଲଟିଥିଲା । ଗୋବରୀ ନଦୀ ଦେଇ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନକୁ ଲ*, ଷ୍ଟିମର ଓ ବଡ଼ ବଡ଼ କାଠଡଙ୍ଗା ଯୋଗେ ଯାତାୟାତ ସମ୍ଭବପର ହେଉଥିଲା । ଏମିତିକି ଗୋବରୀ ନଦୀରୁ ବ୍ରାହ୍ମଣୀ, ବୈତରଣୀ ଦେଇ କେନ୍ଦ୍ରାପଡ଼ା ବାହାରକୁ ଯଥା- ଚାନ୍ଦବାଲି, ଧାମରା ଓ ସେଠାରୁ କଲିକତା ଏବଂ କେନ୍ଦ୍ରାପଡ଼ା, ଗୋବରୀ, ପଟ୍ଟାମୁଣ୍ଡାଇ କେନାଲ ଦେଇ କଟକ ପର୍ଯ୍ୟନ୍ତ ଯାତାୟତ ହୋଇ ପାରୁଥିଲା । ଏଣୁ ଗୋବରୀ ନଈକୁ କେନ୍ଦ୍ରାପଡ଼ାର 'ଜୀବନ ରେଖା' କୁହାଯାଉଥିଲା ବୋଲି ଅଜା ତାଙ୍କ ଟିପାଖାତାରେ ଲେଖିଥିଲେ ।

ଗୋବରୀ ନଈ ଓ ଫଲ୍‌ସ ପଏ[ବନ୍ଦରକୁ ନେଇ ମୋ ପିଏଚ୍‌ଡି ଥେସିସ୍ ଆଗେଇ ଚାଲିଥାଏ । ଦିନକୁ ଦିନ ମୁଁ ଅନେକ ନୂଆ ନୂଆ ତଥ୍ୟ ଜାଣିବାକୁ ପାଉଥାଏ ।

ମୁଁ ମଝିରେ ମଝିରେ ମାର୍ଶାଘାଇ, ପଳାସପୁର, ଗୋପାଳପୁର, ମହାକାଳପଡ଼ା ଗୋଡ଼ା ଦେଇ ଜମ୍ବୁ ଯାଏ । ମହାକାଳପଡ଼ା କେନାଲ ଗୋଡ଼ା ନିକଟରେ ପହିଁଲା ବେଳକୁ ପିଲାଦିନର ମୋ' ଅଜା, ଆଈ ଓ ବୋଉଙ୍କ କଥା ମନକୁ ଆସେ । ମାମୁଘୁଅ ଭାଇମାନଙ୍କ ସହ ଜମ୍ବୁ କେନାଲରେ ପହଁରିବା କଥା ମନକୁ ଆସେ । ଭାରି କାନ୍ଦ କାନ୍ଦ ଲାଗେ ।

କେଉଁଠି ମୋ' ଆଖି କୋଣରେ ବୁନ୍ଦାଏ ଲୁହ ଜକେଇ ରହିଥାଏ । ଗୋଟିଏ ଦୀର୍ଘଶ୍ୱାସ ପକେଇ ମୁଁ ଭୁବନେଶ୍ୱର ଫେରେ ।

୧୬

ମାଟ୍ରିକ ପାସ୍ କରିବା ପରେ ମୋ'ର କେଉଁ କଲେଜରେ ନାଁ ଲେଖାହେବ ବାପା ଚିନ୍ତାରେ ପଡ଼ି ଯାଇଥିଲେ । ମୁଁ ଆମ ବ୍ଲକରେ ସବୁଠୁ ଅଧିକ ନମ୍ବର ରଖି ମାଟ୍ରିକ୍ ପାସ୍ କରିଥିବାରୁ ବାପା ଖୁବ୍ ଗର୍ବ କରୁଥାନ୍ତି ।

କିଏ କହୁଥାଏ, ରେଭେନ୍‌ଶା କଲେଜରେ ନାଁ ଲେଖାଅ ତ କିଏ କହୁଥାଏ ବିଜେବି କଲେଜରେ । ପୁଣି ସାଲେପୁର କଲେଜ କଥା ମଧ୍ୟ ଆଲୋଚନା ହେଉଥାଏ ।

ଆମ ହାଇସ୍କୁଲ ହେଡ୍ ସାର୍ ପ୍ରସ୍ତାବ ଦେଲେ କେନ୍ଦ୍ରାପଡ଼ା କଲେଜରେ ପ୍ଲସ୍ ଟୁ ସାଇନ୍‌ସରେ ନାଁ ଲେଖେଇବାକୁ । ଶେଷରେ ଆମ ହେଡ୍ ସାର୍‌ଙ୍କ କହିବା ଅନୁଯାୟୀ କେନ୍ଦ୍ରାପଡ଼ା କଲେଜରେ ପ୍ଲସ୍ ଟୁ ସାଇନ୍‌ସରେ ମୋର ନାମ ଲେଖାଗଲା ।

କେନ୍ଦ୍ରାପଡ଼ା ସହରକୁ ଆସିବା ପରେ ମୋତେ ଲାଗିଲା, ଅତୀତରେ ମୁଁ ନିହାତି ଗୋଟିଏ ଛୋଟିଆ ପୃଥିବୀ ଭିତରେ ମୋ' ଗାଁରେ ରହୁଥିଲି, ଯେଉଁଠିକୁ ବିଜୁଳି ସଂଯୋଗ ନଥିଲା କି ରାସ୍ତା ଫିଟି ନଥିଲା । କେନ୍ଦ୍ରାପଡ଼ା ସହର ସେତେବେଳେ ମୋତେ ବହୁତ ବଡ଼ ଲାଗୁଥିଲା ।

ମୁଁ ଯେଉଁ ମେସ୍‌ରେ ରହୁଥିଲି, ତା' ନାଁ ଥିଲା ଆରିଷ୍ଟୋକ୍ରାଟ୍ ମେସ୍ । ମେସ୍‌ରେ ବିଜୁଳି ଆଲୁଅ, ଫ୍ୟାନ୍, ଟ୍ୟାପ୍ ପାଣି ଆଦି ଦେଖି ମୋ' ଆଖି ଝଲ୍‌ସି ଉଠିଲା । ଆମ ଗାଁକୁ ବିଜୁଳି ଯାଇ ନଥିଲା । ଏଣୁ ବିଜୁଳି କ'ଣ ମୁଁ ଜାଣି ନଥିଲି । ଆମେ ତ ଗାଁରେ ଗୋବରୀ ନଈ ପାଣି ପିଉଥିଲୁ । ଷଷ୍ଠ କି ସପ୍ତମ ଶ୍ରେଣୀରେ ପଢ଼ିଲା ସମୟରେ ଆମ ଗାଁରେ ପ୍ରଥମ କରି ନଳକୂପ ବସିଲା । ତା'ପରଠୁ ନଳକୂପ ପାଣି ପିଇଲୁ ।

ଆରିଷ୍ଟୋକ୍ରାଟ୍ ମେସ୍ ଉଦୟନଗର ଗାଁରେ ଠିକ୍ ଗୋବରୀ ନଈ କୂଳରେ ଥିଲା । ଦୁଇ ମହଲା ବିଶିଷ୍ଟ ବଡ଼ ବିଲ୍‌ଡିଂ । ଉପର ମହଲାରେ ମୁଁ ରହୁଥିଲି ।

ନୂଆ କରି ଗାଁ ଛାଡ଼ି କେନ୍ଦ୍ରାପଡ଼ା ସହରକୁ ଆସିଥାଏ । ସହରର ଆଦବ କାଇଦା ଅଲଗା ଲାଗୁଥାଏ । ସହରର ଗାଡ଼ି ମଟର, କୋଠାବାଡ଼ି ଦେଖି ଆଖି ଖୋସି ହୋଇ ଯାଉଥାଏ ।

ମୋ' ମେସ୍ ପଛପଟେ ଗୋବରୀ ନଈ ବହୁଥାଏ । ଏହା ମୋତେ ଅନେକ ମାତ୍ରାରେ ଆଶ୍ୱସ୍ତ କରୁଥାଏ । ସାହସ ଦେଉଥାଏ ।

ଏହି ଗୋବରୀ ନଈରେ ମୁଁ ମୋ' ଗାଁ, ସୋରିଆ ନାନୀ, ବାପା, ଅଜା ଓ ମାମୁମାନଙ୍କୁ ଦେଖୁଥିଲି ।

ସେବର୍ଷ ଗୋବରୀ ନଈରେ ପ୍ରବଳ ବନ୍ୟା ଆସିଥାଏ । ବନ୍ୟା ଜଳରେ ଆମ କଲେଜ ବିଲ୍‌ଡିଂସବୁ ଅଧା ବୁଡ଼ି ଯାଇଥାଏ । ଏଣୁ କଲେଜ ଛୁଟି ଘୋଷଣା ହୋଇ ଯାଇଥାଏ ।

ଖାଲି ଆମ କଲେଜ କାହିଁକି, ଲ' କଲେଜ, ଇଭିନିଂ କଲେଜ, ଆମ ମେସ୍, ଗୁଲ୍‌ନଗର, ଉଦୟନଗର, ଡେରାବିଶ ଆଦି ଅ*ଳ ଜଳମଗ୍ନ ହୋଇଥାଏ ।

ଆମ ମେସ୍‌ର ତଳ ମହଲାରେ ପାଣି ପଶି ଯାଇଥାଏ । ମୁଁ ଉପର ମହଲାରେ ରହୁଥିବାରୁ ରକ୍ଷା ପାଇ ଯାଇଥିଲି । ତଳ ମହଲାରେ ରହୁଥିବା ଅରକ୍ଷିତ ଭାଇ, ସତ୍ୟ ପ୍ରକାଶ ଓ ସୋମନାଥ ହେରିକା ତାଙ୍କ ଷ୍ଟୋଭ୍, ପନିପରିବା, ଚାଉଳ ବ୍ୟାଗ୍ ଧରି ଆମ ରୁମ୍‌କୁ ଚାଲି ଆସନ୍ତି । ଆମେ ସମସ୍ତେ ମିଳିମିଶି ରୋଷେଇ କରି ଖାଉ ଓ ମେସ୍ ଛାତ ଉପରେ ଠିଆ ହୋଇ ଗୋବରୀ ନଈର ବନ୍ୟାଜଳ ଦେଖୁ ।

ସେବର୍ଷ କୁଆଡ଼େ ବଡ଼ ବନ୍ୟା ହୋଇଥାଏ ବୋଲି ଆମେ ଖବର ପାଉଥାଉ । ମାହାଙ୍ଗା, ଛତା, ନାନପୁର ଆଦି ଅ*ଳ ବୁଡ଼ିଥାଏ । ଆମ ଗାଁ ନିଶ୍ଚୟ ବୁଡ଼ିଥିବ ବୋଲି ମୁଁ ମନେମନେ ଆଶଙ୍କା କରୁଥାଏ ।

ସେପଟେ ବନ୍ୟାରେ ବ୍ରାହ୍ମଣୀ ଉବୁଟୁବୁ ହେଉଥାଏ । ପଟ୍ଟାମୁଣ୍ଡାଇ ତଳି ଅ*ଳ, ଆଳି, ରାଜନଗର ଏରିଆ ବୁଡ଼ି ଯାଇଥାଏ । ଅଳଭା ଘାଇ ଯଦି ଭାଙ୍ଗିଯାଏ ଆମ ଗାଁ ନିଶ୍ଚୟ ବୁଡ଼ିବ । ମନକୁ ପାପ ଛୁଉଁଥାଏ ।

ଯାହା ହେଉ ତିନି ଚାରି ଦିନ ପରେ ଗୋବରୀରୁ ପାଣି ଖସିଲା । ଆମ କଲେଜ ଖୋଲିଲା । ଆମେସବୁ ପୁଣି କ୍ଲାସ୍ କରିବାକୁ କଲେଜ ଗଲୁ ।

ଆମ ମେସ୍‌କୁ ଲାଗି ସାତ ଆଠଟା ମେସ୍ ଥାଏ । ସେଠି ସବୁ କଲେଜ ପିଲା ରହନ୍ତି । ସବୁ ମେସ୍ ପିଲାମାନେ ଗୋବରୀ ନଈକୁ ଗାଧୋଇବାକୁ ଯାଆନ୍ତି । ଆମେ ସେଇଠି ଗୋବରୀ କୂଳରେ ଝାଡ଼ା ଫେରୁ । ବର୍ଷା ଦିନେ ସେ ଗୋବରୀ ନଈ କୂଳ ଭାରି ଗନ୍ଧିଆ ଲାଗେ । ନଈ କୂଳ କଲେଜ ପିଲାଙ୍କ ଝାଡ଼ାରେ ଅସନା ହୋଇ ଯାଇଥାଏ । କାରଣ ସବୁ ପିଲାମାନେ ହିଁ ଗୋବରୀ ନଈ କୂଳରେ ଝାଡ଼ା ଫେରନ୍ତି । ସେ ଝାଡ଼ାରେ ବର୍ଷା ପାଣି ପଡ଼ି ବଡ଼ ବିଚିତ୍ର ଦିଶୁଥାଏ । ମୁଁ ବାନ୍ତି କରି ପକାଏ । ତଥାପି ସେଇଠି କଷ୍ଟେମଷ୍ଟେ ଝାଡ଼ା ବସି ନଈରୁ ଗାଧୋଇ କଲେଜ ବାହାରୁ ।

ଗୋବରୀ ନଈର ସେପେଟ କୂଳରେ ଝିଅମାନେ ଗାଧୁଆ ପାଧୁଆ କରନ୍ତି । ଗୋବରୀ ନଈର ଆର ପଟେ ଝିଅମାନଙ୍କ ମେସ୍ ଥାଏ ।

ଆଦ୍ୟ କୈଶୋରର ଉନ୍ମାଦନାରେ ସବୁକିଛି ନୂଆ ନୂଆ ଲାଗୁଥାଏ । ନଈ ସେପାରି ତୁଠରେ ଗାଧାଉଥିବା ଝିଅମାନେ ଭାରି ହସାହସି ହୁଅନ୍ତି । ଏପଟେ ପୁଅମାନେ ବି ଗାଧୋଇବା ବାହାନାରେ ଝିଅମାନଙ୍କୁ କଣେଇ କଣେଇ ଚାହାନ୍ତି ।

ଏଇ ଗୋବରୀ ନଈ ଗାଧୁଆରୁ ତନୁଜା ବଳ ସହ ମୋର ସମ୍ପର୍କ ହୋଇଥିଲା । ତନୁଜା ବଳ ରହୁଥିଲା 'ଅହଲ୍ୟା' ମେସ୍‌ରେ । ଗୋବରୀ ନଈ ସେପଟ ସୁଜାନଗରରେ । ଆମେ ରହୁଥିଲୁ ଆରିଷ୍ଟୋକ୍ରାଟ ମେସରେ । ଉଦୟନଗରରେ । ମଝିରେ ବହୁଥିଲା ଗୋବରୀ

ନଈ ।

ମୁଁ ଅହଲ୍ୟା ମେସ୍‌କୁ ଯାଇ ତନୁଜା ବଳକୁ ଦେଖା କରେ । ବର୍ଷାଦିନେ ତିନିମୁହାଣୀ ପୋଲ ଦେଇ ବୁଲି ବୁଲି ତନୁଜା ବଳର ମେସ୍‌କୁ ଯିବାକୁ ପଡ଼େ । କିନ୍ତୁ ଖରାଦିନେ ନଈ ଶୁଖିଯାଏ । ମୁଁ ନଈ ଭିତର ଦେଇ ଅହଲ୍ୟା ମେସ୍ ଯାଏ । ତନୁଜା ବଳ ବି ଅନେକବାର ଗୋବରୀ ନଈ ପାର ହୋଇ ମୋ ମେସ୍‌କୁ ଆସେ ।

ତନୁଜା ବଳ ଥିଲା ମୋ'ର ପ୍ରଥମ ପ୍ରେମିକା । ତନୁଜା ବଳ ପାଇଁ ମୋତେ କେନ୍ଦ୍ରାପଡ଼ା ଖୁବ୍ ନୂଆ ନୂଆ ଲାଗୁଥିଲା ।

ମୋ ସାଙ୍ଗ ଟୁଲୁ ପଣ୍ଡା କହେ- "ଆରେ ତୁ ତନୁଜା ବଳକୁ ଚୁମ୍ବା ଫୁମ୍ବା ଦେଲୁଣି ନା ନାହିଁ ? ତମ ପ୍ରେମରେ ଚିକେନ୍, ମଟନ୍ ନନ୍‌ଭେଜ୍ ହେଲାଣି ନା ନାହିଁ ? ନା, ଖାଲି ଶାଗଭାତ ମାନେ ପିଓର ଭେଜ୍‌ରେ ଚଳଉଛ ? ଭାଇ-ଭଉଣୀ ରାକ୍ଷୀ ବନ୍ଧା ସମ୍ପର୍କରେ ଅଟକିଛି ?"

ମୁଁ କହେ- "ହେସ୍, ନର୍ଭସ ଲାଗୁଛି । ଚୁମ୍ବା ଦେବାକୁ ଗଲାବେଳେ ଦେହ ହାତ ଥରୁଛି ।"

ଟୁଲୁ ପଣ୍ଡା କହେ- "କୁଳାଙ୍ଗାର, ତୁ ଆଉ ହବୁନି ।"

ଟୁଲୁ ପଣ୍ଡାର ଏହି ହେୟଜ୍ଞାନ ମୋତେ ଭଲ ଲାଗେନି । ମୁଁ ମନରେ ସାହସ ବାନ୍ଧେ । ଥରେ ସାହସ ଜୁଟାଇ ତନୁଜା ବଳକୁ ଚୁମ୍ବା ଦିଏ । ଓ କ୍ରମେ ଦୁଃସାହସୀ ହୋଇଯାଏ ।

ମୁଁ ତନୁଜା ବଳକୁ ଅନେକ ଥର ଚୁମ୍ବା ଦେଇଛି । ଆମ ପ୍ରେମ କେବଳ ସେଇ 'ଚୁମ୍ବା' ଯାଏ ଯାଇ ପାରିଥିଲା । ଆଉ ବେଶି ଆଗେଇ ନଥିଲା ।

ଆମ କଲେଜ ପଛପଟ ଦେଇ ଗୋବରୀ ନଈର ଏକ ଶାଖା ନଈ ବହୁଥାଏ । ଅତୀତରେ ସେ ନଈର ନାଁ ମଧୁସାଗର ଥିଲା । ଆମ ଓଡ଼ିଆ ଅଧ୍ୟାପକ ମୋହନ ସାର୍ କ୍ଲାସରେ ମଧୁସଗାର ନଈ କଥା କହନ୍ତି ।

ମୁଁ ସେତେବେଳକୁ ଟିକେ ଅଧେ କବିତା ଫବିତା ଲେଖାଲେଖି କରୁଥିଲି । ମାନସିଂହ, ଗୁରୁ ମହାନ୍ତିଙ୍କ ପ୍ରେମ କବିତା ପଢୁଥାଏ । ସେଇ ଖାତିରରେ ଓଡ଼ିଆ ଅଧ୍ୟାପକ ମୋହନ ସାର୍ ମୋତେ ଚିହ୍ନି ଯାଇଥିଲେ ।

ମୋହନ ସାର୍ କହନ୍ତି, ଏକଦା ଏ ମଧୁସାଗର ନଈ କୁଆଡ଼େ ବହୁତ ବିଶାଳ ଥିଲା । ଏ ନଈ ଏତେବଡ଼ ଥିଲା ଯେ, ଏହା ଏକ ସାଗର ବା ସମୁଦ୍ରର ଭ୍ରମ ସୃଷ୍ଟି କରୁଥିଲା । ସେଥିପାଇଁ ଏହାର ନାମ ମଧୁସାଗର ହୋଇଥିଲା ।

ପ୍ରଭୁ ବଳଦେବ କନ୍ଦରାସୁରକୁ ବଦ୍ଧ କରିବା ପରେ ତା' ରକ୍ତର ସ୍ରୋତ ନଈ ଭଳି ବହିଲା । ରକ୍ତର ସାଗର ସୃଷ୍ଟି ହେଲା । କନ୍ଦରାସୁରର ଝିଅ ତୁଳସୀ ନିଜ ପିତାର ମୁକ୍ତି ପାଇଁ ପ୍ରଭୁ ବଳଦେବଙ୍କୁ ପ୍ରାର୍ଥନା କଲେ । ପ୍ରଭୁ ବଳଦେବ ତୁଳସୀର ପ୍ରାର୍ଥନା ଶୁଣି ରକ୍ତସାଗର

ବଦଳରେ ଏହାର ନାମ ମଧୁସାଗର ରଖିଲେ । ଏଠାରେ ରକ୍ତ ବଦଳରେ ମଧୁ ପ୍ରବାହିତ ହେଲା ।

ସେବେଠୁ ଏ ମଧୁସାଗରର ଜଳ ପବିତ୍ର ହେଲା । ଏଥିରେ ସ୍ନାନ କଲେ ମୋକ୍ଷପ୍ରାପ୍ତ ହେବ ବୋଲି ପ୍ରଭୁ ବଳଦେବ ତୁଳସୀକୁ କଥା ଦେଲେ । ତୁଳସୀର ଅନୁରୋଧ ରକ୍ଷା କରି ପ୍ରଭୁ ବଳଦେବ ମଧୁସାଗର କୂଳରେ ତୁଳସୀକୁ ବିବାହ କରି ତୁଳସୀକ୍ଷେତ୍ର ପ୍ରତିଷ୍ଠା କରିଥିଲେ । କନ୍ଦରାସୁରକୁ ପ୍ରଭୁ ବଳଦେବ ଯେଉଁଠାରେ ନିଧନ କଲେ, ସେ ସ୍ଥାନର ନାମ କନ୍ଦରାପାଡ଼ି ବା କେନ୍ଦ୍ରାପଡ଼ା ହେଲା । ମୋହନ ସାର୍ ଆମକୁ କ୍ଲାସ୍‌ରେ ଏସବୁ ବୁଝାନ୍ତି ।

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ତୁଳସୀକ୍ଷେତ୍ର ମଧୁସାଗର ନଈ କୂଳରେ ପ୍ରତିଷ୍ଠା ହୋଇଛି ବୋଲି ମୋହନ ସାର୍ କହୁଥିଲେ ।

ମୁଁ ବିଜ୍ଞାନର ଛାତ୍ର ଥିଲି । ଓଡ଼ିଆ ମୋର କମ୍ପଲ୍‌ସରି ବିଷୟ ଥିଲା । ଅଧିକାଂଶ ସାଇନ୍‌ସ ଷ୍ଟୁଡେ[ଓଡ଼ିଆ କ୍ଲାସ୍ କରନ୍ତି ନାହିଁ । ଓଡ଼ିଆ ବୋରିଂ ସବ୍‌ଜେକ୍ଟ କହି ସିନେମା ଯାଆନ୍ତି । ଆମ କଲେଜ ସାମ୍ନାରେ ତାରିଣୀ ସିନେମା ହଲ୍ ଥିଲା । ମୁଁ ତନୁଜା ବଳ ମିଶି କେତେଥର ତାରିଣୀ ସିନେମା ହଲ୍‌କୁ ସିନେମା ଦେଖି ଯାଇଛୁ ।

ମୁଁ କିନ୍ତୁ ମୋହନ ସାର୍‌ଙ୍କ ଓଡ଼ିଆ କ୍ଲାସ୍ କରେ । ମୁଁ ଓଡ଼ିଆ କ୍ଲାସ୍ କରୁଥିବାରୁ ତନୁଜା ବଳ ବି ଓଡ଼ିଆ କ୍ଲାସ୍ ଯିବାକୁ ବାଧ୍ୟ ହୁଏ । ନ ହେଲେ ତାର ଓଡ଼ିଆ କ୍ଲାସ୍ କରିବାରେ ସେତେ ରୁଚି ନଥାଏ ।

ମୋହନ ସାର୍, ମଧୁସାଗର ନଈ ବିଷୟରେ ଅନେକ ଜଣାଅଜଣା କଥା କହନ୍ତି । ମୋତେ ତାହା ଶୁଣିବାକୁ ଭଲ ଲାଗେ ।

ଏକଦା ମଧୁସାଗର ନଈ ଦେଇ ବୋଇତ ଚଳାଚଳ କରୁଥିଲା । କାଳକ୍ରମେ ମଧୁସାଗର ଶୁଖିଯିବାକୁ ଲାଗିଲା । ଏହାର ପ୍ରବାହ ବନ୍ଦ ହୋଇଗଲା । ଏହାର ପାଣିରେ ଶିଉଳି ଜମିଗଲା । ଏହି ପାଣିର ରଙ୍ଗ ସବୁଜ ନୀଳ ଭଳି ଦିଶିଲା ।

ଖରାଦିନେ ମଧୁସାଗରର ସ୍ରୋତ ଶୁଷ୍କ ହୋଇ ଗୋବର ପାଣି ଭଳି ଦିଶୁ ଥିବାରୁ ଲୋକେ ଏହାକୁ ଗୋବରୀ ବୋଲି କହିଲେ । ସେବେଠୁ ମଧୁସାଗର ଗୋବରୀ ନାମରେ ପରିଚିତ ହେଲା ବୋଲି ମୋହନ ସାର୍ କହନ୍ତି ।

ମଧୁସାଗର ନଈରୁ ହିଁ ଗୋବରୀ ନଈର ସୃଷ୍ଟି ହୋଇଛି । ଏ ମଧୁସାଗର ନଈ ସହ ଆମର ପ୍ରାଚୀନ ନୌବାଣିଜ୍ୟ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ । ପିଲାଦିନେ ଅଜା ଥରେ ଅଧେ ମଧୁସାଗର ନଈ ବିଷୟରେ କହିଥିଲେ । ମୁଁ ସେତେବେଳେ କିନ୍ତୁ ବୁଝି ପାରି ନଥିଲି ।

କେନ୍ଦ୍ରାପଡ଼ାରୁ ଓରତଘାଟ ମଧ୍ୟରେ ମଧୁସାଗର ନଈର ଶୁଖିଲା ଧାର ଠାଏ ଠାଏ

ଦୃଶ୍ୟମାନ ହୋଇଥାଏ । ମୋହନ ସାର୍ କହୁଥିଲେ କେନ୍ଦ୍ରାପଡ଼ା ଓ ଜମ୍ମୁ କେନାଲ ଖୋଳାହେବା ପରେ ମଧୁସାଗରର ଧାର ଖଣ୍ଡବିଖଣ୍ଡିତ ହୋଇଗଲା । ମଧୁସାଗର ନଈ ଲଳିତଗିରି ପାହାଡ଼ ଆଡୁ ବାହାରିଥିଲା ବୋଲି ମୋହନ ସାର୍ କହନ୍ତି । କିନ୍ତୁ ଗୋବରୀ ନଈ ତ ସେହି ଲଳିତଗିରି ପାହାଡ଼ ନିକଟରୁ ବାହାରିଛି ବୋଲି ଅଜା କହୁଥିଲେ ।

ମଧୁସାଗର ଓ ଗୋବରୀ ନଈକୁ ନେଇ ମୋ' ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ମୁଁ ଅନ୍ୟମନସ୍କ ହୁଏ । ତନୁଜା ବଳ କହେ- "ଓ ମିଷ୍ଟର, ରଖ ତମର ସେ ନଈଫଈ ଗବେଷଣା । ଚାଲ ସିନେମା ଯିବା । ତାରିଣୀ ହଲ୍‌ରେ 'ସିଲ୍‌ସିଲା' ପଡ଼ିଛି । ବଚ୍ଚନ ଆଉ ରେଖାର ସିରିୟସ୍ ଲଭ୍ ।"

ଆମେ ସିନେମା ଦେଖି ଫେରୁ । କିନ୍ତୁ ମୋ' ମୁଣ୍ଡରେ ମଧୁସାଗର ନଈ ହିଁ ଉଙ୍କି ମାରୁଥାଏ । ମୁଁ ମଧୁସାଗର କବଳରୁ ମୁକ୍ତ ହୋଇ ପାରୁ ନଥାଏ ।

ମଧୁସାଗର ନଈଟି କେନ୍ଦ୍ରାପଡ଼ା ସହର ମଧ୍ୟ ଦେଇ ଦିନେ ପ୍ରବାହିତ ହେଉଥିଲା । କେନ୍ଦ୍ରାପଡ଼ା ସହରର ସୁନେଇଲୋ, ଟାଉନ ବଳରାମପୁର, ମଙ୍ଗଳାପାଟଣା, ବାରଙ୍ଗ, ମଧ୍ୟଖଣ୍ଡି, ବୀରସ୍ୱତୀ, ଚକ୍ରପୁର, ଅଙ୍ଗୁଳେଇ, ନେମ୍ବରା, ଠାଉରି ଦେଇ ମଧୁସାଗର ପ୍ରବାହିତ ହେଉଥିଲା ବୋଲି ମୋହନ ସାର୍ କହୁଥିଲେ ।

ଆଜି ଅଙ୍ଗୁଳେଇ ଇଛାପୁର ଭିତରେ ଯେଉଁ ବିଶାଳ ପାଟଜମି ଅଛି, ତାହା ଦିନେ ମଧୁସାଗର ନଈ ଥିଲା ବୋଲି ମୋହନ ସାର୍ କହୁଥିଲେ ।

ନେମ୍ବରା ଗାଁରେ ମଧୁସାଗର ନାମରେ ଏକ ଆବାସିକ ସ୍କୁଲ୍ ଗଢ଼ି ଉଠିଥିଲା । ତାହାର ନାମ ଥିଲା ମଧୁସାଗର ବିଦ୍ୟାପୀଠ । ତନୁଜା ବଳର ବଡ଼ ଭାଇ ସେ ମଧୁସାଗର ବିଦ୍ୟାପୀଠରେ ପଢୁଥିଲା ।

ମଧୁସାଗର ଆବାସିକ ବିଦ୍ୟାପୀଠ ଗୋଟିଏ ଭୋକେସ୍‌ନାଲ ସ୍କୁଲ୍ ଥିଲା । ସେଠି ପାଠ ବ୍ୟତୀତ ବିଭିନ୍ନ ବୃତ୍ତିଗତ ଶିକ୍ଷା ପ୍ରଦାନ କରାଯାଉଥିଲା । ଏଇ ଯେମିତି ଚାଷକାମଠାରୁ ଆରମ୍ଭ କରି ଲୁଗା ସଫା କରିବା, ତନ୍ତ ବୁଣିବା, ମାଟି ହାଣ୍ଡି ଗଢ଼ିବା, ହେଁସ, ମସିଣା ବୁଣିବା, ବଢ଼େଇ କାମ କରିବା ଆଦି ଯାବତୀୟ ଶିକ୍ଷା ସେଠାରେ ଦିଆଯାଉଥିଲା ।

ତନୁଜା ବଳର ଗାଁ ହେଉଛି ନେମ୍ବରା । ମାତ୍ର, ସେ ହୁଣ୍ଡୀ ମଧୁସାଗର ନଈ ସମ୍ପର୍କରେ କିଛି ବି ବିନ୍ଦୁ ବିସର୍ଗ ଜାଣି ନଥିଲା । ହୁଏତ ତା' ବାପା ଏ ମଧୁସାଗର ନଈ ବିଷୟରେ ଜାଣିଥିବେ । ମାତ୍ର, ତା' ବାପା ଡାକ୍ତର ହେବା ପରେ କଟକ ସହରରେ ସ୍ଥାୟୀ ବାସିନ୍ଦା ହୋଇ ସେଠାରେ ରହୁଥିଲେ । ସେମାନେ ଏତେ ଆଉ ଗାଁକୁ ଯିବାଆସିବା କରୁ ନଥିଲେ ।

ମୁଁ ତନୁଜା ବଳକୁ ପଚାରେ- "ତମ ଗାଁ ଦେଇ କୁଆଡ଼େ ମଧୁସାଗର ନଈ ବହୁଥିଲା । ତୁ ଜାଣିନୁ ?"

ତନୁଜା ବଳ କହେ- "କି ମଧୁସାଗର ? କାହିଁ ମୁଁ ତ ଜାଣିନି । ଆମେ କେବେ ତ

ସେ ନଈରେ ପହଁରିନୁ ?”

ମୁଁ କହେ- “ଆଲୋ ହୁଣ୍ଡୀ, ସେ ମଧୁସାଗର ଏକ ବିଶାଳ ସୁନାବ୍ୟା ନଈ ଥିଲା । ସେ ନେଇ ଦେଇ ପରା ଅତୀତରେ ଆମ ସାଧବମାନେ ବୋଇତରେ ସିଂହଳ, ଜାଭା, ସୁମାତ୍ରା, ବାଲି ଦ୍ୱୀପକୁ ବାଣିଜ୍ୟ କରିବାକୁ ଯାଉଥିଲେ । ତୁ ତଅପୋଇ ପୁରାଣ ପଢ଼ିନୁ କି ?”

ତନୁଜା ବଳ କହେ- “ଓଃ, ସତେ କି ? ମୁଁ ସେ ନଈଫଈ ବିଷୟରେ ଜାଣେନା । ତୁ ଆମ ଗାଁ ଆଉ ଏ ନଈ ବିଷୟରେ କିମିତି ଜାଣିଲୁ ?”

ମୁଁ କହେ- “ପିଲାଦିନେ ମୋ’ ଅଜା ଆଉ ବାପାଙ୍କଠାରୁ ନଈ ବିଷୟରେ ବହୁତ କଥା ଜାଣିଥିଲି । ଏବେ କେନ୍ଦ୍ରାପଡ଼ା ସହରକୁ ଆସିବା ପରେ ମଧୁସାଗର ବିଷୟରେ ଅଳ୍ପ କିଛି କିଛି ଜାଣିବାକୁ ପାଇଲି । ମୋହନ ସାର୍ କ୍ଲାସ୍‌ରେ କୁହନ୍ତି, ତୁ ଶୁଣିନୁ କି ?”

ତନୁଜା ବଳ କହେ- “ହେ, ସେ ମୋହନ ସାର୍, କ’ଣ ଏଣୁତେଣୁ ଗପନ୍ତି, ମୋତେ ଭାରି ବୋରିଂ ଲାଗେ ତାଙ୍କ କ୍ଲାସ୍ ।”

ମୁଁ କହେ- “ଆଲୋ, ମରି ଯାଉନୁ ପୋଡ଼ାମୁହିଁ ।”

ମୁଁ ଜିଭ କାମୁଡ଼ି ପକାଏ । ମୋର ଗୋଟିଏ ବୋଲି ପ୍ରେମିକାକୁ ମରିଯିବା କଥା କହିଥିବାରୁ ମୋତେ ଭାରି ଖରାପ ଲାଗେ । ମନକୁ ପାପ ଛୁଏଁ । ମୁଁ ଏଣୁତେଣୁ କହି ତାକୁ ବୁଝାଇବାକୁ ଚେଷ୍ଟା କରେ ।

କ୍ରମେ ଆମର କଥା ଲମ୍ବେ । ଆମ କଲେଜ ପଛପଟ ଦେଇ ବହୁଥିବା ମଧୁସାଗର ନଈ କୂଳରେ ଅନେକ ସାହାଡ଼ା ଗଛ ଓ ଗୋଟିଏ ମହାଦେବ ମନ୍ଦିର ଥାଏ । କେହି କେହି ସେ ନଈକୁ ଗୋବରୀ କହନ୍ତି । ଆଉ କେହି ମଧୁସାଗର ନଈ ବି କହନ୍ତି । ଗୋବରୀ ଓ ମଧୁସାଗରକୁ ନେଇ ପୁଣି ମୋ’ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ।

ମଧୁସାଗର ନଈ କୂଳରେ ଥିବା ମହାଦେବ ମନ୍ଦିରରେ ଖାଲି ପୁଅ ଝିଅଙ୍କ ଭିଡ଼ ଜମେ । ପ୍ରତି ସୋମବାର ସକାଳୁ ସକାଳୁ ମୁଁ ଆଉ ତନୁଜା ବଳ ସେ ମହାଦେବ ମନ୍ଦିର ଯାଉ । ମନ୍ଦିର ପାଖ ସାହାଡ଼ା ଗଛମୂଳେ ବସୁ । ଗପୁ । ସେଠୁ ଫେରି ତିନିମୁହାଣି ଛକରେ ଗୁପ୍‌ଚୁପ୍ ଖାଉ ।

ଖରାଦିନେ ଦି’ପହର ଚାରିଟା ପା*ଟା ବେଳକୁ ମୁଁ ଆଉ ତନୁଜା ବଳ ସେ ମଧୁସାଗର ନଈ କୂଳକୁ ଯାଉ । ବର୍ଷା ଦିନକୁ ଛାଡ଼ିଲେ ଅନ୍ୟ ଦିନମାନଙ୍କରେ ସେ ନଈଟିର ଚିହ୍ନବର୍ଣ୍ଣ ଦେଖିବାକୁ ମିଳେନା । ନଈ ନୁହଁ ତ ଏକ ପତଳା ଜୋର ଭଳି ଦିଶେ ସେ ମଧୁସାଗର ନଈ ।

ମଧୁସାଗର ନଈ କୂଳରେ ପ୍ରବଳ ସାହାଡ଼ା ଜଙ୍ଗଲ ଥାଏ । ଆମେ ସେଠି ସାହାଡ଼ା ଗଛରୁ ସାହାଡ଼ା କୋଳି ତୋଳି ଖାଉ । ସାହାଡ଼ା ଗଛରେ ହଳଦୀବସନ୍ତ ବସିଥାନ୍ତି । ସାହାଡ଼ା

କୋଳିର ରଙ୍ଗ ହଳଦିଆ । ହଳଦୀବସନ୍ତ ବି ହଳଦୀ ରଙ୍ଗର । ତନୁଜା ବଳ ବି ପିନ୍ଧିଥାଏ ହଳଦିଆ ରଙ୍ଗର ଛିଟ ସାଲୱାର । ସବୁ କିଛି ହଳଦୀ ହଳଦୀ ଲାଗୁଥାଏ । ମୁଁ ତନୁଜା ବଳକୁ ହଳଦୀ ଗୋରୀ ହଳଦୀବସନ୍ତ ଚିଡ଼ାଏ ।

ସାହାଡ଼ା ଗଛରେ ହଳଦୀବସନ୍ତ ବସିଥିବାର ଦେଖି ତନୁଜା ବଳ କହେ- "ଶୁଭ ।"

ମୋତେ ବି ଡାକି ଦେଖାଏ । କହେ- "ଉଭୟ ଦେଖିଲେ ଆହୁରି ଶୁଭ ।"

ତନୁଜା ବଳ ମହାଦେବ ମନ୍ଦିର ଯାଇ ପୂଜାର୍ଚ୍ଚନା କରେ । କେଜାଣି ମହାଦେବଙ୍କୁ କ'ଣ ଡାକେ ସେ ଟୋକୀ, ମୁଁ ଜାଣେନା ।

ଆମେ ଘ[। ଘ[। ମଧୁସାଗର ନଈ କୂଳରେ ସାହାଡ଼ା ଗଛ ମୂଳେ ବସୁ । ମୁଁ ଆମ ଗାଁ, ମାମୁ ଘର ଗାଁ ଏବଂ ଗୋବରୀ ନଈ ସମ୍ପର୍କରେ ଗପେ । ମୋ ମାମୁଘର ଅଜା, ଜମ୍ବୁଦ୍ୱୀପ, ଖରିନାସୀ, ହୁକିଟୋଲା, ଜମ୍ବୁ କେନାଲ, ଗଣ୍ଡାକିଆ ଲକ୍ କଥା କହେ । ତନୁଜା ବଳକୁ ଏସବୁ ବୋରିଂ ଲାଗେ । ସେ ବୋର୍ ହୋଇଯାଏ ।

ତନୁଜା ବଳ କଥାର ପ୍ରସଙ୍ଗ ବଦଳାଏ । ପାଠପଢ଼ା, କ୍ୟାରିୟର କଥା କହେ । ପର୍ମ୍ୟୁଟେସନ, କମ୍ବିନେସନର କଥା କହେ । ଇଲେକ୍ଟ୍ରୋଷ୍ଟାଟିକ୍ ପୋଟେନ୍‌ସିଆଲ୍, ଇଲେକ୍ଟ୍ରୋ-ମ୍ୟାଗ୍‌ନେଟିଜିମ୍, ମେକାନିକ୍ସ, ଫୋର୍ସ ଆଉ ମୋସନର କଥା କହେ । ଆଟୋମିକ୍ ଷ୍ଟ୍ରକ୍‌ଚର, ଇ[ର ମଲିକୁଲାର ଫୋର୍ସେସ, କାଇନେଟିକ୍‌ସ, ଥର୍ମୋଡାଇନାମିକ୍ସ, କେମିକାଲ୍ ଇକ୍ୱିଲିବିରିୟମ କଥା କହେ ।

ତନୁଜା ବଳ ମୋତେ କହେ- "ପ୍ଲସ୍ ଟୁ ପରେ ତୁ ମେଡିକାଲ କୋଚିଂ ନେବୁ ନା ଇଞ୍ଜିନିୟରିଂ ପାଇଁ ପ୍ରିପେୟାର ହେବୁ ?

ମୁଁ କହେ- "ଏ ଯାଏ କିଛି ଚିନ୍ତା କରିନି । ଦେଖିବା ପରୀକ୍ଷା ସରୁ ।"

ତନୁଜା ବଳ କହେ- "ଏନ୍‌ଏମ୍ ଟ୍ୟୁଟରିଆଲ୍‌ସ ଭଲ ମେଡିକାଲ କୋଚିଂ ଦେଉଛି । ଆମ ଉପର ବ୍ୟାଚ୍‌ର ସତ୍ୟଜିତ୍ ଭାଇ ଆଉ ଶର୍ମିଷ୍ଠା ଅପା ଏନ୍‌ଏମ୍ ଟ୍ୟୁଟୋରିଆଲ୍‌ସରେ କୋଚିଂ ନେଇ ମେଡିକାଲ ପାଇଛନ୍ତି । ପାଢ଼ୀ ଟ୍ୟୁଟୋରିଆଲ୍‌ସ ବି ଖରାପ ନୁହଁ । ପ୍ଲସ୍ ଟୁ ପରୀକ୍ଷା ଛୁଟି ପରେ ମେଡିକାଲ କୋଚିଂ ପାଇଁ ଆଡ୍‌ମିସନ ନେଇଯା ।"

ମୁଁ କହେ- "ଦେଖିବା ।"

ତନୁଜା ବଳ ସବୁବେଳେ ମୋ' ଭବିଷ୍ୟତ ଚିନ୍ତା କରୁଥାଏ ।

ତନୁଜା ବଳ ମୋତେ ଟିକେ ଟିକେ ସୋରିଆ ନାନୀ ଭଳି ଲାଗେ । କାରଣ ସ୍କୁଲରେ ପଢୁଥିବାବେଳେ ସୋରିଆ ନାନୀ ହିଁ ମୋ' ପାଠ ପଢ଼ା ନେଇ ବେଶି ଚିନ୍ତା କରୁଥିଲା ଓ ବ୍ୟସ୍ତ ହେଉଥିଲା ।

ତନୁଜା ବଳ ଭାବୁଥାଏ, ତା' ଭାବି ସ୍ୱାମୀ ଜଣେ ବେକାର ନ ହେଉ । ବେକାର ଟୋକାଙ୍କୁ ତା' ବାପା ଭାରି ଚିଡ଼ନ୍ତି । ଏଣୁ ତନୁଜା ବଳ ଚାହୁଁଥିଲା, ମୁଁ ମନଧ୍ୟାନ ଦେଇ

ପାଠ ପଢ଼ି ଭବିଷ୍ୟତରେ ଜଣେ ଡାକ୍ତର କି ଇଞ୍ଜିନିୟର ହୁଏ । କାରଣ ସବୁ ପୁଅ ଓ ସବୁ ଝିଅଙ୍କ ବାପାମାନେ ଚାହାନ୍ତି ସେମାନଙ୍କ ପୁଅ କିମ୍ବା ଜ୍ୱାଇଁମାନେ ଜଣେ ଜଣେ ଡାକ୍ତର କିମ୍ବା ଇଞ୍ଜିନିୟର ହୁଅନ୍ତୁ ।

ତନୁଜା ବଳର ବାପା ଜଣେ ଡାକ୍ତର । ସେ କଟକ ଏସ୍‌ସିବିରେ ଥା'ନ୍ତି । କଟକରେ ତାଙ୍କର ବଡ଼ ସୁନାମ ଥାଏ । ଜଣେ ଡାକ୍ତର ଝିଅ ହୋଇ ଡାକ୍ତର ସ୍ୱାମୀ ପାଇବା ବୋଧେ ତନୁଜାର ଇଚ୍ଛା ଥିଲା । ଏଣୁ ମୁଁ କେମିତି ମେଡିକାଲ୍ ଏ୍ରାନ୍ସ ଭଲ ର‍ୟାଙ୍କରେ କ୍ୱାଲିଫାଏ କରେ, ଏହା ତନୁଜା ବଳ ଚାହୁଁଥିଲା । ଚାହୁଁଥିଲା କାହିଁକି ମୋତେ ବାଧ୍ୟ କରୁଥିଲା ।

ମେଡିକାଲ୍ ଏ୍ରାନ୍ସ କ୍ୱାଲିଫାଏ କରିବା ସେତେବେଳେ ଏତେ ସହଜ ନଥିଲା । କାରଣ ସେତେବେଳକୁ ଓଡ଼ିଶାରେ ମାତ୍ର ତିନିଶହ ମେଡିକାଲ ସିଟ୍ ଥିଲା । ଏସ୍‌ସିବି, ବୁର୍ଲା ଏବଂ ଏମ୍‌କେସିଜି ଛଡ଼ା ଆଉ କୋଉ ମେଡିକାଲ କଲେଜ ଥିଲା ଯେ ?

ତନୁଜା ବଳର ଭାରି ଇଚ୍ଛା, ମୁଁ ଯେମିତି ହେଉ ଶହେ ର‍ୟାଙ୍କ୍ ଭିତରେ ମେଡିକାଲ୍ ଏ୍ରାନ୍ସ କ୍ୱାଲିଫାଏ କରେ । କାରଣ ଶହେ ଭିତରେ ନ ରହିଲେ କଟକ ଏସ୍‌ସିବିରେ ଆଡ୍‌ମିଶନ ହୋଇ ପାରିବ ନାହିଁ ବୋଲି ତନୁଜା ବଳର ଆଶଙ୍କା ଥିଲା ।

ମୋର ପ୍ଲସ୍ ଟୁରେ ପିସିଏମ୍ ଏବଂ ଫୋର୍ଥ ଅପ୍‌ସନାଲ ବାୟୋଲୋଜି ଥିଲା । ତନୁଜା ବଳର ବି ସେୟା ଥିଲା ।

ମୁଁ ମେଡିକାଲ ଏ୍ରାନ୍ସରେ ଭଲ ର‍ୟାଙ୍କ୍ ପାଉଛି ବୋଲି ତନୁଜା ବଳ ଏକ ପ୍ରକାର ସିଓର ଥିଲା । ଏଣୁ ସେ ମୋ' ପଛରେ ବାରମ୍ବାର ଲାଗୁଥିଲା । ମାତ୍ର ତନୁଜା ବଳ କ'ଣ ଜାଣିଥିଲା, ଏ ନଈ ପାଗଳ ପିଲାଟା କେବେ ବି ଡାକ୍ତର ହୋଇ ପାରିବ ନାହିଁ ?

ସେ ଯାହା ହେଉ, ପ୍ଲସ୍ ଟୁ ପରେ ମୁଁ ଯୁକ୍ତ ତିନି କଲାରେ ଇତିହାସ ଅନର୍ସରେ ନାମ ଲେଖେଇଲି । ତନୁଜା ବଳ କଟକ ଚାଲିଗଲା । ତା' ବାପା ପାଖକୁ । ସେଠି ସେ ରେଭେନ୍‌ଶାରେ ପ୍ଲସ ଥ୍ରି ସାଇନ୍‌ସରେ ନାଁ ଲେଖେଇଲା । କେମେଷ୍ଟ୍ରିରେ ପିଜି କଲା ।

ତନୁଜା ବଳ ସହ ମୋର ପ୍ଲସ୍ ଟୁ ଦୁଇ ବର୍ଷର ପ୍ରେମ ଜୀବନ ଭିତରେ ଅନେକ ସ୍ମୃତି ଜଡ଼ିତ ହୋଇଛି । ତନୁଜା ବଳ ମୋତେ ଶୃଙ୍ଖଳିତ ଓ ଅଭିଜ୍ଞ କରାଇଛି ।

ତନୁଜା ବଳ ସବୁବେଳେ ତା' ବାପାଙ୍କ ଉଦାହରଣ ଦିଏ । ଗୋଟିଏ ଗରିବ ପରିବାରରୁ ସଂଘର୍ଷ କରି କେମିତି ତା' ବାପା ଡାକ୍ତର ହୋଇପାରିଥିଲେ, ସେ କଥା ମୋତେ ବାରମ୍ବାର କହେ ।

ତନୁଜା ବଳ ତା' ବାପାଙ୍କୁ ଭାରି ଭଲ ପାଏ । ତା' ବାପା ତା' ହୀରୋ ବୋଲି ସେ କହେ । ସେଇଥିପାଇଁ ବୋଧେ ମୁଁ ଡାକ୍ତର ହୁଏ ବୋଲି ସେ ଚାହୁଁଥିଲା ।

ତନୁଜା ବଳ ଏବେ କୋଉ ଗୋଟେ ସଫ୍‌ଟଓୟାର ଇଞ୍ଜିନିୟରକୁ ବାହା ହୋଇ ଆମେରିକାର ଲସ୍ ଏଞ୍ଜେଲ୍‌ସରେ ରହୁଛି ବୋଲି ପରେ ମୁଁ ଜାଣିବାକୁ ପାଇଲି ।

ମୁଁ ପ୍ଲସ୍ ଟୁ ପରେ ଅନ୍ୟ କେଉଁଠିକୁ ନ ଯାଇ ସେ କେନ୍ଦ୍ରାପଡ଼ା କଲେଜରେ ଇତିହାସ ଅନର୍ସ ନେଇ ପଢ଼ିଲି । ଆମର ପଢ଼ିଶା ଭୂଗୋଳ ଡିପାର୍ଟମେ[। ମୋର ପ୍ଲସ୍ ଥ୍ରି ବେଳେ ଆଉ ଗୋଟିଏ ନୂଆ ପ୍ରେମ କାହାଣୀ ଲେଖାହେଲା । ଭୂଗୋଳ ଡିପାର୍ଟମେ[ର ଝିଅ ସ୍ମରଣିକା ସହ ମୋର ପ୍ରେମ ହୋଇଗଲା । କ୍ରମେ ମୁଁ ତନୁଜା ବଳକୁ ଭୁଲିଗଲି । ସ୍ମରଣିକାର ପ୍ରେମରେ ପଡ଼ିଲି ।

ମୋର ଇତିହାସ ଅନର୍ସ । ସ୍ମରଣିକାର ଭୂଗୋଳ ଅନର୍ସ । କି ସଂଯୋଗ !

ସ୍ମରଣିକା ବହୁତ ଅଣ୍ଡରଷ୍ଟାଣ୍ଡିଂ ଆଉ କେୟାରିଂ ଥିଲା । ସେ ମୋତେ ବୁଝି ପାରୁଥିବା ଭଳି ଝିଅଟିଏ ଥିଲା । ମୋ' ଭବିଷ୍ୟତ ନେଇ ସେ ଏତେ ଚିନ୍ତିତ ହେଉ ନଥିଲା । କାରଣ ସେ ଜାଣିଥିଲା, ମୁଁ ଯାହା ବି କରିବି, ଭଲ କରିବି । ମୋ' ଉପରେ ତା'ର ପ୍ରଗାଢ଼ ବିଶ୍ୱାସ ଓ ଭରସା ଥିଲା ।

ଶେଷରେ ମୁଁ ସ୍ମରଣିକାକୁ ବିବାହ କଲି । ମୁଁ ଇତିହାସ ବିଭାଗର ପ୍ରଫେସର ହେଲି । ସ୍ମରଣିକା ବି ଭୂଗୋଳ ଅଧ୍ୟାପିକା ହେଲା ।

୧୭

ଜମ୍ବୁଦ୍ୱୀପରୁ ହେନ୍ତାଳ ବନ ଧ୍ୱଂସ ପାଇବା ଏବଂ ଗୋବରୀ ନଈକୁ ପୋତି ସେଠାରେ ସହର ବଜାର ଗଢ଼ିଉଠିବା ଘଟଣା 'ହେନ୍ତାଳ ବନ ସୁରକ୍ଷା ସମିତି'ର ନେତା ପ୍ରଭୁକଲ୍ୟାଣ ମହାନ୍ତିକୁ ବ୍ୟଥିତ କରୁଥିଲା । ବଙ୍ଗଳାଦେଶୀଙ୍କ ଉପରେ ସେ ଭୀଷଣ କ୍ରୋଧିତ ଥିଲା । ବଙ୍ଗଳାଦେଶୀଙ୍କୁ ଜମ୍ବୁଦ୍ୱୀପରୁ ତଡ଼ିବାକୁ ସେ ଏକପ୍ରକାର ପଣ କରିଥିଲା ।

ଏକଦା ଯେଉଁ ଜମ୍ବୁଦ୍ୱୀପ ଆଉ ଗୋବରୀ ମୁହାଣ ଅ*ଳ ଘ* ହେନ୍ତାଳ ଜଙ୍ଗଲରେ ପୂରି ରହିଥିଲା, ଆଜି ସେଠାରେ ବଙ୍ଗୀୟ ଜନବସତିମାନ ଗଢ଼ି ଉଠିଛି । ଗଢ଼ି ଉଠିଛି ବି ସହର, ବଜାର, କଳକାରଖାନା, ସପିଂ ମଲ୍ । ହେନ୍ତାଳ ବନ ଧ୍ୱଂସ ପାଇଯାଇଛି । ଆମାଜନ୍ ନଦୀ ଭଳି ଗୋବରୀ ନଈର ଅବସ୍ଥା ହୋଇଛି । ଖୁବ୍ ଚିନ୍ତିତ ଦିଶୁଥିଲା ପ୍ରଭୁକଲ୍ୟାଣ ମହାନ୍ତି ।

ଏବେ ଖରିନାସୀ ଫିସିଂ ହାର୍ବରରୁ ଦୈନିକ ହଜାର ହଜାର ଟନ୍ ସାମୁଦ୍ରିକ ମାଛ ଧରାଯାଉଛି । ହେନ୍ତାଳ ଜଙ୍ଗଲକୁ ସଫା କରି ସେଠାରେ ବଡ଼ ବଡ଼ ଚିଙ୍ଗୁଡ଼ି ଫାର୍ମମାନ ଗଢ଼ି ଉଠିଛି । ପ୍ରତିଦିନ ଏଠାରୁ ଶହଶହ ଟନ୍ ସାମୁଦ୍ରିକ ମାଛ ଓ ଚିଙ୍ଗୁଡ଼ି ବାହାରକୁ ଚାଲାଣ କରାଯାଉଛି । ଜମ୍ବୁ ଆଖପାଖ ଅ*ଳରେ ବହୁ ସଂଖ୍ୟାରେ ବରଫ କଳ ବସିଛି । ଶହଶହ ସଂଖ୍ୟାରେ ପ୍ରନ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ ହୋଇଛି । ଚିଙ୍ଗୁଡ଼ିର ପଚା କେମିକାଲ୍ ମିଶା ପାଣି ଗୋବରୀକୁ ପ୍ରଦୂଷିତ କରୁଛି ।

ଜମ୍ବୁ-ରାମନଗର ଆଜି ଦେଶର ଏକ ବଡ଼ ସାମୁଦ୍ରିକ ମାଛ ବଜାର ଭାବେ ମୁଣ୍ଡ ଟେକିଛି ।

ଯେଉଁ ଗୋବରୀ ନଈ ମୁହାଣ ଆଉ ଜମ୍ବୁ ଦ୍ୱୀପର ହେନ୍ତାଳ ଜଙ୍ଗଲରେ ମୋ' ଅଜା, ମାମୁଙ୍କ ଭଳି ସ୍ଥାନୀୟ ଅ*ଳର ଓଡ଼ିଆ ଲୋକେ ଝାର କରି ଜୀବନଜୀବିକା ନିର୍ବାହ କରୁଥିଲେ, ଆଜି ସେମାନେ କାମ ହରାଇ ନିଃସ୍ୱ ପାଲଟି ଯାଇଛନ୍ତି । ସେମାନେ ବଙ୍ଗଳାଦେଶୀଙ୍କ ସହ ପ୍ରତିଯୋଗିତା କରି ନପାରି ହାତ ବାନ୍ଧି ବସିଛନ୍ତି ।

ଯେବେଠୁ ବଙ୍ଗଳାଦେଶୀମାନେ ଜମ୍ବୁଦ୍ୱୀପରେ ରହିଲେ, ଜମ୍ବୁଦ୍ୱୀପର ଘ* ହେନ୍ତାଳ ଜଙ୍ଗଲ ଲୋପ ପାଇଗଲା । ଏହା ସାଙ୍ଗକୁ ବି ଗୋବରୀ ମୁହାଣ ପୋତି ହୋଇ ସେଠାରେ ସହର ନିଜର କାୟା ମେଲାଇଲା ।

'ହେନ୍ତାଳ ବନ ସୁରକ୍ଷା ସମିତି'ର ନେତା ପ୍ରଭୁକଲ୍ୟାଣ ମହାନ୍ତିର ଆଜି କାହିଁକି ଆମାଜନ ନଦୀର ଦୁର୍ଦ୍ଦଶା କଥା ମନେ ପଡୁଥିଲା । ଆମାଜନ ନଦୀ କେମିତି ୟୁରୋପୀୟଙ୍କ ଦ୍ୱାରା ଧ୍ୱଂସ ପାଇଗଲା, ଦିନେ ସେ ପଢ଼ିଥିଲା ।

ୟୁରୋପୀୟମାନେ ଦକ୍ଷିଣ ଆମେରିକାର ଆମାଜନ ନଦୀକୁ ଆବିଷ୍କାର କରି ନଥିଲେ ହୁଏତ ଆମାଜନ ମଣିଷ ପାଇଁ ଆଜି ପର୍ଯ୍ୟନ୍ତ ସେମିତି ଦୁର୍ଗମ ଓ ଅପହ* ହୋଇ ରହିଥାନ୍ତା । କିନ୍ତୁ ୟୁରୋପୀୟମାନେ ଏହାକୁ ଆବିଷ୍କାର କରି ତା'ର ମୃତ୍ୟୁର କାରଣ ହେଲେ ।

ପ୍ରଭୁକଲ୍ୟାଣ ମହାନ୍ତି ଇତିହାସର ପୁରୁଣା ପୃଷ୍ଠାସବୁକୁ ଓଲଟାଉଥିଲା । କେମିତି ୟୁରୋପୀୟମାନେ ଆମାଜନ୍ ନଈର ସର୍ବନାଶ ଘଟାଇଲେ ସେହି କଥା ଭାବୁଥିଲା । ଓ ମଣିଷକୁ ନିନ୍ଦା କରୁଥିଲା ।

ୟୁରୋପୀୟମାନେ ଦଳବଳ ଧରି ଯେବେଠୁ ଆମାଜନ ନଦୀ କୂଳକୁ ଆସିଲେ ଏବଂ ଜଙ୍ଗଲ ସଫା କରି ଜନବସତି ଗଢ଼ିଲେ, ସହର ବସାଇଲେ, ଆମାଜନ ନଦୀ ଅବବାହିକାରେ ଶିଳ୍ପ କାରଖାନା ପ୍ରତିଷ୍ଠା କଲେ, ରେଳ ଲାଇନ୍ ବିଛାଇଲେ; ତା'ପରଠୁ ଆମାଜନ ନଈ କ୍ଷୀଣ ହେବାକୁ ଲାଗିଲା । ୟୁରୋପୀୟଙ୍କ ଦୌରାତ୍ମ୍ୟରେ ଆମାଜନ ନଦୀର ଘ* ବର୍ଷାବନ ଧ୍ୱଂସ ପାଇଗଲା । ଆମାଜନ୍ ନଈ ରୁଗ୍ଣ ହେଲା ।

ୟୁରୋପୀୟମାନେ ଆମାଜନ ନଦୀର ଅବସ୍ଥା ଯେମିତି କରିଥିଲେ, ବଙ୍ଗଳାଦେଶୀମାନେ ଗୋବରୀ ନଈର ଅବସ୍ଥା ସେମିତି କରିଦେଲେ ବୋଲି ପ୍ରଭୁକଲ୍ୟାଣ ମହାନ୍ତି ଭାବୁଥିଲା ।

କ୍ରୋଧ ଓ ଅଶାନ୍ତିରେ ପ୍ରଭୁକଲ୍ୟାଣ ମହାନ୍ତିର ମନ ବିଷଣ୍ଣ ହୋଇଯାଉଥିଲା ।

ଦିନେ ସ୍ଥାନୀୟ ଆବିଷ୍କାରକ ଫ୍ରାନ୍‌ସିସ୍‌କୋ ଡି. ଓରେଲିନାଙ୍କ ବିଷ ଦୃଷ୍ଟିରେ ପଡ଼ିଲା ଆମାଜନ ନଦୀର ଶାନ୍ତଶୀତଳ ପରିବେଶ । ତା'ପରେ ଯାହା ଘଟିଲା, ତାହା ଆଜି ଇତିହାସ ।

କ'ଣ ଦରକାର ଥିଲା, ଆମାଜନ ନଦୀ ବିଷୟରେ ଅଧିକ ଜାଣିବାର ? କ'ଣ ଦରକାର ଥିଲା ଆମାଜନ ଅବବାହିକାର ବର୍ଷାବନକୁ ଧ୍ୱଂସ କରି ସହର ଜନବସତି ବସାଇବାର ?

ପ୍ରଭୁକଲ୍ୟାଣ ମହାନ୍ତି ପ୍ରଶ୍ନ କରୁଥିଲା ।

ଗୋଟିଏ ଦୀର୍ଘଶ୍ୱାସ ପ୍ରଭୁକଲ୍ୟାଣ ମହାନ୍ତିର ଛାତିକୁ ଥରାଇ ଦେଲା । ଗୋବରୀ ନଈ ଆଉ ଜମ୍ବୁଦ୍ୱୀପର ହେନ୍ତାଳ ବନ କଥା ଚିନ୍ତା କରି ପ୍ରଭୁକଲ୍ୟାଣ ମହାନ୍ତି ବଙ୍ଗଳାଦେଶୀଙ୍କ ଉପରେ କ୍ଷୁବ୍ଧ ହୋଇ ଉଠିଲା । ଇତିହାସର ଫର୍ଦ୍ଦସବୁ ତା' ମନ ଭିତରେ ଫଡ଼ଫଡ଼ ହୋଇ ଓଲଟୁଥିଲେ ।

ପ୍ରଭୁକଲ୍ୟାଣ ମହାନ୍ତି ଥିଲା କ୍ଲାଇମେଟ୍ ଚେଞ୍ଜ ଏବଂ ଏନ୍‌ଭାର୍ଣ୍ଣମେ[ାଲ୍ ଷ୍ଟଡିଜ୍‌ର ପୋଷ୍ଟ ଗ୍ରାଜୁଏସନ ଛାତ୍ର । ପରିବେଶ ଓ ପାଣିପାଗରେ ପରିବ□ିନ ଯୋଗୁଁ ଆଜି ନଦୀଗୁଡ଼ିକର ଅବସ୍ଥା ସଂକଟାପନ୍ନ ହୋଇ ପଡ଼ିଛି ।

ଆମାଜନ ନଦୀ ଅବବାହିକାର ଘ* ଜଙ୍ଗଲ ଅ*ଳ ୟୁରୋପୀୟଙ୍କ ପାଇଁ ବସତିର ସୁଯୋଗ ସୃଷ୍ଟି କରିପାରିବ କି ନାହିଁ ସେ ସମ୍ପର୍କରେ ଜାଣିବାକୁ ଓରେଲିନା ଆମାଜନ ନଦୀ ଭ୍ରମଣ କରୁଥିଲେ ।

ଆମାଜନର ଭୀମକାନ୍ତ ରୂପ ଦେଖି ଓରେଲିନା ପ୍ରଥମେ ଡରି ଯାଇଥିଲେ । ଏ ନଦୀ କୂଳରେ ମଣିଷ ବାସ କରିପାରିବ ନାହିଁ ବୋଲି ଓରେଲିନା ଧରି ନେଇଥିଲେ । କିନ୍ତୁ ଛାତିରେ ଛାତିଏ ସାହସ ଓ ମନରେ ଆଶା ବାନ୍ଧି ଓରେଲିନା ଆମାଜନ ନଦୀ ଭ୍ରମଣ କରିଥିଲେ ।

ଆମାଜନ ନଈର ଦୁଇ ପାର୍ଶ୍ୱରେ ହଜାର ହଜାର କିଲୋମିଟର ବ୍ୟାପୀ ଘ* ଚିରହରିତ୍ ବର୍ଷାବନ ଓରେଲିନାଙ୍କ ମନରେ ଆତଙ୍କ ସୃଷ୍ଟି କରୁଥିଲା । ତଥାପି ଏହାର କୂଳକୁ ୟୁରୋପୀୟଙ୍କୁ ନେଇ ଆଣିବା ପାଇଁ ତାଙ୍କ ମନରେ ଅଦମ୍ୟ ଉତ୍ସାହ ଭରି ରହିଥିଲା । ସେ ସେଥିରେ ସଫଳ ବି ହୋଇଥିଲେ ।

ଆମାଜନ ନଦୀ ଅବବାହିକାର ଜଙ୍ଗଲ ଏତେ ଘ* ଥିଲା ଯେ, ମଧ୍ୟାହ୍ନର ସୂର୍ଯ୍ୟକିରଣ ବି ତା' ଭିତରକୁ ଭେଦ କରିପାରେ ନାହିଁ । ସେ ଜଙ୍ଗଲରେ ଥିଲେ ଅସଂଖ୍ୟ ପ୍ରଜାତିର ପଶୁପକ୍ଷୀ ଓ ବୃକ୍ଷଲତା । ଆମାଜନ ଜଙ୍ଗଲରେ ଏତେ ବିଷାକ୍ତ ସାପ, କୀଟପତଙ୍ଗ ଥିଲେ ଯେ, ସେ ଭୟରେ ମଣିଷ ତା' ଭିତରକୁ ପଶି ପାରୁ ନଥିଲା । ଆମାଜନ ନଦୀ କୂଳରେ କୀଟ ଦଂଶନରେ ଅନେକ ମଣିଷ ପ୍ରାଣ ହରାଇଛନ୍ତି । ଆମାଜନକୁ ନେଇ ଅନେକ କାଳ୍ପନିକ ମନଗଢ଼ା ରୋମା*ପୂର୍ଣ୍ଣ କାହାଣୀସବୁ ଶୁଣିବାକୁ ମିଳୁଥିଲା । ଏହାକୁ ଓରେଲିନା ଖାତିର ନ କରି ଆମାଜନର ଶେଷ ପର୍ଯ୍ୟନ୍ତ ଭ୍ରମଣ କରିଥିଲେ ।

ଆମାଜନ୍‌ର ବର୍ଷାବନ ଭିତରେ ତଥାପି ଠାଏ ଠାଏ ଆଦିମ ମାନବର ବସତି ବି ରହିଥିଲା । ସେହି ଆଦିମ ମଣିଷ ଆମାଜନ ନଦୀ ଅବବାହିକା ଜଙ୍ଗଲ ଭିତରେ ଜଙ୍ଗଲୀ ଜନ୍ତୁଙ୍କ ଗହଣରେ ଲଙ୍ଗଳା ହୋଇ ବୁଲୁଥିଲା । କିନ୍ତୁ ସଭ୍ୟ ୟୁରୋପୀୟମାନେ ସେଠାରେ ବସତି ଗଢ଼ିବା ପରେ ଆଦିମ ମଣିଷକୁ ସେଠାରୁ ତଡ଼ିଦେଲେ । ଆମାଜନର ବର୍ଷାବନକୁ

ଧ୍ୱଂସ କରିଦେଲେ ।

ଓରେଲିନା ଆମାଜନ ନଈର ଯେତେ ତଳକୁ ତଳକୁ ଯାଉଥାନ୍ତି, ଆମାଜନ ତାଙ୍କୁ ସେତେ ବିଶାଳ ମନେ ହେଉଥାଏ । ତାଙ୍କୁ ଲାଗୁଥାଏ ସେ ଯେମିତି ବ୍ଲାକ୍ ହୋଲ୍ ଭିତରକୁ ପଶି ଯାଉଥାନ୍ତି ।

ଦୀର୍ଘ ବର୍ଷ କାଳ ନିରନ୍ତର ନୌଯାତ୍ରା କରି ଓରେଲିନା ଯେଉଁଠି ପହଁଚିଲେ, ସେଠି ନଦୀର ଓସାର ଥିଲା ପାଖାପାଖି ଶହେ କିଲୋମିଟର । ଆମାଜନ ନଈ ସମୁଦ୍ର ଭଳି ଦିଶୁଥିଲା । ଓରେଲିନା ତା'ର ଆଦି ଅନ୍ତ ପାଉ ନଥିଲେ । ଚାରି ଆଡ଼େ ଖାଲି ପାଣି ଆଉ ପାଣି । ତାଙ୍କୁ ଲାଗୁଥିଲା, ଏଇ ସମୁଦ୍ରରେ ସେ ଲୀନ ହୋଇଯିବେ । ତାଙ୍କୁ କିଛି ଥଳକୂଳ ଦିଶୁ ନଥିଲା ।

ତଥାପି ଆମାଜନ ନଦୀ ଅବବାହିକାର ହଜାର ହଜାର ହେକ୍ଟର ଜଙ୍ଗଲ ଓରେଲିନାଙ୍କ ମନରେ ଆଶାର ଆଲୋକ ସୃଷ୍ଟି କରୁଥିଲା । ଦିନେ ୟୁରୋପୀୟମାନେ ଏଠାରେ ସହର ବସେଇ ପାରିବେ । ତାଙ୍କ ମୁଖମଣ୍ଡଳ ଝଲସି ଉଠିଲା ।

ଶେଷରେ ଆମାଜନକୁ ଖୋଜି ପାଇବାରେ ସଫଳ ହେଲେ ଓରେଲିନା । ଏହାପରେ ୟୁରୋପୀୟମାନଙ୍କ ସୁଅ ଛୁଟିଲା ଆମାଜନର ବର୍ଷାବନ ଅଭିମୁଖେ । ପିମ୍ପୁଡ଼ି ଭଳି ଧାଡ଼ି ବାନ୍ଧି ୟୁରୋପୀୟମାନେ ଆମାଜନ ଉପତ୍ୟକା ଆଡ଼େ ଖେଦିଗଲେ ।

ଆରମ୍ଭ ହୋଇଗଲା ଆମାଜନ ନଦୀ ଉପରେ ମଣିଷର ଅତ୍ୟାଚାର । ୟୁରୋପୀୟଙ୍କ ଦୌରାତ୍ମ୍ୟରେ ଆମାଜନ ତ୍ରାହି ତ୍ରାହି ଡାକିଲା ।

ୟୁରୋପୀୟମାନେ ଆମାଜନ ନଦୀ କୂଳରୁ ହଜାର ହଜାର ବର୍ଗ କିଲୋମିଟର ବ୍ୟାପୀ ଘ* ଚିରହରିତ୍ ବର୍ଷାବନ କାଟି ସଫା କଲେ । ବହୁ ପଶୁପକ୍ଷୀଙ୍କ ବଂଶ ଉଚ୍ଛନ୍ନ କରିଦେଲେ । ଆଦିମ ଅଧିବାସୀମାନେ ସଭ୍ୟ ମଣିଷର ଭୟରେ ଆହୁରି ଆହୁରି ଦୂରକୁ ଚାଲିଗଲେ ଏବଂ ନିଶ୍ଚିହ୍ନ ହୋଇଗଲେ ।

ଆମାଜନ ନଦୀ କୂଳରେ ନୂଆକରି ନଅ ଗୋଟି ଦେଶ ନିର୍ମାଣ ହେଲା । ୟୁରୋପରୁ ମଣିଷମାନେ ଛୁଟି ଆସି ସେଠାରେ ବସତି ସ୍ଥାପନ କଲେ । ବିଭିନ୍ନ ଉପନଦୀ ଓ ଶାଖା ନଦୀ ସହିତ ଆମାଜନ ନଦୀରେ ହଜାର ହଜାର ସଂଖ୍ୟାରେ ନଦୀବନ୍ଧ ନିର୍ମାଣ ହେଲା । ଗଛ କଟାଗଲା । ହଜାର ହଜାର ହେକ୍ଟର ଜମିରେ ରବର, ପାମ୍ ଅଏଲ ଓ ଗହମ ଚାଷ କରାଗଲା । ଚାରଣ ଭୂମି ପ୍ରସ୍ତୁତ କରାଯାଇ ପଶୁପାଳନ କରାଗଲା । ପ୍ରାକୃତିକ ତୈଳ ଓ ଗ୍ୟାସ୍ ଉ□ାଳନ ହେଲା । ଖଣି ଖୋଳାଗଲା । ଅନେକ କଳକାରଖାନା ବସିଲା । ଶିଳ୍ପସଂସ୍ଥାମାନ ଗଢ଼ି ଉଠିଲା । ରେଳ ଲାଇନ୍ ବିଛାଗଲା । ବିମାନ ବନ୍ଦର ଗଢ଼ାଗଲା । ଲକ୍ଷ ଲକ୍ଷ କିଲୋମିଟର ପ୍ରଶସ୍ତ ସଡ଼କ ପଥ ନିର୍ମାଣ କରାଗଲା । ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଆମାଜନ ନଦୀ କୂଳରେ ମୁଣ୍ଡ ଟେକି ଉଠିଲେ । କଳକାରଖାନାର ଧୂଆଁରେ ଆମାଜନ

ଅବବାହିକାର ବର୍ଷା ବନ ଧ୍ୱଂସ ପାଇଗଲା ।

ଲକ୍ଷ ଲକ୍ଷ ବର୍ଷ ଧରି ଆମାଜନ ନଦୀ ତା' ଚାରିପଟେ ଯେଉଁ ପ୍ରାକୃତିକ ବର୍ଷାବନ ସୃଷ୍ଟି କରିଥିଲା, ମାତ୍ର କେଇଟା ବର୍ଷରେ ମଣିଷ ତାକୁ ନିଶ୍ଚିହ୍ନ କରି ପକାଇଲା । ଛାରଖାର କରି ପକାଇଲା ।

ଏହାକୁ କୁହାଗଲା ମଣିଷର ବିକାଶର ଯାତ୍ରା । ମଣିଷ ବିକାଶ କରି ପ୍ରକୃତିର ସର୍ବନାଶ କଲା । ପ୍ରଭୁକଲ୍ୟାଣ ମହାନ୍ତି ଆମାଜନ ଭଳି ଗୋବରୀ ନଈର ସର୍ବନାଶକୁ ନିଜ ଆଖିରେ ଦେଖୁଥିଲା ।

ଆଜି ଆମାଜନର ରୁଗ୍ଣ ଚେହେରା ଦେଖିଲେ କେହି କେବେ ବିଶ୍ୱାସ କରିପାରିବ ନାହିଁ ଯେ, ଦିନେ ଏ ନଈ ସମୁଦ୍ର ଭଳି ବିଶାଳ ଥିଲା । ଏ ନଈକୁ ପାଣି ଯୋଗାଉଥିବା ଶହଶହ ଉପନଦୀମାନେ ଆଜି ମରି ହଜି ଗଲେଣି । ଆମାଜନ ଅବବାହିକାର ବର୍ଷାବନ ସ୍ଥାନରେ ଆଜି ମଣିଷ ବସତି ଓ କାରଖାନାର ପୁଙ୍ଗା ଶୁଭୁଛି ।

ଆମାଜନ ମରି ଯାଇଛି ଖାସ୍ ୟୁରୋପୀୟଙ୍କ ଲୋଲୁପ ଦୃଷ୍ଟି ଯୋଗୁଁ । ମଣିଷର ଉଚ୍ଚାଭିଳାଷ ଯୋଗୁଁ ଖାଲି ଆମାଜନ ନଦୀ କାହିଁକି ପୃଥିବୀର ଅନେକ ବିଶାଳ ନଦୀର ଅବସ୍ଥା ଏମିତି ସଂକଟାପନ୍ନ ହୋଇପଡ଼ିଛି ।

ଓରେଲିନାଙ୍କ ଭଳି କେହି ନା କେହି ଜଣେ ଆବିଷ୍କାରକଙ୍କ ଆବିର୍ଭାବ ଘଟିଛି ଏବଂ ନଈର ମୃତ୍ୟୁ ହୋଇଛି । ଖାଲି ଆମାଜନ କାହିଁକି ନୀଳ ନଦୀ, ମିଶୋରି ମିଶିସିପି, ହୋୟାଂହୋ ଭଳି ବଡ଼ବଡ଼ ନଦୀ ଏବେ ମରିହଜି ଗଲେଣି ।

ଏ ସବୁ ନଦୀ ଭଳି ଆଜି ଗୋବରୀ ନଈର ଅବସ୍ଥା ସୃଷ୍ଟି ହୋଇଛି । ଦିନେ ଯେଉଁ ଗୋବରୀ ନଈ ମୁହାଣ ଅ*ଳ ଅଲଂଘ୍ୟ ଆଉ ଅପହ* ଥିଲା ଆଜି ବଙ୍ଗଳାଦେଶୀମାନେ ଜଙ୍ଗଲ ସଫା କରି ତା'ର ସର୍ବନାଶ ଘଟାଇଛନ୍ତି ।

ବଙ୍ଗଳାଦେଶୀମାନେ ଗୋବରୀ ନଈ ମୁହାଣ ଅ*ଳରେ ବସବାସ କରିବା ଦିନୁ ଗୋବରୀ ନଈ ମରିବାକୁ ବସିଛି । ଗୋବରୀ ନଦୀ ତଟବ□ୀ ଘ* ହେନ୍ତାଳ ଜଙ୍ଗଲ ଆଜି ସବୁଦିନ ପାଇଁ ଲୋପ ପାଇଯାଇଛି ।

ପ୍ରଭୁକଲ୍ୟାଣ ମହାନ୍ତିକୁ କିଛି ଭଲ ଲାଗୁ ନଥିଲା । ସେ ଖାଲି ବଙ୍ଗଳାଦେଶୀଙ୍କ ଉପରେ ରାଗି ନିଆଁବାଣ ହେଉଥିଲା । ସରକାରଙ୍କ ଦୋମୁହାଁ ନୀତିର କଡ଼ା ସମାଲୋଚନା କରୁଥିଲା ।

ବଙ୍ଗଳାଦେଶୀଙ୍କ ବିରୋଧରେ ପ୍ରଭୁକଲ୍ୟାଣ ମହାନ୍ତିର ମନରେ ଘୃଣା ଓ ବିଦ୍ରୋହର ନିଆଁ ଜଳୁଥିଲା । ଯେମିତି ହେଲେ ବଙ୍ଗଳାଦେଶୀଙ୍କୁ ଏଠାରୁ ତଡ଼ିବାକୁ ହେବ । ଗୋବରୀ ନଈକୁ ଆଉ ଏ ନଈତଟରେ ଥିବା ଘ* ହେନ୍ତାଳ ବନର ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ହେବ ବୋଲି ପ୍ରଭୁକଲ୍ୟାଣ ମହାନ୍ତି ପଣ କରିଥିଲା ।

ଆଜି ଜମ୍ମୁ, ରାମନଗର, ଖରିନାସୀ ଅ*ଳର ବଙ୍ଗାଳାଦେଶୀମାନେ କାଠ ବିକ୍ରି କରି, ପଶୁପକ୍ଷୀ ଶିକାର କରି, ସମୁଦ୍ରରୁ ମାଛ ମାରି, ଚିଙ୍ଗୁଡ଼ି ଚାଷ କରି, ଗୋବରୀ କୂଳରେ କଳକାରଖାନା ବସାଇ ଏବଂ ଜଙ୍ଗଲୀ ଜୀବଜନ୍ତୁ ଚାଲାଣ କରି କୋଟିପତି ପାଲଟିଛନ୍ତି । ଗୋବରୀ ଆଜି ଆମାଜନର ଦଶା ଭୋଗୁଛି ।

ବଙ୍ଗଳାଦେଶୀମାନେ ଜମ୍ମୁଦ୍ୱୀପର ହେନ୍ତାଳ ବଣକୁ ସଫା କରି ଯିଏ ଯେତେ ପାରିଲା ସେତେ ଜାଗା ଅକ୍ତିଆର କରି ଚାଲିଲା । ଯିଏ ଯେଉଁଠି ପାରିଲା କୋଠାବାଡ଼ି ନିର୍ମାଣ କଲା ଆଉ ଚାଷଜମି ତିଆରି କଲା ।

ଆଜି ଜମ୍ମୁ, ଖରିନାସୀ, ରାମନଗର ଅ*ଳରେ ଜଣେ ଜଣେ ବଙ୍ଗଳାଦେଶୀ ଶହେ ଦୁଇଶହ ଏକର ଜମିର ମାଲିକ ପାଲଟିଛନ୍ତି ।

ଯେଉଁ ବଙ୍ଗଳାଦେଶୀ ପୂର୍ବ ପାକିସ୍ତାନ (ବ□ମାନର ବଙ୍ଗଳାଦେଶ)ରୁ ଆସି ଏଠାରେ ମୁଣ୍ଡ ଗୁଞ୍ଜିବାକୁ ସଂଘର୍ଷ କରୁଥିଲେ, ସେମାନେ ଆଜି ଏତେ ସମ୍ପ□ର ମାଲିକ କିଭଳି ହେଲେ ? ସେମାନେ କ'ଣ ଏ ସମ୍ପ□, ଜମିବାଡ଼ି ନିଜ ଦେଶରୁ ଆଣିଥିଲେ ?

ପ୍ରଭୁକଲ୍ୟାଣ ମହାନ୍ତିର ଛାତିରେ ନିଆଁ ଲାଗି ଯାଉଥିଲା ।

ଅତୀତରେ ଏହି ଜମ୍ମୁଦ୍ୱୀପରେ ହଜାର ହଜାର କିଲୋମିଟର ବ୍ୟାପି ଯେଉଁ ଘ* ହେନ୍ତାଳ ବନ ଥିଲା, ତାହା ଆଜି ଗଲା କୁଆଡ଼େ ?

'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ତ୍ରୁଟିପୂର୍ଣ୍ଣ ସରକାରୀ ବ୍ୟବସ୍ଥା, ଭୋଟ୍ ରାଜନୀତି ଓ ବଙ୍ଗଳାଦେଶୀଙ୍କୁ ନେଇ ଭୀଷଣ ଅସନ୍ତୁଷ୍ଟ ହେଉଥିଲା ।

ଜମ୍ମୁଦ୍ୱୀପର ହେନ୍ତାଳ ଜଙ୍ଗଲର ଛାତି ଉପରେ ଗଢ଼ି ଉଠିଛି ବଙ୍ଗୀୟ ଜନବସତି, ଗାଁ, ଘରଦ୍ୱାର, ସହର, ବଜାର, କୋଠାବାଡ଼ି, କଳକାରଖାନା ଓ ବ୍ୟାବସାୟିକ କାରବାରର ପେଣ୍ଠସ୍ଥଳୀ ।

ଆଜି ବଙ୍ଗଳାଦେଶୀମାନେ ଗୋବରୀ ମୁହାଣ ଏବଂ ସମୁଦ୍ରରୁ ମାଛ ମାରି, ଚିଙ୍ଗୁଡ଼ି ଚାଷ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଜମ୍ମୁଦ୍ୱୀପରେ ବସବାସ କରି ଆସୁଥିବା ସ୍ଥାନୀୟ ଧୀବର ସମ୍ପ୍ରଦାୟର ଲୋକେ ସମୁଦ୍ରରୁ ମାଛ ମାରି ନ ପାରି ହାତ ବାନ୍ଧି ସରକାରଙ୍କ ଟଙ୍କିକିଆ ଚାଉଳ ଉପରେ ନିର୍ଭର କରୁଛନ୍ତି ।

ଖରିନାସୀର ଭାବଗ୍ରାହୀ ଜାନା କଥା ବିଚାରକୁ ନିଆଯାଉ ।

ଭାବଗ୍ରାହୀ ଜାନାର ଆଜି ପଚାଶରୁ ଊର୍ଦ୍ଧ୍ୱ ମାଛଧରା ଟ୍ରଲର, ଅନେକ ଡଙ୍ଗା, ଗାଡ଼ିଘୋଡ଼ା, ଚିଙ୍ଗୁଡ଼ି ଫାର୍ମ ଓ ଶହଶହ ଏକର ଚାଷଜମି । ଜଣେ ବଙ୍ଗଳାଦେଶୀ କ'ଣ ତା' ନିଜ ଦେଶରୁ ଏସବୁ ଧନ ସମ୍ପ□ ଧରି ଆସିଥିଲା ?

ପ୍ରଭୁକଲ୍ୟାଣ ମହାନ୍ତିର ଏ ପ୍ରଶ୍ନସବୁ ଶୂନ୍ୟରେ ମିଳେଇ ଯାଉଥିଲା ।

ଭାବଗ୍ରାହୀ ଜାନାର ପୁଅ ରଙ୍ଗାଧର ଜାନା ବଡ଼ମଠର ସ୍ୱପ୍ନେଶ୍ୱର ସ୍ୱାଇଁର କଲେଜ ପଢୁଆ ଝିଅକୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରିଛି । ଏହାକୁ ନେଇ ଜମ୍ମୁ

ଅ*ଳରେ ଉ□ଜନା ଥମୁନି । କିନ୍ତୁ ଭାବଗ୍ରାହୀ ଜାନା ପୁଲିସକୁ ଟଙ୍କା ଫିଙ୍ଗି ନିଧଡ଼କ ହୋଇ ବସିଛି ।

ବଙ୍ଗାଳୀ ଟୋକାର ଏତେ ବହପ ? ସେ ପୁଣି ଓଡ଼ିଆ ଝିଅର ଇଜ୍ଜତ ଲୁଟିବ ? ଓଡ଼ିଆମାନେ ଚୁପ୍ ରହିବେ । ଖରିନାସୀର ଜୟନ୍ତ ଖଟେଇ ବିଦ୍ରୋହ କରେ । ସେ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ସହ ହାତ ମିଳାଏ ।

ଜମ୍ମୁ, ଖରିନାସୀ, ରାମନଗର ଅ*ଳରେ ବଙ୍ଗଳାଦେଶୀମାନେ ଯାହାସବୁ କୁକର୍ମ କରୁଥିଲେ ସେସବୁର ଗୋଟିଗୋଟି ହିସାବ ରଖୁଥିଲା ଜୟନ୍ତ ଖଟେଇ ।

ଭାବଗ୍ରାହୀ ଜାନା ଜଣେ ବଙ୍ଗଳାଦେଶୀ ଶରଣାର୍ଥୀ । ତା' ପାଖରେ ବିପୁଳ ଟଙ୍କା, ଅମାପ ସମ୍ପ□ବାଡ଼ି କୁଆଡୁ ଆସିଲା ? ତା' ହାତରେ ପୁଲିସ । ତା' ହାତରେ ଜଙ୍ଗଲ ବିଭାଗ ଅଧିକାରୀ । ତା' ହାତରେ ଆର୍ଆଇ, ଅମିନ, ତହସିଲଦାର । ତା' ହାତରେ ବିଧାୟକ, ମନ୍ତ୍ରୀ । କେହି ସରକାରୀ ବାବୁ ଜମ୍ମୁ ଅ*ଳକୁ ଆସିଲେ ଭାବଗ୍ରାହୀ ଜାନାର ଘରେ ଅତିଥି ହୁଅନ୍ତି । ଭାବଗ୍ରାହୀ ଜାନାକୁ ଖୋଜନ୍ତି ।

ମହାକାଳପଡ଼ା ତହସିଲଦାରଙ୍କୁ ହାତକରି ଭାବଗ୍ରାହୀ ଜାନା ଶହଶହ ଏକର ହେନ୍ତାଳ ଜଙ୍ଗଲକୁ ନିଜ ନାଁରେ କରାଇ ନେଇଛି । ଆହୁରି ଶହଶହ ଏକର ହେନ୍ତାଳ ଜଙ୍ଗଲକୁ ପଦା କରି ଜବରଦଖଲ କରିଛି । ସେଠି ଚିଙ୍ଗୁଡ଼ି ଫାର୍ମ କରିଛି । କିଏ ଜଣେ ବି ତା' ବିରୋଧରେ ପାଟି ଫିଟାଇ ପାରୁଛି ?

ଜୟନ୍ତ ଖଟେଇ ଭାବଗ୍ରାହୀ ଜାନା ବିରୋଧରେ ବିଦ୍ରୋହ କରେ । ହେଲେ ଗରିବ ଓଡ଼ିଆମାନେ ସେ ବଙ୍ଗଳାଦେଶୀ ଶରଣାର୍ଥୀ ଭାବଗ୍ରାହୀ ଜାନାଠାରୁ ଟଙ୍କା ଖାଇ ତା' ପାଖରେ ନସର ପସର ହୁଅନ୍ତି । ଏହା ହିଁ ଜୟନ୍ତ ଖଟେଇର ଦୁଃଖ । ବିବଶତା ।

ଭାବଗ୍ରାହୀ ଜାନାର ଟ୍ରଲର ସମୁଦ୍ର ଭିତରକୁ ଯାଇ ମାଛ ମାରୁଛି । ସ୍ଥାନୀୟ ଅ*ଳର ଓଡ଼ିଆ ଧୀବରମାନେ ତା' ଟ୍ରଲରରେ ଶ୍ରମିକ ଭାବେ କାମ କରୁଛନ୍ତି ।

ଭାବଗ୍ରାହୀ ଜାନା ସମୁଦ୍ରରୁ ଟନ୍ ଟନ୍ ମାଛ ମାରେ । ଏସବୁକୁ ବିଦେଶକୁ ରପ୍ତାନୀ କରି ଭଲ ମୁନାଫା କମାଏ । ତା'ର ଚୋରା କାଠ ବ୍ୟବସାୟ ବି ଚାଲିଛି । ଜଙ୍ଗଲୀ ଜୀବଜନ୍ତୁ ଚାଲାଣ କରି ଭଲ ଟଙ୍କା ରୋଜଗାର ବି କରୁଛି । ଚିଙ୍ଗୁଡ଼ି ଫାର୍ମରୁ କୋଟି କୋଟି ଟଙ୍କା କମାଉଛି ।

ଏ କଥା ଜୟନ୍ତ ଖଟେଇର ଦେହରେ ଯାଏନା । ସେ ବଙ୍ଗାଳୀଙ୍କ ବିରୋଧରେ ଓଡ଼ିଆଙ୍କୁ ମେଳି କରେ । ସ୍ଥାନୀୟ ଓଡ଼ିଆ ଧୀବରମାନଙ୍କର ନେତୃତ୍ୱ ନିଏ । କିନ୍ତୁ ଜୟନ୍ତ ଖଟେଇ ବେକାର । ତା' ପାଖରେ ଟଙ୍କା ନାହିଁ । ଧନସମ୍ପ□ ନାହିଁ । ଏଣୁ ତା' ପାଖରେ କିଏ ବା କାହିଁକି ରହିବ ?

ଜୟନ୍ତ ଖଟେଇ ଦୀର୍ଘଶ୍ୱାସ ଫେରାଏ ।

ଭାବଗ୍ରାହୀ ଜାନା ଜମ୍ମୁ ସାମୁଦ୍ରିକ ଥାନାଧିକାରୀଙ୍କ କ୍ୱାର୍ଟରକୁ ସବୁଠୁ ଦାମୀ ଇଲିସି ଆଉ ଖଏଙ୍ଗା ପଠାଏ । ତହସିଲଦାରଙ୍କ କ୍ୱାର୍ଟର୍ସକୁ ବିଡ଼ା ବିଡ଼ା ଟଙ୍କା ଆଉ ଚନ୍ଦନ କାଠ ପଠାଏ । ଜଙ୍ଗଲ ଜମି ହାତାଏ । ହେନ୍ତାଳ ଜଙ୍ଗଲ ପଦା କରେ । ବନ ବିଭାଗ ଅଫିସରଙ୍କୁ ହାତଗୁଞ୍ଜା ଦେଇ ଚୋରା କାଠ ବ୍ୟବସାୟ ଚଳାଏ । ଜଙ୍ଗଲୀ ଜୀବଜନ୍ତୁ ବାହାରକୁ ଚାଲାଣ କରେ ।

ଭାବଗ୍ରାହୀ ଜାନାର ପୁଅ ରଙ୍ଗାଧର ଜାନା ରାମନଗର ବଜାରରୁ ଦାଦା ବଟି ଆଦାୟ କରେ । ସେ ଏଥର ବିଧାୟକ ପ୍ରାର୍ଥୀ ହେବ ବୋଲି ଚର୍ଚ୍ଚା ହୁଏ ।

ସ୍ୱପ୍ନେଶ୍ୱର ସ୍ୱାଇଁର କଲେଜ ପଢୁଆ ଝିଅ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରେ ।

ଜମ୍ମୁ ସାମୁଦ୍ରିକ ଥାନା ପୋଲିସ କେବଳ ଗୋଟିଏ ଅପମୃତ୍ୟୁ ମାମଲା ରୁଜୁ କରି କାମ ସାରିଦିଏ ।

'ହେନ୍ତାଳ ବନ ସୁରକ୍ଷା ସମିତି' ଆଗାମୀ ଦିନରେ ବିଶାଳ ଜନ ଆନ୍ଦୋଳନ ପାଇଁ ସଜବାଜ ହେଉଥାଏ ।

୧୮

ମୁଁ କେନ୍ଦ୍ରାପଡ଼ା କଲେଜରୁ ଗ୍ରାଜୁଏସନ ସାରି ବାଣୀବିହାରରେ ପୋଷ୍ଟ୍ ଗ୍ରାଜୁଏସନ କଲି । ଧୀରେ ଧୀରେ ମୁଁ ବୟସ୍କ ଓ ଦାୟିତ୍ୱବାନ୍ ହେବାକୁ ଲାଗିଲି ।

ସ୍କୁଲ, ଗାଁ ଓ କେନ୍ଦ୍ରାପଡ଼ା ଭଳି ଛୋଟିଆ ସହର ଛାଡ଼ି ମୁଁ ରାଜଧାନୀ ଭୁବନେଶ୍ୱର ଆସିଲି । ଉତ୍କଳ ୟୁନିଭର୍ସିଟିରେ ମୁଁ ଇତିହାସ ବିଭାଗରେ ପିଜି କରୁଥାଏ । ପାଠପଢ଼ା ଆଉ ଚାକିରି ଖୋଜା କାମରେ ମୁଁ ଲାଗି ପଡ଼ିଥାଏ । କମ୍ପିଟେଟିଭ୍ ଏକ୍‌ଜାମ୍‌ସବୁ ଆପିଅର କରୁଥାଏ ।

ଗାଁକୁ ଆଉ ବେଶି ଚଳପ୍ରଚଳ ନଥାଏ । ଗାଁ ସହ ସମ୍ପର୍କ କ୍ରମେ ତୁଟି ଯାଉଥାଏ । ତଥାପି କାଁ ଭାଁ ମଝିରେ ମଝିରେ ଗାଁକୁ ଯାଉଥାଏ । ଗାଁର ଭଲମନ୍ଦ ଖବର ପାଉଥାଏ ।

ଦୁର୍ଗାପୂଜା ଛୁଟିରେ ଥରେ ଗାଁକୁ ଯାଇଥିଲି । ଏହା ଭିତରେ ଗାଁ ଅନେକ ବଦଳି ଯାଇଥାଏ ।

ଜାଣିବାକୁ ପାଇଲି, ଗାଁ ଲୋକେ ମିଶି ବଇଆ ଜେଜକୁ ସରପ* କରାଇଛନ୍ତି । ବୁଢ଼ା କାଳେ ବଇଆ ଜେଜର ପୁଅଟିଏ ହୋଇଛି । ବଇଆ ଜେଜ ସରପ* ହେବା ଆଉ ବୁଢ଼ାକାଳେ ତା'ର ପୁଅଟିଏ ଜନ୍ମ ହେବା ଘଟଣା ସେତେବେଳେ ମୋତେ ଅତି କିମ୍ଭୁତକିମ୍ଭାକାର ଲାଗୁଥାଏ ।

ଆମ ଅ*ଳର ଟାଣୁଆ ନେତା କାଙ୍ଗାଳି ଚୌଧୁରୀ କୁଆଡ଼େ ବଇଆ ଜେଜକୁ ନେଇ ବିଜୁ ପଟ୍ଟନାୟକ ସହ ସାକ୍ଷାତ କରାଇଥିଲା । କାଙ୍ଗାଳି ଚୌଧୁରୀ ଦୁଇ ଦୁଇ ଥର ଏମ୍ଏଲ୍ଏ ହୋଇଥିଲା । ବିଜୁ ପଟ୍ଟନାୟକ ସରକାରରେ ମନ୍ତ୍ରୀ ବି ଥିଲା । ସେ କାଙ୍ଗାଳି ଚୌଧୁରୀ ବିଜୁ ପଟ୍ଟନାୟକକୁ କହି ବଇଆ ଜେଜକୁ ସରପ*ରେ ଠିଆ କରାଇଥିଲା । ଆଉ ବଇଆ ଜେଜ ବି ସରପ* ଜିତି ଯାଇଥିଲା ।

ବଇଆ ଜେଜ ସେତେବେଳକୁ 'ବଇଆ ସରପ*' ଭାବେ ଆମ ଅ*ଳରେ ଖ୍ୟାତିଲାଭ କରି ସାରିଥିଲା ।

ବଇଆ ଜେଜ ଔରସରୁ ଏବଂ ବୋଇତୀ ବୁଢ଼ୀ ଗର୍ଭରୁ ଗୋଟିଏ ଶିଶୁ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲା । ବଇଆ ଜେଜ ବୁଢ଼ା ବୟସରେ ବୋଇତୀ ବୁଢ଼ୀକୁ ବାହା ହେବା ଖବର ଯେତିକି ଚର୍ଚ୍ଚିତ ନଥିଲା, ତାଠୁ ବେଶି ଚର୍ଚ୍ଚିତ ହୋଇଥିଲା ବୁଢ଼ା କାଳେ ବଇଆ ଜେଜର ପୁଅଟିଏ ଜନ୍ମ ହେବା ଘଟଣା ।

ବଇଆ ଜେଜ ବୁଢ଼ା କାଳରେ ବାପା ହେବା ଘଟଣା ଆମ ଅ*ଳରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଥାଏ । ଯାହା ବି ହେଉ, ଯେମିତି ହେଉ, ବଇଆ ଜେଜ ସବୁବେଳେ ଖବରରେ ରହୁଥାଏ । ଆମ ଗାଁ ହେଉ କି ମୋ' ହଷ୍ଟେଲ ଖଟିରେ ବଇଆ ଜେଜ ହିଁ ଆଲୋଚନାର ପ୍ରସଙ୍ଗ ପାଲଟେ ।

ସରପ* ହେଲା ପରେ ବି ବଇଆ ଜେଜକୁ ନେଇ ଚର୍ଚ୍ଚା ଆଲୋଚନା ଥମି ନଥିଲା । ଆଜିକାଲିକା ସମୟ ହୋଇଥିଲେ ବଇଆ ଜେଜର ଅନେକ ଭିଡିଓ ଭାଇରାଲ ହେଉଥାନ୍ତା ।

ଥରେ କ'ଣ ହୋଇଛି ନା, ଆମ ଗାଁର ନକୁଳା ବୁଢ଼ା ତା' ପୁଅ ପାଖକୁ ତାର (ଟେଲିଗ୍ରାମ) କରିବାକୁ ବଇଆ ସରପ* ନିକଟରେ ଗୁହାରୀ କଲା । ବଇଆ ସରପ* ନକୁଳା ବୁଢ଼ାକୁ ପ୍ରତିଶ୍ରୁତି ଦେଇ କହିଲା- "ହଉ, ହଉ, ବୁଝିବା ତୋ' କଥା । ତୋ' ପୁଅ କତିକି ତାର କରିବା ।"

ଏ 'ତାର କରିବା' ଘଟଣାଟି ବି ସେତେବେଳେ ଆମ ଅ*ଳରେ ଖୁବ୍ ପ୍ରଘଟ ହୋଇ ବଇଆ ଜେଜକୁ ଆହୁରି ଚର୍ଚ୍ଚିତ କରି ଦେଇଥାଏ ।

ନକୁଳା ବୁଢ଼ାର ପୁଅ ଦିଲ୍ଲୀରେ ପାଣିପାଇପ ଚାକିରି କରିଥିଲା । ନକୁଳା ବୁଢ଼ୀର ଦେହ ହଠାତ୍ ଖରାପ ହୋଇପଡ଼ିଲା । ବୁଢ଼ୀ କତରାଲଗା ହୋଇଗଲା । ମଲା ପୂର୍ବରୁ ପୁଅକୁ ଦେଖିବାକୁ ଇଚ୍ଛା କଲା । ଏଣୁ ପୁଅ ନିକଟକୁ ତାର କରିବା ଜରୁରୀ ହୋଇ ପଡ଼ିଲା । ପୁଅ ତୁରନ୍ତ ବସିବା ସ୍ଥାନରୁ ଉଠି ଆସୁ ବୋଲି ନକୁଳା ବୁଢ଼ା ବଇଆ ସରପ*କୁ ଗୁହାରୀ କଲା ।

ପିଲାଦିନେ ଆମେ ତାରବା□। କହିଲେ ଗୋଟିଏ ଛୋଟିଆ ଧାଡ଼ିକୁ ବୁଝୁଥିଲୁ । 'ମଦର ସିରିୟସ୍, କମ୍ ସୁନ୍' କିମ୍ବା 'ଫାଦର ସିରିୟସ୍ କମ୍ ସୁନ୍' । ଏହି ତାରବା□ିଟି

ପହଁଗଲା ଅର୍ଥ, ପୁଅ ବସିବା ସ୍ଥାନରୁ ଉଠି ଆସିବାଟା ଥୟ ।

ବଇଆ ସରପ* ନକୁଳା ବୁଢ଼ାକୁ ପ୍ରତିଶ୍ରୁତି ଦେଇଥାଏ, ତା' ପୁଅ ପାଖକୁ ତାର କରାଯିବ । ଏଣୁ ନକୁଳା ବୁଢ଼ା ମନେ ମନେ ଆଶ୍ୱସ୍ତ ହେଉଥାଏ- "ବଇଆ ସରପ* କଇଚି, ପୁଅ ପାଖକୁ ତାର କରିବ ।"

ପ୍ରକୃତ ଘଟଣା କ'ଣ ହୋଇଛି ନା, ବଇଆ ସରପ* ପଟ୍ଟାମୁଣ୍ଡେଇ ଯାଇ ଗୋଟିଏ ଟେଲିଫୋନ୍ ଖୁ[ରେ ଦି' ତିନି ପାହାର ପିଟି ଦେଇ ଚାଲି ଆସିଥିଲା । ଗାଁକୁ ଆସି ନକୁଳା ବୁଢ଼ାକୁ କହିଲା- "ତୋ' ପୁଅ କତିକି ତାର କରି ଦେଇଚି । ପହରିଦିନ କିମ୍ବା ତା' ଆର ଦିନ ତୋ' ପୁଅ ନିଶ୍ଚେ ଆସି ପହଁବ ।"

ନକୁଳା ବୁଢ଼ା ଖୁସି ହୋଇଗଲା । ଦିଲ୍ଲୀରୁ ତା' ପୁଅ ଆସିବ । ବଇଆ ସରପ* ତା' ପାଖକୁ ତାର କରିଛି । ବେସ୍ତ ହେବାର ନାଇଁ ।

ନକୁଳା ବୁଢ଼ା ନିଧଡ଼କ ହୋଇ ବସିଲା । ବୁଢ଼ୀର ଦେହ କିନ୍ତୁ ଦିନକୁ ଦିନ ଅଧିକ ବିଗୁଡୁଥାଏ । ପୁଅ ଆସୁ ନଥାଏ ।

ଦୁଇ ଦିନ ଗଲା । ପା* ଦିନ ଗଲା । ଦଶ ଦିନ ଗଲା । ମାସେ ଗଲା । କିନ୍ତୁ ନକୁଳା ବୁଢ଼ାର ପୁଅ ଦିଲ୍ଲୀରୁ ଆସିଲାନି ।

କଥା କ'ଣ ? ବଇଆ ସରପ* ତ ତାର କରିଛି । ହେଲେ ପୁଅ କାହିଁକି ଆସୁନି ? ନକୁଳା ବୁଢ଼ା ବ୍ୟସ୍ତ ହୋଇ ପଡୁଥାଏ ।

ଘଟଣାଟା କିନ୍ତୁ ଟିକେ ଅଲଗା ଥିଲା । ବହୁତ ଖୋଳତାଡ଼ ପରେ ଜଣାପଡ଼ିଲା ଯେ, ବଇଆ ସରପ* ପଟ୍ଟାମୁଣ୍ଡେଇରେ ଏକ ଟେଲିଫୋନ୍ ଖୁ[ରେ ଦି'ତିନି ପାହାର ପିଟି ଦେଇ ନକୁଳା ବୁଢ଼ାର ପୁଅ ପାଖକୁ ତାର ହୋଇଗଲା ବୋଲି ମନେ ମନେ ଭାବି ଗାଁକୁ ଫେରିଥିଲା ।

ତୁଚ୍ଛା କଥା । ଟେଲିଫୋନ୍ ଖୁ[ରେ ଦି'ତିନି ପାହାର ପିଟିଦେଲେ କ'ଣ ତାର ହୋଇଯାଏ ? ଏତିକି ବି ଜାଣି ନଥିଲା ବଇଆ ସରପ* ।

ବଇଆ ଜେଜର ବୁଦ୍ଧି ଏମିତି ଥିଲା । ବଇଆ ଜେଜର ଏହି 'ତାର' ପ୍ରସଙ୍ଗଟି ଖାଲି ଆମ ଅ*ଳରେ କାହିଁକି ଆମ ୟୁନିଭର୍ସିଟିରେ ବି ଚର୍ଚ୍ଚିତ ହୋଇ ପଡ଼ିଥିଲା । ବଇଆ ଜେଜର ଏ କାରନାମା ଶୁଣି ମୋ' ସାଙ୍ଗମାନେ ହସି ହସି ଗଡ଼ି ଯାଆନ୍ତି ।

ବଇଆ ଜେଜର ନଖରାମି କ'ଣ ଏତିକିରେ ସରୁଛି ? ବଇଆ ଜେଜକୁ ନେଇ ଆଉ ଗୋଟିଏ ଘଟଣା ଶୁଣିଲେ ଆପଣ ହସି ହସି ବେଦମ ହୋଇଯିବେ ।

ମୁଁ ପୂର୍ବରୁ ସୂଚନା ଦେଇଛି, ବଇଆ ଜେଜ ହଗୁରା ଥିଲା । ପ୍ରତି ଅଧ ଘ[ାରେ ତାକୁ ଅତର୍ଚ୍ଚିଆ ଭାବେ ହଗ ମାଡ଼େ । ବିଶେଷକରି ଖାଇ ବସିଥିବାବେଳେ ସେ ହଗି ଧାଏଁ ।

ଥରେ କ'ଣ ହୋଇଛି ନା, ବଇଆ ଜେଜର ହଗ ବନ୍ଦ ହେଲାନି । ପେଟ ଗୋଳମାଳ

ଧରିଲା । ପେଟ ଭିତରେ କଳକାଳ, ଢିସୁମ୍ ଢାସମ୍, ଘଡ୍‌ଘାଡ୍ ହେଲା ।

ମାଳିବସାରେ ଜଣେ ବଙ୍ଗାଳୀ ଡାକ୍ତର କ୍ଲିନିକ୍ ଖୋଲିଥାଏ । ସେ ବଙ୍ଗାଳୀ ଡାକ୍ତର କଲିକତାରୁ ଚାଲି ଆସି କାହିଁକି ଏଭଳି ଏକ ମଫସଲ ଅଂଚଳରେ କ୍ଲିନିକ୍ ଖୋଲିଥିଲେ ତାହା ମୁଁ ଜାଣିନି । କିନ୍ତୁ ଏତିକି ଜାଣିଥାଏ, ଆମ ଅଂଚଳର ଲୋକେ ଜରବାଧକାରେ ପଡ଼ିଲେ ସେ ବଙ୍ଗାଳୀ ଡାକ୍ତର ପାଖକୁ ଧାଆଁନ୍ତି ।

ଝାଡ଼ା ରୋଗ ଭଲ କରିବା ପାଇଁ ବଇଆ ଜେଜ ଥରେ ସେ ବଙ୍ଗାଳୀ ଡାକ୍ତର ପାଖକୁ ଗଲା । ବଙ୍ଗାଳୀ ଡାକ୍ତର ବଇଆ ଜେଜର ନାଡ଼ି ଟିପିଲା । ଆଖିରେ ଟର୍ଚ୍ଚ ଲାଇଟ୍ ପକାଇ ଦେଖିଲା । ଛାତିରେ, ପିଠିରେ କମ୍ପାସ ପକେଇ ଅନୁସନ୍ଧାନ କଲା ।

ବଙ୍ଗାଳୀ ଡାକ୍ତର ବଇଆ ଜେଜକୁ କହିଲା- "ତମେ କାଲି ଝାଡ଼ା ନେଇ ଆସ । ପରୀକ୍ଷା କରାଯିବ ।"

ବଇଆ ଜେଜ କ'ଣ କରିଛି ନା, ଗୋଟିଏ ବଡ଼ ମାଟି ହାଣ୍ଡିରେ ନିଜ ଘୁଅକୁ ଭ□ି କରି ସେଥିରେ ଭଲକରି କଦଳୀ ପତ୍ର ବାନ୍ଧି କାନ୍ଧରେ ବୋହି ବଙ୍ଗାଳୀ ଡାକ୍ତର ଘର ଅଭିମୁଖେ ଗଲା । ବଙ୍ଗାଳୀ ଡାକ୍ତର କଦଳୀପତ୍ରରେ ଗୁଡ଼ା ଯାଇଥିବା ମାଟି ହାଣ୍ଡିକୁ ଦେଖି ଭାବିଲା, ବୋଧେ ବୁଢ଼ା ରସଗୋଲା କି ଛେନାଗଜା ମାଟି ହାଣ୍ଡିରେ ଭ□ି କରି ଆଣିଛି ।

ବଙ୍ଗାଳୀ ଡାକ୍ତର ଖୁସି ମନରେ ବଇଆ ଜେଜକୁ କହିଲା- "ସେ ହାଣ୍ଡିଟା ନେଇ ଘର ଭିତରେ ରଖିଦିଅ ।"

ବଇଆ ଜେଜ କୁନ୍ଥୁକୁନ୍ଥୁ ହୋଇ ମାଟି ହାଣ୍ଡିଟାକୁ ନେଇ ଡାକ୍ତର ବାବୁଙ୍କ ଘର ଭିତରେ ରଖି ଦେଇ ଆସିଲା । ବଇଆ ଜେଜ ମାଟି ହାଣ୍ଡିଟାକୁ ସିନା ଘର ଭିତରେ ରଖି ଦେଇ ଆସିଲା, କିନ୍ତୁ କଥାଟା ତାକୁ ଭଲ ଲାଗୁ ନଥାଏ ।

ଡାକ୍ତର ବାବୁ କହିଲେ- "ଝାଡ଼ା କାହିଁ ? ଝାଡ଼ା ଆଣିଲନି କି ? ପରାକ୍ଷା କରିବା ପରା ?"

ବଇଆ ଜେଜ ମୁଣ୍ଡ କୁଣ୍ଢେଇ କୁଣ୍ଢେଇ ଧୀର ସ୍ୱରରେ କହିଲା- "ଡାକ୍ତର ଆଜ୍ଞା, ସେଇ ମାଟି ହାଣ୍ଡିରେ ପରା ଆଣିଥିଲି ।"

ବଙ୍ଗାଳୀ ଡାକ୍ତର ଏହା ଶୁଣି ଏତେ ଜୋର୍‌ରେ ଘୁରୁଡ଼ି ପକାଇଲା ଯେ, ବଇଆ ଜେଜ ଧାଇଁ ଧାଇଁ ଆସି ଆମ ଗାଁରେ ହାଜର ।

ଶୁଣାଯାଏ, ସେହି ଘଟଣା ପରଠୁ ବଇଆ ଜେଜର ଝାଡ଼ା ରୋଗ ପୂରା ଭଲ ହୋଇ ଯାଇଥିଲା ।

ବଇଆ ଜେଜର କାହାଣୀ ଶୁଣିବାକୁ ମୋ' ହଷ୍ଟେଲ ସାଙ୍ଗମାନେ ପ୍ରତିଦିନ ସନ୍ଧ୍ୟାରେ ମୋ' ପାଖରେ ଘେରି ବସନ୍ତି ।

ସେତେବେଳେ ଯୁଗ ସେମିତି ଥିଲା । ବଇଆ ଜେଜ ଭଳି ଅତି ସରଳ ଆଉ ନିରୀହ

ମଣିଷ ଥିଲେ । ଆଜି କିନ୍ତୁ ସେ ବଇଆ ଜେଜ ନାହିଁ କି ସେ ବିଜୁ ପଟ୍ଟନାୟକ କି କାଙ୍ଗାଳି ଚୌଧୁରୀ କି ମାଳିବସାର ବଙ୍ଗାଳୀ ଡାକ୍ତର; କେହି ବି ବଁ୍ଚିନାହାନ୍ତି । ଗୋବିନ୍ଦା ବୁଢ଼ୀ, ମୋତୀ ବୁଢ଼ୀ; ଏମାନେ ସମସ୍ତେ ଆକାଶର ତାରା । ସେ ଗୋବରୀ ନଈ ବି ପୋତି ହୋଇ କୁଆଡ଼େ ମରିଗଲାଣି ।

କିନ୍ତୁ ବେଳେବେଳେ ବଇଆ ଜେଜର ବଂଶୀରୁ ବାହାରୁଥିବା ମଧୁର ମୂର୍ଚ୍ଛନା ଠାଏ କାନରେ ବାଜି ଛାତି ଭିତରକୁ ଗଳିଯାଏ । ମୁଁ ଅନ୍ୟମନସ୍କ ହୁଏ ।

ଆହାଃ, ସେ ବଇଆ ଜେଜ ପୁଣି ଫେରି ଆସନ୍ତା କି ? ସଞ୍ଜରେ ଗୋବରୀ ନଈ କୂଳରେ ବଂଶୀ ବଜାନ୍ତା କି ?

ଆହାଃ, ଆମେ ପୁଣି ଛୁଆ ହୋଇ ଯାଆନ୍ତୁ କି ? ସେ ଗୋବରୀ ନଈରେ ପୁଣି ପହଁରନ୍ତୁ କି ?

କୁଆଡ଼େ ଗଲା ସେ ଗୋବରୀ ନଈ ?

କୁଆଡ଼େ ଗଲା ବଇଆ ଜେଜ ?

ମୋ ମନ ବିଚଳିତ ହୋଇ ଉଠେ । କିଛି ଭଲ ଲାଗେନା । ମନ ଉଦାସ ହୋଇଯାଏ । କ୍ରମେ ମୁଁ ବୟସ୍କ ହୁଏ ।

୧୯

ଖରିନାସୀର ନବଘନ ମାଇତି ଘରେ ଭୁବନେଶ୍ୱର ପୁଲିସ ଚଢ଼ାଉ କରି ଜାଣିବାକୁ ପାଇଛି ଯେ, ତା ଘରେ ବଙ୍ଗଳାଦେଶୀ ଆତଙ୍କବାଦୀ ର୍ୟାକେଟ୍ ସକ୍ରିୟ ଥିଲା ।

ବଙ୍ଗଳାଦେଶର କିଛି ଆତଙ୍କବାଦୀ ନବଘନ ମାଇତିର ଘରେ ରହୁଥିଲେ । ସେଠାରୁ ସେମାନେ ସିମ୍ ବକ୍ସ କାରବାର ଚଳାଇଥିଲେ । ପୁଲିସ ନବଘନ ମାଇତିର ଘରୁ ଦୁଇ ଜଣଙ୍କୁ ବାନ୍ଧିଛି ଓ ଅନେକ ସିମ୍ ବକ୍ସ ଜବତ କରିଛି । ଜବତ ହୋଇଥିବା ସିମ୍ ବକ୍ସରେ 'ମେଡ୍ ଇନ୍ ଚାଇନା' ଲେଖା ଥିବାରୁ ଚୀନ୍ ଭାରତରେ ଭାୟା ବଙ୍ଗଳାଦେଶ ଦେଇ ଆତଙ୍କବାଦ ଚଳାଇଛି ବୋଲି ପୁଲିସ ଅନୁମାନ କରୁଛି ।

ବଙ୍ଗଳାଦେଶରୁ ଆସି ଓଡ଼ିଶାରେ ସିମ୍ ବକ୍ସ ର୍ୟାକେଟ୍ ଚଳାଇଥିବା ଗୁରୁ ମଣ୍ଡଳ ଆଉ ଜମାତ୍-ଉଲ୍-ମୁଜାହିଦ୍ଦିନ୍ ଆତଙ୍କବାଦୀ ଗୋଷ୍ଠୀର ନାସିର୍ ଅଖ୍‌ତାରକୁ ଭୁବନେଶ୍ୱର ପୁଲିସ ଗିରଫ କରିବା ପରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ସବୁଠି ଉ□ଜନା ପ୍ରକାଶ ପାଇଛି ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଓଡ଼ିଶାରେ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ଥିବା

ନେଇ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ପୂର୍ବରୁ ପୁଲିସକୁ ଅନେକ ଥର ସୂଚନା ଦେଇଥିଲା । ମାତ୍ର, ପୁଲିସ ତା' କଥାକୁ ଏତେ ଗୁରୁତ୍ୱ ଦେଉ ନଥିଲା । ଆଜି କିନ୍ତୁ ତା' ସନ୍ଦେହ ସତ ପ୍ରମାଣିତ ହୋଇଛି ।

ଜମ୍ମୁ-ଖରିନାସୀ ଅ*ଳରେ ରହୁଥିବା ବଙ୍ଗୀୟ ଶରଣାର୍ଥୀଙ୍କୁ ଢାଲ କରି ହଜାର ହଜାର ସଂଖ୍ୟାରେ ବେଆଇନ୍ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଓଡ଼ିଶା ଭିତରକୁ ପ୍ରବେଶ କରୁଛନ୍ତି । ଆଉ ଯାବତୀୟ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଏହି କଥା ହିଁ କହି ଆସୁଥିଲା ପ୍ରଭୁକଲ୍ୟାଣ ମହାନ୍ତି ।

ଗୁରୁ ମଣ୍ଡଳ ବଙ୍ଗଳାଦେଶରୁ ସମୁଦ୍ର ବାଟେ ଆସି ପ୍ରଥମେ ଖରିନାସୀର ନବଘନ ମାଇତିର ଘରେ ରହୁଥିଲା । ନାସିର୍ ଅଖ୍‌ତାର ମଝିରେ ମଝିରେ ଢାକାରୁ ଓଡ଼ିଶା ଆସୁଥିଲା ଓ ଭୁବନେଶ୍ୱରର ଏକ ହୋଟେଲ୍‌ରେ ରହୁଥିଲା ।

ଗୁରୁ ମଣ୍ଡଳ ସହ ନାସିର୍ ଅଖ୍‌ତାର କେତେ ଥର ଖରିନାସୀର ନବଘନ ମାଇତିର ଘରକୁ ବି ଯାଇଥିଲା । ଏହା ପୁଲିସ ଜାଣି ପାରିଛି ।

ଗୁରୁ ମଣ୍ଡଳ ବଙ୍ଗଳାଦେଶରୁ ଚାଲି ଆସିବା ପରେ ପା*ବର୍ଷ ଧରି ଖରିନାସୀର ନବଘନ ମାଇତିର ଘରେ ରହୁଥିଲା । ଗୁରୁ ମଣ୍ଡଳ ନବଘନ ମାଇତିର ଘରେ ସିମ୍ ବକ୍ସ ଇନ୍‌ଷ୍ଟଲ୍ କରି ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ଥିଲା ।

ଖରିନାସୀ ଅ*ଳରେ ଇ[ରନେଟ୍ ସମସ୍ୟା ଯୋଗୁଁ ଏଠାରେ ସିମ୍ ବକ୍ସ କାରବାରକୁ ନିୟନ୍ତ୍ରଣ କରି ହେବନି ବୋଲି ନାସିର୍ ଅଖ୍‌ତାର ଗୁରୁ ମଣ୍ଡଳକୁ ବୁଝାଇବା ପରେ ସେମାନେ ଭୁବନେଶ୍ୱରରେ ଏକ ଭଡ଼ା ଘର ଖୋଜିଥିଲେ । ଶେଷରେ ଲକ୍ଷ୍ମୀସାଗର ଅ*ଳରେ ଏକ ଭଡ଼ାଘରେ ସେମାନେ ରହୁଥିଲେ ।

ନାସିର୍ ଅଖ୍‌ତାର ଓ ଗୁରୁ ମଣ୍ଡଳ ବଙ୍ଗଳାଦେଶରୁ ସିମ୍ ବକ୍ସ ଆଣି ଭୁବନେଶ୍ୱର ସମେତ କଟକ, ବାଲେଶ୍ୱର, ଭଦ୍ରକ, ବାରିପଦା, ଜମ୍ମୁ-ଖରିନାସୀ, ନବରଙ୍ଗପୁର, କୋରାପୁଟ, ମାଲ୍‌କାନ୍‌ଗିରି ଆଦି ଅ*ଳରେ ଇନ୍‌ଷ୍ଟଲ୍ କରିଥିଲେ । ଭୁବନେଶ୍ୱରରୁ ସେମାନେ ଏହାକୁ ନିୟନ୍ତ୍ରଣ କରୁଥିଲେ ।

ସିମ୍ ବକ୍ସକୁ ବ୍ୟବହାର କରି ନାସିର୍ ଅଖ୍‌ତାର ଓ ଗୁରୁ ମଣ୍ଡଳ ପାକିସ୍ତାନ, ଚୀନ୍ ଓ ମଧ୍ୟପ୍ରାଚ୍ୟ ଭଳି ଦେଶକୁ କଲ୍ ଓ ମେସେଜ୍ କରି ଗୁପ୍ତ ତଥ୍ୟ ପ୍ରଦାନ କରୁଥିଲେ ବୋଲି ପୁଲିସ ପ୍ରମାଣ ପାଇଛି ।

ଓଡ଼ିଶାରେ ବିଭିନ୍ନ ପ୍ରକାର ସାଇବର ଠକେଇ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଏହି ସିମ୍ ବକ୍ସକୁ ବ୍ୟବହାର କରାଯାଉଥିଲା ବୋଲି ଜଣାପଡ଼ିବା ପରେ ବଙ୍ଗଳାଦେଶୀଙ୍କ ଉପରେ ସନ୍ଦେହ ବଢ଼ିବାରେ ଲାଗିଲାଣି । ସବୁଠି ବଙ୍ଗଳାଦେଶୀ ହଟାଅ ଅଭିଯାନ ଜୋର୍ ଧରିଲାଣି ।

ବଙ୍ଗଳାଦେଶୀଙ୍କ ଏ ସିମ୍ ବକ୍ସ ର୍ୟାକେଟ୍‌କୁ ପ୍ରଥମେ ଭୁବନେଶ୍ୱରର ଲକ୍ଷ୍ମୀସାଗର ପୁଲିସ ଠାବ କରିପାରିଥିଲା । ଲକ୍ଷ୍ମୀସାଗରରୁ ଏହି ସିମ୍ ବକ୍ସ ର୍ୟାକେଟ୍ ଠାବ ହେବା ପରେ ଏହାର ଚେର ଜମ୍ମୁ-ଖରିନାସୀ ପର୍ଯ୍ୟନ୍ତ ଲମ୍ବିଥିବା କଥା ପୁଲିସ ଜାଣିବାକୁ ପାଇଥିଲା ।

ଏବେ ସିମ୍ ବକ୍ସ ମାମଲାର ତଦନ୍ତ ଭାର ଏନ୍‌ଆଇଏ (ନ୍ୟାସ୍‌ନାଲ ଇନ୍‌ଭେଷ୍ଟିଗେସନ ଏଜେନ୍‌ସି) ହାତକୁ ନେବା ପରେ ଏହି ର୍ୟାକେଟ୍‌ର ଚେର ଖରିନାସୀରୁ ଭାୟା ଭୁବନେଶ୍ୱର, କଟକ ଦେଇ ରାଂ, ପାଟ୍‌ନା, ରାୟପୁର, ହାଇଦ୍ରାବାଦ, କୋଲକାତା ପର୍ଯ୍ୟନ୍ତ ଲମ୍ବିଥିବା ନେଇ ଜଣାପଡ଼ିଲାଣି ।

ଏନ୍‌ଆଇଏ ଗୁରୁ ମଣ୍ଡଳ ଆଉ ନାସିର୍ ଅଖ୍‌ତାର ପାଖରୁ ଶହେରୁ ଅଧିକ ସିମ୍ ବକ୍ସ, ରାଉଟ୍‌ର ମୋଡେମ୍, ପା*ଶହରୁ ଅଧିକ ସିମ୍ କ୍ୟାରିଅର, ଏକ୍ସେନ୍‌ସନ କେବୁଲ୍ ଆଉ ହଜାର ହଜାର ସଂଖ୍ୟାରେ ସକ୍ରିୟ ସିମ୍ କାର୍ଡ ଜବତ କରିବା ପରେ ବଙ୍ଗଳାଦେଶୀ ଆତଙ୍କବାଦୀ ଓଡ଼ିଶାରେ କେମିତି ସକ୍ରିୟ ତାର ପର୍ଦ୍ଦାଫାଶ୍ ହୋଇଛି ।

ଗୁରୁ ମଣ୍ଡଳ ପ୍ରଥମେ ବଙ୍ଗଳାଦେଶରୁ ମାଛଧରା ଡଙ୍ଗାରେ ସମୁଦ୍ର ବାଟ ଦେଇ ଜମ୍ମୁଦ୍ୱୀପକୁ ଚାଲି ଆସିଥିଲା । ବର୍ଷବର୍ଷ ଧରି ନବଘନ ମାଇତିର ଘରେ ରହୁଥିଲା । ପ୍ରଥମେ ପ୍ରଥମେ ସେ କପଡ଼ା ବ୍ୟବସାୟ କରୁଥିଲା । ଏକଥା କେହି ଜାଣି ପାରୁ ନଥିଲେ ।

କାଳକ୍ରମେ ଗୁରୁ ମଣ୍ଡଳର ଜମାତ୍-ଉଲ୍-ମୁଜାହିଦ୍ଦିନ୍ ଆତଙ୍କବାଦୀ ଗୋଷ୍ଠୀର ନାସିର୍ ଅଖ୍‌ତାର ସହ ସମ୍ପର୍କ ହେଲା । ମଝିରେ ମଝିରେ ନାସିର୍ ଅଖ୍‌ତାର ଅଗରତାଲା ବାଟେ ଓଡ଼ିଶାକୁ ଆସି ଖରିନାସୀ ପର୍ଯ୍ୟନ୍ତ ଯାଏ । ଖରିନାସୀରେ ଗୁରୁ ମଣ୍ଡଳକୁ ଦେଖା କରିବା ପରେ ପୁଣି ଢାକା ଫେରିଯାଏ ।

ଭୁବନେଶ୍ୱର ପୁଲିସ ସହାୟତାରେ ଏନ୍‌ଆଇଏ ଓଡ଼ିଶାର ବିଭିନ୍ନ ସହରମାନଙ୍କରେ ଚଢ଼ାଉ ଜାରି ରଖିଛି । ଏହା ସହିତ ରାଂ, ପାଟ୍‌ନା, ରାୟପୁର, ହାଇଦ୍ରାବାଦ, କୋଲକାତାରେ ମଧ୍ୟ ଏନ୍‌ଆଇଏ ତଦନ୍ତ ଜାରି ରଖିଛି ।

ଗୁରୁ ମଣ୍ଡଳ ଆଉ ନାସିର ଅଖ୍‌ତାରର ଏ ର୍ୟାକେଟ୍ ଜମ୍ମୁ-ଖରିନାସୀରୁ ଆରମ୍ଭ କରି ଭୁବନେଶ୍ୱର, କଟକ, କୋରାପୁଟ, ନବରଙ୍ଗପୁର, ଉମରକୋଟ, ମାଲ୍‌କାନଗିରି ଭଳି ବଙ୍ଗଭାଷୀ ଇଲାକାରେ ମଧ୍ୟ ସକ୍ରିୟ ରହିଥିବା ପୁଲିସ ସୁରାକ୍ ପାଇଛି ।

ଏନ୍‌ଆଇଏ ସ୍ଥାନୀୟ ପୁଲିସ ସହାୟତାରେ ଏସବୁ ଅ*ଳରେ ଚଢ଼ାଉ ଜାରି ରଖିଛି । ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏନ୍‌ଆଇଏକୁ ଅନେକ ଆପ□ଜନକ ତଥ୍ୟ ମିଳିଛି ।

ଗୁରୁ ମଣ୍ଡଳ ଭୁବନେଶ୍ୱରର ଲକ୍ଷ୍ମୀସାଗର ଅ*ଳରେ ଏକ ତିନି ମହଲା ଭଡ଼ା ଘରୁ ତାର ଏହି ସିମ୍ ବକ୍ସ ନେଟ୍‌ୱର୍କକୁ ନିୟନ୍ତ୍ରଣ କରୁଥିଲା । ନାସିର୍ ଅଖ୍‌ତାର ମଝିରେ ମଝିରେ ଓଡ଼ିଶା ଆସି ଏହାର ତଦାରଖ କରୁଥିଲା । ଗୁରୁ ମଣ୍ଡଳ ଓ ନାସିର୍ ଅଖ୍‌ତାର ଓଡ଼ିଶା ସମେତ

ଓଡ଼ିଶା ବାହାରେ ମଧ୍ୟ ସେମାନଙ୍କର ଜାଲ ବିସ୍ତାର କରିଥିଲେ ।

ଭୁବନେଶ୍ୱରରେ ଭଡ଼ାଘର ଠିକ୍ ହୋଇଯିବା ପରେ ନାସିର ଅଖ୍‌ତାର ଢାକାରୁ ପ୍ରଥମ ପର୍ଯ୍ୟାୟରେ ପଚାଶଟି ସିମ୍ ବକ୍ସ ମଗାଇଥିଲା । ଏସବୁ ସିମ୍ ବକ୍ସ ବଙ୍ଗଳାଦେଶରୁ ପଶ୍ଚିମବଙ୍ଗ ଦେଇ ଓଡ଼ିଶାରେ ପହଁଚିଥିଲା । ପରେ ନାସିର୍ ଅଖ୍‌ତାର ଆହୁରି ଅଧିକ ସଂଖ୍ୟାରେ ସିମ୍ ବକ୍ସ ମଗାଇଥିଲା ।

ସିମ୍ ବକ୍ସକୁ ଯେମିତି କେହି ଜାଣି ନ ପାରିବେ କିମ୍ବା ସନ୍ଦେହ ନ କରିବେ, ନାସିର୍ ଅଖ୍‌ତାର ତାକୁ ମ୍ୟୁଜିକ୍ ସିଷ୍ଟମ ଖୋଳରେ ପ୍ୟାକିଂ କରି ଆଣୁଥିଲା । ନାସିର୍ ଅଖ୍‌ତାର ଏସବୁ ସିମ୍ ବକ୍ସକୁ ଗୁରୁ ମଣ୍ଡଳ ରହୁଥିବା ଲକ୍ଷ୍ମୀସାଗର ଭଡ଼ାଘରେ ଇନ୍‌ଷ୍ଟଲ କରିଥିଲା । ନାସିର୍ ଅଖ୍‌ତାର ପ୍ରଥମେ ଚାଳିଶଟି ସିମ୍ ବକ୍ସ ଇନ୍‌ଷ୍ଟଲ୍ କରି ବାକି ଦଶଟି ସିମ୍ ବକ୍ସକୁ ରିଜର୍ଭ ରଖିଥିଲା । ଯଦି କୌଣସି ସିମ୍ ବକ୍ସ ଖରାପ ହୋଇଯାଉଥିଲା, ତେବେ ରିଜର୍ଭ ଥିବା ସିମ୍ ବକ୍ସକୁ ବ୍ୟବହାର କରୁଥିଲା ।

ଗୁରୁ ମଣ୍ଡଳ ଲକ୍ଷ୍ମୀସାଗର ଘରେ ପ୍ଲାଇଉଡ୍‌ରେ ଥାକସବୁ ନିର୍ମାଣ କରି ସେଥିରେ ସିମ୍ ବକ୍ସ ଖଞ୍ଜିଥିଲା । ଏଥିରେ ଅଧିକାଂଶ ପଶ୍ଚିମବଙ୍ଗର ଏୟାରଟେଲ୍ ସିମ୍‌କୁ ବ୍ୟବହାର କରାଯାଉଥିଲା । ଦେଶର ପ୍ରମୁଖ ଇ[ରନେଟ୍ ସଂସ୍ଥାର କନେକ୍ସନ ଗୁରୁ ମଣ୍ଡଳ ନାମରେ ନିଆଯାଇଥିଲା । ଗୁରୁ ମଣ୍ଡଳର ସମ୍ପର୍କୀୟମାନେ ପଶ୍ଚିମବଙ୍ଗରେ ରହୁଥିବାରୁ ସେ ମଝିରେ ମଝିରେ କଲିକତା ଯାଉଥିଲା ।

ନାସିର୍ ଅଖ୍‌ତାର ଭୁବନେଶ୍ୱରରେ କିଛିଦିନ ରହି ଗୁରୁ ମଣ୍ଡଳକୁ ସିମ୍ ବକ୍ସ ପରିଚାଳନାର ତାଲିମ୍ ଦେଇ ପୁଣି ଢାକା ଫେରି ଯାଉଥିଲା । ଗୁରୁ ମଣ୍ଡଳ ଲକ୍ଷ୍ମୀସାଗର ଭଡ଼ା ଘରେ ରହି ଏସବୁ ସିମ୍ ବକ୍ସ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବୁଝୁଥିଲା ଓ ମଝିରେ ମଝିରେ ସେ ଖରିନାସୀର ନବଘନ ମାଇତିର ଘରକୁ ଚାଲି ଯାଉଥିଲା ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସିମ୍ ବକ୍ସ ଜରିଆରେ ରାଉଟର୍ କିମ୍ବା ଅନ୍ୟ ଉପକରଣ ଲଗାଇ କୌଣସି କଲ୍ ସହ ସଂଯୋଗ କରାଯାଇ ପାରେ । ଏହି ସିମ୍ ବକ୍ସରେ ଏକକାଳୀନ ଅନେକ ବକ୍ସ ଲଗାଯାଇପାରେ । ଫଳରେ ଏହା ଉପରେ ତୀକ୍ଷ୍ଣ ନଜର ରଖୁଥିବା ତଦନ୍ତକାରୀ ସଂସ୍ଥା ମଧ୍ୟ ବିଭ୍ରାନ୍ତ ହୋଇଯାଏ । ଏହାର ଟେର୍ ପାଏନି ।

ଏହି ବକ୍ସରେ ଗୋଟିଏ କ୍ଲିକ୍‌ରେ ହଜାରେରୁ ଊର୍ଦ୍ଧ୍ୱ ମେସେଜ୍ ପ୍ରେରଣ କରାଯାଇପାରେ । ଏହି ମେସେଜ୍ ଜରିଆରେ ଯେକୌଣସି ଅପରାଧିକ ଷଡଯନ୍ତ୍ର ରଚାଯାଇ ପାରେ । ଏମାନେ ସିମ୍‌ବକ୍ସ ଜରିଆରେ ଅନ୍ତର୍ଜାତୀୟ କଲ୍‌କୁ ଲୋକାଲ୍ କଲ୍‌ରେ ପରିଣତ କରିପାରୁଥିଲେ ।

ଗୁରୁ ମଣ୍ଡଳର ଆକାଉ[କୁ ଜମାତ୍-ଉଲ୍-ମୁଜାହିଦ୍ଦିନ୍ ଆତଙ୍କବାଦୀ ସଂସ୍ଥାଠାରୁ ହାୱାଲା ମାଧ୍ୟମରେ ଟଙ୍କା ଆସୁଥିଲା । ନାସିର୍ ଅଖ୍‌ତାର ବଙ୍ଗଳାଦେଶରେ ରହି ସିମ୍ ବକ୍ସ

କାରବାରକୁ ମନିଟରିଂ କରୁଥିଲା ।

ପୁଲିସର ଚଢ଼ାଉ ପରେ ଏହା ଲୋକଲୋଚନକୁ ଆସିଛି । କପଡ଼ା ବ୍ୟବସାୟ କରିବ ବୋଲି ଗୁରୁ ମଣ୍ଡଳ ଲକ୍ଷ୍ମୀସାଗର ଘର ମାଲିକ ସହ ଦୁଇ ବର୍ଷିଆ ଚୁକ୍ତି କରିଥିଲା । ଗୁରୁ ମଣ୍ଡଳ ଘର ମାଲିକକୁ ମାସକୁ ଅଠର ହଜାର ଟଙ୍କା 'ଫୋନ୍ ପେ' ମାଧ୍ୟମରେ ପେମେ[କରୁଥିଲା ।

ପୁଲିସ ଘର ମାଲିକର ବ୍ୟାଙ୍କ ଆକାଉ[, ଗୁରୁ ମଣ୍ଡଳର ୫ଟି ବ୍ୟାଙ୍କ ଆକାଉ[, ନାସିର ଅଖ୍‌ତାରର ୪ଟି ଆକାଉ[ସିଜ୍ କରି ଅଧିକ ତଦନ୍ତ ଜାରି ରଖିଛି । ପୁଲିସ ମଧ୍ୟ ସମ୍ପୃକ୍ତ ବ୍ୟାଙ୍କମାନଙ୍କରେ ଚଢ଼ାଉ କରି ତଦନ୍ତ ଆଗକୁ ଲମ୍ବାଇଛି ।

ଗୁରୁ ମଣ୍ଡଳ ସୋସିଆଲ୍ ମିଡିଆରେ ବି ସକ୍ରିୟ ଥିଲା । ସୋସିଆଲ୍ ମିଡିଆ ମାଧ୍ୟମରେ ଅନେକ ଯୁବକଙ୍କୁ ସିମ୍ ବକ୍ସ ର‍ୟାକେଟ୍‌ରେ ସାମିଲ୍ କରିଥିଲା ।

ପୁଲିସ ଭୁବନେଶ୍ୱରର ହୋଟେଲ୍ ଉପରେ ଚଢ଼ାଉ କରି ନାସିର୍ ଅଖ୍‌ତାର ଏବଂ ଗୁରୁ ମଣ୍ଡଳ ବିଷୟରେ ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି । ସିମ୍ ବକ୍ସ ର‍ୟାକେଟ୍‌ର ମାଷ୍ଟର ମାଇଣ୍ଡ କୁହାଯାଉଥିବା ନାସିର୍ ଅଖ୍‌ତାର ଦୁଇ ବର୍ଷ ଧରି ଭୁବନେଶ୍ୱରର ହୋଟେଲ୍‌ରେ ରହୁଥିଲା ।

ନାସିର ଅଖ୍‌ତାର ମଝିରେ ମଝିରେ ସେ ଭୁବନେଶ୍ୱରରୁ ଢାକା ଚାଲିଯାଏ । ପୁଣି କିଛି ମାସ ପରେ ଭୁବନେଶ୍ୱର ଫେରେ ।

ଗୁରୁ ମଣ୍ଡଳ ଲକ୍ଷ୍ମୀସାଗର ଭଡ଼ା ଘରେ ନିଜ ନାମରେ ଅପ୍‌ଟିକାଲ୍ ଫାଇବର ଇ[ରନେଟ୍ କନେକ୍ସନ ନେଇଥିଲା । ଗୁରୁ ମଣ୍ଡଳ ଅଳ୍ପ କିଛିଦିନ ଲକ୍ଷ୍ମୀସାଗର ଭଡ଼ା ଘରେ ରହୁଥିଲା । ଅଧିକାଂଶ ସମୟରେ ସେ ଖରିନାସୀ ଚାଲି ଯାଉଥିଲା । ଯଦି କୌଣସି ସମୟରେ ସିମ୍ ବକ୍ସକୁ ନେଟ୍‌ୱର୍କ କିମ୍ବା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଉଥିଲା କିମ୍ବା ଅନ୍ୟାନ୍ୟ କ'ଣ ସମସ୍ୟା ହେଉଥିଲା, ନାସିର୍ ଅଖ୍‌ତାର ତୁରନ୍ତ ଗୁରୁ ମଣ୍ଡଳକୁ ମେସେଜ୍ କରୁଥିଲା ।

ଗୁରୁ ମଣ୍ଡଳ ଖରିନାସରୁ ଲକ୍ଷ୍ମୀସାଗର ଭଡ଼ାଘରକୁ ଆସି ସଜଡ଼ା ସଜଡ଼ି କରିବା ପରେ ପୁଣି ଖରିନାସୀ ଫେରି ଯାଉଥିଲା । ମଝିରେ ମଝିରେ ନାସିର୍ ଅଖ୍‌ତାର ଭୁବନେଶ୍ୱର ଆସି ଗୁରୁ ମଣ୍ଡଳକୁ ତା' କାମ ବିଷୟରେ ବୁଝାଉଥିଲା ।

ଖରିନାସୀର ନବଘନ ମାଇତିର ବୋହୂ ରୂପା ମାଇତି ସହ ଗୁରୁ ମଣ୍ଡଳର ଅନୈତିକ ସମ୍ପର୍କ ଥିଲା । ରୂପାର ଶ୍ୱଶୁର ନବଘନ ମାଇତି ଏହା ଜାଣିଥାଏ । କିନ୍ତୁ ନିରବ ରହୁଥାଏ । କାରଣ ସେ ବି ତ ବୋହୂଟା ସହ ପାପ ସମ୍ପର୍କ ରଖିଥାଏ । ବିଚାରୀ ରୂପା ମାଇତି ବାହା ହେବାଦିନୁ ସ୍ୱାମୀ କ'ଣ ଜାଣି ନଥାଏ ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ଏସବୁ କାରବାର ଜଣାପଡ଼ିବା ପରେ ସରକାର

ଏବେ କି ପଦକ୍ଷେପ ନେବେ ତାକୁ 'ହେନ୍ତାଳ ବନ ସୁରକ୍ଷା ସମିତି'ର ଆବାହକ ପ୍ରଭୁକଲ୍ୟାଣ ମହାନ୍ତି ଅପେକ୍ଷା କରିଥାଏ । ଆଉ ଅପେକ୍ଷା କରିଥାଏ, କେବେ ଓଡ଼ିଶାରୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ନିଜ ଦେଶକୁ ଫେରାଇ ଦିଆଯିବ ?

୨୦

ତେଣ୍ଡାକୂଳ ବିଲରେ ଆଳୁ ପାଣି ଦେବାକୁ ବାପା ତରବର ହୋଇ ବାହାରି ପଡ଼ିବେ । କାରଣ, ନଈରୁ ଥରେ ଜୁଆର ଖସିଲେ ପୁଣି ଯାଇ ପର ଦିନକୁ ଅନେଇଥା' ।

ବାପା ସକାଳୁ ପଖାଳ, ଆଳୁଭ□ା, ପୋଇନାଟି ଶୁଖୁଆ ରାଇତା ଖାଇ ବିଲକୁ ବାହାରି ପଡ଼ିବେ । ସଅଳ ବିଲରେ ନ ପହଁ*ଲେ ଅସୁବିଧା ହୋଇଯିବ ।

ଭୋର୍ ପା*ଟା ବେଳକୁ ଜୁଆର ନାଳଉଥିବ । ଜୁଆର ଫେଣ ଧରି ଆସିବା ବେଳକୁ ବାପା ତେଣ୍ଡାକୂଳ ବିଲରେ ହାଜର ହୋଇ ଯାଇଥିବେ ।

ଧୀରେ ଧୀରେ ଜୁଆର ପାଣି ଉପରକୁ ମାଡ଼ିବ । ପାଣି ସ୍ତର ବଢ଼ିବ । ଗୋବରୀ ନଈ ଫୁଲି ଉଠିବ ।

ବାପା ଜନ୍ତରେ ପାଣି ଉଠାଇବେ । ମାହାରା ଦେଇ ପାଣି ଯାଇ କିଆରିରେ ପହଁ* ଯିବ । ଆମେସବୁ ଗୋଟିଏ ଗୋଟିଏ ମାହାରା ଫିଟେଇ ମନ୍ଦାକୁ ପାଣି ମଡ଼େଇବୁ । ଏସବୁ ଆମ ପାଇଁ ବେଶି କିଛି କଷ୍ଟ କାମ ନଥିବ । ଖାଲି ହୁଡ଼ାର ମୁହଁ ଖୋଲିଦବା କଥା । ପାଣି ତାର ଆପଣା ଛାଏଁ ମାଡ଼ିବ । ବାପା ଜନ୍ତରୁ ପାଣି ଉଠାଇ ମନ୍ଦାରେ ଢାଳୁଥିବେ ।

ପୂର୍ବଦିନ ଆଳୁ ବିଲର ଡବଲ ହୁଡ଼ା ଦିଆ ଯାଇଥିବ । ଆଳୁରେ ୟୁରିଆ, ଗ୍ରୋମର ସାର ଦେଇ ଆମେସବୁ ହୁଡ଼ା ଟେକିଥିବୁ । ଆଜି ଭୋରୁ ଭୋରୁ ପାଣି ମଡ଼ା ଯିବାର ଥିବ ।

ସେପଟେ ସୋରିଆ ନାନୀଙ୍କର କୋବି ଆଉ ଲଙ୍କା କିଆରିକୁ ବି ମାଣି ମଡ଼ାଯିବାର ଥିବ । ସୋରିଆ ନାନୀର ବାପା ମଧ୍ୟ ଜନ୍ତାରେ ପାଣି ମଡ଼ାଉଥିବେ ।

ସୋରିଆ ନାନୀଙ୍କର ବନ୍ଧାକୋବି ପତ୍ର ବାନ୍ଧିବା ଆରମ୍ଭ କରି ଦେଇଥିବ । ଫୁଲକୋବିର ଫୁଲ ଧରିଥିବ । ଗୋଟିଏ ଗୋଟିଏ ବନ୍ଧାକୋବିର ପତ୍ର ବାନ୍ଧୁ ନଥିବ । ସୋରିଆ ନାନୀ ଦୁଇ ତିନୋଟି ପତ୍ରକୁ ଗୁଡ଼େଇ ତା' ଉପରେ ଗୋଡ଼ିଟିଏ ଥୋଇ ଦେଉଥିବ । ଏମିତି କଲେ ବନ୍ଧାକୋବି ଶୀଘ୍ର ବାନ୍ଧିବ ବୋଲି ଆମେସବୁ ଜାଣିଥିଲୁ ।

ସୋରିଆ ନାନୀଙ୍କ ଲଙ୍କା ଗଛରେ ଟିକିଟିକି ଧଳା ରଙ୍ଗର ଲଙ୍କାଫୁଲ ତାରା ଭଳି

ଫୁଟିଥିବ । ସବୁଜ ରଙ୍ଗର ଲଙ୍କା କିଆରିରେ ଟିକିଟିକି ଧଳାଫୁଲ ଖୁବ୍ ସୁନ୍ଦର ଦିଶୁଥିବ ।

ହାଡ଼ିଆ ଭାଇ ତାଙ୍କ ଧଣିଆ କିଆରିରୁ ଘାସ ବାଛୁଥିବ । ହାଡ଼ିଆ ଭାଇର କୂଳ ବିଲରେ ବିଶେଷ କିଛି କାମ ନଥିଲେ ବି ସେ ସୋରିଆ ନାନୀକୁ ଲାଇନ ମାରିବାକୁ ଆସିଥିବ ।

ମୋତେ ସେ ହାଡ଼ିଆ ଭାଇଟା ଜମ୍ପା ଭଲ ଲାଗେନା । ସେଇଟା ଡମ୍ଫାଟା । ଫାଡ଼ାଟା । ଚବିଶ ଘ[। ସେ ଖାଲି ସେ ମଙ୍ଗୁଆ ପ୍ରଧାନର ବଙ୍ଗାଳୀ ମାଇକିନା ଘରେ ଗଲୁଥିବ ।

ମଙ୍ଗୁଆ ପ୍ରଧାନ କଲିକତାରେ ଚଟକଳରେ କାମ କରୁଥିବାବେଳେ କଲିକତାରୁ ଏ ବଙ୍ଗାଲୁଣୀକୁ ଧରି ନେଇ ଆସିଥିଲା । ସେ ବଙ୍ଗାଲୁଣୀ ମହା ଫୁଲେଇ । ଚତୁର କଥା କହି ଟୋକାଙ୍କ ପାଖରୁ କାମ ଆଦାୟ କରିନେବାରେ ସେ ଧୁରନ୍ଧର ଥିଲା ।

ସୋରିଆ ନାନୀଟା ଭାରି ସରଳ ଝିଅ । ସେ ଜାଣେ ହାଡ଼ିଆ ଭାଇଟାର ଚରିତ୍ର ଭଲ ନୁହଁ । ଗାଁରେ ତା'ର ବହୁ ଝିଅବୋହୂଙ୍କ ସହ ଖରାପ ସମ୍ପର୍କ ଥାଏ । ତଥାପି ହାଡ଼ିଆ ଭାଇଟା ତାକୁ ଗି ଗଦ ସୁଙ୍ଗେଇଥାଏ କେଜାଣି ?

ହାଡ଼ିଆ ଭାଇ ଭଳି ଛତରା ଚରିତ୍ରହୀନ ଟୋକାଟା ପାଇଁ ସୋରିଆ ନାନୀ ଭଳି ବୁଦ୍ଧିମତୀ ଝିଅ ବି ପାଗିଳୀ ହୋଇଯାଏ । କେଜାଣି, ପ୍ରେମରେ ପଡ଼ିଲେ ଏମିତି ହୁଏ କି ? ମୋ' ପିଲା ମୁଣ୍ଡରେ ଏ ପ୍ରେମ ଫ୍ରେମ କିଛି ପଶେନା ।

ବାପା, ଜନ୍ତରେ ପାଣି ମଡ଼ା ଛାଡ଼ି ଗୋବରୀ ନଈ କୂଳରେ ଥିବା ବରଗଛ ମୂଳେ ସାମାନ୍ୟ ବିଶ୍ରାମ ନେବେ ଓ ପାଣି ପିଇବେ । ଆମେ ସେ ବରଗଛକୁ 'କୂଳ ବରଗଛ' ବୋଲି କହୁ ।

କୂଳ ବରଗଛରେ ବହୁତ ଡାହାଣୀ, ଭୂତ ଥା'ନ୍ତି ବୋଲି ମୋତୀ ବଡ଼ଉ, ଗୋବିନ୍ଦା ବୁଢ଼ୀ ହେରିକା କହନ୍ତି । ସେ ବରଗଛରେ ମୀନା ଚିରୁଗୁଣୀ ରହେ । ମୀନା ଚିରୁଗୁଣୀ ଡରରେ ଆମେସବୁ ରାତି ହେଲେ ଘରୁ ବାହାରକୁ ବାହାରୁନା । ଏମିତିକି ଅଧ ରାତିରେ ପିଣ୍ଡାକୁ ପରିସ୍ରା କରି ଉଠୁନା ।

ଆମ ଗାଁର ପଦିଆ ରାଉତର ସ୍ତ୍ରୀ ମୀନା ପେଟରେ ଛୁଆ ଥିବା ଅବସ୍ଥାରେ ବେକରେ ଦଉଡ଼ି ଦେଇ ମରିଗଲା । ପଦିଆ ରାଉତ ନୂଆ ବାହା ହୋଇଥିଲା । ପଦିଆର ଚରିତ୍ର ଭଲ ନଥିଲା । ନୂଆ ବାହା ହୋଇଥାଇ ମଧ୍ୟ ସେ ତା' ବଡ଼ ଭାଉଜ ସହ ଖରାପ ସମ୍ପର୍କ ରଖୁଥିଲା ।

ଦିନେ ପଦିଆ ତା' ବଡ଼ ଭାଉଜ ପାଖରେ ଶୋଇଥିବାର ମୀନା ଦେଖିଦେଲା । ସେଦିନ ମୀନା ପଦିଆ ମଧ୍ୟରେ ଜୋର୍ ଝଗଡ଼ା ହେଲା । ଦିନରେ ପଦିଆ ବିଲକୁ ଯାଇଥିବାବେଳେ ମୀନା ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଦେଲା । ମଲା ବେଳକୁ ମୀନା ଗର୍ଭବତୀ ଥିଲା ।

ମୋତୀ ବଡ଼ଉ କହୁଥିଲା, ପେଟରେ ଛୁଆ ଥାଇ ଯଦି କେହି ଭୁଆଶୁଣୀ ଆତ୍ମହତ୍ୟା

କରେ, ମଲାପରେ ସେ ଚିରୁଗୁଣୀ ହୁଏ । ମୀନା ଚିରୁଗୁଣୀ ହୋଇଛି ବୋଲି ଆମ ମନରେ ଭାରି ଡର ଥାଏ ।

ଅନ୍ଧାର କିଟିକିଟି ରାତିରେ ମୀନା ଚିରୁଗୁଣୀ ତା' ପୁଅକୁ କୂଳ ବରଗଛ ମୂଳେ ନିଆଁ ଜାଳି ଶେକୁଥାଏ ବୋଲି ମୋତୀ ବଡ଼ଉ କହେ । ସତକୁ ସତ ରାତି ଅଧରେ ଆମେ ଝରକା ଫାଙ୍କ ଦେଇ କୂଳ ବିଲ ଆଡ଼େ ନିଆଁ ଜଳୁଥିବାର ଦେଖୁ । ମୋ' ବୋଉ କହେ, ଶୋଇପଡ଼ ମୀନା ଚିରୁଗୁଣୀ ଆସିବ । ଆମେ ଡରରେ ଶୋଇପଡୁ ।

ଗୋବିନ୍ଦା ବୁଢ଼ୀ ତ ଆହୁରି ଭୟଙ୍କର କଥା କହେ । ଗୋବିନ୍ଦା ବୁଢ଼ୀର ଗପ ଶୁଣି ଭୟରେ ଆମ ଛାତି ଧଡ଼ପଡ଼ ହୁଏ । ଗୋବିନ୍ଦା ବୁଢ଼ୀର ଗପ ଶୁଣିବାକୁ ହେଲେ ଛାତିରେ ସେତିକି ଦମ୍ ଥିବା ଦରକାର ।

ଗୋବିନ୍ଦା ବୁଢ଼ୀ ତା' ବାପଘର କଥା କହେ । ତା' ବାପା ଗୋଟିଏ ବିରାଟ ମର୍ଦ୍ଦ ଥିଲା । ଛଅ ଫୁଟ ଛଅ ଇ*ର ଲମ୍ବା ଚଉଡ଼ା ମଣିଷ ।

ଗୋବିନ୍ଦା ବୁଢ଼ୀର ବାପା ପ୍ରବଳ ଖାଏ । କିଲେ ଦେଢ଼କିଲ ଚାଉଳର ଭାତ ଏକୁଟିଆ ଖାଇଯାଏ । ଏକାଥରେ ସେ ବାଲ୍‌ତିଏ କ୍ଷୀର ପିଇଯାଏ । ଦୁଇ କିଲୋ ଗାଈଛେନା ଥରକେ ଖାଇଯାଏ । ପୁଣି ବୋତଲ ବୋତଲ ସୋରିଷ ତେଲ କ*ା ପିଇଯାଏ । ଖାଇବାରେ ଗୋବିନ୍ଦା ବୁଢ଼ୀର ବାପା ସେ ଅ*ଳରେ ରେକର୍ଡ କରିଥାଏ । ତେଣୁ ଗାଁର ପିଲାଟୋକାମାନେ ଗୋବିନ୍ଦା ବୁଢ଼ୀର ବାପାକୁ 'ଖାଉବୁଢ଼ା' ବୋଲି ଡାକନ୍ତି ।

ଥରେ ଗୋବିନ୍ଦା ବୁଢ଼ୀର ବାପା ତା' ସମୁଦି ଘରକୁ ଯାଇଥିଲା । ଫେରୁ ଫେରୁ ରାତି ଅଧ ହୋଇଗଲା । ବାଟରେ ମଶାଣି ପଡ଼ିଲା । ସେ ମଶାଣିରେ କୁଆଡ଼େ କୋଡ଼ିଏରୁ ତିରିଶ ଜଣ ଭୂତ ବାଗୁଡ଼ି ଖେଳୁଥିଲେ । ସବୁ ଭୂତ ଲଙ୍ଗଳା ହୋଇଥିଲେ ଏବଂ ମୁଣ୍ଡରେ ଠେକା ବାନ୍ଧିଥିଲେ । ଗୋବିନ୍ଦା ବୁଢ଼ୀର ବାପା ଭୂତଙ୍କୁ ଦେଖି ହଠାତ୍ କଣ କରିବ ତା' ମୁଣ୍ଡରେ ବୁଦ୍ଧି ପଶିଲାନି ।

ଗୋବିନ୍ଦା ବୁଢ଼ୀର ବାପା ଯେଉଁ ଧୋତି ପିନ୍ଧିଥିଲା, ତାକୁ ଖୋଲି ମୁଣ୍ଡରେ ପଗଡ଼ି ବାନ୍ଧିଲା ଓ ଲଙ୍ଗଳା ହୋଇ ଭୂତଙ୍କ ସହ ବାଗୁଡ଼ି ଖେଳିଲା । ରାତିସାରା ଭୂତମାନେ ବାଗୁଡ଼ି ଖେଳିଲେ । ଗୋବିନ୍ଦା ବୁଢ଼ୀର ବାପା ବି ଭୂତଙ୍କ ସହ ବାଗୁଡ଼ି ଖେଳିଲା ।

ସକାଳ ହେବା ପର୍ଯ୍ୟନ୍ତ ଗୋବିନ୍ଦା ବୁଢ଼ୀର ବାପା ମଶାଣିରେ ବାଗୁଡ଼ି ଖେଳୁଥିଲା । ସକାଳ ହୋଇଯିବାରୁ ଭୂତମାନେ କିଏ କୁଆଡ଼େ ପଳେଇଗଲେ । ଗୋବିନ୍ଦା ବୁଢ଼ୀର ବାପା ଏକୁଟିଆ ଲଙ୍ଗଳା ହୋଇ ମୁଣ୍ଡରେ ଠେକା ଭିଡ଼ି ସେମିତି ବାଗୁଡ଼ି ଖେଳି ଚାଲିଥାଏ ।

ସକାଳୁ ସକାଳୁ ଝାଡ଼ା ଝପଟ ବାହାରିଥିବା ଲୋକମାନେ ଗୋବିନ୍ଦା ବୁଢ଼ୀର ବାପାକୁ ଏଭଳି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହେଲେ । ବୁଢ଼ାଟା କ'ଣ ଲଙ୍ଗଳା ମୁକୁଳା ହୋଇ

ମଶାଣୀଟାରେ ଏକୁଟିଆ ବାଗୁଡ଼ି ଖେଳୁଛି । କଥା କ'ଣ ?

ଗାଁ ଲୋକେ ଗୋବିନ୍ଦା ବୁଢ଼ୀର ବାପାକୁ ସେହି ଅବସ୍ଥାରେ ଘରକୁ ଟେକି ଆଣିଲେ । ସେତେବେଳକୁ ଗୋବିନ୍ଦା ବୁଢ଼ୀର ବାପା ବେହୋସ୍ ହୋଇ ପଡ଼ିଥାଏ । ତା'ର ଚେତା ଫେରି ନଥାଏ । ପାଖ ଗାଁର ଗୁଣିଆ ଆସି ଗୋବିନ୍ଦା ବୁଢ଼ୀର ବାପାଙ୍କୁ ଝଡ଼ାଫୁଙ୍କା କଲା । ବୁଢ଼ା ସାଷ୍ଟାଙ୍ଗ ହେଲା । କିନ୍ତୁ ଏହି ଘଟଣାର ଦୁଇ ଦିନ ପରେ ଗୋବିନ୍ଦା ବୁଢ଼ୀର ବାପା ମରି ଯାଇଥିଲା ।

ଏସବୁ ଡାଆଣୀ, ଭୂତ କାହାଣୀ ଶୁଣି ମୋ' ମନରେ ଭୀଷଣ ଡର ଥାଏ । ଭୂତମାନେ କୁଆଡ଼େ ତାଳଗଛ ହୋଇ ଚାଲନ୍ତି ଆଉ କୁକୁର, ବିଲୁଆ ରୂପ ଧରି ଗାଁ ଭିତରକୁ ପଶି ଆସନ୍ତି ବୋଲି ଗୋବିନ୍ଦା ବୁଢ଼ୀ କହେ । ଏଣୁ ମୁଁ ସେତେବେଳେ ଯେଉଁ କୁକୁରକୁ ଦେଖୁଥିଲି, ଭୂତ ବୋଲି ଭାବୁଥିଲି । ବିଶେଷକରି ରାତିରେ କୁକୁର ଦେଖିଦେଲା ମାନେ ପ୍ୟା[ରେ ଏକ କରି ପକାଉଥିଲି । କୁକରକୁ ଭୂତ ବୋଲି ଭାବିବା ଡର ମୋର ଆଜି ଯାଏ ବି ରହିଛି । ଆଜି ବି କୁକୁରକୁ ଦେଖିଲେ ମୋତେ ଡର ଲାଗେ ।

ଡାଆଣୀ, ଭୂତଙ୍କୁ ମୋର ଭାରି ଡର । ଅନ୍ଧାର ହେଲାମାନେ ମୁଁ ଘରୁ ବାହାରକୁ ବାହାରେନି । ସୋରିଆ ନାନୀ ଆମ ଘରେ ମୋ' ପାଖରେ ଶୁଏ । ରାତିରେ ମୁଁ ମୂତି ଉଠିଲେ, ସୋରିଆ ନାନୀକୁ ଉଠାଏ । ସେ ଦାଣ୍ଡ ପିଣ୍ଡାରେ ଠିଆ ହେବ । ମୁଁ ମଝି ଦାଣ୍ଡରେ ମୂତିବି ।

ବାପା କୂଳ ବରଗଛ ମୂଳରୁ ଉଠିବେ । ପୁଣି ତେଣ୍ଡାରେ ପାଣି ମଡ଼ାଇବେ । ସେପଟେ ଯୋଗିଆ-ଭଗିଆ ଦୁଇ ଭାଇ ସେଣାରେ ତାଙ୍କ ରାଶି କିଆରିକୁ ପାଣି ମଡ଼ାଉଥିବେ । ହାଡ଼ିଆ ଭାଇ ସୋରିଆ ନାନୀ ସହ କ'ଣ ଏଣୁତେଣୁ ଗପୁଥିବ । ସେ ବୋକୀ ସୋରିଆ ନାନୀଟା ଖାଲି ଖିଲି ଖିଲି ହୋଇ ହସୁଥିବ । ମୋତେ ଏସବୁ ଭଲ ଲାଗୁ ନଥିବ ।

ଇଚ୍ଛା ହଉଥିବ କେବେ ଥରେ ସୋରିଆ ନାନୀକୁ କହିଦେବାକୁ ଯେ, 'ସେ ହାଡ଼ିଆ ଭାଇଟା ଭଲ ପିଲା ନୁହଁ । ତୁ ତା' ସହ ଏତେ ମିଳାମିଶା କରେନା ।' କିନ୍ତୁ କହି ପାରୁ ନଥିବି ।

ହାଡ଼ିଆ ଭାଇ ଉପରେ ମୁଁ କାହିଁକି ରାଗୁଥିବି, ତା' ପଛରେ ଗୋଟିଏ କାରଣ ଥିବ । କାହିଁକି ନା, ହାଡ଼ିଆ ଭାଇଟା ଭାରି ଅଭଦ୍ର । ସେ ଆମଭଳି ଛୋଟ ଛୋଟ ପିଲାମାନଙ୍କୁ ସ୍ତ୍ରୀଲୋକଙ୍କ ବିଷୟରେ ଭାରି ଅଭଦ୍ର ଓ ଅଶ୍ଳୀଳ କଥାସବୁ କହେ । ମଙ୍ଗୁଆ ପ୍ରଧାନର ସେ ବଙ୍ଗାଳୀ ମାଇକିନା ବିଷୟରେ ଏମିତି ଖରାପ କଥା କହିବ, ତାହା ପାଟିରେ ଧରି ହେବନି । ପିତେଇ, ରାଉଳୀ, ଆରତୀ ଆଦି ଝିଅଙ୍କ ବିଷୟରେ ଏତେ ନାସନା କଥା କହିବ । ଛିଃ, ସେଗୁଡ଼ା କହିହେବନି । ଭାରି ଅଭଦ୍ର ଟୋକାଟା ହାଡ଼ିଆ ଭାଇ ।

ଏଭଳି ଜଣେ ଚରିତ୍ରହୀନ ପିଲା ସହ ସୋରିଆ ନାନୀ ମିଳାମିଶା କରୁଥିବାରୁ ମୋତେ

ଭଲ ଲାଗେନା । ମୁଁ ଚାହେଁ ସୋରିଆ ନାନୀର ମନର ମଣିଷ ଜଣେ ଦେବତା ଭଳି ହେଉ ।

ଆଜି ପୂନେଇଁ ହୋଇଥିବାରୁ ଗୋବରୀ ନଈରେ ପ୍ରବଳ ଜୁଆର ମାଡ଼ିଥିବ । ଗୋବରୀ ନଈରେ ଭରା ଜୁଆରକୁ ଦେଖି ମନ ଖୁସିରେ କୁଣ୍ଢେମୋଟ ହୋଇ ଯାଉଥିବ ।

ନଈ ଉଛୁଳିଥିବାରୁ ବାପାଙ୍କୁ ଜନ୍ତରେ ପାଣି ମଡ଼ାଇବାରେ ଏତେ କଷ୍ଟ କରିବାକୁ ପଡୁ ନଥିବ ।

ବୋଉ ବିଲରୁ ମୋଟି ଶାଗ, ମଦରଙ୍ଗା ଶାଗ ତୋଳି ଅ[ରେ ଭ[ି କରିଥିବ । ଦଳେ କା[ବଗ ଆମ ମୁଣ୍ଡ ଉପର ଦେଇ ଆକାଶରେ ଉଡ଼ି ଯାଉଥିବେ । ମାଛରଙ୍କାଟି ଏକ ଲୟରେ ମଝି ନଈରେ ଚକ୍କର କାଟୁଥିବ । ସେପଟ ଗହଗା ପାଟ ବିଲରେ ଧାଡ଼ି ଧାଡ଼ି ହୋଇ ଗେଣ୍ଡାଳିଆ ବସିଥିବେ । ଏ ଗେଣ୍ଡାଳିଆଗୁଡ଼ା ମାଳମାଳ ହୋଇ ପାଟ ବିଲରେ ପଡ଼ିଥିବେ । ସେମାନେ ପାଟବିଲରୁ ଛୋଟଛୋଟ ମାଛ, କଙ୍କଡ଼ା, ଗେଣ୍ଡା, ଶାମୁକା ଆଦି ଖାଉଥିବେ ।

ଧୁନିଆଁଙ୍କର ପାଟଗଣ୍ଡ ଶୁଖାଯାଉଥିବ । ପାଟଗଣ୍ଡରେ ପ୍ରବଳ ମାଛ । ଆମ ପାଟଗଣ୍ଡ କେବେ ଶୁଖାଯିବ କେଜାଣି ?

ମୁଁ ବାପାଙ୍କୁ କହୁଥିବି- "ବାପା, ଆମ ପାଟଗଣ୍ଡ କେବେ ଶୁଖାଯିବ ? ଧୁନିଆଁଙ୍କର ଆଜି କଳ ପକେଇଛନ୍ତି ।"

ବାପା କହୁଥିବେ- "କାହିଁକି, ତୋ'ର କ'ଣ ଶିଙ୍ଗି ମାଛ ଖାଇବାକୁ ମନ ହେଲାଣି ?"

ଶିଙ୍ଗି ଆଉ କଉ ମାଛ ମୋତେ ଭାରି ଭଲ ଲାଗେ । ବୋଉ ଜିରାବଟା ଦେଇ କଉ ମାଛ ଝୋଳ କରିଥିବ । ପାଟିରୁ ଛାଡ଼ିବନି । ଆମ ପାଟଗଣ୍ଡରୁ ଏତେ ମାଛ ବାହାରନ୍ତି, ମାସେ କାଳ ପର୍ଯ୍ୟନ୍ତ ବୋଉ ଆମ ଧାନଉଁଷା କୁଣ୍ଡରେ ଜିଏଁଇ ରଖିଥିବ ।

ମୁଁ କହିବି- "ବାପା, ଧୁନିଆଁଙ୍କ ଗଣ୍ଡରୁ ଖାଲି ଶେଉଳ, ଗଡ଼ିଶା, ଶିଙ୍ଗି, ମାଗୁର, କଉ, ବାଳିଆ, ତୋରି ବାହାରିଲାଣି । ଆମର କେବେ ଧରିବା ?"

ଧୁନିଆଙ୍କ ଗଣ୍ଡରେ ବସିଥିବା ପାଣିକଳରୁ ଫଟ୍‌ଫଟ୍ ଶବ୍ଦ ଆଉ କଳା ଧୂଆଁରେ ମୋ' ଛାତି ଧଡ଼ପଡ଼ ହେଉଥିବ । ମୁଁ ସୋରିଆ ନାନୀକୁ ନେଇ ଧୁନିଆଁଙ୍କ ଗଣ୍ଡ କତିକି ଯିବାକୁ ବାହାରିବି ।

ସୋରିଆ ନାନୀ ସେ ଲଫଙ୍ଗା ହାଡ଼ିଆ ଭାଇଟା ସହ ଫେଁ ଫେଁ ହୋଇ ହସୁଥିବ । ମୋ' ରାଗ ପ*ମକୁ ଉଠି ଯାଉଥିବ । ଇଚ୍ଛା ହେଉଥିବ, ସେ ହାଡ଼ିଆ ଭାଇଟାକୁ ମର୍ଡର କରିଦେବାକୁ ।

ହାଡ଼ିଆ ଭାଇକୁ ମର୍ଡର କରିବାକୁ ଚିନ୍ତା କଲାରୁ ଅନ୍ଦୁଲି ସରପ* ଭୋଳିବାବୁ ମର୍ଡର କେସ୍ କଥା ମନକୁ ଆସିଯିବ । ମୁଁ ଟିକେ ଡରିଯିବି ।

ଏହି ଚାରି ପା* ଦିନ ତଳେ ଭୋଳିବାବୁ ମର୍ଡର କେସ୍ ହୋଇଛି । ଭୋଳିବାବୁ ମର୍ଡର ପରେ ଆମ ଅ*ଳରେ କୋକୁଆ ଭୟ ଖେଳି ଯାଇଥିବ । ଟିଭି, ପେପରରେ ବି ଭୋଳିବାକୁ ମର୍ଡର କେସ୍ ବାହାରିଥିବ ।

ଭୋଳିବାବୁକୁ ଗୁଣ୍ଡାମାନେ ଭୁଜାଲିରେ ଭୂଷି ମର୍ଡର କରିଛନ୍ତି ବୋଲି ବାପା, ବେନୁଆ ଦାଦା ପିଣ୍ଡାରେ ବସି କୁହାକୁହି ହେଉଥିବାର ମୁଁ ଶୁଣିଥିଲି । କାହିଁକି ଗୁଣ୍ଡାମାନେ ଭୋଳିବାବୁଙ୍କୁ ମର୍ଡର କରିଥିଲେ ମୁଁ ଜାଣି ନଥିଲି । ଭୋଳିବାବୁ ମର୍ଡ଼ର ପରେ ଗାଁରେ ମାଳମାଳ ପୁଲିସ ଦେଖି ଆମେସବୁ ପିଲାମାନେ ଭୟରେ ଘର ଭିତରେ ପଶୁଥିଲୁ ।

ମୋ' ମୁଣ୍ଡରୁ ହାଡ଼ିଆ ଭାଇକୁ ମର୍ଡର କରିବା ଭୂତ ଓହ୍ଲାଇ ଗଲା ।

ମୁଁ ସୋରିଆ ନାନୀ ପାଖକୁ ଗଲି ଓ ତା' ହାତ ଧରି ଘୋଷାରି ଘୋଷାରି ନେଇ ଆସିଲି ।

କୋବି କିଆରିରେ ସୋରିଆ ନାନୀ ପରୀଟିଏ ଭଳି ଦିଶୁଥାଏ ।

ମୁଁ ସୋରିଆ ନାନୀକୁ କହେ- "ସୋରିଆନୀ, ଚାଲ୍ ଯିବା କ[ଇ କୋଳି ତୋଳିବା, ଗିଲ ତୋଳିବା, ସାଧବ ବୋହୂ ପୋକ ଆଣିବା ।"

ସୋରିଆ ନାନୀ କହିଲା- "ହଉ ଚାଲ୍ ।"

ସୋରିଆ ନାନୀ ମୋ'ର କୋଉ କଥାକୁ ଅମାନ୍ୟ କରେନା ।

ମୁଁ ଘରୁ ଗୋଟିଏ ଧଳା କାଚ ବୋତଲ ଆଣିଥିବି । ଲାଲ୍ ଗୁଲୁଗୁଲୁ ସାଧବ ବୋହୂଙ୍କୁ ସେ କାଚ ବୋତଲରେ ଭ□ କରୁଥିବି ।

ଆମେ କୂଳବନ୍ଧ କିଆ ଘୁନ୍ଦୁଳାରେ କ[ଇ କୋଳି ତୋଳିବୁ ।

ହାଡ଼ିଆ ଭାଇ ବଡ଼ ପାଟି କରି ସୋରିଆ ନାନୀ ଉଦ୍ଦେଶ୍ୟରେ କହିବ- "ସୋରିଆ, ମୋ' ପାଇଁ ବି କ[ଇ କୋଳି ଆଣିବୁ ।"

କେଜାଣି ସେ ହାଡ଼ିଆ ଭାଇର କଥା ଶୁଣିଲେ ମୋ' ହାଡ଼ ଜଳିଯାଏ । ମୁଁ ତାକୁ ମୋର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଭଳି ମନେ କରେ । ହାଡ଼ିଆ ଭାଇଟା ସୋରିଆ ନାନୀ ସହ ହସି ହସି କଥା ହେଲେ ମୋ' ଦେହରେ ନିଆଁ ଲାଗିଯାଏ । ମୁଁ ଚାହେଁ ସୋରିଆ ନାନୀ ଖାଲି ମୋ' ସହ ଗପୁ । ମୋ' ସହ ଖେଳୁ ।

ଆମେ କିଆ ଗୋହିରୀ ଭିତରକୁ ପଶିଯାଉ । କିଆ ପତ୍ରରେ ସାଲୁବାଲୁ କ[। । କିଆ କ[। ସୋରିଆ ନାନୀର ଶାଢୀରେ ଲାଗିଯାଏ ।

ଆମର ଏ ତେଣ୍ଡାକୂଳ କିଆବଣରେ କୁଆଡ଼େ ଉଡ଼ନ୍ତା ସାପ ଅଛନ୍ତି ବୋଲି ଗୋବିନ୍ଦା ବୁଢ଼ୀ, ମୋତୀ ବଡ଼ଉ କହନ୍ତି । ହେଲେ କାହିଁ କେବେ ତ ଆମେ ସେଭଳି ଉଡୁଥିବା ସାପ ଦେଖିନୁ ।

ଗୋବିନ୍ଦା ବୁଢ଼ୀ କହେ, ଏ ଉଡ଼ନ୍ତା ସାପର ଲମ୍ବା ଲମ୍ବା ଡେଣା ଥାଏ । ସେମାନେ

ଆକାଶରେ ଉଡ଼ନ୍ତି । ଏ ସାପ ମଣିଷ ଉପରକୁ ଏକାଥରକେ କୁଣ୍ଡେ ଦୁଇ କୁଣ୍ଡ ବିଷ ଫିଙ୍ଗିପାରେ । ଏ ବିଷ ଯେଉଁଠି ପଡ଼େ ସେ ଜାଗା ପୋଡ଼ିଜଳି ଭସ୍ମ ହୋଇଯାଏ ।

କୁଳବନ୍ଧ କିଆବଣରେ ଅନେକ ସ୍ଥାନରେ ମାଟି ପୋଡ଼ିଯାଇ କଳା ରଙ୍ଗର ହୋଇଥିବାର ଆମେ ଦେଖୁ । ଏହା କ'ଣ ସେ ଉଡ଼ନ୍ତା ସାପର ବିଷରେ ପୋଡ଼ି ଯାଇଛି କି ? ଆମ ମନରେ ପ୍ରଶ୍ନ ଉଠେ ।

ବଡ଼ ହେଲା ପରେ ଜାଣିଲି, ବହୁବର୍ଷ ତଳେ ସେଠାରେ ଅତୀତରେ ଗୋଟିଏ ଗାଁ ଥିଲା । ସେ ଗାଁରେ କୁମ୍ଭାରମାନେ ବାସ କରୁଥିଲେ । ମାଟିହାଣ୍ଡି କୁଣ୍ଡେଇ ପୋଡୁଥିଲେ । ଗୋବରୀରେ ବାରମ୍ବାର ବନ୍ୟା ଆସିବାରୁ ସେ କୁମ୍ଭାରମାନେ ଗାଁ ଛାଡ଼ି ଅନ୍ୟତ୍ର ଚାଲିଗଲେ ।

କୁମ୍ଭାରମାନେ ମାଟି ହାଣ୍ଡି ପୋଡୁଥିବାରୁ ସେ ମାଟି ଆଜି ଯାଏ କଳା ପଡ଼ି ରହିଛି । ଗୋବରୀ ନଈ କୂଳର ସେ କିଆବଣ ଅଂଳ ବି ଉଚ୍ଚା ଢିପ ଥିଲା । ନିଶ୍ଚୟ ଦିନେ ନା ଦିନେ ସେଠାରେ ଲୋକବାକ ବାସ କରୁଥିଲେ ।

ଉଡ଼ନ୍ତା ସାପ କଥା ମନେ ପଡ଼ିଯିବାରୁ ମୋ' ଦେହ ଶୀତେଇ ଉଠେ । ମୁଁ ସୋରିଆ ନାନୀକୁ କୁଣ୍ଢେଇ ପକାଏ ।

ମୁଁ କହେ- "ସୋରିଆନୀ, ତେଣ୍ଡାକୂଳ କିଆ ଘୁନ୍ଦୁଳାରେ ଉଡ଼ନ୍ତା ସାପ ନଥିବ ତ ?"

ସୋରିଆ ନାନୀ କହେ- "ହେସ୍, ସେଗୁଡ଼ା ମିଛ ଗପ । ଏଠି କୋଉଠି ଉଡ଼ନ୍ତା ସାପ ଆସିବ ?"

ମୁଁ ସୋରିଆ ନାନୀ ପଛେ ପଛେ, ତା' ଶାଢ଼ୀ କାନି ଧରି ଚାଲୁଥିବି । କ[ଇ କୋଳି ତୋଳୁଥିବି । କାଚ ବୋତଲରେ ସାଧବ ବୋହୂଙ୍କୁ ପୂରାଉଥିବି ।

ସୋରିଆ ନାନୀ ସାବଧାନ କରାଇ କହୁଥିବ- "ଆଉ ବେଶି ଦୂରକୁ ଯିବାନି । ଜନ୍ତୁଜୁନ୍ତା ଥିବେ ।"

କେଜାଣି ଜନ୍ତୁଜୁନ୍ତା କହିଲେ ସୋରିଆ ନାନୀ କ'ଣ ବୁଝେ ?

ଆମ ତେଣ୍ଡାକୂଳ କିଆ ଜଙ୍ଗଲରେ ସେତେବେଳେ ବିଭିନ୍ନ ବିଷାକ୍ତ ସାପଠାରୁ ଆରମ୍ଭ କରି ବିଲୁଆ, କୋକିଶିଆଳୀ, ହେଟା, ବାର୍ହା ଥିବା କଥା ବାପା କହନ୍ତି । ଆଗରୁ ଏ ଜଙ୍ଗଲ ଭିତରେ ବାଘ, ଭାଲୁ ବି ଥିଲେ ।

ସୋରିଆ ନାନୀ ଓ ମୁଁ କ[ଇ କୋଳି ତୋଳୁଥାଉ । ବାପା କେବେଠୁ ଜନ୍ତ ପାଣି ମଡ଼େଇ ଘରକୁ ଚାଲି ଯାଇଥାନ୍ତି । ବୋଉ ମୋଟିଶାଗ, ମଦରଙ୍ଗା ଶାଗ ତୋଳି ଘରକୁ ଚାଲି ଯାଇଥାଏ ।

ସୋରିଆ ନାନୀ ଓ ମୁଁ ଧୁନିଆଁଙ୍କ ପାଟଗଣ୍ଡ ପାଖରେ ପହଁଂଗଲୁ । ସେତେବେଳକୁ ଧୁନିଆଁଙ୍କ ପାଟଗଣ୍ଡରୁ ପାଣି ଶୁଖି ଯାଇ ସାରିଥାଏ । ସିଙ୍ଗି, ମାଗୁର, କଉ, ଫୁଲୁଫୁଟି, କରାଣ୍ଡି, କ[ଆ ଭଳି ଚୁନାମାଛ ଖାଲି ପଙ୍କ ଭିତରେ କଲ କଲ ହେଉଥା'ନ୍ତି ।

ଧୁନିଆଁ ହାତରେ ଆଞ୍ଜୁଳା ଆଞ୍ଜୁଳା କରି ସିଙ୍ଗି ମାଛକୁ ଧରି ଅତି ସାବଧାନତାର ସହ ମାଛ ଝୁଡ଼ି ଭିତରେ ପୂରାଉଥିବ ।

ସିଙ୍ଗି ମାଛ ମାରିଦେଲା ମାନେ, କଥା ସରିଲା ।

ମୋତେ ଥରେ ସିଙ୍ଗି ମାଛ ମାରିଥିଲା । ଚାରି ଦିନ ପର୍ଯ୍ୟନ୍ତ ବିନ୍ଧିଲା । ମୋ' ବିଶି ଆଙ୍ଗୁଟି ଫୁଲି ମୋଟା ହୋଇଗଲା ।

ଆମ ମଝି ଗଡ଼ିଆରେ ଗୋଟିଏ ପୋଲା ଖଜୁରୀ ଗଡ଼ ପଡ଼ିଥାଏ । ସେ ଖଜୁରୀ ଗଡ଼ ଭିତରେ ସିଙ୍ଗି ମାଛ ଥା'ନ୍ତି । ମୁଁ ଥରେ ସିଙ୍ଗିମାଛ ଧରିବାକୁ ସେ ଖଜୁରୀ ଗଡ଼ ଭିତରେ ହାତ ପୂରେଇ ଦେଇଥିଲି । ତା' ଭିତରେ ଥିବା ସିଙ୍ଗି ମାଛ କଲକଲ ହୋଇ ମୋତେ ବିନ୍ଧି ଦେଇଥିଲେ । ସିଙ୍ଗିମାଛ ବିଷର କୋପରେ ମୋତେ ଦୁଇଦିନ କାଳ ଜ୍ୱର ହୋଇଯାଇଥିଲା । ସେବେଠୁ ଜାଣିଛି, ସିଙ୍ଗି ମାଛ ମାରିଲେ କି କଷ୍ଟ ।

ଚାରି ଦିନ ପର୍ଯ୍ୟନ୍ତ ମୋ' ବିଶି ଆଙ୍ଗୁଟିରେ ଫୁଲା ରହିଲା । ବିନ୍ଧା କମିଲାନି । ସୋରିଆ ନାନୀ ଘିଅ ଗରମ କରି ସିଙ୍ଗି ମାଛ ମାରିଥିବା ସ୍ଥାନରେ ଲଗାଉଥିଲା । ତିନି ଚାରିଦିନ ପରେ ବିନ୍ଧା ଓ ଫୁଲା କମିଥିଲା ।

ଧୁନିଆଁଙ୍କର ମାଛ ଧରା ସରିଲା । ସେମାନେ ଝୁଡ଼ି ଝୁଡ଼ି ମାଛ ଧରି ଘରକୁ ଫେରିଲେ ।

ଧୁନିଆଁଙ୍କର ମାଛ ଧରି ସାରିବା ପରେ ମୁଁ ଆଉ ସୋରିଆ ନାନୀ ତାଙ୍କ ପାଟଗଣ୍ଡର ପଙ୍କ ଭିତରେ ପଶିଲୁ ।

ସୋରିଆ ନାନୀ ଚିପି ଚିପି ପାଖାପାଖି କିଲେ ଦୁଇ କିଲ ଶିଙ୍ଗି, କଉ ଓ ଗଡ଼ିଶା ମାଛ ଧରିଲା । ମୁଁ ବି ଗଡ଼ିଶା, ବାଲୁଗୁରି ମାଛ ଧରିଲି । ମାଛ ଧରି ସାରି ଆମେ ଗୋବରୀ ତୁଠକୁ ଆସିଲୁ । ଗାଧୁଆ ପାଧୁଆ କରି ଘରକୁ ଫେରିଲୁ ।

ଘରେ ବୋଉ ମାଛ ଝୋଳ କରିଥାଏ । ମୁଁ ଧୁନିଆଁଙ୍କ ପାଟଗଣ୍ଡରୁ ନେଇଥିବା ଗଡ଼ିଶା, ବାଲୁଗୁରି ମାଛକୁ ସାଙ୍ଗେସାଙ୍ଗେ ତାୱାରେ ପକେଇ ଭଜା କରେ । ଗରମ ଗରମ ମାଛ ଭଜା ଖାଇ ମନ ଖୁସି ହୋଇଯାଏ ।

ମୁଁ ପେଟେ ଭାତ ଖାଇଦେଇ ସଞ୍ଜକୁ ହାଡ଼ିଆଭାଇର ଖଟି ଆଡ଼େ ଧାଏଁ । ହାଡ଼ିଆ ଭାଇ ଆମକୁ ମଙ୍ଗୁଆ ପ୍ରଧାନର ବଙ୍ଗାଲୁଣୀ ମାଇକିନା, ସୁଲୁରୀ, ପିତେଇ, ଉମି, ରାଉଳୀ ଆଦି ଝିଅଙ୍କ ବିଷୟରେ ଅଭଦ୍ର କଥାମାନ କହେ । ଏହା ଶୁଣିବାକୁ ଆମକୁ ଭାରି କୁତୁକୁତୁ ଲାଗେ ।

ହାଡ଼ିଆ ଭାଇର ସେ ଅଭଦ୍ର କଥାଗୁଡ଼ା ମୋତେ ଭଲ ଲାଗୁ ନଥାଏ । ତଥାପି ଶୁଣିବାକୁ ହାଡ଼ିଆଭାଇର ଖଟିକୁ ଚାଲିଆସେ ।

୨୧

ବୋଉ କହୁଥିଲା, ତାଙ୍କ ଘରେ ଗୋଟିଏ ପୁରୁଣା ଚିଜ ଅଛି । ପ୍ରକୃତରେ ସେ ଚିଜଟି କ'ଣ ବୋଉ କହିପାରେନି । ମୋ' ମନରେ ଏହି ଚିଜକୁ ନେଇ କୌତୁହଳ ଜାତ ହୁଏ ।

ଥରେ ମୁଁ ଅଜାଙ୍କୁ ଏ ବିଷୟରେ ପଚାରିଲି । ଅଜା ମୋତେ ତାଙ୍କର ଗୋଦାମ ଘର ଭିତରକୁ ନେଇ ସେ ଚିଜଟି ଦେଖାଇଲେ । ଅଜା ତାକୁ ଫଲ୍‌ସ ପଏ[ବନ୍ଦର ନିକଟ ସମୁଦ୍ରରୁ ପାଇଥିଲେ । ତାହା ପ୍ରକୃତରେ ଜାହାଜର ଏକ ଭଙ୍ଗା ଅଂଶ ଥିଲା ।

ମୋ' ମନରେ ପ୍ରଶ୍ନ ଉଠିଥିଲା, ଅଜାଙ୍କ ଘରେ ଜାହାଜର ଏ ଭଙ୍ଗା ଅଂଶ କେଉଁଠୁ ଆସିଲା ? ସେତେବେଳେ ମୁଁ ପିଲା ଥିଲି । ଏଣୁ ଏ କଥାକୁ ଏତେ ଗୁରୁତ୍ୱ ଦେଇ ନଥିଲି । କିନ୍ତୁ ଫଲ୍‌ସ ପଏ[ବନ୍ଦର ବିଷୟରେ ଗବେଷଣା କରିବା ବେଳେ ମୁଁ ଏ ଜାହାଜର ଭଙ୍ଗା ଅଂଶର ପ୍ରକୃତ ପରିଚୟ ଜାଣିପାରିଲି ।

ଅଜା କହନ୍ତି, ସେମାନେ ଥରେ ଜମ୍ମୁରୁ ଫଲ୍‌ସ ପଏ[ଦେଇ ସମୁଦ୍ରରେ ଯାଉଥିବାବେଳେ ତାଙ୍କ ଡଙ୍ଗା କୌଣସି ଗୋଟିଏ ବସ୍ତୁରେ ପିଟି ହୋଇଗଲା । ତା'ପରେ ସେମାନେ ଜାଣିବାକୁ ପାଇଲେ ଯେ, ସେଇଠି ଗୋଟିଏ ଜାହାଜ ବୁଡ଼ି ଯାଇଥିଲା । ଜାହାଜର ଭଙ୍ଗା ଅଂଶ ଏଣେତେଣେ ପଡ଼ି ରହିଥିଲା ।

ଅଜା ଓ ମାମୁମାନେ ସେଇଠୁ ଏ ଲୁହା ଖଣ୍ଡେ ପାଇଥିଲେ ଏବଂ ତାକୁ ସାଙ୍ଗରେ ଆଣିଥିଲେ ।

ମୁଁ ଫଲ୍‌ସ ପଏ[ବନ୍ଦର ବିଷୟରେ ଗବେଷଣା କରୁଥିବାବେଳେ ମାମୁଙ୍କ ଘରକୁ ଯାଇଥିଲି । ଅଜା କି ମାମୁମାନେ ସେତେବେଳକୁ ଆଉ ବଁ ନଥିଲେ । ମାମୁଙ୍କର ପୁଅମାନେ ସେ ଚିଜଟିକୁ କେଉଁ କବାଡ଼ିଆକୁ ବିକି ଦେଇଥିଲେ । ମୁଁ ହତାଶ ହୋଇ ଫେରିଲି ।

ଅଜାଙ୍କ ଟିପା ଖାତାରୁ ଜାଣିବାକୁ ପାଇଲି ଯେ, ୧୮୭୫ ମସିହାରେ ଭୀଷଣ ଝଡ଼ବାତ୍ୟାରେ ଫଲ୍‌ସ ପଏ[ବନ୍ଦରରେ ଫ୍ରାନ୍‌ସର ଏକ ଜାହାଜ ବୁଡ଼ି ଯାଇଥିଲା । ଏହି ଜାହାଜର ନାମ ଥିଲା ଭେଲ୍‌ଦା ।

ଭେଲ୍‌ଦା ବ୍ରାହ୍ମଣୀ ନଦୀ ମୁହାଣର ପାଲ୍‌ମିରା ପଏ[କୁ ଯିବାର ଥିଲା । କିନ୍ତୁ ପ୍ରବଳ ଝଡ଼ତୋଫାନରେ ଗୋବରୀ ମୁହାଣରେ ଥିବା ଫଲ୍‌ସ ପଏ[ବନ୍ଦରରେ ବୁଡ଼ି ଯାଇଥିଲା ।

ଆଜିକୁ ଦେଢଶହ ବର୍ଷ ତଳେ ଫଲ୍‌ସ ପଏ[ରେ ବୁଡ଼ି ଯାଇଥିବା ଏହି ଜାହାଜକୁ ଠାବ କରାଯାଇ ପାରିଛି । ସମୁଦ୍ର ବୁଡ଼ାଳୀ ସବିର ବକ୍ସ ଫଲ୍‌ସ ପଏ[ବନ୍ଦରରେ ବୁଡ଼ି ଯାଇଥିବା ଏହି ଫରାସୀ ଜାହାଜକୁ ସମୁଦ୍ର ଭିତରେ ଠାବ କରି ପାରିଛନ୍ତି ।

ଦେଢ଼ ଶହ ବର୍ଷ ତଳେ ଜାହାଜଟି ସମୁଦ୍ରରେ ବୁଡ଼ି ଯାଇଥିଲେ ବି ପାଣି ଭିତରେ ଅକ୍ଷୁଣ୍ଣ ରହିଥିଲା । କେବଳ ଯାହା ସମୁଦ୍ର ଭିତରେ ସାମାନ୍ୟ ଅଣେଇ ହୋଇ ଯାଇଥିଲା । ଜାହାଜର କିଛି ଅଂଶ ଭାଙ୍ଗି ଏଣେତେଣେ ବିଛେଇ ହୋଇ ପଡ଼ିଥିଲା । ସେ ଜାହାଜରେ ପ୍ରଚୁର ଶିଉଳି ଲାଗି ଯାଇଥିଲା ବୋଲି ସବିର ବକ୍ସ ଜାଣିବାକୁ ପାଇଥିଲେ ।

ଭେଲ୍‌ଦା ଜାହାଜ ସମ୍ପର୍କରେ ଜନ୍ ବୀମ୍‌ସ ମଧ୍ୟ ଉଲ୍ଲେଖ କରିଛନ୍ତି । ମୁଁ ଭେଲ୍‌ଦା ଜାହାଜ ସମ୍ପର୍କରେ ଆଉ ଅଧିକ ତଥ୍ୟ ସଂଗ୍ରହରେ ଲାଗି ପଡ଼ିଥିଲି । ଏଣୁତେଣୁ ପୁରୁଣା ବହି, ନଥିପତ୍ର ଓ ଇଷ୍ଟଇଣ୍ଡିଆ କମ୍ପାନିର ପୁରୁଣା ରେକର୍ଡମାନ ଘାଣ୍ଟିଥିଲି ।

ଭେଲ୍‌ଦା ଜାହାଜର ଲମ୍ବ ୨୫୦ ଫୁଟ ଏବଂ ଚଉଡ଼ା ୫୦ ଫୁଟ ଥିଲା । ଏହା ଟାଇଟାନିକ୍ ଜାହାଜ ଠାରୁ ମଧ୍ୟ ପୁରୁଣା ଥିଲା । ଟାଇଟାନିକ ଜାହାଜ ୧୯୧୨ ମସିହାରେ ଇଂଲଣ୍ଡରେ ନିର୍ମାଣ ହୋଇଥିଲା ଏବଂ ସେହିବର୍ଷ ହିଁ ସମୁଦ୍ରରେ ଯାତ୍ରା ସମୟରେ ବୁଡ଼ି ଯାଇଥିଲା । କିନ୍ତୁ ଭେଲ୍‌ଦା ଏହାର ଅନେକ ବର୍ଷ ପୂର୍ବରୁ ୧୮୭୫ ମସିହାରେ ଫଲ୍‌ସ ପଏଣ୍ଟ ବନ୍ଦରରେ ବୁଡ଼ି ଯାଇଥିଲା ।

ଏସବୁ ନୂଆ ନୂଆ ତଥ୍ୟ ମୋ' ଗବେଷଣାକୁ ଅଧିକ ସାହାଯ୍ୟ କରୁଥାଏ । ମୁଁ ଭାରତ ସରକାରଙ୍କ ପକ୍ଷରୁ ସିନିୟର ଫେଲୋସିପ୍ ପାଇ ଫଲ୍‌ସ ପଏଣ୍ଟ ବନ୍ଦର ଉପରେ ଗବେଷଣା କରୁଥାଏ । ଏଣୁ ମୋତେ ଜମ୍ମୁ ଅ*ଳକୁ ବାରମ୍ବାର ଯିବାକୁ ପଡୁଥାଏ ।

ଭେଲ୍‌ଦା ଜାହାଜରେ ଫ୍ରାନ୍‌ସରୁ ଚିନି, ମଦ, ସ୍ପିରିଟ୍ ଓ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ଆସୁଥିଲା । ସତେବେଳେ ଫ୍ରାନ୍‌ସରୁ ଜାହାଜରେ ଓଡ଼ିଶାର ପାଲ୍‌ମିରା ପଏଣ୍ଟ ବନ୍ଦରକୁ ମାଲ୍ ଆମଦାନୀ ହେଉଥିଲା । ଫଲ୍‌ସ ପଏଣ୍ଟ ବନ୍ଦର କାର୍ଯ୍ୟକ୍ଷମ ହେବା ପରେ ସବୁ ଜାହାଜ ସେଠାରେ ଲାଗିଲେ ।

ଫଲ୍‌ସ ପଏଣ୍ଟ ବନ୍ଦର ଭାରତର ପୂର୍ବ ଉପକୂଳର ଏକ ଶ୍ରେଷ୍ଠ ବନ୍ଦର ଭାବେ ବହୁ ବର୍ଷ ଧରି କାର୍ଯ୍ୟକ୍ଷମ ଥିଲା । ଇଂରେଜମାନେ ଦେଶ ଛାଡ଼ିବା ପରେ ଏବଂ ଦେଶ ସ୍ୱାଧୀନ ହେବା ପରେ ଫଲ୍‌ସ ପଏଣ୍ଟ ବନ୍ଦର ଅଚଳ ହୋଇଯାଇଥିଲା । ସ୍ୱାଧୀନ ଭାରତ ସରକାର ପାରାଦୀପ ବନ୍ଦର ଉପରେ ଅଧିକ ଗୁରୁତ୍ୱ ଦେବାରୁ ଫଲ୍‌ସ ପଏଣ୍ଟ ବନ୍ଦର ନିଜର ସ□। ହରାଇ ବସିଲା ।

ମୋ' ମାମୁଘର ଅଜା ଓ ତାଙ୍କ ବାପା, ଭାଇମାନେ ଜମ୍ମୁଦ୍ୱୀପକୁ ଝାର କରିବାକୁ ଯିବା ସମୟରେ ବି ଫଲ୍‌ସ ପଏଣ୍ଟ ବନ୍ଦରରେ କାଁ ଭାଁ ଗୋଟିଏ ଅଧେ ଜାହାଜ ଲାଗୁଥିଲା । ଏବେ କିନ୍ତୁ ଏଠାରେ ଆଉ ଜାହାଜ ଲାଗୁନି ।

ଅଜାଙ୍କ ଘରେ ଥିବା ସେ ବସ୍ତୁଟି ଭେଲ୍‌ଦା ଜାହାଜର ଡେକ୍‌ର ଏକ ଛୋଟ ଅଂଶ ଥିଲା ବୋଲି ମୁଁ ଅନୁମାନ କରୁଛି । ଏସବୁ ମୋ' ଗବେଷଣାରେ ସ୍ଥାନ ପାଇଛି । ଗବେଷଣା କାମରେ ମୋତେ ଫ୍ରାନ୍‌ସ ଯିବାକୁ ପଡ଼ିଛି । ଇଂଲଣ୍ଡ ଯିବାକୁ ପଡିଛି ।

ମୁଁ ଭାବିଛି, ଭେଲ୍‌ଦା ଜାହାଜକୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣ କରିବି । ଏହି ଚଳଚ୍ଚିତ୍ରରେ ବିଶେଷକରି ସେତେବେଳର ଫଲ୍‌ସ ପଏ[ବନ୍ଦର ଏବଂ ବାଣିଜ୍ୟ କାରବାରକୁ ଅଧିକ ଗୁରୁତ୍ୱ ଦେବି ।

ମୋ'ର ଏ ଚଳଚ୍ଚିତ୍ରରେ ମୋ' ପିଲାଦିନର ଗୋବରୀ ନଈ, ମୋ' ଅଜାଙ୍କର ଝାର କାରବାର, କୋନାଲ ମାଧ୍ୟମରେ ନୌ ପରିବହନ, ହୁକିଟୋଲା ବନ୍ଦର, କଲିକତାରୁ ଜମ୍ମୁ ମଧ୍ୟରେ ଷ୍ଟିମର ଚଳାଚଳ, ଫଲ୍‌ସ ପଏ[ବନ୍ଦର, ପଏ[ପାଲ୍‌ମିରା, ତତ୍କାଳୀନ ଓଡ଼ିଶା ଏବଂ ଫ୍ରାନ୍‌ସ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଆଦି ସେ ଫିଲ୍ମରେ ସ୍ଥାନ ପାଇବ । 'ଟାଇଟାନିକ' ଚଳଚ୍ଚିତ୍ରଠାରୁ ଏହା ଅଧିକ ପ୍ରାଣବନ୍ତ ହେବ ବୋଲି ମୋର ବିଶ୍ୱାସ ରହିଛି । ମୁଁ ନିଜେ ଏ ଫିଲ୍ମ ପ୍ରଯୋଜନା ଦାୟିତ୍ୱ ନେବି ।

ଦେଖାଯାଉ, ମୋର ଏ ଫିଲ୍ମ ପ୍ରୋଜେକ୍ଟ କେତେବାଟ ଆଗେଇ ପାରୁଛି ? ଏଥିରେ ମୁଁ ସବିର୍ ବକ୍ସ୍‌ଙ୍କର ସହାୟତା ନେବି ନିଶ୍ଚୟ ।

ଆସନ୍ତାବର୍ଷଠାରୁ ମୋର ଏ ଚଳଚ୍ଚିତ୍ର ସୁଟିଂ କାମ ଆରମ୍ଭ କରିବାକୁ ଯୋଜନା ରଖିଛି ।

୨୨

ସୋରିଆ ନାନୀ ଗୋବରୀ ତୁଠରେ ବସି ଦେହହାତ ଘସାମଜା କରୁଥିବ । ଦାନ୍ତ ଘଷୁଥିବ । ପାଣି ଚହଲଉଥିବ ।

ହାଡ଼ିଆ ଭାଇ ପଛପଟୁ ଆସି ତା' ଆଖି ବୁଜି ଦେବ । ସୋରିଆ ନାନୀ ବଡ଼ ପାଟିରେ କହିବ- "କିଏ ?"

ହାଡ଼ିଆ ଭାଇ କିଛି ନ କହି ଚୁପ୍ ରହିବ ।

ସୋରିଆ ନାନୀ ହାଡ଼ିଆ ଭାଇ ଦେହରେ ହାତ ବୁଲେଇ ଆଣି କହିବ- "ଓଃ, ତମେ ! ଏମିତି ଚମକେଇ ଦଉଛ ?"

ସେ ଦୁହେଁ କୂଳ ବିଲ ଆଡ଼େ ଯିବେ । ସେଠି ଗୋବରୀ ନଈ କୂଳ ବରଗଛ ମୂଳେ ଘଡ଼ିଏ ବସିବେ । ଗପସପରେ ବୁଡ଼ିଯିବେ ।

ସୋରିଆ ନାନୀ ଦିଶୁଥିବ ଭାରି ଗମ୍ଭୀର । ଯେମିତି ଆଗକୁ କିଛି ଅଘଟଣ ଘଟିବାକୁ ଯାଉଥିବ ।

ସୋରିଆ ନାନୀ ମୁହଁକୁ ଥମ୍ ଥମ୍ କରି କହିବ- "ତମେ ସବୁବେଳେ ଏମିତି । ସବୁ କଥାକୁ ହାଲୁକାରେ ନଉଚ । ତା'ପରେ ଯାହା ହେବ ମୋତେ ଆଉ ଦୋଷ ଦବନି ।"

ହାଡ଼ିଆ ଭାଇ କହିବ- "ଆଜି କ'ଣ କିଛି ହେଇଚି କି ? ମୁହଁଟା କ'ଣ ହାଣ୍ଡି ଭଳି ହୋଇଚି ।"

ସୋରିଆ ନାନୀ ଚିଡ଼ିଯାଇ କହିବ- "ଓଃ, ପୁଅ ଅଜଣା ଚାଉଳର ଭାତ ଖାଉଚି । କିଛି ଜାଣି ପାରୁନି ।"

ହାଡ଼ିଆ ଭାଇ କହିବ- "କଣ କିଲୋ ସୋରିଆ, ଖୋଲି କହୁନୁ । ନ କହିଲେ ମୁଁ ଜାଣିବି କେମିତି ?"

ସୋରିଆ ନାନୀ କହିବ- "ସତରେ ତମେ କ'ଣ କିଛି ଜାଣିନ ?"

ହାଡ଼ିଆ ଭାଇ କହିବ- "ତୋ' ରାଣ ଖାଉଚି ଲୋ, ମୁଁ କିଛି ଜାଣିନି ।"

ସୋରିଆ ନାନୀ କହିବ- "ଘରେ ବାହାଘର ପାଇଁ ପ୍ରସ୍ତାବ ପକାଇଲେଣି ।"

ହାଡ଼ିଆ ଭାଇ କହିବ- "ଏଇ କଥାକୁ ନାଆ ପେଲିଦେଲି କଲିକତାକୁ । ହଉ, ପକାନ୍ତୁ । ଦେଖିବା ।"

ସୋରିଆ ନାନୀ କହିବ- "ଜମ୍ମୁ-ଖରିନାସୀ ଆଡ଼େ ପ୍ରସ୍ତାବ ପଡ଼ିଛି । ପୁଅ ପୋଷ୍ଟାଲରେ ଚାକିରି କରିଛି ।"

ହାଡ଼ିଆ ଭାଇ କହିବ- "ତୁ କ'ଣ ସେ ପ୍ରସ୍ତାବରେ ରାଜି ?"

ସୋରିଆ ନାନୀ ରାଗିଯାଇ କହିବ- "ହଁ, ମୁଁ ରାଜି । ଯା ।"

ହାଡ଼ିଆ ଭାଇ ସୋରିଆ ନାନୀର ନାକକୁ ଚିପି ପକାଇ କୋଳକୁ ଭିଡ଼ିଆଣିବ । ଗେହ୍ଲା କରିବ । ସୋରିଆ ନାନୀ ହାଡ଼ିଆ ଭାଇର କୋଳରୁ ଛାଟି ହୋଇ ମୁକୁଳିଯିବ । ନଈ ଆଡ଼କୁ ମୁହଁ କରି ଠିଆ ହେବ ।

ଆଜି ପ୍ରଥମ କରି ସୋରିଆ ନାନୀର କଥା ଶୁଣି ହାଡ଼ିଆ ଭାଇ ଚିନ୍ତିତ ଦିଶିବ । ପ୍ରଥମ କରି ତାକୁ କିଛି ନିଷ୍ପ□ ନେବାକୁ ପଡ଼ିବ ବୋଲି ମନେମନେ ଭାବିବ ।

ହାଡ଼ିଆ ଭାଇ ବେକାର । ଚାକିରି ବାକିରି ନାହିଁ । ଖାଲି ମକୁଦା ଫେରଫାର । ବାୟାବାବା କଲେଜରୁ ବିଏ ସାରି ଏବେ ଗାଁରେ ବେକାର ହୋଇ ବୁଲୁଛି । କପିଟପି କରି ସିନା ବାୟାବାବା କଲେଜରୁ ପାସ୍ କରିଗଲା, କିନ୍ତୁ ଚାକିରି ପାଇଁ ଇ[ରଭ୍ୟୁକୁ କେମିତି ସେ ସାମ୍ନା କରିବ ?

ହାଡ଼ିଆ ଭାଇ କିନ୍ତୁ ଭଲ କ୍ରିକେଟ୍ ଖେଳେ । ବ୍ୟାଟିଂ କରେ । ଛକା, ଚଉକା ମାରେ । ଆମ ଅ*ଳର ବିଭିନ୍ନ କ୍ରିକେଟ୍ କ୍ଲବ୍ ତାକୁ ଭଡ଼ାରେ ନିଅନ୍ତି । ହାଡ଼ିଆ ଭାଇ ଯେଉଁ କ୍ଲବ୍ ପକ୍ଷରୁ ଖେଳେ, ସେ କ୍ଲବ୍ ଜିତିବାଟା ଥଏ ।

ଗତବର୍ଷ ହାଡ଼ିଆ ଭାଇ ଜରିଆ ଟିମ୍ ପକ୍ଷରୁ ଖେଳି ଜରିଆ ଟିମ୍‌କୁ ଚମ୍ପିଅନ କରାଇଥିଲା । ଏବର୍ଷ ବଡ଼ ମୋହନପୁର କ୍ଲବ୍ ତାକୁ ଆଗୁଆ ବଇନା ଦେଇଛି । ସରଳ ଭାଷାରେ ବୁଝିଲେ, ହାଡ଼ିଆ ଭାଇ ବଡ଼ ମୋହନପୁର ଟିମ୍ ସହ ଅନୁବନ୍ଧିତ ହୋଇଛି ।

ହାଡ଼ିଆ ଭାଇର ଅନ୍ୟସବୁ ଗୁଣ ମୋତେ ଖରାପ ଲାଗିଲେ ମଧ୍ୟ ତା'ର କ୍ରିକେଟ୍ ଖେଳ ଭଲ ଲାଗେ । ତା'ର ଷ୍ଟ୍ରେଟ୍ ଡ୍ରାଇଭ୍, କଭର ଡ୍ରାଇଭ୍, ପୁଲ୍ ସଟ୍, ସ୍ୱିପ୍ ସଟ୍ ଖୁବ୍ ଆକର୍ଷଣୀୟ । ହାଡ଼ିଆ ଭାଇ କ୍ରିକେଟ୍ ପଡ଼ିଆରେ ଠିଆ ହୋଇଥିଲେ ଛକା, ଚଉକାର ବର୍ଷା ହୁଏ । ଫୁଲ୍ ଟସ୍ ବଲ୍‌କୁ ଛକା ମାରିବାରେ ହାଡ଼ିଆ ଭାଇ ଥାଏ ଓସ୍ତାଦ ।

ପିଲାଦିନେ ମୋତେ କ୍ରିକେଟ୍ ଖେଳ ଦେଖିବାକୁ ଭାରି ଭଲ ଲାଗେ । ଆମେସବୁ ନଖାଇ ନପିଇ ଆମ ଗାଁଠାରୁ ପା* କୋଶ ଦୂର ଅରଡ଼ପଲ୍ଲୀ, ଅନ୍ଧୁଳି, ଜରିଆ, କଳପଡ଼ା, ବଡ଼ ମୋହନପୁର ଆଦି ଗାଁକୁ କ୍ରିକେଟ୍ ଟୁର୍ନାମେ[ଦେଖିବାକୁ ଯାଉ । ସଞ୍ଜରେ ଗାଁକୁ ଫେରୁ ଓ ବାପାଙ୍କଠାରୁ ଗାଳିମାଡ଼ ଖାଉ ।

ଆମେସବୁ ଛୋଟ ପିଲାମାନେ ବି କ୍ରିକେଟ୍ ଖେଳୁ । ନଡ଼ିଆ ବାହୁଙ୍ଗାକୁ କାଟି କ୍ରିକେଟ୍ ବ୍ୟାଟ୍ କରୁ ଏବଂ ପଲିଥିନ୍ ଜରିକୁ ପୋଡ଼ି ସେଥିରୁ ଏକ କିମ୍ଭୁତ କିମ୍ଭାକାର ବଲ୍ ତିଆରି କରୁ । ସେହି ନଡ଼ିଆ ବାହୁଙ୍ଗା ବ୍ୟାଟ୍ ଆଉ ଜରିପୋଡ଼ା ବଲ୍‌ରେ ଆମେ ସଦ୍ୟ କଟାଯାଇଥିବା ଧାନ ବିଲରେ କ୍ରିକେଟ୍ ଖେଳୁ ।

ହାଡ଼ିଆ ଭାଇର କ୍ରିକେଟ୍ ଖେଳ ସେତେବେଳେ ଆମ ଭଳି ପିଲାଙ୍କୁ ଖୁବ୍ ଆକର୍ଷିତ କରୁଥାଏ । ହାଡ଼ିଆ ଭାଇ ବି ଆମକୁ ବ୍ୟାଟିଂ ସମ୍ପର୍କରେ ଟିପ୍‌ସ ଦିଏ । ବ୍ୟାଟ୍ କେମିତି ଧରିବାକୁ ହୁଏ, କେମିତି ରିଷ୍ଟ୍ ବୁଲାଇ ଏବଂ ଫ୍ର[ଫୁଟ୍ ମୁଭ୍‌ମେ[କରି ସଟ୍ ମାରିବାକୁ ହୁଏ, ସେ ସମ୍ପର୍କରେ ହାଡ଼ିଆ ଭାଇ ଆମମାନଙ୍କୁ ବୁଝାଏ ।

ହାଡ଼ିଆ ଭାଇ ସବୁବେଳେ ଆଗକୁ ଯାଇ ବଲ୍‌କୁ ପିଟିବାକୁ କହେ । ଡିଫେନ୍‌ସିଭ୍ ଖେଳକୁ ହାଡ଼ିଆ ଭାଇ ପସନ୍ଦ କରେନା ।

ହାଡ଼ିଆ ଭାଇ ଭଲ କ୍ରିକେଟ୍ ଖେଳେ । କିନ୍ତୁ ଖାଲି କ୍ରିକେଟ୍ ଖେଳିଲେ କ'ଣ ହେବ ? ଏଥିରେ କ'ଣ ପେଟ ପୋଷିହେବ ?

ହାଡ଼ିଆ ଭାଇର ବାପା ଖାଲି ହାଡ଼ିଆ ଭାଇ ଉପରକୁ ଗାରୁଗାରୁ ହେଉଥିବ । ତା'ଛଡ଼ା ହାଡ଼ିଆ ଭାଇଟା କ'ଣ ଗାଭାସ୍କର ନା ସଚ୍ଚିନ ତେନ୍ଦୁଲକର ? ସେ କ'ଣ ଯାଇ ଭାରତୀୟ କ୍ରିକେଟ୍ ଦଳରେ ଖେଳିବ ?

ହାଡ଼ିଆ ଭାଇ କୋଉ କଥାକୁ ନେଇ ଏତେ ସିରିୟସ୍ ନଥାଏ । ସବୁଥିରେ ସେ ବିନ୍ଦାସ୍ । ପାଠ ପଢ଼ା ସାରି ଚାକିରି ବାକିରି ନଥିବାରୁ ତା' ବାପା ତା' ଉପରେ ସବୁବେଳେ ଅଶାନ୍ତି ହେଉଥିବେ । ଘରେ ପାଟିତୁଣ୍ଡ ହେଉଥିବ । କିନ୍ତୁ ହାଡ଼ିଆ ଭାଇ ସେସବୁକୁ ଖାତିର କରୁ ନଥିବ । ପଖାଳ କଂସାଏ ଖାଇଦେଇ କ୍ରିକେଟ୍ ଖେଳିବାକୁ ପଡ଼ିଆକୁ ଚାଲିଯିବ । ନହେଲେ ମଙ୍ଗୁଆ ପ୍ରଧାନର ସେ ବଙ୍ଗାଲୁଣୀ ମାଇକିନା ଘରେ ଗଳିଥିବ ।

ସୋରିଆ ନାନୀ ପାଖରୁ ତା' ବାହାଘର ପ୍ରସ୍ତାବ ପଡ଼ିବା କଥା ଶୁଣିବା ପରଠୁ ହାଡ଼ିଆ ଭାଇର ମୁଣ୍ଡ କାମ କରୁ ନଥାଏ । ଏବେ ସେ କ'ଣ କରିବ ? ସୋରିଆକୁ ଉଠାଇ ନେଇଯିବ କି ?

ଧୁକୁନା କହୁଥିଲା- "ସୁରତ ଚାଲିଆ । ଏଠି ବବିନ୍ ଭରି ରୋଜଗାର କରିବୁ ।"

ଧୁକୁନା ସୁରତରେ ସୂତା କଳରେ କାମ କରି ଭଲ ଦି'ପଇସା ରୋଜଗାର କରୁଛି । ସେ ଆଗରୁ ବବିନ୍ ଭରୁଥିଲା । ଏବେ ମିସ୍ତ୍ରୀ ହୋଇଗଲାଣି । କପଡ଼ା ବୁଣିଲାଣି ।

ହାଡ଼ିଆର ଧୁକନା କଥା ମନ ପଡ଼ିଲା । ଭାବିଲା, ଧୁକୁନା କତିକି ସୁରତ ଚାଲିଯିବ । ସେଠି ଯାହା କିଛି କାମ ଖୋଜିବ । କିଛି କାମ ନ ମିଳିଲେ ଶେଷରେ ବବିନ୍ ଭରିବ ।

ଆମ ଗାଁର ଯୋଗିଆ, ଚଣ୍ଡିଆ ସୁରତରେ କେଉଁ ହୀରା ବ୍ୟବସାୟୀ ପାଖରେ କାମ କରି ଭଲ ରୋଜଗାର କରୁଛନ୍ତି । ଚଣ୍ଡିଆ ଗାଁରେ ଦୁଇତାଲା କୋଠା କଲାଣି । ଯୋଗିଆ ଖାଲି ଜମି ପରେ ଜମି କିଣୁଛି ।

ହାଡ଼ିଆ ଭାଇର ମୁଣ୍ଡରେ କିଛି ପଶୁ ନଥାଏ । ସେ କ'ଣ କରିବ ?

ସୋରିଆକୁ ସାଙ୍ଗରେ ନେଇ ସୁରତ ପଳେଇ ଯିବକି ? ସେଠି ଯଦି କୋଉ ହୀରା ବ୍ୟବସାୟୀ ପାଖରେ କାମ ପାଇଗଲା ତ ଭାଗ୍ୟ ଖୋଲିଯିବ । ସୋରିଆ ରାଣୀ ହୋଇ ରହିବ । ହେସ୍, ଏଗୁଡ଼ା ଦିବାସ୍ୱପ୍ନ ଭଳି ତାକୁ ଲାଗୁଥିଲା ।

ହାଡ଼ିଆ ଭାଇକୁ କିଛି ଭଲ ଲାଗୁ ନଥିଲା ।

କଲେଜ ପାଠ ପଢ଼ା ସରିଗଲା ପରେ ହାଡ଼ିଆ ଭାଇ ଦିନାକେତେ ରାଜନୀତି କଲା । ସେତେବେଳେ ନୂଆ ନୂଆ ପଦ୍ମ ଦଳ ରାଜନୀତିକୁ ଆସିଥାଏ । ଅଟଳ ବିହାରୀ ବାଜପେୟୀ, ଲାଲ୍ କୃଷ୍ଣ ଆଡ୍‌ଭାନୀଙ୍କ ଭାଷଣ ଶୁଣି ହାଡ଼ିଆ ଭାଇ ବିଜେପିରେ ଯୋଗ ଦେଲା ।

ନିର୍ବାଚନ ବେଳେ ହାଡ଼ିଆ ଭାଇ କାନ୍ଥରେ ବାଡ଼ରେ ଗେରୁଆ ରଙ୍ଗରେ ପଦ୍ମଫୁଲ ଚିହ୍ନ ଆଙ୍କେ । ଆଉ ତା' ତଳେ ଲେଖେ- 'ଭୋଟ୍ ଫର୍ ବିଜେପି' । ଏମିତି କିଛି ଦିନ ରାଜନୀତିରେ ମାତିଲା । ନିର୍ବାଚନ ସରିଗଲା । କିନ୍ତୁ ଏଥିରୁ ତାକୁ କିଛି ମିଳିଲାନି । ହାତରୁ ଖାଇ ଆଉ କେତେଦିନ ଘୋଡ଼ା ଚଢ଼ିବ ?

ହାଡ଼ିଆ ଭାଇ ଭାବିଲା, ସେ ସୁରତ ଚାଲିଯିବ । ଧୁକୁନା ପାଖରେ ରହି ବବିନ୍ ଭରିବ । ସୋରିଆକୁ ସାଙ୍ଗରେ ନେଇଯିବ ।

ପରଦିନ ସକାଳୁ ସକାଳୁ ଗାଁରେ ହାଲ୍ଲା ପଡ଼ି ଯାଇଥିଲା । ସୋରିଆକୁ ନେଇ ହାଡ଼ିଆ ଫେରାର ହୋଇଯାଇଛି ।

ସୋରିଆ ନାନୀ ଏଭଳି କାମ କରିବ ବୋଲି ମୋ'ର ବିଶ୍ୱାସ ନଥିଲା । ଏ କଥା ଶୁଣି ମୋର ଭାରି ମନ ଦୁଃଖ ହେଲା ।

ସେତେବେଳକୁ ମୁଁ ଗାଁ ଛାଡ଼ି କେନ୍ଦ୍ରାପଡ଼ାକୁ ଚାଲି ଆସିଥାଏ । କେନ୍ଦ୍ରାପଡ଼ା କଲେଜରେ ପ୍ଲସ୍ ଟୁ ସାଇନ୍‌ସ ପଢୁଥାଏ ।

ସୋରିଆ ନାନୀ ହାଡ଼ିଆ ଭାଇ ସାଙ୍ଗରେ ପଳେଇଯିବା ଖବର ଶୁଣିବା ପରଠୁ ମୋତେ କିଛି ଭଲ ଲାଗୁ ନଥିଲା । ସୋରିଆ ନାନୀ ହାଡ଼ିଆ ଭାଇ ସହ ଏମିତି ଚାଲିଯିବ ବୋଲି ମୁଁ କଳ୍ପନା କରି ନଥିଲି । ପୋଷ୍ଟାଲ ଚାକିରି କରିଥିବା ବରକୁ ଛାଡ଼ି ଏ ଛତରା ହାଡ଼ିଆ ଭାଇଟା ସହ ଚାଲିଯାଇ ସୋରିଆ ନାନୀ କିଛି ଭଲ କଲାନି । ସୋରିଆ ନାନୀ ଉପରକୁ ମୋର ଅଭିମାନ ହେଲା । କିଛିଦିନ ସୋରିଆ ନାନୀ କଥା ଭାବି ଭାବି ଭୋକ ଶୋଷ

ହେଲାନି ।

ମୋର ପ୍ଲସ୍ ଟୁ ଫାଇନାଲ୍ ଇୟର । ଆଗକୁ ପରୀକ୍ଷା ମୁଣ୍ଡ ଉପରେ । ତନୁଜା ବଳ କହୁଛି ମେଡିକାଲ୍ ପାଇଁ ପ୍ରିପେୟାର କର । ବଟାନି, ଜୁଲୋଜି କୋଚିଂ ନିଅ ।

ମୁଁ ମୋ' ପଢ଼ାପଢ଼ିକୁ ନେଇ ବ୍ୟସ୍ତ ରହିଲି । କ୍ରମେ ସୋରିଆ ନାନୀକୁ ଭୁଲିଗଲି ।

କିଛିବର୍ଷ ପରେ ଶୁଣିବାକୁ ପାଇଲି, ହାଡ଼ିଆ ଭାଇ ବୃନ୍ଦାବନକୁ ଚାଲିଯାଇ ସେଠାରେ ବାବା ହୋଇ କେଉଁ ଏକ ମଠରେ ରହୁଛି । ହାଡ଼ିଆ ଭାଇ ଭଳି ଏକ ଝିଅ କାଙ୍ଗାଳ ଟୋକା ପୁଣି ସନ୍ନ୍ୟାସୀ ହେବ, ଏ କଥାକୁ ମୁଁ ଜହ୍ନାରୁ ବି ବିଶ୍ୱାସ କରିପାରୁ ନଥିଲି ।

୨୩

ଭୋଟ୍ ପଡ଼ିଲା । ସେବର୍ଷ ସରକାର ବଦଳିଲା ।

ନୂଆ ସରକାର ଆସିବା ପରେ ପୁଣି ଶୁଣାଗଲା ଅଧା ପଡ଼ିଥିବା ଓରତ ଘାଟ ପୋଲ କାମ ଆରମ୍ଭ ହେବ । ପୂର୍ବ ସରକାର ମାତ୍ର ଦୁଇଟି ପିଲର୍ ପକାଇଥିଲେ । ତା' ପରେ କାମ ବନ୍ଦ ହୋଇ ଯାଇଥିଲା ।

ନୂଆ ସରକାର କିନ୍ତୁ ସେ ପୋଲ ପ୍ରତି ଏତେ ଦୃଷ୍ଟି ଦେଲେନି । ପୋଲ କରିବା ଦିଗରେ ମନ ବଳେଇଲେ ନାହିଁ । କାରଣ ନୂଆ ସରକାର ଆମ ଅ*ଳରୁ ଭୋଟ୍ ପାଇ ନଥିଲେ । ସରକାରୀ ଦଳର ବିଧାୟକ ପ୍ରାର୍ଥୀ ହାରି ଯାଇଥିଲେ । ଏଣୁ ପୋଲ କାମ ଯେମିତି ଥିଲା ସେମିତି ଅଧା ପଡ଼ି ରହିଲା ।

ନରିମାଷ୍ଟ୍ର ଏ ରାଜନୀତି ଦାଓପେ* ଭଲକରି ବୁଝିଥାଏ । ଏଣୁ ସେ ସବୁବେଳେ ବେପରୁଆ ଥାଏ । କାରଣ ସେ ଜାଣିଥାଏ, ଓରତଘାଟ ପୋଲ କେବେ ବି ହୋଇ ପାରିବନାହିଁ ।

ନରିମାଷ୍ଟ୍ର ନୂଆ ଡଙ୍ଗାଟିଏ କିଣିବ କିଣିବ ବୋଲି ବହୁ ଦିନରୁ ମନ ବଳାଇଥାଏ । କିନ୍ତୁ କିଣି ପାରୁ ନଥାଏ । ତା' ପାଖରେ ସମ୍ବଳ କାହିଁ ଯେ, ଡଙ୍ଗା କିଣିବ ? ହେଇ ହେଇ କି ବାପଅଜା ଅମଳର ଜମି ଖଣ୍ଡେ ପଡ଼ିଛି । ତାକୁ ବିକିଲେ ହୁଏତ ଡଙ୍ଗାଟିଏ କିଣି ପାରିବ । କିନ୍ତୁ ଜମି ବିକି ଡଙ୍ଗା କିଣିବାକୁ ନରିମାଷ୍ଟ୍ର ଭଲ ଦୃଷ୍ଟିରେ ଦେଖି ପାରୁ ନଥିଲା ।

ନରିମାଷ୍ଟ୍ର ଓପରକୁ ସିନା ହସହସ ବେପରୁଆ, ମନ ଭିତରେ ତା'ର ଅସ୍ଥୁତ ଦୁଃଖ । ଅସ୍ଥୁତ ବେଦନା । ଅସ୍ଥୁତ ଯନ୍ତ୍ରଣା । ଆଖି ଦୁଇଟିରେ ଓହଳି ରହିଥାଏ ମହଣେ ମହଣେ ଲୁହ । ଛାତିରେ ଛାତିଏ କୋହ ।

ଦୁଃଖର ପାହାଡ଼ ଉପରୁ ନରିମାଷ୍ଟ୍ର ହସର ଝରଣା ଝରାଉଥାଏ । ତଥାପି ଡଙ୍ଗାରେ ବସି

ଗୀତ ବୋଲୁଥାଏ । ବିଡ଼ି ପିଉଥାଏ । ଓଠ ତଳେ ମୋତିଆରି ଚୁନ ଜାକୁଥାଏ । ବାବୁଭୟାଙ୍କୁ ଦେଖିଲେ ଜୁହାର ନମସ୍କାର କରୁଥାଏ ।

ନରିମାଷ୍ଟ୍ରର ସଂସାର କହିଲେ ଗୋଟିଏ ପୁଅ, ଗୋଟିଏ ଝିଅ ଆଉ ତା' ରୋଗିଣା ବୁଢ଼ୀ । ପୁଅ ବଡ଼ । ଝିଅ ସାନ ।

ନରିମାଷ୍ଟ୍ରର ବହୁଦିନ ପର୍ଯ୍ୟନ୍ତ ପୁଅଝିଅ ହେଉ ନଥିଲେ । ଲୋକେ ତାକୁ ବାଞ୍ଛ ବୋଲି କହୁଥିଲେ । ବହୁ ଦିଅଁଦେବତା ପୂଜା କରି ବୁଢ଼ାକାଳେ ପୁଅଟିଏ ଜନ୍ମ କଲା । ତା' ପରେ ଝିଅଟିଏ ହେଲା ।

ପୁଅଟିଏ ହେବା ପରେ ନରିମାଷ୍ଟ୍ର ଖୁସିରେ ଆତ୍ମହରା ହୋଇ ପଡ଼ିଥିଲା । ଭାବିଥିଲା ପୁଅ ହେଲେ ତା' ଦୁଃଖ ଦୂର ହେବ । କୁଳ ରକ୍ଷା ହେବ । ମଲା ବେଳକୁ ମୁହଁରେ ପାଣି ଦବ ।

ପୁଅ ବଡ଼ ହୋଇ ଘାଟ ସମ୍ଭାଳିବ । ପୁଅ ପାଇଁ ନୂଆ ଡଙ୍ଗାଟିଏ କିଣିବ । ଏମିତି କେତେ କ'ଣ ଭାବୁଥିଲା ନରିମାଷ୍ଟ୍ର ।

ବିଧିର ବିଧାନ ଅଲଗା । ପୁଅ ବଡ଼ ହେବା ପରେ ସେ ଘାଟରେ ଡଙ୍ଗା ଚଳାଇବାକୁ ଅମଙ୍ଗ ହେଲା । ଡଙ୍ଗା ଚଳେଇବନି ବୋଲି ସିଧା ସିଧା ମନା କରିଦେଲା ।

ଡଙ୍ଗା ଚଳେଇ ପେଟ ପୋଷି ହେବନି କହି ପୁଅ ରାଜମିସ୍ତ୍ରୀ କାମ ଶିଖିଲା । ତା'ଛଡ଼ା ଆଗକୁ ଓରତଘାଟ ପୋଲ ହେବ ବୋଲି ଶୁଣାଯାଉଛି । ଯଦି ପୋଲ ହୋଇଯାଏ, ତା'ହେଲେ ଡଙ୍ଗା ଚଳେଇ ଆଉ କ'ଣ ପରିବାର ପୋଷି ହେବ ? ନରିମାଷ୍ଟ୍ରର ପୁଅ ଏହି ଯୁକ୍ତି କଲା ।

ପୁଅ ବାହାଶାହା ହେଲା । ବୁଢ଼ା, ବୁଢ଼ୀ ଭାବିଥିଲେ, ପୁଅ ବାହା ହେବା ପରେ ସେମାନଙ୍କ ଦୁଃଖ ଯିବ । କିନ୍ତୁ ବୋହୂଟା ଭଲ ପଡ଼ିଲାନି ।

ପୁଅ, ବୋହୂ ବୁଢ଼ା ବାପାଠାରୁ ଭିନ୍ନେ ହୋଇ ଗାଁ ମୁଣ୍ଡରେ ରହିଲେ । ନରିମାଷ୍ଟ୍ର ଚାହିଁଥିଲା, ବୁଢ଼ାକାଳେ ବୋହୂ ପରଷା ଖାଇବ । ବୋହୂ ହାତରୁ ଘସାମୋଡ଼ା ଖାଇବ । କିନ୍ତୁ ପୁଅ, ବୋହୂ ସେମାନଙ୍କଠାରୁ ଅଲଗା ହୋଇଗଲେ ।

ସାନ ଝିଅଟା ବି କୋଉ ଭଲ କାମ କଲା ?

ନାଁ ପକେଇଲା । ପୋଡ଼ାମୁହିଁଟା କୋଉ ଗୋଟା ବଙ୍ଗଳାଦେଶୀ ଫେରିବାଲା ସହ କୁଆଡ଼େ ପଳେଇଲା । ଯାଉ । ମରୁ ।

ନରିମାଷ୍ଟ୍ର ଆଉ ତା'ର ଖୋଜ ଖବର ରଖିନି ।

ନରିମାଷ୍ଟ୍ର ଭୀଷଣ ଭାଙ୍ଗି ପଡ଼ିଥିଲା । ଅନେକ ସମୟରେ ପୁଅଝିଅଙ୍କ ଉପରକୁ ଖିଙ୍କାରି ମିଙ୍କାରି ହେଉଥିଲା । ସବୁବେଳେ ଗୋଟିଏ କଥା ତା' ପାଟିରୁ ବାହାରୁଥିଲା- "ଯାଆନ୍ତୁ ସମସ୍ତେ । ଚାଲି ଯାଆନ୍ତୁ । ସେ ଏକୁଟିଆ ବଂଚିବା ଶିଖିଛି । ଭଗବାନ ତା' ଦି' ବାହାରେ

ବଳ ଦେଇଛନ୍ତି । ସେ ଏବେ ବି ଡଙ୍ଗା ଚଳାଇବାକୁ ସମର୍ଥ । ଏହି ଡଙ୍ଗାକୁ ନେଇ ସେ ବଂିବ । ଏହି ହୁଲିଖଣ୍ଡକ ତ ତା'ର ନିଜର ।"

ବୁଢ଼ୀ ଏଣେ କତରାଲଗା ହେଲାଣି । ବୁଢ଼ୀର ସେବା ଶୁଶ୍ରୂଷା କରିବାକୁ କେହି ନାହିଁ । ବୁଢ଼ୀର ଗୋଡ଼ହାତ ଫୁଲି ଯାଉଛି । କିଏ କହୁଛି ବୁଢ଼ୀର କିଡ୍‌ନି ଅଚଳ ହୋଇଯାଇଛି । ପୁଣି କିଏ କହୁଛି ବୁଢ଼ୀକୁ ଟିଭି (ଟ୍ୟୁବରକ୍ୟୁଲେସିସ୍) ରୋଗ ମାଡ଼ି ବସିଛି ।

ଦିନକୁ ଦିନ ବୁଢ଼ୀର ଦେହ ଅଧିକ ଖରାପ ଆଡକୁ ଗତି କରୁଛି ।

ଟିଭି ରୋଗଟା ହେବାଦିନୁ ବୁଢ଼ୀଟା ଏକଦମ୍ ଖରାପ ଦିଶିଲାଣି । ସବୁବେଳେ କାଶୁଛି । କାଶରେ ରକ୍ତ ପଡୁଛି ।

ତଥାପି ମରିପଡ଼ି ବୁଢ଼ୀ ଚୂଲିରେ ହାଣ୍ଡି ବସାଏ । ଯାହା ତାହା ରାନ୍ଧି ବୁଢ଼ାକୁ ପରଷି ଦିଏ ।

ହୁଲିଟା ପୁରୁଣା ହେଲାଣି । ତଳ ଫୁଟି ପାଣି ଲିକ୍ କରୁଛି । ନୂଆ ଡଙ୍ଗାଟେ କରିବାକୁ ନରିମାଷ୍ଟ୍ରର ସାଧ୍ୟ ନାହିଁ ।

ବେଳେବେଳେ ନରିମାଷ୍ଟ୍ର ପୁଅ, ଝିଅ, ସଂସାର ପ୍ରତି ବିମୁଖ ହୋଇଯାଏ । ଭାବେ ଏ ଭବ ସଂସାରରେ କିଏ କାହାର ହୋ ? ଆପେ ବଂିଲେ ବାପର ନାଁ । ଥିବ ଥିବ ନରିମାଷ୍ଟ୍ର ତା' ହୁଲି ଡଙ୍ଗାରେ ବସି ଭାଗବତରୁ ପଦୁଟିଏ ବୋଲିବ । ବଡ଼ ଦାର୍ଶନିକଟିଏ ଭଳି ନରିମାଷ୍ଟ୍ର ଦିଶୁଥିବ ।

"ଏ ଘୋର ସଂସାର ସାଗର, ଏଥେ ହୋ ବିଶ୍ୱାସ ନ କର ।
ଏ ପୁତ୍ର ଦାରା ବନ୍ଧୁ ସଙ୍ଗ, ଯେସନେ ସମୁଦ୍ର ତରଙ୍ଗ ।"

ଅ[ାରୁ ଦୋକତା ବାହାର କରି ହାତରେ ଭଲକରି ଦଳି ଓଠ କଳରେ ଜାକିବ ନରିମାଷ୍ଟ୍ର । ଆହୁଲା ମାରିବ ।

ଅଭିମାନରେ ଭଗବାନଙ୍କ ଉଦ୍ଦେଶ୍ୟରେ ଆଉ ପଦେ ବୋଲିବ-

"ଆହେ ଚକାଡୋଳା ଜଗତର ନାଥ,
ତୁମେ ଥାଉ ଆମ୍ଭେ ହେଉ ଅନାଥ ।"

କେତେବେଳେ ତା' ହୁଲି ନଈରେ ଭାସି ଭାସି ସେପଟ ଘାଟରେ ଲାଗିଯାଏ, ନରିମାଷ୍ଟ୍ର ଜାଣିପାରେନା ।

ଘାଟରେ ପହଂି ନରିମାଷ୍ଟ୍ର ହୁଲିରୁ ପାଣିତକ କାଢ଼ିବ । କାରଣ ତା' ହୁଲିରେ କଣା ହୋଇଯାଇଥିବାରୁ ପାଣି ପଶି ଯାଉଥିବ । ପ୍ରତି ଅଧଘ[ାରେ ଥରେ ସେ ହୁଲିରୁ ପାଣି ଉଝାଳୁଥିବ ।

ନରିମାଷ୍ଟ୍ର କହେ- ସବୁ ସେହି କାଳିଆର ଇଚ୍ଛା । ସେ ରଖିଲେ ରଖିବ, ମାରିଲେ ମାରିବ, ତାରିଲେ ତାରିବ । ସେ ଜଗତର ନାଥ ଜଗନ୍ନାଥ । ଜୟ ଜଗନ୍ନାଥ ।

୨୪

ଭାରତ ସରକାରଙ୍କ ପକ୍ଷରୁ ମୁଁ ସିନିୟର ଫେଲୋସିପ୍ ପାଇ ପ୍ରାଚୀନ ଓଡ଼ିଶାର ବନ୍ଦରମାନଙ୍କ ଉପରେ ଗବେଷଣା କରୁଥାଏ । ସେହି କାମରେ ମୁଁ ଏବେ ଥରେ ଜମ୍ବୁ ଦ୍ୱୀପକୁ ଯାଇଥିଲି । ଫଲ୍‌ସ ପଏ[ବନ୍ଦର ବିଷୟରେ ଅଧିକ କିଛି ଜାଣିବା ମୋର ଉଦ୍ଦେଶ୍ୟ ଥିଲା ।

ମୁଁ ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତା ଦେଇ ଯାଉଥାଏ । ରାସ୍ତାର ସେପେଟ ଲୁଣା ନଈ । ଲୁଣାନଈ ସେପଟେ ତେରଗାଁ ପାଟଣା ଦ୍ୱୀପା*ଳ ।

ଜମ୍ବୁ କେନାଲକୁ ଦେଖି ମୁଁ ବିଚଳିତ ହୋଇ ଉଠିଲି । କେନାଲର ଦୁର୍ଦ୍ଦଶା କଥା ନ କହିବା ଭଲ । କେନାଲ ସଂକୀର୍ଣ୍ଣ ହୋଇ ପଡ଼ିବା ସାଙ୍ଗକୁ ଦଳରେ ଭ[ି ହୋଇଯାଇଥାଏ ।

ଦିନ ଥିଲା, ଏ କେନାଲରେ ମାଳମାଳ ଷ୍ଟିମର, ଲ*୍ ଓ ଡଙ୍ଗା ଚାଲୁଥିଲା । ଏହାର କାଚକେନ୍ଦୁ ପାଣିରେ ମାଛରଙ୍କା ଚକ୍କର କାଟୁଥିଲା । ମୋ' ଅଜା ଓ ମାମୁମାନେ ଏହି କେନାଲ ଦେଇ କଟକ ଯାଉଥିଲେ । ପୁରୁଣା ଦିନର ସ୍ମୃତିଗୁଡ଼ା ମୋ' ଭିତରେ ଉଜ୍ଜୀବିତ ହେଉଥିଲେ ।

ମୁଁ ପାରାଦୀପ-ଦୈତାରୀ ଜାତୀୟ ରାଜପଥରୁ ମାର୍ଶାଘାଇ ଓଭର ବ୍ରିଜ୍ ତଳକୁ ଖସି ଜମ୍ବୁ କେନାଲ ରାସ୍ତା ଧରିଲି । ପଳାସପୁର ଗୋଡ଼ା, ବାଲଣା ଗୋଡ଼ା, ଗୋପାଳପୁର-ଗଉଡ଼ବାଡ଼ପୁର ଗୋଡ଼ା, ମହାକାଳପଡ଼ା ଗୋଡ଼ା, କିଆରବାଙ୍କ ଗୋଡ଼ା, ଛପାଲି ଗୋଡ଼ା ଦେଇ ମୁଁ ଜମ୍ବୁରେ ପହ*ିଲି । ଜମ୍ବୁ ବଜାରରେ ବଙ୍ଗଳାଦେଶୀଙ୍କ ବଡ଼ ହାଉଯାଉ । ସରକାର ଏଠାରେ ନୂଆ ଷ୍ଟୀଲ୍ ପ୍ଲା[ନିର୍ମାଣ କରୁଛନ୍ତି ।

ମହାକାଳପଡ଼ା ଗୋଡ଼ାରେ ପହ*ିଲା ବେଳକୁ ପିଲାଦିନର ଅଜା ଓ ମାମୁମାନଙ୍କ କଥା ଗୋଟିଗୋଟି କରି ମନେ ପଡୁଥାଏ । ସବୁକିଛି ପିଲାଦିନର ସ୍ମୃତି ଆଖି ଆଗରେ ନାଚି ଯାଉଥାଏ । ଅଜା ସାଙ୍ଗରେ ମୁଁ କେମିତି କେନାଲ ଗୋଡ଼ାକୁ ସଞ୍ଜବେଳେ ବୁଲି ଆସେ, କେନାଲ ବନ୍ଧ ଦେଇ ଦିନବେଳା କେମିତି ଘଁ ଘଁ ଗର୍ଜନ କରି କଳାଧୂଆଁ ଛାଡ଼ି ରାମଧଡ଼ା ଆସେ, ଆମେ କେମିତି କେନାଲ ପାଣିରେ ପହଁରି ପହଁରି ଆଖି ନାଲି ପକେଇ ଦେଉ, ଆମେ କେମିତି ଡଙ୍ଗାରେ ଜମ୍ବୁରେ ପହ*ୁ; ସବୁ ଗୋଟି ଗୋଟି କରି ମନକୁ ଆସୁଥିଲା ।

ଅଜା ଓ ମାମୁମାନେ ଏହି ଜମ୍ବୁଦ୍ୱୀପରେ ଝାର କରୁଥିଲେ । ଏହି କେନାଲ ଦେଇ କଟକରୁ ମାଲ୍ ଉଠାଉଥିଲେ । ଗୋବରୀ ନଈ ଓ କେନାଲ ଦେଇ ଗଣ୍ଡାକିଆ, ଅଳଭା, ପଟ୍ଟାମୁଣ୍ଡେଇରେ ପହ*ୁଥିଲେ ।

ଆଜି ଫଲ୍‌ସ ପଏ[ବନ୍ଦର ନିରବି ଯାଇଛି । ଘୋ'ଘା, ଗହଳି ଚହଳି ନାହିଁ । ବନ୍ଦରରେ ଆଉ ଲାଗୁନି ପଣ୍ୟବାହୀ ଜାହାଜ କି ଯାତ୍ରୀବାହୀ ଷ୍ଟିମର । କିନ୍ତୁ ଷ୍ଟୀଲ୍ ପ୍ଲା[ପାଇଁ ଲୋକଙ୍କ

ଗହଳି ବଢ଼ି ଯାଇଛି ।

ହୁକିଟୋଲା ବନ୍ଦରରେ ଥିବା ଇଂରେଜ ଅମଳର ସେହି ଭଙ୍ଗା ଦଦରା ଗୋଦାମ ଘର ମୁକ ସାକ୍ଷୀ ହୋଇ ଠିଆ ହୋଇଛି । ଦୁଇ ମହଲା ବିଶିଷ୍ଟ ଜମ୍ବୁକୋଠା କାଳିଆ ଭୂତ ଭଳି ଦିଶୁଥାଏ । ଦରିଆ ରାମଚଣ୍ଡୀ କୂଳରେ ଆଉ ହେନ୍ତାଳ ଜଙ୍ଗଲ ନଥାଏ । ଜମ୍ବୁଦ୍ୱୀପଟି ବଙ୍ଗଳାଦେଶୀଙ୍କ ଗୋଟିଏ ଛୋଟ ଭୂଖଣ୍ଡ ପାଲଟି ଯାଇଥାଏ ।

ଜମ୍ବୁ, ରାମନଗର, ଖରିନାସୀକୁ କେନ୍ଦ୍ରକରି ସବୁଠି ଗଢ଼ି ଉଠିଛି ବଙ୍ଗଳାଦେଶୀଙ୍କ ଗାଁଗଣ୍ଡା, ସହରବଜାର । ଜମ୍ବୁ ଦେଇ ଛଅ ଥାକିଆ କୋଷ୍ଟାଲ୍ ହାଇୱେ ଲମ୍ବି ଯାଇଛି ଆନ୍ଧ୍ର ଉପକୂଳରୁ ପଶ୍ଚିମବଙ୍ଗ ଅଭିମୁଖେ । ଗାଡ଼ି, ମୋଟର ଶବ୍ଦରେ କାନ ତାବ୍‌ଦା ହୋଇ ପଡୁଛି । ଯେଉଁଠି ଦିନେ ଘ* ହେନ୍ତାଳ ଜଙ୍ଗଲ ଥିଲା, ତା' ଉପରେ ଛଅ ଥାକିଆ କଳା ରଙ୍ଗର ପିଚୁ ରାସ୍ତାରେ ଶହଶହ ସଂଖ୍ୟାରେ ଗାଡ଼ି, ମୋଟର ଗଡୁଥାଏ ।

ମୋ' ସ୍ୱପ୍ନର ଜମ୍ବୁଦ୍ୱୀପର ଶାନ୍ତ, ସବୁଜ ଓ ଶୀତଳ ପରିବେଶ ମୁଁ ଆଉ ଦେଖିବାକୁ ପାଇଲିନି । ଏବେ ଏବେ ଗଢ଼ି ଉଠିଥିବା ନବ୍ୟ ଶିଳ୍ପ କାରଖାନାର ଧୂଆଁରେ ଜମ୍ବୁଦ୍ୱୀପ ଅଣନିଶ୍ୱାସୀ ହୋଇ ପଡୁଥାଏ । ମୋ' ସ୍ୱପ୍ନର ଫଲ୍‌ସ ପଏ[ବନ୍ଦର ମରି ଯାଇଥାଏ । ତା'ର ଶବ ପଡ଼ିଥାଏ । ମୋ' ଅଜା ଓ ମାମୁମାନଙ୍କ ଝାର କାରବାର ଇତିହାସର କେଉଁ ପୃଷ୍ଠାରେ ଲୁଚି ଯାଇଥାଏ ।

ଅଜାଙ୍କ ଝାର କାରବାରକୁ ମୁଁ ଏକ ସାଧାରଣ ବ୍ୟବସାୟ ବୋଲି କହିପାରିବିନି । ଏହା ସହ ଆମ ପିଲାଦିନର ଭାବପ୍ରବଣତା ଏବଂ ଆମ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସଂସ୍କୃତି ଯୋଡ଼ି ହୋଇ ରହିଛି । ଆଜି ଆମ ପିଲାମାନଙ୍କୁ 'ଝାର' କ'ଣ ବୋଲି କହିଲେ ସେମାନେ ବୁଝି ପାରିବେନି । ମୁଁ ବି ବୁଝାଇ ପାରିବିନି ।

ଅଜା ଓ ମାମୁମାନେ ଜମ୍ବୁଦ୍ୱୀପର ହେନ୍ତାଳ ଜଙ୍ଗଲରୁ ଝାର କରୁଥିଲେ । ଜୀବଜନ୍ତୁ ଶିକାର କରୁଥିଲେ । ଜାଳେଣି କାଠ ସଂଗ୍ରହ କରୁଥିଲେ । ଖାଲି ଅଜା କାହିଁକି ମହାକାଳପଡ଼ା ଓ ରାଜନଗର ଅ*ଳର ଅନେକ ଲୋକ ଏ ଝାର କାରବାର ସହ ଲିପ୍ତ ଥିଲେ । ଏହା ସ□ସେତେବେଳେ ହେନ୍ତାଳ ଜଙ୍ଗଲ ଧ୍ୱଂସ ହୋଇଯାଉ ନଥିଲା କି ଜୀବଜନ୍ତୁ ବିଲୁପ୍ତ ହେଉ ନଥିଲେ ।

ଅଜା କହନ୍ତି, ସେମାନେ ଝାର କରିବା ବେଳକୁ ଜମ୍ବୁଦ୍ୱୀପର ହେନ୍ତାଳ ବନରେ ମହାବଳ ବାଘ ହେ[ାଲୁଥିଲେ । ହରିଣ, ସମ୍ବର, ବାର୍ହା, କୃଷ୍ଣସାର, ବଜ୍ରକାପ୍ତା, ଅଜଗର, ଅହିରାଜ, କୁମ୍ଭୀର ତ ମାଳମାଳ ଥିଲେ । ରାଇ, ବନି, ଓରୁଅ, ସିନ୍ଦୁକା, ହବାଳି, ପୀତାମ୍ବରି ଆଦି ଗଛଙ୍କ ଗହଣରେ ଜମ୍ବୁଦ୍ୱୀପ ହସୁଥିଲା । ଆଜି ଏସବୁ ଜୀବଜନ୍ତୁ ଓ ଗଛଲତା ଏଠାରେ ସ୍ୱପ୍ନ ପାଲଟି ଯାଇଛି ।

ପିଲାଦିନେ ମୁଁ ଅଜା ଓ ମାମୁମାନଙ୍କ ସହ କେତେ ଥର ଫଲ୍‌ସ ପଏ[ବନ୍ଦର,

ବଡାଘର, ହୁକିଟୋଲା କୋଠା, ଦରିଆ ରାମଚଣ୍ଡୀ ବୁଲିଯାଇଛି । ଏସବୁ ଆଜି ମୋତେ ସ୍ୱପ୍ନ ସ୍ୱପ୍ନ ଲାଗୁଥିଲା । ସେତେବେଳେ ମୁଁ ଏସବୁ ସ୍ଥାନକୁ ଅଜାଙ୍କ ସହ ଡଙ୍ଗାରେ ଆସୁଥିଲି । ଆଜି କିନ୍ତୁ ଏସବୁ ସ୍ଥାନକୁ ପିନ୍ ପିନ୍ ରାସ୍ତା ଫିଟି ଯାଇଛି । ଗାଡ଼ି ମୋଟର ଗଡୁଛି ।

ମୁଁ ପୂର୍ବରୁ କହିଛି, ମୋ' ଅଜାଙ୍କର ପୂର୍ବ ପୁରୁଷମାନେ ସାଧବ ଥିଲେ । ସେମାନେ ଜମ୍ବୁଦ୍ୱୀପରୁ ସିଂହଳ, ଜାଭା, ସୁମାତ୍ରା, ବାଲି ଦ୍ୱୀପକୁ ବୋଇତରେ ବାଣିଜ୍ୟ କରି ଯାଉଥିଲେ । ଆଜି ସେ ସାଧବ, ବୋଇତ, ଫଲ୍‌ସ ପଏ[ବନ୍ଦର, ଝାର ମୋତେ କେବଳ ସ୍ୱପ୍ନ ଭଳି ଲାଗୁଥିଲା । ମୁଁ ସ୍ୱପ୍ନ ଦେଖୁ ନାହିଁ ତ ?

ବଙ୍ଗଳାଦେଶୀମାନେ ଏଠାରେ ବସବାସ କରିବା ପରେ ଜମ୍ବୁ ଦ୍ୱୀପର ହେନ୍ତାଳ ଜଙ୍ଗଲ ଓ ସବୁଜିମାକୁ ଧ୍ୱଂସ କରିଦେଇଛନ୍ତି ।

ଜମ୍ବୁ, ରାମନଗର ଓ ଖରିନାସୀ ସେତେବେଳକୁ ବିଶାଳ ବଙ୍ଗୀୟ ସହରା*ଳ ଭାବେ ନୂଆ ପରିଚୟ ସୃଷ୍ଟି କରିଥାଏ । ସବୁଠି କୋଠାବାଡ଼ି, କଳକାରଖାନା ଓ ଗାଡ଼ିମୋଟରର ଶବ୍ଦ ।

ଜମ୍ବୁ କେନାଲ ପୋତି ହୋଇ ଯାଇଥାଏ । ଜମ୍ବୁ ଲକ୍‌ରୁ ବଙ୍ଗଳାଦେଶୀମାନେ ପଥର ତାଡ଼ି ନେଇ ନିଜ ନିଜ ଘର ଆଉ ବାଡ଼ି ଅଗଣାରେ ବିଛେଇଥାନ୍ତି । ଗୋବରୀ ମୁହାଣର ହେନ୍ତାଳ ଜଙ୍ଗଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥାଏ ।

ମନ କଷ୍ଟରେ ମୁଁ ଜମ୍ବୁଦ୍ୱୀପରୁ ଫେରିଲି ।

୨୫

ପୁରୁଣା ସରକାର ଆରମ୍ଭ କରିଥିବା ଓରତଘାଟ ପୋଲ ସମ୍ପୂର୍ଣ୍ଣ କରିବାକୁ ନୂଆ ସରକାର ମନ ବଳେଇଲେନି । ଲୋକେ ପୋଲ କଥା ଭୁଲିଗଲେ ।

ନରିମାଷ୍ଟ୍ର ମନେ ମନେ ଭାବୁଥିଲା- "ଯାହା ହେଉଛି ଭଲ ହେଉଛି । ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।"

ପୁରୁଣା ହୁଲିଟା ଭାଙ୍ଗିରୁଜି ଯାଇଥିବାରୁ ନରିମାଷ୍ଟ୍ର ଭାବିଲା ନୂଆ ଡଙ୍ଗାଟିଏ କିଣିବ । ଫଟା ହୁଲିରୁ ପାଣି କାଢ଼ି କାଢ଼ି ସେ ବେଦମ ହୋଇ ଯାଉଥିଲା ।

ପୁଅ ତ ସହଯୋଗ କରୁନି । ନ କରୁ । ସେ ଯେମିତି ବି ହେଉ, ନୂଆ ଡଙ୍ଗାଟିଏ କିଣିବ । ଏଣିକି ତାକୁ ଆଉ ଏ ଫଟା ହୁଲିଟା ପାଇଁ ହୀନସ୍ତା ହେବାକୁ ପଡ଼ିବନି । ନୂଆ ଡଙ୍ଗାଟି ଗୋବରୀର ଫୁଲନ୍ତା ଛାତିରେ ଡେଇଁ ଡେଇଁକା ନାଚି ନାଚିକା ଏପାରି ସେପାରି ହବ ।

ନରିମାଷ୍ଟ୍ରର ଧଇଁ ରୋଗଟା ବଢ଼ି ଯାଇଥିଲା । ବୁଢୀଟା ତେଣେ କତରାଲଗା ହେଲାଣି । ନରିମାଷ୍ଟ୍ରର ମନ ଭଲ ନଥିଲା ।

ଗଲାବର୍ଷ ହୁଲିଟା ପଥର ଚଡ଼ାରେ ପିଟି ହୋଇଯିବାରୁ ତଳ ପଟ ଫାଟି ଯାଇଥିଲା ।

ଅବଶ୍ୟ ତାକୁ ମରାମତି କରି ନରିମାଷ୍ଟ୍ର କାମ ଚଳଉଥିଲା । ସେବେଠୁ ହୁଲିର ତଳୁ ପାଣି ଲିକ୍ କରୁଛି । ଯେତେ ଟାର୍‌ପିନ୍ କି ଆଲକତରା ବୋଳିଲେ ବି ପାଣି ବୋହିବା ବନ୍ଦ ହେଉନି । ତା'ଛଡ଼ା ଦଦରା ହୁଲିରେ ବସିବାକୁ ଲୋକେ ବି ଡରିଲେଣି । ଏ କଥା ନରିମାଷ୍ଟ୍ର ଜାଣି ପାରୁଥିଲା ।

ନୂଆ ଡଙ୍ଗାଟିଏ କିଣିବା ନିହାତି ଦରକାର । ନରିମାଷ୍ଟ୍ର ଭାବୁଥିଲା, ଯେମିତି ହେଉ ପଛେ, ଏବର୍ଷ ଦୁର୍ଗାପୂଜା ବେଳକୁ ନୂଆ ଡଙ୍ଗାଟିଏ କିଣିବ ।

ସମୟ କେମିତି ଗଡ଼ି ଯାଉଛି, ଜାଣି ହେଉନି । ନରିମାଷ୍ଟ୍ରକୁ ଆଜିକାଲି ଭଳି ମନେ ହେଉଥିଲା । ଏହା ଭିତରେ ଷାଠିଏ ବର୍ଷ ବିତିଗଲାଣି । ନରି ମାଷ୍ଟ୍ରକୁ ଯେତିକି ବୟସ ହେଲାଣି, ଏ ହୁଲି ଡଙ୍ଗାର ବୟସ ବି ସେତିକି । ନରିମାଷ୍ଟ୍ରର ମନେ ପଡୁଛି, ଯେଉଁବର୍ଷ ସେ ଜନ୍ମ ହୋଇଥିଲା, ସେହିବର୍ଷ ତା' ବାପା ଏ ହୁଲି ଡଙ୍ଗା କିଣିଥିଲେ ।

ନରିଆ ଜନ୍ମ ହେଲାରୁ ତାଙ୍କର ନୂଆ ହୁଲି ଡଙ୍ଗାଟା କିଣାଗଲା । ପୁଅଟା ଆମ ପାଇଁ ବଡ଼ ଭାଗ୍ୟବାନ । ନରିମାଷ୍ଟ୍ରର ବାପା ବୁଲି ବୁଲି ସବୁଠି କହୁଥିଲେ । ଖୁସିରେ ନାଚୁଥିଲେ ।

ନରିମାଷ୍ଟ୍ରର ବାପା ବି ଏଇ ଓରତ ଘାଟରେ ଡଙ୍ଗା ଚଳାଉଥିଲେ । ନରିମାଷ୍ଟ୍ରର ବାପା କାହିଁକି ତାଙ୍କ ପୂର୍ବପୁରୁଷମାନେ ଏହି ଓରତଘାଟରେ ଡଙ୍ଗା ଚଳାଉଥିଲେ । ଏହା ତାଙ୍କର କୁଳ ବେଉସା ଥିଲା ।

ହେଲେ ନରିମାଷ୍ଟ୍ରର ପୁଅ ଏ ବୃ□ି ପ୍ରତି ମୁହଁ ଫେରେଇଛି । ନରିମାଷ୍ଟ୍ରର ପୁଅ ରାଜମିସ୍ତ୍ରୀ କାମ କରୁଛି । ଅବଶ୍ୟ ରାଜମିସ୍ତ୍ରୀ କାମ କରି ପୁଅ ଭଲ ଦି'ପଇସା ରୋଜଗାର କରିପାରୁଛି ।

ନରିମାଷ୍ଟ୍ରର କହିବା କଥା, ପୁଅ ଏ ବୃ□ିକୁ ଆଦର ନ କରୁ ପଛେ ସେ ବଂ□ିବା ଯାଏ ଏଇ ଘାଟରେ ଡଙ୍ଗା ବାହୁଥିବ । ଗୋବରୀ ଘାଟରେ ଡଙ୍ଗା ବାହୁ ବାହୁ ତା' ପ୍ରାଣ ଚାଲିଗଲେ ସେ ମୁକ୍ତି ପାଇଯିବ । ତା' ବଂ□ିବା ସାର୍ଥକ ହୋଇଯିବ ।

ନରିମାଷ୍ଟ୍ରର ବାପାର ବି ସେମିତି ମରଣ ହୋଇଥିଲା । ଡଙ୍ଗା ବାହୁଥିବା ଅବସ୍ଥାରେ ନରିମାଷ୍ଟ୍ରର ବାପା ହଠାତ୍ ଟଳି ପଡ଼ିଲେ । ସେଇଠି ଡଙ୍ଗା ଉପରେ ସେ ମରିଗଲେ ।

ନରିମାଷ୍ଟ୍ର ସେତେବେଳକୁ ବାଳୁତ ପିଲା । ବାପା ଚାଲିଗଲା ପରେ ଡଙ୍ଗା ବାହିବା ବୋଝ ତା' କାନ୍ଧ ଉପରେ ପଡ଼ିଛି । ସେବେଠୁ ଆଜି ଯାଏ ନିରନ୍ତର ଭାବେ ଡଙ୍ଗା ବାହି ଚାଲିଛି ।

ନରିମାଷ୍ଟ୍ରର ବୁଢ଼ାବାପା ମରିବା ଏହା ଭିତରେ ଅନେକ ବର୍ଷ ବିତିଗଲାଣି । କିନ୍ତୁ ବାପା କରି ଯାଇଥିବା ହୁଲି ଡଙ୍ଗାଟିକୁ ସେ ଆଜି ବି ଚଳାଉଛି । ନୂଆ ଡଙ୍ଗାଟିଏ କରିବା ପାଇଁ ତା'ର କାଢ଼ ବା କାହିଁ ?

ନରିମାଷ୍ଟ୍ର କେତେ ଥର ଭାବିଲାଣି ଯେମିତି ହେଉ ନୂଆ ଡଙ୍ଗା ଖଣ୍ଡିଏ କିଣିବ । ଏ ଅଭାବୀ ସଂସାରକୁ ଚଳାଉ ଚଳାଉ ଡଙ୍ଗାଟିଏ କିଣିବା ତା' ପାଇଁ ସମ୍ଭବ ହୋଇ ପାରିନି ।

ବାପା ତା' ପାଇଁ ଏଇ ହୁଲି ଡଙ୍ଗାଟିଏ ଆଉ ଦୁଇ ଗୁଣ୍ଠ ଡିହ ଜମି ଛାଡ଼ି ଯାଇଥିଲେ । ବାପା ଛାଡ଼ି ଯାଇଥିବା ହୁଲିକୁ ତ ଆଜି ଯାଏ ସେ ଚଳାଉଛି । ଡିହ ଜମି ଖଣ୍ଡେ ପଡ଼ିଛି । ତାକୁ ବିକି ଡଙ୍ଗା ଖଣ୍ଡିଏ କିଣିବ ବୋଲି ନରିମାଷ୍ଟ୍ର ଅନେକ ଥର ଭାବିଲାଣି । କିନ୍ତୁ ବାପା ଛାଡ଼ି ଯାଇଥିବା ଜମି ଖଣ୍ଡେକୁ ବିକିବାକୁ ସାହସ ଜୁଟାଇନି କେବେ ।

ଦିନକୁ ଦିନ ବୁଢ଼ୀର ଅବସ୍ଥା ଖରାପ ଆଡକୁ ଗତି କରୁଛି । ବୁଢ଼ୀ ଟିଭି ବେମାରରେ କତରା ଧରିଲାଣି । କିଡ୍‌ନି ଖରାପ ଯୋଗୁଁ ଗୋଡ଼ହାତ ଫୁଲିଗଲାଣି । ଆଖିରେ ପରଳ ମାଡ଼ିଯିବାରୁ ବୁଢ଼ୀକୁ କିଛି ଭଲ ଦିଶୁନି । ଅ[। ନଇଁଗଲାଣି ।

ଗାଁଲୋକ, ସାଇପଡ଼ିଶା ନରିମାଷ୍ଟ୍ରକୁ କହନ୍ତି- "ବୁଢ଼ୀକୁ କଟକ ବଡ଼ ଡାକ୍ତରଖାନା ନେଇଯା । ବୁଢ଼ୀ ଏମିତି ଭଲ ହେବନି ।"

ନରିମାଷ୍ଟ୍ର ସବୁ ଶୁଣି ନ ଶୁଣିଲା ଭଳି ରହେ । କାଠେଇ ଯାଏ । ଛାତିକୁ ପଥର କରିଦିଏ । ପାଷାଣ ପାଲଟି ଯାଏ ।

କଟକ ବଡ଼ ଡାକ୍ତରଖାନାକୁ ଯିବା ପାଇଁ ତା' ପାଖରେ ଧନବଳ କାହିଁ ? ଯାହା ତ ହୁଲିରୁ ଦି' ପଇସା ରୋଜଗାର ହେଉଛି, ସେଥିରେ ଯଥାକଥା ଦୈନିକ ଗୁଜୁରାଣ ମେ[ୁଛି । ବିଡ଼ି, ଖଇନିକୁ ଅ[ୁନି । ଆଉ ସ*ୟ ପଇସା କାହିଁ ଯେ, ବୁଢ଼ୀକୁ ବଡ଼ ଡାକ୍ତରଖାନା ନେବ ?

ବୁଢ଼ୀ ମରୁ ପଛେ, ସେ ଡଙ୍ଗା ଖଣ୍ଡେ କିଣିବ । ପୁଣି ନରିମାଷ୍ଟ୍ର ଭାବେ ଡିହ ଜମିଟାକୁ ବିକି ବୁଢ଼ୀକୁ କଟକ ବଡ଼ ଡାକ୍ତରଖାନା ନେବ ? ସେଠାରେ ଚିକିତ୍ସା କରେଇ ବୁଢ଼ୀକୁ ଚାଙ୍ଗା କରେଇ ଆଣିବ ?

ନରିମାଷ୍ଟ୍ରର ମନ ଦବିଯାଏ । ଜମି ଖଣ୍ଡେ ଚାଲିଗଲେ, ତା'ର ସର୍ବସ୍ୱ ଚାଲିଯିବ । ପାଦତଳୁ ମାଟି ଟିକକ ହରେଇବ । ଏ କଥା ଭାବି ନରିମାଷ୍ଟ୍ର ଜମି ବିକିବା କଥା ମନରୁ ପୋଛିଦିଏ । ଛାତିକୁ ପଥର କରି ବୁଢ଼ୀର ସବୁ ଦୁଃଖଯନ୍ତ୍ରଣା ସହିଯାଏ ।

ବୁଢ଼ୀ ଆଉ କୋଉ ବେଶିଦିନ ବ*ଲା କି ? କତରାରେ ପଡ଼ି ପଡ଼ି ତିନି ମାସ ପରେ ବୁଢ଼ୀ ଆର ପାରିକୁ ଚାଲିଗଲା ।

ନରିମାଷ୍ଟ୍ର ଏକୁଟିଆ ହୋଇଗଲା । ନିଃସଙ୍ଗ ହୋଇଗଲା ।

ପୁଅ ବୋହୂ ତାକୁ ଛାଡ଼ି ଗାଁମୁଣ୍ଡରେ ଅଲଗା ରହୁଥିଲେ । ଝିଅ ତ କୋଉ ବଙ୍ଗଳାଦେଶୀ ଫେରିବାଲା ଟୋକା ସହ ଚାଲି ଯାଇଥିଲା । ତା'ର ଖୋଜ୍ ଖବର କିଛି ନଥିଲା । ଏବେ ବୁଢ଼ୀ ଚାଲିଗଲା । ସମସ୍ତେ ନରିମାଷ୍ଟ୍ରକୁ ଏକୁଟିଆ କରି କିଏ କୁଆଡ଼େ ଛାଡ଼ି ଚାଲିଗଲେ ।

ଭଙ୍ଗା ହୁଲିଟା ଏବେ ଯାହା ନରିମାଷ୍ଟ୍ରର ନିଜର ହୋଇ ରହିଥିଲା । କିନ୍ତୁ ଏ ହୁଲିଟା ତ ତା' ଭଳି ଦଦରା ହୋଇଗଲାଣି ।

ୟାକୁ ବିକି ନୂଆ ଡଙ୍ଗାଟେ କିଣିବ କିଣିବ ବୋଲି ନରିମାଷ୍ଟ୍ର ମନ କଲା । ନରିମାଷ୍ଟ୍ର ମନରେ ସାହସ ଜୁଟାଇଲା । ବାପାଙ୍କ ସୂତ୍ରରୁ ପାଇଥିବା ଜମିଖଣ୍ଡେ ବିକି ନୂଆ ଡଙ୍ଗାଟିଏ କିଣିବ । ହଁ, ହଁ, ସେ ଜମି ବିକି ଡଙ୍ଗା କିଣିବ । ନରିମାଷ୍ଟ୍ର ମନକୁ ଦୃଢ଼ କଲା ।

ଧାର କରଜ, ହାତ ଉଧାରି କରି ନରି ମାଷ୍ଟ୍ର ବହୁ କଷ୍ଟରେ ଡଙ୍ଗାଟିଏ କିଣିଲା । ନରିମାଷ୍ଟ୍ରର ମନ ଖୁବ୍ ଚ*ଳ ହୋଇ ଉଠୁଥିଲା । ନୂଆ ଡଙ୍ଗାକୁ ଦେଖି ସେ ଭୋକଶୋଷ ଭୁଲିଗଲା । ତା' ଆଖିରେ ନିଦ ନଥିଲା ।

ନୂଆ ଡଙ୍ଗାଟିଏ କିଣାହେଲା । ଏଣିକି ସବୁକିଛି ସ୍ୱାଭାବିକ ହୋଇଯିବନି ? ନରିମାଷ୍ଟ୍ର ଗୋଟିଏ ବଡ଼ ଆଶା ନେଇ ଆଗକୁ ଧାଉଁଥିଲା ।

ବୁଢ଼ୀ ବ*ଥିଲେ, ନୂଆ ଡଙ୍ଗା ଦେଖି ଭାରି ଖୁସି ହୋଇଥା'ନ୍ତା । ନରିମାଷ୍ଟ୍ର ବୁଢ଼ୀ କଥା ମନେ ପକାଇ କାନ୍ଦି ପକାଇଲା ।

ପୁଣି ନିର୍ବାଚନ ଆସିଲା । ପୁଣି ଭୋଟ୍ ପଡ଼ିଲା । ପୁଣି ସରକାର ବଦଳିଲେ । ଯେଉଁ ପୁରୁଣା ସରକାର ପୋଲ କାମ ଆରମ୍ଭ କରିଥିଲେ ସେହି ସରକାର ପୁଣି ନିର୍ଦ୍ଦେଶ ଦେଲେ- "ଯେମିତି ହେଉ ଓରତ ଘାଟ ପୋଲ କାମ ଏହି ବର୍ଷ ଭିତରେ ଶେଷ କର ।"

ପୋଲ କଥା ଉଠିଲେ ନରିମାଷ୍ଟ୍ର ଛାତିରେ ଛନକା ପଶିଯାଏ । ଏଥର ପୋଲ କାମ ନିଶ୍ଚୟ ଶେଷ ହେବ ବୋଲି ନରିମାଷ୍ଟ୍ର କାନରେ ପଡୁଥାଏ । କିନ୍ତୁ ସେ ଏହାକୁ ଫୁ' କରି ଉଡ଼ାଇ ଦିଏ ।

ନରିମାଷ୍ଟ୍ର ମନେ ମନେ ଭାବୁଥାଏ, ସେ ଜୀବନରେ ଏମିତି କେତେ ସରକାର ଦେଖିଲାଣି । କେତେ ସରକାର ଆସିଲେଣି ଆଉ ଗଲେଣି । ଓରତଘାଟ ପୋଲ ହୋଇପାରୁନି । ହେଲେ ଏ ଗୋବରୀ ଘାଟ ଅଛି, ଆଉ ନରିମାଷ୍ଟ୍ର ବି ଅଛି ।

ଓରତଘାଟ ପୋଲ ହେବନି ବୋଲି ନରିମାଷ୍ଟ୍ର ଦୃଢ଼ ନିଶ୍ଚିତ ଥିଲା । ତଥାପି ତା' ଛାତି ଭିତରେ କେଉଁଠି ଟିକେ ଡର ଥିଲା । ପୋଲ ହୋଇଗଲେ ତା'ର ସର୍ବନାଶ ହୋଇଯିବ ।

ନୂଆ ଡଙ୍ଗାଟି ପାଇଁ ସେ ସର୍ବସ୍ୱ ହରାଇଛି । ଜମି ହରାଇଛି । ବୁଢ଼ୀକୁ ହରାଇଛି । ପୁଅ, ଝିଅ ତା'ଠୁ ଦୂରେଇ ଯାଇଛନ୍ତି ।

ନରିମାଷ୍ଟ୍ର ନୂଆ ଡଙ୍ଗାଟିକୁ ଗୋଟିଏ ନବ ବିବାହିତା ବୋହୂଟିଏ ଭଳି ସଜେଇଥାଏ । ଡଙ୍ଗାର ମଙ୍ଗରେ ନାଲି କପଡ଼ା ଓ ଚିକ୍‌ମିକ୍ ଜରି ଝାଲର ଗୁଡ଼େଇଥାଏ । ନାଲି ସିନ୍ଦୁରରେ ବଡ଼କରି 'ଓଁ' ଲେଖିଥାଏ ।

ନୂଆ ଡଙ୍ଗାକୁ ନେଇ ନରିମାଷ୍ଟ୍ର ଆନନ୍ଦରେ ଉଛୁଳି ଉଠୁଥାଏ । ଏଣିକି ତା' ଭାଗ୍ୟ ବଦଳିବ । ଏବେ ଆଉ କେହି କହିବେନି, ପୁରୁଣା ହୁଲିରେ ଆମେ ବସିବୁନି ।

ନୂଆ ସରକାର କିନ୍ତୁ ନଛୋଡ଼ବନ୍ଧା । ଯେମିତି ହେଲେ ଏହି ବର୍ଷକ ଭିତରେ ଓରତଘାଟ ପୋଲ କାମ ଶେଷ କରିବାକୁ ହେବ । କାରଣ ପୋଲ ଶୁଭ ଦିଆଯିବା ଏହା ମଧ୍ୟରେ

ପଚିଶ ବର୍ଷ ବିତିଗଲାଣି । ପୋଲ କାମ ଅଧା ହୋଇ ପଡ଼ିଛି । ଲୋକେ ଭାରି ଅସନ୍ତୁଷ୍ଟ ଅଛନ୍ତି । ଆନ୍ଦୋଳନ ଶୋଭାଯାତ୍ରା କରୁଛନ୍ତି । ଧର୍ମଘଟ କରୁଛନ୍ତି । ଭୋଟ୍ ବର୍ଜନର ଧମକ ଦେଉଛନ୍ତି । ଆଉ ବିଳମ୍ବ କରିହେବନି । ଏହା ସରକାର ଜାଣି ସାରିଥିଲା ।

ସରକାର ପୁଣି ଥରେ ସାନି ଟେଣ୍ଡର ଡାକିଲେ । କାରଣ ପୁରୁଣା କ[ାକ୍ଟର ସହ ବିବାଦ ହେବାରୁ ସେ ଅଧାରୁ କାମ ଛାଡ଼ି ଚାଲି ଯାଇଥିଲା ।

ପୁଣି ଓରତଘାଟ ଚଳଚ*ଳ ହେଲା । ନୂଆ ଠିକା ସଂସ୍ଥାର କ୍ୟାମ୍ପ୍ ପଡ଼ିଲା । କ୍ରେନ୍, ପେ-ଲୋଡର, ଟିପର୍, ମିକ୍ଶର ମେସିନ୍, ସିମେ[, ବାଲି, ଲୁହାଛଡ଼ ଗଦା ହେଲା । ଶହଶହ ସଂଖ୍ୟାରେ ଲେବର ଲାଗିଲେ । ତିନି ନମ୍ବର, ଚାରି ନମ୍ବର ଓ ପା* ନମ୍ବର ପିଲର୍ କାମ ଆରମ୍ଭ ହେଲା ।

କାମ୍ ବଡ଼ ଦ୍ରୁତ ଗତିରେ ଆଗେଇ ଚାଲିଲା । ଛଅ ମାସ ଭିତରେ ସବୁ ପିଲର୍ କାମ ଶେଷ ହୋଇଗଲା । ତା'ପରେ ପୋଲର ସ୍ଲାବ୍ ପଡ଼ିଗଲା । କହିବାକୁ ଗଲେ ପୋଲ କାମ ବର୍ଷକ ମଧ୍ୟରେ ଶେଷ ହେବାକୁ ବସିଲା । ବାକି ଆପ୍ରୋଚ୍ ରୋଡ୍ ପାଇଁ କିଛି ଜବରଦଖଲ ଉଚ୍ଛେଦ ହେବାକୁ ଥିବାରୁ କାମ ବିଳମ୍ବ ହେଉଥିଲା ।

ଓରତ ଘାଟର ପ୍ରସିଦ୍ଧ ପହଲି ସୋଇଁ ଚାହା ଦୋକାନ ଭଙ୍ଗାଗଲା । ପହଲି ସୋଇଁର ଚାହା ଦୋକାନ ଉପରେ ପୋଲକୁ ସଂଯୋଗ କରୁଥିବା ରାସ୍ତା ହେଲା । ପୋଲ ହେବା ପରେ ବହୁତ ବଡ଼ ଆଉ ଚଉଡ଼ା ରାସ୍ତା ଫିଟିଲା ।

ଗୋବରୀ ନଈ କୂଳରେ ରହୁଥିବା କେଳା ବସ୍ତି, କେଉଟ ବସ୍ତି ଆଉ କୁମ୍ଭାର ବସ୍ତିକୁ ଉଠାଇ ଦିଆଗଲା । ନରି ମାଷ୍ଟ୍ରର ଚାଳଘର ବି ଭାଙ୍ଗିଲା । ନରି ମାଷ୍ଟ୍ର ବେଘର ହୋଇଗଲା । ମୁଣ୍ଡ ଗୁଞ୍ଜିବାକୁ ନରିମାଷ୍ଟ୍ରର ଆଉ ନିଜର ବୋଲି ଘର ନଥିଲା ।

ଓରତଘାଟ ପୋଲ ହେବା ପରେ ପ୍ରଶସ୍ତ ରାସ୍ତା ନିର୍ମାଣ ହେଲା । ବାବର, ବଡ଼ି, ଜଗରଜୋର, ରାଜନଗର, ଗୁପ୍ତି, ଡାଙ୍ଗମାଳ, ରଙ୍ଗଣି ତାଳଚୁଆ ଆଡ଼କୁ ଗୋହିରି ପାଟବିଲ ଦେଇ ନୂଆ ରାସ୍ତା ଫିଟିଲା ।

ଏଣିକି ଓରତଘାଟ ପୋଲ ଦେଇ କଟକରୁ ଡାଙ୍ଗମାଳ ସିଧା ବସ୍ ଗଡ଼ିବ । ତଳଘଟି ଅ*ଳର ବିକାଶ ହେବ ।

ନରିମାଷ୍ଟ୍ରର ମନ ଭଲ ନଥିଲା । ସେ ଗୁମ୍ ହୋଇ ବସି ରହିଲା । ଏସବୁ କ'ଣ ଚାଲିଛି ? ଭଗବାନ ଏସବୁ କ'ଣ ଘଟାଉଛନ୍ତି ? ତା' ମନରେ ଅଯୁତ ଅଯୁତ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା ।

ସତରେ କ'ଣ ଓରତଘାଟ ପୋଲ ହୋଇଗଲା ? ନରିମାଷ୍ଟ୍ର ବିଶ୍ୱାସ କରିପାରୁ ନଥିଲା । କାରଣ ଏମିତି କେତେ ସରକାର ଆସିଛନ୍ତି, ଯାଇଛନ୍ତି । ପୋଲ ହେବ ହେବ ବୋଲି ଅନେକ ଥର ଶୁଣିଛି । କିନ୍ତୁ ପୋଲ କାମ ହୋଇ ପାରେନା ।

ଏଥର ସତକୁ ସତ ପୋଲ କାମ ଶେଷ ହୋଇଗଲା ।

ନରିମାଷ୍ଟ୍ର ଗୋଟିଏ ଦୀର୍ଘଶ୍ୱାସ ପକାଇ ତା' ନୂଆ ଡଙ୍ଗାରେ ଗୁମ୍ ମାରି ବସି ରହିଲା । କୋଉଠିକୁ ବି ହୁଙ୍କିଲାନି ।

ପୋଲ ପାଇଁ ନରିମାଷ୍ଟ୍ରର ଘର ଖଣ୍ଡିକ ଗଲା । ଏବେ ସେ ମୁଣ୍ଡ ଗୁଞ୍ଜିବ କେଉଁଠି ?

ନରିମାଷ୍ଟ୍ରର ମନ ଭାରି ବିଚଳିତ ହୋଇ ଉଠୁଥିଲା । ପାଟିରେ ବିଡ଼ି ଖଣ୍ଡେ ପୂରାଇଲା । ଭାବିଲା, କାହିଁକି ସେ ଜମିଖଣ୍ଡକ ବିକି ନୂଆ ଡଙ୍ଗା କିଣିଲା କେଜାଣି ? ଭଲ ବେଳାରେ ଡଙ୍ଗାଟି କିଣି ନଥିଲା ।

ଲୋକେ କୁହାକୁହି ହେଉଥିଲେ, ମୁଖ୍ୟମନ୍ତ୍ରୀ ଓରତଘାଟ ପୋଲ ଉଦ୍‌ଘାଟନ କରିବେ । ନରିମାଷ୍ଟ୍ରର କାନରେ ଏକଥା ପଡ଼ିଲା । ସେ ଚମ୍‌କି ପଡ଼ିଲା । ତା' ଛାତିରେ ବଜ୍ର ପଡ଼ିଗଲା ।

ନରିମାଷ୍ଟ୍ରର ଏସବୁ ବିଶ୍ୱାସ ହେଉ ନଥିଲା । ସେ କ'ଣ ଜାଣିଥିଲା, ଏଥର ଓରତଘାଟ ପୋଲ କାମ ସତକୁ ସତ ଶେଷ ହୋଇଯିବ ? ମୁଖ୍ୟମନ୍ତ୍ରୀ ଆସି ନୂଆ ପୋଲ ଉଦ୍‌ଘାଟନ କରିବେ ? ତାକୁ ଏସବୁ ସ୍ୱପ୍ନ ଭଳି ଲାଗୁଥିଲା ।

ସତକୁ ସତ ମୁଖ୍ୟମନ୍ତ୍ରୀ ଓରତ ଘାଟ ପୋଲ ଉଦ୍‌ଘାଟନ କଲେ । ବଡ଼ ଧୁମ୍‌ଧାମ୍‌ରେ ପୋଲ ଉଦ୍‌ଘାଟନ ହେଲା । ସବୁଠି ସରକାରଙ୍କ ଜୟ ଜୟଗାନ ଶୁଣାଗଲା ।

ଓରତଘାଟ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଲେ- "ଭାଇ ଓ ଭଉଣୀମାନେ, ମଉସା, ମାଉସୀମାନେ; ଆପଣମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ଆଜି ପୂରଣ ହେଲା । ଓରତ ଘାଟରେ ପୋଲ ହେବ ବୋଲି ବହୁ ଦିନରୁ ଦାବି ହୋଇ ଆସୁଥିଲା । ଆଜି ଆମ ସରକାର ଏହାକୁ ସମ୍ଭବ କରି ଦେଖାଇଛି । ଆଜି କଟକ, ଭୁବନେଶ୍ୱରରୁ ବାବର, କ[ାବଣ, ରାଜନଗର, ଗୁପ୍ତି, ଡାଙ୍ଗମାଳ, ରଙ୍ଗଣି, ତାଳଚୁଆ ପର୍ଯ୍ୟନ୍ତ ବସ୍ ଗଡ଼ିବ । ତଳଘଟି ଅଂଳର ବିକାଶ ହେବ । ଲୋକଙ୍କୁ ଆଉ କଷ୍ଟ କରି ନଈ ପାର ହେବାକୁ ପଡ଼ିବନି କି ଘ[। ଘ[। ଅପେକ୍ଷା କରିବାକୁ ପଡ଼ିବନି ।"

ମୁଖ୍ୟମନ୍ତ୍ରୀଙ୍କ ଭାଷଣ ନରିମାଷ୍ଟ୍ରର ଛାତିକୁ ଚିଙ୍କି କୁଟିଲା ଭଳି କୁଟି ପକାଉଥିଲା । ନରିମାଷ୍ଟ୍ରର ପଥର ଛାତି ଗୁଣ୍ଡ ହୋଇଯାଉଥିଲା ।

ବାପ ଅଜା ଅମଳର ଡିହ ଜମିଖଣ୍ଡେ ବିକି ଯେଉଁ ନୂଆ ଡଙ୍ଗା ଖଣ୍ଡେ କିଣିଥିଲା, ସେ ବେକାର ହୋଇ ପଡ଼ି ରହିବ । ଏଣିକି ଆଉ ଲୋକମାନେ ଡଙ୍ଗାରେ ନଈ ପାର ହେବେନି । ନୂଆ ଡଙ୍ଗାଟି ସବୁଦିନ ନଈ ଘାଟରେ ଖଟାହୋଇ ରହିବ । ଡଙ୍ଗା ଘାଟରେ ତା' ଗୀତ ଆଉ ଶୁଭିବନି ।

ଏ କଥା ଭାବିଦେଲା ବେଳକୁ ନରିମାଷ୍ଟ୍ରର ଛାତି ଦୁଇଁ ହୋଇ ଯାଉଥିଲା । ପ୍ରଥମ ଥର ପାଇଁ ନରିମାଷ୍ଟ୍ରର ଆଖିରେ ଲୁହ ଝରୁଥିଲା ।

ଓରତଘାଟ ପୋଲ ଉଦ୍‌ଘାଟନ ହୋଇଗଲା । ପୋଲ ଦେଇ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ

ଗାଡ଼ି ଗଡ଼ିଲା । ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ପୋଲ ଉପରେ ନୁହେଁ ତ ଯେମିତି ନରିମାଷ୍ଟ୍ରର ଛାତି ଉପରେ ଚଢ଼ି ଚାଲିଗଲା ।

ଏଣିକି ଗାଡ଼ିମୋଟର ଚାଲିଲା । କଟକରୁ ବାବର, ବଡ଼ି, ଡାଙ୍ଗମାଳ, ରଙ୍ଗଣି, ତାଳଚୁଆ ଆଦି ତଳଘଟି ଅ*ଳକୁ ରାସ୍ତା ଫିଟିଗଲା । ଗାଡ଼ିଘୋଡ଼ା ପେଁ ପାଁ ଶବ୍ଦ କରି ଧୂଳି ଉଡ଼ାଇ ଧୂଆଁ ଛାଡ଼ି ଆଗକୁ ମାଡ଼ି ଚାଲିଲେ ।

ଆଉ ଓରତଘାଟରେ ନରିମାଷ୍ଟ୍ରର ଗୀତ ଶୁଣିବାକୁ ମିଳିଲାନି ।

ଆଉ ବି ଗୋବରୀ ନଈରେ ନରିମାଷ୍ଟ୍ରକୁ ଡଙ୍ଗା ବାହିବାର ଦେଖାଗଲାନି । କେହି ବି ନରିମାଷ୍ଟ୍ରର ଡଙ୍ଗାକୁ ଖୋଜିଲେନି ।

ପରଦିନ ସକାଳୁ ସକାଳୁ ଗୋଟିଏ ଖବର ରାଷ୍ଟ୍ର ହୋଇଗଲା- ନରିମାଷ୍ଟ୍ର ମରିଯାଇଛି । ସେତେବେଳକୁ ଲୋକେ ନଈ ଘାଟରେ ଜମା ହୋଇ ସାରିଲେଣି ।

ସତକୁ ସତ ନରିମାଷ୍ଟ୍ର ମରି ଯାଇଥିଲା ।

ନରିମାଷ୍ଟ୍ରର ଶବ ପଡ଼ିଥିଲା ତା' ଅର୍ଦ୍ଧ ନୂଆ ଡଙ୍ଗା ଉପରେ ।

ସକାଳର ସୂର୍ଯ୍ୟକିରଣ ପଡ଼ି ଡଙ୍ଗାଟି ଚିକ୍ ଚିକ୍ କରୁଥିଲା ।

୨୬

ଦେହ ଏଣିକି ଏତେ ଭଲ ରହୁ ନଥାଏ । ରିଟାୟାର ପରେ ଆମେ ସ୍ୱାମୀ-ସ୍ତ୍ରୀ ଭୁବନେଶ୍ୱରରେ ରହୁଥାଉ । ଜୀବନଟା ଏଣିକି ଭାରି ଏକୁଟିଆ ଏକୁଟିଆ ଉଦାସ ଲାଗୁଥାଏ । ସ୍ମରଣିକା ବି ଅବସର ନେଇ ସାରିଥିଲା । ପୁଅ ଆମେରିକାରେ ରହୁଛି । ଝିଅ ଜ୍ୱାଇଁ ବାଙ୍ଗାଲୋରରେ ରହୁଛନ୍ତି । ଝିଅ କେବେ କେମିତି ଥରେ ଅଧେ ବୁଲି ଆସେ । ପୁଅ ତ ଆସୁନି ।

ଗାଁକୁ ଯିବାକୁ ଭାରି ଇଚ୍ଛା ହୁଏ । ଗାଁରେ କିଏ ଅଛି ଯେ, ମୁଁ ଯିବି ? ସେଠି ମୋତେ କିଏ ବା ଚିହ୍ନିବ ? ଏସବୁ ଭାବିଲା ପରେ ପୁଣି ମନ ଦବିଯାଏ ।

ଗାଁରେ ସାନ ଭାଇ ତା' ପରିବାର ଧରି ରହୁଥିଲା । ବାପା, ବୋଉ ଚାଲିଯିବା ପରଠୁ ମୋର ଗାଁକୁ ଯିବା ଏକପ୍ରକାର ବନ୍ଦ ହୋଇ ଯାଇଥିଲା ।

ମୋର ମନେ ପଡୁଛି, ନୂଆ କରି ଅଧ୍ୟାପକ ଭାବେ ରାଉରକେଲାରେ ଜଏନ୍ କରିବା ସମୟରେ ବାପା ଚାଲିଗଲେ । ବାପା ଚାଲିଯିବାର ଠିକ୍ ବର୍ଷକ ପରେ ବୋଉ ବି ଚାଲିଗଲା । ବାପା, ବୋଉ ଚାଲିଗଲା ପରେ ମୁଁ ଏକ ପ୍ରକାର ଅନାଥ ହୋଇଗଲି । ଗାଁ ସହ ସମ୍ପର୍କ ତୁଟିଗଲା । ସେବେଠୁ ମୋର ଗାଁ ସହ ସମ୍ପର୍କ ନାହିଁ କହିଲେ ଚଳେ ।

ବହୁତ ବର୍ଷ ପରେ ଗାଁକୁ ଯିବାକୁ ଇଚ୍ଛା କଲି । ଗଲି ମଧ୍ୟ ।

ଆମ ଗାଁ କାହିଁରେ କେତେ ବଦଳି ଯାଇଥାଏ । ସେଦିନର ଗାଁଗୋହିରୀ, କାଦୁଅ ପଚପଚ ରାସ୍ତା, ନୂଆଁଣିଆ ଚାଳଘର, କିଆବଣ ନଥାଏ । ଆମ ଗାଁ ଭାଗବତ ଟୁଙ୍ଗି ନଥାଏ । ତା' ଉପରେ ଏକ କ୍ଲବ୍ ଘର ଠିଆ ହୋଇଥାଏ । ମଠ ଘର ବି ନଥାଏ ।

ଗାଁକୁ ପିନ୍ ପିନ୍ ପକ୍କା ସଡ଼କ ଫିଟି ଯାଇଥାଏ । ଓରତ ଘାଟରେ ପୋଲ ହୋଇଯାଇଥିବାରୁ ସିଧା କଟକରୁ ବାବର, ବଡ଼ି, ଜଗରଜୋର, ରାଜନଗର, ଗୁପ୍ତି, ଡାଙ୍ଗମାଳ ପର୍ଯ୍ୟନ୍ତ ବସ ଚଳାଚଳ କରୁଥାଏ ।

ମୁଁ ଗାଁକୁ ଯିବା ପୂର୍ବରୁ ପ୍ରଥମେ ଜମ୍ବୁ ଅଭିମୁଖେ ଯାତ୍ରା କଲି ।

କୋଷ୍ଟାଲ୍ ହାଇୱେ ଓଡ଼ିଶାର ସମୁଦ୍ର ଉପକୂଳ ଦେଇ ଲମ୍ବି ଯାଇଥାଏ । ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣରୁ ଆରମ୍ଭ କରି ରୁଷିକୁଲ୍ୟା ମୁହାଣ, ଦେବୀ ମୁହାଣ, ମହାନଦୀ ମୁହାଣ, ଗୋବରୀ ମୁହାଣ, ଫଲ୍‌ସ ପଏ[, ଧାମରା, ଚୁଡ଼ାମଣି, ବଳରାମଗଡ଼ି, ବାହାବଳପୁର, କା□ନିଆ, ତଳସାରି, ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ୍ ହାଇୱେ ସଂଯୋଗ ହୋଇଥାଏ ।

ସମୁଦ୍ର କୂଳରେ ଥିବା ହେନ୍ତାଳ ଜଙ୍ଗଲକୁ କାଟି ତା' ସ୍ଥାନରେ ଛଅ ଥାକିଆ କଳାଘୁମର ପିଚୁ ରାସ୍ତା ଫିଟିଥାଏ ।

ଜମ୍ବୁ ଆଉ ସେଦିନର ଜମ୍ବୁ ହୋଇ ନଥାଏ । ଜମ୍ବୁରେ ଗୋବରୀ ନଈ ଉପରେ ପୋଲ ହୋଇ ଯାଇଥିବାରୁ ମହାକାଳପଡ଼ାରୁ ଜମ୍ବୁ ଦେଇ ସିଧା ରାଜନଗରକୁ ଭାୟା କ[ାବଣ, ବାବର ଦେଇ ବସ୍ ଚଳାଚଳ କରୁଥାଏ ।

ଜମ୍ବୁରୁ ରାଜନଗର, ଗୁପ୍ତି, ଡାଙ୍ଗମାଳ, ଭିତରକନିକା, ଚାନ୍ଦବାଲି ପର୍ଯ୍ୟନ୍ତ ଯେଉଁଠି ଦିନେ ସମୁଦ୍ର କୂଳେକୂଳେ ନଦୀ ମୁହାଣ ଅ*ଳରେ ଘ* ହେନ୍ତାଳ ଜଙ୍ଗଲ ଥିଲା ସେସବୁ ସ୍ଥାନରେ ବଙ୍ଗୀୟ ଗାଁସବୁ ଗଢ଼ି ଉଠିଥାଏ । ସମୁଦ୍ର କୂଳରେ ଗଢ଼ି ଉଠିଥିବା ସହର, ବଜାର କ୍ରମେ ଚଳଚ*ଳ ଲାଗୁଥାଏ ।

ଷ୍ଟୀଲ୍ ପ୍ଲା[ରୁ ନିର୍ଗତ କଳାଧୂଆଁରେ ମୁଁ ଅଣନିଶ୍ୱାସୀ ହୋଇ ପଡ଼ିଲି ।

ଖରିନାସୀରୁ ଜମ୍ବୁ ଯିବା ପାଇଁ ଆଉ ମୋତେ ଜମ୍ବୁ ଘାଟରେ ଡଙ୍ଗା ପାର ହେବାକୁ ପଡ଼ିଲାନି । ଖରିନାସୀ ଘାଟ, ଟୁବି ଘାଟରେ ପୋଲ ହୋଇ ଯାଇଥାଏ । ସବୁ ବଙ୍ଗୀୟ ଗାଁକୁ ଯିବାକୁ ଆଉ ଜଳ ପଥ ଉପରେ ନିର୍ଭର କରିବାକୁ ପଡୁ ନଥାଏ ।

ଗୋବରୀ ନଈରେ ପୋଲସବୁ ହୋଇ ଯାଇଥିବାରୁ ବଙ୍ଗୀୟ ଗାଁକୁ ସଡ଼କ ପଥରେ ଯୋଗାଯୋଗ ସୁଗମ ହୋଇ ଯାଇଥାଏ ।

ଦୀର୍ଘ ସମୟ ଧରି ମୁଁ ସେଠାରେ ଜମ୍ବୁ ଦ୍ୱୀପକୁ ଖୋଜିଲି । ଖୋଜିଲି ଜମ୍ବୁଦ୍ୱୀପର ହେନ୍ତାଳ ବଣକୁ । ହେଲେ ଅତୀତର ମୋ' ଅଜାଙ୍କ ସ୍ୱପ୍ନର ଜମ୍ବୁଦ୍ୱୀପ ଆଉ ହେନ୍ତାଳ ବଣକୁ ପାଇଲି ନାହିଁ ।

ଅଜା ଓ ମାମୁମାନେ ଯେଉଁଠି ଝାର କରୁଥିଲେ ସେଠି ଗଢ଼ି ଉଠିଛି ବଙ୍ଗୀୟ ବସତି, ସହରବଜାର, କଳକାରଖାନା ।

ହେନ୍ତାଳ ଜଙ୍ଗଲ, ଗୋବରୀ ପନ୍ତାରେ ଖରା ପୁଆଁଉଥିବା ବଉଳା କୁମ୍ଭୀର, ବତୀଘର, ବାଘ, ହରିଣ, ସମ୍ବର, ଦ୍ୱିତଳବିଶିଷ୍ଟ ଐତିହାସିକ ଜମ୍ବୁ କୋଠା, ଫଲ୍‌ସ ପଏ[ବନ୍ଦର ଆଉ ଦୃଶ୍ୟମାନ ହେଲେନି । ସବୁଠି ଜନବସତି, ବଜାର, କଳକାରଖାନା, ରାସ୍ତାଘାଟ ଓ ସପିଂ ମଲ୍ ଓ ଲୋକଙ୍କ ଗହଳି ଦେଖି ମୁଁ ଚକ୍ରିତ ହେଲି ।

ଏଇ କେତେ ବର୍ଷ ଭିତରେ ଜମ୍ବୁଦ୍ୱୀପ ଏତେ ବଦଳି ଯାଇଛି !

ଜମ୍ବୁରୁ ଫେରି ମୁଁ ଗାଁ ମୁହାଁ ହେଲି । ଏତେ କମ୍ ସମୟ ମଧ୍ୟରେ ମୁଁ ଜମ୍ବୁରୁ ଆମ ଗାଁରେ ପହଁଚିଗଲି, ବିଶ୍ୱାସ କରିପାରୁ ନଥିଲି । କୋଉଠି ବି ନଈ ପାର ହେବାକୁ ପଡ଼ିଲାନି । ଜମ୍ବୁରୁ ଆମ ଗାଁ ମାତ୍ର କୋଇ କୋଷ ବାଟ ଭଳି ଲାଗିଲା ।

ଦିନେ, ଯେଉଁ ଜମ୍ବୁଦ୍ୱୀପକୁ ଯିବାକୁ ହେଲେ ଦିନ ଦିନ ଗୋବରୀ ନଈରେ ବିତି ଯାଉଥିଲା, ଆଜି ମାତ୍ର କେତେ ମିନିଟ୍ ମଧ୍ୟରେ ପହଁଚି ହେଉଛି । ସତରେ ଏତେସବୁ ବଦଳି ଯାଇଛି ମୋ' ଗାଁ ଆଉ ମାଟି !

ଗାଁରେ ପହଁଚି ପ୍ରଥମେ ଦେଖିଲି, ଆମ ଚାଳ ଖଞ୍ଜା ଘର ଉପରେ ଠିଆ ହୋଇଛି କୋଠାଘର । ସାନଭାଇ ଆମ ଚାଳ ଖଞ୍ଜା ଘରକୁ ଭାଙ୍ଗି ତା' ଉପରେ କୋଠାଘର କରିଛି ।

ମୁଁ ଆମ ଘରକୁ ଚିହ୍ନି ପାରିଲିନି । ଯେଉଁ ଲଂଘା ଘରେ ବୋଉ ଆମକୁ ଗୋବରୀ କଙ୍କଡ଼ା ଆଉ ଚିଙ୍ଗୁଡ଼ି ଝୋଳ ପରଷି ଦେଉଥିଲା, ସେଠି ସାନ ଭାଇ ପାଇଖାନା ବସେଇଛି ।

ଆମ ଘର ସାମ୍ନାରେ ଜଣେ ବୟସ୍କା ସ୍ତ୍ରୀଲୋକଟି ଠିଆ ହୋଇଥିବାର ଦେଖିଲି । ସେ ସ୍ତ୍ରୀଲୋକଟି ପାଖରେ ଗୋଟିଏ ଭେଣ୍ଡିଆ ଯୁବକଟିଏ ଠିଆ ହୋଇଥାଏ । ସେ ପିଲାଟିର ଚେହେରା ମୋତେ ଅବିକଳ କାହାରି ନା କାହାରି ଚେହେରା ସହ ମିଶିଯିବା ଭଳି ମନେ ହେଉଥିଲା । ମୁଁ ଭାବିଲି । ବହୁତ ଭାବିଲି ।

କାହା ଚେହେରା ସହ ସେ ଯୁବକର ଚେହେରା ମେଳ ଖାଉଥିଲା ? ମୁଁ ମନେ ପକାଇବାକୁ ଚେଷ୍ଟା କଲି । ବହୁ ସମୟ ପରେ, ମୁଁ ଜାଣିପାରିଲି, ସେ ଯୁବକଟି ଅବିକଳ ଆମ ପିଲାଦିନର ହାଡ଼ିଆ ଭାଇ ଭଳି ଦିଶୁଥିଲା ।

ହାଡ଼ିଆ ଭାଇ ଆଉ ସୋରିଆ ନାନୀ ମୋ' ସ୍ମୃତିରେ ଉଜ୍ଜୀବିତ ହେଲେ ।

ମୁଁ ସୁଲୋଚନା ନୂଆବୋଉକୁ ପଚାରିଲି- "ସୋଲି ନୂଆଉ', ଏ ସ୍ତ୍ରୀଲୋକଟି କିଏ ?"

ସୁଲୋଚନା ନୂଆବୋଉ କହିଲା- "ମଲା, ସିଏ ପରା ଆମ ସୋରିଆ । ତୁ ଚିହ୍ନି ପାରୁନୁ କି ?"

ମୁଁ ଚମ୍‌କି ପଡ଼ିଲି । ଏ କ'ଣ ମୋ' ପିଲା ଦିନର ମୋ' ସ୍ୱପ୍ନର ସୋରିଆ ନାନୀ ? ଯେଉଁ ସୋରିଆ ନାନୀକୁ ମୁଁ ଦିନେ ମୋ ସ୍ୱପ୍ନର ହିରୋଇନ୍ ମହେଶ୍ୱତା ସହ ତୁଳନା କରୁଥିଲି ? ଏ କ'ଣ ସେହି ସୋରିଆ ନାନୀ ?

ମୁଁ ଯାଇ ସୋରିଆ ନାନୀର ପାଦ ଛୁଇଁ ନମସ୍କାର କଲି ।

ସୋରିଆ ନାନୀ କହିଲା- "କିଏ ଆମ ଟୁକୁ କି ? ଇଲୋ ମୁଁ ମରି ଯାଉଥାଇଁକି । ଦେଖ, ଆମ ଟୁକୁ କେତେ ବଡ଼ ହୋଇଗଲାଣି । କେଶ ପାଚିଗଲାଣି । ତୁ କାହିଁକି ଏତେ ଶୁଖି ଯାଇଛୁ ? ଆମ ବୋହୂପିଲା କ'ଣ ଖାଇବା ପିଇବାକୁ ଦଉନି ?"

ମୋତେ ପିଲାଦିନେ ଗାଁରେ ସମସ୍ତେ ଟୁକୁ ବୋଲି ଡାକୁଥିଲେ । ବିଶେଷକରି ସୋରିଆ ନାନୀ ଟୁକୁ ଡାକିଲେ ମୋତେ ଭାରି ଭଲ ଲାଗୁଥିଲା ।

ସୋରିଆ ନାନୀ ମୋତେ କହୁଥାଏ ଯେ, ମୁଁ କୁଆଡ଼େ କେତେ ବଡ଼ ହୋଇଗଲିଣି । ମୋ କେଶ ପାଚିଗଲାଣି । ମୁଁ କେତେ ଝଡ଼ି ଯାଇଛି । ଅଥଚ ସେ ବୁଢ଼ୀ ହୋଇ ମରିବାକୁ ବସିଲାଣି । ତା' ଦେହ ହାତ କ[। ଭଳି ଦିଶୁଛି । ମୁଣ୍ଡରେ କେଶ ନାହିଁ । ଆଖି ପେଜୁଆ ଦିଶୁଛି । ସେ ଏକଥା ଜାଣିପାରୁନି ।

କାହିଁକି ସୋରିଆ ନାନୀର ଏ ରୂପ ? କ'ଣ ହୋଇଛି ସୋରିଆ ନାନୀର ?

ସୁଲୋଚନା ନୂଆବୋଉ କହିଲା- "ବାହା ହେବାର ବର୍ଷେ ଦୁଇ ବର୍ଷ ପରେ ହାଡ଼ିଆଟା ସୋରିଆକୁ ଛାଡ଼ି କୋଉ ମଠରେ ପରା ସନ୍ନ୍ୟାସୀ ହୋଇଗଲା । ହାଡ଼ିଆ ଏବେ କାଶୀ ନା ବୃନ୍ଦାବନରେ କେଉଁ ଏକ ମଠରେ ମହନ୍ତ ହୋଇ ରହୁଛି ।"

ସୁଲୋଚନା ନୂଆବୋଉ କାନ୍ଦ କାନ୍ଦ ହୋଇ କହିଲା- "ବିଚାରୀକୁ ପରା କ୍ୟାନ୍‌ସର ରୋଗ ମାଡ଼ି ବସିଛି । ଆଉ ଦିନ କେଇଟା ତା' ଆୟୁଷ ।"

ଓଃ, ମୋ' ଛାତି ଫାଟିଗଲା । ମୋ' ସୋରିଆ ନାନୀ ମରିଯିବ ?

ଏହା ମୁଁ ସହ୍ୟ କରି ପାରୁ ନଥିଲି ।

ସୋରିଆ ନାନୀକୁ କ୍ୟାନ୍‌ସର ରୋଗ ହୋଇଛି । ସେ ଆଉ ଅଳ୍ପ ଦିନ ବଁଚିବ ବୋଲି ଡାକ୍ତର କହିଛି । କିନ୍ତୁ ସୋରିଆ ନାନୀର ମୁହଁରେ ମୃତ୍ୟୁର ସାମାନ୍ୟ ଭୟ ସୁଦ୍ଧା ନଥାଏ । ତା' ଦେହ ହାତ ଶୁଖି କ[। ଦିଶୁଥାଏ । ମୁଣ୍ଡରୁ ଚୁଟିସବୁ ଉପୁଡ଼ି ଯାଇଥାଏ । ଆଖି ପେଜୁଆ ଦିଶୁଥାଏ । ଚମଡ଼ା ଶୁଖି କାତି ଛାଡ଼ିଥାଏ ।

ଆଉ ଦିନ କେଇଟା ପରେ ମରିବା ଜାଣି ବି ସୋରିଆ ନାନୀ ଖିଲିଖିଲି ହୋଇ ହସୁଥିଲା । ମୋ' ଖାଇବା ପିଇବା ପାଇଁ ବ୍ୟସ୍ତ ହୋଇ ପଡୁଥିଲା ।

ମୁଁ ଗୋବରୀ ନଈ କୂଳକୁ ଗଲି । ପିଲାଦିନର କୂଳବନ୍ଧ ଆଉ ନଥାଏ । ନଥାଏ ବି କିଆବଣ କି କ[ଇକୋଳି ବୁଦା । କିଆବଣ ସଫା କରି ସେଠାରେ ଗାଁଲୋକେ ଘରଦ୍ୱାର କରିଗଲେଣି ।

ଏଇ କିଆବଣରେ ପିଲାଦିନେ ମୁଁ ସୋରିଆ ନାନୀ ସହ କ[ଇ କୋଳି, ଗିଲ, କିଆଫୁଲ ତୋଳୁଥିଲି । କାଚ ବୋତଲରେ ସାଧବ ବୋଉ ପୋକ ସଂଗ୍ରହ କରୁଥିଲି । ସଞ୍ଜ ବୁଡ଼ିଲେ ଏହି କିଆ ଘୁଦୁଳାରୁ ବିଲୁଆମାନେ ହୁକେ ହୋ..ଓ.. ଛାଡୁଥିଲେ । ଆମେସବୁ ବିଲୁଆମାନଙ୍କ ସ୍ୱର ସହ ସ୍ୱର ମିଳେଇ ହୁକେ.. ହୋ...ଓ...ଓ.. ବୋବୋଉଥିଲୁ ।

ମୁଁ ଟିକେ ଗୋବରୀ ନଈ ଆଡକୁ ବୁଲିଗଲି । କିନ୍ତୁ ଆଶ୍ଚର୍ଯ୍ୟ ହେଲି ଗୋବରୀ ନଈର ରୂପ ଭେକ ଦେଖି ।

ଏ କ'ଣ ମୋ' ପିଲାଦିନର ଗୋବରୀ ନଈ ? ଏଇ ନଈରେ ସୋରିଆ ନାନୀ, ହାଡ଼ିଆ ଭାଇ ଜାଲ ଘେରେଇ କଙ୍କଡ଼ା, ଚିଙ୍ଗୁଡ଼ି ଧରୁଥିଲେ । ଏଇ ନଈରେ ଜୁଆର ଆସୁଥିଲା ? ଜୁଆର ବେଳେ ବାପା ଆମ ଆଳୁ କିଆରିକୁ ପାଣି ମଡ଼ାଉଥିଲେ ? ସୋରିଆ ନାନୀ ଭାଲୁକା ମୂ[ି ପାଇଁ ନଈ ମଝିରୁ କାଦୁଅ ଆଣୁଥିଲା ? ମୁଁ ନଈରୁ ବୁଡ଼ି ବିସର୍ଜନ ହୋଇଥିବା ଭାଲୁକୁଣୀ ମୂ[ିକୁ ଉଠାଇ ଆଣୁଥିଲି ?

ଆହାଃ, ମୋ' ଛାତି ଫାଟି ପଡୁଥିଲା । କାହିଁକି ମୁଁ ଗାଁକୁ ଆସିଲି ବୋଲି ନିଜ ଉପରେ ଆରୋପ କରୁଥିଲି ।

ମନ ହାଲୁକା କରିବା ପାଇଁ ମୁଁ ଟିକେ ଗାଁକୁ ବୁଲି ଆସିଥିଲି । ଗାଁକୁ କ'ଣ ଆସିଥିଲି ଏସବୁ ଦୃଶ୍ୟ ଦେଖିବାକୁ ?

ଗୋବରୀ ନଈ ପୋତି ହୋଇ ଏକ ପାଟ ବିଲର ଭ୍ରମ ସୃଷ୍ଟି କରୁଥିଲା । ସେ ଗୋବରୀ ନଈରେ ଅରମା ଘାସ, ଦଳ ଆଉ ବଣ ବେରୁହାଁ ଭ[ି ହୋଇ ଯାଇଥିଲା ।

ମୁଁ ଗୋବରୀର ଏ ଜୀର୍ଣ୍ଣ ରୂପ ଦେଖି କାନ୍ଦି ପକାଇଲି ।

ହେ, ଭଗବାନ ! ଗୋବରୀ ନଈ ଆଉ ସୋରିଆ ନାନୀଙ୍କର ଅଚାନକ ଏ କି ଦୁର୍ଦ୍ଦଶା ହୋଇଗଲା ?

ଏକ ମୁହାଁ ହୋଇ ମୁଁ ସେହି ସଞ୍ଜରେ ଗାଁ ଛାଡ଼ି ସିଧା ଭୁବନେଶ୍ୱର ଚାଲି ଆସିଲି ।

ଏହା ଭିତରେ ଅବସର ପରେ ମୁଁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅନ୍ତର୍ଗତ 'ଦକ୍ଷିଣ-ପୂର୍ବ ଏସୀୟ ଦେଶ ସହିତ ଭାରତର ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କ'କୁ ନେଇ ଏକ ଗବେଷଣା କାର୍ଯ୍ୟକ୍ରମର ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥାଏ । ମୋତେ ଏବେ ଦିଲ୍ଲୀରେ ରହିବାକୁ ପଡୁଥାଏ ।

କିଛିଦିନ ପରେ ଶୁଣିଲି, ସୋରିଆ ନାନୀ ମରିଗଲା । ସେ ମରିବ ବୋଲି ତ ମୁଁ ନିଶ୍ଚିତ ଥିଲି । ମୋ' ଛାତି ଭିତର କୋରି ହୋଇଗଲା । ମୁଁ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦିଲି ।

❐



ପ୍ରିୟ ବାନ୍ଧବୀ

ବନଜ ଦେବୀ

ଫେରିବ ଫେରିବ କହୁଚି ସେ, ମୋ' ପାଖରୁ,
ସମ୍ପର୍କ ତୁଟେଇ ଦେଇ, ମୁହଁ ଫେରାଇ
ଯା' ନାଁ ଯା' ନାଁ କହି ବୃଥାରେ ମୁଁ ଆଗୁଳି ରଖୁଛି
ହାତ ଧରାଧରି ହୋଇ ଚଲିବାର ଦୀର୍ଘ ବନ୍ଧୁପଣ,
ସତେ କ'ଣ ଏଇଠୁ ସରୁଛି ?

କେମିତି କହିବି ଯେତେ ସବୁ ଘେନାଘେନି
ତା' ସହ ମୋ'ର ଗୋପନ ରୋମାଞ୍ଚ ଯେତେ
ନିଛାଟିଆ ଅମଡାବାଟର କୁହୁକ ଛୁଆଁରେ ତାର
ଖୋଲି ଖୋଲି ଯାଏ ମୋର ଛିଦ୍ର - ଛିଦ୍ରାନ୍ତର ।
ତା' ଦୃଷ୍ଟିର ଜ୍ୟୋତି ନେଇ
ଦେଖି ପାରୁଥିଲି ମୁଁ ନଦେଖିଲେ ଚିଜ
ମାଟିର ଗହନ ବ୍ୟଥା, ଫୁଲର ଦରଜ
ମତେ ସେ ମୁକ୍ତି ଦେଇ ମୋ' ପାଖରୁ

ଯୋଡୁଥିଲା ଅପହଞ୍ଚ ସାଥେ
ନିଜକୁ ମୁଁ ଦେଖୁଥିଲି ନୂଆ ରୂପେ
ମାଟିର ଧୂଳିରେ କେବେ,
ତାରା ଭରା ଦୂର ଛାୟାପଥେ ।

ଭଲ ପାଇବାରେ ତ ଗୁନ୍ଥା ହୋଇଥାଏ ଦୁଃଖ,
ପଦକ ପରାୟେ ଖୁସୀ
ଅନିବାର୍ଯ୍ୟ ବିଦାୟର ବେଳା
ସେ ଝଲିଗଲା ପରେ, ମୁଖର ମେଳାରେ
ମୁଁ କେତେ ଏକ୍‌ଲା ପ୍ରଖର ଜୀବନ ସୁଅ,
ହସ ଲୁହ, ଶୋକର ବଳୟ ଜଣେ ଉବୁଟୁବୁ ହୁଏ,
ଆଉ ଜଣେ ଚାହିଁଥାଏ ଅନ୍ତରାଳେ ଝରକା ଫାଙ୍କରେ
ଚୁଲବୁଲି ଝିଅଟେ ସତେ, ଚଟୁଳ କଟାକ୍ଷେ
ଛପି ଯାଇ, ମଜେଇ ରଖିବ
ମତେ ଛୁଁ, ମତେ ଛୁଁ, ଲୁଚକାଳି ଖେଳେ,

ଫେରିବ ଫେରିବ କହୁଚି ସେ
ପ୍ରିୟ ବାନ୍ଧବୀ ମୋର; କବିତା,
ଯିବ ଯଦି ଯାଉ ସେ, ହସି ହସି ବିଦାୟ ହିଁ ଦେବି,
ଖାଲି ପ୍ରତିଶ୍ରୁତି ଝହେଁ,
ମତେ ସେ ପାଛୋଟି ନେବ ହାତଧରି,
ମୁଁ ଫେରି ଗଲାପରେ, ପହଞ୍ଚିଲେ ଆର - କୂଳରେ

ଶିବଛାୟା, ରଥରୋଡ଼
ଭୁବନେଶ୍ୱର - ୭୫୧୦୦୨

❐

ଘାସଫୁଲର ଛାତିରେ



ଡ. ଅପର୍ଣ୍ଣା ମହାନ୍ତି

ସମୟ ବଦଳିଯାଏ,
ବଦଳିଯାଏ ମଣିଷର ମନ,
କେବେ ବି
ବଦଳେ ନାଇଁ ପ୍ରେମ,

ସୁନ୍ଦର ଏ ପୃଥିବୀର
ସୂର୍ଯ୍ୟ, ଚନ୍ଦ୍ର ତାରା ... ।
ଉଚ୍ଚ ଉଚ୍ଚ ପର୍ବତ ଶିଖର ଛୁଇଁ
ଘୁମନ୍ତ ସେ, ସଜଳ ମେଘମାଳା,
ସତ୍ୟପରି ସ୍ୱଚ୍ଛ ଶୀତଳ
ତୁଷାର କୋଳରୁ
ଝରିଝରି ଆସୁଥିବା
ଝରଣାର ଛଳଛଳ ଧାରା ।
ଛାଇସାଥେ ଅହରହ
ଲୁଚକାଳି ଖେଳୁଥିବା ଖରା ।

ଧ୍ୟାନମଗ୍ନ ଯୋଗୀ ସମ
ନିସ୍ତରଙ୍ଗ ହ୍ରଦ ଅପାଶୋରା ।

ସମୀରଣ ତାଳେତାଳେ
ଝୁମିଝୁମି ନାଚୁଥିବା
ଶ୍ୟାମଳ ଶସ୍ୟକେଦାର
ଗୁଣୁଗୁଣୁ ମହୁମାଛି

ରଙ୍ଗ ସୁବାସ ଭରା
ଫୁଲର ପସରା ..... ।
କୋଇଲିର କୁହୁତାନ
ଗୋଗୋଷ୍ଠର ବଂଶୀସ୍ୱନ
ଅନନ୍ତ ଅସୀମ
ସାରା ବିଶ୍ୱ ..... ।
ନିସର୍ଗର ଅଯାଚିତ କରୁଣାରେ
ଶୁଦ୍ଧ ପ୍ରେମଭରା ..... ।

ପଶୁପକ୍ଷୀ କୀଟ ପତଙ୍ଗମ
ତରୁ ତୃଣ ସ୍ଥାବର ଜଙ୍ଗମ
ସବୁଠି ତ ସ୍ରଷ୍ଟାଙ୍କର
ସର୍ତ୍ତହୀନ ସ୍ୱାର୍ଥଶୂନ୍ୟ
ପ୍ରେମର ସ୍ୱାକ୍ଷର ।

ଏକା ମଣିଷ କାହିଁକି
ବାଟଭୁଲେ... ?

ଘନ ଅଂଧାର ରାତିରେ
ଖୁବ୍ କଅଁଳ, ସାନ ଗୋଟିଏ
ଘାସଫୁଲର ଛାତିରେ
ବାଟ ଦେଖାଉଥାଏ
ପ୍ରେମକୁ ଯେତେବେଳେ
ଲକ୍ଷେ ନକ୍ଷତ୍ର ପ୍ରତିବିମ୍ବିତ
ବୁନ୍ଦାଏ କାକର !!

ଗ୍ରା/ପୋ: କପାଳେଶ୍ୱର, ଭାୟା : ଠାକୁରପାଟଣା
ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍ - ୭୫୪୨୫୦
ଫୋନ୍ - ୯୩୩୭୨୪୦୫୧୦

❐

ବଞ୍ଚିବା ଶିଖିଛି



ଡ. ରବିନାରାୟଣ ସେନାପତି

ମୁଁ ବଞ୍ଚିବା ଶିଖିଛି
ସଂଘର୍ଷର ପ୍ରତି ପାଦେ ପାଦେ
ସଂଘର୍ଷ ଦେଇଛି ମୋତେ
ଶୃଙ୍ଖଳରୁ ଫିଟିବାର ମନ୍ତ୍ର
ମୁଁ ନୁହେଁ ଅବୋଧ ଶିଶୁ
ଅଛି ମୋ ସାହସ
ସାମ୍ନା କରିବାକୁ ଧ୍ୱଂସମୁଖୀ ଝଡ
ପତ୍ରଝଡା ମଧ୍ୟ ଦେଇ
ଆଣିବାକୁ ସବୁଜ ଓ ରଙ୍ଗୀନ୍ ବସନ୍ତ
ଧାଇଁଛି ମୁଁ ଜୀବନର କକ୍ଷ ପଥେ
ହୋଇନି ବିଚ୍ୟୁତ ।
ବିରାମ ଦେଇନି କେବେ
ମୋ ଭିତରେ ଥିବା ଚଳମାନ ଗତି
ମୁଁ ଖୋଜିଛି ମୋ ଭିତରେ
ଲୁକ୍କାୟିତ ଏକ ତୀବ୍ର ଶକ୍ତି
ଯାହା ଆଣିଦେବ ସୂର୍ଯ୍ୟୋଦୟ
ଏକ ନୂଆ ସକାଳର
ଲୁପ୍ତ ହେବ ଯାହା ଅଛି କାଳ ବକ୍ଷେ
ଜୀର୍ଣ୍ଣ ଶୀର୍ଣ୍ଣ ଧୂସର ଶରୀର ।

ଭୁବନେଶ୍ୱର

ଫୋନ୍ - ୯୪୩୭୦୧୮୩୯୦

❐

କିଏ ବା ଅଛି ତା'ର



ରଂଜନ କୁମାର ଦାସ

ପୂରବୀ ପାଖରେ ବସୁ ବସୁ
କେତେ ଘଣ୍ଟା ବିତିଗଲା
ଜଣାପଡ଼ିଲା ନାହିଁ ।
ମଝିରେ ଝିଅଟି ଆସି ଦେଇଗଲା
ପାଣି ଆଉ ଚା' ।
ପୁଅଟି ଆସି ପଚାରିଲା
ଆଉ କ'ଣ ବଜାରରୁ ଆଣିବି କିଛି ?
ସେ ଦିଜଣଙ୍କର ପୂରବୀ ପ୍ରତି ନିଷ୍ଠା ଦେଖି
ମୁଁ ପଚାରିଲି, ଏମାନେ କିଏ ପୂରବୀ ?
ସେ କହିଲା, ଏମାନେ ଦିହେଁ ମୋର ଛାତ୍ରଛାତ୍ରୀ
ବିଚରା ବାପ ମା' ଛେଉଣ୍ଡ ପିଲା ଦିଇଟା
ହଷ୍ଟେଲର ଫିସ୍ ଦେବାକୁ ବି ପଇସା ନଥିଲା ତାଙ୍କର
ପାଠପଢ଼ା ଛାଡ଼ିବାକୁ ବସିଥିଲେ ।
ମୋର ବି ଆଉ ଥିଲା କିଏ ଏ ସଂସାରରେ
ଆପଣେଇ ନେଇଛି ସେମାନଙ୍କୁ ପାଠପଢ଼ା ବୁଝୁଛି ତାଙ୍କର
କ'ଣ ହେବ ମୋର ଆଉ ଏ ଧନ ସଂପତ୍ତି
କେହିତ ଜଣେ ଆଉ ମୋ ପାଖରେ
ମଲା ମୁହଁରେ ମୋର ନିଆଁ ଦବାକୁ !
କିଛି ସମୟ ନୀରବ ରହିଲା ପରେ
ପୁଣି କହିଲା ପୂରବୀ,
ଆମର ପୁଅଝିଅ ହେଇଥିଲେ
ଏଡ଼େ ଏଡ଼େ ହୁଅନ୍ତେଣି ନା ସେମାନେ ?
ଅଜାଣତରେ କେମିତି
ମୋ ପାଟିରୁ ବାହାରିଗଲା ହିଁ ।

ଫୋନ୍ - ୯୪୩୭୨୮୬୫୧୨

❐

ଅମଣିଆ ବଳଦ



ମଧୁସୂଦନ ଦାଶ

ପ୍ରଥମେ ପ୍ରଥମେ
ଅମଣିଆ
ବଳଦ
ମଣ ହେବାକୁ
ଅମଙ୍ଗ ହୁଏ
କାନ୍ଧରୁ
ଥରକୁ ଥର
ଯୁଆଳି ଖସାଏ ।

ବାହାନା କରି
କ୍ଷେତରେ ଶୋଇପଡ଼େ
ହେଲେ ଚାଷୀର
ପାଞ୍ଚଣ ମାଡ଼
ତାକୁ ଅସହ୍ୟ ହୁଏ ।

ଲାଙ୍ଗୁଳ ମୋଡ଼ା
ତାକୁ ବାଧେ
କାନ୍ଧରେ ଯୁଆଳି
ପକାଇ ଶିଖେ ।

ଚାଷୀ ଦୁଃଖର
ହିସାବ ଖାତା ହୁଏ ।

ମୁଁ ଆଉ କ'ଣ କି
ଅମଣିଆ ବଳଦ
ପରି ମଣ ହୁଏ
ପ୍ରତି ମୁହୂର୍ତ୍ତରେ
ପାଞ୍ଚଣ ମାଡ଼ ଓ
ଲାଙ୍ଗୁଡ଼ ମୋଡ଼ାକୁ
ଡରି ଡରି ।

ଜିଲୁପାଳ, ନୂଆପଡ଼ା
ଫୋନ୍- ୯୪୩୭୩୩୨୪୯୮

ପ୍ରେମିକା



କୃଷ୍ଣ କୁମାର ମହାନ୍ତି

ଖୁଉବ୍ ପାଖରେ ଶୋଇଥାଏ
ଦୁଇବୁନ୍ଦା ଲୁହରେ ତିଆରି ପ୍ରେମିକା ।
ସାରୁପତ୍ର ଦେହ,
ଲକ୍ଷ୍ମୀପାଦ, ଦର୍ପଣର ଆଖି, ମୃଗନାଭି ।
ଖେଳେଇ ପଡ଼ିଥାଏ କାଚକେନ୍ଦୁ ପାଣି ପରି
ତା'ଭଲପାଇବା ।
ଉତୁରି ପଡ଼ିବା ଆଗରୁ ଛୁଅଁନା ତାକୁ
ପ୍ରଜାପତିର ଡେଣାରେ ବସି ଚରି ଯାଇପାରେ ସେ
ଅସୀମ ଆକାଶ
ବିଛଣାସାରା ବୁଣି ଦେଇପାରେ
ନଈବଢ଼ିର ବାସ୍ନା ।
ତା' କଣ୍ଠରୁ ଝରି ଆସୁଥିବା ଶ୍ୟାମଳ ସ୍ୱରକୁ ବି
ସେ କରିଦେଇପାରେ
ମଙ୍ଗଳ ଆଳତିର ମନସ୍କାମନା ।
ଆଉଜି ପଡ଼ିବା ଆଗରୁ ତାକୁ ଧରନା ।
ତୁଳା ପରି ହାଲକା ହସରୁ ତା' ଖସି ପଡ଼ିପାରେ ନିଆଁର ଝୁଲ
ଦିଶି ଯାଇପାରେ ନିଭୃତ ଛାଉଣି ତଳର ରୁଆ
ତାକୁ ପଚାରନା ତା' ଅତୀତ
ଛାଡ଼ି ଆସିଥିବା ଛାଇର ଖବର ।
ଉଖାରନା ତା କ୍ଷତ ।
କେତେ ପାଖରେ ବସିଥାଏ ସେ ।
ଚୁମ୍ବନର ପିଢ଼ାରେ କେହିଜଣେ ଖାଉଥାଏ
ଆଉଜଣେ ଖୁଆଉଥାଏ ତାକୁ
ନିରନ୍ତର ।
ଖୁଉବ୍ ପାଖରେ ବସିଥାଏ
ପଟେ ପାଣି କାଚ ପିନ୍ଧି ନିରୀହ ପ୍ରେମିକା ।

ଫକୀରମୋହନ ନଗର, ବାଲେଶ୍ୱର -୧
ଫୋନ୍ - ୭୦୦୮୮୪୫୯୨୦

❐

ହସ୍ପିଟାଲ



ବସନ୍ତ ମୁଦୁଲି

ଏଠି ପାଦ ଦେବା ମାତ୍ରେଇ
ଆବୋରିନିଏ ଏକ ବ୍ୟର୍ଥ ଶୂନ୍ୟତା
ଛେପ ଢ଼ୋକୁ ଢ଼ୋକୁ
ଅଟକିଯାଏ ତଣ୍ଟିରେ
ଏବଂ ଜୀବନଯାକର
ସୁଖଦୁଃଖର ସଂଗୀତସବୁ
ଉଛୁଳି ପଡ଼ନ୍ତି ଚାରିଆଡ଼େ
ଶେଷ କଥା କେଇପଦ ପରି ।
ମୁଲାଏମ ନଡ଼ିଆକତାର ଗଦି
ଧୋବ ଫର ଫର ବିଛଣା ଚଦର
ମୁଣ୍ଡ ପାଖରେ ଟଙ୍ଗା ହୋଇଥିବା
ଚିକିସ୍ସାର ଚିକିନିଖି ବିବରଣୀ
ଛୁରୀ, ଛୁଞ୍ଚି, କଇଁଚି,
ତୁଳା ଓ ବ୍ୟାଣ୍ଡେଜ ଧରି
ଛାତି ପାଖକୁ ଧାଇଁ ଆସୁଥିବା
ନର୍ସଟି ବେଳେବେଳେ ମନେହୁଏ
ପ୍ରେମିକା ପରି

ଆଉ ଫିଙ୍ଗିଦେଇ ଯାଉଥିବା
ଦି' ଆଂଜୁଳା ହସ
ଯେମିତି ପୂର୍ବ ନିର୍ଦ୍ଧାରିତ
କରୁଣାର ପ୍ରତିଫଳ ।
ଜମିଜମା ଗଣ୍ଡଗୋଳ ନେଇ
ନିଜର ଗୋଡ଼ ହରେଇଥିବା ପୌଢ଼
ପୁଲିସ୍ ଲାଠିରେ ଆହତ ଛାତ୍ର
ଗାଁ ରାଜନୀତିରେ କମର ଭାଂଗିଥିବା
ଅର୍ଦ୍ଧଶିକ୍ଷିତ ବେକାର୍ ଯୁବକ
ଛାତ୍ରମାନଂକୁ କପି ନ ଯୋଗାଇବାର
ଫଳାଫଳ ଭୋଗୁଥିବା ଶିକ୍ଷକ

❐

ସୌଜନ୍ୟ : ଅରୁଣ ଖିଲାର, ଆଦମପୁର, ଭଦ୍ରକ

ଘାସଗୀତ



ସୁଚିତ୍ରା ପାଣିଗ୍ରାହୀ

ଘାସମାନେ କେବେ ଗୀତ ଗାଆନ୍ତିନି -
ଏକଥା ଯେତିକି ସତ
ଘାସଫୁଲର ଓଠରେ ସହସ୍ରେ ଗୀତ ଲେଖାଯାଇଥାଏ
ସେଇଟା ହିଁ ସତ ।
ସବୁଜ ଘାସର ସତେଜତା
ମନକୁ ଶବ୍ଦମନସ୍କ କରେ
କିଏ ସବୁ ହୃଦୟ ଭିତରୁ
ଗୁଣୁ ଗୁଣୁ ଗୀତ ଗାଆନ୍ତି
କ୍ରମଶଃ ସେଇ ଗୀତମାନେ
ଶବ୍ଦର ଫୁଲ ପାଖୁଡ଼ା ପରି
ନିଜକୁ ମେଲାଇ ଚାହାନ୍ତି
ଲାଗୁଥାଏ, ସତେ ଅବା ଘାସମାନେ
ଏଇଠି କୋଉଠି ଗୀତ ଗାଉଛନ୍ତି ॥

ଗଛ ଗୀତଗାଏ, ପବନରେ ତା' ସୂର
ପହଁରିଯାଏ,
ଗଛରୁ ପତ୍ର ଖସି ପଡ଼ିଲେ ବି
ଗୀତଟିଏ ବନ୍ଧାହୁଏ
କେବେ ଗଛକୁ ପତ୍ର ଆସିଲେ
ଗୀତ ଆପେ ସୂର ମେଳେ
ଗୀତଥାଏ ଗଛରେ ..... ପତ୍ରରେ
ସବୁରେ,

ହେଲେ କେହି କେବେ ଘାସ ଗୀତ ଗାଇବାର
ଶୁଣିଚ କି ..... ଜାଣିଚକି !!
ଘାସମାନେ ଗୀତ ଗାଆନ୍ତିନି
ମଣିଷର ପାଦ ତଳେ ଦଳି ମକଚି ଗଲାବେଳେ
ଘାସଟିଏ ଯେବେ କଡ଼ ଲେଉଟାଏ

ଆଖି ରଗଡ଼େ
ସେ ଆଖି ଝରିଯାଏ ଟୋପା ଟୋପା ଶାଗୁଆ ଲୁହ
ସେଇ ଲୁହ କ'ଣ ହୋଇପାରେ
ଗୋଟେ ଘାସର ଗୀତ ??
ହଜାରେ ଥର ସକାଳର କାକର ବୁନ୍ଦା
ଘାସର ପିଠିକୁ ନରମ କରି ଥାପୁଡ଼ାଇ ଦିଏ
କେଇଟା ମୁହୂର୍ତ୍ତରେ
ସିଏ ବି ଉଭେଇଯାଏ
ପବନ ଶୋଷିନିଏ
କେହି କେବେ ଘାସର କାନ୍ଦଣା ଶୁଣନ୍ତିନି
ବୁଝନ୍ତିନି ତା' ଗୀତର ସୁର
ଘାସ କେବେ ଗୀତ ଗାଏନି
ଘାସକୁ ନେଇ .....
ଘାସଫୁଲକୁ ନେଇ ...
କିନ୍ତୁ ଲେଖାହୁଏ ଚମତ୍କାର କଥାସବୁ
ଗୀତରେ .. ଗପରେ
ଘାସର ଗୀତ ଯଦି ଘାସ ନିଜେ ଲେଖନ୍ତା
କେମିତି ହୁଅନ୍ତା ସେ ଗୀତ ?
କେମିତି ଶୁଭନ୍ତା ?
ଘାସ ଗୀତ ସମସ୍ତଙ୍କୁ ଶୁଭିବା ଲୋଡ଼ା
ସଭିଏଁ କାନପାତି
ଥରେ ଯଦି ଶୁଣନ୍ତେ
ବୁଝିଯାନ୍ତେ ...
ପାଦତଳ ଘାସର ଗୀତ
ପାଦମାନଙ୍କର କଷ୍ଟ ଶୋଷି ନେବା ପାଇଁ ତ
ଘାସ ଗୀତଗାଏ ...
ନୀରବରେ ... ନରମରେ
ଗୀତ ଗାଏ ॥

'ଛାଇ' ଜଗନ୍ନାଥ ବିହାର,
ସାଳନ୍ଦୀ ନଗର, ଭଦ୍ରକ

❐

ବର୍ଷା : ଏକ ସନେଟ



ଧନଞ୍ଜୟ ସ୍ୱାଇଁ

ବର୍ଷା ଆସେ ଉଷର ଅଭିମାନରେ ରୁଷିଥିବା ମାଟିକୁ ମନାଇ
ବର୍ଷା ଆସେ ତୁମ କଥା କହିବାକୁ ମୋ' କାନରେ ରିମ୍‌ଝିମ୍ ରାଗିଣୀଟେ ହୋଇ
ବର୍ଷା ଆସେ ଝର୍କା କାଚୁଧୂଳିର ପରସ୍ତ ପୋଛି ତୁମ ଗୋରା ଗୋରା ମୁହଁ ଦେଖିବାକୁ ଥରେ
ବର୍ଷା ପୁଣି ତୁମ ସହ ମୋତେ ଯୋଡ଼ି କୁନିଝିଅ ପରି କେତେ କଟାଳ ସେ କରେ ।
ବର୍ଷା କେଉଁ ପ୍ରାର୍ଥନାର ଫୁଲ ହୋଇ ଫୁଟିଲାଣି ତୁମ ଗାଁ ଗହୀର ବିଲରେ
ବର୍ଷା ପୁଣି ଅଭିମାନ ଅଶ୍ରୁ ହୋଇ ଝରିଲାଣି ତୁମ ଗାଁ ମାଟିପିଣ୍ଡା, ଧୂଆଁ ଓ ଧୂଳିରେ
ଏ ବରଷା ସବୁଜ ପାଟ ପତନି ଶରଧାରେ ମାଟି ଦେହେ ଦେଇଛି ବେଢ଼େଇ
ବର୍ଷା ମୋର ଛାତଘର ଗମ୍‌ଲାରେ ଜିନିଆ, ଟଗର, ମଲ୍ଲୀ, ତୁମ ଲାଗି ରଖିଛି କଢ଼େଇ ।
ତୃଷାର ତଟିନୀ ତଟେ ଏ ବର୍ଷା ଓହ୍ଲେଇ ପଡ଼େ ଆଶାଦୀପ୍ତ ଛାଇ ଖଣ୍ଡେ ହୋଇ
ବର୍ଷାପୁଣି ତୁମ ଦୁଇ ଭୀରୁ ଆଖିତଳେ ଆଙ୍କେ, କମକୂଟକରା ଧାରେ ଲୁହର ଭୂଗୋଳ ।
ତୁମେ ଥାଅ ବୋଲି ବର୍ଷା ସଦାକାଳେ ରହିଥାଏ ମୋଅରି ଭିତରେ
ବର୍ଷା ମୋର ହସକାନ୍ଦ, ସୁଖଦୁଃଖ, ବର୍ଷା ମୋର ରହିଥାଏ ଜୀବନମୃତ୍ୟୁରେ ।

ମଙ୍ଗଳାଳୟ, ପ୍ଲଟ ନଂ ୩୪୮୭,
ସା:/ପୋ: ରାଜେନ୍ଦ୍ରପୁର, ମଙ୍ଗଳା ମନ୍ଦିର ରୋଡ଼,
ବର୍ଦ୍ଧମାନ ଲେନ୍, କଟକ
ମୋ: ୯୪୩୭୦୦୦୬୩୬

ସୀମାନ୍ତ : ଅନିଶ୍ଚିତ ଦିଗନ୍ତ



ସୌଭାଗ୍ୟବନ୍ତ ମହାରଣା

ସୀମାନ୍ତ ଆଉ କହିବା କାହାକୁ କୋବିଦେ ?
ଯେଉଁଠି ପ୍ରହରୀ ଥିବା ସତ୍ତ୍ୱେ
ପ୍ରହେଳିକା ପରି ମନେହୁଏ ଶତ୍ରୁର ଗତିବିଧି
ସୁରକ୍ଷାର ଅବହେଳାରୁ ଫାଇଦା ଉଠେଇବାର
ଗୋଟେ ବିଶେଷ ଦୁର୍ବଳ ମୁହୂର୍ତ୍ତକୁ
ହାତମୁଠାରେ ଚାପି ରଖିବା ଭଳି ?
ସୀମା ପାର ଆତଙ୍କବାଦର ରଙ୍ଗରେ
ସାନ୍ଦ୍ରତା ବଦଳୁଥାଏ ଥରକୁଥର ଧର୍ମକୁ ସଉଦା କରି
ଶତ୍ରୁ ଦେଶର ରାଜନୀତିକୁ ସୁହାଇଲା ଭଳି ।

ନିୟନ୍ତ୍ରଣ ରେଖାକୁ ମାନିବା ଓ ନ ମାନିବାର
ଫରକ୍ ଖୋଜୁ ଖୋଜୁ କୂଟନୀତିରେ
ରଣ ଦୁନ୍ଦୁଭି ବାଜୁଥାଏ ଥରକୁ ଥର ।
ସୀମାନ୍ତରେ ସୈନ୍ୟ ଠୁଳ କରିବାର
ବିଶେଷ ମୁଦ୍ରାରେ ଅବତୀର୍ଣ୍ଣ ହେବାକୁ ଲାଲ୍ ବାହିନୀ
ଘନିଷ୍ଠ ଛଳନାର ଆଶ୍ରାରେ

ତିଆରି ହୁଏ ଯୁଦ୍ଧର ନକ୍ସା, ଲଢ଼େଇର ପୂର୍ବରାଗ ।
ସୀମାନ୍ତ ଯୁଦ୍ଧ ଓ ଶାନ୍ତିର ଏକ ପ୍ରତୀକିତ ରୂପ ।

କଡ଼ା ପହରାର ଫୁଆରା ଥାଇ ବି ସତେ କ'ଣ
ଦେଶର ସୀମାରେଖା ଥରେ ଥରେ
ହାଇ ମାରିଦିଏ ଆଳସ୍ୟ ଓ ଅବହେଳାରେ
ଶତ୍ରୁ ଗୁଳିର ସାମ୍ନା କରିବାକୁ ଛଦ୍ମବେଶୀ ଆତଙ୍କବାଦୀର ?
କେବେ କେବେ ଘଟଣା ଓ ଦୁର୍ଘଟଣାରେ
ନିଜ ଦୁର୍ଭାଗ୍ୟର ଅଟୋଗ୍ରାଫ୍ ଲେଖିବାକୁ
ହୃଦୟର ସ୍ପନ୍ଦନ ବି ଥମିଯାଏ ବେଳ ଅବେଳରେ ।

ମୃତ୍ୟୁ ଓ ଜୀବନର ଷଡ଼ଯନ୍ତ୍ର ମାଫ୍ କରିବାକୁ
କେହି କେବେ ଅବହେଳା କରିଛି କର୍ତ୍ତବ୍ୟରେ
ନିଜ ନିଷ୍କଳଙ୍କ ପରିଚୟର ଡିଣ୍ଡିମ ପିଟିବାକୁ ?
ପ୍ରତିଦିନ କିଛି ମରିବା ଓ ମାରିବାର
ଧୃଷ୍ଟତାର ଖବରକୁ ବଜାୟ ରଖିବା ଭାଇ-ଭଗାରୀର ସମ୍ପର୍କ ପରି ।
ସୀମାନ୍ତର ଶତ୍ରୁଦେଶ ଓ ମିତ୍ର ଦେଶ ମଧ୍ୟରେ
କିଏ ଆଉ ଆଗେଇ ଆସିବ
ଅଲିଭ୍ ଡାଳଟେ ଧରି ମନ ଖୋଲା ହସରେ
ଶାନ୍ତିଚୁକ୍ତିରେ ଐତିହାସିକତା ଭରିବାକୁ
ଗୋଟିଏ ବିରଳ ମୁହୂର୍ତ୍ତ ଚିର ସ୍ମରଣୀୟ ରଖିବାକୁ ?

ଭାରତୀ ଭବନ, ଶିବମ୍ କଲୋନୀ
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
ମୋ. ୯୪୩୭୪୫୭୭୩୬

❐

ମୁଁ କିଏ



ପୂର୍ଣ୍ଣଚନ୍ଦ୍ର ବହଳୀ

ଯେତେବେଳେ ମୁଁ ମୋତେ
ମିଳିବା ପାଇଁ ଚେଷ୍ଟା କଲି
ମୋତେ କେଉଁଠି ପାଇଲି ନାହିଁ
ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ
ମୁଁ ଭିନ୍ନ ଭିନ୍ନ ମୁଦ୍ରାରେ ଅବତୀର୍ଣ୍ଣ ହୋଇ
ମୋର ଭୂମିକା ନିଭାଇବା ଭିତରେ
ନିଜକୁ କେଉଁଠି ପାଇଲି ନାହିଁ ।
ମୁଁ ଏପରି ଏକ ମା ଅଟେ
ଯାହାର ଚିନ୍ତା ନିଜ ପିଲାଙ୍କ ପାଇଁ
କେତେବେଳେ ସଭିଙ୍କ କଥା ବୁଝିଲାବେଳେ
ମୁଁ ବୋହୂ ହୋଇଯାଏ ତ
କେତେବେଳେ ଆଗ ପଛରେ ଘୂରି ବୁଲି
ହଁ କରୁଛି ଦେଖୁଛି କରିଦେବି କହି
ଏକ ଆଜ୍ଞାବହ ସ୍ତ୍ରୀ ହୋଇଯାଏ
କେତେବେଳେ ସମ୍ପର୍କୀୟମାନଙ୍କ
ଖବର ନେବାରେ ଦିନଯାଇ
ରାତି ହୋଇଯାଏ ଜାଣିହୁଏ ନାହିଁ
କେତେବେଳେ କଳି ଝଗଡ଼ା କରୁଥିବା
ଭଉଣୀଟିଏ ହୋଇ,ଯାଏ ତ
କେତେବେଳେ ମାର
ଗେହ୍ଲା ଝିଅ ହୋଇଯାଏ ।
ମୁଁ କିଏ ଏହିଭଳି ପ୍ରଶ୍ନରେ
ମନ ଦ୍ୱନ୍ଦ୍ୱରେ ଭରିଯାଏ
ମୁଁ ନିଜକୁ ପାଇବା ପାଇଁ ଚେଷ୍ଟା କରେ
କିନ୍ତୁ ନିଜକୁ ପାଇ ପାରେ ନାହିଁ ।

ସମ୍ପାଦକ 'ଶିବାନୀ', ଗରଦପୁର, ଭଦ୍ରକ

ଅନେକ ଆକାଶ



ଆଶୁତୋଷ କରଣ

ନୂତନ ଯୁଗର
ବିଶ୍ୱ ତାପନର ବଢ଼ି
ମାଳରୁ ଉପକୂଳ
ବୁଲି ବାଇଦ ବଜାଇ
ବର୍ଷୁଚି ବର୍ଷକେ
ଘୋଟି ଆକାଶ ମାଟି
ଦାଣ୍ଡରୁ ଦରିଆ
ସନ୍ତ୍ରସ୍ତ ସହରର ଛାତି ।
ଭାରି ଜାଣି ଚତୁରୀ
ପ୍ରେମ କତୁରୀ ସେ
ଉଧାର ଆଣି ପଣତରେ
ଅଦିନିଆ ବନ୍ୟା ।
ଜିଣି କାହା ହୃଦୟ
ଦରଦୀ ମନର ଦୁଃଖ,
ଅନେକ ଆକାଶ ଅଗଣାରୁ
ଧୋଇ ନେଉଥାଇ ସୁଖ ।

କମାରିଆ ବଜାର, ତିହିଡ଼ି, ଭଦ୍ରକ
ଭ୍ରାମ୍ୟଭାଷ : ୭୩୭୭୫୯୭୦୭୧

❐

ମୋବାଇଲକୁ ନେଇ କବିତା ଭଳିଆ ଗପ କି ଗପ ଭଳିଆ କବିତା



ବିପ୍ଳବ ପତି

୧.ଆଖି ଆଇନା

କେତେ ରାତିଯାଏ
ଅନ ଲାଇନ ରହୁଛ
ଆଉ କା ସହ ଚାଟିଂ କରୁଛ
ରାତି ଆଉ ଅନ୍ଧାର ଖୁବ ଶୁଖିଲା
ସେମାନଙ୍କୁ ଭାରି ଶୋଷ
ସେଲାଗି ମୋ ଆଖିରୁ
ସବୁ ଅନ୍ଧାରରେ ଲୁହ
ତୁମର ମନେଥିବ କି ନା ଜାଣିନି
ମୋତେ ତୁମେ
ତୁମର ଆଇନା କୁହ
ସେଥିପାଇଁ
ଇଆଡ଼େ ମୁଁ ଆଖି ଆଉ ଆଇନାକୁ
ଲୁହ ଦେଇ ସଫା କରିବାରେ ବ୍ୟସ୍ତ
ସିଆଡ଼େ ତୁମେ
ବିଶ୍ୱାସ ହେଉନି ଜମା
ସତରେ ତୁମେ !!!!!
ତୁମେ....ଏତେ ବଦଳି ଯାଇଛ ????

୨. ଟାଇମପାସ

କାଲି କହିଥିଲ
ଖାଲିଟାରେ ବସିକି ରହିଲେ
ପ୍ରେମରେ ସଫଳତା ନାଇଁ
କୋଉଠି ଗୋଟେ ରୋଜଗାର ଦେଖ
ସେପାଇଁ ଏରୋପ୍ଲେନରେ ମୁଁ ବସିବାଦିନଠୁ
ଏୟାରପ୍ଲେନମୋଡ଼ରେ ତୁମେ
ତୁମ ଫୋନ
ଅପେକ୍ଷାରେ
ମୁଁ....
ତୁମ ଫୁରୁସତ

୩.କାଚହୃଦୟ

ମନେଅଛି
ପଢ଼ିଲା ବେଳେ ସାର୍ଟିଫିକେଟ କି ଫଟୋ ସବୁକୁ
କାଚ ଦେଇ ବନ୍ଦେଇ ରଖୁଥିଲି
ଏବେ ମୋବାଇଲ ଉପରେ ଗରିଲା ଗ୍ଲାସ
ହୃଦୟ ମାପରେ ମଗେଇଛି ବି ସେଥିରୁ ଗୋଟେ
ତୁମେ ଯେତେ ଠକି ଦେଲେ କି ପକେଇଦେଲେ ବି
କାଚ ଭାଙ୍ଗିଯିବ ସିନା
ହୃଦୟଟା ସେଇମିତି ସବୁଦିନେ ଥିବ ତୁମ ପାଇଁ

୪.ସାଇଲେଣ୍ଟମୋଡ଼

ଯେତେ କଲ କଲେବି ଫୋନ ତ ଉଠାଉନ ଯାକୁ ତାକୁ କହୁଛ ଫୋନ ସାଇଲେଣ୍ଟ ମୋଡ଼ରେ ଥିଲା ।
କେମିତି ବୁଝେଇବି ଯେ ତୁମ ମୋବାଇଲର
ସାଇଲେଣ୍ଟମୋଡଟା, ମୋ ହୃଦୟର ପାଇଁ ସେ ଝଡ଼ଠୁ କାହିଁ କେତେ ଗୁଣା ଅଧିକ ଭାଇବ୍ରେସନମୋଡ଼ ...
ତୁମେ ଗଲାପରେ ସେ ଆକାଶ ବି ଖୁବ ନୀରବ ହୋଇଗଲା ।
ତୁମ ବିନା ବଞ୍ଚିପାରିବିନି କହି ମରିବାକୁ ଯାଇଥିଲି ଯେ ଡେଇଁ ପଡ଼ିଲି ଖୁବ ଉଚ୍ଚରୁ ।
କୋଉ ମରିପାରିଲି ବରଂ ବିଫଳତାରେ ମୋ ବାକ୍ ଶକ୍ତି କୁଆଡ଼େ ହଜିଗଲା ।
ଦିନେ ତୁମେ ବୁଝିବ ମୋବାଇଲରେ ସିନା ସାଇଲେଣ୍ଟ ମୋଡ଼ ଭଲ ଲାଗେ ସମ୍ପର୍କରେ ନୀରବତା ଜମା ସହିହୁଏନି ।

୫.ବ୍ଲକଲିଷ୍ଟ

ଏଇଟା ଖୁବ ବିପଦପୂର୍ଣ୍ଣ ଦ୍ୱିତୀୟ ହାର୍ଟଷ୍ଟ୍ରୋକ ।
ଚାରି ଚାରିଟା ଆର୍ଟେରୀ ବ୍ଲକ ।
ଈଶ୍ୱରଙ୍କ କୃପାରୁ ରକ୍ଷା ହୋଇଗଲା ।
ବାଇପାସ ସର୍ଜରୀ ପରେ ସେ ନୂଆ ଜୀବନ ପାଇଲା ।
ଚେତା ଫେରିବା ପରେ ତା ଆଖିରେ କୃତଜ୍ଞତାର ଲୁହ ଡାକ୍ତରଙ୍କ ହାତ ଦିଟାକୁ ଛାତିରେ ଜଡ଼େଇଧରି ଖୁବ ଭିଜେଇଦେଲା
ତୁମେ !!!!
ଏଇଠି ...ଏଇ ସହରରେ....ଅଥଚ ???
କେମିତି କହିଥାନ୍ତି କୁହ ମୋତେ ପ୍ରତ୍ୟାଖ୍ୟାନ କଲାପରେ ମୋ ନମ୍ବରଟା ଯେ ଏଯାଏ ତୁମ ଫୋନବୁକର ବ୍ଲକ ଲିଷ୍ଟରୁ ହଟି ନ ଥିଲା ।

ମମତା ମନ୍ଦିର, ଝିଙ୍କିରିଆ, ଆରସା, ତିହିଡ଼ି, ଭଦ୍ରକ,
ମୋ -୭୦୦୮୦୫୯୬୦୧

ମଉଳା ଅପରାହ୍ନ



ପୁଷ୍ପଲତା ଜେନା

ମଉଳା ଅପରାହ୍ନ ଆସିଲେ ଜୀବନେ
ଶିଥିଳତା ଆସେ ଧୀରେ
ଜୀବନରେ ସୂର୍ଯ୍ୟୋଦୟ
ମଧ୍ୟାହ୍ନ ଆସେ
ଆସେ ପୁଣି ଅପରାହ୍ନ ମଉଳା ତେଜରେ
ଗୋଧୂଳିର ବେଳ
ଗୋଠରୁ ଫେରନ୍ତି ଗୋଧନ
ଫେରିବାକୁ ହେବ ଆପଣା ନୀଡ଼କୁ
ପକ୍ଷୀ ଫେରେ
ଫେରିବାକୁ ହେବ
ଶେଷରେ ଆଶ୍ରୟ ସ୍ଥଳରେ ।
ଅପରାହ୍ନ କହେ .....
ବସି ଥରେ ଭାବିବାକୁ ହେବ
ରହିଗଲା ବାକି ଆଉ କ'ଣ
ପୂରଣ କରିବାର ଶକ୍ତି କମିଲାଣି ସତେ
କହନ୍ତି ସମସ୍ତେ ବୋଝ ତାଙ୍କ ପାଇଁ
ଅଯଥାରେ ଖାଦ୍ୟ ନଷ୍ଟ କରୁ
ବସି ବସି ବାର୍ଦ୍ଧକ୍ୟର
ଅସହଜ ପଣ
ଆଶ୍ରା ଟିକେ ଲୋଡ଼େ
ଆଶ୍ୱାସନାର
ଅନାୟାସରେ ଲମ୍ବେ ନାହିଁ ହାତ
ସାହାଯ୍ୟର ଅବଲମ୍ବନ ହେବ ।
ତଥାପି ଅପରାହ୍ନରେ ମଣିଷ ସଜାଡୁଥାଏ
ଆଗାମୀ ପିଢ଼ି ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟର
ସ୍ଥାବର ଅସ୍ଥାବର ସ୍ୱପ୍ନ ।

ଫେରି ଚାହେଁ ନାହିଁ ଥରେ
ମୂଳକୁ ତାହାର
ଯିଏ ତାକୁ ଟେକି ଟାକି ମାଠି ମୁଠି
କରିଛି ଏତିକି ବଡ଼
ଉଡ଼ିବା ଶିଖେଇ
ଖଞ୍ଜି ଥିଲା ଡେଣା
ଖଣ୍ଡି ଉଡ଼ା ଦେଲାବେଳେ
କରି ରହିଥିଲା ଅନିଦ୍ରା ହୋଇ
ଥକ୍କାହୋଇ ଶୋଇ ନଥିଲା
କାମ ତା ସରିଲା ବୋଲି ।
ମଉଳା ଅପରାହ୍ନ ଆଣିଛି
ଅବଶପଣ
ଲୋଡୁଛି
ସହାନୁଭୂତି ପଦେ କଥା
ଥରଥର ପାଦକୁ ଶକ୍ତ କରିବାକୁ
ଯଷ୍ଟିଟିଏ ପରି
ଆପଣା ପଣର ହାତଟିଏ ।
ହଜିଛି ତା ଗର୍ବ ଦର୍ପ
ଯୌବନର ଉଦ୍ଦାମତା
ପାରିବା ପଣିଆର
ଝଲକ ଆଖିରୁ
ସ୍ତିମିତ ଆଲୋକ
ମାଡ଼ି ଆସେ ତିମିର
ସରି ଆସେ କୋଳାହଳ
ନୀରବ ନିଶିଥ ।
ଆସନ୍ନ ପ୍ରାୟ ।

ଯାଜପୁର
ମୋ: ୯୪୩୭୮୬୬୭୪

❐

ସ୍ୱର୍ଗ



ସଂଜିତ୍ କୁମାର ବଳ

ମୋର ସବୁଠୁଁ ପ୍ରିୟ
ରାତିକୁ ଆଜି ମୁଁ ଭାଂଗିଦେଲି ।
ଚୁନା ହେଇ ଝରିପଡ଼ିଲା
ଯେତେସବୁ ନିଦ୍ରିତ ଅଂଧାର
ଆଉକିଛି ଭିନ୍ନଭିନ୍ନ
ରୂପରେ ଉଭା ହେଲେ
ଭାଂଗିଯିବାର ଶଢ଼ ଠୁଁ
ପାଇସାରିବା ପରେ ଆକାର ।
ଅଂଧାରର କିଛି ଟୁକୁଡ଼ାରେ
ଲାଖି ରହିଥିଲା ସ୍ୱପ୍ନଂକ ଅବଶେଷ,
ଅନେକ ରାତିର ନିଦ ପାଖେ
ପହରା ଦେଇଥିବା ନିଃସଂଗତା
ଓ ନିଦକୁ ଲୁଚାଇ ଦେଇଥିବା
ବିଫଳତା ପାଇଁ ଜଟିଳ ଥିଲା
ଯୋଉ ସ୍ୱପ୍ନଂକ ସରଳାର୍ଥ ।
ଯୋଉ ରାତିସବୁ ଲୁଚେଇଥିଲେ
ଅଂଧାର ମୋ ହସର
ପରାଗ ସଂଗମ ବେଳେ,
ଅଧା ନିଦ ଦେଇ ଯୋଉ
ରାତି ସବୁ ବାକି ଅଧାକରେ
ଠକ୍‌ଠକ୍ କରିଥିଲେ ନିହାଣ,
ଆଉ ମୋ ଲୁହର ଅଭିଯୋଗ
ଶୁଣାଣି ପାଇଁ କେବେ ବି
କରିନାହାଂତି ସାକ୍ଷ୍ୟଗ୍ରହଣ
ମନେହେଲେ ଖୁବ୍ ଆପଣାର ।
ବୁଝିପାରିନଥିବା କିଛି ନୀରବତା

ବୁଝିସାରିବା ବେଳକୁ ନିରଂଧ୍ର ଅଂଧାର
ମୋ ବଂଶୀର ରଂଧ୍ର ସାରା,
ଦେଖି ପାରିନଥିବା ଅନେକ କଥା
ଦେଖିସାରିବା ବେଳକୁ
ଲୁହର ରଂଗ ମୋ ଆଲୁଅ ସାରା,
ସେଥିପାଇଁ ତ ସେ କଥା
ଓ ନୀରବତା ପାଲଟିଥିଲା
ମୋର ଗୋଟେ ରାତିର ଗଜରା ।
ଖୁବ୍ ପ୍ରିୟ ଥିଲା ସେ ରାତି
ଯାହାର ଅଂଧାର କବାଟ ଖୋଲି
ମୁଁ ସଜାଡ଼ି ପାରୁଥିଲି
ସ୍ୱପଂକ ଶେଯସୁପାତି,
ନିଦ କାଂଥରୁ ଖସି ପଡ଼ିଥିବା ମାଟି
ଉର୍ବର କରୁଥିଲା ଭାବନାର ଶକ୍ତି
ଗଢ଼େଇ ନେଉଥିଲି ଭୋରକୁ
ଯେ ଯାଏଁ ମୋତେ ମିଳୁନଥିଲା
ଗୋଟେ ସ୍ୱପ୍ନର କାନଫୁଲରୁ
ଖସି ପଡ଼ିଥିବା ମୋତି ।
ଆଜି କିଂତୁ ସେ ରାତିକୁ ଭାଂଗି
ଅନ୍ୟସବୁ ରାତି ସହ ହାତ ମିଳାଇଲି
କାରଣ ସେ ମୋର ଯୋଉ
ସ୍ୱର୍ଗ ମାଗିଲା କେମିତି ଦେଇଥାଂତି !
ଯାହା ଅନେକ ବର୍ଷ ଧରି
ଆଉ କାହା ଜିମାରେ ରହିଚି ।
ନ ହେଲେ ନିଜ ଦୁଃଖ ଠିକରୂପେ
ଗଢ଼ିବାକୁ ମୁଁ କାହାର
ସ୍ୱର୍ଗ ଲୋଡୁଥାଂତି କାହିଁକି !!

ସା:ମୃଷାଂଗ, ପୋ: କୋହ୍ନ, ତିହିଡ଼ି, ଜିଲ୍ଲା: ଭଦ୍ରକ
ମୋ: ୯୪୩୯୦୫୮୮୦

❐

ମାତାର ବେଦନା



ଚିନ୍ତାମଣି ମିଶ୍ର

ମାତୃତ୍ୱର ଯେଉଁ ଗଉରବ
'ଗାନ୍ଧାରୀ' ପାରେନା ବୁଝି
ସେ ତ ଏକଶତ ପୁତ୍ରର ଜନନୀ
ଅପୁତ୍ରିକ ପାଇଁ ମନା
ସରଗର ଦ୍ୱାର,
କହନ୍ତି ସ୍ମୃବିରେ,
ସେଥିଲାଗି ଅବା
'ଦଶମାସ' ଦଶଦିନ
ସହ୍ୟ କରି ନରକ - ଯନ୍ତ୍ରଣା
ପ୍ରଶସ୍ତ କରଇ ମାତା
ନିଜ ପାଇଁ ସରଗର ପଥ,
କି ଲାଭ ବା ଜନନୀର
ଶତଶତ ଦୁର୍ଯ୍ୟୋଧନ କରି କୋଳାଗ୍ରତ ?
'ଦ୍ରୌପଦୀ'ର
ସ୍ୱର୍ଣ୍ଣ - ଜାନୁ
ଦରଶନ ଗଉରବେ
ସଦା ଯେ ଉସତ ।
ଭାରତର କୋଣ ଅନୁକୋଣେ
ଅପତ୍ୟ - ପାଗଳ
ପିତାମାତା କାନେ
ଆଜି
ବାଜେ ଖାଲି ଗାନ୍ଧାରୀର ଡାକ ॥

ଶାଳପଡ଼ା, କେନ୍ଦୁଝର - ୭୫୮୦୨୦
ମୋ: ୮୮୯୫୪୧୯୦୪୦

❐

ରଜ ପରବ



ନିମାଇଁ ମିଶ୍ର

ମୋତେ ଛୁଅନା, ଛୁଅନା, ଛୁଅନା
ମୁଁ ରଜସ୍ୱଳା ବସୁମତୀ
କୁଆଁରୀ ମନର କଅଁଳ ଜହ୍ନ ମୁଁ
ଯୁବା ହୃଦେ ପୂର୍ଣ୍ଣରାତି ।
ବୃଦ୍ଧା ମନେ ଲେପେ ଦରଦୀ ଚନ୍ଦନ
ସର୍ଭିଙ୍କୁ ପରସ ଭିତ୍ତି
ବରଷକ ଥରେ କର୍ମ ଅବସରେ
ତିନିଦିନ ଯାଏ ବିତି ।
ସୁଖ ଆନନ୍ଦର ପସରା ଧରିଛି
ବାଣ୍ଟୁଅଛି ସବୁ ପୂରେ
ପିଠାପଣା ଆଜି ମହା ଆନନ୍ଦେ
ନବବସ୍ତ୍ର ଘରେ ଘରେ ।
ଦୋଳି ଗୀତ ଆଉ ତାଆସ ଖେଳ
ବହୁ ଚୋରି ପଶାପାଲି
ସଜାଇଛି ବିହି ନାନା କୁସୁମରେ
ମନେ ଗୋ ଅପାର ଫୁର୍ତ୍ତି
ଅଳସ, ବିଳାସ, ମିଳନ, ବ୍ୟଞ୍ଜନ
ପରିପୂର୍ଣ୍ଣ ପରିତୃପ୍ତି
ଉଲ୍ଲାସ ଉତ୍‌ଫୁଲ୍ଲ ରଜ ମଉଜ ଏ
ସର୍ଭିଁ ମୁଖେ ଶୋଭାଦୀପ୍ତି

ପାଂଚପଡ଼ା, ଚାନ୍ଦବାଲି
ମୋ: ୯୪୩୮୨୭୩୩୪୦

❐

ଶରତ ସୁଷମା



ତନ୍ମୟ ମିଶ୍ର

ବାରିଦ ହଟିଲା ଶରଦ ଲୋଟିଲା
କାଶତଣ୍ଡି ଝିନବାସେ
ନିର୍ମ୍ମଳ ଅନନ୍ତ ହେଲା ଦୀପ୍ତିବନ୍ତ
ଶିଶିର ସାରସ ନାଶେ ।।
ଶ୍ୱେତଘନପୁଞ୍ଜ ଭାସେ ହୋଇ ରୁଞ୍ଜ
ମୋହିତ କରଇ ମନ
ସବୁଜ ପଲ୍ଲବ ଶୋଭାରେ ଦୁର୍ଲ୍ଲଭ
ସାଜଇ ସୁଦୂର ବନ ।।
ବିହଗ ଯୁଗଳ ପ୍ରମୋଦ ପାଗଳ
ଏକ ରହି ବେନି ପାଶେ
କରୁଥାନ୍ତି କେଳି ଘେନି ସଙ୍ଗ ମେଳି
କାକଳି ସମୀରେ ଭାସେ ।।
ନଭେ ମନୋହର ଦିଶେ ଶଶଧର
ଶୀତଳ କିରଣ ଧାରେ
ମୃଦୁ ସମୀରଣେ ଶୂନ୍ୟ ଗୁଞ୍ଜରଣେ
କୁମୁଦିନୀ ମଧୁ ଝାରେ ।।

ପ୍ରଭୁ ବନମାଳୀ ଧରି ରାଧା ଆଳି
ଝୁଲଣରେ ହେବେ ବିଜେ
କୁଞ୍ଜ ବିରାଜିବ ସୁମନେ ସାଜିବ
ଭକ୍ତ ଭକତିରେ ଭିଜେ ।।
ଜଗତ ଜନନୀ ଦୁର୍ଗା, କାତ୍ୟାୟନୀ
ବିରାଜିବେ ମହୀପରେ
ଦୁରିତ ହଟାଇ ଦୁର୍ଗତି କଟାଇ
ଢାଳିବେ ଆଶୀଷ ଖରେ ।।
ଶରତ ସୁଷମା ସରଗ ଉପମା
କବି ମନୋବାଞ୍ଛା ଦଳି
ଶବ୍ଦର ସମ୍ଭାର ଝରେ ବାର ବାର
କବିତା କଳିକା କଳି ।।

ସା/ପୋ– ଗିରୀୟା, ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦
ମୋ: ୯୮୬୧୯୬୨୭୬୦

ସାଆନ୍ତେ ! ହୋ ସାଆନ୍ତେ !



ଡ. ମମତା ସାହୁ

ବେଳେବେଳେ
ଈଶ୍ୱର ପାଲଟନ୍ତି ପଥର
ପଥର ଯେମିତି ସିନ୍ଦୂର ନାଇ
ବୋଲାଏ ଈଶ୍ୱର !
ଘେରିଯାଆନ୍ତି ଲୋକ
ବାଦ୍ୟରୋଳ ବାଜଣା ମାର୍ଜନା
ଛେନା, ଦହି ଭକ୍ତଙ୍କ ପଙ୍ଗତ
ସବୁ ପରେ ବି ହୁଳହୁଳି
ଶୁଣିଲେନି ଈଶ୍ୱର,
ଈଶ୍ୱର ଏବେ ପଥର ।

ମୁଁ ଡାକିଲି ସାଆନ୍ତେ !
ସେ କଡ଼ ନେଉଟିଲେ
ମୁଁ କହିଲି ଘଟଣା ସବୁ
ଅଘଟଣ ନ ପାଲଟୁ
କାହାର ଛାତି ନ ଫାଟୁ
କାହାର ଆଖିରୁ ଲୁହ ନ ଖସୁ
ଫୁଟିବାକୁ ଥିବା କିଛି କଢ଼
କୀଟଦ୍ରଂଷ୍ଟ ନ ହେଉ
ଅନ୍ତତଃ କିଛି ସୁଖ ବଳକା ଥାଉ
ସେ ନବୁଝିବା ପରି ଦୁଶିଲେ
ମୁଁ ହାରିଗଲି ସାଆନ୍ତେ !
ଏତିକି ହଉ
ତୁମ କରୁଣା ମିଛ ନ ହେଉ
ତୁମ ହାତଗଢ଼ା ସଂସାର ଉଜୁଡ଼ି ନଯାଉ
କିଛି ସ୍ୱପ୍ନ ବାକି ରହିଥାଉ
କିଛି ଭରସାର ଦାମ୍ ରହୁ ।
ଜୀବନରେ ତ ଅନେକ ଅନ୍ଧାର ଗିଳିଛି
କିଛି ଆଲୁଅ ଯୋଗ୍ୟ ହୋଇଥାଉ ।

ଛାତି ପଡ଼ିଲା ଧପ୍‌ଧପ୍
ଛାତି ପଡ଼ିଲା କି ଛାତ କେଜାଣି
ମୋ ଆଖିରୁ ଜୁଲୁଜୁଲିଆ ପୋକ
ବର୍ଷା ଆଉ ବାଦଲର ମୁହାଁମୁହିଁ ରଡ଼ି
ଶୁଣି ଶୁଣି ମୁଁ ସ୍ତବ୍ଧ ହୋଇଗଲି ।
ନଥି କରି ଖସି ପଡ଼ିଲା ତାଙ୍କ ହାତ
ଛାତିରୁ ପାରଦ
ଆଖିରୁ ଆଲୁଅ
ପୁଡ଼ାରୁ ନିଶ୍ୱାସ
ମୁଁ ଭୋ ଭୋ ରଡି ଛାଡିଲି ।
ଚାହିଁ ଦେଖେତ ସାଆନ୍ତ ନିହାତି କାତର
ଆଖିରେ ଲୁହ - ଟଳମଳ
ଅଢେଇଦିନିଆ ସଂସାର ଛାଡ଼ି
ଇଏ ବି ଧାବମାନ ।
ସେମାନେ ଦିଶୁଥିଲେ ତୋରା ?
ସଫା ଚକଚକ
ମୁଁ ନିହାତି ମଳିନ ।

ଈଶ୍ୱର ନୀରବ ଥିଲେ
ଇଏ କହିଲେ
ଗଢିବାକୁ ହେଲେ ଭାଙ୍ଗିବାକୁ ହୁଏ
ଏୟା ତ ଜାଣିଥିବ
ସବୁ ପୁରୁଣା ସବୁ ଆବର୍ଜନା ।
ନବାନ୍ନ ବଡା ହେଲାଣି ମୋ ପାଇଁ
ମୁଁ ଯାଉଛି । ତୁମେ ଜଲଦି ଆସ
ମୋ ହାତରୁ ଖସିଗଲା ତାଙ୍କ ହାତ
ସାଆନ୍ତ ! ହୋ ସାଆନ୍ତ !

'ଘାସଫୁଲର ପ୍ରତିଷ୍ଠାତା ବିଷ୍ଣୁ ସେଠୀ ରୋଗଶଯ୍ୟାରେ ଚିକିତ୍ସିତ ହେଉଥିବା ବେଳେ ହାତ ଥିଲା ତାଙ୍କ ସ୍ତ୍ରୀଙ୍କ ହାତମୁଠାରେ ଏହି ଫଟୋଟି ଦେଖିବା ପରେ)

ଅଧ୍ୟାପିକା ସମାଜବିଜ୍ଞାନ
ସାଳନ୍ଦୀ ନଗର, ଭଦ୍ରକ

❐

ଡାକଟିଏ ଡରଡର ଡଅଁରର



ବିଜୟ ରାୟ

ମୋଟେ ଛିଡୁ ନ ଥିବା
ଗୋଟେ ପ୍ରେମ
ପଛରୁ ହାତଧରି ଭିଡ଼ିଧରେ !
ଏଇଠୁ ବିଦାୟ ବୋଲି
କହି ହୁଏନା କେବେ ।
ରକ୍ତରେ ନିଆଁଲାଗେ
ଢେରଢେର ନିବାରଣ, ନିରାକରଣ -
ସତ୍ତ୍ୱେ; ଜଙ୍ଗଲୀ ନିଆଁ ପରି
ଚରିଚରି ଯାଏ ଚମତଳେ !
ଶିଶୁଟିଏ ପରି ଏ ବର୍ଦ୍ଧନ
ଗଛଟିଏ ପରି ଏ ବର୍ଦ୍ଧନ
ସମୁଦ୍ରଟିଏ ପରି ଏ ବର୍ଦ୍ଧନ
ଦୁହିଁଙ୍କ ଅଳିନ୍ଦ ଭିତରେ,
ବହୁଥିବା ଯେମିତି ମୁନ୍ଦେ ଅମ୍ଳଜାନ !
ଖରାର ଖୁରାମାଡ଼
ତାନାମରା ତିତିକ୍ଷା ଅନ୍ଧାରର
ଅସୂୟାର ଆଁଚୁଡା ଦାଗ
ଈର୍ଷାର ଉଲୁଗୁଣା ସହି
ପଳେଇହୁଏ କି,
ଆଲୁଅର ହିଡ଼ବାଡ଼ ଡେଇଁ ?
ଆହୁରି ପାଖକୁ ଆ' ଆ' ବୋଲି
ଡାକଟିଏ ପଛରୁ ଗୋଡ଼ାଇଥାଏ
ସବୁବେଳେ ଅଦେଖା ଆଖିମାନଙ୍କର
ଅମଡ଼ା ମାଡ଼େ
ଫୁଟ୍‌ପାଥ୍‌ରେ ନିଶାସକ୍ତ ଗାଡ଼ିଟିଏ
ଯେମିତି ଘଷିଘୁଷୁରି ହୋଇ ବାରବାର,
ପ୍ରବଞ୍ଚନାଭରା ଜୀବନକୁ ଫେରେ !!

ଛୁଇଁ ନ ପାରି ଅନ୍ତସ୍ଥଳ
ଥରକୁ ଥର ରଫୁହୁଏ
ସ୍ୱପ୍ନ ଓ ଜୀବନ ।
ରାସ୍ତାସାରା ସିଏ
ପଛକାମୁଡ଼ାର ପ୍ରପଞ୍ଚ- ପ୍ରତିବେଶୀଟିଏ ପରି
ପ୍ରତିଯୋଗିତାରେ ଦୌଡୁଥାଏ
ସମାନ୍ତରାଳରେ !
ତା' ଓ ମୋ ଭିତରେ ମୁଣ୍ଡ ଟେକିଥାଏ....
ଗୋଟେ ଅଦୃଶ୍ୟ ଅସହାୟତା;
ମୁଁ ସୁନ୍ଦର ନୁହେଁ କି,
ସିଏ ସୁନ୍ଦରୀ ନୁହଁ
ତଥାପି, ସିଏ ମୋ ପାଇଁ ଜରୁରୀ ଓ
ମୁଁ ତା' ପାଇଁ ଜରୁରୀ ଲାଗେ,
ଲିଭିଲିଭି ଆସୁଥିବା -
ଅଙ୍ଗାରକୁଢର ନିଆଁଟିକକୁ
ଜଳେଇ ରଖିବା ପାଇଁ ।

ସ୍ନାକୁ ଆଡ଼ିକ୍ୱନ
କଟକ ରୋଡ, ଭୁବନେଶ୍ୱର
ମୋ : ୬୩୭୦୦୬୩୭୨୩

ତିମିରତୀର୍ଥ ନାୟିକା ତମେ ମୋ...



ଅଧ୍ୟାପକ
ଅଶୋକ କୁମାର ନାୟକ

ତିମିରତୀର୍ଥ ନାୟିକା ତମେ ମୋ ତୃଷ୍ଣାତଟିନୀ ତୀରେ
ଅଥଚ ତମକୁ ଦେଖିଲେ କାହିଁକି
ତୃଷ୍ଣା ମୋ ନାହିଁ ସରେ ?
ଦେହ ଦହନର ଦାବାନଳରେ
ମୁଁ ଜଳେ କିଆଁ ଅହରହ ?
ମୋହମୁକ୍ତିର ଚୁକ୍ତିନାମାରେ
ତମେ ସୀମାହୀନ ମୋହ ।
ତମେ
ଆବେଗ ଅଧୀର ସପନରେ ମୋର ଭାବନାର ଚଉପଦୀ
ପିରତି ଉଚ୍ଛଳ ରସ ଟଳମଳ କାମନାର ଚିତ୍ରନଦୀ
ନିଶ୍ୱାସ ପରି ବିଶ୍ୱାସ ମୋର ଆଶା ଆଶାବରୀ ରାଗ
ଚିନ୍ମୟ ମୋର ଚେତନାରେ ତମେ ଶେଷହୀନ ଅନୁରାଗ ।
ସୀମାୟିତ ମୋର ମନଫରଦରେ ଅସୀମ ସ୍ୱପ୍ନଲେଖା
ତମରି ପାଖରେ ଅଟକି ଯାଇଛି ସତେ ମୋ ଜୀବନ ରେଖା
ଅଜାଣତେ ଡୁବ ପକାଇଦେଇ ମୁଁ ତମ ପ୍ରୀତି ସରସୀରେ
ଖିଆଲେ ଖୋଜୁଛି ନିଜର ଠିକଣା
ତୋ ପ୍ରେମର କାରାଗାରେ ।
ତମେ ମୋ ଜୀବନ ତମେ ମୋ ନିର୍ବାଣ
ତମେଇ ତ ମୋର ମୋକ୍ଷ
ସତ ମୁଁ କହୁଛି ଛୁଇଁ ଦୁଇ ଆଖି
ତମେ ଏକା ମୋର ସାକ୍ଷ୍ୟ ।

ରୁମ୍ ନଂ.ଏଫ, ପ୍ରଥମ ମହଲା,
ଶାନ୍ତି ଆପାର୍ଟମେଣ୍ଟ୍ ରାମଚଣ୍ଡୀସାହି, ପୁରୀ
ମୋ : ୯୧୨୪୫୦୧୭୫୧

ଘାସଫୁଲର କବି



ସଦାଶିବ ଶ୍ରୀଚନ୍ଦନ

"ନିଃଶ୍ୱମାଟିର ସ୍ୱରରୁ ଆସହେ ଉଠି
ଘାସଫୁଲର କବି
"ନଈ ପାଣି ନଈକି ଯା"ଉ
ଚମକୁ ତୁମ ଛବି ॥ ୧ ॥
"ନିର୍ମାୟା ଆକାଶତଳେ"
"ଆଲୋମୟ ଅପସରା"ର
ହଳଦୀ ଦେହ ଝଲେ
"ଶିରୋଧାର୍ଯ୍ୟ ଶିରୋନାମାରେ"
କୀର୍ତ୍ତି ତୁମର, ତାରାଟିପରି ଜଳେ ॥ ୨ ॥
ଜୀବନସାରା ପାଇଛ ଭଲ
ପଦ୍ମଫୁଲ, ଗୋଲାପଫୁଲ, କଢ଼
ଘାସଫୁଲ, କୁହଇ ତୁମ
ସାଧନାପଥେ ଝଡ ॥ ୩ ॥
ନିଃଶ୍ୱ ସେହି ରୁକ୍ଷମାଟିରୁ,
ପାଦଧୂଳିରୁ, ଆସହେ ଉଠି
ଘାସଫୁଲର କବି
ବିଧାନସଭାରେ କବିତା ପଢ଼ି
ଉତ୍ତର ଦେବ ଭାବି । ॥ ୪ ॥
ଧାମନଗର ମାଟିରେ ଜନ୍ମି
କିଣିଲ ସବୁମନ
ରାଜନୀତିରେ ପ୍ରବୀଣ ତୁମେ
ତୁମ ସାହିତ୍ୟ ପାଇଁ
କରୁଛୁ ଆମେ ନମଃ ॥ ୫ ॥

ବଡ଼ପୋଖରିଆ, ଖୋର୍ଦ୍ଧା
ମୋ : ୯୯୩୭୨୧୧୫୧୬

❐

ବାଲ୍‌କୋନିରେ ବସିଥାଉ



ସମରେନ୍ଦ୍ରନାଥ ମହାପାତ୍ର

ବାଲ୍‌କୋନିରେ ବସିଥା'ରେ କବି
ବାଇନୋକୁଲାର୍ ଧରି

କ'ଣ ଦର୍କାର ଯୁଦ୍ଧକ୍ଷେତ୍ରକୁ ଯିବା
କ'ଣ ଦର୍କାର ପଛରି ବୁଝିବା:
ବିଲରେ ବେଙ୍ଗଳା ପଡ଼ିଲା କି ନାଇଁ
ରୋଷଘରେ ଆଞ୍ଚ ଲାଗିଲା କି ନାଇଁ
ମନ୍ଦିରରେ ମାର୍ଜନା ହେଲା କି ନାଇଁ
କ'ଣ ଦର୍କାର ଜାଣିବା ଓ ଛଟପଟ ହେବା
ସ୍ୱପ୍ନାଘାତ ରୋଗୀଟିଏ ପରି !

ବାଲ୍‌କୋନିରେ ବସିଥା'ରେ କବି
ବାଇନୋକୁଲାର୍ ଧରି,
ଦେଖୁଥା: ନଈବଢ଼ିର ଦୃଶ୍ୟ
ଭାସିଯାଉଥିବା ସଂସାର
ପତଙ୍ଗ ଆଖିର ଲୁହ
ଟଳିପଡୁଥିବା ହାଡ଼ର କଙ୍କାଳ !

ବଡ଼ ଦୁଷ୍ପ୍ରାପ୍ୟ ଏ ଦୃଶ୍ୟ
ତୋ କବିତା ପାଇଁ, ବଡ଼ ଚମତ୍କାର
ଶବ୍ଦର ରଙ୍ଗ ବୋଳିଦେଲେ ହୁଏତ
ହେଇପାରିବ ଆଜିଯାଏଁ
ଖୋଜୁଥିବା ଶ୍ରେଷ୍ଠ କବିତା ।
କ'ଣ ଦର୍କାର ଏତେ ମୁଣ୍ଡ ଖେଳେଇବା
ନେତା ମନ୍ତ୍ରୀ ସମାଜସେବୀଙ୍କ ପରି
ସମାଧାନର ସୂତ୍ର ଖୋଜିବା,
ସବୁ ଦୁର୍ଘଟଣା ତ ତୋ ପାଇଁ
ସୁଦୃଶ୍ୟ ଘଟଣା !

ବାଲ୍‌କୋନିରେ ବସିଥା'ରେ କବି
ବାଲ୍‌କୋନିରେ ବସିଥା ।

ସମର୍ ଗ୍ରାଫିକ୍ସ. ସହଦେବଖୁଣ୍ଟା, ବାଲେଶ୍ୱର, ମୋ: ୭୦୦୮୩୩୦୭୪୫

ଅପୁଷ୍ଟିର ଅଭିଷେକ



ଡ. ଦୁର୍ଯ୍ୟୋଧନ ଦାସ

ଅପୁଷ୍ଟି ହେଉଛି ସଜ
ଦାରିଦ୍ର୍ୟର ଅଣସର ଘରେ,
ପେଟ କରି ଏଣ୍ଡୁଳିଆ ଚମ ଧୁଡୁ ଧୁଡୁ
ଟାଇଁସିଆ ଫୁରୁଫୁରୁ କେଶରେ ଝୁଲାଇ
ମାଳମାଳ ଉକୁଣି ଓଲଟ ଶୁଆ,
ଗଡ଼ିବ ସେ ସୁନୁକା ପାଦରେ
ଦଦରା ଦେହର ରଥେ
ବ୍ୟଭିଚାର ବଡ଼ଦାଣ୍ଡ ପରେ ।
ଅଂଧାରକଣାକୁ ଲାଉ କରି
ମାଛକାତି ପେଜୁଆ ଆଖିରେ
ଦେଖିବ ସେ ତା'ର ଦରଶନ ଲାଗି
ପଶୁ-ପକ୍ଷୀ-ମଣିଷ ଗହଳ
ବଦାନ୍ୟତା ବଜାରରେ ପୂଣ୍ୟାର୍ଜନେ
ପଡ଼ିଛି ଚହଳ ।
ଅନାହାରେ ଅସହାୟ ଶିଶୁ ଯେବେ
ବାଟରେ ଟଳିବ ତା' ଶିକାର ଲାଗି
କଳିରତ କୁକୁର ଶିଆଳ ଏବଂ
ପଜାନ୍ତି ମୁନିଆ ଚଂଚୁ ଶାଗୁଣାଙ୍କ ଦଳ ।
କାଲଭିନ୍ କୃତାର୍ଥ କ୍ୟାମେରା
ବଂଦୀ କରେ ଭୋକ ଚିତ୍ର ଭୟର ଭୂଗୋଳ
ଅସହାୟ ଶୀତଳ ମଣିଷ
ହୋଇଯାଏ ଗରମ ଖବର ।
ଅପୁଷ୍ଟି କରିଛି ବିଜେ
ନଗଡ଼ାରୁ ନାଇଜର ଯାଏ
ତାର ନାହିଁ ଜାତି ଗୋତ୍ର
ଧର୍ମ ରଂଗ ଭେଦ
ଭାଷା ବର୍ଣ୍ଣବୋଧ

ମାଟି ପାଣି ପବନ ପାର୍ଥକ୍ୟ
ସମୟର ଋତୁ ଚକ୍ର
ଶରତ ବସନ୍ତ ।
ସେ ରହିଛି ମଗଜରେ ଅଜ୍ଞତା ରୂପରେ
ପାଣିଚିଆ ସର୍ବତ ଢୋକରେ
ଅଗାଡ଼ିଆ ଅସ୍ପଷ୍ଟ ଚିନ୍ତାରେ ।
ତା'ର ସଦା ପୂଜା ହୁଏ
ରାଜନୀତି ପଙ୍କା ବେଦୀ ପରେ
ଉଦାରତା ରତରତ ଉଆଁସ ସଞ୍ଜରେ ।
ଅପୁଷ୍ଟିର ଅସ୍ତ ନୁହେଁ ଅନନ୍ତ ଉଦୟ
ସମସ୍ତଙ୍କ କାମ୍ୟ
ତା' ବିହୁନେ ଅତିଷ୍ଠ ଆସନ
ମୂଲ୍ୟହୀନ ଦାନ ଧର୍ମ ସେବା ବଡ଼ ପଣ
ବୃଥା ସବୁ ଉପକାର ଦୟା ଅନୁଦାନ
ବିକଶିତ ମାନବିକ ଗୁଣ ।
ଅପୁଷ୍ଟି ଆଶିଷେ ଯେତେ ଯେତେ
ମଣିଷର ଆୟୁ କମୁଥିବ,
ଅଳ୍ପାୟୁକୁ ଆୟୁଷ୍ମାନ କରିବା ଆଳରେ
ସେତେ ସେତେ ଫାଇଲରେ
ଯୋଜନାର ପୃଷ୍ଠା ଯୋଡୁଥିବ ।
ଅଭାବକୁ ସ୍ୱଭାବରେ ପରିଣତ କରି
କାନ୍ଦୁଥିବ ବରଗଛ ଗାଙ୍ଗୁଲାରେ
ବନସ୍ପତି ବୁନିଆଦି ବେଘର ବ୍ୟଥାରେ
ଅଭିଶପ୍ତ ବାଙ୍ଗର ବଂଶାଇ ।
ଛୋଟ ଛୋଟ କୁଣ୍ଠ ଭାଙ୍ଗି
ମୃତ୍ତିକା ଫେରିବ କେବେ ନିଜ ବିସ୍ମୃତିକୁ
ବଞ୍ଚିତ ପାଇବ ମୁକ୍ତି ସଂକୁଚିତ ଶିଠା ସଂପର୍କରୁ
ବିଡ଼ମ୍ବିତ ବ୍ୟବସ୍ଥା ବ୍ୟୁହରୁ ?

ଜଗନ୍ନାଥପୁର,
ଭଦ୍ରକ, ମୋ: ୯୪୩୭୨୧୪୦୨୧

ପାଗ ଭଲ ନଥିବା ବେଳେ



ରତିକାନ୍ତ ବେହେରା

ପାଗ ଖରାପ ବେଳେ ପବନ ବହେ
ପତର ଖସେ, ପାକଲା ଧାନ ପଡ଼ିଯାଏ
ପାତଳୀ ନଈ ଗୀତ ଗାଏ
ପାପୁଲିରୁ ପଳାଇଯାଏ ବୁନ୍ଦାଏ ବିଶ୍ୱାସ
ପଶିଯାଏ କର୍ଣ୍ଣର ଚକ ପାତାଳକୁ ।
ଆଷାଢ଼ ମେଘରେ ଅତିସୁନ୍ଦର ଓଢ଼ଣା ଘୋଡ଼ି,
ଅତି ଯତନରେ ଅଭିସାରିକା ସାଧବ ବୋହୂ
ଅନି ମାଉସୀ ଅଳପ ଅସନା
ଧାନଖଳା ଆଡ଼େ ଧାଏଁ ।
ଉଚ୍ଛନ୍ନ ହୋଇ, ଉଲ୍ଲାସ ନାୟିକା ପରି
ଉଡ଼ାଣ ଆରମ୍ଭ କରେ ଅଳପ ଆୟୁଷୀ ଇନ୍ଦ୍ରଧନୁ
ଉତ୍ତର ଆକାଶରେ
ଉଗୁରି ହେଉଥିବା ମାଛ ରଙ୍କାର ଡେଣାରୁ
ଖସିପଡ଼େ ଉଷୁମ ଅହମିକା ।
ମୋଟରୁ ମନଲାଗି ପାଗ ଭଲ ନଥିବାବେଳେ
ମାତବର ବରଷାରେ, ମହରଗ ମୁହୂର୍ତ୍ତରେ
ମିଶିବାକୁ ମନ ହୁଏ ବରଷାରେ ଭାରି
ମହମହ ଲାଜ, ମାଳ ମାଳ ସରମକୁ
ମଥାନରେ ଖୋସି, ମାନହାନିକୁ ଧରି
ମଦନରେ ମାଡ଼ିପଡ଼େ ମନ ।
ମନହୁଏ ଭାରି ଯିବାପାଇଁ ମୋହନର ଘର
ମନ୍ତ୍ରପରି ଗାଇବାକୁ ମୂରଲୀର ସ୍ୱର ।

ପ୍ରଧାନଶିକ୍ଷକ ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ, ଭଦ୍ରକ

ଜୀବନ



ସବିତାରାଣୀ ବେହେରା

ଜୀବନ ତ ନିତି ଜୀଇ ରହିବାର
ଅବସୋସ ବାଣ୍ଟୁଥାଏ
ଜୀବନ ଏମିତି ଚନ୍ଦନ କାଠ
ନିତି ଘୋରି ଘୋରି ଯାଏ ..... ॥ (୦)
ଜୀବନ ଏମିତି ସମ୍ପର୍କ ବନ୍ଧନ
ନିଜେ ହୁଏ ଖାଲି ବାନ୍ଧି
ଜୀବନ ଏମିତି ବୁଢ଼ିଆଣୀ ଜାଲ
ନିଜେ ନିଜେ ହୁଏ ଛନ୍ଦି
ଜୀବନ ଏମିତି ବାଲିଘରଟିଏ
ଢ଼ଉ ଆସି ଧୋଇ ନିଏ ... ॥ ୧ ॥
ଜୀବନ ଏମିତି ପଣତକାନି ଯେ
ସମୟ ପୋଛେ ତା' ଲୁହ
ଜୀବନ ଏମିତି ଅନୁଭବଟିଏ
ଅନୁଭବୀ ଜାଣେ କୋହ
ଜୀବନ ଏମିତି ସୁନାର ବୋଇତ
କାଳବକ୍ଷେ ଭାସୁଥାଏ .... ॥ ୨ ॥
ଜୀବନ ଏମିତି ମରୁଭୂମି ଓଟ
କୁଜ ବୋହି ଚାଲେ ବାଟ
ସ୍ମୃତିର କଣ୍ଟାକୁ କାମୁଡ଼ି ନିଜେ ସେ
ଚାଟିଥାଏ ନିଜ ରକ୍ତ
ସ୍ୱପ୍ନର ମହୁ ମୁହାଣରେ ଭାସି
ଲହୁ ଲୁହାଣ ବି ହୁଏ ... ॥ ୩ ॥

ସମ୍ପାଦିକା 'ସ୍ମୃତିସାନ୍ତ୍ୱନା'
ମୋ: ୯୪୩୭୨୪୪୩୨୦

କି ବା ଦୋଷ ମୋର ହେଲା



ଶ୍ରୀମତୀ ବସନ୍ତ ମିଶ୍ର

ଥିଲା ବେଳେ ତୁମେ ମନ ସହକାରେ
ବଉଳ ବଉଳୁଥିଲା
ବୁକୁ କୁଞ୍ଜବନେ କୁହୁକୁହୁ ବଂଶୀ
ଅହରହ ବାଜୁଥିଲା ।।୦।।

ଖେଳୁଥିଲା ଦୋଳି ମଳୟ ଦୋଳାରେ
ନିଦାଘ କାଳରେ ଦେହ
ମହକାଉଥିଲେ ମଲ୍ଲି, ଚମ୍ପା, ହେନା
ମାଘମାସେ ମହମହ
ଗଲାପରେ ତୁମେ ଆଖି ଦୁଇ ଗୋଟି
ଶ୍ରାବଣ ଝରଣା ହେଲା
ଥିଲାବେଳେ ତୁମେ ମନ ସହକାରେ
ବଉଳ ବଉଳୁଥିଲା ।।୧।।

ସୁଖ ତରୁ ଡାଳେ ବସାଇ ଛଳନା
ଜାଲକୁ ବିଛାଇଦେଲ
ପଡ଼ି ସେ କପଟ ଜାଲେ ଆଜି ଯାହା
ହେଉଅଛି କଲବଲ
ସାଜିଲ ଆନର ମଥାର ସିନ୍ଦୂର
କି ବା ଦୋଷ ମୋର ହେଲା
ଥିଲାବେଳେ ତୁମେ ମନ ସହକାରେ
ବଉଳ ବଉଳୁଥିଲା ।।୨।।

ସମ୍ପାଦିକା, "ଆମ ବ୍ୟଙ୍ଗ ପସରା"
ମଣିସାହି, ମାଧବନଗର,ଭଦ୍ରକ - ୭୫୬୧୮୧
ଭା:ଭା: - ୯୪୩୯୫୫୪୯୬୪

ଏହି ବରଷାରେ



ବେଣୁଧର ସେଠ୍

ଆଷାଢ଼ ଶ୍ରାବଣ ଧାରା ବରଷା
ଝିପିଝିପ୍ ଶବ୍ଦ ଗୁଞ୍ଜେ, ପାଣି ଛିଟିକା
ଓଦାଳିଆ ମନ ମଜିଯାଏ ଆନନ୍ଦର ଲହରି
ଭିଜିବାକୁ - ଏହି ବରଷାରେ ।।

ମନ ଚାହିଁଥାଏ ଖୋଲା ଝରକାରେ,
ଚାତକ ପକ୍ଷୀ ପରି ବରଷାକୁ
ନେଇ ଖୁସିର ନିଆରା ସ୍ୱପ୍ନ,
କେତେ ସମୟ ବା ବାନ୍ଧି ନେବ
ଆଖିର ସାମନାରେ ନିଜକୁ
ଭାବି କଳ୍ପନାର ଦୃଶ୍ୟ,
ଭିଜିଲା ଦେହରେ - ଏହି ବରଷାରେ ।।

କଅଁଳିଆ କଡ଼ଉପରେ ପଡ଼ିଯାଏ
ଅସରାଏ ଜଳ, ଫୁଲି ଉଠେ ପାଖୁଡ଼ା
ହସି ଉଠେ ମନର ଆକାଶ,
ପ୍ରଜାପତିଟି କେଉଁଠି ଥାଏ
ମତୁଆଲା ଢଙ୍ଗରେ ବସି ପଡ଼େ
ଫୁଲ ସୁଗନ୍ଧରେ - ଏହି ବରଷାରେ ।।

ବେଙ୍ଗୁଲିଟି ପାଟି ଖୋଲି
କହିଦିଏ, କଟର କଟର
ନାଚି ଉଠେ ମୟୂର ପଙ୍ଖ ମେଲାଇ
ପାଦ ଛୁଏଁ ସବୁଜ ଚାଦରରେ,
କାହାକୁ ବା ଭଲ ଲାଗେ ଟିକେ
ବୁଲିବାକୁ, ତଥାପି ଭିଜା ମନଟା
ଚାଲିଯାଏ ଅଭୁଲା ରାଇଜକୁ
ଖୋଜି ବୁଲେ ଟିକେ ଖୁସି - ଏହି ବରଷାରେ ।।

ବଗୁଲିଟି ବସି ଅଛି ଆହାର ସନ୍ଧାନେ
ଝାମ୍ପି ନେଇ କଣ୍ଢା ଝୁଣି ଖାଇବାକୁ
ଏକ ଧ୍ୟାନେ,
ଚର୍ତୁଦିଗ ଖାଲି ପାଣି କାଦୁଅ
ଭରିଯାଏ ନଦୀନାଳ ପୋଖରୀ
କ୍ଷଣିକ ବନ୍ୟାବାତ୍ୟାର ବିଭୀଷିକା,
ପ୍ରଖର ଶ୍ରୋତରେ ଧୋଇଯାଏ ସବୁକିଛି
ନଥାଏ ପାଇବାକୁ ଟିକିଏ ଆଶ୍ରୟ,
ଭୋକିଲା ପେଟ ଖୋଜି ବୁଲେ ଆହାର
କିଛି ନାହିଁ ସୃଷ୍ଟିର ତାଣ୍ଡବ ତଳେ
ଶୋଇପଡ଼େ, ଭଙ୍ଗା କାନ୍ଥ ଭିତରେ
ରହିଯାଏ ସାମ୍ନାରେ କାଦୁଅ ଭିଜା ପାଣି,
ଦଦରା ଘର ଖଣ୍ଡି - ଏହି ବରଷାରେ ।।

(ଅବସରପ୍ରାପ୍ତ ଶିକ୍ଷକ କେନ୍ଦ୍ରୀୟ ବିଦ୍ୟାଳୟ)
କୁଆଁସ, ଭଦ୍ରକ (ମୋ.୯୯୩୭୪୨୦୮୬୯)

❐

ଏଇ ମାଟିରୁ



ତେଜସ୍ୱିନୀ ପଣ୍ଡା

ଏଇ ମାଟିରୁ
ମୁଁ ଦେଖିଛି ଭଲପାଇବାର
କେତେ ଯେ ସ୍ୱରୂପ
ଆହୁରି ଦେଖିଛି
ଯୋଗୀ କେନ୍ଦେରାର ଅନେଶତ ରୂପ,
ଯେବେହୁଏ ଭାଗବତ ଠାକୁରଙ୍କ
ଘଟ ପରିବର୍ତ୍ତନ, ସେ ରାତ୍ରିରେ ସାହି
ଗୋଟାକ ନିସ୍ତବ୍ଧ ପୁନର୍ବାର ।
ଏଇ ମାଟିରୁ
ମୁଁ ଦେଖିଛି ବୋଉର
ଚୁଲିଫୁଙ୍କାର ଅଦ୍ଭୁତ କରାମତି,
ଆହୁରି ଦେଖିଛି
ବୁଢ଼ୀମା ଶୁଣାଏ ତା
ଯୌବନର ଉଜୁଡ଼ା ଅନୁଭୂତି
କେମିତି ତରୁଣୀ ବେଣୀରେ
ସଜ୍ଜା ହୁଏ
ଗୋଲାପ, ମଲ୍ଲୀ ଓ ମାଳତୀ ।
ଏଇ ମାଟିରୁ
ମୁଁ ଦେଖିଛି ଆଦ୍ୟ ଫଗୁଣର
ନିରୁଦ୍ଦିଷ୍ଟ ଆବେଗ,
ଆହୁରି ଦେଖିଛି
ମଫସଲ ରାଇଜର ପହିଲି ଆଷାଢ଼,
ସେ ବାରିଧାରା ଛବିଳ ମୋହିତ ସ୍ରୋତ,
ଏଇ ଅଗଣାରେ ହୁଏ
କୁମାର ପୂର୍ଣ୍ଣିମାର ଚାନ୍ଦପୂଜା ଓ
ଏଇଠି ହୁଏ ଝିଅବିଦା ବେଳର କାନ୍ଦଣା ।
ଏଇ ମାଟିରୁ
ମୁଁ ଦେଖିଛି ଦୂରରୁ ଦିଶୁଥିବା
ପାହାଡ଼ ଘେରାର ବନାନୀ,
ଆହୁରି ଦେଖିଛି
ଚଉରା ମୂଳରେ ସଞ୍ଜବତୀର
ଅପରୂପ ଜ୍ୟୋତି,
ଅନେକବେଳ ଷଠୀ ଘରୁ ଶୁଭେ
କୁଆଁ କୁଆଁ ଡାକର ଭେଟାଭେଟି,
ତ କେବେ କେବେ ଶୁଭେ
ବରକନ୍ୟାଙ୍କ ସପ୍ତମ ପ୍ରତିଶ୍ରୁତି ।

ଜଗତସିଂହପୁର

ହେ ! ବିଷ୍ଣୁ ଭାଇ



ସୁବ୍ରତ ମିଶ୍ର

ହେ !ବିଷ୍ଣୁ ଭାଇ
ତୁମ ହସିବା ପାଇଁକି
ରାତି ଅନ୍ଧାର ଏଡ଼ି ।
ଭାବ ଓ ଭାଷାର ବିଗଳିତ ପ୍ରାଣେ ।
ଅସୁମାରୀ ଚିତ୍ର ଭରି ।
ତମରି ସାନ୍ନିଧ୍ୟ ପାଇବା ପାଇଁକି ।
ସ୍ମୃତିରେ ତର୍ପଣ କରି ।
ଘାସଫୁଲର ଛବି ମଉଳି ପାରେନା ।
ଖୋଜେ ପୁଣି ତା ଚତୁରୀ ।
ଜନତାଏ ଏଠି ବୁଲନ୍ତି ସକଳେ ।
ବାୟାର ଅବତାର ଧରି ।
ଦୁଇବରଷ ହେଲାଣି
ଶୁଖୁନାହିଁ ଲୁହ ସେ ଯେ ଏମିତିକା ବଢ଼ି !
ହେ ! ବିଷ୍ଣୁ ଭାଇ
ତୁମ ହସିବା ପାଇଁକି
ରାତିର ଅନ୍ଧାର ଏଡ଼ି ।
ବିଭରିବା କିବା ସାଜିଲା ଦାଉ
କେଉଁଠି ଆସିଲା ଉଡ଼ି
ଅସ୍ତଭରା ମାଟି କଳସକୁ
ଶୂନ୍ୟରେ ଦେଲା ଛାଡ଼ି ।

ତିହିଡ଼ି, ଭଦ୍ରକ
ମୋ: ୮୨୪୯୨୫୯୯୦୫

❐

ନିରୁଦ୍ଦିଷ୍ଟ ଜୀବନ



ରାଜେଶ କୁମାର ସେଠୀ

ଜୀବନଟା ନିଃସହାୟ ଲାଗୁଛି
କ୍ଷଣ କ୍ଷଣକେ
ପାରିବାପଣିଆ ସବୁ
ନିଃଶେଷ ହେଇ ଯାଉଛନ୍ତି
ପୌରୁଷହୀନ ପୁରୁଷଟେ ପରି ।

ମନଟାକୁ ଚଳଚଂଚଳ କରିଦେଉଛନ୍ତି
ପୂର୍ବ ସ୍ମୃତିମାନେ,
ସବୁ ତ୍ୟାଗ ଆଉ ଭଲପାଇବାର
ପୃଥିବୀକୁ ଖୋଜୁଖୋଜୁ
ଛନ୍ଦି ଯାଉଛି ପ୍ରାଣଟା,
ସଂସାର ବୁଢ଼ିଆଣୀ ଜାଲରେ ।

ଆଗକୁ ଚାଲିବାର ରାସ୍ତା
ଶେଷ ହେଇ ଯାଉଛି
କେଉଁ ଏକ ଅଜଣା ତ୍ରିଛକିରେ
ବୁଝିବାକୁ ଚେଷ୍ଟାକଲେ ବି
ବୁଝି ହେଉନି ଜମାରୁ
ଖାଲି ଯାହା ଏବେ
ନିରୁଦ୍ଦିଷ୍ଟ ଜୀବନ ନେଇ
ଯନ୍ତ୍ରଣାସିକ୍ତ ଶରୀରର
ବୋଝ ବହି ବହି
ବଂଚିବାଟା ନିର୍ଦ୍ଦିଷ୍ଟ ମାତ୍ର ।

କମାରିଆ, ତିହିଡ଼ି, ଭଦ୍ରକ
ମୋ: ୮୯୮୪୧୬୨୬୮୨

ମୋ ଗାଁ



ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ

ମୋ ଗାଁ !
ଯାହାର ନାଁ
ଇତିହାସରେ ନାହିଁ
ଭୂଗୋଳ ପୋଥିରେ ବି ନାହିଁ
ଏହି ମୋର ସେହି ଛୋଟିଆ ଗାଁ.. ।

ମୋ ଗାଁ !
ସକାଳ ଆରମ୍ଭ ହୁଏ
ମନ୍ଦିର ଘଣ୍ଟାରେ,
ଦିନ ସରିଯାଏ
ସଞ୍ଜ ଆଳତୀରେ.... ।

ମୋ ଗାଁ !
ଶ୍ରାବଣ ମାସେ ଚାଷୀର ହସେ
ଖେଳେ ସାବଜା କ୍ଷେତ,
ଝିଅଙ୍କ ମେଳ ଖୁଦୁରୁକୁଣୀ
ସ୍ୱର ଲମ୍ବୁଥାଏ ଗୀତ... ।

ମୋ ଗାଁ !
ବାର ମାସରେ ତେର ପରବ
ହୋଲି ଦୀପାବଳି ସାର,
ପାଳନ୍ତି ସବୁ ଖୁସି ମନରେ
ନରଖି ମନେ ବାଛବିଚାର... ।

ମୋ ଗାଁ !
ଯବାନ ପୁଅ ସୀମାନ୍ତରେ
ଚାଷୀ ଭାଇ କ୍ଷେତରେ,
ବ୍ୟବସାୟୀ କରେ ଫନ୍ଦୀଫିକର
ନିଜ ବାହୁ ବୁଦ୍ଧିମତାରେ... ।

ମୋ ଗାଁ !
ସଭିଙ୍କ ସୁଖଦୁଃଖରେ ଠିଆହୁଅନ୍ତି
ସଭିଏଁ ବିପଦଆପଦ ବେଳେ,
କାହାର ଯଦି କାଳବିୟୋଗ ହୁଏ
କ୍ରିୟାକର୍ମ କରନ୍ତି ବିଦାୟକାଳେ... ।

ଓଡ଼ିଆ ବିଭାଗ,
ସିମୁଳିଆ କଲେଜ, ସିମୁଳିଆ, ବାଲେଶ୍ୱର
ମୋ-୯୦୯୦୨୦୨୧୬୬

❐

ନିର୍ମ୍ମଳୀଲଟା



ବିଭୂତି ଭୂଷଣ ଗ୍ରହାଚର୍ଯ୍ୟ

ମୁଁ ହୋଇପାରିଥାନ୍ତି କି
ଗୋଟେ ଫୁଲଗଛ
ମୋ ଫୁଲ ହୋଇପାରିଥାନ୍ତା
କେଉଁ ଦେବତାଙ୍କ ପାଦତଳେ ସମର୍ପିତ ।
ଯଦି ବି ହୋଇପାରିଥାନ୍ତି ମୁଁ
ନିର୍ଜନ ରାସ୍ତାକଡ଼ର ଏକ ବଟବୃକ୍ଷ
ତତଲା ଖରାର କେତେ ପଥିକମାନଙ୍କୁ
ଦେଇପାରିଥାନ୍ତି ଛାଇ ଓ ବିଶ୍ୱାସ ।
ନହେଲେ ନାହିଁ ତ ହୋଇପାରିଥାନ୍ତି କି
ମୁଁ ଏଠି ଗୋଟେ ମହାଦ୍ରୁମ
ସହ୍ୟ କରି ପାରିଥାନ୍ତି
ଯେତେସବୁ ଝାଞ୍ଜି ଓ ଝଡ଼ ।
ଏମିତି ବି ନହେଲେ
ଯଦି ବି ମୁଁ ହୋଇପାରିଥାନ୍ତି ଖଣ୍ଡେ ବଉଦ
ମୋ ବର୍ଷାରେ ଭିଜାଇ ଦେଇପାରିଥାନ୍ତି
ପୃଥିବୀର ସବୁ ଧୂସର ଦେହ ।
ମୋ କୋଳରେ ଧରିପାରିଥାନ୍ତି
ସେହି କୋଟିକୋଟି ନକ୍ଷତ୍ର
ହୋଇପାରିଥିଲେ ସିନା
ଗୋଟେ ସଞ୍ଜୁଆ ଆକାଶ ।
ମୁଁ ଦେଇପାରିଥାନ୍ତି
ସମସ୍ତଙ୍କୁ କୋମଳ ସ୍ପର୍ଶ
ଯଦି ହୋଇପାରିଥାନ୍ତି
ଗୋଟେ ପୂର୍ଣ୍ଣିମୀର ଜହ୍ନ ।

ଏମିତି ଭାବି ଭାବି ତମାମ ଜୀବନ
କେତେବେଳେ କାହା ଭାଗ୍ୟରେ ହୋଇ
ଝୁଲିପଡୁଛି ସକାଳର ଦୁଃଖ
ପୁଣି କାହା ରାତିର ନିଦରେ ଦୁଃସ୍ୱପ୍ନ ପାଲଟି
ତାଙ୍କୁ ଦେଇଚାଲିଛି ଯନ୍ତ୍ରଣା ଓ ଆଘାତ ।
ତଥାପି ସେମାନଙ୍କ ନିବିଡ଼ ଆଶ୍ଳେଷ
ମୋ ସକଳ ସତ୍ତାକୁ କରିଛି ଆଲୋକିତ
ବାନ୍ଧି ରଖିଛି ମୋତେ
ତାଙ୍କ ମମତାର ସୂତାଖିଅ ।
ମୁଁ ଜନ୍ମରୁ ଅସହାୟ
ଅପରିପୂର୍ଣ୍ଣ ଅପଙ୍ଗ
ଠିଆହେବାକୁ ନାହିଁ ବୋଲି ମୋର ସମର୍ଥ
ସେମାନେ ମୋତେ ଦେଇଚାଲିଛନ୍ତି ଆଶ୍ରୟ ।
ସେଥିପାଇଁ ଆଜି ମୁଁ ଦେଖିପାରୁଛି ଫର୍ଚ୍ଚା ଆକାଶ
ସମ୍ଭାବନାର ସୁନେଲି କିରଣ
ମଧ୍ୟାହ୍ନ ସୂର୍ଯ୍ୟ, ଗୋଧୂଳି ଲଗ୍ନ
ଆଉ ଶୁଣିପାରୁଛି ପ୍ରତିଦିନ
ଚଢେଇଙ୍କ କିଚିରି ମିଚିରି ଶବ୍ଦ
ସଞ୍ଜ ଓ ସକାଳେ ।

ସଭାପତି 'ସଖା', ମୂଷାଙ୍ଗ, କୋହ୍ଲ
ତିହିଡ଼, ଭଦ୍ରକ
ଦୂରାଭାଷ - ୮୮୯୫୫୮୮୯୦୫

❐

ଆମେ ଏବେ ମହାକାଶଚାରୀ



ଡ. ଅନିଲ ନନ୍ଦ

କେହି ବୋଧେ
ପ୍ରାଗୈତିହାସିକ ଶୈଳୀରେ
ପାଦପକାଇ ଖୋଜୁଛି ଆମକୁ
ଆହାର ନିଦ୍ରା ମୈଥୁନ ପାଖରେ ।
ଦୀର୍ଘ ସମୟ ଯାଏ ଖୋଜିବୁଲି
ଜଙ୍ଗଲକୁ କରୁଛି ଧିକ୍କାର
ବହୁ ବର୍ଷର ପ୍ରାଚୀନ ଗଛ ମୂଳେ
ପାଲଟି ଯାଉଛି ମୂର୍ତ୍ତି ।
ଜାଣିନି, ୟା ଭିତରେ
ପୋଡ଼ି ଦିଆଗଲାଣି
କେତେ ବର୍ଷର ଜଙ୍ଗଲ
ପାହାଡ଼ ଓ ନଈ ପାରି ହେଇ
ଗଡ଼ି ପୁଣି ଭାଙ୍ଗି ଦିଆଗଲାଣି
ମାଟିରେ ତିଆରି ଆଶ୍ରୟ ସ୍ଥଳ ।
କାହାର ହାତ ଛୁଇଁ ପାରିବ ଯେ
ଫେରାଇ ନେଇ ମହାକାଶ ପଥରୁ
ଆଉଜେଇ ରଖିବ ଛାତିରେ
ଆଖିକୋଉ ଦେଖି ପାରିବ ଯେ
କହିବ କେତେ ଉଚ୍ଚକୁ ଉଠି
ମହାଜାଗତିକ ସଙ୍ଗେ
ବନ୍ଧୁ ବାନ୍ଧିଛୁ ଆମେ ।
ପ୍ରେମକୁ ଶାଶ୍ୱତ କହୁଥିବା ଲୋକେ
ଏଠି ଠିଆ ହୋଇଥିଲେ କହୁଥାନ୍ତେ
ପ୍ରେମ ଗୋଟେ ବ୍ୟତିକ୍ରମ
ପ୍ରେମରେ ବି ତିଆରି ହୁଏ ଅସ୍ତ୍ର
କରାଯାଇପାରେ ବିଶ୍ୱାସକୁ ହତ୍ୟା ।

କେହି ବୋଧେ ଚିହ୍ନିପାରୁନି ଆମକୁ
ଅବାନ୍ତର ସ୍ୱପ୍ନ ଦେଖି
ବାନ୍ଧି ରଖିବାକୁ ଧାଇଁ ଆସିଛି
ସେଇ କାଦୁଆ ଜମି, ଜଙ୍ଗଲ
କିମ୍ବା ଅନାବନା ଘାସ କିଆରିରେ
ଆମେ ତ ଏବେ କକ୍ଷ ପଥରେ
ହାତ ପାଆନ୍ତାରେ
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ର ।

କ୍ୟାମ୍ପସ-୯ କିଟ୍
ମୋ: ୯୯୩୬୮୪୩୩୬୮

ମା' ଆସୁଛନ୍ତି



ମନୋରମା ରାୟ

ନୀରବ ନିଶ୍ଚଳ ଆଖିପତା ମେଲି
ଅବନୀ ଆଜି ରହିଛି ମେଘୁଆ ଆକାଶକୁ ଚାହିଁ,
ପାର୍ବଣ ପରବ ଆସୁଛି ଢୋଲ ବଜାଇ
ମନକୁ ତାର ନେବ ଚୋରାଇ ।
ଆଶ୍ୱିନ ମାସ ଶରତ ସକାଳେ
ଧରାରେ ଖେଳିବ ଖୁସିର ଆସର
ଶୁଭ୍ର ଅଭ୍ର ନଭେ ଦିଏ ପହରା
ମା ଆସୁଛନ୍ତି ମେଘ ସବାରୀରେ ପରା ।
କାଶତଣ୍ଡୀ ଫୁଲର ମଳୟ ମହକ
ମା'ର ତନୁକୁ କରିବ ଶୀତଳ
ନାଲି ଟୁକୁଟୁକୁ ଓଠକୁ ମେଲି
ହସୁଛି ଝୁଲି ଡାଳେ ମନ୍ଦାର ଫୁଲ ।
ଗଳାରେ ଶୋଭା ପାଇବ ନାଲି ମନ୍ଦାର ହାର
ଦିବ୍ୟରୂପ ପ୍ରକାଶ ପାଇବ ମୃଣ୍ମୟୀ ପ୍ରତିମା ମା ଆମର
ବିଷମୟ ବିଶ୍ୱର ଦୁଃଖ ହରିବା ପାଇଁ
ମହିଷା ମର୍ଦ୍ଦିନୀ ରୂପ ଧାରଣ କରିଛୁ ତୁହି
ମା' ଲୋ ଦଶଭୁଜାଧାରୀ କଳ୍କୀବତାରୀ
ଧରାରେ ପାପୀଙ୍କୁ କରିବୁ ବିନାଶୀ ।
ଗାର୍ଗୀ ରୂପ ଧରି ଆସିଛୁ ଅବତରି
ଗର୍ବ ହିଂସା ଦ୍ୱେଷ ସବୁ ମନୁ ଯିବ ଅପସରି ।
ଧରାରେ ଝରିବ ଅହିଂସାର ଅମୀୟ ଧାରା,
ଶାନ୍ତି ମୈତ୍ରୀ ଭାତୃ ପ୍ରୀତି ଭାବ ହେବ ଜଗତ ସାରା ।
ତୋ ପାଦେ ଏକିତି ମିନତି
ସଭିଙ୍କ ହୃଦୟେ ଭରିଦେ ଶକତି
ଦେଶର ପ୍ରଗତି ଜାତିର ସମୃଦ୍ଧି ଆଣିଦେ
ଜୟ ମା ଦୁର୍ଗତି ନାଶିନୀ
ଜୟ ମା ମହିଷା ମର୍ଦ୍ଦିନୀ ।

ଶିକ୍ଷୟିତ୍ରୀ, ମଠସାହି, ଭଦ୍ରକ
୯୩୪୮୫୮୪୩୩୬

ନିଃସ୍ୱ ହୋଇ




ପୁଷ୍ପାଞ୍ଜଳି ପଣ୍ଡା

ରାତିସାରା ଅପେକ୍ଷାରେ
ଛଟପଟ ହେଉଥାଏ ମୁଁ
ନିମିଷେକେ ନିଦ ଆସେ
ତୋ ଆଖିରେ,
ସ୍ୱପ୍ନ ସବୁ
ଆବୋରି ବସନ୍ତି ତତେ
ଶାନ୍ତ ହୋଇ
ଶୋଇଥାଉ ତୁ ॥
ସର୍ବସ୍ୱ ହରାଇ ଦେଇ
ନିଃସ୍ୱ ହେଇ ଗଲାପରେ
ଆଖି ପଲକରୁ
ଧୀରେ ଧୀରେ
ଛାତି କୋହ
ଝରେ ହୋଇ ଲହୁ
ମନକଥା
ମନବ୍ୟଥା
କେବେ ବୁଝିନାହୁଁ ॥
ଚୁନା ଚୁନା ସ୍ୱପ୍ନମାନେ
ସବୁମୋର
ପବନ ଢ଼ଉରେ ଉଡ଼ିଗଲା
ମନ ମୋର ଭାଙ୍ଗିଗଲା
ସରାଗର ଶେଷ ହେଲା
ବୁଝିଗଲି ମୁଁ
ଯେବେଠୁ ଦୂରେଇଗଲୁ ତୁ ॥

ସତେ କ'ଣ ଭଙ୍ଗାମନ
କେବେ ଯୋଡ଼ି ହୁଏ
ଜୀବନରେ ନିତି ନିତି
କେତେ ହସ କେତେ ଲୁହ
କିମ୍ୱଦନ୍ତୀ ହୁଏ
ଶତାବ୍ଦୀର ଦୁଃଖ ପରି
ଅବିଶ୍ରାନ୍ତ ଦୌଡ଼ି ଦୌଡ଼ି
ପାରିଲିନି ଧରି
ସ୍ୱ ମନସ୍କ ରହି
ମୃତ୍ୟୁ ଯନ୍ତ୍ରା ସମ
ପିଞ୍ଜରାରେ ବନ୍ଧା ହୋଇ
ଚାଲୁଛି ମୁଁ ସର୍ବସ୍ୱ ହରାଇ
ପୁଣି ନିସ୍ୱ ହୋଇ ॥

ଯୋଜନା ସଂଯୋଜନା ବିଭାଗ,
କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

ପବନ - ଦୋଳି



ବିଜୟ ମହାପାତ୍ର

ପବନରେ ଫାଶ କରି
ଦୋଳି ଖେଳୁଛି କଜଳପାତି ।
ଅଧାମୁଣ୍ଡଳି ଅଧା ମଂଡୁରା ପାଣିପରି
ଉଠୁଛି ପଡୁଛି
କେଁ କେଁ ରଥଚକ ପରି ଘୋଷୁଛି
ଆୟାସ ଅନାୟାସରେ ଘୁରୁଚି
ଲୋଟଣି ମାରୁଚି କଜଳପାତି,
ଆହା କି ସୁନ୍ଦର କଳା - ଅଂଧାର ପରି
ଘୋଷିତ ନିରବିତ
ଦୃଶ୍ୟାଂତ ଅଦୃଶ୍ୟରେ ଭରମା
ପବନର ଦୋଳି ଖେଳୁଛି କଜଳପାତି !
ଯେତେବେଳେ ବତାସ ହେବ ପବନ
ତୁମେ କ'ଣ ମାଂଜାସୂତାରେ
ଭସାଇଦେବ ଗୁଡ଼ି ଅନ୍ୟ କେଉଁ ଆକାଶକୁ ?
ଉତ୍ତାଳ ହେଉଥିବା ଆବେଗର ଲହରୀକୁ
ଆମେ କ'ଣ ପ୍ରତିକ୍ଷଣ ଭାଂଗନ୍ତିନି
ବାଲିଚରର ଓଦାଳିଆ
ଶୋଷିଲାପଣରେ,
ଆମ ମୁହୂର୍ତ୍ତର ଝଟାପଟାରେ
ନିର୍ବିଘ୍ନରେ ଗୋଡ଼ ଲଂବାଇ ଶିଆଳି ଲଟାରେ
କିଏ ଖେଳୁଥାଏ ଦୋଳି ?
କଜଳପାତି ନା' ତା'ପରି ଆଉ କେହି
ବାୟାବସାରେ ଦୋଳିତ ଇପ୍‌ସିତ
ଶିଶୁପକ୍ଷୀର ଚଂଚୁ ଶାଣିତ କରିବାର ମର୍ମରେ ॥

ଦୁର୍ଗାମାଧବନଗର, ଲେନ୍ -୩
ମହାଲକ୍ଷ୍ମୀବିହାର,ଭୁବନେଶ୍ୱର -୭୫୧୦୨୯
ମୋବାଇଲ : ୮୨୪୯୦୭୯୮୫୩

ଅନ୍ତିମ ବିଦାୟ



ସୁରଞ୍ଜନ ପାତ୍ର

ଶୂନ୍ୟ ଦ୍ୱୀପରୁ କେଉଁ ମାପି ପାରିଲି ଆକାଶର ଦୂର
ଶିଳାଲେଖରୁ କେଉଁ ପରଖି ପାରିଲି
ଜୀବନର ସୂଚୀ
ମହଲତ ଆଣିବା ଦିନ
ଜଳି ଗଲାଣି ନିଦାଘ ନିଆଁରେ ।

ପାପୁଲି ସନ୍ଧିରେ ଏବେ ସୂର୍ଯ୍ୟାସ୍ତ
ମନର ସବୁଜ ଉପତ୍ୟକାରେ
ପଶ୍ଚିମା ଝଡ଼
ସୁଖର ବେଢ଼ାରେ ଆହୂତି ମୁଦ୍ରାରେ ସକାଳ
ଚନ୍ଦନ ହ୍ରଦରେ ବରଫ ପାଲଟି ଯାଉଛି
ଋତୁ ଲଗ୍ନା ଜହ୍ନର ଆୟୁଷ ।

ପରାଜୟର କାବ୍ୟ କେତେ ମୁଁ ପଢ଼ିବି
ଭଗ୍ନ ପକ୍ଷୀର ଡେଣାରେ
ଝୁଲୁଛି ମଲାମେଘର ଶବ
ମଶାଣି ଧୂଆଁରେ କଲବଲ ସପନର ଆଖି
ସାମ୍ନାରେ କାଳ ସର୍ପର ଫଣା ।

ଆଉ ପାରୁନି ସଜେଇ
ବୟସକୁ ଫୁଲ ଡାଲାରେ
ନିଃଶ୍ୱାସର ଅବଧିକୁ ଆବୋରି ପାରୁନି
ଜିଇଁବାର ତିଥି
ମାଡ଼ି ଆସୁଅଛି ପାଦ ତଳକୁ
ଭୋକିଲା ସମୁଦ୍ର ।
ମୁଁ ଏବେ ଯିବା ପାଇଁ ଚାହେଁ
ଦିଅ ମୋତେ ଅନ୍ତିମ ବିଦାୟ ।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟି, ସୋର, ବାଲେଶ୍ୱର
ମୋ-୮୧୭୮୦୫୯୫୯

ଅଦିନ ବଉଦ



ଚିନ୍ତାମଣି ମହାଳିକ

ଅବୋଧ ମନକୁ ବୋଧଦେବା ଲାଗି
ମୋ ପାଇଁ କେହି କେବେ ଗାଇନାହିଁ
ଆ ଜହ୍ନମାମୁଁ ଶରଦଶଶୀ ...
ଗାଁ ଦାଣ୍ଡେ ଖେଳି ନାହିଁ ଧୂଳିଘର
ଗୋଡ଼ି- ଭାତ, ପାଣି- ଡାଲି
ଧାଡ଼ି ଧାଡ଼ି ପତର ସଜେଇ ।
ଖରା- ବର୍ଷା, ଶୀତର ଖପରା ଡିଆଁ
ଡେଇଁ ଡେଇଁ ଥକିଛି ମୋ କଅଁଳ ବୟସ ପାଦ
ଏବେ ପିଠିରେ ମୋ ଜରି ପ୍ଲାଷ୍ଟିକର
ଏଣୁତେଣୁ ଆବର୍ଜନା ବୋଝ ।
ନାଳ ନର୍ଦ୍ଦମାରେ ପୋକ - ଜୋକ ଘାଣ୍ଟି
ବଞ୍ଚୁଥିବା ଜୀବଟିଏ ଭଳି ଅପନ୍ତରା
ଅଳିଆ ଭିତରେ ବିତେ ମୋ ଜୀବନ,
ମୋର ସେଇ ଚରାଭୂଇଁରେ ପ୍ରତିଦିନ ହୁଏ
ନିଲଠା ଜୀବନର ଅସ୍ତ ଓ ଉଦୟ ।
ତେଣୁ ଆଖି ମୋର ଫିଟେ ନାହିଁ
କେମିତି ଫିଟିବ ?
ପେଁକାଳି ବାଜେ ନାହିଁ କେମିତି ବାଜିବ ?
ଦରମଲା ଦୂବଘାସ ପରି
ଦୁନିଆ ଆଗରେ ପଡ଼ିଅଛି
ଅଭିଶପ୍ତ ବାଲୁତ ବୟସ
ମୋ ପାଇଁ କ'ଣ ଚେଇଁ ଉଠିବନି
ଆକାଶର ଅଦିନ ବଉଦ ।

କାଶିପୁର, ବଳରାମପୁର, କେନ୍ଦୁଝରଗଡ଼- ୭୫୮୦୦୧
ମୋ: ୮୭୬୩୩୯୯୬୨୮

❐

ତୁମେ ଗଲା ପରେ ପରେ



ରତ୍ନାକର ରାଉତ

ତୁମ କପାଳରେ ଟୋପାଟୋପା ଝାଳ
ଧାନ ପତରରେ ଶିଶିରର ଫୁଲ
କମଳ ଜଳରେ ବୁନ୍ଦାବୁନ୍ଦା ଜଳ
ଯେପରି ମୁକୁତା ବିନ୍ଦୁ,
ଝରିପଡୁଥିଲା ଧରଣୀ ବୁକୁରେ
ମନରେ ମାଦକ ଭରି
ତୁମେ ଗଲା ପରେ ପରେ
ସେ ଅଲିଭା ଛବି ବାରବାର ମନେପଡ଼େ
ବାରବାର ମନେପଡେ.... ।

ତୁମ ଆଖିରୁ ଟୋପାଏ ଲୁହ
ଚିବୁକକୁ ଛୁଇଁ ସେଦିନ ପଡିଲାଝରି
ଥରଥର ଓଠେ କହିପାରିଲନି କଥା
ଥରୁଥିଲା ଓଠ ଖେଳୁଥିଲା ନିରବତା
ମନ ବୁଝିଲାନି ପଚାରିଲି ସରାଗରେ
କେଉଁ ପୀଡ଼ା ତୁମ ହୃଦୟକୁ ଦିଏ କୁରି ।

କହିଲନି କିଛି କାନ୍ଦିଲ କଇଁକଇଁ
ମୁହଁ ସିଲଟରୁ ପଢ଼ିଲି କରୁଣ ଗୀତ
ଅଦୃଶ୍ୟ ଅକ୍ଷରେ ଲେଖା ହୋଇଥିଲା
ଜୀବନ ବେଦନା ବେଦ ।
ପାରିଲିନି ରହି ସେ ଦୁଃଖ ନଈର ତୀରେ
ଆସିଥିଲି ଫେରି ମୁହଁ ଫେରାଇ
ଆଉ ଦେଖା ହୋଇନାହିଁ,
ସେଦିନୁ ଖୋଜୁଛି ତୁମରି ଠିକଣା
କେଉଁ ଅଜଣା ରାଇଜେ
ରହିଅଛ ତୁମେ ଯାଇ ।

ସେଦିନର ସେହି ବିଦାୟ ବେଳର
ଦରଦେ ବତୁରା ତୁମର ଦୁଇ ଆଖି
ଜମା ଭୁଲିପାରୁ ନାହିଁ,
ଏମିତିବି ଏହି ଜୀବନର ବୋଝ
ଏକାପାରୁନାହିଁ ବୋହି
ଅଭିମାନ ଛାଡ଼ି ବାରଣ ଦିଅ ପଠେଇ,

ସେହି ଅଜଣା ରାଇଜୁ
ଯେଉଁଠି ରହିଛ ଯାଇ,
ପୀଡ଼ାର ପସରା ଅପସରି ଯାଉ
ମନ ପୁଲକରୁ
ତୁମରି ଖବର ପାଇ
ବାରଣ ଦିଅ ପଠେଇ ।

ପ୍ଲଟ ନଂ ୭୬୭(ପାର୍ଟ)ଜୟଦୁର୍ଗାନଗର,
ଭୁବନେଶ୍ୱର, ପିନ୍ - ୭୫୧୦୦୬

❐

କେତେ ଯେ ପଡ଼ିଛି ପଥ



ଡକ୍ଟର ଅରୁଣ କୁମାର ପଣ୍ଡା

ଡେରାଡୁନର ପାହାଡ଼ ଉପରେ ଚଢ଼ି
ଯୁବକଜଣକ ଭାବନାରେ ଗଲେ ବୁଡ଼ି
ଆଗାମୀ ସମୟ କଥାସବୁ ଚିନ୍ତା କରି
ଜୀବନ - ନାଆକୁ କେମିତି କରିବେ ପାରି
ବ୍ୟୋମଯାନ ପାଠ ପଢ଼ିଲେ ସେ ମନ ଦେଇ
କେତେ ଯେ ସପନ ମନ ତଳେ ଥିଲା ରହି
ଆକାଶ ବାହିନେ କାମ କରିବାକୁ ମନ
ପରୀକ୍ଷା ପାଇଁକି ଆସିଥିଲେ ଡେରାଡୁନ ।
ହେଲାନି ଚାକିରୀ ମରିଗଲା ତାଂକ ଆଶା
ଭାଂଗିଗଲା ତାଂକ ଆକାଶେ ଉଡ଼ିବା ନିଶା ।
ସେଠୁ ଫେରିଯାଇ ଚାଲିଗଲେ ଋଷିକେଶ
ଗଙ୍ଗାରେ ଗାଧୋଇ ମନକୁ କରିଲେ ତୋଷ
ଦୂର ପାହାଡ଼ରେ ଥିଲେ ସ୍ୱାମୀ ଶିବାନନ୍ଦ
ସେଠାକୁ ଚାଲିଲେ ଦୂର କରିବାକୁ ଦ୍ୱନ୍ଦ୍ୱ ।
ଶିବାନନ୍ଦ ହସି କହିଲେ - 'ବାଳକ ଶୁଣ !'
ଏତିକି ଧିକ୍କାରରେ ଭାଂଗିବାଟା ଅକାରଣ
ପାଇଲଟ ହେବା ବୋଧେ ନାହିଁ ଭାଗ୍ୟେ ଲେଖା
ଈଶ୍ୱର ଚାହିଁଲେ ଭଲ ବାଟ ହେବ ଦେଖା
ଖୋଜି ଖୋଜି ଚାଲ କେତେ ଯେ ପଡ଼ିଛି ପଥ
ପୋଛିଦିଅ ଏବେ ବିଫଳ ମନୋରଥ ।"
ମନୋବଳ ଦେଲା ତାଙ୍କରି ଆଶିଷ ବାଣୀ ।
ଲକ୍ଷ୍ୟପଥରେ ସେ ଜୀବନକୁ ନେଲେ ଟାଣି ।
ପାଇଲଟ ନୁହେଁ, ହେଲେ ବଡ଼ ବୈଜ୍ଞାନିକ
କ୍ଷେପଣାସ୍ତ୍ର ଗଢ଼ି ରଖିଲେ ଦେଶର ଟେକ ।
କଲାମ ସେ ପରା ଥିଲେ ଆମ ରାଷ୍ଟ୍ରପତି
ନାହାନ୍ତି ସେ ଏବେ, ରହିଛି ତାଙ୍କରି ଖ୍ୟାତି ।

ସା:/ପୋ: ତୋଟାପଡ଼ା, ଭାୟା: ଘଣ୍ଟେଶ୍ୱର, ଜିଲ୍ଲା: ଭଦ୍ରକ ।
ମୋ: ୯୯୩୭୬୭୨୭୦୮

❐

ମା ଚର୍ଚ୍ଚିକା ସ୍ତୁତି



ଡାକ୍ତର ରାମଚନ୍ଦ୍ର ରାଉତ

(ଏହି ସ୍ତୁତିଟିର ଶବ୍ଦାବଳୀ କ- ଖ-ଗ- ଘ.. କ୍ରମରେ ରଚିତ)

କରୁଣାମୟୀ ମା' ଖର୍ପର ଧାରିଣୀ
ଗିରିଶିଖ ଘରସ୍ଥିତା ।
ଚିର ଚାରୁମୟୀ ଛିଟକାରନାମା
ଯମଦଗ୍ନୀଜ ଝଙ୍କୃତା ।
ଟାଣପଣ ଦାକୁ ଠାକୁରାଣୀ ଠଣ
ଡକା ଡୋ ଢ଼କ୍କା ତ୍ରିଲୋକ ।
ଥାପିଛୁ ଦୟାମୟୀ ! ଧନଜା
ଦିବ୍ୟା ପୂଜିତା ପାବକ ॥
ଫୁଲେ ବିଭୂଷିତା ଭୟତ୍ରାତୀ ମାତା
ଯାହାର ରୂପ ଲାବଣ୍ୟ ।
ବସୁଧା ଶ୍ରେଷ୍ଠା ଷଡ଼ରତୁ ସମ୍ଭାଳୁ
ହେ ମାତ ! କ୍ଷମ ୟେ ଲୟ ॥

ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନିର୍ଦ୍ଦେଶକ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ: ୯୪୩୭୪୨୪୯୯

ଧୂଳିର ଧରିତ୍ରୀ



ପ୍ରଦୀପ୍ତ କୁମାର ମହାନ୍ତି

ଆମେମାନେ ଏବେ ଏବେ
ଖୁବ୍ ଆତ୍ମ କୈନ୍ଦ୍ରିକତାରେ ମଗ୍ନ
ନୂଆ ଚାହାଣୀରେ ଅନେକ କାହାଣୀ
ବଂିବାର ଶୈଳୀରେ ସବୁ ବ୍ୟତିକ୍ରମ
ମାନ ଅଭିମାନର ଅଳିକ ନିଶା ପାଖରେ
ବନ୍ଧା ପଡ଼ିଛି ବ୍ୟକ୍ତିତ୍ୱର ଡକୁମେ[
ତଥାପି ମାଟିରୁ ଆକାଶ ପର୍ଯ୍ୟନ୍ତ କବି
ନିଜର କଥାକୁ ମନ୍ତ୍ର କରି ଶୁଣାଇ ପାରେ
ହଜାରେ ଥର ଶପଥ କରି
ସ୍ଲୋଗାନ ଦିଏ ମୁଁ ବିପ୍ଳବୀ
ଶହୀଦ ମାଟିର କଥା କହେ
ମୁକ୍ତ ଆକାଶରେ ଉଡ଼ି ଯାଉଥିବା
ଚଢ଼େଇର ପର ଗଣି ଦେଇପାରେ।

ଅହଂ ଭାବର କଷଟି ପଥରରେ
ସବୁ କିଛି ଓଲଟ ପାଲଟ
ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିବା
ଅଶୋକର ଇତିହାସକୁ ପଢ଼ିବା ପରେ
ଦୃଶ୍ୟ ମାନ ହୁଏ ସତ୍ୟ ଶାନ୍ତି ଓ ଅହିଂସାର ପ୍ରତିଛବି
ଯନ୍ତ୍ରଣା ଓ ନିରବତା ମଧ୍ୟରେ ଦେଖିହୁଏ
ନୂଆ ସକାଳର ନୂଆ ସୂର୍ଯ୍ୟୋଦୟ
ଧୂଳିର ଧରିତ୍ରୀରେ ଅଙ୍କାଯାଏ
ଅକ୍ଷାଂଶ ଓ ଦ୍ରାଘିମାର ମାନଚିତ୍ର
ଚାଲିଥାଏ ମନ୍ତ୍ର ଉଚ୍ଚାରଣ
ଅବଶିଷ୍ଟ ଆୟୁଷକୁ ହିସାବ କଲାବେଳେ
ଜୀବନ ମହାଯଜ୍ଞରେ ରହିଯାଏ
ବିନ୍ଦୁ ବିନ୍ଦୁ ଭଗ୍ନାଂଶ।

ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

ଏ ମନର ଯେତକଥା



ଭଗବାନ ସାହୁ

ଅସରା ପଥର ପଥିକଟିଏ ମୁଁ
ନିଦାଘର ବେଣା ପାଟେ,
କିଏ କେତେ ଆସି ଗଲେଣି ଲେଉଟି
ଅଧାରୁ ଯେ ଯାହା ବାଟେ ।
କହିବି କାହାକୁ ମରମ ବେଦନା
କା' ପାଖେ ବା' ଅଛି ତର,
ଭାବିବ କାଳେ କେ ମାରିବି ମୁଁ' କିଛି
ସେଥିପାଇଁ ଲାଗେ ଡର ।
ଯାହାକୁ ବିଶ୍ୱାସ କଲି ଦେଲେ ବିଷ
ଜୀବନର ନଈ ତୁଠେ ।
ଅସରା ପଥର ପଥିକଟିଏ ମୁଁ ....
ଭୁଷୁଡ଼ି ଗଲାଣି ଆଶାର ସଉଧ
ଦୁର୍ବଳ ହେଲାଣି ମନ,
ରଂଗ ଛାଡ଼ିଲାଣି ଶରୀର କାନ୍ଥରୁ
ଖତେଇ ହଉଚି ସ୍ୱପ୍ନ ।
ସବୁ ଜାଣିଶୁଣି ତୁମେ ବି କିପରି
ଦେଉନ ଦୟାରୁ ମୁଠେ ।
ଅସରା ପଥର ପଥିକଟିଏ ମୁଁ ...
କେଡ଼େ ଅବୁଝା ଏ ଦୁନିଆଟା ସତେ
କେହି ବି କାହାର ନୁହଁ
ଯୁଆଡ଼େ ଅନାଅ ସିଆଡ଼େ ଦିଶିବ
ଛଳନାର ମିଛ ମୁହଁ ।
ଅଢ଼େଇ ଦିନ ଷଢ଼େଇ ଖେଳକୁ
ଖେଳାଳୀ ଦେଖିବ ଗୋଠେ ।
ଅସରା ବାଟରେ ପଥିକଟିଏ ମୁଁ...

ସଂପାଦକ- ପ୍ରାଚୀଧାରା, ମୋ: ୮୨୪୯୨୪୮୬୧୨
ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା

ବିବଶତା



ଆଶିଷ ମହାପାତ୍ର

ଶାଣିତ ଅସ୍ତ୍ର ଭାବି
ଫେରେଇ ନେଉଛି ସେ ଶବ୍ଦମାନଙ୍କୁ
ଭାବନାରେ ନଥାଇ
ଯେଉଁମାନେ ଫୁଟିଲେ ଫିଟିଗଲେ
ସିଝେଇଲେ ଜଳାଇଲେ ପ୍ରତି ମୂହୁର୍ତ୍ତରେ
ଫେରେଇ ନେଉଛି ସେ ଶବ୍ଦମାନଙ୍କୁ
ଯାହା ଶୁଭିନି ଅଥଚ
ଦୋହରାଇଛି ନୀରବରେ
ସେମାନେ ନିର୍ଦ୍ଦୋଷ
ଦୋଷ ତ ମୋରି
ହାତ ପାଦ ଖାଲି
ଚାଲି ଶିଖାଇଲାବେଳେ
ବିନମ୍ର ହେବାକୁ କହିଥିଲି
ସମସ୍ତଙ୍କ ଭାଗ୍ୟରେ
ଲେଖା ନ ହେଉ ଅସ୍ତ୍ର ଶଯ୍ୟା
କି ସଂପର୍କର ଚୋଟରେ
ଶୋଇ ଶୋଇ ଜୀଇଁବା
ଅସ୍ତ୍ର ତ୍ୟାଗର ଆଳରେ ଏଣୁ
ସଜାଡ଼ି ନେବାକୁ ପଡ଼େ ଯାତ୍ରା
ନିଜ ସହ ନୀରବରେ ଯୁଦ୍ଧ ଲଢ଼ି
ପୋଛିବାକୁ ହୁଏ ନିଜ ବିଜୟର ଟୀକା ॥

ପ୍ରଶାନ୍ତି ନିଳୟ ପଶାୟତ କଲୋନୀ
ହରିପୁର, ପିଠାପୁର ରୋଡ଼, ପୋ: ବକ୍ସିବଜାର, କଟକ -୧
ମୋ: ୯୪୩୮୭୦୧୯୩୩

ତୁ ମାଆ ଭବାନୀ



ଶୁଭ୍ରାଂଶୁ ଶେଖର ମାହୁନ୍ତ

ତୁ ମାଆ ଭବାନୀ ଦୁର୍ଗତିନାଶିନୀ
ପାପୀ ସଂହାରିଣୀ ମାଆ,
ତୁହି ଶୈଳସୂତା ଗିରିଜା ବରଦା
ହୋଇଥିବୁ ସଦା ସାହା ।
ମିନାକ୍ଷୀ ନିର୍ଭୟା ମାହେଶ୍ୱରୀ ଜୟା
ଜଗତ ମଙ୍ଗଳ ପାଇଁ,
ନାରାୟଣୀ ତୁହି ତ୍ରିଶୂଳଧାରିଣୀ
ଧରାକୁ ଆସିଛୁ ଧାଇଁ ।
ଆର୍ଯ୍ୟା ସନ୍ଧ୍ୟା ଚିତ୍ରା ମହିଷାମର୍ଦ୍ଦିନୀ
ଦେଖି ମାଆ ପାପଭାର,
ତପସ୍ୱିନୀ ଈଷା ତନିଶ ସାଧନା
ଶୁଣିଯାଆ ବ୍ୟଭିଚାର ।
ନାବାଳିକା ଏଠି ମାତୃତ୍ୱ ଲଭଇ
କାମାନ୍ଧ ପୁରୁଷ ପାଇ,
ପାପୀଙ୍କୁ ସଂହାର କରିବୁ କି ମାଆ
ପାପୀ ତ' ରହିବେ ନାହିଁ ।
ପାଞ୍ଚାଳି ପରାଏ ବିବସିତା ନାରୀ
ଆତ୍ମୀୟର ବଙ୍ଗଳାରେ
ଅସହାୟା ହୋଇ ହାତ ଟେକିଦିଏ
ନ୍ୟାୟ ପାଇଁ ମନ୍ଦିରରେ
ନରରାକ୍ଷସଙ୍କୁ ସଂହାର କରିଣ
ସଭିଙ୍କୁ ଦିଅ ଚେତେଇ,
ଦୀପ ଜାଳିବାକୁ ପଡ଼ିବନିଆଉ
ତମସା ଯିବ ଦୂରେଇ ।

ତବ ଆଗମନେ ଉଲ୍ଲସିତ ହେଉ
ଆବାଳ ବୃଦ୍ଧ ବନିତା,
ସାରା ସଂସାରଟା ମଧୁମୟ ହେଉ
ଗାଆନ୍ତୁ ତୋ ଜୟ ଗାଥା,
ହିଂସା, ଈର୍ଷା, ଦ୍ୱେଷ କୁଗୁଣକୁ ସବୁ
କବର ଦେଇଦେ ମାଆ,
ସ୍ନେହ, ପ୍ରେମ ଭଲପାଇବା ପୀୟୂଷ
ଆଞ୍ଜୁଳାରେ ଭରିଯାଆ ।

ସାଳନ୍ଦୀ ବାଇପାସ, ଭଦ୍ରକ
ମୋ: ୮୨୪୯୦୦୨୨୯୧

ଯୁଦ୍ଧ



ରଶ୍ମିରଞ୍ଜନ ରାଉତ

କେହି କେବେ ଦେଖିଛ କି ?
ପକ୍ଷୀର ଡେଣାରେ ଆତଙ୍କର ଦୃଶ୍ୟ
ଝରଣା କଣ୍ଠରୁ ଛଳଛଳ କରୁଣ ଗୀତ
ସବୁଜ ବନାନୀ ଆଖିରୁ ଲୁହ ଝରିବାର...!

ତେବେ କାହିଁକି ?
ମଳୟ ଆକାଶେ ମାଡିଛି ବାରୁଦର ବାଘ
ନିରୀହ ମଣିଷଙ୍କୁ ଝୁଣି ଖାଉଛି ଯାନ୍ତ୍ରୀକ ସନ୍ତ୍ରାସ
ଶବ ଆଉ ଦରମଲା ଦେହ ଧରି
ବଙ୍କରରେ କେହି ଜଣେ କାଟୁଛି ବିଭସ ରାତି
ରକ୍ତରେ ଭିଜୁଛି ସବୁଜ ଫସଲର ଛାତି...!

କାହିଁକି ଏ ଆତଙ୍କରାଜ ?
ବିରାଟ ଶୂନ୍ୟତାରେ ଆଖି ଦରାଟୁଛି
ଗଣ୍ଡାଗଣ୍ଡା ଦେଶର ବିଷର୍ଣ୍ଣ ମଳିନ ମୁହଁ,
ପୋଡ଼ିପୋଡ଼ି ଯାଉଛି ନିରିହ ମଣିଷର
ଆଖି-ଓଠ-ପାଦ ଓ ପାପୁଲି ।

ଉଦ୍ଧତ ପରମାଣୁ ଦଂଶିବାକୁ ଫଣା ଟେକୁଛି,
ଉଦଭ୍ରାନ୍ତ ରଜାପୁଅ ବନ୍ଧୁକ ମୁନରେ ଖେଳୁଛି
ମଣିଷ ଜୀବନକୁ ନେଇ ଛକିଶୂନ ଖେଳ
ଜିତିବାର ସର୍ବଗ୍ରାସୀ ନିଶାଟେ
ତା ଅହଙ୍କାରୀ ଜୀବନକୁ ଆଚ୍ଛନ୍ନ କରିଛି ।
ଆଜି ବି ଲୁହରେ ଲୁହରେ ଭାସୁଛି
ମଧ୍ୟପ୍ରାଚ୍ୟ ଯୁଦ୍ଧ ଇତିହାସ...।

ମନେ ଅଛି ତ !
ହିରୋସିମା ନାଗାସାକି ପରିଣତ
ଶୋଷିଲା ନିଆଁରେ ଜଳି କିଏ ଛୁରୀ ପଜାଉଛି
ଗଳାକାଟି ପିଇବାକୁ ପିଶାଚର ରକ୍ତ
ମଣିଷ ଶୀକାର ହେଉଛି ମଣିଷ ଆଖିରେ
ମୃତ୍ୟୁର ବିଛଣାଟିଏ ବିଛେଇ ପଡ଼ିଛି...।

ହେ ମଣିଷ ଇଶ୍ୱର !
କେବେ ଅନ୍ତହେବ ଏ ଆତଙ୍କ
ଅହିଂସାର ମନ୍ତ୍ରରେ ମନ୍ତ୍ରିତ ହେବ ପ୍ରତିଟି ପ୍ରାଣ
ଛାତିରେ ଛାତି ମିଶିବ, ମନରେ ମନ ମିଶିବ
ଆଖିର ଲୁହ ପୋଛିବାକୁ
ଲମ୍ବିଆସିବ ଶତ୍ରୁର ହାତ
ପୃଥିବୀରେ ପାଦ ଥାପିବ ପ୍ରେମର ସକାଳ... ।

୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ: ୭୮୦୯୩୭୬୦୮

ବାପା ଏକ ବରଗଛ



ସନ୍ତୋଷିନୀ ଦାଶ

ତାଙ୍କ ଠାରୁ ଜନ୍ମ ନେଇଥିବା ସନ୍ତାନ
ଯେ କେତେବେଳେ ବଡ଼ ହେଇଯାଏ
ସତରେ ବାପାମାନେ ଜମା
ଜାଣି ପାରନ୍ତିନି..
ତାଙ୍କ ହାତ ଧରି ବାଟ ଚାଲିଥିବା
ପିଲାମାନେ ଯେତେବେଳେ
ଜୀବନର ଶେଷ ପାହାଚରେ
ହାତ ଛାଡ଼ି ଦିଅନ୍ତି ନା
ଛାତି ଭିତରଟା କୋରି
ହେଇଯାଏ ...
ଲୁହ ଆଉ ଲହୁ ଦେଇ ତିଆରି
କରିଥିବା ଘରଟିରେ
ସେମାନେ ପାଲଟି ଯାଆନ୍ତି
ଅଳିଆ, ଆବର୍ଜନା ଠାରୁ
ଆହୁରି ଅଦରକାରୀ ..
ସେଇଥିପାଇଁ ତ ସେମାନଙ୍କ
ଶେଷ ଠିକଣା ପାଲଟି ଯାଏ
ଜରାଶ୍ରମ .!
ସେ ବାପା ମାଆଙ୍କୁ ପଚାର
ସେ ଦୁଃଖ ଆଉ ହତାଶପଣ
ଯେତେବେଳେ ସବୁଥାଇ
ମଧ୍ୟ ସେମାନେ ନିଃସ୍ୱ
ବାପା ଏକ ବରଗଛ ଯିଏ
କେବଳ ଛାଇ ଦେଇ ଚାଲନ୍ତି
କେବେ କିଛି ଆଶା କି ପ୍ରାପ୍ୟ
ନ ଥାଏ ତାଙ୍କର
ବାସ, ଟିକିଏ ସ୍ନେହ ଆଦର
ପାଇଁ ତରସି ଯାଆନ୍ତି ସେମାନେ ...
ଆଜି ଯାହା ତାଙ୍କ ସହ ଘଟୁଛି
କାଲି ଆମ ସହ ଘଟିବ
ପାପ ପୁଣ୍ୟର ହିସାବ କିତାବ
ଏଇଠି ହିଁ ହେବ ...
କାରଣ ସ୍ୱର୍ଗ ଆଉ ନର୍କ
ସବୁ ଏଇଠି

ଗୋପାଳପୁର, ବଡ଼ପଣି, କେନ୍ଦୁଝର
ମୋ: ୬୩୭୦୫୬୦୫୫୪

❐

ପ୍ରାର୍ଥନାର ଧାଡ଼ି



ଶୈବାଳିନୀ ସାହୁ

ନାରଖାର ଦଗ୍ଧ ପୁଷ୍ପବନରେ
ଶୁଭୁଛି ପଦଚାରଣ
ଲାସ୍ୟମୟୀ ମୋହିନର କନ୍ୟା
ଅଥବା ଅଭୂତ ପଦ ନବଗୁଞ୍ଜରର
କିଏ ଜଣେ ଛାୟା ଅବା କାୟାରେ
ହେଉଛି ଆତଯାତ
କାହାର ଦୁଇ ସାର୍ବଭୌମ ପଦସତ୍ୱ
ମାୟାବତୀର ଅବା ଲୀଳାବତାର ଈଶ୍ୱର ତୁମେ
ସନ୍ଦିଗ୍ଧ ମନ ପ୍ରାଣ ଚୈତନ୍ୟ ।
ଅକାତ ଜଳରେ ଟଳମଳ ନାବ
ଡୁବ ଦେଇ ମୁଣ୍ଡ ଟେକୁଛି ମୀନ
ଘନ କୁହୁଡ଼ି ଲଗାଣ ବର୍ଷାରେ
ନାବିକ ହୁଡୁଛି ଦିଗ
ଘଟପାଇଁ ତଟ କାହିଁ
ତୁମ ପରି ଗୋଟେ ଅପାର୍ଥୀବ ଦୁଃଖକୁ
ଆଞ୍ଜୁଳାରେ ଟେକି ନେଉ ନେଉ
ପୁଣି ଘୋର ସଂସାର ଜଳ ଜଙ୍ଗଲରେ
ବଂନ୍ଦୀ ଏ ଜୀବନ ।
ସୁସୁପ୍ତ କଟିଗଲେ
କ'ଣ ପାହିବ ଏ ରାତି
ଶଙ୍କା ଓ ସନ୍ଦିଗ୍ଧ ପଣରୁ
ତୁମ ପ୍ରକଟିତ ହେବ ସବୁଥର ପରି !!

ପ୍ରାରବ୍ଧ ପରି ଭୋଗିବାକୁ ଦିଅ ବେ
ନାଚାର ମୁହୂର୍ତ୍ତମାନଙ୍କୁ
ଏଥର ଶଙ୍ଖଧ୍ୱନିରେ
ଅବା ବେଣୁର ମୂର୍ଚ୍ଛନାରେ ଆସ
ବିଜୟ ସଂକେତରେ ଆସ
ଅବା ପ୍ରଳୟ ଇଙ୍ଗିତରେ ଆସ
ସ୍ୱାଗତିବାକୁ ତୁମକୁ
ବିଛାଇ ଦେଲି ମୋର ଅବଶିଷ୍ଟ ଆୟୁଷ ।

ସେ - ଏ , ପ୍ଲଟ ନଂ ୯୪
ମେଟ୍ରୋ ପଲିଟାନ୍ କୋ-ଅପରେଟିଭ୍ ସୋସାଇଟି
କୋଲକାତା - ୭୦୦୧୦୫
ମୋ: ୭୦୦୩୪୭୭୨୦୭

ପ୍ରୀତିର ପ୍ରୟାସ



ସଞ୍ଜୁକ୍ତା ଶରଣ

ପ୍ରୀତି ହୃଦର ନିର୍ଯ୍ୟାସ ପ୍ରୀତି ଅଟେ ଚିରନ୍ତନ
ପ୍ରୀତି ହିଁ ଶାଶ୍ୱତ ଭକ୍ତି ମୁକ୍ତି ମାଧ୍ୟମ
ପ୍ରୀତି ପ୍ରଭୁଙ୍କର ଧାମ ।
ପ୍ରୀତି ହିଁ ପ୍ରସାଦ ପ୍ରୀତି ମହାଅର୍ଘ୍ୟ
ପ୍ରୀତି ପୂଜାର ଭୂଷଣ
ପ୍ରୀତିର ଭଣ୍ଡାର ହୃଦୟର ଘର
ପ୍ରୀତି ମୁକ୍ତିର କାରଣ ।
ପ୍ରୀତି ମହାଶକ୍ତି ପ୍ରୀତି ହିଁ ସଂସ୍କୃତି
ପ୍ରୀତି ଦିଅଇ ପ୍ରେରଣା,
ପ୍ରୀତିରେ ପାଗଳ ହୁଅଇ ବ୍ୟାକୁଳ
ନିତ୍ୟେ ହୁଏ ଆନମନା ।
ପ୍ରୀତି ସତ୍‌କର୍ମ ପ୍ରୀତିର ଉଦ୍ୟମ
ନିତ୍ୟକର ସାଧୁଜନ
ପ୍ରୀତିରେ ନିମଗ୍ନ ହୋଇଲେ ମଗନ
ମିଳିପାରେ ମହାଜ୍ଞାନ ।
ପ୍ରୀତିରେ ବିଶ୍ୱାସ କରିଲେ ପ୍ରୟାସ
ମିଳିପାରନ୍ତି ଶ୍ରୀହରି
ପ୍ରୀତି ଜ୍ଞାନେ ବନ୍ଧା ଭକ୍ତ ନିତ୍ୟଛନ୍ଦା
ଭବ ନାବୁ ହୁଏ ପାରି ।
ପ୍ରୀତିହୀନ ଜ୍ଞାନ ଗ୍ରନ୍ଥ କୀଟ ସିନା
ସଂସାରେ ହୁଅନ୍ତି ଖୋଜା,
ପ୍ରୀତର ସାଧନେ ଭଜନେ ମଜ୍ଜିଲେ
ସବୁଠି ପାଆନ୍ତି ପୂଜା ।

ଢେଙ୍କାନାଳ

❐

ଦେହ ଦେଉଳ



ଶୋଭନା ଜେନା

ଏଠି ଭୋକ ପାଇଁ ନିତି ନାଟ
ନାଟ ପାଇଁ କେତେ ହାଟ
ସେହି ଜୀବନ ହାଟେ ନିତି ସୌଦାକରେ
ନିଜ ସହ ନିଜେ ପରିସ୍ଥିତିର ଦାସ ହୋଇ
ବା ଦେହର ଲାଳସା ପାଇଁ
ଅବା ଗୁଜୁରାଣ ମେଣ୍ଟାଇବା ପାଇଁ
ଯେଉଁ ବାଟେ ଯିଏ
ବାଟ ସରେନି କି ହାଟ ସରେନି
ଅନ୍ଧାରି ଶାସନେ ବଡ଼ଭୋଜିଟିଏ
ଯିଏ ଦେହ ଦେଉଳ ଉପରେ
ରଖିଥାଏ ସଦା ପାପ ନଜର
ସେଇଥିପାଇଁ ତ ବିମୋହିତ ବିସ୍ମିତ କରେନାହିଁ
ବିଶ୍ୱପର୍ଯ୍ୟଟନ ମାନଚିତ୍ରେ
ଅର୍କକ୍ଷେତ୍ରେ କୋଣାର୍କ କଳା ଭାସ୍କର୍ଯ୍ୟ
କରେ ଆକର୍ଷିତ ପଥର ଦେହେ ଖୋଦିତ ନାରୀର ନଗ୍ନତା
କେତେ ତ୍ୟାଗ ବଳିଦାନର ଗାଥା
ସାଇତା ରକ୍ତଭିଜା ସ୍ମୃତି ଅନୁଭୂତିକୁ
ଭୁଲାଇ ଦିଏ ଏ ହୀନ ମାନସିକତା
ଏମାନେ କେବେ ଦେଖିପାରନ୍ତିନି
କି ପଢ଼ିପାରନ୍ତିନି ନାରୀହୃଦୟର ଭାଷା
ଥରେ ତ ସେଇ ଦେହ ଦେଉଳକୁ ନିରେଖି ଚାହିଁ
ଅନୁତାପ ଅଶ୍ରୁରେ ଧୋଇଦେବ କେମିତି
ସବୁ ପାପ ଲାଳସାକୁ ଭକ୍ତିରେ
ନଇଁଯିବ ମଥା ଆପେ ଆପେ
ସେହି ପବିତ୍ର ନିଷ୍କଳଙ୍କ ଦେହ ପାଖେ ।

କେନ୍ଦୁଝର, ମୋ: ୯୪୩୭୦୯୨୬୫୫

ଆସିଛୁ ଯେବେ ତୁ ମାଆ



ଦମୟନ୍ତୀ ରାଉତ

ଆଶ୍ୱିନ ମାସର ବଉଦ ଫାଙ୍କରୁ
ଜହ୍ନ ମିଠି ମିଠି ଚାହିଁଲା,
ନଈ ଧାରେ ଧାରେ କାଶତଣ୍ଡୀ ଫୁଲ
ଚଅଁର ଦୋଳାରେ ଝୁଲିଲା ॥
ଗାଡ଼ିଆରେ କଇଁ ମୁଦ ଆଖି ଖୋଲି
ମୁହଁରୁ ଓଢ଼ଣା ଖୋଲିଲା,
ସଞ୍ଜନୂଆଁବେଳେ ଜହ୍ନିଫୁଲ ଫୁଟି
କିରିକିରି ହେଇ ହସିଲା ॥
ସୁଉଚ୍ଚ ତୋରଣ କେତେ ରକମର
ଭଳି ଭଳି ସାଜେ ଦିଶିଲା
ରଙ୍ଗବେରଙ୍ଗର ଆଲୋକ ମାଳାରେ
ପୂଜା ମଣ୍ଡପଟି ହସିଲା ॥
ଢ଼ୋଲ ମହୁରୀର ତାଳେ ତାଳେ ବାଜା
ଝାଞ୍ଜ କରତାଳି ବାଜିଲା,
ପୂଜା ମଣ୍ଡପରେ ଘଣ୍ଟ ଘଣ୍ଟା ଧ୍ୱନି
ଶଙ୍ଖ ହୁଳହୁଳି ଶୁଭିଲା ॥
ଦଶଭୁଜ ମାଆ ଦଶ ପହରଣେ
ମେଢ଼ କି ସୁନ୍ଦର ସାଜିଲା,
ପୁରୋହିତ ମନ୍ତ୍ରେ ଗଗନ ପବନେ
ଦଶଦିଗ କମ୍ପି ଉଠିଲା ॥
ଧରାଧାମେ ମାଆ ଆସୁଛନ୍ତି ବୋଲି
ଆନନ୍ଦ ଜୁଆର ଛୁଟିଲା
କେତେ ନାଚ ଗୀତ ପାଲା ଦାଶକାଠି
ଦୋକାନ ବଜାର ବସିଲା ॥
କରୁଣାମୟୀଙ୍କ ଦର୍ଶନ ପାଇଁ କି
ଭକତଙ୍କ ଧାଡ଼ି ଛୁଟିଲା,
ହାତେ ଭୋଗଡ଼ାଲା ଧୂପଦୀପ ଫୁଲ
ଭକତି ଅରଘ ଢ଼ାଳିଲା ।
ଆସିଛୁ ଯେବେ ତୁ ବାଣ୍ଟି ଦେ କରୁଣା
କରି ତୋ ଦୁଆର ମୁକୁଳା,
ଦୁଷ୍ଟ ସଂହାରିବୁ ସନ୍ଥକୁ ପାଳିବୁ
ପ୍ରଣତି ତୋ ପାଦେ ରହିଲା ।

ଜଗନ୍ନାଥପୁର ନିଯୁକଲୋନୀ,
ଭଦ୍ରକ
ମୋ: ୬୩୭୦୨୫୫୯୫୧

କାଶତଣ୍ଡୀ ହସିଲାଣି



ପ୍ରତିଭା ସାହୁ

ଭୋଦୁଅ ଆକାଶେ ଖଣ୍ଡ ଖଣ୍ଡ ମେଘ
ଲୁଚକାଳି ଖେଳୁଥାଏ
ସବୁଜ ମଣ୍ଡିତା ବୃକ୍ଷଲତା ସବୁ
ଅପରୂପ ଶୋଭାପାଏ ।
ଗାଆଁରୁ ସହର ପଠା ପ୍ରାନ୍ତ ବିଲେ
କାଶତଣ୍ଡୀ ହସିଲାଣି
ଫୁଲରୁ ଫୁଲକୁ ଉଡ଼ି ବୁଲୁଥାଏ
ଗୁଞ୍ଜନେ ଭ୍ରମର ରାଣୀ ।
ଶୁଭ୍ର ପରିହିତା କୋମଳ ତନଙ୍ଗୀ
ଚାମର ପରି ଦିଶଇ
ପବନରେ ଝୁଲି ଗୀତ ଗାଉଥାଏ
କାଶତଣ୍ଡୀ ନାମ ପାଇ ।
ହଜାରେ ସପନ ଆଙ୍କୁଥାଏ ମନେ
ବାଟୋଇକୁ ଦେଖି ଦେଖି
ରୂପରେ ସୁନ୍ଦର କାହାର ସେ କନ୍ୟା
ଦେଖି ଆଖି ଯାଏ ଲାଖି ।
ମୁରୁକି ମୁରୁକି ହସିଲାଣି ଏବେ
ପାର୍ବଣ ଆସିବ ବୋଲି
ଧରାଧାମେ ମାଆ ଓହ୍ଲାଇ ଆସିବେ
ନେବା ମା'ର ପାଦ ଧୂଳି ।
ଶରତରତୁ ବି ସଜେଇ ହେଲାଣି
କାଶତଣ୍ଡୀ ଫୁଲେ ଫୁଲେ
ପୋଖରୀ ହୁଡ଼ାରେ କାଶତଣ୍ଡୀ ଧରି
ଗାଈଆଳ ଟୋକା ଝୁଲେ ।
ଲାଜ ଲାଜ ତାର ରୂପ ଯୌବନ
ଅଧିର କରଇ ମନ
ଅଳପ ଦିନର ଆୟୁଷ ତାହାର
ବଡ଼ ତୋ'ର ସ୍ୱାଭିମାନ ।

ବଜଣ୍ଡା, ହାଇସ୍କୁଲରୋଡ଼, ଅନୁଗୋଳ
ମୋ. ୭୦୦୮୨୩୬୯୯୧

ରୂପସୀ ବର୍ଷା



ଅରୁନ୍ଧତୀ ମଲ୍ଲିକ

କଳାମେଘୀ ଓଢ଼ଣାଟେ ଟାଣିଥିଲା ବର୍ଷା
ପଚାରିଲି ରୂପସୀ ଗୋ ! କିବା ତୁମ ଇଚ୍ଛା ?
ଦୂରରୁ ସେ ବଜ୍ରନାଦେ କହେ ଉଚ୍ଚସ୍ୱରେ
"ଭଲପାଏ ବୋଲି ସିନା ହିତେ ତୁମ ଘରେ" !
ଏତେ କହି ହସିଲା ସେ ବିଜୁଳିର ସମ
ମୁଗ୍ଧ ହେଲି, ଛୁଇଁଗଲା ଶୀତଳ ପବନ ।
ଓଢ଼ଣା ତା' ଉଡ଼ିଗଲା ଭିଜିଗଲି ହାଏ -
ସ୍ମୃତି ତା'ର ମନତଳ ଏବେ ବି ଭିଜାଏ ।
ଇନ୍ଦ୍ରଧନୁ ମନ ତା'ର ଛାଡ଼ି ସେ ଯାଇଛି
ନଈ ହୋଇ ବୋହୁଥିବ କଥା ବି ଦେଇଛି ।

ବାସୁଦେବପୁର, ଭଦ୍ରକ
ମୋ: ୯୧୭୮୦୯୦୩୩୮

❐

ପିଞ୍ଜରା



ସୁଶୀଲ କୁମାର ପାଣିଗ୍ରାହୀ

ଆଜି ବି ସହଜରେ
ମିଳିଯାଏ ପିଞ୍ଜରା
ପିଞ୍ଜରା କିଣିବାକୁ
ନିର୍ଦ୍ଦୟ ହେବାକୁ ପଡ଼େ
ନିଜ ପାଦ ତଳେ
ଆକାଶକୁ ଭାଙ୍ଗି
ଯିବାକୁ ପଡ଼େ
ମୁଁ ପାରିବି ।
ପିଞ୍ଜରା ତିଆରି ସରିଲା ପରେ
ଯଦି ଅଭାବ ହୁଏ
ଦୁଆରର ଶିକୁଳି ପାଇଁ
ମୁଁ ତ ଆଦୌ ହେବି ନାହିଁ ।
ତମକୁ ଯଦି କେହି ମାଗନ୍ତା
ଦିଅ ଦିଅ ତୁମ ଡେଣା ହଳକ
ଦେଇ ପାରିବନି ତୁମେ
ସାରା ପୃଥିବୀ
ପାଦ ତଳେ ଥିଲେ ବି
ତାହା ପାଲଟିଯିବ ପିଞ୍ଜରା
ନିଜ ଭିତରେ ନିଜକୁ
ଆଉ ପାଇବନି ।
ଏବେ ତିଆରି ଚାଲିଛି
ବିକିବା ଓ କିଣିବା ଚାଲିଛି
କେହି ଚାହାନ୍ତି ନାହିଁ
ଆକାଶ ବଡ଼ ହେଇ ରହୁ
କେବେ ଆମକୁ
ପକ୍ଷୀ ହେବାର ବି ନାହିଁ
ଏସବୁ ପ୍ରଶ୍ନର ପିଞ୍ଜରାରେ
ଆମେ ଖୋଜି ଚାଲିଛୁ
ପିଞ୍ଜରାରେ ମୁକ୍ତ ଜୀବନର
ବିକଳ୍ପ ?

(କଲ୍ୟାଣୀ ରେସିଡ଼େନ୍ସି ଫ୍ଲାଟ୍ -୨୦୩)
ଫାର୍ମ ରୋଡ଼, ସମ୍ବଲପୁର -୨
ଫୋନ୍ - ୮୧୪୪୨୨୮୨୦୨

❐

ନାମଟି ମୋହର ରେଳଗାଡ଼ି



ଅନନ୍ତ କୁମାର ସେନାପତି

ପ୍ରଭାତ ହେଉ କି ରଜନୀ ବେଳା
ଜନମୁ ଶିଖିଛି ବଞ୍ଚିବା କଳା,
ଲକ୍ଷଲକ୍ଷ ଜନ କୋଳରେ ଧରି
ଆଗକୁ ଧାଏଁ ମୁଁ କେବେ ନ ଡ଼ରି ।
ବୋହିନିଏ ନିତି କେତେ ଦରବ
ବାହା, ବ୍ରତ ପୁଣି ନାନା ପରବ,
ଶକତ ଧାତୁରେ ଶରୀର ଗଢ଼ା
ଯାତିରି ପାଇଁ ମୁଁ ହୁଅଇ ଛିଡ଼ା ।
ଆନ ଉପକାର କରଇ ସଦା
କାହାରି ମନରେ ନ ଦିଏ ବାଧା,
ମୋ ଦେହ ଅସନା କରଇ ଯିଏ
ଭଲ ଲୋକେ ଗଣା ନୁହଁଇ ସିଏ ।
କୋଇଲା, ବିଜୁଳି ଯାହା ମିଳଇ
ସେଥିପାଇଁ ମୋର ଆପତ୍ତି ନାହିଁ,
ଦେହରେ ଆଘାତ ମିଳଇ ଯେବେ
ମୁହଁ ଖୋଲି କହିପାରେନି କେବେ ।
ଦୂରତା କମିଛି ମୋହରି ପାଇଁ
ପୃଥିବୀ ସାରା ମୁଁ ପାରୁଛି ଯାଇ,
ବନ୍ଧୁ ପରି ରହେ ଜୀବନ ସାରା
ସମୟ ଗଡ଼ିଲେ ନ ଦିଏ ଧରା ।
ଛୁକ ଛୁକ ଶବ୍ଦ ଅଟଇ ମୋର
ମନରେ ଆଣେନି ଆପଣା ପର,
ବଣ, ପରବତ ଯାଅଇ ମାଡ଼ି
ନାମଟି ମୋହର ଯେ ରେଳଗାଡ଼ି ।

ସା: ବାଞ୍ଚୁପଡ଼ା, ରେଲୱେ ସାଇଡ଼ିଙ୍ଗ ଏରିଆ
ପୋ: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼,
ପିନ୍ - ୭୭୦୦୧୭
ମୋ: ୭୦୦୮୩୦୪୨୨୫

ମମତା ନଈ



ସୁଜିତ୍ କୁମାର ମିଶ୍ର

ଭାଗ୍ୟରେଖା ମୋର ଗରଭୁ ଉଦିତ
ଭବିତବ୍ୟ ଭବିଷ୍ୟତ,
ନିପୁଣ କଳାର ଚିତ୍ରକର ମୁଁ ଯେ
ଅଭିନୟ ଅବାରିତ ।
ସବୁ ଆକଟର ଲମ୍ବା ତାଲିକାରେ
ଚିରକାଳ ମୁହିଁ ବନ୍ଦୀ
ଠିକଣା ବିହୀନ ଚିଠିର ଲେଖା ମୁଁ
ଗୋପନରେ ଘୃଣ୍ୟ ସନ୍ଧି ।
ଆଖିର ଲୋତକ ବହିଯାଏ ସବୁ
ଅଭିମାନ ଧାରା ହୋଇ,
ଅବର୍ଣ୍ଣନୀୟ ସେ ନୀରବ ଦହନ
ଅବର୍ଣ୍ଣ ଅଗଣା ଛାଇ
ମୋ ପାଇଁକି ମାସ ଋତୁ ସବୁ ସମ
ରଙ୍ଗମୟ ସଂସାରରେ
ତଥାପି ସଭିଙ୍କ ପାଇଁ ମୁଁ ବସନ୍ତ
ବସି ବଇଶାଖ ଧାରେ ।
ସଞ୍ଚିତ ଧୈର୍ଯ୍ୟର ତୁଠ ପଥର ମୁଁ
ବାସହୀନ ଘାସଫୁଲ
ସବୁ ଶେଷ ପରେ ଅବସୋସ ମୁହିଁ
ପଦାଘାତ ମୋର ମୂଲ ।
ଅଭିନୟ ମୋର ବାଧ୍ୟ ରଙ୍ଗମଞ୍ଚ
ଭିନ୍ନ ଭିନ୍ନ ଭିଜା ରୂପେ,
ସବୁ ରୂପରେ ମୁଁ ଆଶିଷର ଝର
ଜୀଏଁ ସ୍ୱୟଂ ଅଭିଶାପେ ।

ଆଶାର ଆଷାଢ଼ ଲୋଡ଼ା ନାହିଁ କେବେ
ନାହିଁ ଅବସୋସ ତାତି,
ନା ଅଛି ଏ ଶୂନ୍ୟ ମାଠିଆ ଭିତରେ
ଅଭିସନ୍ଧି ମଧୁରାତି ।
ଶ୍ରଦ୍ଧା ବିଶ୍ୱାସର ସଜଫୁଟା ଫୁଲ
ମୋ ପରାଣ ମରତରେ
ସବୁ କୋହକୁ ମୁଁ କବର ଦେଇଛି
ନିସ୍ୱାର୍ଥରେ କାଳାନ୍ତରେ ।
ମମତା ନଈର ମୋହ ଧାରା ମୁହିଁ
ସମତାର ଦୀପଶିଖା,
ସ୍ନିଗ୍ଧ ଚେତନାର ଚିରକାଳ ବନ୍ୟା
ଅନନ୍ୟା ମୁଁ ଏକାଏକା ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

❐

ଷ୍ଟେସନ କଡ଼ କବିତା




ଶ୍ୟାମା କିଙ୍କର ମହାନ୍ତି

ବାଁ କଡ଼େ ଦେଇ
ମଝିରେ ବାପା ଶୋଇଛି
ଡାହାଣକୁ ସିଏ,
ଗୋଡ଼ ତଳେ ଯିଏ ଅଛି
ସିଏ ତା ବୋଉ
ଆଉ ଜାଗା କାହିଁ ଯେ .....
ସିଏ ତ ସବୁଦିନେ
ସେଇଠି ହିଁ ଶୁଏ ।
ପାଖ ଗଳିରେ ଯୋଉ
ସିଝା ଅଣ୍ଡା କେବିନ
ସେଇଟା ତା ବାପାର,
ସେଇଥିପାଇଁ ତ
ଅଣ୍ଡା ଖୋଳ ଜାଳି ଶୋଇଛନ୍ତି,
କାମୁଡ଼ିବ... ?
କୁ' ଅଛି ଏମିତି କୋଉ ମଶାର !
ଏଇଟା ଶୋଇବାଘର
ସେଇ ବି ରୋଷେଇଘର
କୋଉଠୁ ଆସିବ
ବଇଠକଖାନା,
ଟିଣ ଡବାରେ ପାଣି ଧରି
ବଡ଼ିଭୋରୁ
ଯୋଉଠିକି ଯିବ ସିଏ,
ସେ ସମଗ୍ର ଇଲାକା
ତାଙ୍କ ପାଇଖାନା ।
ହଁ ...
ଚାଳ ଉପରେ ଲାଗିଥିବା
ଡିସ୍ ଆଣ୍ଟିନା କିନ୍ତୁ ତାଙ୍କର,
ଘରେ ଗୋଟେ ଟିଭି ଅଛି
ଟିଭି ଦେଖି ଦେଇ
ନାଚ ବି ଶିଖୁଛି
ତିନିଖଣ୍ଡ ଭୋଟ ବଦଳରେ
ବ୍ରଜଭାଇ କାଉନସିଲର
ସେତକ ଦେଇଛି ।

ମାର୍କଣ୍ଡେଶ୍ୱର ସାହି, ପୁରୀ
ଫୋନ୍ - ୯୮୬୧୧୯୧୩୮୦

❐

ଦୀପ ତଳର ଛାଇ



ପୂର୍ଣ୍ଣ ଦାସ

ତୁ ଛନ ଛନ ପାହାନ୍ତି ପବନ
ଭୋଦେଇ ମେଘର ଛିଟା,
ଆଖି ଆଇନାର ଅଦେଖା ସପନ
ମହୁଲି ମନର ମିଠା ।
ତୁଉ ତ ଭିଜୁନୁ ଭିଜାଉଛୁ ମତେ
ଅଭିମାନ ରଙ୍ଗ ଭରି,
ତୋର ଅନୁରାଗ କଅଁଳ ରଙ୍ଗରେ
ଝରେ ମେଘରାତି ପରି ।
ତୁ ଯେଉଁଦିନ ଫୁଲ ହେଇଗଲୁ
ଘେରିଗଲେ ପ୍ରଜାପତି,
ମୁଁ ଶିଖିଗଲି ଜୀବନ ଜୀଇଁବା
ଛୁଇଁବାକୁ ଜହ୍ନରାତି ।
ନିଜକୁ ଲୁଚାଇ ନିଜେ ଖୋଜେ ମୁହିଁ
ଦେଖିବାକୁ ନିଜ ମୁହଁ,
ମୁଖାର ଆଖିରେ ଦୁନିଆ ଦେଖିଲି
ମୁଖା ଦେଖିଲାନି ଲୁହ ।
ସେଇ ଲୁହତକ ନୟନୁ ନିଗାଡ଼ି
ଛାତିର ଛାଇକୁ କୁହେ,
ଘଟରେ ଥାଏ କି ଘାଟରେ ଥାଏ ମୁଁ
ତତେ ଏକା ଭଲପାଏ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ସମ୍ପର୍କ : ୯୩୩୭୫୪୮୮୯୩

ନରଦେବତା



ପବନ କୁମାର ନାୟକ

ଦେବତା ଆସ୍ଥାନ ସରଗରେ ବୋଲି
ଜାଣିଅଛୁ ପିଲାଦିନୁ
ସୁରୁଷ୍ଟି ପରାଯେ ଅଚଳ ହୋଇବ
ତାଙ୍କରି ଆଶିଷ ବିନୁ ।
ଜଗତ କଲ୍ୟାଣ ପାଇଁ ପରା ଦେବ
କରିଥାନ୍ତି କେତେ କାମ
କେବେବି କେଉଁଠି ପ୍ରଚାର ପ୍ରସାର
ହୁଏନି ତାଙ୍କର ନାମ ।
ଆନ ପାଇଁ କାମ କରିବା ପାଇଁକି
ଜନମ ଦେଇଛି ଧାତା
ଦୀନ ଜନସେବା ଉପକାର କଲେ
ହସନ୍ତି ପରମ ପିତା ।
ନିଜ ଜୀବନକୁ ତିଳ ତିଳ ଜାଳି
କରେ ଯେ ଅପର ସେବା
ଦଧୀଚି ପରାଏ ଯେ ଜୀବନ ଦିଏ
କି ଉପମା ତାର ଦେବା !
ନିଜ ପାଇଁ ଜନ୍ମ ନୁହେଁ ତ ଯାହାର
ପର ପାଇଁ ଯିଏ ଜାତ
ହେଉ ସେ ସ୍ୱଚ୍ଛାୟୁ ଅବା ସେ କାଙ୍ଗାଳ
ଧନ୍ୟ ତାର ତାତ ମାତ ।
ତା ଘର ସରଗ ତା ବଗିଚା ବାଡ଼ି
ସରଗ ନନ୍ଦନ ବନ
ସେ ନରଦେବତା ରୂପରେ ବିଖ୍ୟାତ
ସେ ପରା ମାଟିର ଧନ ।

ଭଣ୍ଡାରିପୋଖରୀ, ଭଦ୍ରକ

❐

ଉପାସନା



ଦୈତାରୀ ଯେନା

ରକତ ଜମାଟ ବାନ୍ଧୁ ରୁହ
ମୋ ଗଭୀର କ୍ଷତରୁ ବନ୍ଧୁ
ତୁମ ମୁକୁଳା କ୍ଷେତର
ପୁଣି ବନ୍ଧ ବାନ୍ଧି ଦେବି
ଖୋଲି ଦେବି ତୁମ ଅମାର କବାଟ,
ରାତିପାହି ସିନ୍ଦୂରା ଫାଟିଲାଣି
ଭବିଷ୍ୟ ନିମନ୍ତେ ଅନୁଚିନ୍ତା ରତ
ଗୃହସ୍ଥା ପାଠ କଣ୍ଠସ୍ଥ ହୋଇଯାଉ
ମଙ୍ଗଳ ବାଦ୍ୟ ପ୍ରକମ୍ପିତ ହେବ
ସଂସାର ନିମନ୍ତେ ସଂସାର କରିବି,
ପୂର୍ବାକାଶେ ନବଉଷା ଭାଷୁଛି
ସମସ୍ତ ମଧ୍ୟାହ୍ନର ଚୂଲି ଜଳିବାକୁ
ଦୀର୍ଘ ନିଶ୍ୱାସ ପ୍ରଶ୍ୱାସର ଅନ୍ତଘଟୁ
ପ୍ରଭେଦ ବିଭେଦର ଯବନିକା ପଡୁ
ଅବଶିଷ୍ଟ ନିମନ୍ତେ ସପନ ଦେଖିବି,
ଆକାଶ ମାଟିର ଅନ୍ୱେଷଣ ହେଉ
ବିଶ୍ଳେଷଣ ହେଉ ବାୟୁ ତରଙ୍ଗର
ପୁଷ୍ପ ଶୂନ୍ୟ ଏଠି ହୃଦୟ ବଗିଚା
ବାସ୍ନାଯୁକ୍ତ ହେଉ ଜୀବନ ଚଟାଣ
ସଭିଙ୍କ ନିମନ୍ତେ ସମ୍ବେଦନ ହେବି,
ମାଟି ବତରୁଛି ଏଠି ତ
ନବବଧୂଟି କେଶ ବିନ୍ୟାସ କରିଛି
ସମ୍ଭାବନା ଏଠି ପ୍ରମାଦ ଗ୍ରସ୍ଥ
ମଧ୍ୟ ରାତିଟାରେ ବିଳାପ କରୁଛି
ମାଟିଆ ସତିଆମାନେ ଭୂମିଷ୍ଠ ନିମନ୍ତେ
ପୃଥିବୀ ମାଆଙ୍କୁ ଆଂଜୁଳା ପାତିଛନ୍ତି ..... ।

ସେନବାଡ଼, ସିନ୍ଦୋଳ,ଟିହିଡ଼ି, ଭଦ୍ରକ - ଓଡ଼ିଶା
ପିନ୍ - ୭୫୭୧୩୦
ସମ୍ପର୍କ : ୯୩୪୮୩୦୮୭୧୩

ଏଣ୍ଟୁଅ



କୁମୁଦ ଚନ୍ଦ୍ର ନାୟକ

ସପ୍ତବର୍ଣ୍ଣ ଏଣ୍ଟୁଅର
ରାଜା ପରି ଥାଟ,
ବର୍ଣ୍ଣାଳୀର ବର୍ଣ୍ଣ ବିଭାରେ
ବେବାକ୍ ଶରୀର ରଙ୍ଗାୟିତ ।
ଇନ୍ଦ୍ରଧନୁର ସପ୍ତରଙ୍ଗ
ତା' ଦେହ ଦର୍ପଣରେ
ପ୍ରତିବିମ୍ବିତ ।
ଘରବାଡ଼ିର ଗୁଳ୍ମଲତାରେ
ସେ' ହୁଏ ଆତଯାତ ।
ଘଡ଼ିଘଡ଼ି ରଙ୍ଗ ବଦଳାଇବାକୁ
ସେ' ଅଭିପ୍ରେତ;
ପରମ ପ୍ରସାଦେ ରଚି
ରଙ୍ଗ ଚକ୍ରବ୍ୟୂହ
ସହଜେ ଜୟ କରେ
ଅରି, ଭୋକ ଓ ଭୁଜଙ୍ଗ ।
ଆଜିର ଦୁନିଆରେ ଦୁଶନ୍ତି
ଅସଂଖ୍ୟ ଦ୍ୱିଷ୍ପଦ ଏଣ୍ଟୁଅ
ଯେଉଁମାନଙ୍କର ଜୀବନ
ଟିକେ ଜଳବିନ୍ଦୁ,
କିନ୍ତୁ ଲୋଭ ଅହଙ୍କାରରେ
ସେମାନେ ମହାସିନ୍ଧୁ ।
ସାମାନ୍ୟ ମଉକାରେ ମାରୀଚ ପରି
ଆତଙ୍କ ଖେଳାଇ
ଉଜ୍ଜ୍ୱଳ ମରୀଚିମାଳାକୁ
ଅଚିରେ ତମସାଚ୍ଛନ୍ନ କରନ୍ତି

ସେମାନଙ୍କ ପଛରେ
'ଲେଭିଆଥାନ୍' ସଦୃଶ
ଦୃଢ଼ ଦଣ୍ଡାୟମାନ
ରାଜନ୍ୟବର୍ଗ
'ଆଇନ୍ ତା' ବାଟରେ ଯିବା'ର
ଡିଣ୍ଡିମ ପିଟା ହେଉଥିଲେ ବି
ଆଇନର ଶାସନ ଦୁଷ୍ପ୍ରାପ୍ୟ,
ଏପରି ଏଣ୍ଟୁଅମାନଙ୍କ
ମାୟାଜାଲରୁ
ଯଦି ନିଷ୍କୃତି ପାଇ ନ ପାର
ତେବେ ଅନନ୍ତ ଦୁଃଖ ଭୋଗ
ଅବଶ୍ୟମ୍ଭାବୀ ।

'କଜ୍ଜଲୋକ'
ଅପର୍ତ୍ତିବିନ୍ଧା, ଭଦ୍ରକ
ଦୂରଭାଷ : ୯୪୩୭୨୬୫୪୯୯

❐



ଆର୍ଯ୍ୟ ଦାସର ଆତ୍ମଲିପି

ସୂର୍ଯ୍ୟବଂଶୀ ସୂରଜ

'ବିଶ୍ୱ ଦେଖ ମଧୁମୟ'

ଆମ ରାଜ୍ୟ ପାଇଁ ବନ୍ୟା ବାତ୍ୟା ନୂଆ କଥା ନୁହେଁ । ପ୍ରାକୃତିକ ବିପର୍ଯ୍ୟୟକାଳରେ ଓଡିଶାବାସୀ ସର୍ବଦା ଧୈର୍ଯ୍ୟ ଓ ସାହସ ପ୍ରଦର୍ଶନ କରି ଆସିଛନ୍ତି । ଚଳିତ ଅକ୍ଟୋବର ମାସରେ ବାତ୍ୟା ଭୟ ରାଜ୍ୟର ଅନେକ ଅଞ୍ଚଳକୁ ଗ୍ରାସ କରିଥିଲା । ନାଁ ଥିଲା 'ଦାନା' । 'ଦାନା' ଦାନା ଉଜୁଡାଇବାର ଆତଙ୍କ ସୃଷ୍ଟି କରିଥିଲା । ଗଣମାଧ୍ୟମରେ ଘନ ଘନ ବୁଲେଟିନ, ଚା ଦୋକାନରୁ ସଚିବାଳୟ ସବୁଠି 'ଦାନା'ର ଚର୍ଚ୍ଚା । 'ଲାଣ୍ଡଫଲ୍' ଭଳି ବିଦେଶୀ ଶବ୍ଦ ଓଡିଆ ଲୋକଙ୍କ କଥୋପକଥନରେ ଗତାନୁଗତିକ ହୋଇଗଲା । ବାତ୍ୟା ସ୍ଥଳଭାଗ କେଉଁଠି ଛୁଇଁବ ଓ ଛୁଇଁଲେ ପରିଣାମ କ'ଣ ହେବ – ତାକୁ ନେଇ ଚାଲିଲା ତମାମ ଆଲୋଚନା । କଥା ଆସିଲା ହେନ୍ତଳବଣର । ଦାନା ଲାଣ୍ଡଫଲ କରିବ ଧାମରା-ଭିତରକନିକା ମଧ୍ୟବର୍ତ୍ତୀ ହେନ୍ତାଳବନରେ । ଏହା ଦ୍ୱାରା ପବନର ଗତି କମିବା ସହିତ ପ୍ରକୋପ ମଧ୍ୟ କମିଯିବ – ଏହା ଆକଳନ କରାଗଲା । ସେୟା ମଧ୍ୟ ହେଲା । ହିରୋ ହୋଇଗଲା ହେନ୍ତାଳବନ ।

କିଛି ଲୋକ ହେନ୍ତାଳବନକୁ ନେଇ ପ୍ରଶ୍ନ କଲେ । ପରିବର୍ତ୍ତିତ ପର୍ଯ୍ୟାବରଣରେ ହେନ୍ତାଳବନର ଅସ୍ତିତ୍ୱକୁ ନେଇ ଚର୍ଚ୍ଚା ଚାଲିଲା । ଛୋଟ ଛୋଟ ପିଲାମାନେ ଜାଣିଲେ ଯେ ଏହା ପ୍ରାକୃତିକ କବଚ । ସେହି ସୁରକ୍ଷା ବଳୟ ଦାନା ପାଇଁ ଅଭେଦ୍ୟ ସାଜିଲା । ସୁନ୍ଦରବନ ପରେ ଭିତର କନିକାର ହେନ୍ତାଳବନ ଦେଶର ଦ୍ୱିତୀୟ ବୃହତ୍ତମ ।

୧୯୯୯ ମହାବାତ୍ୟା ଠାରୁ ୟାସ ଆଦି ସାମୁଦ୍ରିକ ଝଡରୁ ଏହି କବଚ ସୁରକ୍ଷା ଦେଇଛି । ଫଳରେ ଅନ୍ୟ ଉପକୂଳିଆ ଜିଲ୍ଲା ଠାରୁ ଭଦ୍ରକ ଓ କେନ୍ଦ୍ରାପଡା କମ୍ କ୍ଷତି ସହିଥାଏ ।

ବ୍ରାହ୍ମଣୀ ଓ ବୈତିରଣୀ ମୁହାଣର ବିସ୍ତୀର୍ଣ୍ଣ ଇଲାକାରେ ପରିବ୍ୟାପ୍ତ ଥିଲା ଏ ଜଙ୍ଗଲ । ବିଶ୍ୱର ୯୦ ପ୍ରଜାତିର ହେନ୍ତାଳ ବୃକ୍ଷ ଭିତରୁ ଏଠାରେ ୭୧ଟି ଦେଖିବାକୁ ମିଳେ । ଏବେ ଏହାର ସ୍ଥିତିକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଏହା ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସାଗରତଟ ଆଜି ଅସୁରକ୍ଷିତ । କେବଳ ସାଗରତଟ ନୁହେଁ, ସାଗର ମଧ୍ୟ ଆଗାମୀ ଦିନରେ ଶେଷ ନିଃଶ୍ୱାସ ନେବାକୁ ଯାଉଛି ।

ସାଗର ହେଉଛି ଆମ ଜୀବନୀ ଶକ୍ତିର ଅଫୁରନ୍ତ ଉତ୍ସ । ପରିବେଶକୁ ସୁରକ୍ଷିତ ରଖିବାରେ ଏବଂ ଜଳବାୟୁ ପରିବର୍ତ୍ତନ ରୋକିବାରେ ଏହାର ପ୍ରମୁଖ ଭୂମିକା ରହିଛି । ଏହା ପୃଥିବୀରେ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳର ଏକ ଚତୁର୍ଥାଂଶ ଗ୍ରହଣ କରି ଆମ ପାଇଁ ୮୦% ଅମ୍ଳଜାନ ଯୋଗାଇଥାଏ । ସାଗର ହେଉଛି କୋଟି କୋଟି ଜୀବଜନ୍ତୁ ଏବଂ ଉଦ୍‌ଭିଦଙ୍କର ବାସସ୍ଥଳୀ । ତେଣୁ ଏହା ପୃଥିବୀର ସର୍ବବୃହତ୍ ଇକୋସିଷ୍ଟମ୍ । ପୋଷଣ, ଔଷଧ, ଖଣିଜ ପଦାର୍ଥ, ଅକ୍ଷୟ ଶକ୍ତି, ପରିବହନ , କର୍ମନିଯୁକ୍ତି ଆଦି ବିଭିନ୍ନ କ୍ଷେତ୍ର ଆଧାରରେ ସମୁଦ୍ରର ବାର୍ଷିକ ଅର୍ଥନୈତିକ ମୂଲ୍ୟ ୨.୫ ଟ୍ରିଲିୟନ ଡଲାର ଆକଳନ କରାଯାଇଛି, ଯାହା ବିଶ୍ୱର ସପ୍ତମ ବୃହତ ଅର୍ଥନୀତି ସହିତ ସମକକ୍ଷ ।

ଏହା ସତ୍ତ୍ୱେ ପ୍ରଗତି ଏବଂ ବିକାଶ ନାମରେ ମଣିଷ, ସମୁଦ୍ରକୁ ବିସ୍ତୃତ ଅଳିଆଗଦା ବିବେଚନା କରି ଅତ୍ୟାଚାର କରିଚାଲିଛି । ୨୦୨୪ ମସିହା ଆକଳନ ଅନୁଯାୟୀ, ପ୍ରତିବର୍ଷ ସମୁଦ୍ରରେ ଯେତିକି ପ୍ଲାଷ୍ଟିକ ପ୍ରବେଶ କରୁଛି, ତାହାର ଓଜନ ୧ କୋଟି ୪୦ ଲକ୍ଷ ଟନ ଏବଂ ଅତଳ ସମୁଦ୍ରର ଗଭୀର ଶଯ୍ୟାରେ ଏହାର ୧୦,୦୦୦ ଗୁଣ ପ୍ଲାଷ୍ଟିକ ଗଚ୍ଛିତ ରହିଛି । ଯଦି ଏହି ହାରରେ ସାଗର ଗର୍ଭରେ ପ୍ଲାଷ୍ଟିକର ପରିମାଣ ବୃଦ୍ଧି ପାଏ, ତେବେ ୨୦୫୦ ମସିହା ବେଳକୁ ଓଜନ ଆଧାରରେ ପ୍ଲାଷ୍ଟିକର ପରିମାଣ ସମୁଦ୍ରରେ ବାସ କରୁଥିବା ମାଛ ଠାରୁ ଅଧିକ ହୋଇଯିବ । ପ୍ଲାଷ୍ଟିକ କେବେହେଲେ ନଷ୍ଟ ହୁଏ ନାହିଁ, ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ ସାମୁଦ୍ରିକ ଜୀବର ପାକସ୍ଥଳୀରେ ପ୍ରବେଶ କରି ସେମାନଙ୍କ ଜୀବନ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଥାଏ । ସାମୁଦ୍ରିକ ପ୍ରଦୂଷଣର ୮୦ ଭାଗ , କୀଟନାଶକରେ ଭରପୂର

କୃଷି ଜଳପ୍ରବାହ, ଅପରିଶୋଧିତ ନର୍ଦ୍ଦମା ଏବଂ ଅଳିଆ ଆବର୍ଜନାରୁ ଆସିଥାଏ ।

ଏହାର ଭୟଙ୍କର ପରିଣାମ ହେଉଛି - ଯେଉଁ ଇକୋସିଷ୍ଟମ ବାତ୍ୟା ଏବଂ ମରୁଡିକୁ ନିୟନ୍ତ୍ରଣ କରୁଥିଲା ସେଥିରେ ବ୍ୟତିକ୍ରମ ଘଟିଲା, ପାଞ୍ଚ ଦଶନ୍ଧି ପୂର୍ବେ ସମୁଦ୍ରରୁ ଯେଉଁ ହାରରେ ଅମ୍ଳଜାନ ନିର୍ଗତ ହେଉଥିଲା, ତାହାର ପରିମାଣ କମିବାକୁ ଲାଗିଲା । କିଛି ବୈଜ୍ଞାନିକ ଏବଂ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ଚିନ୍ତା ପ୍ରକଟ କଲେ, ସମୁଦ୍ରକୁ ପ୍ରଦୂଷିତ କରି ଯଦି ପ୍ରଗତିର ବାନା ଏହି ବେଗରେ ଗତି କରେ , ଆଉ କିଛି ଦଶନ୍ଧି ମଧ୍ୟରେ ସାଗର ଆଉ ସୁରକ୍ଷିତ ରହିବ ନାହିଁ। ଫଳରେ ପ୍ରାକୃତିକ ଦୁର୍ବିପାକରେ ମଣିଷର ଜୀବନ ଦୁର୍ବିସହ ହୋଇ ପଡିବ ।

୨୦୨୩ ମସିହା ଜୁନ ମାସରେ ମିଳିତ ଜାତିସଂଘ ତରଫରୁ ମହାସାଗରର ସୁରକ୍ଷା ନିମନ୍ତେ ସଦସ୍ୟ ରାଷ୍ଟ୍ରସମୂହକୁ ନେଇ ଏକ ଚୁକ୍ତିନାମା ପ୍ରସ୍ତୁତ କରାଯାଇଛି ଯାହାର ଆଭିମୁଖ୍ୟ ହେଉଛି : ରାଷ୍ଟ୍ରସମୂହ ମିଳିତ ଭାବେ ମହାସାଗରର ସୁରକ୍ଷା ଦାୟିତ୍ୱ ନିର୍ବାହ କରିବେ । ଅକ୍ଟୋବର ୨୦୨୪ ମସିହା ସୁଦ୍ଧା ୧୦୫ଟି ସଦସ୍ୟ ରାଷ୍ଟ୍ର ଏଥିରେ ଦସ୍ତଖତ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । କିନ୍ତୁ ୬୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଅନୁମୋଦନ କଲେ ଏହା ଅନ୍ତର୍ଜାତୀୟ ଆଇନରେ ପରିଣତ ହେବ । ଆନନ୍ଦର କଥା , ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏହି ଚୁକ୍ତିନାମାକୁ ଅନୁମୋଦନ ପ୍ରଦାନ କରି ବିଶ୍ୱ ସୁରକ୍ଷା ଦିଗରେ ନିଜର ପ୍ରତିବଦ୍ଧତା ପ୍ରକଟ କରିଛି ।

ସମୟ ଆସିଛି , ଏହି ବାର୍ତ୍ତା ଆଉ ସରକାରୀ ଯୋଜନା ମଧ୍ୟରେ ସୀମିତ ନ ରହି ସମାଜର ପ୍ରତିଟିସ୍ତରରେ ଏବଂ ବିଶେଷ କରି ଶ୍ରେଣୀଗୃହରେ ପ୍ରବେଶ କରୁ । ଏହି ସଚେତନତା ସୃଷ୍ଟି କରିବାରେ ସାହିତ୍ୟର ବଡ ଭୂମିକା ରହିଛି । ପଞ୍ଚଦଶ ଶତାବ୍ଦୀରେ ସନ୍ଥ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ଆମ ସମାଜରେ ଏବେ ମଧ୍ୟ ଦୃଷ୍ଟାନ୍ତ ହୋଇ ରହିଛି । ଲକ୍ଷ୍ମୀ ପୁରାଣର ପ୍ରଭାବରେ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଆମ ରାଜ୍ୟରେ ନାରୀ ନିର୍ଯାତନା ଏବଂ ଜାତିପ୍ରଥାଜନିତ ଘୃଣିତ ଅସ୍ପୃଶ୍ୟତାର ପ୍ରଭାବ ନିଶ୍ଚିତ ଭାବେ ଉଣା ରହିଛି ।

'ଘାସଫୁଲ'ର ପ୍ରଥମ ସଂଖ୍ୟାରୁ ପ୍ରତିଷ୍ଠାତା ସଂପାଦକ କବି ବିଷ୍ଣୁ ସେଠୀ , ପତ୍ରିକାରେ ସମାଜ-ସଚେତନଧର୍ମୀ-ସାହିତ୍ୟକୁ ପ୍ରାଥମିକତା ଦେବା ସହ ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି ସାହିତ୍ୟ ସୃଷ୍ଟି କରିବା ପାଇଁ ପ୍ରେରଣା ଦେଉଥିଲେ । ତାଙ୍କର ପ୍ରେରଣା ସବୁ କାଳ ପାଇଁ ଆମର ଆଦର୍ଶ ହୋଇ ରହିଥିବ । ଏହି ପାର୍ବଣ ସଂଖ୍ୟାର ସଂପାଦକୀୟ ସ୍ତମ୍ଭରେ ସଂପାଦିକା ଆମକୁ ଏ ସଂପର୍କରେ ସଚେତନ ରହିବାକୁ ପରାମର୍ଶ

ଦେଇ ଲେଖିଛନ୍ତି - 'ମାଟି ମା' ପାଇଁ ବୃକ୍ଷ ସୃଷ୍ଟି କରିବା, ଚାରା ରୋପଣ କରି ତାହା ଯେପରି ଦ୍ରୁମରେ ପରିଣତ ହେବ, ସେଥିପ୍ରତି ଧ୍ୟାନ ଦେବା ଆଜିର ମାନବ ଜାତି ପାଇଁ ବଡ ଆହ୍ୱାନ । ନଚେତ୍ ମହେଞ୍ଜୋଦାରୋ, ହରପ୍ପା ସଭ୍ୟତା ନଷ୍ଟ ହେଲାପରି ଆମକୁ ଯେ ସେ ଦଶା ଭୋଗିବାକୁ ନପଡ଼ିବ କିଏ କହିପାରିବ ? ଏବେକାର ଭାରତ ସରକାର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଥିବାରୁ "ଘାସଫୁଲ" ପରିବାର ତରଫରୁ ସାଧୁବାଦ ଜ୍ଞାପନ କରୁଅଛୁ ।'

ଏହି ସଂଖ୍ୟାରେ ଯୁବ କଥାକାର ରଂଜନ ପ୍ରଧାନଙ୍କର ସେହି ମର୍ମରେ ଗୋଟିଏ ପୂର୍ଣ୍ଣାଙ୍ଗ ଉପନ୍ୟାସ ପ୍ରକାଶ ପାଇଛି 'ଗୋବରୀ ନଈର ଗୀତ' । ଏକଦା ଗୋବରୀ ନଈ କେନ୍ଦ୍ରପଡା ଜିଲ୍ଲାର ଜୀବନରେଖା ଭାବେ ପରିଗଣିତ ଥିଲା । କେନ୍ଦ୍ରାପଡା ଜିଲ୍ଲାର ସମୁଦ୍ର ତଟରେ ଘଞ୍ଚ ହେନ୍ତାଳବଣ ଥିଲା ବନ୍ୟା ଓ ବାତ୍ୟାର ସୁରକ୍ଷା କବଚ । ଆଜି ଗୋବରୀ ନଈ ପ୍ରଦୂଷିତ ହୋଇ ମୃତବତ । ହେନ୍ତାଳବଣ ଶୂନ୍ୟପ୍ରାୟ । ସବୁ କିଛି ମନୁଷ୍ୟକୃତ । ଉପନ୍ୟାସରେ ତାହାରି କରୁଣ ଚିତ୍ର ରୂପ ପାଇଛି । ଉପନ୍ୟାସର ନାମ 'ଗୋବରୀ ନଈର ଗୀତ' ପରିବର୍ତ୍ତେ 'ଗୋବରୀ ନଈର ଶୋକ' ହୋଇଥିଲେ ଯଥାର୍ଥ ହୋଇଥାନ୍ତା ।

କୁହାଯାଏ, ସମାଜକୁ ପରିବର୍ତ୍ତନ କରିବାକୁ ହେଲେ, ପ୍ରଥମେ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବାକୁ ହେବ । ଏକ ପ୍ରଦୂଷିତ ଓ ଅବ୍ୟବସ୍ଥିତ ବିଶ୍ୱ ନୁହେଁ, ଆମକୁ ମଧୁମୟ ବିଶ୍ୱର ପରିକଳ୍ପନା କରିବାକୁ ପଡିବ ।

'ବିଶ୍ୱ ଦେଖ ମଧୁମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟ
ରେ ଜୀବନ, ବିଶ୍ୱ ଦେଖ ମଧୁମୟ ।'

ସ୍ୱଭାବ କବିଙ୍କ ଏହି ଆପ୍ତ ବାକ୍ୟ ଆମ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣୁ । ପର ପିଢ଼ିକୁ ଏକ ଭୟରହିତ, ଆନନ୍ଦମୟ ବିଶ୍ୱ ଦେବାରେ ଏବର ପିଢ଼ି ଆଗକୁ ଆସନ୍ତୁ -ଏତିକି କାମନା, ଏତିକି ପ୍ରାର୍ଥନା ।

❐